ତାନ୍ତ୍ରିକ ଗୁରୁ
ବାମାକ୍ଷେପା



ଜୟଗୁରୁ ଦାସ

ତାନ୍ତ୍ରିକ ଗୁରୁ

ବାମାକ୍ଷେପା

ତାରାପୀଠର ଭୈରବ

ବମାକ୍ଷେପା ବାବାଙ୍କ

ଜୀବନ ଚରିତ ଓ ଲୀଳା କାହାଣୀ

ଓଁ ଶିବଂ ଭୂତ୍ୱା ଶିବଂ ଯଜେତ୍

କସ୍ତୁରୀ ଦାସ

ପ୍ରକାଶନା :

ସାରସ୍ୱତ ସେବାଶ୍ରମ

ରାମକୃଷ୍ଣ ନଗର, ରାୟଗଡା ।

ପ୍ରଥମ ପ୍ରକାଶ :

ରାସପୂର୍ଣ୍ଣିମା-୧୯୯୩

* ୨୧୦୦ *

ପ୍ରଚ୍ଛଦ ଶିଳ୍ପୀ :

ଅସୀତ୍ ମୁଖାର୍ଜୀ

ମୁଦ୍ରଣ :

ଉଦ୍ୟୋଗ ପ୍ରିଣ୍ଟର୍ସ

ପ୍ଲ. ନଂ-୬୦୦, ସତ୍ୟନଗର, ଭୁବନେଶ୍ୱର

ପ୍ରାପ୍ତିସ୍ଥାନ :

୧-ସମ୍ମିଳନୀ କ୍ଷେତ୍ର

୨-ସାରସ୍ୱତ ସେବାଶ୍ରମ

ରାମକୃଷ୍ଣ ନଗର, ରାୟଗଡା-୭୬୫୦୦୭

୩-ନିଗମ ନିଳୟ

ପ୍ଲଟ ନଂ-୨୧୭

କଳ୍ପତରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପ୍ରଣାମୀ : ଟ ୫୦.୦୦

ଉତ୍ସର୍ଗ

ଯା'ର କୃପାବଳେ ପଙ୍ଗୁ ଲଙ୍ଘେ ଗିରି
ମୂକ ବି ହୁଅଇ ବାଚାଳ ।
ସେହି ଗୁରୁ ପଦେ ଅରପୁଛି ମୋଦେ
ତାଙ୍କ କୃପାବିନ୍ଦୁ କେବଳ ।।

ଦୁଃଖୀଶ୍ୟାମ

ସଦ୍‌ଗୁରୁ



ଗୁରୁ ପାଦପଦ୍ମେ —
— ଯାର ରହେ ନିଷ୍ଠାଭକ୍ତି ।
ଜଗତ ତାରଣେ ସେତୁ
ଧରେ ମହାଶକ୍ତି ।।

ଉପହାର

ଭୈରବଙ୍କ ବନ୍ଦନା

ହେ କରୁଣାମୟ, ତାରପୀଠର ଚିରଜାଗ୍ରତ ଭୈରବ !
ଭାରତୀ ଗଗନ ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାରତ ମାତାର ଗୌରବ ।
ନିଖିଳ ଜନନୀ ତ୍ରିଭୁବନ ତାରା
ଆଦରର ଧନ ତୁମେ ତା'ର ପରା
ଜନ୍ମବାସରରେ, କରୁଛି ବନ୍ଦନା, ଶ୍ରୀରଙ୍ଗା ଚରଣ ତବ ।।
କ୍ଷୁଦ୍ର ଏକ ଅନାମଧେୟ ଗାଆଁଟି, ଆଟ୍ଲା ତା'ର ନାଆଁଟି
ଜନମିଲ ତହିଁ, କରୁଣାମୟୀ "ରାଜକୁମାରୀ"ଙ୍କ କୋଳେଟି ।
ପିତା ସର୍ବାନନ୍ଦ ପରମ ଆନନ୍ଦେ
ସାଦରରେ ଟେକିଦେଲେ ତାରା-ପଦେ
ସ୍ନେହର ଦୁଲାଳେ ଟେକିନେଇ କୋଳେ, ମାତାଦେଲେ ବିଦ୍ୟାସର୍ବ ।।
ତୁମେଇ ତ ନାଥ,ଜଗତର ନାଥ ! ନରଦେହ ଧରି ହୁଅ ଆତଜାତ,
କେତେବେଳେ ଅବା ଧର କେଉଁ ରୂପ, ଉଦ୍ଦେଶ୍ୟଟି କିନ୍ତୁ ଜଗଜ୍ଜନ ହିତ ।
ଧରିଲ ଏଥର ଶ୍ୟାମ କଳେବର,
ମଧୁର ମଧୁର ବେଶ ଦିଗମ୍ବର
ଗଗନ ପବନ ଜଳ ପ୍ରକମ୍ପିତ; କରି 'ଜୟତାରା' ରବ ।।
କେତେ ପାପୀ-ତାପୀ, ତରିଗଲେ ପାଇ, ତୁମରି ପରଶ ମଧୁର,
ନୀଳକଣ୍ଠ ସମ ଗରଳ ପିଇଣ, ବାଣ୍ଟିଗଲ ସୁଧା ଭଣ୍ଡାର ।
'ମାତୃ ମନ୍ତ୍ର' କରିଲ ପ୍ରଚାର
ସନ୍ତାନରୂପୀ ଶିବ ଅବତାର
ଜାତି ନଦିଘୋଷ,ଘୋଷେ ତୁମ ଯଶ, ଗାଇ ଜୟ ବାମଦେବ ।।

ତା ୨୨ । ୬ । ୮୨ ଇଂ,
ମହାଶିବରାତ୍ରୀ, ରାୟଗଡ଼ା

* * * *

—ବାମାଙ୍କ ନିକଟରୁ ଆସିଲାବେଳେ ପାଗଳା କହିଥିଲେ—"ଦେଖ୍, ତୁ ଧନ୍ୟ ହୋଇଗଲୁ ଆଉ ତୋତେ ଶିଷ୍ୟ ଭାବରେ ପାଇ ମୁଁ ବି ଧନ୍ୟ ହୋଇଗଲି ।" ଯାହା ପାଇଥିଲି ସେହି ଆନନ୍ଦରେ ବିଭୋର ହୋଇ ମୁଁ ଘରକୁ ଚାଲି ଆସିଲି । ମୁଁ ସେତେବେଳେ ବୁଝିନାହିଁ, ପରେ ବୁଝିଲି ମୁଁ କି ଧନ୍ୟ ହୋଇଛି ! କାହିଁ କିଛି ବି ତ ପାଇନାହିଁ ! ମୁଁ ପୁଣି ତାରାପୀଠକୁ ଫେରିଗଲି । ସବୁକଥା ଖୋଲି କହିବାରୁ ସେ ତ ଏକାବେଳେକେ ରାଗି ନିଆଁ ! କହିଲେ— "ମୁଁ ସ୍ୱଚକ୍ଷୁରେ ଦେଖିଲି ତୋର କେତେ କ'ଣ ହୋଇଗଲା; ଆଉ ତୁ କହୁଛୁ ତୁ କିଛି ପାଇଲୁ ନାହିଁ ?" ଏହା କହି—"ଶଳା, ହତଭଗା, ଲକ୍ଷ୍ମୀଛଡା"—ଆଦି ଯାହା ଇଚ୍ଛା ଖୁବ୍ ଗାଳିଦେଲେ । ତା'ପରେ ରାତିରେ ଧ୍ୟାନସ୍ଥ ହୋଇ ମୋ ବିଷୟରେ ସବୁ ଜାଣିପାରି କହିଲେ;— "ଓଃ ବୁଝିଛି, ତତ୍ତ୍ୱଜ୍ଞାନ ଲାଭ କରିବାକୁ ହେଲେ ତୋତେ ସନ୍ନ୍ୟାସ ନେବାକୁ ହେବ, ଏଥିରେ କିଛି ହେବନାହିଁ ।" ମୁଁ କହିଲି;— "ବେଶ୍, ମୋତେ ସନ୍ନ୍ୟାସ ଦିଅନ୍ତୁ ।" ସେ କହିଲେ— "ତୋତେ ଶଙ୍କର ପନ୍ଥାରେ ସନ୍ନ୍ୟାସ ନେବାକୁ ହେବ । ମୋର ତାନ୍ତ୍ରିକ ସନ୍ନ୍ୟାସ, ସୁତରାଂ ମୋ ଦ୍ୱାରା ତାହା ହେବ ନାହିଁ, ତୁ ଜ୍ଞାନୀ-ଗୁରୁଙ୍କ ଅନୁସନ୍ଧାନ କର ।" ଏହାପରେ ଠାକୁରଙ୍କୁ କେଉଁଠି ପାଇବି, କ'ଣ ହେବ, ମା' ମୋ ଦ୍ୱାରା କ'ଣ କରିବାକୁ ଇଚ୍ଛା କରୁଛନ୍ତି, ସବୁ କହିଦେଲେ । ମୋ ଭବିଷ୍ୟତ ଜୀବନ ସମ୍ବନ୍ଧରେ ଆହୁରି କେତୋଟି କଥା କହିଲେ, ଯାହା ସମ୍ପୂର୍ଣ୍ଣ ରୂପେ ସଫଳ ହୋଇଛି ।

ଶ୍ରୀ ଶ୍ରୀ ଠାକୁର
(ଜୀବନୀ ଓ ବାଣୀ)

ଶ୍ରୀମୁଖ ନିଃସୃତ

ପ୍ରଥମେ ବାମାକ୍ଷେପାଙ୍କ ନିକଟକୁ ଗଲି, ସେଠାରେ ତାଙ୍କ କୃପାରୁ ମା'ଙ୍କ ସାକ୍ଷାତ ପାଇଲି, ଏବଂ ଯେଉଁ ତତ୍ତ୍ୱଜ୍ଞାନ ଜାଣିବା ପାଇଁ ପ୍ରାଣ ବ୍ୟାକୁଳ ହେଉଥିଲା ତାହା ତାଙ୍କଠାରୁ ଶୁଣିଲି । କ୍ଷେପା ଆଦର କରି କହିଲେ- "ଆରେ ମା'ଙ୍କ ମଧ୍ୟରେ ଯେ ସବୁ । ତାଙ୍କ ଦେଖା ପାଇଲେ ସବୁ ପାଇବୁ । ତୁ ମା'ଙ୍କର ସନ୍ତାନ, ତୋତେ ମୁଁ ସାଧନା ଶିଖେଇ ଦେବି ।"

-ନିଗମାନନ୍ଦ ।।

ନିଜକଥା

ଜୟଗୁରୁ

"ଗୁରୁର୍ ମଧ୍ୟେ ସ୍ଥିତା ମାତା, ମାତୃ ମଧ୍ୟେ ସ୍ଥିତଃ ଗୁରୁଃ
ଗୁରୁର୍ ମାତା ନମସ୍ତସ୍ୟୈ ମାତୃଗୁରୁଂ ନମାମ୍ୟହମ୍ ।।"

ସେ ଦିନ ୧୯୮୧ ମସିହାର ମହାଳୟା ତିଥି । ଦେବୀପକ୍ଷର ଆୟମାରମ୍ଭ । ସେତେବେଳେ ମୁଁ ସମ୍ବଲପୁରରେ ଥାଏ । ସବୁଦିନପରି ସରକାରୀ କାର୍ଯ୍ୟରୁ ବାହୁଡ଼ି, ସାନ୍ଧ୍ୟ ନିତ୍ୟକର୍ମ ସାରି, ଠାକୁର ଘରକୁ ଗଲି ପ୍ରଣାମଟିଏ କରିବାକୁ । ସେତେବେଳେ ସହଧର୍ମଣୀ 'ଜ୍ୟୋସ୍ନା" ନିତିଦିନିଆଁ ଅଭ୍ୟାସ ବଶତଃ ଶ୍ରୀମଦ୍ ଭଗବତ ପାରାୟଣ କରୁଥାଏ । ଶ୍ରୀ ଶ୍ରୀ ଗୁରୁଦେବଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିବା ଅଭ୍ୟାସ ବହୁଦିନର । ପ୍ରଣାମ କରି ଉଠୁଛି, କର୍ଣ୍ଣକୁହରରେ ଝଙ୍କାର ତୋଳିଲା କାହାର ସୁଲଳିତ ବୀଣାଜିଣା କଣ୍ଠସ୍ୱର– "ଯା, ତାରା ମା'ର ପାଗେଳା ପୁଅ କଥା ଲେଖିବସ ।" ଥରେ, ଦୁଇଥର ନୁହେଁ, ବାରମ୍ବାର ଏହି ଗୋଟିଏ କଥା ପ୍ରତିଧ୍ୱନି ତୋଳିଲା କାନରେ । କି ଏକ ଅବ୍ୟକ୍ତ ଆନନ୍ଦରେ ଭରିଗଲା ମନ-ପ୍ରାଣ; ଶିହରି ଉଠିଲା ତନୁ, ଟାଙ୍କୁରି ଉଠିଲେ ଲୋମଗଛି ଓ ଅଜାଣତରେ ଚକ୍ଷୁରୁ ଝରି ଆସିଲା ଦୁଇବୁନ୍ଦା ଅଶ୍ରୁ । ଯନ୍ତ୍ରଚାଳିତବତ୍ ଶୟନ କକ୍ଷକୁ ଫେରିଯାଇ ବସି ପଡ଼ିଲି । କିଛିକ୍ଷଣପରେ ଫେରି ପାଇଲି ସଂବିତ୍ । ଭାବିବାକୁ ଲାଗିଲି–"ଆରେ, କିଏ ମୋତେ ଦେଲା ଏହି ନିର୍ଦ୍ଦେଶ ? ଗୁରୁଶକ୍ତି ସ୍ୱରୂପିଣୀ, ଜଗଜ୍ଜନନୀ ମଙ୍ଗଳମୟୀ ମା' ନିଶ୍ଚୟ । ଆଜି ମା'ର ଧରାବତରଣ ତିଥିକିନା !" ତେବେ ମୁଁ ଯେ ଶାସ୍ତ୍ର ଅଜ୍ଞ, ଦୀନ-ହୀନ । ମହାପୁରୁଷଙ୍କ ଜୀବନୀ ଲେଖିବି, ଏପରି ଶକ୍ତି, ସାମର୍ଥ୍ୟ ବା ମୋର କାହିଁ ? ଆଉ ତା'ଛଡ଼ା ତାରା ମା'ର ପାଗେଳା ପୁଅ ବାମାକ୍ଷେପା ବାବାଙ୍କ ଅଲୌକିକ ଲୀଳା କାହାଣୀ, କେତେ ଟିକିଏ ବା ମୁଁ ଜାଣେ ?

କିନ୍ତୁ ମା'ର, ନିର୍ଦ୍ଦେଶ ତ ଅନ୍ୟଥା ହେବାର ନୁହେଁ । ମନେ ପଡ଼ିଲା; କିଛିଦିନତଳେ ହସ୍ତଗତ ହୋଇଥିବା "ତାରାପୀଠର ଭୈରବ" ଗ୍ରନ୍ଥଟି

କଥା । ଅନେକ ଦିନହେଲା, ବହିଟି ଭୁବନେଶ୍ୱରରୁ ଆଣିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୃଷ୍ଠା ଖୋଲି ନଥିଲି । ସାଙ୍ଗେ ସାଙ୍ଗେ ପଢ଼ା ଆରମ୍ଭ କଲି । ତାରା ମା'ର ପରମଭକ୍ତ ଶ୍ରୀଯୁକ୍ତ ସୁଶୀଲ କୁମାର ବନ୍ଦୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ଏହି ଅମୂଲ୍ୟ ଗ୍ରନ୍ଥଟି 'ପାଗେଲୀ ମା' ଓ ପାଗେଳା ପୁଅ''ଙ୍କ ଲୀଳା କାହାଣୀର ଏକ ମନୋମୁଗ୍ଧକର ତଥା ପ୍ରାମାଣିକ ଆଲେଖ୍ୟ । ଏତଦ୍‌ବ୍ୟତୀତ ପରେ, ପରେ ଅନ୍ୟ ଯେଉଁ ଅମୂଲ୍ୟ ଗ୍ରନ୍ଥଗୁଡ଼ିକ ହାତ ପାଖରେ ଆସି ପହଞ୍ଚିଲେ ସେଗୁଡ଼ିକ ହେଲେ (୧) ଶ୍ରୀଯୁକ୍ତ ଭଗୀରଥଙ୍କ ଲିଖିତ "ଶ୍ରୀ ଶ୍ରୀ ବାମାକ୍ଷେପା" (୨) ଶ୍ରୀଯୁକ୍ତ ଭବେଶ ଦତ୍ତଙ୍କ ଲିଖିତ ତାରାପୀଠର ସାଧକ ଓ (୩) ଶ୍ରୀଯୁକ୍ତ ଶଙ୍କରଲାଲ ରାୟଙ୍କ ଲିଖିତ ଭାରତେର ସାଧକ । ବିଷୟବସ୍ତୁ ପାଇଲି ଏହି ଗ୍ରନ୍ଥଗୁଡ଼ିକରୁ,ଭାବ ଦେଲେ ମହାଭାବମୟ ଠାକୁର ଓ ଭାଷାଦେଲେ ଭଗବତୀ ବୀଣାପାଣି ଯନ୍ତ୍ରବତ୍ ଲେଖନୀ କେବଳ ଧରିଲି ମୁଁ । ଅନୁଭବ କଲି ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତ– "ଯନ୍ତ୍ର ଭାବି ଆପଣାରେ ଯାତ୍ରା କର ସୁରର୍ । ତାଙ୍କ କାମ ସେ ହିଁ କରନ୍ତି । କେବଳ "ନିମିତ୍ତ ମାତ୍ରଂ ଭବ ସବ୍ୟଶାଚୀନ୍ ।"

ସେହିଦିନ ରାତିରେ ତାରା ମା' ଉଦ୍ଦେଶ୍ୟରେ ବନ୍ଦନାଟିଏ ଲେଖାହୋଇ ଉପକ୍ରମ ହେଲା ଗୁରୁ ଶକ୍ତି ନିର୍ଦ୍ଦେଶିତ ଏହି ମହାନ୍ ଯଜ୍ଞର ଓ ପୂର୍ଣ୍ଣାହୁତି ଦିଆଗଲା ଠିକ୍ ପାଞ୍ଚ ମାସପରେ କ୍ଷେପାବାବାଙ୍କ ପବିତ୍ର ଜନ୍ମବାସର– "ଶିବରାତ୍ରି– ମହାନିଶାରେ ।" ଆଉ ଠିକ୍ ତା'ର ପନ୍ଦରଦିନ ପରେ ଦୋଳପୂର୍ଣ୍ଣିମା ତିଥିରେ ମା' କୃପାକରି ସପରିବାର ନେଇଗଲା ତା'ର ପୁତଲୀକାଛଳି ତାରାପୁରକୁ ଓ ଦେଖାଇଲା–ବ୍ରହ୍ମା-ବିଷ୍ଣୁ-ଶିବାରାଧ୍ୟ ତା'ର ରାତୁଳଚରଣାରବିନ୍ଦ । ସେହି ପବିତ୍ର ସିଦ୍ଧ ପୀଠର ଦର୍ଶନ, ସ୍ପର୍ଶନରେ ଧନ୍ୟହେଲା ତନୁ-ମନ-ପ୍ରାଣ, ସାର୍ଥକ ହେଲା ନରଜନ୍ମ ।

ଏହି ଗ୍ରନ୍ଥ ସଂକଳନ ସମୟରେ ଅନେକ ଗୁଡ଼ିଏ ଦିବ୍ୟାନୁଭୂତି ପାଇଛି, ଯାହାକି ମୋର ବିଶ୍ୱାସକୁ ଦୃଢ଼ୀଭୂତ କରିଛି ମାତ୍ର । ପାଣ୍ଡୁଲିପିଟି ପ୍ରସ୍ତୁତି ସମୟରେ ଯେଉଁମାନଙ୍କ ପ୍ରେରଣା ପାଇଛି ସେମାନେ ହେଲେ ମୋର ସହଧର୍ମିଣୀ ଜ୍ୟୋସ୍ନା, ପ୍ରାଣାଧିକ ପ୍ରିୟ ପ୍ରଫୁଲ୍ଲ ଭାଇ, ପ୍ରେମାସ୍ପଦ ହେମନ୍ତ ଭାଇ ଓ ଜଳଧର ଭାଇ ଆଦି ।

ବେଦହିଁ ଅପୌରୁଷେୟ ଆଦିଗ୍ରନ୍ଥ ଏବଂ ତନ୍ତ୍ରଶାସ୍ତ୍ର ମହାଯୋଗୀ ସଦାଶିବଙ୍କ ଶ୍ରୀମୁଖ ନିଃସୃତ ବେଦର କ୍ରିୟାକାଣ୍ଡ । ଏହାର ମର୍ମାର୍ଥ ଅତ୍ୟନ୍ତ ଗୁହ୍ୟ ତଥା ଗୋପନୀୟ । କିନ୍ତୁ ପ୍ରକୃତ ମହିମା ନ ଜାଣି ନିଜ, ନିଜ ଜ୍ଞାନର ମାପକାଠି ଦ୍ୱାରା ସାଧକମାନେ ଏହି ତନ୍ତ୍ରଶାସ୍ତ୍ରର ନାନାବିଧ ଅର୍ଥ କରିଛନ୍ତି ।

ବେଦୁଁ ହୋଇଛି ନାନାଗତି ।
ତା ତତ୍ତ୍ୱ କେହି ନ ଜାଣନ୍ତି ।।

ଏସବୁ ଠିକ୍ ଅନ୍ଧମାନଙ୍କ ହାତୀ ଦେଖାଭଳି । ସେହି ଅନାଦି, ଅନନ୍ତ ପରମ୍‌ବ୍ରହ୍ମଙ୍କୁ ଯେ ଯେତିକି ଜାଣିଛି ସେ ତାଙ୍କୁ ସେହିଭଳି ଭାବରେ ରୂପ ଦେବାକୁ ଚେଷ୍ଟା କରିଛି । କିନ୍ତୁ—"ଧର୍ମସ୍ୟ ତତ୍ତ୍ୱ ନିହିତ ଗୁହାୟାଃ ।"

ଯେତେବେଳେ ତନ୍ତ୍ରୋକ୍ତ ସାଧନ ପ୍ରଣାଳୀ ସ୍ରଷ୍ଟାର ସୃଜନ ଇଚ୍ଛା ପୂର୍ଣ୍ଣ କରିବା ଲକ୍ଷ୍ୟରେ ବ୍ୟବହୃତ ନ ହୋଇ କ୍ଷୁଦ୍ର ସ୍ୱାର୍ଥ ସାଧନ ନିମନ୍ତେ ବହୁଳ ଭାବରେ ବିନିଯୋଗ ହେଲା, ସେତେବେଳେ ଧରାବତରଣ କଲେ ସ୍ୱୟଂ ତନ୍ତ୍ର ସମ୍ରାଟ "ଶଙ୍କର" ଶିଶୁପ୍ରାଣ ନେଇ "ବାମଦେବ" ରୂପରେ । ଏ ଯୁଗର ସାର୍ବଭୌମ ଯୁଗଧର୍ମ— "ନିର୍ଭରତା ସାଧନା" । ଏ ଯାବତ୍ ପ୍ରଚଳିତ ସକଳ ସାଧନପଦ୍ଧତିର ଏହାହିଁ ନିର୍ଯ୍ୟାସ । ସମସ୍ତ ବେଦ, ବେଦାନ୍ତ, ଉପନିଷଦ ଓ ତନ୍ତ୍ରଶାସ୍ତ୍ର ଆଦି ସେହି ଗୋଟିଏ କଥାହିଁ ପ୍ରତିପନ୍ନ କରିଛନ୍ତି ।

"ଏ ମନ କୃଷ୍ଣ ପାଦେ ଦେଲେ
ଏ ମାୟା ନ ଲାଗଇ ଭଲେ ।।"

ସେ, ଏହିକଥା ଜଗତକୁ ବୁଝାଇବାକୁ ଯାଇ ପବିତ୍ର ମା' ମା' ରବରେ ପ୍ରକମ୍ପିତ କଲେ ଗଗନ ପବନ ଓ କହିଗଲେ—"ହାତଗୋଡ଼ ଛାଟି, ମା'ମା' ଡାକି ଖାଲି କାନ୍ଦ, ତା'ହେଲେ ମା' ଦଉଡ଼ି ଆସି କୋଳକୁ ଟେକିନେବ ନିଶ୍ଚୟ । ମା'ହିଁ ଶ୍ରୀ ଭଗବାନଙ୍କର କରୁଣାମୟୀ ମୂର୍ତ୍ତି । ମା'ର କୃପାବିନା ଶ୍ରେୟଃ ପ୍ରାପ୍ତି କସ୍ମିନ୍‌କାଳେ ସମ୍ଭବ ହୁଏ ନାହିଁ । ଶକ୍ତି ଓ ଶକ୍ତିମାନ ଏକ ଏବଂ ଅଭିନ୍ନ । ଉଭୟଙ୍କୁ ସମଭାବରେ ପ୍ରତ୍ୟକ୍ଷ୍ୟ କରି ପାରିଲେହିଁ ପୂର୍ଣ୍ଣତା ଆସେ । ମା' ହିଁ କୋଳକରି ସନ୍ତାନମାନଙ୍କୁ ସ୍ୱଧାମକୁ ନେଇଯାଏ ।

ଆଉ ମା'ର କୃପା ଆକର୍ଷଣ କରିବା ନିମନ୍ତେ ସବୁଠାରୁ ବଡ ସାଧନା ହେଲା ଶିଶୁପରି ସରଳ ଅକପଟ ଭାବରେ ମା'ର ଚରଣରେ ଆତ୍ମସମର୍ପଣ କରିବା ।"

କ୍ଷେପାଙ୍କ ପୂତ ଜୀବନ ଚରିତର ଛତ୍ରେ, ଛତ୍ରେ ଏହି ସମର୍ପଣ ସାଧନାର ଧାରାହିଁ ଫୁଟି ଉଠିଛି । କାରଣ ନିଜେ ଆଚରଣ କରି ଶିକ୍ଷା ଦେବାହିଁ ଗୁରୁ ଅବତାର ମାନଙ୍କର ବୈଶିଷ୍ଟ୍ୟ ।

"ଆପନେ ଆଚରି ଧର୍ମ ଶିଖାମୁ ସବାୟ ।
ଆପନେ ନାକୈଲେ ଧର୍ମ ଶିଖାନ୍ ନାଜାୟ ।"

ତାରା ମା'ର ଆଦରର ଦୁଲାଳ କ୍ଷେପାବାବା ଥିଲେ ଜ୍ଞାନରେ ଶଙ୍କର, ବୈରାଗ୍ୟରେ ବୁଦ୍ଧ, ଔଦାର୍ଯ୍ୟରେ ଯିଶୁଖ୍ରୀଷ୍ଟ ଓ ଭାବଭକ୍ତିରେ ସାକ୍ଷାତ୍ ମହାଭାବମୟୀ ରାଧାରାଣୀ । ତାଙ୍କ ପୂତଲୀଳା-କାହାଣୀ ଲୋକୋତ୍ତର ତଥା ଅଲୌକିକ । ତାଙ୍କରି କୃପାରୁ ତାଙ୍କ ପୂତ ଜୀବନୀ ତଥା ଲୀଳାକାହାଣୀର କିୟଦଂଶହିଁ ରୂପ ଦେବାକୁ ଚେଷ୍ଟା କରିଛି ମାତ୍ର । ଆଜିର ଏହି ସଂଶୟପୂର୍ଣ୍ଣ; ଅବିଶ୍ୱାସମୟ ଜଗତରେ ଯଦି ଏହି ଗ୍ରନ୍ଥଖଣ୍ଡି ସମର୍ପଣ ସାଧନାର ବୀଜ ବପନ କରିବାରେ କିଞ୍ଚିତ୍ ସାହାଯ୍ୟ କରେ ତା'ହେଲେ ସେଇୟା ହେବ ମୋର ଯଥାର୍ଥ ପାରିଶ୍ରମିକ ।

ଏହି ଗ୍ରନ୍ଥ ମଧ୍ୟରେ ଯାହାକିଛି ସରସସୁନ୍ଦର ତାହା ସେହି ଚିରସୁନ୍ଦର ସ୍ରଷ୍ଟାଙ୍କର ଓ ଯାହା ଦୋଷତ୍ରୁଟି ସେତକ ମୋର । ତେଣୁ ପରିଶେଷରେ ମରାଳଧର୍ମୀ ସୁଧୀ ପାଠକବର୍ଗଙ୍କ ନିକଟରେ ଦୋଷାଂଶ ପରିହାର ପୂର୍ବକ ଭଲଟିକିକ ଗ୍ରହଣ କରିବାକୁ ସବିନମ୍ର ପ୍ରାର୍ଥନା ଜଣାଇ ଗ୍ରନ୍ଥଟିକୁ "ଜଗଜ୍ଜନହିତାୟ" ଶ୍ରୀ ଶ୍ରୀ ଗୁରୁଦେବଙ୍କ ରାତୁଳ ଚରଣାରବିନ୍ଦରେ ଅର୍ପଣ କରୁଛି । ଇତି ।

ଜୟଗୁରୁ ଦାସ

ଗୁରୁ ବନ୍ଦନା

୧

ଭବ ଦୁରିତ ଖଣ୍ଡନ କାରଣ ହେ
ଶରଣାଗତ ଅଧମ ତାରଣ ହେ ।
ସୁର ମାନବ ପୂଜିତ ପଦଯୁଗୁ,
ଜୟ ଶ୍ରୀଗୁରୁ ନିଗମ କଳ୍ପତରୁ ।।

୨

ନରରୂପଧର ଚିର ସୁନ୍ଦର ହେ,
ଅଭିନବ ଗୌରକାନ୍ତି ରୁଚିର ହେ ।
ଅକ୍ଷମାଳା ଶୋହେ କଣ୍ଠ ତଟେ ଗୁରୁ,
ଜୟ ଶ୍ରୀଗୁରୁ ନିଗମ କଳ୍ପତରୁ ।।

୩

ତନ୍ତ୍ର ଜ୍ଞାନ ଯୋଗ ପ୍ରେମ ସାଧକ ହେ,
କଳି କଳୁଷିତ ଜୀବ ତାରକ ହେ ।
ଭୟ ତାପ ହରେ ନାମ "ଜୟଗୁରୁ",
ଜୟ ଶ୍ରୀଗୁରୁ ନିଗମ କଳ୍ପତରୁ ।।

୪

ଶରଣାଗତ ସେବକ ପାଳକ ହେ,
ପତିତାଧମ ମଙ୍ଗଳ କାରକ ହେ ।
ବରଭୟ ଦିଅ ଡାକି ଭବଭୀରୁ,
ଜୟ ଶ୍ରୀଗୁରୁ ନିଗମ କଳ୍ପତରୁ ।।

୫

ଶୁକ୍ଳ ବସନେ ଶ୍ରୀଅଙ୍ଗ ଶୋଭିତ ହେ,
ସିତ ଚନ୍ଦନେ ସର୍ବାଙ୍ଗ ଚର୍ଚ୍ଚିତ ହେ ।

ବିଘ୍ନଜିତ ଶୁକ୍ଳ ପଦ୍ମପୀଠେ ଗୁରୁ,
ଜୟ ଶ୍ରୀଗୁରୁ ନିଗମ କଳ୍ପତରୁ ।।

୬

ଜୀବ ଦୁଃଖେ ପଞ୍ଚପ୍ରାଣେ ଦୁଃଖୀତ ହେ,
ଭକ୍ତ ଭବେ ଅନୁକ୍ଷଣେ ଭବିତ ହେ ।
ଦୀନବନ୍ଧୁ, ପ୍ରେମସିନ୍ଧୁ ସୁରତରୁ,
ଜୟ ଶ୍ରୀଗୁରୁ ନିଗମ କଳ୍ପତରୁ ।।

୭

"ଜ୍ଞାନ ପ୍ରେମ" ସମନ୍ୱୟ କାରକ ହେ,
"ଜୀବସେବା" ମହାଧର୍ମ ଶିକ୍ଷକ ହେ ।
ବ୍ରହ୍ମଚର୍ଯ୍ୟ ପ୍ରଚାରକ ମହାମେରୁ,
ଜୟ ଶ୍ରୀଗୁରୁ ନିଗମ କଳ୍ପତରୁ ।।

୮

ନିରାକାର ନିରଂଜନ ନିର୍ଗୁଣ ହେ;
ବିଶ୍ୱାଧାର ବିଶ୍ୱରୂପ କାରଣ ହେ ।
ପୂର୍ଣ୍ଣାନନ୍ଦ ପୂର୍ଣ୍ଣବ୍ରହ୍ମ ସଦ୍‌ଗୁରୁ ।
ଜୟ ଶ୍ରୀଗୁରୁ ନିଗମ କଳ୍ପତରୁ ।।

ବାଣୀ ବନ୍ଦନା

ଶ୍ୱେତବସନ; ଶ୍ୱେତଭୂଷଣ, ଶ୍ୱେତକମଳ ଆସନ,
କର ଯୁଗଳ, କମଳକୋମଳ, ବୀଣା ପୁସ୍ତକ ଧାରଣ ।
କୃପାନୟନ, କୋଟିଜନମ, ଅଜ୍ଞାନ ତମ ନାଶନ,
ମା' ସରସ୍ୱତୀ; ମା' ଭଗବତୀ ଘେନ ମୋହର ବନ୍ଦନ ।୧।
ମୁଖମଣ୍ଡଳ-ଜ୍ଞାନ ଭାସ୍ୱର, କର୍ଣ୍ଣେ କୁଣ୍ଡଳ ଦୋଳନ,
ରଙ୍ଗ ଅଧର-ଦିବ୍ୟମଧୁର, ବେଦ ସକଳ ସ୍ଫୁରଣ ।
ପଦଯୁଗଳ-ସୁମନୋହର, ଜ୍ଞାନୀ ହୃଦୟ ମଣ୍ଡନ,
ମା' ସରସ୍ୱତୀ, ମା' ଭଗବତୀ ଘେନ ମୋହର ବନ୍ଦନ ।୨।
ଚୂର୍ଣ୍ଣ କୁନ୍ତଳ, ଦୀର୍ଘ ମଂଜୁଳ, ସ୍ୱଚ୍ଛ ନିତମ୍ବ ଚୁମ୍ବନ,
ଦିବ୍ୟାଭରଣ, ଦିବ୍ୟ ଦର୍ଶନ, ରତ୍ନ ମୁକୁଟ ଶୋଭନ ।
ଅତି ଉଜ୍ଜ୍ୱଳ, କୃଷ୍ଣକଜ୍ଜ୍ୱଳ ପୂରିତ ପଦ୍ମଲୋଚନ,
ମା' ସରସ୍ୱତୀ,ମା' ଭଗବତୀ ଘେନ ମୋହର ବନ୍ଦନ ।୩।
ଅଙ୍ଗ ସୁଷମା, ନିନ୍ଦେ ଚନ୍ଦ୍ରମା, ଚର୍ଚ୍ଚିତ ଚନ୍ଦ୍ରଚନ୍ଦନ,
ଗଜମୁକୁତା, ହାର ଶୋଭିତା, ଶାନ୍ତ ମଧୁର ଦର୍ଶନ ।
ରୁଦ୍ରାକ୍ଷମାଳ, ଶୋହେ ଶ୍ରୀକର, କରେ ଅଭୟ ପ୍ରଦାନ
ମା' ସରସ୍ୱତୀ, ମା' ଭଗବତୀ, ଘେନ ମୋହର ବନ୍ଦନ ।୪।
ହଂସ ବାହିନୀ, ବିଦ୍ୟା ଦାୟିନୀ,ପୂଜିତା ତିନି ଭୁବନ,
ବ୍ରହ୍ମା-ଶଙ୍କର ଆରାଧ୍ୟ ଚିର ରକ୍ତ ଉତ୍ପଳ ଚରଣ ।
କରୁଣାମୟୀ, ସହୃୟାବହି କର ହୃଦୟ ରଂଜନ,
ମା' ସରସ୍ୱତୀ, ମା' ଭଗବତୀ, ଘେନ ମୋହର ବନ୍ଦନ ।୫।

*

ତାରା ବନ୍ଦନା

ମାଆଟି ମୋର, ନାଆଁଟି ତା'ର
ନାଆଁଟି ତା'ର ତାରା ।
ଆନ୍ତଭବେ ରହି ସେ ସଦା
କରେ ଗୁପ୍ତ ଲୀଳା ।୦।
ଅଭୟ ତାହାର ଯୁଗଳ ଚରଣ
ନିନ୍ଦା କରେ ବାଳ ରବିର କିରଣ,
ସେ ଚରଣେ ଥରେ ମଥା ଗୁଞ୍ଜି ଦେଲେ
ଦୁଃଖ ଦୂରେ ଯାଏ ପରା ।୧।
ଧରାଦେବା ପାଇଁ ଖେଳେ ଲୁଚକାଳି
ଧରିବାକୁ ଗଲେ ଯାଏ ଅପସରି
ହାତ ଗୋଡ଼ ଛାଟି କାନ୍ଦିଲେ କୁହାଟି
ଆପେ ଆସି ଦିଏ ଧରା ।୨।
ମନ୍ତ୍ର-ଯନ୍ତ୍ର-ତନ୍ତ୍ରେ ହୁଏନା ସେ ବଶ
ସାଧନାରେ ଶୀଘ୍ର ମିଳେନା ପରଶ,
ପ୍ରାଣ ଖୋଲି ଖାଲି ମାଆ ମାଆ ବୋଲି
ଡାକିଲେ ଆସେ ସେ ତ୍ୱରା ।୩।
ଦିବା ନିଶି ରଟ ମା' ମା' ବୋଲି
ଆସିବ ଜନନୀ ନେବ କୋଳେ ଟୋଳି
ଶଙ୍ଖରେ ପୂରାଇ ଚକ୍ର ଆଡ଼ୁଆଇ
କରିବ ଗଳାର ମାଳା ।୪।

*

ତାରା ମା’

ଏକ

ସେଦିନ ଶାରଦୀୟ ଶୁକ୍ଳା ଚତୁର୍ଦ୍ଦଶୀ । ଗଜଲକ୍ଷ୍ମୀ ପୂଜାର ପୂର୍ବଦିନ । ତାରାପୀଠରେ ଚାଲିଛି ଏକ ବିରାଟ ମେଳାର ଆୟୋଜନ । ପ୍ରତିବର୍ଷ ବସେ ଏହି ମେଳା ଓ ମହାସମାରୋହରେ ପାଳିତ ହୁଏ ଦୀର୍ଘ ୧୦/୧୨ ଦିନ ଧରି । ଗ୍ରାମ ଗ୍ରାମାନ୍ତରୁ ବହୁ ଯାତ୍ରୀଙ୍କର ସମାଗମ ହୁଏ ଏହି ସମୟରେ । ଉତ୍ସବ ଅବସରରେ ଖୋଲା ଦର୍ଶନ ମିଳେ ମାଆ ତାରାର । ଶିଳାମୟୀ ମୂର୍ତ୍ତି ମନ୍ଦିରରୁ ସ୍ଥାନାନ୍ତରିତ ହୁଅନ୍ତି ନାଟମନ୍ଦିରକୁ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ।

୧୯୦୮ ଖ୍ରୀଷ୍ଟାବ୍ଦର ଅକ୍ଟୋବର ୮ ତାରିଖ । କଲିକତା ପାରଡ଼ାଇସ୍ ଲେନ୍‌ର ଗୁରୁଶଙ୍କର ବନ୍ଦୋପାଧ୍ୟାୟ ମହାଶୟ ସକାଳୁ ସକାଳୁ ଏଣ୍ଟାଲୀ ପଦ୍ମପୋଖରୀର କାଳିଦାସ ଲହିଡୀଙ୍କ ପାଖକୁ ଆସି ପ୍ରସ୍ତାବ କଲେ "ଆହେ ଲହିଡ଼ୀ ମହାଶୟ ! ଚାଲ ଆଜି ରାତି ୮ଟାରେ ସାହେବଗଞ୍ଜ ପାସେଞ୍ଜର ଗାଡ଼ିରେ ମୋଲ୍ଲାର ପୁର ଯିବା ।" ଲହିଡ଼ୀ ମହାଶୟଙ୍କ ପ୍ରଶ୍ନର ଉତ୍ତରରେ ସେ ପୁଣି କହିଲେ-"ମୋଲ୍ଲାରପୁର ଠାରୁ ୪/୫ ମାଇଲ ଦୂରରେ ତାରା ପୀଠ ଅବସ୍ଥିତ । ଚତୁର୍ଦ୍ଦଶୀ ଦିନ ସେଠାରେ ଏକ ବଡ଼ ମେଳା ବସେ । ଆଉ ତା' ଛଡ଼ା ସେଠାରେ ସିଦ୍ଧ ମହାପୁରୁଷ ବାମାକ୍ଷେପା ଅବସ୍ଥାନ କରୁଛନ୍ତି, ତାଙ୍କୁ ମଧ୍ୟ ଦର୍ଶନ କରିବା" ।

ଲହିଡ଼ୀ ମହାଶୟ- "ଆଜି ଆଉ କିପରି ସମ୍ଭବ ହେବ ? ଯଦି କ୍ଷେପାବାବା ଟାଣନ୍ତି ତେବେ ଦେଖାଯାଉ ଆସନ୍ତାବର୍ଷକୁ କ'ଣ ହେଉଛି" ?

ବନ୍ଦୋପାଧ୍ୟାୟ ମହାଶୟ- "ଆରେ ନାଁ ନାଁ । ତମେ ଦ୍ୱିରୁକ୍ତି କରନା । ସାଧୁଦର୍ଶନର ସୁଯୋଗ ସବୁବେଳେ ମିଳେନା । ବିଶେଷ କିଛି ନେବାକୁ ହେବନି । ଲୁଗା, ଗାମୁଛା ଦିଖଣ୍ଡ ଓ ଖଣ୍ଡେ କମ୍ବଳ ହେଲେ ଚଳିଯିବ । ତମେ ପ୍ରସ୍ତୁତ ଥିବ; ମୁଁ ଠିକ୍ ସନ୍ଧ୍ୟା ୬ ଟାରେ ଟିକେଟ ନେଇ ଆସି ପହଞ୍ଚିବି" ।

ଦେଖୁ ଦେଖୁ କର୍ମଜଞ୍ଜାଳ ଭିତରେ ଦିନ କଟିଯାଇ ଆସିଲା ସନ୍ଧ୍ୟା । ଚତୁର୍ଦ୍ଦିଗ ମୁଖରିତ ହେଲା ଶଙ୍ଖ ଘଣ୍ଟା ଧ୍ୱନିରେ । ଲାହିଡ଼ୀ ମହାଶୟ ବନ୍ଧୁଙ୍କ ପ୍ରତୀକ୍ଷାରେ ପ୍ରସ୍ତୁତ ହୋଇ ବସିଛନ୍ତି । କିନ୍ତୁ କାହାନ୍ତି ବନ୍ଧୁ ? ଚାହୁଁ ଚାହୁଁ ୭ଟା ବାଜିଲା । ମନଟା ଅସ୍ଥିର ହୋଇ ଉଠିଲା । କାହାନ୍ତି ଗୁପ୍ତେଶଙ୍କର ? ହୁଏତ ଷ୍ଟେସନରେ ଦେଖା ହୋଇପାରେ–ଏହିକଥା ଭାବି ଆଗେଇ ଚାଲିଲେ ଲାହିଡୀ ମହାଶୟ । ମୌଲାଲୀ ଦରଗାକୁ ଆସି ମନେ ପଡ଼ିଲା କ୍ଷେପାବାବା "ଗଂଜା" ଭଲ ପାଆନ୍ତି । ତେଣୁ ୨,୩ ମିନିଟ୍‌ର ବାଟ ଏକ ଗଳି ଭିତରକୁ ଆଗେଇ ଯାଇ ଉପସ୍ଥିତ ହେଲେ ଏକ ଗଞ୍ଜା ଦୋକାନ ସାମ୍ନାରେ । ଅବକାରୀ ଆଇନ ଅନୁଯାୟୀ ସନ୍ଧ୍ୟା ୬ଟା ପରେ 'ଗଂଜା' ବିକ୍ରୀ ବନ୍ଦ ରହେ । ଲାହିଡ଼ୀ ମହାଶୟ ଦେଖିଲେ ଦୋକାନର କବାଟ ଝରକା ସବୁ ବନ୍ଦ ଅଛି; ଅଥଚ ଭିତରେ ଆଲୁଅ ଜଳୁଛି । କର୍ମଚାରୀମାନେ ବୋଧେ ହିସାବନିକାଶ କରୁଛନ୍ତି–ଦୁଆର ଆଉଜା ଥିଲା ତେଣୁ ହାତ ଦିଅନ୍ତେ ଖୋଲିଗଲା । ହଠାତ୍ ଦୋକାନ ମାଲିକ ବାହାରକୁ ବାହାରି ଆସି ଦୁଆର ବନ୍ଦ କରିଦେଇ ରକ୍ଷସ୍ୱରରେ ପଚାରିଲେ–"କ'ଣ" ଦରକାର ?" "ଏକଭରି ଗଂଜା ଦିଅନ୍ତୁ"–ବିନୀତଭାବେ ଉତ୍ତରଦେଲେ ଲାହିଡ଼ୀ ମହାଶୟ । "ଆପଣ ଗଂଜା ଖାଆନ୍ତି, ଅଥଚ ଏତିକି ଜାଣନ୍ତିନି ଯେ ସନ୍ଧ୍ୟା ୬ଟା ପରେ ଗଂଜା ବିକ୍ରୀ ବନ୍ଦରହେ, ଆପଣ ବୋଧହୁଏ ଅବକାରୀ ବିଭାଗର ଲୋକ; ସେଇଥିପାଇଁ ବର୍ତ୍ତମାନ ଆସିଛନ୍ତି ତ ? ଏବେ ମିଳିବନି– ଯାଅନ୍ତୁ କାଲି ସକାଳେ ଆସିବେ" । ମାଲିକ ମୁହଁରୁ ଏହିକଥା ଶୁଣି ଲାହିଡୀ ମହାଶୟ ଆହୁରି ବିନୀତ ଭାବରେ କହିଲେ– "ଆପଣ ମୋତେ ଭୁଲ୍ ବୁଝୁଛନ୍ତି । ମୁଁ ଅବକାରୀର ଲୋକନୁହେଁ କି ଆମ ବାପ-ଅଜା ଚୌଦ ପୁରୁଷରେ କେହି ଗଂଜା ଖାଇନାହାନ୍ତି । ବିଦେଶରେ ଜଣେ ସାଧୁଙ୍କ ଦର୍ଶନ ପାଇଁ ଯାଉଛି ଓ ତାଙ୍କରି ସେବା ନିମନ୍ତେ ଗଂଜା ନେବାକୁ ଆସିଛି" । ଏହାପରେ ବ୍ୟାଗଟି ଦେଖାଇ ଲାହିଡୀ ମହାଶୟ ପୁଣି କହିଲେ– "ଏହି ଦେଖନ୍ତୁ ନା, ବିଦେଶ ଯାଉଛି ବୋଲି ବ୍ୟାଗରେ ଲୁଗା, ଗାମୁଛା ଓ କମ୍ବଳ ଇତ୍ୟାଦି ଧରିଛି" । ଏହି କଥା ଶୁଣି କିଛିଟା ନରମ ସ୍ୱରରେ ଦୋକାନୀ ପଚାରିଲେ– "କେଉଁ ସାଧୁ ? ଶିକ୍ଷିତ ଲୋକ ହୋଇ ଶେଷରେ ସାଧୁ ପାଲରେ ପଡ଼ିଲେ" ? "ତାରାପୀଠର ବାମାକ୍ଷେପା"– ଲାହିଡୀ ମହାଶୟଙ୍କ ତଣ୍ଡରୁ

ଏହି ନାମଟି ଶୁଣୁଶୁଣୁ ଦୋକାନୀ ଯୋଡହାତରେ "ଆରେ ବାପରେ" କହି ସିନ୍ଦୁକ ଭିତରୁ ଏକନମ୍ବର ଗଂଜେଇ ଅଧଛଟାଙ୍କିର ପୁଡ଼ିଆଟିଏ ତାଙ୍କ ହାତକୁ ଗୁଂଜି ଦେଲେ ଓ କହିଲେ—"ଶୀଘ୍ର ଶୀଘ୍ର ଯାଆନ୍ତୁ—ଗାଡ଼ି ସମୟ ହୋଇଗଲା ପ୍ରାୟ ।" ଲହିଡୀ ମହାଶୟ କୃତ୍ୟ କୃତ୍ୟ ହୋଇ ଦାମ୍‌ଟି ବଢ଼େଇଦେବାରୁ ଦୋକାନୀ ଫେରସ୍ତ କରିଦେଇ କହିଲେ—"ଦାମ୍ ଦେବାକୁ ପଡ଼ିବନି ବରଂ ବାବାଙ୍କୁ ଏ ନରାଧମ ବିଷୟରେ ଟିକେ ଜଣା କରିବେ" । 'ଗଂଜା' ପୁଡ଼ିଆଟି ବ୍ୟାଗରେ ଭର୍ତ୍ତି କରି ରାସ୍ତାକୁ ବାହାରି ପଡ଼ିଲେ ଲହିଡୀ ମହାଶୟ । ସେତେବେଳେ ସାର୍କୁଲର ରୋଡ଼ରେ ଟ୍ରାମ କିମ୍ବା ବିଜୁଳିବତୀ ନଥିଲା । ଗଳିଗଳି ଆସି ଯେତେବେଳେ କ୍ୟାମ୍ବେଲ ହସ୍‌ପିଟାଲ ପାଖରେ ପହଞ୍ଚିଲେ ହଠାତ୍ ତାଙ୍କ ଆଖିରେ ଝଲ୍‌ମଲ୍ କଲା 'ଇଉଜିନ ଏଣ୍ଡ କୋ ଓ୍ୱାଇନ୍ ମରଚ୍ୟାଣ୍ଟଙ୍କର ଆଲୋକ ବିଜ୍ଞାପନ" । ସେତେବେଳେ ତାଙ୍କର ମନେହେଲା ବୋଧହୁଏ ବିଲତି କାରଣ ବୋତଲଟାଏ ପାଇଁ ଏହା କ୍ଷେପା ବାବାଙ୍କ ଆହ୍ୱାନ । କୌଣସି ଦ୍ୱିଧା ନକରି ଦୋକାନ ବାରଣ୍ଡାକୁ ଉଠିଯାଇ ଏକ ବୋତଲ ଭଲ ମଦ ମାଗିଲେ । ବାମାକ୍ଷେପାଙ୍କ ନାଁ ଶୁଣି ଦୋକାନୀ ଦାମ୍ ଏକଟଙ୍କା କମ୍ ନେଇ ଦୋକାନରେ ଥିବା ସର୍ବୋତ୍‌କୃଷ୍ଟ ମଦ ବୋତଲଟିଏ ଧରେଇଦେଲେ । ବୋତଲଟି ବ୍ୟାଗରେ ଭର୍ତ୍ତିକରି ଲହିଡୀ ମହାଶୟ ଏକ ଲୟରେ ଶିଆଲଦହ ମୋଡକୁ ଯାଇ ଟ୍ରାମଧରି ହାଓଡା ପୋଲ ପାଖରେ ପହଞ୍ଚିଲାବେଳକୁ ଘଣ୍ଟାରେ ବାଜିଲାଣି ୮ଟା ୨୪ ମିନିଟ୍ । ତା'ପରେ ଊର୍ଦ୍ଧ୍ୱଶ୍ୱାସରେ ଦଉଡ଼ିବାକୁ ଲାଗିଲେ । ମନେହେଲା ସତେ ଯେପରି କିଏ ଅଲକ୍ଷ୍ୟରେ ଠେଲି ନେଇଯାଉଛି । ପୋଲ ମଝିରେ ପହଞ୍ଚିଲାବେଳକୁ ଗାଡ଼ିର ବଂଶୀଶବ୍ଦ ଶୁଣାଗଲା । ତଥାପି ହତାଶ ନହୋଇ ଆହୁରି ଶୀଘ୍ର ଦଉଡ଼ିବାକୁ ଲାଗିଲେ । ହାଓଡା ଷ୍ଟେସନରେ ପହଞ୍ଚି ବିନା ଟିକେଟରେ ପ୍ଲାଟଫର୍ମରେ ପ୍ରବେଶ କରି ଦେଖିଲେ ଟ୍ରେନ ଛାଡ଼ିବା ଉପରେ । ସେତେବେଳକୁ ରାତି ୮ ଟା ୪୦ ମିନିଟ । କେଉଁ ଟ୍ରେନ, କୁଆଡେ ଯିବ, କାହାକୁ କିଛି ନ ପଚାରି ଉଠିଗଲେ ଡ଼ବା ଭିତରକୁ ଓ ହଠାତ୍ ବଂଶୀ ବଜାଇ ଟ୍ରେନ ଚାଲିବାକୁ ଆରମ୍ଭ କଲା ।

ଡବା ଭିତର ପ୍ରାୟ ଫାଙ୍କା—ତଥାପି ଠିଆ ହୋଇ ରହିଥିବା ଦେଖି ଜଣେ ସହଯାତ୍ରୀ ଭଦ୍ରଲୋକ ପ୍ରଶ୍ନ କଲେ—"ଆପଣ କିଛି ଛାଡ଼ି ଆସିଲେ କି, ଏତେ ଚିନ୍ତିତ କାହିଁକି; ବସନ୍ତୁ ନା ?" ସେହି ଅବସ୍ଥାରେ ଲାହିଡ଼ୀ ମହାଶୟ ପଚାରିଲେ— "ଏ ଗାଡ଼ି କୁଆଡେ ଯିବ ?" "ସେ କି କଥା—ଗାଡ଼ି ଛାଡ଼ିବାପରେ ପଚାରୁଛନ୍ତି ଗାଡ଼ି କୁଆଡେ ଯିବ ? ଆପଣ କୁଆଡେ ଯିବେ ?" ଭଦ୍ରଲୋକଙ୍କ ପାଖକୁ ଲାଗିଯାଇ— ଲାହିଡୀ ମହାଶୟ କହିବାକୁ ଲାଗିଲେ— "ଆଜି ଯେ କ'ଣ ହୋଇଛି— ମୁଁ ଜାଣି ପାରୁନି । ସବୁ କେମିତି ଆଶ୍ଚର୍ଯ୍ୟ ଲାଗୁଛି । ମୁଁ ମୋଲ୍ଲାରପୁରଠାରେ ଓହ୍ଲାଇ ତାରାପୀଠ ଯିବି, ବାମାକ୍ଷେପା ବାବାଙ୍କର ଦର୍ଶନ ପାଇଁ ।" ତା'ପରେ ଘରୁ ବାହାରିବାଠାରୁ ଆରମ୍ଭ କରି ଗଂଜା କିଣା, ମଦକିଣା ଆଦି ସମସ୍ତ ଘଟଣା ତାଙ୍କ ପାଖରେ ଗୋଟି ଗୋଟି କରି କହିବାକୁ ଲାଗିଲେ । ସବୁ ଶୁଣି ବାମାକ୍ଷେପାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ସହଯାତ୍ରୀ ଭଦ୍ରଲୋକ କହିଲେ— 'ଆପଣଙ୍କର ଭୟନାହିଁ । ଠିକ୍ ଗାଡ଼ିରେ ଚଢିଛନ୍ତି । ଏ ଗାଡ଼ି ସାହେବଗଂଜ ଯିବ । ଆପଣଙ୍କୁ କ୍ଷେପା ଠାକୁର କୃପା କରିଛନ୍ତି । ଆଉ ସେଇଥିପାଇଁ ଡେରିରେ ଆସି ମଧ୍ୟ ଗାଡ଼ି ପାଇଛନ୍ତି । ଗାଡ଼ି ଆଜି ୧୮ ମିନିଟ୍ ବିଳମ୍ବରେ ଛାଡ଼ିଛି ଓ ଆପଣହିଁ ଶେଷ ଯାତ୍ରୀ ।" ଖବର ନେଇ ଜଣା ପଡ଼ିଲା— ଗାଡ଼ି ଛାଡ଼ିଲାବେଳକୁ ଇଂଜିନରେ ନିଆଁ ଲାଗିଯିବାରୁ ଏପରି ବିଳମ୍ବ ଘଟିଛି । ଅଜ୍ଞାତ ଉଦ୍ଦେଶ୍ୟରେ ଦୀର୍ଘଶ୍ୱାସ ଛାଡ଼ି ଆଶ୍ୱସ୍ତ ହେଲେ ଲାହିଡୀ ମହାଶୟ । ସେହି ଡବାରେ ନଦିଆ ଜିଲ୍ଲାର ଉପେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ନାମକ ୨୫-୨୬ ବର୍ଷର ଆଉଜଣେ ଯୁବକ ଲାହିଡୀ ମହାଶୟଙ୍କ ସାଥୀ ଯୁଟିଗଲେ । ତା'ପରେ ଉଭୟେ ତାରାମା ଓ କ୍ଷେପା ବେଟାର କଥା ଗପ କରିକରି ସମୟ କାଟିବାକୁ ଲାଗିଲେ । କିଛିକ୍ଷଣ ପରେ ଗାଡ଼ି ଯେତେବେଳେ ବର୍ଦ୍ଧମାନ ଷ୍ଟେସନରେ ରହିଲା—ଟିକେଟ କଲେକ୍ଟର ସେହି ଡ଼ବାକୁ ଉଠି ଟିକେଟ ଚେକ୍ କରିବାକୁ ଲାଗିଲେ—କିନ୍ତୁ ଠିକ୍ ଲାହିଡ଼ୀ ମହାଶୟଙ୍କ ପାଖରେ ପହଞ୍ଚି ଟିକେଟ ନ ମାଗି ଚାଲିଗଲେ । କ୍ଷେପା ବାବା ଯାହାକୁ ଟାଣୁଛି ତା'ର ପୁଣି ଟିକେଟର କି ଦରକାର ?

ଗର୍ତ୍ତି ପ୍ରାୟ ସାଢ଼େ ତିନିଟାରେ ଗାଡ଼ି ମୋଲ୍ଲାରପୁର ଷ୍ଟେସନରେ ଠିଆହେଲା । ବନ୍ଧୁ ଉପେନ୍ଦ୍ରନାଥଙ୍କ ସହ ଗାଡ଼ିରୁ ଓହ୍ଲାଇ ଲହିଡ଼ୀ ମହାଶୟ ଟିକେଟ ମହାସୁଲ ଦେବାପାଇଁ ଟିକେଟ କଲେକ୍‌ଟରଙ୍କ ପାଖକୁ ଗଲେ । ସବୁଶୁଣି ଟିକେଟ କଲେକ୍‌ଟର କହିଲେ–"ଯେତେବେଳେ ବିନା ଟିକେଟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ସାରିଲେଣି, ଆଉ ମହାସୁଲ ଦେବା କି ଦରକାର ? ବରଂ ତାରମା' ପାଖରେ ପ୍ରଣାମୀ ଦେଇଦେବେ ।" ତା'ପରେ ଗର୍ତ୍ତି ଶେଷ ପର୍ଯ୍ୟନ୍ତ ଦୁଇବନ୍ଧୁ ଆଗାମୀ ମହାମିଳନ ପ୍ରତୀକ୍ଷାରେ କଟାଇ ଉଷାର ଆଗମନ ସଙ୍ଗେ ସଙ୍ଗେ ତାରପୀଠ ଅଭିମୁଖେ ବାହାରି ପଡ଼ିଲେ । ଖାଲବିଲ-ବିସ୍ତୀର୍ଣ୍ଣ ପ୍ରାନ୍ତର ମଧ୍ୟଦେଇ ଅଙ୍କାବଙ୍କା ରାସ୍ତାଟିଏ ଲମ୍ବି ଯାଇଛି ଦ୍ୱାରକାନଦୀ କୂଳକୁ । ଆରପଟେ ତାରପୀଠର ମହାଶ୍ମଶାନ । ଆଉ ଯେତେବେଳେ ସେମାନେ ସେହି ପୁଣ୍ୟତୋୟା କ୍ଷୀଣସ୍ରୋତା ଦ୍ୱାରକା ନଦୀ ତୀରରେ ଉପସ୍ଥିତ ହେଲେ,ସହସା ଦୃଷ୍ଟିଗୋଚର ହେଲେ–ଅପରତଟରୁ ନଦୀ ପାର ହୋଇ ଆସୁଥିବା ଜନୈକ ଦୀର୍ଘକାୟ ଗୈରିକ ବସନ ପରିହିତ ଗୌରବର୍ଣ୍ଣ ସନ୍ନ୍ୟାସୀ । ନାମ ଶ୍ୟାମାନନ୍ଦ ବ୍ରହ୍ମଚାରୀ । ପାଖକୁ ଆସି ବ୍ରହ୍ମଚାରୀ ପ୍ରଶ୍ନକଲେ–"ଆପଣମାନେ କ'ଣ କଲିକତାରୁ ଆସିଛନ୍ତି ? ଆପଣଙ୍କ ବ୍ୟାଗରେ ମଦ ଓ ଗଂଜା ଅଛିନା ? ଯଦି ଥାଏ ତେବେ ତୁରନ୍ତ ମଦ ବୋତଲଟି ବାହାର କରି ଦିଅନ୍ତୁ ।" ଏହି କଥାଶୁଣି ସେମାନେ ବ୍ରହ୍ମଚାରୀଙ୍କ ମୁହଁକୁ ବଲ୍‌ବଲ କରି ଅନାଇ ରହିଲେ । ବ୍ରହ୍ମଚାରୀ–"ଆରେ ଆପଣମାନେ ତୁନିହୋଇ ଏପରି ଚାହିଁଛନ୍ତି କ'ଣ ? ମୋ କଥାର ଜବାବ ଦିଅନ୍ତୁ । ମୁଁ କ୍ଷେପାବାବାଙ୍କ ସେବକ । ରାତି ୪ଟାରୁ କ୍ଷେପାବାବା ମୋତେ ଯେତେ ଗାଳିଗୁଲଜ ଦେଲେଣି– ସେକଥା କ'ଣ ବା କହିବି ।" ବ୍ରହ୍ମଚାରୀଙ୍କୁ ସବିନମ୍ର ପ୍ରଣାମ କରି ଲହିଡ଼ୀ ମହାଶୟ ପଚାରିଲେ– "ଗାଳି କାହିଁକି ଦେଲେ ବାବା ?"

ବ୍ରହ୍ମଚାରୀ– "ରାତି ପ୍ରାୟ ସାଢେ ତିନିଟାରେ ବା'ବା ମୋତେ ଉଠାଇ କହିଲେ– କଲିକତାରୁ ଜଣେ ଯୁବକ ଆସୁଛି– ତା' ବ୍ୟାଗରେ ମୋ ପାଇଁ ଅଛି– ସାହେବ ବାବାମାନଙ୍କର ରକ୍ତ– "ବିଲତି କାରଣ" ଓ ଗଂଜା । ତା' ସାଙ୍ଗରେ ଆଉ ଜଣେ ଯୁବକ ଅଛି ନର୍ଦିଆର । ତୁ ଶୀଘ୍ର

ଯାଇ ସେମାନଙ୍କୁ ବାଟ କଢେଇ ନେଇଆ । ମୋତେ କାରଣର ପିପାସା ଖୁବ୍ ଜୋରରେ ଲଗୁଛି । ଶୀଘ୍ର ଯା ।" "ଅନ୍ଧକାର ମଧ୍ୟରେ ଆପଣମାନଙ୍କୁ କେଉଁଠି ଖୋଜିବି ବୋଲି ଭାବି ଟିକିଏ ଫର୍ଚ୍ଚା ହେଲାରୁ ବାହାରିଛି ଆଉ ସେଇଥିପାଇଁ ଯେତେ ଗାଳି ଶୁଣିବାକୁ ପଡ଼ିଲା ।" ଲାହିଡୀ ମହାଶୟ ବିନାବାକ୍ୟବ୍ୟୟରେ ବିଲାତୀ କାରଣ ବୋତଲଟି ବ୍ରହ୍ମଚାରୀଙ୍କ ହାତକୁ ବଢେଇ ଦେଇ ମୋହାଚ୍ଛନ୍ନ ହୋଇ ତାଙ୍କ ପଛେ ପଛେ ଛୁଟି ଚାଲିଲେ ।

× × ×

ଆଗରେ ତାରାପୀଠର ମହାଶ୍ମଶାନ । ସେହି ଶ୍ମଶାନର କେନ୍ଦ୍ରସ୍ଥଳୀରେ ଶିମୁଳୀ ବୃକ୍ଷତଳେ ଉପବିଷ୍ଟ ସାକ୍ଷାତ୍ ଯୋଗେଶ୍ୱର ଶିବ । କୃଷ୍ଣବର୍ଣ୍ଣ ବିରାଟ ବପୁ । ଆଜାନୁଲମ୍ବିତ ବାହୁ । ପଦ୍ମ-ପଲାଶ-ଲୋଚନ ଦ୍ୱୟ, ଭାବରେ ଢଳ ଢଳ । ଦକ୍ଷିଣ ହସ୍ତରେ କପାଳର ପାନ ପାତ୍ର ଓ ବାମ ହସ୍ତରେ କାରଣ ବୋତଲ । ସମ୍ମୁଖରେ ଶ୍ୟାମାନନ୍ଦ ବ୍ରହ୍ମଚାରୀ ଦଣ୍ଡାୟମାନ । ଘେରି ବସିଛନ୍ତି କେତେଜଣ ଭାଗ୍ୟବାନ ଅନୁରାଗୀ ଭକ୍ତ ଓ କେତୋଟି କୁକୁର । କ୍ଷେପାବାବା ମଦ୍ୟପାନରତ । କି ଦୃଶ୍ୟ ଏ ସତେ ? ସତେ ଯେମିତି ମହାକାରଣାର୍ଣ୍ଣବରେ ନାରାୟଣଙ୍କର ସୃଷ୍ଟି, ସ୍ଥିତି ଓ ଲୟର ବିଚିତ୍ର ଲୀଳା ।

ଗଳାଭଙ୍ଗା ବୋତଲରୁ କପାଳପାତ୍ରରେ ଢାଳି ମହାନନ୍ଦ ସହକାରେ ଅଳ୍ପ ଅଳ୍ପ ପାନ କରିବାକୁ ଲାଗିଲେ ବାବା । "ଆଃ ଖୁବ୍ ବଢ଼ିଆ ମାଲରେ । ଅନେକ ଦିନ ହେଲା ଏପରି ମାଲ ଖାଇ ନଥିଲି ।" ତା'ପରେ କିଛିଟା ଅଂଶ ଶ୍ମଶାନ ମାଟିରେ ଢାଳି ଦେଇ କହିବାକୁ ଲାଗିଲେ—"ନେ ମା'—ଟିକିଏ ଖାଇଦେ ।" ବାବାର ହାତ ଥରୁଛି ଦେଖି—ବ୍ରହ୍ମଚାରୀ ବୋତଲଟି କାଢ଼ିନେଇ କପାଳପାତ୍ରରେ ଢାଳି ଦେବାକୁ ଲାଗିଲେ । କ୍ରମଶଃ ପଦ୍ମ-ପଳାଶ-ଲୋଚନଦ୍ୱୟ ରକ୍ତଜବାନିନ୍ଦି ଲାଲ ଟୁକ୍ ଟୁକ୍ ହୋଇ ଆସିଲା; ଆଉ ତା' ସଙ୍ଗେ ସଙ୍ଗେ ନିରବ ନିସ୍ପନ୍ଦ ଶ୍ମଶାନର ଗଗନ ପବନ ଭେଦି ଜଳଦ-ଗମ୍ଭୀର ସ୍ୱନରୁ ନିନାଦିତ ହେଲା—"ଜୟତାରା"—"ଜୟତାରା" ।

ସମସ୍ତେ ନିର୍ବାକ, ନିଷ୍ପନ୍ଦ । ଲେମ ଟାଙ୍କୁରି ଉଠୁଛି । ନବାଗତ ଯୁବକ ଦୁଇଜଣ ଅଦୂରରେ ନିରବରେ ଦଣ୍ଡାୟମାନ । ସାର୍ଥକ ନେତ୍ରଯୁଗରୁ ଅବାରିତ ଅଶ୍ରୁଧାର ଗଣ୍ଡପ୍ଲାବନ କରି ବକ୍ଷଦେଶକୁ ବହି ଚ୍ଚଲିଛି । ଭୈରବଙ୍କ ତାଣ୍ଡବଲୀଳା ଶେଷ ହେଲା । ବ୍ରହ୍ମଚ୍ଚରୀ ବୋତଲଟି ଫିଙ୍ଗିଦେଲେ ଦୂରକୁ । କିଛିକ୍ଷଣ ଉତାରୁ ବ୍ରହ୍ମଚ୍ଚରୀଙ୍କୁ କଟାକ୍ଷ ଦୃଷ୍ଟିପାତ କରି ଭୈରବ ପ୍ରଶ୍ନକଲେ–"କିରେ ଶଳା, ଦେଖିଲୁ ନା ସତ, କି ମିଛ ? ତୋତେ କେତେ ଗତିରୁ କହୁଛି–ଟୋକା ଦିଟା ମୋ ପାଇଁ କେତେ କଷ୍ଟ କରି ମଦ ଓ ଗଞ୍ଜା ନେଇ ଆସୁଛନ୍ତି । ଯା' ସେମାନଙ୍କୁ ବାଟ କଢେଇ ନେଇ ଆସିବୁ । କିନ୍ତୁ ତୁ ଶଳା ସେଇ ଡେ଼ରିକଲୁ–ସେମାନଙ୍କୁ ଯେତେ କଷ୍ଟ ଦେଲୁ । ଜାଣିଛୁରେ ଶଳା; କାଲିଠାରୁ ମୁଁ ତା' ପିଛା ଧରିଛି । ପଚ୍ଚରି ବୁଝ–ଗତି ସାତଟାରେ ଗଂଜା କିଣେଇଛି–ଗତିରେ ଗଂଜା ମିଳେ କିରେ ଶଳା ? ଗତି ଆଠଟାରେ ମଦ କିଣେଇଛି । କାଳେ ଗାଡ଼ି ଫେଲହେବ ସେଥିପାଇଁ ଇଂଜିନରେ ନିଆଁ ଲଗେଇ ଗାଡ଼ି ଠିଆ କରି ରଖେଇଥିଲି । ଖାଲି କ'ଣ ସେତିକି–ଟିକେଟ ବି କରେଇ ଦେଇନି । କହୁନ କାହିଁକିରେ ଶଳାମାନେ–ସତ କି ମିଛ ? ଏମାନେ ମୋ କଥା ବିଶ୍ବାସ କରୁ ନାହାନ୍ତି । ମୁଁ କୁଆଡ଼େ ମାତାଲ–ପାଗଲ; ଗଂଜୋଡ଼ । ଏକଥା ଶୁଣି ଆଗନ୍ତୁକ ଯୁବକ ଦ୍ବୟ ଅନର୍ଗଳ ଅଶ୍ରୁତର୍ପଣ କରିବାକୁ ଲଗିଲେ ।

ସେମାନଙ୍କୁ ଲକ୍ଷ୍ୟକରି ବାବା ପୁଣି କହିବାକୁ ଲଗିଲେ– "ତମେ ଶଳେ ତ କ'ଣ ତାଳଗଛପରି ଠିଆ ହୋଇ ରହିଲ, କହନା ଦେଖି ସତ କି ମିଛ ?" ବ୍ରହ୍ମଚ୍ଚରୀଙ୍କ ଇଙ୍ଗିତରେ ସେମାନେ ସେଠାରେ ଉପବେଶନ କରି ଶୋକ ବିହ୍ବଳ ଗଦ୍‌ଗଦ୍ କଣ୍ଠରେ ଉତ୍ତର ଦେଲେ– "ଅକ୍ଷରେ ଅକ୍ଷରେ ସତ୍ୟ, ବାବା ।" ତାପରେ ବ୍ରହ୍ମଚ୍ଚରୀ ଚୁପ୍‌କରି କାନରେ କହିଦେଲେ– "କିଛିକ୍ଷଣ ଚୁପ୍‌କରି ବସ; ଆଜି ଅନେକ କିଛି ବିଭୁତି ଦେଖିବାକୁ ପାଇବ । ଗାଳିଗୁଲଜ ଶୁଣି ଯେପରି ଅଭିମାନ ବା ଗଜ ନ କର । ବର୍ତ୍ତମାନ ବାବାଙ୍କର ବାଳକଭବ । ଆଉ ତା'ଛଡ଼ା–କୃପାମୟଙ୍କର ଯାହା ଉପରେ ବେଶୀ କୃପା–ତାକୁହିଁ ବେଶୀ ଗାଳି ମିଳେ ।

କ୍ରମଶଃ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କର "ଆଗମନରେ ଭରପୁର ହୋଇ ଉଠିଲା ଶିମୁଳି ତଳ । ବାବା ଜଣେ ଭକ୍ତକୁ ଚ୍ଚହିଁ କହିଲେ–"ଆରେ

ନିମେ,ଏମାନଙ୍କୁ ଟିକେ ଘ୍ୟଷା-ଦେ । ଏମାନେ ତ ଆଉ ତୋ ପରି ଗଂଜୋଡ ନୁହନ୍ତି । ମତେ ବି ଟିକେ ଦେ ।" ଯୁବକ ଦୁଇଜଣଙ୍କୁ ବ୍ରହ୍ମଚାରୀ ଜଣେ ପଣ୍ଡାଙ୍କ ଘରେ ଘ୍ରଷ୍ଟ ଖୁଆଇ ଆଣିଲେ । କିଛିକ୍ଷଣ ପରେ ସେମାନେ ଫେରି ଆସି ବାବାଙ୍କର ସାମ୍ନାରେ ଚୁପ୍‌ଚାପ୍ ବସିରହିଲେ । ସେତିକିବେଳେ ଦରଭଙ୍ଗା ମହାରାଜାଙ୍କ ମ୍ୟାନେଜରର ଝୁଡ଼ିଏ ଦରବେଶ ଓ ଝୁଡ଼ିଏ ସନ୍ଦେଶ ଆଣି ବାବାଙ୍କ ପାଦ ପାଖରେ ରଖି ପ୍ରଣାମ କଲେ । ବ୍ରହ୍ମଚାରୀ ସମସ୍ତଙ୍କୁ ମିଷ୍ଟାନ୍ନ ବିତରଣ କଲେ । ସହସା ବାବା ଲାହିଡ଼ୀ ମହାଶୟଙ୍କୁ ଲକ୍ଷ୍ୟ କରି ପ୍ରଶ୍ନ କଲେ– "ତୁ ଶଳା, ବ୍ୟାଗ ଭିତରେ ଗଞ୍ଜେଇ ଲୁଚେଇ ରଖିଛୁ କାହିଁକି ? ଶୀଘ୍ର ବାହାର କରିଦେ, ତାରା ମା'ର ପୂଜା କରିବି ।" ଲାହଡୀ-ମହାଶୟ ଜିଭ କାମୁଡ଼ି ପକେଇ– ବ୍ୟାଗ ଭିତରୁ ଗଞ୍ଜେଇ ପୁଟୁଳିଟି କାଢି ଆନନ୍ଦ ସହକାରେ ବାବାଙ୍କ ହାତକୁ ବଢ଼େଇଦେଲେ । ଉପସ୍ଥିତ ସମସ୍ତଙ୍କୁ ଦେଖେଇ ବାବା କହିଲେ– "ତମେ ଶଳେ ଏ ରକମ ଜଟା କେବେ ଦେଖିଛ ? ଯେପରି ଭୋଳାନାଥଙ୍କ ଜଟା ।" ବ୍ରହ୍ମଚାରୀ-ଚିଲମ ସଜାଡ଼ି ଦେଲେ । ବଂ ବଂ ଭୋଳାନାଥ କହି--ଆଖି ପିଛୁଡ଼ାକେ ସବୁତକ ଟାଣିନେଲେ ଭୋଳାନାଥ । ପ୍ରାୟ ଅଧଘଣ୍ଟାଏ ପରେ ବ୍ରହ୍ମଚାରୀ ବାବାଙ୍କୁ କହିଲେ– "ଏଥର ଉଠନ୍ତୁ । ତାରା ମା'ର ପାଦରେ ଫୁଲ ଚଢ଼େଇବାକୁ ହେବ ।" "ହଁ ବାବା–ତୁମେମାନେ ମୋତେ ଟେକିଧର ।" ପ୍ରାୟ ୭।୮ ଜଣ ବାବାଙ୍କୁ ଟୋଳି ଧରିବାକୁ ଯାଇ ଝାଳନାଳ ହୋଇଗଲେ–ଯେପରି କୋଡ଼ିଏ ମହଣର ପଥର । ଅତି କଷ୍ଟରେ ଧରାଧରି କରି ମହାସାଧକଙ୍କୁ ନିଆଗଲା– ତାରା ମା'ର ଶିଳାମୟୀ ଶ୍ରୀପାଦପଦ୍ମ ନିକଟକୁ । ଛୋଟ ଗୋଟିଏ ଶିଶୁପରି ମା' ମା' ଶବ୍ଦରେ ମନ୍ଦିର-ଚତ୍ୱର ପ୍ରକମ୍ପିତ କରି, ଟୋଳି ଧରିଲେ ଅଞ୍ଜଳି ଭରା ଜବାକୁସୁମ । ସ୍ୱତଃ ଅଶ୍ରୁଦ୍ୱୟରୁ ନିର୍ଗତ ହେଲେ ଗଙ୍ଗା–ଯମୁନା । ସିକ୍ତ ହେଲା କୁସୁମ ସଂକାଶ । "ନେ-ବେଟୀ-ନେ" ବୋଲି ଅର୍ପଣ କଲେ ମା-କୋଳର କ୍ଷେପା ବାଳକସରଳ ଶିଶୁ ସୁଲଭ ଦାବୀରେ । ନାଁ ଅଛି ମନ୍ତ୍ର, ନାଁ ଅଛି ତନ୍ତ୍ର । କେବଳ ସ୍ନେହ, ଶ୍ରଦ୍ଧା ଓ ସରଳତାର ସମାବେଶ । ଆଉ ପବିତ୍ର ମାତୃରବରେ ପୂର୍ଣ୍ଣହେଲା ଅର୍ଘ୍ୟ । କିନ୍ତୁ ସେଦିନର ସେହି ଶାନ୍ତ ଗମ୍ଭୀର ପରିବେଶରେ ସିଦ୍ଧ ମହାସାଧକ କ୍ଷେପା ବାବାଙ୍କର ଅନାଡ଼ମ୍ବର ପୂଜାଦେଖି ଉପସ୍ଥିତ ଜନତା ଆଖିରୁ ଝରିଥିଲା ପ୍ରେମର ଅଶ୍ରୁ । ପୁଣି

ସମସ୍ତେ ଧରାଧରି କରି ନେଇ ଆସିଲେ ମହାସାଧକଙ୍କୁ ଶିମୁଳି ତଳର ନିଜ ଆସନକୁ । ହଠାତ୍ କଟିଗଲା ଭାବର ଆଚ୍ଛନ୍ନ । ନିଜ ସତ୍ତାକୁ ଫେରି ଆସି ମହାସାଧକ ବ୍ରହ୍ମଚାରୀଙ୍କୁ ଚାହିଁ କହିଲେ—"ଆଜି ମେଳାର ଦିନ, ମା'ର ପୂଜା । ଭାରି ମନ ହେଉଛି, ଭାତ, ମାଛଭଜା ଓ ମାଛ ଝୋଳ ଖାଇବାକୁ । ସେଇଆ କର । ବେଟୀର ପୂଜା କରିବି ।" ସେତେବେଳକୁ ବେଳା ପ୍ରାୟ ୧୧ଟା । ବ୍ରହ୍ମଚାରୀ କହିଲେ—"ଏତେବେଳେ—ଏହି ଶ୍ମଶାନ ମଝିରେ ମାଛ କେଉଁଠୁ ପାଇବି ?" "ଖୋଜି ଦେଖନାରେ ଶଳା; ଇଚ୍ଛା ଯେତେବେଳେ ହେଉଛି ଆଜି ଖାଇବାକୁ ହେବ ।" ତା'ପରେ ଆଗନ୍ତୁକ ଯୁବକ ଦୁଇଜଣଙ୍କୁ ଉଦ୍ଦେଶ୍ୟ କରି କହିଲେ—"ତମେ ଶଳେ ଏଠି ଚୁପ୍ କରି ବସିଛ କ'ଣ ? ମନ୍ଦିରର ପଛପଟେ ଯାଇ ଅନୁସନ୍ଧାନ କରତ—ମାଛ ମିଳିବକି କ'ଣ ।" ବାବାଙ୍କର ଆଦେଶ ଶିରୋଧାର୍ଯ୍ୟ କରି ଆଗେଇ ଚାଲିଲେ ଭଟ୍ଟାଚାର୍ଯ୍ୟ ଓ ଲାହିଡୀ ମହାଶୟ । ମନ୍ଦିରର ଦକ୍ଷିଣ ପଟେ ସରୁ ଏକ ଚଲା ପଥ । ପଥର ଦୁଇ ପଟେ ଦୁଇ ଚାରିଜଣ ପୂଜକଙ୍କର ଜୀର୍ଣ୍ଣ କୁଟୀର । ଆଗକୁ ତାରମା'ର ପୁଷ୍କରିଣୀ । ଚାରିଆଡେ ଅନାବନା ଗଛ ଓ ସିଜୁ କଣ୍ଟାର ଜଙ୍ଗଲ । କିଛି ଦୂରରେ କ୍ଷୁଦ୍ରପଲ୍ଲୀ କୁମାରପଡ଼ା । ମନ୍ଦିରର ମୁଖଶାଳା ଉତ୍ତରଦିଗକୁ ଓ ପଶ୍ଚାତଭାଗ ଦକ୍ଷିଣ ଦିଗକୁ । ଭଗବତୀ ତାରିଣୀଦେବୀ ଉତ୍ତରମୁଖୀ । ଏହାର ସଠିକ୍ କାରଣ ଅଜ୍ଞାତ । ମନେହୁଏ ଉତ୍ତରମେରୁଠାରୁ ତାରିଣୀ ଦେବୀର ପୂଜା ଅକ୍ଷୋଭ୍ୟ ଋଷିଙ୍କଦ୍ୱାରା ପ୍ରଚାରିତ ହୋଇଥିଲା ବୋଲି ମା' ଉତ୍ତରକୁ ମୁଖ କରି ଦଣ୍ଡାୟମାନ । ଆଉ ଏକ କାରଣ ହୋଇପାରେ ଦେବାଦିଦେବ ମହାଦେବ ଅର୍ଦ୍ଧନାରୀଶ୍ୱର ଅର୍ଥାତ ବାମ ଅଙ୍ଗେ ପ୍ରକୃତି ଓ ଦକ୍ଷିଣଅଂଗେ ପୁରୁଷ । ଏହି ଦେବାଦିଦେବ ମହାଦେବ ହିଁ ଭଗବତୀ ତାରିଣୀ ଦେବୀ । ଆଦିକାଳରୁ ମାତାର'ର ବୀଜମନ୍ତ୍ର ଓ ପୂଜାକ୍ରମ ପରମ ପୁରୁଷ ଭାବରେ ଅର୍ଚ୍ଚିତ ହେଉଥିଲା । କିନ୍ତୁ ଏହି ବୀଜମନ୍ତ୍ର ସାଧନାରେ ସିଦ୍ଧି ଲାଭ ନ ହେବାରୁ ବଶିଷ୍ଠ ମୁନି ବ୍ରହ୍ମବୀଜକୁ କଲେ ଅଭିସମ୍ପାତ— ଅର୍ଥାତ କେହି କେତେବେଳେ ହେଲେ ଏହି ବୀଜ ମନ୍ତ୍ରରେ ସିଦ୍ଧିଲାଭ କରି ପାରିବନାହିଁ । ପରେ ବୁଦ୍ଧ ଜନାର୍ଦ୍ଦନ ଏହି ବୀଜକୁ ସଂସ୍କାର କରି ଅଭିସମ୍ପାତରୁ ମୁକ୍ତ କରିଥିଲେ । ସେହିଦିନଠାରୁ

ତାରିଣୀଦେବୀ ପ୍ରକୃତିରୂପେ ପୂଜିତା ହୋଇ ଆସୁଛନ୍ତି । ଦେବାଦିଦେବ ମହାଦେବଙ୍କର ଆବାସସ୍ଥଳୀ ପବିତ୍ର କୈଳାସଧାମ । ତାହା ପବିତ୍ର ଭରତ ବର୍ଷର ଉତ୍ତର ଦିଗରେ ଅବସ୍ଥିତ । ସେହି କାରଣରୁ ହୁଏତ ଦେବୀଙ୍କ ମୁଖ ଉତ୍ତରକୁ ।

ମତ୍ସ୍ୟ ଅନ୍ୱେଷଣରେ ବହୁ ପଥ ଅତିକ୍ରମ କରି ଯୁବକ ଦୁଇଜଣ ମାଛର ଚିହ୍ନବର୍ଣ୍ଣ ନ ଦେଖି ହତାଶରେ ଫେରିବାକୁ ଭାବୁଛନ୍ତି– ଠିକ୍ ଏହି ସମୟରେ ଦୃଷ୍ଟି ପଡ଼ିଲା ଅଦୂରରେ ଏକ ଆଗନ୍ତୁକା ଲାସ୍ୟମୟୀ ତରୁଣୀ ଉପରେ । ବୟସ ଖୁବ୍ ଜୋର ଉଣିଶ, କୋଡ଼ିଏ । କୃଷ୍ଣବର୍ଣ୍ଣ, ଫୁଟନ୍ତ ଯୌବନା, ହୃଷ୍ଟପୁଷ୍ଟ ଅଙ୍ଗଲତା । ମଥା ଉପରେ ଖଣ୍ଡିଏ ଚଉଡା ପଟା; ଆଉ ତା' ଉପରେ ବିଗଟ ଏକ ଜିଅନ୍ତା ଶେହୀ ମାଛ । ଯୁବତୀର ମୁଖମଣ୍ଡଳ ଶାନ୍ତ, ଗମ୍ଭୀର ଓ ଭାବପୂର୍ଣ୍ଣ । ଯୁକ୍ତ ଭ୍ରୂଯୁଗଳ ଧନୁପରି ବକ୍ର । ଆୟତ ଲୋଚନଦ୍ୱୟ ଉଜ୍ଜଳ ଓ ସୁତୀକ୍ଷ୍ଣ । ତୀଳଫୁଲ ପରି ନାସିକା । ଘନକୃଷ୍ଣ କୁଞ୍ଚିତ କେଶଦାମ ଆଲୁଳାୟିତ– ବକ୍ଷସ୍ଥଳ ଓ ପଶ୍ଚାତ ଦେଶରେ ବିସ୍ତୃତ । କପାଳ ଓ ସିନ୍ଥିରେ ଉଜ୍ଜ୍ୱଳ ସିନ୍ଦୂର ବିନ୍ଦୁ– ସତେ ଯେମିତି ଜବାକୁସୁମ ସଂକାଶ– ବାଳରବି । ମାଛବିକାଳୀ ଯୁବତୀ ପାଖକୁ ଲାଗି ଆସିବାରୁ ଯୁବକ ଦୁଇଜଣ ଅବାକ ହୋଇ ବାଟଭାଙ୍ଗି ଠିଆହେଲେ । କିନ୍ତୁ ଚାରିଟିଯାକ ଚକ୍ଷୁ ଅପଲକ ଭାବରେ ଚାହିଁ ରହିଥାନ୍ତି ସେହି ଅପରୂପା କେଉଟ ଝିଅକୁ । ସହସା ବାଟ କଟାଇ ଚାଲିଗଲାବେଳକୁ ମାଛଟି ଲାଞ୍ଜ ପିଟି ଡେଇଁଲା ତଳକୁ ଆଉ ସେ ଯେତେବେଳେ ନଇଁପଡ଼ି ମାଛଟିକୁ ଉଠେଇବାକୁ ଯାଏ– ଲାହିଡୀ ମହାଶୟ ପ୍ରଶ୍ନ କଲେ– "ମାଛଟା ବିକ୍ରୀ କରିବ କି ? ଯୁବତୀଟି ତାଙ୍କ ଆଡକୁ ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପ କରି ତଡ଼ିତ ବେଗରେ ଓ ବୀଣାଜିଣା କଣ୍ଠରେ ଉତ୍ତର ଦେଲା–"ବିକ୍ରୀ କରିବି ନିତ ଆଉ କ'ଣ ଘରକୁ ଫେରେଇ ନେବି ?"

ଲାହିଡୀ ମହାଶୟ–"କେତେ ଦାମ୍ ?"

ଯୁବତୀ–"ଏକ ଟଙ୍କା ।"

ଲହିଡ଼ୀ ମହାଶୟ ପକେଟରୁ କାଢି ଟଙ୍କାଟିଏ ବଢେଇ ଦେବା ସଙ୍ଗେ ସଙ୍ଗେ ଯୁବତୀ ଆଖି ପିଛୁଳାକେ ହେଲା ଅନ୍ତର୍ଦ୍ଧାନ । ମାଛଟି ମାଟିରେ ପଡ଼ି ଛଟ୍‌ପଟ୍ ହେବାକୁ ଲଗିଲା । ଆଉ ଯୁବତୀ ଅଦୃଶ୍ୟ ହେବା ସଙ୍ଗେ ସଙ୍ଗେ ସେମାନେ ଯେପରି ହରେଇ ବସିଲେ ସମସ୍ତ ଶକ୍ତି । ତଡ଼ିତ ପରି ସର୍ବାଙ୍ଗରେ ଖେଳିଗଲା ଏକ ଅପୂର୍ବ ସିହରଣ । କିଏ ଏହି ଆଶ୍ଚର୍ଯ୍ୟମୟୀ ମୋହିନୀ କନ୍ୟା ? ମାଛ ବିକିବାକୁ ଆସି ଭଣ୍ଡିଦେଇ ଗ୍ଲଲିଗଲା । ସମସ୍ତଶକ୍ତି ସଞ୍ଚୟ କରି– 'ମା-ମା ବୋଲି ଡ଼ାକି ଗୁରିଆଡ଼େ ଦୌଡା ଦୌଡ଼ି କରି ଖୋଜିବାକୁ ଲଗିଲେ ଉଭୟେ । ବୁକୁଫଟା କାନ୍ଦଣାରେ ଭରି ଗଲା ଦିଗ୍‌ବିଦିଗ । ସିଜୁକଣ୍ଟା ବଣରେ ଦଉଡ଼ି ଦଉଡ଼ି କ୍ଷତ-ବିକ୍ଷତ ହେଲା ଅଙ୍ଗପ୍ରତ୍ୟଙ୍ଗ । ଅନ୍ତର ଫଟା କାନ୍ଦଣାର ସଙ୍ଗେ ଉଭୟେ କହିବାକୁ ଲଗିଲେ–"ମାଗୋ, କୃପାମୟୀ ! ଆଉ ଥରଟିଏ ଖାଲି କୃପାକରି ଆ'ମା । ମାଛ ଦରକାର ନାହିଁ । ଖାଲି ତୋତେ ଟିକେ ମନ ପୁରେଇ ଦେଖିବୁ ଗୋ ମା । ନୟନ ହେବ ସାର୍ଥକ । ଜୀବନ ହେବ ଧନ୍ୟ, କୃତ, କୃତାର୍ଥ ।" କିନ୍ତୁ ହାୟ ! ସବୁ ବୃଥା । ଯିଏ ଲୁଚ୍‌କାଳୀ ଖେଳରେ ଓସ୍ତାତ୍–ତା ଇଚ୍ଛା ନ ହେଲେ ତାକୁ ଧରିବା କ'ଣ ସମ୍ଭବ ?

ଦୀର୍ଘ ଏକଘଣ୍ଟା ଧରି ଅନ୍ୱେଷଣ କରିବା ପରେ କିଛି ସନ୍ଧାନ ନପାଇ, ଭଗ୍ନହୃଦୟ ଓ ଶୋକାକୁଳ ମନ ନେଇ ଭଗ୍ୟବାନ ଯୁବକ ଦ୍ୱୟ ଅତି କଷ୍ଟରେ ମାଛଟି ବୋହି ନେଇ ମହାଶ୍ମଶାନ ମଧ୍ୟରେ ଉପବିଷ୍ଟ ମହା ଭୈରବଙ୍କ ପାଦତଳେ ଭେଟିଦେଲେ । ସେମାନଙ୍କ ଚକ୍ଷୁ ଓ ମୁଖର ଅବସ୍ଥା ଦେଖି ବ୍ରହ୍ମଗ୍ଦରୀ କହିଲେ–"ବୋହି ଆଣିବାକୁ ଆପଣଙ୍କୁ ବହୁତ କଷ୍ଟ ହୋଇଛି ନା ? ମୋତେ ଟିକେ ଖବର ଦେଲେନି କିଆଁ ?" କିଛି ଉତ୍ତର ଦେଇ ପାରିଲେନି ଯୁବକଦ୍ୱୟ । "କେତେ ଦାମ୍ ନେଇଛି" ? ଜିଜ୍ଞାସା କଲେ ବ୍ରହ୍ମଗ୍ଦରୀ । ମୃଦୁ କଣ୍ଠରେ ଉତ୍ତର ଦେଲେ ଲହିଡୀ ମହାଶୟ– "ଏକଟଙ୍କା।" "ବାଃ, ଖୁବ୍ ଶସ୍ତା ହୋଇଛି । ମାଛଟା ପ୍ରାୟ ଦଶସେର ହେବ ।"–ଏତିକି କହି ବ୍ରହ୍ମଗ୍ଦରୀ ମାଛଟି ନେଇ ଭେଗ ରନ୍ଧିବା ଯୋଗାଡରେ ଲଗିଗଲେ ।

ମୃଦୁହସି ଖେପାବାବା ପଗ୍ଦରିଲେ–"ମାଛର ଦାମ୍ ଦେଇଛୁ ତ ?"

ଲହିଡ଼ୀ ମହାଶୟ—"ହଁ-ଆଜ୍ଞା" ।

କ୍ଷେପା ବାବା—"ତୁ ଶଳା ତ ଗୋଟାଏ ଛେଳି, ତୋ ପ୍ରାଣଟା ଖୁବ୍ ଜୋରରେ ଛଟପଟ କରୁଛି ନା ?"

ଅତି କଷ୍ଟରେ ଗଦ୍‌ଗଦ୍ କଣ୍ଠରେ ଉତ୍ତର ଦେଲେ ଲହିଡ଼ୀ ମହାଶୟ—"ଯାହା ଶକ୍ତି—ଶେଳ ନିକ୍ଷେପ କରୁଛନ୍ତି ନା—ସହ୍ୟ କରି ପାରିଲେ ସିନା ?"

କ୍ଷେପାବାବା—"ସହ୍ୟ କରିବୁନି ତ କ'ଣ କରିବୁରେ ଶଳା । ଯେଉଁ ବାସ୍ତବ କାମନା ନେଇ ଆସିଥିଲୁ ସେ କାମନା ତୋର କେତେବେଳେ ହେଲେ ପୂର୍ଣ୍ଣ ହେବନି । ନିଷ୍କାମ ଭାବେ ମା'କୁ ଡାକ । ତା ଦ୍ୱାରା ତୋର ମଙ୍ଗଳ ହେବ । କେତେବେଳେ କିଛି ଅଭାବ ହେବନି । ମା'ପରା, ସନ୍ତାନବତ୍ସଳା, ମଙ୍ଗଳମୟୀ !"

× × ×

ତା'ପରେ କ୍ଷେପା ବାବାର ପ୍ରସାଦ— ମାଛଭଜା, ଝୋଳ ଓ ଭାତ ଖାଇ ଭଟ୍ଟାଚାର୍ଯ୍ୟ ଓ ଲହିଡ଼ୀ ମହାଶୟ— ଭକ୍ତିଭରେ ବାବାଙ୍କର ପାଦତଳେ ପ୍ରଣାମ କରି ବିଦାୟ ନେଲେ । ଫେରନ୍ତା ଟ୍ରେନ୍‌ରେ ବସି ଆନମନାଭାବେ ଭାବି ଚାଲିଥାନ୍ତି ଲହିଡ଼ୀ ମହାଶୟ— "କିଏ ଏଇ କୃପାମୟ-କରୁଣା ଘନ ଅବତାର-ପରମପୁରୁଷ, ଯାହାର ଅହେତୁକୀ କୃପା ମୋ ପରି ନରାଧମ-ପାଷାଣ୍ଡ ଦୀନହୀନ ଉପରେ ଅବାରିତ ଧାରାରେ ଝରିପଡ଼ୁଛି ?" ଆଉ ଭାବନାର ସାଙ୍ଗେ ତାଳ ଦେଇ ଦୁଇକୂଳ ପ୍ଲାବନ କରି ବହିଯାଉଥାଏ ଝର ଝର ଅଶ୍ରୁଧାର । ସେ ଅଶ୍ରୁ ଆନନ୍ଦର !

ପ୍ରିୟ ବିରହ ବିଚ୍ଛେଦର ! !

ଭୁଲ

ଆଉ ତା'ର କିଛିବର୍ଷ ପୂର୍ବେ ...। ନିଝୁମ୍ ନିଶୀଥ ଏକ ରାତ୍ରି । ନାଟୋରର ରାଜପ୍ରସାଦ । ଗଜଦନ୍ତ ପଲଙ୍କ କୋଳରେ ରାଣୀ ଅନ୍ନଦା ସୁନ୍ଦରୀ ଗଭୀର ନିଦ୍ରାଭିଭୂତା । ସହସା ଏକ ଦୁଃସ୍ୱପ୍ନ ଦେଖି ତାଙ୍କର ନିଦ୍ରା ଭଗ୍ନହେଲା । ଭୟରେ ବିହ୍ୱଳ ହୋଇ ଉଠି ବସିଲେ ପଲଙ୍କ ଉପରେ । ଏକି ଭୟଙ୍କର କଥା ! ତାରାପୀଠର ଅଧିଷ୍ଠାତ୍ରୀ ଦେବୀ— ମା'ତାରା— ଆଜିକୁ ଚାରିଦିନ ହେଲା ଉପବାସୀ !

ସ୍ୱପ୍ନଯୋଗେ ଦେବୀ ଏଇମାତ୍ର ତାଙ୍କ ସମ୍ମୁଖରେ ଆବିର୍ଭୂତା ହୋଇଥିଲେ । ମୁଖମଣ୍ଡଳରେ ବିଷାଦ ଚିହ୍ନ ସୁସ୍ପଷ୍ଟ । ଦେବୀ ସକାତରେ କହିଲେ "ଯୁଗ ଯୁଗଧରି ଏହି ସିଦ୍ଧ-ପୀଠରେ ମୁଁ ବିରାଜମାନା । କିନ୍ତୁ ଏଥର ଏଠାରୁ ବିଦାୟ ନ ନେଇ ଉପାୟ ନାହିଁ । ମନ୍ଦିରର ପୁରୋହିତ ଓ ଦରୋୟାନ ମିଶି ମୋର ପ୍ରାଣାଧିକ ପାଗଳା ପୁଅ "କ୍ଷେପା ବେଟା"କୁ ନିଷ୍ଠୁରଭାବେ ପ୍ରହାର କରିଛନ୍ତି । ଆଉ ସେମାନଙ୍କର ସେହି ଆଘାତ ଲାଗିଛି ମୋ ପିଠିରେ । ଏହି ଦେଖ, ମୋ ପିଠିରେ ରକ୍ତରଂଜିତ ପ୍ରହାରର ଦାଗ । ଆଉ ଏ ପ୍ରହାରର କାରଣ ବା କ'ଣ ? ଅତି ତୁଚ୍ଛ; ମନ୍ଦିର ଅଭ୍ୟନ୍ତରରେ ମୋ ବିଗ୍ରହ ସାମ୍ନାରେ ଭୋଗବଣ୍ଟା ହୋଇଥାଏ । ପାଗଳା ପୁଅଟା ମୋର ବୁଲୁଥାଏ ଆନମନା ହୋଇ ଶ୍ମଶାନ ମଝିରେ । ମୁଁ ତାକୁ ଡାକି କହିଲି— କ୍ଷେପାରେ ଆ' ବାବା ମୋ ସାଙ୍ଗରେ ଖାଇବୁ । ଆଉ ସେଇଥିପାଇଁ ସେ ମନ୍ଦିରରେ ପ୍ରବେଶ କରି ଖାଇବାକୁ ବସିଥିଲା । ଏଇ ତା'ର ଅପରାଧ ! ଆଜକୁ ଚାରିଦିନ ହେଲା ସେମାନେ ମୋର କ୍ଷେପାବେଟାକୁ ପ୍ରସାଦ ଦେଇନାହାନ୍ତି । ଅନାହାରରେ କାନ୍ଦିକାନ୍ଦି ସେ ଘୁରି ବୁଲୁଛି ଶ୍ମଶାନସାରା । ତୁ, କହତ ଦେଖି, ପୁଅ ନ ଖାଇଲେ କ'ଣ ମା' କେବେ ଖାଇପାରେ ? ଆଉ ସେଇଥିପାଇଁ ମୁଁ ମଧ୍ୟ ଉପବାସୀ ।"

ରାଣୀ ସହସା ବେଦନାର୍ତ୍ତ କଣ୍ଠରେ କାନ୍ଦି ଉଠିଲେ । ତାଙ୍କର ବିନୟ ଓ କାକୁତି ମିନତି ଶୁଣି ଦେବୀ କହିଲେ, "ଆଚ୍ଛା, ଠିକ୍ ଅଛି । ମୁଁ ତାରାପୀଠ ଛାଡ଼ି ଯିବନି । କିନ୍ତୁ ଆଜିଠାରୁ ବ୍ୟବସ୍ଥା ଖଂଜିଦେ—ମୋ ଭୋଗ ଆଗରୁ ମୋ ପ୍ରିୟପୁତ୍ର କ୍ଷେପା ଯେପରି ଖାଇବାକୁ ପାଇବ ।" ରାଣୀ ମା'ଙ୍କ ସ୍ୱୀକାରୋକ୍ତି ପରେ ଦେବୀ ହେଲେ ଅନ୍ତର୍ଦ୍ଧାନ ।

ଭୟ ଓ ବିସ୍ମୟରେ ଅବଶିଷ୍ଟ ରାତ୍ରି କଟିଲା ରାଣୀ ଅନ୍ନାଦାସୁନ୍ଦରୀଙ୍କର । ମନରେ ବାରମ୍ବାର ଆଲୋଡନ ସୃଷ୍ଟି କରିବାକୁ ଲାଗିଲା ସ୍ୱପ୍ନ ବୃତ୍ତାନ୍ତ ।" କିଏ—ଏଇ କ୍ଷେପା ? କି ମହାନ ଭାଗ୍ୟବାନ ସାଧକ ସତେ ! ବ୍ରହ୍ମମୟୀ, ଜଗନ୍ମୟୀ, ଚିନ୍ମୟୀ, କରୁଣାମୟୀ ତା'ର ମା'ର ଆଦରର ଦୁଲାଳ । ଅପୂର୍ବ ଐକାନ୍ତିକତା କ୍ଷେପା ସହିତ ଜଗଜ୍ଜନନୀ ତାରିଣୀ ଦେବୀଙ୍କର । ତା' ନ ହେଲେ କି ତା' ପିଠିର ଆଘାତ ଲାଗିଥାନ୍ତା ମା'ର ଦିବ୍ୟ ଅଙ୍ଗରେ ।

ଅତି ପ୍ରତ୍ୟୁଷରୁ ନାଟୋର ରାଜପ୍ରସାଦକୁ ଆହୂତ ହେଲେ ଦେଓ୍ୟାନ ସାହେବ । ଅଶ୍ରୁ ଛଳଛଳ ନେତ୍ରରେ ରାଣୀ ବୟାନ କଲେ ସ୍ୱପ୍ନବୃତ୍ତାନ୍ତ । ଆଉ କହିଲେ— "କେତେ କ୍ଷତି ସହ୍ୟକରି ନାଟୋରର ନିଜସ୍ୱ ମୌଜାର ବିନିମୟରେ ରାଜା ଆସାଦୁଲ୍ଲା ଖାଁର ମୌଜା ତାରାପିଠକୁ ଏହି ରାଜ-ସରକାରରେ ଅନ୍ତର୍ଭୁକ୍ତ କରା ହୋଇଛି । ଏହାର ଏକମାତ୍ର କାରଣ ଯେପରି ଏହି ସିଦ୍ଧପୀଠର କୌଣସି ଅବମାନନା କରାନଯାଏ କି ମା'ର ସେବା ପୂଜାରେ କୌଣସି ବିଘ୍ନ ନ ଘଟେ । ଆଉ ବର୍ତ୍ତମାନ ଆମରି ସେବାପରାଧ ଯୋଗୁ ମା' ମୋର ଆଜିକୁ ଚାରିଦିନ ଯାବତ୍ ଉପବାସୀ !"

ରାଜ ସରକାରଙ୍କ ହୁକୁମ ଓ ନିର୍ଦ୍ଦେଶାଦି ସହ ଦୁଇଜଣ ବିଶିଷ୍ଟ କର୍ମଚାରୀ ଭୋରୁ—ଭୋରୁ ତାରାପୀଠକୁ ପ୍ରେରିତ ହେଲେ । ସଙ୍ଗରେ ଚାଲିଲା ପୂଜା ଓ ଭୋଗର ପ୍ରଚୁର ଉପକରଣ ।

ଦେବୀଙ୍କର ସ୍ୱପ୍ନାଦେଶ ଓ ରାଣୀଙ୍କ ହୁକୁମ ଶୁଣି ତାରାପୀଠର ସକଳେ ବିସ୍ମିତ । ମନ୍ଦିରର ପୁରୋହିତ ଓ ଦରଓ୍ୱାନ ସେହି ଦିନହିଁ

ହେଲେ ଦଣ୍ଡିତ ଓ ବିତାଡ଼ିତ । କିନ୍ତୁ ଏତେ ସବୁ କାଣ୍ଡର ଯିଏ ନାୟକ, କାହାନ୍ତି ସେହି କ୍ଷେପା ବାବା ? ଗଜକର୍ମଚାରୀମାନଙ୍କ ଆଗମନ କଥାଶୁଣି ବାଳକବତ୍ ମହାସାଧକ ଶ୍ମଶାନ ଅଭ୍ୟନ୍ତରରେ ଆତ୍ମଗୋପନ କରିବାକୁ ଲାଗିଲେ । ଆଉ ମନ୍ଦିର ଛାଡ଼ି ଛୁଟି ଆସିଲେ କରୁଣାମୟୀ ମା' ପାଗଳା ପୁଅକୁ ଖୋଜିବାକୁ ।

"ନା—ନା, ଆଉ କେବେ ତୋ ମନ୍ଦିରକୁ ଯିବିନି । ତୁ ପାଷାଣୀ, ତୁ ମାୟାବିନୀ । ଡାକି ହାକି ଆଦର କରି ନେଇ ମୋତେ ମାଡ଼ ଖୁଆଇଲୁ । ଓଃ କି ଯନ୍ତ୍ରଣା ।" ଲୋକ ଚକ୍ଷୁର ଅନ୍ତରାଳରେ ନିର୍ଜନ ଶ୍ମଶାନର ଏକ ପ୍ରାନ୍ତରେ ପଡ଼ି ଛଟ୍ ପଟ୍ ହେଉଛି କ୍ଷେପା, ଆଉ ପାଖରେ ବସି ସ୍ନେହ ବିଗଳିତା ବିଶ୍ୱମାତା କୋମଳ କରପଲ୍ଲବ ବୁଲେଇ ଦେଉଛନ୍ତି ପାଗଳା ପୁଅର ପିଠିରେ; କ୍ଷତସ୍ଥାନରେ ।

"ଅଭିମାନ କରନା ବାବା । ଏମାନେ ଖାଲି ତୋତେ ତ ମାରି ନାହାନ୍ତି ମୋତେ ମଧ୍ୟ ମାରିଛନ୍ତି । ମୁଁ ମଧ୍ୟ ଚାରିଦିନ ହେଲା ଉପବାସୀ ।"

"ସେ କି କଥା ମା, ତୁ ଉପବାସୀ ?" "ହଁ ବାବା, ଏଇ ଦେଖନା, ମୋର ପିଠି ।" "ଆରେ, ମୋ ମା'ର ପିଠିରୁ ରକ୍ତ ଝରୁଛି । ନା—ନା—ମୁଁ ଏହା ସହ୍ୟ କରି ପାରିବିନି । ପ୍ରାୟଶ୍ଚିତ କରିବି—ଜୀବନ ବିନିମୟରେ ।"

"ଆକାଶ, ବତାସ, ବୃକ୍ଷଲତା, ନଦନଦୀ ଜୀବଜନ୍ତୁ ତମେମାନେ ସମସ୍ତେ ଦେଖ—ସନ୍ତାନ ପାଇଁ ମା'ର ପ୍ରାଣରେ କେତେ ବେଦନା, କେତେ କଷ୍ଟ । ଏଇଥି ପାଇଁନା ଶାସ୍ତ୍ର କହେ—

"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।" ମୁଁ ଚାହେଁନା ସ୍ୱର୍ଗ; ଚାହେଁନା ମୋକ୍ଷ, ଚାହେଁନା କୈଳାସ, ବୈକୁଣ୍ଠ ବା ଗୋଲକ । କେବଳ ଚାହେଁ ତୋରି ପ୍ରଣଭରା ଭଲପାଇବା ଓ ତୋରି ଅଭୟ କ୍ରୋଡ଼ରେ ଚରମ ଓ ପରମ ଆଶ୍ରୟ । ମା' ମା ଗୋ !"

ନିମିଷକ ମଧ୍ୟରେ ମା' ମିଳେଇ ଗଲେ ପାଗଳା ପୁଅର ହୃଦୟ ମଧ୍ୟରେ, ହଠାତ୍ ସେହି ଦିଗକୁ ଆସୁଥିବା ଲୋକମାନଙ୍କ କୋଳାହଳ ଶୁଣି ।

ବାସ୍ତବିକ୍-ଜଗତ ଯେତେବେଳେ ହୁଏ ଶାନ୍ତ, ନିରବ-ସେତେବେଳେ ମା'ର ଶାନ୍ତି ପ୍ରଦାୟିନୀ କ୍ରୋଡ଼ରେ ଘୁମେଇ ପଡ଼େ ଅବୋଧ ସନ୍ତାନ । ଆଉ ଯିଏ ଜଗତକୁ ତା'ର ଶାନ୍ତିମୟ କୋଳରେ ଶୁଆଇ ପକାଏ-ସେହିହିଁ ବିଶ୍ୱଜନନୀ-ଋଗ୍‌ବେଦ ତାହାଙ୍କୁହିଁ କହେ "ରାତ୍ରି" । ଏହି ରାତ୍ରିହିଁ ମା' ଭୁବନେଶ୍ୱରୀ । ଆଉ ଯେଉଁଠି ଜୀବ ଶୟନ କରେ, ବିଶ୍ରାମ କରେ ସେହିହିଁ ଶିବ-ସକଳ ଶାନ୍ତିର ଆଧାର । ଭଗବତ କହନ୍ତି-"ପ୍ରକୃତି, ପୁରୁଷ ଓ କାଳ-ଏମାନେ ବ୍ରହ୍ମରରୂପ ।" ପ୍ରକୃତି ବ୍ରହ୍ମଶକ୍ତି । ପୁରୁଷ ଓ କାଳ ତା'ର ଅବସ୍ଥା । ପ୍ରକୃତି ସ୍ୱଭବ; କାଳ, ନିୟତି ସ୍ୱରୂପତଃ ଏକଇ ପଦାର୍ଥ । ଅତଏବ କାଳହିଁ ବ୍ରହ୍ମ, କାଳହିଁ ଶକ୍ତି, କାଳହିଁ ପ୍ରକୃତି ବା ଚିନ୍ମୟୀ ରାତ୍ରି । ଏହି କାଳହିଁ ବିଶ୍ୱର ଜନନୀ । ତେଣୁ ମା'ର ଅନ୍ୟନାମ "ମହାକାଳୀ" ।

ରାଜକର୍ମଚାରୀ ଦ୍ୱୟ ଜୋଡ଼ହସ୍ତ ହୋଇ ନାଟୋର ରାଜସରକାର ତରଫରୁ କ୍ଷେପାବାବାଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ । ସେହି ଦିନଠାରୁ କ୍ଷେପାବାବାଙ୍କ ଉପରେ ନ୍ୟସ୍ତ ହେଲା ତାରାମା' ମନ୍ଦିରର ସମସ୍ତଭାର । କ୍ଷେପା ବେଟା ହେଲା ତାରାମା'ର ପ୍ରଧାନ କୌଳପଦରେ ଅଭିଷିକ୍ତ । ଆଉ ଜଣେ ନୂତନ ପୁରୋହିତ ନିଯୁକ୍ତ ହେଲେ କ୍ଷେପାବାବାଙ୍କୁ ସାହାଯ୍ୟ କରିବା ନିମନ୍ତେ । ସ୍ଥାୟୀ ନିର୍ଦ୍ଦେଶ ରହିଲା-ବର୍ତ୍ତମାନଠାରୁ ମା'ର ଭୋଗ ଆଗରୁ କ୍ଷେପା'ର ଭୋଗ ହେବ । ଆଜି ମଧ୍ୟ ଏହି ବ୍ୟବସ୍ଥା ପ୍ରଚଳିତ । କ୍ଷେପା ବାବା କିନ୍ତୁ ନିର୍ବିକାର । ଏସବୁ ବ୍ୟବସ୍ଥାରେ ସେ ଆନନ୍ଦିତ ବା ଦୁଃଖିତ ହେବାର ଦେଖାଗଲାନି । ତେବେ ସ୍ୱପ୍ନବୃତାନ୍ତ ଶୁଣି-ତାଙ୍କର ଚକ୍ଷୁଦ୍ୱୟ ଛଳ ଛଳ ହୋଇ ଉଠିଲା ପ୍ରେମାଶ୍ରୁରେ, ମୁଖମଣ୍ଡଳରେ ଫୁଟି ଉଠିଲା ବିସ୍ମୟର ଚିହ୍ନ-"ସତେ, ମା ମୋର କେତେ କରୁଣାମୟୀ । ସ୍ନେହଶୀଳା ! !

ତାପରେ ଆୟୋଜନ ହେଲା ତାରାମା'ର ଷୋଡ଼ଶୋପଚାର ପୂଜା । ରାଣୀମାଙ୍କ ଇଚ୍ଛା କ୍ଷେପାବାବା ନିଜେ ପୂଜା କରିବେ । ଶହ-ଶହ ଦର୍ଶନାର୍ଥୀ ଉପସ୍ଥିତ ହେଲେ ମନ୍ଦିର ଚତ୍ୱରରେ ପାଗଳା ପୁଅର ମାତୃପୂଜା ଦେଖିବାକୁ । ଭାରଭାର ଫୁଲ, ଫଳ ଓ ନାନାଦି ମିଷ୍ଟାନ୍ନ ବ୍ୟଂଜନର ଆୟୋଜନ ଅଚିରେ ସମ୍ପାଦିତ ହେଲା । ନୂତନ ପୂଜାରୀ ପୂଜାର ସମସ୍ତ ଯୋଗାଡ କରି-

କ୍ଷେପାବାବାଙ୍କର ହାତଧରି ନେଇ ଆସିଲ ମନ୍ଦିର ଭିତରେ ମା'ର ସାମ୍ନାକୁ । ଢ଼ୋଲ, ମୃଦଙ୍ଗ, ଘଣ୍ଟ ଘଣ୍ଟା ଓ ସାହାନାଇ ଶବ୍ଦରେ ମୁଖରିତ ହେଲ ମନ୍ଦିର ପ୍ରାଙ୍ଗଣ । ପୂଜାର ଆୟୋଜନ ଦେଖି ବାବା ଆଜି ଭରି ଖୁସି । ଚଟ୍‌କରି ଆସନରେ ବସିପଡ଼ି ହସିହସି ବାବା କହିବାକୁ ଲଗିଲେ—"ବାଃ ବେଟୀର ଆଜି ଭରିମଜ୍ଜା, ପେଟଭରି ଖାଇବ । ତୁତ ବେଟୀ ପାଷାଣୀ, ନିଷ୍ପ୍ରାଣ, ତୁ କ'ଣ ଖାଇବୁ ।" ଆଉ ସାଙ୍ଗେ ସାଙ୍ଗେ କୌଣସି ଦିଗକୁ ଲକ୍ଷ୍ୟ ନକରି ଭୋଗଦ୍ରବ୍ୟ ଉଦରସ୍ଥ କରିବାକୁ ଆରମ୍ଭକଲେ । ଉପସ୍ଥିତ ସକଳେ ଅବାକ୍ ହୋଇ ଦେଖିବାକୁ ଲଗିଲେ— ବାବାଙ୍କର କାଣ୍ଡ । ପେଟଭରି ଖାଇସାରି ବାବା ଏଥର ଉଠି ଠିଆ ହେଲେ—"ଆରେ କାଲଗ୍ରନ୍ଦ କାକା, ଏଥର ବଳିର ବ୍ୟବସ୍ଥା କର । ଆଉ ଡ଼େରି କାହିଁକି ?" ଘାତକ ହାତରୁ ଖଣ୍ଡା ନେଇ ଦୁଇଟି ଫୁଲ ଦେଇ "ଏଇ, କାଲଗ୍ରନ୍ଦ କାକା ଫଟ୍" ବୋଲି ଶେଷ ହେଲ ଖଣ୍ଡାପୂଜା । ତା'ପରେ ଘାତକ ବଳି ଅର୍ପଣ କଲ । ନୂତନ ପୂଜାରୀ କହି ଉଠିଲ— "ବାବାର ସବୁ ଓଲଟା ! ପୂଜା ଆଗରୁ ଭୋଗ ଗ୍ରହଣ, ତା'ପରେ ବଳି ।" "ହଁରେ ଶଳା—ତୁ କ'ଣ ବୁଝିବୁ ସେ କଥା ।"

ପ୍ରକୃତରେ ବାବା ଥିଲେ ପରମଜ୍ଞାନୀ ଓ କାମଜୟୀ । କାମଜୟୀ ଜ୍ଞାନୀ ସାଧକ ଭିନ୍ନ ଚିର ଜାଗ୍ରତ ତାରା ମା'ର ଏ ପ୍ରକାର ପୂଜା କରିବାକୁ କେହି ସାହସୀ ହୋଇ ପାରେନା । ବଳି ପରେ ଆରମ୍ଭ ହେଲ ପୂଜା । "ନେ, ବେଟୀ ଖା, ଖା,"— ଶେଷ ହେଲ ପୂଜା । ଏଥର ପୁଷ୍ପାଞ୍ଜଳି— ଦୁଇ ହାତରେ ଚନ୍ଦନ ଚର୍ଚ୍ଚିତ ରକ୍ତ ଜବା, ବେଲପତ୍ର ଓ ପଦ୍ମପୁଷ୍ପ ନେଇ ଭଗବତୀର ସାମ୍ନାରେ ଠିଆହେଲେ ମହାସାଧକ; ଉଦ୍ଧାର କଲେ ଦେବୀର ଚୌଦପୁରୁଷ । ଚକ୍ଷୁଜଳରେ ଶିକ୍ତ ହେଲ ପୁଷ୍ପ ସମ୍ଭାର । ଦେବୀଙ୍କ ଉପରକୁ ଫୋପାଡ଼ିଦେଇ ସାଧକ ଏଥର କହିବାକୁ ଲଗିଲେ— "ଏଇ ନେ ବେଟୀ, ଫୁଲ ଓ ବେଲପତ୍ର ।"

କିନ୍ତୁ କି ଅଦ୍ଭୁତ ବ୍ୟାପାର । ଗାଳି--ଗୁଲଜ ମନ୍ତ୍ରଦ୍ୱାରା ଅର୍ପିତ ଏହି ପୁଷ୍ପାଞ୍ଜଳି ଶିଳାମୟୀ ଭଗବତୀ ମା'ର ବକ୍ଷସ୍ଥଳରେ ମାଳାକାରେ ସଜ୍ଜିତ । ସକଳେ ଅବାକ୍, ବିସ୍ମିତ, ମୋହିତ, ପୁଲକିତ । ପାଗଳା ପୁଅର ବିଚିତ୍ର

ପୂଜା ଦେଖି ଉପସ୍ଥିତ ସମସ୍ତେ ନୟନ ମନ ସାର୍ଥକ କଲେ । ନିଜକୁ ମନେକଲେ ପରମ ଭାଗ୍ୟବାନ । ଆଉ ମୁହୂର୍ତ୍ତକ ମଧ୍ୟରେ ବାବାଙ୍କର ହେଲା ଭାବ ସମାଧି । ସମାଧି କିନ୍ତୁ ସେଦିନ ଆଉ ଭାଙ୍ଗିଲାନି । ଭାଙ୍ଗିଲା ପରଦିନ ।

× × ×

ନିୟମିତ ଭାବେ ବାବା କିନ୍ତୁ ତାରା ମା'ର ନିତ୍ୟପୂଜା କରନ୍ତିନି । କେଉଁଦିନ ମନହେଲେ ମଝିରେ ମଝିରେ ମନ୍ଦିରକୁ ଆସି ଦୁଇଟି ଫୁଲ କି ବେଲପତ୍ର ମା' ଉପରକୁ ଫୋପାଡ଼ିଦେଇ ବା ନିଜେ ମା'ର ଭୋଗ ଗ୍ରହଣ କରି ପୂଜା ଶେଷ କରନ୍ତି । ହଠାତ୍ କିନ୍ତୁ ସେଦିନ କ'ଣ ଖିଆଲ ହେଲା–ଶିଳାମୟୀ ତାରିଣୀ ମା'ର ସାମ୍ନାରେ ଠିଆ ହୋଇ କ୍ଷେପାପୁଅ ମୂତ୍ର ତ୍ୟାଗ କରି ବସିଲା । ଦେବୀର ପବିତ୍ର ଅଙ୍ଗ ମୂତ୍ରସ୍ପର୍ଶରେ ଅପବିତ୍ର ହୋଇଛି ଦେଖି ଚାରିଦିଗରୁ ଛୁଟି ଆସିଲେ ସେବକଦଳ । କ୍ଷେପା ଉପରେ ସୁରୁ ହେଲା ଛି ଛାକର ଓ ଗାଳିଗୁଲଜ । କିନ୍ତୁ ନିର୍ବିକାର କ୍ଷେପାବାବା ଉତ୍ତର ଦେଲେ– "ବେଶ୍ କରିଛି । ମୁଁ ମୋ ମା ଦେହରେ ମୁତିଲି, ତମର କ'ଣ ଅଛିରେ ଶଳେ !"

ମହା ଅଡୁଆରେ ପଡ଼ିଲେ ସମସ୍ତେ । ବହୁଯୁଗରୁ ଜାଗ୍ରତା ଶିଳାମୟୀ ଭଗବତୀ ମୂତ୍ରସ୍ପର୍ଶରେ ଆଜି ଅପବିତ୍ର । ଫଳାଫଳ କ'ଣ ହେବ କିଏ ଜାଣେ ? ସେହିଦିନହିଁ ଖବର ପହଞ୍ଚିଲା ନାଟୋର ରାଜ ଦରବାରରେ । ଚିନ୍ତିତ ରାଜାସାହେବ ମା'ର ବିଗ୍ରହକୁ ଶୁଦ୍ଧିକରଣ ଓ ପୁନଃ ପ୍ରତିଷ୍ଠା ଉଦ୍ଦେଶ୍ୟରେ କାଶୀଧାମରୁ ପାଞ୍ଚଜଣ ସୁପଣ୍ଡିତ ଆଣିବାର ବ୍ୟବସ୍ଥା କରାଇଲେ ।

କିନ୍ତୁ ଏଥର ମଧ୍ୟ ଆସିଲା ମା'ର ଅନ୍ୟ ଏକ ପ୍ରତ୍ୟାଦେଶ । ଅଚିରେ ରାଜାସାହେବ ସ୍ୱପ୍ନାଦେଶ ପାଇଲେ "ଯଦି ମୋତେ ଶୁଦ୍ଧ କରିବାର ଆୟୋଜନ କର ତେବେ ମୁଁ ଏ ସ୍ଥାନ ତ୍ୟାଗକରି ଚାଲିଯିବି । ଆରେ, ସନ୍ତାନ ତ ମା' କୋଳରେ ସଦାସର୍ବଦା ମଳମୂତ୍ର ତ୍ୟାଗ କରେ, ତାଦ୍ୱାରା କ'ଣ ମା' କେବେ ଅପବିତ୍ର ହୋଇପାରେ" । ରାଜାସାହେବ, ତତ୍କ୍ଷଣାତ

ତାରାପୀଠକୁ ଲୋକ ପଠାଇ ଜଣାଇ ଦେଲେ– "ମା'ର ପୂଜା ପୂର୍ବପରି ଚାଲିବ । କ୍ଷେପାବାବା ଇଚ୍ଛାମୟ ସ୍ୱତନ୍ତ୍ର ପୁରୁଷ, ମାଆର ଆଦରର ଦୁଲାଳ; ତା'ର କୌଣସି ତ୍ରୁଟି ଧରିବାର ଅଧିକାର ଆମର ନାହିଁ । ଏ କ୍ଷେତ୍ରରେ ଦେବୀବିଗ୍ରହ ଅପବିତ୍ର ହେବାର ପ୍ରଶ୍ନ ଉଠେନା । ବିଶେଷକରି ମା' ପୁଅର ଘରୋଇ ବ୍ୟାପାରରେ ଅନ୍ୟ କାହାରି ମଥା ଖେଳାଇବାର ଆବଶ୍ୟକତା ନାହିଁ ।"

ତେବେ ସ୍ୱତଃ ରାଜାସାହେବଙ୍କ ମନରେ ପ୍ରଶ୍ନ ଉଠିଲା– "କିଏ ଏହି କ୍ଷେପା ବାବା ? ଭଗବତୀ ତାରିଣୀ ଦେବୀଙ୍କର ଆଦରର ଧନ । ଇଏତ କେବେହେଲେ ସାଧାରଣ ଲୋକ ହୋଇ ନ ପାରନ୍ତି–ନିଶ୍ଚୟ ଅବତାର ବିଶେଷ ପରମପୁରୁଷ !"

ବାସ୍ତବିକ, ଏହି ପବିତ୍ର ଦେବଭୂମି ଭାରତବର୍ଷରେ ଯେତେବେଳେ ଧର୍ମରେ ଗ୍ଲାନି ଦେଖାଦିଏ,ସେତେବେଳେ ନର ରୂପେ ନାରାୟଣ ଯୁଗେଯୁଗେ ଆଂଶିକ ବା ପୂର୍ଣ୍ଣ ଭାବରେ ପ୍ରକଟ ହୁଅନ୍ତି–ଧର୍ମରକ୍ଷା ନିମନ୍ତେ ।

"ଯଦାଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।।
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।"

(ଗୀତା)

ସେତେବେଳେ ଭାରତର ଭାଗ୍ୟାକାଶରେ ଘୋର ଦୁର୍ଯୋଗର ଘନଘଟା । ବିଦେଶୀ ଓ ବିଧର୍ମୀର ଅତ୍ୟାଚାରରେ ସାରା ଜନସମାଜ ତ୍ରସ୍ତ-ବ୍ୟସ୍ତ । ଶାସକ ସମ୍ପ୍ରଦାୟ ହାତରେ ଅମାନୁଷିକ ନିପୀଡ଼ନ । ଜୋରକରି ଅଥବା ପ୍ରଲୋଭନ ଦେଖାଇ ଧର୍ମାନ୍ତରିତକରଣ, ଧନସମ୍ପତ୍ତିର ଲୁଟ୍‌ପାଟ ଓ ସର୍ବୋପରି ମାତୃଜାତିର ଅବମାନନା କରିବାର ଏକ କଳଙ୍କିତ ସ୍ରୋତ ବହି ଚାଲିଛି ସମଗ୍ର ଜନ-ଜୀବନର ଉପର ଦେଇ । ଏକ ଦିଗରେ ଜମିଦାରର ଉତ୍ପୀଡ଼ନ, ଅନ୍ୟ ଦିଗରେ ଶାସକର ଅତ୍ୟାଚାର । ତା' ସାଙ୍ଗକୁ ଦୁର୍ଭିକ୍ଷ,

ବନ୍ୟା; ମଡ଼କ ଓ ମହାମାରୀର ଆକ୍ରମଣରେ ଦେଶର ମେରୁଦଣ୍ଡ ଭଗ୍ନପ୍ରାୟ । ଘୂରିଆଡ଼େ ବୁଭୁକ୍ଷୁର ହା-ଅନ୍ନ ହା-ଅନ୍ନ ଚିତ୍କାର । ଭରିଗଲା ଦେଶସାରା ନିଃସ୍ୱ-କାଙ୍ଗାଳର ଆର୍ତ୍ତନାଦରେ । ଆଉ ସେହି ଆର୍ତ୍ତନାଦ ଯାଇ ଆଘାତ କଲା ଜଗଜ୍ଜନନୀ ମହାଶକ୍ତିର ବକ୍ଷରେ । ସନ୍ତାନ ଦୁଃଖରେ ଜନନୀ, ରୁଦ୍ରାଣୀର ତୃତୀୟ ନୟନରୁ ପ୍ରବାହିତ ହେଲା ରୋଷବହ୍ନି ।

ଆଉ ଠିକ୍ ସେତିକିବେଳେ ଦେଶମାତୃକାର ଦିଗେ ଦିଗେ ଆବିର୍ଭୂତ ହେଲେ ମହାପୁରୁଷ ଗଣ—ଜୀବକୁ ଶାନ୍ତି ଓ ମଙ୍ଗଳ ପଥରେ ପରିଚାଳିତ କରିବାକୁ— "ଧର୍ମସଂସ୍ଥାପନାର୍ଥାୟ" । ଏମାନଙ୍କ ମଧ୍ୟରେ କାଶୀପୀଠର ସାକ୍ଷାତ ଶିବ ତୈଲଙ୍ଗସ୍ୱାମୀ, ଦକ୍ଷିଣେଶ୍ୱରର ପରମ ପୁରୁଷ ରାମକୃଷ୍ଣ ପରମହଂସ ଓ ତାରାପୀଠର ଭୈରବ ବାମାଚରଣ ପ୍ରାୟ ସମସାମୟିକ ମହାନ୍ ଶକ୍ତିସାଧକତ୍ରୟ ।

ଶିବସ୍ୱରୂପ ତୈଲଙ୍ଗଧର ଅନ୍ନପୂର୍ଣ୍ଣା କ୍ଷେତ୍ରରୁ ଜାତି ଉଦ୍ଦେଶ୍ୟରେ ଦେଲେ ଉଦାତ୍ତ ଆହ୍ୱାନ— "ଧର୍ମବିଦ୍ୱେଷ କରନା । ଆହାର ବ୍ୟବହାରରେ ଧର୍ମହାନି ହୁଏନା । ଭଗବାନ ମନୁଷ୍ୟକୁ ମନୋମତ କରି ତିଆରି କରିଛନ୍ତି ଏବଂ ତା' ମଧ୍ୟରେ ନିଜର ଅନନ୍ତ ଶକ୍ତି ନିୟୋଗ କରି ଜୀବ-ଜଗତର ସେବା କରୁଛନ୍ତି । ଆଜି ତୁମେମାନେ ସେହି ଶକ୍ତିକୁ ଜାଗରିତା କର, ପ୍ରୟୋଗ କର ।"

ଆଉ ଏକଦିଗେ ଗଙ୍ଗାନଦୀ କୂଳରେ ଦକ୍ଷିଣେଶ୍ୱର କାଳୀକା ମନ୍ଦିରରେ ବାଳକ ଗଦାଧର ଅନ୍ତରରେ ଆବିର୍ଭୂତା ହେଲେ ଜଗଜ୍ଜନନୀ ମା' । ତାକୁ ରୂପାନ୍ତରିତ କଲେ ପରମପୁରୁଷ ରାମକୃଷ୍ଣ ରୂପରେ ଓ ନ୍ୟସ୍ତ କଲେ ନୂତନ ଶକ୍ତିମନ୍ତ୍ରରେ ଦୀକ୍ଷିତ କରିବାର ଦାୟିତ୍ୱ । ଆସିଲେ ଦଳଦଳ ହୋଇ ନିତ୍ୟସିଦ୍ଧ ସାଧକଗଣ । ବିଶ୍ୱ ଦରବାରରେ ପ୍ରତିପାଦ୍ୟ ହେଲା ସନାତନ ଧର୍ମ ଓ ସଂସ୍କୃତିର ଚିରନ୍ତନତା । ସ୍ଥାପିତ ହେଲା ମାତୃନିର୍ଦ୍ଦେଶ ।

ଏପଟେ, ଦ୍ୱାରକା ନଦୀ ତୀରର ମହାଶ୍ମଶାନରେ ବସି 'ତାରା'— 'ତାରା' ରବରେ ଗଗନ ପବନ ପ୍ରକମ୍ପିତ କରି ଯେଉଁ ମହାସାଧକ ଲଜ୍ଜିତ,

ପତିତ, ଆର୍ତ୍ତ ଓ ପଦଦଳିତ ମନୁଷ୍ୟ ତଥା ମନୁଷ୍ୟେତର ଜୀବଜଗତକୁ ଅଭୟ ପ୍ରଦାନ କରି ମା'ର ଚିରଶାନ୍ତିମୟ କୋଳକୁ ଆକର୍ଷଣ କଲେ ସେହିହିଁ ବହୁ ବିଶ୍ରୁତ ଶିବସ୍ୱରୂପ; ତନ୍ତ୍ରସିଦ୍ଧ ମହାପୁରୁଷ 'ବାମାକ୍ଷେପା'— "ତାରା ମା'ର ପ୍ରିୟ ପାଗଳା ପୁଅ ।"

ଊନବିଂଶ ଶତାବ୍ଦୀର ଭାରତରେ— ଶକ୍ତିସାଧନାର ଏକ-ଏକ ଅଗ୍ନିଶିଖାରୂପେ ଆବିର୍ଭୂତ ହୋଇଥିଲେ ଏମାନେ, ଏମାନଙ୍କର ଅଗ୍ନିର ଆଲୋକରେ ଉଦ୍ଭାସିତ ହୋଇଉଠିଲା ଦେଶମାତୃକା ।

ଏକ ସଂକଳ୍ପ, ଏକ ଉଦ୍ଦେଶ୍ୟ, ଏକ ସାଧନା ଓ ଏକ ବୀଜମନ୍ତ୍ର ।

ପରାଧୀନ ପଥଭ୍ରଷ୍ଟ ଜାତିର ମୁକ୍ତି । ଅନ୍ଧ ସମାଜ ଓ ପତିତ ସର୍ବହରାର ମୁକ୍ତି । ଜାତିଭେଦ ଓ ବର୍ଣ୍ଣ ବୈଷମ୍ୟ ହାତରୁ ସମାଜର ମୁକ୍ତି ।

ଆଚାର-ବିଚାର ଓ ସଂସ୍କାର ତ୍ୟାଗ କରି ଏକମନ ଓ ଏକତାନରେ ମା'ର ନାମ ଜପ କରିଲେହିଁ ସାଧନ ପଥରେ ସିଦ୍ଧିଯୋଗର ସନ୍ଧାନ ମିଳେ । ଧର୍ମବିଦ୍ୱେଷ ଭୁଲି ମାୟା ଜୟ କରିପାରିଲେହିଁ ଜାଗେ ଚୈତନ୍ୟଶକ୍ତି ଓ ତାରି ଭିତରେ ଦେଖା ମିଳେ ମା'ର ।

ଏହାହିଁ ଥିଲା ସେମାନଙ୍କ ସାଧନାର ମୂଳମନ୍ତ୍ର ।

❋

ତିନି

ତାରା ମା' ମନ୍ଦିର ବେଢ଼ାକୁ ଲଗି ବିସ୍ତୀର୍ଣ୍ଣ ବାଲିଚର, ତାରା ପୀଠର ମହାଶ୍ମଶାନ । ଖରସ୍ରୋତା ଦ୍ୱାରକା ନଦୀ ଅର୍ଦ୍ଧଚନ୍ଦ୍ରାକାରରେ ବେଷ୍ଟନ କରି ରହିଛି ଏହି ମହାଶ୍ମଶାନକୁ । ଏହି ଶ୍ମଶାନହିଁ ଶିବକଳ୍ପ ମହାସାଧକ 'ବାମାକ୍ଷେପା'ଙ୍କର ଘ୍ୱରଣଭୂମି, ତପୋବନ । ଏହି ତପୋବନର ପଟ୍ଟଭୂମି ଉପରେ ଦିନ ପରେ ଦିନ ଫୁଟି ଉଠିଥିଲା ତାରାପୀଠର ମହାକୌଳଙ୍କର ମହାମହିମରୂପ ।

ଅମାବାସ୍ୟାର ଗଭୀର ନିଶି ଘନେଇ ଆସେ ଦ୍ୱାରକା ନଦୀତୀରରେ, ନିବିଡ଼ ଅନ୍ଧକାର ବକ୍ଷଭେଦକରି ଘନଘନ ପ୍ରତିଧ୍ୱନିତ ହୁଏ ଶ୍ୱାନଶୃଗାଳ ମାନଙ୍କର ବୁକୁଫଟା ଚିତ୍କାର । ଚିତାଧୂମ ଓ ପୂତିଗନ୍ଧରେ ଚତୁର୍ଦ୍ଦିଗ ହୁଏ ଆଛନ୍ନ । ସାଧାରଣ ବିଶ୍ୱାସ- ତାରାପୀଠର ମହାଶ୍ମଶାନରେ ଶବଦାହ କଲେ ମୁକ୍ତି କରତଳଗତ, ତେଣୁ ଚିତାଗ୍ନି ଏଠାରେ ନିର୍ବାପିତ ହେବାର ଅବସର ପାଏନା । ତା'ଛଡ଼ା, ଏହି ଶ୍ମଶାନର ପ୍ରଥା ଅନୁସାରେ ଶବକୁ ଚିତାରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଛାଡ଼ିଦିଆଯାଏ; ସେଗୁଡ଼ିକୁ ଟାଣି ଭିଡ଼ି ଉଦରସ୍ଥ କରନ୍ତି ଶକୁନି, ଶ୍ୱାନ ଓ ଶୃଗାଳର ଦଳ । ପୂତିଗନ୍ଧମୟ ପଶୁଶବ ଓ ନରମୁଣ୍ଡ, କଙ୍କାଳ ହାଡରେ ସମଗ୍ର ଅଞ୍ଚଳ ସମାଛନ୍ନ- ଆଉ ତା'ରି ମଧ୍ୟରେ ଶ୍ମଶାନର କେନ୍ଦ୍ରସ୍ଥଳରେ ବଶିଷ୍ଠ ଋଷିଙ୍କ ପଞ୍ଚମୁଣ୍ଡି ଆସନକୁ ବେଷ୍ଟନକରି ଶାୟିତ ବାମାକ୍ଷେପା—ଏହି ଶକ୍ତିପୀଠର ଜୀବନ୍ତ ଭୈରବ ।

କ୍ଷେପାବାବା ସମ୍ପୂର୍ଣ୍ଣ ଦିଗମ୍ବର । କୃଷ୍ଣକାୟ, ବିଶାଳ ବପୁ । ଅଙ୍ଗେ ଅଙ୍ଗେ ଭୀମ ଭୈରବ କାନ୍ତି । ସୁରା ଓ ଗଂଜିକା ପ୍ରସାଦରେ ଆୟତ ଚକ୍ଷୁ ଦୁଇଟି ରକ୍ତ ଜବାପରି । କିନ୍ତୁ ସତ୍ୟାନୁସନ୍ଧିତ୍ସୁ ସାଧକର ଦୃଷ୍ଟିରେ ଧରାପଡେ- ଏହି ଭୀମକାନ୍ତି ଦେହ ଭିତରେ ସତେ ଯେମିତି

ଖେଳିବୁଲୁଛି ଏକ ଦେବଶିଶୁ ଯାହାର ନୟନରୁ ବିଛୁରିତ ହେଉଛି ସ୍ୱର୍ଗୀୟ ଆନନ୍ଦର ଦ୍ୟୁତି ।

ଆଉ କ୍ଷେପାବାବାଙ୍କ କୋଳରେ ଘଷି ହୋଇ ଖେଳି ବୁଲୁଥାନ୍ତି କାଲୁ, ଭୁଲୁ, ଲଲି ଓ ଶ୍ୱେତଫୁଲି ଆଦି ତାଙ୍କର ପ୍ରିୟ ପାର୍ଷଦ ଶ୍ୱାନଗୋଷ୍ଠୀ । ବାବାଙ୍କ ଭକ୍ତମାନେ ଶ୍ମଶାନରେ ଢ଼ାଳି ଦିଅନ୍ତି ଏମାନଙ୍କର ଖାଦ୍ୟ– ସାଙ୍ଗେ ସାଙ୍ଗେ ଆରମ୍ଭ ହୋଇଯାଏ ଚିତ୍କାର ଓ ଦଉଡ଼ା ଦଉଡ଼ି । ଅର୍ଦ୍ଧଦଗ୍ଧ ଶବର ହାଡ-ମାଂସରେ ମଧ୍ୟ ଏମାନଙ୍କର ରୁଚି କମ୍ ନୁହେଁ । ଟଣାଭିଡା ଭିତରେ କେବେ କେମିତି ମାଂସ ଖଣ୍ଡମାନ ଆସି ବାବାଙ୍କ ଆସନ ପାଖରେ ମଧ୍ୟ ପଡ଼ିବାର ଦେଖାଯାଏ । କିନ୍ତୁ ବାବା ଏସବୁରେ ସମ୍ପୂର୍ଣ୍ଣ ନିର୍ବିକାର– ବ୍ରହ୍ମଦର୍ଶୀ ।

ଭକ୍ତ ଓ ଦର୍ଶନାର୍ଥୀଗଣ ଆଖପାଖରେ ଠିଆହୋଇ ପିଶାଚ-ବାଳକବତ୍ ଏହି ବ୍ରହ୍ମବିଦ୍ ମହାପୁରୁଷଙ୍କୁ ଅନାଇଁ ବିସ୍ମିତ ହୁଅନ୍ତି । କେଉଁ ଭାଗ୍ୟବାନ ପ୍ରତି କେବେ କେବେ ପ୍ରସନ୍ନ ହେଲେ ବାବା ମାଗିବସନ୍ତି–"ଆରେ ଶଳା, ମାଲ୍ ଫାଲ୍ କିଛି ଆଣିଛୁ ତ ବାହାର କର । ବେଟୀର ପୂଜା କରିବି ।" ସୁରା ବୋତଲ ବା ଗଞ୍ଜେଇ ପୁଡ଼ିଆଟିଏ ମିଳିଗଲେ ବାବାଙ୍କର ଆନନ୍ଦର ସୀମା ରହେନା । ଖିଆଲୀ ପୁରୁଷଙ୍କର ସବୁକଥା ଦୁର୍ଜ୍ଞେୟ ! ଆଉର ଆଚରଣର କଥା ବୁଝିବା କଠିନ । ହୁଏତ–ସେହି ସଙ୍ଗେ ସଙ୍ଗେ କ'ଣ ମନେହେଲା-ମଦ ଓ ଗଂଜା ଭେଟିଦେବାକୁ ଉଦ୍ୟତ ଅନ୍ୟ ଏକ ବ୍ୟକ୍ତିକୁ ଗାଳିମନ୍ଦ କରି ହାଡ ଖଣ୍ଡେ ଧରି ପିଟିବାକୁ ଉଦ୍ୟତ ।

ତାରମା'ର ଆରତି ଶେଷ ହେଲା । ମନ୍ଦିରର ସେବକ କ୍ଷେପାବାବା-ପାଇଁ ଶ୍ମଶାନ ବାଲି ଉପରେ ପତ୍ରପକାଇ ଭୋଗପ୍ରସାଦ ବାଢ଼ିଦେଇ ଗଲେ ସାଙ୍ଗେ ସାଙ୍ଗେ ଆସି ଜୁଟିଯାନ୍ତି ବାବାଙ୍କର ନିତ୍ୟ ଆହାର ସଙ୍ଗୀ ବାୟସ ଓ କୁକୁର ଦଳ । ଏକା ପତ୍ରରେ କୁକୁରମାନଙ୍କ ସଙ୍ଗେ ମହାନନ୍ଦରେ ଭୋଜନ-ରତ ମହାମାନବ ବାମାକ୍ଷେପା । ସେ ଏକ ଅଭୁତ ଦୃଶ୍ୟ !

ଶବ-ଶିବା-ସାରମେୟ ପରିବୃତ, ଶ୍ମଶାନଗ୍ରଚାରୀ କ୍ଷେପାବାବାଙ୍କର ମହାଜୀବନରେ ନାନା ପ୍ରକାର ବିପରୀତ ଭାବର ସମନ୍ୱୟ ଦେଖାଯାଏ । କେତେବେଳେ ସିଏ ଉନ୍ମାଦ ତ କେତେବେଳେ ବାଳକ ସ୍ୱଭାବ, ଆଉ କେତେ-ବେଳେ ବା ପିଶାଚବତ ଆଚରଣ । କିନ୍ତୁ ଶକ୍ତିଧର ମହାସାଧକଙ୍କର ଅନ୍ତ-ସ୍ଥଳରେ ସର୍ବଦା ପ୍ରବାହିତ ପ୍ରଜ୍ଞା ଓ ପ୍ରେମର ଅନ୍ତଃସଲିଳା ଫଲ୍‌ଗୁଧାରା । ଆଉ ଏହି ସ୍ୱର୍ଗୀୟ ଅମୀୟ ସୁଧା ସମ୍ପଦର ସନ୍ଧାନ ପାଆନ୍ତି କେବଳ ସେହିମାନେ-କ୍ଷେପାବାବାଙ୍କ କୃପାରୁ ଯେଉଁମାନଙ୍କର ଅନ୍ତର୍ଦୃଷ୍ଟି ହୋଇଛି ଉନ୍ମୋଚିତ । ମହାତାନ୍ତ୍ରୀକଙ୍କର ବହିର୍ଜୀବନର ଆଚରଣଟି ତେଣୁ ଅନେକଙ୍କ ପାଖରେ ବିଭ୍ରାନ୍ତିକର ।

କ୍ଷେପାବାବାଙ୍କର ଆବିର୍ଭାବ ଭୂମି ବୀରଭୂମ୍‌ର ଆଧ୍ୟାତ୍ମିକ ଐତିହ୍ୟ ବହୁ ପୁରାତନ । ଏଠାରେ ଏକ ଦିଗରେ ଯେପରି ବହିଗ୍ଲାଲିଛି ବେଗବତୀ ତନ୍ତ୍ରସାଧନାର ଧାରା ସେହିପରି ଅନ୍ୟଦିଗରେ ପ୍ରେମରସର ଉଚ୍ଛଳ ତରଙ୍ଗମାଳା । ବୈଷ୍ଣବ ଶିରୋମଣି ଚଣ୍ଡୀ ଦାସ ଏହି ବୀରଭୂମ୍‌ର ସନ୍ତାନ । ଏଠିକାର ଏକ୍‌ଚାକା ଗ୍ରାମରେ ଭୂମିଷ୍ଠ ହୋଇଥିଲେ ଶ୍ରୀମନ୍ ମହାପ୍ରଭୁଙ୍କର ଅବିଚ୍ଛେଦ୍ୟ ଅଙ୍ଗ ଅବଧୂତ ନିତ୍ୟାନନ୍ଦ । ଶାକ୍ତ ଓ ବୈଷ୍ଣବ ଉଭୟଙ୍କର ସାଧନକ୍ଷେତ୍ର ଏହି ବୀରଭୂମ୍ ।

ପୁରାଣରୁ ଜଣାଯାଏ ବଶିଷ୍ଠ, ଭୃଗୁ, ଦତ୍ତାତ୍ରେୟ ଓ ଦୁର୍ବାସା ଆଦି ଋଷିମାନେ ତାରସିଦ୍ଧ । ଜନଶ୍ରୁତି କହେ ବ୍ରହ୍ମାଙ୍କର ମାନସପୁତ୍ର ବଶିଷ୍ଠଦେବ ତାରା-ସିଦ୍ଧ ହୋଇ ମା'ର ଶିଳାମୟୀ ମୂର୍ତ୍ତି ଏଠାରେ ପ୍ରତିଷ୍ଠା କରି ତାରାପୀଠକୁ ଏକ ସିଦ୍ଧପୀଠରେ ପରିଣତ କରିଥିଲେ । ସେହିଦିନଠାରୁ ଯୁଗ ଯୁଗ ଧରି ଶକ୍ତିସାଧକଦଳ ଉପସ୍ଥିତ ହୋଇଛନ୍ତି ଏହି ମହାଶ୍ମଶାନରେ । ସିଦ୍ଧିଲାଭକରି ଅକୃପଣ ଭାବରେ ବିତରଣ କରିଛନ୍ତି ଅମୀୟ ପୀୟୁଷଧାରା, ଜନସମାଜର ବୌଦ୍ଧିକ କଲ୍ୟାଣ ନିମନ୍ତେ । ଅଦ୍ୟାବଧି ସେହିମହାନଧାରାର ସ୍ମୃତି ବହନ କରି ବଶିଷ୍ଠଦେବଙ୍କ ପ୍ରତିଷ୍ଠିତ ପଞ୍ଚମୁଣ୍ଡି ଆସନ ଏଠାରେ ବିଦ୍ୟମାନ । କାଳବକ୍ଷରେ ସତେ ଯେମିତି ଏକ ମାଇଲଖୁଣ୍ଟ ।

ପ୍ରାୟ ଦୁଇଶହ ବର୍ଷ ତଳର କଥା । ତାରାପୀଠରେ ଆବିର୍ଭୂତ ହୁଅନ୍ତି ବିଶେ-କ୍ଷେପା ନାମକ ଏକ ବିଶିଷ୍ଟ ତନ୍ତ୍ରସାଧକ । ତାଙ୍କପରେ ଆସିଲେ କୌଳାଚାର୍ଯ୍ୟ ଆନନ୍ଦନାଥ । ସିଏ ଥିଲେ ରାଜା ରାମକୃଷ୍ଣ ଦେବଙ୍କର ସମ-ସାମୟିକ । ଘଟଣାଚକ୍ରରେ ଏହି ମହାନ ସିଦ୍ଧପୀଠର ପରିଚାଳନା ଭାର ନ୍ୟସ୍ତ ହୁଏ ନାଟୋରରାଜ ସରକାର ଉପରେ ଓ ରାଜା ରାମକୃଷ୍ଣ ପରମ ଆଗ୍ରହ ସହକାରେ ଗ୍ରହଣ କରନ୍ତି ଏହାର ସମସ୍ତ ଦାୟିତ୍ୱ । ଶୁଣାଯାଏ ତାରା-ସିଦ୍ଧ ମହାପୁରୁଷ ଆନନ୍ଦନାଥଙ୍କ ନିକଟରୁ ରାଜା ରାମକୃଷ୍ଣ ନାନା ନିଗୂଢ଼ ସାଧନ-ନିର୍ଦ୍ଦେଶ ଗ୍ରହଣ କରି ବୌଦ୍ଧିକ ଉନ୍ନତି ଲାଭ କରିଥିଲେ । ଏହି ଆନନ୍ଦନାଥଙ୍କ ପ୍ରଶିଷ୍ୟ ଥିଲେ ଆଚାର୍ଯ୍ୟ ମୋକ୍ଷଦାନନ୍ଦ । ତାଙ୍କରି ସମୟରେ ତାରାପୀଠରେ ଆବିର୍ଭୂତ ହୋଇଥିଲେ ସ୍ୱନାମଧନ୍ୟ ସାଧକ କୈଳାସପତି ବାବା । ଆଉ ଏହି କୈଳାସପତି ବାବାଙ୍କର ସାଧନାର ଜ୍ୟୋତିରେ ଉଦ୍‌ଭାସିତ ହୋଇ ଉଠିଥିଲେ ଆମର ମହାସାଧକ ବାମାକ୍ଷେପା । ବାମାକ୍ଷେପାଙ୍କର ଶୁଦ୍ଧସତ୍ତ୍ୱ ଆଧାରରେ କୈଳାସପତି ବାବା ନିଜ ସାଧନ-ଜୀବନର ସମସ୍ତ ଐଶ୍ୱର୍ଯ୍ୟ ସଞ୍ଚାରିତ କରନ୍ତି ଅକୃପଣ ଭାବରେ ଓ ବାମଦେବ ହୁଅନ୍ତି ତାରାସିଦ୍ଧ । ତନ୍ତ୍ର ସାଧନର ଅନ୍ୟତମ ଶ୍ରେଷ୍ଠ ବାହକ ଓ ଧାରକ ରୂପେ ହୁଏ ତାଙ୍କର ଅଭ୍ୟୁଦୟ ।

*

ଘର

ତାରପୀଠ ନିକଟରେ ଦ୍ୱାରକାନଦୀର ଅପର ପାର୍ଶ୍ୱରେ ଆଟ୍‌ଲା ଏକ କ୍ଷୁଦ୍ର ଗ୍ରାମ । ଗ୍ରାମଟି ପ୍ରାୟ ବ୍ରାହ୍ମଣ ବସତିରେ ପୂର୍ଣ୍ଣ । ସାଧାରଣତଃ ଯଜନ-ଯାଜନ ଓ ଜମିଜୁମା ଆୟଦ୍ୱାର ଅଧିକାଂଶଙ୍କର ଜୀବନଯାତ୍ରା ନିର୍ବାହିତ ହୋଇଥାଏ । ସର୍ବାନନ୍ଦ ଚଟ୍ଟୋପାଧ୍ୟାୟ ଏହି ଗ୍ରାମର ଜଣେ ସାଧାରଣ ଗୃହସ୍ଥ ବ୍ରାହ୍ମଣ । ଆର୍ଥିକ ସ୍ୱଚ୍ଛଳତା ନଥିଲେ ବି, ସେ ଦିଗକୁ ତାଙ୍କର ଭ୍ରୂକ୍ଷେପ ନାହିଁ । ଅଭାବ, ଅନାଟନ ଭିତର ଦେଇ ଗଢି ଉଠିଚି ତାଙ୍କର ଧର୍ମଭୀରୁ, ପବିତ୍ରଚେତା ସରଳ ଜୀବନ । ସେ କୁହନ୍ତି– "ଅସୁଖ ବିସୁଖ ଯେପରି ଦେହର ନିତ୍ୟସଙ୍ଗୀ, ଅଭାବ ଅନାଟନ ଓ ସୁଖଦୁଃଖ ସେହିପରି ସଂସାରର ନିତ୍ୟ ସହଚର । ସେଥିପାଇଁ ବିଚଳିତ ହେଲେ ଚଳିବ କିପରି ?" ଧର୍ମଚର୍ଚ୍ଚା ଓ ପୂଜା ଅର୍ଚ୍ଚନା ତାଙ୍କ ଜୀବନର ନିତ୍ୟ ସାଧନା । ଅଳ୍ପ ବୟସରୁ କୁଳଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାରମାଆର ଆରାଧନା ତଥା ଅବସର ସମୟରେ ବେହେଲା ବଜାଇ ରାମପ୍ରସାଦୀ ଭଜନରେ ବିଭୋର ହୋଇ କଟିଯାଏ ଦିନ ପରେ ଦିନ ।

ସୁଯୋଗ୍ୟା ସହଧର୍ମିଣୀ ରାଜକୁମାରୀ ଦେବୀ । ସଦା ହାସ୍ୟମୟୀ, ପରମବୁଦ୍ଧିମତୀ, ସ୍ୱାମୀ ସୁଖରେ ସୁଖୀନୀ ଓ ସ୍ୱାମୀ ଦୁଃଖରେ ଦୁଃଖୀନୀ । ଏହି ଅପରୂପା ସୁନ୍ଦରୀ ରାଜକୁମାରୀ ଦେବୀଙ୍କ ଅଙ୍କମଣ୍ଡନ କରି ୧୮୩୭ ମସିହା (ବଙ୍ଗଳା ୧୨୪୪ ସନ) ପବିତ୍ର ଶିବ ଚତୁର୍ଦ୍ଦଶୀ ମହାନିଶାରେ ଭୂମିଷ୍ଠ ହୋଇଥିଲେ ଭୈରବ ବାମାକ୍ଷେପା । ସେ ଥିଲେ ସର୍ବାନନ୍ଦଙ୍କର ଦ୍ୱିତୀୟ ସନ୍ତାନ । ପ୍ରଥମ ସନ୍ତାନ 'ଜୟକାଳୀ' ବାଲ୍ୟବିଧବା । ତାରା-ଉନ୍ମାଦିନୀ ମହାସାଧିକା ଏହି କନ୍ୟା ସାଧାରଣରେ 'କ୍ଷେପୀ' ନାମରେ ପରିଚିତା । ବାମଦେବଙ୍କ ପରେ ଲଗି ଲଗି ତିନୋଟି କନ୍ୟାସନ୍ତାନ ଜନ୍ମ ହୋଇଥିଲେ ରାଜକୁମାରୀଙ୍କ ଗର୍ଭରୁ; ଦୁର୍ଗାଦେବୀ,

ଦ୍ରବମୟୀ ଓ ସୁନ୍ଦରୀ । ଷଷ୍ଠ ଓ ସର୍ବଶେଷ ସନ୍ତାନ 'ରାମଚନ୍ଦ୍ର' ଥିଲେ ଜଣେ ଖ୍ୟାତନାମା ଗାୟକ ।

ଶୈଶବରୁ ହିଁ ବାମାଚରଣ ଭୋଳାନାଥ । ତାଙ୍କର ଧରଣ ଧାରଣ ଆଉ ପାଞ୍ଚଟା ପିଲାଙ୍କ ପରି ନୁହେଁ, ସମ୍ପୂର୍ଣ୍ଣ ଅଲଗା । ସତେ ଯେମିତି ପବିତ୍ରତା ଓ ସରଳତାର ପ୍ରତିମୂର୍ତ୍ତି । ସାଇପଡ଼ିଶାଙ୍କ ପାଖରେ ସାଧାରଣତଃ ହୁଣ୍ଡା, ହାଉଡ଼ା ଓ ନିର୍ବୁଦ୍ଧିଆ ଭାବରେ ପରିଚିତ । ବିନ୍ଦୁଏ ମାତ୍ର ସାଂସାରିକ ଜ୍ଞାନ ଯାହାର ନାହିଁ, ସଂସାରୀ ଲୋକଙ୍କ ଚକ୍ଷୁରେ ବୋକା ଓ ପାଗଳା ଛଡ଼ା ସେ ଆଉ କ'ଣ ବା ହୋଇପାରେ ?

ଦିନସାରା ବସି ମାଟିର ଠାକୁର ଗଢ଼ିବାରେ ବାମାଚରଣର ବଡ ଝୁଙ୍କ୍ । କେତେବେଳେ ଭାଙ୍ଗେ, କେତେବେଳେ ଗଢେ, ଆଉ କେତେ-ବେଳେ ବା ଚାହିଁରହେ ଅପଲକ ନୟନରେ ଠାକୁରମୂର୍ତ୍ତିକୁ ଘଣ୍ଟା ପରେ ଘଣ୍ଟା ଧରି । କାର୍ଯ୍ୟ ଅବସରରେ ରାଜକୁମାରୀ ଦେବୀ ଆସି ଠିଆ ହୁଅନ୍ତି ପୁଅ ପାଖରେ । ମା'ଙ୍କୁ ଦେଖି ଅଭିମାନ ସ୍ୱରରେ ପ୍ରଶ୍ନ କରେ ଆପଣା ଭୋଳା ଦେବଶିଶୁ—"ମା" ମାଟିର ଠାକୁର କ'ଣ ଜୀବନ୍ତ ହୁଅନ୍ତି ? କଥା କୁହନ୍ତି ? ଭୋଗ ଖାଆନ୍ତି ?" ପୁଅର କଥା ଶୁଣି ଅବାକ୍, ବିସ୍ମିତା ହୁଅନ୍ତି ରାଜକୁମାରୀ । ମନେ ମନେ ତାରା ମା' ଉଦ୍ଦେଶ୍ୟରେ କହି ଉଠନ୍ତି—"ମା ଗୋ ! ତୁ ଏହି ପାଗଳାର କଥା ବୁଝ ।" ।

"କୁହନା ମା ! କ'ଣ କଲେ ଠାକୁର କଥା କହିବେ ?"

ଏଥର ସ୍ନେହରେ ଅବୋଧ ଶିଶୁର ମୁଣ୍ଡରେ ହାତ ବୁଲେଇ ମା' କୁହନ୍ତି—"ବାବୁରେ, ଠାକୁରତ ସର୍ବଦା ଜୀବନ୍ତ । ତାଙ୍କୁ ଖାଲି ପ୍ରାଣଭରି ଡାକିଲେ ହିଁ ସେ କଥା ଶୁଣନ୍ତି ।"

ମା'ର କଥାଶୁଣି ଆନନ୍ଦ ମନରେ ଦଉଡ଼ିଯାଇ ଗଛରୁ ଫୁଲ, ଫଳ ତୋଳି ଆଣେ ବାଳକ ବାମା । ମାଟିର ଗୋଟିଏ ଦେବୀମୂର୍ତ୍ତି ତିଆରି କରି; ଏକ ଉଚ୍ଚ ଯାଗାରେ ବସାଇ ଲତା, ପତ୍ର ଫୁଲରେ ସଜେଇଦିଏ । ପତ୍ର

ପକେଇ ଆଗରେ ଭୋଗ ବଢ଼ା ହୁଏ ପିଜୁଳିଟିଏ ବା ଆମ୍ବଟିଏ । ତା'ପରେ ଏକମନେ ଏକତାନେ ମୃଣ୍ମୟୀ ମା'ର ସାମ୍ନାରେ ବସି ଅନେଇ ରହେ ବାଳକ ଘଣ୍ଟା ଘଣ୍ଟା ଧରି । ନେତ୍ରଦ୍ୱୟରୁ ଝରିପଡ଼େ ଝରଝର ଅଶ୍ରୁ । "ମାଗୋ ! କଥାକହ, ପିଜୁଳି ଖା' ।" ତଥାପି ମୃଣ୍ମୟୀ ମା' କଥା କହେନା । ବାଳକ ମନେରେ କିନ୍ତୁ ଜିଦ୍ ବଢ଼ିଯାଏ । ମା' କହିଛି ମନ ପୂରାଇ ଡ଼ାକିଲେ ଠାକୁର ଶୁଣନ୍ତି, କଥା କୁହନ୍ତି । ତାହାହେଲେ ମୋ କଥା ଶୁଣିବେନି କିଆଁ ? କ୍ଷୁଧାନାହିଁ, ତୃଷ୍ଣା ନାହିଁ କିମ୍ବା ଅନ୍ୟ କୌଣସି ଦିଗକୁ ଭୃକ୍ଷେପ ନାହିଁ । କେବଳ ସେହି ଗୋଟିଏ କଥା– "ନେ ମା, ଭୋଗ ଖା"–କହି ଭାବରେ ବିଭୋର ହୋଇଯାଏ ପାଗଳା ପୁଅ । ଅବଶେଷରେ ଦଉଡ଼ି ଆସେ ଜନନୀ ପାଖକୁ–"ତୁ ଯେ କହିଲୁ ଏକମନ ଏକ ତାନରେ ଡ଼ାକିଲେ ଠାକୁର କଥା ଶୁଣନ୍ତି; କାହିଁ ମୋ କଥା ତ ଶୁଣୁ ନାହାନ୍ତି । କହ ମା, କ'ଣ କଲେ ଠାକୁର ଶୁଣିବେ"–କହି ହାତଗୋଡ ଛାଟି କାନ୍ଦିବାକୁ ଆରମ୍ଭ କରେ ପାଗଳା । ଯେତେ ପ୍ରକାର ବୁଝାଇଲେବି ବୁଝିବାକୁ ନାରାଜ । ସେହି ଗୋଟିଏ କଥା, ଗୋଟିଏ ଚିନ୍ତା, ଗୋଟିଏ ଭାବନା । ଏତିକିବେଳେ କେଉଁଠି ଥାଏ ଛୁଟି ଆସେ ବଡ଼ ଭଉଣୀ 'ଜୟକାଳୀ' । ଛୋଟ ଭାଇକୁ କୋଳକୁ ଟେକିନେଇ ଆଦର କରି କହେ– "ପାଗଳା କେଉଁଠିକାର, ସମୟ ନହେଲେ କ'ଣ ଠାକୁର କଥା କୁହନ୍ତି । ତୁ ମନପ୍ରାଣ ଦେଇ ଡ଼ାକୁଥା, ଆଉ କିଛିଦିନ ପରେ ସେ ବଳେ ବଳେ ତୋ' କଥା ଶୁଣିବେ, କଥା କହିବେ ।" ପିଲାଦିନରୁ ଭାଇଭଉଣୀ ଦୁହିଙ୍କର ଖୁବ୍ ଭଲପଡ଼େ । ଭଉଣୀ କଥାରେ ବାମା'ର କାନ୍ଦଣା ବନ୍ଦହୁଏ । ଦେଖାଯାଉ ଆଉ କିଛିଦିନପରେ ଯେତେବେଳେ ହେଲେତ ସମୟ ହେବ, ଠାକୁର କଥା କହିବେ, ଭୋଗ ଖାଇବେ । ସେହିଦିନର ପ୍ରତୀକ୍ଷାରେ ରହେ ବାମାଚରଣ । ଭକ୍ତିମତୀ ବଡଭଉଣୀ ଜୟକାଳୀର ପ୍ରଭାବ ପିଲାଦିନରୁ ବାମଦେବଙ୍କ ଜୀବନକୁ ଅନେକାଂଶରେ ପ୍ରଭାବିତ କରିଥିବାର ଦେଖାଯାଏ । ପରମ ତାରା ସାଧିକା ଏହି ମହିଳା ବାଲ୍ୟବିଧବା ହେଲାପରେ ବରଣ କରିନିଏ ସନ୍ନ୍ୟାସିନୀର ଜୀବନ । ଯୌବନ କାଳରେ କିଛିଦିନ ତାରାପୀଠରେ ସାଧନ ଭଜନରେ ପ୍ରବୃତ୍ତ ହୋଇ ପରିଶେଷରେ ଆଟ୍‌ଲାଗ୍ରାମକୁ ଫେରିଯାଇ ମା' ରାଜକୁମାରୀ ଦେବୀଙ୍କ ପାଖରେ ରହି ସରଳ ନିରଡମ୍ବର ଭାବରେ କଟିଯାଏ ବାକୀ

ଜୀବନ । ଶୁଣାଯାଏ ଏକ ନିର୍ଦ୍ଦିଷ୍ଟ ଦିବସରେ ଦେହରକ୍ଷା କରିବାକୁ ଅଭିଳାଷ ପ୍ରକାଶ କରେ ଏହି ଭକ୍ତିମତୀ ମହିଳା । ତା'ପରେ ତାରାପୀଠକୁ ବୋହିନେଇ ଆସନ କରି ବସାଇ ଦେଲାପରେ ମା'ର ନାମ ଜପ କରୁ କରୁ ଘଟେ ଲୋକାନ୍ତର ।

ଉତ୍ତରକାଳରେ କେହି ଏକଥା ଉଲ୍ଲେଖ କଲେ କ୍ଷେପା ବାବାଙ୍କର ଆୟତ ଚକ୍ଷୁ ଦୁଇଟି ଉଜ୍ଜ୍ୱଳତର ହୋଇଉଠେ । ସେ କହି ଉଠନ୍ତି—"ଦିଦି ମୋର ବଡ ଆଶ୍ଚର୍ଯ୍ୟ ମହିଳା ଥିଲେ ଗୋ, ତାଙ୍କର ମରଣ ମଧ୍ୟ ଘଟିଲା ଆଶ୍ଚର୍ଯ୍ୟ ଭବେ ।"

ଏହି ଜୟକାଳୀକୁ ପିଲାଦିନୁ ସାଇ ପଡ଼ିଶା ସମସ୍ତେ କ୍ଷେପୀ ବୋଲି ଡାକନ୍ତି । ତା' ସାଙ୍ଗକୁ ବାମାର ଯେତେସବୁ ଉଦ୍ଭଟ କାଣ୍ଡ କାରଖାନା ଦେଖି ସମସ୍ତେ ମନେ ମନେ ଧରିନେଇଛନ୍ତି ଯେ—ଏ ଟୋକାଟା ବି'କ୍ଷେପା' । ଅତଏବ ସେହି ପିଲାଦିନରୁ ହିଁ ବାମାଚରଣ ପରିଚିତ ହୁଏ 'ବାମାକ୍ଷେପା' ନାମରେ ।

କ୍ଷେପା ନୁହେଁ ତ ଆଉ କ'ଣ ? ଏଇ କଅଁଳ ବୟସରେ ମାଟିରେ ଏପରି ସୁନ୍ଦର ମୂର୍ତ୍ତି ଗଢ଼ି; ତାକୁ କଥା କୁହାଇବାକୁ ବାମାର ଯେ ଆକୁଳ ପ୍ରୟାସ ତାକୁ ପାଗଳାମି ଛଡା ଆଉ କ'ଣ କୁହାଯିବ । ଏଥିରେ ସାଇପଡ଼ିଶାଙ୍କର ବା ଦୋଷ କ'ଣ ?

ବାମଦେବର ମୂର୍ତ୍ତିଗଢ଼ା ଓ ଠାକୁର ପୂଜାର ଅନ୍ତ ନାହିଁ । ଦିନ ଦିନ, ମାସ ମାସ, ବର୍ଷ ବର୍ଷ ଧରି ଚାଲିଛି ମୃଣ୍ମୟୀକୁ କଥା କୁହାଇବାର ପ୍ରୟାସ । ଅଭାବ ତ କିଛି ନାହିଁ । ପାଦତଳେ ମାଟି, ପ୍ରକୃତି କୋଳରେ ବୃକ୍ଷଲତାରେ ଫଳ, ଫୁଲ ଓ ପତ୍ର । ଠାକୁର ଗଢ଼ା ହେଲେ, ଲତା ପତ୍ରରେ ସଜା ଗଲେ । ସାଙ୍ଗେ ସାଙ୍ଗେ ପୂଜାର ବ୍ୟବସ୍ଥା । ବନଫୁଲର ଅଞ୍ଜଳି ଓ ସୁମିଷ୍ଟ ଫଳର ନୈବେଦ୍ୟ । ମୂର୍ତ୍ତିକାର ଯିଏ, ପୁରୋହିତ ବି ସେହି । ପୂଜାର ମନ୍ତ୍ର ବି ତାହାରି ସୃଷ୍ଟ । "ନେ ମା' ଖା,"—ଏହି ହେଲା ସାର ମନ୍ତ୍ର ବା ବୀଜ ମନ୍ତ୍ର । ଆଉ ଉତ୍ତର ଜୀବନରେ ମଧ୍ୟ ଦେଖାଯାଏ ଏହାର ଅବିକଳ ପ୍ରତିଫଳନ ।

କ୍ରମେ କ୍ରମେ ବଢ଼ିଗଲେ ଦେବଶିଶୁ । ବେଳଉଣ୍ଡି ରାଜକୁମାରୀ ଦେବୀ ସ୍ୱାମୀଙ୍କୁ କହନ୍ତି– "ବ୍ରାହ୍ମଣ ଘରର ପୁଅ । ଦେଖୁ ଦେଖୁ ବୟସ ହୋଇଯାଉଛି । ଏତେବେଳେ ଯଦି ଲେଖାପଢ଼ା ଦି ଅକ୍ଷର ଶିଖିବାର ବ୍ୟବସ୍ଥା ନ କର; ତେବେ ମନ୍ତ୍ର-ତନ୍ତ୍ର ଶିଖିବ ବା କିପରି ? ଅନ୍ତତଃ ପକ୍ଷେ ଯଜମାନି ଓ ନିତ୍ୟ ଠାକୁର ସେବାଟା ତ କରିବାକୁ ହେବ ? ତେଣୁ ଭାବୁଛି କାଲିଠାରୁ ପିଲାଟାକୁ ପାଠଶାଳାକୁ ନେଇଯାଅ ।" ସର୍ବାନନ୍ଦ ତ ସଦାନନ୍ଦ । ହସି ହସି କହି ଉଠନ୍ତି– "ବେଶ୍, ବେଶ୍ । ସବୁ ହିଁ ତାରମା'ର ଇଚ୍ଛା ।" ଆଉ ବେହେଲା ବଜାଇ ସ୍ୱର ଧରନ୍ତି–

"ସକଳହିଁ ତୋହର ଇଚ୍ଛା ଇଚ୍ଛାମୟୀ ତାର ତୁହି ।
ତୋହର କର୍ମ ତୁହି କରୁ ମା, ଲୋକ ବୋଲେ କରେ ମୁହିଁ ।"

ଅଗତ୍ୟା ପରଦିନ ହିଁ ବାମାଚରଣଙ୍କୁ ଯିବାକୁ ହେଲା ପାଠଶାଳାକୁ । ବିଦ୍ୟାଶିକ୍ଷା ଆଗରୁ ପରୀକ୍ଷା ଦେବାକୁ ହେବ ବିଦ୍ୟାର୍ଥୀଙ୍କୁ । ଗୁରୁମହାଶୟ ପ୍ରଶ୍ନ କଲେ "କ'ଣ ଅକ୍ଷର ଶିଖିଛ ନା ?" ସହାସ୍ୟ ବଦନରେ କ୍ଷେପା ଉତ୍ତରଦେଲା– "ଭଲ କରି ଶିଖିଛି, ଆଜ୍ଞା ।" "ଲେଖ ତ ଦେଖି ।" ଗୁରୁମହାଶୟ କିଛି ସମୟ ଅନ୍ୟ ପିଲାଙ୍କ ଆଡେ ଲକ୍ଷ୍ୟ ଦେଇଛନ୍ତି ଆଉ ସେହି ଅବସରରେ କ୍ଷେପାର ତାଳପତ୍ରବିଡାକ ଯାକରେ ଲେଖା ଶେଷ । ତାପରେ ଗୁରୁମହାଶୟ ତାଳପତ୍ର ବିଡାଟି ହାତକୁ ନେଇ ଦେଖନ୍ତି ତ– ସବୁଗୁଡ଼ିକ ପତ୍ର "ଜୟ ତାର" ଏହି ପବିତ୍ର ନାମରେ ଭରପୂର । ବିସ୍ମିତ ହୋଇ ଦୀର୍ଘଶ୍ୱାସ ଛାଡ଼ି ଗୁରୁମହାଶୟ କହି ଉଠିଲେ–"ହଁ, ତାରପାଗଳ ବଂଶରେ ଯା ଠାରୁ ଆଉ କ'ଣ ବା ଅଧିକ ଆଶା କରଯାଇ ପାରେ ?" ରୋଷଯୁକ୍ତ ଭାବରେ ଜିଜ୍ଞାସା କଲେ–"ଏସବୁ କ'ଣ ଲେଖିଛ ?' 'କାହିଁକି, ଆମ ବଡମା'ର ନା, ଲେଖିଛି । ବାବା ତ କୁହନ୍ତି ତାରବିଦ୍ୟା, ହିଁ ଶ୍ରେଷ୍ଠବିଦ୍ୟା ।" ବାସ୍ତବିକ୍ ଏହାହିଁ ଥିଲା କ୍ଷେପାବାବାଙ୍କର "ବୀଜମନ୍ତ୍ର' । ଉତ୍ତର ଜୀବନରେ ନାଦସିଦ୍ଧ ମହାଭୈରବ ବାମାକ୍ଷେପାଙ୍କର "ଜୟତାର" ରବରେହିଁ ପ୍ରକମ୍ପିତ ହୋଇଥିଲା ଭାରତବର୍ଷର ଆଧ୍ୟାତ୍ମିକ ଗଗନ, ପବନ ।

ଏହି ଭାବରେ ବାମାଚରଣର ବିଦ୍ୟାଶିକ୍ଷା ଆରମ୍ଭ ହୁଏ ଓ ଶେଷହୁଏ ରାମାୟଣ, ମହାଭାରତରେ ।

❀

ପାଞ୍ଚ

ଶେଷହେଲା ବାମାଚରଣର ବିଦ୍ୟାଶିକ୍ଷା ପିତା ସର୍ବାନନ୍ଦଙ୍କର ସଂସାର ଏ ଭିତରେ ଖୁବ୍ ବଢିଯାଇଛି । ଘରେ ବାଲ୍ୟ ବିଧବା କନ୍ୟାକୁ ମିଶାଇ ଛଅ, ଛଅଟା ପିଲା ଓ ସ୍ୱାମୀ–ସ୍ତ୍ରୀ ଦୁଇଜଣ ! ଜମି ଜୁମାର ଆୟ ସଂସାର ଚଳେଇବାକୁ ପ୍ରଯ୍ୟାପ୍ତ ନୁହେଁ । ଅଭାବ, ଅନାଟନ ବଢିଚାଲିଛି । ଠିକ୍ ଏତିକିବେଳେ ସର୍ବାନନ୍ଦ, ବାମ ଓ ରାମ ଦୁଇ ପୁତ୍ରଙ୍କୁ ନେଇ ଗଢନ୍ତି ଏକ "କୃଷ୍ଣଯାତ୍ରା" ଦଳ । ନିଜେ ତ ବେହେଲା ବଜାଇ ଖୁବ୍ ସୁନ୍ଦର ଗାଇପାରନ୍ତି । ତା' ଛଡା ପିଲା ଦୁଇଟିଙ୍କର କଣ୍ଠ ମଧ୍ୟ ଖୁବ୍ ଭଲ । ଅଭିନୟରେ ବାମାଚରଣ କେତେବେଳେ କୃଷ୍ଣ ସାଜେ ତ କେତେବେଳେ ରାମ । ଠାକୁର ବେଶରେ ସଜ୍ଜିତ ହୋଇ ରାମାୟଣ, କୃଷ୍ଣଲୀଳା ବା ରାମପ୍ରସାଦୀ ଗାନ ଗାଇ ସମସ୍ତଙ୍କୁ ମୁଗ୍ଧକରେ ବାଳକ ବାମଦେବ । ଏହି ଅଭିନୟ ମଧ୍ୟଦେଇ ସ୍ୱଭାବଭକ୍ତ ବାମଦେବ ମଧ୍ୟରେ ଜାଗିଉଠେ ଅପୂର୍ବ ଆନନ୍ଦାବେଶ । ଭାବତନ୍ମୟ ବାଳକ ଦିନେ ଦିନେ ବାହ୍ୟଜ୍ଞାନ ହରାଇବସେ ।

ସର୍ବାନନ୍ଦ ପ୍ରାୟ ତିନିଦିନ ଯାଆନ୍ତି ତାରାପୀଠକୁ । ବେହେଲା ବଜାଇ ରାମପ୍ରସାଦୀ ଗାନ ଶୁଣାନ୍ତି ତାରା ମା'ଙ୍କୁ ଓ ଉପସ୍ଥିତ ଦର୍ଶନାର୍ଥୀମାନଙ୍କୁ । ଏବେ ମଝିରେ ମଝିରେ ପିଲା ଦୁଇଟି ମଧ୍ୟ ସାଙ୍ଗରେ ଯିବାକୁ ଲାଗିଲେ । ତାରାମା'ର ମନ୍ଦିର ପ୍ରାଙ୍ଗଣରେ ଚାଲିଲା ଲୀଳାଭିନୟ ।

ସେଦିନ କ୍ଷେପାକୁ 'କୃଷ୍ଣ' ବେଶରେ ସଜାଇ ଚାଲିଥାନ୍ତି ସର୍ବାନନ୍ଦ, ତାରା ମା'ର ମନ୍ଦିରକୁ । ପାଦରେ ନୂପୁର, ଶିରରେ ଶିଖିପୁଚ୍ଛ, କଟିରେ ପୀତବାସ, ଗଳାରେ ବନମାଳ ଓ ଶ୍ରୀକରରେ ବଂଶୀ । ଯେ ଦେଖେ ଘଡ଼ିଏ ଅବାକ୍ ହୋଇ ଚାହିଁରହେ । କିଏ ଏହି ଅପୂର୍ବଦର୍ଶନ ବାଳକ ? ନବୀନ ନୀରଦ କାନ୍ତି ଶିଶୁ ଗୋପବେଶ । ବୃନ୍ଦାବନ ତେଜି ସତେ ଯେମିତି ମୃଦୁ ମନ୍ଥର

ଗତିରେ ଲୀଳା କରିବାକୁ ଆଗେଇ ଆସୁଛନ୍ତି ସ୍ୱୟଂ ବୃନ୍ଦାବନଚନ୍ଦ୍ର, ନନ୍ଦନନ୍ଦନ ଏହି ନନ୍ଦନକାନନକୁ । ମନ୍ଦିର ପ୍ରାଙ୍ଗଣ ଆଜି ଭରପୁର-ସମସ୍ତେ ଉଦ୍‌ଗ୍ରୀବ ନୟନରେ ଅନେଇ ରହିଛନ୍ତି ବାଳକ ବାମାକୁ । ତାରା ମା'କୁ ଭୂମିଷ୍ଠ ପ୍ରଣାମ କରି ବେହେଲରେ ସ୍ୱର୍ ଧରିଲେ ସର୍ବାନନ୍ଦ ଆଉ ନୂପୁର ଧ୍ୱନୀରେ ପ୍ରତିଧ୍ୱନିତ ହେଲ ତାରାପୀଠ ।

"ଢଳି ଢଳି କିଏ ଆସୁଥାଇରେ
                    ମୋର ଝୁମୁରୁ ଝୁମୁରୁ ପାଏ ।
କାଳିଆ କାହ୍ନା ମୋ କାଳିଆ ସୁନା
                    ଏଇଠି ମୁଁ ମରିଯାଏ ।"

କିଛିକ୍ଷଣ ପରେ ଭବତନ୍ମୟ କ୍ଷେପା ନୃତ୍ୟ ବନ୍ଦକରି ଜିଦ୍ ଧରିଲ—ଘୂରିବୁଲିବାକୁ ତାରାପୀଠର ମହାଶ୍ମଶାନରେ । ଏହି ଶ୍ମଶାନହିଁ ତା'ର ଯେପରି କେତେକାଳର ପରିଚିତ, ଆଉ ଏହାହିଁ ତା'ର ଉତ୍ତର ଜୀବନର ସ୍ମରଣ ଭୂମି—ତପୋବନ । ପିତା ସର୍ବାନନ୍ଦ, ପୁତ୍ରକୁ ବୁଲେଇ ଦେଖେଇ-ଦେଲେ ମହାଶ୍ମଶାନ ଓ ତନ୍ମଧ୍ୟରେ ଅବସ୍ଥିତ ଦର୍ଶନୀୟ ସ୍ଥାନଗୁଡ଼ିକ ।

ବକ୍ରେଶ୍ୱରର ଐଶାନ୍ୟ କୋଣରେ, ବୈଦ୍ୟନାଥଧାମର ପୂର୍ବ ଦିଗରେ, ଦ୍ୱାରକାନଦୀ କୂଳରେ ଅବସ୍ଥିତ ଏହି ମହାଶ୍ମଶାନ, ବଶିଷ୍ଠ ଦେବଙ୍କର ସିଦ୍ଧପୀଠ । ଶ୍ୱେତ ଶିମୁଳି ବୃକ୍ଷ ମୂଳରେ ସ୍ଥାପିତ ପଞ୍ଚମୁଣ୍ଡିର ଆସନ । ବୃକ୍ଷର ପୂର୍ବ ଦିଗରେ ଅବସ୍ଥିତ ଜୀବନ୍ତ କୁଣ୍ଡ । ପ୍ରବାଦ ଅଛି ଏହି କୁଣ୍ଡରେ ସ୍ନାନ କଲେ ଦୀର୍ଘଜୀବନ ଲଭହୁଏ ଏବଂ ମୃତବତ୍ସା ପୁତ୍ର ଲଭକରେ ।

ତାରାପୀଠଂ ମହାପୀଠଂ ଗନ୍ତବ୍ୟଂ ଯନ୍ତତଃ ସଦା ।
ବଶିଷ୍ଠାରାଧିତା ତାରା ଯତ୍ର ତାରା ଶୀଳାମୟୀ ॥
(ତାରା ରହସ୍ୟମ୍)

ତାରାପୀଠ ମହାପୀଠ । ଏଠାରେ ବଶିଷ୍ଠ ଋଷିଙ୍କ ଆରାଧିତା ତାରାମା' ସାକ୍ଷାତ୍ ବିଦ୍ୟମାନ । ସେ ତାରା ଶିଳାମୟୀ ।

ଦ୍ୱିଭୁଜାଂଚିନ୍ତୟେତ୍‌ଦେବୀଂ ନାଗଯଜ୍ଞୋପବୀତିନୀଂ
ବାମେ ଶିବ ସ୍ୱରୂପକମ୍ ତଂ କଳ୍ପିତଂ ବତ୍ସରୂପକଂ ।।

ଦେବୀ ଏଠାରେ ଦ୍ୱିଭୁଜା ଓ ସର୍ପମୟଯଜ୍ଞୋପବୀତରେ ଭୂଷିତା । ଆଉ ଦେବୀଙ୍କ ବାମ କୋଳରେ ପୁତ୍ରରୂପେ ସ୍ୱୟଂ ମହାଦେବ ବିଦ୍ୟମାନ ।

ପିତାଙ୍କ ନିର୍ଦ୍ଦେଶରେ ବଶିଷ୍ଠଦେବ ଏହି ଶିଳାମୟୀ ଦ୍ୱିଭୁଜା ତାରିଣୀ ଦେବୀଙ୍କର ଆରାଧନାରେ ଦୀର୍ଘକାଳ ଅତିବାହିତ କରିଥିଲେ । ଅବଶେଷରେ ଦର୍ଗାପୂଜା ପରେ ଗଜଲକ୍ଷ୍ମୀ ପୂଜାର ପୂର୍ବଦିନ ଶୁକ୍ଳା ଚତୁର୍ଦ୍ଦଶୀ ତିଥିରେ ଜଗଜ୍ଜନନୀ ତାରା ମା'ର ଦର୍ଶନ ଲାଭକରି ଧନ୍ୟ ହୋଇଥିଲେ । ତେଣୁ ଏହି ମହାପୀଠରେ ଶୁକ୍ଳା ଚତୁର୍ଦ୍ଦଶୀ ଦିନ ପାଳିତ ହୁଏ ଏକ ବିରାଟ ଉତ୍ସବ ।

ପରବର୍ତ୍ତୀ ଯୁଗରେ ଦାକ୍ଷିଣାତ୍ୟର ବିଶିଷ୍ଟ କବି ଓ ପଣ୍ଡିତ କର୍ଣ୍ଣାଭରଣ, ଚୀନ, କାମରୂପ, ମଗଧ ଓ ତ୍ରିହୁତି ଆଦି ସ୍ଥାନମାନଙ୍କରେ ସସ୍ତ୍ରୀକ ସାଧନା କରି ଦେବାଂଶ ସମ୍ଭୂତ ତାରା ଓ ହରା ନାମ୍ନୀ ଯମଜ କନ୍ୟାଲାଭ କରିଥିଲେ । ଦୈବାଦେଶରେ ସ୍ତ୍ରୀ ଓ କନ୍ୟାଦ୍ୱୟ ସହ ଏହି ତାରାପୀଠକୁ ଆସି ବଶିଷ୍ଠଦେବଙ୍କ ପଞ୍ଚମୁଣ୍ଡି ଆସନରେ ସସ୍ତ୍ରୀକ ସାଧନ ନିମଗ୍ନ ହୋଇ ତାରା ମା'ର ଦର୍ଶନଲାଭ କରିଥିଲେ । ଅବଲୀଳାକ୍ରମେ ତାରା ଓ ହରା କନ୍ୟା ଦୁଇଟି ଏଠିକାର ବିଖ୍ୟାତ ଚନ୍ଦ୍ରଚୂଡ଼ ଶିବଲିଙ୍ଗରେ ଲୀନ ହୋଇଯାଇଥିଲେ ।

କିଛିକାଳ ପରେ ବୀରଭୂମ ଜିଲ୍ଲା ଅନ୍ତର୍ଗତ ଚମ୍ପାଗଡ଼ ନିବାସୀ ବଣିକ ଜୟଦତ୍ତ ବାଣିଜ୍ୟରୁ ଫେରିଲାବେଳେ ବିଶ୍ରାମ ନେବା ଉଦ୍ଦେଶ୍ୟରେ ଏହି ମହାଶ୍ମଶାନ ନିକଟରେ ଦ୍ୱାରକାନଦୀ ତୀରରେ ନୌକା ଲଗାନ୍ତି । ମାଝିମାନେ ଗୋଟିଏ ଶୋଉଳ ମାଛ କାଟି ଏହି କୁଣ୍ଡରେ ଧୋଇବାକୁ ଗଲାବେଳେ କୁଣ୍ଡ ମାହାତ୍ମ୍ୟରୁ ମଲାମାଛଟି ଜିଇଁ ଉଠେ । ଅବାକ୍-ବିସ୍ମୟ ହୁଅନ୍ତି ସେମାନେ । ପ୍ରାୟ ଦେଢ଼ କ୍ରୋଶ ବ୍ୟାପୀ ଦୀର୍ଘ, ବୃକ୍ଷଲତାରେ

ଆଚ୍ଛାଦିତ ଏହି ବୀଭତ୍ସ ମହାଶ୍ମଶାନର ଏକପାଖକୁ ଲାଗି ନଙ୍ଗର ପକାଇଥାନ୍ତି ସାତଗୋଟି ମାଲବୋଝେଇ ନୌକା । ତନ୍ମଧ୍ୟରୁ ଖଣ୍ଡିଏ ନୌକାରେ ଜୟଦତ୍ତ ଓ ତା'ର ଏକମାତ୍ର ପୁତ୍ର ଗଡିରେ ବସି ହିସାବ ନିକାଶ କରିବାରେ ବ୍ୟସ୍ତ । ହଠାତ୍ ଶ୍ମଶାନ ଅଭ୍ୟନ୍ତରରୁ ବାହାରି ଆସିଲା ଏକ କୃଷ୍ଣାଙ୍ଗୀ କନ୍ୟା ଓ ପ୍ରଶ୍ନ କଲା– "ବଣିକ, ତୁମ ନୌକାରେ କ'ଣ ସବୁ ଅଛି ?" ବଣିକ ସେତେବେଳେ ଏକାଗ୍ର ଚିତ୍ତରେ ହିସାବପତ୍ରରେ ମନୋନିବେଶ କରିଥାନ୍ତି । ବାରମ୍ବାର ଏହି ପ୍ରଶ୍ନଶୁଣି ବିରକ୍ତ ହୋଇ ଉତ୍ତର ଦେଲେ "ଚୂଲି, ନିଆଁ, ପାଉଁଶ ଅଛି ।" ସତକୁ ସତ ପ୍ରଭାତ ଆଲୋକରେ ଦେଖାଗଲା ନୌକାପୂର୍ଣ୍ଣ ଦ୍ରବ୍ୟସମ୍ଭାର ଭସ୍ମରେ ପରିଣତ ହୋଇଛି ଓ ବଣିକର ଏକମାତ୍ର ପୁତ୍ର ମଧ୍ୟ ଓଲାଉଠା ରୋଗରେ ପ୍ରାଣତ୍ୟାଗ କରିଛି । ଏହି ଅଭାବିତ ଅଘଟଣ ଦେଖି ଶୋକ-ଦୁଃଖରେ ମୂହ୍ୟମାନ ବଣିକ ଆତ୍ମହତ୍ୟା କରିବାକୁ ଉଦ୍ୟତ ହୁଅନ୍ତି । ମଲା ମାଛ ଜିଇଁ ଉଠିଥିବାର ଦେଖି ମାଝିମାନଙ୍କର ଧାରଣା ଓ ବିଶ୍ୱାସ ଜାତ ହୋଇଥାଏ ଯେ ସେହି କୁଣ୍ଡର ଜଳରେ ନିମଜ୍ଜିତ କଲେ ବଣିକ ପୁତ୍ର ପୁନର୍ଜୀବନ ଲାଭ କରିବ ନିଶ୍ଚୟ । ତେଣୁ ବିନା ବିଳମ୍ବରେ ସେମାନେ ଧରାଧରି କରି ନେଇ ଶବକୁ ବୁଡ଼େଇ ରଖନ୍ତି ଜୀବନ୍ତ କୁଣ୍ଡରେ ଓ ଦେବୀ କୃପାରୁ ବଞ୍ଚି ଉଠେ ବଣିକପୁତ୍ର । ପୁତ୍ରର ପୁନର୍ଜୀବନ ଲାଭ ଦେଖି ଜୟଦତ୍ତ ସ୍ଥାନ ମାହାତ୍ମ୍ୟ ଜାଣିବାକୁ ଆଗ୍ରହାନ୍ୱିତ ହେଲେ ମଧ୍ୟ କୁଆଡ଼ୁ କିଛି ବୁଝି ପାରେନା କିନ୍ତୁ ରାତ୍ରରେ ଯେତେବେଳେ ସେ ନିଦ୍ରାଭିଭୂତ ହୋଇ ପଡ଼ିଲେ– ସେତେବେଳେ କୁମାରୀ ରୂପରେ ଦେବୀ ସ୍ୱପ୍ନରେ ଦର୍ଶନ ଦେଇ ସ୍ଥାନ ମାହାତ୍ମ୍ୟ ବର୍ଣ୍ଣନା କରିବସନ୍ତି । ପରଦିନ ପ୍ରତ୍ୟୁଷରୁ ଲୋକଲଗାଇ ବଣ-ଜଙ୍ଗଲ ପରିଷ୍କାର କରାଯିବାରୁ ଆବିଷ୍କୃତ ହୁଅନ୍ତି–ଅତି ପ୍ରାଚୀନ ଏକ ବିରାଟ ଶ୍ୱେତଶିମୂଳି ବୃକ୍ଷମୂଳରେ ପୂର୍ବବର୍ଣ୍ଣିତ ତାରା ମା'ର ଶିଳାମୟୀ ମୂର୍ତ୍ତି; ଶ୍ରୀଚରଣଯୁଗଳ ଅଙ୍କିତ ଏକ ଶିଳା ଓ ଅନାଦି ଲିଙ୍ଗ ଚନ୍ଦ୍ରଚୂଡ଼ । ତା'ପରେ ବଣିକ ବହୁ ଅର୍ଥ ବ୍ୟୟକରି ଏକ ମଧ୍ୟମାକୃତି ମନ୍ଦିର ନିର୍ମାଣ କରି ପ୍ରତିଷ୍ଠା କଲେ ତାରା ମା'ର ଶିଳାମୟୀ ମୂର୍ତ୍ତି ଓ ବ୍ୟବସ୍ଥା ହେଲା ନିତ୍ୟ ସେବା ପୂଜାର ।

× × ×

ଫଳ ଫୁଲ ଭରା ଶ୍ୱେତ ଶିମୁଳି ବୃକ୍ଷଟି ଦେଖି କ୍ଷେପାର ସେଦିନ କି ଆନନ୍ଦ ! ଆତ୍ମହରା ଓ ଭବତନ୍ମୟ ହୋଇ ଅନାଇ ରହିଥାଏ ବୃକ୍ଷର ଶାଖା ପ୍ରଶାଖା ଗୁଡ଼ିକୁ । ସତେ ଯେମିତି ଜାତିସ୍ମର ମନରେ ଜାଗି ଉଠିଛି କେଉଁ ଜନ୍ମଜନ୍ମାନ୍ତର ସ୍ମୃତି । କିଏ ଯେମିତି ଅନ୍ତର ଭିତରୁ ଚିହ୍ନାଇ ଦେଉଛି ବୃକ୍ଷଟି ସଙ୍ଗେ ଅବିଚ୍ଛେଦ୍ୟ ସମ୍ପର୍କ ସମ୍ବନ୍ଧରେ । ପୁତ୍ରର ଆନନ୍ଦ ଦେଖି ପିତା ଫୁଲ ଭରା ବୃନ୍ତଟିଏ ଭାଙ୍ଗି ଧରାଇଦେଲେ ପୁତ୍ର ହାତରେ । ଭକ୍ତି ସହକାରେ ବାଳକ ବୃନ୍ତଟିକୁ ଚାପି ଧରିଲା ବକ୍ଷରେ ଓ ଝରଝର ହୋଇ ଝରି ଆସିଲା ଝରଶ୍ରାବଣ, ନୟନ ଯୁଗଳରୁ । ଏହି କି ସେହି କଳ୍ପବୃକ୍ଷ ?

"କାଳୀ କଳ୍ପତରୁ ମୂଳେ ଆସ ମନ ଯିବା ବୁଲି ।
ଧର୍ମ ଅର୍ଥ କାମ ମୋକ୍ଷ ଚାରିଫଳ ନେବା ତୋଳି ।।
ପ୍ରବୃତ୍ତି ନିବୃତ୍ତି ଜାୟା ନିବୃତ୍ତିକୁ ସଙ୍ଗେ ନେବା ।
ବିବେକ ନାମେ ଜ୍ୟେଷ୍ଠ ପୁତ୍ର ତତ୍ତ୍ୱକଥା ଶୁଣାଇବା ।।"

(୰ରାମ ପ୍ରସାଦ)

ଏହି କ୍ଷୁଦ୍ର ପ୍ରଶାଖାଟି ନେଇ ଆନନ୍ଦରେ ଆତ୍ମହରା କ୍ଷେପା କୁଟୀର ପ୍ରାଙ୍ଗଣରେ ରୋପଣ କରି ପ୍ରତ୍ୟହ ପ୍ରେମାଶ୍ରୁ ରୂପକ ଭକ୍ତିବାରି ସିଞ୍ଚନ କରିବାକୁ ଲାଗିଲା । କ୍ଷେପା ସାଙ୍ଗେ ସାଙ୍ଗେ ବଢ଼ି ଉଠିଲା କଳ୍ପବୃକ୍ଷ—ଅଚିରେ ପରିଣତ ହେଲା ଏକ ବିରାଟ ମହୀରୁହ ରୂପରେ । ଆଉ ଏହି ମହୀରୁହ ହିଁ କ୍ଷେପାବାବାଙ୍କର ପ୍ରେମ, ଭକ୍ତି ଓ ଜ୍ଞାନର ପ୍ରତିଭୂ, ସର୍ବକର୍ମତ୍ୟାଗର ଦଣ୍ଡୀ ସ୍ୱରୂପ ।

ଏହି ଘଟଣା ପରେ ତାରା ମା'ର ପାଗଳା ପୁଅ ଟିକିଏ ଅବସର ପାଇଲେ ଛୁଟିଆସେ ମା' କୋଳକୁ । ଘୂରିବୁଲେ ଶ୍ମଶାନ ସାରା । ଆଉ ଦିନେ ଦିନେ ତାରା ମା' ସାମ୍ନାରେ ଗୀତ ଗାଉ ଗାଉ ଆତ୍ମବିଭୋର ହୋଇପଡ଼େ । ବଡ଼ ବଡ଼ ଆଖିକରି ଚାହିଁ ରହେ ଶିଳାମୟୀ ମା'ଙ୍କୁ ଓ ଚକ୍ଷୁଦ୍ୱୟରୁ ଝରିଆସେ ପ୍ରେମ ଅଶ୍ରୁଧାରା । ଭବସମାଧିର ସମସ୍ତ ଲକ୍ଷଣ,

ରୋମାଞ୍ଚ, ପୁଲକ ଆଦି ଫୁଟି ଉଠେ ଅଙ୍ଗପ୍ରତ୍ୟଙ୍ଗରେ । ପ୍ରଥମେ ପ୍ରଥମେ ଉପସ୍ଥିତ ଲୋକମାନେ ଏହା ଦେଖି ଭୟଭୀତ ହୋଇ ପଡ଼ନ୍ତି । କିନ୍ତୁ ପରେ ଏହା ସମସ୍ତଙ୍କର ଦେହସୁହା ହୋଇଉଠେ । ସମାଧି ହେବାପରେ କାନ ପାଖରେ 'ତାରା' ନାମ ଶୁଣାଇଲେ ହିଁ ସମାଧି ଭଙ୍ଗ ହୁଏ କ୍ଷେପାର ।

କ୍ଷେପା ପୁଅର କଥା ଭାବି ମଝିରେ ମଝିରେ ଶଙ୍କିତା ହୋଇ ପଡନ୍ତି ମା' ରାଜକୁମାରୀ ଦେବୀ । ବାମାର ଏହି ଦିନରୁ ଯାହା ଗତିବିଧି ଶେଷରେ ଟୋକାଟା କ'ଣ ସଂସାରତ୍ୟାଗୀ ହବ ? ମା' ମନ ବୁଝେନା । ବୁଲେଇ ବାଲେଇ ସ୍ୱାମୀଙ୍କ କାନରେ ଅନେକଥର କଥାଟା ପକାଇ ପ୍ରତିକାର ଲୋଡନ୍ତି ସ୍ନେହମୟୀ ଜନନୀ । କିନ୍ତୁ ଅତ୍ୟନ୍ତ ସାଧାରଣ ଭାବରେ ହସି ହସି କଥାଟା ଉଡେଇ ଦିଅନ୍ତି ସର୍ବାନନ୍ଦ । କେବେକେବେ କୁହନ୍ତି—"ମନ୍ଦ କ'ଣ, ବଡଝିଅ କ୍ଷେପୀ ଆଉ ବଡ ପୁଅ କ୍ଷେପା । ବେଶ୍ ହୋଇଛି । ଯେତେବେଳେ ଜଗତଟାଯାକର ଲୋକ ନିଛକ ପାଗଳାମୀରେ ମାତି ଉଠିଛନ୍ତି ସେତେବେଳେ ମୋର ଗୋଟାଏ ପୁଅ ଯଦି 'ତାରା ପାଗଳା' ହେଲା କ୍ଷତି କ'ଣ ? ଆଉ ତାହାତ ଆମର ଚୌଦ ଜନ୍ମର ପୁଣ୍ୟରହିଁ ଫଳ ।"

ମନର ଦୁଃଖ ମନରେ ମନରେ ମରେ ରାଜକୁମାରୀ ଦେବୀଙ୍କର । ତଥାପି ଭାଙ୍ଗି ପଡନ୍ତିନି ସେ । ପ୍ରବଳ ଆତ୍ମବିଶ୍ୱାସ ତାଙ୍କର । ସକଳ ଅବସ୍ଥାରେ ସର୍ବଂସହା ଜନନୀ ଧରିତ୍ରୀ ପରି ଆତ୍ମଭୋଳା ସ୍ୱାମୀ, କ୍ଷେପୀଝିଅ ଓ କ୍ଷେପାପୁଅକୁ ନେଇ ଆଗେଇ ଚାଲନ୍ତି ସଂସାର ସାଗରରେ ହସ ହସ ମୁଖରେ । ଅଭାବ-ଅଭିଯୋଗ ଓ ହସକାନ୍ଦର ଦିନ ଗଡ଼ିଚାଲେ ।

✻

ଛଅ

ନିୟତିର ଲୀଳା କିନ୍ତୁ ବିଚିତ୍ର ! ବଙ୍ଗଳା ୧୨୬୨ ସାଲ । ଚଳମାନ ଜୀବନ ମଧ୍ୟରେ ସହସା ଦିନେ ସର୍ବାନନ୍ଦଙ୍କର ଡାକରା ଆସିଲା ସେପାରୀରୁ । କେତେଗୁଡ଼ିଏ ନାବାଳକ ପୁତ୍ରକନ୍ୟାଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ସେ ଲୀନ ହୋଇଗଲେ ତାରାମା'ର ଶ୍ରୀପାଦ ପଦ୍ମରେ ସଜ୍ଞାନରେ ରାମ ପ୍ରସାଦ ଗାନ କରୁ କରୁ । ଶେଷହେଲା ପୃଥିବୀରେ ତାଙ୍କର ସମସ୍ତ ଦେ'ଣା-ପାଉଣା ।

ବଡ଼ପୁଅ କ୍ଷେପାର ବୟସ ସେତେବେଳେ ଅଠର ବର୍ଷ । ଯଦିଓ ବୟସ ହୋଇଛି ତଥାପି ବାହ୍ୟିକ ବିଷୟରେ ସେ ଯେମିତି ପୂରା ଅଜ୍ଞାନ । ସାଂସାରିକ ଓ ସାମାଜିକ ଯେ କୌଣସି ବିଷୟରେ ସମ୍ପୂର୍ଣ୍ଣ ଉଦାସୀନ । ଭାବନା, ଚିନ୍ତା ଯାହାକିଛି ବା ମନରେ ଉଦୟ ହୁଏ ସବୁ ତାରାମା'ଙ୍କୁ କେନ୍ଦ୍ରକରି । ସର୍ବଦା ତାରା ଭାବରେ ବିଭୋର ପାଗଳା ପୁଅ ନିର୍ଭୟରେ ଘୂରି ବୁଲୁଥାଏ ଦିନ ରାତି । କେତେବେଳେ ମହାଶ୍ମଶାନର କେନ୍ଦ୍ରସ୍ଥଳ ଶିମୂଳି ତଳେ ଧ୍ୟାନମଗ୍ନ ତ କେତେବେଳେ ମୃଣ୍ମୟ ମୂର୍ତ୍ତି ଗଢି ପୂଜାରେ ବ୍ୟସ୍ତ ।

ଆଉ ରାମଚନ୍ଦ୍ରର ବୟସ ମାତ୍ର ପାଞ୍ଚ ବର୍ଷ । ସର୍ବାନନ୍ଦଙ୍କ ମୃତ୍ୟୁରେ ସତେ ଯେମିତି ରାଜକୁମାରୀ ଦେବୀଙ୍କ ମଥା ଉପରେ ବଜ୍ରପାତ ହେଲା । ଅଭାବ ଅନାଟନ ତ ବରାବର ଲାଗି ରହିଛି କିନ୍ତୁ ଏ ରକମ ଭାଗ୍ୟ ବିପର୍ଯ୍ୟୟ ହେବ ବୋଲି ସେ ସ୍ୱପ୍ନରେ ମଧ୍ୟ କଳ୍ପନା କରି ନଥିଲେ । କେମିତି ଚଳିବ ସଂସାର ? କ୍ଷେପା ପୁଅର ସଦା-ଉଦାସୀନ ଭାବ ଦେଖି ଦିନେ କାତର ଭାବରେ ପାଖକୁ ଡାକି କହିଲେ—"ବାମାରେ ! ଦିନରାତି ଚୁପକରି ବସି ଏତେ କ'ଣ ଭାବୁଛୁ । ଏବେ ବଡ଼ ହୋଇଛୁ, କିଛି ଗୋଟାଏ ଚାକିରି ବାକିରି ନ କଲେ; ସଂସାର କିପରି ଚଳିବ ବାବା ?"

ମାତୃଭକ୍ତ ସନ୍ତାନ ମା' କଥାରେ ଅବହେଳା ନ କରି ବାହାରି ପଡ଼ିଲା ଚାକିରି ସନ୍ଧାନରେ । ଏକେ ବ୍ରାହ୍ମଣ ସନ୍ତାନ; ଲେଖାପଢ଼ା ଖୁବ୍ କମ୍ । ପୂଜା ପଦ୍ଧତି ଜାଣେନା କି ମନ୍ତ୍ରତନ୍ତ୍ରର ଧାର ଧାରେନା । କେବଳ ମା' ବୋଲି ପ୍ରାଣଭରି ଡାକି ଜାଣେ, ଆଉ ଚକ୍ଷୁ ଜଳରେ ଭସାଇଜାଣେ ବୁକୁ । ତାଦ୍ୱାରା ତ ଆଉ ଚାକିରି ମିଳିବନି ? କିଏ ବୁଝିବ ଏହି ମଧୁର ମା' ଶବ୍ଦରେ କେତେ ମଧୁ ନିହିତ ଅଛି । ଯିଏ ବୁଝିଛି, ସିଏ ମଜ୍ଜିଛି । ତାକୁହିଁ ତନ୍ତ୍ର କହେ ମାଂସ ସାଧକ । ଆତ୍+ମା, ଆତ୍ମାର ଅନ୍ତ ଅକ୍ଷର ମା । ତେଣୁ ମା' ହିଁ ଆତ୍ମଶକ୍ତି । ରଜପ୍ରଧାନ ଜିହ୍ୱା ଯେତେବେଳେ 'ମା' ଶବ୍ଦଦ୍ୱାରା ତାଳୁରେ ଲାଗେ, ସେତେବେଳେ ଯେଉଁ ଭକ୍ତିସୁଧା କ୍ଷରଣ ହୁଏ ତାକୁ ପାନକରି ଯାହାର ସର୍ବାଙ୍ଗରେ ଶିହରଣ ଜାଗେ—ସେହିହିଁ ମାଂସ ସାଧକ ।

ପରିଶେଷରେ ମୂଳଟି ଗ୍ରାମର କାଳୀ ମନ୍ଦିରରେ କ୍ଷେପାର ଚାକିରି ଜୁଟିଲା । କାର୍ଯ୍ୟ—ମା'ର ପୁଷ୍ପଚୟନ । ନାମମାତ୍ର ବେତନ ଓ ଦୁଇବେଳା ଭୋଗ ପ୍ରସାଦ । ପ୍ରଥମେ ପ୍ରଥମେ ଭାରି ଉତ୍ସାହରେ ଲାଗିପଡ଼ିଲା ବାମା । ଅତି ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗକରି ବିଭିନ୍ନ ପ୍ରକାର ଗଣି ଗଣି ଫୁଲ ତୋଳି ନେଇଆସେ ମା'ର ପୂଜା ନିମନ୍ତେ । କିନ୍ତୁ କ୍ରମଶଃ ଏହି ସାମାନ୍ୟ କାର୍ଯ୍ୟରେ ମଧ୍ୟ ଆସିଲା ଅବହେଳା । ଉଦାସ ବାଳକ ଫୁଲ ତୋଳିବାକୁ ଗଛରେ ଚଢ଼େ, କ'ଣ ଯେ ଭାବେ, ଆସିଯାଏ ଭାବ ସମାଧି । ବିତିଯାଏ ଘଣ୍ଟା ପରେ ଘଣ୍ଟା । ଯାହାର ମନ ଥରେ ଭାବରାଜ୍ୟରେ ସ୍ଥାନ ପାଇଛି; ବାହ୍ୟିକ ଆକର୍ଷଣ କ'ଣ ତାକୁ କେବେ ବିଚଳିତ କରିପାରେ ?

ସମୟ ଅନୁସାରେ ଫୁଲ ଆସି ପାରେନା । ପୂଜାରେ ବିଘ୍ନ ଘଟେ । ପୁରୋହିତ ଗାଳି ଗୁଲଜ କଲେ ମଧ୍ୟ କିଛି ଫଳ ହୁଏନା । ସବୁ ଶୁଣି ବୋକାପରି ହସିଦିଏ ବାମା । ଦିନେ କିନ୍ତୁ ଘଟିଲା ଅଘଟଣ । ସକାଳୁ ସକାଳୁ ଉଠି ଫୁଲ ତୋଳିବା ପାଇଁ ଗଛରେ ଉଠିଲା ବାମା । ବିରାଟ ମନ୍ଦାର ବୃକ୍ଷଟି ଫୁଲଭରା । ରକ୍ତଜବାର ରକ୍ତିମ ଛଟା ଦେଖି କ୍ଷେପାର

ମାନସନେତ୍ରରେ ଫୁଟି ଉଠିଲା ତାରାମା'ର ଅତୁଳ ଚରଣଦ୍ୱୟ–ଆଉ ସାଙ୍ଗେ ସାଙ୍ଗେ ଭବ ସମାଧି । ଯାହାର ସୃଷ୍ଟି ଏତେ ସୁନ୍ଦର, ସେ ସ୍ରଷ୍ଟା କେତେ ସୁନ୍ଦର, କେତେ ମନୋମୁଗ୍ଧକର ହୋଇ ନଥିବ ସତେ ! ସୃଷ୍ଟି ସଙ୍ଗେ ସ୍ରଷ୍ଟାର ତୁଳନା, ରୂପ ସଙ୍ଗେ ଅରୂପର ଭାବନା ଓ ଗୁଣ ସଙ୍ଗେ ନିର୍ଗୁଣର କଳ୍ପନାରେ ମନ ହେଲା ସ୍ତବ୍ଧ, ଚିତ୍ତ ହେଲା ସମାହିତ । ଚିତ୍ତର ଏହି ସାମ୍ୟ ଅବସ୍ଥାହିଁ ଯୋଗ । ବାହ୍ୟେନ୍ଦ୍ରିୟ ବର୍ତ୍ତମାନ ଅନ୍ତର୍ମୁଖୀ–ତେଣୁ ବାହାରର କୌଣସି ଶବ୍ଦ ଶୁଭିଲାନି କାନକୁ ।

ପୁରୋହିତ ଡାକି ଡାକି ନୟାନ୍ତ । ଉଗ୍ରମୂର୍ତ୍ତିରେ ପୂଜାର ଆସନ ତ୍ୟାଗକରି ବଗିଚାକୁ ଆସି ବୃକ୍ଷମୂଳେ ଠିଆ ହୋଇ ଖୁବ୍ ଜୋରରେ 'ବାମା' ବୋଲି ଚିତ୍କାର କଲେ ମଧ୍ୟ କିଛି ଫଳ ହେଲାନି । ଅନ୍ୟ ଜଣେ କର୍ମଚାରୀକୁ ଗଛରେ ଚଢ଼େଇ ଜୋରକରି ଓହ୍ଲେଇ ଦିଆଗଲା ବାମାକୁ । ତଥାପି ଫେରିଲାନି ଚୈତନ୍ୟ । ମୁଣ୍ଡରେ ପାଣିଢାଳି ଅନେକ ଡକାଡକି, ହଲାହଲି, କଲାପରେ ନିଦରୁ ଉଠିଲାପରି ଜାଗ୍ରତ ହେଲା ଦେବଶିଶୁ । "ଆଜି, ଅନେକ ଫୁଲ, ଠାକୁରବାବା, ଫୁଲେ ଫୁଲେ ସାଜିଦିଅ କାଳୀ ମା'କୁ ।"

ଶୀଘ୍ର, ଶୀଘ୍ର ଫୁଲ ନେଇ ଯାହିତାହି କରି ମା'ର ପୂଜା ଶେଷ କରି ବାହାରି ପଡ଼ିଲେ ପୁରୋହିତ । ସେଦିନ ତାଙ୍କର ଅନ୍ୟତ୍ର ପୂଜାର ବରଦ ଥାଏ । ଦୁଇ ପଇସା ରୋଜଗାର ବି ହେବ । ଠିକ୍ ଏତିକିବେଳେ କ୍ଷେପା ବାଧାଦେଇ କହି ଉଠିଲା–"ଏ କ'ଣ ଠାକୁର ମହାଶୟ, ମା' ଯେ ଏଯାଏଁ ଭୋଗ ଖାଇନି । ଆଜି କ'ଣ ମା' ଉପବାସୀ ରହିବ ?" "ହଁ ହଁ ତୁ ଖୁଆଇଦେ ତୋ ମା'କୁ ଭୋଗ, ମୁଁ ଗଲିଲି" ବୋଲି କହି ଅଗ୍ରସର ହେଲେ ପୁରୋହିତ । ଚିତ୍କାର କରି ଉଠିଲା ବାମା–"ଏ ଭକ୍ତିହୀନ-ପୂଜାରେ କିନ୍ତୁ କିଛି ଲାଭନାହିଁ ।" ବାସ୍ ସେହି ମୁହୂର୍ତ୍ତରେ ହିଁ ଚାକିରିରୁ ବରଖାସ୍ତ । ଦାସତ୍ୱ ଶୃଙ୍ଖଳରୁ ମୁକ୍ତି ମିଳିଲା କ୍ଷେପାପୁଅକୁ–ସବୁ ଶ୍ୟାମା ମା'ର କୃପା । "ବେଶ୍, ତାହାହିଁ ଉତ୍ତମ" କହି ବିଦାୟ ନେଲା ବାମଦେବ ।

ଘରକୁ ଫେରି ମା'ର ପାଦଧୂଳି ନେଇ ସବୁକଥା ଖୋଲି କହିଲା ବାମା । ଆଉ ଗଙ୍ଗକୁମାରୀ ଦେବୀ ଗଭୀର ସ୍ନେହରେ ପୁଅକୁ ବୁକୁରେ ଗ୍ରପିଧରି କହିଲେ– "ଯାଉ ବାବା, ଗ୍ରକିରି ବାକିରି ଆମର ଦରକାର ନାହିଁ । ଯାହାଟିକେ ଜମିଜୁମା ଅଛି, ତାକୁହିଁ ତୁ ମନପ୍ରାଣ ଦେଇ ଗ୍ରଷବାସ କର । ତାରା ମା'ର କୃପାରୁ କୌଣସିମତେ ଚଳିଯିବା ।"

ସର୍ବାନନ୍ଦଙ୍କର ପୁରାତନ ଗ୍ରଷୀ ସର୍ବେଶ୍ୱର ଅଧାମଜୁରୀରେ ଜମିବାଡ଼ିତକ ଗ୍ରଷ କରିଦିଏ । ବାମା ଉପରେ ଏଥର ଭରପଡ଼ିଲା ସକାଳେ ଓ ଦ୍ୱିପ୍ରହରେ ସର୍ବେଶ୍ୱର ଦାଦା ପାଇଁ ମୁଢ଼ି-ଗୁଡ଼ ନେଇ କ୍ଷେତରେ ପହଞ୍ଚେଇବା ।

ପ୍ରତ୍ୟହ ବାମା ଘରୁ ମୁଢ଼ି-ଗୁଡ଼ ନେଇ ବାହାରେ ଠିକ୍, କିନ୍ତୁ ପ୍ରାୟ ଅଧିକାଂଶ ଦିନ ବିଗ୍ରର କୃଷକର ଭାଗ୍ୟରେ ଖାଇବାକୁ ଜୁଟେନା । ଭବାବେଶରେ ବାମଦେବ କେଉଁଦିନ ରାସ୍ତାକଡରେ ଭିଖାରିଟିଏ ଦେଖି ମୁଢ଼ିତକ ତା' ଅଣ୍ଟିରେ ଅଜାଡ଼ି ଦେଲାଣି ତ କେଉଁଦିନ ତାରମା' ମନ୍ଦିରକୁ ଆସି ତା'ର ପ୍ରିୟ କୁକୁରଗୁଡ଼ିକୁ ସବୁ ବାଣ୍ଟିଦେଲାଣି । ବିଗ୍ରର ସର୍ବେଶ୍ୱର ହାଉଡା ବାମା ପାଇଁ ପ୍ରାୟ ଉପବାସୀ ରହେ । ଏଥିନିମନ୍ତେ ମା' ପାଖରୁ ଖୁବ୍ ଗାଳି ଶୁଣେ ବାମା, ମଝିରେ ମଝିରେ ସର୍ବେଶ୍ୱର ଦାଦା ମଧ୍ୟ ଗୋସ୍ତଜଗା ପାଞ୍ଚଣରେ ଦୁଇ ଏକ ପାହାର ବସେଇ ଦିଏ ।

ସେଥିପାଇଁ କିନ୍ତୁ ଦୁଃଖ ବା ଅଭିମାନ ନାହିଁ । ଉତ୍ତର କାଳରେ ସଦାନନ୍ଦମୟ ବାମା ହସି ହସି କହେ–"ମୁଁ ଟିକିଏ ହୁଣ୍ଡା ହାଉଡ଼ା ଥିଲିବୋଲି ସର୍ବେଶ୍ୱର ଦାଦାର ଖାଇବା ଠିକ୍ ସମୟରେ ପହଞ୍ଚାଇ ପାରେନା । ଆଉ ସେଥିପାଇଁ ବେଳେବେଳେ ଆଦର କରି ସର୍ବେଶ୍ୱର ଦାଦା ପାଞ୍ଚଣରେ ଦି ଗ୍ରରି ପାହାର ବସେଇ ବି ଦିଅନ୍ତି । ସେ କିନ୍ତୁ ମୋତେ ଭାରି ଭଲ ପାଆନ୍ତି ଗୋ ! ମା'ର ପୂଜା କରିବାକୁ ବସିଲେ କେତେ ଶ୍ରଦ୍ଧା, କେତେ ସ୍ନେହରେ ଫୁଲଫଳ ଯୋଗାଡ କରିଦିଅନ୍ତି । ଚକ୍ଷୁଜଳରେ ତାଙ୍କର ବକ୍ଷ ତିନ୍ତି ଯାଏ ।"

ବିଧାତାର ବିଧାନ କିନ୍ତୁ ଅନ୍ୟପ୍ରକାର । ସେ ବର୍ଷ ଦୈବ ଦୁର୍ବିପାକରୁ ଫସଲ ଭଲ ହେଲନି । ଗଙ୍ଗକୁମାରୀ ଦେବୀଙ୍କର ଦୁଃଶ୍ଚିନ୍ତାର ଅନ୍ତନାହିଁ । କିପରି ଚଳିବେ ସାତ ସାତ ପ୍ରାଣୀ କୁଟୁମ୍ବ ? ଆଉ ଏତିକିବେଳେ ଦୟା ଦେଖାଇ ଭଗିନେୟଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ ମାତୁଳ, ପରମ ସୁହୃଦ୍‌ପରି । ଖବର ପାଇ ସାଇଁଥିଆ ଅନ୍ତର୍ଗତ ଦବ ଗ୍ରାମରୁ ଗଙ୍ଗକୁମାରୀ ଦେବୀଙ୍କ ଘର ଆସି ବାମ ଓ ରାମକୁ ନେଇଗଲେ ଉତ୍ତମ ଶିକ୍ଷାଦିକ୍ଷାଦେଇ ଉପଯୁକ୍ତ ମଣିଷ କରିବାର ପ୍ରତିଶ୍ରୁତିଦେଇ ।

ମାମୁଁଘରେ ଗୋଠେ ଗାଈ, ସେଗୁଡ଼ିକୁ ଦେଖାଶୁଣା କରିବାକୁ ବହୁଦିନରୁ ଲୋକର ଅଭାବ ଥିଲା । ମାମୁଁ-ମାଇଁ ଭଣଜା ଦୁଇଟିଙ୍କୁ ପାଇ ମହାଖୁସୀ । ମାଇଁଙ୍କ ଆଦେଶରେ ଗୋରୁଜଗା ଓ ଗୁହାଳ ପରିଷ୍କାର କାମ ନ୍ୟସ୍ତ ହେଲା ବାମଦେବ ଉପରେ ଆଉ ରାମଚନ୍ଦ୍ର ନିଯୁକ୍ତ ହେଲା ବୋଲହାକ କରିବା ପାଇଁ । ମାଇଁଙ୍କ ଦୃଷ୍ଟି କିନ୍ତୁ ବଡତୀକ୍ଷ୍ଣ । କାମର ଟିକିଏ ଓଲମ-ବିଲମ୍ବ ହେଲେ କଠିନ ଶାସ୍ତି, ଅଧାପେଟ କିମ୍ବା ପୁରା ଖାଇବାବନ୍ଦ ।

ଯାହାହେଉ, ମାତୁଳଙ୍କ ଅପାର କରୁଣା ଭଗିନେୟ ଦ୍ୱୟଙ୍କର ବିଦ୍ୟାଶିକ୍ଷାର ପ୍ରବେଶିକା ଆରମ୍ଭହେଲା ଏହିପରି ଭବରେ ସାଂସାରିକ କାର୍ଯ୍ୟ କର୍ମ ମଧ୍ୟଦେଇ, କିନ୍ତୁ ଯିଏ ମନରୁ ସମସ୍ତ କର୍ମ ତ୍ୟାଗକରି ଶ୍ୟାମା'ମାର ଶ୍ରୀରଙ୍ଗା ଚରଣରେ ଆଶ୍ରୟ ନେଇଛି ତାକୁ ସାଂସାରିକ କର୍ମରେ ବାନ୍ଧି ରଖିବା କ'ଣ ସମ୍ଭବ ?

ଅତି ଭୋରରୁ ହାତରେ ବାଡ଼ିଧରି ଗାଈଗୋଠ ନେଇ ବାହାରି ପଡେ ବାମାକୃଷ୍ଣ-ଶ୍ରୀକରରେ ବଂଶୀ, ଶିରରେ ଶିଖି ପୁଚ୍ଛ, ପାଦରେ ନୂପୁର କଟିରେ ପୀତବାସ କିମ୍ବା ଗଳାରେ ବନମାଳ—ଏସବୁ କିଛି ଉପସ୍ଥିର ନାହିଁ ସତ କିନ୍ତୁ ଅଛି ସେହି ଭବବିନୋଦିୟାଙ୍କ ବ୍ରଜରସମାଧୁରୀ ସ୍ୱର୍ଗୀୟଭବ । ସେ ଭବ ସଖ୍ୟଭବ ଯେପରି ବ୍ରଜର ଗୋପାଳ ଆଉ କୃଷ୍ଣ !

"ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହଂ"

(ଗୀତା)

ଶ୍ରୀଭଗବାନ ସାଧକର ଭବାନୁଯାୟୀ ଧ୍ୟେୟମୂର୍ତ୍ତିରେ ପ୍ରକଟିତ ହୋଇ ଭବାନୁରୂପ ଭୋଗ ପ୍ରଦାନକରି ତାହା ସଙ୍ଗେ ବିହାର କରିବାକୁ ପ୍ରତିଶ୍ରୁତିବଦ୍ଧ । ଆମର ବାମ-କୃଷ୍ଣର କପାଳରେ ନଥିଲା ଗୋରଚନା, ସାଙ୍ଗରେ ନଥିଲେ ସୁବଳ କି ସୁଦାମ, ଭାଗ୍ୟରେ ନଥିଲା ବାତ୍ସଲ୍ୟ ରସଠାକୁରାଣୀ ନନ୍ଦରାଣୀଙ୍କ ବାତ୍ସଲ୍ୟ ବା ଶ୍ରୀମତୀଙ୍କର ଅନିର୍ବଚନୀୟ ପ୍ରେମ । ବଂଶୀ ବଦଳରେ ଶ୍ରୀକରରରେ ଶୋଭା ପାଉଥିଲା ଗୋରୁଜଗା ପାଞ୍ଚଣ, ଯାହାଶବ୍ଦ ଶୁଣି ଛୁଟି ଆସୁଥିଲେ ବ୍ରଜାଙ୍ଗନାଗଣ । ବାହ୍ୟ ଗୋଚାରଣରେ ଭଗବାନ ଶ୍ରୀକୃଷ୍ଣଙ୍କ ସଙ୍ଗେ ଅସାମଞ୍ଜସ୍ୟ ଥିଲେ ମଧ୍ୟ ଭବରାଜ୍ୟରେ ଉଭୟେ କିନ୍ତୁ ଜୀବଗଣଙ୍କ ମନୋଧେନୁକୁ ଚରାଇବାରେ ଓସ୍ତାଦ୍ । ଉଭୟଙ୍କ ବଂଶୀଧ୍ୱନୀରେ ଆକର୍ଷିତ ହୋଇ ଛୁଟି ଆସନ୍ତି ତାପିତ, ତୃଷିତ ଜୀବକୁଳ, ଯେଉଁମାନଙ୍କୁ ଅବିଗ୍ରରରେ ବୁକୁକୁ ଟେକିନେଇ ଉଭୟେ ଦେଇଛନ୍ତି ଚରମ ଓ ପରମ ଆଶ୍ରୟ—ଏହାରି ନାମହିଁ ପ୍ରେମାଲିଙ୍ଗନ ।

ପଡ଼ିଆ ମଝିରେ ପହଞ୍ଚି ଗାଈଗୁଡ଼ିକ ଏଣେତେଣେ ଛୁଟି ଯାଆନ୍ତି । କ୍ଷେପାର କିନ୍ତୁ ସେ ଆଡକୁ ନଜର ନାହିଁ—ଆମ୍ବଗଛ ମୂଳେ ବସି ଗୋରୁମାନଙ୍କୁ ଗ୍ରହୁଁ ଗ୍ରହୁଁ ଦୃଷ୍ଟି ଯାଇ ନିବଦ୍ଧ ହୁଏ ସୀମାହୀନ ଦିଗ୍‌ବଳୟ ଉପରେ । ମନରେ ଆସେ ଭବାନ୍ତର । ଦୁଇହାତ ଉପରକୁ ଟେକି ହରିବୋଲ-ହରିବୋଲ କହି ନାଚିବାକୁ ଆରମ୍ଭ କରେ । ଧୂଳିରେ ଗଡାଗଡ଼ି କରି କହିଉଠେ— "ଆଜି ମୁଁ ରଖାଳ ସାଜିଛି, ଆସ ସଖା, କାହିଁ ଅଛ ତୁମେ । ବଜାଅ ମୋହନ ବଂଶୀ—ନାଚ ତୁମେ ନଟବର ବେଶେ-ବନଫୁଲେ ସାଜି ଦେବି ଗ୍ରରୁ ଅଙ୍ଗ ତବ—ବାନ୍ଧିଦେବି ଶିରେ ଶିଖିପୁଚ୍ଛ ।"

ଆନନ୍ଦ ଯେତେବେଳେ ପ୍ରବାହିତ ହୁଏ, ସେତେବେଳେ ତାହା ମାନେନା, ବାଧା, ବିଘ୍ନ, ଲଜ୍ଜା, ଘୃଣା କିମ୍ବା ଭୟର ବନ୍ଧନ । ଅନ୍ତଃସଲୀଳା ଫଲ୍‌ଗୁପରି ମେରୁ ଗିରିର ବକ୍ଷ ଭେଦ କରି ଢ଼େଉଁ ପଡେ ସମତଳକୁ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାରେ, ମତୁଆଲା ମନ ଭସିଯାଏ ଅସୀମ ପ୍ରେମାନନ୍ଦ ସ୍ରୋତରେ । ଝରିପଡ଼େ ପ୍ରେମ ଅଶ୍ରୁବାରି ପ୍ରାଣସଖାଙ୍କ ପ୍ରତୀକ୍ଷାରେ । ଦୃଷ୍ଟି ହୁଏ ଅନ୍ତର୍ମୁଖୀ, ମନ ଲୀନ ହୁଏ ଚିତ୍ତରେ, ବିଚରଣ କରେ ଭବରାଜ୍ୟରେ ।

କ୍ଷେପାର ମନ ଯେତେବେଳେ ଭବରାଜ୍ୟରେ ପ୍ରେମମୟ ସଖାଙ୍କ ପ୍ରେମ ଆସ୍ୱାଦନ କରି ବିଭୋର, ଠିକ୍ ସେତିକିବେଳେ ଅବୋଧ ଗୋରୁଗୁଡ଼ିକ ବାଧାନପାଇ ପଡ଼ିଆଛାଡ଼ି ଓହ୍ଲେଇ ପଡ଼ନ୍ତି ଧାନକ୍ଷେତକୁ । ମନ ଖୁସିରେ ଉଦରସ୍ଥ କରନ୍ତି କଞ୍ଚାଧାନ ଓ ଦଳିଚକଟି ନଷ୍ଟ କରନ୍ତି କ୍ଷେତବାଡ଼ି । ଦରିଦ୍ର ଚାଷୀମାନେ କେଉଁଠି ଥାଆନ୍ତି ଦଉଡ଼ି ଆସି ବେଶ ଉତ୍ତମ ମଧ୍ୟମ ଦେଇ କ୍ଷେପାର ଚୌଦ୍ଦପୁରୁଷ ଉଦ୍ଧାର କରନ୍ତି । କ୍ଷେପାର କିନ୍ତୁ କୌଣସି ସ୍ୱରଶବ୍ଦ ନଥାଏ—ପୂରା ବେହୋସ ।

ହଠାତ୍ ଘଟିଲା ଭବଘରେ ପରିବର୍ତ୍ତନ । ଆଜାନୁଲମ୍ବିତ ଦୁଇବାହୁ ପ୍ରସାରିତ କରି ଡେଇଁ ପଡ଼ିଲା କ୍ଷେପା— ମା’ ମା’ ରବରେ ନିର୍ଜନ ପାନ୍ତର ପ୍ରକମ୍ପିତ କରି ଆଗରେ ଏ କିଏ ? ଏତ ଶ୍ୟାମ ନୁହେଁ ଶ୍ୟାମା । ଶ୍ରୀକରରେ ବଂଶୀ ପରିବର୍ତ୍ତେ ଅସି, ମୁଖମଣ୍ଡଳରେ ମୃଦୁହାସ ପରିବର୍ତ୍ତେ ବାତ୍ସଲ୍ୟ ଭବପୂର୍ଣ୍ଣ । ପୁତ୍ରସ୍ନେହ ବିଗଳିତା ବରଭୟ ଦାୟିନୀ, ତ୍ରିତାପ ନାଶିନୀ ତାର ମା’ର ମନୋରମାଙ୍ଗୀ ଛାୟାମୂର୍ତ୍ତି ଦର୍ଶନ କରି ଆତ୍ମହରା ହୋଇଯାଏ ପାଗଳା ପୁଅ । ଧରିବାକୁ ଦଉଡ଼ିଯାଏ । କିନ୍ତୁ ପଲକରେ ଘଟେ ଘଟାନ୍ତର । ଶ୍ୟାମା ଧରନ୍ତି ଶ୍ୟାମ କଳେବର । ଅସି ପରିବର୍ତ୍ତେ ବଂଶୀ-ବାତ୍ସଲ୍ୟ ପରିବର୍ତ୍ତେ ପ୍ରେମ ।

ହଠାତ୍ ଗୋରୁମାନଙ୍କର କାତର ରଡ଼ି ଶୁଣି-ଭବସମାଧି ଭାଙ୍ଗିଯାଏ କ୍ଷେପାର । ଦଉଡ଼ିଯାଇ ଚାଷୀମାନଙ୍କ ପାଦତଳେ ପଡ଼ି ଗୁହାରି କରେ— “ନିର୍ବୋଧ ପଶୁଗୁଡ଼ାଙ୍କର କିଛି ଦୋଷ ନାହିଁ ଭାଇ, ମୋରି ଦୋଷରୁ ହିଁ ସେମାନେ ଫସଲ ନଷ୍ଟ କରି ପକାଇଛନ୍ତି । ଭାରିକଷ୍ଟ ଭାଇ, ଆଉ ମାରନା, ଯଥେଷ୍ଟ ଶାସ୍ତି ପାଇଛି ।” ଦିନ, ଦିନଧରି ଚାଲେ ଏହି ଲୀଳା । ଚାଷୀମାନେ ସବୁ ଦେଖିଶୁଣି ବାଟଘାଟରେ କଥାବାର୍ତ୍ତା ହୁଅନ୍ତି— “ଆରେ ଭାଇ, ସର୍ବାନନ୍ଦ ପୁଅ ଏହି ପାଗଳାଟାର କଥା ଶୁଣ, କହୁଛି କ’ଣ ନା ମୋତେ ଆଉ ଶାସ୍ତି ଦିଅନା । ଆମେ ମାରିଲୁ ଗୋରୁଙ୍କୁ ଆଉ ଏ କହୁଛି କ’ଣ ନା ମୋତେ ଭାରି କଷ୍ଟ । ପାଗଳାରେ ଭାଇ ଏକବାରେକେ ପାଗଳା ।”

ଏଣେ ମାମୁଁ, ମାଇଁ ନିତିନିତି କ୍ଷେପାର ପାଗଳାମୀର କାହାଣୀ ଶୁଣି ବିରକ୍ତ । ଶାସ୍ତିର ମାତ୍ରା ବି ବଢ଼ି ଚାଲିଲା । କେଉଁଦିନ ଅର୍ଦ୍ଧାହାର ତ କେଉଁଦିନ ଅନାହାର । ତା ସାଙ୍ଗକୁ ଗାଳିଗୁଲଜ ଓ ପ୍ରହାର । କ୍ଷେପାର କିନ୍ତୁ କୌଣସି ପରିବର୍ତ୍ତନ ଦେଖା ଗଲାନି । ଶାସ୍ତିର ମାତ୍ରା ଯେତେବେଳେ ଚରମରେ ପହଞ୍ଚିଲା, ଦିନେ କାହାକୁ କିଛି ନ କହି ରାମକୁ ଧରି ବାମାଚରଣ ଫେରି ଆସିଲା ସ୍ନେହମୟୀ ଜନନୀ କୋଳକୁ । ଘରର ପୁଅ ଫେରି ଆସିଲା ଘରକୁ । ସବୁଶୁଣି ସ୍ୱସ୍ତିର ନିଶ୍ୱାସ ମାରିଲେ ରାଜକୁମାରୀ ଦେବୀ ।

ଘରକୁ ଫେରିହିଁ ବାମାଚରଣ ଛୁଟିଲା ତାରା ପୀଠକୁ । କେତେଦିନ ହେଲା ଶିଳାମୟୀ ମା'ର ଦର୍ଶନ ମିଳିନି । ତାରା ମା'ର ଅଦମ୍ୟ ଆକର୍ଷଣ ଅସ୍ଥିର କରି ଦେଉଛି ପଞ୍ଚପ୍ରାଣ । ଶତବାହୁ ପ୍ରସାରିତ କରି ଯେପରି ମା' ଡାକୁଛି ତା'ର ପାଗଳା ପୁଅକୁ ।

ପୁଣି ସେହି ଶ୍ମଶାନ, ଶିମୁଳି ତଳ ଓ ମା'ର ମନ୍ଦିର । ବାମା ଏଥର ଦୀର୍ଘଶ୍ୱାସ ଛାଡ଼ି ଭାବିଲା– ଯାହାହେଉ ଏତେଦିନେ ଯେପରି ଦୁଃସ୍ୱପ୍ନଟା କଟିଗଲା ।

ଶିଳାମୟୀ ମା'ର ସାମ୍ନାରେ ଆଭୂମି ପ୍ରଣାମ କରି ଅନ୍ତରର ବ୍ୟାକୁଳତା ବ୍ୟକ୍ତ କରେ ବାମା– "ମା ଗୋ ! ଅନ୍ନକଷ୍ଟ ଦୂର କର । ଆଖି ଆଗରେ ମା, ଭାଇ ଭଉଣୀଙ୍କର ଅନାହାରଜନିତ ଶୁଖିଲା ମୁହଁ ଦେଖି ସହି ପାରୁନି !"

ଆଖି ଦୁଇଟି ଭରିଯାଏ ଜଳରେ; କଣ୍ଠ ହୁଏ ବାସ୍ପରୁଦ୍ଧ । ଆଉ କହିପାରେନା । ଭବାବେଶରେ ଘୁମେଇଁ ପଡେ ମନ୍ଦିର ଦୁଆରେ–କଟିଯାଏ ରାତି । ମା' ବୁଝେ ପୁଅର ବେଦନା । ବୁଲେଇଦିଏ ସ୍ନେହବୋଳା ହାତ । ପ୍ରଭାତ ଆଲୋକ ସଙ୍ଗେ ସଙ୍ଗେ ଜାଗିଉଠେ କ୍ଷେପା; ନବ ଉଦ୍ଦୀପନା, ନବ ଉନ୍ମାଦନା ଘେନି ।

ରାଜକୁମାରୀଙ୍କ ଦୁଃଖର କିନ୍ତୁ ଅନ୍ତ ନାହିଁ । ଖିଆଲି ବାମା ଯେଉଁ ହାଉଡାକୁ ସେହି ହାଉଡା, ଜାଗତିକ ଯେ କୌଣସି କାର୍ଯ୍ୟରେ ହିଁ ବିମୁଖ, ନିରଙ୍କୁଶ । କିନ୍ତୁ ପ୍ରବଳ ଆଶକ୍ତି ତାର ମା'ର ଚରଣରେ । ମା'ର ପୂଜାରେ ବାମାର ଚିରଦିନ ପରମ ଉତ୍ସାହ । ଏ ପୂଜାରେ କିନ୍ତୁ କିଛି ବିଧିବିଧାନ ନାହିଁ । ଶୁଦ୍ଧାଶୁଦ୍ଧ ବା ମନ୍ତ୍ର ତନ୍ତ୍ରର ଧାରଧାରେନା । ଚମ୍ପା, କରବୀ, ଗେଣ୍ଡୁ—ପଥାଧାରରେ ଯାହା ଫଳ ଫୁଲ ମିଳିଲା ଆଗ୍ରହରେ ତୋଳିନେଇ ସାଲୁ ପତ୍ରରେ ସଜେଇ ରଖି ମା' ନାମରେ ଅର୍ଘ୍ୟ ନିବେଦନ କରି "ମା-ତାର" ନିନାଦରେ ନିନାଦିତ କରେ ଗଗନ ପବନ । ଆଉ କେବେ କେବେ ନାନାରଙ୍ଗର ରାଶିରାଶି ବନଫୁଲ ଓ ବେଲପତ୍ରର ଅଞ୍ଜଳି ଅଜାଡ଼ି ଦିଏ ଶିଳାମୟୀର ଶ୍ରୀପାଦପଦ୍ମରେ । ଆପଣା ଖୁସିରେ ଘୁରିବୁଲେ ଗ୍ରାମସାରା, ମୁଖରିତ କରେ ବାଟଘାଟ 'ମା' ତାର ନିନାଦରେ । କ୍ରମଶଃ ସ୍ୱଭାବ-ସରଳ ହୁଣ୍ଡା ହାଉଡା ବାମାର ଜୀବନ ସଙ୍ଗେ ତାହାର ସମସ୍ତ ଅସ୍ତିତ୍ୱର ସଙ୍ଗେ ଓତପ୍ରୋତଃ ହୋଇ ଜଡ଼ି ଉଠେ ତାର ମା'ର ଦିବ୍ୟସତ୍ତା । ସମସ୍ତଙ୍କ ଅଲକ୍ଷ୍ୟରେ ଓ ନିଜ ଅଜ୍ଞାତରେ ତରୁଣ ସାଧକ ଏଥର ହୋଇଉଠେ ତାରମୟ ।

*

ସାତ

ସେଥର ତାରପୀଠକୁ ଆସିଥାନ୍ତି ବ୍ରଜବାସୀ କୈଳାସପତି ବାବା, ସିଦ୍ଧଭୈରବ-ସନ୍ନ୍ୟାସୀ । ଗଳାରେ ତୁଳସୀମାଳ ଓ କରରେ ରୁଦ୍ରାକ୍ଷର ହାର । ଶ୍ୟାମ, ଶ୍ୟାମା ଯେ ଏକ ଓ ଅଭିନ୍ନ ସେହି ଭାବହିଁ ପ୍ରକାଶ ପାଉଥାଏ ବାବାଙ୍କ ବେଶଭୂଷା ଓ ଆଚାର ବ୍ୟବହାରରେ । ବ୍ରଜର ସାଧନା ଶେଷ କରି ବୋଧହୁଏ ମା'ର ସାଧନା ନିମନ୍ତେ ତାଙ୍କର ତାରପୀଠକୁ ଆଗମନ । ଏହି ସିଦ୍ଧପୀଠକୁ ଆସି ସିଦ୍ଧ ମହାପୁରୁଷ ମହାଶ୍ମଶାନର କେନ୍ଦ୍ରସ୍ଥଳ କଳ୍ପଦ୍ରୁମ ଶିମୁଳି ବୃକ୍ଷମୂଳେ ସ୍ଥାପନ କଲେ ତାଙ୍କର ଆସନ ।

ବିଚିତ୍ର ଏହି ମହାପୁରୁଷଙ୍କର ଚାଲି ଚଳନ, ଅଲୌକିକ ତାଙ୍କର କ୍ରିୟା କଳାପ । କେତେବେଳେ ଶିମୁଳି ତଳେ ଧ୍ୟାନମଗ୍ନ ତ କେତେବେଳେ ଦ୍ୱାରକାନଦୀ ଜଳ ଉପରେ ଘଣ୍ଟା ପରେ ଘଣ୍ଟା ଆସନୋପବିଷ୍ଟ, ଆଉ କେତେବେଳେ ବା ଦୀର୍ଘସମୟ ଧରି ନଦୀଜଳ ମଧ୍ୟରେ ସମାଧିରେ ନିମଜ୍ଜମାନ । ଖାଇବା ପିଇବାରେ କୌଣସି ବାଛବିଚାର ନାହିଁ । ତାରା ମା'ର ଭୋଗପ୍ରସାଦ ଗ୍ରହଣ କରନ୍ତି ମହାନନ୍ଦେ ଶ୍ୱାନ, ଶକୁନ ଓ ଶୃଗାଳମାନଙ୍କ ସଙ୍ଗରେ ଏକାପତ୍ରେ ।

ଏହି ଅଦ୍ଭୁତକର୍ମା ସନ୍ନ୍ୟାସୀଙ୍କ ଆଗମନରେ ସବୁଠାରୁ ବେଶୀ ଖୁସି ବାମାଚରଣ । ଶ୍ୟାମ ନାଗରଙ୍କ ବଂଶୀ ସ୍ୱନରେ ଉତଲା ହୋଇ ଗୋପାଙ୍ଗନାମାନେ ଯେପରି କୁଳ, ଲଜ୍ଜ-ଭୟ ତ୍ୟାଗକରି ଛୁଟି ଯାଉଥିଲେ ବୃନ୍ଦାବନକୁ ରାସରସିକଙ୍କ ସାନ୍ନିଧ୍ୟଲାଭ ଆଶାରେ, ଠିକ୍ ସେହିପରି କେଉଁ ଏକ ଅଜଣା ଆକର୍ଷଣରେ ଟାଣିହୋଇ ବାବାଙ୍କ ପାଖକୁ ଛୁଟି ଆସିଲେ ବାମା । ପଛରେ ପଡ଼ି ରହିଲେ ଗାଁ, ଘର, ମା ଭାଇ ଓ ଭଉଣୀ । ପ୍ରଥମ ଦର୍ଶନରେ ହିଁ ନିଜକୁ ସମର୍ପି ଦେଲେ ଶ୍ରୀପାଦପଦ୍ମରେ । କେତେଦିନର ଆକୁଳ ପ୍ରତୀକ୍ଷା ଯେପରି ପୂର୍ଣ୍ଣ ହେଲା ଚରମ ଓ ପରମପ୍ରାପ୍ତିରେ ।

ଆଦରରେ କୋଳକୁ ଟୋକିନେଲେ ଭୈରବ । ତନ୍ତ୍ର ସାଧନାର ନିଗୂଢ଼ ରହସ୍ୟ ସରଳଭାବେ ଶିକ୍ଷା ଦେବାକୁ ଲାଗିଲେ ପରମ ଉତ୍ସାହଭରେ । ନିଜ ହାତରେ ଗଢ଼ି ତୋଳିଲେ ନିରୀହ ଦେବ ଶିଶୁକୁ ।

ଏହି ରୁଦ୍ର ସନ୍ନ୍ୟାସୀଙ୍କର ଜୀର୍ଣ୍ଣ କୁଟୀର ଛାୟାତଳେ ଆଶ୍ରୟ ପାଇ ସ୍ୱସ୍ତିର ନିଶ୍ୱାସ ମାରିଲା ବାମାଚରଣ । ମନେମନେ ଗୁରୁ ରୂପେ ବରଣ କରି ମନ ପ୍ରାଣ ଢାଳି ଲାଗି ପଡ଼ିଲା ଶ୍ରୀପଦ ସେବାରେ । କିଶୋର ମନ ଅଭିଭୂତ ହୋଇ ପଡ଼ିଲା ଭୈରବଙ୍କ ଆଗ୍ରହ ବ୍ୟବହାର ଦେଖି । ଗୁରୁଦେବଙ୍କ ସଙ୍ଗ ଛାଡେନା ବାମାଚରଣ । ଗଭୀର ନିଶୀଥରେ ମଶାଣିଭୂଇଁରେ ଛାୟା ପରି କାୟା ସଙ୍ଗେ ଘୂରିବୁଲେ । ଡର ନାହିଁ, ଭୟ ନାହିଁ, ଚିନ୍ତା ନାହିଁ କି ଦ୍ୱନ୍ଦ୍ୱ ନାହିଁ । ଗୁରୁ ସେବାହିଁ ଚରମ ଧର୍ମ ଓ ଗୁରୁଙ୍କ ଆଦେଶ ପାଳନ ହିଁ ପରମ କର୍ମ । ବାବା ବ୍ରଜବାସୀ ମଧ୍ୟ ଏହି ଏକାନ୍ତ ଅନୁଗତ ତରୁଣ ଭକ୍ତଟିକୁ ପାଇ କୃତକୃତାର୍ଥ । ଆନ୍ତରିକ ଭଲ ପାଇବାରେ ଏତେଟିକେ ବି କାର୍ପଣ୍ୟ ନାହିଁ ।

ବେଦଜ୍ଞ ବ୍ରାହ୍ମଣ ମୋକ୍ଷଦାନନ୍ଦ ସେତେବେଳେ ଥାଆନ୍ତି ତାରାପୀଠର ମହାକୌଳ, ପ୍ରଧାନ ପରିବ୍ରାଜକ । ସେ ଥିଲେ ସର୍ବଶାସ୍ତ୍ରରେ ସୁପଣ୍ଡିତ । ଦେଶ-ବିଦେଶରୁ ଅନେକ ଧର୍ମାନୁରାଗୀ, ଗଣ୍ୟମାନ୍ୟ ବ୍ୟକ୍ତି ତଥା ତାନ୍ତ୍ରିକ ସନ୍ନ୍ୟାସୀ ଦଳ ତାରାପୀଠକୁ ପ୍ରାୟ ଯା'ଆସ କରନ୍ତି ଏହି ପରମ ଜ୍ଞାନୀଙ୍କ-ଠାରୁ ଧର୍ମର ବ୍ୟାଖ୍ୟା ଶୁଣିବାକୁ ।

ବ୍ରଜବାସୀଙ୍କ ସଙ୍ଗେ ମୋକ୍ଷଦାନନ୍ଦଙ୍କର ଅନ୍ତରଙ୍ଗ ଜଳ-କ୍ଷୀର ନୀରର ସମ୍ପର୍କ । ଟିକିଏ ଅବସର ମିଳିଲେ ଦୁଇ ମହାପୁରୁଷ ମହାଶ୍ମଶାନର କେନ୍ଦ୍ରସ୍ଥଳରେ ଏକାଠି ବସି ଶାସ୍ତ୍ର ଆଲୋଚନାରେ ପ୍ରବୃତ୍ତ ହୁଅନ୍ତି । ଆଲୋଚିତ ହୁଏ ତନ୍ତ୍ର ସାଧନାର ତତ୍ତ୍ୱ ଓ ଗୁହ୍ୟ କ୍ରିୟା କଳାପ । ସାକ୍ଷୀରୂପେ ପାଖରେ ବସି ସବୁ ଶୁଣେ କ୍ଷେପା ।

କ୍ଷେପା ବ୍ରଜବାସୀଙ୍କୁ ଗୁରୁବାବା ଓ ମୋକ୍ଷଦାନନ୍ଦଙ୍କୁ ବେଦଜ୍ଞ ବାବା ବୋଲି ସମ୍ବୋଧନ କରେ । ମୋକ୍ଷଦାନନ୍ଦ ଥିଲେ ଭୟାନକ ପୁରୁଷ । ବିନା

ପ୍ରୟୋଜନରେ କେହି ପ୍ରାୟ ତାଙ୍କ ପାଖକୁ ଯିବାକୁ ସାହସ କରନ୍ତନି । କିନ୍ତୁ ବ୍ରଜବାସୀବାବା ସଦା ହସହସ, ପ୍ରାଣଖୋଲା ମଣିଷ । କ୍ଷେପା ପାଖରେ କିନ୍ତୁ ଉଭୟେ ସମାନ । ଆଉ ଉଭୟଙ୍କ ପାଖରେ କ୍ଷେପା ବିଶେଷ ସ୍ନେହର ପାତ୍ର, ଆଦରର ଧନ ।

ପରମ ନିଷ୍ଠା ଓ ଏକାଗ୍ର ଚିତ୍ତରେ ନିକଟରେ ବସି ବାମାଚରଣ ଶ୍ରବଣ କରେ ଗୁରୁଦ୍ୱୟଙ୍କର ଶାସ୍ତ୍ରାଲୋଚନା, ଭବର ଆଦାନ ପ୍ରଦାନ । ବେଳେବେଳେ ଶ୍ରୀଗୁରୁବାବାଙ୍କ ଆଦେଶରେ ଶିମୂଳି ତଳେ ଆସନ କରି ବସି ତାରମା'ର ନାମ ଜପ କରେ; "ଜୟତାରା" ବୋଲି । ଏହାହିଁ କ୍ଷେପାର ସିଦ୍ଧିଲାଭର ମହାମନ୍ତ୍ର; ତାରବୀଜ ।

ତନ୍ତ୍ରୋକ୍ତ ମହାଶ୍ମଶାନର ସଙ୍ଗେ 'ତାରପୀଠ'ର ମେଳ ଷୋଳପଣ । ଦେଢ଼କ୍ରୋଶ ବ୍ୟାପୀ ଏହି ବିରାଟ ମହାଶ୍ମଶାନ । ନିଶ୍ଛିଦ୍ର ଗହନବନ, କେବଳ ବଣଜାମୁ ଓ ସାହାଡ଼ାଗଛରେ ସମାକୀର୍ଣ୍ଣ । ଅଭ୍ୟନ୍ତରରେ ସୂର୍ଯ୍ୟରଶ୍ମୀ ପ୍ରାୟ ପଡ଼େନା । ଜନସମାଗମ ଅତି ବିରଳ । ଚତୁର୍ଦ୍ଦିଗରେ ନରମୁଣ୍ଡ ଓ କଙ୍କାଳ ମାଳ ମାଳ । ଶ୍ୱାନ,ଶିବା ଓ ଶକୁନିର ଦଳ ନିର୍ଭୟରେ ଆନନ୍ଦ ମନରେ ଇତସ୍ତତଃ ବିଚରଣ କରି ନରମାଂସ ଭକ୍ଷଣରତ । ତାହାରି ଏକ ପାର୍ଶ୍ୱରେ ବିରାଟ ଶ୍ୱେତ ଶିମୂଳି ବୃକ୍ଷ ବିରାଜିତ । ଏହି କଳ୍ପଦ୍ରୁମ ମୂଳେ ମଣିପୀଠ ଉପରେ ବଶିଷ୍ଠଦେବକୃତ ପଞ୍ଚମୁଣ୍ଡି ଆସନରେ ପ୍ରତିଷ୍ଠିତା ଦେବୀଙ୍କର ଶିଳାମୟୀ ମୂର୍ତ୍ତି ।

ପୀଠ ଯଥା—

ଶ୍ମଶାନ ତତ୍ର ସଞ୍ଚିନ୍ତ୍ୟ ତତ୍ର କଳ୍ପଦ୍ରୁମଂ ସ୍ମରେତ୍ ।
ତନ୍ମୂଳେ ମଣିପୀଠଞ୍ଚ ନାନାମଣି ବିଭୂଷିତମ୍ ।।
ନାନାଳଙ୍କାର ଭୂଷାଢ୍ୟାଂ ମୁନି ଦେବୈଷ୍ଟ ଭୂଷିତଂ ।
ଶିବାଭିର୍ବହୁ ମାଂସାସ୍ଥି ମୋଦସାନା ଭିରସ୍ତତଃ ।।
ଚତୁର୍ଦ୍ଦିକ୍ଷୁ ଶିବମୁଣ୍ଡଚିତାଙ୍ଗାରଭି ଭୂଷିତଂ ।
ତନ୍ମଧ୍ୟେ ଭବୟେତ୍ ଦେବୀଂ ଯଥୋକ୍ତ ଧ୍ୟାନ ଯୋଗତଃ ।।

(ତନ୍ତ୍ରସାର)

ପ୍ରବାଦ ଅଛି ବଶିଷ୍ଠାଦି ସିଦ୍ଧ ମୁନିଗଣ ଏହି ମହାଶ୍ମଶାନକୁ ପ୍ରଚ୍ଛନ୍ନ ଭାବେ ଯାତାୟତ କରି ସାଧକମାନଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସାହାଯ୍ୟ କରିଥାନ୍ତି ।

ଗରୁଡ଼ବାବାଙ୍କ ପର୍ଣ୍ଣକୁଟୀର ଅଭ୍ୟନ୍ତରରେ ଧୂନି ଜଳୁଛି ଦିବାରାତ୍ର । ଧୂନିର ଏକ ପାଖରେ ସିନ୍ଦୂର-ରଙ୍ଗା ତ୍ରିଶୂଳ ଓ ଅନ୍ୟ ପାଖରେ କମଣ୍ଡଳୁ । ଧୂନି ସାମ୍ନାରେ, ଶାନ୍ତ ନିର୍ବିକାର ଭୈରବ-ସମାସୀନ । ଅଦୂରରେ ପ୍ରିୟ ଶିଷ୍ୟ କ୍ଷେପା । ଟିକିଏ ଦୂରରେ ଦୁଇଗୁରିଜଣ କୃପାଭିକ୍ଷୁ ସନ୍ନ୍ୟାସୀ ଓ କେତେଜଣ ଗୃହୀ ଭକ୍ତ ଆସୀନ । ଏତିକିବେଳେ ଆସି ଯୁଟିଯାନ୍ତି ବେଦଜ୍ଞ ବାବା । ଆଲୋଚନା ଆରମ୍ଭ ହୁଏ—ସାଧନତତ୍ତ୍ୱର ଗୂଢ଼ ରହସ୍ୟକୁ କେନ୍ଦ୍ରକରି । ମଝିରେ ମଝିରେ ବାମାଚରଣଙ୍କୁ ଡ଼ାକରପଡ଼େ । ପରମ ଆଗ୍ରହସହକାରେ ଉଠିଆସି ବାମଦେବ ସଜାଡ଼ିଦିଏ ଚିଲମେ ଗଞ୍ଜେଇ ବା ହୁକାଏ ତମାଖୁ । ଆଲୋଚନା ପୁଣି ଆରମ୍ଭ ହୁଏ ।

ଶକ୍ତି ସାଧନାର ମୌଳିକ ପଥ ଦୁଇଟି: ପ୍ରବୃତ୍ତି ଓ ନିବୃତ୍ତି । ଅନ୍ୟ କଥାରେ ଯାହାକୁ କୁହାଯାଏ ଭୋଗ ଓ ଯୋଗ । ଭୋଗବାସନାର ଶେଷହେଲେ ସାଧକ ମୁକ୍ତିର ସାଧନା କରି ଓହ୍ଲେଇ ଆସେ ନିବୃତ୍ତି ପଥକୁ । ଏହି ନିବୃତ୍ତିହିଁ ସାଧନ-ମାର୍ଗର ମଣିମାଣିକ୍ୟ । ପରମବ୍ରହ୍ମ ସର୍ବଭୂତରେ ବିଦ୍ୟମାନ, ଶକ୍ତିମୟୀ ଦେବୀ ସର୍ବଭୂତା । ତେଣୁ ବ୍ରହ୍ମ ଓ ବ୍ରହ୍ମମୟୀ ଦେବୀ ଏକ ଓ ଅଭିନ୍ନ—ଅନନ୍ତ ରୂପର ଆଧାର । କଳିଯୁଗ ମଣିଷର ପରମାୟୁ କମ୍ । ତେଣୁ ସଂସାରୀ ମଣିଷର ସାଧନା ହେଲା ପ୍ରବୃତ୍ତିମାର୍ଗ । ଏହାରି ମଧ୍ୟରେ ଏକନିଷ୍ଠ ପୂଜା-ଉପାସନାର ମଧ୍ୟଦେଇ ଆସେ ଆତ୍ମଶୁଦ୍ଧି । ନିଆଁରେ ପୋଡ଼ିଲେ ଯେପରି ଖାଦ ପୋଡ଼ିଯାଇ ସୁନା ଖାଣ୍ଟି ହୁଏ, ଠିକ୍ ସେହିପରି ମନର ମଇଳା ଧୋଇଗଲେ ମନରମଣିଷର ସନ୍ଧାନମିଳେ ।

ବ୍ରହ୍ମମୟୀ ପରମାପ୍ରକୃତିର ବିଶ୍ୱରୂପ ବିଶ୍ୱମୟ ପରିବ୍ୟାପ୍ତ । ପଞ୍ଚ ରିପୁର ବୃତ୍ତିଗୁଡ଼ିକୁ ସତ୍‌ଭାବର ମାଳାରେ ଗ୍ରନ୍ଥନକରି ଏହି ବିଶ୍ୱମୟୀର ଶ୍ରୀପାଦପଦ୍ମରେ ଉପହାର ଦେବାରେହିଁ ପ୍ରବୃତ୍ତିମାର୍ଗର ସାର୍ଥକତା । ଆଉ ସେତେବେଳେ ହିଁ

ଅନ୍ତର୍ଦୃଷ୍ଟି ଖୋଲି ସାଧକ ମନରେ ଜାଗେ ବ୍ୟାକୁଳତା । ଅବଶ୍ୟ ଲୋକ ଦେଖାଣିଆ ଯାଗ-ଯଜ୍ଞ, ପୂଜାଉପାସନା ଭଣ୍ଡାମିର ନାମାନ୍ତର ମାତ୍ର । ଅନୁରାଗ ରଙ୍ଗରେ ମନ ଯେପର୍ଯ୍ୟନ୍ତ ରଂଜିତ ନ ହୋଇଛି—ଏସବୁ ବାହ୍ୟିକ ଅନୁଷ୍ଠାନର କୌଣସି ମୂଲ୍ୟନାହିଁ । ସଂସାରୀ ଲୋକ ନାକଚିପି ଯୋଗ କରିବସିଲେ ଏଦିଗ-ସେଦିଗ-ଦୁଇଦିଗ ହରାଇ ଅବଶେଷରେ ଶକ୍ତ ବ୍ୟାଧିର ଜେଲଖାନାରେ ବନ୍ଦୀହୁଏ ।

ଅନ୍ୟପକ୍ଷରେ ସନ୍ନ୍ୟାସ ଧର୍ମହିଁ ନିବୃତ୍ତିମାର୍ଗର ପ୍ରତୀକ । କିନ୍ତୁ ଗେରୁଆ ପିନ୍ଧିଲେ କେହି ସନ୍ନ୍ୟାସୀ ହୁଏନା । ଗେରୁଆ ରଙ୍ଗରେ ମନଟାକୁ ଆଗେ ରଙ୍ଗେଇବାକୁ ହୁଏ । ତା'ପରେ ଶ୍ରୀଗୁରୁଦେବଙ୍କ ପାଖରୁ ଦୀକ୍ଷା ଗ୍ରହଣ, ଗୁରୁଙ୍କ ନିର୍ଦ୍ଦେଶ ପାଳନ ଓ ବୀଜମନ୍ତ୍ରର ସାଧନା । ଆସକ୍ତି ରହିଲେ ସନ୍ନ୍ୟାସୀର ପତନ ଅନିବାର୍ଯ୍ୟ । ମାୟାର ବନ୍ଧନ ନ କାଟିବା ପର୍ଯ୍ୟନ୍ତ କେହି ସନ୍ନ୍ୟାସୀ ହୋଇ ପାରେନା । ଏକନିଷ୍ଠତା, ଭକ୍ତି ଓ ବିଶ୍ୱାସ ସହକାରେ ବୀଜମନ୍ତ୍ର ଜପ କରୁକରୁ ସାଧନପଥରେ ଗୋଟିଏ ପରେ ଗୋଟିଏ ଦ୍ୱାର ଖୋଲିଯାଏ । ତେବେ ଏଥିନିମନ୍ତେ-ଲୋକାଳୟରୁ ଦୂରରେ ନିର୍ଜନ କ୍ଷେତ୍ରରେହିଁ ସାଧନଭଜନ କରିବା ବିଧେୟ ।

ଭାବତନ୍ମୟ ଓ ତନ୍ଦ୍ରାବିଷ୍ଟ ହୋଇ ଗୁରୁବାବାଙ୍କ କଥାରେ ମଜ୍ଜିଯାଇଛି କ୍ଷେପାବେଟା । ହଠାତ୍ ଗୁରୁଗମ୍ଭୀର ଡାକରେ ଧ୍ୟାନ ଭଗ୍ନହେଲା । "ବାମା ! ଆଜିକୁ ତିନିଦିନ ହେଲା ଘରକୁ ଯାଉନୁ ? ସ୍ନେହମୟୀ ସାକାର ଜନନୀ ଭଳି ଦୁଃଖିତା, ତୋତେ ଆକୁଳହୋଇ ଖୋଜୁଛି । ସନ୍ଧ୍ୟା ହୋଇ ଆସିଲାଣି । ଏଥର ଘରକୁ ଯା' ବାବା ।" ଭକ୍ତିଭରେ ଗୁରୁଦ୍ୱୟଙ୍କୁ ତଥା ତାର ମା'ଙ୍କୁ ପ୍ରଣାମ କରି ଘରମୁହାଁ ପାଦ ବଢ଼ାଏ ବାମା, ଗୁରୁବାବାଙ୍କ ସୁଲଳିତ କଣ୍ଠରୁ ସୁମଧୁର ସନ୍ଧ୍ୟା ଗାୟତ୍ରୀ ମନ୍ତ୍ର ଶୁଣୁଶୁଣୁ—

'ଓଁ ଆୟାହି ବରଦେ ଦେବୀ ! ଅକ୍ଷରେ ବ୍ରହ୍ମବାଦିନି !
ଗାୟତ୍ରୀ ଛନ୍ଦସାମାତ ବ୍ରହ୍ମଯୋନି ନମୋଽସ୍ତୁତେ ।।"

ବାମା ଘରେ ପହଞ୍ଚି ଦେଖେ ଜନନୀ ଗଜକୁମାରୀ ଦେବୀ ତୁଳସୀଚଉରା ମୂଳେ ବସି ରାମାୟଣ ଆବୃତ୍ତି କରୁଛନ୍ତି । ପାଦଶବ୍ଦ ଶୁଣି ଛୁଟି ଆସି ଟେକି ନିଅନ୍ତି କୋଳକୁ ଆଦରର ଧନକୁ । ପାଖରେ ବସାଇ ମୁଣ୍ଡ ଆଉଁସି ବାଷ୍ପରୁଦ୍ଧ କଣ୍ଠରେ କୁହନ୍ତି– "ବାବୁରେ, ତିନି ତିନି ଦିନ ହେଲା କୁଆଡ଼େ ଥିଲୁ ? ଦେହମୁଣ୍ଡର ଅବସ୍ଥା ଆଡେ ଟିକେ ଅନେଇ ଦେଖେତ ! ଗାଧୁଆ, ପାଧୁଆ, ଖିଆପିଆ କିଛିନାହିଁ । କି ଅବସ୍ଥା ହେଲଣି । ମରି ଯାଆନ୍ତି ହେଲେ ମୁଁ !" ମା' କଥାରେ ହସିଦେଇ ପାଗଳା ପୁଅ କହେ–"ମୁଁ ପରା ବଡମା' ମଠରେ ଥିଲି । ସେଠି କ'ଣ କିଏ ଅଭୁକ୍ତ ରହେ ମା !" "ଆରେ ପାଗଳା, ମାଆ ହୃଦୟର ଜ୍ୱାଳା ତୁ କୁଆଡୁ ବୁଝିବୁ ? ହଉ, ରାତି ହେଲଣି, ଯା' ମୁହଁ ହାତ ଧୋଇ କ'ଣ ଦିଟା ପାଟିରେ ଦେ ।" କଥା ଅନୁସାରେ କାମ କରେ ବାମା । ସ୍ନେହମୟୀ ଜନନୀ ଶିଳାମୟୀ ତାରିଣୀର ଉଦ୍ଦେଶ୍ୟରେ ଯୁକ୍ତକରେ ପ୍ରଣାମ ଜଣାଇ କହନ୍ତି–"ମାଗୋ ! କରୁଣାମୟୀ, ଏଇ ପାଗଳା ପୁଅଟାର ମତିଗତି ସୁଧାରିଦେ ମା !"

❀

ଆଠ

ବାମଦେବର ସଂସାର ପ୍ରତି ବିତୃଷ୍ଣା ଓ ଅନାସକ୍ତି ବଢି ଚାଲିବା ଦେଖି ଚିନ୍ତିତା ଜନନୀ ପ୍ରତିବେଶୀ ଦୁର୍ଗାଦାସ ସରକାରଙ୍କୁ କିଛି ଗୋଟାଏ ବ୍ୟବସ୍ଥା କରିବାକୁ ଅନୁରୋଧ କରନ୍ତି । ସେତେବେଳେ ସରକାର ମହାଶୟ ନାଟୋର ରାଜ୍ୟସରକାରଙ୍କର ପଦସ୍ଥ କର୍ମଚାରୀ ତଥା ତାରାପୀଠର ସ୍ଥାନୀୟ ପରିଚାଳକ । ପିତୃବନ୍ଧୁ ହିସାବରେ ସେ ବାମାକୁ ଖୁବ୍ ସ୍ନେହ କରନ୍ତି । ବାମା ମଧ୍ୟ ତାଙ୍କୁ ପିତୃତୁଲ୍ୟ ଭକ୍ତି କରେ ଓ 'କକା' ବୋଲି ସମ୍ବୋଧନ କରେ ।

ଦୁଃସ୍ଥ ପରିବାରଟିକୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ ଦୁର୍ଗା ଦାସ । ତାରା ମା' ମନ୍ଦିରରେ ନିଯୁକ୍ତି ପାଇଲା କ୍ଷେପା ବେଟା; କାର୍ଯ୍ୟ–ପୁଷ୍ପଚୟନ; ବେତନ-ଯତ୍ ସାମାନ୍ୟ ଓ ଦୁଇବେଳା ମା'ର ପ୍ରସାଦ । କ୍ଷେପା ଏଥର ମହାଖୁସୀ । ମନୋମତ କାମଟିଏ ମିଳିଛି । ରାଶି-ରାଶି ଫୁଲ ଆଣି ଜମା କରିଦିଏ ଶିଳାମୟୀର ଶ୍ରୀପାଦପଦ୍ମରେ । ଅବସର ସମୟ କଟେ ଗୁରୁବାବା କିମ୍ବା ଚେଦଙ୍ଗ ବାବାଙ୍କ ଭଜନ କୁଟୀରରେ ।

ସମାଜରେ ପରହିଂସ୍ରକ ଲୋକଙ୍କର ଅଭାବ ନାହିଁ । କିଛିଦିନ ଉତ୍ତାରୁ ରାଜସରକାରଙ୍କ ପାଖେ ଅଭିଯୋଗ ପହଞ୍ଚିଲା–"ବିନା କାର୍ଯ୍ୟରେ ବାମଦେବ ଦୁଇବେଳା ମା'ର ପ୍ରସାଦ ପାଉଛି ଓ ତା'ଛଡ଼ା ଦୁର୍ଗାଦାସ ସରକାର ନିୟମିତ ଭାବେ ତାକୁ ବେତନ ଦେଇ ଦେବସ୍ଥାନ ଅର୍ଥର ତୋଷରପାତ କରୁଛନ୍ତି ।" ଖବର ପାଇ ରଘୁନାଥଗଞ୍ଜ କଚେରୀର ପ୍ରଧାନ କର୍ମଚାରୀ ଭରତ ମୈତ୍ର ନିଜେ ତଦାରଖ କରିବାକୁ ତାରାପୀଠରେ ଉପସ୍ଥିତ ହେଲେ । କିନ୍ତୁ କ୍ଷେପାଭଳି ଏକ ହୃଷ୍ଟପୁଷ୍ଟ ବୋକା ବ୍ରାହ୍ମଣ ପିଲାକୁ ଦେଖି ମୈତ୍ର ମହାଶୟଙ୍କ ମୁଣ୍ଡରେ ଅନ୍ୟ ଏକ ଦୁଷ୍ଟବୁଦ୍ଧି ଜୁଟିଗଲା । ତାଙ୍କର କଚେରୀ

ନିମନ୍ତେ ଏକ ନୈଷ୍ଠିକ ବ୍ରାହ୍ମଣ ପାଚକର ଭରି ଦରକାର ଥାଏ । ତେଣୁ ତାରପୀଠର ଅନ୍ୟଜଣେ ବିଶ୍ୱସ୍ତ କର୍ମଚାରୀ ଦ୍ୱାରା କ୍ଷେପାକୁ ଫୁସୁଲେଇବାକୁ ଲାଗିଲେ– "ଆରେ କ୍ଷେପା, ଏତେଦିନ ହେଲା ତାରା ମା'କୁ ଦେଖି ଆସୁଛୁ– ଏଥର ଗଙ୍ଗା ମା'କୁ ଦେଖି ଯିବୁନି ?"

ଗଙ୍ଗା ମା'ର କଥା ଶୁଣୁ ଶୁଣୁ ପାଗଳା ପୁଅର ଆନନ୍ଦ କହିଲେ ନସରେ । ଚକ୍ଷୁଦ୍ୱୟ ଛଳ, ଛଳ ହୋଇ ଉଠିଲା । ପତିତ ପାବନୀ ସୁରଧୁନୀ, "ମା ଗଙ୍ଗା," ବିଷ୍ଣୁଙ୍କ ଶ୍ରୀପାଦପଦ୍ମରୁ ନିର୍ଗତ ହୋଇ ସ୍ୱର୍ଗରେ ମନ୍ଦାକିନୀ, ମର୍ତ୍ତ୍ୟରେ ଭାଗୀରଥୀ ଓ ପାତାଳରେ ଭୋଗବତୀ ରୂପେ ପ୍ରକାଶିତା । କଳୁଷନାଶିନୀ ମା' ଜୀବର କଲ୍ୟାଣ ନିମନ୍ତେ ସଦାଶିବଙ୍କ ମଥାଦେଇ ଝରି ଆସିଛନ୍ତି ଧରା ଧାମକୁ ।

ଡୁବ ଦେ'ରେ ମନ ଗଙ୍ଗାଜଳେ
ପାପ ତାପ ଯେତେ ଧୋଇ ହୋଇଯିବ
ମା'ର କରୁଣା ବଳେ ।।

କୌଣସି ଓଜର ଆପତ୍ତି ନ କରି ଗଙ୍ଗା ମା'କୁ ଦେଖିବାକୁ କ୍ଷେପାପୁଅ ଆଗ୍ରହ ସହକାରେ ରାଜି ହୋଇଗଲା । ପରଦିନ ପ୍ରତ୍ୟୁଷରୁ ମୈତ୍ର ମହାଶୟଙ୍କ ସାଙ୍ଗରେ ଯାତ୍ରା କରିବା ପୂର୍ବରୁ ତାରମା' ପାଖରେ ଭକ୍ତିଭରେ ପ୍ରଣାମ କରି ଜଣାଇଲା–"ବଡ଼ମା ଟିକିଏ ଗଙ୍ଗା ମା'କୁ ଦେଖିବାକୁ ଯାଉଛି । ଖୁବ୍-ଶୀଘ୍ର ପୁଣି ଫେରି ଆସିବି ତୋ କୋଳକୁ ।"

ସର୍ବ ପାପ, ସନ୍ତାପହାରିଣୀ, ଗେରୁଆ ବସନ ଧାରିଣୀ କଳକଳ ନିନାଦିନୀ ଗଙ୍ଗାମା'କୁ ଦେଖୁ ଦେଖୁ "ଜୟତାରା" କହି ଡେଇଁ ପଡ଼ିଲା କ୍ଷେପା । "ଆହା ! ଗଙ୍ଗାମା'ର କି ପବିତ୍ର ଜଳ, କେଡେ ନିର୍ମଳ । ସେଇଥି ପାଇଁ ନା ସଦାଶିବ ମଥାରେ ଟେକି ଧରିଛନ୍ତି ।" ଜୟ ମା' ଶଙ୍କର-ମୌଳୀ, ଜୟଦୁର୍ଗା, ଜୟକାଳୀ, ରାଧାକୃଷ୍ଣ, ସୀତାରାମ କହି ଆନନ୍ଦ ମନରେ ବୁଡ଼ ମାରି ଗଲିଲା କ୍ଷେପା । ଘଣ୍ଟାପରେ ଘଣ୍ଟା ଧରି ଗଲିଲା ଏହି

ଖେଳ । ଯେତେବେଳେ ମନପ୍ରାଣ ସମ୍ପୂର୍ଣ୍ଣ ତୃପ୍ତ ହେଲା, ସେତେବେଳେ ଜଳରୁ ଉଠି ମୈତ୍ର ମହାଶୟଙ୍କ କଚେରୀରେ ହାଜର ।

ତା' ପରଦିନଠାରୁ କ୍ଷେପା ଅବତୀର୍ଣ୍ଣ ହେଲା ପାଚକ ଭୂମିକାରେ । ପ୍ରତ୍ୟହ ପତିତପାବନୀ ଗଙ୍ଗା ଜଳରେ ତିନି, ଚାରିଥର ଅବଗାହନ କରି ଆନନ୍ଦରେ ଦିନ କାଟିବାକୁ ଲାଗିଲା । କିନ୍ତୁ ଏ ଆନନ୍ଦ ବେଶୀ ଦିନ ସ୍ଥାୟୀ ହେଲାନି;କାରଣ ରନ୍ଧନ କାର୍ଯ୍ୟରେ ତୀବ୍ର ଅବହେଳା । ନିୟମିତ ରନ୍ଧନ କାର୍ଯ୍ୟ କରେ ସତ, କିନ୍ତୁ କେଉଁଦିନ ଅଲଣା ତ କେଉଁଦିନ ଦରସିଝା । ମୈତ୍ର ମହାଶୟଙ୍କ ଶତଚେଷ୍ଟା ସତ୍ତ୍ୱେବି କିଛି ଲାଭ ହେଲାନି । ବରଂ କ୍ଷେପାର କାର୍ଯ୍ୟରେ ଅବହେଳା ଦେଖି ସେ ହତାଶ ହୋଇ ପଡ଼ିଲେ ।

ଏ ପଟେ, ତାର ମା'କୁ ଅନେକ ଦିନ ହେଲା ଛାଡ଼ିଆସି କ୍ଷେପାର ମନ ଚଞ୍ଚଳ ହୋଇ ଉଠିଲା । ଫେରିଯିବାର ଉପାୟ କିନ୍ତୁ କିଛି ନାହିଁ । ପାଗଳା ପୁଅ ପ୍ରତିଦିନ ସ୍ନାନ କରିବାବେଳେ ଆକୁଳ କଣ୍ଠରେ ପ୍ରାର୍ଥନା କରେ—"ମା' ଗୋ କରୁଣାମୟୀ ଶଙ୍କରମୌଳୀ ଗଙ୍ଗେ ! କୃପା କରି ମୋତେ ମୋ ବଡମା' ପାଖକୁ ପଠେଇ ଦେ ମା ।" କାତର ମିନତି ବାଜିଲା ମା'ର କାନରେ ।

କ୍ଷେପାଠାରୁ ମନୋ ମୁତାବକ କୌଣସି କାର୍ଯ୍ୟ ନ ପାଇ ମୈତ୍ର ମହାଶୟ କ୍ରୁଦ୍ଧ ହୋଇ ତାକୁ ତାଗପାଠକୁ ବିଦା କରିଦେଲେ; ଆଉ ସେହି ଦିନଠାରୁ ମା'ର ଚାକିରିରୁ ସେ ହେଲା ଦରଖାସ୍ତ ।

କର୍ମଶୃଙ୍ଖଳରୁ ମୁକ୍ତି ପାଇ କ୍ଷେପା କିନ୍ତୁ ଭାରି ଖୁସି । ବଡମା' ପାଖରେ ଆଭୂମି ପ୍ରଣାମ ଜଣାଇ ଗୁରୁବାବା ତଥା ବେଦଜ୍ଞ ବାବାଙ୍କୁ ଦର୍ଶନ କରି ଆନନ୍ଦ ମନରେ ଛୁଟି ଚାଲିଲା ଗ୍ରାମାଭିମୁଖେ । ବର୍ତ୍ତମାନ ସେ ସକଳ ବନ୍ଧନରୁ ମୁକ୍ତ—ପ୍ରଦୀପର କ୍ଷୀଣ ଦୀପଶିଖା ପରି ଯେଉଁ ଟିକିଏ ବନ୍ଧନ ଅଛି ତାହା କେବଳ ଜନ୍ମଦାତ୍ରୀ "ଜନନୀ ପ୍ରତି ଆସକ୍ତି ।" କାରଣ

ମହାଶକ୍ତି ଗର୍ଭଧାରିଣୀ ରୂପେ ବର୍ତ୍ତମାନ ମଧ୍ୟ ମୂର୍ତ୍ତିମତୀ । ସନ୍ତାନ ସ୍ନେହବିହ୍ୱଳା ଜନନୀ ପୁତ୍ରର ଆଶା ପଥ ଜଗି ଦିନ ଗଣୁଛନ୍ତି । ପାଗଳା ପୁଅ ଅଙ୍କାବଙ୍କା ଗସ୍ତାଦେଇ ଛୁଟି ଚାଲିଛି ଜନନୀ ନିକଟକୁ ଆଉ ଆନମନା ହୋଇ ଗାଇ ଚାଲିଛି;

ବନ୍ଧନ ମୋର ଖୋଲି ଦେଗୋ ମା'
ବନ୍ଧନ ମୋର ଖୋଲିଦେ ।।
ସଂସାର ପାଶରୁ ମୁକ୍ତକରି ମୋତେ
ବଡ଼ମା' ଚରଣେ ସମ୍ପିଦେ ।।"

ଶିହରୀ ଉଠିଲା ପ୍ରତୀକ୍ଷ୍ୟମାଣା ଅଭାଗିନୀ ଜନନୀର ସର୍ବାବୟବ । ବକ୍ଷତିନ୍ତାଇ ଝରି ଆସିଲା ଚକ୍ଷୁର ଜଳ । ଶିଳାମୟୀ ଉଦ୍ଦେଶ୍ୟରେ କହି ଉଠିଲେ-"ଏ କ'ଣ କଲୁ ମା', ପାଗଳା ପୁଅଟା, ମୋତେ ଛାଡ଼ି କୁଆଡ଼େ ଯିବ ? କିଏ ତାକୁ ଦେଖିବ ? କିଏ ତା' କଥା ବୁଝିବ ? ସେ ଯେ ଏକାବେଳେକେ ଅବୋଧ ଶିଶୁ !"

"ଏହି ଯେ ମୋର ମହାମାୟା ସ୍ୱର୍ଗାଦପି ଗରୀୟସୀ ସର୍ବଂସହା ଜନନୀ" କହି ମା'ର ଚରଣରେ ଲେଟି ପଡ଼ିଲା ବାମଦେବ । ସରଳ ସହଜ ଭକ୍ତି, ନାହିଁ କପଟତା କି ନାହିଁ ଆଡ଼ମ୍ବର । ଜନନୀ ସ୍ନେହଭରେ କୋଳକୁ ଟୋଳିନେଲେ ତାଙ୍କର ଆଦରର ଧନକୁ ।

× × ×

ଚୈତ୍ର ମାସର ଉଦ୍ଭୁଡିଆ ଖରବେଳ । କ୍ଷେପା ଚାଲିଛି ତାରାପୀଠକୁ । ଆଗରେ ଜମିଦାର ସୁରେନ୍ଦ୍ରନାଥ ଚକ୍ରବର୍ତ୍ତୀଙ୍କର ଜୀର୍ଣ୍ଣ ଦ୍ୱିତଳ ପ୍ରାସାଦ । ତା' ପାଖକୁ ଲାଗି ଦିଗନ୍ତବ୍ୟାପୀ ବିସ୍ତୀର୍ଣ୍ଣ ପ୍ରାନ୍ତର । ଝିଙ୍କାରୀର ଝିଂ ଝିଂ ଶବ୍ଦରେ ଚତୁର୍ଦ୍ଦିଗ ମୁଖରିତ । ହଠାତ୍ ନିଜ ନାଁ ଧରି କିଏ ଡାକୁଥିବାର ଶୁଣି ଚମକି ଉଠିଲା ବାମାଚରଣ ।

"ଆରେ ବାମା, ବାମାଚରଣ ! ମୋର ଗୋଟାଏ କାମ କରିଦେ ବାବା !"

"ବାଃ ! ଏତ ବଡ ମଜାର କଥା, କେହି କେଉଁଠି ନାହିଁ; ଅଥଚ ମୋତେ କିଏ ଡାକୁଛି ?"

"ହେଇରେ ବାମା, ମୁଁ ଏଇଠୁ କହୁଛି ।" ସୁରେନ୍ଦ୍ରନାଥଙ୍କ ଦ୍ୱିତଳ ପ୍ରାସାଦର ଗବାକ୍ଷ ନିକଟରେ ଦଣ୍ଡାୟମାନ ଏକ କ୍ଷୁଦ୍ର ଶିଶୁ । ଆହା ! କି ସୁନ୍ଦର ଢଉଲଢାଉଲ ଚେହେରା । କଟିରେ ପୀତବାସ, ଶିରରେ ଶିଖିପୁଚ୍ଛ ଓ କପାଳରେ ଚନ୍ଦନଚିତା । ସତେ ଯେମିତି ଆଣ୍ଠୁଆ ଗୋପାଳ !

"ତୁ କିଏରେ ବାବା ? କାହାର ପୁଅ ? ମୋତେ କାହିଁକି ବା ଡ଼ାକୁଛୁ ?"

ଉତ୍ତର ଆସିଲା "ନାଁରେ ବାମା, ମୁଁ କାହାରି ପୁଅନୁହେଁ । ମୁଁ ଯେ ଭକ୍ତର ଦାସ ଆଉ ଏମାନଙ୍କ ଗୃହର ନାରାୟଣ । ମୋତେ କିନ୍ତୁ ଏମାନେ ଟଙ୍କଟିଏ ବି ଖାଇବାକୁ ଦେଉନାହାନ୍ତି । ତୁ ମୋତେ ଏଠୁ ନେଇଚାଲନା ।"

ମୁଣ୍ଡ କୁଣ୍ଡେଇ କୁଣ୍ଡେଇ ବାମା ପଚାରି ବସିଲା । କିନ୍ତୁ ଶେଷକୁ ମୋର ଦୋଷ ହେବନି ତ ଠାକୁର ?

"ନାଁ ରେ ନା । ତୋର ପୁଣି ଦୋଷ ହେବ କାହିଁକି ? କୌଣସି ଭୟ ନାହିଁ ।"

"କିନ୍ତୁ; ଦିତାଲା ଉପରକୁ ମୁଁ ଉଠିବି ବା କେମିତି ?" ବାଳଗୋପାଳ ଖଣ୍ଡିଏ ଝୀନ ବସନ ତଳକୁ ଝୁଲେଇ ଦେଇ କହିଲେ; "ଏହି ଦେଖ; ଏହାକୁ ଧରି ନିର୍ଭୟରେ ଉଠିଆ ।"

ଅଗତ୍ୟା ବାମକୃଷ୍ଣ ଏହି ବସ୍ତ୍ରଟି ଧରି ନିର୍ବିଘ୍ନରେ ଉପସ୍ଥିତ ହେଲା ସୁରେନ୍ଦ୍ର ଚକ୍ରବର୍ତ୍ତୀଙ୍କ ଦ୍ୱିତଳ କକ୍ଷରେ: ବାଳ ଗୋପାଳଙ୍କ ନିକଟରେ ।

ବାମାର ହାତକୁ ରୂପା ଖୋଳରେ ସଜ୍ଜିତ ଏକ ଶାଳଗ୍ରାମ ଶିଳା ଧରେଇ ଦେଇ ଶିଶୁବେଶୀ ନାରାୟଣ ଶୀଘ୍ର ଚାଲି ଯିବାକୁ ନିର୍ଦ୍ଦେଶ ଦେଲେ ।

"ସେ କି କଥା ଠାକୁର ! ତମେ ଯିବନି ?" ଅବାକ୍ ହୋଇ ପ୍ରଶ୍ନ କଲା ବାମଦେବ ।

"ମୁଁ ତୋ ପଛେ ପଛେ ଗ୍ଲୁଛି, ତୁ ଆଗରେ ଗ୍ଲନା !"

ତଳକୁ ଓହ୍ଲେଇ ଆସି, ନାରାୟଣ ଶିଳାକୁ ବୁକୁରେ ଗ୍ପିଧରି ମହା ଉଲ୍ଲାସରେ ଛୁଟି ଗ୍ଲିଲ ବାମଦେବ ତାରାପୀଠର ବିଭତ୍ସ ଶ୍ମଶାନ ଉଦ୍ଦେଶ୍ୟରେ । "ଗ୍ଲ ଠାକୁର, ଆଜି ତମକୁ ମନଭରି ଦ୍ୱାରକା ନଦୀର ଜଳ ଖୁଆଇ ଅନନ୍ତ ତୃଷ୍ଣା ନିବାରଣ କରିବି ।"

ଜାନମୁଣ୍ଡା ଝାଁ ଝାଁ କରୁଛି ପ୍ରଚଣ୍ଡ ରୌଦ୍ର ତାପରେ; କିନ୍ତୁ କୌଣସି କଥାକୁ ଖାତର ନକରି ଦ୍ୱାରକାନଦୀ କୂଳକୁ ଆଗେଇ ଗ୍ଲିଛନ୍ତି ଆମର ପାଗଳା ଠାକୁର ବାମନାରାୟଣ, ଶିଳା ନାରାୟଣଙ୍କୁ ଦୁଇ ହାତରେ ବକ୍ଷରେ ଗ୍ପିଧରି । ସେ ଯେ ସାକ୍ଷାତ୍ ଭବଗ୍ରାହୀ, ଭବର ଠାକୁର ! ଯେଉଁ ଭବ ଟିକିଏ ପାଇଁ ସ୍ୱୟଂ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବି ଛୁଟି ଆସନ୍ତି ଧରାକୁ, ଭକ୍ତ ନିକଟକୁ ପାଗଳପରି !

ବେଶ୍ କିଛି ସମୟ ଧରି ଶାଳଗ୍ରାମ ଶିଳାକୁ ନଦୀ ଜଳରେ ବୁଡେଇ ରଖି ପାଗଳା କହି ଉଠିଲ– "ନିଅ ଠାକୁର, ପେଟଭରି ଜଳ ଖାଇନିଅ ।" ଏଥର ଶ୍ମଶାନର ପଶ୍ଚିମ ପ୍ରାନ୍ତସ୍ଥ ନଦୀ ଶଯ୍ୟାରେ ଏକ କ୍ଷୁଦ୍ର ବାଲୁକା ବେଦି ତିଆରି କରି, ତା' ଉପରେ ନାରାୟଣଙ୍କୁ ବସାଇ ବନଫୁଲ ଓ ବେଲପତ୍ର ଦେଇ ପୂଜା ଆରମ୍ଭ ହେଲ । ଏ ପୂଜା କିନ୍ତୁ ଅଭୁତ । ଏହାର ମନ୍ତ୍ର ବେଦ, ଉପନିଷଦ କିମ୍ବା ଭଗବତରେ ନାହିଁ । "ଏହି ନିଅ ଠାକୁର ଫୁଲ, ଏହି ନିଅ ବେଲ ପତ୍ର ।" ବେଶ୍ ଶେଷ ହେଲ ପୂଜା । ଏଥର ଠାକୁରଙ୍କୁ ବାଲିର ବେଦିରେ ଶୁଆଇଦେଇ କ୍ଷେପା କହି ଉଠିଲ– "ତମେ ଏଥର ବିଶ୍ରାମ କର ଠାକୁର, ମୁଁ ଟିକିଏ ବଡ଼ ମା'କୁ ଦେଖି ଆସେ ।" କ୍ଷେପାର ଏହି ବଡ଼ମା' ହେଲେ ତାରା ମା', ଆଉ ଗର୍ଭଧାରିଣୀ ରାଜକୁମାରୀ ଦେବୀ 'ଛୋଟମା' ।

ଅବସର ଦେଖି କ୍ଷେପା ଗ୍ରାମରୁ ଧର୍ମରାଜ ତଥା ଶୀତଳା ଇତ୍ୟାଦି ଦେବମୂର୍ତ୍ତିଙ୍କୁ କାନ୍ଧରେ ବୋହି ଆଣି ନାରାୟଣଙ୍କ ପାଖରେ ବାଲୁକା ବେଦିରେ ବସାଇ ପୂଜା କରିବାକୁ ଲଗିଲ ଅନ୍ତରନିଗିଡ଼ା ଅର୍ଘ୍ୟ ଦେଇ ।

ଏପଟେ ଗାଁସାରା ହୈ, ଚୈ ପଡ଼ିଗଲା । ଅବରୁଦ୍ଧ କକ୍ଷରୁ ନାରାୟଣ ଶିଳା ଅନ୍ତର୍ହିତ । ଏ, ଏକ ଅଦ୍ଭୁତ ବ୍ୟାପାର । ନାନା ମୁଖରେ ନାନା କଥା । କିଏ କହିଲା ନାରାୟଣ ନିଜେ ଚାଲି ଯାଇଛନ୍ତି ତ କିଏ କହିଲା ପକ୍କା ଓସ୍ତାଦ୍ ଚୋର ନହେଲେ ଏପରି କାର୍ଯ୍ୟ ହେବା ଅସମ୍ଭବ ।

ତା' ସାଙ୍ଗକୁ ଗ୍ରାମଦେବତୀଙ୍କ ଚୋରି ଖବର ବିଜୁଳି ପରି ଗ୍ରାମରୁ ଗ୍ରାମାନ୍ତରକୁ ବ୍ୟାପିଗଲା । ସମସ୍ତେ ଏକତ୍ରିତ ହୋଇ ଭାବି ଅମଙ୍ଗଳ ଆଶଙ୍କାରେ ବ୍ୟଥିତ ହୋଇ ପରାମର୍ଶ କରିବାକୁ ଲାଗିଲେ ।

ଚକ୍ରବର୍ତ୍ତୀ ମହାଶୟ କିନ୍ତୁ କାହାରି କଥା ନଶୁଣି ଜୋର ଦେଇ କହିଲେ--"ଏଇଟା କିନ୍ତୁ କ୍ଷେପାର କାର୍ଯ୍ୟ" । ସମସ୍ତଙ୍କ ମନକୁ କଥାଟା ପାଇଲା । ତେଣୁ ତତ୍କ୍ଷଣାତ୍ ସମସ୍ତେ ମିଳିମିଶି ବାହାରି ପଡ଼ିଲେ କ୍ଷେପାର ସନ୍ଧାନରେ ଶ୍ମଶାନ ଅଭିମୁଖେ । ଏକସଙ୍ଗେ ଏତେଗୁଡ଼ାଏ ଲୋକଙ୍କୁ ଆସୁଥିବାର ଦେଖି ଭୀତତ୍ରସ୍ତ ବାମା ହଠାତ୍ ଦଉଡ଼ିଯାଇ ବ୍ରଜବାସୀ ବାବାଙ୍କ କୁଟୀର ଅଭ୍ୟନ୍ତରରେ ଲୁଚିଗଲା । ବାମାର କାଣ୍ଡକାରଖାନା ଦେଖି ବ୍ରଜବାସୀ ବାବା କିଛି ଗୋଟାଏ ଅନୁମାନ କରି, ଲୋକମାନଙ୍କୁ ଲକ୍ଷ୍ୟକରି ଗମ୍ଭୀର ଭାବେ ଜିଜ୍ଞାସା କଲେ- "କ'ଣ ଦରକାର ତୁମମାନଙ୍କର ?"

ସମସ୍ତଙ୍କ ମୁଖରେ ସେଇ ଗୋଟିଏ କଥା-"ଆପଣଙ୍କ ବାମାଚରଣ ବନ୍ଦଘର ଭିତରୁ ନାରାୟଣଶିଳା ତଥା ମନ୍ଦିରରୁ ଗ୍ରାମଦେବତୀ ଓ ଅନ୍ୟାନ୍ୟ ବିଗ୍ରହ ଚୋରିକରି ନେଇ ଆସିଛି । ଭଲରେ ଭଲରେ ଫେରେଇ ଦିଅନ୍ତୁ ।

"କିରେ ବାମା, ଏକଥା କ'ଣ ସତ୍ୟ ?"

ବ୍ରଜବାସୀ ବାବାଙ୍କ ପ୍ରଶ୍ନରେ ଡରିମରି କହିଉଠିଲା ବାମାଚରଣ ! "ଚୋରି କାହିଁକି କରିବି ? ମୋତେ ତ ରାସ୍ତାରୁ ଡ଼ାକି ନାରାୟଣ କହିଲେ; ଏମାନେ ତାଙ୍କୁ ଜଳ ଟିକିଏ ବି ଖାଇବାକୁ ଦେଉ ନାହାନ୍ତି । ଆଉ ସେଇଥିପାଇଁ ସିଏ ମୋ ସଙ୍ଗରେ ଚାଲି ଆସିଲେ । ଏଥିରେ ମୋର ବା

ଦୋଷ କ'ଣ ? ଏତ ଦେଖୁଛି ଭଲ ଫଁସାଦ । ମୋତେ ଡାକିହାକି ଗ୍ରେରି କରିବାକୁ କହି ପୁଣି ଏପଟେ ବଦନାମ । ଆଜିକାଲିକାର ଠାକୁରମାନେ ବି ମିଥ୍ୟାବାଦୀ !"

"ସେଥିରେ, ତୋର ଯାଏଆସେ କେତେ ? ଆଉ ଯେମିତି କେବେ ଏପରି କଥା ମୋ କାନକୁ ନ ଆସେ ।"

ମଥାନତ କରି ଦୁଇ ହାତରେ ନିଜର କାନ ଦୁଇଟି ଧରି ଶ୍ରୀଗୁରୁବାବାଙ୍କ ନିକଟରେ ଶପଥ କରେ ବାମାଚରଣ– "ପ୍ରତିଜ୍ଞା କରୁଛି ବାବା, ଆଉ କେବେ ଏହି ବଦମାସ୍ ଠାକୁର ଗୁଡ଼ାଙ୍କର କୌଣସି କଥା ଶୁଣିବିନି ।"

ସେହିଦିନଠାରୁ ଗ୍ରାମସାରା ବଦନାମ ରଟିଗଲା, "କ୍ଷେପାବାମା– ଠାକୁର-ଗ୍ରେର ।"

କ୍ଷେପାର କିନ୍ତୁ ସେଥିପାଇଁ ଲଜ୍ଜା କିମ୍ବା ଭୟ ନାହିଁ, ସେ ପୂର୍ବପରି ନିର୍ବିଘ୍ନର, ନିର୍ବିକାର ।

× × ×

ଶୀତରତୁର ଆଉ ଏକ ଦ୍ୱିପ୍ରହର । ଶ୍ୱେତଶିମୁଳି ବୃକ୍ଷତଳେ ଶାୟିତ ବାମାଚରଣ । ହଠାତ୍ ସ୍ୱପ୍ନରେ କୁମାରୀ ବେଶଧାରିଣୀ ତାରିଣୀଦେବୀ ଆବିର୍ଭୂତା ହୋଇ ଆଦେଶ କଲେ–"ବାମା, ଶୀଘ୍ର ଯାଇ ଗୋଟାଏ କାମ କର । କୈଳାସପତି ବାବାଙ୍କ ଧୂନିରୁ ଅଗ୍ନି ନେଇ ଆଟ୍‌ଲା ଗ୍ରାମରେ ଲଙ୍କାକାଣ୍ଡ କରିଆ ।"

ଚଟ୍‌କରି ଉଠିବସିଲା ପରମ ମାତୃଭକ୍ତ ସାଧକ । ନିଜକୁ ମନେହେଲା ରାମଦ୍ୱାସ ମହାବୀର ହନୁମାନ ବୋଲି । ଏକ ଡ଼ିଆଁରେ କୈଳାସପତି ବାବାଙ୍କ ଧୂନିରୁ ନିଆଁ ନେଇ ଛୁଟିଲା ଆଟ୍‌ଲା ଗ୍ରାମ ଅଭିମୁଖେ ।

ସହଜେ ଶୀତଋତୁ । ଗ୍ରାମବାସୀ ସମସ୍ତେ କ୍ଷେତରୁ ଫେରି ଖାଇ, ପିଇ ବିଶ୍ରାମରତ । ବିଗଡ଼ି ଛୁଆଟିର ବି ଦେଖାନାହିଁ । ହନୁମାନ ରୂପୀ ବାମା ସେହି ସୁଯୋଗରେ କୁଟାଗଦାରେ ଅଗ୍ନି ସଂଯୋଗ କରି "ଜୟତାରା" "ଜୟତାରା" କହି ନାଚିବାକୁ ଆରମ୍ଭ କଲା । ଖୋଲା ପଡ଼ିଆ-ଉତ୍ତରା ପବନ । ଶୁଖିଲା କୁଟାରେ ଅଗ୍ନି ସଂଯୋଗ କରିବାମାତ୍ରେ ହୁ-ହୁ କରି ଜଳି ଉଠିଲା । ଗୁଳାରୁ ଗୁଳାକୁ ଡେଇଁ ଛାଇଗଲା ଗ୍ରାମସାରା । ପ୍ରଜ୍ୱଳିତ ଅଗ୍ନିର ଲେଲିହାନ ଜିହ୍ୱା ଭସି ଉଠିଲା ଆକାଶ ବକ୍ଷରେ । ସିନ୍ଦୂର ବର୍ଣ୍ଣରେ ରଂଜିତ ହେଲା ଆକାଶ । ଉଲ୍ଲାସଭରେ ଅଗ୍ନିଶିଖାର ତାଣ୍ଡବ ନୃତ୍ୟ ଦେଖି ମା', ମା', ରବରେ ଗଗନ ପବନ କମ୍ପାଇ ନାଚି ଉଠିଲା କ୍ଷେପା । ତା'ର ଆଜି ଆନନ୍ଦର ସୀମାନାହିଁ, ତାର ମା'ର ଆଦେଶରେ ସେ ଆଜି କରିଛି ଲଙ୍କାକାଣ୍ଡ ।

ସହସା ଛୁଟି ଆସିଲେ ଗ୍ରାମବାସୀ ନରନାରୀ ସକଳ । ଯେ, ଯେମିତି ପାରିଲା ଲାଗିଗଲା ଅଗ୍ନି ନିର୍ବାପନ କାର୍ଯ୍ୟରେ । ଘଟଣାସ୍ଥଳରେ ପ୍ରଫୁଲ୍ଲଚିତ୍ତ କ୍ଷେପାକୁ ଠିଆ ହୋଇଥିବାର ଦେଖି, କାହାରି ବୁଝିବାକୁ ବାକି ରହିଲାନି ଯେ— ଏ ଦୁଷ୍କର୍ମର ନାୟକ କିଏ । ଶାସ୍ତି ମଧ୍ୟ କମ୍ ମିଳିଲାନି । ଯିଏ, ଯେତେ ପାରିଲେ ଉତ୍ତମ-ମଧ୍ୟମ ଥୋଇଦେଇଗଲେ । ଏତେ ଶାସ୍ତିପାଇ କ୍ଷେପାଯେ ପଳାଇଗଲା ତା' ନୁହେଁ, ବରଂ ସବୁକଷ୍ଟ ଭୁଲି ଅଗ୍ନିର ତାଣ୍ଡବଲୀଳାରେ ତାର ମା'ର ଅନନ୍ତରୂପ ଦେଖି ବିଭୋର ହୋଇ ପଡ଼ିଲା; "ଆହା ମା'ର ମୋର କେତେ ଉଜ୍ଜ୍ୱଳ ରୂପ !"

ଏତିକିବେଳେ ଜନୈକ ଗ୍ରାମବାସୀ କ୍ଷେପାକୁ ହଲେଇଦେଇ କହିଲା— "ଦେଖତ୍ କ୍ଷେପା, କି କାଣ୍ଡ କରିବସିଛୁ ! କେତେ ଗରିବଙ୍କର ସର୍ବନାଶ ନହେଲା ସତେ ! ତୋତେ ଜିଅନ୍ତା ପୋଡ଼ି ମାରିଲେ ମଧ୍ୟ ଏ ପାପର ପ୍ରାୟଶ୍ଚିତ ହେବନି ।"

ଆଉ ଜଣେ କହି ଉଠିଲା,—"ତୁ, ବ୍ରାହ୍ମଣ ନୁହଁ ଚଣ୍ଡାଳ । ଏବେବି ଠିଆ ହୋଇ ଦେଖୁଛୁ କ'ଣ, ମୁଁ ହୋଇଥିଲେ ଏହି ଅଗ୍ନିକୁ ଡେଇଁପଡ଼ି ପ୍ରାୟଶ୍ଚିତ କରି ସାରନ୍ତିଣି ।"

ଏତେବେଳେ ଫବିତ୍ ଫେରି ଆସିଲା କ୍ଷେପାର । ଗ୍ଭରିଦିଗକୁ ଗ୍ଭହିଁ ହାହାକାର କରି ଉଠିଲା ପ୍ରାଣ । ଦୁଷ୍କର୍ମଲାଗି ଅନୁଶୋଚନାରେ ଭରିଗଲା ମନ ।

ସ୍ୱକୃତ ପାପର ପ୍ରାୟଶ୍ଚିତ କରିବାକୁ 'ଜୟତାରା' କହି ଜ୍ୱଳନ୍ତ ଅଗ୍ନିକୁ ଡେଇଁ ପଡ଼ିଲା ମାତୃଭକ୍ତ ସାଧକ । ଗ୍ଭରିଆଡ଼େ ଖେଳିଗଲା ବିଷାଦର ଛାୟା । କାଣ୍ଡଜ୍ଞାନହୀନ କ୍ଷେପାର କାଣ୍ଡ ଦେଖି ଦୌଡ଼ି ଆସିଲେ ସମସ୍ତେ ତାକୁ ରକ୍ଷା କରିବାକୁ । କିନ୍ତୁ ସମସ୍ତଙ୍କର ସକଳ ପ୍ରୟାସ ବ୍ୟର୍ଥହେଲା— ଅନେକ ଚେଷ୍ଟା କରିବି ସେମାନେ ସେଦିନ କ୍ଷେପାକୁ ବଞ୍ଚେଇ ପାରିଲେନି ।

ମାତୃଭକ୍ତର ପ୍ରାଣପାତରେ ନିର୍ବାପିତ ହେଲା ଅଗ୍ନି । ଉପସ୍ଥିତ ସମସ୍ତେ ଭଗ୍ନ ହୃଦୟରେ ଭସ୍ମସ୍ତୂପ ମଧ୍ୟସ୍ଥ କ୍ଷେପାର ଅସ୍ଥି ଖୋଜି ଲାଗିଲେ । କିନ୍ତୁ ସବୁ ବୃଥା— ବହୁ ଅନୁସନ୍ଧାନରେ ବି ଅସ୍ଥିର ସତ୍ତା ମଧ୍ୟ ମିଳିଲାନି । ହାୟରେ ଅଜ୍ଞାନ ଜୀବ ! ତୁ କୁଆଡୁ ଚିହ୍ନିବୁ କାଳଜୟୀ ମହାପୁରୁଷଙ୍କୁ ! ଯିଏ ନୀଳକଣ୍ଠ ତାକୁ ପୁଣି ଧ୍ୱଂସ କରିବ ବିଷ ! !

ଏତିକିବେଳେ ମହାଶ୍ମଶାନରୁ ସେ ବାଟଦେଇ ଫେରୁଥାନ୍ତି କୌଳାଚାର୍ଯ୍ୟ ମୋକ୍ଷଦାନନ୍ଦ । ଲୋକମାନଙ୍କର ହୈ-ଚୈ ତଥା ଭସ୍ମସ୍ତୂପ ଦେଖି ପାଖକୁ ଆସି ଜିଜ୍ଞାସା କଲେ—"କିପରି ଅଗ୍ନି ଲାଗିଲା, ବାବା ! ଆଉ ଭସ୍ମସ୍ତୂପରୁ ତମେ ସବୁ ଖୋଜୁଛ ବା କ'ଣ ?"

ସମସ୍ୱରରେ କହିଉଠିଲେ ଗ୍ରାମବାସୀଗଣ—"ଦେଖନା ବାବା, କ୍ଷେପା-ବାମାର କାଣ୍ଡ ! ଏକେତ ପାଗଳାମି କରି ଅଗ୍ନିସଂଯୋଗ କରିବାଦ୍ୱାରା ସବୁ ଛାରଖାର; ତା' ଉପରେ ନିଜେ ମଧ୍ୟ ସେହି ଅଗ୍ନିକୁ ଡେଇଁପଡ଼ି ଆତ୍ମହତ୍ୟା । ଆମେସବୁ ତା'ର ଅସ୍ଥି ଖୋଜୁଛୁ ।

ସବୁଶୁଣି ମୁରୁକି ହସି ମୋକ୍ଷଦାନନ୍ଦ ଉତ୍ତର ଦେଲେ—"ଆରେ ତୁମେ ସବୁ ଯେତେକ ମୂର୍ଖ ! କ୍ଷେପାକୁ ମାରିବ, ଏପରି ସାଧ୍ୟ କାହାର ! ସେ

ଯେ ଅଜର, ଅମର, ତାରା ମା'ର ଆଦରର ଦୁଲାଳ ! ଯାଅ, ଦେଖିବ-ସେ ସୁସ୍ଥ ଶରୀରରେ ଶ୍ମଶାନରେ ବସି ଠାକୁର ପୂଜା କରୁଛି ।"

ନିଜ ଆଖିକୁ ଅବିଶ୍ୱାସ କରି ପାରିଲେନି ଗ୍ରାମବାସୀଗଣ । ସତ୍ୟାସତ୍ୟ ପରୀକ୍ଷା କରିବାକୁ ଆଗେଇ ଚାଲିଲେ ତାରପୀଠ । ଏତେଗୁଡାଏ ଲୋକଙ୍କୁ ଏକସଙ୍ଗରେ ଆସୁଥିବାର ଦେଖି କ୍ଷେପା ପୁଣି ଆଶ୍ରୟ ନେଲା ଶ୍ରୀଗୁରୁବାବାଙ୍କ କୁଟୀରରେ ।

ଗ୍ରାମବାସୀଙ୍କଠାରୁ ସବୁ ଶୁଣି କ୍ଷେପାକୁ ପ୍ରଶ୍ନକଲେ ବ୍ରଜବାସୀ କୈଳାସପତି ବାବା– "ଆରେ, ତୁ ପୁଣି କେମିତି ଅଗ୍ନିକବଳରୁ ବଞ୍ଚି ଏଠାକୁ ଆସିଲୁ ?"

"ଯେମିତି, 'ଜୟତାରା' କହି ଅଗ୍ନିମଧ୍ୟକୁ ଲମ୍ଫପ୍ରଦାନ କରିଛି, ଠିକ୍ ସାଙ୍ଗେ ସାଙ୍ଗେ ତାରମା ତା'ର ଦୁଇଟି ବିଶାଳ ହିମବାହୁ ବିସ୍ତାର କରି ମୋତେ ତୋଳିଧରି ଆଣି, ଜଙ୍ଗଲ ମଧ୍ୟରେ ଛାଡ଼ିଦେଇ କହିଲା– "ଯା, ଶୀଘ୍ର ଶ୍ମଶାନକୁ ପଳା" । ଆଉ ମୁଁ ମଧ୍ୟ ଏକ ଡ଼ିଆଁରେ ହାଜର ଏଇଠି–ଏହି ଶ୍ମଶାନ ମଧ୍ୟରେ ।"

ଗ୍ରାମବାସୀମାନଙ୍କୁ ବୋଧ ଶୋଧ କରି ବିଦାକଲା ପରେ ବ୍ରଜବାସୀ ବାବା କ୍ଷେପାକୁ ତାଗିଦ୍ କରି କହିଲେ–"ଦେଖ ବାମା ! ଆଉ ଯେମିତି କେବେ ଏପରି ଦୁଷ୍କର୍ମ ନ କରୁ !" ଆଉ ଶ୍ରୀଗୁରୁ ଚରଣ ସ୍ପର୍ଶ କରି ପ୍ରତିଜ୍ଞା କଲା କ୍ଷେପା–"ନା, ଗୁରୁବାବା, ଶପଥ କରୁଛି; ଆଉ କେବେ ଏପରି କରିବିନି । ପ୍ରକୃତରେ ମୋର କିଛି ଦୋଷ ନାହିଁ ବାବା; ଆଜି କାଲିର ଠାକୁରଗୁଡାକ ସବୁ ଭରି ଖରପ ।"

କ୍ଷେପାର ସରଳତାରେ ମୁଗ୍ଧ ହୁଅନ୍ତି ଗୁରୁଦେବ । ଆପଦମସ୍ତକ ସ୍ନେହକୋଳା ହାତ ବୁଲାଇ ଦେଇ ଶିମୂଳି ତଳେ ବସି ମା'ର ନାମ କରିବାକୁ ନିର୍ଦ୍ଦେଶ ଦିଅନ୍ତି ।

ଏହି ଘଟଣା ପରେ କ୍ଷେପାର ଯାଦୁବିଦ୍ୟା ଶିକ୍ଷା କଥା ଗ୍ରାମଗ୍ରାମାନ୍ତରେ ପ୍ରଘଟ ହେବାକୁ ଲଗିଲ । ଅଧିକାଂଶଙ୍କର କିନ୍ତୁ ଧାରଣା ଯେ–କ୍ଷେପା ପିଶାଚସିଦ୍ଧ । ଖାଦ୍ୟାଖାଦ୍ୟ ବିଚାର ନାହିଁ । ଶ୍ମଶାନ ଯା'ର ଆସ୍ଥାନ, ଶବର ଛିନ୍ନ କନ୍ଥା ଯା'ର ଆନନ୍ଦଦାୟକ ଶଯ୍ୟା, ଶ୍ୱାନ ଶିବା ସାରମେୟ ଯା'ର ସହଚର–ସେ ପିଶାଚସିଦ୍ଧ ବ୍ୟତୀତ ଆଉ କ'ଣ ବା ହୋଇପାରେ ?

ହାୟରେ ମୋହାନ୍ଧ ମାନବ ! ତୁ କାହାକୁ କ'ଣ ଭବୁଛୁ ! ସେ ଯେ ନିଖିଳ ବିଶ୍ୱର କର୍ଣ୍ଣଧାର,ଅନନ୍ତ ଶ୍ରୀ ମହିମା ମଣ୍ଡିତ-ସୃଷ୍ଟି-ସ୍ଥିତି-ଲୟ କର୍ତ୍ତା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର !

*

ନଅ

ଅମାବାସ୍ୟାର ସୂଚୀଭେଦ୍ୟ ରଜନୀ । ଘନକୃଷ୍ଣ ମେଘରେ ଅସୀମ ଆକାଶ ଆଚ୍ଛନ୍ନ । କ୍ଷୁଦ୍ରପଲ୍ଲୀ ନିଦ୍ରାରେ ଅଚେତନ; କିନ୍ତୁ ପାଗଳା ପୁଅର ଆଖିରେ ନିଦ ନାହିଁ । ଅସ୍ପଷ୍ଟ ସ୍ୱରରେ ଜୟତାରା, ଜୟକାଳୀ ନାମକରି ଅସ୍ଥିର ଭାବରେ ପଦଚାରଣ କରି ଚାଲିଛି । କେତେବେଳେ ଘରେତ କେତେବେଳେ ବାହାରେ । ପାଗଳପରି ଛଟ୍‌ପଟ୍ କରି ଉଠୁଛି ପ୍ରାଣଟା ।

ଜାଣେନା, କାହିଁକି କାହାର ଅଦୃଶ୍ୟ ଇଙ୍ଗିତରେ ଏପରି ଅବସ୍ଥା ହେଲା । କ'ଣ ଗୋଟାଏ ଯେପରି ପାଇ ମଧ୍ୟ ପାଇପାରୁନି, ଆଉ ସେଇଥିପାଇଁ ପଞ୍ଚପ୍ରାଣ ଅସ୍ଥିର, ବ୍ୟାକୁଳ ହୋଇ ଉଠୁଛି । ଏତିକିବେଳେ ବାହାରି ଆସିଲେ ଜନନୀ ରାଜକୁମାରୀ ଦେବୀ । ପାଗଳା ପୁଅର ପିଠିରେ ବାତ୍ସଲ୍ୟର ହାତ ବୁଲେଇ ଦେଇ କହିଲେ—"ଏମିତି ଅସ୍ଥିର କାହିଁକି ହେଉଛୁ ବାବା ! ଅନେକ ରାତି ହେଲାଣି, ଚାଲ୍ ଶୋଇ ପଡ଼ିବୁ ।"

କାନ୍ଦ, କାନ୍ଦ ହୋଇ ବାମା କହି ଉଠିଲା— "ନା ମା, ମୋତେ ନିଦ ଆସୁନି । ଏହି ସାଂସାରିକ ମୋହ ମାୟା କବଳରୁ, ମୋତେ ଏଥର ମୁକ୍ତି ଦେ ମା' !"

"ଏ ସବୁ କ'ଣ କହୁଛୁ ବାବା, ତୋ ଛଡ଼ା ମୋର ଆଉ କିଏ ଅଛି ?" ପାଟି ଚାପି ଧରିଲେ ସ୍ନେହଶୀଳା ଜନନୀ । ଜନନୀର ପାଦ ଦୁଇଟି ଜାବୁଡ଼ିଧରି ଆବେଗରେ କହି ଉଠିଲା ବାମଦେବ—"ମା' ତୁହିନା ପିଲାଦିନେ ମୋତେ ଶିଖେଇଥିଲୁ; ଠାକୁର ସର୍ବଦା ଜୀବନ୍ତ, ଜାଗ୍ରତ, ମନ ପ୍ରାଣ ଢାଳି ତାଙ୍କୁ ଡ଼ାକିଲେ ସେ 'ଓ' କରନ୍ତି । ଏ ମୋକ୍ଷର ବାଣୀ ତୁହିହିଁ ପ୍ରଥମେ ମୋ କାନରେ ପକେଇଥିଲୁ । ବସ୍ତୁତ ତୁହିହିଁ ମୋର ପ୍ରଥମ ଗୁରୁ, ଶିକ୍ଷାଗୁରୁ—'ସ୍ୱର୍ଗାଦପି ଗରୀୟସୀ' ଗର୍ଭଧାରିଣୀ ଜନନୀ । ତେବେ ଆଜି ପୁଣି କାହିଁକି ଏ ଅଳିକ ମାୟାର ବନ୍ଧନରେ ବାନ୍ଧି ରଖୁଛୁ ମା' ?"

"ଏ ନିର୍ଜନ ଅନ୍ଧକାର ଗର୍ତ୍ତିରେ କୁଆଡ଼େ ଯିବୁ ବାବା ?" ସଜଳ ନୟନରେ ଜିଜ୍ଞାସା କରନ୍ତି ଜନନୀ ।

"ଦୁଃଖ କରନା ମା', ଏ ସଂସାର ମୋତେ ଆଉ ଭଲ ଲାଗୁନି । ତାରାପୀଠକୁ ଯାଇ ବଡ଼ ମା'ର ଶ୍ରୀପାଦପଦ୍ମରେ ଅର୍ପିଦେବି ମୋର ମନ, ପ୍ରାଣ, ସମସ୍ତ ସତ୍ତା । ମୁକ୍ତି ଦେ ମା', ଆଶିଷ ଦେ । ତୁହିଁ ତ ସେହି ମହାମାୟା, ଘରେ ଘରେ ମୂର୍ତ୍ତିମତୀ ଜନନୀ ରୂପରେ ।"

ବିଗଳିତା ହେଲେ ଜନନୀ । ପାଗଳା ପୁଅର ମଥାରେ ହସ୍ତ ସ୍ଥାପନ କରି କହି ଉଠିଲେ । "ଯା ବାବା ଆଶୀର୍ବାଦ କରୁଛି, ତାରା ମା' ତୋର ମଙ୍ଗଳ କରନ୍ତୁ । ମନସ୍କାମନା ପୂର୍ଣ୍ଣ ହେଉ ।" ଝର ଝର ହୋଇ ଝରି ପଡ଼ିଲା ଅବାରିତ ଅଶ୍ରୁଧାର ।

ଗର୍ଭଧାରିଣୀଙ୍କୁ ଆଭୂମି ପ୍ରଣାମ କରି ଅନ୍ଧକାର ମଧ୍ୟରେ ନିମିଷକ ମଧ୍ୟରେ ମିଳେଇଗଲା ବାମାଚରଣ । ଏଥର ସେ ସମ୍ପୂର୍ଣ୍ଣ ବନ୍ଧନ ମୁକ୍ତ । ମନ, ପ୍ରାଣ ଉଲ୍ଲସିତ । କଣ୍ଟାଝଟା କି ଖାଲଢିପ କେଉଁଠି କିଛି ଆଜି ଆଉ ତାକୁ ବାଧା ଦେଇ ପାରିବେନି ତା'ର ଚଲାପଥରେ । ଚାରିଆଡ଼େ ଖାଲି ଆଲୋକ ଆଉ ଆଲୋକ ।

ଦିଗମ୍ବର ବିରାଟ ପୁରୁଷ ଦ୍ରୁତ ପଦକ୍ଷେପରେ ଆଗେଇ ଚାଲିଥାନ୍ତି, ତାରାପୀଠର ମହାଶ୍ମଶାନକୁ । ଭୟ ନାହିଁ, ଭାବନା ନାହିଁ, ଚିନ୍ତା ନାହିଁ କି ଦକ ନାହିଁ । କେବଳ ଗୋଟିଏ ଲକ୍ଷ୍ୟ, 'ତାରାମା' । କ୍ଷୁଧାରେ ତାରା, ତୃଷ୍ଣାରେ ତାରା, ନିଦ୍ରାରେ ତାରା, ଜାଗରଣରେ ତାରା; ଶ୍ରବଣରେ ତାରା, ଦର୍ଶନରେ ତାରା, ଦୁଃଖରେ ତାରା, ସୁଖରେ ତାରା ! ତାରାହିଁ ବ୍ରହ୍ମମୟୀ; ତାରାବିନା କ୍ଷେପାର ଅସ୍ତିତ୍ୱ ନାହିଁ । କ୍ଷେପାର ସମସ୍ତ ସତ୍ତା ଆଜି ତାରାମୟ ।

ଆଗରେ ଦୁଇକୂଳ ପ୍ଲାବିନୀ ଖରସ୍ରୋତା ଦ୍ୱାରକା । ପରପାରରୁ ମାନବର ଚିରଶାନ୍ତିମୟ ଶେଷ ଆଶ୍ରୟସ୍ଥଳ ଶବ-ଶିବା-ସାରମେୟ ପରିବୃତ୍ତ ନରକଙ୍କାଳରେ ପରିପୂର୍ଣ୍ଣ ମହାଶ୍ମଶାନ ସାଦର ଆହ୍ୱାନ ଜଣାଉଛି ଅଟ୍ଟହାସ୍ୟ କରି ହାଃ ହାଃ, ହିଃ ହିଃ.... ।

ନିର୍ଭୀକ ସାଧକ ଗୁରୁଗମ୍ଭୀର 'ଜୟତାରା' ନାଦରେ ଗଗନ ପବନ ପ୍ରକମ୍ପିତ କରି ଡେ଼ଇଁ ପଡ଼ିଲା ନଦୀ ବକ୍ଷକୁ । ସ୍ୱରର କମ୍ପନରେ ଛୁଟି ଆସିଲେ ଜନ୍ମଜନ୍ମାନ୍ତରର ସାଥୀ ସକଳ ସାଧନର ଧନ ଗୁରୁଦେବ ବ୍ରଜବାସୀ —ସାକ୍ଷାତ୍ କୈଳାସପତି କୈଳାସ ତ୍ୟାଗ କରି । ଦୁଇଟି ଅଭୟ ବାହୁ ପ୍ରସାରଣ କରି ତୋଳିନେଲେ ସାଦରେ ବକ୍ଷକୁ ।

"କିଏ ତୁମେ, ତୁମେଇ କି ଶ୍ମଶାନ ଭୈରବ ?

"ନା ବତ୍ସ, ମୁଁ ତୋର ଗୁରୁ, ଆଜ ତୁଇହିଁ ମୋର ଏକମାତ୍ର ଶିଷ୍ୟ !"

"ତୁମେ ଗୁରୁ, ନା-ନା ତୁମର ସର୍ବାଙ୍ଗରେ ଯେ ବିଦ୍ୟୁତ୍‌ର ଝଲକ । ତୁମ ବିଭୂତିରେ ଯେ ସୃଷ୍ଟି, ସ୍ଥିତି, ଲୟର ସମ୍ଭାର । ତୁମେହିଁ ବ୍ରହ୍ମ, ତୁମେହିଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର, ତୁମେହିଁ ପ୍ରେମ, କରୁଣାର ଆଧାର—ମଧୁର ରସର ଉଚ୍ଛଳା ତରଙ୍ଗ, ତୁମେହିଁ ବିଶ୍ୱଗୁରୁ, ବିଶ୍ୱପିତା—ଆଶ୍ରୟହୀନର ପରମ ଆଶ୍ରୟ, ପରମ ମଙ୍ଗଳମୟ । ତୁମେହିଁ ମୋର ମନ୍ତ୍ର, ତନ୍ତ୍ର, ଯାଗ, ଯଜ୍ଞ, ମୋକ୍ଷ, ମୁକ୍ତି ସବୁ । ତୁମେହିଁ ମୋର ତାରା, ନିରାକାର ।

ତ୍ୱମେବ ମାତା ଚ ପିତା ତ୍ୱମେବ;
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ,
ତ୍ୱମେବ ସର୍ବଂ ମମ ଦେବଦେବ ।।

ଶ୍ରଦ୍ଧାସହକାରେ କ୍ଷେପା ଲୋଟି ପଡ଼ିଲା ଗୁରୁବାବାଙ୍କ ଚରଣ କମଳରେ । ଉପଯୁକ୍ତ ଶିଷ୍ୟକୁ ତୋଳିନେଲେ ବ୍ରଜବାସୀ ସ୍ନେହମୟ କୋଳକୁ । ଆଜି କ୍ଷେପା ଗୃହତ୍ୟାଗୀ, ସନ୍ନ୍ୟାସୀ । 'ତ୍ରିବିଧୈଷଣା-ବିନିର୍ମୁକ୍ତ ।" ' ବିତୈଷଣା ପୁତ୍ରୈଷଣା ଓ ଲୋକୈଷଣା"— ଏହି ତ୍ରିବିଧ ଏଷଣାକୁ ତ୍ୟାଗ କରି ପାରିଲେହିଁ ସଂସାରୀର ଅଧିକାର ଆସେ ସନ୍ନ୍ୟାସରେ ।

ଗୃହତ୍ୟାଗ କରି କ୍ଷେପା ଏଥର ଚରମ ଓ ପରମ ଆଶ୍ରୟ ପାଇଲା ଗୁରୁବାବାଙ୍କ ଶ୍ରୀପାଦପଦ୍ମରେ । ଦିନ କଟିଲା ଶ୍ମଶାନସ୍ଥିତ ବ୍ରଜବାସୀଙ୍କ ପର୍ଣ୍ଣକୁଟୀରରେ । ଗୁରୁସେବା ଓ ମା'ର ନାମଜପ ହିଁ ମୁଖ୍ୟକାର୍ଯ୍ୟ । ମଝିରେ ମଝିରେ ଜନନୀ ରାଜକୁମାରୀ ଦେବୀଙ୍କର ମନ ବ୍ୟାକୁଳ ହେଲେ ତାରାପୀଠକୁ ଚାଲି ଆସନ୍ତି ପାଗଳା ପୁଅକୁ ଦେଖିବାକୁ । ବ୍ରଜବାସୀ ବାବା ଏତେ ଗମ୍ଭୀର ସ୍ୱଭାବାପର୍ଣ୍ଣ ଯେ, ତାଙ୍କ ଡରରେ ପୁତ୍ରପ୍ରତି ବାତ୍ସଲ୍ୟ ମମତା ଦେଖାଇବାର ଉପାୟ ନାହିଁ । କେବଳ ଦୂରରୁହିଁ ଚକ୍ଷୁର ତୃପ୍ତି । ବ୍ରଜବାସୀ ବାବାଙ୍କୁ ଏଠିକାର ଲୋକମାନେ ସମସ୍ତେ ଭୟ କରନ୍ତି । ତେଣୁ କେହି ପ୍ରାୟ ଶ୍ମଶାନର ସୀମା ମାଡ଼ନ୍ତିନି । କ୍ଷେପା ନିମନ୍ତେ ଏଇଟାହିଁ ଖୁବ୍ ମଙ୍ଗଳଜନକ । ଶ୍ମଶାନଚାରୀ ମହାସାଧକ ବାମାକ୍ଷେପା ମନ ଆନନ୍ଦରେ ଘୂରିବୁଲେ ଶ୍ମଶାନସାରା ଓ 'ଜୟତାରା' ରବରେ ନିନାଦିତକରେ ମର୍ମସ୍ଥଳ । ଅନେକଗୁଡ଼ିଏ କୁକୁର ଆସି ଜୁଟିଲେ କ୍ଷେପାର ସଙ୍ଗେ । ଏହିମାନେହିଁ ମହାଭୈରବଙ୍କର ପ୍ରିୟ ପାର୍ଷଦବର୍ଗ-ସହଚର ବୃନ୍ଦ । ଶ୍ରଦ୍ଧାରେ କ୍ଷେପା ଏମାନଙ୍କୁ ନାମଧରି ଡ଼ାକେ; କାଳୁ, ଭୁଲୁ, ଶ୍ୱେତଫୁଲି, ଜାମଭୋଲ, ହର୍‌ହରି, ବୁଢ଼ାବାବା, ବୁଢ଼ୀମା; ଶାବଳିଦିଦି, ହରିର ମା, ଦୁର୍ଗା ପଦି; ଥର୍‌ଥରି, ମର୍‌ମରି ବୋଲି ।

× × ×

'ବାମା' ବାମା' ବୋଲି ଗୁରୁଗମ୍ଭୀର ସ୍ୱରରେ ଆହ୍ୱାନ କଲେ ଶ୍ରୀଗୁରୁବାବା-ହୁକା ସଜାଡ଼ି ଦେବାକୁ । ରାତ୍ରି ପ୍ରାୟ ଦ୍ୱିପ୍ରହର । ଶ୍ମଶାନ ଜନମାନବହୀନ । ଶ୍ୱାନଶିବାଗଣ ନରମାଂସ ଓ ଅସ୍ଥି ଭକ୍ଷଣରେ ବ୍ୟସ୍ତ– ମଝିରେ ମଝିରେ ବୃକ୍ଷ ଅନ୍ତରାଳରୁ ଶକୁନି ଶାବକର ହୃଦୟବିଦାରକ ଟ୍ୟାଂ ଟ୍ୟାଂ ଆର୍ତ୍ତନାଦ ସମଗ୍ର ପରିବେଶକୁ ଆହୁରି ବିକଟାଳ କରି ତୋଳୁଛି । ଶ୍ୱେତ ଶିମୁଳି ତଳେ ମାତୃମନ୍ତ୍ର ଧ୍ୟାନରେ ବିଭୋର କ୍ଷେପା ।

ସହସା, ଶ୍ରୀଗୁରୁଦେବଙ୍କ ଆହ୍ୱାନରେ ଆସନ ତ୍ୟାଗ ପୂର୍ବକ ତମାଖୁନେଇ ଯେତେବେଳେ ପଶିଗଲା କ୍ଷେପା ଶ୍ରୀଗୁରୁ ବାବାଙ୍କ କୁଟୀରକୁ–

ଆଶ୍ଚର୍ଯ୍ୟ ହେଲ କୁଟୀରପୂର୍ଣ୍ଣ ଛାୟାମୂର୍ତ୍ତିମାନଙ୍କୁ ଦର୍ଶନ କରି । ପ୍ରେତଯୋନି ମାନଙ୍କର ବିଭୀଷିକାମୟ ଛାୟାମୂର୍ତ୍ତି ଦର୍ଶନ କରି ନିର୍ଭୀକ ବାମା ମଧ୍ୟ ଭୀତହେଲ । ବୁଝିପାରି ଘର ଭିତରୁ ବାହାରି ଆସିଲେ ଗୁରୁବାବା; ଆଉ ତାଙ୍କ ସଙ୍ଗେ ସଙ୍ଗେ ଛାୟାମୂର୍ତ୍ତିଗୁଡ଼ିକ ଅଭ୍ୟନ୍ତରରୁ ବାହାରି ଆସି ପଲକ ମଧ୍ୟରେ ଖପ୍ ଖପ୍ କରି ଚଢ଼ିଗଲେ ସାହାଡ଼ା ବୃକ୍ଷକୁ । ବ୍ରଜବାସୀ ଭୟାର୍ତ୍ତ କ୍ଷେପାର ହାତଧରି କୁଟୀର ଭିତରକୁ ଟାଣିନେଇ କହିଲେ, "ଭୟ କାହିଁକି ବାବା ? ଏମାନେ କାହାର ଅନିଷ୍ଟ କରନ୍ତିନି । ଏମାନଙ୍କୁ ଦେଖି ମନୁଷ୍ୟ ଭୟପାଇ ନିଜେହିଁ ନିଜର କ୍ଷତି କରିଥାଏ ।"

"ଏମାନେ କିଏ ବାବା ?"

"ଏମାନେ ସବୁ ପ୍ରେତଯୋନି; ଏମାନେ ବି ତୋ ପରି ମୋର ଭକ୍ତ । ମୋ ଉପଦେଶ ନେବାକୁ ଏଠାକୁ ଆସନ୍ତି ।

"କାହିଁକି ଗୁରୁବାବା ?"

"ଏମାନେ ସବୁ ପୂର୍ବଜନ୍ମରେ ମା'ର ସାଧକ ଥିଲେ । ଏହି ଶ୍ମଶାନରେ ସାଧନ କାଳରେ ଭୟପାଇ ମୃତ୍ୟୁ ବରଣ କରି ପ୍ରେତଯୋନି ପ୍ରାପ୍ତ ହୋଇଛନ୍ତି । ଉଦ୍ଧାର ପାଇବା ପାଇଁ ମୋର ସାହାଯ୍ୟ ପ୍ରତ୍ୟାଶୀ । ବୁଝିପାରୁଛ ତ ବାବା ।

"ତମେ ଖୁବ୍ ଓସ୍ତାଦ୍ ଗୁରୁବାବା ।"

କ୍ଷେପାର କଥାଶୁଣି ହସି ଉଠିଲେ ବ୍ରଜବାସୀ । ଏଥର କୁଟୀର ସାମ୍ନାରେ ଧୂନି ଲଗାଇ ଧ୍ୟାନସ୍ଥ ହେଲେ ଗୁରୁଦେବ ଓ ଶିଷ୍ୟ କୁଟୀର ଅଭ୍ୟନ୍ତରରେ ବୁଡ଼ିଗଲ ମା'ର ନାମ ସାଗରରେ ।

× × × × ×

ସେଦିନ ମୋକ୍ଷଦାନନ୍ଦ ଆସିଥାନ୍ତି ବ୍ରଜବାସୀଙ୍କ ନିକଟକୁ । କୁଟୀର ବାହାରେ ବସି ଗୁରୁଦ୍ୱୟ ନାନା ଶାସ୍ତ୍ର ଆଲୋଚନା କଲବେଳେ ଉଠିଲ କ୍ଷେପାର କଥା । ଅଦୂରରେ କ୍ଷେପା ଦଣ୍ଡାୟମାନ । ବ୍ରଜବାସୀ କହି ଉଠିଲେ—

"କ୍ଷେପାର ଦୀକ୍ଷାର ପ୍ରୟୋଜନ ନାହିଁ । ସେ ସତ୍ୟବାଦୀ, ସରଳ, କଷ୍ଟସହିଷ୍ଣୁ ଓ ସାହସୀ । ଲଜ୍ଜା, ଭୟ ଓ ଘୃଣା ତା'ଠାରୁ ବହୁତ ଦୂରରେ । ତା'ର ଆଧାର ଶୁଦ୍ଧ ଓ ପବିତ୍ର । ତୁମେ ତାକୁ କିଛିଦିନ ବେଦ ପାଠକରି ଶୁଣାଅ । ତା'ପରେ ସୁବିଧା ଦେଖି ପୂର୍ଣ୍ଣାଭିଷେକ କରିଦେଲେହିଁ ଜାଗି ଉଠିବ ତା'ର ପୂର୍ବସ୍ମୃତି । ସେତେବେଳେ ସେ ନିଜେ ବୁଝି ପାରିବ, ସେ କିଏ,– ସଃ କଃ ?"

ପରଦିନ ପ୍ରତ୍ୟୁଷରୁ ହିଁ ଆରମ୍ଭ ହେଲା କ୍ଷେପାର ବେଦ ଶ୍ରବଣ । ମୋକ୍ଷଦାନନ୍ଦ କ୍ଷେପାକୁ ନିଜର ସନ୍ତାନ ଠାରୁ ବି ଅଧିକ ସ୍ନେହ କରନ୍ତି । କ୍ଷେପା ମଧ୍ୟ ଅତ୍ୟନ୍ତ ଭକ୍ତିଭରେ ବେଦଜ୍ଞ ବାବାଙ୍କୁ ପ୍ରଣାମ କରି ବେଦପାଠ ଶ୍ରବଣ କରେ । କେତେବେଳେ ଦୁଇଚକ୍ଷୁ ପ୍ଲାବନ କରି ପ୍ରେମାଶ୍ରୁ ଝରିପଡ଼େ ତ କେତେବେଳେ ଶରୀର ହୁଏ ଜଡବତ୍ ସମାଧିସ୍ଥ । ଯେଉଁଠି ବା କିଛି ସନ୍ଦେହ ରହିଯାଏ, ବେଦଜ୍ଞ ବାବା ପ୍ରାଂଜଳ ଭବେ ବୁଝେଇ ଦିଅନ୍ତି ।

ଶିଷ୍ୟପ୍ରତି ଗୁରୁଙ୍କର ଏପରି କାରୁଣ୍ୟପୂର୍ଣ୍ଣ ସ୍ନେହଦୃଷ୍ଟି ନ ରହିଲେ କ'ଣ ଶିଷ୍ୟର ଉନ୍ନତି କେବେହେଲେ ସମ୍ଭବ ? ଶ୍ରୀଗୁରୁଦେବଙ୍କ ଆନ୍ତରିକ ଆଶୀର୍ବାଦ ବଳରେହିଁ କ୍ଷେପା ସମସ୍ତ ପ୍ରାକୃତିକ ନିୟମକୁ ପ୍ରତିହତ କରି ଜୀବ ଜଗତକୁ ଦେଖେଇ ଦେଇ ପାରିଛି–

"ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁର୍ଦେବୋ ମହେଶ୍ୱରଃ ।
ଗୁରୁରେବ ପରମବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ॥"

କୃଷ୍ଣା ତ୍ରୟୋଦଶୀ ତିଥିରେ ଶେଷହେଲା ବେଦପାଠ । ଆଜ କ୍ଷେପା ବାହାରି ପଡ଼ିଲା ମୁଷ୍ଟିଭିକ୍ଷା ନିମନ୍ତେ । ପରଦିନ ପବିତ୍ର ଶିବଚତୁର୍ଦ୍ଦଶୀ ତିଥିରେ ହିଁ ଶିବ କଳ୍ପଙ୍କର ପୂର୍ଣ୍ଣାଭିଷେକ । ଭିକ୍ଷାରେ ଯାହା ସଂଗ୍ରହ ହେଲା ତହିଁରେ ପ୍ରାୟ ୫୦, ୬୦ ଜଣଙ୍କର ସେବା ହୋଇପାରେ । ଉଷାର ଆଲୋକ ସଙ୍ଗେ ସଙ୍ଗେ ଗୁରୁଦ୍ୱୟ କ୍ଷେପାକୁ ନେଇ ବ୍ୟସ୍ତ ହୋଇଉଠିଲେ । କ୍ଷେପା ନିଜେ ରନ୍ଧନ କରି, ତାରା-ମା'ଙ୍କୁ ଭୋଗ ନିବେଦନ କରି–

ଦରିଦ୍ର ନାରାୟଣ ସେବା ସମ୍ପର୍ଣ୍ଣ କଲା । ତା'ପରେ ଆରମ୍ଭ ହେଲା ମାଙ୍ଗଳିକ ଯଜ୍ଞ; ମୋକ୍ଷଦାନନ୍ଦଙ୍କ ପୌରହିତ୍ୟରେ ।

ସାରାଦିନର କଠିନ ପରିଶ୍ରମରେ ବି କ୍ଷେପା ମନରେ ଏତେ ଟିକିଏ ହେଲେ କ୍ଳାନ୍ତି ନାହିଁ । ଭାବୀ ମଧୁର ମିଳନ ପ୍ରତୀକ୍ଷାରେ ସେ ଖୁବ୍ ଆନନ୍ଦିତ, ପୁଲକିତ । ଦେଖୁ ଦେଖୁ ଦିବାବସାନ ଘଟିଲା । ଅସ୍ତମିତ ହେଲେ ସୂର୍ଯ୍ୟ । ସନ୍ଧ୍ୟାରାଣୀ ଆଗତ ପ୍ରାୟ । ଶିବାଦଳ ଉପରକୁ ମୁହଁ ଟେକି 'ହୁକେ ହୁ' ଶବ୍ଦରେ ଆରାଧନା କଲେ ସନ୍ଧ୍ୟା ଦେବୀଙ୍କର । ତାରା ମନ୍ଦିରରେ ଜଳି ଉଠିଲା ସନ୍ଧ୍ୟା ଆରତି, ବାଜି ଉଠିଲା ଶଙ୍ଖ, ଭେରି, ତୂରୀ । ଘଣ୍ଟ, ଘଣ୍ଟା ଶବ୍ଦରେ ମୁଖରିତ ହେଲା ମହାଶ୍ମଶାନ । ଆଉ ନାଦସିଦ୍ଧ କ୍ଷେପାର 'ଜୟତାରା' ନାଦରେ ନିନାଦିତ ହେଲା ଆକାଶ-ବତାଶ ।

ସନ୍ଧ୍ୟାରତି ପରେ ଶିଳାମୟୀଙ୍କୁ ସଭକ୍ତି ପ୍ରଣାମ କରି କୈଳାସପତିଙ୍କ ନିର୍ଦ୍ଦେଶରେ ଶ୍ମଶାନସ୍ଥିତ କୁଟୀରକୁ ଫେରି ଆସିଲା ବାମଦେବ । ମହାଶ୍ମଶାନରେ ନଇଁ ଆସିଲା କାଳରାତ୍ରି । ପେଚକର ଗୁରୁଗମ୍ଭୀର ଆବାହନରେ ସମଗ୍ର ବିଶ୍ୱର ଗାଢ଼ ଅନ୍ଧକାର ସଙ୍ଗରେ ଧରି ଧରାଧାମକୁ ଓହ୍ଲାଇ ଆସିଲେ ଦେବୀ ଭୁବନେଶ୍ୱରୀ । ଶ୍ୱାନ-ଶିବାର ବିକଟ ଚିତ୍କାରରେ ମୁଖରିତ ହେଲା ମହାଶ୍ମଶାନ ।

ଶ୍ରୀଗୁରୁଙ୍କ ଆଦେଶରେ ତମସାଚ୍ଛନ୍ନ ପର୍ଣ୍ଣକୁଟୀରକୁ ପ୍ରବେଶ କଲା କ୍ଷେପା । କିନ୍ତୁ ଏ କି ଅଦ୍ଭୁତ ବ୍ୟାପାର ! ସ୍ନିଗ୍ଧ-ଉଜ୍ଜ୍ୱଳ-ବିମଳ ଜ୍ୟୋତିଃରେ ଉଦ୍ଭାସିତ କୁଟୀରାଭ୍ୟନ୍ତର । ଦେଖୁ ଦେଖୁ ବିସ୍ତୀର୍ଣ୍ଣ ଜ୍ୟୋତିଃରାଶି ପୁଞ୍ଜିଭୂତ ହୋଇ ପରିଣତ ହେଲା ଏକ, ଏକଟି ବୀଜ ମନ୍ତ୍ର ରୂପେ । ଆନନ୍ଦରେ ଉଦ୍‌ବେଳିତ ହେଲା ସାଧକର ଅନ୍ତର ନିଜର ଇଷ୍ଟ ବୀଜ ଦର୍ଶନ କରି । ଚକ୍ଷୁ ଦୁଇଟି ଭରିଗଲା ପ୍ରେମାଶ୍ରୁରେ । ସହସା ବୀଜମନ୍ତ୍ର, ମିଳେଇଗଲା କାଳରାତ୍ରି ଭୁବନେଶ୍ୱରୀର ଅଙ୍ଗରେ; କିନ୍ତୁ ଚିରଦିନ ପାଇଁ ଗ୍ରନ୍ଥି ହୋଇଗଲା କ୍ଷେପାର ଅନନ୍ତ-ଅନ୍ତରରେ ।

ବଙ୍ଗଳା ସନ ୧୨୭୪ ସାଲର ଏହି ମହାନିଶାର ଶୁଭଲଗ୍ନରେ ବ୍ରଜବାସୀ ବାବା ଶ୍ୱେତ ଶିମୁଳି ବୃକ୍ଷମୂଳେ ଆସନ କରି ବସେଇ ଦେଲେ କ୍ଷେପାକୁ । ବୀଜମନ୍ତ୍ର ଜପ କରିବାକୁ କହି, ଅଭୟଦେଇ ଫେରି ଆସିଲେ ତାରମା' ମନ୍ଦିରକୁ । ମୋକ୍ଷଦାନନ୍ଦ ଓ ବ୍ରଜବାସୀ—କ୍ଷେପାର ମୋକ୍ଷଦାତା ଗୁରୁଦ୍ୱୟ ତାରମା' ମନ୍ଦିରରେ ଅପେକ୍ଷା କରି ରହିଲେ—ଉତ୍ତର ସାଧକ ଭାବେ ।

ଦେବୀଦତ୍ତ ବୀଜମନ୍ତ୍ରରେ ଅର୍ଦ୍ଧଦୀକ୍ଷିତ ନିଷ୍କାମ ବାଲବ୍ରହ୍ମଚାରୀ ବାମାଚରଣ ନିମିଷକେ ମଜ୍ଜିଗଲା ମନ୍ତ୍ର ଜପରେ । ସମସ୍ତ ସତ୍ତା ଲୋପ ପାଇ ସେ ହେଲା ସମ୍ପୂର୍ଣ୍ଣ ଧ୍ୟାନସ୍ଥ । ଅନ୍ତଃକରଣରେ ବିଷୟ ବୈରାଗ୍ୟ ଆଣିବାର ନାମହିଁ "ଧ୍ୟାନ" ଓ ସର୍ବତ୍ର ବ୍ରହ୍ମ ଦର୍ଶନ କରିବାର ନାମହିଁ "ଧାରଣା" ।

ସାଧନାପଥ କିନ୍ତୁ ସର୍ବଦା କଣ୍ଟକାକୀର୍ଣ୍ଣ । ବାଟରେ ନାନା ପରୀକ୍ଷାର ସମ୍ମୁଖୀନ ହେବାକୁ ପଡେ ସାଧକକୁ । ହଠାତ୍ ଚତୁର୍ଦ୍ଦିଗରେ ନାନାପ୍ରକାର ଭୀତିଜନକ ଶବ୍ଦରେ ସାଧକର ମନ ଚଞ୍ଚଳ ହେଲା । ଚକ୍ଷୁମେଲି ଦେଖିଲା ବେଳକୁ ସାମ୍ନାରେ ଅଟ୍ଟହାସ୍ୟମୟୀ ଏକ ବିଭତ୍ସ ଛାୟାମୂର୍ତ୍ତି । ଚକ୍ଷୁରୁ ତା'ର ନିର୍ଗତ ହେଉଛି ବହ୍ନିଶିଖା; ଲହ-ଲହ ବିଶାଳ ଜିହ୍ୱା ସାଧକର ରକ୍ତ ଆସ୍ୱାଦନ କରିବାକୁ ଉଦ୍ୟତ, ଆଉ ବିରଟ ଦନ୍ତ ପଙ୍‌କ୍ତିକୁ କଡ଼ମଡ କରି ସେ ମାଡ଼ି ଆସୁଛି ସାଧକଆଡକୁ । ତୀବ୍ରରୁ ତୀବ୍ରତର ହେଲା ଅଟ୍ଟହାସ୍ୟ । ଧୈର୍ଯ୍ୟଚ୍ୟୁତି ଘଟିଲା ସାଧକର । ଭୀତତ୍ରସ୍ତହୋଇ ବୀରସାଧକ 'ଜୟତାର' କହି ଆସନ ତ୍ୟାଗକରି ଛୁଟି ଚାଲିଲା ମନ୍ଦିର ଦିଗକୁ । ଶିଷ୍ୟର ଆତଙ୍କ ଦେଖି ଦଉଡ଼ି ଆସିଲେ ଗୁରୁବାବା । "ଏ ସମସ୍ତ ଯେ ମାୟାର ଖେଳ," ବୋଲି ଭଲଭାବେ ବୁଝେଇ ଦେଇ ବରଭୟ ଦେଇ କ୍ଷେପାକୁ ପୁଣି ବସେଇ ଦେଇଗଲେ ଆସନ ଉପରେ । ଏଥର ନିବିଷ୍ଟ ଚିତ୍ତରେ ମା'ର ଧ୍ୟାନରେ ମନୋନିବେଶ କଲା ମାତୃସାଧକ । ପ୍ରାୟ ମଧ୍ୟରାତ୍ର— ଜନ-ମାନବର ସ୍ୱରଶବ୍ଦ ନାହିଁ— ଚାରିଆଡ଼େ ନିଛକ ନିର୍ଜ୍ଜନତା । ହଠାତ୍ ନିକଟରେ ଦନ୍ତା ହସ୍ତୀର ଭୀଷଣ ଗର୍ଜ୍ଜନ ସାଧକମନରେ ପୁନଶ୍ଚ ଭୀତି

ସଞ୍ଚାର କଲା । ଭୟାର୍ତ୍ତ ସାଧକ ତାରା, ତାରା ବୋଲି ଚିତ୍କାର କରି ଉଠିଲା । ସଙ୍ଗେ ସଙ୍ଗେ ମନ୍ଦିର ଅଭ୍ୟନ୍ତରରୁ ଭସି ଆସିଲା "ମାଭୈଃ ମାଭୈଃ" ଧ୍ୱନି ଉତ୍ତରସାଧକ ବ୍ରଜବାସୀଙ୍କ କଣ୍ଠରୁ । ଅଚିରେହିଁ ସାଧକ ହେଲା ଭୟମୁକ୍ତ । ଏଥର ଏକାଗ୍ର ଚିତ୍ତ ଇଷ୍ଟମନ୍ତ୍ର ଧ୍ୟାନରେ ହେଲା ସମାଧିସ୍ଥ । ସେତେବେଳକୁ ରାତ୍ରି ପ୍ରାୟ ଶେଷ ପ୍ରହର ।

ସହସା ଚତୁର୍ଦ୍ଦିଗରେ ଖେଳିଗଲା କି ଏକ ସ୍ୱର୍ଗୀୟ ସୁବାସ । ସୁବାସିତ ମୃଦୁମନ୍ଦ ବାୟୁ ଛୁଇଁଗଲା ତନୁ-ମନ-ପ୍ରାଣ । ଲତା କୁଞ୍ଜରୁ ଶୁଣାଗଲା ମଧୁର କାକଳୀ । ଭୀତିପ୍ରଦ ମହାଶ୍ମଶାନ ସତେ ଯେମିତି ପରିଣତ ହେଲା ନନ୍ଦନ କାନନରେ । ଏତିକିବେଳେ ଡାକିନୀ, ଯୋଗିନୀଙ୍କର ଦଳ ମଧୁର କଣ୍ଠରେ ଆହ୍ୱାନ ଜଣାଇଲେ ବୀରସାଧକକୁ ପ୍ରଲୋଭିତ କରିବା ନିମନ୍ତେ । ସାଧକ କିନ୍ତୁ ନିଶ୍ଚଳ, ନିସ୍ପନ୍ଦ, ବାହ୍ୟଜ୍ଞାନଶୂନ୍ୟ । ଜାଗତିକ କୌଣସି ଭୟ ବା ଆକର୍ଷଣ ଆଉ ସାଧକର ସମାଧି ଭଙ୍ଗକରି ପାରିଲାନି— ସେ ବର୍ତ୍ତମାନ 'ଜୀବନ୍ ମୁକ୍ତ' ।

ଏତେବେଳକେ ଥରିଲା ମା'ର ଆସନ । ସ୍ନେହମୟୀ ଜନନୀ ଆଉ ସ୍ଥିର ହୋଇ ରହି ପାରିଲାନି । ଅଦୂରରୁ ସୁଲଳୀତ ବାମା କଣ୍ଠରେ ଶୁଣାଗଲା ସ୍ନେହପୂର୍ଣ୍ଣ ମଧୁର ଆହ୍ୱାନ । 'ବାମା, ବାମା ।" ଯାଦୁକରର କାଉଁରୀ ସ୍ପର୍ଶରେ ଚମକି ଉଠିଲା ବାମାଚରଣ । ଭାଙ୍ଗିଗଲା ସମାଧି । ପାଗଳା ପୁଅର ଡ଼ାକ ମା' ବୁଝେ ଓ ମା'ର ଡାକ ବୁଝେ ପାଗଳା ପୁଅ । ଆଖିମେଲି ଚାହିଁଲା ସାଧକ । କିନ୍ତୁ କାହିଁ କିଏ କେଉଁଠି । ଚତୁର୍ଦ୍ଦିଗ ଯେ ଶୂନ୍ୟ । ଏଥର ଆଉ ସମ୍ଭାଳି ପାରିଲାନି କ୍ଷେପା । "ମା, ମା ରବରେ କାନ୍ଦି ଉଠିଲା ଆବେଗଭରେ ଠିକ୍ ଗୋଟିଏ ଛୋଟ ଶିଶୁପରି ।" ଆକାଶ, ବତାଶ, ଜଳ, ସ୍ଥଳ ଭରି ଉଠିଲା ପବିତ୍ର ମାତୃ ରବରେ । ହାତ, ଗୋଡ଼ ଛାଟି; ପ୍ରାଣଭରି କାନ୍ଦିବାକୁ ଲାଗିଲା ପାଗଳା ପୁଅ ମା'କୁ ଦେଖିବା ନିମନ୍ତେ, ଆଉ କ୍ରନ୍ଦନର କରୁଣ ଧ୍ୱନି ମର୍ମାନ୍ତିକ ପ୍ରତିଧ୍ୱନି ତୋଳିଲା ମହାଶ୍ମଶାନ ବକ୍ଷରେ । ସହସା ଭସି ଆସିଲା ମା' କଣ୍ଠରୁ ଆଶ୍ୱାସନାବାଣୀ—

—"ବତ୍ସ ! ତୁ କାନ୍ଦୁଛୁ କାହିଁକି ? ମୁଁ ଯେ ସର୍ବଦା, ସବୁଠାରେ ତୋ ନିକଟରେ ବିଦ୍ୟମାନା । ତାଛଡ଼ା ଯୁଗଯୁଗାନ୍ତର ଧରି ଏହି ମହାପୀଠରେ ମୁଁ ପବିତ୍ର ଶାଳ୍ମଳୀ ବୃକ୍ଷ ରୂପେ ବିରାଜିତା, ତାହାରି ମୂଳରେ ବିଶ୍ୱଜନନୀ ରୂପେ ମୁଁ ଶିଳା ମୂର୍ତ୍ତିରେ ମୂର୍ତ୍ତିମତୀ । ଆଜି ଏହି କ୍ଷଣରେ ତୋର ପରମ ସିଦ୍ଧିର ଚିହ୍ନ ସ୍ୱରୂପ ଏହି ବୃକ୍ଷ ଧରାଶାୟୀ ହେବ ।"

"ସେ କି କଥା ମା, ମୋର ପ୍ରାଣାଧିକପ୍ରିୟ ଶିମୁଳି ବୃକ୍ଷଟି ଧ୍ୱଂସ ପ୍ରାପ୍ତ ହେବ ?" କାତର କଣ୍ଠରେ ପ୍ରଶ୍ନ କଲା କ୍ଷେପା ।

"ଦୁଃଖ କରନା ବାବା, ଆଜିଠାରୁ ମୁଁ ଏଠାରେ ମହାଜ୍ୟୋତିଃସ୍ୱରୂପରେ ଆତ୍ମପ୍ରକାଶ କରିବି, ତା'ର କିଛି ଅଂଶହିଁ ତୋତେ ଦାନ କରୁଛି । ତୋର ସିଦ୍ଧି ପରଠାରୁ ଏହି କଳିଯୁଗରେ ଏକାଦଶ ସହସ୍ର ସାଧକ କେବଳ ମାତ୍ର ତିନିଲକ୍ଷ ଜପକରି ଏହି ମହାପୀଠରେ ସିଦ୍ଧିଲାଭ କରିବେ ।"

ସହସା ଭୟଙ୍କର ଶବ୍ଦକରି କଳ୍ପତରୁ ସଦୃଶ ଶ୍ୱେତଶିମୁଳି ବୃକ୍ଷଟି ଭୂତଳଶାୟୀ ହେଲା ଏବଂ ସେହି ସ୍ଥାନରେ ଭୂମିଠାରୁ ମହାଶୂନ୍ୟ ପର୍ଯ୍ୟନ୍ତ ସାଧକ ଚକ୍ଷୁ ସାମ୍ନାରେ ଫୁଟି ଉଠିଲା,ଏକ ବିମଳ ଅନନ୍ତ ଜ୍ୟୋତିଃ ସ୍ତମ୍ଭ; ଯାହାକି କୋଟିସୂର୍ଯ୍ୟଠାରୁ ବି ଅଧିକ ଉଜ୍ଜ୍ୱଳ ଓ କୋଟି ଚନ୍ଦ୍ରଠାରୁ ବି ଅଧିକ ସ୍ନିଗ୍ଧ । ତନ୍ମୟ ହେଲା ସାଧକର ଚିତ୍ତ ।

କ୍ଷଣକାଳପରେ ସେହି ଜ୍ୟୋତିଃ ପୁଞ୍ଜ ମଧ୍ୟରେ ଆବିର୍ଭୂତା ହେଲେ ଜ୍ୟୋତିର୍ମୟୀ । ଶବ ହୃଦୟରେ ପ୍ରସାରିତ ବାମପାଦ, ଦକ୍ଷିଣ କରରେ ଖଡ୍‌ଗ ଓ ଖର୍ପର, ବାମକରରେ ନୀଳପଦ୍ମ ଓ କପାଳର ପାନପାତ୍ର, ଲହଲହ ଜିହ୍ୱା, ଅଟ୍ଟହାସ୍ୟମୟୀ ବରଭୟ ପ୍ରଦାୟିନୀ; ମହାଶଙ୍ଖମାଳା ବିଭୂଷିତା ଜଗତ ଜନନୀ,ପତିତ ତାରିଣୀ ତାରାଦେବୀ । ଦେବୀ ଖର୍ବାକୃତି, ଭୀମା, ବୃହତ୍ ଉଦର ସମନ୍ୱିତା ଏବଂ ବିଶୁଦ୍ଧ ନୀଳବର୍ଣ୍ଣା । ପରିଧାନ ବ୍ୟାଘ୍ରଚର୍ମ, ଶିରେପରି ପିଙ୍ଗଳ ବର୍ଣ୍ଣ ଜଟା; କର, ପାଦ ଓ ଗଳାରେ ସର୍ପାଳଙ୍କାର ଭୂଷଣ ।

ମା'ତାରା ତ୍ରିନୟନା—ସ୍ୱର୍ଗ,ମର୍ତ୍ତ୍ୟ ଓ ପାତାଳର ଏକମାତ୍ର ଅଧିଷ୍ଠାତ୍ରି ଦେବୀ । ସିଏ ସାକାର ପୁଣି ନିରାକାର ଓ ସର୍ବବିଶ୍ୱର ଆଧାର ।

ଜ୍ୟୋତିର୍ମୟୀ ତାରିଣୀଦେବୀ ସ୍ନେହମୟୀ ଜନନୀ ରୂପରେ ଆବିର୍ଭୂତା ହୋଇ ପ୍ରିୟ ପାଗଳା ପୁତ୍ରକୁ ତୋଳିନେଲେ ପ୍ରଶାନ୍ତ କୋଳକୁ । ବିଶ୍ୱଜନନୀ, ବିଶ୍ୱପ୍ରେମ ବିଗଳିତା,କରୁଣାମୟୀ, ବାତ୍ସଲ୍ୟରସର ଠାକୁରାଣୀ, ବରାଭୟ ଦାୟିନୀଙ୍କର କୋମଳ କ୍ରୋଡ଼ ସ୍ପର୍ଶରେ ତୁଟିଗଲା ସାଧକର ସମସ୍ତ ମାୟା, ମୋହ—ଭାଙ୍ଗିଗଲା ଜନ୍ମଜନ୍ମାନ୍ତରର ଭ୍ରମ; ମେଣ୍ଟିଗଲା ଅନନ୍ତ ପିପାସା ।

ପ୍ରଭାତର ଅରୁଣ ଆଲୋକ ସଙ୍ଗେ ସଙ୍ଗେ ମିଳେଇ ଗଲା ମାତା-ପୁତ୍ରଙ୍କର ଭାବର ଖେଳ । କିନ୍ତୁ ଆତ୍ମା ଚିରତରେ ମିଳିତ ହେଲା ପରମାତ୍ମା ସହିତ । କ୍ଷେପା ଏଥର ଚିହ୍ନି ପାରିଛି ନିଜକୁ ଓ ନିଜର ଆସନକୁ । ସଃ, କଃ ? ପ୍ରଶ୍ନର ଉତ୍ତର ମିଳିଛି—"ସଃ ବଶିଷ୍ଠଦେବଃ ।"

❋

ଦଶ

ମାତୃସାଧକ ବାମାଚରଣ ଏଥର ପରିଚିତ ହେଲେ ପରମ ସିଦ୍ଧ ପୁରୁଷ ତାରପୀଠର ଭୈରବ ବାମାକ୍ଷେପା ନାମରେ । ବହୁକାଳପରେ ଶିମୁଳିତଳର ପଞ୍ଚମୁଣ୍ଡି ଆସନ ତା'ର ପ୍ରକୃତ ଉତ୍ତରାଧିକାରୀଙ୍କୁ ଆଜି ବୁକୁରେ ଧରି ପୁଲକିତ, ଉଚ୍ଛ୍ୱସିତ, କୃତକୃତାର୍ଥ । ଏତେଦିନେ କୈଳାସପତି ବାବାଙ୍କ ଗୁରୁଗିରି ସାର୍ଥକ ହେଲା ଉପଯୁକ୍ତ ଶିଷ୍ୟପାଇ, ପୂର୍ଣ୍ଣ ହେଲା ମୋକ୍ଷଦାନନ୍ଦଙ୍କ ମନର ଇଚ୍ଛା ।

କୌଳ ମୋକ୍ଷଦାନନ୍ଦଙ୍କର ବୟସ ହୋଇଛି । ଜରାଗ୍ରସ୍ତରେ ସିଏ ଆଜି କ୍ଳାନ୍ତ-ଶ୍ରାନ୍ତ । ମନେ ମନେ ଅବସର ଗ୍ରହଣ କରିବାକୁ ଚିନ୍ତାକରି ଖୋଜୁଥିଲେ ଉପଯୁକ୍ତ ଉତ୍ତରାଧିକାରୀ । କ୍ଷେପା ଆଜି ମହାକୌଳ ପଦପାଇଁ ଉପଯୁକ୍ତ ।

ସେଦିନ ମୋକ୍ଷଦାନନ୍ଦଙ୍କୁ ଡ଼ାକି ବ୍ରଜବାସୀ କହିଲେ—"ମା' କ୍ଷେପାକୁ ତା'ର ଆସନ ଚିହ୍ନେଇ ଦେଇଛନ୍ତି । ଆମେ ଏଥର ଏ ଆସନ ତ୍ୟାଗ କରିବାର ଉପଯୁକ୍ତ ସମୟ ଆସିଯାଇଛି ।"

ପରଦିନ ସୁବିଧା ଦେଖି ମୋକ୍ଷଦାନନ୍ଦ ବାମାକୁ ଡାକି ଅବସର ନେବାର ଇଚ୍ଛା ବ୍ୟକ୍ତ କଲେ ଓ ସମସ୍ତ ଦାୟିତ୍ୱ ବୁଝାଇ ଦେଲେ । ନତମସ୍ତକରେ ଶ୍ରୀଗୁରୁଦେବଙ୍କ ଆଦେଶ ଶିରୋଧାର୍ଯ୍ୟ କରିନେଲା ବାଧ୍ୟ ଶିଷ୍ୟ ।

X X X

ସବୁ ଠିକ୍‌ଠାକ୍ । ପରଦିନ ସକାଳ ଗାଡ଼ିରେ ହିଁ ବ୍ରଜବାସୀ ଓ ମୋକ୍ଷଦାନନ୍ଦ ଯାତ୍ରା କରିବେ କାଶୀ ଓ ସେଠାରୁ ହରଦ୍ୱାର । ସାରାରାତି ତାରାମା'ର ନାମସୁଧା ଆସ୍ୱାଦନ କରି ଶୋଇଯାଇଛି କ୍ଷେପା ଶିମୁଳି ତଳେ ମା'ର ଶାନ୍ତିମୟ କୋଳରେ । ଶେଷରାତ୍ରିକୁ ଦେଖିଲା ସ୍ୱପ୍ନ-ଗୁରୁଦ୍ୱୟ

ଗ୍ଲଲିଛନ୍ତି କାଶୀ । ମା' ଅନ୍ନପୂର୍ଣ୍ଣାଙ୍କୁ ଦେଖିବାକୁ ଛଟ୍‌ପଟ୍ ହେଲା ପାଗଳାର ମନ । ମୁଁ ମଧ୍ୟ ଯିବି ବୋଲି ଜିଦ୍ ଧରିଲା ବାମାଚରଣ । ବାଧାଦେଲେ କରୁଣାମୟୀ ବିଶ୍ୱଜନନୀ । ଆଦର କରି କହିଲେ "ମୋତେ ଛାଡ଼ି ଯାଅନା ବାବା ! ସେଠିରେ ତୋର ବଡ ଅସୁବିଧା ହେବ ।"

"ବାଧା ଦେ'ନା ମା । କେବେ ତ କୁଆଡେ ଯାଇନି, କିଛି ଦେଖିନି । ଭରି ଇଛା ହେଉଛି, ଥରଟିଏ ମା' ଅନ୍ନପୂର୍ଣ୍ଣାଙ୍କୁ ଦର୍ଶନ କରି ଆସିବି ।"

ମା' ଅନେକ ବୁଝାଇଲେ, ବାମା କିନ୍ତୁ ନଛୋଡବନ୍ଧା । ଅଗତ୍ୟା ବାଧ୍ୟ ହୋଇ ରାଜିହେଲେ ଜନନୀ । କହିଲେ–"ଆଚ୍ଛା, ଯିବୁ ତ ଯା, କିନ୍ତୁ ଭରି କଷ୍ଟ ପାଇବୁ । ତୋତେ ଟିକିଏ ହେଲେବି ଭଲ ଲାଗିବନି ସେଠି ।"

"ମନ, କିମ୍ବା ଯିବୁ ତୁହି କାଶୀ ।
ଫଳ ପାଇବୁରେ ଘରେ ବସି ।।"

ସ୍ୱପ୍ନ ଭାଙ୍ଗିଗଲା । ଶଯ୍ୟାତ୍ୟାଗ କରି ଛୁଟି ଗ୍ଲଲିଲା ପାଗଳା ଶିଷ୍ୟ ଗୁରୁଦ୍ୱୟଙ୍କ ସନ୍ଧାନରେ ।

ସବୁ ଶୁଣି ବ୍ରଜବାସୀ ବାବା କହିଲେ "ବର୍ତ୍ତମାନ ତୋର ଯିବାଟା ଠିକ୍ ହେବନି ବାମା; ତା'ଛଡା ସେଠି ଯାଇବା କରିବୁ କ'ଣ ?"

"ନା, ଗୁରୁବାବା, ମୋତେ ଆଉ ବାରଣ କରନା । ଥରଟିଏ ମୋତେ ସାଙ୍ଗରେ ନେଇଗ୍ଲଲ । ମୁଁ ଟିକିଏ ମା' ଅନ୍ନପୂର୍ଣ୍ଣାଙ୍କୁ ଦେଖି ଫେରି ଆସିବି ।" କାକୁତି ମିନତି କରି ଜଣାଇଲା କ୍ଷେପା ।

ଅଗତ୍ୟା ଗୁରୁଦ୍ୱୟ ରାଜି ନ ହୋଇ ରହି ପାରିଲେନି ।

ଦିନ ନ'ଟା ବେଳେ ରାମପୁର ହାଟ ଷ୍ଟେସନରୁ ବ୍ରଜବାସୀ କୈଳାସପତି, ବେଦଜ୍ଞ ମୋକ୍ଷଦାନନ୍ଦ ଓ ଭୈରବ ବାମା କ୍ଷେପାଙ୍କୁ ଲୁହରେ ଧରି ଗାଡ଼ି ଛାଡ଼ିଲା କାଶୀଧାମ ଅଭିମୁଖେ ।

ବାମାର ଆନନ୍ଦ ଦେଖେ କିଏ ! ଏଇଟା କ'ଣ, ସେଇଟା କ'ଣ ବୋଲି ପ୍ରଶ୍ନପରେ ପ୍ରଶ୍ନ ପଚାରି ବ୍ୟସ୍ତ କରି ପକାଇଲା ମୋକ୍ଷଦାନନ୍ଦଙ୍କୁ । ଶେଷକୁ ଅତିଷ୍ଠ ହୋଇ ସେ କହି ଉଠିଲେ– ଆଉ କହି ପାରିବିନି ବାବା, ତୁ ଏଥର ଚୁପ୍‌କର । ସାଙ୍ଗେ ସାଙ୍ଗେ ଚୁପ୍ କରି ବସି ରହିଲା ବାଧ୍ୟଶିଷ୍ୟ ବାମାଚରଣ ।

ବ୍ରଜବାସୀ ଓ ମୋକ୍ଷଦାନନ୍ଦ କମ୍ବଳ ବିଛେଇ ଶୋଇ ପଡ଼ିଲେ । କ୍ଷେପା ଆଖିକୁ କିନ୍ତୁ ନିଦ ନାହିଁ । ଝରକା ପାଖେ ବସି ପ୍ରକୃତିର ସୌନ୍ଦର୍ଯ୍ୟରେ ମଜ୍ଜିଗଲା ମହାସାଧକ । କେତେ ପାହାଡ଼-ପର୍ବତ, ନଦ-ନଦୀ, ବଣ-ଜଙ୍ଗଲକୁ ପଛରେ ପକାଇ ଛୁଟି ଚାଲିଲା ଗାଡ଼ି । କେତେ ଛୋଟ ଛୋଟ ଷ୍ଟେସନ ପାରିହୋଇ ଗାଡ଼ି ଯାଇ ଠିଆହେଲା ଭଗଲପୁର ଷ୍ଟେସନରେ । ଏଠାରେ ଟିକେଟ ଚେକ୍‌ର ଉଠିଲେ ଡବାକୁ ଓ ଟିକେଟ ଦେଖିବାକୁ ଚାହିଁଲେ । କ୍ଷେପା କହିଲା–"ଟିକେଟ ନାହିଁ ।" ଚେକର ଏଥିରେ ରଗିଯାଇ ଜୋର କରି କ୍ଷେପାକୁ ଓହ୍ଲେଇ ଦେଲେ ଗାଡ଼ିରୁ । ବେଶ୍ ଗୋଟାଏ ଗୋଳମାଳର ସୂତ୍ରପାତ ହେଲା ଟଣା ଟଣି ଭିଡ଼ା ଓଟରା ଭିତରେ । ନିଦ ଭାଙ୍ଗିଗଲା ବ୍ରଜବାସୀଙ୍କର । କ୍ଷେପାକୁ ଡବା ଭିତରେ ନ ଦେଖି ତଳକୁ ଓହ୍ଲେଇଯାଇ ଟିକେଟ୍ ଦେଖାଇଲେ । ମେଣ୍ଟିଗଲା ସବୁ ଗଣ୍ଡଗୋଳ । ଏଥର କ୍ଷେପାକୁ ପାଖେ ପାଖେ ରଖିଲେ ଗୁରୁଦ୍ୱୟ । ପରଦିନ ପ୍ରଭାତରେ ଗାଡ଼ି ଯାଇ ଲାଗିଲା କାଶୀ ଧାମରେ । ପ୍ଲାଟଫର୍ମରେ ଯାତ୍ରୀମାନଙ୍କ ଭିଡ଼ ଦେଖି କିନ୍ତୁ କ୍ଷେପାର ମିଜାଜ ବିଗିଡ଼ି ଗଲା । ମନକୁ ମନ ସେ କହି ଉଠିଲା "ଆରେ ବାପ୍‌ରେ ବାପ୍,କେତେ ଲୋକ, କି ଦୁର୍ଗନ୍ଧ ! ମୋ ତଣ୍ଟି ଯେ ଶୁଖିଯାଉଛି ! ଏଇ ତା'ହେଲେ ଅନ୍ନପୂର୍ଣ୍ଣାର ସ୍ୱର୍ଗରାଜ୍ୟ । ଏହା ଅପେକ୍ଷା ଆମ ତାରା ମା'ର ରାଜ୍ୟ ତ କେତେ ଭଲ । ଚାରିଆଡ ଫାଙ୍କା,ଖୋଲା ହାଓ୍ୱା–ଉଜ୍ଜ୍ୱଳ ଆଲୋକ ।"

ବ୍ରଜବାସୀ–"ଏଇଥି ପାଇଁ ତ ତୋତେ ଆସିବାକୁ ମନା କରୁଥିଲି । ମୁଁ ଠିକ୍ ଜାଣେ,ଶ୍ମଶାନ ଛାଡ଼ି ତୋତେ ଏ ଜାଗା କେବେହେଲେ ଭଲ ଲାଗିବନି । ହଉ ଟିକିଏ କଷ୍ଟକରି ସପ୍ତାହେ ଖଣ୍ଡେ ରହିଯା । ବେଦଜ୍ଞ ବାବା ହରଦ୍ୱାରରୁ ଫେରିବା ବାଟରେ ତୋତେ ତାରା ମା' ରାଜ୍ୟକୁ ଫେରେଇ ନେଇଯିବେ ।"

ସହର ତଳି ଏକ ଛୋଟ ଆଶ୍ରମରେ ଆଶ୍ରୟ ନେଲେ ଗୁରୁ ଶିଷ୍ୟ । ସେହି ଦିନ ଗତି ଗାଡ଼ିରେ ହିଁ ଗୁରୁ ଦ୍ୱୟ ହରଦ୍ୱାର ଅଭିମୁଖେ ବାହାରି ପଡ଼ିଲେ । ଆଶ୍ରମରେ ରହିଲା କ୍ଷେପା ଏକାକୀ । ସେ ଦିନଟା କଟିଗଲା ପଥଶ୍ରାନ୍ତିରେ । କମ୍ବଳ ଖଣ୍ଡିଏ ବିଛେଇ ଶୋଇ ପଡ଼ିଲା କ୍ଷେପା । ନିଦ ଭାଙ୍ଗିଲା ବେଳକୁ ଭୋକରେ ପେଟ କାଁ କାଁ କରୁଛି । କୌପୀନ୍ ଖଣ୍ଡିଏ ଛଡା ପାଖରେ କଣା କଉଡ଼ିଟିଏ ବି ନାହିଁ । ଆଶ୍ରମରେ ଆଉ ଯେତେଜଣ ସାଧୁ ସନ୍ନ୍ୟାସୀ ଥିଲେ ସେମାନଙ୍କ ବେଶଭୂଷା ଦେଖି ସହଜରେ ସାଧୁ ବୋଲି ଅନୁମାନ କରି ହେଉଥିଲା, ତେଣୁ ସେମାନଙ୍କର ଖାଇବା ପିଇବାର ବନ୍ଦୋବସ୍ତ ହୋଇଗଲା । କିନ୍ତୁ ଦୀର୍ଘକାୟ; କୃଷ୍ଣବର୍ଣ୍ଣ, ଦିଗମ୍ବର କ୍ଷେପାକୁ ଦେଖି କିଏ ଭାବିଲା ପାଗଳାଟାଏ ତ କିଏ ଭାବିଲା ଭିକାରିଟାଏ । ସୁତରାଂ ଏହି ମହାଭୈରବଙ୍କର ଖାଇବା, ପିଇବାପ୍ରତି କେହି ଦୃଷ୍ଟି ଦେଲେନି ।

ବ୍ୟସ୍ତତା ଭିତରେ ଅଭୁକ୍ତ ଅବସ୍ଥାରେ ହିଁ କଟିଲା ଦିନ । କେହି ଚିହ୍ନା ନାହାନ୍ତି କି ରାସ୍ତାଘାଟ ବି ଜଣାଶୁଣା ନାହିଁ । ମନରେ ଆସିଲା ସଂଶୟ– "ସବୁ ବାଜେ, ସବୁ ମିଛ । କହନ୍ତି କ'ଣ ନା ଅନ୍ନପୂର୍ଣ୍ଣାର ସ୍ୱର୍ଗରାଜ୍ୟରେ କେହି ଅଭୁକ୍ତ ରହେନା । କାହିଁ–ସାରା ଦିନଟା ତ କ୍ଷୁଧାରେ କଟିଲା– କେହି ମୁଠାଏ ଖାଇବାପାଇଁ କହିଲାନି । ସେହି ବି ଦିନ ତଳେ ତାରା ମା' ମୋର ଯାହା ମୁଠାଏ ଖାଇବାକୁ ଦେଇଥିଲା । ଛି ଛି ! ସ୍ୱର୍ଗରାଜ୍ୟ ନା ଆହୁରି କିଛି । ଏହାଛଡା ଆମ ତାରା ମା'ର ଶ୍ମଶାନ ହଜାର ଗୁଣରେ ଭଲ । ଦରକାର ନାହିଁ ମୋର ଆଉ ସ୍ୱର୍ଗରାଜ୍ୟ ।"

ଏହିପରି ଅଭିମାନ ଓ ଅଭିଯୋଗ କରୁକରୁ କେତେବେଳେ ଘୁମେଇ ପଡ଼ିଛି ତାରା ମା'ର ପାଗଳା ପୁଅ । ଗଭୀର ରାତ୍ରିରେ ହଠାତ୍ କାହାର ଡାକରେ ନିଦ ଭାଙ୍ଗିଗଲା ।

"ଉଠ୍ ବାବା, ମା'ର ପ୍ରସାଦ ଖା"–କହି ଠୁଙ୍ଗାଟିଏ ଥୋଇଦେଇଗଲା ଏକ ଅଜଣା, ଅଶୁଣା ବୃଦ୍ଧା ।

ପ୍ରସାଦ କଥା ଶୁଣି ଉଠି ବସିଲା, କ୍ଷେପା । ପ୍ରସାଦ ଖାଉ, ଖାଉ ମୁଚକି ହସି ମନକୁ ମନ କହି ଉଠିଲା–"ବେଟୀ, ତା'ହେଲେ ଶୁଣି ପାରିଛି ! ତୁ ବେଟୀ ଅନ୍ନପୂର୍ଣ୍ଣା ହୁଅ, ବା ଆଉ ଯେ ହୁଅନା କାହିଁକି, ତୋର ଏ ସ୍ୱର୍ଗରାଜ୍ୟ କାଶୀଭଳି କଦର୍ଯ୍ୟ ଯାଗା ଆଉ କେଉଁଠି ଦେଖିନି ।" ଯାହାହେଉ, ଏଥର ପେଟଭରି ପ୍ରସାଦ ଖାଇ, ଶୋଇ ପଡ଼ିଲା ବାମାଚରଣ । କିଛି ସମୟପରେ ମଳତ୍ୟାଗର ବେଗ ଆସିବାରୁ ଉଠି, ଖୋଜି ବସିଲା ମଳତ୍ୟାଗର ଯାଗା । ଚିରଦିନ ଖୋଲା ପଡ଼ିଆରେ ଯାହାର ମଳମୂତ୍ର ତ୍ୟାଗ କରିବାର ଅଭ୍ୟାସ, ପକ୍‌କା ପାଇଖାନା ଦେଖି ଭୀଷଣ ସନ୍ଦେହରେ ପଡ଼ିଲା କ୍ଷେପା । ଠିକ୍ କେଉଁଠି ମଳତ୍ୟାଗ କରିବାକୁ ହେବ ଜାଣି ନ ପାରି ପରିସ୍ରାଗାରରେ ମଳତ୍ୟାଗ କରି ଶୌଚ ହୋଇ ନିଶ୍ଚିନ୍ତରେ ଶୋଇଗଲା ଭୋଳାନାଥ ।

ସେହି ରାତ୍ରରେ ମହାସାଧକଙ୍କୁ ସ୍ୱପ୍ନଯୋଗେ ଦେଖାଦେଲେ ମା' ଅନ୍ନପୂର୍ଣ୍ଣା ଓ ପ୍ରଶ୍ନକଲେ "କିରେ ବାମା, ତୁ ଏତେ ନିମକହରାମ କାହିଁକି ? ମୁଁ ନିଜେ ତୋତେ ପ୍ରସାଦ ଦେଇ ଆସିଲି, ତଥାପି ତୁ ମୋ ସ୍ୱର୍ଗରାଜ୍ୟ କାଶୀଧାମର ନିନ୍ଦା କରୁଛୁ ?"

ଅଭିମାନ ସ୍ୱରରେ ଉତ୍ତର ଦେଲା କ୍ଷେପା– "ତୁ ଯାହା କହନା କାହିଁକି ମା, ତୋର ଏ କାଶୀଧାମ କିନ୍ତୁ ବଡ଼ କଦର୍ଯ୍ୟ ଯାଗା । କି ଦୁର୍ଗନ୍ଧ, କେତେ ଲୋକ, ବାପରେ ବାପ ! ମୋର ଯେ ଶ୍ୱାସରୁଦ୍ଧ ହୋଇ ଯାଉଛି । ଆଉ ଆମ ତାରାମା'ର ରାଜ୍ୟ କିନ୍ତୁ କେତେ ସୁନ୍ଦର । କେତେବଡ଼ ଶ୍ମଶାନ, ଘରିଆଡ଼ ନିରବ ନିସ୍ପନ୍ଦ, ଉଜ୍ଜ୍ୱଳ ଆଲୋକ, ଖୋଲା ପବନ ।"

"ଦେଖେ ବାମା ! ତୁ ଯଦି ମୋ ସ୍ୱର୍ଗରାଜ୍ୟର ନିନ୍ଦା କରିବୁ, ତେବେ ଖୁବ୍ କଷ୍ଟ ପାଇବୁ । ତୋତେ ଏଠାରେ ରହିବାକୁ ଯାଗା କି ଖାଇବାକୁ ଅନ୍ନ ମିଳିବନି । ଶୀଘ୍ର ଏଠାରୁ ପଳା ।" ନିର୍ଦ୍ଦେଶ ଦେଇ ଅନ୍ତର୍ହିତା ହେଲେ କାଶୀର ଅଧିଷ୍ଠାତ୍ରୀ ଦେବୀ ଅନ୍ନପୂର୍ଣ୍ଣା ।

× × ×

ସକାଳୁ, ସକାଳୁ ମଢ଼ର ଦୁର୍ଗନ୍ଧରେ ଆଲୋଡ଼ନ ସୃଷ୍ଟିହେଲା ଆଶ୍ରମରେ । ଧରାପଡ଼ିଯିବା ଭୟରେ ମହାଭୈରବ ବାଳକବତ୍ ଆଶ୍ରମ ତ୍ୟାଗକରି ବାହାରି ପଡ଼ିଲେ ଅଜ୍ଞାତ ଉଦ୍ଦେଶ୍ୟରେ । ସୁରଧୁନୀ କୋଳରେ ଅବଗାହନ କରି କାଶୀପତି ବିଶ୍ୱନାଥ ଓ ମା' ଅନ୍ନପୂର୍ଣ୍ଣାଙ୍କୁ ଦର୍ଶନ କରି ଉପସ୍ଥିତ ହେଲେ ମଣିକର୍ଣ୍ଣିକା ଘାଟରେ ।

ସେତେବେଳେ ଭକ୍ତଗଣ ପରିବେଷ୍ଟିତ ହୋଇ ମହାଶ୍ମଶାନରେ ଉପବେଶନ କରିଥାନ୍ତି କାଶୀପୀଠର ଚଳନ୍ତିଶିବ ଶ୍ରୀମତ୍ ତୈଲଙ୍ଗ ସ୍ୱାମୀ । ବାମାକ୍ଷେପାଙ୍କ ଆଗମନର କିଛିକ୍ଷଣ ପୂର୍ବରୁ ଏକ ଭକ୍ତକୁ ଲକ୍ଷ୍ୟକରି କହି ଉଠିଲେ ଶିବ ସ୍ୱରୂପ– "ଜଲ୍‌ଦି ଏକଠୋ କାପଡା ଲେଆଓ, ଏକ ମହାଭୈରବ ଆତାହେଁ ।" ଆଦେଶ ସଙ୍ଗେ ସଙ୍ଗେ ଭକ୍ତଟି ଖଣ୍ଡିଏ କୌପୀନ୍ କିଣି ଆଣିଲା । ଆଉ ଯେତେବେଳେ ଚଳନ୍ତି ଶିବଙ୍କ ସମ୍ମୁଖରେ ଉଭାହେଲେ ମହାଭୈରବ –ଧନ୍ୟହେଲା ମଣିକର୍ଣ୍ଣିକା ଘାଟ, ସାର୍ଥକ ହେଲା ଭାଗ୍ୟବାନ ଭକ୍ତମାନଙ୍କର ନୟନ । ଆହା କି ସେ ଅପୂର୍ବ ଦୃଶ୍ୟ–ଆନନ୍ଦ ବିହ୍ୱଳ ଚିତ୍ତରେ ଅବାକ୍ ହୋଇ ଚାହିଁ ରହିଲେ ସମସ୍ତେ–ଏଯେ ଚଳନ୍ତି ଶିବ ଓ ମହାଭୈରବଙ୍କ ମହାମିଳନ । ଉଭୟଙ୍କ ତୁଣ୍ଡରେ ଭାଷା ନାହିଁ–ଆଖିରେ ଆଖିରେ କଥାବାର୍ତ୍ତା । ସମାଲିଙ୍ଗନର ମଧୁର ପରଶରେ ଭାଗୀରଥୀ ତଟଦେଶର ଅପୂର୍ବ ଶାନ୍ତ ଗମ୍ଭୀର ପରିବେଶରେ ପ୍ରବାହିତ ହେଲା ସ୍ୱର୍ଗୀୟ ଆନନ୍ଦର ହିଲ୍ଲୋଳ । ସତେଅବା ବୈକୁଣ୍ଠ ପୁରୀରେ ନାରାୟଣଙ୍କ ସଙ୍ଗେ ଆଜି ଭେଟହେଲା ସଦାଶିବଙ୍କର । ଜଣେ ବିଷ୍ଣୁ ଆଉ ଜଣେ ପରମ ବୈଷ୍ଣବ । ଜଣେ ଭଗବାନ ଆଉ ଜଣେ ଭକ୍ତ ଶିରୋମଣି । ଏକ ଅଙ୍ଗ, ନାହିଁ ଭେଦାଭେଦ ।

× × ×

ଏଥର ମହାଭୈରବ ଆଶ୍ରୟ ନେଲେ ରାଜା ହରିଶ୍ଚନ୍ଦ୍ର ଶ୍ମଶାନ ଘାଟରେ । ବେଦଜ୍ଞ ମୋକ୍ଷଦାନନ୍ଦଙ୍କ ପ୍ରତୀକ୍ଷାରେ କଟିଲା ତିନିଦିନ । ମା' ଅନ୍ନପୂର୍ଣ୍ଣାର ରୋଷଦୃଷ୍ଟିରୁ ବାବା ଏ ଯାବତ୍ ଉପବାସୀ । କେବଳ ବେଲପତ୍ର ଓ ଗଙ୍ଗାଜଳ । ତାରାମା' ପାଇଁ ପ୍ରାଣଟା ଛଟ୍‌ପଟ୍ କରି ଉଠିଲା କ୍ଷେପା ବେଟାର । ନାଁ ଆଉ ନୁହେଁ– ଅଭିମାନରେ ଭରିଗଲା ମନ–ଆଉ ଅପେକ୍ଷା ନକରି ତାରାପୀଠ ଉଦ୍ଦେଶ୍ୟରେ ବାହାରି ପଡ଼ିଲେ ବାମଦେବ ।

ଷ୍ଟେସନ ଯିବା ଉଦ୍ଦେଶ୍ୟରେ ବାହାରି ଗସ୍ତା ମଝିରେ ଠିଆହୋଇ ପରିସ୍ରା କରିବାକୁ ଲାଗିଲେ ଭୋଳାନାଥ । ନିକଟରେ କେଉଁଠି ଥିଲା ଏକ ପୋଲିସ୍ ଦାରୋଗା । ବାବାଙ୍କୁ ଧରି ଥାନାକୁ ନେବାକୁ ବସିବାରୁ ବାବା କହି ଉଠିଲେ– "ବିଶ୍ୱାସ କର ପୁଲିସ୍ ବାବା, ଏ ପରିସ୍ରା ନୁହେଁ– ପବିତ୍ର ଗଙ୍ଗୋଦକ !"

"ରାମ, ରାମ, ପାଗଳା କେଉଁଠିକାର ! ପରିସ୍ରାକୁ କହୁଛି କଣନା ଗଙ୍ଗୋଦକ ।"

"ମିଛ କହୁନି ପୋଲିସ୍‌ବାବା, ଏକଦମ୍ ଖାଣ୍ଟିସତ । ଆଜିକୁ ତିନିଦିନ ହେଲା କିଛି ଖାଇନି; ଖାଲି ଗଙ୍ଗାଜଳ ଓ ବେଲପତ୍ର ।"

ବାବାଙ୍କର ସରଳତାରେ ମୁଗ୍ଧ ହୋଇ, ନିକଟସ୍ଥ ଗୁଡ଼ିଆ ଦୋକାନରେ ପେଟେ ପୁରୀ ଓ ପେଡ଼ା ଖୁଆଇ ଷ୍ଟେସନକୁ ବାଟ ବତେଇ ଦେଲା ବିଚ୍ଚରା ପୋଲିସ୍ ଦାରୋଗା ।

ଏଥର ଷ୍ଟେସନରେ ଉପସ୍ଥିତ ହେଲେ ଆତ୍ମଭୋଳା ସାଧକ । ଟଙ୍କା ନାହିଁକି ପଇସା ନାହିଁ–ଟିକେଟ କିଣିବାକୁ ସିଧା ଯାଇ ହାଜର ଗୋରସାହେବ ଷ୍ଟେସନ ମାଷ୍ଟର ପାଖରେ । କେଉଁ ଷ୍ଟେସନରେ ଓହ୍ଲେଇବାକୁ ହେବ ସେକଥା ବି ଖିଆଲ ନାହିଁ । କେବଳ ଗୋଟିଏ କଥା ମନେ ଅଛି–ତାରମା' ଓ ତା'ର ପବିତ୍ର ମହାଶ୍ମଶାନ– ତାରପୀଠ । ବାବାଙ୍କୁ ପାଗଳା ଭାବି ଗୋରସାହେବ ପୋଲିସ୍ ପୋଲିସ୍ ଡ଼ାକିବାକୁ ଆରମ୍ଭ କରନ୍ତେ ଭୟରେ ଦୌଡ଼ିବାକୁ ଲାଗିଲେ ଭୈରବ । ଅଣ୍ଟାରୁ ଖସି ପଡ଼ିଲା ଚଳନ୍ତି ଶିବଙ୍କ ପ୍ରଦତ୍ତ ଲେଙ୍ଗୁଟି–ସମ୍ପୂର୍ଣ୍ଣ ଦିଗମ୍ବର–ଭୋଳାନାଥ ସାମାନ୍ୟ ପୋଲିସ ଡରରେ ଛୁଟି, ଚାଲିଲେ ଯୁଆଡ଼େ ଆଖି ପଡ଼ିଲା । କେତେକ୍ଷଣପରେ କ୍ଲାନ୍ତ-ଶ୍ରାନ୍ତ ଅବସ୍ଥାନେଇ ବସିପଡ଼ିଲେ ପଥଧାରରେ; ଏକ ବୃକ୍ଷମୂଳେ । ଶିଉଡ଼ି ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ତିନି, ଚାରିଖଣ୍ଡ ଖାଲିଶଗଡ ଯୁଟିଗଲା । ଶଗଡ଼ିଆ ମାନଙ୍କ ସଙ୍ଗେ ସାଥି ହୋଇ ବାହାରି ପଡ଼ିଲେ ଏଥର । କିଛିଦୂର

ଶଗଡ଼ରେ କିଛିଦୂର ପାଦରେ ଗ୍ଭଲି, କେଉଁଦିନ ଉପବାସତ, କେଉଁଦିନ ସେମାନଙ୍କ ପ୍ରଦତ୍ତ ସାମାନ୍ୟ ଖାଦ୍ୟ ଖାଇ ସିଉଡ଼ିରେ ପହଞ୍ଚିଲା ବେଳକୁ ଲାଗିଗଲା ପ୍ରାୟ ତିନି ସପ୍ତାହ ।

ସିଉଡ଼ିର ବିଖ୍ୟାତ କାଳୀବାଡ଼ି ସମ୍ମୁଖରେ ଉପସ୍ଥିତ ହୋଇ ମନେ, ମନେ ପୁଲକି ଉଠିଲା ପାଗଳାପୁଅ– "ଏଇ ଯେ ଆମର କାଳୀ ମା, ଲହଲହ ଜିହ୍ବା ବାହାର କରି ଠିଆ ହୋଇଛି । ବାଃ, କି ମଜା, ବେଟୀର ଯେମିତି ରୂପ, ସେମିତି ସାଜସଜା । ଏଇଠି ଟିକିଏ ବସେ, ଦେଖି ।" ମନ୍ଦିର ଭିତରେ ପ୍ରବେଶ କରି ଦିଗମ୍ବର କ୍ଷେପାବେଟା; ମା'ର ମୁହଁକୁ ଗ୍ଭହିଁ ବସି ରହିଲା, ନିର୍ବାକ୍ ନିଷ୍ପନ୍ଦ ହୋଇ ସତେ ଯେମିତି ମା'ର ଡାକଗରେ ଏତେଦିନେ କାହିଁ କେତେ ଦୂରରୁ ଛୁଟି ଆସିଛି ତା'ର ପ୍ରିୟ ପାଗଳା ପୁଅ । ଚିର ଜାଗ୍ରତ ମା'ର ମୁଖ ଦର୍ଶନ କରି ଭୁଲି ଯାଇଛି ତା'ର କ୍ଷୁଧା, ତୃଷା, କ୍ଲାନ୍ତି, ଶ୍ରାନ୍ତି, ଉଦ୍‌ବେଗ ଓ ଉନ୍ମାଦନା ସବୁ । ଏଠି ଖାଲି ଶାନ୍ତି ଆଉ ଶାନ୍ତି । ମା' କିନ୍ତୁ ବ୍ୟସ୍ତ ହୋଇ ଉଠିଲା ପୁଅର ଅବସ୍ଥା ଦେଖି । ଭକ୍ତିମତୀ ସାଧିକାମାନଙ୍କ ଦ୍ୱାରା କରେଇଲା ଯତ୍ ପରେନାସ୍ତି ପରିଚର୍ଯ୍ୟା ଓ ପ୍ରସାଦର ବ୍ୟବସ୍ଥା । କେଜାଣି କେଉଁ ଏକ ଦୁର୍ବାର ଆକର୍ଷଣରେ ସାରାରାତି ଏକାସନରେ ମା' ସମ୍ମୁଖରେ କଟିଗଲା କ୍ଷେପା ବାବାର । ପରଦିନ ପ୍ରତ୍ୟୁଷରୁ ପ୍ରଣାମ କରି ଉଠିଲେ ମହା ସାଧକ–"ମା' ଏଥର ବିଦାୟ ଦେ; ବଡମା' ପାଇଁ ମନଟା ବଡ ଛଟ୍‌ପଟ୍ ହେଲାଣି ।"

ବିଷ୍ଣୁପୁରର ସ୍ୱାଧୀନ ନରପତି ବୀର ହାମ୍ବିରଙ୍କ ଦେଓ୍ୱାନ ୰କାଳୀ ପ୍ରସାଦଙ୍କୁ ସ୍ୱପ୍ନରେ ଆଦେଶ କରନ୍ତି ଜଗଜ୍ଜନନୀ ମହାମାୟା ମନ୍ଦିର ପ୍ରତିଷ୍ଠା ନିମନ୍ତେ । ପିତାଙ୍କ ନିର୍ଦ୍ଦେଶରେ ସୁଯୋଗ୍ୟ ପୁତ୍ର ୰କୁଳଦାନନ୍ଦ ମୁଖୋପାଧ୍ୟାୟ ଏକ ପବିତ୍ର ମହାବିଷୁବ ସଂକ୍ରାନ୍ତି ତିଥିରେ ପ୍ରତିଷ୍ଠା କରନ୍ତି ଏହି ସିଉଡ଼ି ଗ୍ରାମରେ ମହାମାୟାଙ୍କ ମନ୍ଦିର ଓ ସେହିଦିନଠାରୁ ବ୍ୟବସ୍ଥା ହୁଏ ନିତ୍ୟ ସେବା ପୂଜାର । ମା' ମୋର ଏଠି ମହାକାଳୀ ରୂପରେ ବିରାଜିତା ।

ଏହି କଳି କଳୁଷିତ ଜୀବକୁ କାଳ କବଳରୁ ଉଦ୍ଧାର କରିବାକୁ ଆଦ୍ୟାଶକ୍ତି ଆବିର୍ଭୂତା ହୋଇଛନ୍ତି କାଳୀକା ରୂପରେ ।

"ତ୍ୱଂ ପରାପ୍ରକୃତିଃ ସାକ୍ଷାତ୍ ବ୍ରାହ୍ମଣଃ ପରମାତ୍ମନଃ ।
ତତୋ ଜାତଂ ଜଗତ୍ ସର୍ବଂ ତ୍ୱଂ ଜଗଜ୍ଜନନୀ ଶିବେ ।"
(୰ ପୂଜା ପ୍ରଦୀପ)

× × ×

ଅଙ୍କା ବଙ୍କା ଚଲାପଥ ଦେଇ ଆଗେଇ ଚାଲିଛନ୍ତି ବାଳକ ବତ୍ ମହାଭୈରବ । ଆଗରେ ଏକ ବହୁ ପୁରାତନ ଅଶ୍ୱତ୍ଥ ବୃକ୍ଷମୂଳରେ ପକ୍କା ଚାନ୍ଦିନୀ । ଟିକିଏ ଦୂରରେ ଛୋଟ ଏକ ଜଙ୍ଗଲ ଓ ବିଗ୍ରହବିହୀନ ଏକ ଭଗ୍ନ ମନ୍ଦିରର ମୁଖଶାଳା । ଶ୍ରାନ୍ତପଥିକ ଏହି ବୃକ୍ଷମୂଳରେ ବସି ଶ୍ରାନ୍ତି ଦୂରକଲେ । "ଏ ମୋତେ, କୁଆଡ଼େ ନେଇ ଆସିଲୁ ମା' –ବୋଲି କହି ଗୁରୁଗମ୍ଭୀର ସ୍ୱରରେ "ତାରା, ତାରା"–ଚିତ୍କାର କରି ଉଠିଲେ ନାଦସିଦ୍ଧ ବାମାକ୍ଷେପା । କମ୍ପି ଉଠିଲା କ୍ଷୁଦ୍ର ବନାନୀର ଗଗନ, ପବନ ଓ ଅଶ୍ୱତ୍ଥର ମୁକୁଳିତ ପଲ୍ଲବ ।

ଏହି ନାଦରୁ ହିଁ ଜଗତର ସୃଷ୍ଟି । ତେଣୁ ଶାସ୍ତ୍ରକହେ "ନାଦାତ୍ମକଂ ଜଗତ୍ ।"

"ନ ନାଦେନ ବିନା ଜ୍ଞାନଂ, ନ ନାଦେନ ବିନା ଶିବଃ
ନାଦରୂପଂ ପରଂ ଜ୍ୟୋତି, ନାଦରୂପୀ ପରେହରିଃ ।"

ହରି ଓ ହର ଏହି ନାଦରୁ ଅଭିନ୍ନ । ଏହି ନାଦଦ୍ୱାରା ହିଁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ସଂଗଠିତ । ନାଦର ଅନ୍ତନାହିଁ, ତାହା ଅନନ୍ତ, ଅସୀମ, ଅପାର ।

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଭଷାରେ–ଯେତେ ପ୍ରକାର ଲୟ ଯୋଗ ଅଛି ତନ୍ମଧ୍ୟରେ ନାଦ ସାଧନାହିଁ ପ୍ରଧାନ । ପରା, ପଶ୍ୟନ୍ତି, ମଧ୍ୟମା ଓ

ବୈଖରୀ ଆଦି ନାଦତତ୍ତ୍ୱ ସମ୍ବନ୍ଧରେ ଯଏ ସମ୍ୟକ ଜ୍ଞାତ, ସେହି ହିଁ ପ୍ରକୃତ ଗୁରୁ ।

"ନାଦାନୁସନ୍ଧାନାଂ ସମାଧିମେକଂ ମନ୍ୟାମହେ ଅନ୍ୟତମଂ ଲୟୋନାମ"।

"ଏ ମୁଁ କେଉଁଠି ଆସି ପହଞ୍ଚିଲି ? କିଏ ମୋତେ ବାଟ ବତେଇ ଦେବ ମୋର ମା' ପାଖକୁ" ? ଏହିପରି ଚିନ୍ତାଗ୍ରସ୍ତ ଅବସ୍ଥାରେ ବସି-ଥିବାବେଳେ ଦୂରରେ ଦେଖାଦେଲେ ଚିତ୍ରବିଚିତ୍ର ନାମାବଳୀ ପରିବୃତ୍ତ ଏକ ବ୍ରାହ୍ମଣ ଗୋସାଇଁ ।

"ଆହେ ବ୍ରାହ୍ମଣ ଗୋସାଇଁ– ଏ ଯାଗାର ନାମ କ'ଣ ? ତାରାପୀଠ ଏଠାରୁ କେତେଦୂର ?" ଜିଜ୍ଞାସା କଲେ ବାମାଚରଣ ।

"ଧେତ୍ ତେରୀ ହରିଓଁ ହରି ଓଁ, ଆଜି ସବୁ ପଣ୍ଡ । ଭାବିଥିଲି ଆଜି ଦି-ପଇସା ରୋଜଗାର ହେବବୋଲି । ବେହିପୋ' ପ୍ରଥମଟାରୁ ଭିକାରୀର ମୁଖ । ଅନୁକୂଳଟା ବିଗିଡ଼ିଗଲା ସିନା !" ହରି ଓଁ ହରି ଓଁ କହି ମୁଖ ବିକୃତ କରି ଆଗେଇ ଚାଲିଲେ ଗୋସେଇଁ ।

ଏଥର ଆସିଲେ ଦୁଇଟି ଭେଣ୍ଡିଆ । ବୋଧହୁଏ କୌଣସି ଏକ ମିଥ୍ୟା ମକଦ୍ଦମାରେ ସାକ୍ଷୀ ଦେବାକୁ ରିହର୍‌ସାଲ କରି ଚାଲିଛନ୍ତି ପଥ ମଧ୍ୟରେ ।

"ଆହେ, ଭେଣ୍ଡିଆ ବାବା ! ତାରାପୀଠକୁ ବାଟ କୁଆଡେ ?

"ଦୁର୍ଗା, ଦୁର୍ଗା ! ଶଳା, ଅନୁକୂଳରୁ ପାଗଳାର ମୁହଁ, ଆଜି ଦିନଟାହିଁ ଖରାପ" କହି ମୁହଁରେ ହାତଦେଇ ଆଡ଼େଇଗଲେ ଉଭୟେ ।

ଏଥର ଆସିଲେ ଏକ ଗଳୀତଚର୍ମ ବୃଦ୍ଧା । ବୟସ ସତୁରୀ କି ଅଶୀ ପାଖାପାଖି । ଶରୀରରେ ପୀତବର୍ଣ୍ଣର ନାମାବଳୀ–ହାତରେ ଝଲମୁଣି ଓ

ଜପମାଳା ! ବୁଢୀ ବାଟ ଚାଲୁଛି ଓ ନାମ ଜପୁଛି; କିନ୍ତୁ ଖାଲି ହରିନାମ ନୁହେଁ— ତା' ସାଙ୍ଗରେ ଅର୍ଥର ନାମ ବି ଅଛି । ''ବାବା ହରି ନାରାୟଣ, ମୋ ନାତିର ଦରମା ବଢ଼େଇ ଦେ ବାବା ! ତାହାହେଲେ ନାତି ମୋତେ ଖୁବ୍ ଯତ୍ନରେ ରଖିବ । ବେଶୀ ବେଶୀ ସନ୍ଦେଶ ଓ ଅଫିମ ଆଣିଦେବ । ହେ ନାରାୟଣ, ମଧୁସୂଦନ—ମୋ କଥା ଟିକିଏ ଶୁଣ ବାବା ।"

ଏଥର ବୁଢୀର ଅବସ୍ଥା ଦେଖି ନହସି ରହି ପାରିଲାନି କ୍ଷେପା ! "ଆଗୋ ! ବୁଢ଼ୀମା—ଯମନେଇ ମଝି ନଈରେ କଲାଣି—ତଥାପି ଅର୍ଥ ଚିନ୍ତା । ସେ ଯାହାହେଉ—କହିପାରିବ ମା' ଏ ଯାଗାଟାର ନାମ କ'ଣ ?"

ମୁଖ ବିକୃତ କରି— ''ମଲୁନିରେ ପୋଡ଼ାମୁହାଁ ପାଗଳା କେଉଁଠିକାର !" କହି ବାଡ଼ି ଠକ୍‌ଠକ୍ କରି ଆଗେଇ ଚାଲିଲା ବୁଢୀମା ।

ହୋ, ହୋ କରି ହସି ଉଠିଲେ ଭୈରବ—''ଦେଖ୍ ବୁଢୀମା—ଯେତେ ଟଙ୍କା, ଟଙ୍କା କରିବୁ, ସେତେ ଦୂରେଇ ଯିବୁ । ଆରେ, ସମସ୍ତେତ ଟଙ୍କା ଟଙ୍କା ଜପି ଦୂରେଇଗଲେ—ବାଟ ବତେଇବ କିଏ?" ତାହେଲେ ଏଥର କ'ଣ କରଯାଏ କହି ସୁର୍ ଧରିଲା କ୍ଷେପା—

ଆଉ କେତେ ବାଟ ଆଉ କେତେ ବାଟ
ଆଉ କେତେ ବାଟ, କହ ମା' ତାରା ।
ଚାଲି ଚାଲି ମୁଁ ଯେ ଥକି ପଡ଼ିଲିଣି
ଦେଖାଦେ ମା' 'ଶ୍ୟାମା' ଦୁଃଖହରା ।।
ଅଦେଖା ପଥରେ ପୂଥୁକି ମୁଁ ଏକା
ସୋଜା ନୁହେଁ ରସ୍ତା ବଡ ଅଙ୍କା ବଙ୍କା ।
କେତେ ଧୋକାବାଜି କେତେ ଠକାଠକି
ରସ୍ତା ସାରା ମାଗୋ ବିପତ୍ତିଭରା ।।

ଆଉ ଭଣ୍ଡାଅନା   ଆଗୋ ମହାମାୟ ।
ଜଗତ ଜନନୀ ସଦାଶିବ ଜାୟା ।
ଦେଖାଇ ଦିଅଗୋ   ପଥଟି ଏଥର
ଜୟତାଗ ନିଗକାଗ ।।
ମାଆହୋଇ ଯେବେ   କପଟ କରିବୁ
ସନ୍ତାନ ନିକଟୁ ଦୂରରେ ରହିବୁ ।
ଅଥଳ ସାଗରେ   ଦିଗହଗ ହୋଇ
ବୁଡ଼ିଯିବ ମୋର ଭେଳା ।।

"କେଉଁଠିକି ଯିବ ପଥିକି ?" ବୃକ୍ଷ ଅନ୍ତରାଳରୁ ଆଗେଇ ଆସିଲା ଏକ ଶ୍ୟାମାଙ୍ଗୀ କୁମାରୀ; ପରିଧାନ ରକ୍ତ ବସ୍ତ୍ର, କୋମଳ ଚରଣ ଦୁଇଟି ଅଳକ୍ତରାଗରଂଜିତ, ପୃଷ୍ଠଦେଶରେ ଆଲୁଳାୟିତ କେଶଦାମ୍ ଓ ଗଳାରେ ଇନ୍ଦ୍ରନୀଳହାର, କରରେ ରୁଦ୍ରାକ୍ଷର ମାଳ ଓ କପାଳରେ ରକ୍ତଚନ୍ଦନର ଛିଟା । ଚିରଶାନ୍ତିର ଆଶ୍ରୟ ସ୍ୱରୂପା— ବାତ୍ସଲ୍ୟଭରା ମୁଖମଣ୍ଡଳ, କଟାକ୍ଷରେ ସ୍ନେହପୂର୍ଣ୍ଣ ଶାସନ । ସଦାପ୍ରେମମୟୀ, ବରାଭୟ ବିଭୂଷିତା ।

ଚମକିପଡ଼ି ଆଉ ନୟନରେ ଅନେଇଲା କ୍ଷେପା । ଏ କିଏ ? ଭଲକରି ଦେଖିଲା ଏଥର । ଅବାକ୍ ହୋଇ ଚାହିଁ ରହିଲା—ତଥାପି ନିବୃତ୍ତ ହେଲାନି ଚକ୍ଷୁର ପିପାସା । ଦେଖୁ ଦେଖୁ ଝରିଲା ଅବାରିତ ଅଶ୍ରୁଧାର ଅଭିମାନଭରା ଆଖି ଦୁଇଟିରୁ— କେତେ ଯୁଗପରେ ସତେ ଯେମିତି ଫେରି ପାଇଛି ତା'ର ହଜିଲା ଧନକୁ, ଜନ୍ମ ଜନ୍ମର ଜନ୍ମଦାତ୍ରୀ, କର୍ମଦାତ୍ରୀ ସ୍ନେହଶୀଳା ଜନନୀକୁ ।

ଚିରଶାନ୍ତିମୟ କୋମଳ ଅଞ୍ଚଳରେ ସନ୍ତାନର ଆୟତ ମ୍ଳାନ ଚକ୍ଷୁ ଯୁଗଳରୁ ଅଶ୍ରୁ ପୋଛିଦେଇ ମଧୁର ଆଶ୍ୱାସନାଦେଇ ପଚାରିଲେ ଶ୍ୟାମାଙ୍ଗୀ— "କାନ୍ଦୁଛ, କାହିଁକି ବାବା ? ବୁଝିଲି, ବାଟ ଭୁଲିଯାଇଛତ ?"

"ହଁ ହଁ, ମୁଁ ଆଜି ପଥ ହରେଇଛି । ଆରେ ବେଟୀ—ମହାମାୟାର ପଥଯେ ବଡ ଦୁର୍ଗମ, ବଡ ଦୁସ୍ତର ।" ଅଭିମାନଭରା ସ୍ୱରରେ ଉତ୍ତର ଦେଲା କ୍ଷେପା । ଅଭିମାନ ନୁହେଁ ତ ଆଉ କ'ଣ ? ମା' ପାଖରେ ନା, ପୁଅର ଯେତେ ଦମ୍ଭ, ଯେତେ ଟାଣ, ଯେତେ ଅଭିମାନ !

କେଉଁଠିକି ଯିବ ବାବା ?"—ମୃଦୁ କଣ୍ଠରେ ପ୍ରଶ୍ନକଲେ କୁମାରୀ ମା' ।

କେଉଁଠିକି ଯିବି ଜାଣେନା, କେଉଁଠି ଯେ ଶେଷ ତା' ବି କହି ପାରିବିନି । ତେବେ ହଜିଲା ପଥ ଯେତେବେଳେ ଫେରି ପାଇଛି—ବହିଯିବି ଅନନ୍ତରୁ ଆଦିକୁ ସୀମାହୀନ ଦିଗ୍‌ବଳୟ ଟପି । ଗ୍ଭଲିଯିବି ଅନ୍ତରରୁ ସହସ୍ରାରକୁ ।" ଉତ୍ତର ଦେଲା ପାଗଳା ପୁଅ ।

"ତୁମେ ବୋଧେ ଭରି ଭେକିଲ ? ଆଉ ସେଇଥି ପାଇଁ ମୁଣ୍ଡଟା ଗୋଳମାଳ ଧରିଛି । ଟିକିଏ ଅପେକ୍ଷା କର—ମୁଁ ଏହି ମା'ର ମନ୍ଦିରରୁ ପ୍ରସାଦ ନେଇ ଆସୁଛି ।" ଚପଳା-ଚକିତ ବିଜୁଳୀ ପରି ଅଦୃଶ୍ୟ ହେଲେ ମହାମାୟା ।

ଏଥର ହସି ଉଠିଲା କ୍ଷେପା "ବାଃ ବାଃ କେମିତି ମଜାରେ ବେଟୀ ! ସନ୍ତାନର ସଂସାର ମୋହ ଛଡେଇ ବର୍ତ୍ତମାନ ନିଜେ ପଡ଼ିଛୁ ନା ମୋହ ଫାନ୍ଦରେ । ସେଇଥି ପାଇଁ ନା ଲୋକେ କହନ୍ତି ମହାମାୟା ! ବେଟୀର—

ଆପ୍ତଭବେ ଗୁପ୍ତଲୀଳା
ସଗୁଣେ ନିର୍ଗୁଣେ ଲଗାଇ ବିବାଦ
ଢେଲା ମାରି ଭଙ୍ଗେ ଢେଲା ।

ଏଇଯେ, ପ୍ରସାଦ ନେଇ ଆସୁଛି । ନ ଆସି ଯିବ କୁଆଡ଼େ ? ହାତ-ଗୋଡ଼ ଛାଟି କାନ୍ଦିଲେ—ତାକୁ ଯେ ଆସିବାକୁ ହିଁ ହେବ ! ତେବେ ଦରକାର କେବଳ ନିର୍ଭରତା !"

"ନିଅ ବାବା, ଏଥର ପେଟଭରି ଖାଅ ।" ସୁମିଷ୍ଟ ରସାଳ ଫଳ ହାତରେ ଧରି ଖୁଆଇଦେଲା ପାଗଳାପୁଅକୁ କୁମାରୀ ମା ମୋର !

ଅସମୟରେ ରସାଳ ଫଳ ଦେଖି ପଗ୍ଭରିଲା ପୁଅ—

"ଆଚ୍ଛା ମା', ଏ ଅସମୟରେ ଏପରି ରସାଳ ଫଳ ପାଇଲୁ କେଉଁଠୁ ?"

"ଅଭାବ କ'ଣ ବାବା । ଭଗବାନଙ୍କର ସୃଷ୍ଟି ଯେ ଅମୃତ ରସରେ ଆପ୍ଲୁତ । ଖାଲି ଟିକିଏ ମନପ୍ରାଣ ଦେଇ ଖୋଜିଲେ ହେଲା ।"

ପେଟ ପୁରିବାରୁ– ତାରାପୀଠକୁ ରାସ୍ତା ପଚାରିଲା କ୍ଷେପା ବେଟା ।

ଓଃ, ତମେ ତାରାପୀଠକୁ ଯିବ ? ସେ ଯେ ଅନେକ ଦୂର । ତେବେ ଏଇ ଜଙ୍ଗଲ ରାସ୍ତା ଦେଇ ଗଲେ କମ୍ ବାଟ ପଡ଼ିବ । ରାସ୍ତା କିନ୍ତୁ ସଙ୍କୀର୍ଣ୍ଣ ଓ କଣ୍ଟକାକୀର୍ଣ୍ଣ । ପାରିବ ତ ଯାଇ ?"

"ଖୁବ୍ ପାରିବି ଗୋ ମା ! ସ୍ୱୟଂ ମହାମାୟା ଯା'ର ଅଗ୍ରଗାମିନୀ, ଯେ କ୍ଷୁଧାର୍ତ୍ତକୁ ଖାଦ୍ୟ ଦିଏ, ବଳହୀନକୁ ବଳଦିଏ, ତୃଷାର୍ତ୍ତକୁ ପୀୟୁଷର ଧାରା ଦିଏ, ସେ ପାରିବନି ତ ପାରିବ ଆଉ କିଏ ? ମା' ଗୋ ! ତାରିଣୀ ତ୍ରିତାପ ନାଶିନୀ, ସର୍ବଦୁଃଖ ହାରିଣୀ, ମୋକ୍ଷଦାୟିନୀ, ଜଗଜ୍ଜନନୀ ! ସନ୍ତାନ ସାଙ୍ଗରେ ଆଉ ଛଳନା କାହିଁକି ମା'–ହାତ ଧରି ନେଇଚାଲ–ମୁଁ ଯେ ତୋର ଆଦରର ଧନ, ରଙ୍କୁଣୀ ରତନ–ପାଗଳା ସନ୍ତାନ ।"

"ସତେ କେବେ
ଆସିବ ସେଦିନ, ମା'ଗୋ ତାରା–
ଯେବେ, ତାରା, ତାରା କହି
ବକ୍ଷ ତିନ୍ତାଇ
ନୟନ ତାରରୁ ଝରିବ ଧାରା ।"

(୰ ରାମ ପ୍ରସାଦ)

ଏଗାର

ଶ୍ରାବଣର ବାଦଲଭରା ଆକାଶ । ବଙ୍ଗଳା ବକ୍ଷରେ ଚତୁର୍ମାସ୍ୟାର ସଞ୍ଚାର । ଅବିରାମ ବୃଷ୍ଟିର ଧାରା ଝରି ପଡ଼ୁଛି ଧରଣୀର ତୃଷାର୍ତ୍ତ ବୁକୁରେ । ଖାଇ, ବିଲ, ପଡ଼ିଆ, ଗଡ଼ିଆ ଜଳେ ଜଳମୟ ।

ତାରାପୀଠକୁ ଫେରିବା ଦିନଠାରୁ ମାତୃସାଧକ ବାମାକ୍ଷେପାର ମନଟା ଯେମିତି ଚଞ୍ଚଳ ହୋଇ ଉଠିଛି କେଉଁ ଏକ ଅଜ୍ଞାତ ଆଶଙ୍କାରେ । ସାଧନ ଭଜନ ଛାଡ଼ି ଏହି ଅବିରାମ ବୃଷ୍ଟିପାତ ମଧ୍ୟରେ ବି ପାଗଳ ପରି ଘୂରିବୁଲୁଛି ସେ ଶ୍ମଶାନସାରା—ଯେପରି କାହାର ଅନ୍ୱେଷଣରେ ।

ସେଦିନ ହଠାତ୍ ନିକଟରେ ହେଲା ଏକ ବଜ୍ରପାତ । ଆଉ ତା' ସାଙ୍ଗକୁ "ରାମ ନାମ ସତ୍ୟ ହାଏ" ଧ୍ୱନୀ ଶୁଣି ଚମକି ଉଠିଲା ମହାସାଧକ । "ମା' ମା' ବୋଲି ଚିତ୍କାର କରି ଛୁଟି ଚାଲିଲା ଦ୍ୱାରକା ନଦୀ ତୀରକୁ ।

ଆକାଶରେ ଘନକୃଷ୍ଣ ମେଘର ମହା ତାଣ୍ଡବ । ଝର ଝର ହୋଇ ଝରି ପଡ଼ୁଛି ଅବାରିତ ବୃଷ୍ଟିର ଧାରା । ପ୍ରଳୟଙ୍କରୀ ବତାସର ଗୁରୁଗମ୍ଭୀର ଶବ୍ଦ ପ୍ରତିଧ୍ୱନୀ ତୋଳୁଛି ମହାଶ୍ମଶାନ ବକ୍ଷରେ । ବିଜୁଳି ଝଲକ ଓ ଘଡ଼ଘଡ଼ି ଶବ୍ଦରେ ଥରି ଉଠୁଛନ୍ତି ଜନ ପ୍ରାଣୀ । ଦୁଇକୂଳ ପ୍ଲାବନ କରି ବହି ଚାଲିଛି ଖରସ୍ରୋତା ଦ୍ୱାରକା ବକ୍ଷରେ ବନ୍ୟାର ଢେଉ । ସାପ ପଡ଼ିଲେ ବି ମୁଣ୍ଡ ଛିଡ଼ିଯିବ ।

ଏହି ପ୍ରାକୃତିକ ଦୂର୍ଯୋଗ ଦେଖି ଭୟଭୀତ ହେଲେ ଶବବାହକମାନେ । ନଦୀ ପାର ହୋଇ ତାରାପୀଠର ମହାଶ୍ମଶାନକୁ ଯିବା ଯେ ଏକାବେଳକେ ଅସମ୍ଭବ । ଉପାୟାନ୍ତର ନ ଦେଖି ସେହି ତୀରରେହିଁ କଲେ ଚିତାର ଆୟୋଜନ । କ୍ଷେପାର କିନ୍ତୁ କୌଣସି ଦିଗକୁ ନଜର ନାହିଁ । ଏଯେ

ମୋର ସ୍ନେହମୟୀ ଗର୍ଭଧାରିଣୀ ଜନନୀର ମରଶରୀର ! ମାୟାମୁକ୍ତ ସାଧକର ଚକ୍ଷୁଯୁଗ ପ୍ଲାବନ କରି ଝରିଲା ବିରହ ଅଶ୍ରୁ । କିନ୍ତୁ ଏ କି ଅଘଟଣ । ଦୁଃଖିନୀ ମା' ମୋର ଶୋଇ ପାରିବନି ତାରମା'ର ଚିରଶାନ୍ତିମୟ କୋଳରେ ? କ୍ଷେପାଭଳି ପୁଅ ଥାଉ ଥାଉ ମା'ର ଶବସତ୍କାର ହେବ ଦ୍ୱାରକାର ଅପର ପାର୍ଶ୍ୱରେ । ନା, ନା, ଏହାଯେ ସମ୍ପୂର୍ଣ୍ଣ ଅସମ୍ଭବ ।

"ରମ୍, ଟିକିଏ ଅପେକ୍ଷା କର ଭାଇ !" କହି 'ଜୟତାରା' ନାଦକରି ନଦୀବକ୍ଷକୁ ଡେଇଁ ପଡ଼ିଲା ମାତୃଭକ୍ତ କ୍ଷେପା । ହା- ହା-କାର କରି ଉଠିଲେ ସମସ୍ତେ । ଏଥର ଯେ ପାଗଳାର ସଲୀଳ ସମାଧି । କାନ୍ଦି ଉଠିଲା ରମ୍ । କିନ୍ତୁ ମୃତ୍ୟୁଞ୍ଜୟର ପୁଣି ମୃତ୍ୟୁ ! କାଳଜୟୀ କାଳୀମା'ର ଆଦରର ଧନକୁ ପୁଣି ଅକାଳରେ ହରଣ କରିବ କାଳ ! !

ପ୍ରବଳ ତରଙ୍ଗ କାଟି ନିମିଷକ ମଧ୍ୟରେ ଅପରପାର୍ଶ୍ୱରେ ଉପସ୍ଥିତ ହେଲେ ମହାକାଳ । ଚିତା ମଧ୍ୟରୁ ଟୋକି ଧରିଲେ ସ୍ନେହଶୀଳା ଜନନୀର ଶବ । ଖଣ୍ଡିଏ ବସ୍ତ୍ରଦ୍ୱାରା ଶକ୍ତକରି ବାନ୍ଧିଲେ ପିଠିରେ; ଆଉ ଚକ୍ଷୁର ପଲକରେ ଡ଼େଇଁ ପଡ଼ିଲେ ନଦୀଗର୍ଭକୁ । କାହାରି କୌଣସି କଥାକୁ କର୍ଣ୍ଣପାତ ନାହିଁ—ଖାତିରି ନାହିଁ ପ୍ରାକୃତିକ ଦୁର୍ଯ୍ୟୋଗକୁ କି ଭୟନାହିଁ ଦୈବି ଦୁର୍ବିପାକକୁ । ବିଶ୍ୱବ୍ରହ୍ମାଣ୍ଡର କୌଣସି ଶକ୍ତି ଆଜି କ୍ଷେପାକୁ ବାଧା ଦେଇ ପାରିବନି— ପରମ ମାତୃଭକ୍ତ ପୁତ୍ର ଆଜି ମା'ର ଅନ୍ତିମ ସେବା କରିବାକୁ ଉଦ୍‌ଗ୍ରୀବ ।

ଧନ୍ୟ ସାଧକ ! ଧନ୍ୟ ତୁମର ମାତୃଭକ୍ତି ! ! ଆଖିବୁଜି ହୋଇଗଲା ସମସ୍ତଙ୍କର । ମହାଶୂନ୍ୟରେ ଦେବଗଣ ବୋଧହୁଏ ଧନ୍ୟ ଧନ୍ୟ କରି ଉଠିଲେ ମାତୃଭକ୍ତର ମାତୃପ୍ରୀତି ଦେଖି ।

ନିର୍ବିଘ୍ନରେ ନଦୀ ପାର ହୋଇ, ତାରମା'ର ଚିରଶାନ୍ତିମୟ ଅଙ୍ଗନରେ ଚିତା ସଜାଡ଼ି ଶବ ସ୍ଥାପନ କଲା ପାଗଳା ପୁଅ । ଚିତାରେ ଅଗ୍ନି ସଂଯୋଗ କରି କାନ୍ଦି ଉଠିଲା ମାୟାମୁକ୍ତ ସାଧକ— "ମା' ଗୋ ଚିର ଦୁଃଖିନୀ ଜନନୀ ମୋର, ଏହି ତାରମା'ର ପ୍ରଶାନ୍ତ କୋଳରେ ଚିର ଶାନ୍ତିରେ

ଶୋଇଯା, ମା' ।" ଭୀଷଣ ବର୍ଷା ସତ୍ତ୍ୱେ ବି ଧୁ, ଧୁ କରି ଜଳି ଉଠିଲା ଚିତାଗ୍ନି । ପ୍ରଜ୍ୱଳିତ ଅଗ୍ନିଶିଖା ଦେଖି ଉଦାସ ଭବରେ କହି ଉଠିଲା ବାମା– "ଏହି ଯେ,ମା'ର ମୋର ପବିତ୍ର ଆତ୍ମା ଲୀନ ହୋଇଗଲା ମହାଶୂନ୍ୟରେ ।" 'ଜୟତାରା' 'ଜୟତାରା' ରବରେ କମ୍ପି ଉଠିଲା ଶ୍ମଶାନର ମର୍ମସ୍ଥଳ ।

ଗର୍ଭଧାରିଣୀ ମା'ର ଅନ୍ତିମକାର୍ଯ୍ୟ ସମାପନ କରି ଶିମୁଳି ତଳକୁ ଫେରି ଆସିଲେ ମହାସାଧକ;ଆଉ ନିରବରେ ବସି ଅଶ୍ରୁତର୍ପଣ କରିବାକୁ ଲାଗିଲେ । ଆଖି ଆଗରେ ଚିତ୍ରପଟ୍ଟ ପରି ଭସି ଉଠିଲା ପିଲାଦିନର କଥା, ଭବତନ୍ମୟ ହେଲା ମନ । ସତେ ମା' ଯେ କେତେ ଶ୍ରଦ୍ଧାର ବସ୍ତୁ ! ମାୟାମୁକ୍ତ ସିଦ୍ଧ ପୁରୁଷ ବି ନ କାନ୍ଦି ରହି ପାରେନା ! !

କ୍ଷେପାବାବା ଥିଲେ ଅତ୍ୟନ୍ତ ମାତୃଭକ୍ତ । ସିଏ ଗର୍ଭଧାରିଣୀ ମା'କୁ 'ଛୋଟମା' ଓ 'ତାରମା'କୁ ବଡମା ବୋଲି ଡାକନ୍ତି । ଏହି ଏକହିଁ ଜଗଜ୍ଜନନୀ ଯେ ଘରେ ଘରେ ମାତୃରୂପରେ ମୂର୍ତ୍ତିମତୀ ସେ କଥା ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଯେତେବେଳେ ସେ ମା' ବୋଲି ସମ୍ବୋଧନ କରନ୍ତି– ସେ ଡାକ ଏତେ ମଧୁର ଓ ମମତାପୂର୍ଣ୍ଣ ଯେ, ଯିଏ ଥରେ ଶୁଣିଛି ସେ ତାଙ୍କୁ ପରମମାତୃଭକ୍ତ ବୋଲି ସ୍ୱୀକାର ନକରି ରହି ପାରିନି । ତାଙ୍କ ତୁଣ୍ଡରେ ସୁମଧୁର ମାତୃରବ ଯେ କୌଣସି ମନୁଷ୍ୟକୁ ବିହ୍ୱଳ କରି ତୋଳେ କି ଏକ ଅନିର୍ବଚନୀୟ ଆନନ୍ଦରେ । ଏହି ମା' ଶବ୍ଦହିଁ ଜଗତ ମାତାର ଶ୍ରେଷ୍ଠଦାନ; ସୃଷ୍ଟିର ପରମମଙ୍ଗଳ ବାଣୀ ଓ ଅନ୍ତର ନିଃସୃତ ମଧୁମନ୍ଦାକିନୀ । ଏହି ମହାମନ୍ତ୍ରହିଁ ମାତୃମିଳନର ପରିପୂର୍ଣ୍ଣ ସେତୁ ସ୍ୱରୂପ । ଏହି ମନ୍ତ୍ରର ଏକାନ୍ତ ଆଶ୍ରୟ ବଳରେହିଁ ସାଧକ ଅଚୀରେ ମଙ୍ଗଳମୟୀ,, ଚିନ୍ମୟୀ ମା'ର ସାକ୍ଷାତ୍ ଲଭ କରିବାକୁ ସମର୍ଥ ହୋଇଥାଏ ।

X X X

ସେଦିନ କ୍ଷେପାବାବାଙ୍କ ମାତୃଶ୍ରାଦ୍ଧ । ଗ୍ରାମର ଆଉ ପାଞ୍ଚଜଣଙ୍କ ସାହାଯ୍ୟରେ ବିଗ୍ରହ ଗମ୍ଭୁ କୌଣସି ମତେ ଯଥାବିଧି ଶୁଦ୍ଧିକ୍ରିୟା ସମ୍ପନ୍ନ କଲା । କିନ୍ତୁ ଏକି ବିପଦ ! ଅପରାହ୍ନ ପ୍ରାୟ ୪ଟା ବେଳକୁ ଜଣ, ଜଣ ହୋଇ ଆଶପାଶ ପ୍ରାୟ ୭, ୮ ଖଣ୍ଡି ମୌଜାର ଲୋକ ଆସି ଜୁଣ୍ଡ ହେବାକୁ

ଲଗିଲେ ଆଚ୍ଲ ଗ୍ରାମଦାଣ୍ଡରେ । କଥା କ'ଣ ନା–ସେମାନେ ସମସ୍ତେ କ୍ଷେପାବାବାଦ୍ୱାର ନିମନ୍ତ୍ରିତ । ଅବାକ୍, ବିସ୍ମୟ ସମସ୍ତେ । ରମଚରଣ ପାଟିରୁତ କଥାବାହାରୁନି । କଣା କଉଡ଼ିଟିକର ବ୍ୟବସ୍ଥା ନାହିଁ । ଏତେ ଲୋକଙ୍କୁ ଖାଇବାକୁ ଦେବାତ ଦୂରର କଥା ବସାଇବାକୁ ବି ଯାଗାର ଅଭାବ । ଏପରି ଏକ ଅଭାବନୀୟ ପରିସ୍ଥିତିରେ ପଡ଼ିଥିବାର ଦେଖି ରମୁ ପାଖକୁ ଦଉଡ଼ି ଆସିଲେ ଗ୍ରାମର କେତେଜଣ ଶୁଭକାଙ୍କ୍ଷୀ । ଉତ୍ୟକ୍ତ ହୋଇ ଅଭିଶାପ ଦେବା ଆଗରୁ ନିମନ୍ତ୍ରିତ ଅତିଥିମାନଙ୍କ ପାଦତଳେ ପଡ଼ି କ୍ଷମାଭିକ୍ଷା କରିବାକୁ ଉପଦେଶ ଦେଲେ । ଏଣେ କିଛି ବ୍ୟବସ୍ଥା ନଦେଖି ନିମନ୍ତ୍ରିତ ଭଦ୍ରଲୋକମାନେ ମଧ୍ୟ ପାଟିତୁଣ୍ଡ କରିବାକୁ ଆରମ୍ଭ କଲେଣି ।

ଠିକ୍ ଏତିକି ବେଳେ–ଦୂରରୁ ଶୁଣାଗଲା ଗୁରୁଗମ୍ଭୀର ନିନାଦ 'ଜୟତାରା', 'ଜୟତାରା' । ''ଏଇ ଯେ କ୍ଷେପା ଆସୁଛନ୍ତି–ଏଥର ପାଗଳାମୀ ଛାଡ଼ିଯିବ''– କହି ସମସ୍ତେ ଉଦ୍‌ଗ୍ରୀବ ହୋଇ ଅନେଇ ରହିଲେ ସେହି ଦିଗକୁ ।

ଚାଲି ଚାଲି ଆସୁଛନ୍ତି ଭବର ଠାକୁର । ହାତରେ ମସ୍ତବଡ ଏକ କଣ୍ଡା ବାଉଁଶର ଲଠି । କୃଷ୍ଣକାୟ ବିରଟ ବପୁ ସମ୍ପୂର୍ଣ୍ଣ ଦିଗମ୍ବର ! ଗଳାରେ ରୁଦ୍ରାକ୍ଷର ମାଳ । ସତେ ଯେମିତି କୈଳାସ ଶିଖରରୁ ଓହ୍ଲେଇ ଆସୁଛନ୍ତି ସ୍ୱୟଂ ଭୋଳାନାଥ । ଖାଲି କ'ଣ ସେତିକି, ପଛରେ ଧାଡ଼ିବାନ୍ଧିଛନ୍ତି ନନ୍ଦୀ-ଭୃଙ୍ଗୀର ଦଳ, ଝୁଡ଼ି ଝୁଡ଼ି ଲୁଚି, ମଣ୍ଡା, ମିଠାଇ ଆଉ ହାଣ୍ଡି ହାଣ୍ଡି ଦହି ଓ ସନ୍ଦେଶ ଧରି । କିଏ ଦେଲା, କେଉଁଠୁ ଆସିଲା–ଏ ସବୁ ଖୋଜି କି ଲାଭ ? ଏତେ ସୁମିଷ୍ଟ ଖାଦ୍ୟ ପଦାର୍ଥ ଆସି ଜମା ହେଲା ଯେ, ସାତଖଣ୍ଡ କାହିଁକି କୋଡ଼ିଏ ଖଣ୍ଡ ଗ୍ରାମର ଲୋକ ଖାଇଲେ, ବୋହିଲେ ବି ସରିବନି । ତାରମା'ର କି କୃପା ! କି ଅପାର ମହିମା ! ! କାଳେ ପାଗଳା ପୁଅ ମାତୃଶ୍ରାଦ୍ଧରେ ଅପଦସ୍ଥ ହେବ, ସେଥିପାଇଁ ସବୁ ବ୍ୟବସ୍ଥା ସେ କରିରଖିଛନ୍ତି ।

ଘରପାଖ ଖୋଲା ପଡ଼ିଆ ସଫା କରଯାଇ ସାଙ୍ଗେ ସାଙ୍ଗେ ଅତିଥିମାନଙ୍କ ପାଇଁ ଯାଗା କରହେଲା । କିନ୍ତୁ ଏ କି ଅଘଟଣ ! ଏଇମାତ୍ର ଖାଇବାକୁ ଆରମ୍ଭ କରିଛନ୍ତି ନିମନ୍ତ୍ରିତଗଣ, ଦେଖୁ ଦେଖୁ ସାର ଆକାଶଟା

ଛାଇଗଲା କଳାହାଣ୍ଡିଆ ମେଘରେ । ବିଜୁଳି, ଘଡ଼ଘଡ଼ି ଶବ୍ଦରେ କମ୍ପି ଉଠିଲା କ୍ଷୁଦ୍ର ପଲ୍ଲୀଗ୍ରାମ, ହା-ହା-କାର କରି ଉଠିଲେ ଲୋକମାନେ–"ଆହାଃ, ମାତୃଶ୍ରାଦ୍ଧ ପାଇଁ ପାଗଳାର ଏତେ ସବୁ ଆୟୋଜନ, ପଣ୍ଡ ହେବ ସିନା !" ଆକାଶରେ ଘନଘଟା ମେଘକୁ ଚାହିଁ ଗୁରୁଗମ୍ଭୀର ସ୍ୱରରେ ଚିତ୍କାର କରି ଉଠିଲା କ୍ଷେପା–"ନା ନା, ଏ ଯେ ସମ୍ପୂର୍ଣ୍ଣ ଅସମ୍ଭବ । ସ୍ୱୟଂ ବ୍ରହ୍ମାଣ୍ଡ-ଭାଣ୍ଡୋଦରୀ ତାରମା' ଯାହାର ମାତୃଶ୍ରାଦ୍ଧରେ ଉପସ୍ଥିତ, ସେ ଶ୍ରାଦ୍ଧ ପୁଣି ପଣ୍ଡହେବ ! ଭୟ ନାହିଁ, ଆପଣମାନେ ମନବୋଧ କରି ଭୋଜନ କରନ୍ତୁ; ଏହି ଗଣ୍ଡି ଭିତରେ ଏକ ଟୋପାବି ଜଳ ପଡ଼ିବନି ।" 'ଜୟତାରା'; 'ଜୟତାରା' କହି ବାଉଁଶ ଠେଙ୍ଗାଦ୍ୱାରା ପଡ଼ିଆର ଚାରିପଟେ ଗାରକାଟି ଦେଲେ ମହାସାଧକ, ଆଉ ଭାବାବେଗରେ ସ୍ୱର ଧରିଲେ–

"ଦେଖ; ଦେଖ ଭାଇ, ଦେଖ ଆରେ ଚାହିଁ
କଳାମେଘ କୋଳେ
ବିରାଜେ ମା' ତାରା ।"

ହଠାତ୍ ନିକଟରେ କେଉଁଠି ହେଲା ଏକ ବଜ୍ରପାତ । ଭୀମ ନିନାଦରେ ନିନାଦିତ ହେଲା କ୍ଷୁଦ୍ର ପଲ୍ଲୀ । ଭୟରେ ଥରି ଉଠିଲେ ସମସ୍ତେ । ଆଉ ରକ୍ଷା ନାହିଁ । ଦେଖୁ ଦେଖୁ ଝରିପଡ଼ିଲା ଅବାରିତ ବାରିଧାରା । ଭରିଗଲା ଖାଲ, ବିଲ, ନଦୀ, ନାଳ ବୃଷ୍ଟି ଜଳରେ । କିନ୍ତୁ କି ଆଶ୍ଚର୍ଯ୍ୟ ! ଗଣ୍ଡିଭିତରେ ବିନ୍ଦୁଏ ବି ଜଳ ପଡ଼ିନି । ଧନ୍ୟ-ଧନ୍ୟ କରି ପରମତୃପ୍ତିରେ ପେଟଭରି ଭୋଜନ କଲେ ସମସ୍ତେ । ଧନ୍ୟ ସାଧକ ! ଧନ୍ୟ ତୁମର ସାଧନ ! ! ଶତ ଧନ୍ୟ ତୁମର ମାତୃଭକ୍ତି ! ! !

ବଙ୍ଗଳା ୧୨୯୫ ସାଲରେ ଘଟିଲା କ୍ଷେପାବାବାର ମାତୃବିୟୋଗ । ବିଜୁଳୀ ବେଗରେ ଗ୍ରାମରୁ ଗ୍ରାମାନ୍ତରେ ପ୍ରଚାରିତ ହେଲା କ୍ଷେପା ବାବାର ବୃଷ୍ଟି ସ୍ତମ୍ଭନର କଥା । କିଏ କହିଲା କ୍ଷେପା ଯାଦୁ ଜାଣେ, ତ କିଏ କହିଲା କ୍ଷେପା ପିଶାଚସିଦ୍ଧ, ଆଉ କିଏ ବା କହିଲା ମାତୃଭକ୍ତ ସାଧକ ଭକ୍ତିର ଜୋର୍‌ରେ ଅସମ୍ଭବକୁ ସମ୍ଭବ କରି ପାରିଛି । ଯାହାହେଉ କ୍ଷେପାବାବା

ଯେ କିଛି ଗୋଟାଏ ସିଦ୍ଧିଲାଭ କରିଛି ଏକଥା କିନ୍ତୁ ସମସ୍ତେ ବିନାଦ୍ୱିଧାରେ ସ୍ୱୀକାର କଲେ ।

ମୃଗନାଭିର କସ୍ତୁରି ଗନ୍ଧରେ ମୋହିତ ହେଲାପରି ତାରମା'ର ପାଗଳା ସନ୍ତାନ କ୍ଷେପାଠାକୁରଙ୍କ ପ୍ରେମର ଆହ୍ୱାନରେ ଏଥର ଛୁଟି ଆସିଲେ ଦଳ, ଦଳ ବୁଭୁକ୍ଷୁ, ଆର୍ତ୍ତ, ଅର୍ଥାଥୀ ଓ ଜିଜ୍ଞାସୁ ଭକ୍ତର ଦଳ, ବିଭସ୍ସ ଭୀତି ସଙ୍କୁଳ ମହାଶ୍ମଶାନ ତାରପୁରକୁ । ସମସ୍ତଙ୍କର ସେହି ଗୋଟିଏ ପ୍ରାର୍ଥନା "ଟିକିଏ କୃପାକର ବାବା !" ଆଉ ଦୟାଳୁ ଠାକୁର ପ୍ରଶସ୍ତ ଉନ୍ନତ ବକ୍ଷ ସ୍ଫୀତ କରି, ଖୋଲିଦେଲେ ହୃଦୟ କବାଟ । ଆଜାନୁଲମ୍ବିତ ବାହୁଦ୍ୱୟ ପ୍ରସାରଣ କରି ଟୋଳିନେଲେ ପାପୀ ତାପୀ ସମସ୍ତଙ୍କୁ ନିଜର କୋଳକୁ । ବାଛ ନାହିଁ; ବିଗ୍ଭର ନାହିଁ, ସେହି ଗୋଟିଏ କଥା, ଗୋଟିଏ ଆହ୍ୱାନ– "ଆରେ କିଏ କେଉଁଠି ଅଛ, ଛୁଟି ଆସ । ଯେତେ ଦୁଃଖ, ଯେତେ କଷ୍ଟ, ଯେତେ ଦୈନ୍ୟ ସବୁ ନିମିଷକେ ଘୁଞ୍ଚିଯିବ । ଥରଟିଏ ଖାଲି ପ୍ରାଣ ଖୋଲି ଡାକ "ଜୟତାର" ବୋଲି ।

❋

ଚାର

ହରଦ୍ୱାରରେ କିଛିଦିନ ଅବସ୍ଥାନ କରିବାପରେ କାଶୀକୁ ଫେରି ଆସିଲେ ବେଦଜ୍ଞ ମୋକ୍ଷଦାନନ୍ଦ । ଏଠାରେ କିନ୍ତୁ ଶିଷ୍ୟ ବାମାକ୍ଷେପାର କୌଣସି ସନ୍ଧାନ ପାଇଲେନି । ସିଏ ଠିକ୍ ଜାଣନ୍ତି ବାମାକୁ କାଶୀ ଭଲ ଲାଗିବନି; ତା'ଛଡା ମାତୃ ବିୟୋଗ ଆସନ୍ନ, ତେଣୁ ମା' ଅର୍ଣ୍ଣପୂର୍ଣ୍ଣା ନିଶ୍ଚୟ ତାକୁ ତାରାପୁରକୁ ଫେରେଇ ଦେଇଥିବେ । କାଶୀରେ କିଛିଦିନ କଟାଇ ମୋକ୍ଷଦାନନ୍ଦ ବୀରଭୂମ ପଥରେ ପାଦ ବଢେଇଲେ । ଶୁଣାଯାଏ ତାରାପୀଠକୁ ଫେରିଆସି ଆହୁରି ଅନେକ ବର୍ଷଧରି ସାଧନ-ନିରତ ଥିଲେ ମୋକ୍ଷଦାନନ୍ଦ । ପରିଶେଷରେ ଦିନେ ମା'ର ପବିତ୍ର ନାମ କରୁକରୁ ସଜ୍ଞାନରେ ମା'ର ଅଙ୍ଗନରେ ଦେହରକ୍ଷା କଲେ ।

କିନ୍ତୁ ସାକ୍ଷାତ ଶିବ ସ୍ୱରୂପ ଗୁରୁବାବା ବ୍ରଜବାସୀ କୈଳାସପତି, କୈଳାସ ପଥରେ କେଉଁଠି ଯେ ଅନ୍ତର୍ହିତ ହୋଇଗଲେ, ତାଙ୍କର ଆଉ କୌଣସି ସନ୍ଧାନ ମିଳିଲାନି । ଏ ବିଷୟରେ କେହି କେହି ଜିଜ୍ଞାସା କଲେ କ୍ଷେପାବାବା କୁହନ୍ତି "ଆମର ଶ୍ରୀଗୁରୁ ବାବା ଶୂନ୍ୟରେ ଲୀନ ହୋଇଗଲେ ।"

× × ×

ଶାକ୍ତ-ଶୈବ-ବୈଷ୍ଣବ-ସବୁ ଶ୍ରେଣୀର ସାଧକଙ୍କର ମିଳନ କେନ୍ଦ୍ର ଏହି ତାରାପୀଠ । ସମସ୍ତଙ୍କ ମୁଖରେ ଗୋଟିଏ କଥା– ତାରାପୀଠ ମହାପୀଠ । ଦେଶ ଦେଶାନ୍ତରେ ପ୍ରଚାରିତ ହେଲା ତାରାପୀଠର ମହିମା ଓ ମହାସାଧକ ବାମାକ୍ଷେପାଙ୍କର ଲୀଳା କାହାଣୀ । ଦଳ,ଦଳ, ହୋଇ ଭକ୍ତ ଆସି ଜୁଟିଲେ ତାରାପୀଠରେ ମହାକୌଳ ଭୈରବ ବାମାକ୍ଷେପାଙ୍କ ଦର୍ଶନ

ଆକାଙ୍କ୍ଷା ନେଇ ! ଦେଶ ଦେଶାନ୍ତରୁ ଆସିଲେ ହଜାର-ହଜାର ମନୁଷ୍ୟ ଟିକିଏ ଶାନ୍ତି ପାଇବାର ଆଶାନେଇ, ରୋଗର ଶାନ୍ତି, ଦୁଃଖର ଶାନ୍ତି, ମନର ଶାନ୍ତି, ଆଧି-ବ୍ୟାଧିର ଶାନ୍ତି, ବିଷୟ-ଯନ୍ତ୍ରଣାର ଶାନ୍ତି । ବାବାଙ୍କର କିନ୍ତୁ କୌଣସି ବାଛ ବିଚାର ନାହିଁ, କୌଣସି ଦିଗକୁ ଭ୍ରୂକ୍ଷେପ ନାହିଁ । ସମସ୍ତଙ୍କ ପାଇଁ ଦୁଆର ଖୋଲା ।

ବେଳେ ବେଳେ ଭକ୍ତମାନଙ୍କର ଏକାନ୍ତ ଅନୁରୋଧ ଏଡାଇ ନପାରି ବାବା ଆସି ବସନ୍ତି ମନ୍ଦିର ବେଢାରେ । ଆଉ ମହାପୁରୁଷଙ୍କ ମୁଖରୁ ଧର୍ମକଥା ଶୁଣିବାକୁ ବ୍ୟଗ୍ର ଭକ୍ତମଣ୍ଡଳୀ ଘେରି ବସନ୍ତି ତାଙ୍କୁ । ବାବା କହନ୍ତି—"ତମେ ସବୁ କଳିର ଜୀବ । ତମମାନଙ୍କର କ'ଣ ବା ଶକ୍ତି ଅଛି ଯେ ସାଧନ ଭଜନ କରିବ । ବେଶୀ କଛି ଧର୍ମ କର୍ମ କରିବାର ଆବଶ୍ୟକତା ନାହିଁ, କେବଳ ମାତ୍ର ଜପଦ୍ୱାର ହିଁ ସର୍ବାର୍ଥ ସିଦ୍ଧି ହେବ । ଇଷ୍ଟମନ୍ତ୍ର ଜପ କଲେହିଁ ଭକ୍ତିର ଉଦୟ ହେବ, ବିଶ୍ୱାସ ଜନ୍ମିବ, ମନର ଦୃଢତା ବଢିବ, ପ୍ରାଣରେ ଶକ୍ତି ସଞ୍ଚାର ହେବ । ଶକ୍ତି ସଞ୍ଚାର ହେଲେହିଁ ଅଚିରେ ଶକ୍ତିମୟୀର ସନ୍ଧାନ ମିଳିବ । ତା'ବି ଯଦି କରି ନପାର—ତେବେ ଅନ୍ତତଃ ମା—ମା—ବୋଲି ଡାକ । ମା' ନାମରେ ଗଗନ ପବନ ପ୍ରକମ୍ପିତ କରି ଚକ୍ଷୁ ଜଳରେ ବୁକୁ ଭସାଇ ଦିଅ । ଦେଖିବ ମା' ନ ଆସି ରହି ପାରିବନି । ତୁମ ପ୍ରାଣର ସକଳ ବେଦନା ଆକୁଳଭବେ ମା' ଚରଣରେ ନିବେଦନ କରିଦିଅ, ଅଚିରେ ଯେତେ ଦୁଃଖ କଷ୍ଟ ଦୂର ହୋଇଯିବ । ଆରେ ବାବା—ଏ ଜଗତରେ ଯେତେ ବା ଧର୍ମ କର୍ମର ସାଧନା ସବୁ ଏହି ଅସ୍ଥିର ମନକୁ ଆୟତ୍ତ କରିବା ନିମନ୍ତେ । ମନକୁ ବଶ କରିପାରିଲେହିଁ ସାଧନା ଭିତରେ ସର୍ବ ସାଧନାର ଧନ ଭଗବାନ ଆସି ଧରା ଦିଅନ୍ତି—ଯେ କୌଣସି ମୂର୍ତ୍ତିରେ ତୁମେ ଚାହଁନା କାହିଁକି ।

ଚିତ୍ ଶକ୍ତି ଓ ସ୍ପନ୍ଦନ ଶକ୍ତିର ସମାବେଶହିଁ ମନ । ଚିତ୍‌ଶକ୍ତି ଆତ୍ମାର ଓ ସ୍ପନ୍ଦନଶକ୍ତି ପ୍ରାଣର । ମନ ଇନ୍ଦ୍ରିୟ ସମୂହର ସର୍ବମୟ କର୍ତ୍ତା । ପ୍ରାଣ ବାୟୁର ଅଧୀନ । ପ୍ରାଣବାୟୁ ସ୍ଥିର ହେଲେହିଁ ଚିତ୍ତ ସ୍ଥିର ହୁଏ । ଚିତ୍ତ ସ୍ଥିର ହେଲେ ହିଁ ମନ ସ୍ଥିର ହୁଏ ଓ ସେତେବେଳେ ଜ୍ଞାନଚକ୍ଷୁ ଖୋଲିଯାଏ ।

ଜ୍ଞାନଚକ୍ଷୁ ପ୍ରସ୍ଫୁଟିତ ହେଲେ ସାଧକର ଆତ୍ମଦର୍ଶନ ବା ବ୍ରହ୍ମଦର୍ଶନ ହୋଇଥାଏ । ସୁତରାଂ ମନସ୍ତମ୍ଭନ ହିଁ ଏକମାତ୍ର ସାଧନା । ଏହାର ଅନ୍ୟ-ନାମ ହିଁ ଯୋଗ ସାଧନା ପଥର ଅଭାବ ନାହିଁ । ଯେତେ ମତ, ସେତେ ପଥ, କିନ୍ତୁ ସବୁ ପଥ ଯାଇ ସେହି ଏକହିଁ ଶକ୍ତିମୟୀର ଚରଣତଳେ ମିଶି ଯାଇଛନ୍ତି ।

ଏହିପରି କହୁ କହୁ ଦିନ ଶେଷ ହୋଇ ଆସେ । ମା'ର ମନ୍ଦିରରେ ବାଜିଉଠେ ସନ୍ଧ୍ୟାରତିର ଶଙ୍ଖ, ଭେରୀ, ତୂରୀ । ବାବା ଉଠିଯାଇ ଠିଆ ହୁଅନ୍ତି ମା'ର ସାମ୍ନାରେ ।

ଶିଳାମୟୀର ସମ୍ମୁଖରେ ଅପର୍ଯ୍ୟାପ୍ତ ଭୋଗସାମଗ୍ରୀ । ଜାତି ଜାତି ସୁମିଷ୍ଟ ପକ୍ୱଫଳ ଓ ଥାଳି, ଥାଳି ମିଷ୍ଟାନ୍ନ ସମ୍ଭାର । ଝୁଣା ଗୋଗୁଳ ଗନ୍ଧରେ ଚତୁର୍ଦ୍ଦିଗ ଆମୋଦିତ । ପ୍ରଦୀପର ଉଜ୍ଜ୍ୱଳ ଆଲୋକରେ ମନ୍ଦିରର ଅନ୍ତଃପ୍ରାଙ୍ଗଣ ଆଲୋକିତ । କି ଏକ ଅପୂର୍ବ ସ୍ୱର୍ଗୀୟ ପରିବେଶ ସତେ ! ପ୍ରସନ୍ନ ହସର ସ୍ନିଗ୍ଧ ବନ୍ୟାରେ ମା'ର ଶ୍ରୀମୁଖଟି ଯେମିତି ଆଜି ଭରପୂର ।

ଏକଦୃଷ୍ଟିରେ ମା'ର ମୁଖକୁ ଚାହିଁ ରହନ୍ତି ମାତୃସାଧକ ବାମାକ୍ଷେପା । ଚକ୍ଷୁଦ୍ୱୟ ପ୍ଲାବନକରି ଝରିଆସେ ପ୍ରେମର ଅଶ୍ରୁ । ହଠାତ୍ 'ଜୟତାରା' ନାଦରେ ମନ୍ଦିର ଅଭ୍ୟନ୍ତର ନିନାଦିତ କରି ମା'ଙ୍କୁ ଲକ୍ଷ୍ୟକରି ମେଘମନ୍ଦ୍ର ଧ୍ୱନିରେ କହି ଉଠନ୍ତି—"ଆରେ ବେଟୀ ! ଜଗତସାରା କୋଟି କୋଟି ସନ୍ତାନ ତୋର ଅନାହାରରେ ସଢ଼ୁଛନ୍ତି, ଆଉ ତୁ ଆନନ୍ଦରେ ଏଠି ଏତେ ଖାଦ୍ୟ ପଦାର୍ଥ ଧରି ବସିଛୁ ନା ? ତୁ, ତ ବେଟୀ ପାଷାଣୀ, ପ୍ରାଣହୀନା—ଆଉ ସେଇଥିପାଇଁ ସିନା ନିଶ୍ଚିନ୍ତରେ ଥାଳି, ଥାଳି ଭୋଗ ଖାଇ ହେଣ୍ଡି ମାରୁଛୁ । ନା, ନା, ତା' ହୋଇ ପାରେନା—ଜାଗ ମା'ତାରା, ଜାଗ ମା' ତାରା, ଜାଗ ଆଜି, ଜାଗ-ଜାଗ ।

କହୁ, କହୁ, ନୃତ୍ୟ ଆରମ୍ଭ କରିଦେଲେ ଭୈରବ । ଅପୂର୍ବ ସେ ନୃତ୍ୟ । ସତେ ଯେମିତି ନଟବର-ଶିବଙ୍କର ତାଣ୍ଡବନୃତ୍ୟ । ମୁଣ୍ଡର

ବାଜଗୁଡ଼ିକ ସବୁ ଠିଆ ହୋଇ ନାଚିବାକୁ ଆରମ୍ଭ କଲେ । ନୃତ୍ୟର ତାଳେ, ତାଳେ ପ୍ରକମ୍ପିତ ତାରାପୁର । ପାଦର ଧକ୍କାରେ ଭୋଗ-ନୈବେଦ୍ୟ ସବୁ ବିଛାଡ଼ି ପଡେ ମନ୍ଦିରସାରା । କ୍ଷେପାବାବାଙ୍କର କିନ୍ତୁ କୌଣସି ଦିଗକୁ ଖିଆଲ ନାହିଁ—ଉଚ୍ଚ ସ୍ୱରରେ ଜାଗ ମା' ତାରା, ଜାଗ ମା' ତାରା କହି ନୃତ୍ୟରତ । କେତେ ସମୟଧରି ଯେ ଚାଲେ ଏ ବିଚିତ୍ର ନୃତ୍ୟ ତା'ର ହିସାବ ନାହିଁ । ମନ୍ଦିର ପୂଜାରୀ ହତବାକ୍-ହତଭମ୍ବ ? ଦର୍ଶକବୃନ୍ଦ ବିସ୍ମିତ-ସ୍ତମ୍ଭିତ । କାହାରି ତୁଣ୍ଡରେ ଭାଷା ନାହିଁ ।

ଦିନ, ଦିନ ଧରି କ୍ଷେପା ବେଟାର ଏପରି କେତେ ଯେ ପାଗଳାମି ସହିବାକୁ ହୋଇଛି ମା'କୁ, ତା'ର ଇୟତ୍ତା ନାହିଁ ।

× × ×

ଏହି କିଛିଦିନ ହେଲା କ୍ଷେପା ବାପାଙ୍କ ସ୍ୱଭାବଟା କ୍ରମଶଃ ଉଗ୍ର ହୋଇ ଉଠୁଛି । ମୁହଁରେ ବାଡ଼ବତା ନାହିଁ । ଯେତେବେଳେ ଯିଏ ଆଗରେ ପଡେ ମନଇଚ୍ଛା ଗାଳି-ଗୁଲଜ ଦେବାକୁ ଆରମ୍ଭ କରି ଦିଅନ୍ତି । କାହାକୁ ହାଡ଼ଧରି ଗୋଡ଼େଇଲେ ତ କାହାକୁ ଚିମୁଟାରେ ବାଡେଇଲେଣି । ସବୁଠାରୁ ବେଶୀ ରାଗ କିନ୍ତୁ ତାରାମା' ଉପରେ । ସାଧୁ, ଅସାଧୁ ଯେଉଁ ଭାଷା ମନକୁ ଆସିଲା କହି ମା'ର ଚୌଦ ପୁରୁଷ ଉଦ୍ଧାର କରିବାକୁ ପଛାଉ ନାହାନ୍ତି ।

ଆଜି ଶୁକ୍ଳା ଚତୁର୍ଦ୍ଦଶୀ । ସକାଳୁ ସକାଳୁ ବାବାର ମେଜାଜଟା ମାତ୍ରାତିରିକ୍ତ ଉଗ୍ର ହୋଇଉଠିଛି । ମନ୍ଦିରକୁ ଆସି ମା'ର ବାପ-ଅଜା ଚୌଦ ପୁରୁଷ ଉଦ୍ଧାର କରି ମଧ୍ୟ ମନରେ ତୃପ୍ତିନାହିଁ । ହଠାତ୍ ଖିଆଲୀ ପୁରୁଷ ସଂକଳ୍ପ କରି ବସିଲେ— "ଆରେ ବେଟୀ, ସର୍ବନାଶୀ-ରାକ୍ଷସୀ ! ତୁ ମୋର ସର୍ବନାଶ କରିଛୁ, ଆଜି ମୁଁ ତୋର ସର୍ବନାଶ ନକରି ଛାଡ଼ିବିନି । ଆଜି ତୋ ମନ୍ଦିର ଉପରେ ବଜ୍ରପାତ କରିବି—ଦେଖିବି କେଉଁ ବାପା ରକ୍ଷା କରିବ ।" ଏହି କଥା କହି ମହାସାଧକ ଆସନ କରି ବସି ପଡ଼ିଲେ ଶିଳାମୟୀର ସାମ୍ନାରେ ଓ ନିମିଷକ ମଧ୍ୟରେ ମଜ୍ଜିଗଲେ ଗଭୀର ଧ୍ୟାନରେ ।

ପୁରୋହିତ, ପୂଜାରୀ ଆଦି ବାବାର ସଂକଳ୍ପ ଶୁଣି ସମସ୍ତେ ଭୟରେ ଜଡ଼ସଡ । କୌଣସି ପ୍ରକାରେ ଦିବା ପୂଜା ଶେଷକରି ସମସ୍ତେ ମିଶି ପ୍ରାଣପଣେ ଚେଷ୍ଟାକଲେ ବାବାର ଧ୍ୟାନଭଗ୍ନ କରିବାକୁ । ଉଦ୍ଦେଶ୍ୟ–କୌଣସିମତେ କ୍ଷେପା ଠାକୁରଙ୍କୁ ଏହି ଭୟଙ୍କର ସଂକଳ୍ପରୁ ନିବର୍ତ୍ତାଇବାକୁ ହେବ । କିନ୍ତୁ ସବୁ ବୃଥା । ଅଚଳ, ଅଟଳ ମହାଭୈରବ ଗଭୀର ଧ୍ୟାନ-ମଗ୍ନ । ଯାହାର ସାମାନ୍ୟ କଟାକ୍ଷରେ ଶିଳାମୟୀଦେବୀ କମ୍ପି ଉଠନ୍ତି, ବୀଭତ୍ସ ମହାଶ୍ମଶାନ ତ୍ରସ୍ତ-ବ୍ୟସ୍ତ ହୋଇଉଠେ–ସେହି ବୀର ସାଧକଙ୍କୁ ନିଜର ପ୍ରତିଜ୍ଞାରୁ ବିଚ୍ୟୁତ କରିବ–ଏପରି ସାଧ୍ୟ କାହାର ଅଛି ଏ ପୃଥିବୀରେ ? କ୍ରମେ ପ୍ରତୀଚି ଗଗନରେ ଅସ୍ତଗଲେ ଦିନମଣି, ତାରପୁରରେ ଘନେଇ ଆସିଲା କଳାରାତି । ଦିନସାରା କୌଣସି ଅଘଟଣ ଘଟିନି । ଭୟ ଓ ଆଶଙ୍କା ଭିତରେ କୌଣସିମତେ ମା'ର ସନ୍ଧ୍ୟାରତି ଶେଷକରି ପୂଜକ ଓ ଅନ୍ୟାନ୍ୟ କର୍ମଚାରୀବୃନ୍ଦ ସନ୍ଦିଗ୍ଧ ଚିତ୍ତରେ ଯେ ଯାହା ଘରକୁ ଫେରି ଗଲେଣି । ତାରପୁର ସମ୍ପୂର୍ଣ୍ଣ ଜନଶୂନ୍ୟ । ଚାରିଆଡ ନିରବ, ନିଥର । କେବଳ ମନ୍ଦିର ମଧ୍ୟରେ ଧ୍ୟାନମଗ୍ନ ପାଗଳା ପୁଅ, ଆଗରେ ଶିଳାମୟୀ ମା' ।

କ୍ରମଶଃ ଶରତର ନିର୍ମେଘ ନୀଳ ଆକାଶରେ ଉଇଁ ଆସିଲେ ନିଶାକର । ସ୍ୱଚ୍ଛ-ଶୁଭ୍ର କିରଣରେ ଉଦ୍‌ଭାସିତ ହେଲା ଚତୁର୍ଦ୍ଦିଗ । ମଧ୍ୟରାତ୍ରି ବେଳକୁ ହଠାତ୍ ସାଧକଙ୍କ ଧ୍ୟାନଭଗ୍ନ ହେଲା । ଗୁରୁଗମ୍ଭୀର ତାରା-ତାରା ଶବ୍ଦରେ କମ୍ପି ଉଠିଲା ଆକାଶ-ବତାଶ । ସେହି ଗମ୍ଭୀର ନିନାଦ ତୀକ୍ଷ୍ଣ ବିଦ୍ୟୁତ ଫଳକ ପରି ମନ୍ଦିର ଦେହରେ ଧକ୍କା ଖାଇ ଫେରିଆସି ପ୍ରତିଧ୍ୱନି ତୋଳି ମିଳେଇଗଲା ଆକାଶ ବକ୍ଷରେ । ସହସା ମନ୍ଦିରର ଚୂଡା ଆଲୋକିତ ହୋଇ ଉଠିଲା ଓ କଡ୍ କଡ୍ ଶବ୍ଦରେ କମ୍ପି ଉଠିଲା ସାରା ତାରପୁର । ଭୟ ଓ ଆଶଙ୍କାରେ ଥରି ଉଠିଲେ ଗ୍ରାମବାସୀବୃନ୍ଦ । ଘରୁ ବାହାରିବାକୁ ବି କାହାର ସାହସ ହେଲାନି ।

ଏ ଆଡେ଼ କିନ୍ତୁ ସ୍ନେହ ଓ ବାତ୍ସଲ୍ୟରସର ପ୍ରେମଘନ ମୂର୍ତ୍ତି ମା' ତାରିଣୀ, ପାଗଳା ପୁଅକୁ କୋଳକରି ଛୁଟିଗଲେ ମହାଶ୍ମଶାନର କେନ୍ଦ୍ରସ୍ଥଳକୁ;

ଆସନ୍ନ ବିପଦରୁ ରକ୍ଷା କରିବା ନିମନ୍ତେ । ବାମାକୁ ଏତେଟିକେ ବି ଆଘାତ ଲଗିନି । ସନ୍ତାନ ଡ଼ାକିଲା ମା-ମା ବୋଲି–ପ୍ରକଟିତା ବିଶ୍ୱଜନନୀ ଅବୋଧ ଶିଶୁକୁ ମୃଦୁହାସ୍ୟରେ ପ୍ରବୋଧ ଦେଇ ଅନ୍ତର୍ହିତା ହୋଇଗଲେ ।

ଏହି ଭୟାନକ ବଜ୍ରପାତ ଫଳରେ ମା'ର ଶିଳାମୟୀ ମୂର୍ତ୍ତିର କୌଣସି କ୍ଷତି ନ ହେଲେ ବି ମନ୍ଦିର ଚୂଡ଼ାଦେଶରେ ଏକ ବିରାଟ ଫାଟର ସୃଷ୍ଟି ହୋଇଛି ।

ଏହି ଘଟଣା ପରେ କିନ୍ତୁ କ୍ଷେପା ବାବାର ମେଜାଜ ଆହୁରି ଉଗ୍ର ହୋଇ ଉଠେ । ଭୟରେ କେହି ପାଖରେ ପଶିବାକୁ ସାହସ କରନ୍ତିନି । ଦର୍ଶନାର୍ଥୀ ଭକ୍ତଗଣ ଦୂରରୁ ଦଣ୍ଡବତ କରି ବିଦାୟ ନିଅନ୍ତି । କିଏ କହେ ସାକ୍ଷାତ ରୁଦ୍ର ତ, କିଏ କହେ ସାକ୍ଷାତ୍ ବ୍ରହ୍ମା । ତା' ନହେଲେ ମର୍ତ୍ତ୍ୟର ମାନବ ପାଖରେ କ'ଣ ଏତେ ତେଜ ସମ୍ଭବ !

ସେତେବେଳେ ପୃଥିବୀରେ ଏମିତି ଏକ ସମୟ ଆସିଥିଲା ଯାହାକି ଟିକିଏ ବିଚାର କରି ଦେଖିଲେ ବୁଝାଯାଏ ସତେ ଯେମିତି, ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର–ଏହି ତ୍ରିଦେବ ସ୍ୱର୍ଗରୁ ଓହ୍ଲାଇ ଆସିଥିଲେ ପାପ-ପଙ୍କିଳ ଧରାଧାମକୁ ଜୀବକୁ ଉଦ୍ଧାର କରିବା ପାଇଁ, ଧର୍ମରକ୍ଷା କରିବା ପାଇଁ । ବୀରଭୂମର ଏକପ୍ରାନ୍ତରେ କ୍ଷୁଦ୍ର ପଲ୍ଲୀ ତାରାପୀଠର ମହାଶ୍ମଶାନରେ ସାକ୍ଷାତ୍ ବ୍ରହ୍ମା– ଆମର କ୍ଷେପାଠାକୁର ସ୍ୱର୍ଗୀୟ ଲୀଳା ପ୍ରକଟ କରି ଯାଇଛନ୍ତି କାମନା,ବାସନାକୁ ବ୍ରହ୍ମାଗ୍ନିରେ ଆହୁତି ଦେଇ । ରସମୟ ଠାକୁର ବିଷ୍ଣୁ ଅବତାର ପରମହଂସଦେବ ଜୀବକୁ ପାଗଳକରିବାକୁ ଭଗବତୋନ୍ମୁଖୀ କରିବାକୁ ଦକ୍ଷିଣେଶ୍ୱରରୁ ବଜାଇଛନ୍ତି ପ୍ରେମର ମୋହନ ବଂଶୀ–ଭଲ ପାଇବାର ଝଙ୍କାର ତୋଳି । ଆଉ ସେପଟେ ପବିତ୍ର ବାଣୀଧାମରେ ତ୍ରିତାପକ୍ଲିଷ୍ଟ ଜୀବର ହୃଦୟରେ ତ୍ୟାଗର ବୀଜ ବପନ କରିଛନ୍ତି ମଙ୍ଗଳ ସ୍ୱରୂପ ଚଳନ୍ତିଶିବ ସର୍ବତ୍ୟାଗୀ ମହାଯୋଗୀ ତୈଲଙ୍ଗସ୍ୱାମୀ । ଏହି ତିନିଠାକୁରହିଁ କଳିଯୁଗରେ ଆମମାନଙ୍କର ଜୀବନ୍ତ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ସ୍ଥୂଳଦେହ ତ୍ୟାଗ କରିଛନ୍ତି ବୋଲି ଧରାଧାମରୁ ଏମାନଙ୍କର

ଅସ୍ତିତ୍ୱ ଯେ ଲୋପ ପାଇଯାଇଛି ତା' ନୁହେଁ– ଆଜି ମଧ୍ୟ ଶୁଦ୍ଧ ସାଧକ ଅନ୍ତରରେ ଏମାନଙ୍କର ଲୀଳା ଖେଳା ଚାଲିଛି ଅବାରିତ ଗତିରେ । ତେବେ ଦରକାର କେବଳ ଶୁଦ୍ଧାଭକ୍ତି, ଅକପଟ ସରଳତା, ଦୃଢ଼ ବିଶ୍ୱାସ, ଚିତ୍ତର ଏକାଗ୍ରତା ।

"ଆଜି ବି ଅପ୍ରାକୃତ ଲୀଳା କରେ ଗୌରରାଏ ।
କେହି, କେହି ଭାଗ୍ୟବାନ ଦେଖିବାକୁ ପାଏ ।"

× × ×

ଦ୍ୱିପ୍ରହର ବେଳା । ସାଧୁ-ସନ୍ଥଙ୍କ ସମାଗମରେ ତାରାମା'ର ମନ୍ଦିର ଭରପୁର । ଏହିମାତ୍ର ମା'ର ମଧ୍ୟାହ୍ନ ଧୂପ ବଢ଼ିଛି । ଉପସ୍ଥିତ ସକଳେ ମନ୍ଦିର ବେଢ଼ାରେ ବସି ପ୍ରସାଦ-ସେବାରତ । ମନ୍ଦିରର ସଦର ଦରଜା ବନ୍ଦ ଅଛି । ଠିକ୍ ଏତିକିବେଳେ କ୍ଷେପାଠାକୁର ଅଶ୍ରାବ୍ୟ ଭାଷାରେ ତାରାମା'ର ଚୌଦପୁରୁଷ ଉଦ୍ଧାର କରୁ କରୁ ଶ୍ମଶାନରୁ ନିର୍ଗତ ହେଲେ । ଭୋଜନରତ ସମସ୍ତଙ୍କୁ ଥରେ ଦେଖିନେଇ ସିଧା ଉଠିଗଲେ ମନ୍ଦିର ଉପରକୁ । ସମସ୍ତେ ଉଦ୍‌ଗ୍ରୀବ ହୋଇ ଚାହିଁ ରହିଲେ– କେଜାଣି କ'ଣ ଅନର୍ଥକାଣ୍ଡ କରିବସିବେ ଏଥର ।

ଏତିକିବେଳେ ମନ୍ଦିର ଭିତରୁ ଅସ୍ପଷ୍ଟ ସ୍ୱରରେ ଯୁକ୍ତି-ତର୍କର ଶବ୍ଦ କେତୋଟି ଭାସି ଆସିଲା, ସାଙ୍ଗେ ସାଙ୍ଗେ ଭୀଷଣ ପ୍ରହାରର ଶବ୍ଦ ।

ଖାଇବା ଛାଡ଼ି ଛୁଟି ଆସିଲେ ସାଧୁ-ସନ୍ନ୍ୟାସୀ ଓ ପଣ୍ଡା ପଢ଼ିଆରୀ ଦଳ । କେହି କୁଆଡ଼େ ନାହିଁ–ମନ୍ଦିର ଅଭ୍ୟନ୍ତରରେ ଏକମାତ୍ର ଶିଳାମୟୀ ଦେବୀ ଓ କ୍ଷେପା ବେଟା । କିନ୍ତୁ ଏ କ'ଣ, ବାବାର ପିଠି ରକ୍ତାକ୍ତ–ପାଞ୍ଚ ଆଙ୍ଗୁଠିର ଦାଗ ସୁସ୍ପଷ୍ଟ । କିଏ ଏପରି ନିର୍ଦ୍ଦୟଭାବେ ପ୍ରହାର କରିଛି କ୍ଷେପାକୁ ।

ପିଠିରେ ହାତ ବୁଲେଇ ବାଳକପରି କାନ୍ଦି ଉଠିଲା କ୍ଷେପା–"ନା-ନା, ତୁ ମା ନୁହେଁ ରାକ୍ଷସୀ । ଆଉ କେବେ ତୋ ମନ୍ଦିରକୁ ଆସିବିନି ।

ଆଃ– ପିଠିଟା ଯେ ଜଳି ଉଠୁଛି ।” ଅଭିମାନୀ ପୁଅ ମା’ଠାରୁ କଠୋର ଶାସ୍ତିପାଇ କାନ୍ଦି, କାନ୍ଦି ବାହୁଡ଼ିଗଲା ତା’ର ଆଶ୍ରୟସ୍ଥଳ, ଶ୍ମଶାନ ମଧ୍ୟକୁ ।

ହଁ-ଏ ମା’ର ହିଁ ଶାସନ । ନିର୍ଜ୍ଜନ ମନ୍ଦିରରେ ପାଗଳା ପୁଅ ଓ ମା’ ଛଡ଼ା ଆଉ ଯେ କେହି ନଥିଲେ । ବାଃ-କି ମଜାର ଶାସନ । ସେହି ଦିନଠାରୁହିଁ କ୍ଷେପାବାବାର ଉଗ୍ର ମୂର୍ତ୍ତି ହୋଇ ଉଠିଲା ଏକାବେଳେକେ ଶାନ୍ତ, ନିରୀହ, ସରଳ । ରୁଦ୍ରଠାକୁର ରୂପାନ୍ତରିତ ହେଲେ ପ୍ରେମର ଠାକୁର ରୂପେ । ଆସିଲେ ଚଣ୍ଡାଳ,ଆସିଲେ ବ୍ରାହ୍ମଣ,ଆସିଲେ ରଜା,ଆସିଲେ ପ୍ରଜା–ପ୍ରେମମୟ, ମଙ୍ଗଳମୟଙ୍କ ଆଖିରେ କିନ୍ତୁ ସମସ୍ତେ ସମାନ; ସମସ୍ତେ ଶିବ । ଦୁଇବାହୁ ପ୍ରସାରଣ କରି ଶିବଭବରେ ବୁକୁରେ ଜଡ଼େଇ ଧରିଛେ ସମସ୍ତଙ୍କୁ,ପୋଛିଦେଲେ ସମସ୍ତଙ୍କର ଅଶ୍ରୁ । ମଧୁର ବାକ୍ୟରେ ସ୍ୱାଗତ କଲେ–“ଆସ ବାବା, ଆସ ! କ’ଣ ଦରକାର ବାବା ?” ଭବରଠାକୁର କାହାକୁ ଡାକନ୍ତି ବାବା ତ,କାହାକୁ ଜକା ଆଉ କାହାକୁ ବା ଆଦରରେ ସମ୍ବୋଧନ କରନ୍ତି “ଶଳା-ବେଧୁଆ” ବୋଲି । ସାଧକ ମାନଙ୍କର ଯେ କେତେ ଭବ; ଆମଭଳି ସାଧାରଣ ଜୀବ କେମିତି ବୁଝିବ ସେକଥା । ମହାପୁରୁଷମାନଙ୍କ ଜୀବନୀ ଯେ ଅଲୌକିକ !

❋

ତେର

ଗ୍ରହୁଁ-ଗ୍ରହୁଁ ଛ' ମାସ କଟିଗଲା; କିନ୍ତୁ ଏ କି କଠୋର ସାଧନା । ଖାଲି ମାଆର ଚରଣାମୃତ ଓ ବେଲପତ୍ର ସେବନ କରି ମହାଯୋଗୀ ବାମାକ୍ଷେପା ସାଧନାରେ ନିମଗ୍ନ । ଦେହ କ୍ରମଶଃ କ୍ଷୀଣରୁ କ୍ଷୀଣତର ହୋଇ ଆସୁଛି । ମୁଖରେ କଥାନାହିଁ କି ଆଖିରେ ନିଦ ନାହିଁ । କ୍ଷୁଧା ନାହିଁ, ତୃଷ୍ଣା ନାହିଁ, କ୍ଳାନ୍ତି ନାହିଁ କି ଶ୍ରାନ୍ତି ନାହିଁ । ଅର୍ଦ୍ଧନିମିଳିତ କମଳ ନୟନଦ୍ୱୟ ସର୍ବଦା ପ୍ରେମବାରିପୂର୍ଣ୍ଣ ।

ଭୀତିଜନକ ମହାଶ୍ମଶାନ ବି ଆଜି ଠାକୁରଙ୍କ ଯୋଗ ସାଧନାରେ ହୋଇ ଉଠିଛି ଶାନ୍ତ, ସୌମ୍ୟ । ବୃକ୍ଷଲତା ଆଦି ପ୍ରେମଭେଳରେ ପରସ୍ପରକୁ ଆଲିଙ୍ଗନ କରିବାକୁ ଉଦ୍ୟତ । ହିଂସା, ଦ୍ୱେଷ ଭୁଲି ଶିବା ଆଜି ଛାଗ ଶିଶୁ ସଙ୍ଗେ କ୍ରୀଡ଼ାରତ । ଶ୍ୱାନ, ଶିବା ଓ ଶକୁନିର ଦଳ ଏକତ୍ର ଖାଦ୍ୟ ଅନ୍ୱେଷଣ ତତ୍ପର । ସତେ ଅବା ଋଷିଯୁଗର ହିଂସାଦ୍ୱେଷହୀନ ତପୋବନ !

ହଁ-ହଁ, ଭରତ ବିଖ୍ୟାତ ତପୋବନ ଏହି ତାରମା'ର ଲୀଳାଭୂମି । ବ୍ରହ୍ମାଙ୍କ ମାନସପୁତ୍ର ବଶିଷ୍ଠଦେବଙ୍କ ସିଦ୍ଧପୀଠ । ତାର ହିଁ ନିରକାର-ତାର ସାଧନାହିଁ ବ୍ରହ୍ମସାଧନା-

ତାରହିଁ ଏକମେବଅଦ୍ୱିତୀୟା ।

"ତଦ୍ ଐକ୍ଷତ ବହୁସ୍ୟାମ୍ ପ୍ରଜାୟେୟ"

(ଛା ୬/୨/୩)

ତାଙ୍କର ଯେତେବେଳେ ବହୁତ ହେବାକୁ ଇଚ୍ଛା ହେଲା ସେତେବେଳେ ତାଙ୍କରି ଇଙ୍ଗିତରେ ସୃଷ୍ଟି ହେଲେ ପଞ୍ଚଭୂତ-ଆକାଶ, ବତାସ, ଅଗ୍ନି, ଜଳ ଓ କ୍ଷିତି । ଏହି ପଞ୍ଚଭୂତର ସଂଯୋଗ ଓ ସଂହନନ ଦ୍ୱାର

ସୃଷ୍ଟି ହେଲା ଜଗତ । ସୁତରାଂ ରଜ୍ଜୁରେ କଳ୍ପିତ ସର୍ପପରି ଏହି ଜଗତ ବ୍ରହ୍ମଙ୍କର ବିବର୍ତ୍ତନ ମାତ୍ର !

ବ୍ରହ୍ମୈ ବେଦଂ ସର୍ବଂ । (ଛା ୭/୨୫/୧)

ବସ୍ତୁତଃ ବ୍ରହ୍ମହିଁ ସବୁ—ବ୍ରହ୍ମ ଭିନ୍ନ ଆଉ କାହାରି ସ୍ଥିତି ନାହିଁ । ବ୍ରହ୍ମ ସତ୍ୟ-ଜଗତ ମିଥ୍ୟା, ମାୟା-ପ୍ରହେଳିକା । ବ୍ରହ୍ମର ଯାହା ମାୟା, ଜୀବର ତାହା ଅଜ୍ଞାନ ଅବସ୍ତୁରେ ବସ୍ତୁଜ୍ଞାନ । ମୁଁ, ମୋହର, ସୁଖ, ଦୁଃଖ, ମଙ୍ଗଳ, ଅମଙ୍ଗଳ ଇତ୍ୟାଦି ସବୁ ଭ୍ରାନ୍ତି ବା ଅଜ୍ଞାନ ମାତ୍ର । ଦେହରେ ଆତ୍ମବୁଦ୍ଧି ବଶତଃ ଏହି ଭ୍ରାନ୍ତିର ସୃଷ୍ଟି । ଶ୍ରୀଗୁରୁଙ୍କ କୃପାରୁ ଦିବ୍ୟଜ୍ଞାନ ଲାଭକରି ଏହି ଭ୍ରାନ୍ତି ବା ଅଜ୍ଞାନକୁ ଅତିକ୍ରମ କରିପାରିଲେ ହିଁ ସତ୍ୟ ଅନୁଭୂତ ହୋଇଥାଏ । ଏହି ସତ୍ୟ ସମ୍ପୂର୍ଣ୍ଣ ଅକ୍ଷୋଭ, କେବଳ ଆନନ୍ଦ ଆଉ ଆନନ୍ଦ । ସୃଷ୍ଟିରେ ଅମଙ୍ଗଳ ବୋଲି କିଛି ନାହିଁ; ଯାହାକୁ ଆମେ ଅମଙ୍ଗଳ ବୋଲି ଭାବୁ ତାହା ପ୍ରଚ୍ଛନ୍ନରୂପୀ ମଙ୍ଗଳ । ସିଏ ସର୍ବଦା ମଙ୍ଗଳମୟ; ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପ । ଅମଙ୍ଗଳ ତାଙ୍କଦ୍ୱାରା ସୃଷ୍ଟ ନୁହେଁ । କିନ୍ତୁ ଜୀବକୁ କର୍ମର ସ୍ୱାଧୀନତା ଦେଇଥିବାରୁ ଜୀବ ନିଜେ ହିଁ ଅମଙ୍ଗଳର ସ୍ରଷ୍ଟା । ଆଉ ଲୀଳା ତାଙ୍କର ଧର୍ମ । ଯେପରି ଦାହିକା ଶକ୍ତିଭିନ୍ନ ଅଗ୍ନିର କଳ୍ପନା ଅସମ୍ଭବ, ସେହିପରି ଲୀଳାଭିନ୍ନ ଈଶ୍ୱରଙ୍କ କଳ୍ପନା ମଧ୍ୟ ଅସମ୍ଭବ । ଲୀଳା ଥିବାରୁ ହିଁ ଜୀବ-ଲୀଳାମୟଙ୍କୁ ଡ଼ାକେ, ଖୋଜେ । ତା' ନହେଲେ ତାଙ୍କୁ ପାଇବାକୁ କେହି ପାହାଡ଼-ପର୍ବତ, ଶ୍ମଶାନ ବା ଅରଣ୍ୟରେ ସାଧନ ଭଜନ କରନ୍ତାନି ।

× × ×

ବୀର ସାଧକ କ୍ଷେପା ଠାକୁର ଦୀର୍ଘ ଛଅ ମାସ କାଳ କଠୋର ଯୋଗସାଧନା ଶେଷକରି ଆଜି ଆସନ ତ୍ୟାଗ କରି ଜୀବନ୍ତ କୁଣ୍ଡରେ ଅବଗାହନ କଲେ । ଇଚ୍ଛାମୟ ପୁରୁଷ ନିଜର ଇଚ୍ଛାମୁତାବକ ଘଣ୍ଟା ଘଣ୍ଟା ଧରି ଏହି କୁଣ୍ଡରେ ବୁଡ଼ି ରହିବାକୁ ଭଲ ପାଆନ୍ତି । କେବେ, କେବେ ଅଧିକ ଜନସମାଗମରୁ ନିଜକୁ ଲୁଚେଇ ରଖିବାକୁ ଇଛାହେଲେ ନିର୍ଜନତାପ୍ରିୟ ଗୁପ୍ତ ସାଧକ ତୈଲଙ୍ଗ ସ୍ୱାମୀଙ୍କ ପରି ଏହି ଗଭୀର କୁଣ୍ଡର ଅତଳ-ଜଳ ମଧ୍ୟରେ ବୁଡ଼ି ଯାଆନ୍ତି ଦିନ, ଦିନ ଧରି ।

ମନଭରି ଅବଗାହନ କରି ଉଠିଲା ବେଳକୁ ବେଳ ରତ ରତ ପ୍ରାୟ । କିନ୍ତୁ ଏ କିଏ ? ଅନ୍ଧକାରମୟ ଶ୍ମଶାନର କେନ୍ଦ୍ରସ୍ଥଳକୁ ଦିବ୍ୟଜ୍ୟୋତିରେ ଉଦ୍‌ଭସିତ କରି ଦିବ୍ୟ ଆଭରଣରେ ଭୂଷିତା ହୋଇ ଅଦୂରରୁ କ୍ଷେପାକୁ ହାତଠାରି ଡାକୁଛି କିଏ ? ଏ, ଯେ ସ୍ୱୟଂ ତାରାମା ! ଧରିବାକୁ ଦଉଡ଼ିଯାଏ କ୍ଷେପା । ପାଖରେ ପହଞ୍ଚିଲାବେଳକୁ କିନ୍ତୁ ଉଭେଇଯାନ୍ତି ବିଶ୍ୱଜନନୀ । ନିମିଷକ ମଧ୍ୟରେ ପୁଣି ଅଦୂରରେ ଦେଖା ଦିଅନ୍ତି ରହସ୍ୟମୟୀ– ସର୍ବାଙ୍ଗରେ ଦିବ୍ୟଦ୍ୟୁତି, ଅଧରରେ ମୃଦୁ ହାସ୍ୟର ଝଲକ, କଟାକ୍ଷ୍ୟରେ ବାତ୍ସଲ୍ୟପୂର୍ଣ୍ଣ ଆବାହନ–"ଆ ବେଟା, ମୋ ପାଖକୁ ଆ ।"

ପାଗଳାପୁଅ ଧରିବାକୁ ଛୁଟିଯାଏ– ମା' ପୁଣି ଲୁଚିଯାଏ ବୃକ୍ଷର ଅନ୍ତରାଳରେ– କ୍ଷେପା ଖୋଜି ପାଏନା– କିନ୍ତୁ ଖୋଜାର ବିରାମ ନାହିଁ– "ମୋତେ ଯେ ଆଜି ମା'କୁ ଧରିବାକୁ ହେବ– ଦୁଇ ହାତଦେଇ ଟାଣି ନେବାକୁ ହେବ ବୁକୁ ଉପରକୁ– କେଉଁଠି ଲୁଚିବୁରେ ବେଟୀ ?"

ଏ ଯେ, ମା-ପୁଅଙ୍କର ଲୁଚକାଳି ଖେଳ । ବିଚିତ୍ର ଏ ଖେଳର ଗତି । କିଏ ବୁଝିବ ଲୀଳାମୟୀ ମା ଓ ତା'ର ଆଦରର ଦୁଲାଳର ଆନନ୍ଦଲୀଳା ? ସ୍ନେହର ରଜ୍ଜୁରେ ଶକ୍ତ କରି ବାନ୍ଧି ମା' ଛାଡ଼ିଦିଏ ପୁଅକୁ ଖେଳିବାକୁ; ଯୋଗେଇ ଦିଏ ଖେଳର ସମସ୍ତ ଉପକରଣ । ପୁଣି କେତେବେଳେ କ'ଣ ଖିଆଲ ଆସେ ନିଜ ହାତରେ ଖେଳ-ଘର ଭାଙ୍ଗିଦେଇ ନିଜେ ଦଉଡ଼ିଆସେ ଖେଳିବାକୁ ପାଗଳାପୁଅ ସାଙ୍ଗରେ । ଆଜି ପାଗେଳୀ ମା' ଖେଳିବାକୁ ଆସିଛି ପାଗଳା ପୁଅ ସାଙ୍ଗରେ–ଯିଏ ନିଜର ସର୍ବସ୍ୱ ଢାଳି ଦେଇଛି ତା'ର ଶ୍ରୀରଙ୍ଗା ଚରଣତଳେ, ଯିଏ ମା' ଛଡା ଆଉ କିଛି ଜାଣେନା–ମା-ଧ୍ୟାନ, ମା-ଜ୍ଞାନ, ମା' ହିଁ ସର୍ବସ୍ୱ ।

ଏ ବିଶ୍ୱ ବ୍ରହ୍ମାଣ୍ଡଟା ବି ଗୋଟାଏ ପ୍ରକାଣ୍ଡ ଲୁଚକାଳି-ଖେଳର ଅଙ୍ଗନ । ତପନ ଉଠିଲେ– ରାତ୍ରି ଲୁଚି ଆଲୋକ ଆସିଲେ– ଅନ୍ଧକାର

ପଛାଏ– ପ୍ରତିନିୟତ ଘ୍ଲିଛି ଏହି କ୍ରମ । ଏ ଧାରର କେବେ ବ୍ୟତିକ୍ରମ ନାହିଁ । ଆଉ ଏହି ଚିରନ୍ତନ ଆତ୍ମଗୋପନହିଁ ଲୀଳାମୟୀର ପ୍ରାକୃତିକ ଲୀଳା । ଲୌକିକ ଦୃଷ୍ଟିରେ ମାୟାବଦ୍ଧ ଜୀବର ଜୀବନରେ ଯେପରି ଅହରହ ମନ ଓ ବିବେକର ଲୁଚକାଳି ଖେଳ ଘ୍ଲିଛି, ସେହିପରି ପାରମାର୍ଥିକ ଦୃଷ୍ଟିରେ ମାୟାମୁକ୍ତ ସାଧକ ମଧ୍ୟରେ ବି ଆତ୍ମା ଓ ପରମାତ୍ମାର ଲୁଚକାଳି ଖେଳର ବିରାମ ନାହିଁ । ବସ୍ତୁତଃ ଖେଳ କିନ୍ତୁ ଗୋଟିଏ–ପାର୍ଥକ୍ୟ ଅଜ୍ଞାନ ଓ ଜ୍ଞାନର ।

ହଠାତ୍ ଗଭୀର ତମସାଚ୍ଛନ୍ନ ସୁବିସ୍ତୃତ ଶ୍ମଶାନର ଏକ ପ୍ରାନ୍ତରୁ ଭସିଆସେ ଏକ ମଧୁର ଶବ୍ଦ ତରଙ୍ଗ ପାଗଳା ପୂଅର କାନକୁ । ଇଙ୍ଗିତ ଶୁଣି ବ୍ୟାକୁଳ ଅନ୍ତରରେ ଛୁଟିଯାଏ କ୍ଷେପା ସେହି ଦିଗକୁ 'ଆତ୍ମଗୋପନ-କାରିଣୀ' ମା'କୁ ଧରିବାପାଇଁ ।

ଏତେ ଦଉଡା-ଦଉଡ଼ି କରି ବି ଟିକିଏ ହେଲେ କ୍ଲାନ୍ତି ନାହିଁ–ଅବସନ୍ନ ନାହିଁ । ନରକପାଳଗୁଡାକ ପାଦରେ ଲାଗି ଗଡୁଛନ୍ତି, କଣ୍ଟା ଝୁଣ୍ଟା, କଙ୍କାଳ, ଅସ୍ଥି ବାଜି ପାଦତଳ ବିଦୀର୍ଣ୍ଣ; ଝର ଝର ହୋଇ ରକ୍ତ ଝରି ପଡୁଛି । ତଥାପି ବିରାମ ନାହିଁ । ଏ କାଳୀ ଝିଅଟାକୁ ଯେ ଧରିବାକୁ ହେବ, ଯାହାର ରୂପରେ ଦିବ୍ୟଦ୍ୟୁତି, ଗଳାରେ ରୁଦ୍ରାକ୍ଷର ହାର, କପାଳରେ ଉଜ୍ଜ୍ୱଳ ସିନ୍ଦୂରବିନ୍ଦୁ, ପୃଷ୍ଠଦେଶରେ ପିଙ୍ଗଳବର୍ଣ୍ଣ ଜଟା, ଅଙ୍ଗରେ ଗୈରିକ ବସନ ଓ ମୁଖରେ ଦୁଷ୍ଟାମିର ହସ ।

ଏହି ଧରିଲି କହି ଛୁଟିଯାଏ ପାଗଳା ଊର୍ଦ୍ଧ୍ୱଶ୍ୱାସରେ । ଏକେ ତ ଗାଢ ଅନ୍ଧକାର, ତା' ସାଙ୍ଗକୁ କଣ୍ଟକାକୀର୍ଣ୍ଣ ଘଞ୍ଚ ଜଙ୍ଗଲ । ଦୁର୍ବଳଦେହ ନେଇ ଅନେକ କ୍ଷଣ ଧରି ଦଉଡ଼ି ଦଉଡ଼ି ଅବଶେଷରେ ନିପତିତ ହୁଏ ଏକ ଗଭୀର ଗର୍ତ୍ତ ମଧ୍ୟରେ । ହାତ, ଗୋଡରେ ଭୀଷଣ ଆଘାତ ଲାଗିଛି । ସେଥିପାଇଁ କିନ୍ତୁ ଦୁଃଖନାହିଁ– ଦୁଃଖ ଏଇଥିପାଇଁ ଯେ ଲୀଳାମୟୀକୁ ଧରି ପାରିଲନି !

ଦୁଃଖ କଷ୍ଟ ତ ସର୍ବଦା ଲାଗି ରହିଛି– ଏଥିପାଇଁ ହତାଶ ହେଲେ ଚଳିବ କିପରି ? ଭୟପାଇ ଯେ ପଳେଇଯାଏ ସିଏ ଭୀରୁ ସିନା ! ଏଛାଡି

ମଧ୍ୟରୁ ହିଁ ଚିରନ୍ତନ ସୁଖକୁ ଖୋଜି ବାହାର କରିବାକୁ ହେବ-ଦୁଧରୁ ନବନୀତ କାଢିଲାପରି । ଗରଳରୁ ଅମୃତ, ଅନ୍ଧାରରୁ ଆଲୋକ ଓ ଧ୍ୱଂସରୁ ସୃଷ୍ଟି—ଏହାହିଁ ତ ଚିରନ୍ତନ ପ୍ରଥା । ତେବେ ଦରକାର ଗଭୀର ଅଧ୍ୟବସାୟ, ଚିତ୍ତର ଏକାଗ୍ରତା, ମହାନୁଭବତା, ଗଭୀର ବିଶ୍ୱାସ ଓ ପ୍ରଗାଢ ଭକ୍ତି ।

ନିଜର ସମସ୍ତ ଶକ୍ତି ଖଟେଇ ଗର୍ତ୍ତ ମଧ୍ୟରୁ ଉଠି ପୁଣି ଖୋଜିବାକୁ ଆରମ୍ଭ କରିଦିଏ କ୍ଷେପା । କିନ୍ତୁ ଏ କ'ଣ ଆଉ ଯେ ପଥ ନାହିଁ । ଘେରିଆଡେ ଶକ୍ତ କଣ୍ଟାବାଡ— ଏ ଯେପରି ମୁକ୍ତକେଶୀର ମାୟାଜାଲ । ତାହେଲେ ଉପାୟ ?

ଏଥର ଆଉ ସମ୍ଭାଳି ପାରେନି କ୍ଷେପା । ଅଭିମାନରେ ରୁଦ୍ଧହୋଇ-ଆସେ କଣ୍ଠ । ତଳେ ପଡ଼ି ହାତ ଗୋଡ ଛାଟି ଭେ, ଭେ ରଡ଼ିଛାଡ଼ି କାନ୍ଦି ଉଠେ ମା-ମା ଡାକି ।

ବାସ୍ତବିକ୍-ମା' ନିଜେ ଧରା ନଦେଲେ ତାକୁ ଧରିବାକୁ ସାଧ୍ୟ କାହାର ? ନା-ନା-ସେ ଆଉ ଦଉଡ଼ିବନି ମା'କୁ ଧରିବାକୁ—ଏଇଠି ପଡ଼ି ଡାକ ପକାଇବ— ଦେଖିବ ମା' ଆସୁଛି କି ନାହିଁ ?

ମା' ପାଖକୁ ଯିବାକୁ ସନ୍ତାନ ଯେତେବେଳେ ହାତଗୋଡ ଛାଟି ବିକଳରେ କାନ୍ଦେ—ସେତେବେଳେ କ'ଣ ମା' ନଆସି ରହିପାରେ ? ନିମିଷକେ ଛୁଟି ଆସିଲେ ସ୍ନେହମୟୀ ଜନନୀ, ପଣତକାନିରେ ପୋଛିଦେଲେ ପାଗଳାର ଅଶ୍ରୁ । "କାନ୍ଦୁଛୁ କାହିଁକି ବାବା ! ଏଇତ ମୁଁ ତୋ ପାଖରେ ।"

କ୍ଷେପାର ଅଶ୍ରୁ କିନ୍ତୁ ଆଜି କୌଣସି ବାରଣ ମାନିବାକୁ ରାଜି ନୁହେଁ । ଖାଲି ଅଶ୍ରୁ ଆଉ ଅଶ୍ରୁ । ମା'ର ଚରଣ ଦୁଇଟି ଜାବୁଡ଼ିଧରି ନୀରବରେ କରି ଚାଲିଛି ଅଶ୍ରୁତର୍ପଣ— ଧୋଇ ହୋଇଗଲା ସକଳ ମାନ-ଅଭିମାନ— ସେ ଆଉ ତା'ର ସ୍ନେହମୟୀ ଜନନୀକୁ କେବେହେଲେ ଛାଡ଼ିବନି ।

"ଭରି କଷ୍ଟ ହୋଇଛି ନାରେ ବାବା, ଆହା ! କହି ଆଦରର ଧନକୁ ଆଦରରେ ଟେକି ନେଲେ କରୁଣାମୟୀ ତାଙ୍କର କରୁଣାର କୋଳକୁ । ମହାଶ୍ମଶାନରେ ମା'ପୁଅ କାଟିଲେ ସୁଖର ନିଶି ଖେଳ, କଉତୁକ ମଧ୍ୟରେ । ପାହାନ୍ତାର ମୃଦୁମନ୍ଦ ସମୀରଣରେ ଘୁମେଇ ପଡ଼ିଲା ପାଗଳା ପୁଅ ଅବ୍ୟକ୍ତ ଶାନ୍ତିରେ ଶାନ୍ତିମୟୀଙ୍କର ପ୍ରଶାନ୍ତି କୋଳରେ ।

ବାସ୍ତବିକ୍-ଶାନ୍ତି ପାଇବାର ଉପାୟ ହିଁ ଭକ୍ତି । ଭକ୍ତି ଡୋରିରେ ହିଁ ବନ୍ଧା ଭକ୍ତିମତୀ, କର୍ମରୁ ଜ୍ଞାନ, ଜ୍ଞାନରୁ ଭକ୍ତି ଓ ଭକ୍ତିରୁ ହିଁ ପ୍ରେମର ଉପତ୍ତି । ଏହି ପ୍ରେମହିଁ ଜୀବର କାମ୍ୟ । ପ୍ରେମ କିନ୍ତୁ ବସ୍ତୁରେ ନାହିଁ, ଅଛି ଗୁଣରେ । ଚିଦ୍‌ଘନ ପ୍ରେମାସ୍ପଦଙ୍କୁ ଲାଭ କରିବାର ଐକାନ୍ତିକତାର ଅନ୍ୟ ନାମ ହିଁ ପ୍ରେମ । ପୁଅ ପାଇଁ ମା'ର କେତେ ମମତା, କେତେ ସ୍ନେହ, କେତେ ପ୍ରେମ ! ହାତ-ଗୋଡ଼ ଛାଟି ଟିକିଏ କାନ୍ଦିଲେ ହିଁ ମା' ତତ୍‌କ୍ଷଣାତ୍ ଛୁଟିଆସି ସନ୍ତାନକୁ ଟେକିନିଏ କୋଳକୁ । କିନ୍ତୁ କାନ୍ଦିବା ପରି କାନ୍ଦିବାକୁ ହବ । ମା'କୁ ପାଇବାର ଏକମାତ୍ର ସହଜ ଓ ସରଳ ଉପାୟ ହିଁ ଅଶ୍ରୁତର୍ପଣ । ଏ ସୃଷ୍ଟିର ପ୍ରତିଟି ଅଣୁ, ପରମାଣୁକୁ ଯେଉଁ ଚିରନ୍ତନ ପ୍ରେମ ଓ ଭଲ ପାଇବା ଧରି ରଖିଛି—ସେ ସବୁ ସେହି ଅନନ୍ତ ପ୍ରେମର ଭଣ୍ଡାର ସ୍ନେହମୟୀ ମା'ର ଅଫୁରନ୍ତ ଦାନ ନୁହେଁ ତ ଆଉ କ'ଣ ?

*

ଚଉଦ

ସେଦିନ ଶିମୁଳୀ ବୃକ୍ଷତଳେ ଭକ୍ତଗଣ ପରିବେଷ୍ଟିତ ହୋଇ ଉପବେଶନ କରିଥାନ୍ତି ଆମ୍ଭୋଳା ସାଧକ । ସହସା କେଉଁ ଦିଗରୁ ଛୁଟି ଆସି ବାବାଙ୍କ ପାଦତଳେ ଗଛ କାଟିଲପରି ପଡ଼ିଲା ଜଣେ ଆର୍ତ୍ତ ଭକ୍ତ;ନାମ ଦିଗମ୍ବର । ଅଭୟ ପାଦ ଦୁଇଟି ଜାବୁଡ଼ିଧରି କାତର ସ୍ୱରରେ ପ୍ରାର୍ଥନା ଜଣାଇଲା– "ମୋତେ ବଞ୍ଚାଅ ବାବା !"

"ଏତ ବଡ଼ ମଜାର କଥା ! ତୁ ଶଳା ପାପ କରିବୁ, ଆଉ ତା'ର ଫଳ ଭୋଗ କରିବି ମୁଁ ? ଆରେ ବେଧୁଆ ଶଳା, ମୋତେ ଛାଡ଼ି ବରଂ ଏହି ମନ୍ଦିରକୁ ଯାଇ ଶିଳାମୟୀ ମା'କୁ ଡାକ, ତା' ପାଖରେ କାନ୍ଦ । ମୁଁ କ'ଣ ଓଝା ହୋଇଛି ଯେ ତୋତେ ସାପବିଷରୁ ବଞ୍ଚେଇବି ?"

ଦିଗମ୍ବର କିନ୍ତୁ ନଛୋଡବନ୍ଧା । ବାବାର ପାଦ ଦୁଇଟିକୁ ଆହୁରି ଜୋରରେ ଜାବୁଡ଼ି ଧରି ଚକ୍ଷୁଜଳରେ ଧୌତ କରିବାକୁ ଲାଗିଲା– "ତମଛଡ଼ା ମୋତେ ଆଉ କିଏ ବଞ୍ଚେଇବ ବାବା, ତମେ ଯେ ସାକ୍ଷାତ ନୀଳକଣ୍ଠ !"

ଦୂର ଦିଗ୍‌ବଳୟତଳେ ସୂର୍ଯ୍ୟ ନଇଁ ଆସିଲେ । ମହାଶ୍ମଶାନକୁ ଘୋର ତମସାଛନ୍ନ କରି ଘୋଟି ଆସିଲା ସନ୍ଧ୍ୟା । ତାରମା' ମନ୍ଦିରରେ ବାଜି ଉଠିଲା ସନ୍ଧ୍ୟାରତିର ଘଣ୍ଟା । ସମାଗତ ଭକ୍ତମାନେ ସନ୍ଧ୍ୟା ଆହ୍ନିକ କରିବାକୁ ଜଣେ ଜଣେ ଉଠିଲେ । ଦିଗମ୍ବରର କିନ୍ତୁ କୁଆଡକୁ ନଜର ନାହିଁ । ମନ,ପ୍ରାଣ ଢାଳି ଆଖିଜଳରେ ଭସାଇ ଚାଲିଛି ଶ୍ରୀରଙ୍ଗା ଚରଣ ଦୁଇଟି । ଏଥର ଆଉ ସମ୍ଭାଳି ପାରିଲେନି ଭୋଳାନାଥ– "କହରେ ଶଳା, କ'ଣ ହୋଇଛି ତୋର ?"

ଠିକ୍ ଏକ ସପ୍ତାହ ପୂର୍ବେ, ଜଣେ ସନ୍ନ୍ୟାସୀ ମୋତେ ଦର୍ଶନ ଦେଇ କହିଲେ– "ବତ୍ସ ! ତୋର କାଳ ପୂର୍ଣ୍ଣ ହୋଇ ଆସୁଛି । ପୂର୍ବ ଜନ୍ମର ପାପ ଫଳରେ ଆଜିଠାରୁ ଠିକ୍ ସାତଦିନ ଦିନ ଗତିରେ କାଳସର୍ପ ଦଂଶନରେ ତୋର ମୃତ୍ୟୁ ଅନିବାର୍ଯ୍ୟ ।" ଏହା ଶୁଣି ମୁଁ ବହୁତ ଅନୁନୟ, ବିନୟ ହୋଇ ନିଶ୍ଚିତ ମୃତ୍ୟୁ ମୁଖରୁ ରକ୍ଷା କରିବାକୁ କାତର ପ୍ରାର୍ଥନା କରନ୍ତେ ଦୟାଳୁ ମହାତ୍ମା କହିଲେ–"ଆରେ ବାବା କାଳସର୍ପର ବିଷ କବଳରୁ ରକ୍ଷା କରିବାର କ୍ଷମତା ମୋର ନାହିଁ; ତେବେ ଏଥିରୁ ରକ୍ଷା କରିବାର କ୍ଷମତା କେବଳ ଜଣଙ୍କର ଅଛି; ସେ ହେଉଛନ୍ତି 'ତାରପୀଠ'ର ସାକ୍ଷାତ୍ ଭୈରବ–ବାମାକ୍ଷେପା । ପାରିବୁ ତ ତାଙ୍କରି କୃପା ପ୍ରାର୍ଥନା କର ।" ଗଦ୍‌ଗଦ୍ କଣ୍ଠରେ ବାବାଙ୍କ ନିକଟରେ ସମସ୍ତ ବୃତ୍ତାନ୍ତ ପ୍ରକାଶ କଲା ଦିଗମ୍ବର । ମୁଚକି ହସି, ମନକୁ ମନ କହି ଉଠିଲେ ମହାଭୈରବ–"ଆଚ୍ଛା ! ବେଟାର ତ ଆସ୍ତଭବେ ଗୁପ୍ତଲୀଳା !"

ଗର୍ତ୍ତି ବଢିବା ସଙ୍ଗେ ସଙ୍ଗେ କ୍ରମଶଃ ବିଚଳିତ ହୋଇ ଉଠିଲା ଦିଗମ୍ବର । ନିକଟରେ ବସି ଦିଗମ୍ବରର ବୃଦ୍ଧା ଜନନୀ ମଧ୍ୟ କଇଁ କଇଁ ହୋଇ କାନ୍ଦୁଥାନ୍ତି ।

ଆଉ ସମ୍ଭାଳି ନ ପାରି କହି ଉଠିଲା ଦିଗମ୍ବର–"ଆଜି, ସେହି କାଳ ଗର୍ତ୍ତି ବାବା, ମୋର ନିଦାନ ସମୟ ଉପସ୍ଥିତ ପ୍ରାୟ ! ଦୟାକରି ମୋତେ ଏଥରକ ବଞ୍ଚେଇ ଦିଅ ବାବା ।"

–ଜାଣେରେ ଶଳା ଜାଣେ । ଆଉ ମରିବାକୁ ଏଠି ବସି ରହିଲୁ କାହିଁକି ? ଟିକିଏ ପରେ ତ କାଳସାପ ତୋତେ ଗିଳିବାକୁ ଆସିବ । ଶୀଘ୍ର ଯାଇ ଦ୍ୱାରକା ନଦୀରେ ସ୍ନାନ କରି ଆ ।

ଆଉ ବୃଦ୍ଧାକୁ ଲକ୍ଷ୍ୟକରି କହିଲେ–"ଆରେ ବେଟୀ, ତୁ ସେଠି ବସି ମଡ଼ା କାନ୍ଦଣା କାନ୍ଦିଲେ କ'ଣ ହେବ ? ବରଂ ଶୀଘ୍ର ଯାଇ ତାରା ମା' ମନ୍ଦିରରେ ଅଧିଆ ପଡ଼ି ବେଟାର ପ୍ରାଣ ଭିକ୍ଷା କର ।"

ବାବାଙ୍କ ଆଦେଶ ଅନୁସାରେ ପୁତ୍ର ଦ୍ୱାରକା ନଦୀକୁ ଓ ମାତା ତାରମା' ମନ୍ଦିରକୁ ଗ୍ଭଲିଲେ । ପାଖରେ ଶୋଇଥିବା କାଳୁ କୁକୁର ପିଠିରେ ସ୍ନେହର ହାତ ବୁଲଉ, ବୁଲଉ ବାବା ମନକୁ ମନ କହି ଉଠିଲେ–"ବେଟୀର ଲୀଳା ବୁଝିବା କଠିନ୍ । ଯେତେ ଭବୁଛି ଆତ୍ମଗୋପନକରି ଟିକେ ନିଶ୍ଚିନ୍ତରେ ରହିବି, ବେଟୀ କିନ୍ତୁ କରଉଛି ଠିକ୍ ଓଲ୍‌ଟା ।"

ମୁମୂର୍ଷୁ ଦିଗମ୍ବର ଶୁଚି ସ୍ନାନ କରି ଫେରି ଆସିବା ପରେ ବାବା ତାକୁ ନେଇ ପଞ୍ଚମୁଣ୍ଡି ଆସନରେ ବସେଇ ଦେଲେ । ତା'ର ଗ୍ଭରିପଟେ ମଣ୍ଡଳାକାର ଗାର କାଟି ଦେଇ କହିଲେ–"ପ୍ରାଣଭରି 'ଜୟତାର' ନାମ କର, ଏ ଗାର ଡେଇଁ ଯିବୁନି । ଗାର ଡେ଼ଇଁଲେ କିନ୍ତୁ ଶଳା ଚିତ୍‌ପଟାଙ୍ଗ୍ । ଭୟ ନାହିଁ, ମୁଁ ତୋର ପାଖେ ପାଖେ ଅଛି ।"

ଦିଗମ୍ବରକୁ ଅଭୟ ଦେଇ 'ଜୟତାର' ନାଦ କରି ବାବା ଗଭୀର ଅରଣ୍ୟ ମଧ୍ୟରେ ପ୍ରବେଶ କଲେ ।

ରାତ୍ରି ବୃଦ୍ଧି ସଙ୍ଗେ ସଙ୍ଗେ ବୀଭତ୍ସ ମହାଶ୍ମଶାନ ଆହୁରି ଭୟଙ୍କର ହୋଇ ଉଠିଲା । ବଡ ବଡ ସାହାଡା ଓ ବଣ ଜାମୁ ଗଛଗୁଡ଼ିକ ଗୋଟିଏ ଗୋଟିଏ ଦୈତ୍ୟ ପରି ଦେଖା ଯିବାକୁ ଲଗିଲେ । ଗ୍ଭରିଆଡେ଼ ବିକ୍ଷିପ୍ତ ନର କଙ୍କାଳ, ଶ୍ୱାନ ଶିବାଙ୍କର ଆନନ୍ଦୋତ୍ସବ, ଶକୁନିର କ୍ରନ୍ଦନ, ବାୟୁଗ୍ଭଳିତ ବୃକ୍ଷରାଜିଙ୍କର ଗାଁ, ଗାଁ, ସାଁ, ସାଁ, ଖଟ୍, ଖଟ୍, ଫଟ୍, ଫଟ୍ ଶବ୍ଦ ଯେଉଁ ଜଟିଳ ପରିସ୍ଥିତି ସୃଷ୍ଟି କଲା ସେଥିରେ ଖୁବ୍ ଡରିଗଲା ଦିଗମ୍ବର । କିନ୍ତୁ ମଝିରେ ମଝିରେ ଅଦୂରସ୍ଥ ବାମଦେବଙ୍କ 'ଜୟତାର' ଧ୍ୱନୀ ଅକୂଳରେ କୂଳପାଇଲା ପରି ବୁକୁରେ ଆଣୁଥାଏ ବଳ ।

ଭୟ ଯେତେ ବଢୁଥାଏ, ଦିଗମ୍ବର ସେତେ ଜୋରରେ ମା'ର ନାମ କରିବାକୁ ଲଗିଥାଏ । କ୍ରମଶଃ 'ତାର' ନାମ ମୃଦୁ ହୋଇ ଆସିଲା; ଏଥର ଆରମ୍ଭ ହେଲା ଶ୍ମଶାନର ବିଭୂତି । ଶ୍ୱାନ, ଶିବା, ସାରମେୟଙ୍କ ଦଳ ସହସା

ଯେମିତି କୁଆଡ଼େ ଲୁଚିଗଲେ । ପବନ ବନ୍ଦ ହୋଇଗଲା । ସମଗ୍ର ମହାଶ୍ମଶାନ ବର୍ତ୍ତମାନ ନୀରବ, ନିସ୍ତବ୍ଧ । ଶ୍ମଶାନର ଏହି ଅବସ୍ଥା କିନ୍ତୁ ଅତିଶୟ ଭୀତିଜନକ ଓ ରୋମାଞ୍ଚକର । ଯେତେବଡ଼ ସାହସୀ ପୁରୁଷ ହେଲେ ମଧ୍ୟ ଏହି ଅବସ୍ଥାରେ ତା'ର ସମସ୍ତ ଦମ୍ଭ ଭାଙ୍ଗି ଚୁର୍‌ମାର୍ ହୋଇଯାଏ । ମନ ହୁଏ ବିହ୍ୱଳ;ପ୍ରାଣ କଣ୍ଠାଗତ,ଜିହ୍ୱା ଶୁଷ୍କ ନୀରସ ।

ଠିକ୍ ଏତିକିବେଳେ ଦୂରରୁ ଭାସି ଆସିଲା ଫଣିର ସିଁ, ସିଁ ଗର୍ଜନ । ଚମକି ଉଠିଲା ଦିଗମ୍ବର । 'ଜୟତାରା' ବୋଲି ଚିତ୍କାର କରି ଉଠିଲା—କିନ୍ତୁ ସେ ଚିତ୍କାର ବାହାରକୁ ପ୍ରକାଶ ପାଇନପାରି ମିଳେଇଗଲା ଭୟାର୍ତ୍ତ କଣ୍ଠରେ । କାଳସର୍ପର ଗର୍ଜନ ଯେତେ ନିକଟରୁ ନିକଟତର ହେଲା, ଭୟରେ ଦିଗମ୍ବରର ଚୈତନ୍ୟ ସେତିକି ଲୋପ ପାଇବାକୁ ବସିଲା । ଅବିଳମ୍ବେ ସେ ହେଲା ସମ୍ପୂର୍ଣ୍ଣ ଅଚେତନ । ଏଣେ ବିରାଟ ଏକ କାଳସର୍ପ ମାଡ଼ିଆସିଲା ଗଣ୍ଡୀ ପାଖକୁ, ଫଣା ବିସ୍ତାର କରି ଘୁରିବୁଲିଲା ଗଣ୍ଡିର ଚତୁର୍ଦ୍ଦିଗେ । ଅନେକକ୍ଷଣଧରି ସୁଯୋଗ ଖୋଜିଲା ମଣ୍ଡଳୀ ଭିତରେ ପ୍ରବେଶ କରିବାକୁ; କିନ୍ତୁ ସମସ୍ତ ଚେଷ୍ଟା ତା'ର ବିଫଳହେଲା । ଭୀଷଣ ଗର୍ଜନ କରି ଗଣ୍ଡୀ ବାହାରେ ଭୂମିରେ ଦଂଶନ କରି ଫୁତ୍‌କାରରେ ବିଷୋଦ୍‌ଗାର କରି କରି ବିଫଳ ମନୋରଥ ହୋଇ ପ୍ରତ୍ୟାବର୍ତ୍ତନ କଲା ।

ପ୍ରଭାତର ଶୀତଳ ସମୀରଣ ସ୍ପର୍ଶରେ ଚୈତନ୍ୟ ଫେରି ଆସିଲା ଦିଗମ୍ବରର । ନିଜ ଆଖିକୁ ବିଶ୍ୱାସ କରି ପାରିଲାନି ସେ । ମଣ୍ଡଳୀ ବାହାରେ କାଳକୂଟ ବିଷ ଓ ସର୍ପର କାତି ପଡ଼ିଥିବାର ଦେଖି ଦିବାଲୋକରେ ବି ଭୟରେ ଥରି ଉଠିଲା ସର୍ବାଙ୍ଗ । ଆସନ ଛାଡ଼ି ଯିବାକୁ ସାହସ ହେଲାନି । ବାବାଙ୍କ ଭକ୍ତମାନେ ତାକୁ ଧରିନେଇ, ଜୀବନ୍ତକୁଣ୍ଡରେ ସ୍ନାନ କରାଇ, ତାରା ମା'ର ଚରଣାମୃତ ଓ ପ୍ରସାଦ ଖାଇବାକୁ ଦେଇ ସୁସ୍ଥ କରାଇଲେ ।

କିନ୍ତୁ ବାବା କାହାନ୍ତି ? ତାଙ୍କର ଅବସ୍ଥା କ'ଣ ?

ଭକ୍ତମାନେ ଛୁଟିଗଲେ ଶ୍ମଶାନ ଅଭ୍ୟନ୍ତରକୁ ବାବାଙ୍କୁ ଖୋଜିବାକୁ—

ଆରକ୍ତିମ ଚକ୍ଷୁଦ୍ୱୟ ଅର୍ଦ୍ଧ ନିମିଳିତ, ଅବୟବ ଧୀର, ସ୍ଥିର, ନିଷ୍ପନ୍ଦ, ନିସ୍ପନ୍ଦ, ସର୍ବାଙ୍ଗ ନୀଳବର୍ଣ୍ଣ–ସତେ ଯେମିତି ନୀଳକଣ୍ଠ ସମାସୀନ । କାଳ ସର୍ପର ଉଗ୍ର କାଳକୂଟ ଗ୍ରହଣ କରିଛନ୍ତି ନିଜେ ସଦାଶିବ । ସେଥର ସାଗ ଦିନ ଓ ରାତି ବାବା ଆସନ ତ୍ୟାଗ କରି ଉଠି ନାହାନ୍ତି । ପରଦିନ ପ୍ରଭାତରେ ଜୀବନ୍ତ କୁଣ୍ଡ ଜଳରେ ଅବଗାହନ କରିବା ପରେ ହିଁ ଫେରି ଆସିଲା ସ୍ୱାଭାବିକ ଅବସ୍ଥା । ଦିଗମ୍ବର କିନ୍ତୁ ଭୈରବଙ୍କ ଅପାର କରୁଣାରୁ ପୁନର୍ଜୀବନ ଲାଭ କରି ଫେରିଗଲା ନିଜର କର୍ମସ୍ଥଳୀକୁ ।

❊

ପନ୍ଦର

ଶ୍ମଶାନର ମର୍ମସ୍ଥଳରେ କୁକୁରଗୁଡ଼ିଙ୍କ ଦ୍ଵାରା ପରିବେଷ୍ଟିତ ହୋଇ ଭବଭେଳା କ୍ଷେପାଠାକୁର ଉପବେଶନ କରିଥାନ୍ତି; ଏହି ସମୟରେ କେତେଜଣ ଭକ୍ତ ଗୋଟିଏ ରୋଗୀକୁ ଖଟିଆରେ ବହନ କରି ଆଣି ପାଦତଳେ ଶୁଆଇଦେଲେ । ଖଟିଆରେ ରୋଗୀଟିକୁ ଦେଖି ବାବା ଜିଜ୍ଞାସା କଲେ– "କିରେ ଶଳେ ମଡ଼ା ନେଇ ଆସିଲ ? ବେଶ୍ ବେଶ୍, ଏ ଶଳା ଅନେକ ପାପ କରିଛି, ଆଚ୍ଛାକରି କେଞ୍ଚା କେଞ୍ଚି କରି ପୋଡେଇଦିଅ । ଆରେ, ଏ ଶଳା ତ କ'ଣ ଡଳ-ଡବ କରି ଅନେଇଛି, ଯାକୁ ଜିଅନ୍ତା ପୋଡ଼ିବ ନା' କ'ଣ ?"

ବାବାଙ୍କ କଥାଶୁଣି ଜଣେ ଭକ୍ତ ବିନୀତ ଭବରେ ଜଣାଇଲା– "ବାବା, ଏ ଲୋକଟି ମୋର ନିକଟ ଆତ୍ମୀୟ, ଅନେକ ଦିନ ଧରି ଯକ୍ଷ୍ମାରୋଗରେ ପୀଡ଼ିତ । ଯେତେ ପ୍ରକାର ଡାକ୍ତର, ବୈଦ୍ୟ, ଠୁଣୁକା, ଠୁଣୁକି କରି ମଧ୍ୟ କିଛି ଫଳ ହୋଇନି । ବିଧବା ମା'ର ଏକମାତ୍ର ସନ୍ତାନ । ଯେକୌଣସି ମତେ ଆପଣଙ୍କୁ ବଂଶ ରକ୍ଷା କରିବାକୁହେବ ।"

କିରେ ଶଳା, ତୋର ଆଶାତ କମ୍ ନୁହେଁ ? ମୁଁ କ'ଣ ଡାକ୍ତର ନା ବୈଦ୍ୟ ଯେ ରୋଗ ଭଲ କରିବି । ମୁଁ ତ ବାବା ଜଣେ ସାଧାରଣ ମଣିଷ । ମୋ ଦ୍ଵାରା କ'ଣ ହବ ଯେ ମୋ ପାଖକୁ ଆସିଛ ? ବରଂ ତାରା ମା' ପାଖରେ ଯାଇ ଜଣାଅ, ସେ ଚାହିଁଲେ ସବୁ ହେବ ।" ଭକ୍ତମାନେ ବହୁତ କୁହାକୁହି କରିବାରୁ ବିରକ୍ତ ହୋଇ ପୁଣି କହିଲେ–

–"ଆରେ ଏ ଶଳାତ ଅନେକ ପାପ କରିଛି, ଯେତେବେଳେ ଶ୍ମଶାନକୁ ଧରି ଆସିଛ ଭଲକରି କେଞ୍ଚା କେଞ୍ଚି କରି ପୋଡ଼ିଦେଇ ଯାଅ; ତାହେଲେ ବରଂ ରୋଗ ଓ ରୋଗୀ ଉଭୟେ ଏକସଙ୍ଗେ ଆରୋଗ୍ୟ ହୋଇଯିବେ ।"

ଭକ୍ତମାନେ କିନ୍ତୁ ନଛୋଡବନ୍ଧା, ବାବା ଯେତେ ଯେତେ ଦୂର୍-ଦୂର୍, ମାର୍-ମାର୍ କଲେ ମଧ୍ୟ ସେମାନେ ରୋଗୀଟିକୁ ଭଲ କରିଦେବାକୁ ବାବାଙ୍କୁ ବହୁତ ପୀଡ଼ା-ପୀଡ଼ି କରି ବାଧ୍ୟ କରିବାକୁ ଲାଗିଲେ । ଏଥର ଭୈରବଙ୍କର ମେଜାଜ ଖୁବ୍ ଉଗ୍ର ହୋଇ ଉଠିଲା । ହଠାତ୍ ଖଟିଆ ପାଖକୁ ଉଠିଯାଇ ଖୁବ୍ ଜୋର୍‌ରେ ରୋଗୀର ଗଳା ଚିପିଧରି ଚିତ୍କାର କରି ଉଠିଲେ— "କହରେ ଶଳା ବେଧୁଆ ! ଆଉ କେବେ ପାପ କରିବୁ ?" ଭୈରବଙ୍କ ହାତର ଚାପରେ ରୋଗୀଟି ଝଲକାଏ ରକ୍ତ ବାନ୍ତି କରି ପକାଇଲା; ଓ ତା'ର ଆଖି ଦୁଇଟି କପାଳକୁ ଉଠିଗଲା । ସେ ମୃତପ୍ରାୟ ସଂଜ୍ଞାହୀନ ହୋଇ ପଡ଼ିରହିଲା । ରୋଗୀର ଏତାଦୃଶ ଅବସ୍ଥା ଦେଖି ଆତ୍ମୀୟ ସ୍ୱଜନମାନେ ଭେ, ଭେ କରି କାନ୍ଦି ଉଠିଲେ । ଅନ୍ୟାନ୍ୟ ଭକ୍ତମାନେ ପ୍ରମାଦ ଗଣିଲେ— ବାବା ହତ୍ୟାମକଦ୍ଦମାରେ ଜଡ଼ିତ ହୋଇ ପଡ଼ିବେନିତ ? କେତେଜଣ ସାହସବାନ୍ଧି ନିବର୍ତ୍ତାଇବା ଉଦ୍ଦେଶ୍ୟରେ ଭୈରବଙ୍କ ହାତ ଦୁଇଟି ଛଡ଼ାଇବାକୁ ଚେଷ୍ଟାକଲେ । କିନ୍ତୁ ସବୁ ବିଫଳ । ଭୈରବଙ୍କୁ ପୁଣି ତାଙ୍କ କାର୍ଯ୍ୟରୁ ନିବର୍ତ୍ତାଇବ—ଏପରି ଶକ୍ତି କାହାର ?

କିଛିକ୍ଷଣ ପରେ ଖଟିଆରୁ ରୋଗୀଟିକୁ ଠେଲି ତଳେ ଫୋପାଡ଼ିଦେଇ ମହାପୁରୁଷ କହି ଉଠିଲେ—"ଯା, ଶଳା ଏଥର ବଞ୍ଚିଗଲୁ !" ତା'ପରେ ନିଜ ଆସନକୁ ଫେରି ଆସି 'ତାରା, ତାରା' ନିନାଦକରି ନିମିଷକେ ଧ୍ୟାନମଗ୍ନ ହୋଇପଡ଼ିଲେ ।

ଏଆଡେ ଭକ୍ତମାନେ ରୋଗୀର ମୁହଁରେ ପାଣିର ଛିଟା ମାରି, ପଙ୍ଖା କରିବାକୁ ଲାଗିଲେ । କିଏବା 'ମୃତ କି ଜୀବିତ' ପରୀକ୍ଷା କରି ଦେଖିବାକୁ ଡାକ୍ତର, କବିରାଜ ସନ୍ଧାନରେ ବାହାରି ପଡ଼ିଲା । କିନ୍ତୁ ସମସ୍ତଙ୍କୁ ହତ-ଚକିତ କରି ପ୍ରାୟ ଅଧଘଣ୍ଟାଏ ପରେ ରୋଗୀଟି ଝାଡ଼ିଝୁଡ଼ି ହୋଇ ଉଠିବସିଲା । ଯିଏ ପ୍ରାୟ ୨, ୩ ମାସ ଧରି ବିଛଣାରୁ ଉଠି ପାରୁନଥିଲା, ସେ ନିଦରୁ ଉଠିଲା ପରି ସହାସ୍ୟ ବଦନରେ ଉଠିବସି ଖାଇବାକୁ ମାଗିଲା ।

ଧନ୍ୟ କୃପାମୟ ! ଧନ୍ୟ ତୁମ୍ଭର କୃପା ! !

ବାବାଙ୍କ ନିର୍ଦ୍ଦେଶରେ ତାକୁ ପେଟ ଭରି ତାରମା'ର ପ୍ରସାଦ ଖାଇବାକୁ ଦିଆଗଲା । ପ୍ରାୟ ଏକମାସକାଳ ତାରପୀଠରେ ଅବସ୍ଥାନ କଲାପରେ ସମ୍ପୂର୍ଣ୍ଣ ସୁସ୍ଥହୋଇ ଭୈରବଙ୍କ ଶ୍ରୀଚରଣ ତଳେ ପ୍ରଣାମ ଜଣାଇ ଘରର ପୁଅ ଘରକୁ ଫେରିଗଲା । ଏହି ଲୋକଟି ଦୀର୍ଘଦିନ ଧରି ଗୃହସଂସାର କରି ସ୍ୱାଭାବିକ ଭାବରେ ମୃତ୍ୟୁବରଣ କରିଥିବା ଜଣାଯାଏ ।

ଆତ୍ମଭୋଳା ସାଧକ ନିଜର ଇଚ୍ଛାଶକ୍ତି ବଳରେ ବହୁ ଦୁରାରୋଗ୍ୟ ବ୍ୟାଧି ନିରାମୟ କରିଥିବାର ଶୁଣାଯାଏ । ଏଥି ନିମନ୍ତେ କିନ୍ତୁ କେବେ କୌଣସି ମନ୍ତ୍ର, ତନ୍ତ୍ରର ବ୍ୟବହାର କରିବାର କିମ୍ବା ଭସ୍ମ, କବଚ କି ଔଷଧ ଦେବାର କେହି ଦେଖିନି । କେବଳ ତାରମା'ର ଚରଣାମୃତ, ଗାଳିଗୁଲଜ ବା ଶ୍ମଶାନର ମାଟି ହିଁ ଥିଲା ଯେ କୌଣସି ରୋଗର ନିଦାନ । ସହଜ, ସରଳ ବିଶ୍ୱାସ ଓ ନିଷ୍କପଟ ଭାବନେଇ ଯିଏ ଯେତେବେଳେ ଯେଉଁଥି ପାଇଁ ପରମକାରୁଣିକ ବାବାଙ୍କ ପାଖେ ହାତ ପତେଇଛି—ହସି ହସି ବାବା ତା'ର ଅଞ୍ଜଳି ଭରି ଦେଇଛନ୍ତି ।

"ଏ ଦୁଆରୁ ନିରାଶ ହୋଇ,
କେହି କେବେ ଫେରିବ ନାହିଁ ।।"

ଅନାଥର ନାଥ, ଦରିଦ୍ରର ବନ୍ଧୁ, କୃପାମୟ କ୍ଷେପାଠାକୁର ସେଦିନ ଜୀବନ୍ତ କୁଣ୍ଡ ଚଉତରା ଉପରେ ଏକାକୀ ବସି ଆତ୍ମଚିନ୍ତାରେ ବୁଡ଼ି ଯାଇଥାନ୍ତି । ସୁବର୍ଣ୍ଣ ସୁଯୋଗ ଦେଖି ବାମଦେବପୁର ନିବାସୀ ଶ୍ରୀବାସ ମଣ୍ଡଳ ଅତିକଷ୍ଟରେ ଘୁସୁରି ଘୁସୁରି ଆସି ବଙ୍କୁଲି ବାଡ଼ିଟି ଥୋଇ ବାବାଙ୍କ ଚରଣପ୍ରାନ୍ତରେ ବସି ପାଦଧୂଳି ଗ୍ରହଣ କଲେ । ଶ୍ମଶ୍ରୁଯୁକ୍ତ ରୋଗପାଣ୍ଡୁର ମୁଖମଣ୍ଡଳଟି ବିଷାଦ ଭରା । ମଧ୍ୟେ ମଧ୍ୟେ ଅସ୍ପଷ୍ଟ ଚିତ୍କାର ବାହାରି ଆସୁଥାଏ ଅନ୍ତର ଥରାଇ । ଆଜିକୁ ପ୍ରାୟ ଛଅମାସ ହେଲା ଦୁରନ୍ତ ଜ୍ୱର ଭୋଗି ଭୋଗି ସେ ଆଜି ମୁମୂର୍ଷୁ ପ୍ରାୟ । ଗରୀବ ପକ୍ଷରେ ଯେତେଦୂର ସମ୍ଭବ-ଡାକ୍ତର, ବୈଦ୍ୟ କରି କରି ଥକିଲେଣି । କିଛି ଲାଭ ହୋଇନି । ସେ ଯେ ଆଉ ବଞ୍ଚିବନି

ଏ ଧାରଣା ମନରେ ଏବେ ବଦ୍ଧମୂଳ ହୋଇ ଉଠିଛି । ତେଣୁ ଆଜି ବଡ କଷ୍ଟରେ ଘୁସୁରି ଘୁସୁରି ଏତେ ବାଟ ଆସିଛି, ଶେଷ ଆଶା– ଥରଟିଏ ତାରା ମା'ର ଦର୍ଶନ ଓ ବାବାଙ୍କର ପଦଧୂଳି ସେବନ ।

ଆଖି ଖୋଲି ଚାହିଁଲେ ମଙ୍ଗଳମୟ ! "ଆରେ ମଣ୍ଡଳବାବା ! ତମର ଏ ଦଶା କେମିତି ହେଲା ବାବା ?" ତା'ର ଅବସ୍ଥା ଦେଖି ପ୍ରଶ୍ନକଲେ ଜୀବଦୁଃଖରେ କାତର ସଦାଶିବ ।

–"ଆଉ ବଞ୍ଚିବିନି ବାବା ! ଅନେକ ଦିନ ହେଲା ରୋଗ ଭୋଗୁଛି । ତେଣୁ ବହୁତ ଆଶା ନେଇ ଆସିଛି; ଟିକିଏ ଚରଣଧୂଳି ଓ ପ୍ରସାଦ ଦିଅ ବାବା, ଯେମିତି ନିଶ୍ଚିନ୍ତରେ ମରିପାରେ,"–କାତର କଣ୍ଠରେ ସବିନମ୍ର ପ୍ରାର୍ଥନା ଜଣାଇଲା ଶ୍ରୀବାସ ମଣ୍ଡଳ ।

ଭକ୍ତର କାତର ମିନତି ଦେଖି ସମ୍ଭାଳି ପାରିଲେନି ଭକ୍ତବତ୍ସଳ ! ମଥା ଉପରେ କରୁଣାର ହାତ ବୁଲେଇ ଆଣି କହିଲେ,–"ଭୟନାହିଁ ମଣ୍ଡଳ ବାବା ! କରୁଣାମୟୀର କରୁଣାରୁ ତମେ ଖୁବ୍ ଶୀଘ୍ର ସୁସ୍ଥ ହୋଇ ଉଠିବ । ମନ୍ଦିରକୁ ଯାଇ ମା'ର ଚରଣାମୃତ ପାଇ–ନିଶ୍ଚିନ୍ତରେ ଘରକୁ ଫେରିଯାଅ । ଖାଲି ତାରା ନାମ କର ବାବା !" କହିବା ବାହୁଲ୍ୟ ବାକ୍‌ସିଦ୍ଧ ସାଧକଙ୍କ ଇଚ୍ଛାରୁ ଶ୍ରୀବାସ ଅଚିରେ ହିଁ ରୋଗମୁକ୍ତ ହୋଇ ଉଠିଲା । ଭବିଷ୍ୟତରେ କ୍ଷେପାବାବାଙ୍କ କଥା ପଡ଼ିଲେ ବୃଦ୍ଧ ଶ୍ରୀବାସ ମଣ୍ଡଳର ଚକ୍ଷୁଦ୍ୱୟ ଟଳମଳ କରିଉଠେ ଓ କଣ୍ଠ ବାକ୍‌ରୁଦ୍ଧ ହୋଇଯାଏ । ସେଇଥି ପାଇଁ ମହାପୁରୁଷମାନେ କହିଛନ୍ତି

"ଯାହାର ଯେମନ୍ତ ଭାବ,
ତାହାର ତେମନ୍ତ ଲାଭ ।"

ଶାନ୍ତିପୁର ନିବାସୀ ଜଣେ ସମ୍ଭ୍ରାନ୍ତ ଧନୀକଙ୍କ ଏକମାତ୍ର ସନ୍ତାନ ଯୌବନ କାଳରେ ହିଁ କ୍ଷୟରୋଗ କବଳରେ ପଡ଼ି ମୃତପ୍ରାୟ ହୋଇଯାଏ ।

ଦେଶ ମଧ୍ୟରେ ଯେତେ ଖ୍ୟାତନାମା ଡାକ୍ତର, ବୈଦ୍ୟ ସମସ୍ତଙ୍କର ସବୁ ଚେଷ୍ଟା ବିଫଳ ହେବାରୁ ପିତାମାତା, ଆତ୍ମୀୟ ସ୍ୱଜନ ସମସ୍ତ ଆଶା ଛାଡ଼ିଦେଇ ବସନ୍ତି । ଏତିକିବେଳେ କୌଣସି ଏକ ଭକ୍ତ ମୁଖରୁ କ୍ଷେପା ବାବାଙ୍କ ଅଲୌକିକ ବିଭୂତିର କଥାଶୁଣି ରୋଗମୁକ୍ତ ହେବା ଆଶାରେ ଭୈରବଙ୍କ ଶରଣାପନ୍ନ ହୁଅନ୍ତେ କୃପାସିନ୍ଧୁ କୃପା ପରବଶ ହୋଇ ରୋଗୀକୁ ପ୍ରତିଦିନ କାଲୁ କୁକୁରର ଲାଳ ସେବନ କରିବାକୁ ଆଦେଶ କରନ୍ତି । ପ୍ରାୟ ଏକମାସ ପର୍ଯ୍ୟନ୍ତ ତାରାପୀଠରେ ଅବସ୍ଥାନ କରି ନିୟମିତ 'କାଲୁ'ର ଲାଳସେବନ କରି ଏହି ଯୁବକଟି ଦୁରନ୍ତ ବ୍ୟାଧି କବଳରୁ ମୁକ୍ତହୋଇ ନୀରୋଗ ଦେହ ଓ ସୁସ୍ଥ ମନ ନେଇ ସଂସାରକୁ ଫେରିଯାଏ ।

ବରାହନଗର ନିବାସୀ ସ୍ୱର୍ଗତ ଲଳିତମୋହନ ବନ୍ଦୋପାଧ୍ୟାୟଙ୍କୁ ଯେତେବେଳେ ୧୨, ୧୩ ବର୍ଷ ବୟସ ସେତେବେଳେ ସେ 'ରାଜଯକ୍ଷ୍ମା' ରୋଗରେ ଆକ୍ରାନ୍ତ ହୋଇ ପଡ଼ନ୍ତି । କିନ୍ତୁ ଅକୂଳରେ କୂଳ ପାଇଲାପରି କି ଏକ ଅଜଣା ଆକର୍ଷଣରେ ସେ ଛୁଟି ଆସନ୍ତି ତାରାପୀଠ ଭୈରବଙ୍କ ପାଦତଳକୁ । ବାଳକର କରୁଣ ମିନତିରେ ତରଳିଯାଏ କରୁଣାମୟଙ୍କ ହୃଦୟ । ଶୁଣାଯାଏ ଏକ ସପ୍ତାହକାଳ କେବଳ ମାତ୍ର 'ଶ୍ମଶାନ ମାଟି' ସେବନ କରି ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇଥିଲେ ଲଳିତବାବୁ । ସେ ସୁସ୍ଥଦେହ ଓ ମନ ନେଇ ସଂସାରଧର୍ମ ପାଳନ ତଥା ସରକାରୀ ଚାକିରି କରି ୬୮ ବର୍ଷ ବୟସରେ ସ୍ୱାଭାବିକ ମୃତ୍ୟୁ ବରଣ କରିଥିଲେ । ଉତ୍ତର ଜୀବନରେ ଲଳିତମୋହନ ଥିଲେ କ୍ଷେପାବାବାଙ୍କର ଏକନିଷ୍ଠ ଗୃହୀଭକ୍ତ ।

ତାରାପୀଠର ସେବାୟତ ✓ ଯତୀନ୍ଦ୍ରନାଥ ପଣ୍ଡାଙ୍କ ଜ୍ୟେଷ୍ଠପୁତ୍ର କେବଳମାତ୍ର ସାତବର୍ଷ ବୟସରେ କଠିନ ରୋଗାକ୍ରାନ୍ତ ହୋଇପଡ଼େ । ପଣ୍ଡାମହାଶୟ ନିଜେ ହିଁ ଥିଲେ ଜଣେ ଉଚ୍ଚକୋଟୀର ବୈଦ୍ୟ । ନିଜର ଆପ୍ରାଣ ଚେଷ୍ଟା ତଥା ଅନ୍ୟାନ୍ୟ ସବୁ ଚିକିତ୍ସାରେ ବିଫଳ ମନୋରଥ ହୋଇ ପରିଶେଷରେ ଭୈରବଙ୍କ ଚରଣ ପ୍ରାନ୍ତରେ ଶିଶୁଟିକୁ ଶୁଆଇଦେଇ ଜୀବନଭିକ୍ଷା କରନ୍ତି । ବାବା ହସି, ହସି ଶିଶୁଟିକୁ କୋଳକୁ ଟୋକିନେଇ

ଆଦରରେ ଦେହ ମୁଣ୍ଡରେ ହାତ ବୁଲାଇ ଦିଅନ୍ତେ ନିମିଷକ ମଧ୍ୟରେ ରୋଗର ଉପଶମ ହୋଇଯାଏ । ଏହି ଶିଶୁଟି ଆଜି ବି ସୁସ୍ଥ ଦେହରେ ଜୀବିତ ।

ଲୀଳାମୟଙ୍କର ଏହିପରି କେତେ ଯେ ଲୀଳା,ଖେଳା ତା'ର ଖବର ରଖିବା ସାଧାରଣ ମାନବ ପକ୍ଷରେ ଅସମ୍ଭବ । ଭବମୟ ଠାକୁରଙ୍କର ଯେ କେତେ-ବେଳେ କେଉଁ ଭବ ତାହା ସମ୍ପୂର୍ଣ୍ଣଭାବେ ଧାରଣାତୀତ । କେତେବେଳେ ଛୋଟ ଗୋଟିଏ ଦୁଧଖିଆ ଶିଶୁପରି"ମା-ମା"ଡ଼ାକି ହାତଗୋଡ ଛାଟି କ୍ରନ୍ଦନରତ ତ କେତେବେଳେ ଭୈରବରୂପ ଧରି 'ଜୟତାରା' ନିନାଦରେ ଗଗନପବନ କମ୍ପମାନ କରି ତୋଳିଲେଣି । ଆଉ କେତେବେଳେ ବା ଉନ୍ମତ୍ତପ୍ରାୟ ତାରମା'ର ଚୌଦ୍ଦପୁରୁଷ ଉଦ୍ଧାର କରିବାକୁ ମଧ୍ୟ ପଶ୍ଚାଦ୍‌ପଦ ନୁହନ୍ତି । ଜାତି ବିଚାର ତ ଦୂରର କଥା; ହିଂସ୍ର ପଶୁ ପକ୍ଷୀଙ୍କଠାରେ ବି ଭେଦ ଜ୍ଞାନ ନାହିଁ । ଖାଦ୍ୟାଖାଦ୍ୟ, ପାତ୍ରାପାତ୍ର କି ରୁଚି ଅରୁଚିର ବାଛବିଚାର ନାହିଁ । ସମ୍ପୂର୍ଣ୍ଣ ନିର୍ବିକାର ପୁରୁଷ । କାରଣ ପାନ କିମ୍ବା ଗଂଜିକା ସେବନରେ ବାବାଙ୍କର ଭାରି ଆଗ୍ରହ; କୌଣସି ସୀମା ରହେନା । ଅଥଚ କେତେବେଳେ ହେଲେ କୌଣସି ଅସଂଯତ ଅବସ୍ଥା ବା ମାତଲାମୀର ଢଙ୍ଗ କାହାର ଦୃଷ୍ଟି ଗୋଚର ହୋଇନି ।

ସାଧାରଣ ଲୋକ ହୁଏତ ବାବାଙ୍କୁ ସାଧାରଣ ପାଗଳ ବା ମାତାଲ ମନେ କରିପାରେ; କିନ୍ତୁ ଦେହ, ମନ ଓ ପ୍ରାଣରେ ସେ ଥିଲେ ଅସଲ ପାଗଳ । ଯେଉଁ ଭାଗ୍ୟବାନମାନେ ତାଙ୍କ କୃପା ବାରିରେ ଅବଗାହନ କରିବାର ସୁଯୋଗ ପାଇଛନ୍ତି ସେମାନେ ମର୍ମେ, ମର୍ମେ ଅନୁଭବ କରିଛନ୍ତି ଏହି ଭୋଳାଠାକୁର ଥିଲେ ଏକାଧାରରେ ସହଜ, ସରଳ, ସତ୍ୟବାଦୀ, ଉଦାରଚେତା, ମହାନୁଭବ ଓ ସର୍ବୋପରି ପ୍ରେମ-କରୁଣାର ଜୀବନ୍ତ ବିଗ୍ରହ ।

ଏହି ନାଦସିଦ୍ଧ ପୁରୁଷଙ୍କ ଗୁରୁଗମ୍ଭୀର 'ଜୟତାରା' ନିନାଦରେ ବୀଭତ୍ସ ମହାଶ୍ମଶାନରେ ଖେଳିଯାଏ ସ୍ୱର୍ଗୀୟ ଆନନ୍ଦର ହିଲ୍ଲୋଳ;

ଶିକ୍ଷାମୟୀ ତାରିଣୀ ଦେବୀ ହୋଇଉଠନ୍ତି ହାସ୍ୟ, ଲସ୍ୟମୟୀ । ମା'ର ଜୀବନ୍ତ ବିଗ୍ରହ ଦର୍ଶନରେ ଧନ୍ୟହୁଏ କୋଟିଜନ-ନୟନ । କେହି, କେହି ଭାଗ୍ୟବାନ ଭକ୍ତ ବାବାଙ୍କ ଶରୀରରେ ନିଜ ନିଜର ଇଷ୍ଟ କାଳୀ, ତାରା, ରାଧା-କୃଷ୍ଣ ବା ସୀତା-ରାମଙ୍କୁ ଦର୍ଶନ କରି ମାୟାମୁକ୍ତ ହୋଇଥିବାର ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ । ବାଞ୍ଛା କଳ୍ପତରୁ ଠାକୁର ଭକ୍ତର ମନୋବାଞ୍ଛା ପୂରଣ କରିବାକୁ କେତେବେଳେ କେଉଁ ରୂପ ପରିଗ୍ରହ କରନ୍ତି ତାହା କେବଳ ତାଙ୍କୁଇ ଜଣା । ଏକ ଭାବରେ ସେ ଥିଲେ ଭଗବାନ ପରମ ପୁରୁଷ ଓ ଅନ୍ୟଭାବରେ ଭଗବତୀ ଦିବ୍ୟଜନନୀ ତାରିଣୀ । ସେଇଥିପାଇଁ ନା ଭକ୍ତ ତାଙ୍କୁ କେତେବେଳେ ଡ଼ାକେ ମା' ତ କେତେବେଳେ ବାବା ।

"ତ୍ୱ ମେବ ମାତା ଚ ପିତା ତ୍ୱମେବ ।"

ରୋହନ

ବାକ୍‌ସିଦ୍ଧ ପୁରୁଷ କ୍ଷେପାଠାକୁର । କୌଣସିମତେ ଥରଟିଏ ତାଙ୍କ ମୁଖରୁ କଥାଟି ଆଦାୟ କରି ପାରିଲେ, ଆଉ କୌଣସି ଚିନ୍ତା ନାହିଁ; ଯେତେ କଠିନ କାମ ହେଉନା କାହିଁକି ।

ନଗେନ ପଣ୍ଡା ତାରାପୀଠର ଜନୈକ ବିଶିଷ୍ଟ ସେବକ । ପଣ୍ଡା ମହାଶୟ ଅଧିକାଂଶ ସମୟ ବାବାଙ୍କ ସେବାରେ ହିଁ କଟାନ୍ତି । ବାବା ମଧ୍ୟ ତାଙ୍କୁ ଖୁବ୍ ଭଲ ପାଆନ୍ତି ଓ ଶ୍ରଦ୍ଧାରେ ଡାକନ୍ତି "ଲଗେନ କକା" ବୋଲି ।

ପଣ୍ଡାଙ୍କର ଜଣେ ପରିଚିତ ରୋଗୀ ବାବାଙ୍କ କୃପାପ୍ରାର୍ଥୀ । ରୋଗୀଟି ସ୍ଥାନୀୟ ଏକ ଜମିଦାର; ନାମ ପୂର୍ଣ୍ଣଚନ୍ଦ୍ର ସରକାର । ଅନେକ ଦିନ ଧରି ଯକ୍ଷ୍ମା ରୋଗରେ ଶଯ୍ୟାଶାୟୀ, ସମସ୍ତେ ଆଶା ଛାଡ଼ି ବସିଛନ୍ତି । କୌଣସିମତେ ବାକ୍‌ସିଦ୍ଧ ଭୈରବଙ୍କୁ ରୋଗୀର ପାଖକୁ ନେଇ "ରୋଗ ଭଲ ହୋଇ ଯାଇଛି" ବୋଲି କୁହାଇ ଦେବାକୁ ଆତ୍ମୀୟ ସ୍ୱଜନମାନେ ପଣ୍ଡା ମହାଶୟଙ୍କୁ ଧରି ବସିଲେ ।

ବାବାଙ୍କୁ ଖୁସୀ କରାଇବାକୁ ଆଛା-ଆଛା ବିଲାତି ମାଲ୍‌ର ବ୍ୟବସ୍ଥା ହେଲା । କାରଣ ସିଇ ଭୋଳାନାଥ ସନ୍ତୁଷ୍ଟ ହେଲାପରେ ନଗେନ ପଣ୍ଡା ବାବାଙ୍କୁ ସବୁକଥା ଖୋଲି କହିଲେ । ଦ୍ୱିରୁକ୍ତି ନକରି ପାଲିଙ୍କିରେ ଉଠିଲେ ମହାଭୈରବ । ସାଙ୍ଗରେ ଧାଡ଼ିବାନ୍ଧି ଚାଲିଲେ ଚେଲା-ଚାମୁଣ୍ଡା-କାଲୁ, ଭୁଲୁ, ଶ୍ୱେତଫୁଲି ଆଦି ଶ୍ୱାନଦଳ ।

ବାଟରେ ନଗେନ ପଣ୍ଡା ବାବାଙ୍କୁ କାନେ କାନେ ଶିଖାଇଲେ- "ବାବା, ତମକୁ ଆଉକିଛି କରିବାକୁ ହେବନି । ରୋଗୀ ପାଖରେ ପହଞ୍ଚି

ଖାଲି କହିବେ– ଏ, ଶଳା ! ତୋର କ'ଣ ହୋଇଛି, ଶୀଘ୍ର ଉଠିବସ, ତୋର ରୋଗ ଭଲ ହୋଇଯାଇଛି ।

–"ହଁ ଲଗେନ କକା; କ'ଣ କହିବାକୁ ହେବ ମୋତେ ମଝିରେ ମଝିରେ ଶିଖେଇ ଦେଉଥାଅ,କାଳେ ଭୁଲିଯିବି ।" ଛୋଟ ଗୋଟିଏ ଶିଶୁପରି ଉତ୍ତରଦେଲେ ବାମଦେବ ।

ପାଲିଙ୍କି ଯାଇ ଠିଆହେଲା ଜମିଦାରଙ୍କ ଦାଣ୍ଡରେ । ଘରିଆଡେ ଭିଡ ଜମେଇ ଠିଆ ହୋଇଛନ୍ତି ପଲ୍ଲିବାସୀ ମା',ଭଉଣୀ ଓ ପିଲାଛୁଆମାନେ– "ତାରପୀଠର ମହାଭୈରବ" କ୍ଷେପାବାବାଙ୍କୁ ଥରଟିଏ ଦର୍ଶନ କରିବା ନିମନ୍ତେ । ହସି ହସି ପାଲିଙ୍କିରୁ ଓହ୍ଲେଇଲେ ସଦାନନ୍ଦମୟ ଠାକୁର । ଓହ୍ଲେଇବା ଆଗରୁ ବି ଲଗେନ କକା ମନ୍ତ୍ରଟା ଆଉଥରେ ମନେ ପକେଇ ଦେଇଥାନ୍ତି ।

କିନ୍ତୁ ଏ କ'ଣ,ରୋଗୀର ଉପରେ ଆଖି ପଡ଼ିବା ମାତ୍ରେ ହିଁ ଭୈରବ କହି ଉଠିଲେ–"ଲଗେନ କକା, ଏ ମୋତେ କେଉଁଠିକି ନେଇ ଆସିଲ ? ଏ ଶଳାତ ସାଙ୍ଗେ ସାଙ୍ଗେ ଫଟ୍ ।" ଆଉକିଛି ନ କହି ପଛକୁ ବୁଲି ଏକମୁହାଁ ହୋଇଆସି ପାଲିଙ୍କିରେ ବସିଲେ ମହାସାଧକ–ପାଲିଙ୍କି ଗାଁ ମୁଣ୍ଡରେ ପହଞ୍ଚୁ ନ ପହୁଞ୍ଚୁଣୁ ଜମିଦାର ଘରୁ ଉଠିଲା କାନ୍ଦଣାର ରୋଳ । ସେହି ମୁହୂର୍ତ୍ତରେହିଁ ରୋଗୀଟି ଶେଷନିଶ୍ୱାସ ତ୍ୟାଗ କରିଛି ।

ଲଜ୍ଜ୍ୟା ଓ ଅଭିମାନରେ ନଗେନ ପଣ୍ଡାର ମୁହଁ ଲାଲ ପଡ଼ିଗଲା– "ଛି, ଛି, ଏ କ'ଣ କଲ ବାବା ! ଏପରିହେବ ବୋଲି ଜାଣିଥିଲେ ମୁଁ କେବେହେଲେ ତମକୁ ଏଠାକୁ ଆଣିନଥାନ୍ତି । କ'ଣ କହିବେ ଏମାନେ ? ମୋର ସେ ମାନ ମର୍ଯ୍ୟାଦା ସବୁ ମାଟିରେ ମିଶିଗଲା । କେମିତି ମୁହଁ ଦେଖାଇବି ଏମାନଙ୍କୁ ?"

ଲଗେନ କକାଙ୍କୁ ସାନ୍ତ୍ୱନା ଦେବା ଉଦ୍ଦେଶ୍ୟରେ କାତର କଣ୍ଠରେ ବାବା କହି ଉଠିଲେ– "ତମେ ରାଗ କରନା ଲଗେନ କକା । ବିଶ୍ୱାସ କର ବାବା ମୋର କୌଣସି ଦୋଷ ନାହିଁ । ମୁଁ ତ ତମେ ଶିଖାଇଥିବା କଥାହିଁ କହିବାକୁ ଯାଉଥିଲି । କିନ୍ତୁ ହଠାତ୍ ତାରାମା' ଆସି କାନରେ କହିଦେଇଗଲା–କ୍ଷେପା; ଏକଥା କହନା; ଫଟ୍‌ବୋଲି କହିଦେ । ମୋର ବା କ'ଣ ଗ୍ରଚ ବାବା, ମୁଁ ତ ସାମାନ୍ୟ ଜଣେ ମନୁଷ୍ୟ । ମା' ଯେତେବେଳେ ଯାହା କୁହାଏ ମୁଁ ତାହାହିଁ କହିଥାଏ ମାତ୍ର । ମୁଁ କ'ଣ ଜାଣିଛି ଯେ ଯେ 'ଫଟ୍' କହିଦେଲେ ମଡାକାନ୍ଦଣା ଉଠିବ !"

ବାସ୍ତବିକ ତାରାମା' ହିଁ ସର୍ବସ୍ୱ । ମା' ଛଡା କ୍ଷେପା ଆଉକିଛି ଜାଣେନା । "ମୁଁ କରୁଛି ବା ମୁଁ ଯେ ସବୁ" ଏ ଚିନ୍ତା ବାବାର କୌଣସି ଦିନ ନଥିଲା । ସେ କେତେ ଯେ ଦୁରାରୋଗ୍ୟ ବ୍ୟାଧି ଆରୋଗ୍ୟ କରିଛନ୍ତି, କେତେ ଅସାଧ୍ୟ ସାଧନ କରିଛନ୍ତି କେତେ ପାପୀଙ୍କୁ ପାପମୁକ୍ତ କରିଛନ୍ତି– ତା'ର ସୀମା ନାହିଁ । କିନ୍ତୁ କୌଣସି ଦିନ 'ମୁଁ କରିଛି' ବୋଲି କହିବାର କେହି ତାଙ୍କ ମୁଖରୁ ଶୁଣିନି । ବରଂ ସର୍ବଦା କହିବାର ଶୁଣାଯାଏ– "ମୁଁ ତ ବାବା ମୂର୍ଖ ମଣିଷ, ମୋ ଦ୍ୱାରା କ'ଣ ହେବ ? ତାରାମା' ହିଁ ସବୁ । ତାକୁ ଡାକ; ତା' ପାଦତଳେ କାନ୍ଦ । ତାହେଲେ ସବୁହେବ, ସବୁ ପାଇବ ।" ଏହିପରି ଭାବରେ ଅହଂତ୍ୱକୁ ନାଶକରି 'ତୁମେହିଁ ସବୁ'–କାୟ-ମନୋବାକ୍ୟରେ ଏହି ସାଧନା କରି ନପାରିଲେ–ଏପରି ଅସାଧ୍ୟ ସାଧନ କ'ଣ କେବେହେଲେ ସମ୍ଭବ ? ଯେତେସବୁ ଅନିଷ୍ଟର ମୂଳ ହେଲା ଏହି 'ଅହଂତ୍ୱ' ଯାହାର ଅନ୍ୟନାମ କର୍ତ୍ତୃତ୍ୱ ଅଭିମାନ । ଅହଂକାର ବ୍ୟତୀତ ଜୀବର ଦ୍ୱିତୀୟ ଶତ୍ରୁ ଆଉ କେହି ନାହିଁ ।

ମା' ମଧ୍ୟ ଅହଂକାରବିହୀନ ସାଧକର ଶୂନ୍ୟ ହୃଦୟକୁ ନିଜ କରୁଣାସିନ୍ଧୁରେ ପୂର୍ଣ୍ଣ କରିଦେବାକୁ କୁଣ୍ଠିତା ହୋଇନି । ସେଇଥିପାଇଁ ନା ଭଗବାନ ଗୀତାରେ ଦୃଢଭାବରେ କହିଛନ୍ତି–"ଯିଏ,ମୋ ଭିନ୍ନ ଅନ୍ୟ କୌଣସି

ବିଷୟ ଚିନ୍ତା କରେନା, ମୋତେ ସର୍ବତୋଭବରେ ଉପାସନାକରେ, ମୁଁ ନିଜେ ତା'ର ଐହିକ, ପାରତ୍ରିକ, ସର୍ବବିଧ ଅପ୍ରାପ୍ତ-ପ୍ରାପ୍ତି ଓ ପ୍ରାପ୍ତବସ୍ତୁର ରକ୍ଷଣାବେକ୍ଷଣ କରିଥାଏ ।"

"ଅନନ୍ୟାଶ୍ଚିନ୍ତୟନ୍ତେ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।
ତେଷାଂନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ।।"

(ଶ୍ରୀମଦ୍ ଭଗବତ ଗୀତା ୯/୧୨)

※

ସତର

ନନ୍ଦାହାଡ଼ି କ୍ଷେପାବାବାଙ୍କର ଏକ ପରମଭକ୍ତ । ତା'ର ହାତ ଦୁଇଟି କଠିନ କୁଷ୍ଠ ରୋଗାକ୍ରାନ୍ତ । ସେହି ହାତରେ ହିଁ ବାବାଙ୍କର ସେବା କରେ । ଖାଲି ସେବା ନୁହେଁ– ନନ୍ଦା ହାତରୁ ପାଣି ନ ପିଇଲେ ବାବାଙ୍କ ତୃଷ୍ଣା ମେଣ୍ଟେନା । ଅନ୍ୟ କେହି ପାଣି ଆଣି ଦେଲେ, ତାହା ସେମିତି ପଡ଼ିରହେ– ଡାକପଡେ ନନ୍ଦାର । ସାମ୍ନାରେ ଆସି ଠିଆ ହୋଇଗଲା ମାତ୍ରେ ଆରମ୍ଭ ହୋଇଯାଏ ଅକଥନୀୟ ଗାଳି । ଡରି-ଡରି ପୁଣି ଯାଇ ନନ୍ଦା ପାଣି ନେଇଆସେ ବାବାଙ୍କ ପାଇଁ । ଦିନର ପ୍ରାୟ ଅଧିକାଂଶ ସମୟ ସେ ଥାଏ ବାବାଙ୍କ ପାଖେ, ପାଖେ– ପ୍ରିୟ ପାର୍ଶ୍ୱଦମଣ୍ଡଳୀ କୁକୁର ଗୁଡ଼ିଙ୍କର ରକ୍ଷଣା-ବେକ୍ଷଣ ହିଁ ତା'ର ମୁଖ୍ୟ କାର୍ଯ୍ୟ ।

କିନ୍ତୁ ଏ କି ବିଡ଼ମ୍ବନା !

ଦେଶ, ବିଦେଶରୁ ଶହ, ଶହ ଦୁରାରୋଗ୍ୟ ରୋଗୀ ଆସି ବାବାଙ୍କ କୃପାରୁ ଆରୋଗ୍ୟ ଲାଭ କରି ଫେରି ଯାଉଛନ୍ତି ଅଥଚ– କୃପା କଳ୍ପତରୁ ମୂଳେ ବାସ କରି ହିଁ ହତଭାଗ୍ୟ ନନ୍ଦାର ଏ ଅବସ୍ଥା । ଅବଶ୍ୟ କୌଣସି ଦିନ ସେ ନିଜେ ରୋଗମୁକ୍ତ ହେବାକୁ ବାବାଙ୍କ କୃପା ପ୍ରାର୍ଥନା କରିନି ।

ଭକ୍ତମାନେ ବାବାଙ୍କ ପଛରେ ନନ୍ଦାକୁ ବହୁତ ଛି, ଛାକର କରନ୍ତି । କୁଷ୍ଠରୋଗାକ୍ରାନ୍ତ ହାତରେ ବାବାଙ୍କ ସେବା କରି ତଥା ପାଣି ପିଇବାକୁ ଦେଇ ଆଉ ପାପର ବୋଝ ନ ବଢେଇବାକୁ ବାରମ୍ବାର ଉପଦେଶ ଦିଅନ୍ତି । ବିଚରା ନନ୍ଦା କରେ କ'ଣ ? ନିଜକୁ ଯେତେ ଆଡେଇ, ଆଡ଼େଇ ରଖିଲେ ମଧ୍ୟ ବାବା କିନ୍ତୁ ନଛୋଡବନ୍ଧା । ଦିନ ଭିତରେ ଛ' ଥର ଖୋଜାପଡେ ନନ୍ଦାକୁ ।

ଥରେ ଜଣେ ଭକ୍ତ ସମ୍ଭାଳି ନପାରି ବାବାଙ୍କୁ ଆକଟ କରି କହିବସିଲା—"ଆପଣ ନନ୍ଦାହାତରେ ଜଳ ଖାଆନ୍ତି କେମିତି ? ଏକେ ତ ଜାତିରେ ହାଡ଼ି, ତା' ଉପରେ ହାତ ଦୁଇଟା ଦୁରନ୍ତ କୁଷ୍ଠବ୍ୟାଧିଗ୍ରସ୍ତ !"

ବାବା ବିରକ୍ତଭବେ ଉତ୍ତର ଦିଅନ୍ତି– "ଆରେ ଶଳା ! ମୁଁ ତ ତା ହାତରୁ ଜଳଖାଏ; ତମେ ସବୁ ଯେ ତା' ପାଦର ଜଳ ଖାଉଛ; ସେ ବି ଅନେକ ଜନ୍ମର ତପସ୍ୟା ଫଳରେ ।" କଥାଟିର ତାତ୍ପର୍ଯ୍ୟ ହେଲା ନନ୍ଦା ଯେଉଁ କୁଣ୍ଡରେ ନିତି ପାଦ ଧୁଏ–ସାରା ଗାଁଟି ଯାକର ମଣିଷ ସେହି କୁଣ୍ଡର ପାଣି ବ୍ୟବହାର କରନ୍ତି ।

କ୍ଷେପାବାବାଙ୍କ କଥାର ମର୍ମ ବୁଝିପାରି ସେହି ଦିନଠାରୁ ଆଉ କେହି ଏ ପ୍ରସଙ୍ଗ ଉତ୍‌ଥାପନ କରିବାକୁ ସାହସ କରନ୍ତି ନି ।

ଆଜିକୁ ପ୍ରାୟ ପାଞ୍ଚ, ଛ' ଦିନ ହେଲା ନନ୍ଦାର ରୋଗ ବଢ଼ିବାରେ ଲାଗିଛି । ସେ ଶଯ୍ୟାଶାୟୀ । ରୋଗ ଯନ୍ତ୍ରଣାରେ ଛଟ୍‌ପଟ୍ ହୋଇ ବିକଳରେ କାନ୍ଦୁଛି ଆଉ ମୃତ୍ୟୁ କାମନା କରି ତାରାମା' ପାଖରେ କାତର ପ୍ରାର୍ଥନା କରିବାରେ ଲାଗିଛି ।

ଭକ୍ତର ବ୍ୟଥାରେ ଉତ୍ତଳା ହୋଇ ଉଠିଲେ ଭଗବାନ । ଦୀର୍ଘଦିନଧରି ନନ୍ଦାକୁ ନ ଦେଖି ବାବାଙ୍କ ମନ ଖୁବ୍ ଚଞ୍ଚଳ । କୌଣସି କାମରେ ମନ ଲାଗୁନି । ଆଉ ସମ୍ଭାଳି ନ ପାରି ଜଣେ ଭକ୍ତକୁ ପଠେଇଲେ ନନ୍ଦାର ଘରକୁ । ଭକ୍ତଟି ଫେରିଆସି ନନ୍ଦାର କରୁଣ ଅବସ୍ଥା ଜଣାଇ କିଛି ଗୋଟାଏ ବ୍ୟବସ୍ଥା କରିବାକୁ ବାବାଙ୍କୁ ଅନୁରୋଧ କରନ୍ତେ ବାବା ଆଗ୍ରହ ସହକାରେ ଆଦେଶ କଲେ–"ତାକୁ ଏଠାକୁ ନେଇ ଆଣ ତ ବାବା, ଥରଟିଏ ଦେଖିବି !" ଭକ୍ତମାନେ ଯାଇ ଧରାଧରି କରି ନନ୍ଦାକୁ ନେଇ ଅସିଲେ ଶିମୁଳି ତଳକୁ ।

କିନ୍ତୁ ଏ କି ଉଗ୍ରମୂର୍ତ୍ତି ! ନନ୍ଦାକୁ ଦେଖୁ ଦେଖୁ ହିଁ କ୍ରୋଧରେ ଅସମ୍ଭାଳ—"ଆରେ ଶଳା ହାଡ଼ି ! ତୋତେ ଆଜି ମୃତ୍ୟୁ ଦେଉଛି । ତୁ ଶଳା ତ ଗୋଟାଏ ମହାପାପୀ । ପାପ କଲାବେଳେ ଶଳାର ମନେ ନଥିଲା ଯେ

ଦିନେ ଶାସ୍ତି ଭୋଗ କରିବାକୁ ହେବ ? ତୋରି ପାଇଁରେ ଶଳା ଆଜକୁ ଛ' ଦିନ ହେଲା ଭଲ ଟିକିଏ ଖାଇବା ବନ୍ଦ । ତୋର ଏ କୁଷ୍ଠହାତ ଖଣ୍ଡ, ଖଣ୍ଡ ହୋଇ ଖସିପଡ଼ିବ ରେ ହାରାମଜାଦା !"

ବାବା ଯେ ପରମଭକ୍ତ ନନ୍ଦାପ୍ରତି ଏପରି କଠୋର ବ୍ୟବହାର କରିବେ ସେ କଥା ସ୍ୱପ୍ନରେ ମଧ୍ୟ କେହି କଳ୍ପନା କରି ନଥିଲେ । ଅଭିମାନ ଭରା ପ୍ରାଣର ଆବେଗରେ ଭେ, ଭେ କରି କାନ୍ଦି ଉଠିଲା ନନ୍ଦା । ଏ କି ଦୁରନ୍ତ ଅଭିଶାପ ? ସେ ଯେ ବାବାଙ୍କଠାରୁ କୌଣସି ଦିନ କିଛି ଗୃହିଁନି । ଭୀଷଣ କଷ୍ଟ ହେବାରୁ କେବଳ ମୃତ୍ୟୁ କାମନା ହିଁ କରିଥିଲା । ତା' ବି କ'ଣ ଅନ୍ୟାୟ ?

ଭକ୍ତର ଆଖିର ଲୁହ ନିମିଷକରେ ତରଳେଇ ଦେଲା ଭୈରବଙ୍କ କଠୋର ହୃଦୟ । କାନ୍ଦି-କାନ୍ଦି ଛୋଟ ଗୋଟିଏ ଶିଶୁପରି ଆଦରରେ ନନ୍ଦାକୁ ଟାଣି ଆଣିଲେ ବୁକୁ ଉପରକୁ; ଆଉ କେବେ ପାପ କରିବୁନି ବାବା । ବହୁତ କଷ୍ଟ ପାଇଲୁଣି ନା ? ଯା-ଶ୍ମଶାନର ମାଟି ଚକଟି ଭଲକରି ପ୍ରତିଦିନ ଦୁଇ ହାତରେ ବୋଳି, ତାରମା'ର ନାମ କରିବୁ ।

ପରମଭକ୍ତିରେ ନନ୍ଦା ସେଇଆ କରି ପନ୍ଦର ଦିନ ଭିତରେ ସମ୍ପୂର୍ଣ୍ଣ ରୋଗମୁକ୍ତ ହେଲା ।

ଭଗବାନ ସବୁ ସହି ପାରନ୍ତି, କିନ୍ତୁ ଭକ୍ତ ଆଖିରେ ଲୁହ ଦେଖିଲେ ଥରିଉଠେ ତାଙ୍କ ଆସନ ।

× × ×

ସେଦିନ ଶିମୂଳିତଳେ ଭକ୍ତ ତଥା ପ୍ରିୟ ପାରିଷଦ ମଣ୍ଡଳୀ ମହାଭୈରବଙ୍କୁ ଘେରିବସି ଶୁଣୁଥାନ୍ତି ଅନେକ ମୂଲ୍ୟବାନ ଉପଦେଶ । ହଠାତ୍ କଥା ବନ୍ଦ କରି ଉଠି ଠିଆ ହେଲେ ବାବା, ଆଉ ଶୂନ୍ୟକୁ ହାତ ଦୁଇଟି ଟେକି ଚିତ୍କାର କରି ଉଠିଲେ; 'ଜୟ ତାରା'—'ଜୟ ତାରା' କ୍ରମଶଃ ମୁଖର ଭଙ୍ଗି

ହୋଇ ଆସିଲା କଠିନ— ଶରୀର ଘର୍ମାକ୍ତ; ସତେ ଯେମିତି ପାଞ୍ଚ ମହଣର ଗୋଟାଏ ବୋଝ୍ ଟେକି ଧରିଛନ୍ତି, କିଛିକ୍ଷଣପରେ ତୁଣ୍ଡରୁ ବାହାରି ପଡ଼ିଲା— "ଯା ଶଳା, ବଞ୍ଚିଗଲୁ ଏ ଯାତ୍ରା ।"

ଉପସ୍ଥିତ ସକଳେ ଅବାକ୍, ବିସ୍ମୟ । କିନ୍ତୁ ବାବାଙ୍କର ଉଗ୍ରମେଜାଜ ଦେଖି କେହି କିଛି ପଚାରିବାକୁ ସାହସ କଲେନି ।

ଏହି ଘଟଣାର ପ୍ରାୟ ଦୁଇ, ତିନିଦିନ ପରେ ଜଣେ ପାଟନୀ (କେଉଟ) ଆସି ପହଞ୍ଚିଲା ବାବାଙ୍କ ପାଖରେ, ଏହି ଲୋକଟି ମଝିରେ, ମଝିରେ ବାବାଙ୍କ ପାଖକୁ ଆସି, ଦର୍ଶନ କରିଯାଏ । ଆସିଲାବେଳେ ବାବାଙ୍କ ପାଇଁ ମୁଢ଼ି ବା ଚୁଡ଼ାଭଜା ପୁଟଳାଟିଏ ଧରି ଆସିଥାଏ । ସବୁଥର ପରି ଏଥର ମଧ୍ୟ ମୁଢ଼ି ଓ ଶୋଲା ପୁଡ଼ିଆଟିଏ ନେଇ ଆସିଛି ।

ପାଟନୀକୁ ଦେଖୁ ଦେଖୁ ବାବା ପଚାରି ବସିଲେ "କି ବାବା ! ଭଲରେ ଅଛ ତ ?"

—ହଁ ବାବା ତୁମରି କୃପାରୁ ଏ ଯାତ୍ରୀ ବଞ୍ଚି ଯାଇଛି ।

—ସେ କି କଥା ବାବା ? ମୁଁ କ'ଣ କରିଛି ?

—ତୁମେହିଁ ତ ଏଁ ପ୍ରାଣଟା ବଞ୍ଚେଇଛ ବାବା ! ତା' ନ ହେଲେ ଆଜି କି ଆଉ ତୁମର ଦର୍ଶନ ପାଇଥାନ୍ତି ?

ପାଟନୀର କଥାଶୁଣି ସମସ୍ତେ ଉତ୍ସୁକ ହୋଇ ତାକୁ ଚାହିଁ ରହିଲେ । ଘଟଣା କ'ଣ ଜାଣିବାକୁ ଜୋରକରି ପଚାରିବାରୁ ସେ କହିଲା—"ସେଦିନ ପଦ୍ମା ବୁକୁରେ ପ୍ରଳୟଙ୍କରୀ ତୋଫାନ ଉଠିଥାଏ । ଚାରିଆଡ଼େ ଦୁର୍ଯୋଗର ଘନଘଟା । ଦିଗ୍ ବିଦିଗ୍ ଅନ୍ଧକାରଚ୍ଛନ୍ନ । ମୁଁ ମଧ୍ୟ ମୋର ନୌକାଟି କୂଳରେ ବାନ୍ଧି ଦେଇ ଘରେ ବସି ପ୍ରକୃତିର ତାଣ୍ଡବଲୀଳା ଦେଖୁଥାଏ ନୀରବରେ । ଏତିକିବେଳେ କେତେଜଣ ଯାତ୍ରୀ ଆସି ପାରି କରିଦେବାକୁ ଅଡ଼ି ବସିଲେ । ଯେତେ ମନାକଲେ ବି ଶୁଣିବାକୁ ନାରାଜ । ସେମାନଙ୍କର

ଘରେ ହୁଆଡ଼େ ଭୀଷଣ ବିପଦ । ଯେ କୌଣସିମତେ ନଗଲେ ନଚଳେ । ବହୁତ କାକୁତି, ମିନତି କରିବାକୁ ଲଗିଲେ ।

ଅଗତ୍ୟା ବାଧ୍ୟହୋଇ ସେମାନଙ୍କୁ ବସାଇ ପଦ୍ମା ବକ୍ଷରେ ନାଆ ମେଲିଦେଲି । ନୌକା ଆସି ମଝି ନଈରେ; ଆକାଶରେ ଘଡ଼ଘଡ଼ି ବିଜୁଳି ସଙ୍ଗେ ଆସିଲା ଭୟଙ୍କର ଝଡ଼ । ନୌକା ଦୋହଲିବାକୁ ଆରମ୍ଭ କଲା । ଭୟରେ ଯାତ୍ରୀମାନେ ଚିତ୍କାର କରି ଉଠିଲେ । କିଛି ବୁଦ୍ଧିବାଟ ଦେଖାଯାଉନି – ଚତୁର୍ଦ୍ଦିଗ ଘୋର ଅନ୍ଧକାର । ନୌକାଟି ଏଥର ଓଲଟି ପଡ଼ିଲା । ପାଟନୀର ମୁହଁରୁ ବାହାରି ଆସିଲା ନିଦାନ କଥା ବଞ୍ଚାଅ ବାବା ! ଜୟ ମା 'ତାର !! ଆଉ କିଛି ମନେ ନାହିଁ–ଜ୍ଞାନ ଫେରି ଆସିଲା ପରେ ଦେଖିଲି–ସମସ୍ତେ ଶୋଇଛୁ ନଈକୂଳରେ–ନୌକାଟି ବନ୍ଧା ହୋଇଛି ପାଖନେ– ଦୂରରେ ଓଦା ସରସର ହୋଇ ଅନ୍ଧକାର ବକ୍ଷରେ ମିଳେଇ ଯାଉଛନ୍ତି ପ୍ରାଣଦାତା ଦୟାଳୁ ଠାକୁର–କ୍ଷେପାବାବା ।"

ଉପସ୍ଥିତ ସକଳେ ଅବାକ୍ ପାଟନୀର କଥାଶୁଣି । ଏତିକିବେଳେ ହସି ହସି କହିଉଠିଲେ କ୍ଷେପାଠାକୁର–"ଦୂର ଶଳା ! ମୁଁ କିଛି ଜାଣିନି । ଯାହା କିଛି କରିଛି ସବୁ ଏଇ ବେଟୀ । ବେଟୀର ଯେ କେତେବେଳେ କେଉଁ ଲୀଳା–କିଏ ବୁଝିବ ! ଆଉ ଗାଇ ଉଠିଲେ ।

ମା'ର ମୋର ନାଁଟି ତାର,
ନାଁ ଟି ତା'ର ତାରରେ !
ଆପଣଭବେ ରହି ସେ ବେଟୀ,
କରେ ଗୁପ୍ତ ଲୀଳାରେ !!

*

ଅଠର

ବାବାଙ୍କର ଜଣେ ଭକ୍ତ ମୃତବତ୍ସା । ବର୍ଷକୁ ବର୍ଷ ମା'ର କୋଳ ପୂର୍ଣ୍ଣକରି ଆସନ୍ତି ଗୋଟିଏ ଗୋଟିଏ ହୃଷ୍ଟପୁଷ୍ଟ ସନ୍ତାନ କିନ୍ତୁ ଭାଗ୍ୟଦୋଷରୁ ଅଳ୍ପକିଛି ଦିନ ଉତ୍ତାରୁ ବିଦାୟ ନିଅନ୍ତି ପିତାମାତାଙ୍କୁ ଶୋକସାଗରରେ ଭସାଇ ଦେଇ । ସ୍ୱାମୀ-ସ୍ତ୍ରୀଙ୍କର ଦୁଃଖର ଶେଷ ନାହିଁ । କେତେ ଠୁଣୁକା ଠୁଣୁକି, ହୋମ-ଯଜ୍ଞ କରି ମଧ୍ୟ କୁଆଡ଼ୁ କିଛି ଫଳ ହେଲାନି ।

ଅବଶେଷରେ ହତାଶ ହୋଇ ଉଭୟେ ତାରାପୀଠକୁ ଆସି ଶରଣାପନ୍ନ ହେଲେ କ୍ଷେପାବାବାଙ୍କର । ଅଶ୍ରୁଜଳରେ ଭୈରବଙ୍କ ପାଦପଦ୍ମଦ୍ୱୟ ଶିକ୍ତ କରି ସମସ୍ତ ବୃତ୍ତାନ୍ତ ଜଣାଇ ନିବେଦନ କଲେ,–"କୃପାକରି ଗୋଟିଏ ହେଲେ ସନ୍ତାନ ବଞ୍ଚେଇ ଦିଅ ବାବା !"

ଭକ୍ତର ଅଶ୍ରୁଜଳ ବିଗଳିତ କଲା ଭକ୍ତବତ୍ସଳଙ୍କୁ । ମୃଦୁହସି ଆଶ୍ୱାସନାବାଣୀ ଶୁଣାଇଲେ–"ହବ ବାବା ହବ । କିନ୍ତୁ ପିଲାଟିକୁ ମୋତେ ଦାନ କରି ଦେବାକୁ ହେବ । ଜନ୍ମ ହେବାର ଠିକ୍ ଛ'ମାସ ମଧ୍ୟରେ ତମେ ସ୍ୱାମୀ ସ୍ତ୍ରୀ ଏକ ସଙ୍ଗରେ ଆସି ଏଇଠି ମୋତେ ଦେଇଯିବ । କ'ଣ ପାରିବତ ?"

–"ପାରିବୁ ବାବା ଖୁବ୍ ପାରିବୁ । ତା' ଛଡ଼ା ସେ ତ ଆମର ପରମ ସୌଭାଗ୍ୟର କଥା । ଆମ ସନ୍ତାନ ଆପଣଙ୍କ ସେବାରେ ଲାଗିବ–ଏହା ଯେ କୋଟି ଜନ୍ମ ତପସ୍ୟାର ଫଳ !" ସମସ୍ୱରରେ କହି ଉଠିଲେ ଉଭୟେ ।

ତା'ପରେ ବାବାଙ୍କ ଶ୍ରୀଚରଣରେ ପ୍ରଣତି ଜଣାଇ ଆଶିଷ ନେଇ ଗୃହକୁ ଫେରିଗଲେ ।

ଠିକ୍ ବର୍ଷଟିଏ ପରେ କୁଳ ଉଜ୍ଜ୍ୱଳ କରି ଜନ୍ମନେଲା ଏକ ସୁନ୍ଦର ପୁତ୍ର ସନ୍ତାନ । ଦେଖୁ ଦେଖୁ ଛଅମାସ ହୋଇଗଲା । ଏଥର ବାବାଙ୍କ ନିକଟରେ ଶିଶୁଟିକୁ ସମର୍ପଣ କରି ଦେବାର ସମୟ ହୋଇଆସିଲା । ଦିନ ଯେତେ ଯେତେ ପାଖେଇ ଆସିଲା ପିତାମାତାଙ୍କ ମନ କିନ୍ତୁ ସେତେ,ସେତେ ଦୁଃଖରେ ଭରିଆସିଲା । ସତେ କ'ଣ ସେମାନଙ୍କର ଏତେ ଆଦରର ଧନକୁ ଏକ ଶ୍ମଶାନବାସୀ ପାଗଳ ହାତରେ ଟେକି ଦେବାକୁ ହେବ । ଏହି କଅଁଳା ଦୁଧଖିଆ ଶିଶୁକୁ କିଏ ଦେଖିବ ସେଠାରେ ? କିଏ ଖୁଆଇବ, କିଏ ପିଆଇବ; କାନ୍ଦିଲେ କିଏ ବୁଝାଇବ ? ତାରପୀଠର ମହାଶ୍ମଶାନ ଯେ ହିଂସ୍ରଜନ୍ତୁ ପୂର୍ଣ୍ଣ । ଶ୍ୱାନ, ଶିବା, ସାରମେୟଙ୍କ ମଝିରେ କିପରି ବଞ୍ଚିବ ଏ ଶିଶୁ ?

ବାବାଙ୍କ କଥା କିନ୍ତୁ ଅମାନ୍ୟ କରିବାକୁ ସାହସ ହେଉନି; କାଳେ କ'ଣ ଅମଙ୍ଗଳ ହେବ !

ଆଜି ସେହି ନିଦାନ ଦିବସ । ସ୍ୱାମୀ ସ୍ତ୍ରୀ ଦୁଇଜଣ ସେମାନଙ୍କ ଆଦରର ଦୁଲାଳ, କୋଟି ସାଧନର ଧନ, ଗଣ୍ଡରତନକୁ ଘେନି ତାରପୀଠରେ ଉପସ୍ଥିତ ହୋଇଛନ୍ତି । ମନରେ କେତେ ଚିନ୍ତା କେତେ ଭାବନା; ସତେ କ'ଣ ବାବା ତାଙ୍କ ହୃଦୟ ନିଧିକି ନେଇଯିବେ ? ଆନନ୍ଦ ଆତିଶଯ୍ୟରେ ଯେଉଁକଥା ଦିନେ ହସିହସି ଗ୍ରହଣ କରିଥିଲେ ଆଜି ସେ ନିଦାନ ସମୟ ଉପସ୍ଥିତ ହେବାରୁ ଭୟରେ ଅନ୍ତର ଶିହରି ଉଠୁଛି ।

ହାୟରେ ସଂଶୟୀ ଜୀବ ! କଥାଦେଇ କଥା ପାଳନ କରିବାକୁ ମଧ୍ୟ ସାହସ ନାହିଁ । ମହାପୁରୁଷଙ୍କ ବାକ୍ୟରେ, ଗୁରୁବାକ୍ୟରେ ମଧ୍ୟ ସଂଶୟ, କଥାରେ ଅଛି ।

"ଆତଙ୍କ ବେଳେ ଯାଚନ୍ତି କୁକୁଡ଼ା ।
ଆତଙ୍କ ସରିଲେ ଦିଅନ୍ତି ନେଫେଡ଼ା ।।"

ଯାହାହେଉ ପିତା କୌଣସିମତେ ଧୈର୍ଯ୍ୟଧରି ମନକୁ ସଂଯତ କରିବାକୁ ଚେଷ୍ଟାକଲେ ମଧ୍ୟ ତାରପୀଠ ଯେତେ ନିକଟ ହେଲା ଜନନୀର ଧୈର୍ଯ୍ୟର ବାଲିବନ୍ଧ ସେତେ ଭୁଷୁଡ଼ି ପଡ଼ିବାକୁ ଲାଗିଲା । ମନରେ ବାରମ୍ବାର

ଚିନ୍ତା ଆସିଲା—ସତକୁ ସତ ଯଦି ବାବା ଶିଶୁଟିକୁ ନେଇଯାନ୍ତି ଓ ସେମାନଙ୍କୁ ତା' ପାଖରେ ରହିବାକୁ ନଦିଅନ୍ତି ତାହେଲେ କେମିତି ବଞ୍ଚିବ ଏ ଶିଶୁ । ନାଁ ନାଁ ଏହା ଅସମ୍ଭବ । ତା' ଛଡା ଗ୍ଭଲ ବରଂ ଏ ଦେଶଛାଡ଼ି ଆଉ କୁଆଡ଼େ ପଳେଇଯିବା, ଯେଉଁଠି ବାବାଙ୍କ ଦୃଷ୍ଟି ପଡ଼ିବନି କି ଅଭିଶାପର ଡ଼ର ନଥିବ ।

ସ୍ୱାମୀ ବୁଝାଇବାକୁ ଚେଷ୍ଟା କରନ୍ତି- ପୃଥିବୀର ଯେ କୌଣସି କୋଣକୁ ପଳେଇଲେ ବି ବାବାଙ୍କ ଦୃଷ୍ଟିର ଅନ୍ତରାଳରେ ରହିବା ସମ୍ପୂର୍ଣ୍ଣ ଅସମ୍ଭବ । ବାବା ଯେ ସର୍ବଜ୍ଞ, ସର୍ବବ୍ୟାପୀ । ତାଙ୍କ କଥାନୁସାରେ ତାଙ୍କ ଦାନ ଯେ ତାଙ୍କ ଚରଣରେ ସମର୍ପି ଦେବାକୁ ହେବହିଁ ହେବ ।

ସନ୍ତାନକୁ ବୁକୁରେ ଜଡେଇ ଧରି ଜନନୀ କାନ୍ଦି ଉଠନ୍ତି —"କେଡେ ନିଷ୍ଠୁର ତମେ—ମୋ ଧନକୁ ଛାଡ଼ି ମୁଁ ଯେ ମୁହୂର୍ତ୍ତଟିଏ ବି ବଞ୍ଚି ପାରିବିନି; ୟାକୁ ଯଦି ବାବାଙ୍କୁ ଦେଇଦେବ ତେବେ ମୁଁ ନିଷ୍ଟେ ଦ୍ୱାରକା ନଈକୁ ଡେଇଁ ପଡ଼ିବି ।

"ନା, ନା, ତମେ ବ୍ୟସ୍ତ ହୁଅନା । ବାବା ସିନା ଆମ ମନ ବିଢ଼ିବାକୁ କହିଥିଲେ । ଏ ଦୁଧଖିଆ ଶିଶୁକୁ ନେଇ ସେ କରିବେ ବା କ'ଣ । ସେ ନିଶ୍ଚୟ ଆମକୁ ଫେରେଇ ଦେବେ ।" ଏହିପରି ସ୍ତ୍ରୀକୁ ନାନା ସାନ୍ତ୍ୱନା ଦେଇ ଉଭୟେ ଆସି ଭୈରବଙ୍କ ନିକଟରେ ଉପସ୍ଥିତ ହେଲେ ।

ପ୍ରଣାମ କରିବା ମାତ୍ରେ ହିଁ ହସି ହସି ବାବା କହି ଉଠିଲେ— "ଆଣିଛ ମୋ'ର ବସ୍ତୁକୁ । ବେଶ୍ ବେଶ୍, ଗୋଟେ କାମ କର—ତାକୁ ନେଇ ଯାଇ ଶ୍ମଶାନ ମଝିରେ ଶୁଆଇ ଦେଇ ଆସ । ସାବଧାନ—କେହି ଯେପରି ତା' ପାଖରେ ନରୁହ ।"

ଏ କି କଠୋର ଆଦେଶ ! ଆତଙ୍କରେ ଶିହରି ଉଠିଲେ ପିତା ମାତା । ଭୟଙ୍କର ବୀଭତ୍ସ ଶ୍ମଶାନ, ଦିନବେଳେ ବି ମଣିଷ ଯିବାକୁ ସାହସ କରେନା ।

ଘୂରିଆଡେ ମାଂସଲୋଭୀ ଶିଆଳ, କୁକୁର ଓ ଶକୁନିର ବୀଭତ୍ସ ଚିତ୍କାର । ସେଠି ପୁଣି ଏ ଦୁଗ୍ଧପୋଷ୍ୟ ଶିଶୁକୁ ଛାଡ଼ିଦିଆଯିବ—ଏକାକୀ ଏ ଯେ ମୁହୂର୍ତ୍ତଟିଏ ବି ବଞ୍ଚି ପାରିବନି । "ନା—ନା ମୁଁ ପାରିବିନି ବାବା ! ମା' ହୋଇ ଏପରି ରାକ୍ଷସୀର କାର୍ଯ୍ୟ ମୁଁ କରି ପାରିବିନି । କ୍ଷମା କର ବାବା, ମୁଁ କୌଣସି ମତେ ଏକଥା କରି ପାରିବିନି ।"

ହାୟରେ ନିର୍ବୋଧ ନାରୀ ! ତୁ କୁଆଡୁ ବୁଝିବୁ ବାବା କାହିଁକି ଆଜି ଏତେ ନିର୍ମମ । ଅମଙ୍ଗଳ ଭିତରୁ ଯେ ଟାଣି ଆଣିବାକୁ ହୁଏ ଚିରମଙ୍ଗଳମୟଙ୍କୁ । ହାତୁଡ଼ିରେ ଆଘାତ ନ କଲେ ବଙ୍କାଲୁହା କ'ଣ ସିଧା ହୁଏ ? ବିଦ୍ୟୁତର ଚମକ ନ ଜାଣିଲେ ବାରିଦ ବୁକୁରୁ କ'ଣ ଝରେ ସୁଶୀତଳ ବାରିଧାର ?

ଜନନୀର କଥାଶୁଣି ରୁକ୍ଷ ହୋଇ ଉଠିଲେ ଭୈରବ—"ଭଲ ଚାହଁ ତ ଏ ଶିଶୁକୁ ଶୀଘ୍ର ମୋତେ ଦେଇଦିଅ । ତମେମାନେ ପ୍ରତିଜ୍ଞାବଦ୍ଧ । ଶିଶୁ ବର୍ତ୍ତମାନ ମୋର । ମୋର ଯାହା ଇଚ୍ଛା ମୁଁ ତା' କରିବି ।"

ବାବାଙ୍କ କଥାଶୁଣି ଭକ୍ତଟି ଆଉ ସମ୍ଭାଳି ପାରିଲାନି । ଜୋର କରି ଜନନୀ କୋଳରୁ ଶିଶୁଟିକି କାଢି ନେଇ ବାବାଙ୍କ ଚରଣ ତଳେ ଶୁଆଇ ଦେଇ ନୀରବରେ ଅଶ୍ରୁପାତ କରିବାକୁ ଲାଗିଲା । ଅନ୍ୟ ଏକ ଭକ୍ତଦ୍ୱାରା ବାବା ପଠେଇ ଦେଲେ ଶିଶୁଟିକି ଶ୍ମଶାନ ମଝିକି । ସେହି କରୁଣ ଦୃଶ୍ୟ ଦେଖି ମୂର୍ଚ୍ଛିତା ହୋଇ ପଡ଼ିଲା ଜନନୀ ।

କଠୋର ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ମଣିଷ କ'ଣ କିଛି ପାଏ ? ଅଦୂରରେ ଅମୃତର ସିନ୍ଧୁ କଳ କଳ ଛଳ ଛଳ ହୋଇ ବହିଯାଉଛି ମଙ୍ଗଳମୟଙ୍କ ପାଦତଳେ । ଏହି ଜାଗତିକ ସମସ୍ତ ଭୋଗ ବାସନାର ସୁଖ ତା' ଆଗରେ ଗୋଷ୍ପଦ ବିନ୍ଦୁଟିଏ ମାତ୍ର । ଆମେ କିନ୍ତୁ ଚାହୁଁ ସର୍ବଦା ଏହି ବିନ୍ଦୁଟି । ଅମୃତ ସିନ୍ଧୁରେ ସନ୍ତରଣ କରିବାକୁ ଅବସର କାହିଁ ? ମଙ୍ଗଳମୟ ଭଗବାନ୍ କିନ୍ତୁ ସନ୍ତାନର ଏ ହୀନବୁଦ୍ଧି, ଏ ଦୁରବସ୍ଥା ଦେଖି

ସହି ପାରୁଛନ୍ତି କେତେକେ ? ଚଲା ପଥରେ ଆସେ ଆଘାତ—ଆମେ ଭାବୁ ଭଗବାନ ନିଷ୍ଠୁର—ଏ କଥା ଶୁଣି ମୃଦୁ ମୃଦୁ ହସନ୍ତି ସିଏ । ତାପରେ କିନ୍ତୁ ଦିନେ ଯେତେବେଳେ ଏହି ଅମଙ୍ଗଳ ମଧ୍ୟ ଦେଇ ବାଜି ଉଠେ ମଙ୍ଗଳର ଶଙ୍ଖଧ୍ୱନୀ, ଘନ ତିମିର ବିଦାରି ଉଇଁଆସେ ନବରବି—ସେଦିନ ଆମେ ହୋଇଯାଉ ଆମହରା । ଆନନ୍ଦାଶ୍ରୁ ପ୍ଲାବନରେ ତିନ୍ତିଯାଏ ବୁକୁ । ସେତେବେଳେ କାନ୍ଦି କାନ୍ଦି ତାଙ୍କ ଚରଣରେ ଲୋଟିପଡ଼ି ଆମେ କହିଉଠୁ—ହେ ଠାକୁର ! ଦୁନିଆଁରେ ଆଉ ଯଦି କିଛି ଦୁଃଖ ଅଛି; ଆମ ମଥା ଉପରେ ଲଦି ଦିଅ—ହସି ହସି ସହିଯିବୁ ସବୁ,କିନ୍ତୁ ତମ ବିରହ ଯେ ଆମର ଅସହ୍ୟ । ଏତେ ସୁଖ, ଏତେ ଶାନ୍ତି ଯେ ତମ ଚରଣରେ ନିହିତ—ତା' ତ ଆଉ ଆମେ ଜାଣି ନଥିଲୁ ଠାକୁର !

"ଯଂ ଲବ୍ଧା ଚ୍ୱପରଂ ଲଭଂ ମନ୍ୟତେ ନାଧିକଂ ତତଃ ।
ଯସ୍ମିନ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚ୍ୱଲ୍ୟତେ ।।
(ଗୀତା)

କିଛିକ୍ଷଣପରେ ଜନନୀର ସଂଜ୍ଞା ଫେରି ଆସନ୍ତେ ବାବା ଆଦେଶ କଲେ—"ତମେ ଦୁଇଜଣ ମନ୍ଦିରକୁ ଯାଇ ମା'ର ନାମ କର । ମୋ ବିନାନୁମତିରେ କେହି ମନ୍ଦିର ତ୍ୟାଗ କରି ପାରିବନି ।"

ଦେଖୁ, ଦେଖୁ ଲୁଚିଗଲେ ଦିନନାଥ । ଶାନ୍ତ, ଶୀତଳ ପରିବେଶ ଭିତରେ ତାରାପୀଠରେ ଘନେଇ ଆସିଲା ସନ୍ଧ୍ୟା । ମନ୍ଦିରରେ ବାଜି ଉଠିଲା ଶଙ୍ଖ,ଘଣ୍ଟା । ମା'ର ଆରତି ଶେଷ ହେଲା । କାହିଁ—ବାବାଙ୍କର ପ୍ରତ୍ୟାଦେଶ ଯେ'ଏ ପର୍ଯ୍ୟନ୍ତ ଆସିଲାନି ।

ସ୍ନେହମୟୀ ଜନନୀର ମନ ଆଉ ବୁଝେନା । ପୁତ୍ରଶୋକରେ ଅସ୍ଥିର ହୋଇ କେତେବେଳେ ମନ୍ଦିର ଭିତରେ ତ କେତେବେଳେ ବାହାରେ । "ସେଇ ଦିନ ଦ୍ୱିପ୍ରହରୁ କଅଁଳିଆ ଛୁଆଟା ପଡ଼ିଛି ଶ୍ମଶାନ ମଝିରେ ନିରାଶ୍ରୟ ଭବେ । ଆହା, ସତେ କ'ଣ ପୁଅ ମୋର ଆଜି ଜୀବନରେ ଅଛି ? ମୁଁ

କ'ଣ ତାକୁ ଆଉଥରେ କୋଳରେ ଧରି ପାରିବି ?" ସନ୍ତାନ ବିରହ ବିଧୁର ଜନନୀ ଆଉ ସମ୍ଭାଳି ପାରିଲନି । ଭୈରବଙ୍କ ନିଷେଧ, ସ୍ୱାମୀର ବାରଣ କିଛି ଆଉ ତାକୁ ବାଧା ଦେଇପାରିଲନି । ପାଗଳିନୀ ପରି ଛୁଟି ଚାଲିଲ ଶ୍ମଶାନ ମଝିକୁ– ଆଲୁଳାୟିତ କେଶବାସ ନେଇ । କିନ୍ତୁ ଯିବ କୁଆଡ଼େ– ସାମ୍ନାରେ ଯେ ପଥ ଓଗାଳି ଠିଆ ହୋଇଛନ୍ତି ସାକ୍ଷାତ୍ କାଳ ଭୈରବ । ସେହି ଭୀଷଣ ଭୀମ ଭୈରବ ମୂର୍ତ୍ତି ଆଡକୁ ଅନେଇ ଲୋଟି ପଡ଼ିଲ ଚରଣ ତଳେ । ବୁକୁ ଫଟାଇ ବାହାରି ଆସିଲ କରୁଣ କୋହ– "ମୋ ସନ୍ତାନ ମୋତେ ଫେରେଇ ଦିଅ ବାବା ! ମୁଁ ଯେ ଆଉ ପାରୁନି ।"

ଏଇଥର ବାବା କୋମଳ ଆଶ୍ୱାସନା ଦେଇ କହିଲେ– "ଭୟନାହିଁ ମା' ! ତୋ କୋଳର ସନ୍ତାନ ଖୁବ୍ ଶୀଘ୍ର ଫେରି ଆସିବ ତୋ କୋଳକୁ । ଆଉ କିଛିକ୍ଷଣ ନିଶ୍ଚିନ୍ତରେ ମା'ର ଚରଣ ତଳେ ବସି ତାରି ନାମ କରୁଥା ।" ଉତ୍ଫୁଲ୍ଲା ଜନନୀ ଫେରି ଆସିଲ ତାରମା' ମନ୍ଦିରକୁ ।

ଏ ଭିତରେ ପୁଣି ତିନି ଚାରି ଘଣ୍ଟା କଟି ଗଲଣି । ସଚୀଭେଦ୍ୟ ଗଭୀର ନିଶିଥ । ଶ୍ମଶାନ ମଝିରୁ ପେଚକ ଡାକୁଛି "ହୁ-ତୁମ୍–ତୁମ୍"; ଶିଆଳ ଡାକୁଛି ହୁକେ ହୋ । ଏତେ ନିର୍ଭର ଆଶ୍ୱାସନା ସତ୍ତ୍ୱେ ବି ମା'ମନ ବୁଝୁନି । କିଏ ବୁଝିବ–ସନ୍ତାନ ପ୍ରତି ମା'ର ମମତା ଯେ କେତେ ଗଭୀର, କେତେ ନିବିଡ ! ତାରମା' ଚରଣରେ ମଥାପିଟି କାନ୍ଦି ଉଠିଲ ଜନନୀ– "ରକ୍ଷା କର ମା ! ମୁଁ ଯେ ଆଉ ଧୈର୍ଯ୍ୟ ଧରି ପାରୁନି ।"

ପ୍ରାୟ ଅର୍ଦ୍ଧରାତ୍ରି ବେଳକୁ ଜଣେ ଭକ୍ତକୁ ନିର୍ଦ୍ଦେଶ କଲେ ବାବା– "ରାତି ଅନେକ ହେଲଣି; ଛୁଆଟାକୁ ଏଥର ଉଠେଇ ଆଣ ବାବା ।"

କି ଆଶ୍ଚର୍ଯ୍ୟ ! ଶିଶୁଟି ଯେ ହସି, ହସି ହାତଗୋଡ ଛାଟି ଖେଳୁଛି । କ୍ଷୁଧା ନାହିଁ,ତୃଷା ନାହିଁ–ଏତେ ଟିକେ ବି କାନ୍ଦିନି ।

ଏଥର ଜନନୀ କୋଳକୁ ଶିଶୁଟିକୁ ଟେକି ଦେଇ ବାବା କହିଲେ– "ଏଇ ନେ ବେଟୀ, ତୋର ପୁଅ; ତାରମା'ର ନାମ ଜପ କରି କରି ଘରକୁ ଫେରିଯା–ଆଉ କୌଣସି ଭୟ ନାହିଁ ।"

ଆଜି ଯେ ଆମର କେତେ ଜନ୍ମ ପାପର ପ୍ରାୟଶ୍ଚିତ ହେଲା ଆପଣଙ୍କ କୃପାରୁ–କହି ଚରଣ ତଳେ ଲେଟି ପଡ଼ିଲେ ସ୍ୱାମୀ-ସ୍ତ୍ରୀ ଉଭୟେ । ନାଦେଶ୍ୱର କ୍ଷେପାବାବା ଆନନ୍ଦ ମନରେ ଗାଇ ଉଠିଲେ–

ଏହି ତାଲୁକରେ ରାଣୀର ନାମ ଗୋ ତାରା ସୁନ୍ଦରୀ,
ଦାସୀ, ପରିବାରୀ ଛନ୍ତି ଅସୁମାରୀ କୁବେର ନାମେ ଭଣ୍ଡାରୀ ।।
ମଶାଣି ଭୂଇଁରେ ରେଶଣୀ ଜାଳି,
ଅଭଗା ସନ୍ତାନେ ନେ ମା' ଡାକି ।

ସ୍ନେହମୟୀ, ଶିଳାମୟୀ ମା' ମୋର ରଜରାଜେଶ୍ୱରୀ ।।
ପାଗଳା ବାମା ତୋହରି ନାମେ ମେଲି ଦେଇଛି ତରୀ,
ଚରଣ ଚିହ୍ନ ହୃଦରେ ଆଙ୍କି କିଣିବ ବୋଲି ତୋ ଜମିଦାରୀ ।।

ଉଡଣୀରଣି

ମା'ର ଶ୍ରୀପଦ୍ମପାଦଯୁଗହିଁ ମାତୃଭକ୍ତ ସାଧକର ଚିର ବାଞ୍ଛିତ । ଧର୍ମ, ଅର୍ଥ, କାମ ଓ ମୋକ୍ଷ ଆଦି ଚତୁଃବର୍ଗ ଫଳକୁ ତୁଚ୍ଛକରି କାଳେ; କାଳେ ସାଧକ ଦଉଡ଼ି ଆସେ ସେହି ପାଦ ତଳକୁ ଟିକିଏ ଆଶ୍ରୟ ପାଇବାକୁ । ଦିବ୍ୟ ଜନନୀ ସତୀଦେବୀଙ୍କର ଶ୍ରୀପାଦପଦ୍ମର ଦୁଇଟି ଅଙ୍ଗୁଳି ପତିତପାବନୀ ଆଦିଗଙ୍ଗାଙ୍କର ପୂର୍ବତୀରରେ ବିରାଜିତ । ଏଠାରେ ଦେବୀ ମହାମାୟା କାଳିକା ଓ ଭୈରବ ଶ୍ରୀ ଶ୍ରୀ ନକୁଳେଶ୍ୱର । ପ୍ରତ୍ୟହ ଏହି ମହାପୀଠ କାଳୀଘାଟକୁ ତେଣୁ ଛୁଟି ଆସନ୍ତି ଶତ ଶତ ଭକ୍ତ, ସାଧକ, ଯୋଗୀ ଓ ଭୋଗୀର ଦଳ ।

କେଜାଣି, କି ଦୁର୍ବାର ଆକର୍ଷଣରେ ବାମାକ୍ଷେପା ବାବାଙ୍କର ମନ ଏବେ ଚଞ୍ଚଳ ହୋଇ ଉଠିଛି–ମା' କାଳୀକାକୁ ଥରଟିଏ ଦର୍ଶନ କରିବା ନିମନ୍ତେ । ମହାପୁରୁଷଙ୍କ ମନର ଇଚ୍ଛା କି କେବେ ଅପୂର୍ଣ୍ଣ ରହେ ? ମା' ନିଜେହିଁ ସେ ବ୍ୟବସ୍ଥା କରିଦେଲେ ।

ବଙ୍ଗଳା ୧୩୦୫ ସାଲ । ପଥୁରିଆ ଘାଟର ମହାରାଜ ଯତୀନ୍ଦ୍ରମୋହନ ଠାକୁର ତାରାପୀଠକୁ ଆସି ମହାଭୈରବଙ୍କୁ ଥରଟିଏ କଲିକତା ଯାଇ ନିଜ ଉଆସରେ ପଦାର୍ପଣ କରିବାକୁ ସବିନୟ ନିମନ୍ତ୍ରଣ କରନ୍ତେ ଆଗ୍ରହ ସହକାରେ ରାଜିହେଲେ କ୍ଷେପାବାବା । ସାଙ୍ଗେ ସାଙ୍ଗେ ଯିବାର ଦିନ ଧାର୍ଯ୍ୟ ହୋଇଗଲା । ବାଟରେ ଯେପରି କିଛି ଅସୁବିଧା ନହୁଏ ସେଥିପାଇଁ କେତେଜଣ ବିଶ୍ୱସ୍ତ କର୍ମଚାରୀ ବାବାଙ୍କ ସେବାରେ ନିଯୁକ୍ତ ହେଲେ ।

ନିର୍ଦ୍ଦିଷ୍ଟ ଦିନ କେତେଜଣ ବିଶିଷ୍ଟ ଭକ୍ତଙ୍କୁ ସାଙ୍ଗରେ ଧରି କାଳୀମା ପାଖକୁ ବାହାରିଲା କ୍ଷେପାବେଟା । ଗାଡ଼ି ହାଓଡା ଷ୍ଟେସନରେ ଠିଆହେବା

ମାତ୍ରେ ସାଦର ଅଭ୍ୟର୍ଥନା ଜଣେଇବାକୁ ଆଗେଇ ଆସିଲେ ରଳ-କର୍ମଚାରୀବୃନ୍ଦ । ହାତଧରି ଓହ୍ଲେଇ ଦେଲେ ମହାଭୈରବଙ୍କୁ ।

ସୁଦୀର୍ଘ ବଳିଷ୍ଠ ଶ୍ୟାମତନୁ; ସମ୍ପୂର୍ଣ୍ଣ ଦିଗମ୍ବର । ଭବରେ ଚକ୍ଷୁ ଦୁଇଟି ଢଳଢ଼ଳ–ସତେ ଯେମିତି ସାକ୍ଷାତ ଭୋଳାନାଥ, ତା' ସାଙ୍ଗକୁ ଭକ୍ତମାନେ ଡୋରକରି ଅଣ୍ଟାରେ ବାନ୍ଧି ଦେଇଛନ୍ତି ଗୋଟିଏ କୁଞ୍ଚିକାଠି । ଏହି ଅଦ୍ଭୁତଦର୍ଶନ ମହାପୁରୁଷଙ୍କୁ ଦେଖି ଦେଖି ଲୋକାରଣ୍ୟ ହୋଇଗଲା ପ୍ଲାଟଫର୍ମ । ଭିଡଭିତର ଦେଇ ବାବାଙ୍କୁ ନେଇଗଲାବେଳେ ଲୋକଗହଳିରେ ଚାପିହୋଇ ଅଣ୍ଟାରୁ ଚାବିଟି କେଉଁଠି ଖସିପଡ଼ିଲା । ବାବା ତ କାଳୀମା'ଙ୍କୁ ଦର୍ଶନ କରିବା ନିଶାରେ ବିଭୋର– ଚାବି ବିଷୟରେ ଖିଆଲ ବା କାହିଁ ? କିଛିବାଟ ଯିବାପରେ ବାବାଙ୍କ ଅଣ୍ଟାକୁ ଚାହିଁ ଜଣେ ଭକ୍ତ ପଚାରିଲା– "ବାବା ଆପଣଙ୍କ ଚାବି କୁଆଡ଼େ ଗଲା ?"

ଥମ୍‌କି ଠିଆହୋଇ ଚାରିଆଡକୁ ଅନାଇ ବାବା କହି ଉଠିଲେ– "ଆରେ ସତେତ, ଚାବିକାଠିଟାତ କାହିଁ ନାହିଁ । ତାହେଲେ ବର୍ତ୍ତମାନ କ'ଣ ହେବ ବାବା ?"

ଭକ୍ତ ଓ ରେଳକର୍ମଚାରୀବୃନ୍ଦ ତତ୍ପର ହୋଇ ଉଠିଲେ । ଚାରିଆଡ଼େ ଖୋଜାଖୋଜି କରି ଚାବିର କୌଣସି ସନ୍ଧାନ ମିଳିଲାନି ।

ହଠାତ୍ ଭବର ପରିବର୍ତ୍ତନ ହେଲା ବାବାଙ୍କର । ଅତି ଦୀନ; ହୀନ ଭବେ କର୍ମଚାରୀମାନଙ୍କୁ ଅନୁନୟ କରି କହିଲେ– "ନାଏବ ବାବାମାନେ, ଦୟାକରି ମୋ ଚାବି କାଠିଟା ଟିକେ ଖୋଜିଦିଅ ।"

ବାବାଙ୍କର ବିନୀତଭବ ଦେଖି ସମସ୍ତେ ମିଶି ପୁଣି ଆଉଥରେ ତନ୍ନ ତନ୍ନ କରି ଖୋଜିବାକୁ ଲାଗିଲେ । କିନ୍ତୁ ଚାବିର କୌଣସି ପତ୍ତା ମିଳିଲାନି । ଏଥର ବାବାଙ୍କ ନିକଟକୁ ଫେରିଆସି ଦୁଃଖ ପ୍ରକାଶ କରି କହିଲେ– "ଆପଣ ଚିନ୍ତା କରନ୍ତୁନି ବାବା; ମହାରଜାଙ୍କୁ ଜଣେଇ ଆମେ ଚାବିର କିଛି ଗୋଟାଏ ବ୍ୟବସ୍ଥା କରିବୁ ନିଶ୍ଚୟ ।"

ବାବା କିନ୍ତୁ କୌଣସି କଥା ଶୁଣିବାକୁ ନାରାଜ । ହଠାତ୍ ବିନା ମେଘରେ ବଜ୍ରପାତ ହେଲାଭଳି ଭୈରବଙ୍କ ମେଜାଜଟା ଉଗ୍ର ହୋଇଉଠିଲା । ଉପସ୍ଥିତ ସକଳଙ୍କୁ ଅକଥ୍ୟଭାଷାରେ ଗାଳିଗୁଲଜ କରି ସେଇଠି ରାସ୍ତା ଉପରେ ଚକାପକେଇ ବସି ପଡ଼ିଲେ ।

ମହାଭାଳେଣି ପଡ଼ିଲା କର୍ମଚାରୀମାନଙ୍କର । ମହାରାଜଙ୍କ କାନକୁ କଥାଗଲା । ମହାରାଜ ସ୍ୱୟଂ ବାବାଙ୍କ ପାଖକୁ ଆସି କ୍ଷମାମାଗି ରାବି ନିମନ୍ତେ ପୁରସ୍କାର ଘୋଷଣା କଲେ । ଏତେବେଳକେ ଭୈରବଙ୍କ ମେଜାଜ ଟିକିଏ ଶାନ୍ତ ହେଲା ।

ତୁଚ୍ଛ ଗୋଟାଏ ରାବି ପ୍ରତି ସର୍ବତ୍ୟାଗୀ ଦିଗମ୍ବର ମହାପୁରୁଷଙ୍କର ଏପରି ମମତା ଦେଖି ସମସ୍ତେ ଆଶ୍ଚର୍ଯ୍ୟ । କିନ୍ତୁ ମହାମାନବଙ୍କ ଭାବ ବୁଝିବା ସାଧାରଣ ଜୀବ ପକ୍ଷରେ କ'ଣ ସମ୍ଭବ ?

ବାବାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ମହାରାଜା ସଦଳବଳେ ବାଟ କଢେଇ ସିଧା ଚାଲିଲେ କାଳୀଘାଟକୁ । ସମ୍ମୁଖରେ ପୁଣ୍ୟତୋୟା ଆଦିଗଙ୍ଗା ଦେଖୁ ଦେଖୁ ବାବା ଜୟତାରା କହି ନଦୀଗର୍ଭକୁ ଓହ୍ଲେଇ ପଡ଼ିଲେ । ମା'ଙ୍କ ଗୋଟିଏ ଗୋଟିଏ ନାମର ଜୟଗାନ କରି ଥରଟିଏ ଲେଖାଁ ବୁଡ଼ିବାକୁ ଲାଗିଲେ । ସତେ ଯେମିତି ଗୋଟିଏ ସାତ, ଆଠବର୍ଷର ଶିଶୁ; ନଦୀରେ ବନ୍ୟା ଜଳର ପ୍ଳାବନ ଦେଖି ଆନନ୍ଦୋତ୍‌ଫୁଲ୍ଲ ହୋଇ ବୁଡ଼ିଚାଲିଲେ ଘଣ୍ଟା, ଘଣ୍ଟା ଧରି । ଆଦ୍ୟାଶକ୍ତି ମହାମାୟାର ପୁଣ୍ୟ ନାମରେ ଯେ କି ଅମୃତ ନିହିତ ଅଛି କ୍ଷେପାବାବା ଭଳି ମାତୃ ସାଧକ ବ୍ୟତୀତ ସେକଥା କିଏ ବା ବୁଝିବ !

ଏ ଭିତରେ ଅନେକ ସମୟ କଟିଗଲାଣି । ବାବାଙ୍କ ସ୍ନାନର କିନ୍ତୁ ଅନ୍ତ ନାହିଁ । କୂଳରେ ଠିଆହୋଇ ଏହି ପବିତ୍ର ଦୃଶ୍ୟ ଦେଖୁଥିବା ଭାଗ୍ୟବାନ ଦର୍ଶନାର୍ଥୀମାନଙ୍କର ମଧ୍ୟ ଚକ୍ଷୁର ପିପାସା ମେଣ୍ଟିବାକୁ ନାହିଁ । ପଦ୍ମପଲାଶ-ଲୋଚନ, ସାକ୍ଷାତ ଶିବସ୍ୱରୂପ ମହାମାନବଙ୍କର ବିଚିତ୍ର ଖେଳଦେଖି

ସମସ୍ତେ ଆକୃଷ୍ଟ ହୋଇ ଅପଲକ ନୟନରେ ଅନେଇ ରହିଛନ୍ତି । ଆହା— ମା'ର ପବିତ୍ର କୋଳରେ ଭକ୍ତିମାନ ସନ୍ତାନର କି ରସଲୀଳା ସତେ !

ଏଣେ କିନ୍ତୁ ମା' କାଳୀର ଧୂପବତି ସାରିଲାଣି—ଏଥର ମା' ପହୁଡ଼ିବ । ତାହେଲେ ଆଜି କ'ଣ ମା' ତାର ଆଦରର ଦୁଲାଳକୁ ଦର୍ଶନ ଦେବନି ? ଚିନ୍ତିତ ହୋଇପଡ଼ିଲେ ରଜା ସାହେବ ।

ଏତିକିବେଳେ ଭବ ପାଗଳ ସର୍ବଜ୍ଞ କ୍ଷେପାବାବା, ରକ୍ତଜବାପରି ଅର୍ଦ୍ଧନିମିଳିତ ନୟନରେ ଜୟତାରା, ଜୟକାଳୀ କହି କହି ପୁଣ୍ୟତୋୟା ଭାଗିରଥୀ ବକ୍ଷରୁ ଉଠି ସିଧା ଯାଇ ଉପସ୍ଥିତ ମା'ର ସାମ୍ନାରେ ।

ମା'ର ମନ୍ଦିର ପ୍ରାଙ୍ଗଣ ଆଜି ଭକ୍ତମାନଙ୍କ ଦ୍ୱାରା ସମାକୀର୍ଣ୍ଣ । ସୋରିଷ ପକେଇବାକୁ ବି ସ୍ଥାନ ନାହିଁ । ସମସ୍ତେ ମନ-ପ୍ରାଣଭରି ଅନେଇ ରହିଛନ୍ତି ତାରମା'ର ଆଦରର ଧନ କ୍ଷେପାବାବାର ଅଲୌକିକ ଦିବ୍ୟ-କାନ୍ତିକୁ । ଶ୍ରଦ୍ଧାରେ ନଇଁ ପଡ଼ୁଛି ସବୁରି ମଥା ମାତୃସାଧକଙ୍କ ଅନିର୍ବଚନୀୟ ଦିବ୍ୟଭାବ ଦେଖି ।

ଆଜାନୁଲମ୍ବିତ ବାହୁଦ୍ୱୟ ପ୍ରସାରଣ କରି 'ମା' 'ମା' ଡ଼ାକି ଛୋଟ ଗୋଟିଏ ଶିଶୁପରି କାନ୍ଦିଉଠିଲେ ମହାସାଧକ । କଣ୍ଠରେ ଅଭିମାନ; ପଦ୍ମପଲାଶ ଲୋଚନ ଦ୍ୱୟରେ ଉଚ୍ଛ୍ୱସିତ ପ୍ରେମବାରି, ଦୃଷ୍ଟି କିନ୍ତୁ ସ୍ଥିର-ନିବଦ୍ଧ ମା'ର ଶ୍ରୀମୁଖମଣ୍ଡଳରେ । ଏହି ଭାବରେ କଟିଗଲା ଘଣ୍ଟା ପରେ ଘଣ୍ଟା । ଭାମକାନ୍ତ ଅବୟବ— ଧୀର, ସ୍ଥିର; ନିଶ୍ଚଳ— ଭାବସମାଧି ମଗ୍ନ । ରାଜକର୍ମଚାରୀ ତଥା ଭକ୍ତମାନେ ସତର୍କ ଭାବରେ ରକ୍ଷା କରିବାକୁ ଲାଗିଲେ ପ୍ରେମିକ ଠାକୁରଙ୍କର ନିଶ୍ଚଳ ଶରୀର ।

କିଛିକ୍ଷଣ ଉତ୍ତାରୁ ଭାଙ୍ଗିଗଲା ଭାବସମାଧି— ଏଥର ବାବାଙ୍କର ସମ୍ପୂର୍ଣ୍ଣ ବାଳକଭାବ । ଛୋଟ ଗୋଟିଏ ଶିଶୁପରି କହି ଉଠିଲେ—"ଏଇ ଯେ ଆମର କାଳୀମା' ! ଆହା ରୂପର କି ଛଟା—ଶିରରେ ମୋହିନୀ ଜଟା,

କପାଳରେ ଉଜ୍ଜ୍ୱଳ ସିନ୍ଦୁର ବିନ୍ଦ; ଲହଲହ ଜିହ୍ୱା–ଟଣାଟଣା ଆଖି, ସତେ ଯେମିତି ଜ୍ୱଳନ୍ତ ଅଗ୍ନିଶିଖା । "ଆଚ୍ଛା ତୁ କାହାର ବେଟୀରେ ମା'? ଚାଲ୍‌ନା ମା' ତୋତେ କାଖ କରି ଆମ ତାରା ମା' ପାଖକୁ ନେଇଯିବି । କ'ଣ କହିଲୁ ? ତୁ ଯିବୁତ, ବେଶ୍ ଭଲକଥା—ତେବେ ମୋ କୋଳକୁ ଆ ।"

ମା' ପୁଅଙ୍କର ଏହି ଅପୂର୍ବ ଭାବ ବିନିମୟ ଦେଖି ସମସ୍ତେ ନିର୍ବାକ୍, ନିଷ୍ପନ୍ଦ । ସତେ ଯେମିତି ମା'ର ଶିଳାମୟୀ ମୂର୍ତ୍ତି ପରମ ମାତୃଭକ୍ତ ସନ୍ତାନର ଭକ୍ତିର ପରାକାଷ୍ଠାରେ ଆଜି ସଂଜୀବିତା । ସ୍ନେହମୟୀ ଜନନୀର କଟାକ୍ଷ ଆଜି ସ୍ୱର୍ଗୀୟ ବାତ୍ସଲ୍ୟ ରସରେ ରସାଣିତା,ପ୍ରସନ୍ନ ମୁଖମଣ୍ଡଳରେ କମନୀୟ ହସର ଛଟା ।

ଭାବ ଉନ୍ମତ୍ତ ସାଧକ ବଳପୂର୍ବକ ମା'କୁ ଟୋକିନେବାକୁ ଉଦ୍ୟତ । ମା'ର ଶିଳାମୟୀ ମୂର୍ତ୍ତିକୁ ହାତରେ ହଲହଲି କରି ଜଠେଇବା ଦେଖି— ଦଉଡ଼ି ଆସି ବାଧାଦେଲେ ସେବାୟତ ଦଳ । ଭାବରେ ବିଚ୍ଛେଦ ଘଟିଲା ପାଗଳା ପୁଅର । ନିମିଷକ ମଧ୍ୟରେ ଭୀମ, ଭୈରବ, ରୁଦ୍ରମୂର୍ତ୍ତି ଧାରଣ କରି ଚିତ୍କାର କରି ଉଠିଲେ— "ନା, ନା, ତୁମମାନଙ୍କର ଏହି ରାକ୍ଷସୀ କାଳୀ, ମୋର ଦରକାର ନାହିଁ । ଯେମିତି ହାଣ୍ଡିକଳା ରୂପ ସେମିତି ମସ୍ତବଡ ଲହ ଲହ ଜିହ୍ୱା—ସତେ ଅବା ଗିଳିପକେଇବ । ଆହା—ମୋ ତାରମା'ର ରୂପଟି କି କମନୀୟ ସତେ । ଛୋଟ ଜିଭ ଟୋପା ରଙ୍ଗ—କୁନି କୁନି ପାଦ ଦୁଇଟି ଲାଲ ଟୁକ୍ ଟୁକ୍ । ତମେ ତମର କଳା କାଳୀକୁ ନେଇ ଥାଅ—ମୁଁ ଚାଲିଲି ମୋ ତାରମା' ପାଖକୁ ।"

ସହସା ମନ୍ଦିର ତ୍ୟାଗକରି ବାବା ଆସି ରାସ୍ତା ମଝିରେ ଉଭା । ରାଜା ଓ ରାଜକର୍ମଚାରୀବୃନ୍ଦ ଭକ୍ତି ସହକାରେ ସମାଦର କରି ମହାପୁରୁଷଙ୍କୁ ନେଇଆସିଲେ ରାଜ ନଅରକୁ । ସତେବେଳେ କୁମାର ବାହାଦୁର ଦୁରାରୋଗ୍ୟ ବ୍ୟାଧି କବଳରେ ଶଯ୍ୟାଶାୟୀ । ରାଜବାଟୀକୁ ଆସି ବାବା ରୋଗୀର ଶଯ୍ୟାପାଖରେ ଉପସ୍ଥିତ ହୋଇ 'ଜୟଦୁର୍ଗା' ଶ୍ରୀଦୁର୍ଗା କହି ମଥାରେ

ହାତ ବୁଲେଇ ଆଶୀର୍ବାଦ କରନ୍ତେ ଅବିଳମ୍ବେ ଉଠି ବସିଲେ ପାଟକୁମାର ।

ସେଥର ବାବା ସର୍ବମୋଟ ତିନି ଦିନ ରହିଥିଲେ କଲିକତାରେ । ରାଜଉଆସରେ କିନ୍ତୁ ଭଲଲାଗିଲାନି ଶ୍ମଶାନଚାରୀ ଭୈରବଙ୍କୁ । ଦିନରେ ଏଣେ, ତେଣେ ବୁଲାବୁଲି କରି ସନ୍ଧ୍ୟାବେଳେ ବିଶ୍ରାମ ନିଅନ୍ତି ନିମତଲା ଶ୍ମଶାନ ଘାଟରେ । ଦିନେ ସକାଳୁ-ସକାଳୁ ଭକ୍ତମାନେ ଶ୍ମଶାନରେ ବାବାଙ୍କୁ ନ ଦେଖି ଉଦ୍‌ବିଗ୍ନ ହୋଇ ଉଠିଲେ—କୁଆଡେ ଗଲେ ବାବା—ଏ ଯେ କଲିକତା ସହର—ଏଠାରେ ଥରେ ପଥ ଭୁଲିଲେ ଆଉ ଖୋଜି ପାଇବା ସହଜ ନୁହେଁ । ଅନେକ ଖୋଜା, ଖୋଜି କଲାପରେ ଦେଖାଗଲା ଶ୍ମଶାନର କେନ୍ଦ୍ର ସ୍ଥଳରେ ସ୍ତୂପୀକୃତ ବେଓ୍ୱାରିଶ ଶବ ମଧ୍ୟରେ ପରମତୃପ୍ତିରେ ଶୟନ କରିଛନ୍ତି ନିର୍ବିକାର ସଦାଶିବ ।

କଲିକତାରୁ ଫେରିବା ପୂର୍ବରୁ ହିଁ ବାବାଙ୍କ ହଜିଯାଇଥିବା ଚାବିଟି ମିଳିଗଲା । ମ୍ୟୁନିସିପାଲଟିର ଜଣେ ଦରିଦ୍ର ଝାଡୁଦାର ଅଳିଆ ଗଦାରୁ ଚାବିଟି ପାଇ ପଥୁରିଆଘାଟ ରାଜବାଟୀରେ ଜମାଦେଇ ମହାରାଜାଙ୍କ ଘୋଷଣା ଅନୁଯାୟୀ ପଚାଶ ଟଙ୍କା ପୁରସ୍କାର ହାସଲକଲା । ଏହି ଦୁଃସ୍ଥ ଝାଡୁଦାରଟି ହସ ହସ ମୁଖରେ ପୁରସ୍କାର ଗ୍ରହଣ କରିବା ଦେଖି ବାବା ଆନନ୍ଦରେ ବିହ୍ୱଳ ହୋଇପଡ଼ି ଆଶୀର୍ବାଦ କରିବାକୁ ଲାଗିଲେ । ଏତେବେଳେକେ ଜଣାପଡ଼ିଲା ସେଦିନ ତୁଚ୍ଛ ଗୋଟାଏ ଚାବିକାଠି ପାଇଁ ସର୍ବସ୍ୱତ୍ୟାଗୀ ମହାପୁରୁଷ କାହିଁକି ଏତେ ବ୍ୟସ୍ତ ହୋଇ ପଡ଼ୁଥିଲେ । ସେହି ଚାବିକାଠି ବାହାନାରେ ସିନା ଗରିବ ଝାଡୁଦାରଟିର ରାଜପୁରସ୍କାର ଲାଭହେଲା ।

ଫେରିବା ବାଟରେ ମହାରାଜାଙ୍କ ଅନୁରୋଧରେ ବାବା ଯତୀନ୍ଦ୍ର ମୋହନଙ୍କ ଖୁଲ୍ୟତାତ ପ୍ରସନ୍ନ କୁମାର ଠାକୁରଙ୍କ ଶ୍ୟାମନଗରସ୍ଥିତ କାଳୀବାଡୀରେ କିଛି ସମୟ ଅବସ୍ଥାନ କରିଥିଲେ ! ପ୍ରସନ୍ନ କୁମାର ଠାକୁର କଲିକତା ମହାନଗରୀର ଜୈନୈକ ସ୍ୱନାମଧନ୍ୟ ନାଗରିକ; ଖ୍ୟାତନାମା

ଓକିଲ ତଥା ଶାସନ ବିଧାୟକ ସଭର ସଭ୍ୟ । ସିଏ ଆଇନ୍ ଚର୍ଚ୍ଚାର ଶ୍ରୀବୃଦ୍ଧି ନିମନ୍ତେ କଲିକତା ବିଶ୍ୱବିଦ୍ୟାଳୟକୁ ଏକଲକ୍ଷ ମୁଦ୍ରା-ଦାନ କରିବା ସଙ୍ଗେ ସଙ୍ଗେ ସଂସ୍କୃତ ଭଷାର ଉନ୍ନତି କଳ୍ପେ ମୂଳାଜୋଡରେ ଏକ ଚତୁଷ୍ପାଠୀ ସ୍ଥାପନ କରିଥିଲେ । ପ୍ରସନ୍ନ କୁମାର ବାବାଙ୍କୁ ସାଦର ଅଭ୍ୟର୍ଥନା ଜଣେଇ ପାଛୋଟି ନେଇ ମା'ର ମନ୍ଦିର ବେଢ଼ାରେ ଭେଗରଗ ତଥା ବିଶ୍ରାମର ବ୍ୟବସ୍ଥା କରଇଲେ । ମହାରଜାଙ୍କର ବଡଇଚ୍ଛା ବାବା ଆଜି ନିଜ ହାତରେ ମା'ର ପୂଜା କରିବେ; ତେଣୁ ପୂଜା ସାମଗ୍ରୀ ତଥା ଭେଗରଗର ବିପୁଳ ଆୟୋଜନ କରାଗ ହୋଇଛି । କ୍ଷେପାବାବା ମା'ର ପୂଜା କରିବେ, ଶୁଣି ଦଳ ଦଳ ହୋଇ ଗୁଣୀ, ମାନୀ, ପଣ୍ଡିତ, ବିଦ୍ୱାନ ତଥା ସାଧାରଣ ଦର୍ଶକବୃନ୍ଦ ମନ୍ଦିର ପ୍ରାଙ୍ଗଣରେ ରୁଣ୍ଡ ହେବାକୁ ଲଗିଲେ । ସମସ୍ତେ ଆଗ୍ରହରେ ଅପେକ୍ଷା କରିଛନ୍ତି ବାବାଙ୍କ ପୂଜା ଦେଖିବାନିମନ୍ତେ । ମା'ର ସାମ୍ନାରେ ପୂଜକ ଆସନରେ ବାବାଙ୍କୁ ବସେଇ ଦିଆଗଲା । ଆସନ ଚତୁଃପାର୍ଶ୍ୱରେ ଫୁଲଫଳ ଆଦି ନାନାବିଧ ଉପଗ୍ରର ତଥା ଭେଗ ସମ୍ଭାର ସୁସଜ୍ଜିତ । ବାବାଙ୍କର କିନ୍ତୁ କୌଣସି ଦିଗକୁ ଲକ୍ଷ୍ୟନାହିଁ । ଅପଲକ ନୟନରେ ଦେବୀଙ୍କର ଆପାଦମସ୍ତକ ନିରିକ୍ଷଣ କରୁ କରୁ ଆଚମନ କରିବା ପରିବର୍ତ୍ତେ ପାତ୍ରୀର ସମସ୍ତ ଜଳ ଉଦରସ୍ଥ କରିବସିଲେ ।

ପୂଜାର ପ୍ରାରମ୍ଭରେ ପାତ୍ରୀର ଜଳତକ ପାନ କରିବା ଦେଖି ଉପସ୍ଥିତ ଦର୍ଶକମାନଙ୍କ ମଧ୍ୟରୁ କେହି; କେହି ବିଦ୍ରୂପରେ ପରିହାସ କରିବାକୁ ଲଗିଲେ । କେହି କେହି ବା କୁହାକୁହି ହେଲେ ଯେମିତି ସାଧକ, ସେମିତି ପୂଜା ! ଆଗ୍ରର ନାହିଁ; ବ୍ୟବହାର ନାହିଁ, ନିଷ୍ଠାନାହିଁ—ଯାହା ପୂଜା ହେବ ମା' ଗଙ୍ଗେଇ ଜାଣେ । ପଣ୍ଡିତ ତଥା ଜ୍ଞାନୀବୃନ୍ଦ ଅବଜ୍ଞା ସୂଚକ ହସାହସି ହେଲେ ।

ପୂଣ୍ୟ ଭରତ ମାତାର ଶ୍ରେଷ୍ଠ ତନ୍ତ୍ର ସାଧକ ପ୍ରେମପାଗଳ କ୍ଷେପା-ବାବାର ପୂଜା କିନ୍ତୁ ସ୍ୱତନ୍ତ୍ର । ଏ ପୂଜାରେ ମନ୍ତ୍ର ନାହିଁ; ତନ୍ତ୍ର ନାହିଁ କି ବିଧି ନିଷେଧ କିଛି ନାହିଁ । ଅଛି କେବଳ ପ୍ରାଣଢଳା ଆବେଗ, ଚକ୍ଷୁଭରା ଜଳ ଓ

ହୃଦୟଭରା ଭବ । ମା'ର ନାମରେ ମାତୃଭକ୍ତ ସାଧକ ଅଂଜଳି ପୂର୍ଣ୍ଣ ପୁଷ୍ପ ଓ ବିଲ୍ୱଦଳ ଧରି ନିଜ ମସ୍ତକ ଉପରେହିଁ ଅର୍ପଣ କରି ବସିଲେ । ଆରେ କିଏ କେଉଁଠି ଅଛ, ଶଙ୍ଖ, ଘଣ୍ଟା ବଜାଅ କହି ତାରା-ତାରା ନାଦ କରି ଉଠି ଠିଆହେଲେ ମହାଭୈରବ । ନାଦେଶ୍ୱରଙ୍କ ଗୁରୁଗମ୍ଭୀର 'ତାରା' ନାଦ କିନ୍ତୁ ସମସ୍ତଙ୍କ ଭ୍ରମ ଭାଙ୍ଗିଦେଲା । ଚମକି ଉଠି ଚାହିଁ ଦେଖି ସ୍ତମ୍ଭିତ ହେଲେ ସମସ୍ତେ-ପାଷାଣମୟୀ ମା' ନାଦର କମ୍ପନରେ ସଜୀବ ହୋଇ ଉଠିଛି ! ମା'ର ପ୍ରସନ୍ନ ମୁଖମଣ୍ଡଳରେ ସହସା ଫୁଟି ଉଠିଲା ସ୍ନେହ-ବାତ୍ସଲ୍ୟର ନିଦର୍ଶନ ଓ ଦକ୍ଷିଣ କରରେ ବରାଭୟ ମୁଦ୍ରା । "ଧନ୍ୟ ସାଧକ, ଧନ୍ୟ ତୁମର ମାତୃଭକ୍ତି"– କହି ଶ୍ରଦ୍ଧାସହକାରେ ଲୋଟି ପଡ଼ିଲେ ସକଳେ ମା' ପୂଅଙ୍କ ଚରଣତଳେ । ଜୟ ବାମାକ୍ଷେପା; ଜୟତାରା ରବରେ ପୂରିଉଠିଲା ମା'ର ମନ୍ଦିର ପ୍ରାଙ୍ଗଣ ।

ସମସ୍ତେ ଅମୃତତୁଲ୍ୟ ମା'ର ପ୍ରସାଦ ସେବନ କରି ଜୀବନକୁ ସାର୍ଥକ ମନେ କରିବାକୁ ଲାଗିଲେ । କିଛିକ୍ଷଣ ବିଶ୍ରାମ କରିବାପରେ କ୍ଷେପାବାବା ସଦଳବଳେ କାଳୀ ମା'ଠାରୁ ବିଦାୟ ନେଇ ତାରାମା' ପାଖକୁ ପ୍ରତ୍ୟାବର୍ତ୍ତନ କଲେ; ସଂଶୟୀ ଜୀବ ଚିତ୍ତରେ ପ୍ରେମଭକ୍ତିର ବୀଜ ବପନ କରି ।

*

ଚୌଷଠି

କାନନରେ କୁସୁମ ଫୁଟିଲେ ଯେପରି ବାସରେ ଚତୁର୍ଦ୍ଦିଗ ମହକି ଉଠେ ଓ ଗନ୍ଧଲୁବ୍ଧ ମଧୁପ ଦଳ ଛୁଟି ଆସନ୍ତି—ଠିକ୍ ସେହିପରି ତାରମା'ର ନନ୍ଦନବନରେ 'ବାମାକ୍ଷେପା' ରୂପୀ ପାରିଜାତ ଯେତେବେଳେ ବିକଶିତ ହୋଇ ଉଠିଲା ତା'ର ସୌରଭରେ ଆକର୍ଷିତ ହୋଇ ଦେଶବିଦେଶରୁ ଆସି ତାରପୀଠରେ ରୁଣ୍ଡହେଲେ କେତେ ଯୋଗୀ, ଭୋଗୀ ତଥା ଜ୍ଞାନ ପିପାସୁ ସାଧକବୃନ୍ଦ । ବହୁ ଭକ୍ତଙ୍କ ସମାଗମରେ ତାରପୀଠ ମୁଖରିତ ହେବାକୁ ଲାଗିଲା । ବାବା ଯେତେଦିନ ଥିଲେ, ପ୍ରାୟ ପ୍ରତିଦିନ ଏଠାରେ ଗୋଟିଏ ଛୋଟ କାଟର ମେଳା ହେଲପରି ଲାଗେ । ଦୋକାନ, ବଜାର ବସି କ୍ଷୁଦ୍ର ପଲ୍ଲୀ ତାରପୁର ଗହଳ-ଚହଳରେ ପୂରିଉଠେ ।

ଯେତେ ଦର୍ଶକ ଓ ଭକ୍ତ ତାରପୀଠକୁ ଆସନ୍ତି ସମସ୍ତେ ପ୍ରାୟ ଭୈରବଙ୍କ ଚରଣରେ ପ୍ରଣାମ କରି କିଛି, କିଛି ପ୍ରଣାମୀ ଅର୍ପଣ କରନ୍ତି । ଟଙ୍କା, ଅଧୁଲି, ସିଉକି ମିଶି ଅନେକ ମୁଦ୍ରା ଜମାହୁଏ ବାବାଙ୍କ ପାଦତଳେ । ବାବା କିନ୍ତୁ ସାଂସାରିକ ଯେ କୌଣସି ବିଷୟରେ ସମ୍ପୂର୍ଣ୍ଣ ନିର୍ବିକାର । ଦୁଇ-ଏକ ଜଣ ଅନ୍ତରଙ୍ଗ ପାର୍ଷଦ ଯେଉଁମାନେ କି ବାବାଙ୍କ ପାଖେ, ପାଖେ ଥାଆନ୍ତି ସେମାନେ ଏହି ଟଙ୍କା ଗୁଡ଼ିକୁ ତୋଳି ନେଇ ବାବାଙ୍କ କୁଟୀରରେ ସାଇତି ରଖନ୍ତି । ଏହି ଟଙ୍କାରୁ ତାରମା'ର ଭୋଗ ତଥା ପ୍ରତ୍ୟହ ତିନି, ଚାରିଶତ ଦରିଦ୍ର ନାରାୟଣଙ୍କ ସେବାର ବ୍ୟବସ୍ଥା କରାଯାଏ ।

କ୍ରମଶଃ ପ୍ରଣାମୀ ପରିମାଣ ବଢ଼ିବାରୁ ଦିନେ ଜଣେ ସଙ୍ଗତି ସମ୍ପର୍ଣ୍ଣ ଭକ୍ତ ଗୋଟିଏ ଲୁହାସିନ୍ଦୁକ କିଣିଆଣି ବାବାଙ୍କ ପର୍ଣ୍ଣକୁଟୀର ଅଭ୍ୟନ୍ତରରେ ସ୍ଥାପନ କଲା— ଉଦ୍ଦେଶ୍ୟ— ପ୍ରଣାମୀ ଟଙ୍କା ଯେପରି ପ୍ରବଞ୍ଚକ ଓ ଚୋରର ହାତରେ ନପଡ଼େ । ସିନ୍ଦୁକଟି ଦେଖି ବାବା ଆଶ୍ଚର୍ଯ୍ୟ—"ଏଇଟା ପୁଣି କ'ଣ

ବାବା ? " ଭକ୍ତଟି ବୁଝାଇ କହିଲା– "ପ୍ରଣାମୀ ଟଙ୍କା ରଖିବା ନିମନ୍ତେ ଏହି ଲୁହା ସିନ୍ଦୁକଟି ଆଣିଛି ବାବା ।"

–"ଏହା ଭିତରେ ଟଙ୍କା ଅଛି ବୋଲି କିପରି ଜାଣିବା ବାବା, କାହିଁ ଆବାଜ ତ ହେଉନି ?"

ଭକ୍ତଟି ବାବାଙ୍କୁ ଦେଖାଇବା ନିମନ୍ତେ ସିନ୍ଦୁକ ଭିତରେ ଖଣ୍ଡିଏ ପଥର ରଖି ଫାଙ୍କ ବାଟେ ଟଙ୍କାଟିଏ ଗଳେଇ ଦେଲା । "ଏହି ଯେ ଆବାଜ୍ ହେଉଛି ବାବା ଶୁଣନ୍ତୁ–ଟଂ, ଟଂ, ଟଂ ।"

ହସିହସି ବାବା କହି ଉଠିଲେ–"ସତେତ, କି ମଧୁର ଶବ୍ଦ ବାବା ! କହୁଛି ତ୍ୱଂ ତ୍ୱଂ, ତାର, ତାର ।"

କଥାରେ କହନ୍ତିନି– ଅର୍ଥହିଁ ସମସ୍ତ ଅନର୍ଥର ମୂଳ । ଏତେ ସାବଧାନତା ସତ୍ତ୍ୱେବି ଟଙ୍କା କିନ୍ତୁ ଠିକ୍ ଚୋରି ହେବାକୁ ଲାଗିଲା । ଚାବି ତ ସର୍ବଦା ବାବାଙ୍କ ଆସନ ପାଖରେ ନଚେତ ସେବକମାନଙ୍କ ପାଖରେ ରହୁଛି–ତଥାପି କେମିତି ଟଙ୍କା ଚୋରି ଯାଉଛି– ବଡ଼ ଅଦ୍ଭୁତ ବ୍ୟାପାର ! ଭକ୍ତମାନେ ଗୋପନରେ କାରଣ ଅନୁସନ୍ଧାନ କରିବାକୁ ଲାଗିଲେ ।

ଥରେ ବାବାଙ୍କର ଅନ୍ୟତମ ବିଶିଷ୍ଟ ଶିଷ୍ୟ ପଣ୍ଡିତ ହରିଚରଣ ଶାସ୍ତ୍ରୀ ମହାଶୟ ଅନ୍ୟ ଏକ ଭକ୍ତ ଉପରେ ସନ୍ଦେହ କରି ବାବାଙ୍କୁ ଚୁପ୍ ଚୁପ୍ କରି କହିଲେ–"ଅମୁକକୁ କେବେ ହେଲେ ବିଶ୍ୱାସ କରିବେନି ବାବା ! ସେ ଭାରି ଚୋର । ଆପଣଙ୍କର ଅନେକ ଟଙ୍କା ଚୋରି କରିଛି । ଭୁଲରେ ବି ତାକୁ ସିନ୍ଦୁକ ଖୋଲିବାକୁ କହିବେନି ।"

ଏହି କଥା ଶୁଣି ବାବାଙ୍କ ଆନନ୍ଦ କହିଲେ ନସରେ;–"ଆଚ୍ଛା, ଆଚ୍ଛା, ମୋ ପଣ୍ଡିତ ପୁଅ ଠିକ୍ କହୁଛି; ଏ ଶଳା ଭାରି ଚୋର । ତାକୁ କେବେହେଲେ ଚାବି ଖୋଲିବାକୁ କହିବିନି ।"

କିଛିକ୍ଷଣ ଭିତାରୁ ଉପରୋକ୍ତ ଭକ୍ତଟି ଆସି ଭକ୍ତିଭରେ ପ୍ରଣାମ କରି ବସନ୍ତେ ବାବା, ମୁରୁକି ହସି ପଚାରି ବସିଲେ–

–"କିରେ ଶଳା, ମୋ ପଣ୍ଡିତ ପୁଅ କହୁଛି ତୁ କୁଆଡେ ଭାରି ଚୋର । ସିନ୍ଦୁକରୁ କୁଆଡେ ଅନେକ ଟଙ୍କା ନେଇଛୁ । ମୁଁ ତୋତେ ଆଉ କେବେହେଲେ ଚାବି ଖୋଲିବାକୁ ଦେବିନି ।"

ଲୋକଟି ମର୍ମାହତ ହୋଇ ଶାସ୍ତ୍ରୀ ମହାଶୟଙ୍କୁ ମୁହାଁମୁହିଁ ପଚାରି ବସିଲା– "ଛିଃ, ଛିଃ; ଏତେବଡ ପଣ୍ଡିତ ହୋଇ ଆପଣ ଶେଷରେ ବାବାଙ୍କୁ ମୋ ନାଁରେ ମିଛକଥା କହି ଅପବାଦ ଦିଆଇଲେ ।" ଶାସ୍ତ୍ରୀ ମହାଶୟଙ୍କ ମୁହଁ ତ ଲଜ୍ଜାରେ ଏତେଟିକେ ! ପାଟିରୁ କଥା ବାହାରିଲାନି; ମୁଣ୍ଡ ତଳକୁ ନଇଁଗଲା ।

ଏହି ଘଟଣାଟି ସ୍ପଷ୍ଟ ସୂଚାଇ ଦିଏ–ବାବା କେତେ ସହଜ ଆଉ ସରଳ । କୌଣସି କଥା ଗୋପନ ରଖିବା ତାଙ୍କ ପକ୍ଷରେ ପୂରାପୂରି ଅସମ୍ଭବ । ବିଷୟ ବୁଦ୍ଧି ତ ଏତେ ଟିକେବି ନାହିଁ; ତାଛଡା ମାନ,ଅପମାନ, ଲଜ୍ଜା, ଘୃଣା,ଅହଂକାର କି ଅଭିମାନ ଏସବୁ ଯେପରି ବାସଚନ୍ଦନ ।

"ନ ଯସ୍ୟ ଜନ୍ମ-କର୍ମଭ୍ୟାଂ ନ ବର୍ଣ୍ଣାଶ୍ରମ ଜାତିଭିଃ ।
ସଜ୍ଜତେହସ୍ମିନ୍ନହଂ ଭାବୋ ଦେହେବୈ ସଃ ହରେଃ ପ୍ରିୟ ।।"

ଯାହାର ହୃଦୟରେ ଜନ୍ମ, କର୍ମ, ବର୍ଣ୍ଣ, ଆଶ୍ରମ ଓ ଜାତିର ଅଭିମାନ-ଦ୍ୱାରା ଅହଂକାର ଜାତ ନହୁଏ ସେହି ସିନା 'ହରି'ଙ୍କର ପ୍ରିୟ !

ସମସ୍ତ ଦୈନନ୍ଦିନ ଖର୍ଚ୍ଚ ଯାଇ ଏଥର ସିନ୍ଦୁକରେ ପ୍ରାୟ ତିନି, ଚାରିହଜାର ଟଙ୍କା ଜମିଛି । ଶିଷ୍ୟ-ଭକ୍ତ ସମସ୍ତଙ୍କର ସଜାଗ ଦୃଷ୍ଟି ତା' ଉପରେ । ବାବାଙ୍କର ବି ଇଚ୍ଛା ଏହି ଅର୍ଥଦେଇ ତାରମା'ର ପୂଣ୍ୟ ପୀଠ-ସ୍ଥଳୀର କିଛିଟା ଉନ୍ନତିକର କାର୍ଯ୍ୟ କରାଯାଉ ।

ଏ ଭିତରେ କିନ୍ତୁ ଏକ ଅଭାବନୀୟ ପରିସ୍ଥିତି ଘଟିଗଲା । ଦିନେ ଏକ ଅଭାବୀ ଭକ୍ତ ଲୋଭ ସମ୍ଭାଳି ନ ପାରି ସମୟ ସୁଯୋଗ ଦେଖି କିଛିଟା ଅର୍ଥ ଅପହରଣ କଲାବେଳେ ଅନ୍ୟମାନଙ୍କ ହାତରେ ଧରା ପଡ଼ିଗଲା । ଏହି ଭକ୍ତଟି ବାବାଙ୍କର ଅତ୍ୟନ୍ତ ପ୍ରିୟ ତଥା ପ୍ରତ୍ୟହ ଆସି ଶ୍ରଦ୍ଧାଭରେ ବାବାଙ୍କ ଚିଲମ ସଜାଡ଼ି ଦିଏ ।

ବାବାଙ୍କର ଅନ୍ୟ ଏକ ଭକ୍ତ ସ୍ଥାନୀୟ କୋର୍ଟରେ ଓକିଲ । ତାଙ୍କରି ଚେଷ୍ଟାରେ ପୋଲିସ ହସ୍ତରେ ଅର୍ପିତ ହୋଇ ଅଭିଯୁକ୍ତ ଲୋକଟି ହାଜତକୁ ଚାଲାଣ ହେଲା । ଅଦାଲତରେ କେଶ୍‌ର ବିଚାର ଆରମ୍ଭ ହେଲା । ସଜାହେବ ନିଶ୍ଚୟ । ସାକ୍ଷୀର ତ ଅଭାବ ନାହିଁ ।

ଚୋର ଧରାପଡ଼ିଛି ଶୁଣି ବାବା ମହାଖୁସୀ । ବାବାଙ୍କୁ ଥରେ ଯାଇ ଅଦାଲତରେ ଜମାନବନ୍ଦୀ ଦେବାକୁ ହେବ । ଭକ୍ତମାନେ ପାଲିଙ୍କି ପ୍ରସ୍ତୁତ କରି ବାବାଙ୍କୁ ଯିବାପାଇଁ ଅନୁରୋଧ ଜଣାଇଲେ । ଶ୍ମଶାନଚାରୀ ଭୈରବ କିନ୍ତୁ ଶ୍ମଶାନ ଛାଡ଼ି ଯିବାକୁ ନାରାଜ । ଯାହାହେଉ ବହୁତ କୁହାବୋଲା କରନ୍ତେ ରାଜି ହୋଇ ପାଲିଙ୍କିରେ ବସିଲେ ।

ହାକିମ, ଖେପାବାବାଙ୍କୁ ବହୁତ ଶ୍ରଦ୍ଧା କରନ୍ତି । ତେଣୁ ବାବାଙ୍କ ସମ୍ମାନାର୍ଥେ ସେଦିନ ହାକିମଙ୍କ ଘରେହିଁ ଅଦାଲତ ବସିଲା । ହାକିମଙ୍କ ସାମ୍ନାରେ ବାବାଙ୍କୁ ଏକ ସୁଉଚ୍ଚ ଆସନରେ ବସାଇ ଦିଆଗଲା । ଏତିକିବେଳେ ଅଭିଯୁକ୍ତ ଆସାମୀକୁ ହାତ ଗୋଡ଼ରେ ବେଡ଼ି ପକାଇ ଆଣି ଠିଆ କରାଗଲା । ଭକ୍ତଟି ଅନୁତାପରେ ତଳକୁ ମୁହଁପୋତି କାନ୍ଦିବାରେ ଲାଗିଥାଏ । ତା'ର କ୍ରନ୍ଦନ ଶୁଣି ବାବା ପଚାରି ବସିଲେ– "କିରେ ଶଳା, ତୁ ତ କ'ଣ ଭଲ ଗହଣା ନାଇଛୁ, ପୁଣି କାନ୍ଦୁଛୁ କାହିଁକି ?"

"ଏ ଆସାମୀ ଆପଣଙ୍କ ଟଙ୍କା ଚୋରି କରିଛି ?" ହାକିମଙ୍କ ପ୍ରଶ୍ନ ଶୁଣି ବାବା ବିସ୍ମିତ ହେଲାପରି କହି ଉଠିଲେ;–"କ'ଣ କହିଲ ବାବା ? ମୋର ଟଙ୍କା–ପୁଣି ଚୋରି; । କାହାର ଟଙ୍କା ବାବା –କିଏ ପୁଣି ଚୋରି

କରେ ? ଅଭବୀ ଲୋକ ଟଙ୍କା ଦେଖିଲା, ତେଣୁ ନେଇ ଖର୍ଚ୍ଚ କରିଦେଇଛି । ଠିକ୍ କରିଛି ହାକିମ ବାବା ଠିକ୍ କରିଛି ।”

ହାକିମ, ଓକିଲ ତଥା ଅନ୍ୟାନ୍ୟ ଶିଷ୍ୟ ଭକ୍ତ ସମସ୍ତେ ବାବାଙ୍କ ଜମାନବନ୍ଦୀ ଶୁଣି ଅବାକ୍ । ଓକିଲ ଶିଷ୍ୟଟି ବାବାଙ୍କୁ ବୁଝାଇଲା– “ଏ ଆପଣଙ୍କର ଅନେକ ଟଙ୍କା ଚୋରି କରିଛି ବାବା । ଆପଣ ଖାଲି ଥରଟିଏ କହିଦେଲେ– ଦୋଷୀ ତା’ର ଉପଯୁକ୍ତ ଦଣ୍ଡ ପାଇବ ।”

ବାବା କିନ୍ତୁ ନିର୍ବିକାର । “ଦେଖ ବାବା, ଯେତେ ଟଙ୍କା, ଟଙ୍କା କରିବ ସେତେ ଦୂରକୁ ଦୂରକୁ ଚାଲିଯିବ । ଆଚ୍ଛା ହାକିମ ବାବା ! ତମେ ତାକୁ ଏଥରକ ଛାଡ଼ିଦିଅ । ବଡ ଗରିବ ବାବା–ପିଲାଛୁଆ ଗୁଡ଼ିକ କିପରି ଚଳିବେ ?” ବାବାଙ୍କ କଣ୍ଠସ୍ୱର ଏଥର କାରୁଣ୍ୟରେ ଭରିଗଲା । ସେ ପୁଣି କହି ଉଠିଲେ– “ଦେଖ ହାକିମବାବା ! ତାକୁ ଜେଲ ହୋଇଗଲେ ମୋ ଚିଲମ କିଏ ସଜାଡ଼ିବ ? କାହାସଙ୍ଗେ ସୁଖ ଦୁଃଖ ହେବି ବାବା–ଦୟାକରି ତାକୁ ଛାଡ଼ି ଦିଅ ବାବା !” ବାବାଙ୍କ ସରଳତାରେ ମୁଗ୍ଧ ହୋଇ ହାକିମ ଆସାମୀକୁ ଖଲାସ କରିଦେଲେ । ଏକା ପାଲିଙ୍କିରେ ଭକ୍ତଟିକୁ ପାଖରେ ବସାଇ ବାବା ଖୁସି ମନରେ ତାରାପୀଠକୁ ଫେରିଗଲେ । କହିବା ବାହୁଲ୍ୟ ସେହିଦିନଠାରୁ ଭକ୍ତଟିର ଚରିତ୍ର ସମ୍ପୂର୍ଣ୍ଣ ବଦଳି ଗଲା ।

ଧନ୍ୟ ମହାପୁରୁଷ ! ଧନ୍ୟ ତୁମର ପର ଦୁଃଖ କାତରତା ! ! କଥାରେ କହନ୍ତିନି ବାପ ପୁଅ ଗତି ଅନିଦ୍ରା ମୁଗୁରା ମୁହଁ ମେଳା । ଭକ୍ତମାନେ ଯେତେ ସଜାଗ ରହି ଅର୍ଥ ସଞ୍ଚୟ କରିବାକୁ ବ୍ୟଗ୍ର–ତୀବ୍ର ବିଷୟ ବୈରାଗ୍ୟ ତଥା ଉଦାରତା ହେତୁ ବାବା ସେ ବିଷୟରେ ସେତିକି ନିରାସକ୍ତ । ତେଣୁ ପ୍ରାୟ ଅର୍ଥ ରହେନା– କେଉଁ ବାଟରେ ହେଲେ ଖସିଯାଏ । ପ୍ରେମର ଠାକୁର ରାମକୃଷ୍ଣଙ୍କ ଭାଷାରେ ଟଙ୍କାର କୌଣସି ମୂଲ୍ୟ ନାହିଁ ।

ସେ କୁହନ୍ତି- "ଟଙ୍କା ମାଟି ଆଉ ମାଟି ଟଙ୍କା ।" ସଂସାରୀର ଅର୍ଥର ପ୍ରୟୋଜନ ସଂସାର ନିର୍ବାହ କରିବା ନିମନ୍ତେ; କିନ୍ତୁ ତ୍ୟାଗୀର ଅର୍ଥର ପ୍ରୟୋଜନ-ସତ୍‌କାର୍ଯ୍ୟ ତଥା ଜୀବସେବା ନିମନ୍ତେ ।

ଏହି ଘଟଣା ପରଠାରୁ କିନ୍ତୁ ଭକ୍ତମାନେ ଜୋରକରି ଦିଗମ୍ବର ଭୈରବଙ୍କ ଅଣ୍ଟାରେ ଗୋଟିଏ ଡୋରି କରି ଗୁବିଚି ବାନ୍ଧିଦେଲେ । ପୂର୍ବ ଅଧ୍ୟାୟରେ ବର୍ଣ୍ଣିତ ଗୁବିକାଠିଟିହିଁ ଏହି ଗୁବିକାଠି ।

*

ଏକୋଇଶ

ଏହି ବିଚିତ୍ର ସୃଷ୍ଟିରେ ନିନ୍ଦୁକମାନଙ୍କର ଅଭାବ ନାହିଁ । ଏପରି ଏକ ଶ୍ରେଣୀର ପରହିଂସ୍ରୁକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ପରର ଶ୍ରୀ ଦେଖି ସହ୍ୟ କରି ପାରନ୍ତିନି । ମିଥ୍ୟା ପ୍ରଗ୍ର କରି, ସଜ ଗୋବରରେ ପୋକ ପକାଇବା ଏମାନଙ୍କର ପେଷା । ତାରପୀଠର ତହସିଲଦାର ନୀଳମାଧବ-ବାବୁ ଏହି ଗୋଷ୍ଠୀର ଅନ୍ତର୍ଭୁକ୍ତ । କ୍ଷେପାବାବାଙ୍କ ବିଭୂତି ତଥା ଦୈବୀଲୀଳା ପ୍ରସଙ୍ଗ ଶୁଣିଶୁଣି ଅତିଷ୍ଠ ହୋଇପଡ଼ନ୍ତି ତହସିଲଦାର ମହାଶୟ । କାଳଜୟୀ, ତ୍ରିକାଳଜ୍ଞ ମହାପୁରୁଷଙ୍କ ନାମରେ ବି ଦୁର୍ନାମ ରଟେଇବାକୁ ଦୁଷ୍ଟ ବୁଦ୍ଧି ଜୁଟିଯାଏ ତାଙ୍କ ମୁଣ୍ଡରେ ।

ତାର ସୁନ୍ଦରୀ ବୀରଭୂମର ସର୍ବଜନବିଦିତା ରୂପଜୀବା । ଦୁନିଆରେ ଏପରି କୌଣସି ନାରକୀୟ କାର୍ଯ୍ୟ ନାହିଁ ଯାହାକି ଏହି ବାରଙ୍ଗନା ପକ୍ଷରେ ଅସମ୍ଭବ । ଶେଷକୁ କାମଜୟୀ ମହାମାନବଙ୍କୁ ପରୀକ୍ଷା କରିବାକୁ ଦୁଷ୍ଟ ନୀଳମାଧବ ତାରସୁନ୍ଦରୀର ଦ୍ୱାରସ୍ଥ ହୁଏ । ଅର୍ଥର ମୋହ ଦେଖାଇ ଗଣିକାକୁ ରାଜି କରାଏ—ଗଭୀର ନିଶିଥରେ ତାରପୀଠର ମହାଶ୍ମଶାନକୁ ଯାଇ କ୍ଷେପାବାବାଙ୍କ ଭୈରବୀ ସାଜିବାକୁ ।

ଯେଉଁମାନେ ଶ୍ମଶାନରେ ତନ୍ତ୍ରସାଧନା କରନ୍ତି ସେମାନଙ୍କର କୁଆଡେ ଜଣେ, ଜଣେ ଭୈରବୀଙ୍କର ଆବଶ୍ୟକ ପଡେ । ତନ୍ତ୍ରୋକ୍ତ ପଞ୍ଚମକାର ସାଧନାର ମୈଥୁନ ଏକ ଅଙ୍ଗ । କିନ୍ତୁ ସ୍ୱଭାବସିଦ୍ଧ ବାଳବ୍ରହ୍ମଚାରୀ ବାମାକ୍ଷେପା ବାବାଙ୍କର ଜୀବନରେ କେବେହେଲେ କୌଣସି ଭୈରବୀର ଆବଶ୍ୟକତା ପଡ଼ିନି । ତନ୍ତ୍ର ସାଧନାର ଦୁଇଟି କୁଳ— କାଳୀକୁଳ ଓ ଶ୍ରୀକୁଳ; ଦୁଇଟି କ୍ରମ—ନୀଳକ୍ରମ ଓ ଚୀନକ୍ରମ । ନୀଳକ୍ରମରେ ଶୁଷ୍କପନ୍ଥା ଓ ଚୀନକ୍ରମରେ ଆର୍ଦ୍ରପନ୍ଥା । ଶୁଷ୍କପନ୍ଥୀର ଅନ୍ତର୍ମୈଥୁନ ଓ ଆର୍ଦ୍ର ପନ୍ଥୀର

ପ୍ରାକୃତ ମୈଥୁନ । କ୍ଷେପାବା । କିନ୍ତୁ ଥିଲେ ପରମ ଯୋଗୀ; ସେ ସର୍ବଦା ସହସ୍ରାରେ କୁଣ୍ଡଳିନୀର ମିଳନ କରାଇ ପରମ ମୈଥୁନାନନ୍ଦରେ ନିମଜ୍ଜମାନ ଥାଆନ୍ତି । ସହସ୍ରାରେ କୁଣ୍ଡଳିନୀର ସଂଯୋଗର ଅନ୍ୟନାମ ପରମାତ୍ମାରେ ଜୀବାତ୍ମାର ସମ୍ମିଳନ ଆଉ ଏହି ସମ୍ମିଳନରୁହିଁ ସାମ୍ୟରସ ଜନିତ ବ୍ରହ୍ମାନନ୍ଦର ଉଦ୍ଭବ ।

ପିତ୍ୱା ପିତ୍ୱା ପୁନଃ ପିତ୍ୱା ପତିତୋ ଧରଣୀ ତଳେ ।
ଉତ୍‌ଥାୟ ଚ ପୁନଃ ପିତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।।
(ତନ୍ତ୍ର)

ବାରମ୍ବାର କୁଳକୁଣ୍ଡଳିନୀ ଶକ୍ତିକୁ ସହସ୍ରାରେ ପରମ ଶିବଙ୍କ ସଙ୍ଗେ ସଂଯୁକ୍ତ ଓ ସ୍ୱସ୍ଥାନକୁ ଆନୟନ କରିବା ଦ୍ୱାରା ତହିଁରୁ ଶ୍ୱେତ ଓ ରକ୍ତବର୍ଣ୍ଣ ସତ୍ତ୍ୱ ଏବଂ ରଜୋମୟ ତେଜ ନିଃସୃତ ହୋଇଥାଏ । କୁଣ୍ଡଳିନୀ ଶକ୍ତି ଏହି ସୁଧାରସରେ ପରିପ୍ଲୁତ ହୋଇ ମୂଳାଧାରକୁ ପୁନଃ ପୁନଃ ଯାତାୟାତ କରିଥାଏ । ଆତ୍ମ-ତତ୍ତ୍ୱ ବେତ୍ତା ପରମଯୋଗୀ ସର୍ବଦା ଏହି ସୁଧାରସ ପାନକରି ବ୍ରହ୍ମାନନ୍ଦରେ ନିମଜ୍ଜିତ ହୋଇ ଜନ୍ମମୃତ୍ୟୁ ଚକ୍ରକୁ ଛେଦ କରିବାକୁ ସକ୍ଷମ ହୋଇଥାଏ । କ୍ଷେପାବାବା ଥିଲେ ଅନ୍ତର୍ମୈଥୁନଶୀଳ । ତେଣୁ ସେ ପ୍ରାୟ କହିବାର ଶୁଣାଯାଏ—"ତାରମା'ହିଁ ଆମର ଆଶ୍ଚର୍ଯ୍ୟ ଭୈରବୀ ।"

ପ୍ରବାଦ ଅଛି, ବହୁ କୁଳଟା ନାରୀ ଭୈରବୀ ବେଶ ଧାରଣ କରି ବାମାକ୍ଷେପାବାବାଙ୍କୁ ପ୍ରଲୁବ୍ଧ କରିବାକୁ ତାରପୀଠରେ ଉପସ୍ଥିତ ହୋଇଥିଲେ । କିନ୍ତୁ ବାବା ସେମାନଙ୍କର କୁ ଅଭିସନ୍ଧି ବୁଝିପାରି ଦୂରରୁ ହିଁ ଘଉଡାଇ ଦିଅନ୍ତି । ଶୁଣାଯାଏ ଥରେ ଜଣେ ତରୁଣୀ ରୂପଲାବଣ୍ୟବତୀ ଭୈରବୀ ତାରପୀଠକୁ ଆସି କ୍ଷେପାବାବାଙ୍କୁ ବଶ କରିବାକୁ ଦୀର୍ଘଦିନ ଧରି ଅନେକ ଚେଷ୍ଟା କରି ପରିଶେଷରେ ବିଫଳ ମନୋରଥ ହୋଇ ଫେରିଯାଇଥିଲା । ଏକଦା ଗଭୀର ନିଶିଥରେ ଏହି ତରୁଣୀଟି ମନରେ

ସାହସ ସଞ୍ଚୟ କରି ନିଭୃତରେ ବାବାଙ୍କ କୁଟୀରରେ ପ୍ରବେଶ କରି ଭୈରବଙ୍କ ପାଦସେବାରେ ଲାଗିଯାଏ । ସହସା ଚମକି ଉଠି ବସନ୍ତି ଭୈରବ ଓ ଦୃଢ କଣ୍ଠରେ ଆଦେଶ କରନ୍ତି—"ମା' ମୋର ଭୈରବୀ ଦରକାର ନାହିଁ । ଏଠାରେ ତୁମର ଇଚ୍ଛା ପୂର୍ଣ୍ଣ ହେବନି । ତୁମେ ଏଠାରୁ ଶୀଘ୍ର ଚାଲିଯାଅ ।"

ସାଧିକା ରମଣୀଟି କିନ୍ତୁ ଚୁପ୍‌ଚାପ୍ ବସିରହେ । ସେଠାରୁ ଉଠିବାର ତା'ର କୌଣସି ଆଗ୍ରହ ନଦେଖି ଏଥର କ୍ଷେପା ବାବା ତାଙ୍କର ଉଗ୍ରମୂର୍ତ୍ତି ଧାରଣ ପୂର୍ବକ ଚିମୁଟା ଧରି ପିଟିବାକୁ ଉଦ୍ୟତ ହୁଅନ୍ତେ—ଭୟରେ ଥରି ଥରି ଭୈରବୀଟି ବାବାଙ୍କ ଚରଣରେ ଲୋଟିପଡ଼େ । କୃପାନାଥଙ୍କ କୃପାରୁ ଏହା ପରଠାରୁ କିନ୍ତୁ ତା' ଜୀବନରେ ଘଟେ ଆଧ୍ୟାତ୍ମିକ ଘଟାନ୍ତର ।

ଜଗତରେ ଯେତେ ନାରୀ ଅଛନ୍ତି ସମସ୍ତେ ହିଁ ମହାସାଧକ କ୍ଷେପାବାବାଙ୍କ ଆଖିରେ ମା'—ସେହି ଏକ ହିଁ ବିଶ୍ୱମାତାର ପ୍ରତୀକ ।

× × ×

ଗଭୀର ତମିସ୍ରାଛନ୍ନ ରଜନୀ । ତାରାପୀଠର ମହାଶ୍ମଶାନ ନିରବ, ନିସ୍ତବ୍ଧ । ମଝିରେ ମଝିରେ ପେଚକ ଓ ଶିଆଳର ବିକଟ ଚିତ୍କାର ସମଗ୍ର ପରିବେଶକୁ ଆହୁରି ଭୟଙ୍କର କରି ତୋଳୁଛି । ଏହି ମହାଶ୍ମଶାନର ଚିରଜାଗ୍ରତ ଭୈରବ କିନ୍ତୁ ଆଜି ତାଙ୍କ ପର୍ଣ୍ଣ କୁଟୀର ଅଭ୍ୟନ୍ତରେ ଶାୟିତ; ସତେ ଯେମିତି କାହାର ପ୍ରତୀକ୍ଷା କରି କରି ଘୁମେଇଁ ପଡ଼ିଛନ୍ତି । ଲୀଳାମୟଙ୍କର ପୁଣି କି ଲୀଳା କରିବାକୁ ଇଚ୍ଛା—ସେ କଥା କିଏ ଜାଣେ ! ତାରମା'ର ଏହି ପବିତ୍ର ଲୀଳାଭୂମି କାଳେ କାଳେ ସାଧକର ସାଧନାପୀଠ, ଅସାଧୁର ନରକ, ଡ଼ାକିନୀ, ପ୍ରେତିନୀମାନଙ୍କର ବିଭତ୍ସ ତାଣ୍ଡବ ନୃତ୍ୟମଣ୍ଡପ ତଥା ଅସତୀ, ବିଟପୀଙ୍କର ନାରକୀୟ କ୍ଷେତ୍ର ।

ଏତିକିବେଳେ ପୂର୍ବପରିକଳ୍ପିତ ଯୋଜନା ଅନୁଯାୟୀ ଯୌବନ ମଦ-ଗର୍ବିଣୀ ବାରାଙ୍ଗନା ତାରାସୁନ୍ଦରୀ ଅନ୍ଧକାର ବକ୍ଷଚିରି ତାରାପୀଠର ମହାଶ୍ମଶାନରେ ପ୍ରବେଶ କରେ— ନାରକୀୟ ପ୍ରବୃତ୍ତି ଚରିତାର୍ଥ କରିବା

ନିମନ୍ତେ । ରୂପରେ ଅହଂକାରର ଛଟା, ଅସଂଯତ କେଶବାସ, ଓ କଟାକ୍ଷରେ କୁତ୍ସିତ ଇଙ୍ଗିତ ନେଇ ଧୀର ପଦକ୍ଷେପରେ ଆଗେଇଯାଏ ମହାଭୈରବଙ୍କ କୁଟୀର ଅଭ୍ୟନ୍ତରକୁ । ଉପଯୁକ୍ତ ସୁଯୋଗ ମନେକରି ଢଳେଇଧରେ ଯାଇ ଯୋଗନିଦ୍ରାରେ ଶାୟିତ ମହାଯୋଗୀଙ୍କୁ । ନିର୍ଲ୍ଲଜ୍ଜା ରମଣୀ କିନ୍ତୁ ଦିଗମ୍ବରଙ୍କ ପୁରୁଷାଙ୍ଗଟି ଖୋଜିବାକୁ ଯାଇ ବିସ୍ମୟରେ ବିହ୍ବଳା ହୋଇପଡ଼େ । ମହାପୁରୁଷଙ୍କର ଯେ ଏ ଅଙ୍ଗଟି ନାହିଁ କହିଲେ ଚଳେ !

ଏତେକ୍ଷଣ ପର୍ଯ୍ୟନ୍ତ ନିଦ୍ରାର ଛଳନା କରି ପଡ଼ି ରହିଥିଲେ ବାଳବ୍ରହ୍ମଚାରୀ । ଏଥର କିନ୍ତୁ ଉଠିବସି ଆଖିମେଲି ଚାହିଁଲେ । "ଏହି ଯେ, ସନ୍ତାନର କ୍ଷୁଧା ମେଣ୍ଟାଇବାକୁ ମା' ମୋର ଆସିଛି " କହି ବାଳକବତ୍ ପରମ ଉତ୍ସାହଭରେ ଗଣିକାର ସ୍ତନ୍ୟପାନ କରିବାକୁ ଲାଗିଲେ । ଆହା, ସେ କି ତୀବ୍ର ଶୋଷଣ ! ସ୍ତନ୍ୟ ଦ୍ବୟରୁ ଧାର ଧାର ହୋଇ ରୁଧିର ବାହାରି ଆସିଲା । "ଓଃ ! ମରିଗଲିଲୋ ମା' ! ! କିଏ କେଉଁଠି ଅଛ ରକ୍ଷା କର " ବୋଲି ଚିତ୍କାର କରି କାନ୍ଦି ଉଠିଲା ବାରବିଳାସିନୀ । ଗଭୀର ନିଶିଥରେ ବିପଦଗ୍ରସ୍ତ ଅବଳାର କରୁଣ ଚିତ୍କାର ଶୁଣି, ନିଦ୍ରାତେଜି ଦଉଡ଼ି ଆସିଲେ ବାବାଙ୍କ ଭକ୍ତମାନେ । କିନ୍ତୁ ଏ କି ଦୃଶ୍ୟ ଦେଖୁଛନ୍ତି ସେମାନେ—ଏ ଯେ ବାଳଗୋପାଳଙ୍କର 'ପୁତନା ମୋକ୍ଷଣ' ଲୀଳା ! କିଏ ଏହି ନାରୀ ? କିପରି ବା ତା'ର ଏ ଦୁଃସାହସ ହେଲା ?

ଯନ୍ତ୍ରଣାରେ ଛଟପଟ୍ କରୁଛି ରମଣୀ ଆଉ ଆଜନ୍ମ ବ୍ରହ୍ମଚାରୀ, ତପସ୍ବୀ କ୍ଷେପା ବାବା ପରମ ସନ୍ତୋଷରେ ସ୍ତନ୍ୟପାନ କରି ଚାଲିଛନ୍ତି—ବୁକୁଦେଇ ଝରି ପଡ଼ୁଛି ଧାର, ଧାର ଲୋହିତ ରକ୍ତ ।

କିଛି ସମୟପରେ ରମଣୀଟିର ଜୀବନ ସଙ୍କଟାପନ୍ନ ହେବାର ଦେଖି ନିଷ୍କାମ ବ୍ରହ୍ମଚାରୀ ସ୍ତନ୍ୟପାନ ବନ୍ଦକରି କହି ଉଠିଲେ "ଯା ମା' ଯା, ଆଉ କେବେ ସନ୍ତାନ ସଙ୍ଗେ ଏପରି ଛଳନା କରିବୁନି । ମୁଁ ଯେ ତୋହରି ସନ୍ତାନ,ଆଉ ତୁହିଁ ତ ମୋର ପରମ ଶୁଭାକାଙ୍କ୍ଷଣୀ ଜନନୀ ।" ମୂର୍ଚ୍ଛିତା ହୋଇ ପଡ଼ିଲା ବାରବନିତା ।

ହାୟରେ ଛଳନାମୟୀ ନାରୀ ! ତୁହିହିଁ ନା ସେହି ମଙ୍ଗଳମୟୀ, କରୁଣାମୟୀ,ଆଦ୍ୟାଶକ୍ତି !! କାହିଁ ତୋର ସେହି ଚିରନ୍ତନ ଆଦର୍ଶ,ସତୀତ୍ୱର ରୁଦ୍ରତେଜ–ଯେଉଁ ତେଜ ପ୍ରଭାବରେ ଦିନେ ପିତାମୁଖରେ ପତିନିନ୍ଦା ଶୁଣି ଯଜ୍ଞକୁଣ୍ଡରେ ଆତ୍ମବଳି ଦେଇଥିଲେ 'ସତୀ'–ଆଉ ପଣ୍ଡ ହୋଇଥିଲା ଦକ୍ଷଯଜ୍ଞ । ଯେଉଁ ତେଜବଳରେ ସେଦିନ ସତୀ ସାବିତ୍ରୀ, କାଳର ନିୟମକୁ ଉଲଙ୍ଘନ କରି ଯମରାଜାଙ୍କ ହାତରୁ ଛଡ଼େଇ ଆଣିଥିଲେ ମୃତ ସ୍ୱାମୀଙ୍କ ଜୀବନ । ଯେଉଁ ତେଜର ଦୀପ୍ତିରେ ଦୀପ୍ତିମତୀ ହୋଇ ସତୀ ସୀତା,ମେଦିନୀର ବକ୍ଷଚିରି ଆଶ୍ରୟ ନେଇଥିଲେ ଜନନୀ କୋଳରେ । ଆହା ! କୁଆଡ଼େ ଗଲା ହିନ୍ଦୁ ନାରୀର ସେହି ସତୀତ୍ୱର ପରାକାଷ୍ଠା । ଯେଉଁ ପରାକାଷ୍ଠା ଭାଙ୍ଗିବାକୁ ଯାଇ ସ୍ୱୟଂ ନାରାୟଣଙ୍କୁ ବି ଅଭିଶାପ ଗ୍ରହଣ କରିବାକୁ ହୋଇଥିଲା ମହାସତୀ ତୁଳସୀଙ୍କଠାରୁ । ଯେଉଁ ପରାକାଷ୍ଠା ବଳରେ ସତୀ ଅନୁସୂୟା ଏକାଗତିକୁ ପରିଣତ କରିଥିଲେ ସପ୍ତଗତିରେ । ମା'ଗୋ ! କାହିଁ ତୋର ସେହି ଆରକ୍ତିମ ସିନ୍ଦୂରବିନ୍ଦୁ– ଯାହାର ତେଜ ଆଗରେ ସୂର୍ଯ୍ୟ ଚନ୍ଦ୍ର ବି ମ୍ଳାନ ଦେଖାଯାନ୍ତି । ତୋରି ମଥାର ସିନ୍ଦୂରହିଁ ତ ସେଦିନ ସ୍ୱୟଂ ବୈକୁଣ୍ଠ ବିହାରୀଙ୍କୁ ବୈକୁଣ୍ଠ-ପୁରୀରୁ ଟାଣି ଆଣିଥିଲା ଏହି ଧରାଧାମକୁ ଭିକାରୀ ସଜାଇ !

ମା' ଗୋ ! ତୋହରି ସତୀତ୍ୱହିଁ ତ ଏ ବିଶ୍ୱର ଆଦିତତ୍ତ୍ୱ; ଧର୍ମର ଭିତ୍ତିଭୂମି । ତୁହିହିଁ ତ ଘରେ, ଘରେ ବିରାଜିତା ସ୍ନେହମୟୀ, ପ୍ରେମମୟୀ, ବାତ୍ସଲ୍ୟମୟୀ ରୂପେ । ଧର୍ମ କେଉଁଠି ? ଧର୍ମଯେ ପାହାଡ଼-ପର୍ବତ, ବନ-ଉପବନ, ମନ୍ଦିର-ଆଶ୍ରମ କି କୃଚ୍ଛ୍ର ସାଧନ-ଭଜନରେ ନାହିଁ–ତାହା ଅଛି ପ୍ରତି ଘରେ, ଘରେ– ହିନ୍ଦୁ ନାରୀର ହୃଦୟକନ୍ଦରରେ–ତା'ର ସୀମନ୍ତର ସିନ୍ଦୂରରେ ଆଉ ସତୀତ୍ୱର ଆଧାରରେ । ଏହିକଥା ତ ସେଦିନ ବିଶ୍ୱକୁ ଦେଖାଇ ଦେଇଥିଲେ ଏହି ପବିତ୍ର-ପୁଣ୍ୟଭୂମି ଭାରତବର୍ଷର ଆର୍ଯ୍ୟନାରୀବୃନ୍ଦ । ଏହାହିଁ ତ ଥିଲା ଋଷିଯୁଗର ମୂଳଭିତ୍ତି ।

କିନ୍ତୁ ଆଜି, ଆଜି ତୋର ଏ କି ରୂପ ଦେଖୁଛି ମା ! ଅର୍ଦ୍ଧନଗ୍ନ ବେଶ; କଟାକ୍ଷ୍ୟରେ କାମନାର ବହ୍ନି । ଏ ରୂପକୁ ଯେ ମୁଁ ଆଉ ରହିଁ ପାରୁନି

ଗୋ ମା' ! ଏ ବହ୍ନିରେ ଯେ ତୋରି ପ୍ରିୟସୃଷ୍ଟି ଜଳି, ପୋଡ଼ି ଛାରଖାର ହୋଇଯିବ । ପତଙ୍ଗ ନିଆଁରେ ପଡ଼ିଲା ପରି ସନ୍ତାନ ଯେ ଧ୍ୱଂସ ପାଇଯିବ । ନାଁ—ନାଁ ଏହା ଅସମ୍ଭବ—ଆଗୋ ମୋକ୍ଷଦାୟିନି, ନାରାୟଣି, ଭବ—ଭକ୍ତି ପ୍ରଦାୟିନି—ସନ୍ତାନ ବତ୍ସଳା ସତୀ-ମା'ମୋର । ତୁମେ ଆଜି ଜାଗ !, ଅଭୟ ଦିଅ, ଆଶିଷ ଦିଅ, ଦିଅ ଶକ୍ତି ସନ୍ତାନ ବୁକୁରେ । ତୁମେ ନ ଜାଗିଲେ ଯେ ଶକ୍ତିହୀନ ହୋଇପଡ଼ିବେ ଅଧମ ସନ୍ତାନଗଣ, ଆଉ ସମାଜ ହୋଇଯିବ ପଙ୍ଗୁ—ସୁନ୍ଦର ସୃଷ୍ଟି ତୋର ହୋଇଯିବ ଛାରଖାର, ବିକଳାଙ୍ଗ । ତେଣୁ ମା' ଗୋ ଆଦ୍ୟାଶକ୍ତି । ଡ଼ାକୁଛି କାତରେ ଦେଇ ଅଶ୍ରୁ ଅର୍ଘ୍ୟ—କୃପାକରି ଜାଗି-ଉଠ । ତୁମରି ଔଦାର୍ଯ୍ୟ, ସ୍ନେହ, ମମତା, ବାତ୍ସଲ୍ୟ ଓ ମଧୁରତାରେ ପୁଣି ଉଜ୍ଜ୍ୱଳି ଉଠୁ ପ୍ରତ୍ୟେକ ଗୃହାଙ୍ଗନ, ତୁମରି ସିନ୍ଦୂରର ଦୀପ୍ତିରେ ପୁଣିଥରେ ଦୀପ୍ତିମନ୍ତ ହେଉ ସମାଜ; ଫେରି ଆସୁ ପୂର୍ବ ଗୌରବ, ପୂର୍ବ ବିଭବ; ପ୍ରତିଷ୍ଠିତ ହେଉ ଋଷିଯୁଗର ଆଦର୍ଶ—ଯାହାକି ଏହି ଦେବଭୂମି ଭାରତବର୍ଷକୁ ଯୁଗେ, ଯୁଗେ କରିଛି ଗରୀୟାନ, ମହୀୟାନ ।

ଦୁଷ୍ଟ ନୀଳମାଧବର ପ୍ରରୋଚନାରେ ଯେଉଁ ବାରାଙ୍ଗନା ତାରାପୀଠର ମହାସାଧକଙ୍କୁ ସାଧନ-ଭ୍ରଷ୍ଟ କରିବାକୁ ଧାଇଁ ଆସିଥିଲା—ସେହି ମହାମାନବଙ୍କ ଦିବ୍ୟ ସ୍ପର୍ଶରେ କିନ୍ତୁ ତା' ଜୀବନରେ ଆସିଲା ଅଭୂତପୂର୍ବ ପରିବର୍ତ୍ତନ । ତୀବ୍ର ଅନୁଶୋଚନା ଅଗ୍ନିର ଲେଲୀହାନ ଜିହ୍ୱାରେ ଜଳିପୋଡ଼ି ଭସ୍ମୀଭୂତ ହୋଇଗଲା ସମସ୍ତ କୁ ପ୍ରବୃତ୍ତି, ଆଖିର ଲୁହରେ ଧୋଇହୋଇଗଲା ସମସ୍ତ କଳଙ୍କ କାଳିମା । ରମଣୀତ୍ୱ ପରିବର୍ତ୍ତେ ବାରାଙ୍ଗନା ହୃଦୟରେ ଜାଗିଉଠିଲା ପବିତ୍ର ଜନନୀତ୍ୱ । ଭବବିହ୍ୱଳା ନାରୀ ସମ୍ବିତ୍ ଫେରିପାଇ କାନ୍ଦି କାନ୍ଦି ଲୋଟି ପଡ଼ିଲା ଭୈରବଙ୍କ ଅଭୟ ପାଦପଦ୍ମ ତଳେ—"ଏ ମହା ପାପିନୀକୁ ଉଦ୍ଧାର କର ବାବା !" ଆଉ ପତିତପାବନଙ୍କ ଅହୈତୁକୀ କୃପାବଳରେ ହିଁ ଚିରଦିନପାଇଁ ନରକର ପଥ ତ୍ୟାଗକରି ପ୍ରେମ ପଥରେ ପଥିକୀ ହୋଇଥିଲା ଗଣିକାଟି । ତାରା ସୁନ୍ଦରୀ ସତକୁ ସତ ତାରା ନାମରେ ମନ, ପ୍ରାଣ ଉତ୍ସର୍ଗକରି ଉତ୍ତର କାଳରେ ହୋଇଉଠିଥିଲା 'ତାରାମୟୀ' ।

ଆଉ ଧୂର୍ତ୍ତ, ପ୍ରବଞ୍ଚକ ନୀଳମାଧବ—ଅଗ୍ନିକୁ ପରୀକ୍ଷା କରିବାକୁ ଯାଇ ନିଜେ ହିଁ ପୋଡ଼ିଜଳି ଭସ୍ମିଭୂତ ହୋଇଗଲା ସେହି ଅଗ୍ନିରେ— ଘୃକିରି ଗଲା, ଘେରିକରି ଧଗପଡ଼ି ଜେଲ ଖଟିଲା, ଶେଷକୁ ଶୋଚନୀୟ ଅବସ୍ଥାରେ, ଆଶ୍ରୟହୀନ ଭବରେ ରୋଗ-ଶୋକ ଜର୍ଜରିତ ହୋଇ ଅକାଳରେ ହିଁ ମୃତ୍ୟୁ ମୁଖରେ ପତିତ ହେଲା ।

"ଯେ ଚିନ୍ତେ ପର ମନ୍ଦ,
ତା' ମନ୍ଦ ଚିନ୍ତନ୍ତି ଗୋବିନ୍ଦ ।।"

❋

ଭାରତୀ

ହିନ୍ଦୁ କୁଳନାରୀର ବୈଧବ୍ୟ ଯନ୍ତ୍ରଣା ଯେ ନିୟତିର କି ନିର୍ମମ ପରିହାସ—ତାହା କଳ୍ପନାତୀତ । ତା' ଉପରେ ଯେଉଁମାନେ ବାଲ୍ୟବିଧବା, ସେମାନଙ୍କର ଜୀବନ ଯେ ଆହୁରି ଦୁର୍ବିସହ, ଆହୁରି କରୁଣମୟ । ହାତର ଶଙ୍ଖା ଓ କପାଳର ସିନ୍ଦୂର ସଙ୍ଗେ ଚିରଦିନ ପାଇଁ ସେମାନଙ୍କ ମୁଖର ହସ ବି ଲିଭିଯାଏ । ତା'ପରେ ସେମାନେ ହୋଇ ଉଠନ୍ତି ତଥାକଥିତ ସମାଜର ଧୂମକେତୁ ଓ ଆତ୍ମୀୟ ସ୍ୱଜନମାନଙ୍କର ଗଳଗ୍ରହ । ଏହି ଅଭିଶପ୍ତାମାନଙ୍କର ମୁଖ ଦର୍ଶନ କୁଆଡେ ଅମଙ୍ଗଳର ସୂଚନା, ସୁତରାଂ ସେମାନେ ବଞ୍ଚିତ ହୁଅନ୍ତି ବିବାହ, ବ୍ରତ ଆଦି ସମସ୍ତ ସାମାଜିକ ଶୁଭକର୍ମରୁ । ସେମାନଙ୍କର ପୋଷାକ,ପରିଚ୍ଛଦ ଓ ଆହାର ବିହାର ଆଦି ସମସ୍ତ ନିୟନ୍ତ୍ରିତ ହୋଇଥାଏ—କୁସଂସ୍କାର ଜଡ଼ିତ ସାମାଜିକ ବିଚାର ଧାରରେ । ସମସ୍ତ କୁପ୍ରବୃତ୍ତିର ବଶବର୍ତ୍ତିନୀ କୁଳଟା ଓ ବ୍ୟଭିଚାରିଣୀ ରମଣୀମାନେ ମଧ୍ୟ ତଥାକଥିତ ସିନ୍ଦୂର ଟୋପାର ଦୁହାଇ ଦେଇ ଏମାନଙ୍କୁ ଦେଖିଲେ ରଣ୍ଡୀ ବୋଲି କହି ଦୂରରୁ ନାଶିକା କୁଞ୍ଚନ କରିଥାନ୍ତି ।

ଏହିପରି ଏକ ହତଭାଗିନୀ ବାଳ ବିଧବା କନ୍ୟାକୁ ସାଙ୍ଗରେ ଧରି ସେଦିନ ତାରାପୀଠକୁ ଆସିଥାନ୍ତି ରାମପୁର ହାଟର ଜଣେ ଭଦ୍ରବ୍ୟକ୍ତି—ଉଦ୍ଦେଶ୍ୟ; ମହାମାନବ ଖେପାବାବାଙ୍କ ଦର୍ଶନରେ ଦୁଃଖିନୀ କନ୍ୟାଟିର ମାନସିକ ପରିବର୍ତ୍ତନ ତଥା କିଛିଟା ସାନ୍ତ୍ୱନା ଲାଭ । ଝିଅଟି ସାଙ୍ଗରେ ଧରି ଆସିଛି ଶ୍ରଦ୍ଧାଭରେ ନିଜ ହାତରେ ପ୍ରସ୍ତୁତ କରିଥିବା ଖିରି ବାଟିଟିଏ ଭୈରବଙ୍କ ପ୍ରସାଦ ନିମନ୍ତେ ।

"ହଁ ମା' ! ଏ ଖିରି କ'ଣ ତୁ ନିଜେ ପ୍ରସ୍ତୁତ କରି ଆଣିଛୁ ? ପ୍ରଶ୍ନକଲେ ବାବା, ପିତାଙ୍କ ପାଖରେ ଠିଆ ହୋଇଥିବା ଭକ୍ତିମତୀ ବିଧବା

କନ୍ୟାଟିକୁ । "ହଁ ବାବା, ମୁଁ ନିଜେ ପ୍ରସ୍ତୁତ କରିଛି"– ମୃଦୁକଣ୍ଠରେ ଉତ୍ତର ଦେଲା କନ୍ୟାଟି ।

ଖରି ଭଲ ଲାଗିଛି ବାବାଙ୍କୁ ଖିରିଟିକିକ । ଲାଗିବନି ବା କେମିତି ? ଏ ଯେ ଶ୍ରଦ୍ଧାର ପାତ୍ରରେ ଭକ୍ତିର ବ୍ୟଞ୍ଜନ । ସେଦିନ ବିଦୁରର କୁଟୀରରେ ବିଦୁର ରମଣୀ ହାତରୁ ପରମ ଆଗ୍ରହରେ କଦଳୀ ଚୋପା ଖାଉଥିବାର ଦେଖି ନାରଦ ପ୍ରଶ୍ନ କରିଥିଲେ ଭଗବାନ କୃଷ୍ଣଚନ୍ଦ୍ରଙ୍କୁ– "ହେ ପ୍ରଭୁ ! ଭକ୍ତ ଅବା ଭକ୍ତିରେ ଅନ୍ଧ କିନ୍ତୁ ଆପଣ ବି କ'ଣ ଅନ୍ଧ ?" "ହଁ, ନାରଦ, ତମେ ସିନା ଭକ୍ତର ହୃଦୟ ବ୍ୟଥା ବୁଝିଲ, ଭଗବାନଙ୍କ ହୃଦୟ ବା ବୁଝିବ କିପରି ? ସେଠାରେ ଯେ ଭକ୍ତ ପାଇଁ କେତେ ବ୍ୟାକୁଳତା !" ହସି ହସି କହିଥିଲେ ଭକ୍ତ ବତ୍ସଳ ! ବାସ୍ତବିକ୍, ଭଗବାନଙ୍କୁ ପେଟଭରି ଖୁଆଇବାର ଏକମାତ୍ର ଉପାଦାନ–ଶ୍ରଦ୍ଧା । ଶବରୀର ସେ କି ଆକୁଳପ୍ରତୀକ୍ଷା ! ଯଶୋମତୀ ମା'ଙ୍କର ସେ କି ବାତ୍ସଲ୍ୟର ପରାକାଷ୍ଠା । ସେଇଥିପାଇଁ ନା ଶ୍ରୀମଦ୍ ଭଗବତ କୁହନ୍ତି–

> "ଶ୍ରଦ୍ଧା ନଥାଇ ଅନ୍ତର୍ଗତେ,
> ମୁଁ ତାହା ଘେନିବି କେମନ୍ତେ ?
> ଭକ୍ତିରେ ପ୍ରୀତି ନାହିଁ ଯା'ର
> ସେ କାହୁଁ ବୁଝେ ମୋ ଅନ୍ତର ?"

ପରମ ସନ୍ତୋଷରେ ସବୁତକ ଖିରି ପ୍ରସାଦ କରିସାରି ପ୍ରସନ୍ନ ବଦନରେ କନ୍ୟାଟିକୁ ଅନେଇଲେ ମଙ୍ଗଳମୟ । ଆଜାନୁଲମ୍ବିତ ବାହୁଦ୍ୱୟରେ ଫୁଟି ଉଠିଲା ବରଭୟ ମୁଦ୍ରା । ବାକ୍‌ସିଦ୍ଧ ପୁରୁଷଙ୍କ ମୁଖରୁ ସ୍ୱତଃ ବାହାରି ଆସିଲା ଆଶିଷ ବାଣୀ–"ଆୟୁଷ୍ମତୀ ହୁଅ ମା', ପୁତ୍ର-ପୁତ୍ରୀ, ଧନ-ଧାନ୍ୟ ଓ ଗୋପଲକ୍ଷ୍ମୀରେ ତୋ ଘର ଭରିଉଠୁ ।"

ବାବାଙ୍କର ଏ ଆଶୀର୍ବାଦ ଶୁଣି କିନ୍ତୁ ସମସ୍ତେ ଅବାକ୍ । ପିତା-ପୁତ୍ରୀ ଦ୍ୱୟ ଭେ କରି କାନ୍ଦି ଉଠିଲେ । ଏ ପ୍ରକାର ଆଚରଣ ଦେଖି ବାବା କିନ୍ତୁ ଆଶ୍ଚର୍ଯ୍ୟ–ସମସ୍ତଙ୍କୁ ଡ଼ବ ଡବ କରି ଅନେଇବାକୁ ଲାଗିଲେ, କଥା କ'ଣ ?

କନ୍ୟାଟି ପୁଣି କାନ୍ଦୁଛି କାହିଁକି ? କୌଣସିମତେ ଏ ରହସ୍ୟ ଭେଦକରି ପାରିଲେନି– ବାଳକବତ୍ ମହାପୁରୁଷ । କିପରି ବା ବୁଝିବେ–ସାମାଜିକ ନିୟମ ବିଷୟରେ ସେ ଯେ ସମ୍ପୂର୍ଣ୍ଣ ଅଜ୍ଞ ।

–"ମୁଁ ତ କିଛି ଅନ୍ୟାୟ କହିନି ମା',ତୁ କାନ୍ଦୁଛୁ କାହିଁକି ? କୌଣସି ଭୟ ନାହିଁ, ତାରମା' ଯେତେବେଳେ କହିଛି–ତୋର ନିଶ୍ଚୟ ଅଚିରେ ଧନ, ଜନ, ଗୋପ, ଲକ୍ଷ୍ମୀ ଲଭ ହେବ ହିଁ ହେବ ।"

ଏ କଥା ଶୁଣି କନ୍ୟାଟି କିନ୍ତୁ ଆହୁରି ଜୋରରେ କାନ୍ଦି ଉଠିଲା । ବାବା ଏଥର ପଡ଼ିଲେ ମହାସମସ୍ୟାରେ । ଥରେ କନ୍ୟାଟିର ମୁଖକୁ ଓ ଥରେ ଭକ୍ତମାନଙ୍କ ମୁଖକୁ ଗ୍ରହିଁ କୁଆଡୁ କିଛି ବୁଝି ନ ପାରି ଭକ୍ତମାନଙ୍କୁ ଜିଜ୍ଞାସା କରିବସିଲେ–"ଆରେ, ତମେମାନେ କହୁନ କାହିଁକି–ଏ ଝିଅଟା ପୁଣି କାନ୍ଦୁଛି କ'ଣ ପାଇଁ ?"

ଭକ୍ତମାନଙ୍କ ମଧ୍ୟରୁ ନଗେନ୍ଦ୍ର ନାଥ ପଣ୍ଡା ଉତ୍ତର ଦେଲେ– "ବାବା ! ଏ ଯେ; ବିଧବା, ଏହାର ପୁଣି ଧନ-ଜନ-ଗୋପ-ଲକ୍ଷ୍ମୀ ଲଭ ହେବ କିପରି ? ଏ କି ଆଶୀର୍ବାଦ କଲେ ଆପଣ ?"

–"ହବନି କାହିଁକି, ନିଶ୍ଚୟ ହେବ । ତୁ କାନ୍ଦନାରେ ମା', ତାରମା' ଯେତେବେଳେ କହିଛି– ଗୋଟିଏ କାହିଁକି ଅନେକଗୁଡ଼ିଏ ପୁତ୍ର-କନ୍ୟା ହେବେ ।" ନିର୍ଭର ପ୍ରତିଶ୍ରୁତି ଦେଲେ ଭୈରବ ।

ନଗେନ୍ଦ୍ର ନାଥ ପଣ୍ଡା ଏଥର ବାବାଙ୍କୁ ବୁଝାଇ ଦେଲେ– "ବାବା ! ଏ କନ୍ୟାଟି ଯେ ବାଳବିଧବା । ବାଳ ବିଧବାର ଯେ ପୁତ୍ର ହୁଏନା । ତେଣୁ ଆପଣ ଆଶୀର୍ବାଦ କଲେ ବା କ'ଣ ହେବ ?"

ନଗେନ୍ଦ୍ର ନାଥ ପଣ୍ଡାଙ୍କୁ ବାବା ଖୁବ୍ ସ୍ନେହ ଓ ବିଶ୍ୱାସ କରନ୍ତି । ତେଣୁ ତା'ର କଥା ଶୁଣି ନିର୍ବାକ୍ ହୋଇ କଥାଟା ଭବିବାକୁ ଲଗିଲେ । ପିତା

ଓ ପୁତ୍ରୀଙ୍କର ବିକଳ କାନ୍ଦଣା ଶୁଣି ଗଭୀର ଦୁଃଖରେ ଭରିଗଲା ଅନ୍ତର । ଆଶୀର୍ବାଦ କରିବାଟା ଅନ୍ୟାୟ ହୋଇଛି ଭାବି କାତର କଣ୍ଠରେ କହି ଉଠିଲେ– "ମା'ରେ ତୁ ମୋତେ କ୍ଷମାକର । ମୁଁ କ'ଣ ଜାଣିଥିଲି ଯେ ବିଧବାର ସନ୍ତାନ ହୁଏନା ବୋଲି । ତାର ବେଟୀ ଜିହ୍ୱାଗ୍ରରେ ବସି ଯା' କୁହାଇଲା ସେଇଆ କହିଦେଲି । ମୋତେ ବିଶ୍ୱାସ କର ମା' । ତୁ ଆଉ କାନ୍ଦନା, ତୋର ଲୁହ ଦେଖି ମୁଁ ଯେ ଆଉ ଧୈର୍ଯ୍ୟ ଧରି ରହି ପାରୁନି ।"

ଆହା, ମହାମାନବଙ୍କର କି ମହନୀୟତା ସତେ ! ଭକ୍ତର ଟୋପାଏ ଅଶ୍ରୁ ବି ଅଶ୍ରୁଳ କରି ଦେଲେ କାଳଜୟୀ-ବ୍ରହ୍ମବିଦ ମହାପୁରୁଷଙ୍କ ନୟନ ! !

ଭକ୍ତମାନେ ବାବାଙ୍କର ଅଶ୍ରୁଳ ନୟନ ଓ କାତରତା ଦେଖି ବାପ, ଝିଅ ଦୁହିଁଙ୍କୁ ବୋଧ ଶୋଧ ଦେଇ ବିଦା କରିଦେଲେ । ଭଗ୍ନହୃଦୟ ଘେନି ଗୃହକୁ ଫେରିଗଲେ ଉଭୟେ ।

ବାକ୍‌ସିଦ୍ଧ ମହାପୁରୁଷଙ୍କ କଥା କ'ଣ କେବେ ଅନ୍ୟଥା ହୁଏ । ତାହା ଯେ ଜୀବନ ଓ ମୃତ୍ୟୁପରି ଅକ୍ଷରେ ଅକ୍ଷରେ ସତ୍ୟ । ଅଚିରେ ଭୈରବଙ୍କ ଆଶୀର୍ବାଦ ଫଳି ଉଠିଲା ବିଧବା କନ୍ୟାଟିର ଜୀବନରେ । କହିବା ବାହୁଲ୍ୟ ଏହି କନ୍ୟାଟି ଅଳ୍ପ କେତେଦିନପରେ ଏକ ସମ୍ଭ୍ରାନ୍ତ ବଣିକର ସଂସର୍ଗରେ ଆସି ଅନେକଗୁଡ଼ିଏ ସନ୍ତାନଙ୍କର ଜନନୀ ହେବା ସଙ୍ଗେ ସଙ୍ଗେ, ଅନେକ ଧନସମ୍ପତ୍ତିର ଅଧିକାରିଣୀ ହୋଇଥିଲା ।

❋

ତେରଷି

ଏହି ସିଦ୍ଧପୀଠକୁ କେତେ ପ୍ରକାର ଉଦ୍ଦେଶ୍ୟ ନେଇ ଯେ କେତେଲୋକ ଆସନ୍ତି ତା'ର ଠିକଣା ନାହିଁ । ସଦା ଜାଗ୍ରତ ପ୍ରହରୀ କ୍ଷେପାବାବା କିନ୍ତୁ ସେମାନଙ୍କୁ ଚାହିଁ ମନେ, ମନେ ହସନ୍ତି । କେତେବେଳେ କାହାକୁ ଡାକି ପାଖରେ ବସାନ୍ତି ତ କେତେବେଳେ କାହାକୁ ହାଡ଼ଖଣ୍ଡେ ଧରି ମାରି ଗୋଡ଼ାନ୍ତି । ଆଉ କେତେବେଳେ ବା କାହାର ବାପ, ଅଜା ଚୌଦ୍ଦ ପୁରୁଷ ଉଦ୍ଧାର କରିବସନ୍ତି ! ସମସ୍ତଙ୍କ ମନର କଥା କିନ୍ତୁ ସେ ଜାଣନ୍ତି—ସେ ଯେ ଅନ୍ତର୍ଯ୍ୟାମୀ !

ଥରେ ଜଣେ ଖ୍ୟାତନାମା ଜମିଦାର ଆସିଥାନ୍ତି ତାର ମା'ଙ୍କୁ ପୂଜାଦେବାକୁ । ସାଙ୍ଗରେ ଅଛନ୍ତି ଥାଟ-ବାଟ, ଅନେକ ଦାସ-ଦାସୀ । ମା'ର ପୂଜା କରିବା ଆଗରୁ ଶୁଚୀମନ୍ତ ହେବାପାଇଁ ଦ୍ୱାରକା ନଈକୁ ଓହ୍ଲେଇ ପଡ଼ନ୍ତି ସ୍ନାନ କରିବାକୁ । ସ୍ନାନ ଶେଷକରି ନଦୀତଟରେ ସୂର୍ଯ୍ୟମୁଖୀ ହୋଇ ଜପ କରୁଛନ୍ତି ଜମିଦାର ମହାଶୟ— ଏ ସମୟରେ ଦିଗମ୍ବର ଭୈରବ କ୍ଷେପାବାବା ଉଭହେଲେ ନଦୀଘାଟରେ ।

ଜଳକୁ ପଶିବା ପୂର୍ବରୁ ଧ୍ୟାନରତ ଜମିଦାରଙ୍କୁ ଚାହିଁ ନ ହସି ରହିପାରିଲେନି ସର୍ବାନ୍ତର୍ଯ୍ୟାମୀ ବାବା । ହୋ, ହୋ କରି ହସୁ-ହସୁ ନଦୀକୁ ପଶିଯାଇ ଆଞ୍ଜୁଳାଏ ପାଣିଧରି ଲେକଟି ଉପରକୁ ପକେଇଦେଲେ ।

ଜମିଦାର ମହାଶୟ ରଗି ଯାଇ ଏକାବେଳେକେ ନିଆଁବାଣ । ଚିତ୍କାର କରି ଉଠିଲେ— "କିଏରେ ତୁ, କେଉଁଠିକାର ଅସଭ୍ୟ ପାଗଳା ! ଦେଖାଯାଉନି ମୁଁ ଏଠାରେ ଜପ କରୁଛି; ଅଗାଧୁଆଟାରେ ମୋତେ ଜଳ ପକେଇ ଅପବିତ୍ର କରିଦେଲୁ ସିନା ?"

ବାବା ଏଥର ଜମିଦାରଙ୍କୁ ଅନେଇ କହିଉଠିଲେ- "ବାଃ ବାଃ ରେ ବାବୁ ! ଆସିଛ ତାରାପୀଠକୁ, ଦରକାର ତାରମା'ର ଆଶ୍ରୟ-ଜପ କରୁଛ ତାର ନାମ । ଭାବନା କିନ୍ତୁ 'ମୁର୍ କମ୍ପାନୀର'' ବୁଟ୍ ଜୋତା ପାଖରେ ।"

ସର୍ବଜ୍ଞ ମହାପୁରୁଷଙ୍କ କଥା ଶୁଣି ଚମକି ପଡ଼ିଲେ ଜମିଦାର ବାବୁ । ସତକୁ ସତ ସେ ଭାବୁଥିଲେ କିପରି ଶୀଘ୍ର କଲିକତା ଫେରିଯାଇ ଏହି କମ୍ପାନୀର ନୂତନ ଡ଼ିଜାଇନ୍‌ର ଯୋତା ହଳେ କିଣିବେ । ଆସିବାବେଳେ ଜଣେ ଭଦ୍ରଲୋକଙ୍କ ପାଦରେ ଏହି କମ୍ପାନୀର ଜୋତା ହଳକ ଦେଖିଲା ବେଳଠାରୁ ମନପ୍ରାଣ ସବୁ ଯାଇ ସେଇଠି । କିନ୍ତୁ ତାଙ୍କର ମନକଥା ଏହି ଲଙ୍ଗୁଳୀ, ପାଗଳଟା ଜାଣିଲା ବା କେମିତି ? କିଏ ଏହି ଲୋକଟା ? ଏ କ'ଣ ଅନ୍ତର୍ଯାମୀ ?

ସେଦିନ ଦକ୍ଷିଣେଶ୍ୱରରେ ଭବରଠାକୁର ରାମକୃଷ୍ଣ ମା'ର ପୂଜାରେ ବ୍ୟସ୍ତ ଥାଆନ୍ତି । ଏତିକିବେଳେ ରାଣୀରାସମଣୀ ଆସି ବସିଲେ ମନ୍ଦିର ଦୁଆରେ, ମା'ର ସାମ୍ନାରେ, ହାତରେ ଜପମାଳା ଧରି । କିଛି ସମୟପରେ ପୂଜା ଛାଡ଼ି ଉଠି ଆସିଲେ ପରମପୁରୁଷ ଓ ଜୋରକରି ଗ୍ରାପଡାଟିଏ ଲଗେଇଦେଲେ ରାଣୀ ମା'ଙ୍କ ଗାଲରେ- ବେଟୀ, ମା'ର ସାମ୍ନାରେ ବସିଛୁ ମା'ର ନାମ ଜପ କରିବାକୁ-ମନରେ ପୁଣି ମାମଲାର ଚିନ୍ତା ?

ଏପରି ଦୃଷ୍ଟାନ୍ତ କିନ୍ତୁ ଆଜିର ସମାଜରେ ବିରଳ ନୁହେଁ । ସମାଜର ତଥାକଥିତ ଧର୍ମବକ ମାନେ ତ୍ରିସନ୍ଧ୍ୟାରେ ସ୍ନାନକରି, ଚିତାତିଳକ କାଟି, ମାଳା ଠକ୍ ଠକ୍ କରି ଜପରେ ବ୍ୟସ୍ତ, କିନ୍ତୁ ମନଯାଇ ଧନ ପାଖରେ । କିପରି କାହାଠାରୁ ଦୁଇ ପଇସା ଅଧିକା ଆସିବ ବା କାହାର ଭଲ ଜମି ଖଣ୍ଡିକ କିପରି ନିଜ ଜମିରେ ମିଶିବ ।

ଏହିକଥା କିନ୍ତୁ ବୁଝିଥିଲେ କଳିର କରୁଣାଘନ ଅବତାର ଗୌରାଙ୍ଗ ମହାପ୍ରଭୁ । ଆଉ ସେଇଥିପାଇଁ ଭିକ୍ଷା ଝୁଲିଧରି ଦ୍ୱାର, ଦ୍ୱାର ବୁଲି

କହିଗଲେ 'ନାମ' କର । ନାମ'ହିଁ ନିଗମ କଳ୍ପତରୁର ଗଳିତ ଅମୃତ ଫଳ । ନାମତୁଲ୍ୟ ଆଉ କ'ଣ ଅଛି ? ନାମହିଁ ବ୍ରହ୍ମ । ନାମ ଓ ନାମୀ ଅଭେଦ । ଆଉକିଛି କର ବା ନକର– କେବଳ ମାତ୍ର ନାମ ଧରି ପଡ଼ି ରହିଲେ ସବୁ ହେବ, ସବୁ ପାଇବ । ଏହି କଳିଯୁଗରେ ନାମର ସାଧନା ହିଁ ସାର୍ବଭୌମ ଯୁଗଧର୍ମ ।

"ହରେର୍ନାମ, ହରେର୍ନାମ, ହରେର୍ନାମୈବ କେବଳଂ,
କଳୌ ନାସ୍ତ୍ୟେବ, ନାସ୍ତ୍ୟେବ ନାସ୍ତ୍ୟେବ, ଗତିରନ୍ୟଥା ।"

କେହି, କେହି କୁହନ୍ତି ନାମ ଅପେକ୍ଷା ଜପ ବା ଧ୍ୟାନ ଶ୍ରେଷ୍ଠ । ଧ୍ୟାନ ଶ୍ରେଷ୍ଠ ସତ୍ୟ, କିନ୍ତୁ ଧ୍ୟାନ କରି ପାରିଲେ ତ ? କଳିର ମଣିଷ ଏତେ ଦୁର୍ବଳ ଯେ–ତା'ଦ୍ୱାରା ଯୋଗ-ଯାଗ, ଜପ-ତପ ହେବା ସମ୍ଭବ ନୁହେଁ । ଆଉ ତୁମେ ଧ୍ୟାନ କରିବାକୁ ବସ ଦେଖିବ କୌଣସି ପ୍ରକାରେ ଧ୍ୟାନ କରିପାରୁନ–ଧ୍ୟେୟ ମୂର୍ତ୍ତି ମାନସପଟରେ ଫୁଟାଇ ପାରୁନ– ଚିତ୍ତବିକ୍ଷିପ୍ତ ହୋଇଯାଉଛି । କିନ୍ତୁ ଅନ୍ୟପକ୍ଷରେ ନାମରେ ହିଁ ଧ୍ୟାନର କାର୍ଯ୍ୟ ହୋଇଥାଏ । ନାମ ହିଁ ପ୍ରତ୍ୟକ୍ଷ ଧ୍ୟାନ । ଯେଉଁଠାରେ ବସି ରାମ,ଗୋବିନ୍ଦ, ଗୋପାଳ, ମଧୁସୂଦନ ବୋଲି ଡାକିଲେ–ସେ ସ୍ୱଶରୀରରେ ଆସି ଉପସ୍ଥିତ ହୁଅନ୍ତି । ଜଣଙ୍କର ନାମଧରି ଡାକିଲେ ସେ କ'ଣ ନ ଆସି ରହିପାରେ ? ସେଇଥି ପାଇଁ ନା–ଭଗବାନ ଶ୍ରୀମଦ୍ ଭଗବତ ମୁଖରେ ଉଦ୍ଧବଙ୍କୁ କହିଥିଲେ–

"ଉଚ୍ଚେ ଡାକିବ ମୋର ନାମ ।
ଶୁଣିବ ସକଳ ଶ୍ରବଣ ।"

(ଶ୍ରୀମଦ୍ ଭାଗବତ)

ସନ୍ଦିଗ୍ଧ-ଚିତ୍ତରେ ମନ୍ଦିରକୁ ଫେରିଯାଇ ପଣ୍ଡା ପଡ଼ିହାରୀମାନଙ୍କୁ ପ୍ରଶ୍ନକଲେ ଜମିଦାର ମହାଶୟ– ଦ୍ୱାରକା ନଈରେ ସ୍ନାନ କରୁଥିବା ଏହି ପାଗଳା ଲୋକଟି କିଏ–ଯାହା ପାଖରୁ ସେ ତାଙ୍କ ମନର ସାମାନ୍ୟ ଚିନ୍ତା ଟିକିକ ବି ଲୁଚାଇ ରଖି ପାରିନାହାନ୍ତି ?

ଉତ୍ତର ଶୁଣି ଜମିଦାର ମହାଶୟ କିନ୍ତୁ ସ୍ତମ୍ଭୀଭୂତ— "କାହାକୁ ଆପଣ ପାଗଳ ବୋଲି କହୁଛନ୍ତି- ସେ ଯେ ଏହି ତାରାପୀଠର ସର୍ବଜ୍ଞ, ଶିବକଳ୍ପ ମହାପୁରୁଷ ବାମାକ୍ଷେପା !

ନାଁ ଟା ଶୁଣି ଚମକି ଉଠିଲେ ଜମିଦାର ବାବୁ । ଆଉ ଥରଟିଏ ଦର୍ଶନ କରିବାକୁ ମନଟା ବ୍ୟାକୁଳ ହୋଇଉଠିଲା । କିନ୍ତୁ ସେ ଦିନସାରା ଅନେକ ଖୋଜାଖୋଜି କରି ମଧ୍ୟ କ୍ଷେପାବାବାଙ୍କର କୌଣସି ସନ୍ଧାନ ମିଳିଲନି । ଅଗତ୍ୟା ସନ୍ଧ୍ୟାବେଳକୁ ମନଦୁଃଖରେ ସଦଳବଳେ ଫେରିଗଲେ କଲିକତା ।

ଜୀବନରେ ସୁଯୋଗ ଯେ ଥରେ ଆସେ । ଆଉ ସେହି ସୁଯୋଗର ସଦୁପଯୋଗ କରି ନପାରିଲେ ଜୀବନସାରା ପସ୍ତାଇବାକୁ ହୋଇଥାଏ । କିଏ ଜାଣେ, କାହାର କେତେବେଳେ, କେଉଁଭବରେ ଭେଟହେବ ତାଙ୍କ ସାଙ୍ଗରେ । ସୁତରାଂ ସବୁବେଳେ ମନର ଆସନ ସଜାଇ ରଖିବାହିଁ ବୁଦ୍ଧିମାନର କାର୍ଯ୍ୟ ।

*

ଚଉତିରି

୧୯୦୬ ମସିହାର ଏକ ଶାନ୍ତ ସକାଳ । ଶ୍ୱେତ ଶିମୁଳି ମୂଳେ ସ୍ୱ ଆସନରେ ଉପବିଷ୍ଟ ଯୋଗେଶ୍ୱର କ୍ଷେପାବାବା । ପାଦ ପାଖରେ ଜଗି-ବସିଛନ୍ତି କାଲୁ, ଭୁଲୁ ଆଦି ନନ୍ଦୀ ଭୃଙ୍ଗୀର ଦଳ । ଚାରିପାଖରେ ବେଢି ବସି ତତ୍ତ୍ୱକଥା ଶୁଣୁଛନ୍ତି ଅନୁରାଗୀ ଭକ୍ତବୃନ୍ଦ । ହଠାତ୍ କଥା ବନ୍ଦ କରି ପଚାରି ବସିଲେ ମହାଭୈରବ–"ଲଗେନ କକା; ମୋ ନାକକୁ କୁଆଡୁ ବିଲାତି କାରଣର ଭୁରୁ,ଭୁରୁ ଗନ୍ଧ ଭସି ଆସୁଛି ?"

ନଗେନ୍ଦ୍ର ପଣ୍ଡା ତଥା ଅନ୍ୟାନ୍ୟ ଭକ୍ତମାନେ ଶ୍ମଶାନର ଚାରିଆଡେ ଖୋଜି ଆସିଲେ ମଧ୍ୟ କୁଆଡେ କିଛି ସନ୍ଧାନ ପାଇଲେନି–ବରଂ, ଗଳିତ ଶବର ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ଯେଉଁଠାରେ ନର କଙ୍କାଳ, ଅସ୍ଥି ତଥା ପଚାମଡା ଛଡା ଆଉ କିଛି ନାହିଁ–ସେଠାରେ ପୁଣି ବିଲାତି ମଦର ଗନ୍ଧ କୁଆଡୁ ଆସିଲା ବୁଝି ନପାରି ଭକ୍ତମାନେ ପରସ୍ପର, ପରସ୍ପରର ମୁଖକୁ ଚାହିଁବାକୁ ଲାଗିଲେ ।

ଏହାର କିଛିକ୍ଷଣ ପରେ କିନ୍ତୁ ତାରପୀଠରେ ହୈ ଚୈ ପଡ଼ିଗଲା । ଦରଭଙ୍ଗାର ରାଜାଧିରାଜ ରମେଶ୍ୱର ସିଂହ ବାହାଦୁର ରାଜକୀୟ ପରିପାଟୀରେ ଆସୁଛନ୍ତି ବାମାକ୍ଷେପା ବାବାଙ୍କ ଦର୍ଶନ ନିମନ୍ତେ । ସାଙ୍ଗରେ ଅନେକ ସିପାହୀ ଓ ମନ୍ତ୍ରୀ । ଜାମୁକୋଳି ରଙ୍ଗର ପୋଷାକ ଓ ଲାଲ ପଗଡ଼ି ପିନ୍ଧା ଅନେକ ଗୁଡ଼ିଏ ଅଙ୍ଗରକ୍ଷୀ ସିପାହୀ ବାବାଙ୍କୁ ଖୋଜି, ଖୋଜି ଆସି ଶ୍ମଶାନ ମଝିରେ ଉପସ୍ଥିତ ।

ବାବା କିନ୍ତୁ ସେମାନଙ୍କୁ ଦେଖି ଭୟରେ ଥରହର । ପୋଲିସଙ୍କୁ କାଳେ କାଳେ ବାବାଙ୍କର ଭୟ ଓ ଅବିଶ୍ୱାସ । ତେଣୁ ଭୂପତି ପଣ୍ଡାଙ୍କୁ ଚାହିଁ ଡ଼ରି, ଡ଼ରି ପ୍ରଶ୍ନକଲେ– "ଭୂପୁ କକା ଏଠାରେ ଏତେଗୁଡ଼ିଏ ପୋଲିସ କାହିଁକି ?

"ବାବା, ଏମାନେ ପୋଲିସ୍ ନୁହନ୍ତି । ଦରଭଙ୍ଗାର ମହାରଜା ଆପଣଙ୍କୁ ଦର୍ଶନ କରିବାକୁ ଆସିଛନ୍ତି । ଏମାନେ ତାଙ୍କ ଅଙ୍ଗରକ୍ଷୀ ସିପାହୀ । ଆପଣଙ୍କର ଭୟର କୌଣସି କାରଣ ନାହିଁ ବାବା ।"

"ସେ ପୁଣି କି କଥା ଭୂପୁକାକା, ମୁଁ ଯେ ଜଣେ ସାମାନ୍ୟ ଭିକ୍ଷୁ, ମୋ ପାଖକୁ ପୁଣି ରଜା, ରଜୁଡ଼ା କାହିଁକି ? ତା'ହେଲେ ଦେଖୁଛି, ମୋତେ ଏଠୁ ପଳେଇବାକୁ ପଡ଼ିବ ।"

ବାବାଙ୍କ କଥାଶୁଣି ଭକ୍ତମାନେ ତାଙ୍କୁ ସାହସ ଦେବାକୁ ଲାଗିଲେ । ବାବା କିନ୍ତୁ ଏତେଗୁଡ଼ିଏ ସିପାହୀ, ସାନ୍ତ୍ରୀଙ୍କୁ ଦେଖି ଖୁବ୍ ଅସ୍ୱସ୍ତି ବୋଧ କରୁଥିବାର ଲକ୍ଷ୍ୟ କରି ନଗେନ୍ଦ୍ର ନାଥ ପଣ୍ଡା ସେମାନଙ୍କୁ ମନ୍ଦିରକୁ ଫେରି ଯାଇ ଅପେକ୍ଷା କରିବାକୁ ତଥା ମହାରଜାଙ୍କୁ ଏକାକୀ ସାଧାରଣ ବେଶରେ ଆସିବାକୁ ଉପଦେଶ ଦେଲେ ।

ବିଲାତି ମଦର ବୋତଲ ଓ ସୁମିଷ୍ଟ ପକ୍ୱଫଳ ଝୁଡ଼ିଏ ହାତରେ ଧରି ଏକଦମ୍ ସାଧାସିଧା ପୋଷାକରେ ଆସି ବାବାଙ୍କୁ ପ୍ରଣାମ ଜଣେଇଲେ ରମେଶ୍ୱର ସିଂ ବାହାଦୁର ।

—"ଏ ପୁଣି କିଏ, ଲଗେନ କକା ?"

—"ଏ ଦରଭଙ୍ଗାର ମହାରଜା ବାବା, ଆପଣଙ୍କର ପରମ ଭକ୍ତ ।"

—"ଆରେ ବାପ୍‌ରେ ବାପ୍ । ରଜା ରଜୁଡ଼ା ଲୋକ— ତାଙ୍କୁ କ'ଣ କହିବାକୁ ହେବ, ମୋତେ ଶିଖେଇ ଦିଅ ଲଗେନ୍ କକା ! କିଛି ମନେ କରିବନି ରଜା ବାବା, ମୁଁ ପୂରାପୂରି ଗୋଟାଏ ମୂର୍ଖ ମଣିଷ, କ'ଣ କିପରି କଥା କହିବାକୁ ହେବ ମୋତେ ଜଣାନାହିଁ ବାବା ।"

ସହଜ ସରଳ ମହାପୁରୁଷଙ୍କର ସରଳତା ଦେଖି ରଜା ତ ଏକବାରେ ଆଶ୍ଚର୍ଯ୍ୟ ! ଏଇଥିପାଇଁ ନା ଶାସ୍ତ୍ର କହେ— "ଫଳେନ ନମନ୍ତି ବୃକ୍ଷାଃ ।"—

"ଆପଣଙ୍କର କୌଣସି ଭୟ ନାହିଁ ବାବା, ମୁଁ ଆପଣଙ୍କର ଜଣେ ସାମାନ୍ୟ ଭକ୍ତମାତ୍ର । ବିଲତି କାରଣ ଓ ଫଳ ଆଣିଛି ବାବା, ଦୟାକରି ସେବା କରନ୍ତୁ ।"

—"ବେଶ୍ ବେଶ୍, ଗଜାଧିଗଜ ବାବା, ଦୀର୍ଘାୟୁ ହୁଅ ବାବା, ଯଶସ୍ୱୀ ହୁଅ; ସୁ ପୁତ୍ର ଲଭ ହେଉ ।" ଗଜା ବାହାଦୂର୍‌ଙ୍କୁ ଆଶୀର୍ବାଦ ଜଣେଇ କାରଣ ବୋତଲଟି ଜଣେ ଭକ୍ତ ହାତକୁ ବଢ଼େଇ ଦେଇ କହିଉଠିଲେ— ଭୋଳାନାଥ— "ବୋତଲଟା ଖୋଲ ତ ଦେଖି ବାବା, ବେଟୀର ପୂଜା କରିଦିଏ । ଆମ ଗଜା ବାହାଦୂର୍ ଖୁବ୍ ଭଲଲୋକ ବାବା ।"

ଗଜା ବାହାଦୁର୍ ବାବାଙ୍କ କଥାଶୁଣି କରଯୋଡ଼ି ପ୍ରାର୍ଥନା କଲେ— "ବାବା ମୁଁ ଯେ ଅପୁତ୍ରିକ । ଆପଣଙ୍କ ଶରଣାଗତ ହୋଇ ଆଶିଷ ମାଗିବାକୁ ଆସିଛି । ଆଶୀର୍ବାଦ କରନ୍ତୁ ବାବା ଯେପରି ବଂଶରକ୍ଷା ନିମନ୍ତେ ଗୋଟିଏ ପୁତ୍ର ସନ୍ତାନ ଲଭ କରେ ।"

—"ନିଶ୍ଚୟ ହବ ବାବା, ତାରମା କହୁଛି ଗୋଟିଏ ନୁହେଁ ବାବା ଦୁଇଟି ପୁତ୍ର ସନ୍ତାନ ଲଭ ହେବେ । ତମେ ନିଶ୍ଚିନ୍ତରେ ଫେରିଯାଇ ଆନନ୍ଦରେ ରାଜ୍ୟ ଶାସନ କର ଗଜାବାବା ।"

ଏତିକିବେଳେ କାରଣ ବୋତଲଟି ଖୋଲି ବାବାଙ୍କ ହାତକୁ ବଢ଼େଇ ଦେଲେ ଭକ୍ତଜଣକ ଓ ବାବା ନିକଟରେ ପଡ଼ିଥିବା ଏକ ନରକରୋଟିରେ ବୋତଲରୁ ଟିକିଏ ଢାଳିଦେଇ ପ୍ରିୟ କାଲୁ କୁକୁରକୁ ଆଗ ସେବା କରିବାକୁ କହିଲେ । କିନ୍ତୁ ଏକି ଆଶ୍ଚର୍ଯ୍ୟ ! ଖାଇବା ତ ଦୂରର କଥା, ପାନୀୟତକ ଦେଖି କାଲୁ ଘୃଣାଭରେ ମୁଖ ବୁଲାଇନେଲା । କାଲୁର ଏ ପ୍ରକାର ଆଚରଣ ଦେଖି ହଠାତ୍ ମେଜାଜଟା ଉଗ୍ର ହୋଇ ଉଠିଲା ଭୈରବଙ୍କର । "କୁକୁର ଯାହାକୁ ଛୁଇଁନି, ତାହା ପୁଣି ହେବ ଦେବଭୋଗ୍ୟ"— ରୁକ୍ଷସ୍ୱରରେ ଏହିକଥା କହି ବୋତଲଟା ଶ୍ମଶାନ ମଧ୍ୟକୁ ଫିଙ୍ଗିଦେଲେ ଓ କଟ୍‌ମଟ୍ କରି ଅନାଇ ରହିଲେ । ବାବାଙ୍କର ଏ ପ୍ରକାର ଆଚରଣ ଦେଖି

ରାଜା ତ ଭୟରେ ଥରହର । ଏତିକିବେଳେ ଚତୁରଭକ୍ତ ନଗେନ୍ଦ୍ରନାଥ ପଣ୍ଡା କିନ୍ତୁ ରାଜାଙ୍କୁ ମା'ର ମନ୍ଦିରକୁ ବାହୁଡାଇ ନେଇ ପରିସ୍ଥିତିକୁ ସମ୍ଭାଳି ନେଲେ ।

ବାକ୍‌ସିଦ୍ଧ ଭୈରବଙ୍କ ଆଶୀର୍ବାଦ ଅଚିରେ ଫଳପ୍ରସୂ ହୋଇଥିଲା ମହାରାଜାଙ୍କ ଜୀବନରେ । କିଛିକାଳ ପରେ ସତକୁସତ ରାଜାଙ୍କ ଔରସରୁ ଯମଜ ପୁତ୍ର ଦୁଇଟି ଜନ୍ମଗ୍ରହଣ କରି ଉଜ୍ଜ୍ୱଳ କରିଥିଲେ ରାଜକୁଳ । ଉତ୍ତର କାଳରେ ମହାରାଜ ରମେଶ୍ୱର ସିଂ ବାବାଙ୍କର ଜଣେ ପରମ ଶ୍ରଦ୍ଧାବାନ୍ ଭକ୍ତ ରୂପେ ଅନେକ କୃପାଲାଭ କରିଥିଲେ । ବାବାଙ୍କ ଜୀବଦ୍ଦଶାରେ ଦରଭଙ୍ଗା ରାଜସରକାର ପକ୍ଷରୁ ମାସିକ ଚାଳିଶ ଟଙ୍କା ପ୍ରଣାମୀର ବ୍ୟବସ୍ଥା ମଧ୍ୟ ଖଞ୍ଜା ହୋଇଥିଲା ।

ବାବାଥିଲେ ପରମ ବୀର୍ଯ୍ୟବାନ ନିଷ୍କାମ ବ୍ରହ୍ମଚାରୀ । ନାରିକେଳର କଠିନ ଆବରଣ ପରି ବାହ୍ୟିକ ବ୍ୟବହାର ବେଳେ, ବେଳେ ଶ୍ରୁତିକଟୁ ହେଲେ ମଧ୍ୟ ଅନ୍ତରଟି ଥିଲା ଗୋଟିଏ ଛୋଟ ଶିଶୁପରି କୋମଳ ଓ ରସାଳ । ଜାତି-ବିଚାର, ବା ଛୋଟ-ବଡ଼ ବିଚାର ତାଙ୍କର କେବେ ନଥିଲା । ସେ ଥିଲେ ସମଦର୍ଶୀ । ଚଣ୍ଡାଳ ବୋଲି କାହାକୁ ଘୃଣା କରୁନଥିଲେ କି ରାଜା, ମହାରାଜା ବୋଲି କାହାକୁ ମଥାକୁ ଟେକି ନେଉ ନଥିଲେ । ନିନ୍ଦା-ସ୍ତୁତି ଓ ମାନ-ଅପମାନ ତାଙ୍କ ପାଖରେ ସବୁ ସମାନ । ଯଶୋଗାନରେ ଆନନ୍ଦିତ ହେବାର ବା କୁତ୍ସାରଟନାରେ କ୍ଷୁର୍ଣ୍ଣମନା ହେବାର କେହି କେବେ ତାଙ୍କୁ ଦେଖିନି । ଖାଦ୍ୟାଖାଦ୍ୟ ବିଚାର ମଧ୍ୟ ତାଙ୍କର କେବେ ନଥିଲା । ପ୍ରବାଦ ଅଛି ଥରେ ଜଣେ ଦୁଷ୍ଟ ପ୍ରକୃତିର ଲୋକ ମୃଗମାଂସ ବୋଲି ଏକ ବସନ୍ତ ମଡ଼ାର ପଚା ମାଂସ ରନ୍ଧନ କରି ବାବାଙ୍କୁ ଖାଇବାକୁ ଦେଇଥିଲା ଓ ବାବା ମା'ର ପ୍ରସାଦ ଭାବି ପରମତୃପ୍ତିରେ ତାହା ଭୋଜନ କରିଥିଲେ । ଏହାଦ୍ୱାରା ତାଙ୍କର କାଣିଚାଏ ବି କ୍ଷତି ହୋଇନଥିଲା ଅଥଚ ଦୁଷ୍ଟ ଲୋକଟି ଅଚିରେ ଦୁଷ୍କର୍ମର ଯୋଗ୍ୟ ପ୍ରତିଫଳ ଭୋଗ କରିଥିଲା ।

ବାବା ଏତେ ସରଳଥିଲେ ଯେ ପୁରୁଷ ଓ ସ୍ତ୍ରୀ ମଧ୍ୟରେ କ'ଣ ପ୍ରଭେଦ ଅଛି ତା' ମଧ୍ୟ ସେ ଜାଣି ନଥିଲେ । ତାଙ୍କର ଧାରଣା ଥିଲା,

ଯିଏ କଛାମାରି ଲୁଗା ପିନ୍ଧେ ସେ ପୁରୁଷ ଓ ଯିଏ ମଥାରେ ଓଢ଼ଣା ଦିଏ ସେ ସ୍ତ୍ରୀ । ସେ ବରବର କହନ୍ତି ମା' ଓ ବାବା ସବୁ ସମାନ; ଯେପରି ଆମର ତାରମା' ଓ ଚନ୍ଦ୍ରଚୂଡ଼ ବାବା । ବାସ୍ତବିକ୍ ପ୍ରକୃତି ଓ ପୁରୁଷ ସେହି ଏକ ବ୍ରହ୍ମର ହିଁ ରୂପାନ୍ତର ମାତ୍ର । ପ୍ରକୃତି ଓ ପୁରୁଷର ସଂଯୋଜନ ଦ୍ୱାର ସୃଷ୍ଟି ଓ ବିୟୋଜନ ଦ୍ୱାର ପ୍ରଳୟ ସଂଘଟିତ ହୋଇଥାଏ । ଏହି ନିୟମହିଁ ଚିରଚରିତ ଓ ବ୍ୟତିକ୍ରମହୀନ । ଆଉ ପ୍ରଳୟର ଏକ ରୂପ ବିଶେଷ ହିଁ ଗର୍ତ୍ତ । ଋଗ୍‌ବେଦ ଏହି ଗର୍ତ୍ତକୁହିଁ କହେ ବିଶ୍ୱଜନନୀ ଭୁବନେଶ୍ୱରୀ । ତତ୍ତ୍ୱତଃ ଯେଉଁ ଗର୍ତ୍ତ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ଶୁଆଇ ପକାଏ ତାହାହିଁ ମହାମାୟା ପ୍ରକୃତିର ଏକ ରୂପ, "ଭୁବନେଶ୍ୱରୀ ଶିବା" ଓ ଜୀବ ଯାହା ଉପରେ ଶୋଇ ପଡ଼େ ସେହିହିଁ ପରମ ପୁରୁଷ ଶିବ । ସୁତରାଂ ଶିବ ଓ ଶିବା ସର୍ବଦା ଏକ ଓ ଅଭିନ୍ନ ।

❀

ପଚାଶ

ଶ୍ରାବଣର ବାଦଲଭରା ଆକାଶ । କ୍ରମାଗତ ବୃଷ୍ଟିପାତ ଫଳରେ ତାରାପୀଠର ମହାଶ୍ମଶାନ ଜଳେ-ଜଳମୟ । ଖରସ୍ରୋତା ଦ୍ୱାରକା ନଈରେ ବନ୍ୟାର ସ୍ରୋତ । ସେଦିନ ସକାଳୁ, ସକାଳୁ ବର୍ଷାର ବେଗ ଟିକେ ବଢି ଯାଇଛି । ବିଜୁଳି, ଘଡ଼ଘଡ଼ି ଶବ୍ଦ ପ୍ରତିଧ୍ୱନି ତୋଳୁଛି ଦୀର୍ଘ ତିନିକ୍ରୋଶ ବ୍ୟାପି ମହାଶ୍ମଶାନର ମର୍ମସ୍ଥଳରେ । ଶ୍ମଶାନର ଏକପ୍ରାନ୍ତସ୍ଥ ଜୀର୍ଣ୍ଣ ପର୍ଣ୍ଣ କୁଟୀର ଅଭ୍ୟନ୍ତରରେ ପ୍ରସନ୍ନ ବଦନରେ ସମାସୀନ ମହାଭୈରବ ବାମାକ୍ଷେପା । ଦୃଷ୍ଟି ସୁଦୂରପ୍ରସାରୀ ସମସ୍ତ ପ୍ରାକୃତିକ ଦୁର୍ଯ୍ୟୋଗ ଓ ତାଣ୍ଡବଲୀଳାକୁ ଭେଦକରି ମନ ବୋଧେ ଯାଇ ମଜ୍ଜିଯାଇଛି ଶିଳାମୟୀର ଲାସ୍ୟ ନୃତ୍ୟରତା ଶ୍ରୀପାଦପଦ୍ମରେ । ଆସ-ପାଶରେ ବେଢ଼ି ବସିଛନ୍ତି ଏକାଦଶ ଅନୁଚର ଶ୍ୱାନବର୍ଗ ।

ଏତିକିବେଳେ ବାବାଙ୍କ ପୂଜା ନିମନ୍ତେ ଡ଼ାଲଭରା–'ରକ୍ତ-ଜବା' ପୁଷ୍ପ ଧରି ଉପସ୍ଥିତ ହେଲା ଏକ ଭକ୍ତ; ନାମ-ଶଚୀନ୍ଦ୍ର ପଣ୍ଡା । ଆଉ କିଛି ପୂଜା ଅର୍ଚ୍ଚନା ନକଲେବି ପ୍ରତ୍ୟହ ସକାଳେ ଶିଳାମୟୀର ଶ୍ରୀପାଦପଦ୍ମରେ ଅଂଜଳି ଭରା ଜବାକୁସୁମ ଅର୍ପଣ କରେ ମା'ର ପ୍ରିୟ ପୁତ୍ର ଓ ଏହି ପୁଷ୍ପ ଯୋଗାଇବାର ଭାର ସ୍ୱେଚ୍ଛାରେ ଗ୍ରହଣ କରିଛି ଭକ୍ତ ଶଚୀନ୍ଦ୍ର । ବାବା ତେଣୁ ଆଦରରେ ତାକୁ ଡାକନ୍ତି 'ଫୁଲଗନ୍ଧ ବାବା' ବୋଲି । ଫୁଲ ଗୁଞ୍ଜୁଡ଼ିଟି ଗୋଟିଏ କଡ଼ରେ ରଖିଦେଇ ଭୈରବଙ୍କ ପାଦତଳେ ପ୍ରଣାମ କରନ୍ତେ ଧ୍ୟାନ ଭଗ୍ନହେଲା ଭବବିଭୋର ମହାସାଧକଙ୍କର । ମଧୁର କଣ୍ଠରେ ସମ୍ବୋଧନ କରି କହି ଉଠିଲେ,– "ଫୁଲଗନ୍ଧ ବାବା, ଆଜିର; ଏହି ବର୍ଷଣ ମୁଖର ସକାଳେ, ଗରମ ଦୁଧ, ଚୂଡ଼ା, ଗୁଡ ଓ କଦଳୀ ଚକଟା ଟେ ହେଲେ ଭାରି ବଢିଆ ହୁଅନ୍ତା ।" ଏ କି ଆଶା ମହାପୁରୁଷଙ୍କର ? ଏହି ଦୁର୍ଯ୍ୟୋଗ ମଧ୍ୟରେ କ୍ଷୁଦ୍ର ପଲ୍ଲୀ ତାରାପୁରରେ ଏସବୁ ପଦାର୍ଥ ଯେ ଅତ୍ୟନ୍ତ ଦୁଷ୍ପ୍ରାପ୍ୟ ।

ତଥାପି ସାଧକଙ୍କ ମନର ଆଶା ପୂର୍ଣ୍ଣ କରିବା ନିମନ୍ତେ ଭକ୍ତଟି ବର୍ଷାରେ ତିନ୍ତି, ତିନ୍ତି ଯାଇ ଗ୍ରାମସାରା ଅନୁସନ୍ଧାନ କରି ମଧ୍ୟ କୌଣସିମତେ ସଫଳକାମ ହୋଇ ପାରିଲନି । କିଛିକ୍ଷଣପରେ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରି ମ୍ଲାନ ମୁଖରେ ଜଣାଇଲ–"ବାବା; ଏହି ଦୁର୍ବିପାକରେ କୌଣସିମତେ କିଛି ଯୋଗାଡ଼ ହୋଇ ପାରିଲନି କ୍ଷମାକର ବାବା ।"

ମହାସାଧକ କିନ୍ତୁ ଅମ୍ଲାନ ବଦନରେ ହସି, ହସି କହିଲେ "ହେଉ ବାବା ବସ, ନମିଳିଲାବୋଲି ଦୁଃଖ କରନା– ବେଟୀର ଯାହା ଇଚ୍ଛା ।" ସତେ, ମା'ର କି ଲୀଳା-ସନ୍ତାନ ପ୍ରତି କେତେ କରୁଣା ! ସମସ୍ତ ପ୍ରାକୃତିକ ବିପର୍ଯ୍ୟୟକୁ ବେଖାତିର କରି ବାବାଙ୍କର ଏକ ପ୍ରିୟଭକ୍ତ ଦୁର୍ଗାଦାସ ଚକ୍ରବର୍ତ୍ତୀ ମହାଶୟ କଡକଡ଼ି ଗ୍ରାମରୁ ଆସି ସହସା ଉପସ୍ଥିତ ହେଲେ ତାରାପୀଠରେ । ସାଙ୍ଗରେ ବାବାଙ୍କ ଭୋଗ ନିମନ୍ତେ ଚୁଡ଼ା, ଗୁଡ଼, ପାଚିଲା କଦଳୀ ଓ ଗରମ, ଗରମ ଦୁଧ ।

ଧନ୍ୟ ସାଧକ ! ଧନ୍ୟ ତୁମର ସାଧନା ! ! ନିଗମ କଳ୍ପଲତା ଓ କାଳୀକୁଳ ସର୍ବସ୍ୱ ତନ୍ତ୍ରରେ ଉଲ୍ଲିଖିତ ଅଛି–

"ତସ୍ମିନ କାଳେ ଶକ୍ତି ଦେହେ ଗ୍ରବିର୍ଭବତି କାଳିକା ।
ଯଂ ଯଂ ବର ପ୍ରାର୍ଥୟତେ ତତ୍ ତତ୍ ପ୍ରାପ୍ନୋତି ନିଶ୍ଚିତମ୍ ।।"

ଶକ୍ତି ସାଧନ କାଳରେ ସାଧକ ଦେହରେ କାଳିକା ଦେବୀଙ୍କର ଆବିର୍ଭାବ ଘଟେ ଓ ସେତେବେଳେ ସାଧକ ନିଜର ଇଚ୍ଛା ମୁତାବକ ବରପ୍ରାପ୍ତ ହୋଇଥାଏ ।

ଭକ୍ତର ମନୋବାଞ୍ଛା କାଳେ କାଳେ ପୂର୍ଣ୍ଣ କରନ୍ତି ଭକ୍ତ ବତ୍ସଳ ଭଗବାନ । ସେଇଥିପାଇଁ ନା ତାଙ୍କ ନାମ ଭକ୍ତବାଞ୍ଛା କଳ୍ପତରୁ ! ତେବେ ଦରକାର କେବଳ ଆତ୍ମବିଶ୍ୱାସ ଓ ନିର୍ଭରତା । ତା'ଛଡ଼ା ଯେଉଁମାନେ ପ୍ରକୃତ କୌଳ ବା ଯୋଗୀ ସେମାନେ ନିଜର ଇଚ୍ଛାନୁସାରେ ଅସମ୍ଭବକୁ ସମ୍ଭବ ଓ ସମ୍ଭବକୁ ଅସମ୍ଭବ କରି ପାରନ୍ତି ତପ ଶକ୍ତି ବଳରେ ।

ତନ୍ତ୍ର ମାନେ କ'ଣ ? ସ୍ୱୟଂ ସଦାଶିବଙ୍କ ଶ୍ରୀମୁଖ ନିଃସୃତ ଅପୌରୁଷେୟ ପରମ ଗ୍ରନ୍ଥହିଁ ତନ୍ତ୍ରଶାସ୍ତ୍ର ନାମରେ ଅଭିହିତ । କଳି କଳୁଷିତ ଅଳ୍ପାୟୁ ଜୀବକୁ ସ୍ୱଳ୍ପଶ୍ରମରେ ମୋକ୍ଷ ବା ତ୍ରିତାପ ନାଶର ବାଟ ବତାଇଦିଏ ଏହି ତନ୍ତ୍ରଶାସ୍ତ୍ର । ସତ୍ୟ, ନିଷ୍ଠା ଓ ଜ୍ଞାନର ଅଭାବ ତଥା ସଦ୍ୟ ଫଳପ୍ରସୂ ତନ୍ତ୍ରବିଦ୍ୟାର ଅପବ୍ୟବହାର ଫଳରେ କିନ୍ତୁ ଆଜି ଅନେକଙ୍କ ମନରେ ତନ୍ତ୍ର ପ୍ରତି ବିତୃଷ୍ଣା ଦେଖାଯାଏ । ଏଥିପାଇଁ ଅବଶ୍ୟ ଅଜ୍ଞାନ ଅପବ୍ୟବହାରକାରୀହିଁ ଦାୟୀ ।

ତନ୍ତ୍ର ନାମରେ ଅନେକ ଭଣ୍ଡ ଆଜିକାଲି ମଦ୍ୟପାନ କରିବା ଦେଖାଯାଏ । କିନ୍ତୁ ପ୍ରକୃତ ମଦ ମାନେ କ'ଣ ? ମଦ ବା ଅହଂକାରକୁ ଜୀର୍ଣ୍ଣ କରିବା ଅର୍ଥାତ୍ ନଷ୍ଟ କରିବାହିଁ ସାଧକର ଅସଲ ମଦ୍ୟପାନ । କାର୍ଯ୍ୟ ଓ କାରଣରୁ ସୃଷ୍ଟି, ସ୍ଥିତି ଓ ଲୟର ସମ୍ଭାର । ଏହି ସୃଷ୍ଟି, ସ୍ଥିତି ଓ ଲୟ ସମ୍ବନ୍ଧୀୟ ତତ୍ତ୍ୱଜ୍ଞାନ ଲଭ ହିଁ ପ୍ରକୃତ କାରଣପାନ—ବୋତଲରୁ ପାନୀୟ ସେବନ କରିବା ନୁହେଁ ।

ତାନ୍ତ୍ରିକ କ୍ରିୟାକଳାପର ଦ୍ୱାହିଦେଇ ଅନେକ ତଥାକଥିତ ସାଧକ ସୁନ୍ଦରୀ-ତରୁଣୀଙ୍କୁ ଭୈରବୀ ସଜାଇ ସାଧନାରେ ପ୍ରବୃତ୍ତ ହେବାର ଦେଖାଯାଏ । ଏହି ସାଧନା କିନ୍ତୁ ଅଧିକାଂଶ କ୍ଷେତ୍ରରେ ଯୌନ ବ୍ୟଭିଚାରର ରୂପଧରି ଡ଼ାକିଆଣେ ସାଧକର ଅଧଃପତନ । ଦୁରାରୋଗ୍ୟ ବ୍ୟାଧିକବଳରେ ନିପତିତ ହୋଇ ଅକାଳରେ ମୃତ୍ୟୁବରଣ କରିବାହିଁ ସାର ହୁଏ । ତନ୍ତ୍ର ଶାସ୍ତ୍ରରେ କିନ୍ତୁ ଯେଉଁ ଭୈରବୀ କଥା ଉଲ୍ଲେଖ ଅଛି ତାହା ହସ୍ତ-ପଦ ବିଶିଷ୍ଟା ନାରୀ ନୁହେଁ । ଏକହିଁ ଆଦ୍ୟାଶକ୍ତି ସ୍ଥଳବିଶେଷରେ ପଞ୍ଚଭାବରେ ବିରାଜିତା ଯଥା— ପରା, ଅପରା, ମହାମାୟା, ଯୋଗମାୟା ଓ କୁଳକୁଣ୍ଡଳିନୀ । ଶରୀର ଅଭ୍ୟନ୍ତରରେ ସର୍ପରୂପେ ବିରାଜିତା ଏହି କୁଳକୁଣ୍ଡଳିନୀ ଶକ୍ତିହିଁ ତନ୍ତ୍ରୋକ୍ତ ଭୈରବୀ । ସାଧକ ଭାବନାର ପରିପକ୍ୱ ଅବସ୍ଥାରେ ନିଜର ସ୍ଥୁଳ ଦେହକୁ ଶବରୂପୀ ଶିବରେ ପରିଣତ କରି ଏହି କୁଳକୁଣ୍ଡଳିନୀ ଶକ୍ତି ରୂପିଣୀ ଭୈରବୀକୁ ଆତ୍ମାରେ ରମଣ ଅର୍ଥାତ ସଂଯୋଗ କରାଇଥାଏ, ବିଶୁଦ୍ଧ ଆନନ୍ଦ ଉପଭୋଗ କରିବା ନିମନ୍ତେ । ଏହି ଅବସ୍ଥାରେ ଷଡ଼ରିପୁ ଦମିତ ହୁଅନ୍ତି

ଓ ସକଳ କାମନା, ବାସନା ନଷ୍ଟ ହୋଇ ତ୍ରିତାପ ଜ୍ୱାଳା ପ୍ରଶମିତ ହେବା ଫଳରେ ସାଧକ ବିଶୁଦ୍ଧ ଆନନ୍ଦ ଓ ସ୍ୱର୍ଗୀୟ ପ୍ରେମ ସାଗରରେ ନିମଜ୍ଜିତ ହୋଇଥାଏ ।

ଆଉ ତନ୍ତ୍ରୋକ୍ତ ବଶୀକରଣ, ସ୍ତମ୍ଭନ ଓ ମାରଣ ଆଦି କ୍ରିୟାକୁ କ୍ଷୁଦ୍ର ସ୍ୱାର୍ଥ ସାଧନ ତଥା ନାରକୀୟ ପ୍ରବୃତ୍ତି ଚରିତାର୍ଥ ନିମନ୍ତେ ଅପବ୍ୟବହାର କରି କେତେଯେ ଭଣ୍ଡ ତାନ୍ତ୍ରିକ ନରକ ଗମନ କରନ୍ତି ତା'ର ଇୟତ୍ତା ନାହିଁ । କିନ୍ତୁ ପ୍ରକୃତରେ ମନକୁ ଚିତ୍ତର ବଶରେ ରଖିବାର ନାମହିଁ ବଶୀକରଣ ଓ ଇନ୍ଦ୍ରିୟ କବଳରୁ ମନକୁ ମୁକ୍ତକରି ଅନ୍ତର୍ମୁଖିନ କରିବା କ୍ରିୟାର ନାମ ସ୍ତମ୍ଭନ ତଥା ଅବିଦ୍ୟା ନାଶକରିବା ମନ୍ତ୍ରହିଁ 'ମାରଣ' ନାମରେ ଅଭିହିତ । ସ୍ୱୟଂ ସଦାଶିବଙ୍କ ଶ୍ରୀମୁଖ ନିଃସୃତ ଅମୃତବାଣୀ ଏହି ତନ୍ତ୍ରଶାସ୍ତ୍ର କ'ଣ କେବେହେଲେ ଜୀବର ଅନିଷ୍ଟ ସାଧନ କରିପାରେ ? ବରଂ ଏହାର ଗୁହ୍ୟ ମର୍ମ ବୁଝି ତନ୍ତ୍ର ସାଧନାରେ ପ୍ରବୃତ୍ତ ହେଲେ ସ୍ୱଳ୍ପ ପରିଶ୍ରମରେ ତଥା ପରିମିତ ସମୟ ମଧ୍ୟରେ ସାଧକ ମା'ର କୃପାଲଭ କରିବାକୁ ସକ୍ଷମ ହୋଇଥାଏ । ଏହି ତନ୍ତ୍ର-ଶାସ୍ତ୍ରହିଁ ବେଦର ବାହ୍ୟିକ କ୍ରିୟାକାଣ୍ଡ ତଥା ଅତ୍ୟନ୍ତ ଗୁହ୍ୟ ଓ ଗୋପନୀୟ ଶାସ୍ତ୍ର । ଉତ୍ତମ ତାନ୍ତ୍ରିକ ଗୁରୁଙ୍କ କୃପାବିନା ଏହାର ମର୍ମ ବୁଝିବା ସମ୍ଭବ ନୁହେଁ । ଆଉ ତନ୍ତ୍ରର ମର୍ମ ଭଲଭାବେ ନଜାଣି ଏହି ଶାସ୍ତ୍ରର ନିଗୂଢ଼ କ୍ରିୟାକୁ ନେଇ ଖେଳି ବସିଲେ ନିଜର ସର୍ବନାଶ ନିଜେହିଁ ଡ଼ାକି ଆଣିବା ସାର ହୁଏ ।

× × ×

ଅବଶ୍ୟ ମହାପୁରୁଷମାନଙ୍କ କଥା କିନ୍ତୁ ସ୍ୱତନ୍ତ୍ର । ଉଦୁ-ଉଦିଆ ଖରବେଳ । ସେଦିନ ପ୍ରଚଣ୍ଡ ଗ୍ରୀଷ୍ମତାପ ସାଙ୍ଗକୁ ଝାଂଜି ପିଟୁଥାଏ । ପରମ ସନ୍ତୋଷରେ ମା'ର ପ୍ରସାଦ ସେବା କରି-ସାରି ଶ୍ୱେତ ଶିମୂଳି ମୂଳେ ଆସି ପଞ୍ଚମୁଣ୍ଡି ଆସନରେ ଉପବେଶନ କଲେ ପରମଯୋଗୀ କ୍ଷେପାଠାକୁର । ପାଖରେ ଦୁଇ-ଚାରିଟି ଭକ୍ତ ଓ କାଳୁ ଭୁଲୁର ଦଳ । ଏତିକିବେଳେ ଧୂଳି-ଧୂସରିତ ପାଦରେ ଝାଳ-ନାଳ ହୋଇ ତାରପୀଠରେ ଉପସ୍ଥିତ ହେଲେ ଜଣେ ଅନୁରାଗୀ ଯୁବକ ଭକ୍ତ, ନାମ ବ୍ରଜଭୂଷଣ । ଭକ୍ତିଭରେ ଅଭୟ

ଚରଣରେ ପ୍ରଣତି ଜଣେଇ ନିକଟରେ ଠିଆ ହୁଅନ୍ତେ–ହସି ହସି ପ୍ରଶ୍ନକଲେ ଭୈରବ– "ବସ, ବ୍ରଜବାବା ବସ । କ'ଣ ଭଲ ଅଛତ ବାବା ? ମୋ ପାଇଁ କିଛି ଆଣିଛ ନା' ବାବା ?"

"ହଁ ବାବା," କହି ଭକ୍ତଟି ଗୁଦର ଭିତରୁ ବୋତଲଟିଏ ବାହାରକରି ବାବାଙ୍କ ହାତକୁ ବଢାଇ ଦେଇ ନିକଟରେ ଉପବେଶନ କଲା । ଭୋଳାନାଥ ଏଥର ପରମ ଆନନ୍ଦରେ 'ଜୟତାରା' ନାଦକରି କପାଳ ପାତ୍ରରେ କାରଣ ଢ଼ାଳି ପାନ କରିବାକୁ ଲାଗିଲେ । ବାବାଙ୍କୁ ଏହିଭାବେ ମଦ୍ୟପାନ କରୁଥିବା ଦେଖି ନିକଟରେ ଠିଆ ହୋଇଥିବା ଆଉଜଣେ ଦର୍ଶକ ଅଶ୍ରଦ୍ଧାଭାବେ ପଚାରି ବସିଲା;– "ଆପଣ ଏତେବଡ ମହାପୁରୁଷ ହୋଇ, ଏତେ ମଦ ଖାଆନ୍ତି କାହିଁକି ?"

ଭୈରବ ଏଥର ପାନପାତ୍ରରୁ ମୁହଁ ଟେକି ଯାତ୍ରୀଟିକୁ ଅନେଇଁ ଉତ୍ତର ଦେଲେ– "ଦୂର୍ ଶଳା, ମୁଁ ମଦ ଖାଇବି କାହିଁକି ?" ଯାତ୍ରୀଟିକୁ ପାଖକୁ ଡ଼ାକି କପାଳପାତ୍ରଟି ତା' ସାମ୍ନାରେ ଟେକିଧରି ପୁଣି କହି ଉଠିଲେ–"ନେ'ରେ ଶଳା ଖାଇଦେଖ, ମୁଁ କ'ଣ ଖାଉଛି ।"

କି ଆଶ୍ଚର୍ଯ୍ୟ ! ପାତ୍ରଟି ଯେ ଦୁଗ୍ଧପୂର୍ଣ୍ଣ ! ! ମହାପୁରୁଷଙ୍କ ଆଦେଶ ଲଙ୍ଘନ କରି ନପାରି ଯାତ୍ରୀଟି ବାବାଙ୍କ ହାତରୁ ପାତ୍ରଟି ନେଇ ବିସ୍ମୟ ସହକାରେ ପାନ କରିବାକୁ ଲାଗିଲା ଓ ବାବା ମୃଦୁ ହସି କହି ଉଠିଲେ; "ଦେଖିଲୁରେ ଶଳା, ମୁଁ କ'ଣ ଖାଏ ? ମଦ ନା ତାରମା'ର ପ୍ରସାଦ !"

ଯେଉଁ ମହାପୁରୁଷ ଦିବା-ରାତ୍ର ସର୍ବଦା ଶ୍ରୀ ଭଗବାନଙ୍କ ଅମୃତ ସ୍ୱରୂପ ନାମରସ ପାନ କରିବାରେ ବିଭୋର ତାଙ୍କ ପାଖରେ ପୁଣି ଖାଦ୍ୟାଖାଦ୍ୟର ପ୍ରଭେଦ ବା ମଦ-ଗଞ୍ଜାର ପ୍ରଭାବ ଆସିବ କୁଆଡୁ ? ସୁତରାଂ ଆତ୍ମଜ୍ଞାନୀ ମହାପୁରୁଷମାନଙ୍କର କୌଣସି କ୍ରିୟାକଳାପ ନେଇ ଆଲୋଚନା ବା ସମାଲୋଚନା କରିବା ସାଧାରଣ ଜୀବପକ୍ଷରେ କେବଳ ଯେ ଅନୁଚିତ ତାହା ନୁହେଁ–କ୍ଷତିକାରକ ମଧ୍ୟ ।

ଶୁଣାଯାଏ କେବେ, କେବେ ଖିଆଲ ହେଲେ ଆମର କ୍ଷେପା ଠାକୁର ବୋତଲକଯାକ ମଦକୁ କପାଳ-ପାନ-ପାତ୍ରରେ ଢାଳି, ତାସଙ୍ଗେ ୨, ୩ ଭରି ଅଫିମ ଗୋଳେଇ ଏକାଥରକେ ଢକ୍‌ଢକ୍ କରି ପିଇ ଦିଅନ୍ତି ଯାହାକି ଯେ କୌଣସି ସାଧାରଣଲୋକ ସାମାନ୍ୟ ଆଘ୍ରାଣ କଲେ ମଧ୍ୟ ଚିରନିଦ୍ରା କୋଳରେ ଯେ ଘୁମେଇ ପଡ଼ିବ, ଏଥିରେ ସନ୍ଦେହ ନାହିଁ । ସେଦିନ ସେମିତି ସ୍ୱର୍ଗ-ଗଚ୍ଛ୍ୟ-କାଶୀଧାମର ଚଳନ୍ତି ଶିବଙ୍କୁ ଏକ ଦୁଷ୍ଟ ପ୍ରକୃତିର ଲୋକ ଦହିବୋଲି କହି ଖାଇବାକୁ ଦେଇଥିଲା ହାଣ୍ଡିଏ ଚୂନ ଆଉ ବିନାଦ୍ୱିଧାରେ ଅମ୍ଳାନ ବଦନରେ ତାହା ଉଦରସ୍ଥ କରିଥିଲେ ଭୋଳାନାଥ । କାହିଁ କିଛି ତ କ୍ଷତି ହୋଇନଥିଲା ତାଙ୍କର; ବରଂ ମୂତ୍ର ତ୍ୟାଗ ସଙ୍ଗେ ସଙ୍ଗେ ସମସ୍ତ ଚୂନ ବାହାରି ଯାଇଥିଲା ଶରୀର ମଧ୍ୟରୁ ।

ମହାପୁରୁଷମାନଙ୍କର ଶକ୍ତି ଯେ ଅପରିମେୟ ! ସେମାନଙ୍କର ଲୀଳାକାହାଣୀ ଯେ ଲୋକୋତ୍ତର ! !

❋

ଝୁଙ୍କଶ

ଲଠି ଖଣ୍ଡିଏ, ଖଣ୍ଡିଏ ଯୋଗାଡ଼ କରିବାକୁ କ୍ଷେପା ଠାକୁର ମଝିରେ ମଝିରେ ବିଧୁଭୂଷଣ ପାଳ ମହାଶୟଙ୍କ ଗାଁ କୁମାରପଡାକୁ ଯାଆନ୍ତି । ଏହି କ୍ଷୁଦ୍ର ଗ୍ରାମଟି ତାରପୀଠର ପୂର୍ବ ଦିଗରେ ତାରମା'ର ମନ୍ଦିର ସନ୍ନିକଟରେ ଅବସ୍ଥିତ । ପାଳ ମହାଶୟ ଥିଲେ ଖୁବ୍ ଅମାୟିକ ଓ ଉଦାର ପ୍ରକୃତିର ଭଦ୍ରଲୋକ । ଆୟୁର୍ବେଦ ଚିକିତ୍ସାରେ ମଧ୍ୟ ସେ ଥିଲେ ଖୁବ୍ ସିଦ୍ଧହସ୍ତ । କେବଳ କ୍ଷେପା ବାବା କାହିଁକି, ବେଦଜ୍ଞ ମୋକ୍ଷଦାନନ୍ଦ, ଚକ୍ରବର୍ତ୍ତୀ ବାବା ଓ ନାପିତ ଗୋସାଇଁ ଆଦି ବହୁ ମହାପୁରୁଷଙ୍କ ପାଦଧୂଳି ପଡ଼ିଛି ଏହି ଭାଗ୍ୟବାନ ବିଧୁଭୂଷଣଙ୍କ ଗୃହାଙ୍ଗନରେ । ସେ ଥିଲେ କ୍ଷେପା-ବାବାଙ୍କର ପରମ ଭକ୍ତ । ସେ ସବୁବେଳେ ବଢ଼ିଆ, ବଢ଼ିଆ ଲଠୀ ଯୋଗାଡ଼ କରି ରଖନ୍ତି ଓ ବାବା ଆସିବା ମାତ୍ରେ ତାହା ତାଙ୍କ ହାତରେ ଅର୍ପଣ କରି ମୁଢ଼ି-ଗୁଡ଼ ଦେଇ ତାଙ୍କର ସେବାକରନ୍ତି । ବାବାଙ୍କର ଯେ ଏତେ ଲଠୀ କ'ଣ ହୁଏ କହିବା କଠିନ । ଭକ୍ତର ସେବା ଗ୍ରହଣ ପାଇଁ ହୁଏତ ଭକ୍ତବତ୍ସଳଙ୍କର ଏହା ଏକ ଲୀଳା ।

୧୯୦୩ ମସିହାର କୌଣସି ଏକ ଦିନର କଥା । ଶଙ୍ଖନାଭୀକ୍ଷେତ୍ର ନୀଳାଚଳକୁ ଯାଇ ନୀଳାଚଳ ନାଥଙ୍କୁ ଥରଟିଏ ସପରିବାର ଦର୍ଶନ କରି ଆସିବାକୁ 'ପାଳ' ମହାଶୟଙ୍କର ଭରି ଇଚ୍ଛା । ଆସନ୍ତା କାଲି ସକାଳୁ ରାମପୁର ହାଟ ଷ୍ଟେସନରୁ ଗାଡ଼ି ଧରିବାକୁ ମନସ୍ଥ କରିଛନ୍ତି । ତାରପୀଠରୁ ଗୋରୁଗାଡ଼ିରେ ଗଲେ ଷ୍ଟେସନରେ ପହଞ୍ଚିବାକୁ ପ୍ରାୟ ୪ ଘଣ୍ଟା ସମୟ ଲାଗେ, ତେଣୁ ଆଜି ମଧ୍ୟ ରାତିରେ ହିଁ ଅନୁକୂଳ କରିବାକୁ ପଡ଼ିବ । ଜିନିଷପତ୍ର ସବୁ ଠିକ୍ ଠାକ୍ କରିସାରି ରାତି ପ୍ରାୟ ୧୦ଟା ବେଳକୁ ବିଧୁଭୂଷଣ ଆସି ଉପସ୍ଥିତ ହେଲେ ତାରପୀଠରେ ଭୈରବଙ୍କ ପାଦଧୂଳି ଓ ଆଶୀର୍ବାଦ ଭିକ୍ଷା ନିମନ୍ତେ । ପାଦଧୂଳି ପାଇଲେ କିନ୍ତୁ ଆଶୀର୍ବାଦ ମିଳିଲାନି ।

ତା' ପରିବର୍ତ୍ତେ ବରଂ କହିଉଠିଲେ– "ଆରେ ବାବା, ତୋର ଏଥର ଯିବା ହେବନି ।" ଭୈରବଙ୍କ ବାଣୀ ଶୁଣି ପାଲ ମହାଶୟ ବିନୀତ ଭାବେ ଜଣା କରାଇଲେ,–"ବାବା, ମୁଁ ଯେ ସବୁ ଠିକ୍ ଠାକ୍ କରି ସାରିଛି, ଆଜ ଟିକିଏ ପରେ ହିଁ ଯାତ୍ରା ଆରମ୍ଭ ହେବ । ଆପଣ ଏ କ'ଣ କହୁଛନ୍ତି ?"

–"ବେଶ୍ ବାବା, ତମ ଖୁସୀ । ତାରମା' କିନ୍ତୁ ମୋତେ ଯାହା କୁହାଇଲେ ମୁଁ ତାହାହିଁ କହିଲି ।" ଆଉ କିଛି ନକହି ଭୈରବ ଏଥର ଧ୍ୟାନସ୍ଥ ହୋଇ ପଡ଼ିଲେ ।

ଘରକୁ ଫେରି ପାଲ ମହାଶୟ ଭୋଜନ ଶେଷକରି ବାହାରିବା ଉପରେ । ଗୋରୁଗାଡ଼ି ଦାଣ୍ଡରେ ଅପେକ୍ଷା କରିଛି, ପିଲାମାନେ ବି ପ୍ରସ୍ତୁତ । କିନ୍ତୁ ଏ କ'ଣ, ହଠାତ୍ ଦେହ ମୁଣ୍ଡ ଶିର୍ ଶିର୍ କରି ଉଠିଲା; ପାଞ୍ଚମିନିଟ୍ ମଧ୍ୟରେ ଭୀଷଣ କମ୍ପ ସଙ୍ଗେ ଆରମ୍ଭ ହୋଇଗଲା ପ୍ରବଳ ଜ୍ୱର । ମହାପୁରୁଷଙ୍କ କଥାହିଁ ରହିଲା—କୌଣସିମତେ ଯିବା ହେଲାନି ।

ପୃଥିବୀ ରସାତଳକୁ ଯାଇପାରେ, ସୂର୍ଯ୍ୟ ପଶ୍ଚିମ ଗଗନରେ ଉଦୟ ହୋଇପାରେ, ପର୍ବତ ଶୃଙ୍ଗରେ ପଦ୍ମ ପ୍ରସ୍ଫୁଟିତ ହୋଇ ପାରେ, ମେରୁ ଚଳମାନ ହୋଇପାରେ, ଅଗ୍ନି ସୁଶୀତଳ ହୋଇପାରେ, କିନ୍ତୁ ମହାପୁରୁଷଙ୍କ ବାଣୀ କେବେହେଲେ ଅନ୍ୟଥା ହୁଏ ନାହିଁ ।

"ଉଦୟତି ଯଦି ଭାନୁଃ ପଶ୍ଚିମେ ଦିଗ୍‌ବିଭାଗେ;
ବିକଶତି ଯଦି ପଦ୍ମଂ ପର୍ବତାନାଂ ଶିଖାଗ୍ରେ ।
ପ୍ରଚଳତି ଯଦି ମେରୁଃ, ଶୀତତାଂ ଯାତି ବହ୍ନିଃ,
ନଚଳତି ଖଳୁ ବାକ୍ୟଂ ସଜ୍ଜନାନାଂ କଦାଚିତ୍ ॥"

X X X

ବୈଶାଖର ମଣ୍ଡଫଟା ଖରା । ଖଣ୍ଡିଏ ଭଙ୍ଗାଛତା ମୁଣ୍ଡରେ ଦେଇ ଧକେଇ, ଧକେଇ ଆସି ତାରମା' ମନ୍ଦିର ବେଢ଼ାରେ ଶୋଇ ପଡ଼ିଲେ

ବିରିଷାଲ ବିଦ୍ୟାୟତନର ପ୍ରଧାନ ଗୁରୁଜୀ ମହାଶୟ । ଏକେତ ପଥଶ୍ରାନ୍ତ—ତା'ଉପରେ ପୁଣି କାନମୁଣ୍ଡାରେ ଭୀଷଣ ଯନ୍ତ୍ରଣା । ଗ୍ରୀଷ୍ମଛୁଟି ଉପଲକ୍ଷ୍ୟେ ପାଠଶାଳା ବନ୍ଦ ଅଛି । ଘରେ ବସି, ବସି ଭଲ ଲଗିଲନି, ତେଣୁ ଛୁଟି-ଆସିଛନ୍ତି ଏହି ପବିତ୍ର ପୀଠକୁ ଟିକିଏ ଶାନ୍ତିଲଭ ଆଶାରେ । ପ୍ରଖର ରୌଦ୍ର ତାପରେ ଚତର୍ଦ୍ଦିଗ ଜଳୁଛି, ଝାଞ୍ଜି ପବନ ଛୁରିପରି ଗଳିଯାଉଛି ଦେହରେ । ଯେ, ଯାହାଘରେ ବିଶ୍ରାମରତ । ବିଗଡ଼ି ଛୁଆଟିଏ ବି ଦେଖା-ନାହିଁ । ମା'ର ମନ୍ଦିର ଜନମାନବଶୂନ୍ୟ । ଗୁରୁଜୀ ମହାଶୟ ଏକାକୀ ମା'ର ଅଗଣାରେ ପଡ଼ି ଛଟ୍‌ପଟ୍ ହେଉଛନ୍ତି, ଆଉ ନିରବରେ ଯନ୍ତ୍ରଣା-କାତର ଆଖିରୁ ବୋହିଆସୁଛି ଧାର ଧାର ଅଶ୍ରୁ ।

ଭକ୍ତ ଅଶ୍ରୁ ଟଳାଇଦେଲା ଭକ୍ତବତ୍ସଳଙ୍କ ଆସନ । ନିଶବ୍ଦରେ ଆସି ଭକ୍ତର ମୁଣ୍ଡ ପାଖରେ ବସିଲେ ଭଗବାନ କ୍ଷେପାବାବା ଆଉ ଯନ୍ତ୍ରଣା-ଲଘବ କରିବା ଉଦ୍ଦେଶ୍ୟରେ କର୍ଣ୍ଣମୂଳ ଆଉଁସି ଦେବାକୁ ଲଗିଲେ । ଧୀର, ସ୍ଥିର, ଶାନ୍ତ-ସରଳ ବିରାଟ ପୁରୁଷଙ୍କୁ ପାଖରେ ବସି ସେବା କରୁଥିବାର ଦେଖି ବ୍ୟସ୍ତ ହୋଇ ଉଠିବସିଲେ ଗୁରୁ ମହାଶୟ । ଏ କ'ଣ ଯନ୍ତ୍ରଣା ଯେ ଆଉ ନାହିଁ ! ଶାନ୍ତିମୟଙ୍କ କୋମଳ କରପଲ୍ଲବ ସ୍ପର୍ଶରେ ବୁକୁତଳେ ଜାଗିଉଠୁଛି ନବଚେତନାର ସ୍ପନ୍ଦନ ।

ଶ୍ରଦ୍ଧାଭରେ ଭୈରବଙ୍କ ପାଦତଳେ ପ୍ରଣାମ କରି ସେ କହିଉଠିଲେ—"ଘରେ ଚୁପ୍‌ଚାପ୍ ବସି ବସି ମନଟା ଭଲଲଗିଲନି, ତେଣୁ ଆପଣଙ୍କ ଶ୍ରୀଚରଣ ଦର୍ଶନ କରିବାକୁ ଚାଲି ଆସିଲି ।"

—"ବେଶ୍ ବାବା, ଭଲ କଲ । କିନ୍ତୁ ବାବା ପାଠପଢ଼ି ଟଙ୍କା ରୋଜଗାର କରି ତମେ ଯେ ଖାଲି ଜଡ଼ଶକ୍ତିର ଉପାସନା କରି ଚାଲିଲ, କାହିଁ ଚୈତନ୍ୟର ବିକାଶ ହେବାର ତ ଦେଖୁନି । ତାଛଡ଼ା ଦେହ ଠିକ୍ ନରହିଲେ କୌଣସି କାର୍ଯ୍ୟ ହୁଏନା; କାର୍ଯ୍ୟ କରିବାର ଶକ୍ତି ମଧ୍ୟ କମିଯାଏ ।"—ବାବାଙ୍କର ଏହି ଉପଦେଶ ଶୁଣି ସବୁ ଜାଣିବାର ପରି

ଗୁରୁ ମହାଶୟ ଉତ୍ତର ଦେଲେ– "ତା' ଠିକ୍ ଯେ, କିନ୍ତୁ ଦେହଟାତ ଆଉ ପ୍ରଧାନ ନୁହେଁ, ଏଇଟା ଯେ କ୍ଷଣଭଙ୍ଗୁର ।"

ଭକ୍ତର ମନ୍ତବ୍ୟ ଶୁଣି ହସି ଉଠିଲେ ଭୋଳାନାଥ–"ଆରେ ଶଳା; ତୁ ତ କ'ଣ ଛୋଟ ମୁହଁରେ ବଡ଼ କଥା କହିବସିଲୁଣି । ଦେଖ୍ ବାବା–– ଯେଉଁମାନେ ଶୀତୋଷ୍ଣ ସୁଖ-ଦୁଃଖରେ ସମଭବାପର୍ଣ୍ଣ, ପରମହଂସ, ଯୋଗ-ବଳରେ ଶରୀରରୁ ଆତ୍ମାକୁ ମୁକ୍ତ କରି ପାରିଛନ୍ତି––ତାଙ୍କ ମୁହଁରେ ସିନା ଏକଥା ସାଜେ । ଆମେ ପର ଦେହଧର୍ମୀ । "ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନଂ ।" ଏହି ଦେହହିଁ ମନର ଆଧାର । ସୁତରାଂ ଦେହଟା ଯଦି ଖରପ ହୋଇପଡେ ମନ ମଧ୍ୟ ଅସ୍ଥିର ହୋଇପଡେ । ଟିକିଏ ଶାନ୍ତିରେ ଦୁଇ-ଚାରିଥର ନାମ ବି କରିହୁଏନା; ଦେହ ସଙ୍ଗେ ପ୍ରାଣର ସମ୍ପର୍କ କିନ୍ତୁ ଆହୁରି ନିବିଡ଼ ବାବା ! ସତ୍ୟ ଯୁଗରେ ମଜ୍ଜାଗତ, ତ୍ରେତାରେ ଅସ୍ଥିଗତ, ଦ୍ୱାପରରେ ରୁଧିରଗତ ଏବଂ ଏହି କଳିଯୁଗରେ ଅନ୍ନଗତ ପ୍ରାଣ ବାବା ।" ଏହି କଥା କହି ବାବା ସୁର୍ ଧରିଲେ ।

ମାଗୁନି ସୁନ୍ଦର କାଏ   ଅର୍ଥେ ମନ ନାହିଁ ଧାଏଁ
ଭୋଗ ସୁଖେ ଚିତ୍ତ ବଶ ନୁହେଁ ।
ଈଶ୍ୱର ଦିଅ ଏ ବର   ସୁସ୍ଥ ଥିବି ଚିରକାଳ
ଯେଣ୍ଟେ ମୋର ଧର୍ମେ ମତି ରହେ ।।
ବ୍ୟାଧିହୀନ କଳେବର   ଶୁଦ୍ଧମତି ନିରନ୍ତର
ହେଲେ ଆଉ ଅଭାବ କି ଅଛି ?
ସୁଖରେ ସମୟ ଯିବ   ଧନୀ କି ଏହା ପାଇବ
ଚିନ୍ତାଭୟ ସଦା ଯା'ର ଅଛି ? ?"

× × ×

–"ଟିକିଏ ହେଲେ ପାଣି ପିଇଦେଇ ଯାଅ ବାବା !"– ଭକ୍ତଟିକୁ ଆଦର କରି କହୁଛନ୍ତି ଭକ୍ତପ୍ରାଣର ଠାକୁର କ୍ଷେପାବାବା । ଉଦୁଉଦିଆ

ଖରବେଳ; ଝାଳ, ନାଳ ହୋଇ ତାରପୀଠକୁ ଆସିଛନ୍ତି ରାମପୁରହାଟ ନିବାସୀ ବାବାଙ୍କ ଭକ୍ତ ଡାକ୍ତର ହରିତାରଣ ବନ୍ଦୋପାଧ୍ୟାୟ । ତାଙ୍କର ଏକମାତ୍ର ଅଲିଅଳୀ କନ୍ୟା ଦୀର୍ଘଦିନ ଧରି ଡ଼ିପ୍‌ଥେରିୟା ରୋଗରେ ଶଯ୍ୟାଶାୟୀ; ଅବସ୍ଥା ସଙ୍କଟାପନ୍ନ । ସୁତରାଂ ସବୁଆଡୁ ନିରାଶ ହୋଇ ଦଉଡ଼ି ଆସିଛନ୍ତି ଶେଷ ଆଶ୍ରୟସ୍ଥଳ ଏହି ତାରପୀଠକୁ– ତାରମା'ର ଚରଣାମୃତ ଓ ଭୈରବଙ୍କ ଆଶୀର୍ବାଦ ନେବାପାଇଁ । ଅନ୍ତର୍ଯାମୀ କ୍ଷେପାଠାକୁର କିନ୍ତୁ ଭକ୍ତଟିକୁ ଦେଖି ଅସ୍ଥିର । ମା'ର ପ୍ରସାଦ ସେବା କରିଯିବାକୁ ବାରମ୍ବାର ଅନୁରୋଧ କରିବାକୁ ଲାଗିଲେ । ହରିତାରଣ ବାବୁଙ୍କର ମାନସିକ ଅବସ୍ଥା କିନ୍ତୁ ଭାରି ଖରାପ, ତେଣୁ ସେ ପ୍ରସାଦ ଗ୍ରହଣ କରିବାକୁ କୌଣସିମତେ ରାଜି ହେଲେନି । ଶେଷକୁ ବହୁତ ବାଧ୍ୟ କରନ୍ତେ ଜଳ ଟିକିଏ ପାନ କଲେ ମାତ୍ର । ବାବା ତ ଏପରି ଭାବରେ କାହାକୁ କେବେ ଖାଇବାପାଇଁ ବାଧ୍ୟ କରନ୍ତିନି– ତେବେ ଆଜି କାହିଁକି ତାଙ୍କୁ ଏତେ ବାଧ୍ୟ କଲେ ? ଏହିକଥା ଚିନ୍ତା କରିକରି ମା'ର ଚରଣାମୃତ ଧରି ଓ ବାବାଙ୍କୁ ପ୍ରଣାମ ଜଣାଇ ସେହି ଖରାରେ, ଖରାରେ ବାହୁଡ଼ିଗଲେ ହରିତାରଣ ବାବୁ । ଘର ସାମ୍ନାରେ କିନ୍ତୁ ଅମଙ୍ଗଳ ଚିହ୍ନ ଦେଖି ତାଙ୍କର ଆଉ ବୁଝିବାକୁ ବାକି ରହିଲାନି– ବାବା କାହିଁକି ଏତେ ବାଧ୍ୟ କରୁଥିଲେ । ପ୍ରାୟ ଦୁଇଘଣ୍ଟା ତଳେହିଁ କନ୍ୟାଟି ଇହଲୋକ ତ୍ୟାଗ କରିଛି ।

ହରିତାରଣ ବାବୁଙ୍କ କନ୍ୟାର ମୃତ୍ୟୁ ସମ୍ବାଦ ସାଙ୍ଗେ ସାଙ୍ଗେ ଆସି ପହଞ୍ଚିଲା ତାରପୀଠରେ । ବାବା କିନ୍ତୁ ଏଥିରେ ଦୁଃଖ ବା ସମବେଦନା ପ୍ରକାଶ କରିବାର କେହି ଦେଖିନି ବରଂ ସବୁଶୁଣି ଜୟତାରା ନାଦକରି ଗଭୀର ଧ୍ୟାନମଗ୍ନ ହୋଇ ପଡ଼ିଲେ ନାଦେଶ୍ୱର ।

କ୍ଷେପାବାବା ଥିଲେ ସର୍ବାନ୍ତର୍ଯାମୀ, ପ୍ରେମ-କରୁଣା ବିଗ୍ରହ-ଭକ୍ତଦୁଃଖ-କାତର ଭୋଳାଭୋଳାଠାକୁର । ଭକ୍ତପାଇଁ ସବୁବେଳେ କାନ୍ଦୁଥିଲା ତାଙ୍କ ଅନ୍ତର । ଜୀବଦୁଃଖରେ କାତର ହୋଇ ସେ ସବୁବେଳେ କୁହନ୍ତି–ବାବା ଆସ । ନିଶ୍ଚିନ୍ତରେ ମା'ର ନାମ କର । ଜାଗତିକ ସକଳ କ୍ଲେଶରୁ ମୁକ୍ତିଲାଭ କରିବା ନିମନ୍ତେ ନାମହିଁ ଏକମାତ୍ର ସାଧନା । ନାମହିଁ ପ୍ରେମର ଆଧାର ।

ତାରଠାରୁ ତାରନାମ ଓ କୃଷ୍ଣଠାରୁ କୃଷ୍ଣନାମହିଁ ବଡ଼ । ନାମକୁ ଭୁଲି ସ୍ୱର୍ଗସୁଖ ଭୋଗ ମଧ୍ୟ ନରକତୁଲ୍ୟ । ଏହି ନାମର ସ୍ମରଣରେହିଁ ଜୀବହୁଏ ବନ୍ଧନ ମୁକ୍ତ ଓ ବିସ୍ମରଣରେ ହୁଏ ମାୟାର ଦାସ । ନାମଠାରୁ ଜଗତରେ ଆଉକିଛି ବଡ଼ ନାହିଁ ବାବା !”

ସେ ତ ଅନ୍ତର ବେଦନା ବୁଝେରେ
ଅନ୍ତରଯାମୀ ତା’ ନାମ ।
ତୁ ତାକୁ ଡ଼ାକିଲେ ସେ ତୋତେ ଖୋଜଇ
ସେ ଯେ ଭକତ ଜୀବନ ଧନ ॥

✻

ଘଟେଇଣ

ଆଜି ଶାରଦୀୟା ମହାଷ୍ଟମୀ—ମହା ଧୁମ୍‌ଧାମ୍‌ରେ ଚାଲିଛି ତାରମା'ର ପୂଜା । ଭୂପତି ପଣ୍ଡା କ୍ଷେପାବାବାଙ୍କ ନିମନ୍ତେ ପ୍ରସାଦ ନେଇ ଆସି ଶିମୁଳି ତଳେ ଉପସ୍ଥିତ ହେଲେ; ଆଶା ନିଜେ ବସି ପେଟଭରି ଖୁଆଇବେ ଭୋଳାନାଥଙ୍କୁ । କୁକୁର ଗୁଡ଼ାକ ଭରି ହଇରାଣ କରନ୍ତି ବାବାଙ୍କୁ, ଭଲରେ ଦିଟା ଖୁଆଇ ଦିଅନ୍ତିନିବି । ବାବା ମଧ୍ୟ ସେମିତି, କୁକୁରଗୁଡ଼ା ନ ଖାଇଲେ ପେଟକୁ ଭାତ ଯାଏନି । ଦୀର୍ଘଦିନ ଧରି ତାରମା'ର ସେବା କରୁଛନ୍ତି ଏହି ପଣ୍ଡାଠାକୁର; କେତେ ସାଧୁ ମହାପୁରୁଷ ଏହି ପବିତ୍ରପୀଠକୁ ଆସନ୍ତି, କିନ୍ତୁ ଏପରି ସାଧୁ ସେ କେବେ କେଉଁଠି ହେଲେ ଦେଖି ନାହାନ୍ତି । ବାବାଙ୍କ ଆଗରେ ପ୍ରସାଦ ବାଢ଼ିଦେଇ ହାତରେ ଖଣ୍ଡିଏ ଲଠିଧରି ଜଗି ବସିଲେ ପଣ୍ଡାଠାକୁର— ଉଦ୍ଦେଶ୍ୟ କୌଣସିମତେ ଆଜି କୁକୁର ଗୁଡ଼ାଙ୍କୁ ପାଖରେ ପୂରେଇ ଦେବେନି । କିନ୍ତୁ ବାବା କି ପ୍ରିୟ ପାର୍ଷଦମାନଙ୍କୁ ଛାଡ଼ି ଖାଇ ପାରନ୍ତି ? ଟିକିଏ ଖାଆନ୍ତି ଆଉ କୁକୁରମାନଙ୍କ ଆଡକୁ କରୁଣ ଦୃଷ୍ଟିରେ ଟିକିଏ ଚାହାନ୍ତି । ସେମାନେ ବି ଆଜି ସେମାନଙ୍କ ପ୍ରାପ୍ୟରୁ ବଞ୍ଚିତ ହୋଇ ପାଦ ଚାଟି, ଚାଟି କୁଁ, କୁଁ ହୋଇ କ'ଣ ଯେପରି କହି ଚାଲିଛନ୍ତି । କାଲ ଠାର କାଲ ମା'ହିଁ ଜାଣେ ।

ମହା ମୁସ୍କିଲରେ ପଡ଼ିଲେ କ୍ଷେପାଠାକୁର । ଭୂପତି ପଣ୍ଡାଙ୍କୁ ଅନ୍ୟମନସ୍କ କରିବା ନିମନ୍ତେ ଗଳ୍ପ ଆରମ୍ଭ କରିଦେଲେ ଏଥର । ଏଣୁ, ତେଣୁ ଦିଚାରି କଥା ଶୁଣାଇ କହି ଉଠିଲେ— "ଆମ ଭୂପୁ କକା ପରି ଭଲଲୋକ ଜଣେ ଆଉ କେଉଁଠି ଦେଖିନି । ଆହା ! କେତେ ଦୟାଶୀଳ !" ନିଜ ପ୍ରଶଂସା ଶୁଣି ଭୂପୁକକା ଯେମିତି ଟିକିଏ ଅନ୍ୟମନସ୍କ ହୋଇ ପଡ଼ିଛି, ସାଙ୍ଗେ ସାଙ୍ଗେ ପାଖରେ ବସିଥିବା କାଲୁ କୁକୁର ପାଟିରେ ମାଂସ ଖଣ୍ଡେ ଗୁଞ୍ଜିଦେଲେ ଦୟାଳୁ ବାବା ।

କାଲୁକୁ ମାଂସ ଖାଉଥିବାର ଦେଖି ଭୂପତି ପଣ୍ଡା କିନ୍ତୁ ରାଗରେ ଅସ୍ଥିର । ହୋ, ହୋ କରି ଲଠି ଧରି ତଡ଼ିବାକୁ ଯାଇ ବାବାଙ୍କ ଚକ୍ଷୁ ସାମ୍ନାରେ ଆଚ୍ଛା କରି ଦୁଇ ପାହାର ବସେଇଦେଲେ ତା' ପିଠିରେ । ନିରୀହ ପଶୁଟି ବିଗ୍ରସ ବିକଳରେ ଚିତ୍କାର କରି ଭୂଇଁରେ ଗଡ଼ିବାକୁ ଲାଗିଲା ।

ଆହା, ଆହା କହି ଦୟାଳୁ ଠାକୁରଙ୍କ ଆଖିରୁ ଗଡ଼ି ଆସିଲା ଦୁଇଧାର ଲୁହ– ସତେ ଯେମିତି ପାହାର ଦୁଇଟି ବାଜିଛି ନିଜ ପିଠିରେ । ଖାଇବା ସେତିକିରେ ବନ୍ଦ । ମନକୁ ମନ କହି ଉଠିଲେ– "ବନ୍ଧ୍ୟା କୁଆଡୁ ଜାଣିବ ପ୍ରସବ ବେଦନା ?"

ଭୂପତି ପଣ୍ଡା ଅପ୍ରସ୍ତୁତ ଥିଲେ ! ବାବାଙ୍କର ଏହି ମନ୍ତବ୍ୟ ଶୁଣି ଚମକି ପଡ଼ିଲେ ସେ । ଭୈରବଙ୍କ ରାଗ ଦେଖି ଆଉ ଖାଇବାପାଇଁ ଅନୁରୋଧ କରିବାକୁ ସାହସ ହେଲାନି । ନିରବରେ ଫେରିଗଲେ ମନ୍ଦିରକୁ । ଟିକିଏ ପରେ ନଗେନ୍ଦ୍ର ପଣ୍ଡା ଏହି ଖବର ଶୁଣି ପୁନରାୟ ପ୍ରସାଦ ନେଇ ଆସି ଉପସ୍ଥିତ ହେଲେ । କୁକୁରଗୁଡ଼ିକୁ ଆଗତୁରା ଖାଇବାକୁ ଦେଇସାରି ବାବାଙ୍କୁ ପ୍ରସାଦ ସେବା କରିବାକୁ ଅନୁରୋଧ କଲେ । ସେମାନେ ପରମ ସନ୍ତୋଷରେ ଆହାର କରୁଥିବା ଦେଖି ବାବା ଆନନ୍ଦ ମନରେ ପ୍ରସାଦ ଗ୍ରହଣ କଲେ ।

ଶ୍ରୁତି କହେ–"ମା ହିଂସି ସର୍ବଭୂତାନି ।"

କେବଳ ଯେ ପ୍ରାଣୀ ପୀଡ଼ନ ବର୍ଜନ କଲେ ଅହିଂସା ପାଳନ କରାଯାଏ ତାହାନୁହେଁ; ସେମାନଙ୍କ ପ୍ରତି ମୈତ୍ରୀ ଓ ସଦ୍‌ଭବ ପୋଷଣ କରିବା ସର୍ବାଦୌ ଆବଶ୍ୟକ । ସ୍ୱାର୍ଥପରତା ସମୂଳେ ତ୍ୟାଗ ନକରିବା ପର୍ଯ୍ୟନ୍ତ ଅହିଂସା ଆଚରଣ ସମ୍ପୂର୍ଣ୍ଣ ଅସମ୍ଭବ । ପ୍ରେମଘନ ଅବତାର ଆମ କ୍ଷେପାଠାକୁର କିନ୍ତୁ ଥିଲେ ଚିରକାଳ ସତ୍ୟ ଓ ଅହିଂସାର ପୂଜାରୀ ।

ଖାଲି ଅନ୍ତରରେ ନୁହେଁ ତାଙ୍କ ବାହ୍ୟିକ ବ୍ୟବହାରର ଛନ୍ଦେ, ଛନ୍ଦେ ବି ଫୁଟି ଉଠିଥିଲା ଅହିଂସା ଆଚରଣ; ସ୍ଥାବର, ଜଙ୍ଗମ, କୀଟପତଙ୍ଗ ସମଭାବରେ ସମସ୍ତଙ୍କ ପ୍ରତି ।

"ଆପଣେ ଆଚରି ଧର୍ମ-ଅନ୍ୟକୁ ଶିଖାଏ"—ଏହାହିଁ ଥିଲା ଜୀବନ୍ମୁକ୍ତ ମହାପୁରୁଷଙ୍କର ଉଦ୍ଦେଶ୍ୟ ।

× × ×

ସେଦିନ ସେମିତି, ତାରାମା'ର ଅଗଣାରେ ମାତୃସାଧକ କ୍ଷେପାବାବା କେତେଜଣ ଭକ୍ତଙ୍କ ସଙ୍ଗେ କଥା-ଭାଷା ହେଉ ହେଉ ଖଣ୍ଡିଏ ପତ୍ରରେ ମା'ର ଅନ୍ନପ୍ରସାଦ ସେବା କରୁଥାନ୍ତି । କାଲୁ-ଭୁଲୁ ଆଦି ପ୍ରିୟ କୁକୁର ଗୁଡ଼ିକ ମଧ୍ୟ ପରମ ସନ୍ତୋଷରେ ସେହି ଏକାପତ୍ରରୁ ଖାଇବାରେ ଲାଗିଥାନ୍ତି । ଏତିକିବେଳେ ସାଁଇଥିଆରୁ ଯୁରିଜଣ ଶିକ୍ଷିତ ଯୁବକ ଆସି ବାବାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଘୃଣିତ ପଶୁ ବିଷ୍ଟାଭୋଜୀ କୁକୁରମାନଙ୍କ ସଙ୍ଗେ ଏକତ୍ର ଆହାର କରୁଥିବା ଦେଖି ସେମାନଙ୍କ ମନ ଘୃଣାରେ ଭରିଗଲା । ଛି, ଛି କି କୁତ୍ସିତ ଦୃଶ୍ୟ ? ଏହି ତାହେଲେ ସର୍ବଜନ ବନ୍ଦିତ ତାରାପୀଠ ଭୈରବଙ୍କ ଅସଲ ସ୍ୱରୂପ ? ପିଶାଚ ବ୍ୟତୀତ ଏ ଆଉ କ'ଣ ହୋଇ ପାରନ୍ତି ?

ଅନ୍ତର୍ଯାମୀ ଠାକୁର କିନ୍ତୁ ସବୁ ବୁଝିପାରି ମୃଦୁ ହସି କହି ଉଠିଲେ— "କ'ଣ ଦେଖୁଛ ବାବୁମାନେ, ଏଠିକି ମୋ ପାଖକୁ ଆସତ ଦେଖି ବାବା !" କେଜାଣି କି ଆକର୍ଷଣୀ ଶକ୍ତି ଥିଲା ଏହି କଥା ପଦକରେ—ଯୁବକ ଯୁରିଜଣ ଅବନତ ମସ୍ତକରେ ଆସି ବାବାଙ୍କ ସମୀପରେ ଉପବେଶନ କଲେ । ଆଜାନୁଲମ୍ବିତ ବାମକରଟି ପ୍ରସାରଣ ପୂର୍ବକ ସେମାନଙ୍କ ପୃଷ୍ଠଦେଶ ସ୍ପର୍ଶ କରି ଜିଜ୍ଞାସା କଲେ ଭୈରବ— "କି ବାବା, ବର୍ତ୍ତମାନ କ'ଣ ଦେଖୁଛ ?" ଏ କି ଆଶ୍ଚର୍ଯ୍ୟ ଦୃଶ୍ୟ ! ମହାମାନବ କ୍ଷେପାବାବା ଯେ ସ୍ୱୟଂ କୈଳାସପତି

ସଦାଶିବ, ଆଉ କୁକୁରଗୁଡ଼ିକ ତାଙ୍କର ଅନୁଚର ବର୍ଗ । ତା'ଛଡ଼ା ଆଉ ଯେତେ ଶିକ୍ଷିତ, ଅଶିକ୍ଷିତ ଲୋକ ଉପବିଷ୍ଟ, ସେମାନଙ୍କ ମଧ୍ୟରୁ କିଏ କୁକୁର ତ, କିଏ ବିଗଡ଼ି, ଆଉ କିଏ ବାଘ ତ କିଏ ଛେଳି । ଯାହାର ଯେଉଁ ବୃତ୍ତି ପ୍ରବଳ, ମହାପୁରୁଷଙ୍କ ଅଲୌକିକ କରସ୍ପର୍ଶରେ ତାହାହିଁ ପ୍ରକଟିତ ହେଲା ଯୁବକମାନଙ୍କ ଆଖିରେ । ଏହି ଅଦ୍ଭୁତ ଦୃଶ୍ୟ ଦେଖି ସ୍ୱତଃ ନଇଁଗଲା ସେମାନଙ୍କର ମଥା । ଘୃଣା ପରିବର୍ତ୍ତରେ ଚିତ୍ତରେ ଆସିଲା ଭକ୍ତି । ପଞ୍ଚମ ଭକ୍ତିଭରେ ଭୈରବଙ୍କ ଶ୍ରୀପାଦପଦ୍ମରେ ପ୍ରଣାମ ଜଣାଇ ସନ୍ତୋଷରେ ବାହୁଡ଼ିଗଲେ ଯେଝା ଘରକୁ ।

× × ×

ନଦୀୟା ଜିଲ୍ଲା ଅନ୍ତର୍ଗତ ବିରନଗର ନିବାସୀ ହରିଭୂଷଣ ମୁଖୋ-ପାଧ୍ୟାୟ ବାରିପଦାରେ ଓକିଲାତି କରୁଥାନ୍ତି । ଅନେକଗୁଡ଼ିଏ ପୁତ୍ର ସନ୍ତାନ ହୋଇ ନଷ୍ଟ ହୋଇ ଯିବାରୁ ସ୍ୱାମୀ-ସ୍ତ୍ରୀ ଦୁଇଜଣ ବଡ଼ ଦୁଃଖରେ ଦିନ କାଟୁଥାନ୍ତି । ଏତିକିବେଳେ ବାରିପଦାରେ ବସବାସ କରୁଥିବା ବାମାକ୍ଷେପା ବାବାଙ୍କର ଜନୈକ ଭକ୍ତ ହରିପଦ ମୈତ୍ରଙ୍କ ଠାରୁ ଭୈରବଙ୍କ ଅଲୌକିକ ଶକ୍ତି ସମ୍ବନ୍ଧରେ ଶୁଣି ହରିଭୂଷଣ ବାବୁଙ୍କ ମନରେ ଆଶାର ସଞ୍ଚାର ହେଲା ।

୧୯୦୫ ମସିହା ଜ୍ୟେଷ୍ଠ ମାସର ଏକ ଶାନ୍ତ ସକାଳ । ମନରେ କେତେ ଆଶା, ଆକାଙ୍କ୍ଷା ନେଇ ତାରପୀଠରେ ଉପସ୍ଥିତ ହେଲେ ହରିଭୂଷଣ ବାବୁ । ସ୍ନାନ ପୂଜାଦି ସମାପନ କରି ଭୈରବଙ୍କ ଅନୁସନ୍ଧାନରେ ସେ ଯେତେବେଳେ ଆସି ଶ୍ମଶାନର ମର୍ମସ୍ଥଳରେ ଉପସ୍ଥିତ ହେଲେ ସେତେବେଳକୁ ବେଳା ପ୍ରାୟ ଦ୍ୱିପ୍ରହର । ଖଣ୍ଡିଏ ବଡ କଦଳୀ ପତ୍ରରେ କାଲୁ, ଭୁଲୁ ଆଦି ପ୍ରିୟ କୁକୁରଗୁଡ଼ିକ ସହିତ ମା'ର ପ୍ରସାଦ ସେବା କରୁଥାନ୍ତି କ୍ଷେପାବାବା ।

ଏ ଦୃଶ୍ୟ ଦେଖି ତ ହରିଭୂଷଣ ବାବୁ ଅବାକ୍ । ମନେ, ମନେ ଭାବିବାକୁ ଲାଗିଲେ ଯଦି ଦୟାକରି ବାବା ଟିକିଏ ପ୍ରସାଦ ଦିଅନ୍ତି—ତାହାହେଲେ

ନିଷ୍ଚୟ ସୁପୁତ୍ରଟିଏ ଜନ୍ମହେବ । ଏହି ସଂକଳ୍ପ ନେଇହିଁ ସେ ଆସିଥିଲେ ତାରପୀଠକୁ । ତେଣୁ ଦ୍ୱିଧା ନକରି ହାତ ପାତି ପ୍ରସାଦ ଟିକିଏ ଭିକ୍ଷା ମାଗିଲେ । ଭକ୍ତର ମନକଥା ବୁଝିପାରି ଅନ୍ତର୍ଯ୍ୟାମୀ କିନ୍ତୁ କହି ଉଠିଲେ– "ଏତେ ଖାଇବି, ଖାଇବି ହେବାଟା ଭଲନୁହେଁରେ ଶଳା ।"

ବାବାଙ୍କ କଥାଶୁଣି ହରିଭୂଷଣ ବାବୁ ନିକଟରେ ଚୁପ୍‌କରି ବସି ରହିଲେ–ଇଛାଥା ଏ ଶିବ ସ୍ୱରୂପଙ୍କ ଭୁକ୍ତାବଶେଷ ଗ୍ରହଣ କରିବେ–ସେଥିରେ ବି କାର୍ଯ୍ୟହେବ । କିନ୍ତୁ କି ଆଶ୍ଚର୍ଯ୍ୟ କଣିକାଟିଏ ବି ପତ୍ରରେ ନାହିଁ–ଭକ୍ତ ଏଥର ହତାଶ ହୋଇ ଗୃହିଁ ରହିଲେ ।

ଏତିକିବେଳେ ଭକ୍ତବତ୍ସଳ ଆଦର କରି ଡ଼ାକ ପକାଇଲେ–"କିରେ, ତୁ ପରା ପ୍ରସାଦ ଖାଇବୁ, ଶୀଘ୍ର ଆ ।" ବାବାଙ୍କ ଡ଼ାକରେ ଉଲ୍ଲସିତ ଚିତ୍ତରେ ଆସି ହାତ ପାତନ୍ତେ–ଥୋଲାଏ କଫ୍ ବାହାର କରି ଥୋଇଦେଲେ ଭୈରବ, ଆଉ ଭକ୍ତ ମଧ୍ୟ କୌଣସି ଦ୍ୱିରୁକ୍ତି ନକରି ପରମ ଆଗ୍ରହ ସହକାରେ ସେତକ ଭକ୍ଷଣ କଲା । ଭକ୍ତର ଐକାନ୍ତିକତାରେ ମୁଗ୍‌ଧ ହେଲେ ଭଗବାନ । ସହଜରେ ଯେ କାହାକୁ ଧରା ଦିଅନ୍ତିନି ସେ ପୁଣି ଆଜି ହରିଭୂଷଣ ବାବୁଙ୍କ ଉପରେ ଏତେ ପ୍ରସନ୍ନ ହୋଇଉଠିଲେ ଯେ ଆପେ, ଆପେ ମହାର୍ଘ୍ୟ ଦେବଦୁର୍ଲଭ ରଜୋପଲ ଚରଣ ଦୁଇଟିକୁ ତୋଳିଦେଲେ ତାଙ୍କ ମଥା ଉପରକୁ । କୃତକୃତାର୍ଥ ହୋଇ ବାହୁଡ଼ିଗଲେ ଭକ୍ତ ନିଜର କର୍ମସ୍ଥଳୀକୁ ।

ଠିକ୍ ବର୍ଷଟିଏ ପରେ ଭୈରବଙ୍କ ପ୍ରସାଦରୁ ମୁଖୋପାଧ୍ୟାୟ ବଂଶ ଉଜ୍ଜ୍ୱଳ କରି ଜନ୍ମ ନେଲା ଏକ ସୁନ୍ଦର ପୁତ୍ର ସନ୍ତାନ । ୧୯୦୬ ମସିହାରେ ପତ୍ନୀ ଓ ପୁତ୍ର ସହ ଆସି ବାବାଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ ହରିଭୂଷଣ ବାବୁ । ତାରମା' ମନ୍ଦିର ପ୍ରାଙ୍ଗଣରେ ହିଁ ମହାସମାରୋହରେ ଏହି ପୁତ୍ରଟିର ଅନ୍ନପ୍ରାଶନ କରା ହୋଇଥିଲା ।

ଏହି ଭାଗ୍ୟବାନ ଭକ୍ତ, ମହାପୁରୁଷଙ୍କ ସଙ୍ଗଲାଭ କରିବା ନିମନ୍ତେ ବାରମ୍ବାର ଆସୁଥିଲେ ତାରାପୀଠକୁ ଓ ଏକାଦିକ୍ରମେ ଛଅଦିବନ ଧରି ବାବାଙ୍କ ନିକଟରେ ରହି ସେବାପୂଜାର ସୌଭାଗ୍ୟ ମଧ୍ୟ ଲାଭ କରିଥିଲେ । ଉତ୍ତରକାଳରେ ଖୁସୀ ହୋଇ ବାବା ଏହି ଭକ୍ତ ଦମ୍ପତିଙ୍କୁ ଶ୍ରେଷ୍ଠ ତାରା ମନ୍ତ୍ରରେ ଦୀକ୍ଷିତ କରି ଫସାଦବନ୍ଧନରୁ ମୁକ୍ତ କରିଥିଲେ ।

"ଯାଦୃଶୀ ଭବାନାର୍ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ ।"

ମହାପୁରୁଷ ଯେ କାହାକୁ, କେତେବେଳେ କିଭଳି ଭାବରେ କୃପା କରନ୍ତି ତାହା ଧାରଣା କରିବା ସାଧାରଣଙ୍କ ପକ୍ଷରେ ଅସମ୍ଭବ ।

ଅଠେଇଶ

ଘୋର ଅନ୍ଧକାରମୟ ରଜନୀ । ସମଗ୍ର ବେଲଗ୍ରାମ ଯେତେବେଳେ ନିଦ୍ରାରେ ଅଚେତନ, ସେତିକିବେଳେ ଭଗ୍ନ କୁଟୀର ସଂଲଗ୍ନ ବାରଣ୍ଡାରେ ଖଣ୍ଡିଏ ଛିଣ୍ଡା ସପ ଉପରେ ପଡ଼ି ଛଟପଟ୍ ହେଉଛି ହାର୍ନିୟା ରୋଗୀ ନିମାଇଁ । ବିଗ୍ରହ ଏକେ ତ ରୁଗ୍ଣ, ତା' ଉପରକୁ ଏ ଯାବତ୍ ତିନିଦିନ ହେଲା ଉପବାସୀ । ପୈତୃକ ସମ୍ପତ୍ତି ଯାହାବା କିଛି ଥିଲା, ଚିକିତ୍ସା ଖର୍ଚ୍ଚରେ ସବୁ ଶେଷ ହୋଇ ଯାଇଛି । ଘରେ ସ୍ତ୍ରୀ ଓ ପୁତ୍ରକନ୍ୟା ହୋଇ ଚାରି, ଚାରି ପ୍ରାଣୀ କୁଟୁମ୍ବ । ଭିକ୍ଷାବୃତ୍ତି ବ୍ୟତୀତ ଆଉ ଯେ କିଛି ଅବଲମ୍ବନ ନାହିଁ । କିନ୍ତୁ ଏହି ଅସୁସ୍ଥ ଶରୀର ନେଇ ଦ୍ୱାର, ଦ୍ୱାର ବୁଲି ସେତକ କରିବା ବି ସମ୍ଭବ ହେଉନି । ରୋଗ ଯନ୍ତ୍ରଣା ତଥା ଅନ୍ନଚିନ୍ତାରେ ହତାଶ ହୋଇ ପଡ଼ିଛି ସେ । ଅସ୍ଥି-ଚର୍ମସାର ସ୍ତ୍ରୀ-ପୁତ୍ରଙ୍କ ମୁଖକୁ ଯେ ଆଉ ଚାହିଁ ହେଉନି । ଏଥିରୁ ନିଷ୍କୃତି ପାଇବାର ଏକମାତ୍ର ଉପାୟ ମୃତ୍ୟୁ । ହଁ-ହଁ ମରଣ ବ୍ୟତୀତ ତା' ମନରେ ଆଉ କୌଣସି ଚିନ୍ତା ନାହିଁ । ଏହାହିଁ ଉପଯୁକ୍ତ ସୁଯୋଗ । କ୍ଷୁଧାର ତାଡ଼ନାରେ ଭଙ୍ଗା କୁଡ଼ିଆ ଭିତରେ ଘୁମେଇ ପଡ଼ିଛନ୍ତି ସ୍ତ୍ରୀ ଓ ପୁତ୍ରକନ୍ୟା–ସତେ ଯେପରି ଜୀବନମୃତ । ମୃତ୍ୟୁ ଯେପରି ହାତଠାରି ଡାକୁଛି– ଆଉ ଡେରିକରି ଲାଭନାହିଁ– ପାଖରେ ହିଁ ପଡ଼ିଛି କୁଅ ଦଉଡ଼ି; ଆଜି, ଏହି ମୁହୂର୍ତ୍ତରେ ସମସ୍ତ ଜ୍ୱାଳା, ଯନ୍ତ୍ରଣା, ଦୁଃଖ ଶୋକର ନିର୍ବାପନ ହୋଇଯାଉ– ଧଡ଼ପଡ଼ ହୋଇ ଉଠି ବସିଲା ନିମାଇଁ ।

ଦଉଡ଼ି ଖଣ୍ଡି ହାତରେ ଧରି ଧୀର ପଦକ୍ଷେପରେ ବାହାରି ପଡ଼ିଲା ଦାଣ୍ଡକୁ । ଜମାଟ ବନ୍ଧା ଅନ୍ଧକାର ଭେଦକରି ଆସି ଉପସ୍ଥିତ ହେଲା ମହାଶ୍ମଶାନର ମର୍ମସ୍ଥଳରେ । ବିଶାଳକାୟ ଦୈତ୍ୟ ସଦୃଶ ଦଣ୍ଡାୟମାନ ସାହାଡ଼ା ଓ ବଣଜାମୁ ବୃକ୍ଷ ରାଜି । କିନ୍ତୁ ତା' ମଝିରେ ଏ ପୁଣି କାହାର ଛାୟାମୂର୍ତ୍ତି; ବିକଟାଳ ରୂପ, କରାଳ ବଦନ । ଭୟରେ ଶିହରି ଉଠିଲା

ମରଣୋନ୍ମୁଖୀ ନିମାଇଁ । ଛାତିଟା ଧଡ଼-ପଡ଼ ହେବାକୁ ଲାଗିଲା । ସହସା ମନରେ ଜାଗିଉଠିଲା ମାୟାମୋହ ଗଢ଼ା ସଂସାରର ପ୍ରତିଛବି । କାମନା-ବାସନା ସେମାନଙ୍କର ଶତବାହୁ ବେଷ୍ଟନ କରି ମାଡ଼ି ଆସିଲେ ଚତୁର୍ଦ୍ଦିଗରୁ । ଅଦୃଷ୍ଟର କି ପରିହାସ ସତେ ! ତୀବ୍ର ଆସକ୍ତିରେ କୋଟରଗତ ଚକ୍ଷୁ ଦୁଇଟିରୁ ବି ଝରି ଆସିଲା ଦୁଇଧାର ଅଶ୍ରୁ । କିନ୍ତୁ ନିମିଷକ ମଧ୍ୟରେ ଅସ୍ଥି, ଚର୍ମସାର ସ୍ତ୍ରୀ-ପୁତ୍ର ମାନଙ୍କର ଶୁଖିଲା ମୁହଁ ଭାସିଉଠିଲା ଆଖିଆଗରେ, ହତାଶାରେ ଭରିଗଲା ପ୍ରାଣ । ଏତିକିବେଳେ କାନରେ ବାଜିଲା କାହାର ସାଦର ଆହ୍ୱାନ– "ଆଉ ଡେରି କାହିଁକି ? ଦଉଡ଼ି ଏହି ଡ଼ାଳରେ ବାନ୍ଧି ଝୁଲିପଡ଼ନା ।" ହଁ-ହଁ, ଠିକ୍ କହିଛ, ଆଉ ଡ଼େରି କରି ଲାଭନାହିଁ– ଏଇଟାହିଁ ଶୁଭ ମୁହୂର୍ତ୍ତ– ନିମିଷକ ମଧ୍ୟରେ ମେଣ୍ଟିଯିବ ସକଳ ଜ୍ୱାଳା, ଯନ୍ତ୍ରଣା, ମାୟା, ମୋହ ।

ଉନ୍ମତ ପ୍ରାୟ ଦଉଡ଼ି ଖଣ୍ଡି ଧରି ବୃହତ ଏକ ବଣଜାମୁ ଗଛ ଉପରକୁ ଚଢ଼ିଗଲା ନିମାଇଁ । ମହାଶ୍ମଶାନର ଅସଂଖ୍ୟ ନରକଙ୍କାଳ ହାତଠାରି ଆହ୍ୱାନ ଜଣାଇଲେ ଶେଷ ପଥର ଯାତ୍ରୀକୁ । କରୁଣ ବାମା କଣ୍ଠରୁ ଗୃଧିନୀମାନଙ୍କର ବିକଟ ଚିତ୍କାରରେ ପ୍ରତିଧ୍ୱନିତ ହେଲା ମହାଶ୍ମଶାନ । ପେଚକର ଭୀତିପ୍ରଦ ହୁଙ୍କାର ଓ ଶ୍ୱାନ-ଶିବାଙ୍କର ଅସ୍ଥି-ଚର୍ମ ଚର୍ବଣର ଖଟ୍ ଖଟ୍ ଶବ୍ଦରେ ଭରିଗଲା ବାୟୁମଣ୍ଡଳ । ଏହିପରି ଏକ ଭୟଙ୍କର ପରିବେଶରେ ବିମୋହିତ ନିମାଇଁ ଯନ୍ତ୍ରଚାଳିତ ପରି ବୃକ୍ଷ ଡାଳରେ ଦଉଡ଼ିର ଏକପାର୍ଶ୍ୱ ଶକ୍ତଭାବରେ ବନ୍ଧନ କରି ଅପର ପାର୍ଶ୍ୱରେ ଫାଶଟି ବେକରେ ଗଳାଇ ଝୁଲିପଡ଼ିବାକୁ ଯାଉଛି ଠିକ୍ ଏହି ସମୟରେ ଦୂରରୁ ଭାସିଆସିଲା ଏକ ଗୁରୁଗମ୍ଭୀର ହୃଦୟ ବିଦାରକ ନିନାଦ "ଜୟ ତାରା"–"ଜୟ ତାରା ।" ସାରା ବନାନୀ କମ୍ପି ଉଠିଲା ନାଦର କମ୍ପନରେ,– ନିମିଷକ ମଧ୍ୟରେ ଅନ୍ୟ ସମସ୍ତ ଭୀତିପ୍ରଦ ଶବ୍ଦ ଅନ୍ତର୍ହିତ ହୋଇଗଲା । ଥରିଉଠିଲା ନିମାଇଁର ଦୁର୍ବଳ ବୁକୁ, ହାତରୁ ଖସି ପଡ଼ିଲା ଦଉଡ଼ି । କିଏ ଯେପରି ନିର୍ଦ୍ଦେଶ ଦେଲା– "ଆତ୍ମହତ୍ୟା ମହାପାପ, ଶୀଘ୍ର ପଳାଅ ।"

ଭୀତ ସନ୍ତ୍ରସ୍ତ ନିମାଇଁ ବୃକ୍ଷରୁ ଓହ୍ଲେଇ ଛୁଟିଗଲା ତାରା ମା'ର ମନ୍ଦିର ବେଢ଼ାକୁ । ଆତ୍ମଘାତୀ ହେବା ନୋହିଲା– ଘରକୁ କିନ୍ତୁ ସେ ଆଉ

ଫେରିଲାନି । ମନ୍ଦିର ଦୁଆରେ ପଡ଼ିଥାଏ କି ଖରା କି ବର୍ଷା । କେତେବେଳେ ମା'ର ପ୍ରସାଦ ପୁଞ୍ଜିଏ ପାଏ; କେତେବେଳେ ବା ଦେଶ, ବିଦେଶରୁ ଆସୁଥିବା ଦର୍ଶକମାନଙ୍କ ଠାରୁ ଭିକ୍ଷାମାଗି କୌଣସି ମତେ ଦିନ କଟିଯାଏ । ସେଦିନ ସନ୍ଧ୍ୟାବେଳ, ଭୈରବଙ୍କ ପର୍ଣ୍ଣକୁଟୀର ସାମ୍ନାରେ ଧୂନି ଜଳୁଛି କିନ୍ତୁ କେହି କୁଆଡ଼େ ନାହିଁ । ଏହି ଅବସରରେ ଘୁସୁରି ଘୁସୁରି ଆସି ଧୂନିରୁ ଜଳନ୍ତା ଅଙ୍ଗାର ଖଣ୍ଡେ ଉଠେଇ ନେଲା ନିମାଇଁ ଗଞ୍ଜେଇ ଟାଣିବା ପାଇଁ । କେଜାଣି କେଉଁଠି ଥିଲେ ଭୈରବ, ଛୁଟି ଆସିଲେ ଉଗ୍ରମୂର୍ତ୍ତି ଧାରଣ କରି,ଆଉ କୌଣସି ବାକ୍ୟବ୍ୟୟ ନକରି ତା'ର ହାନିଁଆ ଉପରେ ଜୋରକରି ପଦାଘାତ କଲେ । ଅସ୍ପଷ୍ଟ ଚିତ୍କାର କରି ଟଳି ପଡ଼ିଲା ବିଗ୍ରହ ସଂଜ୍ଞାହୀନ ହୋଇ । ଭୈରବଙ୍କର କିନ୍ତୁ କୌଣସି ଭ୍ରୂକ୍ଷେପ ନାହିଁ । ନିଶ୍ଚିନ୍ତରେ ଶିମୁଳି ତଳକୁ ଫେରିଯାଇ ମଜ୍ଜିଗଲେ ଅମୃତମୟୀ ନାମରେ ।

ଦୀର୍ଘ ସମୟ ପରେ ଚେତନା ଫେରିପାଇଲା ନିମାଇଁ; କିନ୍ତୁ ଏ କି ଆଶ୍ଚର୍ଯ୍ୟ ! ତା'ର ଯେ ଆଉ କୌଣସି ବେଦନା ନାହିଁ– ସେ ଯେ ସମ୍ପୂର୍ଣ୍ଣ ରୋଗମୁକ୍ତ । ଧନ୍ୟ ଉଗ୍ରତପସ୍ବୀ ! ଧନ୍ୟ ତୁମର ପଦାଘାତ !! ଏହାପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଶରୀରରେ ଗୃହକୁ ଫେରିଯାଇ ସ୍ବଚ୍ଛନ୍ଦରେ ସଂସାର କରିବାକୁ ଲାଗିଲା । ଶୁଣାଯାଏ ଏହି ଘଟଣାର ବହୁବର୍ଷ ପର୍ଯ୍ୟନ୍ତ ନିରୋଗ ସୁସ୍ଥ ଜୀବନ ଯାପନ କରି ସ୍ବାଭାବିକ ମୃତ୍ୟୁ ବରଣ କରିଥିଲା ନିମାଇଁ । ବାସ୍ତବିକ୍ ପତିତ ପାବନ ଯେ କାହାକୁ କିଭଳି ଭାବରେ ଉଦ୍ଧାର କରନ୍ତି ତାହା ତାଙ୍କୁହିଁ ଜଣା !

ସେ ଯେ ଅହେତୁକୀ କୃପାସିନ୍ଧୁ,
ପତିତ ଜନର ବନ୍ଧୁ,
ବିତରିଣ କୃପାବିନ୍ଦୁ;
ପାର କରେ ଦୀନଜନ ॥

❋

ଅଣତିରିଶି

ଗୁଣ ଗାରିମାରେ ଶ୍ରେଷ୍ଠ; ଉଜ୍ଜ୍ୱଳତାରେ ଦୀପ୍ତ, ମନୋମୟ ଅମୂଲ୍ୟ ରତ୍ନରାଜି ନିହିତ ଅଛି ଜଳଧିର ଅଥଳ ଜଳ ତଳେ, ଲୋକଚକ୍ଷୁର ଅନ୍ତରାଳେ, କିନ୍ତୁ ତେବେ ବି କ'ଣ ତା'ର ନିସ୍ତାର ଅଛି ଈଶ୍ୱରଙ୍କ ଚରମ ସୃଷ୍ଟି ମାନବ ହାତରୁ । ନିଜର ବାସନା ଚରିତାର୍ଥ କରିବାକୁ ବୁଦ୍ଧି ଓ ସାହସ ବଳରେ ବଳୀୟାନ ହୋଇ ସେହି ଅଗମ୍ୟ ସ୍ଥାନକୁ ବି ଛୁଟିଯାଏ ମାନବ ଓ ଶାମୁକା ଭିତରୁ ଖୋଜି ଆଣେ ମୁକ୍ତାରାଜି ।

ସେହିପରି ବଙ୍ଗଳା ମା'ର ଏକ ଅବହେଳିତ ପ୍ରାନ୍ତରେ କ୍ଷୀଣସ୍ରୋତା ଦ୍ୱାରକାନଦୀ ତୀରରେ, ଜଙ୍ଗଲକୀର୍ଣ୍ଣ ବୀଭତ୍ସ ମହାଶ୍ମଶାନର ମର୍ମସ୍ଥଳରେ ବସିଛନ୍ତି ଶ୍ମଶାନବାସିନୀ ପାଗେଳୀ ମା' ଓ ତା'ର ପାଗଳା ପୁଅ ଶ୍ରୀ ବାମଦେବ; କିନ୍ତୁ ସେଠି ବି ତାଙ୍କର ନିସ୍ତାର ନାହିଁ । ନିତି, ନିତି ଦେଶ, ଦେଶାନ୍ତରରୁ ଛୁଟି ଆସନ୍ତି ଶତ ଶତ ଆର୍ତ୍ତ, ତ୍ରିତାପକ୍ଲିଷ୍ଟ, ବ୍ୟାଧିଗ୍ରସ୍ତ, ନିପୀଡ଼ିତ ଭକ୍ତଗଣ ତାଙ୍କର ଚରଣ ତଳକୁ– ଟିକିଏ ଆଶ୍ରୟ ପାଇବା ଆଶାରେ । ସଂସାର ଚକ୍ରରେ ନିଷ୍ପେଷିତ ଜୀବ ଖୋଜେଁ ଟିକିଏ ସୁଖ, ଟିକିଏ ଶାନ୍ତି ତେଣୁ ସାମାନ୍ୟ ଅବସର ପାଇଲେ ଛୁଟି ଆସେ ଶାନ୍ତିମୟଙ୍କ କୋଳକୁ । କ୍ଷଣକାଳ ପାଇଁ ହେଲେ ବି ଭୁଲିଯାଏ ସମସ୍ତ ଜ୍ୱାଳା; ଯନ୍ତ୍ରଣା–ଚିଦାନନ୍ଦମୟ ଶିବଙ୍କ ସଂସ୍ପର୍ଶରେ ।

୧୯୦୭ ମସିହାର ବଡଦିନ ଛୁଟି । କୋର୍ଟ; କଚେରୀ ବନ୍ଦଥାଏ । ହୁଗୁଳୀ କୋର୍ଟର ଓକିଲଦ୍ୱୟ ରଜନୀକାନ୍ତ ସେନଗୁପ୍ତ ଓ ହୃଷୀକେଶ ମଜୁମଦାର ଭୈରବ ଶ୍ରୀ ବାମାକ୍ଷେପାଙ୍କୁ ଦର୍ଶନ କରିବା ଆଶାରେ ତାରାପୀଠକୁ ଯିବାକୁ ମନସ୍ଥ କରି– ସେମାନଙ୍କର ପ୍ରିୟବନ୍ଧୁ ହୁଗୁଳି ସରକାରୀ ପ୍ରଶିକ୍ଷଣ ବିଦ୍ୟାଳୟର ଶିକ୍ଷକ ନନ୍ଦଲାଲ ବନ୍ଦୋପାଧ୍ୟାୟଙ୍କୁ ଜଣାଇଲେ । ନନ୍ଦବାବୁ ଆଗରୁ ଭୈରବଙ୍କ ଅଲୌକିକ ବିଭୂତି ସମ୍ପର୍କରେ

ଶୁଣିଥିଲେ । ବନ୍ଧୁମାନଙ୍କ ଆହ୍ୱାନରେ ଏହି ମହାପୁରୁଷଙ୍କୁ ଦର୍ଶନ କରିବାର ଆକାଙ୍‌କ୍ଷା ପ୍ରବଳ ହୋଇ ଉଠିଲା ତାଙ୍କର । କିନ୍ତୁ କରିବେ କ'ଣ, ଯିବେ ବା କିପରି ? ଘରେ ବୃଦ୍ଧ ପିତା ଦୀର୍ଘଦିନ ଧରି ମୂତ୍ରାଶୟ ରୋଗରେ ପୀଡ଼ିତ । ଠିକ୍ ଏହି ସମୟରେ ରୋଗର ମାତ୍ରା ବି ବୃଦ୍ଧି ପାଇଛି । ଡାକ୍ତରମାନେ ଜବାବ ଦେଇ ସାରିଲେଣି, ଆଉ କେତେଟା ଦିନର କଥା ମାତ୍ର ! ସୁତରାଂ ମୃତ୍ୟୁ ପଥର ଯାତ୍ରୀ ରୁଗ୍‌ଣ ପିତାଙ୍କୁ ଏକାକୀ ଛାଡ଼ି ଯିବାକୁ ବିବେକ ବାଧା ଦେଲା । ଓକିଲ ବନ୍ଧୁଦ୍ୱୟ କିନ୍ତୁ ଯିବାର ଦିନ ବାର ପର୍ଯ୍ୟନ୍ତ ଠିକ୍ କରି ସାରିଛନ୍ତି । ନନ୍ଦବାବୁଙ୍କ ଠାରୁ ଶେଷ କଥା ଶୁଣିବା ପାଇଁ ସେଦିନ ବନ୍ଧୁଦ୍ୱୟ ରାୟବଜାରସ୍ଥିତ ତାଙ୍କ ବାସଗୃହକୁ ଆସିଥାନ୍ତି । ପ୍ରସଙ୍ଗକ୍ରମେ କଥାଟା ବୃଦ୍ଧ ପିତାଙ୍କ କାନକୁ ଗଲା । ବୃଦ୍ଧ ପୁତ୍ରକୁ ଡ଼ାକି କହିଲେ– "ବାବୁରେ, ଦୀର୍ଘଦିନ ଧରି ମୁଁ ଏ ବ୍ୟାଧି ଭୋଗୁଛି । ଯେତେବେଳେ ସାଧୁ ଦର୍ଶନର ବାସନା ଜାଗିଛି, ପୁଣି ଉପଯୁକ୍ତ ସଙ୍ଗୀ ମଧ୍ୟ ମିଳିଛନ୍ତି–ନିଶ୍ଚିନ୍ତରେ ଯାଇ ତାଙ୍କୁ ଦର୍ଶନ କରି ଆସ । ମାତ୍ର ଦୁଇ-ଚାରିଦିନର କଥାତ, ମହାପୁରୁଷଙ୍କ କୃପାରୁ ଏହା ମଧ୍ୟରେ ମୋର କିଛି ହେବନି । ବରଂ ତୁ ଯାଇ ତାଙ୍କୁ ଦର୍ଶନ କରି ଆସିଲେ ମୁଁ ଶାନ୍ତିରେ ମରି ପାରିବି ।"

ପିତୃ-ଆଦେଶ ଶିରୋଧାର୍ଯ୍ୟ କରି ତାରାପୀଠ ଯାତ୍ରାରେ ନନ୍ଦବାବୁ ମଧ୍ୟ ଯୋଗଦେଲେ ଓକିଲ ବନ୍ଧୁ ଦ୍ୱୟଙ୍କ ସଙ୍ଗରେ ।

ତିନିବନ୍ଧୁ ମୋଲ୍ଲାରପୁର ଷ୍ଟେସନରେ ଗାଡ଼ିରୁ ଓହ୍ଲାଇ ଅଙ୍କା, ବଙ୍କା ଖାଲଢିପ ରାସ୍ତାଦେଇ ପଦବ୍ରଜରେ କ୍ଷୁଦ୍ରପଲ୍ଲୀ ତାରାପୁର ଉଦ୍ଦେଶ୍ୟରେ ବାହାରି ପଡ଼ିଲେ । ପ୍ରାୟ ଅଢ଼େଇ କ୍ରୋଶ ବାଟ । ଚାଲିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ । ମଝିରେ, ମଝିରେ ଗୋରୁଗାଡ଼ି ଅବଶ୍ୟ ମିଳେ କିନ୍ତୁ ରାସ୍ତାର ଯେଉଁ ଅବସ୍ଥା ସେଥିରେ ନିରୀହ ପଶୁଗୁଡ଼ିକୁ କଷ୍ଟଦେବାହିଁ ସାର ହୁଏ; ଯାତ୍ରୀମାନଙ୍କ କଷ୍ଟର ବି ଅନ୍ତ ରହେନା । ପୂର୍ବରୁ ଶୁଣିଥିବା ଭୈରବଙ୍କ ଅଲୌକିକ କାହାଣୀ ବିଷୟରେ ଆଲୋଚନା କରି ତିନିବନ୍ଧୁ ରାସ୍ତା ଚାଲୁଥାନ୍ତି ସତ ନନ୍ଦବାବୁଙ୍କ ମନରେ କିନ୍ତୁ

ସୁଖ ନଥାଏ । ଶଯ୍ୟାଶାୟୀ ବୃଦ୍ଧ ପିତାଙ୍କ ଚିନ୍ତା ମଝିରେ ମଝିରେ ମନକୁ ଉଦ୍‌ବିଗ୍ନ କରି ତୋଳୁଥାଏ ।

ପ୍ରାୟ ମଧ୍ୟାହ୍ନବେଳକୁ ବନ୍ଧୁତ୍ରୟ ଶ୍ରାନ୍ତ, କ୍ଳାନ୍ତ ହୋଇ ପହଞ୍ଚିଲେ ଯାଇ ଭୈରବଙ୍କ ସମୀପରେ । ଶିମୁଳିତଳେ ଶୋଇଥାନ୍ତି କ୍ଷେପାବାବା, ନିକଟରେ ଏକ ପ୍ରିୟଶିଷ୍ୟ ବସି ମା'ର ନାମ ଶୁଣାଉଥାଏ । ମଝିରେ ମଝିରେ ଭୈରବଙ୍କ ତୁଣ୍ଡରୁ ବାହାରି ଆସୁଥାଏ ଗୁରୁଗମ୍ଭୀର, 'ଜୟତାରା' ନିନାଦ ଓ ବୃକ୍ଷଲତା ସହିତ ଶ୍ମଶାନର ମର୍ମସ୍ଥଳ କମ୍ପି ଉଠୁଥାଏ ସେ ନାଦର ହିଲ୍ଲୋଳରେ । ଭୈରବଙ୍କ ପାଦଧୂଳି ନେବାର ଇଚ୍ଛାଥିଲେ ବି ଉଗ୍ରମୂର୍ତ୍ତିଧାରୀ ବିରାଟ ଏକ ଦିଗମ୍ବର ପୁରୁଷଙ୍କୁ ଭୂମି ଉପରେ ନିରଲମ୍ବ ଶୟନ କରିଥିବାର ଦେଖି ନିକଟକୁ ଯିବାକୁ ସାହସ ହେଲନି । ଦୂରରୁ ପ୍ରଣତି ଜଣେଇ ଏକ ପାଖକୁ ଆଡେଇ ଠିଆହେଲେ ବନ୍ଧୁତ୍ରୟ ଓ ନିର୍ନିମେଷ ନୟନରେ ଅନେଇଁ ରହିଲେ ଏହି ବିଶାଳ ବପୁଧାରୀ ଶ୍ୟାମସୁନ୍ଦର ମହାପୁରୁଷଙ୍କୁ । ଏହିପରି ଭବେ ଅନେକ ସମୟ କଟିଗଲା—ମଧ୍ୟାହ୍ନ ରବି କ୍ରମେ କ୍ରମେ ଢ଼ଳି ପଡ଼ିଲେ ପ୍ରତୀଚି ଗଗନକୁ; ଶ୍ମଶାନ ଭିତରୁ ଭସି ଆସିଲା ଶିବାକଣ୍ଠରୁ ହୁକେ ହୋ ଚିତ୍କାର—ଆଗନ୍ତୁକା ରଜନୀରାଣୀଙ୍କୁ ସ୍ୱାଗତ ଜଣେଇ । ଏତେ ଦୀର୍ଘ ସମୟ ଧରି ଠିଆ ହୋଇ ରହିଥିଲେ ବି କାହିଁ ସେମାନେ ତ ଏତେ ଟିକିଏ ହେଲେ କ୍ଲାନ୍ତି ଅନୁଭବ କରି ନାହାନ୍ତି ! କ୍ଷୁଧା, ତୃଷାର ତ ନାମ ଗନ୍ଧଇ ନାହିଁ । ଅମୃତ ସରୋବର ପାଖରେ ପୁଣି ଜାଗତିକ କ୍ଷୁଧା, ତୃଷା, ଶ୍ରାନ୍ତି-କ୍ଲାନ୍ତି ଆସିବ କୁଆଡୁ ।

ଦୀର୍ଘ ସମୟ ଧରି ଠିଆ ହୋଇଥିବାର ଦେଖି ତାରମା'ର ଜଣେ ପୁରୋହିତ ଏଥର ତିନିବନ୍ଧୁଙ୍କୁ ଚୁପ୍‌କରି ଡାକିନେଇ ବାବାଙ୍କ ପାଖରେ ବସାଇଲା । ବାବା ମଧ୍ୟ, ମଝିରେ ମଝିରେ ସେମାନଙ୍କୁ ଅନେଇ 'ଜୟତାରା' 'ଦୁର୍ଗାତାରା' ଆଦି ନାମ ଶୁଣାଇବାକୁ ଲାଗିଲେ । ସନ୍ଧ୍ୟାଦେବୀଙ୍କ ଆଗମନରେ ସାରା ଶ୍ମଶାନରେ କ୍ରମଶଃ ଘୋଟି ଆସିଲା ଘନ ଅନ୍ଧକାର—ତାରା ମା' ମନ୍ଦିରରେ ବାଜି ଉଠିଲା ଶଙ୍ଖ, ଭେରୀ, ତୁରୀ । ବାବା ଏଥର ଉଠିବସି ପୁରୋହିତ ମହାଶୟଙ୍କୁ ଲକ୍ଷ୍ୟ କରି କହିଲେ— "ତୁ ଶଳା ଯେମିତି;

ତୋର ତାରମା' ବି ସେମିତି । ପିଲ ତିନିଟା କାଇଁ କୋଉ କାଳରୁ ଆସି ଠିଆ ହୋଇଛନ୍ତି- ଏତେବେଳଯାଏଁ ସେମାନଙ୍କୁ ଖାଇବାକୁ ବି ଗଣ୍ଡିଏ ମିଳିଲନି ।''

ବାବାଙ୍କ ଇଙ୍ଗିତରେ ଭକ୍ତ ତିନିଜଣଙ୍କ ପାଇଁ ତାର ମା'ର ରାତ୍ରି ପ୍ରସାଦର ବ୍ୟବସ୍ଥା ତଥା ଜଣେ ପଣ୍ଡାଙ୍କ ଘରେ ସେମାନଙ୍କ ବିଶ୍ରାମ ନେବାର ବନ୍ଦୋବସ୍ତ କରାଗଲା ।

ରାତ୍ରି ପ୍ରାୟ ଦ୍ୱିତୀୟ ପ୍ରହର । ମନ୍ଦିରର ପୁରୋହିତ ବାବାଙ୍କ ନିମନ୍ତେ ଖଣ୍ଡିଏ ମଂଜ କଦଳୀପତ୍ରରେ ଅନ୍ନ ବ୍ୟଞ୍ଜନ ପରିବେଷଣ କରି ସେବା କରିବା ପାଇଁ ଆହ୍ୱାନ ଜଣାଇଲା । ବାବା ଆଗ୍ରହ ସହକାରେ ଉଚ୍ଚ ସ୍ୱରରେ 'କାଳୀ, କାଳୀ' ବୋଲି ଚିତ୍କାର କରି ଉଠିଲେ । ଚିତ୍କାର ସଙ୍ଗେ ସଙ୍ଗେ ଛୁଟି ଆସିଲେ ଶୃଗାଳ, କୁକୁର ଓ ଅନ୍ୟ କେତେ ପ୍ରକାରର ଛୋଟ, ଛୋଟ ବନ୍ୟଜନ୍ତୁର ଦଳ । ସମସ୍ତଙ୍କୁ ସାଙ୍ଗରେ ଧରି ପରମ ସନ୍ତୋଷରେ ପ୍ରସାଦ ସେବା କରିବାକୁ ବସିଲେ ସମଜ୍ଞାନୀ ମହାସାଧକ । ଭୈରବଙ୍କ ଆହ୍ୱାନରେ କେହି, କେହି ଭାଗ୍ୟବାନ ଭକ୍ତ ମଧ୍ୟ ପ୍ରସାଦ ସେବାର ସୁଯୋଗ ପାଇଲେ । ଅଷ୍ଟପାଶମୁକ୍ତ ଶିବକଳ୍ପ ମହାପୁରୁଷଙ୍କର ଆହାର ପର୍ବ ଅବଲୋକନ କରି ବିସ୍ମିତ ହେଲେ ବନ୍ଧୁତ୍ରୟ । ଆହାର ତ ନୁହେଁ—ଏହାଯେ ସଜ୍ଞାନୀ ସାଧକଙ୍କର ଆହୁତି ପ୍ରଦାନ ! ଆଶକ୍ତି ନାହିଁ କି ଘୃଣା ନାହିଁ— ସର୍ବତ୍ର ବ୍ରହ୍ମଦର୍ଶନ । ଆହାର ସମାପନାନ୍ତେ ବନ୍ୟଜନ୍ତୁଗୁଡ଼ିକ ସ୍ୱ-ସ୍ୱ ସ୍ଥାନକୁ ଗମନ କଲେ— ପାଖରେ ଜଗି ବସିଲେ କେବଳ ପ୍ରିୟ ଶ୍ୱାନ-କାଲୁ-ଭୁଲୁ-ଜାମଭୋଲା ଓ ଶ୍ୱେତଫୁଲି । ବାବା ଏଥର ଶିମୁଳି ତଳକୁ ଆସି ଯୋଗନିଦ୍ରାରେ ନିଦ୍ରିତ ହେଲେ । ରାତ୍ରିବୃଦ୍ଧି ସଙ୍ଗେ ସଙ୍ଗେ ବନ୍ଧୁତ୍ରୟ ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ବିଶ୍ରାମସ୍ଥଳୀକୁ ଫେରିଗଲେ ।

ପରଦିନ ପ୍ରତ୍ୟୁଷରୁ ଜୀବିତକୁଣ୍ଡରେ ସ୍ନାନ କଲାବେଳେ ଅନ୍ୟାନ୍ୟ ଭକ୍ତମାନଙ୍କ ସଙ୍ଗେ ବାବାଙ୍କର ଅଲୌକିକ ବିଭୂତି ସମ୍ବନ୍ଧରେ ଅନେକ ଆଲୋଚନା ହେଲା । ଜଣେ ଭକ୍ତ କହିଲେ— ''ଆପଣମାନେ ଧୈର୍ଯ୍ୟଧରି

କିଛି ସମୟ ବସିଲେ ଅନେକ କିଛି ଅନୁଭବ କରି ପାରିବେ । ଆଉ ଗୋଟିଏ କଥା ମଧ୍ୟ ପରୀକ୍ଷା କରି ପାରନ୍ତି—ମନେ ମନେ ଯେ କୌଣସି ବିଷୟରେ ଚିନ୍ତାକରି ବାବାଙ୍କୁ ସ୍ମରଣ କଲେ– ତାଙ୍କ ଶ୍ରୀମୁଖରୁ ନିଶ୍ଚୟ ଆପଣ ତା'ର ସମାଧାନ ପାଇ ପାରିବେ ।" ଏହି କଥାଟି ଶୁଣି ବିଗ୍ରହ ନନ୍ଦ ବାବୁଙ୍କ ଚଞ୍ଚଳ ମନ ତତ୍ପର ହୋଇ ଉଠିଲା । କାହାକୁ କିଛି ନଜଣେଇ ବୃଦ୍ଧ ପିତାଙ୍କ ରୋଗ ନିରମୟ ନିମନ୍ତେ ମନେ-ମନେ ଚିନ୍ତାକରି ବାବାଙ୍କୁ ସ୍ମରଣ କରିବାକୁ ଲାଗିଲେ । ନିତ୍ୟକର୍ମ ଓ ସାମାନ୍ୟ ଜଳଯୋଗ ସାରି ବନ୍ଧୁତ୍ରୟ ଶିମୂଳି ତଳକୁ ଆସି ବାବାଙ୍କ ସାମ୍ନାରେ ଚୁପ୍‌ଚାପ ବସି ରହିଲେ । ନନ୍ଦ ବାବୁଙ୍କ ମନରେ କିନ୍ତୁ ରୁଗ୍ଣ ପିତାଙ୍କ ଚିନ୍ତା ।

ବାବା ସେତେବେଳେ ସ୍ୱ ଆସନରେ ଧ୍ୟାନମଗ୍ନ । ପଦ୍ମପଳାଶ ଲୋଚନଦ୍ୱୟ ଅର୍ଦ୍ଧ ନିମିଳିତ; କୌଣସି ଦିଗକୁ ଲକ୍ଷ୍ୟ ନାହିଁ । ସତେ ଅବା କୈଳାସ ଶିଖରରେ ଯୋଗେଶ୍ୱର ଶିବ ଯୋଗାସନରେ ସମାସୀନ । ପରିବେଶ ମଧ୍ୟ ଶାନ୍ତ-ନିସ୍ତବ୍ଧ । ଚାରିଆଡ଼େ ବେଢ଼ି ରହିଛନ୍ତି ପ୍ରିୟ ପାର୍ଶଦ ବର୍ଗ ତଥା ଭକ୍ତମଣ୍ଡଳୀ; ସମସ୍ତେ କିନ୍ତୁ ଭୈରବଙ୍କ ତପ ପ୍ରଭାବରେ ପ୍ରଭାବିତ; ଅପଲକନୟନରେ ଅନେଇ ରହିଛନ୍ତି ଦିଗମ୍ବର କ୍ଷେପା ବାବାଙ୍କୁ । କି, ଏକ ଅପୂର୍ବ ମନୋମୁଗ୍‌ଧକର ବାତାବରଣ ସତେ ! ଏହିପରି ଭାବରେ କଟିଗଲା ପ୍ରାୟ ଦୁଇଘଣ୍ଟା । ସହସା 'ତାର-ତାର' କହି ଉଠିଆସି ନନ୍ଦବାବୁଙ୍କ ପିଠିରେ ମୃଦୁ ପଦାଘାତ କରି ବାବା କହି ଉଠିଲେ– "ଏବେ ବ୍ୟସ୍ତ କାହିଁକିରେ ଶଳା, ଆହୁରି ପନ୍ଦରବର୍ଷ ବାକି ।" ଏଥର ପୁଣି ନିଜ ଆସନକୁ ଫେରିଯାଇ ଭକ୍ତମାନଙ୍କ ସାଙ୍ଗେ ଆଳାପ କରିବାକୁ ଲାଗିଲେ ଭକ୍ତବନ୍ଧୁ ।

ସେତେବେଳେ ଅବଶ୍ୟ ଭୈରବଙ୍କ ଇଙ୍ଗିତ ଠିକ୍ ଭାବରେ ଧରିପାରି ନଥିଲେ ନନ୍ଦବାବୁ; କିନ୍ତୁ ଭୈରବଙ୍କ ନିକଟରେ ତିନିଦିନ କଟେଇ ଯେତେବେଳେ ସେମାନେ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ କିନ୍ତୁ ଆଶ୍ଚର୍ଯ୍ୟର ସୀମା ରହିଲାନି । ଭୈରବଙ୍କ ଆଶୀର୍ବାଦରୁ ପିତା

ଯେ ସମ୍ପୂର୍ଣ୍ଣ ରୋଗମୁକ୍ତ ! ବାକ୍‌ସିଦ୍ଧ ମହାପୁରୁଷଙ୍କ ଭବିଷ୍ୟତ ବାଣୀ ଅନୁଯାୟୀ ବୃଦ୍ଧ ସୁସ୍ଥ ଶରୀରରେ ଆହୁରି ଦୀର୍ଘ ପନ୍ଦର ବର୍ଷକାଳ କଟାଇ ୧୯୨୨ ମସିହା ଡ଼ିସେମ୍ବର ୧୯ ତାରିଖରେ ପରଲୋକ ଗମନ କରିଥିଲେ । ଏହି ଘଟଣା ପରେ ପରେ ଅବଶ୍ୟ ପିତା-ପୁତ୍ର ଦ୍ୱୟ ବାବାଙ୍କର ପରମଭକ୍ତ ହୋଇ ଉଠିଲେ । ନନ୍ଦବାବୁ ମଧ୍ୟ ଆହୁରି ଅନେକଥର ତାରାପୀଠକୁ ଆସି ଭୈରବଙ୍କ ସାନ୍ନିଧ୍ୟ ଲାଭକରି ତଥା ଅମୃତମୟ ବାଣୀ ଶ୍ରବଣକରି କୃତାର୍ଥ ହୋଇଥିଲେ ।

❋

ତିରଣ

"ମୋ ପାଖକୁ କାହିଁକି ଆସିଛ ବାବା ?" ଭୈରବଙ୍କ ପ୍ରଶ୍ନଶୁଣି ଚମକି ଉଠିଲେ ଆଗନ୍ତୁକ ଯୁବକ । ଅସ୍ତଗାମୀ ସୂର୍ଯ୍ୟ । ସୂର୍ଯ୍ୟ ସାକ୍ଷ୍ୟରେ ଦିନ ରାତିର ମିଳନ । ରକ୍ତିମ ଆଭରେ-ଆରକ୍ତିମ ମହାଶ୍ମଶାନର ଧୂଳି-ମାଟି । ମୃଦୁ-ମୃଦୁ ଦକ୍ଷିଣା ବତାସ ପରଶି ଯାଉଛି ତନୁ-ମନ ପ୍ରାଣ । ଶ୍ୱେତ ଶିମୁଳି ବୃକ୍ଷମୂଳେ ସ୍ୱଆସନରେ ଉପବିଷ୍ଟ ଆତ୍ମଭୋଳା ସାଧକ । କେହି ପ୍ରାୟ ପାଖରେ ନଥାନ୍ତି । ଏକା, ଏକା ନିରୋଳାରେ ନିଃସଙ୍ଗ ସଦାଶିବଙ୍କ ଚେତନା ବୋଧହୁଏ ମଜ୍ଜି ଯାଉଥାଏ ମାନସ ସରସୀର କୈଳାସ ଶିଖରରେ ।

ଆଖି ନ ବୁଜି, କାନ ନ ରୁନ୍ଧି
ସହଜ ସମାଧି ପରି ।

ସହସା, ପଶ୍ଚିମଲଗ୍ନ ସୂର୍ଯ୍ୟଙ୍କର ବିପରୀତ ଦିଗରୁ ଏକ ଦୀର୍ଘଛାୟା ଆସି ଚରଣ ସ୍ପର୍ଶକଲା ଆତ୍ମବିସ୍ମୃତ ଭୋଳାନାଥଙ୍କର । ଧ୍ୟାନ ଭଗ୍ନହେଲା । ତାରା, ତାରା ନିନାଦରେ ମୁଖରିତ ହେଲା ଗଗନ-ପବନ । ମୁଖ ଟେକି ଚାହିଁ ଦେଖିଲେ– ସମ୍ମୁଖରେ ଏକ ଅପରିଚିତ ବ୍ରାହ୍ମଣ ଯୁବକ; ଉଜ୍ଜ୍ୱଳ ଗୌର ତନୁ, ଆଜାନୁଲମ୍ବିତ ବାହୁ, ସ୍କନ୍ଧ ଦେଶରେ ପବିତ୍ର ଯଜ୍ଞୋପବୀତ, ଲୁଣ୍ଠିତ କେଶଗୁଚ୍ଛ ମଧ୍ୟରେ ଅନିନ୍ଦ୍ୟ ସୁନ୍ଦର ବାଳକ ସୁଲଭ ମୁଖମଣ୍ଡଳ; ଆଉ ତା' ମଧ୍ୟରେ ଦୁଇଟି ସୁତୀକ୍ଷ୍ଣ ନୟନ । ପରିପୂର୍ଣ୍ଣ ଭକ୍ତି, ଆନନ୍ଦ ଓ ଉତ୍ତେଜନାଭରା ପ୍ରେମାଶ୍ରୁରେ ଢଳ-ଢଳ ଏହି ନୟନ ଯୁଗଳ ଆକୃଷ୍ଟ କଲା ଭୈରବଙ୍କ ପ୍ରେମକାଙ୍ଗାଳ ହୃଦୟକୁ । ଅଭୟ ଚରଣ ତଳେ ନିପତିତ ଯୁବକକୁ ତୋଳିଧରି ସସ୍ନେହ ପୁଣି ଥରେ ପ୍ରଶ୍ନ କଲେ– "ତୁମେ କ'ଣ ଚାହଁ ବତ୍ସ ?"

ଏଥର କିନ୍ତୁ ଆଉ ଥୟ ଧରି ପାରିଲେନି ଯୁବକ । ପ୍ରାଣର ଆବେଗରେ କଇଁ, କଇଁ ହୋଇ କାନ୍ଦି ଉଠିଲେ । କିଛି କ୍ଷଣ ନିରବ ରହି ବାବାଙ୍କ ଚରଣ ଯୁଗଳ ସ୍ପର୍ଶକରି ଭବ ଗଦ୍‌ଗଦ୍ କଣ୍ଠରେ କହିଉଠିଲେ– "କିଛି ଦିନ ପୂର୍ବେ ଅବଲୀଳା କ୍ରମେ ଜଗତ୍ ରହସ୍ୟ ଜାଣିବା ନିମନ୍ତେ ମନଟା ଅତ୍ୟନ୍ତ ବ୍ୟାକୁଳ ହୋଇ ଉଠିଲା । ସେହି ସମୟରେ ସ୍ୱପ୍ନ ଯୋଗେ ମନ୍ତ୍ର ଲଭ ହେଲା । ବହୁ ଚେଷ୍ଟା ସତ୍ୱେ ବି ସେ ମନ୍ତ୍ର ସାଧନର କୌଣସି ବ୍ୟବସ୍ଥା କରି ନ ପାରିବାରୁ ସତ୍ୟ ଲଭରୁ ବଞ୍ଚିତ ହୋଇ ହତାଶରେ ଏହି ଅଲୋଡ଼ା ଜୀବନ ରଖିବା ବୃଥାଭବି ଅନାହାରରେ ଆତ୍ମହତ୍ୟା ସଙ୍କଳ୍ପ କରି ବସିଲି । କିନ୍ତୁ କି ଆଶ୍ଚର୍ଯ୍ୟ ! ପୁନରୟ ସ୍ୱପ୍ନରେ ପ୍ରତ୍ୟାଦେଶ ପାଇଲି– ତାରପୀଠକୁ ଆସି ଆପଣଙ୍କ ଶରଣ ନେଲେ ମନୋବାଞ୍ଛା ପୂର୍ଣ୍ଣହେବ । ଆଉ ସେଇଥି ପାଇଁ ଏ ଅଧମ ଆଜି ଛୁଟି ଆସିଛି ଆପଣଙ୍କ ଚରଣ ତଳକୁ । ଆପଣ ହିଁ– ମୋର ସେହି ଚିରବାଞ୍ଛିତ ଗୁରୁ । ମୋତେ ରକ୍ଷା କରନ୍ତୁ । ଜଗତ୍ ରହସ୍ୟ ଅବଗତ କରଇ ମୋର ସଂଶୟ ଅପନୋଦନ କରନ୍ତୁ; ମୋତେ ନବଜୀବନ ଦାନ କରନ୍ତୁ । ସତ୍ୟଲଭ ବ୍ୟତୀତ ଏ ଜୀବନ ଧାରଣ ବିଡ଼ମ୍ବନା ମାତ୍ର । ଗୁରୁଦେବ ! ଦୟାକରି ଏ ଦୀନ, ଅଧମକୁ ଶରଣ ଦିଅନ୍ତୁ ପ୍ରଭେ !"

ଆନନ୍ଦ ବିହ୍ୱଳ କ୍ଷେପାବାବା ଏଥର ଯୁବକଙ୍କୁ ବୁକୁ ଉପରକୁ ଟାଣି ନେଇ ଭବାବେଶରେ କହି ପକାଇଲେ– "ଆରେ, କିଏରେ ତୁହି ଭଗ୍ୟବାନ ! ସ୍ୱପ୍ନରେ ତୁ ଯେ ତାରମନ୍ତ୍ର ପାଇଛୁ । ତୋ ଉପରେ ମା'ର କି କୃପା ସତେ !!"

ଯୁବକ କିନ୍ତୁ ବିନୀତ ଭବରେ ଜଣାଇଲେ– "ମୋର କିନ୍ତୁ ମନ୍ତ୍ର ବା ଦେବ-ଦେବୀଙ୍କ ଠାରେ ବିଶ୍ୱାସ ନାହିଁ । ଅଲୌକିକ ଶକ୍ତିଲଭ କି ଦୈବୀ ମୂର୍ତ୍ତି ଦର୍ଶନ ନିମନ୍ତେ ସାମାନ୍ୟତମ ଅଭିଳାଷ ବି ନାହିଁ । ମୁଁ କିଏ,କେଉଁଠୁ ଆସିଛି, ପୁଣି କେଉଁଠିକି ଫେରିଯିବି ? ମୁଁ ନିତ୍ୟ ନା ଜଳ ବୁଦ୍‌ବୁଦ୍ ପରି ଅନିତ୍ୟ ? ମୁଁ ଯଦି ନିତ୍ୟ ତେବେ ମୋର ଅନ୍ୟ

କେହି ନିତ୍ୟ-ସଙ୍ଗୀ ଅଛନ୍ତି କି ନାହିଁ ? ମୁକ୍ତି କ'ଣ— ଭଗବାନ କିଏ— ଆଉ ତାଙ୍କ ସୃଷ୍ଟିର ଉଦ୍ଦେଶ୍ୟ ବା କ'ଣ ? — ଏହି ସମସ୍ତ ତତ୍ତ୍ୱର ସମାଧାନ କରି ଦିଅନ୍ତୁ ଗୁରୁଦେବ !"

ଜିଜ୍ଞାସୁ ଭକ୍ତର ଜିଜ୍ଞାସା ଶୁଣି ହସି ଉଠିଲେ ଭଗବାନ— "ଧୈର୍ଯ୍ୟ ଧର ବାବା ! ଖାଲି ସମାଧାନ କାହିଁକି, ଏ ସବୁ ମୁଁ ତୋତେ ପ୍ରତ୍ୟକ୍ଷ କରାଇ ଦେବି । ତେବେ ମୋର ଧାରଣା— ତୁ ତୋ ପ୍ରାଣର ଆକାଙ୍କ୍ଷା ଠିକ୍ ଠିକ୍ ବ୍ୟକ୍ତ କରିପାରୁନାହୁଁ ।"

ଯୁବକ ନତଜାନୁ ହୋଇ ଭୈରବଙ୍କ ଚରଣ ସ୍ପର୍ଶ କଲେ । ଅସ୍ତୋନ୍ମୁଖୀ ସୂର୍ଯ୍ୟଙ୍କ ଆଭାରେ ତାଙ୍କ ଚକ୍ଷୁ ସାମ୍ନାରେ ପ୍ରତିଫଳିତ ହେଲା ଏକ ଦିବ୍ୟ ଜ୍ୟୋତି । ସଜଳ ନୟନରେ ଭାବଗଦ୍‌ଗଦ୍ କଣ୍ଠରେ ସେ କହି ପକାଇଲେ— "ମୁଁ ଜ୍ଞାନ ହିଁ ଚାହେଁ ଗୁରୁଦେବ !"

ଯୁବକଙ୍କ ଅଶ୍ରୁଳ ମୁଖ ମଣ୍ଡଳ ଉପରେ କରୁଣା କଟାକ୍ଷ ନିକ୍ଷେପ କରି କହିଲେ କରୁଣାମୟ— "ବତ୍ସ ! ତୁମେ କ'ଣ ଅନ୍ତରର ଅଭ୍ୟନ୍ତର ପ୍ରଦେଶରେ କାହାର ମୃଦୁ ପଦକ୍ଷେପ ଅନୁଭବ କରୁନାହଁ ? ଏହି ଦୃଶ୍ୟମାନ ଜଗତର ସମସ୍ତ ବୈଚିତ୍ର୍ୟ ମଧ୍ୟରେ କ'ଣ କାହାର ଅସ୍ପଷ୍ଟ ଗୁଞ୍ଜନ ଶୁଣି-ପାରୁନାହଁ ? ଅବୟବର ପ୍ରତି ଲୋମ କୂପରେ କ'ଣ କାହାର ଶିହରଣ ଅନୁଭବ କରୁନାହଁ ?

ପ୍ରତ୍ୟେକ କାର୍ଯ୍ୟ କାରଣରେ କ'ଣ କାହାର ଅଦୃଶ୍ୟ ଇଙ୍ଗିତ, ଅଦୃଶ୍ୟ ଆକର୍ଷଣ ଅନୁଭବ କରୁ ନାହଁ ? ତେବେ ଉତଳା କାହିଁକି - ବ୍ୟସ୍ତ କାହିଁକି ? ଚିନ୍ତା ନାହିଁ ବତ୍ସ ! ଯେଉଁ ମୁହୂର୍ତ୍ତରେ ଏହି ଅଦୃଶ୍ୟ ଆକର୍ଷଣକାରୀର ଦର୍ଶନ ପାଇବ, ସେହି ମୁହୂର୍ତ୍ତରେ ହିଁ ଅନ୍ତରରେ ଶବ୍ଦାୟମାନ ଏହି ଧ୍ୱନି ସମୂହ ଅର୍ଥମୟ ହୋଇ ଉଠିବ । ପରିପୂର୍ଣ୍ଣ ଜ୍ଞାନ-ଲାଭରେ ଭରିଯିବ ମନ-ପ୍ରାଣ ।"

ଆଗନ୍ତୁକ— "ତାଙ୍କର ଦର୍ଶନ କ'ଣ ସମ୍ଭବ ବାବା ?"

କ୍ଷେପାବାବା– "କାହିଁକି ନୁହେଁ ବତ୍ସ ! ଗୁରୁଦତ୍ତ ମନ୍ତ୍ରରେ ପ୍ରାଣ ପ୍ରତିଷ୍ଠା କରି ଭକ୍ତି ଓ ଆବେଗରେ ଡାକିଲେ ଅନ୍ତର ମଧ୍ୟରୁ ହିଁ ବାହାରି ଆସନ୍ତି ଅନ୍ତରତମ ! ଆଉ ସେତେବେଳେ ତାଙ୍କୁ ଦର୍ଶନ, ସ୍ପର୍ଶନ, ଶ୍ରବଣ ଓ ଆସ୍ୱାଦନ ସବୁ କରିହୁଏ । ତାଙ୍କର ଦର୍ଶନ ମାତ୍ରେ ହିଁ ଜୀବର ସମସ୍ତ କାମନା-ବାସନା ପୂର୍ଣ୍ଣ ହୁଏ । ସେ ହୁଏ ପୂର୍ଣ୍ଣକାମ ।"

ଆଗନ୍ତୁକ– "ମୁଁ ଯେ ଭକ୍ତିହୀନ-ନାସ୍ତିକ ପାଷାଣ୍ଡ । କିପରି ତା ପ୍ରାଣ ପ୍ରତିଷ୍ଠା କରିବି ଗୁରୁଦେବ !"

କ୍ଷେପାବାବା– ଭୟ ନାହିଁ ବତ୍ସ ! ମୁଁ ନିଜେ ହିଁ କରି ଦେବି ସ୍ୱପ୍ନଲବ୍ଧ ମନ୍ତ୍ରର ପ୍ରାଣ ପ୍ରତିଷ୍ଠା । ଆଉ ତା ଛଡ଼ା– ତୋର ତ ଭକ୍ତିର ଅଭାବ ନାହିଁ । ସତ୍ୟଲାଭ ନିମନ୍ତେ ତୋର ଯେଉଁ ବ୍ୟାକୁଳତା ବା ଐକାନ୍ତିକତା--- ଏହାହିଁ ତ ଭକ୍ତି । ତେବେ ମୁଁ ଯାହା ଆଦେଶ କରିବି ଅବିଘ୍ନରେ ପାଳନ କରିବାକୁ ହେବ । ମା' ଅଚିରେ ହିଁ ତୋର ମନୋବାଞ୍ଛା ପୂର୍ଣ୍ଣ କରିବ ।"

ଆଗନ୍ତୁକ– "କେଉଁ ରୂପରେ ମା'ର ଦର୍ଶନ ମିଳିବ ବାବା ?"

ହସି ଉଠିଲେ କ୍ଷେପାବାବା– "ଆରେ ମା' ରୂପର କ'ଣ ସୀମା ଅଛି ? ଏହି ବିଶ୍ୱବ୍ରହ୍ମାଣ୍ଡ ହିଁ ତା'ର ରୂପ ।

ମା' ଯେ ମୋର ବିଶ୍ୱରୂପା
ରୂପ ବର୍ଜ୍ଜିତା, ଅରୂପା !

ତେବେ ଯିଏ ଯେଉଁ ନାମରେ, ଯେଉଁ ରୂପରେ ଡ଼ାକେ– ସିଏ ସେହି ରୂପରେ ସାଧକଙ୍କୁ ଦେଖା ଦେଇ ତା'ର ମନୋବାଞ୍ଛା ପୂର୍ଣ୍ଣ କରନ୍ତି ।

ସମୟ ହେଲେ ତୋ ସ୍ୱପ୍ନଲବ୍ଧ ମନ୍ତ୍ରର ପ୍ରତିପାଦ୍ୟ ମା'ର ରୂପ ଓ ଧ୍ୟାନ ସବୁ ମୁଁ କହି ଦେବି ।"

କୃପାନାଥଙ୍କ ଅହେତୁକୀ କୃପାଲାଭ କରି ଧନ୍ୟ ହେଲେ ଆଗନ୍ତୁକ ଯୁବକ । ମୃଦୁ ସ୍ୱରରେ ପୁନରାୟ ଜିଜ୍ଞାସା କଲେ– "ମା' କିଏ ଗୁରୁ-ଦେବ ?"

ଏଥର କିନ୍ତୁ ଗମ୍ଭୀର ହୋଇଗଲେ ଭୋଳାନାଥ । ଧଗଦ୍ଗଛୁଆଁର ବାହାରେ ମନ ବୋଧହୁଏ ଚାଲିଗଲା ଭାବନାର ଗଙ୍ଗୋତ୍ରୀ ଡେଇଁ ସୀମାହୀନ ଦିଗ୍‌ବଳୟ ତଳକୁ । ଅସ୍ତରାଗ ରଞ୍ଜିତ ପଶ୍ଚିମ ଗଗନରେ ଫୁଟି ଉଠିଲା ମାତୃ ସାଧକର ଚିରବାଞ୍ଛିତ ରକ୍ତଜବାନିନ୍ଦି ମା'ର ରାତୁଲ ଚରଣ ଯୁଗଳ । ଭାବାବେଶରେ ମୁକୁଳିତ ହୋଇ ଉଠିଲା ଧୀର, ସ୍ଥିର, ଗମ୍ଭୀର ଓ ଅତଳ ସ୍ପର୍ଶୀ ଆୟତ ନୟନ ଯୁଗ । ମୁଖମଣ୍ଡଳରେ ଫୁଟି ଉଠିଲା ଅପାର୍ଥିବ ପ୍ରସନ୍ନତା ଓ କରୁଣାର ଆଭା । ତାରା-ତାରା ନାଦରେ ପ୍ରକମ୍ପିତ ହେଲା ଆକାଶ-ବତାଶ । କିଛିକ୍ଷଣ ଉତ୍ତାରୁ ଅର୍ଦ୍ଧ ନିମିଳିତ ନେତ୍ରରୁ ସ୍ଫୁରିତ ହେଲା ଦିବ୍ୟଦ୍ୟୁତି । ଆଗନ୍ତୁକ ଯୁବକଙ୍କୁ ଚାହିଁ ଗମ୍ଭୀର ସ୍ୱରରେ କହି ଉଠିଲେ ମହାଭୈରବ– "ମା' ସହିତ ସାକ୍ଷାତ କରିବାର ପଥ ଦେଖାଇ ଦେବା ଛଡ଼ା, ଆଉ କୌଣସି ପ୍ରଶ୍ନର ଉତ୍ତର ମୁଁ ଦେଇ ପାରିବିନି । ଯେତେବେଳେ ତା'ର ସାକ୍ଷାତ ମିଳିବ, ସେତେବେଳେ ତା'ରି ଠାରୁ ବୁଝିନେବୁ ସେ କିଏ'; କା ସା ?

ଯୁବକ ଆଉ କୌଣସି ପ୍ରଶ୍ନ ନ କରି ଏଥର ଲୋଟି ପଡ଼ିଲେ ଗୁରୁଦେବଙ୍କ ଅଭୟ ଚରଣ ତଳେ, ଆଉ ଗାଇ ଉଠିଲେ–

"ଗୁରୁର୍ବ୍ରହ୍ମା, ଗୁରୁର୍ବିଷ୍ଣୁ, ଗୁରୁର୍ଦେବୋ ମହେଶ୍ୱରଃ ।
ଗୁରୁରେବ ପରମବ୍ରହ୍ମ, ତସ୍ମୈ ଶ୍ରୀ ଗୁରବେ ନମଃ ।"

"ନିତ୍ୟଂ ଶୁଦ୍ଧଂ ନିରାଭାସଂ ନିରାକାରଂ ନିରଞ୍ଜନମ୍ ।
ନିତ୍ୟବୋଧଂ ଚିଦାନନ୍ଦଂ ଗୁରୁବ୍ରହ୍ମ ନମାମ୍ୟହମ୍ ।।"

ଏହି ଭାଗ୍ୟବାନ ଯୁବକହିଁ ଉତ୍ତର ଜୀବନର ସାର୍ବଭୌମ ସଦ୍‌ଗୁରୁ ଶ୍ରୀ ଶ୍ରୀ ୧୦୮ ପରମହଂସ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ।

ପୂର୍ବାଶ୍ରମରେ ତାଙ୍କର ନାମ ଥିଲା ନଳିନୀକାନ୍ତ । ୧୮୮୧ ଖ୍ରୀଷ୍ଟାବ୍ଦର ପବିତ୍ର ଝୁଲଣ ପୂର୍ଣ୍ଣିମା ତିଥିରେ ନଳିନୀକାନ୍ତ ମାନବ ଶିଶୁରୂପେ ଆବିର୍ଭୂତ ହୋଇଥିଲେ– ଶ୍ରୀମନ୍ ମହାପ୍ରଭୁଙ୍କ ପୂତ ଜନ୍ମସ୍ଥଳୀ ନଦୀୟା ଜିଲ୍ଲା ଅନ୍ତର୍ଗତ ସ୍ୱୀୟ ମାତୁଳାଳୟ ରାଧାକାନ୍ତ ପୁରରେ ଦିବ୍ୟ ଜନନୀ ମାଣିକ୍ୟ ସୁନ୍ଦରୀଙ୍କ ଅଙ୍କମଣ୍ଡନ କରି । ତାଙ୍କର ପିତାଙ୍କ ନାମ ଭୁବନ ମୋହନ ଓ ପିତୃଭୂମି କୁତବପୁର । ଭୁବନ ମୋହନ ଥିଲେ ଜ୍ଞାତ ସୂତ୍ରରେ ବଙ୍ଗଳା ସାହିତ୍ୟ ସମ୍ରାଟ ବଙ୍କିମ ଚନ୍ଦ୍ରଙ୍କ ଭାତୃଷ୍ପୁତ୍ର ଏବଂ ବିଖ୍ୟାତ ଯୋଗୀ ଭାସ୍କରାନନ୍ଦଙ୍କ କୃପାପାତ୍ର । ସର୍ବୋପରି ଏହି ଭଟ୍ଟାଚାର୍ଯ୍ୟ ପରିବାରର ସମସ୍ତେ ଥିଲେ ପରମ୍ପରା କ୍ରମେ ଶକ୍ତିସାଧକ ତଥା ମହାଶକ୍ତିଙ୍କ କୃପାପ୍ରାପ୍ତ । ବାଲ୍ୟ କାଳରୁ ହିଁ ନଳିନୀକାନ୍ତ ଥିଲେ ସ୍ୱାଧୀନଚେତା ସତ୍ୟାନ୍ୱେଷୀ, ନୀତିବାଦୀ ଓ ପ୍ରଚଣ୍ଡ ମାନସିକ ବଳର ଅଧିକାରୀ । ନେତୃତ୍ୱ ଥିଲା ତାଙ୍କର ସହଜାତ ପ୍ରବୃତ୍ତି । ବ୍ରାହ୍ମଣ ସନ୍ତାନ ହୋଇ ମଧ୍ୟ ତଥାକଥିତ ସଙ୍କୀର୍ଣ୍ଣତା ଏବଂ ସ୍ପର୍ଶକାତରତା ଠାରୁ ସେ ଥିଲେ ଦୂରରେ । ନୈସର୍ଗିକ ପ୍ରେମ ଓ ଭଲପାଇବା ପାଇଁ ସେ ଥିଲେ ଆଜନ୍ମ କାଙ୍ଗାଳ । ତେଣୁ ତେର ବର୍ଷ ବୟସରେ ମାତୃ ବିୟୋଗ ତାଙ୍କ ଜୀବନରେ କରିଥିଲା ଗଭୀର ରେଖାପାତ । ନଳିନୀକାନ୍ତ ସର୍ଭେ ସ୍କୁଲରେ ପଢୁଥିଲା ବେଳେ ହିଁ ରାମ ପ୍ରସାଦଙ୍କ ପୁଣ୍ୟ ଲୀଳାଭୂମି ହାଲି ସହରର ✓ ବୈଦ୍ୟନାଥ ମୁଖୋପାଧ୍ୟାୟଙ୍କ କନ୍ୟା ସର୍ବସୁଲକ୍ଷଣଯୁକ୍ତା ସର୍ବାଙ୍ଗସୁନ୍ଦରୀ ସୁଧାଂଶୁବାଳାଙ୍କ ସହିତ ତାଙ୍କର ଶୁଭପରିଣୟ ସମ୍ପନ୍ନ ହୋଇଥିଲା । ଶେଷ ପରୀକ୍ଷାର ଫଳ ବାହାରିବା ପୂର୍ବରୁ ସେ ଦିନାଜପୁର ଜିଲ୍ଲା ବୋର୍ଡରେ ଓଭରସିଅର ପଦରେ ନିଯୁକ୍ତି ପାଇଥିଲେ । କିନ୍ତୁ ସ୍ୱାଧୀନ ମନ କି କେବେ ବାନ୍ଧିହୋଇ ରହିପାରେ । ଆକାଶର ପକ୍ଷୀକୁ ପିଞ୍ଜରରେ ଧରି ରଖିଲେ ସେ ଯେପରି ଛଟପଟ ହୁଏ, ଯୁବକ ନଳିନୀ ସେହିପରି 'ମାପିଚୁପି ଚଳିବା'– ଚାକିରି ଜୀବନରେ ଅତିଷ୍ଠ ହୋଇ ଉଠିଲେ । କର୍ତ୍ତୃପକ୍ଷଙ୍କ ସହିତ ମନୋମାଳିନ୍ୟ ହେବାରୁ ଅଳ୍ପଦିନ ମଧ୍ୟରେ ସେ ପ୍ରଥମ ଚାକିରି ଛାଡ଼ି କଲିକତା ଜାନବଜାରର ଜମିଦାରଙ୍କ ଦିନାଜପୁର ଜମିଦାରୀରେ ଚାକିରି ଗ୍ରହଣ କଲେ । କିଛିଦିନ ଉତ୍ତାରୁ ଏହାକୁ ମଧ୍ୟ ପରିତ୍ୟାଗ କରି ରଜା ଦିଗମ୍ବର

ମିତ୍ରଙ୍କ ପୌତ୍ରୀ କୃଷ୍ଣପ୍ରମଦା ଦାସୀଙ୍କ ଜମିଦାରୀ ଅନ୍ତର୍ଗତ ଦିନାଜପୁର-ଦାନ୍ତିୟା ପ୍ରଗଣାରେ ସୁପରଭାଇଜର ପଦରେ ନିଯୁକ୍ତ ହେଲେ । କର୍ମସ୍ଥଳୀ ହେଲା ପାର୍ବତୀପୁର ନିକଟବର୍ତ୍ତୀ ନାରାୟଣପୁର । ଏହିଠାରେ ହିଁ ତାଙ୍କ ଜୀବନର ଚକ ଘୂରିଗଲା । ପିତାଙ୍କ ନିର୍ଦ୍ଦେଶରେ ଏଠାକୁ ଆସିଲେ ବଧୂ ସୁଧାଂଶୁବାଳା– ହସ-ଖୁସି ଓ ମାନ-ଅଭିମାନରେ କଟିଗଲା ଦିନ କେତୋଟି । ସତେ ଅବା ଅନିତ୍ୟ ଧରାରେ ପ୍ରେମର ବିପଣୀ । ଏ ତ ଆଉ ଦିନକର ସମ୍ବନ୍ଧ ନୁହେଁ ! ଜନ୍ମ-ଜନ୍ମାନ୍ତରର ସମ୍ପର୍କ– ଚିର ଶାଶ୍ୱତ ଓ ପୁଣ୍ୟ-ମଧୁର । ନୈସର୍ଗିକ ପ୍ରେମରେ ଉଭଳା ହେଲେ ଶିବ ଓ ସତୀ ।

"ସତୀର ଦେବତା ପତି ଜୀବନର ସାର
ପୂଜିବାକୁ ଆସିଅଛି ଚରଣ ତୁମର ।"

ଏତିକିବେଳେ କିନ୍ତୁ ନଳିନୀକାନ୍ତଙ୍କ ମନରେ ଆସିଲା କର୍ତ୍ତବ୍ୟର ତାଡନା । ବୃଦ୍ଧ ପିତାଙ୍କର ସେବା ଶୁଶ୍ରୂଷାରେ ଅଭାବ ବୋଧ ଅନୁଭବ କରି ସେ ସୁଧାଂଶୁବାଳାଙ୍କୁ ସ୍ୱଗୃହକୁ କୃତବପୁକୁ ପଠାଇ ଦେଲେ ।

ଏହି ଅବକାଶରେ ଏକଦା ଗଭୀର ନିଶୀଥରେ ନଳିନୀକାନ୍ତ ଟେବୁଲ ଉପରେ ବତୀ ଜଳାଇ ସିରସ୍ତାର କାଗଜପତ୍ର ନେଇ କାର୍ଯ୍ୟମଗ୍ନ-ଥିବା ଅବସ୍ଥାରେ ହଠାତ୍ ବତୀଟା ନିଷ୍ପ୍ରଭ ହୋଇଗଲା ଏବଂ ସେ ମୁହଁ ଟେକି ଦେଖନ୍ତିତ ଟେବୁଲର ଅପର ପାର୍ଶ୍ୱରେ ସୁଧାଂଶୁବାଳା ଦଣ୍ଡାୟମାନ; କିନ୍ତୁ ମୂର୍ତ୍ତି ସାମାନ୍ୟ ମଳିନ ଓ ବିଷାଦାଚ୍ଛନ୍ନ । "କିଏ ରାଣୀ, ତୁମେ ହଠାତ୍ ଏଠି ? କାହା ସଙ୍ଗେ, କେତେବେଳେ, କେମିତି ଆସିଲ ?" କିନ୍ତୁ ଉତ୍ତର ଦେବ କିଏ ? ଏ ଯେ ଲୀଳାମୟର ଲୀଳା । ଦେଖୁ ଦେଖୁ ଛାୟାମୂର୍ତ୍ତି ଅନ୍ଧକାର ବକ୍ଷରେ ମିଳେଇଗଲା । ନଳିନୀକାନ୍ତ ଭୟ ଓ ବିସ୍ମୟରେ ଅଭିଭୂତ ହୋଇ ପଡ଼ିଲେ । ପରେ ଜାଣିଲେ ଏହି ଛାୟାମୂର୍ତ୍ତି ଦର୍ଶନର ଠିକ୍ ଘରିଦଣ୍ଡ ପୂର୍ବରୁ ସୁଦୂର କୃତବପୁର ଠାରେ ସୁଧାଂଶୁବାଳା ଦେହରକ୍ଷା କରିଛନ୍ତି ।

ନିଠୁର ଚକ୍ରାନ୍ତ କରିଲା ନିୟତି ।
ନିମିଷକେ କୋଲୁ କାଢିନେଲା ସତୀ ।।

ଏହି ଅଶରୀରୀ ଦର୍ଶନ କିନ୍ତୁ ଯୁବକ ନଳିନୀକାନ୍ତଙ୍କ ମନରେ ଗଭୀର ରେଖାପାତ କଲା । ସେ ଭାବିବାକୁ ଲାଗିଲେ ମନୁଷ୍ୟ ମଲେ ତାହେଲେ ସବୁ ଶେଷ ହୋଇ ଯାଏନି; ତା'ର ଅସ୍ତିତ୍ୱ ରହେ । ଆଉ ତାଙ୍କର ଏହି ଧାରଣା ଦୃଢ଼ୀଭୂତ ହେଲା, ପରେ ପରେ ଦୁଇଥର ସୁଧାଂଶୁ-ବାଳାଙ୍କ ଛାୟାମୂର୍ତ୍ତି ସନ୍ଦର୍ଶନ କରି, ଥରେ ପାଦର ନୂପୁର ଧ୍ୱନି ଶୁଣି ଓ ଥରେ ସେହି ଦିବ୍ୟ ଅଙ୍ଗର ପରଶ ପାଇ । ନାସ୍ତିକ ମନ ଏଥର ହୋଇ-ଉଠିଲା ଆସ୍ଥାବାନ । ସତ୍ୟାନୁସନ୍ଧିତ୍ସା ଜାଗିଲା ସତ୍ୟାନ୍ୱେଷୀର ମନରେ ସେ ଭାବିଲେ—"ତାହେଲେ ପରଲୋକ ଅଛି ଓ ସେଠାରୁ ଆସି ରାଣୀ ମୋତେ ତା'ର ଇଚ୍ଛାମତେ ଦେଖା ଦେଉଛି । କିନ୍ତୁ ମୁଁ ଚାହେଁ ମୋର ଇଚ୍ଛାନୁସାରେ ତାକୁ ଦେଖିବି ଏବଂ ପରଲୋକର ସେହି ଦୁର୍ଭେଦ୍ୟ ଯବନିକା ଭେଦକରି ଫେରାଇ ଆଣିବି ମୋର ରାଣୀକୁ ।" ଏହି ସଂକଳ୍ପ ନେଇ ସୁରୁ ହେଲା ସତ୍ୟସନ୍ଧାନୀର ସାଧନା । ପ୍ରଥମେ ପ୍ରେତତତ୍ତ୍ୱ ସନ୍ଧାନରେ ଶିକ୍ଷା କରିବାକୁ ସେ ଛୁଟି ଯାଇଥିଲେ ମାନ୍ଦ୍ରାଜର ଯାଡ଼ୁଆର ଠାରେ ଥିବା ଥିଓସଫିକାଲ ସୋସାଇଟିକୁ । ଅଳ୍ପକାଳ ମଧ୍ୟରେ ଏହି ତତ୍ତ୍ୱ ସମ୍ବନ୍ଧରେ ସମ୍ୟକ୍ ଭାବରେ ଅବଗତ ହୋଇ ମିଡ଼ିୟମ ମାଧ୍ୟମରେ ପରଲୋକଗତାର ଆତ୍ମାକୁ ଆନୟନ କରିବାକୁ ସମର୍ଥ ହୋଇଥିଲେ— କଥାବାର୍ତ୍ତା ହେଲା, ସୁକଣ୍ଠୀର ଗାନ ଶୁଣିଲେ, କିନ୍ତୁ ତୃପ୍ତି ଆସିଲାନି । କିପରି ବା ଆସିବ ? ସେ ତ ଚାହାନ୍ତି ରାଣୀକୁ ସ୍ୱର୍ଗ ଲୋକରୁ ସଶରୀରେ ଓହ୍ଲାଇ ଆଣିବାକୁ ଚକ୍ଷୁ ସାମ୍ନାକୁ । ଏଥିରେ କିନ୍ତୁ ପ୍ରେତତତ୍ତ୍ୱ ବିଶାରଦ ସାହେବମାନେ ଅକ୍ଷମତା ପ୍ରକାଶ କରିବାରୁ ନଳିନୀକାନ୍ତ କଲିକତା ଫେରିଯିବାକୁ ବାଧ୍ୟ ହେଲେ । ଦୈବ-କ୍ରମେ ସେଠାରେ କୃତବିଦ୍ୟ ସନ୍ନ୍ୟାସୀ ପୂର୍ଣ୍ଣଚନ୍ଦ୍ର ସ୍ୱାମୀଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ତାଙ୍କ ନିକଟରେ ନଳିନୀକାନ୍ତ ଅକପଟ ହୃଦୟରେ ସମସ୍ତ ବର୍ଣ୍ଣନା କରି ପ୍ରିୟତମା ପତ୍ନୀକୁ ଫେରି ପାଇବାର ଉପାୟ ବା ସାଧନ ପଦ୍ଧତି ଜିଜ୍ଞାସା କଲେ । ସ୍ୱାମିଜୀ ଉପଯୁକ୍ତ ଗୁରୁଙ୍କ ନିକଟରୁ ମନ୍ତ୍ର ଗ୍ରହଣ

କରି ମହାଶକ୍ତିଙ୍କ ସାଧନାରେ ପ୍ରବୃତ୍ତ ହେବାକୁ ଉପଦେଶ ପ୍ରଦାନ କଲେ । ସେ କହିଲେ– "ସ୍ତ୍ରୀ ମାତ୍ରେଇ ମହାମାୟାଙ୍କ ଅଂଶ । ତୁମର ସ୍ତ୍ରୀ ମୃତ୍ୟୁ ପରେ ସେହି ମହାଶକ୍ତିଙ୍କ ସଙ୍ଗେ ମିଶି ଯାଇଛି । ତୁମେ ତାଙ୍କୁଇ ଆରାଧନା କର । ତାଙ୍କୁ ପାଇଲେ ତୁମର ସ୍ତ୍ରୀଙ୍କୁ ପାଇବା ହେବ ।" ନଳିନୀକାନ୍ତ ପୂର୍ଣ୍ଣାନନ୍ଦଜୀଙ୍କୁ ଗୁରୁରୂପେ ବରଣ କରିବାକୁ ଚାହିଁବାରୁ ସ୍ୱାମିଜୀ ମନାକରି କହିଲେ–"ଅପେକ୍ଷା କର, ତୁମର ଗୁରୁ ନିର୍ଦ୍ଦିଷ୍ଟ ଅଛନ୍ତି; ଉପଯୁକ୍ତ ସମୟ ହେଲେ ଦେଖା ଦେବେ ।"

ଏହି ସମୟରେ ନଳିନୀକାନ୍ତଙ୍କର ଚାକିରିସ୍ଥଳ ପରିବର୍ତ୍ତିତ ହେଲା ନାରାୟଣ ପୁରଠାରୁ ଖୁଲନା ଜିଲ୍ଲାର 'କୁମିର'କୁ । ପରମ ବ୍ୟାକୁଳତା ଓ ଆକୁଳତା ମଧ୍ୟରେ ଏହି କୁମିରଠାରେ ଅଭୂତଭାବେ ତାଙ୍କର ମନ୍ତ୍ରଲାଭ ହେଲା । ଦିନେ ରାତ୍ରିରେ ବନ୍ଦ କୋଠରୀରେ ତନ୍ଦ୍ରାଛନ୍ନ ଅବସ୍ଥାରେ ଜଣେ ମହାପୁରୁଷ ଦର୍ଶନ ଦେଇ ତାଙ୍କ ହସ୍ତରେ ବିଲ୍ୱଦଳରେ ରକ୍ତଚନ୍ଦନରେ ଲେଖା ଏକାକ୍ଷରୀ ମନ୍ତ୍ର ପ୍ରଦାନ କରି ଅଦୃଶ୍ୟ ହୋଇଗଲେ । ଏହାହିଁ ତାଙ୍କର ଇଷ୍ଟମନ୍ତ୍ର-"ବଧୂବୀଜ" । ଏହି ମନ୍ତ୍ରର ଅର୍ଥ ଓ ସାଧନ ପଦ୍ଧତି ଅନୁସନ୍ଧାନ କରୁଥିବାବେଳେ ପୁନରାୟ ସ୍ୱପ୍ନ ନିର୍ଦ୍ଦେଶ ପାଇ ନଳିନୀକାନ୍ତ ଉପନୀତ ହେଲେ ତାରାପୀଠର ଭୈରବ 'ବାମାକ୍ଷେପା'ଙ୍କ ଶ୍ରୀଚରଣ ତଳେ ।

ଯଥା ସମୟରେ ତାନ୍ତ୍ରୀକ ଗୁରୁ ବାମଦେବ ଶିଷ୍ୟଙ୍କୁ ବୀରାଚାର ମତରେ ଅଭିଷେକ କରାଇ ଯଥାରୀତି ଜପରେ ନିଯୁକ୍ତ କରାଇଲେ । ନିତ୍ୟ ଜପ, ନୈମିତ୍ତିକ ଜପ ଓ ପୁରଶ୍ଚରଣାଦି ସମ୍ପନ୍ନ କରାଇ ଶିଷ୍ୟଙ୍କୁ ବୀରସାଧନାର ଅଧିକାରୀ କରାଇନେଲେ । ଏଥର ସାଧନାର ଶାସ୍ତ୍ର ନିର୍ଦ୍ଦିଷ୍ଟ ସମୟ ଓ ସୁଯୋଗ ନିମନ୍ତେ ଅପେକ୍ଷା କଲେ ଗୁରୁ ଶିଷ୍ୟ । ଏହି ସମୟରେ ନଳିନୀକାନ୍ତ ନିୟମ-ସଂଯମ ରକ୍ଷାକରି ଆଚାରପରାୟଣ ହୋଇ ଚଳିବାକୁ ଲାଗିଲେ । ମଝିରେ, ମଝିରେ ଗୁରୁଦେବ ମହାଶକ୍ତିଙ୍କ ସାଧନା ସମ୍ବନ୍ଧୀୟ ତଥ୍ୟସବୁ ଶିଷ୍ୟଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇ ଦେଉଥାନ୍ତି ।

ମହାଶକ୍ତିହିଁ ଜଗଜ୍ଜନନୀ–ସୃଷ୍ଟି, ସ୍ଥିତି ଲୟକାରିଣୀ । ତନ୍ତ୍ର ମତରେ ତାଙ୍କର ଉପାସନା କରିବାକୁ ହେଲେ ସାଧକକୁ ପ୍ରଥମେ ନିଜ ଭିତରେ

ଥିବା ସୁପ୍ତଶକ୍ତିକୁ ଜାଗ୍ରତ କରିବାକୁ ହୋଇଥାଏ । ଏହି ଆତ୍ମଶକ୍ତିର ବିକାଶ କିନ୍ତୁ ଯେ କୌଣସି ସ୍ଥାନରେ ସମ୍ଭବ ନୁହେଁ । କ୍ଷେତ୍ର ମହାତ୍ମ୍ୟ ଓ ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରଭବ ବୀରଗ୍ରୁର ପଦ୍ଧତିରେ ଚିତା ସାଧନ ନିମନ୍ତେ ସାଧକମନକୁ ଅଚିରେ ବଳିଷ୍ଠ ଓ ଦୃଢ଼ିଷ୍ଠ କରି ଗଢ଼ିତୋଳେ । ଯେଉଁସବୁ ଉପକରଣର ପ୍ରଭବ ଓ ବାହ୍ୟ ସଂସ୍ପର୍ଶ ଦ୍ୱାରା ସାଧକ ଅନ୍ତରର ସୁପ୍ତଶକ୍ତି ଜାଗରିତ ହୋଇଥାଏ ସେ ସମସ୍ତ ଏକାଧାରରେ ଏହି ମହାଶ୍ମଶାନରେ ବିଦ୍ୟମାନ ଥିବାରୁ ତନ୍ତ୍ରସାଧନା ନିମନ୍ତେ ଯୁଗଯୁଗ ଧରି ଏହା ସର୍ବୋତ୍କୃଷ୍ଟ କ୍ଷେତ୍ର ରୂପେ ବିବେଚିତ ହୋଇ ଆସିଛି । ମହାଭୈରବ କ୍ଷେପାବାବାଙ୍କ ତପଃ ପ୍ରଭବରେ ପୂତ ଏହି ମହାଶ୍ମଶାନରେ କେବଳମାତ୍ର ତିନିଲକ୍ଷ ଜପ କରିପାରିଲେ ଦେବୀ ସର୍ବସିଦ୍ଧି ପ୍ରଦାନ କରିଥାନ୍ତି ।

"ତାରପୁର ମିଦଂ ପୀଠଂ ଗନ୍ତବ୍ୟ ଯନ୍ତତଃ ସଦା ।
ଲକ୍ଷତ୍ରୟ ଜପାଦ୍ଦେବୀ ସର୍ବସିଦ୍ଧି ପ୍ରଦାଭବେତ୍ ।।"

ନଳିନୀକାନ୍ତ ଏହି ମହାଶ୍ମଶାନରେ ଶିବକଳ୍ପ ସାଧକ କ୍ଷେପାବାବାଙ୍କ ନିକଟରେ ଶ୍ୱାନ, ଶିବାଙ୍କ ଗହଣରେ ଅବସ୍ଥାନ କରି ସାଧନୋପଯୋଗୀ ଦେହ ଓ ମନ ଗଠନ କରିବାକୁ ଲାଗିଲେ ।

ଶ୍ମଶାନରେ ଅବସ୍ଥାନ କରୁଥିବା କୁକୁର ଓ ପେଚା ତନ୍ତ୍ରସାଧନା ପାଇଁ ବିଶେଷ ଉପକାରୀ । ଏମାନଙ୍କର ଦୃଷ୍ଟି ଶକ୍ତି ଅତି ତୀକ୍ଷ୍ଣ । ଘନ ଅନ୍ଧକାର ମଧ୍ୟରେ ବି ଏମାନେ ସ୍ୱଚ୍ଛନ୍ଦରେ ଦେଖି ପାରନ୍ତି । ତେଣୁ ସର୍ବଦା କୁକୁର ଓ ପେଚାଙ୍କ ସହିତ ଏକତ୍ର ବସବାସ କରିବା ଫଳରେ ସେମାନଙ୍କ ଦେହରୁ ଏହିଶକ୍ତି ସାଧକଙ୍କ ଅନ୍ତରରେ କ୍ରମଶଃ ସଞ୍ଚରିତ ହେଲା । ଗୃଧିଣୀମାନଙ୍କର ଦୃଷ୍ଟିଶକ୍ତି ମଧ୍ୟ ଅସାଧାରଣ । ଏମାନେ ତିନିଗ୍ରୁରି ମାଇଲ ଦୂରରୁ ଅକ୍ଲେଶରେ ଦେଖି ପାରନ୍ତି । ଏହାଛଡ଼ା ଏକାଦିକ୍ରମେ ଦୀର୍ଘଦିନ ଧରି ଅନାହାରରେ ରହିବା ତଥା ଦୂଷିତ ପଦାର୍ଥ ଖାଇ ସହଜରେ ହଜମ କରିବା ଏମାନଙ୍କର ଅନ୍ୟଏକ ବିଶେଷତ୍ୱ ।

ସୁତରାଂ ଏମାନଙ୍କ ସହିତ ଏକତ୍ର ବସବାସ କରିବା ଫଳରେ ସାଧକଙ୍କର ଦୃଷ୍ଟିଶକ୍ତି ଓ ଅନାହାରରେ ରହିବା ଶକ୍ତି କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା । ସର୍ପ ମଧ୍ୟ ତନ୍ତ୍ରସାଧନା ନିମନ୍ତେ ଏକ ଉପଯୋଗୀ ଜୀବ । ସର୍ପକୁ ସୃଷ୍ଟିକର୍ତ୍ତା ହଳାହଳ ସଙ୍ଗେ ସଙ୍ଗେ ଦେଇଛନ୍ତି ସମ୍ମୋହିନୀ ଶକ୍ତି । ସର୍ପ ନିକଟରେ ବସବାସ କରିବା ଫଳରେ ଶ୍ୱାସ-ପ୍ରଶ୍ୱାସ ଦେଇ ସର୍ପର ଅଣୁ ପରମାଣୁ ସାଧକଙ୍କ ମଧ୍ୟରେ ସଞ୍ଚରିତ ହୋଇ ହଳାହଳ ପ୍ରତିହତ କରିବା ଶକ୍ତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ମନ ଭିତରେ ସମ୍ମୋହିନୀ ଶକ୍ତିର ମଧ୍ୟ ସଞ୍ଚାର ହେବାକୁ ଲାଗିଲା । ଏହି ମହାଶ୍ମଶାନରେ ଦିବସରେ ମଧ୍ୟ ଶୃଗାଳମାନେ ଅବାଧ ବିଚରଣ କରନ୍ତି । ଥରେ ରାତିରେ ନଳିନୀକାନ୍ତ ଗୋଟିଏ ଶୃଗାଳକୁ କିଛି ଦୂର ତଡ଼ି ନେଇଯାଉଥିବାବେଳେ ଶୃଗାଳଟି ଚିତ୍କାର କରି ଉଠନ୍ତେ ତା'ର ମୁଖବିବରରେ ଅଗ୍ନି ଜଳି ଉଠିଲା । ଅନ୍ଧକାର ମଧ୍ୟରେ ସେହି ଅଗ୍ନି ଭିତରେ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡର ରଚନା ଦେଖି କିଂ କର୍ତ୍ତବ୍ୟ ବିମୂଢ଼ ହୋଇଗଲେ ସାଧକ । ପରେ ଗୁରୁଦେବଙ୍କ ନିକଟରୁ ବୁଝିଲେ ଏହି ଶୃଗାଳଟି ଉଲକାମୁଖୀ । ଏହିପରି ଶୃଗାଳ ଯେଉଁ ସ୍ଥାନରେ ବାସ କରନ୍ତି ସେଠାରେ ସାଧକମାନଙ୍କର ସାଧନାର ଶକ୍ତି, ସାହସ ଓ ଦୃଢ଼ତା ବହୁ ପରିମାଣରେ ବୃଦ୍ଧିପାଏ । ଏତଦ୍‌ବ୍ୟତୀତ ଏହି ଭୟଙ୍କର ମହାଶ୍ମଶାନରେ ପ୍ରାୟ ପ୍ରତିଦିନ ଚଣ୍ଡାଳୁଣୀ, ଧୋବଣୀ, ନାପିତୁଣୀ, ଗଉଡୁଣୀ ଓ ବ୍ରାହ୍ମଣ କନ୍ୟା ଆଦି କୁଳକନ୍ୟାମାନଙ୍କର ଶବଦାହ ହୋଇଥାଏ । ପ୍ରାୟ ଶବଗୁଡ଼ିକ ଅର୍ଦ୍ଧଦଗ୍ଧ ଅବସ୍ଥାରେହିଁ ଏଣେ ତେଣେ ପଡ଼ିଥାଏ । ସେହି ଶବମାନଙ୍କ ଦେହରୁ ନିର୍ଗତ ପଦାର୍ଥ ସାଧକଙ୍କ ମଧ୍ୟରେ ପ୍ରବେଶ କରି ସାଧନାର ଶକ୍ତି ବୃଦ୍ଧି କରଇଲା । ଏହିପରି ସର୍ବବିଧ ଅନୁକୂଳ ପରିସ୍ଥିତି ତଥା ପରିପାର୍ଶ୍ୱିକ ଅବସ୍ଥା ମଧ୍ୟଦେଇ ବୈରାଗ୍ୟ-ଲାଭେଚ୍ଛୁ ସାଧକ ନଳିନୀକାନ୍ତଙ୍କ ଚିତ୍ତ ଐକାନ୍ତିକତାରେ ସମାହିତ ହୋଇ ଆସିଲା । କେଉଁ ଶୁଭକ୍ଷଣରେ ଏହି ଭାଗ୍ୟବାନ ଯୁବକ ଆସି ମହା ଶ୍ମଶାନାଧିପତି ବାମାଚରଣଙ୍କ ଶରଣ ନେଇଥିଲେ କେଜାଣି ଏକବିଂଶତି ଦିବସ ଅତିକ୍ରମ ନହେଉଣୁ ଶାସ୍ତ୍ରନିର୍ଦ୍ଦିଷ୍ଟ ସମୟ ଓ ସୁଯୋଗ ଆସି ଉପସ୍ଥିତ ହେଲା ।

ସେଦିନ ଶନିବାର । କୃଷ୍ଣପକ୍ଷର ଚତୁର୍ଦ୍ଦଶୀ ନିଶା । ଦୁଇ ପ୍ରହର ରାତ୍ରି ଅବସାନ ହୁଅନ୍ତେ କ୍ଷେପାବାବା ଶିଷ୍ୟଙ୍କୁ ସଙ୍ଗରେ ଧରି ସାଧାରଣଙ୍କ ଅଗୋଚରରେ ମହାଶ୍ମଶାନର କେନ୍ଦ୍ରସ୍ଥଳକୁ ଗମନ କଲେ । ଆଗରୁ ଗୁରୁଦେବଙ୍କ ନିର୍ଦ୍ଦେଶରେ ନଳିନୀକାନ୍ତ ସାଧନ ଉପଯୋଗୀ ସମସ୍ତ ଆବଶ୍ୟକୀୟ ଦ୍ରବ୍ୟ ସଂଗ୍ରହ କରି ରଖିଥିଲେ । ସେଦିନ ଦୁଇ, ତିନୋଟି ଶବ ଏହି ଶ୍ମଶାନରେ ସତ୍କାର କରାହୋଇଥାଏ । ଗୁରୁଦେବ ନିର୍ଦ୍ଦିଷ୍ଟ ଚିତା ନିକଟକୁ ଯାଇ ଶିଷ୍ୟଙ୍କୁ ଯଥାସ୍ଥାନରେ ଆସନ କରାଇ ବସାଇଲେ । ଅତଃପର ସଂକଳ୍ପ କରାଇ ଗୁରୁ, ଗଣେଶ, ବଟୁକ ଯୋଗିନୀ ଓ ମାତୃକା-ଗଣଙ୍କ ପୂଜା ସମ୍ପନ୍ନ କରାଇ, ଆତ୍ମରକ୍ଷା କରିବା ନିମନ୍ତେ ସଂସ୍କାରାଦି କରି ଶାସ୍ତ୍ରାନୁମୋଦିତ ଦିଗ୍‌ବନ୍ଧନ, ଆମିଷାନ୍ନ ବଳି ପ୍ରଦାନ ଓ ଚିତା ସଂସ୍କାରାଦି କାର୍ଯ୍ୟକରି ତଦୁପରି ପୀତବସ୍ତ୍ର ବିନ୍ୟାସ ପୂର୍ବକ ବଟପତ୍ରରେ ପୀଠମନ୍ତ୍ର ଲେଖି ଦେଲେ । ଅନନ୍ତର ବ୍ୟାଘ୍ରଚର୍ମ ଉପରେ ଶିଷ୍ୟଙ୍କୁ ବୀରାସନରେ ବସିବାକୁ ନିର୍ଦ୍ଦେଶ ଦେଲେ । ସାକ୍ଷୀ ସ୍ୱରୂପ ସମ୍ମୁଖରେ ପ୍ରଦୀପଟିଏ ପ୍ରଜ୍ଜ୍ୱଳିତ କରାଇ କହିଲେ– "ଦେଖ୍, ମା' ବିଶ୍ୱରୂପା କାହାକୁ ଯେ କିପରି ଭାବରେ ଦେଖାଦେବେ କହିବା ମୁସ୍କିଲ । ତେବେ ଇଷ୍ଟ ଦେବୀ ଯେଉଁ ମୂର୍ତ୍ତିରେ ଦେଖା ଦିଅନ୍ତୁନା କାହିଁକି, ତୁମର ସନ୍ଦେହ ଦୂର କରିବାକୁ ସେ ସତ୍ୟ କରି କହିବେ ଯେ, ସେ ତୁମର ଇଷ୍ଟଦେବୀ । ତା'ପରେ ତୁମେ ତାଙ୍କୁ ପ୍ରଣାମ କଲେ ଦେବୀ ନିଶ୍ଚୟ ତୁମ ମସ୍ତକରେ ପାଦପଦ୍ମ ସ୍ଥାପନ କରିବେ । ଇଷ୍ଟଦେବୀଙ୍କ ଭିନ୍ନ ଅନ୍ୟ କାହାରି ସାଧକଙ୍କ ଲଲାଟରେ ପଦସ୍ପର୍ଶ କରିବାର ଅଧିକାର ନାହିଁ ।" ଶିଷ୍ୟଙ୍କୁ ଏତାଦୃଶ ଉପଦେଶ ପ୍ରଦାନ କରି, ଜପରେ ନିଯୁକ୍ତ କରାଇ କ୍ଷେପାବାବା ତାରାମା'ର ମନ୍ଦିରକୁ ଯାଇ ଉତ୍ତର-ସାଧକ ଭାବେ ଅପେକ୍ଷା କରିବାକୁ ଲାଗିଲେ ।

ଏଣେ ଶିଷ୍ୟ ନଳିନୀକାନ୍ତ ସେହି ଜନମାନବ ଶୂନ୍ୟ ମହାଶ୍ମଶାନରେ ଚିତା ଉପରେ ବସି ଶ୍ରୀଶ୍ରୀ ଗୁରୁଦେବଙ୍କ ଉପଦେଶ ଅନୁଯାୟୀ ଜପ କରିବାକୁ ଲାଗିଲେ । କ୍ରମଶଃ ରାତ୍ରି ନିର୍ଜନ ହେବା ସଙ୍ଗେ, ସଙ୍ଗେ ମହାଶ୍ମଶାନର ପଟ୍ଟ ପରିବର୍ତ୍ତନ ହେବାକୁ ଲାଗିଲା । କି ଭୟାବହ ଦୃଶ୍ୟ ସତେ ! ଜନମାନବର

ସ୍ୱର-ଶବ୍ଦ ନାହିଁ, କେତେବେଳେ ବା ଶୃଗାଳ, କୁକୁର ତଥା ଅନ୍ୟ ନିଶାଚର ପକ୍ଷୀ ମାନଙ୍କର କର୍କଶ ଶବ୍ଦ ସାଙ୍ଗକୁ ଦ୍ୱାରକାନଦୀର କଳ, କଳ ନିନାଦ ପରିବେଶକୁ ଅଧିକ ଗମ୍ଭୀର କରି ସାଧକଙ୍କ ମନରେ ଭୀତି ସଞ୍ଚାର କଲା । କିନ୍ତୁ ତାରା ମା' ମନ୍ଦିରରୁ ନାଦେଶ୍ୱର ଭୈରବଙ୍କ ତାର-ତାର ନିନାଦରେ ଯୁବକ ସାଧକଙ୍କ ମନରୁ ମୁହୂର୍ତ୍ତକ ମଧ୍ୟରେ ସମସ୍ତ ଆଶଙ୍କା ଅନ୍ତର୍ହିତ ହେଲା । କୃଷ୍ଣ ଚତୁର୍ଦ୍ଦଶୀର ଘନ ଅନ୍ଧକାର ମଧ୍ୟରେ କ୍ରମଶଃ ଆତ୍ମସତ୍ତା ହଜେଇଦେଇ ଘୋର ତନ୍ମୟତା ସହକାରେ ଜପରେ ମଜ୍ଜିଗଲେ ସେ ।

କିଛି ସମୟପରେ ବହୁତ ଦୂରରୁ ଖଟ୍‌ଖଟ୍ ଶବ୍ଦ ଓ ଶ୍ୱାନ-ଶିବାଙ୍କର ବିକଟ ଚିତ୍କାର ସାଧକଙ୍କ କର୍ଣ୍ଣ କୁହରରେ ପ୍ରବେଶ କଲା । କ୍ରମଶଃ ସେହି ଶବ୍ଦ ନିକଟବର୍ତ୍ତୀ ହୋଇ-ଖୁବ୍ ନିକଟରେ ଶୁଣାଗଲା । ଏତିକିବେଳେ କିଏ ଯେପରି ଖୁବ୍ ଜୋର୍‌ରେ ଅଟ୍ଟହାସ୍ୟ କରି ଉଠିଲା । ମନେହେଲା କିଏ ଯେପରି ବମ୍ ବମ୍ ଶବ୍ଦ କରି ତାଣ୍ଡବନୃତ୍ୟ କରୁଛି । ନଳିନୀକାନ୍ତଙ୍କ ଚିତ୍ତ ବିକ୍ଷିପ୍ତ ହୋଇ ଉଠିଲା । ସେ ଆଉ ସ୍ଥିର ହୋଇ ଜପ କରିପାରିଲେନି । ହିଂସ୍ର ଜନ୍ତୁମାନେ ତାଙ୍କ ଶରୀରରେ ଘଷିହୋଇ ଯାଉଥିବାର ସେ ଅନୁଭବ କଲେ । କିନ୍ତୁ ଠିକ୍ ଏତିକିବେଳେ ମହାଭୈରବଙ୍କ ମାଭୈ, ମାଭୈ ଶବ୍ଦ ଶୁଣି ସାଧକଙ୍କ ବିକ୍ଷିପ୍ତ ଚିତ୍ତ ସଂଯତ ହୋଇ ଉଠିଲା । ପୁନଶ୍ଚ ଚିତ୍ତରେ ଏକାଗ୍ରତା ଆଣି ସେ ଜପରେ ନିଯୁକ୍ତ ହେଲେ । କିଛିକ୍ଷଣ ଉତ୍ତାରୁ ଆକାଶରେ ମେଘ ଗର୍ଜନର ଶବ୍ଦ ଶୁଣାଗଲା । ଚତୁର୍ଦ୍ଦିଗରୁ ଏକ ବିକଟ ଚିତ୍କାର ଆସି ସାଧକଙ୍କ କର୍ଣ୍ଣକୁହର ଭେଦ କରି ମୁଦ୍ରିତ ଚକ୍ଷୁ ଖୋଲିଦେଲା । ଆଖି ଆଗରେ ଦେଖିଲେ ଗଗନସ୍ପର୍ଶୀ ବିରାଟ ଏକ କୃଷ୍ଣକାୟ ଐରାବତ ତାଙ୍କ ଆଡ଼କୁ ଛୁଟି ଆସୁଛି । ଚତୁର୍ଦ୍ଦିଗରୁ ଶ୍ୱେତ ଦନ୍ତପଙ୍‌କ୍ତି ମାନ ଦେଖାଇ କୃଷ୍ଣାଙ୍ଗ ଭୂତପ୍ରେତଗଣ ହିଁ-ହିଁ କରି ହସୁଛନ୍ତି; ଆଉ ତା' ସାଙ୍ଗକୁ ବିଭତ୍ସ ନରକଙ୍କାଳମାନେ ବିକଟ ନୃତ୍ୟ ଆରମ୍ଭ କରି ଦେଇଛନ୍ତି । କିନ୍ତୁ ସେହି ସଙ୍ଗେ ସଙ୍ଗେ ଉତ୍ତର ସାଧକଙ୍କ ତାର-ତାର ଶବ୍ଦଶୁଣି ଏ ସମସ୍ତ ଦୃଶ୍ୟ କେବଳ ମାନସିକ ବିକାର ବୋଲି ମନେକରି ନଳିନୀକାନ୍ତ ପୁନରାୟ ଜପରେ ପ୍ରବୃତ୍ତ ହେଲେ । ନିମିଷକ ମଧ୍ୟରେ ବାହାରର ଉପଦ୍ରବ ପ୍ରଶମିତ ହୋଇ ଆସିଲା ।

ରାତ୍ରିର ତୃତୀୟ ପ୍ରହର ଅତିକ୍ରାନ୍ତ ହୁଅନ୍ତେ ଯୁବକ ନଳିନୀକାନ୍ତ ଆଉ ନିଜକୁ ସ୍ଥିର ରଖି ପାରିଲେନି—କ୍ଷେପାବାବାଙ୍କ "ତାରା-ତାରା" ନିନାଦ ମଧ୍ୟ ମୃଦୁରୁ ମୃଦୁତର ହୋଇ ଆସିଲା । ସାଧକ ଯେପରି କ୍ଷଣକାଳ ପାଇଁ ନିଜର ଅସ୍ତିତ୍ୱ ଆଉ ଉପଲବ୍ଧି କରି ପାରିଲେ ନାହିଁ— ସତେ ଯେମିତି ଜାଗ୍ରତ ଓ ସୁସୁପ୍ତିର ଅତୀତ ଅନ୍ୟ ଏକ ଭାବରେ ବିଭୋର ହୋଇ ପଡ଼ିଲେ ।

ଆଉ ଠିକ୍ ଏତିକିବେଳେ ଏକ ଅଲୌକିକ ଦୃଶ୍ୟରେ ତାଙ୍କର ପୂର୍ଣ୍ଣଜ୍ଞାନ ଫେରି ଆସିଲା । ସେ ଦେଖିଲେ— ତାଙ୍କର ପ୍ରତି ଲୋମକୂପରୁ ବାଷ୍ପାକାରରେ ଏକ ତରଳ ଜ୍ୟୋତିଃ ନିର୍ଗତ ହୋଇ ସମଗ୍ର ଜଗତକୁ ଆଛନ୍ନ କରି ଦେଉଛି । ସେହି ତରଳ ଜ୍ୟୋତି ବାହାରେ ପୁଞ୍ଜିଭୂତ ହୋଇ ବିଦ୍ୟୁତ୍ ପରି ଆଭାଶାଳୀ, କୋଟି ସୂର୍ଯ୍ୟସମ ଦୀପ୍ତିଯୁକ୍ତ ଓ କୋଟିଚନ୍ଦ୍ର ତୁଲ୍ୟ ସ୍ନିଗ୍ଧ-ସୁଶୀତଳ ଅନୁଭୂତ ହେବାକୁ ଲାଗିଲା । ଏହି ସ୍ନିଗ୍ଧ ପରମ ତେଜୋରାଶି ଆଦି ଅନ୍ତ ରହିତ; ଏହା ଅର୍ଦ୍ଧ, ଊର୍ଦ୍ଧ୍ୱ, ପାର୍ଶ୍ୱ କିମ୍ବା ମଧ୍ୟଦେଶରେ ପରିଛିନ୍ନ ହେଉନାହିଁ । ସାଧକ ଏହି ଦିବ୍ୟ ଜ୍ୟୋତି ଆଡ଼କୁ ଅଧିକ ସମୟ ଅନାଇଁ ପାରିଲେନି, ତେଜୋରଶ୍ମିର ପ୍ରଭାରେ ନେତ୍ର ଯୁଗଳ ପ୍ରତିହତ ହୋଇ ନିମିଳିତ ହେଲା । କିଛିକ୍ଷଣ ପରେ ସେ ପୁନରାୟ ଚକ୍ଷୁମେଲି ଦେଖିଲେ ଉକ୍ତ ତେଜୋପୁଞ୍ଜ ସର୍ବଶୃଙ୍ଗାର ବେଶଧାରିଣୀ, ସର୍ବକାଳ ପ୍ରଦାୟିନୀ, ନିଖିଳ ଜଗଜ୍ଜନନୀ, ଭୁବନମୋହିନୀ, ବ୍ରହ୍ମଜ୍ଞାନ ବିନୋଦିନୀ, ସ୍ମେରାନନୀ ଓ ଅକପଟ କରୁଣାମୟୀ ଦିବ୍ୟରମଣୀରୂପ ପରିଗ୍ରହ କରିଅଛି । କିନ୍ତୁ କି ଆଶ୍ଚର୍ଯ୍ୟ ! ଏ ଯେ ତାଙ୍କର ପରଲୋକଗତା ସ୍ତ୍ରୀ ସୁଧାଂଶୁବାଳା । କିନ୍ତୁ ଏ ମୂର୍ତ୍ତି ଅଧିକତର ଗାରିମାମୟୀ, ମହିମାମୟୀ, ଲାବଣ୍ୟମୟୀ ତଥା ଜ୍ୟୋତିର୍ମୟୀ । ଦେବୀ ନଳିନୀକାନ୍ତଙ୍କୁ ଚାହିଁ ମୃଦୁ-ମୃଦୁ ହସିବାକୁ ଲାଗିଲେ । ଏତାଦୃଶ ସନ୍ଦର୍ଶନରେ ସାଧକଙ୍କ ମନରେ ଦ୍ୱନ୍ଦ୍ୱ ଓ ସନ୍ଦେହ ଉପସ୍ଥିତ ହେଲା । ବିସ୍ମୟ ବିହ୍ୱଳ ତଥା ବାଷ୍ପରୁଦ୍ଧ କଣ୍ଠରେ ସେ ପ୍ରଶ୍ନ କଲେ—"ସତ୍ୟ କରି କୁହ ମା' ତମେ କିଏ ? "

ଦେବୀ— "କାହିଁକି, ତୁମେ ଯା'ର ଉପାସନା କରୁଛ, ମୁଁ ସେହି ତାରା, ତୁମର ଇଷ୍ଟଦେବୀ ।"

ସାଧକ– "ମା' ତୁମର ଏ ମୂର୍ତ୍ତି ଯେ ମୋର ଗୁରୁ-ଉପଦିଷ୍ଟ ଧ୍ୟେୟ ମୂର୍ତ୍ତି ସଙ୍ଗେ ମିଶୁନାହିଁ । ତେଣୁ ମନରେ ସନ୍ଦେହ ଆସୁଛି । ସତ୍ୟ କରି କୁହ ମା' ତମେ କିଏ ?" ଦେବୀ ଏଥର ସ୍ନେହମୟୀ ଜନନୀପରି କରୁଣ ନୟନରେ ଗ୍ରହିଁ କହିଲେ– "ବତ୍ସ ! ମୋର ସେ ମୂର୍ତ୍ତି ଦେଖିଲେ ତୁମେ ହୁଏତ ସହ୍ୟ କରି ପାରିବନି । ତେଣୁ ମୁଁ ତତ୍ତ୍ୱମୟୀ ନହୋଇ ତୁମର ମନୋମୟୀ, ଭବମୟୀ ମୂର୍ତ୍ତିରେ ଆବିର୍ଭୂତା ହୋଇଅଛି । ଅବଶ୍ୟ ଯଦି ତୁମେ ମୋର ସେ ବେଦମୟୀ ମୂର୍ତ୍ତି ଦେଖିବାକୁ ଗ୍ରହଁ ତେବେ ମୁଁ ତାହା ପରେ ଦେଖାଇବି । ମୁଁ ସତ୍ୟକରି କହୁଅଛି ମୁଁ ହିଁ ତୁମ ଧ୍ୟେୟ ଇଷ୍ଟଦେବୀ ତାର ।"

ସାଧକ ଏଥର ବିସ୍ମୟ ବିହ୍ୱଳ ନେତ୍ରରେ ଗ୍ରହିଁ ଦେଖିଲେ–ଆହା କି ଅପୂର୍ବ ସୁଷମା ସତେ ! ସେ ରୂପର ତୁଳନା ନାହିଁ । ଦେବୀ ରମଣୀ ମୂର୍ତ୍ତିରେ ମନୋରମାଙ୍ଗୀ, ନବଯୌବନା, କୁମାରୀ । ଦେହକାନ୍ତି ସ୍ଫଟିକ ପରି ଶୁଚୀ-ଶୁଭ୍ର, ପରିଧାନ ରକ୍ତବସ୍ତ୍ର, ପଦଯୁଗଳ ଅଳକ୍ତ ରାଗ ରଂଜିତ ଓ ତହିଁରେ ସ୍ୱର୍ଣ୍ଣ ନୂପୁରର ଜଗତ ବିମୋହିନୀ ମୃଦୁ-ମନ୍ଦ ଧ୍ୱନି । କଟିତଟରେ ଶବ୍ଦାୟମାନା କିଙ୍କିଣୀ, କଣ୍ଠରେ ମୁକ୍ତାହାର, ବାହୁରେ କେୟୂର, କରରେ କନକ ବଳୟ ଓ ହସ୍ତରେ ବରାଭୟ ମୁଦ୍ରା । ଦେବୀଙ୍କର ଲଲାଟଦେଶ ଅର୍ଦ୍ଧଚନ୍ଦ୍ରଦ୍ୱାରା ସୁଶୋଭିତ, ଓଷ୍ଠଦ୍ୱୟ ଅତୀବ ମନୋରମ ଓ ମୁଖମଣ୍ଡଳ ସୁଗନ୍ଧି ତାମ୍ବୁଳରେ ପରିପୂର୍ଣ୍ଣ ଓ ଦନ୍ତପଙ୍କ୍ତି କୁନ୍ଦପୁଷ୍ପ-ମୁକୁଳ ସଦୃଶ ରମଣୀୟ । କର୍ଣ୍ଣରେ ଚନ୍ଦ୍ରରେଖା କର୍ଣ୍ଣଭୂଷଣ ଦୋଳାୟମାନ, ନାସିକା ଉନ୍ନତ, ଭ୍ରୂଯୁଗଳ ଯୁକ୍ତ ଧନୁକାକାରରେ ବିସ୍ତୃତ, ଲଲାଟରେ ଉଜ୍ଜ୍ୱଳ ସିନ୍ଦୂରବିନ୍ଦୁ-ନିତମ୍ବଚୁମ୍ବିତ ତରଙ୍ଗାୟିତ ଘନକୃଷ୍ଣ କେଶଦାମ ମଲ୍ଲିକା ଓ ମାଳତୀ ମାଳାରେ ସୁଶୋଭିତ ଏବଂ ତଦୁପରି ମଣିମୁକ୍ତା ଖଚିତ ମୁକୁଟ ।

ଏତାଦୃଶ ଜଗଜ୍ଜନ ମନୋମୋହିନୀ ମୂର୍ତ୍ତି ଦର୍ଶନକରି ଭକ୍ତ କୃତ-କୃତାର୍ଥ ହୋଇ ବ୍ରହ୍ମା-ବିଷ୍ଣୁ-ଶିବାରାଧ୍ୟ ଦେବୀଙ୍କର ଅତୁଳ ରାତୁଳ ଚରଣରେ ଜପ ସମର୍ପଣ ପୂର୍ବକ ମସ୍ତକ ନତ କରି ପ୍ରାର୍ଥନା କଲେ–"ମା !

ଏ ଦୀନ ସନ୍ତାନ ମସ୍ତକରେ ଚରଣ ସ୍ଥାପନ କରନ୍ତୁ ।” ଦେବୀ ହଂସୀ ପ୍ରାୟ ଗ୍ରୀବା ବକ୍ରକଲେ– କର୍ଣ୍ଣଭୂଷଣ ମୃଦୁ-ମୃଦୁ ଦୋଳିବାକୁ ଲାଗିଲା–ଈଷତ୍ ହଲି ବାମଚରଣ ଉତ୍ତୋଳନ କରି ଭକ୍ତର ଶିରୋପରି ଧୀରେ ଧୀରେ ସ୍ଥାପନ କଲେ । ଆହା ସେ କି ଅପୂର୍ବ ଦୃଶ୍ୟ ! ଭକ୍ତ ଓ ଭଗବାନଙ୍କର ଏ ମଧୁର ମିଳନ ଦେଖି ସ୍ୱର୍ଗରୁ ଦେବତାମାନେ ହୁଏତ ପୁଷ୍ପବୃଷ୍ଟି କରିଥିବେ ! ଧନ୍ୟ ସାଧକ ! ଧନ୍ୟ ତୁମର ସାଧନା !! ଏ ପ୍ରକାର ମିଳନ କେବଳ ଭାଗ୍ୟବାନ ଭକ୍ତଙ୍କ ବ୍ୟତୀତ ଦେବ, ଗନ୍ଧର୍ବ, କିନ୍ନର ମାନଙ୍କ ଭାଗ୍ୟରେ ମଧ୍ୟ ଜୁଟେ ନାହିଁ ।

ଦେବୀ ଏଥର ଧୀରେ, ଧୀରେ ପଦ ଅବତରଣ କରାଇ ସହାସ୍ୟ ବଦନରେ ବର ଯାଚଞ୍ଜା କଲେ ।

ଭକ୍ତ କିନ୍ତୁ ଭୁଲିବାର ନୁହେଁ– “କି ବର ଆଉ ନେବି ମା’ ! ମୁଁ ଯେ ତୁମକୁ ହିଁ ଚାହେଁ ।”

ମତ୍ତକୋକିଳ ପରି ବୀଣାଜିଣା କଣ୍ଠରେ ଦେବୀ ଉତ୍ତର ଦେଲେ– “ବତ୍ସ ! ମୁଁ ସର୍ବଦା ହିଁ ଭକ୍ତ ବାଞ୍ଛା କଳ୍ପତରୁ ଓ ବରଦାତ୍ରୀ । ତୁମର ବାଞ୍ଛା ଅବଶ୍ୟ ପୂରଣ ହେବ । ମୁଁ ସର୍ବଦା ତୁମଠାରେ ବିଦ୍ୟମାନ ଅଛି । ଯେତେବେଳେ ଇଚ୍ଛା କରିବ ମୋତେ ତୁମର ମନୋମୟୀ ମୂର୍ତ୍ତିରେ ଦର୍ଶନ କରିପାରିବ । ତେବେ ବର୍ତ୍ତମାନ ସାଧନାର ଫଳ ସ୍ୱରୂପ ତୁମକୁ ବର ପ୍ରାର୍ଥନା କରିବାକୁ ହେବ ।”

ନଳିନୀକାନ୍ତ ଏଥର ଭକ୍ତି ସହକାରେ ବର ପ୍ରାର୍ଥନା କଲେ– “ମା’ ଗୋ ! ଯେପରି କୃପାପରବଶ ହୋଇ ମୋତେ ଦର୍ଶନ ଦାନ କଲେ, ସେହିପରି ଦୟାକରି କୁହନ୍ତୁ ଆପଣ କିଏ ? ସର୍ବବେଦାନ୍ତ ପ୍ରସିଦ୍ଧ ଆପଣଙ୍କର ସ୍ୱରୂପ ମୋ ନିକଟରେ କୀର୍ତ୍ତନ କରନ୍ତୁ । ପରନ୍ତୁ ଶ୍ରୁତି ସମ୍ମତ ଜ୍ଞାନ ଓ ଭକ୍ତି ଯୋଗ ବିଷୟରେ ମୋତେ ଉପଦେଶ ଦିଅନ୍ତୁ– ଯାହା ଶ୍ରବଣକଲେ ମୁଁ ଆପଣଙ୍କ ସହିତ ଅଭିନ୍ନତା ପ୍ରାପ୍ତ ହେବାକୁ ସମର୍ଥ ହେବି । ତତ୍ତ୍ୱଜ୍ଞାନ ଲାଭହିଁ ମୋର ଏକମାତ୍ର ପ୍ରାର୍ଥନୀୟ । ଏତଦ୍‌ବ୍ୟତୀତ ଅନ୍ୟ କିଛି ଲୋଡ଼ା ନାହିଁ ।”

ପରମେଶ୍ୱରୀ ଭଗବତୀ ତାରିଣୀ ଭକ୍ତର ପ୍ରାର୍ଥନା ଶ୍ରବଣ କରି ପ୍ରସନ୍ନ ବଦନରେ କହିବାକୁ ଲାଗିଲେ—"ବତ୍ସ ! ଯେଉଁ ତତ୍ତ୍ୱଜ୍ଞାନ ଶ୍ରବଣମାତ୍ରେ ଜୀବଗଣ ମୋର ସାରୂପ୍ୟ ଲାଭ କରିବାକୁ ସକ୍ଷମ ହୁଅନ୍ତି- ସେହି ପରମ ମଙ୍ଗଳ ତଥା ସର୍ବଶ୍ରେଷ୍ଠ ତତ୍ତ୍ୱ ମୁଁ ତୁମ ଆଗରେ ପରିବେଷଣ କରୁଅଛି, ଅବହିତ ଚିତ୍ତରେ ଶ୍ରବଣ କର—ସୃଷ୍ଟିର ପୂର୍ବେ ଏକମାତ୍ର ମୁଁହିଁ ଆତ୍ମସ୍ୱରୂପରେ ବିଦ୍ୟମାନ ଥିଲି । ମୋର ଏହି ଆତ୍ମସ୍ୱରୂପକୁ ବ୍ରହ୍ମ-ଆତ୍ମା ଓ ଭଗବାନ ବୋଲି ଜାଣିବ । ତାହାହିଁ ସର୍ବବେଦ ପ୍ରତିପାଦ୍ୟ ଆତ୍ମ-ସ୍ୱରୂପ ଶ୍ରୁତିଗୋଚର ପଦାର୍ଥ ମାତ୍ର ଅନୁମାନାଦି ପ୍ରମାଣର ବିଷୟ ନୁହେଁ । ପରନ୍ତୁ ଶ୍ରୁତିମଧ୍ୟ ଆତ୍ମ ପଦାର୍ଥକୁ ଜାତି, ଗୁଣ, କ୍ରିୟା ଓ ସଂଜ୍ଞାଦି ଦ୍ୱାରା ନିର୍ଦ୍ଦେଶ କରିବାକୁ ସମର୍ଥ ନୁହନ୍ତି, ସୁତରାଂ ଆତ୍ମତତ୍ତ୍ୱ ଅନିର୍ଦ୍ଦେଶ୍ୟ ଏବଂ ତତ୍‌ସଦୃଶ ଦ୍ୱିତୀୟ ବସ୍ତୁର ଅଭାବ ବଶତଃ ଉପମାରହିତ ଏବଂ ଜନ୍ମ-ମରଣାଦି ଷଡ୍‌ଭାବ ବିକାର-ଶୂନ୍ୟ ପଦାର୍ଥ । ଏହି ଆତ୍ମାର ଏକ ସ୍ୱତଃସିଦ୍ଧ ଶକ୍ତି ଅଛି—ତାହାହିଁ ମାୟା ନାମରେ ପରିଚିତା । ଏହି ମାୟା କିନ୍ତୁ ବ୍ରହ୍ମ—ପରି କାଳତ୍ରୟ ବର୍ତ୍ତିନୀ ନୁହେଁ କାରଣ ଆତ୍ମଜ୍ଞାନ ହେଲାମାତ୍ରେହିଁ ଏହାର ବିଲୟ ଘଟିଥାଏ । ଯେପରି ଅଗ୍ନିର ଉଷ୍ଣତା, ସୂର୍ଯ୍ୟର ମରୀଚି ଓ ଚନ୍ଦ୍ରର ଜ୍ୟୋତ୍ସ୍ନା ତତ୍ତତ୍ ସହଜାତ, ସେହିପରି ମାୟା ମଧ୍ୟ ଆତ୍ମ ସହଜାତ ଏବଂ ମୋକ୍ଷ ପର୍ଯ୍ୟନ୍ତ ସ୍ଥାୟୀ । ବତ୍ସ ! ଏହି ମାୟାହିଁ ଜଗତର କାରଣ । ମୁଁ ନିର୍ଗୁଣା ହୋଇ ମଧ୍ୟ ତାଦୃଶୀ ମାୟା-ସମାଯୋଗ ବଶତଃ ଜଗତର କାରଣତ୍ୱ ପ୍ରାପ୍ତ ହୋଇ ଅଛି । ବସ୍ତୁତଃ ଏହି ଅଖିଳ ଜଗତହିଁ ଓତଃପ୍ରୋତ ଭାବେ ମୋଠାରେ ଜଡ଼ିତ । ମୁଁହିଁ କାରଣ ଦେହାଭିମାନୀ ବିରାଟ ନାମେ ଅଭିହିତା । ମୁଁହିଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ମୁଁହିଁ ଈଶ୍ୱର, ବ୍ରାହ୍ମୀ ଓ ରୌଦ୍ରଶକ୍ତି । ମୁଁହିଁ ସୂର୍ଯ୍ୟ, ଚନ୍ଦ୍ର ଓ ତାରକା, ମୁଁହିଁ ପଶୁ, ପକ୍ଷୀ,କୀଟ ଓ ପତଙ୍ଗ । ମୁଁହିଁ ପୁରୁଷ, ସ୍ତ୍ରୀ ଏବଂ ନପୁଂସକ । ମୁଁହିଁ ସାଧୁ, ମୁଁହିଁ ଅସାଧୁ ସୁତରାଂ ମୁଁହିଁ ତୁମେ ଏଥିରେ ସନ୍ଦେହ ନାହିଁ । ବସ୍ତୁତଃ ଏ ସମଗ୍ର ବିଶ୍ୱ ଚରାଚରରେ ମୋ ଛଡ଼ା ଆଉ କିଛିର ଅସ୍ତିତ୍ୱ ନାହିଁ । ଆକାଶ ଯେପରି ଏକ ହୋଇ ମଧ୍ୟ ଘଟାଦି ପାତ୍ର ଭେଦରେ ଭିନ୍ନବତ୍ ପ୍ରତୀୟମାନ ହୋଇଥାଏ, ତଦ୍ରୂପ ମୁଁ ମଧ୍ୟ ମାୟାଦ୍ୱାରା ନାନା ରୂପରେ ବିରାଜ କରିଥାଏ । ଯେପରି ସୂର୍ଯ୍ୟ ଉତ୍କୃଷ୍ଟ ଓ

ଅପକୃଷ୍ଟ ବିବିଧ ବସ୍ତୁକୁ ସ୍ୱୀୟ କିରଣରାଶି ଦ୍ୱାରା ଉଦ୍ଭାସିତ କରି ମଧ୍ୟ ଦୂଷିତ ହୁଏନା, ସେହିପରି ମୁଁ ଜଗଦନ୍ତପାତିନୀ ହୋଇ ମଧ୍ୟ ଜଗଦୋଷରେ ଦୂଷିତା ହୁଏ ନାହିଁ । ଯେଉଁମାନେ ବିମୁଗ୍ଧ, ସେହିମାନେହିଁ ମୋଠାରେ ବୁଦ୍ଧ୍ୟାଦିର କର୍ତ୍ତୃତ୍ୱ ଆରୋପିତ କରି, ଆତ୍ମ ସ୍ୱରୂପିଣୀ ମୁଁ କର୍ତ୍ତା ଏହିକଥା କହିଥାନ୍ତି; କିନ୍ତୁ ଯେଉଁମାନେ ବିବେକୀ ସେମାନେ ମୋତେ ସୂର୍ଯ୍ୟବତ୍ ସାକ୍ଷୀ ସ୍ୱରୂପରେ ପ୍ରତ୍ୟକ୍ଷ୍ୟ କରିଥାନ୍ତି । ସୁତରାଂ ମୋତେ କର୍ତ୍ତ୍ରୀ ବୋଲି ମନେ କରନ୍ତି ନାହିଁ । ସମସ୍ତ ବେଦାନ୍ତାଦି ଶାସ୍ତ୍ରରେ ମଧ୍ୟ ମୋର ତତ୍ତ୍ୱ ଏହିପରି ନିରୂପିତ ହୋଇଅଛି ।

ସୁତରାଂ ବର୍ତ୍ତମାନଠାରୁ ତୁମେ ତୁମର କଳ୍ପିତ ନାମ, ରୂପ, ଉପାଧି ତଥା ସ୍ୱତନ୍ତ୍ର ସତ୍ତା ମିଥ୍ୟା ବୋଲି ସମ୍ୟକ୍ ଭାବେ ଅବଗତ ହୋଇ ମତ୍ ସ୍ୱରୂପରେ ଅବସ୍ଥାନ ପୂର୍ବକ ଶାଶ୍ୱତୀ ଗତି ଓ ପରାଶାନ୍ତି ପ୍ରାପ୍ତ ହୁଅ ।"

ଭକ୍ତ ଏଥର ମା'ର ଚରଣରେ ବାରମ୍ବାର ପ୍ରଣାମ କରି କୃତାଂଜଳି ପୁଟରେ କହିବାକୁ ଲାଗିଲେ– "ମା ! ତୁମ କୃପାରୁ ଦାସ କୃତକୃତାର୍ଥ ହୋଇଅଛି, ମୋର ସକଳ ସନ୍ଦେହ ଅପନୋଦିତ ହୋଇଅଛି । ବର୍ତ୍ତମାନ ଜୀବଗଣଙ୍କ ପ୍ରତି କୃପାକରି, ବଦ୍ଧଜୀବ କିପରି ତୁମର ସାରୂପ୍ୟ ଲାଭ କରି ପାରିବ ତାହା ବିବୃତ କରନ୍ତୁ ।"

ଦେବୀ ମୃଦୁହାସ୍ୟ ସହକାରେ କହିଲେ– "ବତ୍ସ ! ମୋର କୃପା ବ୍ୟତୀତ ବେଦାଧ୍ୟୟନ, ଯୋଗ, ଦାନ, ତପସ୍ୟା, ଯଜ୍ଞ ବା ଅନ୍ୟ କୌଣସି ସାଧନା ଦ୍ୱାରା କୌଣସି ବ୍ୟକ୍ତି ମୋର ତତ୍ତ୍ୱ ଅବଗତ ହୋଇ ମୋର ସାରୂପ୍ୟ ଲାଭ କରିବାକୁ ସମର୍ଥ ହେବ ନାହିଁ । ଘଟିକା ଯନ୍ତ୍ରପରି ଜନ୍ମ-ଜରା ମରଣରୂପ ଏହି ସଂସାରର ବିରାମ ନାହିଁ । ଏହା ଅନାଦି ଓ ଅନନ୍ତ କାଳରୁ ପ୍ରବାହିତ । ଅଜ୍ଞାନ ବା ଅବିଦ୍ୟା ହିଁ ଏହି ସଂସାରର ମୂଳ । ସୁତରାଂ ଅଜ୍ଞାନ ନାଶରେ ହିଁ ଜୀବ ମୋର ସାରୂପ୍ୟ ଲାଭ କରିବାକୁ ସମର୍ଥ ହୋଇଥାଏ । ଅନେକ ଜନ୍ମପରେ ସଦ୍‌ଗୁରୁ ରୂପୀ ମୋର କୃପାରୁ ଜୀବର ଅଜ୍ଞାନ-ଅବିଦ୍ୟା ନାଶ ହୋଇ ଜନ୍ମ ସାଫଲ୍ୟ ହୋଇଥାଏ । ଏହି ଅଜ୍ଞାନ ନାଶ କରିବାକୁ

ଏକମାତ୍ର ଜ୍ଞାନ ରୂପିଣୀ ମୁଁ ହିଁ ସମର୍ଥା । ଯେପରି ଅନ୍ଧକାର-ଅନ୍ଧକାରକୁ ବିନାଶ କରିବାକୁ ସମର୍ଥ ନୁହେଁ, ସେହିପରି ଅଜ୍ଞାନ ଜନିତ କର୍ମସକଳ ମଧ୍ୟ ଅଜ୍ଞାନ ନାଶ କରିବାକୁ ସମର୍ଥ ନୁହନ୍ତି । ସାଧନା ମଧ୍ୟ କର୍ମସ୍ୱରୂପ, ସୁତରାଂ ତା'ଦ୍ୱାରା ମଧ୍ୟ ଅଜ୍ଞାନ ନାଶର ସମ୍ଭାବନା ନାହିଁ; ଅତଏବ କର୍ମଦ୍ୱାରା ଅଜ୍ଞାନ-ନାଶର ଆଶା କରିବା ବିଡମ୍ବନା ମାତ୍ର । ତେବେ କର୍ମ ଜ୍ଞାନର ସହାୟକ ଓ ହିତକାରୀ, ଯେତେଦିନ ପର୍ଯ୍ୟନ୍ତ ଚିତ୍ତ ଶୁଦ୍ଧି ନ ହୋଇଛି—ସେତେଦିନ ପର୍ଯ୍ୟନ୍ତ ଅତି ଯତ୍ନ ସହକାରେ ବୈଦିକ କର୍ମ ବା ଭଗବତ୍ କର୍ମ ବା ମତ୍‌କର୍ମ ଅନୁଷ୍ଠାନ କରିବାକୁ ହୋଇଥାଏ । ଏତାଦୃଶ କର୍ମାନୁଷ୍ଠାନ ଦ୍ୱାରା ଅନ୍ତଃକରଣଗତ ସତ୍ତ୍ୱଗୁଣର ବିକାଶ ହେଲେ ବ୍ରହ୍ମନିଷ୍ଠ ସଦ୍‌ଗୁରୁଙ୍କ ନିକଟରେ ଉପସ୍ଥିତ ହୋଇ ଅକପଟ ଭକ୍ତି ସହକାରେ ତାଙ୍କର ଆଶ୍ରୟ ଗ୍ରହଣ କରି ଆଳସ୍ୟାଦି ଦୋଷ ପରିହାର ପୂର୍ବକ ନିତ୍ୟ ବେଦାନ୍ତ ବାକ୍ୟ ଶ୍ରବଣ ଓ ଆତ୍ମବିଚାର କରିବାକୁ ହୋଇଥାଏ । ଆତ୍ମବିଚାର ଦ୍ୱାରା ଜୀବ-ବ୍ରହ୍ମର ଐକ୍ୟ ଜ୍ଞାନ ସାଧିତ ହେଲେ ସାଧକ ମତ୍-ସ୍ୱରୂପତା ପ୍ରାପ୍ତ ହୋଇଥାଏ । ବତ୍ସ ! ଏହି ଆତ୍ମା ରଥୀ, ଶରୀର ରଥ, ବୁଦ୍ଧି ସାରଥୀ, ମନ-ରଜ୍ଜୁ ଏବଂ ଇନ୍ଦ୍ରିୟଗଣଙ୍କୁ ଅଶ୍ୱ ବୋଲି ଜାଣିବ । ଏହି ଇନ୍ଦ୍ରିୟରୂପୀ ଅଶ୍ୱମାନଙ୍କର ବିଷୟ ସମସ୍ତହିଁ ଗନ୍ତବ୍ୟ ମାର୍ଗ । ଯେ ମନୋରଜ୍ଜୁ ଦ୍ୱାରା ଇନ୍ଦ୍ରିୟ ଅଶ୍ୱକୁ ସଂବଦ୍ଧ କରିପାରେ, ସେ ଅକ୍ଳେଶରେ ଏହି ସଂସାର-ସାଗରର ପରପାରକୁ ଗମନ କରି ମୋର ସଚ୍ଚିଦାନନ୍ଦ ରୂପକ ପରମପଦ ପ୍ରାପ୍ତ ହୋଇଥାଏ ।

ବତ୍ସ ! ମତ୍ ସାରୂପ୍ୟ ଲଭ ନିମନ୍ତେ ଅଧିକାର ଭେଦରେ ଜ୍ଞାନ ବା ଯୋଗପଥରେ, କେହି କେହି ସାଧନା କଲେ ମଧ୍ୟ ସମସ୍ତ ପ୍ରକାର ଅଧିକାରୀ ବ୍ୟକ୍ତି ଭକ୍ତି ଯୋଗଦ୍ୱାରା ମୋର ଆରାଧନା କରି ସହଜରେ ମତ୍-ସ୍ୱରୂପତା ଲଭ କରିବାକୁ ସମର୍ଥ ହୋଇଥାନ୍ତି । ଗୁଣମୟୀ ଅପେକ୍ଷା ନିର୍ଗୁଣାଭକ୍ତିହିଁ ଆଶୁ ମୁକ୍ତିଦାନରେ ସମର୍ଥା । ଯେଉଁ ବ୍ୟକ୍ତି ନିୟତ ମୋର ନାମ ଓ ଗୁଣ କୀର୍ତ୍ତନ କରେ, ଯାହାର ମନ ତୈଳଧାରବତ୍ ଅବିଚ୍ଛିନ୍ନ ଭବରେ ମୋଠାରେ ସତତ ଅବସ୍ଥିତ ଥାଏ, କିନ୍ତୁ ସେଥିରେ କୌଣସି ପ୍ରକାର କାରଣ ବା ଫଳ ଆକାଂକ୍ଷା ନଥାଏ; ଏପରିକି ସାମୀପ୍ୟ, ସାର୍ଷ୍ଟି,

ସାଲୋକ୍ୟ ଓ ସାଯୁଜ୍ୟ ମୁକ୍ତିର ବି କାମନା ରଖେନା; ଯିଏ ସେବା ଓ ସେବକ ଭବ ପରିତ୍ୟାଗ ନକରି ମୋକ୍ଷ ଆକାଂକ୍ଷା ବି ରଖେନା, ଅତିନ୍ଦ୍ରିତ ହୋଇ ପରାନୁରକ୍ତି ପୂର୍ବକ ମୋତେ ଚିନ୍ତାକରେ ଏବଂ ମୋତେ ନିଜଠାରୁ ପୃଥକ୍ ନଭାବି "ମୁଁ ହିଁ ସଚ୍ଚିଦାନନ୍ଦରୂପିଣୀ ଭଗବତୀ" ଏହି ପ୍ରକାର ଜ୍ଞାନ କରେ; ଯେଉଁ ବ୍ୟକ୍ତି ସମସ୍ତ ଜୀବଙ୍କୁ ମୋର ସ୍ୱରୂପ ବୋଲି ମନେ କରେ, ନିଜ ଏବଂ ଅନ୍ୟଠାରେ ସମ୍ପ୍ରୀତିସମ୍ପନ୍ନ ହୁଏ; ଯେଉଁ ବ୍ୟକ୍ତି ଚୈତନ୍ୟର ସମାନତାବଶତଃ ସର୍ବତ୍ର ବିଦ୍ୟମାନ ସର୍ବବ୍ୟାପିନୀ ମୋ ସହିତ ସମସ୍ତ ଜୀବଙ୍କର ସର୍ବଦା ଅଭିନ୍ନତା ଜ୍ଞାନ କରେ, ଯେଉଁ ବ୍ୟକ୍ତି ଭେଦବୁଦ୍ଧି ପରିତ୍ୟାଗ ହେତୁ ଜୀବମାତ୍ରଙ୍କୁହିଁ ନମସ୍କାର ଓ ପୂଜା କରେ ଏବଂ କୁତ୍ରାପି ଯାହାର ଦ୍ରୋହବୁଦ୍ଧି ନାହିଁ, ଯେଉଁ ବ୍ୟକ୍ତି ମୋର ସ୍ଥାନ ଦର୍ଶନରେ, ମୋର ଭକ୍ତ ମାନଙ୍କ ଦର୍ଶନରେ, ମଦୀୟ ଶାସ୍ତ୍ର ଶ୍ରବଣରେ ଶ୍ରଦ୍ଧାସମ୍ପନ୍ନ, ଯେଉଁ ବ୍ୟକ୍ତିର ମୋ ପ୍ରତି ପ୍ରେମପରିପୂର୍ଣ୍ଣ ଭବ, ମୋ କଥା ଶୁଣିଲେ ଯାହାର ଶରୀର ରୋମାଞ୍ଚିତ ହୁଏ, ପ୍ରେମାଶ୍ରୁ ଦ୍ୱାରା ନୟନ ପରିପ୍ଲାବିତ ତଥା ଗଦ୍‌ଗଦ୍ ଶବ୍ଦରେ କଣ୍ଠ ଅବରୁଦ୍ଧ ହୁଏ, ଯେଉଁ ବ୍ୟକ୍ତି ବିଭଶାଠ୍ୟ ନକରି ଭକ୍ତି ପୂର୍ବକ ମୋର ନିତ୍ୟନୈମିତ୍ତିକ ଦିବ୍ୟବ୍ରତ ସମୂହ ଅନୁଷ୍ଠାନ କରେ, ମଦୀୟ ଉତ୍ସବ ଦର୍ଶନରେ ଓ କରଣରେ ଯାହାର ଇଚ୍ଛାଥାଏ, ଯେଉଁ ବ୍ୟକ୍ତି ଉଚ୍ଚ ସ୍ୱରରେ ମୋର ନାମ ଗାନ କରି ଉଦ୍ଦଣ୍ଡ ନୃତ୍ୟ କରେ, ଯେଉଁ ବ୍ୟକ୍ତି ଅହଂକାରାଦି ବିବର୍ଜିତ ଏବଂ ଦେହାଭିମାନ ପରିଶୂନ୍ୟ, ଯେଉଁ ବ୍ୟକ୍ତି ପ୍ରାରବ୍ଧ କର୍ମାନୁସାରେ ସମସ୍ତ ହେଉଅଛି ବୋଲି ସମ୍ୟକ୍ ଭବରେ ଜ୍ଞାତ ହୋଇ କେବଳ ମୋର ଚିନ୍ତା ବ୍ୟତୀତ ଦେହରକ୍ଷାଦି ବିଷୟରେ ମଧ୍ୟ ଚିନ୍ତା କରେ ନାହିଁ, ତା'ର ଏତାଦୃଶୀ ଭକ୍ତିହିଁ ପରାଭକ୍ତି ବୋଲି ଜାଣିବ । ଏତାଦୃଶୀ ଭକ୍ତିର ଉଦୟ ହେଲେ ତା'ର ଚିତ୍ତରେ ମୋ ଭିନ୍ନ ଅନ୍ୟ କୌଣସି ବିଷୟରେ ଚିନ୍ତାର ଉଦ୍ରେକ ମଧ୍ୟ ହୁଏ ନାହିଁ । ବସ ! ଯାହାର ଏତାଦୃଶୀ ଭକ୍ତି ଯଥାର୍ଥ ଭବରେ ଉଦୟ ହୁଏ, ସେହି ବ୍ୟକ୍ତି ମୋର ଚିନ୍ମାତ୍ର ରୂପରେ ବିଲୀନ ହୋଇଯାଏ । ଏତାଦୃଶ ଭକ୍ତ ସର୍ବ ପ୍ରକାର ଶାସ୍ତ୍ରବିଧି ଓ ଲୋକଧର୍ମ ପରିତ୍ୟାଗ କରି ଯଦି ସର୍ବାନ୍ତଃକରଣରେ କେବଳ 'ମା' 'ମା' ବୋଲି ମୋତେ ଡ଼ାକେ,

ବସ୍ତାପଶ୍ଚାତ୍ ଗାଭୀପରି ମୁଁ ତା'ର ଅନୁସରଣ କରିଥାଏ । ବତ୍ସ ! ଅଧିକ ଆଉ କ'ଣ କହିବି, ଯଦି କିଏ ସର୍ବଧର୍ମ ପରିତ୍ୟାଗ କରି ସର୍ବାବଚ୍ଛେଦରେ ମୋର ଶରଣାପନ୍ନ ହୁଏ ମୁଁ ତାକୁ ଅଚିରେ ପରଶାନ୍ତି ଓ ମତ୍-ସ୍ୱରୂପତା ପ୍ରଦାନ କରିଥାଏ । ବତ୍ସ ! ମୁଁ ତୀର୍ଥରେ ଅବସ୍ଥାନ କରେ ନାହିଁ, ମୁଁ କୈଳାସରେ ନଥାଏ କି ବୈକୁଣ୍ଠରେ ନଥାଏ ମାତ୍ର ମତ୍ ପରାୟଣ ଭକ୍ତ ବା ଜ୍ଞାନୀ ଜନର ହୃଦ-ପଦ୍ମରେ ହିଁ ମୋର ସତତ ବସତି ।

ବତ୍ସ ! ତୁମେ ବ୍ରହ୍ମଜ୍ଞାନ ବିଷୟରେ ଯାହା ଜାଣିବାକୁ ଚାହିଁଥିଲ— ସେ ସମସ୍ତ ମୁଁ ତୁମ ନିକଟରେ ପ୍ରକାଶ କଲି, ଏ ବିଷୟରେ ଅତଃପର ଆଉ କିଛି ବକ୍ତବ୍ୟ ନାହିଁ । ତୁମେ ଗୁରୁକୃପାରୁ ମୋର ସାକ୍ଷାତ୍କାର ଲାଭ କରିଅଛ । ତୁମର ବେଦାଦି ଶାସ୍ତ୍ରର ନାନାବିଧ ବିଧି-ନିଷେଧ ଦ୍ୱାରା ଆଉ ବନ୍ଧନ ସମ୍ଭବ ହେବ ନାହିଁ । ତୁମ ସହିତ ମୁଁ ଅଭିନ୍ନ ଭାବରେ ସର୍ବଦା ବିରାଜିତା ହେବି । ତୁମେ ନିଶ୍ଚିନ୍ତରେ, ନିର୍ଭୟରେ, ପ୍ରସନ୍ନ ଚିତ୍ତରେ ଯଦୃଚ୍ଛାକ୍ରମେ ବିଚରଣ କର । ଯାହାକିଛି କରିବ, ଯାହାକିଛି ଶୁଣିବ; ଯାହାକିଛି ଖାଇବ, ଯାହାକିଛି କହିବ, ସେ ସମସ୍ତର ଫଳାଫଳ ମୋତେ ଅର୍ପଣ କରି ମୋ ଭକ୍ତମାନଙ୍କ ମଧ୍ୟରେ ବ୍ରହ୍ମଜ୍ଞାନ ବିତରଣ କରୁଥାଅ । ତତ୍ପରେ ପ୍ରାରବ୍ଧ କ୍ଷୟ ହେଲେ ମତ୍ସ୍ୱରୂପରେ ଲୟ ହୋଇଯିବ । ବତ୍ସ ! ମୁଁ ବର୍ତ୍ତମାନ ସ୍ୱ-ସ୍ୱରୂପରେ ଅବସ୍ଥାନ କରୁଅଛି । ତୁମେ ଇଚ୍ଛା-କଲାମାତ୍ରେ ପୁଣି ତୁମ ମନୋମୟୀ ମୂର୍ତ୍ତିରେ ଆବିର୍ଭୂତା ହେବି ।"

ଭକ୍ତ ଓ ଭଗବାନଙ୍କର ଏହି ଅପୂର୍ବ ମିଳନରେ, ଭକ୍ତ ସୃଷ୍ଟିତତ୍ତ୍ୱର ଗୂଢ଼ ରହସ୍ୟ ଜାଣି କୃତାଞ୍ଜଳିପୁଟରେ ପୁନଃ ପୁନଃ ପ୍ରଣାମ କରି— ଦେବୀଙ୍କର ବିଶ୍ୱରୂପ ଦର୍ଶନ ନିମନ୍ତେ ପ୍ରାର୍ଥନା ଜଣାଇଲେ । ଭକ୍ତବାଞ୍ଛା ପୂର୍ଣ୍ଣକାରିଣୀ ତାରିଣୀ ଦେବୀ ଏଥର ମଧୁରହାସ୍ୟ ସହକାରେ ଭକ୍ତର ଶିରରେ କରପଦ୍ମ ସ୍ପର୍ଶ କଲେ । ପ୍ରଣାମ କରି ଭକ୍ତ ବିସ୍ମୟ ସହକାରେ ଦେଖିଲେ— ଦେବୀମୂର୍ତ୍ତି ପୂର୍ବପରି ତରଳ ଜ୍ୟୋତିଃ ଆକାରରେ ପରିଣତ ହୋଇ ସମଗ୍ର ଚରାଚର ଉଦ୍ଭାସିତ କରି ଅଛନ୍ତି । ଅନନ୍ତର ଦେବୀଙ୍କର ପରାତ୍ପର ବିରାଟ ବିଶ୍ୱରୂପ ଭକ୍ତ-ଭୀତିବିହ୍ୱଳ ଚିତ୍ତରେ ଅବାକ୍ ହୋଇ

ଅବଲୋକନ କରିବାକୁ ଲାଗିଲେ । ସତ୍ୟଲୋକ ଏହି ବିରାଟ ରୂପିଣୀଙ୍କର ମସ୍ତକ, ଚନ୍ଦ୍ର ଓ ସୂର୍ଯ୍ୟ ଦୁଇଚକ୍ଷୁ, ଦିଗ୍ ସକଳ ଶ୍ରୋତ୍ର, ବେଦ ସକଳ ବାକ୍ୟ; ବାୟୁ ପ୍ରାଣ, ବିଶ୍ୱ ହୃଦୟ, ପୃଥିବୀ ଜଘନଦେଶ, ନଭଃସ୍ଥଳ ନାଭିଦେଶ, ଜ୍ୟୋତିଷମଣ୍ଡଳ ଉରସ୍ଥଳ, ମହର୍ଲୋକ ଗ୍ରୀବାଦେଶ, ଜନଲୋକ ମୁଖମଣ୍ଡଳ, ତପଲୋକ-ଲଲାଟ ଫଳକ, ଇନ୍ଦ୍ରାଦି ଦଶଦିଗପାଳ ବାହୁ, ଶବ୍ଦ-ଶ୍ରବଣେନ୍ଦ୍ରିୟ ସ୍ୱରୂପ, ଅଶ୍ୱିନୀକୁମାରଦ୍ୱୟ ତାଙ୍କର ନାସିକା ଗନ୍ଧ ଘ୍ରାଣେନ୍ଦ୍ରିୟ ସ୍ୱରୂପ, ଅଗ୍ନି ମୁଖାଭ୍ୟନ୍ତର, ଦିବା ଓ ରାତ୍ରି ତାଙ୍କର ନୟନପତା ଦ୍ୱୟ ସ୍ୱରୂପ,ବ୍ରହ୍ମ ସ୍ଥାନ ତାଙ୍କର ଭ୍ରୂ-ବିକାଶ ସ୍ୱରୂପ, ଜଳ-ତାଳୁ, ତଦଗତରସ ତାଙ୍କର ରସନା, ଯମରାଜା-ଦ୍ରଂଷ୍ଟ୍ରା, ସ୍ନେହ ବିଳାସ ଦନ୍ତ ଓ ମାୟାହିଁ ତାଙ୍କର ହାସ୍ୟ, ବ୍ରହ୍ମାଣ୍ଡ ସୃଷ୍ଟି—କଟାକ୍ଷ୍ୟ, ଲଜ୍ଜା—ଉର୍ଦ୍ଧ୍ୱ ଓଷ୍ଠ, ଲୋଭ-ଅଧର ଏବଂ ଅଧର୍ମ ତାଙ୍କର ପୃଷ୍ଠଭାଗ ରୂପେ ବିରାଜିତ । ଜଗତର ସୃଷ୍ଟିକର୍ତ୍ତା ପ୍ରଜାପତି ତାଙ୍କର ମେଢ୍ରଦେଶ, ସମୁଦ୍ର ସକଳ ତାଙ୍କର ଉଦର, ପର୍ବତ ସକଳ ଅସ୍ଥି, ନଦୀ ସମୂହ ନାଡ଼ୀ ଏବଂ ବୃକ୍ଷରାଜି ତାଙ୍କର ରୋମ ସ୍ୱରୂପ ଶୋଭା ପାଉଛନ୍ତି । କୌମାର୍ଯ୍ୟ, ଯୌବନ ଓ ଜରାହିଁ ତାଙ୍କର ଉତ୍ତମାଗତି, ମେଘସମୂହ କେଶଜାଲ, ଉଭୟ ସନ୍ଧ୍ୟା ବ୍ୟାପିକା ଦେବୀଙ୍କର ବସନ, ଚନ୍ଦ୍ରମା ମହେଶ୍ୱରୀଙ୍କର ମନ, ହରି ବିଜ୍ଞାନ ଶକ୍ତି ଓ ରୁଦ୍ର ସଂହାର ଶକ୍ତି । ବିଭୁ-ଜଗଦମ୍ବିକାଙ୍କର ଶ୍ରୋଣି ଦେଶରେ ଅଶ୍ୱାଦିଜାତି, ଏବଂ ଅତଳାଦି ପାତାଳ ପର୍ଯ୍ୟନ୍ତ ସମସ୍ତଲୋକ କଟିଦେଶର ଅଧୋଭାଗରେ ବିରାଜିତ । ଯୁବକ ସାଧକ ଏତାଦୃଶ ଜଗନ୍ମାତାଙ୍କର ବିରାଟ ମୂର୍ତ୍ତି-ଦେଖୁ-ଦେଖୁ ଅନୁଭବ କରିବାକୁ ଲାଗିଲେ ତହିଁରୁ ସହସ୍ର-ସହସ୍ର ଅଗ୍ନିଶିଖା ନିର୍ଗତ ହେଉଅଛି । ସେହି ବିଶ୍ୱରୂପା ଲୋଳଜିହ୍ୱା ଦ୍ୱାରା ଅନନ୍ତ ଜଗତର ଆସ୍ୱାଦ ଗ୍ରହଣ କରୁଛନ୍ତି । ଅକ୍ଷସମୂହ ଅଗ୍ନ୍ୟୁଦ୍‌ଗୀରଣ କରୁଛନ୍ତି । ସେହି ଆକୃତି ନାନାବିଧ ଆୟୁଧଧାରିଣୀ ଓ ଅତୀବ ଶକ୍ତିସମର୍ଥା । ଏହି ଆକୃତିର ସହସ୍ର ମସ୍ତକ, ସହସ୍ର ନୟନ; ସହସ୍ର ବାହୁ, ସହସ୍ର ଚରଣ, କୋଟି ସୂର୍ଯ୍ୟ ସମ ପ୍ରଭାସମ୍ପନ୍ନ, ଅତୀବ ଭୟଙ୍କର, ତଥା ମନ ଓ ନୟନର ତ୍ରାସଜନକ । ଏହି ବିରାଟ ରୂପ ଦର୍ଶନ କରି ନଳିନୀକାନ୍ତଙ୍କ ହୃଦୟ ପ୍ରକମ୍ପିତ ହେବାକୁ ଲାଗିଲା, ସେ ଅସ୍ପଷ୍ଟ ଭାଷାରେ ଦେବୀ ସ୍ତୋତ୍ର ପାଠ କରୁ କରୁ ମୂର୍ଚ୍ଛିତ ହୋଇ ପଡ଼ିଲେ ।

ଅନ୍ତର୍ଯ୍ୟାମୀ ଉତ୍ତରସାଧକ କ୍ଷେପାଠାକୁର ତାରାମନ୍ଦିରରେ ବସି ଅନ୍ତର୍ନୟନରେ ସମସ୍ତ ଦେଖୁଥିଲେ । ଏତେବେଳେକେ ଶିଷ୍ୟ ଚୈତନ୍ୟ ହରାଇ ପଡ଼ିଛି ଜାଣି, ଘଟଣାସ୍ଥଳରେ ସହସା ଉପସ୍ଥିତ ହୋଇ ତାଙ୍କର ସ୍ପନ୍ଦନ ବିହୀନ ଶରୀରକୁ ସସ୍ନେହେ କୋଳକୁ ଟେକିନେଇ କପାଳରେ ହାତ ବୁଲାଇବାକୁ ଲାଗିଲେ । ସାକ୍ଷାତ୍ ଭଗବାନଙ୍କ କରତଳ ସ୍ପର୍ଶରେ ଅଚିରେହିଁ ଭକ୍ତଙ୍କର ଚୈତନ୍ୟ ଫେରି ଆସିଲା କିନ୍ତୁ ସେ ବାକ୍‌ରହିତ ହୋଇ କେବଳ ଜଡବତ୍ ଅନାଇ ରହିଲେ । ସେତେବେଳକୁ ଦେବୀ ଅନ୍ତର୍ହିତା ହୋଇଥାନ୍ତି । କିଛିକ୍ଷଣପରେ ଭକ୍ତ ପୁଣି ଉପବେଶନ କରିବାକୁ ଚେଷ୍ଟାକଲେ, ମାତ୍ର ମାତାଲପରି ଢଳି ପଡ଼ିଲେ । ଗୁରୁଦେବଙ୍କ ଉପରେ ଦୃଷ୍ଟି ପଡ଼ନ୍ତେ ଅଶ୍ରୁସଜଳ ନୟନରେ ଅନେଇ ରହିଲେ ସେହି ପଦ୍ମପଳାଶ ଲୋଚନକୁ । ବାମଦେବ ଏଥର ଆବେଗ ଓ ଉଲ୍ଲାସଭରେ କହି ଉଠିଲେ– "ବତ୍ସ ! ଧନ୍ୟ ତୁହି; ତୋର ଗୁରୁ ହୋଇ ମୁଁ ମଧ୍ୟ ଆଜି ଧନ୍ୟ ହୋଇଅଛି ।"

ଧୈର୍ଯ୍ୟ ଅବଲମ୍ବନ ପୂର୍ବକ ଭାଗ୍ୟବାନ ଶିଷ୍ୟ ଏଥର ବାବାଙ୍କର ପଦ୍ମପାଦ ଦୁଇଟି ନିଜର ବକ୍ଷସ୍ଥଳରେ ଜାବୁଡ଼ି ଧରି ପ୍ରେମବିଗଳିତ ନୟନରେ ଭାବଗଦ୍‌ଗଦ୍ କଣ୍ଠରେ ଗାଇବାକୁ ଲାଗିଲେ–

ନମସ୍ତେ ନାଥ ଭଗବାନ୍, ଶିବାୟ ଗୁରୁରୂପିଣେ ।
ବିଦ୍ୟାବତାର ସଂସିଦ୍ଧୌ ସ୍ୱୀକୃତାନେକ ବିଗ୍ରହଃ ॥

ନାରାୟଣ ସ୍ୱରୂପାୟ ପରମାତ୍ମୈକ ମୂର୍ତ୍ତୟେ ।
ସର୍ବଜ୍ଞାନ ତମୋଭେଦ ଭାନବେ ଚିଦ୍‌ଘନାୟତେ ॥

ସ୍ୱତନ୍ତ୍ରାୟ ଦୟାକ୍ଳୃପ୍ତ ବିଗ୍ରହାୟ ଶିବାତ୍ମନେ ।
ପରତନ୍ତ୍ରାୟ ଭକ୍ତାନାଂ ଭବ୍ୟାନାଂ ଭବ୍ୟରୂପିଣେ ॥

ବିବେକିନାଂ ବିବେକାୟ ବିମର୍ଶାୟ ବିମର୍ଶିନାମ୍ ।
ପ୍ରକାଶାନାଂ ପ୍ରକାଶାୟ ଜ୍ଞାନିନାଂ ଜ୍ଞାନରୂପିଣେ ॥

ତ୍ୱତ୍ ପ୍ରସାଦାଦହଂ ଦେବ କୃତକୃତ୍ୟୋଽସ୍ମି ସର୍ବତଃ ।
ମାୟାମୃତ୍ୟୁ ମହାପାଶାତ୍ ବିମୁକ୍ତୋଽସ୍ମି ଶିବୋଽସ୍ମି ଚ ॥

ବାମଦେବ ଶିଷ୍ୟଙ୍କୁ ସ୍ୱୀୟ ଚରଣପ୍ରାନ୍ତରୁ ଉଠାଇ ସାଦରେ ଟେକିନେଲେ ବୁକୁ ଉପରକୁ । ପ୍ରେମାଶ୍ରୁର ବିନିମୟରେ ବିଗଳିତ ହେଲେ ଗୁରୁ-ଶିଷ୍ୟ; ଏତିକିବେଳେ ତାରମା'ର ମନ୍ଦିରରେ ବାଜି ଉଠିଲା ପ୍ରଭାତି ସାହାନାଇ—ଗୁରୁଦେବ ସସ୍ନେହେ ଶିଷ୍ୟର ହାତଧରି ମା'ଙ୍କୁ ପ୍ରଣାମ କରିବା ଉଦ୍ଦେଶ୍ୟରେ ଚାଲିଲେ ମନ୍ଦିରାଭିମୁଖେ ।

ଧନ୍ୟ ଗୁରୁ ! ଧନ୍ୟ ତୁମର ଗୁରୁତ୍ୱ ! !

ଆଉ ଧନ୍ୟ ଶିଷ୍ୟ ! ଧନ୍ୟ ତୁମର ଶିଷ୍ୟତ୍ୱ ! !

ସାଧାରଣତଃ ମହାଶକ୍ତିଙ୍କର ସାଧନା କରାଯାଇଥାଏ ତିନିପ୍ରକାର ଭାବରେ, ମାତୃଭାବରେ, କନ୍ୟାଭାବରେ ଓ ଜାୟାଭାବରେ । ମାତୃଭାବରେ ସାଧନା କରିଥିଲେ ଦକ୍ଷିଣେଶ୍ୱରର ବାଳକ ଗଦାଧର ଓ ଆମର କ୍ଷେପା-ଠାକୁର, କନ୍ୟାଭାବରେ ସାଧନା କରିଥିଲେ ହାଲିସହରର ମହାସାଧକ ରାମପ୍ରସାଦ ଆଉ ଏବେ ଜାୟାଭାବରେ ସାଧନା କରି ସିଦ୍ଧିଲାଭ କଲେ ଶିବସ୍ୱରୂପ ନଳିନୀକାନ୍ତ ।

ସିଦ୍ଧିଲାଭ କରିବାର ଦୁଇ, ତିନି ଦିନ ପର୍ଯ୍ୟନ୍ତ ଯୁବକ ସାଧକ ଗୁରୁଦେବଙ୍କ ନିକଟରେ ଅବସ୍ଥାନ କରି, ଆଶିଷ ଗ୍ରହଣ ପୂର୍ବକ ପୂର୍ବ କର୍ମସ୍ଥଳୀ ଭୂମିରାକୁ ଫେରି ଆସିଲେ । କିନ୍ତୁ କର୍ମରେ ଆଉ ମନୋନିବେଶ କରି ପାରିଲେନି । ନବୀନ ବୟସ-ପ୍ରାୟ ଇଚ୍ଛାହୁଏ ରାଣୀକୁ ଦେଖିବାକୁ । ଆଉ ଇଚ୍ଛା ହେଲାମାତ୍ରେ ନିଜ ଦେହରୁହିଁ ଦେବୀ ଆବିର୍ଭୂତା ହୁଅନ୍ତି ମନୋମୟୀ ସୁଧାଂଶୁବାଳା ମୂର୍ତ୍ତିରେ, ନିର୍ଜନରେ ଗୋଟିଏ ଶଯ୍ୟା ଉପରେ ବସି ଅର୍ଥହୀନ ଆଳାପରେ କଟିଯାଏ ଘଣ୍ଟା ପରେ ଘଣ୍ଟା । ପତ୍ନୀ ରୂପରେ ଦେବୀ ବାରମ୍ବାର ଦେଖା ଦେବାରୁ ନଳିନୀକାନ୍ତଙ୍କ ମନରେ କ୍ରମେ କ୍ରମେ ସ୍ୱାମୀଭାବ ଜାଗି ଉଠିଲା । ଦେବୀଙ୍କ ସାଙ୍ଗେ ତତ୍ତ୍ୱ ଆଲୋଚନା କରିବାକୁ ଇଚ୍ଛା ବୋଧ ହେଲା— ଭାବ-"କାନ୍ତାଠାରୁ କ'ଣ ତତ୍ତ୍ୱକଥା ଶୁଣିବି ?" ପ୍ରେମାଳାପରେ ହିଁ ଅବସର ସମୟ କଟିବାକୁ ଲାଗିଲା । ଏଥର କିନ୍ତୁ ସାଧକ ଆଉ ନିଜକୁ ଆୟତ୍ତରେ ରଖି ପରିଲେନି— ଇଚ୍ଛାହେଲା ପ୍ରେମମୟୀଙ୍କୁ

କୋଳ କରିବାକୁ । ଅବଶେଷରେ ଦିନେ କୌଣସିମତେ ସମ୍ଭାଳି ନପାରି ଆଗେଇଗଲେ ମହାଶକ୍ତିଙ୍କୁ ଧରି ଆଲିଙ୍ଗନ କରିବାକୁ । କିନ୍ତୁ କି ଆଶ୍ଚର୍ଯ୍ୟ ! ଦେବୀମୂର୍ତ୍ତିଙ୍କୁ ଧରିବାକୁ ଗଲମାତ୍ରେ ସେ ସହସା ମିଳେଇଗଲେ ସାଧକଙ୍କ ଶରୀରରେ ଓ ସାଧକ ହୋଇ ପଡ଼ିଲେ ମୂର୍ଚ୍ଛିତ । କିଛିକ୍ଷଣ ଉତ୍ତାରୁ ମୂର୍ଚ୍ଛା ଭଙ୍ଗିଲା—ମୋହ ବି ତୁଟିଗଲା । ମନରେ ପ୍ରଶ୍ନ ଜାଗିଲା—"କିଏ ଏହି ତାର ? ମୋରି ଦେହରୁ ହିଁ ସୁଧାଂଶୁବାଳା ରୂପରେ ଆବିର୍ଭୂତା ହୋଇ ମୋତେ ବିଭ୍ରାନ୍ତ କରୁଛି—ଉନ୍ମାଦ କରୁଛି । କିଏ ଏହି ମାୟାବିନୀ ? ତାହାର ଜନ୍ମ ହେଲା ମୋରି ଦେହରୁ ଓ ବିଲୁପ୍ତି ଘଟିଲା ମୋରି ଦେହରେ । ତା'ହେଲେ ମୁଁ କିଏ ? କୋଽହମ୍ ? "

ଏହି ପ୍ରଶ୍ନନେଇ ସାଧକ ପୁଣି ଫେରି ଆସିଲେ ତାରପୀଠ ଭୈରବଙ୍କ ଚରଣ ତଳକୁ ? ଆଉ ଏକ ସନ୍ଧ୍ୟାରେ ସନ୍ଦିଗ୍ଧ ଚିତ୍ତରେ ଗୁରୁଦେବଙ୍କ ନିକଟରେ ଉପସ୍ଥିତ ହୋଇ ପ୍ରଣାମାନ୍ତର ସଚଳ ଭାବରେ ପଚାରିବସିଲେ— "ଗୁରୁଦେବ ! ପ୍ରତ୍ୟକ୍ଷ୍ୟ କରି ଦେଖିଲି, ଭଗବତୀ ତାରିଣୀଙ୍କର ଜନ୍ମ ହେଲା ମୋରି ଦେହରୁ ଓ ସେ ପୁଣି ଲୟହେଲେ ମୋରି ଦେହରେ । ତେବେ ମୁଁ କିଏ—ମୋର ସ୍ୱରୂପ ବା କ'ଣ ?"

ଏ ପ୍ରଶ୍ନ ଶୁଣି କିନ୍ତୁ ଭୈରବ ଉତ୍‌କ୍ଷିପ୍ତ ହୋଇ ଉଠିଲେ । ତାଙ୍କର ମୁଖମଣ୍ଡଳ ପ୍ରଳୟଙ୍କର ମେଘ ପରି ଭୀଷଣ ହୋଇ ଉଠିଲା । ସମଗ୍ର ଅବୟବ କ୍ରୋଧରେ ଥରି ଥରି ରୁଦ୍ରରୂପ ଧାରଣ କଲା—ନେତ୍ରଦ୍ୱୟରୁ ଅଗ୍ନି କଣିକା ସ୍ଫୁରିତ ହେବାକୁ ଲାଗିଲା । ଭୟଙ୍କର ଚିତ୍କାରରେ କମ୍ପି ଉଠିଲା ଦିଗ୍‌ବିଦିଗ—

"ହତଭଗା, ମହାଶକ୍ତିର ଜନ୍ମ ପୁଣି ତୋ ଠାରୁ ? " ଆଉକିଛି କହି ପାରିଲେନି— କ୍ରୋଧରେ ଥରି ଥରି, ସେ ସ୍ଥାନ ତ୍ୟାଗ କରି ମନ୍ଦିର ଅଭ୍ୟନ୍ତରରେ ପ୍ରବେଶ କଲେ—ଯୁବକ ସାଧକ କିନ୍ତୁ ତିଳେହେଲେ ବିଚଳିତ ହେବାର ଦେଖାଗଲା ନାହିଁ । ଯେଉଁ ଅନୁସନ୍ଧିତ୍ସା ତାଙ୍କ ଅନ୍ତରରେ ଜାଗ୍ରତ ହୋଇଛି— ଜୀବନ ବିନିମୟରେ ମଧ୍ୟ ସେ ତା'ର ସମାଧାନ କରିବାକୁ ପ୍ରସ୍ତୁତ ।

ରାତ୍ରିର ନିର୍ଜନତାରେ କିନ୍ତୁ ମା' ପୁଅଙ୍କର ନିଭୃତ ଆଲୋଚନା ହେଲା । ଶାନ୍ତ ଶୀତଳ ପ୍ରଭାତରେ ମଙ୍ଗଳମୟ ଶିବରୂପ ଧାରଣ କରି ଶିଷ୍ୟ ନିକଟକୁ ଫେରି ଆସିଲେ କ୍ଷେପା ଠାକୁର-ପରମ ଆଦରରେ ଶିଷ୍ୟର ମସ୍ତକରେ ଅଭୟ କରପଲ୍ଲବ ସ୍ଥାପନ ପୂର୍ବକ କହିଲେ– "ଆରେ ତୁ ଯେ ମହା ଭାଗ୍ୟବାନ ! ମା' ଚାହାନ୍ତି ତୋତେ କରିବାକୁ ଜଗତର ସାର୍ବଭୌମ ଗୁରୁ । ସେଇଥି ପାଇଁ ସକଳ ସାଧନ ପଥରେ ପରିକ୍ରମା କରାଇବା ଉଦ୍ଦେଶ୍ୟରେ ମନରେ ଅପୂର୍ଣ୍ଣତା ଭାବ ଉଦ୍ରେକ କରାଇଛନ୍ତି । ସେହି ନିମନ୍ତେ ହିଁ ତୋ ଅନ୍ତରରେ ଜଗାଇଛନ୍ତି କୋଽହମ୍ ପ୍ରଶ୍ନ । ବର୍ତ୍ତମାନ ତୋତେ ଜ୍ଞାନୀ ଗୁରୁଙ୍କର ଅନୁସନ୍ଧାନ କରି ତାଙ୍କ ନିକଟରୁ ବୈଦିକ ସନ୍ନ୍ୟାସ ଗ୍ରହଣ ପୂର୍ବକ ଜ୍ଞାନର ସାଧନା କରିବାକୁ ହେବ– ତେବେ ଯାଇ ତୁ ବୁଝି ପାରିବୁ "କୋଽହମ୍–କିଏ ମୁଁ ?"

ଏଥର ତାନ୍ତ୍ରୀକ ଗୁରୁଙ୍କ ଚରଣରେ ପ୍ରଣାମ ଜଣାଇ–ତାଙ୍କରି ଆଦେଶ ଶିରୋଧାର୍ଯ୍ୟ କରି ଜ୍ଞାନୀଗୁରୁ ଲାଭ କରିବା ନିମନ୍ତେ ଚିରତର ସଂସାର ତ୍ୟାଗ କରି ନଳିନୀକାନ୍ତ ବାହାରି ପଡ଼ିଲେ ନିରୁଦ୍ଦେଶ୍ୟର ଉଦ୍ଦେଶ୍ୟରେ ! ଚିରନ୍ତନ ସତ୍ୟର ଅନ୍ୱେଷଣରେ !!

ଚିରନ୍ତନ ସତ୍ୟ ଅନୁସନ୍ଧାନ ।
ତନ୍ତ୍ର ଜ୍ଞାନ ଯୋଗ ପ୍ରେମ ସାଧନ ।।

ଏହି ମହାସାଧକ ନଳିନୀକାନ୍ତ କ୍ରମାନ୍ୱୟରେ ତନ୍ତ୍ର, ଜ୍ଞାନ, ଯୋଗ ଓ ଭାବ ସାଧନାରେ ସିଦ୍ଧିଲାଭ କରି ପରବର୍ତ୍ତି କାଳରେ ଏ ଯୁଗର ସର୍ବଶ୍ରେଷ୍ଠ ସଦ୍‌ଗୁରୁ ଶ୍ରୀ ଶ୍ରୀ ୧୦୮ ପରମହଂସ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ରୂପେ ଆବିର୍ଭୂତ ହୋଇଥିଲେ । ନିର୍ବିକଳ୍ପ ସମାଧିରେ ହିଁ ତାଙ୍କର ଜୀବତ୍ୱର ନିରସନରେ ଶିବତ୍ୱର ପ୍ରତିଷ୍ଠା ବା ସ୍ୱରୂପ ଜ୍ଞାନଲାଭ ହୋଇଥିଲା । କୋଽହଂ ପ୍ରଶ୍ନର ଉତ୍ତର ପାଇଥିଲେ "ଗୁରୁରହଂ" ।

ନିର୍ବିକଳ୍ପ ସମାଧିରୁ ହୋଇଲେ ବ୍ୟୁତ୍‌ଥିତ ।
'ଗୁରୁଭାବ' ମନ ମଧ୍ୟେ ହୋଇବାରୁ ଜାତ ।।

ତନ୍ତ୍ର, ଜ୍ଞାନ, ଯୋଗ ଓ ପ୍ରେମର ଅପୂର୍ବ ସମନ୍ୱୟରେ ପୁଣ୍ୟ ଭାରତ ମାତାର ଅଙ୍କ ମଣ୍ଡନ କରିଥିଲେ ସଦ୍‌ଗୁରୁ ନିଗମାନନ୍ଦ । ଶଙ୍କରଙ୍କ ନିଗମଜ୍ଞାନ ଭଣ୍ଡାର ଓ ଗୌରାଙ୍ଗଙ୍କ ଅକ୍ଷୟ ପ୍ରେମ କୋଷାଗାର ନେଇ ବିଂଶ ଶତାବ୍ଦିର ନିଗମାନନ୍ଦଙ୍କର ଅଭ୍ୟୁଦୟ ହୋଇଥିଲା ପୂର୍ବ ଭାରତରେ ସଦ୍‌ଗୁରୁ ରୂପେ । ଜିଜ୍ଞାସୁ ମାନଙ୍କୁ ଜ୍ଞାନ ଓ ଅଧମ କାଙ୍ଗାଳମାନଙ୍କୁ ପ୍ରେମ ବିତରଣ କରି ଆସାମ, ବଙ୍ଗ, ଉତ୍କଳ ତଥା ବିହାରର ଘରେ-ଘରେ ପରମହଂସ ନିଗମାନନ୍ଦ– ଭକ୍ତ ପ୍ରାଣର ଠାକୁର ନିଗମାନନ୍ଦ ରୂପେ ପରିଚିତ ।

ସନାତନ ଧର୍ମର ପ୍ରଚାର ଓ ପ୍ରସାର କଳ୍ପେ ସନାତନ ଶାସ୍ତ୍ରସମୁଦ୍ରକୁ ମନ୍ଥନ କରି ସେ ପ୍ରଣୟନ କରିଯାଇଛନ୍ତି ସାଧନ ନିର୍ଯାସ 'ଯୋଗୀ ଗୁରୁ,' 'ଜ୍ଞାନୀଗୁରୁ' 'ତାନ୍ତ୍ରିକ ଗୁରୁ' ତଥା 'ପ୍ରେମିକ ଗୁରୁ' ନାମକ ଗ୍ରନ୍ଥଗୁଡ଼ିକ ଅମୂଲ୍ୟଗ୍ରନ୍ଥ ଓ ଯୁବସମାଜ ପାଇଁ 'ବ୍ରହ୍ମଚର୍ଯ୍ୟ ସାଧନ' । ଆସାମର ନିଭୃତ ଜଙ୍ଗଲରେ ବ୍ରହ୍ମପୁତ୍ର ନଦୀ କୂଳରେ ତାଙ୍କର ପୂତ ଲୀଳାଭୂମି କୋକିଳା-ମୁଖଠାରେ ଋଷିଯୁଗର ପ୍ରତୀକ ରୂପେ 'ସାରସ୍ୱତ ମଠ' ତଥା ବଙ୍ଗ, ଉତ୍କଳ ଓ ବିହାରର ସ୍ଥାନେ ସ୍ଥାନେ 'ସାରସ୍ୱତ ଆଶ୍ରମ' ମାନ ଶିବଜ୍ଞାନରେ ଜୀବସେବା ନିମନ୍ତେ ଅସଂଖ୍ୟ ସନ୍ନ୍ୟାସୀ-ବ୍ରହ୍ମଚାରୀଙ୍କର ଶକ୍ତିକେନ୍ଦ୍ର ରୂପେ ଗଢ଼ି ଉଠିଛି । ଏତଦ୍‌ବ୍ୟତୀତ ଗ୍ରାମେ, ଗ୍ରାମେ ସାରସ୍ୱତ ସଂଘମାନ ପ୍ରତିଷ୍ଠିତ ହୋଇ ଆଦର୍ଶ ଗୃହସ୍ଥ ଜୀବନ ଗଠନ ନିମନ୍ତେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରୁଛି । ଗୃହୀ ଓ ସନ୍ନ୍ୟାସୀ ମାନଙ୍କର ଭାବଧାରାର ଅପୂର୍ବ ସମନ୍ୱୟ ରକ୍ଷା ନିମନ୍ତେ ବର୍ଷକୁ ଥରେ ବଡ଼ଦିନ ଛୁଟିରେ ସେ ପ୍ରବର୍ତ୍ତନ କରିଯାଇଛନ୍ତି "ସାର୍ବଭୌମ ଭକ୍ତ ସମ୍ମିଳନୀ ।" ଏତଦ୍‌ବ୍ୟତୀତ ସମଗ୍ର ବିଶ୍ୱକୁ ଐକ୍ୟ ସୂତ୍ରରେ ବନ୍ଧନ କରିବାକୁ ସେ ନୂତନଭଙ୍ଗିରେ ପ୍ରଚାର କରିଛନ୍ତି ଚିରପୁରାତନ ତଥା ଅସମ୍ପ୍ରଦାୟିକ ମହାନ୍ ଶକ୍ତିଧର ମହାମନ୍ତ୍ର "ଜୟଗୁରୁ ।"

ତାଙ୍କର ସମସ୍ତ ମଠ ଓ ଆଶ୍ରମରେ ଅମୂର୍ତ୍ତ ଜଗଦ୍‌ଗୁରୁଙ୍କ ଆସନ ପ୍ରତିଷ୍ଠିତ । ଆଦର୍ଶ–"ଶଙ୍କରଙ୍କ ମତ ଓ ଗୌରାଙ୍ଗଙ୍କ ପଥ" ଅର୍ଥାତ ଭକ୍ତି ପଥରେ ଚରମ ଓ ପରମ ଜ୍ଞାନଲାଭ । ତାଙ୍କର ମତବାଦ ଉଦାର,



ତାନ୍ତ୍ରିକ ଗୁରୁ ନିଗମାନନ୍ଦ

ସାର୍ବଭୌମ, ଅସାମ୍ପ୍ରଦାୟିକ ଓ ସର୍ବାବଗ୍ରାହୀ । ତାଙ୍କର 'ଜୟଗୁରୁ' ମହାମନ୍ତ୍ରରେ ଶାକ୍ତ-ବୈଷ୍ଣବ, ଜ୍ଞାନଭକ୍ତି, ହରିହର ତଥା ଗୃହୀ ସନ୍ନ୍ୟାସୀଙ୍କ ମିଳନସୂତ୍ର ଏହି ବିରେଧର ଜଗତକୁ ଏକ ଅଭିନବ ଅବଦାନ । ତାଙ୍କର ନିର୍ଦ୍ଦେଶ—"ଜୀବ ଜଗତକୁ ଭଲପାଅ— ତାହାରି ସେବାରେ ଜୀବନ ଉତ୍ସର୍ଗ କର ।" ତାଙ୍କର ଉଦାତ୍ତ ଆହ୍ୱାନ— "ସେବା ସାହାଯ୍ୟରେ ଭଲ ପାଇବା ଭିତର ଦେଇ ତୁମେମାନେ ମନୁଷ୍ୟ ହୋଇଉଠ, ଦେବତା ହୋଇଉଠ, ଈଶ୍ୱର ହୋଇଉଠ ଓ ବ୍ରହ୍ମ ହୋଇଉଠ ।

ଜୀବନର ଶେଷ ଚଉଦ ବର୍ଷ ଶ୍ରୀକ୍ଷେତ୍ରର 'ନୀଳାଚଳ କୁଟୀର'ରେ ନିଭୃତବାସ କଲାପରେ ଦୀର୍ଘ ୪୫ ବର୍ଷ ତଳେ ତାଙ୍କ ସ୍ଥୂଳ ଦେହର ଅବସାନ ଘଟିଛି ସତ୍ୟ; କିନ୍ତୁ ଅଦ୍ୟାବଧି ଗ୍ରାମେ ଗ୍ରାମେ, ଘରେ ଘରେ ଚାଲିଛି ତାଙ୍କର ନିତ୍ୟ-ଜୀବ-ଉଦ୍ଧାର ଲୀଳା । ତାଙ୍କ ପରିକଳ୍ପିତ ନିଗମ ବୀଜ ଆଜି ପରିଣତ ହୋଇଛି ସୁବିଶାଳ ମହୀରୁହରେ । ପରିଚିତି— 'ସାରସ୍ୱତ ସଂସାର' ବା ନିଗମ ପରିବାର । ସେ ଥିଲେ ଜ୍ଞାନରେ ଶଙ୍କର, ଭକ୍ତିରେ ଗୌରାଙ୍ଗ, ବୈରାଗ୍ୟରେ ବୁଦ୍ଧ, ଆତ୍ମବଳୀ ଦାନରେ ଯୀଶୁଖ୍ରୀଷ୍ଟ ତଥା ଔଦାର୍ଯ୍ୟରେ ମହମ୍ମଦ । ଆଜି ସବୁଧର୍ମ ତାଙ୍କର 'ଜୟଗୁରୁ' ମହାମନ୍ତ୍ରରେ ଗ୍ରଥିତ । ସେ ଆଜି ସର୍ବଗାମୀ—ସର୍ବାତ୍ମା । ସେ କହିଛନ୍ତି— "କିଏ କେଉଁଠି ଅଛ—ଆସ ! ସାଧନ ସମୁଦ୍ର ମନ୍ଥନ କରି ମୁଁ ତୁମମାନଙ୍କ ପାଇଁ ଅମୃତର ଭଣ୍ଡ ନେଇ ଆସିଛି । ଅମୃତତ୍ୱର ଆସ୍ୱାଦନରେ ତୁମେମାନେ ଅମୃତ ହୋଇଯିବ । ଭେଦଭାବ ନାହିଁ—ବଡ଼ଛୋଟ ନାହିଁ— ସମସ୍ତଙ୍କର ଏହି ଅମୃତତତ୍ୱରେ ସମାନ ଅଧିକାର । ଜନ୍ମ-ଜନ୍ମାନ୍ତରର ସାଧନା ଦେଇ ଏହି ଜନ୍ମରେ ମୁଁ ଭଗବାନଙ୍କୁ ଜାଣିଛି, ସତ୍ୟଲାଭ କରିଛି ଓ ବ୍ରହ୍ମଜ୍ଞାନ ପାଇଛି । ବ୍ୟକ୍ତିତ୍ୱର ଧ୍ୱଂସ ହୋଇ ମୋ ଭିତରେ ଜଗଦ୍‌ଗୁରୁଙ୍କ ଇଚ୍ଛାହିଁ ଲୀଳାୟିତ ହୋଇ ଉଠିଛି । ମୋତେ ତୁମେମାନେ ସଦ୍‌ଗୁରୁ ବୋଲି ଜାଣିରଖ । ସାଧନାଦ୍ୱାରା ନିଜେ ମୁକ୍ତ ହୋଇଛି— ତୁମମାନଙ୍କୁ ବି ମୁକ୍ତିପଥ ଦେଖାଇଦେବି ଏହାହିଁ ମୋର କାର୍ଯ୍ୟ । ମୁଁ ଚିରକାଳ ଅଛି ଓ ରହିବି । କିନ୍ତୁ 'ମୁଁ' ମରିଗଲେ ମୋର ଆସନ ପ୍ରତିଷ୍ଠିତ

ହେବ ତୁମମାନଙ୍କ ଅନ୍ତର ମନ୍ଦିରରେ । ମୋତେ ଯେଉଁମାନେ 'ମୋର' ବୋଲି ମନେ କରି ଧରିଛନ୍ତି—ସେମାନଙ୍କର ମୁକ୍ତି ନ ହେଲା ପର୍ଯ୍ୟନ୍ତ ମୁଁ ମଧ୍ୟ ମୁକ୍ତ ହେବିନି । ତୁମେମାନେ ଏହି ଦୁର୍ବଳ ମନ ଓ ଶରୀର ନେଇ ଆଉ କ'ଣ ବା ସାଧନା କରିବ । ସେଇଥି ପାଇଁ ତ ମୁଁ ସବୁ ସାଧନା କରି ଆସିଛି । ତମେ ସର୍ବୋତ ଭବରେ, ସର୍ବାନ୍ତଃ କରଣରେ ମୋତେ ଖାଲି ଟିକିଏ ଭଲ ପାଅ—ତା' ହେଲେ ସବୁ ହେବ; ସବୁ ପାଇବ ।"

"ଭଲ ପାଅ ଟିକିଏ ମୋତେ ।
ସକଳ ସମ୍ପଦ ବାବୁ ଲଭ କିଞ୍ଚିତେ ।।"

ଏକତିରିଶ

ଅମାବାସ୍ୟାର ଅନ୍ଧକାରମୟ ରଜନୀ । ନକ୍ଷତ୍ରହୀନ ଆକାଶରେ ବାରିଦର ଘନ-ଘଟା । ମହାଶ୍ମଶାନର ଚତୁର୍ଦ୍ଦିଗରେ ଜମାଟ ବନ୍ଧା ଘନକୃଷ୍ଣ ତମିସ୍ରା । ବତାସ ରୁଦ୍ଧଶ୍ୱାସ । ଶାଖାବହୁଳ ବିଗଟ ବିଗଟ ବଣଜାମୁ ଓ ସାହାଡା ବୃକ୍ଷଗୁଡ଼ିକ ନିରବ-ନିଥର ଭବେ ଦଣ୍ଡାୟମାନ-ସତେ ଯେମିତି ଗୋଟାଏ, ଗୋଟାଏ ବ୍ରହ୍ମରାକ୍ଷସ । ଆଦି ଅନ୍ତ ବିହୀନ ଘନ କୁହେଳି ଭିତରେ ମଝିରେ-ମଝିରେ ଗୁମୁରି ଉଠୁଛି ଭୀଷଣ ଅରଣ୍ୟର ଗଭୀର ଆର୍ତ୍ତନାଦ ଆଉ ସମଗ୍ର ପରିବେଶକୁ କରିତୋଳୁଛି ଭୀତିସଙ୍କୁଳ ।

ମହାଶ୍ମଶାନର ମହାଭୈରବ କିନ୍ତୁ ଶ୍ୱେତ ଶିମୁଳି ତଳେ ପଞ୍ଚମୁଣ୍ଡି ଆସନରେ ସମାସୀନ । ମନ ହୁଏତ ଧ୍ୟାନମଗ୍ନ ମହାକାଶ ସଞ୍ଚାରିଣୀ ଜଗଜ୍ଜନନୀ ତାରିଣୀଙ୍କ ଅତୁଳ ଚରଣାରବିନ୍ଦରେ ।

ନିର୍ଜନ-ନିର୍ବାକ୍ ଶ୍ମଶାନ ଭୂମିରେ ହଠାତ୍ କାହାର ଦୃପ୍ତ ପଦଶବ୍ଦରେ ଧ୍ୟାନ ଭଙ୍ଗ ହେଲା ମହାଯୋଗୀଙ୍କର : କିଏ ? କିଏ ସେଠାରେ ।

—ବନ୍ଦେ ମାତରଂ ! କହି ଧୀର ଅଥଚ ଦୃପ୍ତ ପଦଶବ୍ଦରେ ଆସନ ସାମ୍ନାକୁ ଆଗେଇ ଆସିଲେ ଜଣେ ତରୁଣ-ଯୁବକ । ପରିଧାନ ଜୀର୍ଣ୍ଣ କୁର୍ତ୍ତା; ଅଯତ୍ନ ବର୍ଦ୍ଧିତ ରୁକ୍ଷ କେଶରାଶି—ତେଜୋଦୀପ୍ତ ମୁଖମଣ୍ଡଳ ଆଉ ତା' ଭିତରେ ଉଜ୍ଜ୍ୱଳ ନକ୍ଷତ୍ର ସଦୃଶ ସୁତୀକ୍ଷ୍ଣ ଚକ୍ଷୁଦ୍ୱୟ ।

ଭୀତି ସଙ୍କୁଳ ମହାଶ୍ମଶାନରେ ଏପରି ଦୁର୍ଯୋଗମୟ ନିଶିଥରେ କିଏ ଏହି ସାହସୀ ଯୁବକ ? "ଓଃ, ସର୍ବନାଶୀର ଦଳ ?" ମନକୁ ମନ କହି ଉଠିଲେ ଅନ୍ତର୍ଯାମୀ କ୍ଷେପାଠାକୁର । "କିନ୍ତୁ ଏଠାରେ କାହିଁକି ବାବା ? ବୁଝିଲି—ମୁକ୍ତି ଦରକାର ନା ? ଆରେ ବାବା ଚାହିଁଲେ ଯଦି ମୁକ୍ତି ମିଳନ୍ତା

ତେବେ ତ କିଛି ଭାବନା ନଥିଲା । ମୁକ୍ତି ପାଇବାକୁ ହେଲେ ସାଧନା କରିବାକୁ ହୁଏ ବୁଝିଲ ?"

—"ଠିକ୍ ବୁଝି ପାରୁନି, ଆହୁରି ସହଜ କରି କହନ୍ତୁ ।" ଦୃପ୍ତ କଣ୍ଠରେ ଉତ୍ତର ଦେଲା ଯୁବକ ।

—"ବାଃ-ରେ-ବେଶ୍ ତ ତେଜ ଅଛି ଦେଖୁଛି ।" ହସି ଉଠିଲେ କ୍ଷେପାବାବା : "କିନ୍ତୁ ବାବା, ଏଠି ମୋ ପାଖରେ କାହିଁକି ? ମୁଁ ତ ବାବା ନିର୍ବିବାଦୀ ସନ୍ନ୍ୟାସୀ ଲୋକ । ବଣ-ଜଙ୍ଗଲ ଓ ମଶାଣି ଭୂଇଁରେ ମୋର ନିବାସ । ତୁମମାନଙ୍କର ଏହି ବସ୍ତୁବାଦର ଧାର ଧରେନା । ଏସବୁ କିଛି ବି ବୁଝେନା ।"

—ନା, ନା, ଆପଣ ସବୁ ଜାଣନ୍ତି, ସବୁ ବୁଝନ୍ତି । ଆପଣ ସର୍ବଜ୍ଞ-ସର୍ବାନ୍ତର୍ଯାମୀ । ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ଆପଣଙ୍କ ନଖ-ଦର୍ପଣରେ । ଦୟାକରି, ଛଳନା ଛାଡ଼ି ସ୍ପଷ୍ଟ ଭାବରେ କୁହନ୍ତୁ—ଆମର ଏ ଯାତ୍ରାର ଶେଷ କେଉଁଠି ? ମୋର ସମୟ ଅତି ଅଳ୍ପ, ବହୁ କଷ୍ଟ କରି ଅନେକ ଆଶା ନେଇ ଆପଣଙ୍କ ନିକଟକୁ ଆସିଛି ।"

ହାଃ-ହାଃ-କରି ହସି ଉଠିଲେ ଭୈରବ— "ଆରେ ବାବା, ତମେମାନେ ତ ଭୁଲ ପଥରେ ହିଁ ଘୂରିବୁଲୁଛ । ଭୁଲ ପଥରେ ଗଲିଲେ କ'ଣ ପଥର ସୀମାରେଖା ମିଳେ ? ଗୋଲକ ଧନ୍ଦାରେ ହିଁ ପଡ଼ିବା ସାର ହୁଏ । ଘୂରି, ଘୂରି ଯେଉଁଠୁ ବାହାରିଥିଲ ପୁଣି ସେହିଠାକୁ ଫେରି ଆସିବାକୁ ହେବ ।" ଯୁବକ ଏଥର ଆହୁରି ଦୃପ୍ତ ସ୍ୱରରେ ପଗ୍ଚରି ବସିଲେ— "ଆପଣଙ୍କ ଖିଆଲି କଥା ଶୁଣିବାକୁ କିନ୍ତୁ ମୋର ବେଳ ନାହିଁ । ସହଜ କରି କୁହନ୍ତୁ ଆଉ କେତେ ଡେରି ?" ଗମ୍ଭୀର ସ୍ୱରରେ ଉତ୍ତର ଦେଲେ ଭୋଳାନାଥ— "ତୋର ମନ ବର୍ତ୍ତମାନ ବାରମୁଖୀ । ପାଗଳାମୀ ନିଶାରେ ମାତାଲ । ଅବିଶ୍ୱାସ ରାକ୍ଷସ ମାଡ଼ି ବସିଛି ମନକୁ । ତେଣୁ ମୋ କଥା ତୋ ମନକୁ ପାଉନି । ତେବେ ମୁଁ ଯାହା କହୁଛି ଯଦି ତୋର ବିଶ୍ୱାସ ନ ଆସୁଛି ଦକ୍ଷିଣେଶ୍ୱର ଯାଇ ରାମକୃଷ୍ଣ ଠାକୁରଙ୍କୁ ପଗ୍ଚରି ଆ । ଭଲ କରି ମାଜି-ଘଷି ପରୀକ୍ଷା କରିନେ ।"

ଯୁବକ କିନ୍ତୁ ଅସ୍ଥିର– "ନା ଆଉ ଅପେକ୍ଷା କରି ପାରୁନି । ଆପଣ ତୁରନ୍ତ କିଛି ସମାଧାନ କରି ଦିଅନ୍ତୁ ।"

–"ଫେରି ଯା । ଏସବୁ ନିଶାରେ ନମାତି-ମଣିଷ ତିଆରି କରିବାର ମନ୍ତ୍ର ଗ୍ରହଣ କର । ସେବା ଓ ଶିକ୍ଷାର ମଧ୍ୟ ଦେଇ ଜଡବତ୍ ମାନବ-ସମାଜ ବୁକୁରେ ଚୈତନ୍ୟ ଶକ୍ତି ଜଗାଇ ତୋଳ । ମହାଶକ୍ତିଙ୍କୁ ଜଗାଇବାକୁ ହେବ । ଶକ୍ତିପୂଜାର ଏକନିଷ୍ଠ ପୂଜାରୀର ହିଁ ଏକାନ୍ତ ଆବଶ୍ୟକ । ମା'ର ସେବକ ହେବାପାଇଁ ସାଧନା କର । ଯେତେଦିନ ପର୍ଯ୍ୟନ୍ତ ମା'କୁ ନଚିହ୍ନିଚ–ଯେତେଦିନ ପର୍ଯ୍ୟନ୍ତ ମାତୃଶକ୍ତି ପ୍ରସନ୍ନ ହୋଇ-ନାହାନ୍ତି ସେତେଦିନ ପର୍ଯ୍ୟନ୍ତ-ସେହି ଶୁଭ ଲଗ୍ନର ପ୍ରତୀକ୍ଷା କରିବାକୁ ହେବ । ବର୍ତ୍ତମାନ ବି ସମୟ ଆସିନି–ଆହୁରି ଡେରି ଅଛି ।"

–"ଡ଼େରି ଅଛି ?" ଅସ୍ପଷ୍ଟ ଆର୍ତ୍ତନାଦ କରି ଉଠିଲେ ଯୁବକ ।

–"ହଁ–ଡ଼େରି ଅଛି । ଯା' ଆଉ ମୋତେ ଜଳାଅନା । ଏପରିତ ତୁମମାନଙ୍କ ପାଇଁ ମା' ନିକଟରେ ଦିନଗତି କାନ୍ଦି ମରୁଛି ।"

ଭୈରବଙ୍କ ଶେଷ କଥା କେଇପଦ କିନ୍ତୁ ହତାଶ ଯୁବକ ବୁକୁରେ କଲା ଆଶାର ସଞ୍ଚାର । ଘନ ଅନ୍ଧକାର ଭିତରେ ବିଦ୍ୟୁତ୍ ଝଲକ ପରି ସେ ଯେମିତି ଦେଖିପାରିଲେ ପଥର ସଙ୍କେତ । ଉତ୍ଫୁଲ୍ଲ ମନରେ ବନ୍ଦେ ମାତରମ୍ କହି ବାବାଙ୍କ ପାଦଧୂଳି ଗ୍ରହଣ କରି ମିଳେଇଗଲେ ଅନ୍ଧକାର ବକ୍ଷରେ । ନେପଥ୍ୟରୁ କିଏ ଯେପରି ଗାଇ ଉଠିଲା–

ଉଆଁସିଆ ରତି, ମେଘୁଆ ଅନ୍ଧାର
    ମାରେ ଚହଟ ବିଜୁଳି ।
ମଣାଏ ବାଟ ଯେ ବଣା ବାଟୋଇରେ
    ଖଣାକୁ ନ ଦେଇ ଠେଲି–
ଗୁରୁ ଏକା, ଗୁରୁ ଏକା ତୋ ଜୀବନ ସଖାରେ, ଗୁରୁ ଏକା ।

X X X

ଭକ୍ତମାନଙ୍କ ସାଙ୍ଗରେ କଥାବାର୍ତ୍ତା କରୁକରୁ କ୍ଷେପାବାବା ଆଜି ଯେମିତି ଖୁବ୍ ଚଞ୍ଚଳ ହୋଇ ଉଠୁଛନ୍ତି । କାହାର ଆଗମନ ପ୍ରତୀକ୍ଷାରେ ବାରମ୍ବାର ପଥକୁ ଅନେଇ ରହୁଛନ୍ତି । ଠିକ୍ ଏତିକିବେଳେ ଦୂରରୁ ଶୁଣାଗଲା "ବନ୍ଦେ ମାତରମ୍" –ପୂର୍ବର ସେହି ସାହସୀ ଯୁବକ ନତମସ୍ତକ ହୋଇ ଆସି ଠିଆ ହେଲେ ବାବାଙ୍କ ଆଗରେ ।

–"କ'ଣ ଖବର ବାବା ! ପୁଣି କୁଆଡ଼େ ?"

–"ଆସିଛି ଗୋଟାଏ କଥା ଜାଣିବାକୁ ।"

–"କହ ତ ବାବା କି କ'ଥା ?" ମୃଦୁ ହସି ପଚାରିଲେ ମଙ୍ଗଳମୟ ଠାକୁର ।

ଯୁବକ –ମନରେ ମୋର ଏକ ସଂଶୟ ଜାଗିଛି । କୁହନ୍ତୁ ତ ଦେଖି ଦକ୍ଷିଣେଶ୍ୱରର ରାମକୃଷ୍ଣ ଠାକୁରଙ୍କ ସାଙ୍ଗେ ଆପଣଙ୍କର କ'ଣ କିଛି ଗୋପନ ଯୋଗାଯୋଗ ଅଛି ? ଏଇ ଯେପରି ଟେଲିପ୍ୟାଥି ?" ହୋ-ହୋ କରି ହସି ଉଠିଲେ ଭୈରବ– "ଦେଖିଲୁନା, ସେଦିନ ତୋତେ କ'ଣ କହୁଥିଲି । ଛୋଟ ପିଲାଙ୍କ ପରି ତୋ'ର ଯେ ପାଗଳାମୀର ଅନ୍ତ ନାହିଁ । ନିଜ ଉପରେ ଏପର୍ଯ୍ୟନ୍ତ ବି ବିଶ୍ୱାସ ଆସିନାହିଁ ।"

–"ଠିକ୍ ଏଇମିତି ଏଇକଥା କହିଥିଲେ ସେଦିନ ରାମକୃଷ୍ଣ ଠାକୁର ! ତେଣୁ ତ ମୁଁ ମନ୍ତ୍ରମୁଗ୍ଧ ପରି ଛୁଟି ଆସିଛି ଏଠିକି । ମୋର କ'ଣ ଅବିଶ୍ୱାସର ଶେଷ ହେବନି ବାବା ?" କହୁ କହୁ ଯୁବକଙ୍କ ଚକ୍ଷୁଦ୍ୱୟରେ ଭରି ଆସିଲା ଜଳ । ଦୁଇ ହାତରେ ତାଳିଦେଇ ନାଚି ଉଠିଲେ ଭୈରବ– "ବାଃ, ବାଃ ବେଶ୍ ମଜାତ !"

ଯୁବକ–"ଆଚ୍ଛା ଆପଣ କ'ଣ ସତରେ ତାରା ମା'କୁ ଦେଖିଛନ୍ତି ?"

–"ଆରେ ଦେଖିଛି କ'ଣ, ଏହି ଦେଖୁଛି । ମା ଯେ ସର୍ବଦା ମୋ ଚାରିପଟେ ଘୂରି ବୁଲୁଛି ।" ଗମ୍ଭୀର ହୋଇ ଉଠିଲା ଭୈରବଙ୍କ କଣ୍ଠସ୍ୱର–

"ମା'କୁ ଡ଼ାକିଲେ ସେ ଯଦି ପାଖକୁ ନ ଆସିବ ତାହେଲେ ପୁଣି ସେ କେଉଁଠିକାର ମା' ! ତେବେ ଡ଼ାକିଲା ପରି ଡାକିବାକୁ ହେବ । ଛୀଅନ୍ତା ମରା—ନହେଲେ କିଏ କ'ଣ ଅଭୀଷ୍ଟ ବସ୍ତୁ ପାଏ ? ଏଥିପାଇଁ କିନ୍ତୁ ବାବା ସାଧନା କରିବାକୁ ହେବ । ସାଧନା ମାନେ—ଆଉ କିଛି ନୁହେଁ—ରିପୁସମୂହକୁ ବଶ କରି ମନକୁ ମାତୃମୁଖୀ କରିବାକୁ ହେବ । ତାହେଲେ ମା' ଯେଉଁଠି ଥିଲେ ବି ଆସିବାକୁ ବାଧ୍ୟ !"

କ୍ଳାନ୍ତ ଯୁବକ କାନ୍ଦି ଉଠିଲେ ଏଥର—"ମୋତେ ଉଦ୍ଧାର କର ବାବା, ମୁଁ ଯେ ଆଉ ପାରୁନି ।"

—ଉଦ୍ଧାର କରିବାକୁ ମୁଁ କିଏ ବାବା ? ସେହି ମା'ର ମନ୍ଦିରକୁ ଚାଲ— ତାରି ଗତ୍ରୁଳ ଚରଣରେ ଲେଟିପଡ଼ି ମା' ମା' ଡାକରେ ବକ୍ଷ ତିନ୍ତେଇ ଦିଅ । ଧୋଇ ହୋଇଯିବ ସକଳ ଗ୍ଲାନି, ସକଳ କଳୁଷ । ପବିତ୍ର ମାତୃରବରେ ଭରି ଉଠିବ ଗଗନ-ପବନ । ତାହେଲେ ନିଶ୍ଚୟ ଉଦ୍ଧାର ପାଇବ ବାବା—ନିଶ୍ଚୟ ଉଦ୍ଧାର ପାଇବ ।"

ଏହି ମାତ୍ର ସନ୍ଧ୍ୟାରତି ସରିଛି ଭଗବତୀ ତାରିଣୀଙ୍କର । ପ୍ରଦୀପ ମାଳାରେ ଝଲମଲ୍ କରୁଛି ମା'ର ମନ୍ଦିର । ଝୁଣା-ଗୋଗ୍‌ଗଳର ସୁଗନ୍ଧିରେ ଆମୋଦିତ ଆକାଶ ବତାସ । ଅପରୂପ ସ୍ନିଗ୍ଧ ହସରେ ଶିଳାମୟୀର ପ୍ରସନ୍ନ ମୁଖମଣ୍ଡଳ ସତେ ଯେମିତି ଆଜି ଭରପୂର । ଏତିକିବେଳେ ଅଭୟ ପାଦପଦ୍ମ ତଳେ ଲେଟି ପଡ଼ିଲେ ଉଦ୍‌ଭ୍ରାନ୍ତ ଯୁବକ । ଚକ୍ଷୁର ଜଳରେ ଧୋଇହୋଇଗଲା ଶିଳାମୟୀର ଶ୍ରୀପଦ ଯୁଗଳ । କିଛିକ୍ଷଣ ପରେ ଉଠି ଦେଖନ୍ତି ତ ପଶ୍ଚାତ୍‌ଦେଶରେ ଦଣ୍ଡାୟମାନ ସାକ୍ଷାତ ଶିବସ୍ୱରୂପ କ୍ଷେପାଠାକୁର । ମୁଖମଣ୍ଡଳରେ ବିମଳ ହସ ଓ କରପଲ୍ଲବରେ ବରଭୟ ମୁଦ୍ରା । ଅପରିସୀମ ଭକ୍ତି ଓ ଶ୍ରଦ୍ଧାରେ ବିହ୍ୱଳିତ ଯୁବକ ଏଥର ଲେଟି ପଡ଼ିଲେ ଭୈରବଙ୍କ ଚରଣତଳେ— "ଆଶିଷ ଦିଅ ଗୁରୁଦେବ, ଜାତିର ମୁକ୍ତି ତପସ୍ୟା ମୋର ଯେପରି ସାର୍ଥକ ହୁଏ ?" ଅଭୟବାଣୀ ଉଚ୍ଚାରିତ ହେଲା ଭୈରବଙ୍କ କଣ୍ଠରୁ— 'ତଥାସ୍ତୁ !" ଭରିଗଲା ତନୁ-ମନ-ପ୍ରାଣ । ଅବାରିତ ଅଶ୍ରୁଧାର

ପଖାଳି ଦେଲ ଚିର ଆକାଙ୍‌କ୍ଷିତ ଶ୍ରୀଗୁରୁଦେବଙ୍କ ଚରଣଯୁଗଳ ଆଉ ସ୍ୱତଃ କଣ୍ଠରୁ ନିର୍ଗତ ହେଲ–

"ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା,
ଚକ୍ଷୁ ନ୍ମିଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।।"

ପରମ ଆଦରରେ ଶିଷ୍ୟକୁ ବୁକୁ ଉପରକୁ ଟୋଳି ନେଲେ ଗୁରୁଦେବ ।

କିଏ ଏହି ଭଗ୍ୟବାନ ଯୁବକ ? ବିପ୍ଳବ ମଝିରେ ଯିଏ ଦେଖୁଛି ଭକ୍ତିର ସ୍ୱପ୍ନ– କର୍ମ ମଝିରେ ଯିଏ ଗ୍ରହୁଁଛି ଗଢିତୋଳିବାକୁ ଏହି ଅଧଃପତିତ– ଅସ୍ଥି କଙ୍କାଳସାର ଜାତିକୁ ! ଏ ତ ଆଉ ରାମକୃଷ୍ଣ ଠାକୁରଙ୍କ ମନରମଣିଷ ବିବେକାନନ୍ଦ ନୁହେଁ ? ନା-ନା-ଏ ଯେ କ୍ଷେପାଠାକୁରଙ୍କ ମାନସପୁତ୍ର ତାରକ୍ଷେପା ! ସେହି ଏକା ଚିନ୍ତା– ଏକା ଉଦ୍ଦେଶ୍ୟ– ଏକା ସଂକଳ୍ପ । ଧର୍ମ ମଧ୍ୟ ଦେଇ ଗଢି ତୋଳିବାକୁ ହେବ ଏହି ରୁଗ୍‌ଣ-ମୃତପ୍ରାୟ ସମାଜକୁ । ଜଗାଇବାକୁ ହେବ ମାତୃ ଶକ୍ତିକୁ– କୃଚ୍ଛ୍ର ସାଧନା ବଳରେ ନୁହେଁ–ସମର୍ପଣର ତର୍ପଣରେ–ପବିତ୍ର ମା-ମା-ରବରେ ।

ବାଳବ୍ରହ୍ମଚାରୀ ତାରାନାଥହିଁ ତାରକ୍ଷେପା ନାମରେ ପରିଚିତ । ତାଙ୍କର ପିତାଥିଲେ ରାଡୋୟାଲ ରାଜ ଦପ୍ତରର ପ୍ରଧାନ କର୍ମଚାରୀ । ତାରାନାଥ ବୃଦ୍ଧ ବୟସରେ ପିତାମାତାଙ୍କର ଏକମାତ୍ର ସନ୍ତାନ । ଅନେକ ଦିନ ଧରି କୌଣସି ସନ୍ତାନ-ସନ୍ତତି ନ ହେବାରୁ ବଂଶରକ୍ଷା ନିମନ୍ତେ ପୁତ୍ର କାମନାକରି ବୃଦ୍ଧ ପିତା-ମାତା ଅମରନାଥଙ୍କ ଶରଣାପନ୍ନ ହୁଅନ୍ତି । କିଛିକାଳ ପର୍ଯ୍ୟନ୍ତ ସେବା-ଆରାଧନା କଲାପରେ ଭକ୍ତର ସାଧନାରେ ପ୍ରୀତ ହୋଇ ଭଗବାନ ସ୍ୱପ୍ନରେ ନିର୍ଦ୍ଦେଶ କରନ୍ତି– "ତୁମେ ଅଚିରେ ଗୋଟିଏ ପୁତ୍ର ସନ୍ତାନ ଲାଭ କରିବ; କିନ୍ତୁ ଅଳ୍ପ ବୟସରେ ଗୃହତ୍ୟାଗୀ ହୋଇ ସେ ଜଗତ୍ ଉଦ୍ଧାର କାର୍ଯ୍ୟରେ ପ୍ରବୃତ୍ତ ହେବ ।" ୧୮୪୬ ମସିହା କାର୍ତ୍ତିକ ମାସର ପବିତ୍ର ଭାତୃ ଦ୍ୱିତୀୟା ତିଥିରେ

ପିତା-ମାତାଙ୍କ ଅଙ୍କମଣ୍ଡନ କରି ଜନ୍ମଲାଭ କରିଥିଲେ ସେହି ଦେବଶିଶୁ । ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟ କାଳରୁ ହିଁ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ତଥା ଭଗବତ୍‌ବୁଦ୍ଧି ସମସ୍ତଙ୍କୁ ମୁଗ୍ଧ କରିଥିଲା । ଅତି ଅଳ୍ପ ବୟସରେ ବିଭିନ୍ନ ଶାସ୍ତ୍ରରେ ବ୍ୟୁତ୍ପତ୍ତି ଲାଭ କରି ସେ ହୋଇ ଉଠିଥିଲେ ବିଚକ୍ଷଣଧୀ-ସମ୍ପନ୍ନ । ବଂଶର ମର୍ଯ୍ୟାଦା, ଐଶ୍ୱର୍ଯ୍ୟର ଗର୍ବ ବା ପୋଷାକ-ପରିଚ୍ଛଦର ଜାକଜମକ କୌଣସି ଦିନ ତାଙ୍କ ମନରେ ସ୍ଥାନ ପାଇ ନଥିଲା । ପିଲା ଦିନରୁ ହିଁ ପରର ଦୁଃଖ ଦେଖିଲେ ଆଖିରେ ଦେଖାଦିଏ ଅଶ୍ରୁ, ଆଉ ଦୀନ ଦରିଦ୍ର, ଦଳିତ-ପତିତ ତଥା ରୋଗୀ-ଦୁଃଖୀଙ୍କର ସେବା କରିବାକୁ ପ୍ରାଣରେ ଜାଗେ ପ୍ରେରଣା । ତା' ସାଙ୍ଗକୁ ପରାଧୀନ ଜାତିର ଦୁଃଖ ଓ ଦେଶମାତୃକାର କ୍ରନ୍ଦନଧ୍ୱନି ତାଙ୍କ ବାଳକ ମନରେ ଗଭୀର ରେଖାପାତ କରିଥିଲା । ପିତାଙ୍କର ଅତୁଳ ଐଶ୍ୱର୍ଯ୍ୟ ତଥା ସମସ୍ତ ଭୋଗବିଳାସକୁ ତୁଚ୍ଛ କରି ଅତି ଅଳ୍ପ ବୟସରେ ହିଁ ବାହାରି ପଡ଼ିଲେ ଦେଶମାତୃକାର ସେବା କରିବାକୁ । ସମ୍ବଳ କୌପୀନ ମାତ୍ର-ମନୋବଳ ଅଗାଧ-ଉଦ୍ଦେଶ୍ୟ ଜୀବସେବା ଆଉ ମନ୍ତ୍ର ବନ୍ଦେ ମାତରଂ ।

ଅଚିରେ ହିଁ ସ୍ୱଦେଶୀ ଆନ୍ଦୋଳନ ସହିତ ଜଡ଼ିତ ହୋଇ ପଡ଼ିବା ଯୋଗୁ ଏହି ଯୁବକ-ସାଧକ ବ୍ରିଟିଶ ସରକାର କର୍ତ୍ତୃକ ହାତୀଘାଠାରେ କାରାରୁଦ୍ଧ ହୁଅନ୍ତି । ଏହି କାରାବାସ କିନ୍ତୁ ତାଙ୍କ ଜୀବନରେ ଆଣେ ଘଟାନ୍ତର । ଯୋଗୀ ଅରବିନ୍ଦଙ୍କ ପରି ବ୍ରିଟିଶ କାରାଗାରରେ ତ୍ୟାଗୀ ସାଧକଙ୍କର ହୁଏ ଅନେକ ଅଲୌକିକ ଅନୁଭୂତି-ଯାହା ଫଳରେ ସନ୍ଧାନୀ ମନରେ ଜାଗେ ସତ୍ୟାନୁସନ୍ଧିତ୍ସା । କାରାଗାରରୁ ମୁକ୍ତି ପାଇ ସେ ଛୁଟି-ଯାଆନ୍ତି ସତ୍ୟ ଅନ୍ୱେଷଣରେ । ଗୁରୁ ଅନୁସନ୍ଧାନରେ ବୀର୍ଯ୍ୟବାନ ବଳିଷ୍ଠ ସାଧକ ବାହାରି ପଡନ୍ତି ହିମାଳୟ ଅଭିମୁଖେ । ଏହି ସମୟରେ ଯୋଗୀ ବ୍ରହ୍ମାନନ୍ଦ ଭାରତୀଙ୍କ ନିକଟରେ କିଛିକାଳ ଅବସ୍ଥାନ କରି ତାଙ୍କ ନିକଟରୁ ହଠ୍‌ଯୋଗ ଓ ଆସନ ଆଦି ଶିକ୍ଷା କରନ୍ତି ମଧ୍ୟ । କିନ୍ତୁ ସେଥିରେ ମନ ନ ମାନିବାରୁ ଅମରନାଥ ଆସି କାଶ୍ମୀର ଗୁହାରେ ନିର୍ଜନ ଭଜନ ତଥା ଅମରନାଥଙ୍କ ଆରାଧନାରେ ମନୋନିବେଶ କରନ୍ତି ।

ସେଦିନ ସନ୍ଧ୍ୟାବେଳେ ଅମରନାଥର ମନୋରମ ପର୍ବତ ଚୂଡ଼ାରେ ଠିଆହୋଇ ନୈସର୍ଗିକ ଶୋଭା ସୁଷମାରେ ହଜିଯାଇଥାନ୍ତି ବାଲବ୍ରହ୍ମଚାରୀ ସର୍ବତ୍ୟାଗୀ ବୀର ସାଧକ । କେତେବେଳେ ଭୁବନେଶ୍ୱରୀ ରଜନୀ ରାଣୀର ଘନକୃଷ୍ଣ ପଣତରେ ସମଗ୍ର ପୃଥିବୀ ଆଚ୍ଛନ୍ନ ହୋଇ ପଡ଼ିଲେଣି—ସେ ଆଡ଼କୁ ଖିଆଲ ନାହିଁ । ସହସା "ବାମା-ବୀରଭୂମ"—ଏକ ଗୁରୁଗମ୍ଭୀର ନିନାଦରେ ଦୈବୀବାଣୀ ଶୁଣି ଚମକି ପଡ଼ିଲେ ସାହସୀ ଯୁବକ । ମନେ ହେଲା ସତେ ଯେମିତି ସମସ୍ତ ପର୍ବତ କମ୍ପମାନ । ତା' ସଙ୍ଗେ-ସଙ୍ଗେ ଆକାଶ ବକ୍ଷରେ ଫୁଟି ଉଠିଲା ଏକ ଉଜ୍ଜ୍ୱଳ ଜ୍ୟୋତିର୍ମୟ ମଣ୍ଡଳ— ଆଉ ତା' ମଧ୍ୟରେ ପଦ୍ମାସନରେ ସମାସୀନ ଏକ ବିରାଟ ଶ୍ୟାମବର୍ଣ୍ଣର ପୁରୁଷ । ଉନ୍ନତ ବକ୍ଷଦେଶରେ ଅକ୍ଷମାଳା । ମୁଖମଣ୍ଡଳ ଜ୍ଞାନ ଦୀପ୍ତିରେ ଉଦ୍ଭାସିତ—ଆୟତ ତଥା ଅର୍ଦ୍ଧନିମିଳିତ ସୁତୀକ୍ଷ୍ଣ ନେତ୍ର ଯୁଗଳରୁ ତେଜୋରାଶି ସ୍ଫୁରିତ । ପ୍ରଶସ୍ତ କପାଳ ଓ ଲବଣ୍ୟମୟ ସମଗ୍ର ଅବୟବରେ ଶିଶୁସୁଲଭ ଭାବ । ନିମିଷକ ମଧ୍ୟରେ ଛାୟାମୂର୍ତ୍ତି ମିଳେଇଗଲା ଅନ୍ଧକାର ବକ୍ଷରେ । ବୀର ସାଧକଙ୍କ ସର୍ବାଙ୍ଗରେ କିନ୍ତୁ ଖେଳିଗଲା ରୋମାଞ୍ଚ—ଅନ୍ତରରେ ତରଙ୍ଗାୟିତ ହେଲା ତଡ଼ିତ୍ ପ୍ରବାହ । "କିଏ ଏହି ଶିବକଳ୍ପ ପୁରୁଷ ? ସେ କ'ଣ ମୋର ଚିରବାଞ୍ଛିତ ଦେବତା ?"—ଏହି ପ୍ରଶ୍ନନେଇ ସନ୍ଦିହାନ ମନରେ ଓହ୍ଲେଇ ଆସିଲେ ଲୋକାଳୟକୁ ।

କାଶ୍ମୀର ସରକାରଙ୍କ ଠିକାଦାର ଗଗନ ବିଶ୍ୱାସଙ୍କ ଠାରୁ ତାରାପୀଠର ଭୈରବ ବାମାକ୍ଷେପାଙ୍କ ଅଲୌକିକ ମାହାତ୍ମ୍ୟ ସମ୍ବନ୍ଧରେ ଅବଗତ ହୋଇ ଆଗେଇ ଚାଲନ୍ତି ତାରାପୀଠ ଉଦ୍ଦେଶ୍ୟରେ । ସାଧନାର ପଥ କିନ୍ତୁ ସର୍ବଦା କଣ୍ଟକାକୀର୍ଣ୍ଣ । ପଥ ମଧ୍ୟରେ ନାନାବିଧ ବାଧାବିଘ୍ନ ଦେଖାଦେବାରୁ ସାଧକଙ୍କ ମନ କ୍ରମଶଃ ଶିଥିଳ ହୋଇ ଆସେ । ଠିକ୍ ଏତିକିବେଳେ ଡକ୍ଟର ହେମଚନ୍ଦ୍ର ସେନଙ୍କ ଠାରୁ ନିମନ୍ତ୍ରଣ ପାଆନ୍ତି ମହାରାଣୀ ଭିକ୍ଟୋରିୟାଙ୍କ ଜୁବ୍‌ଲୀ ଉତ୍ସବରେ ଯୋଗଦେବାକୁ । ୧୮୮୭ ମସିହା । ଦିଲ୍ଲୀର ରାଜପଥ ଲୋକାରଣ୍ୟ । ମହାଡମ୍ବରରେ ପାଳିତ ହେଉଛି ପ୍ରାୟ ସମଗ୍ର ବିଶ୍ୱର ଅପ୍ରତିଦ୍ୱନ୍ଦୀ ସାମ୍ରାଜ୍ଞୀ ମହାରାଣୀ ଭିକ୍ଟୋରିୟାଙ୍କ ଜୁବ୍‌ଲୀ ଉତ୍ସବ । ବୀର-ସାଧକ ତାରାନାଥଙ୍କ ମନ କିନ୍ତୁ ଖୁବ ଉଦ୍‌ବିଗ୍ନ—ଏକେ ତ

ପୁଣ୍ୟ ଭାରତମାତାର ସୁବିଖ୍ୟାତ ରାଜଧାନୀରେ ଏକ ଘୃଣ୍ୟ ଶାସକ ଜାତିର ବଡ଼ିମା ଦର୍ଶନରେ—ଦ୍ୱିତୀୟତଃ ସତ୍ୟଲାଭ ନିମନ୍ତେ ଗୁରୁ-ଅନୁସନ୍ଧାନ ଜନିତ ବ୍ୟାକୁଳତା । ଏହି ଚରମ ବ୍ୟାକୁଳତା ମଧ୍ୟରେ ହିଁ ଆସେ ଦ୍ୱିତୀୟ ଆଦେଶ ଦୈବବାଣୀ—"ଆରେ ତୋତେ ଯେ ମୋର ଖୁବ୍ ଦରକାର ଆଉ ଡେରି କରନା—ଶୀଘ୍ର ଚାଲିଆ ।" ଜୀବ ସିନା ବାରମ୍ବାର ଭୁଲି ଯାଉଛି ଶିବକୁ—ଶିବ କିନ୍ତୁ ଭୁଲିପାରୁଛନ୍ତି କେତେବେଳେ ? ସେ ଯେ ତାଙ୍କର ଅତି ଆପଣାର ! ତା' ବିନା ଯେ ଲୀଳା ଅଚଳ ! !

ଏଥର କିନ୍ତୁ ଆଉ ସମ୍ଭାଳି ପାରିଲେନି ସାଧକ । ତତ୍କ୍ଷଣାତ୍ ଜନ୍ମସ୍ଥଳୀ ପରିତ୍ୟାଗ କରି ଛୁଟି ଚାଲିଲେ ଗନ୍ତବ୍ୟସ୍ଥଳୀ ତାରାପୀଠ ଅଭିମୁଖେ । ପ୍ରଥମ ଦର୍ଶନରେ ହିଁ ବିସ୍ମିତ ହେଲେ ପୂର୍ବଦୃଷ୍ଟ ଛାୟାମୂର୍ତ୍ତି ସହ କ୍ଷେପାବାବାଙ୍କ ଅପୂର୍ବ ସାମଞ୍ଜସ୍ୟ ଦର୍ଶନ କରି । ତଥାପି ମେଣ୍ଟିଲାନି ସନ୍ଦେହୀ ମନର ସନ୍ଦେହ । ଛୁଟିଗଲେ ଦକ୍ଷିଣେଶ୍ୱର ପରମ ପୁରୁଷ ରାମକୃଷ୍ଣଙ୍କ ପାଖକୁ । ସେହି ଏକାକଥା—ସେହି ଏକା ନିର୍ଦ୍ଦେଶ । ମାଜି ଘଷି ପରୀକ୍ଷା କରିନେଲେ ଶୁଦ୍ଧ ସୁବର୍ଣ୍ଣ ସଦୃଶ ଚିରଆକାଙ୍କ୍ଷିତ, ଚିରମଙ୍ଗଳମୟ, ଚିରଶାଶ୍ୱତ ଶିବ କଳ୍ପତରୁ ଗୁରୁଦେବ ଶ୍ରୀବାମଦେବଙ୍କୁ ।

ମାତ୍ର ଗୋଟିଏ ଦିନର ସଂସର୍ଗରେହିଁ ଗୁରୁଦେବଙ୍କ ଅଲୌକିକ ପ୍ରତିଭା ଦେଖି ବିସ୍ମିତ ହେଲେ ସାଧକ । କ୍ରମଶଃ ଶ୍ରୀଗୁରୁଙ୍କ ଐଶ୍ୱରୀକ ଶକ୍ତି ଅଜ୍ଞାତସାରରେ ସଂକ୍ରମିତ ହେବାକୁ ଲାଗିଲା ଶିଷ୍ୟଙ୍କ ଅନ୍ତରରେ ଓ ଜୁଡ଼ାଇଲା ପ୍ରାଣ, ମନ । ଏକନିଷ୍ଠ ଭାବରେ ଗୁରୁସେବାରେ ମନୋନିବେଶ କଲେ ଯୁବକ ସାଧକ ।

ଏକ ଗଭୀର ଅନ୍ଧକାରମୟ ରଜନୀ । ଶ୍ୱେତ ଶିମୂଳିତଳେ ସ୍ୱ ଆସନରେ ଯୋଗାରୂଢ଼ ମହାଭୈରବ । ପ୍ରିୟ ଶିଷ୍ୟ ତାରାନାଥ ନିକଟରେ ନିଦ୍ରିତ । ସହସା ଶତ-ଶତ ବନ୍ୟ ହସ୍ତୀଙ୍କର ଭୟଙ୍କର ଗର୍ଜନ ଶୁଣି ନିଦ୍ରା ଭଙ୍ଗ ହେଲା—ଭୟ ଜାଗିଲା ନିର୍ଭୀକ ସାଧକଙ୍କ ଅନ୍ତରରେ । ଥରିଥରି ଆସି

ଜାବୁଡ଼ି ଧରିଲେ ଗୁରୁଦେବଙ୍କ ପଦ୍ମ ପାଦ ଦ୍ୱୟ । "ଭୟ କାହିଁକି ବାବା ? ମୁଁ ଯେ ସର୍ବଦା ତୋ ପାଶେ, ପାଶେ ଅଛି ।"—କହି ଭୀତ ସନ୍ତାନକୁ ପ୍ରଶାନ୍ତ ବକ୍ଷକୁ ଟେକିନେଲେ ଜଗତପିତା । ଏହି ଘଟଣାର କିଛିଦିନ ପରେ ନିକଟସ୍ଥ ଜଙ୍ଗଲରୁ ଧୂନି ନିମନ୍ତେ କାଷ୍ଠ ସଂଗ୍ରହ କରିବାକୁ ଆଦେଶ କଲେ ଗୁରୁଦେବ । ବାଧ୍ୟ ଶିଷ୍ୟ କାଷ୍ଠ ସଂଗ୍ରହ କରି ଫେରିବାର ପଥରେ କିନ୍ତୁ ଘଟିଲା ଏକ ଅଘଟଣ– ଏକ ବିଷଧର ସର୍ପ ଗର୍ଜନ ପୂର୍ବକ ସାଧକଙ୍କ ନିକଟରୁ କିଛି ଦୂର ବ୍ୟବଧାନ ରଖି ଅନୁସରଣ କରିବାକୁ ଲାଗିଲା; ମଝିରେ-ମଝିରେ କ୍ରୁଦ୍ଧ କଟାକ୍ଷପାତ ମଧ୍ୟ କରୁଥାଏ । ଏଥିରେ କିନ୍ତୁ ଡ଼ରିଗଲେନି ବୀର-ସାଧକ । ଶ୍ରୀ ଶ୍ରୀ ଗୁରୁଦେବଙ୍କ ନାମ ତଥା ଆଦେଶ ସ୍ମରଣ କରି ଅଚିରେ ପର୍ଣ୍ଣକୁଟୀରରେ ଉପସ୍ଥିତ ହୋଇ ସମସ୍ତ କଥା ବ୍ୟକ୍ତ କଲେ ତାଙ୍କ ନିକଟରେ । ସବୁଶୁଣି କ୍ଷେପାବାବା କହିଉଠିଲେ–"ତୋତେ ଏଥର ନାଗର ସଙ୍ଗେ ଯୁଦ୍ଧ କରି ସାଧନାର ପଥ ପରିଷ୍କାର କରିନେବାକୁ ହେବ । ଏହାହିଁ ମାର ନିର୍ଦ୍ଦେଶ ।"

ପରଦିନ ବ୍ରାହ୍ମମୁହୂର୍ତ୍ତରୁ ଜୀବନ୍ତ କୁଣ୍ଡରେ ସ୍ନାନ କରାଇ ଶିଷ୍ୟଙ୍କୁ ନିର୍ଦ୍ଦିଷ୍ଟ ସାଧନ ପଦ୍ଧତି ପ୍ରଦାନ କଲେ ଓ ସରଳ ଭାବରେ ମା'ର ନାମ କରିବାକୁ ନିର୍ଦ୍ଦେଶ ଦେଲେ ଗୁରୁଦେବ । ମଝିରେ-ମଝିରେ କିନ୍ତୁ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଲା ସାଧକଙ୍କୁ । ଥରେ ଶ୍ରୀଗୁରୁଙ୍କ ଆଦେଶରେ ପ୍ରଜ୍ଜ୍ୱଳିତ ଅଗ୍ନି ମଧ୍ୟରେ ଏକାଦିକ୍ରମେ ଉନବିଂଶତି ଦିବସ କଟାଇବାକୁ ପଡ଼ିଥିଲା ତାରନାଥଙ୍କୁ । ପରୀକ୍ଷା ଶେଷରେ ନିଜେ କୃପାନାଥ ପ୍ରିୟ ଶିଷ୍ୟଙ୍କୁ ଅଗ୍ନି ମଧ୍ୟରୁ ଟେକିନେଇ କହିଲେ–"ଆରେ, ଜୀବ ଜଗତର ସେବା କରିବାକୁ ହେଲେ ସ୍ନାୟୁ ଗୁଡ଼ିକୁ ଟିକିଏ ବଳିଷ୍ଠ ଓ ଦୃଢ଼ିଷ୍ଠ କରିବାକୁ ହେବ ।" ଗୁରୁଦେବଙ୍କ ନିର୍ଦ୍ଦେଶରେ ତାରନାଥ କିଛିକାଳ ନିର୍ଜନରେ ଶବସାଧନା ତଥା ଶାସ୍ତ୍ର ଅଧ୍ୟୟନରେ ପ୍ରବୃତ୍ତ ହୋଇଥିଲେ । ଗୁରୁକୃପାର ପ୍ଲାବନରେ ସନ୍ତରଣ କରି ଅତି ଅଳ୍ପକାଳ ମଧ୍ୟରେ ସାଧକ ପାଇଲେ କୂଳର ସନ୍ଧାନ–ଜଗଜ୍ଜନନୀ ସନାତନୀ ମା'ର ଜ୍ୟୋତିର୍ମୟୀ ରୂପ ଦର୍ଶନ କରି ତୁଟିଗଲା ଜନ୍ମ-ଜନ୍ମାନ୍ତରର ବନ୍ଧନ–ଅଭିଭୂତ ହେଲେ ବ୍ରହ୍ମାନନ୍ଦ-ରସପାନରେ ।

ଏଥର ବାଳବ୍ରହ୍ମଚାରୀ ତାରାନାଥ ପରିଚିତ ହେଲେ ତାରାକ୍ଷେପା ନାମରେ । ଏହି ତାରାକ୍ଷେପା ହିଁ ବାମାକ୍ଷେପାଙ୍କର ପ୍ରିୟତମ ପଟ୍ଟଶିଷ୍ୟ । ଖାଲି ପଟ୍ଟଶିଷ୍ୟ କାହିଁକି ବିବେକାନନ୍ଦଙ୍କ ପରି ସେ ଥିଲେ କ୍ଷେପାବାବାଙ୍କ ପ୍ରକାଶ ଶକ୍ତି—ମାନସ ପୁତ୍ର । ତାଙ୍କରି ମାଧ୍ୟମରେ ହିଁ ଦୁଃଖିନୀ ଭାରତ ମାତାର ତଥା ଅଧଃ ପତିତ ଜାତିର ସେବା କରିବାକୁ ଚାହିଁଥିଲେ ଜଗତ ପିତା କ୍ଷେପା ଠାକୁର ।

ଉପଯୁକ୍ତ ଗୁରୁର ଯୋଗ୍ୟତମ ଶିଷ୍ୟ ତାରାକ୍ଷେପା । ସେ ଥିଲେ ଶିଶୁପରି ସରଳ,ସତ୍ୟବାଦୀ ଓ ଭକ୍ତିମାନ । ଏହି ସର୍ବତ୍ୟାଗୀ ମହାସାଧକ ସର୍ବତୋ ଭାବରେ ଥିଲେ ଭୋଗବାସନା ବିରାଗୀ । ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶରେ କୌଣସି ଦିନ ମଦ୍ୟ-ମାଂସ-ମତ୍ସ୍ୟ-ଲବଣ-ତୈଳ ଓ ମଶଲା ଆଦି ସ୍ପର୍ଶ କରିନାହାନ୍ତି । ସାମାନ୍ୟ ଫଳ-ମୂଳ-ଦୁଗ୍ଧ ଓ ମଧୁ ଥିଲା ଏହି ନିଷ୍କାମ ବାଳ-ବ୍ରହ୍ମଚାରୀ ଓ ପରମ ଯୋଗୀଙ୍କର ଦୈନନ୍ଦିନ ଆହାର ।

ଏହି ଜୀବ-ଦୁଃଖ-କାତର ମହାସାଧକ ସାରାଜୀବନ ଧରି ପରାଧୀନ ଜାତିର ଅନ୍ତରରେ ଶକ୍ତିର ଉତ୍ସ ପ୍ରବାହ କରିବାକୁ ଅକ୍ଳାନ୍ତ ପରିଶ୍ରମ କରି ଯାଇଛନ୍ତି । ଗ୍ରାମେ-ଗ୍ରାମେ-ଘରେ-ଘରେ ବୁଲି ସେ ଦେଇ ଯାଇଛନ୍ତି ଉଦାତ୍ତ-ଆହ୍ୱାନ—"ଆରେ ! ତମେମାନେ ସମସ୍ତେ ଆଗେଇ ଆସ । ପବିତ୍ର ମାତୃଭବରେ ଜୀବତ୍ୱର ନିରଶନ କରି ଶିବତ୍ୱରେ ପ୍ରତିଷ୍ଠିତ ହେବାହିଁ ଏ ଜାତିର ବିଶେଷତ୍ୱ । ପୂତ-ପବିତ୍ର ଭାରତ ଭୂମିକୁ ଯଜମାନ ମୂର୍ତ୍ତିରେ ଗଢି ତୋଳିବାକୁ ହେବ । ଏହାହିଁ ତ ଆମର ଐତିହ୍ୟ । ଯଜମାନ ନ ହେଲେ ଜ୍ଞାନ, କର୍ମ ଓ ଉପାସନାରେ ଶ୍ରୀ, ଐଶ୍ୱର୍ଯ୍ୟ ଓ ଶ୍ରେଷ୍ଠତ୍ୱ ଲାଭ ହେବନାହିଁ । ଜ୍ଞାନ, କର୍ମ ଓ ଉପାସନା— ଏହି ତିନୋଟି ହିଁ ଭାରତର ଚିରନ୍ତନ ସାଧନା । ଏହାରି ବଳରେ ଶିବତ୍ୱରେ ପ୍ରତିଷ୍ଠିତ ହୋଇ ଆର୍ଯ୍ୟ ଋଷିଗଣ ମୁଖରିତ କରୁଥିଲେ ଗଗନ-ପବନ—

"ଚିଦାନନ୍ଦ ରୂପ ଶିବୋହଂ, ଶିବୋହଂ ।।"

ଲୋଭ ଓ କାମକୁ ଦମନ କର । ଏହି କାମନାହିଁ ଦୁଃଖର କାରଣ— ଏଇଥିପାଇଁତ ବାରମ୍ବାର ଯିବା-ଆସିବା । ସନାତନୀ ମା' ମୋର ରକ୍ତ-ବୀଜ-ବିନାଶିନୀ ! ରକ୍ତ ଅର୍ଥାତ ମାତୃରଜଃ ଓ ବୀର୍ଯ୍ୟ ଅର୍ଥାତ ପିତୃବୀର୍ଯ୍ୟ ବା ଚିତ୍—ଏହି ଦୁଇଟିର ମିଳନରେ ହିଁ ଜୀବର ଉତ୍ପତି । ମା' କିନ୍ତୁ ଏହାର ମୂଳୋତ୍ପାଟନ କରି ଆମର ଏହି ପୁନଃ ପୁନଃ ଜନ୍ମ-ମରଣର ବିନାଶ ଘଟାଇଥାଏ । ଋଷିଯୁଗରେ ଆମର ଏହି ପବିତ୍ରଦେଶ—ଦେବଭୂମି ଭାରତବର୍ଷ ବେଦକୁ ଆଶ୍ରୟ କରି ଜ୍ଞାନ, କର୍ମ ଓ ଉପାସନା ସାହାଯ୍ୟରେ ଜଡ଼ତ୍ୱକୁ ପରିହାର କରି ସୂକ୍ଷ୍ମଶକ୍ତିର ଆଶ୍ରୟରେ ସୂକ୍ଷ୍ମତରକୁ ଭେଦକରି ସୂକ୍ଷ୍ମତମରେ ପହଞ୍ଚି ପାରିଥିଲା ଓ ପାଇଥିଲା ଭୂମାଙ୍କୁ । ସେଇଥି ପାଇଁନା ଭୂମା-ମହେଶ୍ୱରଙ୍କର ମନ୍ତ୍ର—

"ଓଁ ଶର୍ବାୟ କ୍ଷିତି ମୂର୍ତ୍ତୟେ ନମଃ ।
ଭବାୟ ଜଳ ମୂର୍ତ୍ତୟେ ନମଃ ।।
ପଶୁପତୟେ ଯଜମାନ ମୂର୍ତ୍ତୟେ ନମଃ ।।।"

ଅକ୍ଷର ହିଁ ବ୍ରହ୍ମ । ୫୬ଟି ଅକ୍ଷରରେ ଆର୍ଯ୍ୟ ସନ୍ତାନମାନେ ଯେଉଁ ମା'ର ରୂପଦେଇ ପାରି ନାହାନ୍ତି— ୨୬ଟି ଅକ୍ଷରରେ କି ରୂପ ଦେବେ ଏହି ବିଜାତୀୟ ରକ୍ତଲୋଭୀ ଶାସକଦଳ । ତେଣୁ ତମେ ସବୁ ବାହ୍ୟ ଚାକଚକ୍ୟରେ ନଭୁଲି ଅନ୍ତରକୁ ଲକ୍ଷ୍ୟ କର । ସିଂହାବଲୋକନ କରି ଦେଖ ଆଦି-ଅନ୍ତ ବିହୀନ ସନାତନ ଧର୍ମକୁ । ଯେ ଧର୍ମକୁ ରକ୍ଷା କରି ଚଳେ— ଧର୍ମ ମଧ୍ୟ ତାକୁ ରକ୍ଷାକରେ । ଭାରତର ଐତିହ୍ୟ ରକ୍ଷାହିଁ ଧର୍ମରକ୍ଷା । ରାଷ୍ଟ୍ର ଭିନ୍ନ ଧର୍ମର ସ୍ଥିତି ନାହିଁ । ରାଜାହିଁ ସମାଜକୁ ପରିଚାଳିତ କରେ ଓ ଧର୍ମକୁ ଗନ୍ତବ୍ୟ ପଥରେ ନିୟୋଜିତ କରେ । ତେଣୁ ଯାହାର ରାଷ୍ଟ୍ର ନାହିଁ— ଯିଏ ପରାଧୀନ— ସନାତନୀ ମା'ର ଖବର ଯିଏ ଭୁଲି ଯାଇଛି—ତା'ର ପୁଣି ଧର୍ମ ଆସିବ କୁଆଡୁ । ହେ ପବିତ୍ର ହୃଦୟ ଯୁବକଗଣ !! କେତେକାଳ ଆଉ ଘୁମେଇ ରହିବ । ଜାଗ-ଉଠ ! ଜନନୀ-ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ । ତେଣୁ ମା'ର ଶୃଙ୍ଖଳ ଖୋଲିବାକୁ ତମେମାନେ ଆଗେଇ ଆସ । ଉପଯୁକ୍ତ ଶିକ୍ଷା-ଦୀକ୍ଷା ପାଇ ଜ୍ଞାନ ଅର୍ଜନ କର । ଭକ୍ତି ପଥରେ—

ସଦାଗ୍ଭର ପାଳନ ଓ ନିତ୍ୟ ସନ୍ଧ୍ୟା ଉପାସନା କରି– ବ୍ରହ୍ମଚର୍ଯ୍ୟ ପାଳନ କର । ତୁମମାନଙ୍କର ଆୟୁ, ବଳ, ସ୍ମୃତି, ମେଧା ଓ ମାନସିକ ତେଜ ବୃଦ୍ଧି ପାଉ । ଯାହାଦେଖି ଏହି ବଣିକ ଜାତିର ଅନ୍ତର ଭୟରେ ଥରିଉଠୁ ଓ ଅଚିରେ ସେମାନେ ଫେରିଯାନ୍ତୁ ଦରିଆପାରି ତାଙ୍କ ଦେଶକୁ ।”

ମୁର୍ଶିଦାବାଦର ବହରମପୁରଠାରେ "ଉମାବନ" ନାମରେ ଏକ ଆଶ୍ରମ ପ୍ରତିଷ୍ଠା କରି ମହାସାଧକ ତାରକ୍ଷେପା ବଙ୍ଗଳା ୧୩୫୨ ସାଲ ମାର୍ଗଶିର ୨୦ ଦିନ ନିର୍ବିକଳ୍ପ ସମାଧିରେ ବସି ଏଠାରେ ଦେହରକ୍ଷା କରିଥିଲେ ମଧ୍ୟ ଆଜି ବି ତାଙ୍କର ଶତ-ଶତ ଶିଷ୍ୟଭକ୍ତ ପବିତ୍ର ମାତୃରବରେ ସ୍ୱାଧୀନ ଭରତର ଗଗନ-ପବନ ମୁଖରିତ କରୁଛନ୍ତି । ତାଙ୍କର ଅଗଣିତ ଶିଷ୍ୟ ଭକ୍ତମାନଙ୍କୁ ଉପଦେଶ ଛଳରେ ସେ ଶୁଣାଇ ଯାଇଛନ୍ତି ସାଧନର ଚରମ ଓ ପରମ ତତ୍ତ୍ୱ– "ନିଜକୁ ଉନ୍ନତ କରି ଅନ୍ତର ମଧ୍ୟରେ ଶ୍ରୀ ଶ୍ରୀ ଗୁରୁଦେବଙ୍କ ପ୍ରକାଶ ଉପଲବ୍ଧି କର । କର୍ମ, ଜ୍ଞାନ ଓ ଭକ୍ତି ଏହି ତିନୋଟିହିଁ ଚିରନ୍ତନପନ୍ଥା । ଅଗ୍ନିକୁ ପ୍ରଜ୍ଜ୍ୱଳିତ କରି–ଆହୁତି ପ୍ରଦାନ କର । ସତ୍‌କର୍ମ ବା ଭଗବତ୍ କର୍ମ ନକଲେ ଚିତ୍ତଶୁଦ୍ଧି ହୁଏନା । ଚିତ୍ତଶୁଦ୍ଧି ନହେଲେ ଭକ୍ତି ପୁଷ୍ପ ପ୍ରସ୍ଫୁଟିତ ହୁଏନା ଓ ଭକ୍ତିପୁଷ୍ପ ବିନା ଭଗବଦ୍ ଜ୍ଞାନରୂପୀ ଫଳ ଫଳେନା । ସୁତରାଂ ନିଷ୍କାମ କର୍ମ ମଧ୍ୟଦେଇ ଭକ୍ତି ମାଧ୍ୟମରେ ଜ୍ଞାନ ଅର୍ଜନ କର । ସଦାଗ୍ଭରକୁ ମୂଳଧନ କର । ସଦାଗ୍ଭର ପାଳନ କରି ଶାସ୍ତ୍ରୀୟ ଛନ୍ଦରେ ଜୀବନ ଯାପନ କର । ସଦ୍‌ଗୃହସ୍ଥ ହୁଅ । ସଦ୍‌ଗୃହରେ ଭଗବାନ ଦିନେ ନା ଦିନେ ଆବିର୍ଭାବ ହେବେ । ସଦ୍‌ଗୃହସ୍ଥ ହିଁ ସାଧୁ । ଯେଉଁମାନେ ସସ୍ତ୍ରୀକ ଧର୍ମ ଆଚରଣ କରନ୍ତି ସେହିମାନେ ହିଁ ସାଧୁ । ଦେଶମାତୃକାର ସେବାହିଁ ସତ୍‌କର୍ମ ବା ଭଗବତ୍ କର୍ମ ମଧ୍ୟରେ ଅଗ୍ରଗଣ୍ୟ । ତେବେ ଏଥିରେ ସାମାନ୍ୟତମ କୈତବ ରହିଲେ ଚଳିବନି । ଅକପଟ ଭବରେ ଜନନୀ-ଜନ୍ମଭୂମିର ସେବା କରୁ କରୁ ତୁମମାନଙ୍କର ଭଗବତ୍ ସାକ୍ଷାତକାର ହେବହିଁ ହେବ ।

ଶ୍ରେଷ୍ଠ ଭାରତ ପୁଣ୍ୟଭୂମି, ଶୀର୍ଷ ତା'ର ସ୍ଥାନ ।
ତ୍ରି ଭୁବନରେ ସ୍ୱର୍ଗ ଏହା, ସତ୍ୟ ଧର୍ମ ପ୍ରାଣ ।।
ମସ୍ତକେ ରାଜେ କୈଳାସ ପୁରୀ, ସୁଉଚ୍ଚ ଶିଖର ।
ଦୀପ୍ତରବି ତୃପ୍ତ ଯେଉଁଠି, ରଚିଛି ତା'ର ନୀଡ଼ ।।
ପାଦ-ଦୁଇଟି ଧୌତ କରେ, ଭାରତ ମହାସାଗର ।
ରାମଚନ୍ଦ୍ରଙ୍କ କୀର୍ତ୍ତିଗାଥା, ଜଳେ ଭସେ ପଥର ।।
ତପ୍ତ ବାଲୁକା ମରୁଭୂମି, ପଶ୍ଚିମରେ ଶୋହେ ।
ଆରବ ସାଗର ତୀର୍ଥପାଣି, ଜୋଗାନ୍ ଯେ ଗାଏ ।
ପୂର୍ବ ଦିଗରେ ବ୍ରହ୍ମଦେଶ, ମହାସାଗର ତୀରେ ।
ବୁଦ୍ଧଦେବଙ୍କ କୀର୍ତ୍ତିଗାଥା, ପ୍ରଚାରେ ଘରେ ଘରେ ।।
ତାହାରି ବକ୍ଷେ ଶସ୍ୟ ଶ୍ୟାମଳ, ଫଳ-ଫୁଲେ ଧରା ।
ଅତଳ ଜଳେ ରତ୍ନରାଜି, ମଣି ମୁକ୍ତା ଭରା ।।
ଧର୍ମରାଜ୍ୟରେ ଶ୍ରେଷ୍ଠ ମନ୍ତ୍ର, କଳିର ହରିନାମ ।
ପ୍ରଚାର କରି ଗଲେ ତ ଏଥି, ଶ୍ରୀକୃଷ୍ଣ ଚୈତନ୍ୟ ।।
ମୋହନ ବଂଶୀ ଏବେ ବି ବାଜେ, ଝଙ୍କାରି ପ୍ରେମଗାନ ।
ଋତୁର ସଙ୍ଗେ କୋକିଳ ରଙ୍ଗେ, ଦିଏ ମଧୁର ତାନ ।।
ଧନ୍ୟ ଭାରତ ! ବୀରର ମାତା; ସତୀର ତୁହି ପ୍ରାଣ !
ତୋହରି ପରି ନାହିଁ ତ ଦାତ୍ରୀ, (ସେତେ) କେତେ ସ୍ନେହର ଟାଣ !!

ବତିଶ

କାର୍ତ୍ତିକ ମାସ । ବତାସରେ ହେମନ୍ତର ମୃଦୁ ହିମ ପ୍ରବାହ । ଗୋଟିଏ ବାର-ତେର ବର୍ଷର ପିଲ ଦ୍ରୁତ ପଦକ୍ଷେପରେ ଆଗେଇ ଚାଲିଛି— ତାରପୀଠ ଅଭିମୁଖେ । ସନ୍ଧ୍ୟା ଉତ୍ତୀର୍ଣ୍ଣ ପ୍ରାୟ— ଚତୁର୍ଦ୍ଦିଗରୁ ମାଡ଼ି ଆସୁଛି ଜମାଟବନ୍ଧା ଘନକୃଷ୍ଣ ତମିସ୍ରା । ବାଟ-ଘାଟ ମଧ୍ୟ ଚିହ୍ନା-ଜଣା ନୁହେଁ । କି ଏକ ଦୁର୍ବାର ଆକର୍ଷଣରେ ଟାଣି ହୋଇ ଘରଦ୍ୱାର-ପିତାମାତା ବନ୍ଧୁ-ପରିଜନ କାହିଁ କେତେ ଦୂରରେ ଛାଡ଼ି ସେ ଆଜି ମାଡ଼ିଚାଲିଛି ମନର ଟାଣରେ । କିନ୍ତୁ ଏ କେଉଁଠି ଆସି ପହଞ୍ଚିଲା ସେ ? ଆଗରେ ଯେ ଏକ ଘଞ୍ଚ ଅରଣ୍ୟ । ଆଉ ଟିକିଏ ଆଗେଇ ଯାଇ କିନ୍ତୁ ଭୟରେ ଶିହରି ଉଠିଲା ବାଳକ—ଆଗରେ ଯେ ଖାଲି ନରମୁଣ୍ଡ ଓ କଙ୍କାଳର ସମାହାର । ଶୃଗାଳ-କୁକୁର ଦରପୋଡ଼ା ପଚା ଶବ ଭିଡା-ଟଣା କରୁଛନ୍ତି, ବୃକ୍ଷ ଡାଳରେ ପେଚକର ବିକଟ ଚିତ୍କାର ଓ ଶକୁନିର ଶ୍ରୁତିକଟୁ କ୍ରନ୍ଦନଧ୍ୱନି । ଶେଷକୁ କେଉଁ ଏକ ଶ୍ମଶାନରେ ଆସି ପଡ଼ିଲି ନା କ'ଣ ? ମନୋବଳ ତୁଟିଗଲା ନିମିଷକ ମଧ୍ୟରେ— ଆଖି ଆଗରେ ନାଚି ଉଠିଲେ ଶୈଶବରେ ବୁଢୀମା ନିକଟରୁ ଶୁଣିଥିବା ଭୂତ-ପ୍ରେତର ଦଳ ।

ସନ୍ତ୍ରସ୍ତ ବାଳକ— କେଉଁଆଡେ କିପରି ପଳେଇବ ଭାବୁ ଭାବୁ ଆଖିରେ ପଡ଼ିଲା ଏକ କ୍ଷୁଦ୍ର ପର୍ଣ୍ଣ କୁଟୀର । ମରୁଭୂମିରେ ଆଶାର ପାଇଲା ପରି ଛୁଟିଯାଇ ପଶିଗଲା କୁଟୀର ଅଭ୍ୟନ୍ତରରେ । ଭିତରେ ଯେ କିଏ ଜଣେ ଧ୍ୟାନମଗ୍ନ ! ଯେ ବି ହେଉ ମଣିଷତ ! !

ଚୁପ୍‌ଚାପ୍ ଘର ଭିତରକୁ ପଶିଯାଇ ଘୋଡ଼ି ଘାଡ଼ି ହୋଇ ଗୋଟିଏ କଣରେ ବସିଗଲା ବାଳକ । କିନ୍ତୁ ଏଠାରେ ବି ତ କରକରେଟି ଓ ଅସ୍ଥିର ସମାହାର । ଲୋକଟା ତାହେଲେ ନରବଳି ଦିଏନା କ'ଣ ? ବଙ୍କିମଚନ୍ଦ୍ରଙ୍କ

କପାଳକୁଣ୍ଡଳା ଗପଟି ମନେ ପଡ଼ିଗଲା ତା'ର ଶେଷକୁ । ସେମିତି ଏକ କାପାଳିକ ହାବୁଡ଼ରେ ଆସି ପଡ଼ିଲି ନା କ'ଣ ? ଛାତି ଧଡ୍ ପଡ୍ କଲା । ଠିକ୍ ସେତିକିବେଳେ ଭାବନା ସଙ୍ଗେ ତାଳ ଦେଇ ଶ୍ମଶାନ ମଧ୍ୟରୁ ଭାସି ଆସିଲା କାହାର ଅଟ୍ଟହାସ୍ୟ । ଶୁଣାଗଲା ବମ୍ ବମ୍—ଦୁମ୍-ଦାମ୍ ଓ ଧଡ୍-ଧାଡ୍ ଶବ୍ଦ—ସତେ ଯେମିତି ସହସ୍ର-ସହସ୍ର ଦୈତ୍ୟ, ପିଶାଚ ଓ ଚଣ୍ଡୀ ଚାମୁଣ୍ଡା ନୃତ୍ୟରତ । ଏ ପୁଣି କାହାର ଦୀର୍ଘଶ୍ୱାସ ! କିଏ ପୁଣି କାହାକୁ ଫୁସ୍-ଫୁସ୍ କରି କ'ଣ କହୁଛି ? ହେ ଭଗବାନ ! କେଉଁ କୁକ୍ଷଣରେ ଆଜି ଯାତ୍ରା ଆରମ୍ଭ କରିଥିଲି—ଶେଷକୁ ଏହି ଭୟଙ୍କର ଶ୍ମଶାନରେ ପ୍ରାଣ ଯିବ ସିନା ?

ବାଳକ ମନରେ ଆସିଲା ଭାବନାର ତରଙ୍ଗ—ଏହି ଭୟଙ୍କର ଶ୍ମଶାନ ହିଁ ତ ମାନବ ଜୀବନର ଶେଷ ଆଶ୍ରୟ ସ୍ଥଳ । ତାରି ପରି ଶତ-ଶତ ବାଳକ ତ ଏହିଠାରେ ମିଶି ଯାଇଛନ୍ତି ମାଟିରେ, ଆଉ ଆଜି ହୁଏତ ସେ ବି ମିଶିଯିବ । ଏହିତ ତା'ହେଲେ ମାନବ ଜୀବନର ଶେଷ ପରିଣତି ? କ'ଣ ପାଇଁ କାହା ମୋହରେ ମଣିଷଗୁଡ଼ା ଏଣେ ଛୁଟା ଛୁଟି କରୁଛନ୍ତି ? କେତେ ଯତ୍ନରେ ଲାଳିତ ଏହି ଦେହ—ଆଉ ତା'ର ଅନ୍ତିମ ପରିଣାମ କ'ଣ ? ମୁଠାଏ ପାଉଁଶ କିମ୍ବା ଶୃଗାଳ-କୁକୁରଙ୍କର ବେଳାକର ଆହାର ।

ଅତୀବ ଭୟଙ୍କର ଏହି ମହାଶ୍ମଶାନ । ଭୟରେ କେହି ଏହାର ସୀମା ମାଡନ୍ତିନି । ଯଦିବା କେହି ବାଟଭୁଲି ଏଠାରେ ପହଞ୍ଚେ ଡରିମରି ଦଉଡ଼ି ପଳାଏ । କେବେ, କେବେ କିନ୍ତୁ କାହା ଉପରେ ଅଧିଷ୍ଠାତ୍ରୀ ଦେବୀଙ୍କର କୃପା ହେଲେ ଏହି ମରଣ ଭୂଇଁରେ ବି ସେ ପାଏ ଅମର ଜୀବନର ସନ୍ଧାନ । ବିମୋହିତ ହୁଏ କାଳୀ କପାଳିନୀର ଅଟ୍ଟହାସ୍ୟ ଉପଭୋଗ କରି । ଅତୀତର ସୁମଧୁର ସ୍ମୃତି ବିଜଡ଼ିତ ବଶିଷ୍ଠ ଦେବଙ୍କ ସିଦ୍ଧପୀଠ—ଏହି ମହାଶ୍ମଶାନ କେତେବେଳେ ଜାଗ୍ରତ ତ କେତେବେଳେ ସୁପ୍ତ । ପୁଣି କେତେବେଳେ ଭୀମ ଭୟଙ୍କର ତ କେତେବେଳେ ମନୋଲୋଭା । କାଳର କରାଳ ଚକ୍ରରେ ଘୂରି-ଘୂରି ଆଜି କିନ୍ତୁ ତା'ର ସ୍ଥିତି ଅତୀବ ମନୋମୁଗ୍ଧକର— ମହାମାନବ ଶିବସ୍ୱରୂପଙ୍କ ତପୋବନ—ତେବେ

ତପୋବନର ସ୍ନିଗ୍ଧତା ଉପଲବ୍ଧି କରିବାକୁ ଦରକାର କେବଳ ବ୍ୟାକୁଳତା ଓ ଚିତ୍ତର ଏକାଗ୍ରତା ।

ଏତିକିବେଳେ ଦୂରରୁ ଭାସି ଆସିଲା ଏକ କରୁଣ କ୍ରନ୍ଦନଧ୍ୱନି ଆହା । କି କରୁଣ ଓ ହୃଦୟ ବିଦାରକ ! ସତେ ଯେମିତି କେଉଁ ଅଭାଗିନୀ ଜନନୀ ହଜାଇ ବସିଛି ତା'ର ଏକୋଇରବଳା ବିଶିକେଶନକୁ । ଏଥର କିନ୍ତୁ ଆଉ ଥୟ ଧରି ପାରିଲାନି ବାଳକ—ଭେ-କରି କାନ୍ଦି ଉଠିଲା । ସତେ କ'ଣ ଏ ରାତି ପ୍ରଭାତ ହେବ ଆଉ ସେ ଖୋଜି ପାଇବ ତା'ର ଚିରଈପ୍‌ସିତ ତାରପୀଠ ଓ ପରମ ଆଶ୍ରୟଦାତା ମହାଭୈରବ କ୍ଷେପାବାବାଙ୍କୁ !

ଭକ୍ତର ଆକୁଳ କ୍ରନ୍ଦନ କିନ୍ତୁ ଏଥର ମୁଖ ଖୋଲିଲା ଭୋଳାନାଥଙ୍କର— "ତମେ କିଏ ବାବା; ଏଠାରେ ଆସି ଚୁପ୍ କରି ବସିଛ ?"

ଅକୂଳରେ କୂଳର ସନ୍ଧାନ ପାଇଲା ଭୀତସନ୍ତ୍ରସ୍ତ ବାଳକ—"ମୋର ନାମ ନଗେନ୍ଦ୍ର ନାଥ ବାଗ୍‌ଚି ।"

—"ଅଚ୍ଛା, ନଗେନ ବାବା, ତମେ କ'ଣ ଆଜି ଏଠାରେ ରହିବ ?"

—"ପିଲା ମଣିଷ, ଅନ୍ଧାରରେ ଆଉ କୁଆଡେ ବା ଯିବି ? ରାତି ପାହିଲେ ଗନ୍ତବ୍ୟ ପଥରେ ଚାଲିଯିବି ।"

ଭୋଳାନାଥ ଏଥର ଚୁପ୍ ହୋଇଗଲେ । ବାଳକ ଯେପରି ଟିକିଏ ସାହସ ପାଇଲା—ନାଁ, ଲୋକଟା ତ ଖରାପ ଭଳି ମନେ ହେଉନି । ତେବେ କିଏ ଜାଣେ ତା' ମନରେ କ'ଣ ବା ଅଛି । ଯଦି ସତକୁ ସତ ବୁଢ଼ାଟା ଜୁଡ଼ିଆରୁ ବାହାର କରିଦିଏ ତେବେ ଏହି ରାତିରେ ଯିବି ବା କୁଆଡେ ? ଭୂତ-ପିଶାଚଙ୍କ କବଳରେ ପଡ଼ି ପ୍ରାଣ ଯିବା ସାର ହେବ ସିନା ! ରାତି ଯେତେ, ଯେତେ ବଢ଼ିଲା ଭୂତଭୟ ବାଳକ ମନକୁ ସେତେ, ସେତେ ମାଡ଼ି ବସିଲା । ସେ କ୍ରମଶଃ ଘୁଞ୍ଚି ଘୁଞ୍ଚି ଆସି କ୍ଷେପାବାବାଙ୍କ ପାଖରେ ଗୁଂଜି-ହୋଇ ବସିବାକୁ ଲାଗିଲା ।

ପୁଣିଥରେ ଭୋଳାନାଥ ଜିଜ୍ଞାସା କଲେ- 'ଲଗେନ ବାବା, ତମେ କ'ଣ ଏଠାରେ ରହିବ ବାବା ?"

ଭୀତ ବାଳକ ନମ୍ର ସ୍ୱରରେ ଉତ୍ତର ଦେଲା "ହଁ ବାବା ।"

–"ରହିବତ ଭଲ ବାବା, କିନ୍ତୁ ଏଠାରେ ଭରି ମଶା । ସେଦିନ ମୋତେ ସିଧା ଜୀବନ୍ତ କୁଣ୍ଡ ଉପରକୁ ଟେକି ନେଇଥିଲେ ।"

–"ଯାହା ହେଲେବି ରହିବି ବାବା ।"

–"ଏ ଘରେ କିନ୍ତୁ ଭୟାନକ ଭୂତ, ଲଗେନ ବାବା । ରାତି ଅଧରେ ଆସି ବଡ଼ ଗଣ୍ଡଗୋଳ କରନ୍ତି ।"

ଏକଥା ଶୁଣି କିନ୍ତୁ ଭୟରେ ଶିହରି ଉଠିଲା ବାଳକ । ଆପାଦ ମସ୍ତକ ଚଦରରେ ଢାଙ୍କିହୋଇ ବାବାଙ୍କ ପାଖକୁ ଆହୁରି ଗୁଂଜି ହୋଇ ବସିଲା । ବାବା ମଧ୍ୟ ସେମିତି ରହସ୍ୟମୟ ! ବାଳକ ଯେତେ ଭୀତ ହେଲା ବାବା ରହସ୍ୟ କରି ସେତେ ଡରେଇବାକୁ ଲାଗିଲେ । ମାୟାର ଖେଳଘର ମଧ୍ୟ ଠିକ୍ ଏମିତି–ତମେ ଯେତେ ଡରିବ ମାୟାରାକ୍ଷସୀ ବୁକୁ ଉପରେ ମାଡ଼ିବସି ସେତେ ଡରେଇବ ।

ଏଥର ଉଠି ଠିଆହେଲେ ମାୟାଧର । "ଲଗେନ ବାବା, ଭୂତ-ପିଶାଚମାନଙ୍କ ଆସିବାବେଳ ହୋଇଗଲା– ଆଉ ଏ ଘରେ ରହି ହେବନି । କମଳଟା ଧରି ଆସତ–ଜୀବନ୍ତକୁଣ୍ଡ ଦୁଆରେ ଶୋଇବା ।"

ନିଶା ସାଇଁ ସାଇଁ ଗର୍ଜୁଛି । ଚତୁର୍ଦ୍ଦିଗରେ ଘନ ଅନ୍ଧକାର । ବଡ଼ ବଡ଼ ଗଛ ଗୁଡାକର ଡାଳପତ୍ର ଗୁଡ଼ିକ ଦେଖି ମନେ ହେଉଛି ସତେ ଯେମିତି ଗୋଟାଏ, ଗୋଟାଏ ବିରାଟ ଦୈତ୍ୟ ହାତ ବଢ଼ାଉଛନ୍ତି ତାକୁ ଧରିବାପାଇଁ । ଏହିଯେ, ଆଗରେ ଠିଆ ହୋଇଛି କୃଷ୍ଣକାୟ ବିରାଟ ଏକ ଦୈତ୍ୟ– ରୁଧିର ଲୋଲୁପି ରକ୍ତବର୍ଣ୍ଣର ଜିହ୍ୱା ଲହ-ଲହ କରୁଛି ? କିନ୍ତୁ

ଉପାୟ ବା କ'ଣ ? ଠିକ୍ ଏତିକିବେଳେ ବୁଢାଟା ଘର ଛାଡ଼ି ପଦାକୁ ବାହାରି ଗଲାଣି । ଉପାୟନ୍ତର ନ ଦେଖି ଦିଗହରା ଭୀତ ବାଳକ କମଳ ନେଇ ଛୁଟିଲା ବାବାଙ୍କ ପଛେ ପଛେ ଓ ଦେହକୁ ଦେହ ଲଗାଇ ଚାଲିବାକୁ ଲାଗିଲା । ରହସ୍ୟମୟ କିନ୍ତୁ ଚୁପ୍‌ଚାପ ଯାଇ କମଳ ଘୋଡ଼ିହୋଇ ଶୋଇ ପଡ଼ିଲେ ପୋଖରୀ ହୁଡାରେ । ଅନ୍ୟନୋପାୟ ହୋଇ ସାରା ଦେହମୁଣ୍ଡ ଆଚ୍ଛାଦନ କରି ବାଳକ ବସି ରହିଲା ପଦପ୍ରାନ୍ତରେ ।

ପୁଣି କିଛିକ୍ଷଣ କଟିଗଲା । ହଠାତ୍ ଧଡ଼୍‌ପଡ଼୍ ହୋଇ ଉଠିପଡ଼ି ଶ୍ମଶାନଚାରୀ କହି ଉଠିଲେ– "ଏଠାରେ ମୋତେ ଭଲ ଲାଗୁନି ଲାଗେନ ବାବା ! କମଳଟା ନେଇ ଆସତ । ଶ୍ମଶାନ ମଝିରେ ଶିମୁଳି ତଳେ ଶୋଇବା ।"

—ନାଁ ଆଉ ବଞ୍ଚିବାର ଆଶା ନାହିଁ । ପିଶାଚ ହାବୁଡରେ ପଡ଼ିଛି ନିଶ୍ଚୟ । ଆସିବାଠାରୁ ଏ ପର୍ଯ୍ୟନ୍ତ ଘଟି ଯାଇଥିବା ସମସ୍ତ ଘଟଣା ଗୋଟି, ଗୋଟି ହୋଇ ଭସି ଉଠିଲା ଆଖି ଆଗରେ । ବଙ୍କିମଚନ୍ଦ୍ରଙ୍କ କପାଳ କୁଣ୍ଡଳାର ଖଳନାୟକ କାପାଳିକ କଥାହିଁ ବାରମ୍ବାର ମନକୁ ଆସିଲା । କୁଆଡକୁ ପଳେଇ ଯିବାର ଉପାୟ ବି ନାହିଁ । ଏ ନିର୍ଜନ ଶ୍ମଶାନରେ ସାହାଭରସା ବା କିଏ ? ମନ୍ତ୍ରମୁଗ୍‌ଧ ପରି କମଳହସ୍ତରେ ଭୈରବଙ୍କୁ ଅନୁସରଣ କଲା ବାଳକ । ଭୈରବ କିନ୍ତୁ ନିର୍ବିକାର ଚିତ୍ତରେ ଶ୍ମଶାନର ମର୍ମସ୍ଥଳରେ ପ୍ରବେଶ କରି ଶିମୁଳି ତଳେ ଶୋଇ ପଡ଼ିଲେ । ବାଳକ ଭୟରେ ଥରି-ଥରି ବାବାଙ୍କ କୋଳକୁ ଘୁଂଞ୍ଜି ହୋଇ ବସି ନିରବରେ ଅଶ୍ରୁପାତ କରିବାକୁ ଲାଗିଲା । ଏଥରଯେ ସେ ଏକାବାରେ ଶ୍ମଶାନ ମଝିରେ । ପିଲାଦିନୁ ଯାହା ଗପଛଳରେ ଶୁଣିଥିଲା–ସେ ସବୁ ଏହି ଭୟଙ୍କର କାଳରାତ୍ରିରେ ରୂପନେଲା ଆଖି ସାମ୍ନାରେ । ଏହିଯେ ନରକଙ୍କାଳ ଗୁଡାକ ଠିଆହୋଇ'ହିଁ-ହିଁ କରି ହସୁଛନ୍ତି । ସେପଟେ ଦପ୍ ଦପ୍ କରି ଜଳି ଉଠୁଛି ଲେଲିହାନ ଅଗ୍ନିଶିଖା । ଏ ପୁଣି କ'ଣ ? ସହସ୍ରସିଂହର ଗର୍ଜନ ବୁକୁ ଥରେଇ ଦେଉଛି– ନାଁ ଆଉ ରକ୍ଷା ନାହିଁ– ଏହିଯେ ଆସିଗଲେ ମା' କହି ଚିତ୍କାର କରି କାନ୍ଦି ଉଠିଲା ବାଳକ । ଆଉ ସେତିକିରେ ହିଁ

ଶେଷ ହେଲ ପରୀକ୍ଷା । ଯେତେବେଳେ ଜୀବ ଏକାନ୍ତ ନିଃସହାୟ ହୋଇ ଦୁଇହାତ ଟେକି ସର୍ବତୋଭାବରେ ଆତ୍ମସମର୍ପଣ କରେ ସେତିକିବେଳେ ସିନା ଛୁଟି ଆସନ୍ତି ଦୀନବନ୍ଧୁ । ଧୈର୍ଯ୍ୟର ବାଲିବନ୍ଧ ନ ଭୁଷୁଡ଼ିବା ଯାଏଁ ଯେ ପୁରୁଷକାର ଯାଏନା । ଆଉ ପୁରୁଷକାର ଥିବା ପର୍ଯ୍ୟନ୍ତ ଯେ ପରମପୁରୁଷ ଧରା ଦିଅନ୍ତିନି ।

"ଭୟ କ'ଣ ଲଗେନ ବାବା ! ତମେଯେ ତାର ମା'ନ ବରଭୟ ଦାୟିନୀ କୋଳରେ । ଯମବାବାର ବି ସାଧ୍ୟ ନାହିଁ ଏଠାରେ ପ୍ରବେଶ କରିବାକୁ । ତମେ ଯେ ପିଲାଲୋକ, ତମକୁ କ'ଣ ଏକା ଛାଡ଼ି ମୁଁ ଶୋଇପାରେ ! ଆସ ବାବା ମୋ ବୁକୁରେ ମଥାରଖି ନିଶ୍ଚିନ୍ତରେ ଶୋଇପଡ ।" ବୁକୁ ଉପରକୁ ଟାଣିନେଇ ପିଠିରେ ସ୍ନେହବୋଳା ହାତ ବୁଲାଇବାକୁ ଲାଗିଲେ ବରାଭୟଦାତା କ୍ଷେପାଠାକୁର । ନିମିଷକରେ ସମସ୍ତ ବିଭୀଷିକା ମିଳେଇ ଗଲା କୁଆଡେ । ଭୀତ ସନ୍ତାନ ପାଇଁ ମା'ର ବୁକୁ ଯେ ଏକାନ୍ତ ନିରାପଦ ଆଶ୍ରୟସ୍ଥଳ । ସକଳ ଭୟ ନିବାରଣକାରୀ ବାବାଙ୍କର ପ୍ରଶସ୍ତ ବୁକୁରେ ଅଚିରେ ଘୁମେଇ ପଡ଼ିଲା ପଥଶ୍ରାନ୍ତ ବାଳକ । ବାସ୍ତବିକ୍ ଯେଉଁ ପ୍ରଶାନ୍ତ ବୁକୁରେ କାଳଭୟ ନିବାରିଣୀ କାଳି ସଦାଜାଗ୍ରତ, ତ୍ରିତାପ ନାଶିନୀ ତାର ଚିର ଆବଦ୍ଧ– ସେହି ଚିର ଶାନ୍ତିମୟ ବୁକୁରେ ଥରଟିଏ ଆଶ୍ରୟ ପାଇଲେ ଭୟ ପୁଣି ଆସିବ କୁଆଡୁ ? ପରମପିତାଙ୍କ କୋଳ ବ୍ୟତୀତ ଏତେ ପ୍ରଶାନ୍ତି, ଏତେ ଆନନ୍ଦ ଆଉ ମିଳିବ ବା କେଉଁଠି ? ତାଙ୍କପରି ଏତେ ଯତ୍ନ–ଏତେ ଆଦର ଆଉ କରିବ ବା କିଏ ?

କାଳରାତ୍ରିର ଅବସାନରେ ନବୀନ ଉନ୍ମେଷ ନେଇ ଆସିଲା ମଙ୍ଗଳମୟୀ ନବୀନା ଊଷା । ବୃକ୍ଷର ଫାଙ୍କେ, ଫାଙ୍କେ ଉଙ୍କି ମାରିଲା ବାଳ ରବିର କନକ କିରଣ । ବିହଙ୍ଗ କଣ୍ଠରେ ମଧୁର ସାହାନାଇ ସ୍ବରରେ ଝଙ୍କୃତ ହେଲା ପ୍ରଭାତି ସଙ୍ଗୀତ । ଶଯ୍ୟା ତ୍ୟାଗ କରି ଆସନରେ ଉଠି ବସିଲେ ମଙ୍ଗଳମୟ ଶିବକଳ୍ପ ତରୁ । ବାଳକ କିନ୍ତୁ ଏବେବି ଗଭୀର ନିଦ୍ରାରେ ଅଭିଭୂତ । ବୋଧହୁଏ ସ୍ୱପ୍ନ ଦେଖୁଛି ଆଗାମୀ ନବଜୀବନର ଆଉ ସନ୍ତରଣ କରୁଛି ମୃତ୍ୟୁଞ୍ଜୟଙ୍କ ଅମୃତର ପ୍ଲାବନରେ । ଭକ୍ତମାନେ

ଆସି ବାଳକକୁ ଜଗାଇ ଦେଲେ । ସ୍ନେହମୟଙ୍କ ସ୍ନେହରେ ଲାଳିତ ହୋଇ ଦିନେ, ଦିନେ ବଢ଼ି ଚାଲିଲା ଭଗ୍ୟବାନ ବାଳକ ।

ସେଦିନ ଶନିବାର ପୁଣି ଅମାବାସ୍ୟା । ତାନ୍ତ୍ରିକ କ୍ରିୟାର ପ୍ରଶସ୍ତ ଦିନ । ଫରେସଡ଼ଙ୍ଗା ନିବାସୀ କାର୍ତ୍ତିକ ଚନ୍ଦ୍ର ଗୋସାଇଁ ଆସିଥାନ୍ତି ଭୈରବଙ୍କ ନିକଟକୁ । ସାଙ୍ଗରେ ପ୍ରସାଦ ନିମନ୍ତେ କିଛି ଫଳମୂଳ । ଉଦ୍ଦେଶ୍ୟ- ଏହି ମହାନିଶାରେ ବାବାଙ୍କ କୃପାରୁ ଶବସାଧନା କରିବେ । ଏହି କେତେଦିନ ତଳେହିଁ ବାବାଙ୍କ ନିକଟରୁ ତାରାମନ୍ତ୍ରରେ ଦୀକ୍ଷିତ ହୋଇ ସେ ସନ୍ନ୍ୟାସ ଗ୍ରହଣ କରିଛନ୍ତି ।

ଅନ୍ଧକାରମୟୀ ଗଭୀର ନିଶୀଥରେ ଗୁରୁଶିଷ୍ୟ ଶ୍ମଶାନର ମର୍ମସ୍ଥଳରେ ତାନ୍ତ୍ରିକ କ୍ରିୟାରେ ରତ । ବାଳକ ନରେନ୍ଦ୍ରନାଥ କିନ୍ତୁ ପର୍ଣ୍ଣକୁଟୀରରେ ଏକାକୀ ଶାୟିତ । ମହାପୁରୁଷଙ୍କ କୃପାରୁ ଏହା ଭିତରେ ସେ ହୋଇ ଉଠିଛି ସାହସୀ ଓ ନିର୍ଭୟ । କାଲୁ, ଭୁଲୁ ଓ ଶ୍ୱେତଫୁଲି କୁକୁର ତିନୋଟି ବାବାଙ୍କ ସଙ୍ଗରେ କିନ୍ତୁ ଅନ୍ୟାନ୍ୟ କୁକୁରଗୁଡ଼ିକ କୁଟୀର ବାହାରେ ଜଗିବସିଛନ୍ତି ଘୁମନ୍ତ ବାଳକକୁ । ଯମର ବି ସାହସ ନାହିଁ ଏହି ଶିବବଳଙ୍କୁ ଅତିକ୍ରମ କରି ପ୍ରବେଶ କରିବ କୁଟୀର ଭିତରେ ।

ପ୍ରଭତର ଆଲୋକ ସଙ୍ଗେ ସଙ୍ଗେ ଗୁରୁ ଓ ଶିଷ୍ୟ ତାନ୍ତ୍ରିକ କ୍ରିୟା ସମାପନ କରି ଫେରିଆସିଲେ ଶ୍ମଶାନ ମଧ୍ୟରୁ । ବାବା ସ୍ନାନ କରିବାକୁ ଜୀବନ୍ତ କୁଣ୍ଡରେ ପଶିଲେ । ଗୋସାଇଁ ଠାକୁର କିନ୍ତୁ କୁଟୀର ଦିଗରେ ମୁହାଁଇଲେ । ବାଳକର ଘୁମ ଭଙ୍ଗି ଯାଆନ୍ତେ ଶଯ୍ୟା ତ୍ୟାଗ କରି ହାତ-ମୁହଁ ଧୋଇ ବସି ମା'ର ନାମ କରିବାକୁ ଲାଗିଗଲା । ଏତିକିବେଳେ ଗୋସେଇଁ ଠାକୁର ମା'ର ପ୍ରସାଦ—ଗୋଟିଏ ଆମ୍ବ ଓ କୋଡ଼ିଏଟି ଜାମୁକୋଳି ବାଳକ ହାତରେ ଧରେଇ ଦେଇ ତାରାପୀଠ ତ୍ୟାଗ କରି ଗନ୍ତବ୍ୟ ସ୍ଥଳୀକୁ ଆଗେଇ ଚାଲିଲେ ।

ପରମ ଆଗ୍ରହଭରେ ଠୁଙ୍ଗାଟି ହାତରେ ଧରି ପ୍ରସାଦୀ ଆମ୍ବ ଖାଇବାକୁ ଲାଗିଲା ବାଳକ । ସ୍ନାନ ସାରି ଆସି ବାଳକକୁ ଆମ୍ବ ଖାଉଥିବାର

ଦେଖି ଜିଜ୍ଞାସା କଲେ ଭୈରବ "ଲଗେନ ବାବା ! ଆମ୍ବ କେଉଁଠୁ ପାଇଲ ?"

—"କାଲି ଯେଉଁ ସାଧୁଟି ଆପଣଙ୍କ ପାଖକୁ ଆସିଥିଲେ—ସେହି ଦେଇ ଯାଇଛନ୍ତି ।"

—"ହଉ ବାବା, ଭଲ; ଆନନ୍ଦରେ ଖାଅ ବାବା ।"

ବାଳକକୁ ଆମ୍ବ ଖାଉଥିବାର ଦେଖି ଖୁବ୍ ଖୁସି ଲଗିଛି ବାଳକବତ୍ ମହାପୁରୁଷଙ୍କୁ । ତେଣୁ ଗୋଟିଏ ପାଖରେ ବସି ଏକ ଲୟରେ ଅନେଇ ରହିଛନ୍ତି ତାକୁ—ଆଉ ଉପଭୋଗ କରୁଛନ୍ତି ଏକ ଅନାବିଳ ଆନନ୍ଦ । କେତେବେଳେ ଯେ ଭବମୟ କ୍ଷେପା ଠାକୁରଙ୍କର କେଉଁ ଭବ ପ୍ରକାଶ ପାଏ ବୁଝିବା ଅସମ୍ଭବ । କେତେବେଳେ ଜଡ଼ ତ କେତେବେଳେ ପିଶାଚ—ଆଉ କେତେବେଳେ ଉଗ୍ର ତ କେତେବେଳେ ଉନ୍ମତ । ପୁଣି କେତେବେଳେ ବା ବାଳକବତ୍ ! ସେ ଯେ ଥିଲେ ଅଷ୍ଟ-ପାଶ-ମୁକ୍ତ ଅଧିମାତ୍ରତମ ସାଧକ ।

"ଚତୁର୍ଧା ସାଧକୋ ଜ୍ଞେୟୋ, ମୃଦୁ ମଧ୍ୟାଧି ମାତ୍ରକଃ ।
ଅଧି ମାତ୍ରତମଃ ଶ୍ରେଷ୍ଠୋ ଭବାବ୍ଧୌ ଲଙ୍ଘନ କ୍ଷମଃ ।।"
(ଶିବ ସଂହିତା)

ସାଧକ ଚାରି ପ୍ରକାର । ମୃଦୁ, ମଧ୍ୟ, ଅଧିମାତ୍ର ଓ ଅଧିମାତ୍ରତମ । ଏମାନଙ୍କ ମଧ୍ୟରେ କିନ୍ତୁ ଅଧିମାତ୍ରତମ ସର୍ବଶ୍ରେଷ୍ଠ ! ଯିଏ କି ଏହି ଭବସାଗରକୁ ଅକ୍ଲେଶରେ ପାରି ହୋଇ—ପାରି କରାଇ ପାରେ ।

"ଅଖଣ୍ଡ ମଣ୍ଡଳାକାର ଜ୍ୟୋତିର୍ମୟ ପିଣ୍ଡ ।
ବ୍ୟାପ୍ତ ଯେହୁ ଚରାଚର ଅଖିଳ ବ୍ରହ୍ମାଣ୍ଡ ।।
ସେ ପଦ ଦେଖି ଦେଖାଇବାରେ ଯା' ଶକତି ।
ସେହି ଗୁରୁ ପରମ୍ବ୍ରହ୍ମ ଅଗତିର ଗତି ।"

ଆମ୍ବ ଖାଇବା ଶେଷ ହୁଅନ୍ତେ ଠୁଙ୍ଗାଟି ହାତରେ ଧରି ଜାମୁକୋଳି ଗୋଟିଏ, ଗୋଟିଏ ଖାଇବାକୁ ଲାଗିଲା ବାଳକ ।

—"ଏ ପୁଣି କ'ଣ ଖାଉଛ, ଲଗେନ ବାବା ?"

—"ଜାମୁକୋଳି ବାବା"; ମଧୁର କଣ୍ଠରେ ଉତ୍ତର ଦେଲା ନଗେନ୍ଦ୍ର ନାଥ ।

ଛୋଟ ଗୋଟିଏ ଶିଶୁପରି ହାତ ବଢେଇ ଦେଲେ କ୍ଷେପାବାବା— "ମୋତେ ଦି'ଟା ଦେବକି ବାବା ?"

ଠୁଙ୍ଗାଟି ସାମ୍ନାରେ ଟେକି ଧରିଲା ବାଳକ ଆଉ ବିନା ସଙ୍କୋଚରେ ମହାମାନବ ସେହି ଏକା ଠୁଙ୍ଗାରୁ ଜାମୁକୋଳି ଖାଇବାକୁ ଲାଗିଲେ । ଆହା କି ଅପୂର୍ବ ସେ ଦୃଶ୍ୟ ସତେ ! ଜଣେ ବାଳକ ଆଉ ଜଣେ ବାଳକବତ୍ । ଜଣେ ଅମୃତ ପିୟାସୀ ଆଉ ଜଣେ ଅମୃତମୟ । ମହାପୁରୁଷଙ୍କର କେତେବେଳେ ଯେ କେଉଁ ଭାବରେ ଲୀଳା ସେ କଥା କିଏ ବା ଜାଣିବ ? ସେଦିନ ଦ୍ୱାପରର ଶେଷ ସନ୍ଧ୍ୟାରେ ସେମିତି ଯମୁନା ନଈ କୂଳରେ ଗୋପବାଳକ ମେଳରେ ବ୍ରହ୍ମାଣ୍ଡ ଠାକୁର ଯୋଗେଶ୍ୱର କୃଷ୍ଣ ଖାଇ ବସିଥିଲେ ଏକାପତ୍ରରେ—କେତେବେଳେ ସେ ଖୁଆଇ ଦେଉଥାନ୍ତି ସୁବଳ-ସୁଦାମଙ୍କୁ ତ ପୁଣି କେତେବେଳେ ସୁବଳ-ସୁଦାମ ଖୁଆଇ ଦେଉଥାନ୍ତି ତାଙ୍କୁ । ସ୍ୱର୍ଗରେ ଅମରବୃନ୍ଦ ପରମ ଭକ୍ତି ଭରେ ଦେଖୁଥାନ୍ତି ଏହି ବଣଭୋଜି ଲୀଳା । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ମନରେ ଆସିଲା ସନ୍ଦେହ—ଏଇ କ'ଣ ତା'ହେଲେ ଅଖିଳ ଜଗତର ନାଥ ଯୋଗୀଜନାରାଧ୍ୟ ଭଗବାନ କୃଷ୍ଣଚନ୍ଦ୍ର ? ଯାହାଙ୍କ ଚରଣ ଧୂଳି ଟିକିଏ ପାଇଁ ଲକ୍ଷ-ଲକ୍ଷ ବର୍ଷ ଧରି ଜଗି ବସିଛନ୍ତି କେତେ ମୁନି-ଋଷି, ସେ ପୁଣି ଖାଉଛନ୍ତି ଗଉଡ ଟୋକା ଗୁଡାକଙ୍କର ଅଇଁଠା । ନାଁ-ନାଁ-ଏହା ଯେ ଅସମ୍ଭବ— ଆଜି ମୁଁ ପରୀକ୍ଷା କରି ଦେଖିବି କେଉଁଠିକାର କୃଷ୍ଣ ଏ ? ଏଇଆ ଭାବି ସ୍ୱର୍ଗରୁ ଓହ୍ଲେଇ ଆସିଲେ ଧରାଧାମକୁ—କମଣ୍ଡଳୁରେ ବତ୍ସ ଓ ବାଳକଗଣଙ୍କୁ ଭରିଦେଇ ଫେରିଗଲେ

ବ୍ରହ୍ମଲୋକକୁ । କ'ଣ କରଯାଏ ଏବେ ? ମାୟା ରଚିଲେ ମାୟାଧର; ଶ୍ରୀ ଅଙ୍ଗରୁ ଜାତ କଲେ ଅନୁରୂପ ବତ୍ସ ଓ ବାଳକ । ପୂର୍ବଠାରୁ ଆହୁରି ନିବିଡ଼ତର ଭାବରେ ଗଡ଼ି ଚାଲିଲା ସଖ୍ୟ ଭାବର ମଧୁରଲୀଳା । ବ୍ରହ୍ମଲୋକରେ ଗୋଟିଏ ଦିନ କଟେଇ ପୁଣି ଯେତେବେଳେ ଫେରି ଆସିଲେ ବୃନ୍ଦାବନକୁ ସେତେବେଳେ କିନ୍ତୁ ଗଉଡ ଟୋକାର କରାମତି ଦେଖି ସ୍ତମ୍ଭୀଭୂତ ବ୍ରହ୍ମା । ନିଜର ଭୁଲ ବୁଝିପାରି ତ୍ରିଲୋକ ବାଞ୍ଛିତ-କଂଜ ଚରଣରେ ଲୋଟିପଡ଼ି ଦେଇଗଲେ ସ୍ୱୀକାରୋକ୍ତି-

ଜାନନ୍ତଃ ଏବ ଜାନନ୍ତୁ କିଂ
ବହୂକ୍ତ୍ୟା ନ ମେ ପ୍ରଭୋ ।
ମନସୋ, ବପୁଷୋ ବାଚୋ
ବୈଭବଂ ତବ଼ଗୋଚରଂ ॥

ଭା ୧୦/୧୪/୩୯

ଅନ୍ୟ କିଏ ଜାଣନ୍ତୁ ବା ନ ଜାଣନ୍ତୁ- "ମୁଁ ସୃଷ୍ଟିକର୍ତ୍ତା ବ୍ରହ୍ମା- ସର୍ବାନ୍ତଃକରଣରେ ଘୋଷଣା କରୁଛି-ହେ ଲୀଳାମୟ ! ତୁମ ଲୀଳାରୁ କାଣିଚାଏ ମଧ୍ୟ ବୁଝିବାକୁ ମୋର ଯୋଗ୍ୟତା ନାହିଁ । କିନ୍ତୁ ତଥାପି-

ଯାହାକୁ ହେଉ ତୁ ସଦୟେ ।
ସେ ନ ପଡଇ ମାୟା ମୋହେ ॥
ତୋର ଭକତି ହୃଦେ ହେଜି ।
ଅର୍ଜିଲା କର୍ମଫଳ ଭୁଂଜି ॥
ଚିତ୍ତ ନିବେଶି ତୋର ପାଦେ ।
ହସାରୁ ଯାନ୍ତି ମୋକ୍ଷ ପଦେ ॥

(ତତ୍ତେଽନୁକମ୍ପାଂ ସୁସମୀକ୍ଷମାଣୋ ଭୁଞ୍ଜାନ ଏବାତ୍ମକୃତଂ ବିପାକଂ ।
ହୃଦ୍ୱାଗ୍‌ବପୁର୍ଭିର୍ବିଦଧନ୍ ନମସ୍ତେ ଜୀବେତ ଯୋ ମୁକ୍ତିପଦେ ସ ଦାୟଭାକ୍ ॥)
(ବ୍ରହ୍ମୋସ୍ତୁତି- ଶ୍ରୀମଦ୍ ଭାଗବତ ୧୪/୮)

କୋଳି ଖାଇବା ଶେଷ ହୁଅନ୍ତେ—ଭକ୍ତଗଣ ପରିବେଷ୍ଟିତ ହୋଇ କ୍ଷେପାବାବା ଯାଇ ବସିଲେ ସ୍ୱ ଆସନରେ ଓ ବାଳକ ଚାଲିଲା ମା'ର ମନ୍ଦିରକୁ ।

X X X

ଏହି ଭାଗ୍ୟବାନ ବାଳକହିଁ ନଦୀୟା ଜିଲ୍ଲା ଅନ୍ତର୍ଗତ କାଳୀଗଞ୍ଜ ନିବାସୀ ବିଧୂମୌଳି ବାଗ୍‌ଚିଙ୍କର ଏକୋଇରବଳା ବିଶିକେଶନ—ନଗେନ୍ଦ୍ରନାଥ ବାଗଚି । ଛାତ୍ରାବସ୍ଥାରେ ହିଁ କେଜାଣି କେଉଁ ଧୂର୍ଜଟୀର ଅଦୃଶ୍ୟ ଇଙ୍ଗିତରେ ସମ୍ମୋହିତ ହୋଇ ଗୃହ ତ୍ୟାଗ କରି ଛୁଟି ଆସିଥିଲା ନିରୁଦ୍ଦେଶ୍ୟର ଉଦ୍ଦେଶ୍ୟରେ । ବହୁ ଗ୍ରାମ-ନଗର ଭ୍ରମି, ଭ୍ରମି କପର୍ଦ୍ଦକ ଶୂନ୍ୟ ଅବସ୍ଥାରେ ଅବଶେଷରେ ଯାଇ ଉପସ୍ଥିତ ହେଲା ଜନ୍ମ-ଜନ୍ମାନ୍ତର ଆଶ୍ରୟଦାତା କ୍ଷେପାବାବାଙ୍କ ଚରଣପ୍ରାନ୍ତରେ । କୃପାନାଥଙ୍କ କୃପା ପରଶ ପାଇ ବେଶ୍ ଆନନ୍ଦରେ କଟିଗଲା ଦିନ କେତୋଟି । ସେଦିନ କିନ୍ତୁ ବାବାଙ୍କ ନିକଟରୁ ଆସିଲା ଏକ ନିଷ୍ଠୁର ପ୍ରତ୍ୟାଦେଶ— "ତମେ ଏଥର ଘରକୁ ଫେରିଯାଅ ଇଗେନ ବାବା ! ପିତା-ମାତା ତୁମକୁ ନପାଇ ବଡ ବ୍ୟସ୍ତ ହୋଇ ପଡ଼ିଛନ୍ତି । ତା'ଛଡା ତୁମକୁ ଯେ ସଂସାର ଧର୍ମ କରିବାକୁ ହେବ ।"

ଜୀବ କୁଆଡୁ ବୁଝିବ କେଉଁଥିରେ ତା'ର ପ୍ରେୟ ବା ଶ୍ରେୟ ! ଅନ୍ତର୍ଯାମୀ ନାଥଙ୍କୁ ସିନା ତାହା ଜଣା ! !

ବହୁଦିନରୁ ହଜାଇଥିବା ଏକମାତ୍ର ପୁତ୍ରକୁ ଫେରି ପାଇ ପିତାମାତାଙ୍କ ଆନନ୍ଦ କହିଲେ ନସରେ । ବାରବୁଲା ମନକୁ ବାନ୍ଧି ରଖିବା ପାଇଁ ଲାଗିଗଲା ବିବାହର ଆୟୋଜନ । ଷୋଡଶବର୍ଷ ବୟସରେ ସିଉଡୀ ନିବାସୀ ହେମଚନ୍ଦ୍ର ଭୌମିକଙ୍କ ଜ୍ୟେଷ୍ଠାକନ୍ୟା ସୁରବାଳା ସଙ୍ଗେ ମହାଡମ୍ବରରେ ନଗେନ୍ଦ୍ରନାଥର ଶୁଭପରିଣୟ ସମ୍ପନ୍ନ ହେଲା । ପରମ ଆନନ୍ଦରେ ଭର୍ତ୍ତି ସହକାରେ ନୀଡ ରଚନା କଲେ ଏହି ଅନନ୍ତ ସୃଷ୍ଟିର ପକ୍ଷି-ପକ୍ଷିଣୀ ଦୁଇଟି । ବିଧିର ଗତି କିନ୍ତୁ ବିଚିତ୍ର । ନଗେନ୍ଦ୍ରନାଥର ବୟସ ଯେତେବେଳେ ୨୧ ବର୍ଷ ସେତେବେଳେ ପରମ ରୂପବତୀ, ପରମ ଗୁଣବତୀ-ସର୍ବଗୁଣ ସମ୍ପନ୍ନା ସୁରବାଳା ଦେବୀ ଗୋଟିଏ ଅନିନ୍ଦ୍ୟସୁନ୍ଦର

ପୁତ୍ର ସନ୍ତାନକୁ ଜନ୍ମଦେଇ ଚିରଦିନ ପାଇଁ ଇହଲୀଳା ସମ୍ବରଣ କଲେ । ସ୍ତ୍ରୀର ମୃତ୍ୟୁରେ ଯୁବକ ମନରେ ପୁନର୍ଜୀବିତ ହୋଇ ଉଠିଲା ସଂସାର ବୈରାଗ୍ୟ । ଗୃହ ତ୍ୟାଗ କରି ପୁଣିଥରେ ବାହାରି ପଡ଼ିଲେ ରାସ୍ତା ଧାରକୁ । ଏଥର କିନ୍ତୁ ଠାବ ମିଳିଲା ନୀଳାଚଳରେ । ନୀଳାଚଳ ସେତେବେଳେ ବୈଷ୍ଣବ କୁଳତିଳକ ନାମ ସିଦ୍ଧ ବାବାଜୀ ଚରଣଦାସଙ୍କ ଲୀଳାରେ ଲୀଳାଚଞ୍ଚଳ । ଜଗବନ୍ଧୁଙ୍କ ଅପାର କରୁଣାରୁ ଯୁବକ ନଗେନ୍ଦ୍ରନାଥ ବାବାଜୀଙ୍କ କୃପାପ୍ରାପ୍ତ ହୋଇ ବୈଷ୍ଣବ ମନ୍ତ୍ରରେ ଦୀକ୍ଷିତ ହେଲେ ଓ ପୁନରାୟ ଗୃହସ୍ଥ ଧର୍ମରେ ପ୍ରବୃତ୍ତ ହେବାକୁ ଗୁରୁଦେବଙ୍କଠାରୁ ନିର୍ଦ୍ଦେଶ ପାଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଅଚିରେ କୃଷ୍ଣନଗରରେ ଏକ ପରମ ଗୁଣବତୀ କନ୍ୟା ସଙ୍ଗେ ଦ୍ୱିତୀୟ ବିବାହ ସମ୍ପନ୍ନ ହେଲା । ଏହି ଅବସରରେ କିନ୍ତୁ ପରମ ଆରାଧ୍ୟ କ୍ଷେପାବାବାଙ୍କୁ ଦର୍ଶନ କରିବାକୁ ପ୍ରବଳ ଆକାଙ୍‌କ୍ଷା ଜାଗିଲା ଯୁବକ ପ୍ରାଣରେ ।

ଶୁଭସ୍ୟ ଶୀଘ୍ରଂ । ଅବିଳମ୍ବେ ଏକ ଶୁଭ ପ୍ରଭାତରେ ତାରାପୀଠ ଉଦ୍ଦେଶ୍ୟରେ ଯାତ୍ରାକରି, ଦୀର୍ଘପଥ ଅତିକ୍ରମ କରି ପହଞ୍ଚିଲାବେଳକୁ ବେଳ ପ୍ରାୟ ରତ-ରତ । ଅନ୍ତର୍ଯାମୀ ମହାଭୈରବ କିନ୍ତୁ ପ୍ରିୟ ଭକ୍ତର ପ୍ରତୀକ୍ଷାରେ ଶ୍ୱେତଶିମୁଳି ବୃକ୍ଷ ମୂଳେ ପଞ୍ଚମୁଣ୍ଡି ଆସନରେ ସମାସୀନ ।

"ଏ କ'ଣ ଦେଖୁଛି ? ଏ କ'ଣ ସ୍ୱପ୍ନ ନା ସତ୍ୟ ? ଜ୍ୟୋତିର୍ମୟ ମଣ୍ଡଳ ମଧ୍ୟରେ ଏ ଯେ ତ୍ରିଭଙ୍ଗଠାମ, ଜଗଜନମନମୋହନ ଜଗତର ଠାକୁର– ଗୋପୀଜନ ବଲ୍ଲଭ ଭଗବାନ କୃଷ୍ଣଚନ୍ଦ୍ର । ପାଦରେ ନୂପୁର, ଗଳାରେ ବନମାଳ ଓ ଶ୍ରୀକରରେ ମୋହନ ବଂଶୀ । ସ୍ନିଗ୍ଧ-ଅତ୍ୟୁଜ୍ଜ୍ୱଳ ଜ୍ୟୋତିରେ ସମଗ୍ର ବନଭୂମି ଆଲୋକିତ ।" ଧନ୍ୟ ହେଲା ଜୀବନ– ସାର୍ଥକ ହେଲା ଗୁରୁଦତ୍ତ ମନ୍ତ୍ର ! ଦୁଇ ନୟନରୁ ଅବିରଳ ଧାରାରେ ଝରିବାକୁ ଲାଗିଲା ପ୍ରେମାଶ୍ରୁ–ତଡ଼ିତ୍ ବେଗରେ ସର୍ବାଙ୍ଗରେ ଖେଳିଗଲା କି ଏକ ଦିବ୍ୟ ଶିହରଣ । ଭାବ ଗଦ୍‌ଗଦ୍ କଣ୍ଠରେ ଇଷ୍ଟମନ୍ତ୍ର ଉଚ୍ଚାରଣ କରୁ କରୁ ପ୍ରେମମୟ ଠାକୁରଙ୍କ ଶ୍ରୀପାଦପଦ୍ମରେ ନାମର ଝୁଲି ଓ ତୁଳସୀର ମାଳ, ଅର୍ପଣ କରି ସାଷ୍ଟାଙ୍ଗ ହୋଇ ଲୋଟି ପଡ଼ିଲା ଯୁବକ ଭକ୍ତଟି । ଦିବ୍ୟକାନ୍ତି ରସଘନ

ମୂର୍ତ୍ତି କ୍ରମଶଃ କ୍ଷୀଣରୁ କ୍ଷୀଣତର ହୋଇଗଲା । ଭବବିହ୍ୱଳିତ ଭକ୍ତ ଉଠିବସି କିନ୍ତୁ ବୃକ୍ଷର ଗଣ୍ଡିଛଡା ଆଉକିଛି ଦେଖିବାକୁ ପାଇଲାନି । "ଏ କ'ଣ ମୋର ମତିଭ୍ରମ, ନା ଶ୍ମଶାନ ବିଭୂତି, ନା ଡ଼ାକିନୀ ଯୋଗିନୀଙ୍କ ମୋହିନୀ ମୂର୍ତ୍ତି ? ନା-ନା ଅସମ୍ଭବ; ମୁଁ ଯେ ସ୍ୱଚକ୍ଷୁରେ ଦେଖିଛି ପ୍ରେମରସଘନ ମଧୁରମୂର୍ତ୍ତି ଭଗବାନ କୃଷ୍ଣଚନ୍ଦ୍ରଙ୍କୁ; ଆଉ ସେ ଯେ ତାରାପୀଠର ଜାଗ୍ରତ ଭୈରବ ସ୍ୱୟଂ ବାମକ୍ଷେପା !" "କେମିତି ଅଛ ଲଗେନ ବାବା ?" ସ୍ମିତ ହସି ପଚାରିଲେ ପଦ୍ମପଲାଶ ଲୋଚନ ପ୍ରେମମୟ ହରିହର । ଭକ୍ତ କିନ୍ତୁ ନିର୍ବାକ୍-ବିସ୍ମୟରେ କୌଣସି ଉତ୍ତର ଦେଇ ପାରିଲାନି; ପରମାନନ୍ଦରେ ନିଶ୍ଚଳ ତା'ର ମନ, ପୁଲକିତ ତନୁ ଓ ସ୍ତବ୍ଧ ପ୍ରାଣବାୟୁ ।

—"ଉଠନା ହୁଅନା ବାବା !" ପୃଷ୍ଠଦେଶରେ କରପଦ୍ମ ସ୍ପର୍ଶ କଲେ ଦେବତା । ଲୋଟି ପଡ଼ିଲା ଭକ୍ତ ଜୀବନ୍ତ ଠାକୁରଙ୍କ ଚରଣ ଦୁଇଟି ଜାବୁଡ଼ି ଧରି ଓ ଗଦ୍ ଗଦ୍ କଣ୍ଠରେ କହି ଉଠିଲା— "ତୁମେଇ ତ ମୋର ସାଧନାର ଚରମ ସିଦ୍ଧି ଓ ପରମ ଇଷ୍ଟ । ତୁମେହିଁ ତେଜୋମୟ, ଜ୍ଞାନମୟ ଓ ପ୍ରେମମୟ ଠାକୁର । ତୁମେହିଁ କାଳୀ, କୃଷ୍ଣ ଓ ମହାଶକ୍ତି ତାରା । ତୁମେହିଁ ବ୍ରହ୍ମ, ଆତ୍ମା ଓ ଭଗବାନ, ତୁମେହିଁ ପିତା, ମାତା, ବନ୍ଧୁ, ସଖା ଓ ଗୁରୁ ନାରାୟଣ ! ମୁଁ ଯେ ଅତି ଦୀନ, ଅତିହୀନ, ଅତି ଅକିଞ୍ଚନ । ନିଜ ଗୁଣରେ କୃପାକର ପ୍ରଭୋ !

"ଗୁରୁ ନାରାୟଣ, କରେ ନିବେଦନ
ରହେ ଯେଉଁ ମନ ତବ ଶ୍ରୀଚରଣେ ।
ମୁଁ ଯେ ଅତିଦୀନ ଭଜନ ବିହୀନ
କୃପାକର ପ୍ରଭୋ ! ତବ ନିଜ ଗୁଣେ ।।"

ପରମ ସ୍ନେହ ଭରେ ଭକ୍ତକୁ ଟାଣିନେଲେ ଭକ୍ତ ବତ୍ସଳ ନିଜର ବିଶାଳ ବକ୍ଷକୁ— ସ୍ନେହମୟୀ ଜନନୀ ଯେପରି ଟୋକି ନିଏ ଅବୋଧ

ଶିଶୁକୁ । କିଛିଦିନ ଭଗବାନଙ୍କ ଅଙ୍ଗ-ସଙ୍ଗ ଲାଭକରି ଯୁବକ ପୁଣି ଫେରି ଆସିଲା ଗୃହସ୍ଥାଶ୍ରମକୁ ।

× × ×

ଥରେ ଗ୍ରାମ ନିକଟରେ ବାଘ ମାତିଥାଏ । ସେଦିନ ନିକଟସ୍ଥ ଥାନାର ଭାରପ୍ରାପ୍ତ ଅଫିସର ଗଖାଲ ଦାସ ସେନଗୁପ୍ତ—ଦୁଇଜଣ ସିପାହୀ ସେଖ ଝାଲିପାଂ ଓ ଇନ୍ଦୁ ହାଡ଼ିକୁ ସାଙ୍ଗରେ ଧରି କୁଲବେଡ଼ିଆ ଜଙ୍ଗଲକୁ ଶିକାର କରିବାକୁ ବାହାରିଥାନ୍ତି । ନଗେନ୍ଦ୍ରନାଥ ତାଙ୍କର ବାଲ୍ୟ ବନ୍ଧୁ । ବନ୍ଧୁଙ୍କ ଅନୁରୋଧରେ ଶିକାର ଦେଖିବାର ଲୋଭ ସମ୍ବରଣ ନ କରି ସେ ମଧ୍ୟ ବାହାରି ପଡ଼ିଲେ ସାଙ୍ଗରେ । ଏକ ପ୍ରାନ୍ତରୁ ଗଖାଲ ବାବୁ ଓ ଖାଲିପାଂ ତଥା ଅନ୍ୟପ୍ରାନ୍ତରୁ ନଗେନ୍ଦ୍ରନାଥ ଓ ଇନ୍ଦୁହାଡ଼ି ଜଙ୍ଗଲ ମଧ୍ୟରେ ପ୍ରବେଶ କଲେ । ନଗେନ୍ଦ୍ରନାଥ କିନ୍ତୁ ଅସ୍ତ୍ର-ଶସ୍ତ୍ର ବିହୀନ ଦର୍ଶକମାତ୍ର । ବହୁ ଅନୁସନ୍ଧାନପରେ ବେଳା ପ୍ରାୟ ୪ଟା ବେଳକୁ ଏକ କ୍ଷୁଦ୍ର ବୁଦା ଭିତରେ ବିରଟ ଏକ ଚିତାବାଘ ଦେଖି ଇନ୍ଦ ହାଡ଼ିକୁ ଦେଖାଇ ଦେଲେ ବାଗ୍‌ଚି ମହାଶୟ । ବନ୍ଧୁକ ସଳଖି ପର-ପର ଅନେକ ଗୁଡ଼ିଏ ଗୁଳି ବର୍ଷଣ କରି ଗଲା ଇନ୍ଦୁ । କି ଆଶ୍ଚର୍ଯ୍ୟ ! କେବଳ ଗୋଟିଏ ଗୁଳି ବ୍ୟତୀତ ଅନ୍ୟ ସମସ୍ତ ଲକ୍ଷ୍ୟ ଭ୍ରଷ୍ଟ ହେଲା । ଆଘାତ ପ୍ରାପ୍ତ ବ୍ୟାଘ୍ର ଏଥର କିନ୍ତୁ ଉତ୍‌କ୍ଷିପ୍ତ ହୋଇ ଛୁଟି ଆସିଲା ଆକ୍ରମଣ ଉଦ୍ଦେଶ୍ୟରେ ! ପ୍ରାୟ ୪-୫ ହାତ ଦୂରରେ ତୀବ୍ର ଲକ୍ଷ୍ୟରେ ଜଗିବସି ବୁକୁ ଫଟା ଗର୍ଜନ କରି ଲାଞ୍ଜ ବାଡ଼େଇବାକୁ ଲାଗିଲା । ବନ୍ଧୁକରେ ଯେ ଏତିକିବେଳକୁ ଗୁଳି ନାହିଁ । ଭୟଭୀତ ଇନ୍ଦୁ ହାଡ଼ି ବନ୍ଧୁକରେ ଟୋଟା ଭର୍ତ୍ତି କରିବା ଭିତରେ ଭୀଷଣ ଗର୍ଜନ କରି ଉଠିଲା ବାଘଟି । ଥରି ଉଠିଲା ଇନ୍ଦୁର ହାତ ଏବଂ ସଙ୍ଗେ ସଙ୍ଗେ ଭୀଷଣ ଶବ୍ଦ କରି ବନ୍ଧୁକରୁ ଗୁଳି ବାହାରି ବାଗ୍‌ଚି ମହାଶୟଙ୍କ ଦକ୍ଷିଣ ବକ୍ଷ ଭେଦ କରି ପୃଷ୍ଠଦେଇ ବାହାରିଗଲା । ଚକ୍ଷୁର ପଲକରେ ଘଟିଗଲା ଏତେବଡ଼ ଅଘଟଣ—ବଲ୍‌ବଲ୍ କରି ଅନେଇ ରହିଛନ୍ତି ନଗେନ୍ଦ୍ରନାଥ । କ'ଣ ଯେ ହେଲା କିଛି ଭାବିବା ପୂର୍ବରୁ ଅନୁଭବ କଲେ ତୁଷାର ଶୀତଳ କାହାର ହାତଟିଏ ଆସି ଖୁବ୍ ଜୋରରେ ଚପି ଧରିଲା କ୍ଷତ ସ୍ଥାନକୁ । ଏଆଡ଼େ କିନ୍ତୁ ବାଘଟି ଡେଇଁ

ପଡ଼ିଲା ଇନ୍ଦୁହାଡ଼ି ଉପରକୁ—ଆରମ୍ଭ ହୋଇ ଗଲା ବାଘ ଓ ମଣିଷର-ଜୀବନ ଓ ମୃତ୍ୟୁର ସଂଘର୍ଷ । କିଂ କର୍ତ୍ତବ୍ୟ ବିମୂଢ଼ ନଗେନ୍ଦ୍ରନାଥଙ୍କୁ ଗୁରୁ ଗମ୍ଭୀର ସ୍ୱରରେ ନିର୍ଦ୍ଦେଶ ଆସିଲା "ଶୀଘ୍ର ପଳା" । ଚିରପରିଚିତ ସ୍ୱର ଶୁଣି ଊର୍ଦ୍ଧ୍ୱଶ୍ୱାସରେ ଦଉଡ଼ିବାକୁ ଲାଗିଲେ ସେ; କିନ୍ତୁ କ୍ଷତ ସ୍ଥାନରୁ ଭୀଷଣ ରକ୍ତସ୍ରାବ ହୁଅନ୍ତେ କିଛି ପଥ ଅତିକ୍ରମ କରି ଟଳି ପଡ଼ିଲା ତାଙ୍କର ଅବଶ ଶରୀର ।

ବନ୍ଧୁକ ଶବ୍ଦକୁ ଅନୁସରଣ କରି ଅପର ପ୍ରାନ୍ତରୁ ଛୁଟି ଆସିଲେ ଗଖାଲ ଦାସ ଓ ଜାଲିପାଂ । ସେତେବେଳକୁ ବ୍ୟାଘ୍ର ଇନ୍ଦୁର ହସ୍ତ ଦୁଇଟି ଉତ୍ପାଟନ କରି ବକ୍ଷ ଦେଶରୁ ରକ୍ତପାନ କରୁଥାଏ । ପର-ପର ଦୁଇଟି ଗୁଳି କରି ବ୍ୟାଘ୍ରଟିକୁ ବଧ କଲେ ସେମାନେ । ଇନ୍ଦୁ ମଧ୍ୟ ଶେଷ ନିଃଶ୍ୱାସ ତ୍ୟାଗ କଲା । ବନ୍ଧୁ ନଗେନ୍ଦ୍ରନାଥଙ୍କୁ ଖୋଜି, ଖୋଜି ଆସି ବାଟରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ଖଟିଆରେ ପକାଇ ବୋହି ଆଣିଲେ । ସେତେବେଳକୁ ସେ ଅଚେତନ । ଦୀର୍ଘ ଦିନ ଧରି କଲିକତା ମେଡ଼ିକାଲ କଲେଜରେ ଚିକିତ୍ସିତ ହେଲାପରେ ପୁନର୍ଜ୍ଜୀବନ ଲାଭକରି ଘରକୁ ଫେରି ଆସିଲେ ସତ; କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ପାରିଲେନି । କ୍ଷତ ଶୁଖିଗଲା କିନ୍ତୁ ତା' ପରିବର୍ତ୍ତେ ଦେଖାଦେଲା ଦୁରନ୍ତ ବ୍ୟାଧି—ଶ୍ୱାସ ଓ କାଶ । ଏହି ଘଟଣା ଘଟିବାର ୩, ୪ ଦିନ ପରେ ଯେତେବେଳେ ଖବର କାଗଜରେ ପ୍ରକାଶ ପାଇଲା—ବାବାଙ୍କର କିଏ ଜଣେ ଭକ୍ତ ବାବାଙ୍କ ନିକଟରେ ଏକଥା ଜଣାନ୍ତେ ବାବା କହିଥିଲେ—"ଶଳା କିନ୍ତୁ ବେଶ୍ ବଞ୍ଚିଗଲା ।"

ଘରକୁ ଫେରି ଆସି କିନ୍ତୁ ବାବାଙ୍କୁ ଦେଖିବାକୁ ମନଟା ଛଟ୍‌ପଟ୍ କରି ଉଠିଲା । ସେହି ଭଗ୍ନ ସ୍ୱାସ୍ଥ୍ୟ ନେଇ ଭକ୍ତ ଛୁଟି ଆସିଲା ଭଗବାନଙ୍କ ପାଖକୁ । ସେଦିନ ରାତିରେ ଭୈରବଙ୍କ ନିକଟରେ ତା'ର ଚିରପରିଚିତ ପର୍ଣ୍ଣକୁଟୀରରେ ଶୋଇଥାଏ ନଗେନ୍ । କିଛି ସମୟ ଉତ୍ତାରୁ କିନ୍ତୁ ଶ୍ୱାସ କଷ୍ଟରେ ନିଦ ଭାଙ୍ଗିଗଲା—ତା'ପରେ ଉଠିଲା କାଶ—ସେ କାଶ ଯେପରି ଆଉ ବନ୍ଦ ହେବାର ନୁହେଁ । ଯୋଗନିଦ୍ରା ଭାଙ୍ଗିଗଲା ଯୋଗେଶ୍ୱରଙ୍କର ।

"ହେଇରେ ଶଳା, ଜୀବହିଂସା କରିବାର ମଜା ପାଇଲୁ"— କହି ଧଡପଡ୍ ହୋଇ ଉଠିପଡ଼ି ଜୀବନ୍ତକୁଣ୍ଡ ଅଭିମୁଖେ ଆଗେଇ ଚାଲିଲେ । ହାତରେ ଖଣ୍ଡିଏ ଶକ୍ତ ଲଠି । ଏହି ଲଠିଟି ନେଇ ମୁର୍ଶିଦାବାଦ ନିବାସୀ ବାବାଙ୍କର ଜନୈକ ଭକ୍ତ ହଳଧର ଦାସ ଆସିଥିଲେ ଆଜି ସକାଳେ । ଦୀର୍ଘଦିନ ଧରି ଅମ୍ଳଶୂଳ ରୋଗ ଭୋଗି, ଭୋଗି ଭୈରବଙ୍କର ଟିକିଏ କୃପାଲାଭ ନିମନ୍ତେ ଆସିଥାନ୍ତି ସେ । ଦର୍ଶନଲାଭ କରି ପଦଧୂଳି ନେଇ ଗ୍ରାମକୁ ଫେରି ଚାଲବେଳେ ଲଠିଟିକୁ ଜୀବନ୍ତ କୁଣ୍ଡ ନିକଟରେ ଫୋପାଡ଼ି ଦେଇ ଯାଇଥିଲେ ଆଉ ବାବାଙ୍କର ଦରକାରରେ ଆସିବ ବୋଲି ନଗେନ୍ଦ୍ରନାଥ ତାକୁ ଟୋକିନେଇ କୁଟୀରରେ ସାଇତି ରଖିଥିଲେ ।

ବାବା, ତା'ରି ଯୋଗୁ ନିଶ୍ଚିନ୍ତରେ ଟିକିଏ ଶୋଇ ନପାରି ଉଠି ଯିବାର ଦେଖି ମରଣାନ୍ତକ କାଶି-କାଶି ନଗେନ୍ଦ୍ରନାଥ ଛୁଟି ଚାଲିଲା ବାବାଙ୍କ ପଛେ–ପଛେ । ଜୀବନ୍ତ କୁଣ୍ଡ ନିକଟକୁ ଆସି ବାବା କିନ୍ତୁ ରୁଦ୍ରମୂର୍ତ୍ତି ଧାରଣ କଲେ– ଦୁଇ ହାତରେ ଲଠିଟି ଉତ୍ତୋଳନ କରି ଭୀମଭୈରବ ଚିତ୍କାର କରି ଉଠିଲେ –"ଆ'ରେ ଶଳା-ଆଜି ତୋତେ ଏଇଠି ମାରି ପକେଇବି ।" ଏତେ କଷ୍ଟ ଭିତରେ ବି ରହସ୍ୟମୟଙ୍କ ରହସ୍ୟ ଭାବି ହସି ଉଠିଲେ ନଗେନ୍ଦ୍ରନାଥ ।

–"ହସୁଛୁ କ'ଣରେ ଶଳା–କଷ୍ଟରେ ଯେ ମୋର ଛାତି ଫାଟି ଯାଉଛି" କହି ସଜୋରେ ଭକ୍ତର ମଥାରେ ଲଠିଦ୍ୱାରା ଆଘାତ କରି ଶ୍ମଶାନ ମଧ୍ୟରେ ପ୍ରବେଶ କଲେ ଭୋଳାନାଥ ।

ଭକ୍ତଟି ଚୈତନ୍ୟ ହରାଇ ଗଡ଼ିପଡ଼ିଲା ଜୀବନ୍ତକୁଣ୍ଡ ଘାଟରେ । ଉଷାର ନବୀନ ଆଲୋକରେ ଯେତେବେଳେ ଚୈତନ୍ୟ ଫେରି ଆସିଲା ସେତେବେଳକୁ ସେ କିନ୍ତୁ ସମ୍ପୂର୍ଣ୍ଣ ସୁସ୍ଥ–ଯେପରି ଯେମିତି ଏକ ନୂଆ ମଣିଷ ଜାଗି ବସୁଛି ନବୀନ ଉତ୍ସାହରେ ।

ଭକ୍ତ ହୃଦୟର ବ୍ୟଥା ତାହେଲେ ଏମିତି ଲାଗେ ଭଗବାନଙ୍କୁ ? ଭକ୍ତର କାଶ, କିନ୍ତୁ ଭଗବାନଙ୍କ ଛାତି ବ୍ୟଥା ! ! ସେଇଥିପାଇଁ ନା—

ଭକତ ଆଖିରେ ଲୋତକ ଦେଖିଲେ
ବିକଳ ତାଙ୍କର ମନରେ
ସେ ଯେ ଭକତ ଜୀବନ ଧନ !"

ସେହିଦିନଠାରୁ କିନ୍ତୁ ବାଗ୍‌ଚୀ ମହାଶୟ ଆଉ ସଂସାରକୁ ଫେରିଲେନି । ଚିରଦିନ ପାଇଁ ରହିଗଲେ କ୍ଷେପାଠାକୁରଙ୍କ ସେବାରେ । ସେ ଯେ ତାଙ୍କର ଅନ୍ତରଙ୍ଗ ପାର୍ଷଦ !

*

ତେତିଶ

ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା ।
ନମସ୍ତସ୍ୟୈ, ନମସ୍ତସ୍ୟୈ; ନମସ୍ତସ୍ୟୈ ନମୋ ନମଃ ।।

ପ୍ରବାସୀ ବଙ୍ଗବାସୀମାନଙ୍କ ଉଦ୍ୟମରେ ପ୍ରତିବର୍ଷ ଜମାଲପୁରରେ ମହାସମାରୋହ ସହିତ ଦୁର୍ଗାପୂଜା ଅନୁଷ୍ଠିତ ହୁଏ । ଉତ୍ସବର ଧୂମ୍‌ଧାମରେ କଟିଯାଏ ଦିନ କେଇଟି । ଅଧିକାଂଶ ରେଳବାଇ କର୍ମଚାରୀ; ଟଙ୍କା ପଇସାର ଅଭାବ ନାହିଁ । ମନୋରମ ପୂଜାମଣ୍ଡପରେ ମା'ର ମୃଣ୍ମୟ ମୂର୍ତ୍ତି ସହିତ ଅପରୂପ ସାଜ-ସଜ୍ଜା ତଥା ନୃତ୍ୟ ଗୀତ ମଧ୍ୟରେ ଉତ୍ସବ ମୁଖର ହୋଇଉଠେ କ୍ଷୁଦ୍ର ସହରଟି ।

ଏଥର କିନ୍ତୁ ଏକ ଅଦ୍ଭୁତ ଖିଆଲ ଜୁଟିଲା ପୂଜା କମିଟିର ସଦସ୍ୟ-ମାନଙ୍କ ମୁଣ୍ଡରେ । ଅଧିକାଂଶ ସଦସ୍ୟଙ୍କ ଇଚ୍ଛା ଏଥର ଦୁର୍ଗାପୂଜା ପରିବର୍ତ୍ତେ ଛିନ୍ନମସ୍ତା ମା'ର ପୂଜା କରାଯାଉ । ଚାଲିଲା ସମସ୍ତ ଆୟୋଜନ । ମନୋରମ ପୂଜା ମଣ୍ଡପରେ ସୁଦକ୍ଷ ଶିଳ୍ପୀ ଗଠନ କଲେ ନିଜମୁଣ୍ଡ-ଘାତିନୀ, ଉନ୍ମାଦିନୀ, ଲେଲଜିହ୍ୱା ଧାରିଣୀ, ରୁଧିର ପାନକାରିଣୀ ଦେବୀଙ୍କର ମୃଣ୍ମୟୀ ମୂର୍ତ୍ତି । ଆଜି ମହାଷଷ୍ଠୀ । ମହା ଧୂମ୍‌ଧାମରେ ଆରମ୍ଭ ହୋଇଗଲା ଛିନ୍ନମସ୍ତା ମା'ର ପୂଜା, ଶଙ୍ଖ-ମହୁରୀ ଓ ଯୋଡ଼ି ନାଗରା ଶବ୍ଦରେ ମୁଖରିତ ହୋଇ ଉଠିଲା ଜମାଲପୁର । ଦୀର୍ଘ ଏକ ବର୍ଷ ପରେ ସାରା ସହରଟି ପୁଣିଥରେ ଆବାଳବୃଦ୍ଧବନୀତା ସହିତ ମାତି ଉଠିଲା ମୃଣ୍ମୟୀ ମା'ର ଆବାହନ ପାଇଁ । ଆଖ ପାଖ ଗ୍ରାମର ଲୋକମାନେ ବି ଛୁଟି ଆସିଲେ ଏହି ଆନନ୍ଦ କୋଳାହଳରେ ଯୋଗଦେବାକୁ । ସମସ୍ତଙ୍କ ମନରେ ଉଦ୍‌ବେଗ ଏଥର ଦୁର୍ଗତି ନାଶିନୀ ମା'କୁ ନୂତନ ବେଶରେ ନୂତନ ସାଜରେ ଦେଖିବା ନିମନ୍ତେ । କିନ୍ତୁ ଏ କ'ଣ—ମା'ର ଭୟଙ୍କର ବିଭତ୍ସ ରୂପ ଦେଖି ଅନ୍ତର ଯେ ଭୟରେ କମ୍ପି ଉଠୁଛି । ସମସ୍ତଙ୍କ ମନରେ ସେହି ଗୋଟିଏ ଚିନ୍ତା—"ମା'

ଯେ ରକ୍ତ ଲୋଲୁପା, ଭୟଙ୍କର–ଅମଙ୍ଗଳ ହେବନି ତ ?" ପ୍ରଥମ ଦିନ ପୂଜାରେ ହିଁ ବିଘ୍ନ ଦେଖାଦେଲା–ପୁରୋହିତ ବିପଦଗ୍ରସ୍ତ ହୋଇ ଭୟରେ ଥରି ଥରି ପୂଜାମଣ୍ଡପ ତ୍ୟାଗ କରି ଚାଲିଗଲେ । ନିମିଷକ ମଧ୍ୟରେ ଝାଉଁଳି ପଡ଼ିଲା ଆନନ୍ଦ-ଉତ୍ସବର ସମସ୍ତ ଆୟୋଜନ । ଆଖପାଖର କୌଣସି ଦେବୀପୂଜକ ମା' ଛିନ୍ନମସ୍ତାର ପୂଜା କରିବାକୁ ସାହସ ପାଇଲାନି ।

ସଙ୍ଗେ, ସଙ୍ଗେ ଦେଖାଦେଲା ମହାମାରୀ-ବିସୁଚିକାର ପ୍ରକୋପ; ଆତଙ୍କଗ୍ରସ୍ତ ହେଲା କ୍ଷୁଦ୍ର ଜମାଲପୁର । "ମା'ର ପୂଜାରେ ବିଘ୍ନ ଦେଖା ଦେଇଛି ଓ କ୍ଷୁଦ୍ର ସହର ଜମାଲପୁର ବିପଦଗ୍ରସ୍ତ"–ଲୋକ ମୁଖରେ ବିଜୁଳି ପରି ଏହିକଥା ପ୍ରଚାର ହୋଇଗଲା । ପୂଜା କମିଟିର ସଦସ୍ୟମାନେ ଚିନ୍ତିତ ହୋଇପଡ଼ି ଜଟିଆ ବାବାଙ୍କ ଶରଣାପନ୍ନ ହେଲେ । ଏହି ଜଟିଆ-ବାବାଙ୍କ ଅନ୍ୟନାମ କୃଷ୍ଣାନନ୍ଦ ସ୍ୱାମୀ । ସେ ପୂର୍ବରୁ ରେଳବାଇର ଜଣେ ପଦସ୍ଥ ଅଫିସର ଥିଲେ । କିନ୍ତୁ ସଂସାର ବୈରାଗ୍ୟ ଆସିବାରୁ ପ୍ରୌଢ଼ ବୟସରେହିଁ ସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିଥିଲେ । ବାଙ୍କୁଡ଼ା ଜିଲ୍ଲା ଅନ୍ତର୍ଗତ ଛାତନାଠାରେ ସେତେବେଳେ ତାଙ୍କର ଭଜନକୁଟୀର ସ୍ଥାପିତ ହୋଇଥାଏ । ତାରାପୀଠର ମହାଭୈରବ ବାମାକ୍ଷେପା ବାବାଙ୍କ ସହିତ ତାଙ୍କର ଯୋଗାଯୋଗ ଥାଏ । ମଝିରେ-ମଝିରେ ଏହି ଶିବ କଳ୍ପତରୁ ମହାମାନବଙ୍କ ଠାରୁ ଆଦେଶ-ଉପଦେଶ ଗ୍ରହଣ କରିବାକୁ ସେ ତାରାପୀଠକୁ ଯାତାୟତ କରନ୍ତି ଓ କ୍ଷେପାବାବାଙ୍କୁ ଗୁରୁପରି ଶ୍ରଦ୍ଧା ଓ ଭକ୍ତି କରନ୍ତି । ରକ୍ତଲୋଲୁପା–ଉନ୍ମାଦିନୀ ଦେବୀର ସନ୍ତୁଷ୍ଟି ବିଧାନ ନିମନ୍ତେ–କ୍ଷେପାବାବା ଯେ ଏକମାତ୍ର ଯୋଗ୍ୟ ପୁରୋହିତ ବୋଲି ଭାବି–ପୂଜା କମିଟିର କେତେକ ସଦସ୍ୟଙ୍କୁ ସଙ୍ଗରେ ନେଇ ଭୈରବଙ୍କ ନିକଟରେ ଉପସ୍ଥିତ ହେଲେ । ସେମାନଙ୍କର କାତର ପ୍ରାର୍ଥନା ଶୁଣି ତାରା ମା'ର ଆଦରର ଧନ କ୍ଷେପାବାବା ପୂଜାସ୍ଥଳୀକୁ ଯିବାକୁ ରାଜି ହେଲେ ଓ ସହସା ତାରାପୀଠ ତ୍ୟାଗ କରି ଜଟିଆ ବାବାଙ୍କ ସଙ୍ଗରେ ଜମାଲପୁର ଉଦ୍ଦେଶ୍ୟରେ ବାହାରି ପଡ଼ିଲେ ।

କ୍ଷୁଦ୍ର ଷ୍ଟେସନ ଜମାଲପୁରରେ ଗାଡ଼ି ଯାଇ ଯେତେବେଳେ ଠିଆ ହେଲା—ସେତେବେଳକୁ ପ୍ଲାଟଫର୍ମଟି ଲୋକେ ଲୋକାରଣ୍ୟ । 'ଜୟତାରା' "ଜୟ-କ୍ଷେପା" ନିନାଦରେ ଗଗନ ପବନ ମୁଖରିତ କରି—ଗଳାରେ ଫୁଲମାଳ ପକାଇ ପରମ ସମାଦରରେ ବାବାଙ୍କୁ ପାଛୋଟି ନେଲେ ଉପସ୍ଥିତ ଜନତା । ଜଟିଆବାବା କାନ୍ଧରେ ହାତ ପକାଇ ମାତାଲ ପରି ଢଳି-ଢଳି ପୂଜାମଣ୍ଡପକୁ ଆଗେଇ ଗଲିଲେ ଖେପା ଠାକୁର । ମାତାଲ ନୁହେଁ ତ ଆଉ କ'ଣ ? ତାରା ମା'ର ନାମ ରୂପକ କାରଣ ପାନରେ ସେ ଯେ ସତତ ବିଭୋର !

ପୂଜା ମଣ୍ଡପ ସୁସଜ୍ଜିତ । ଧୂପ-ଦୀପ-ପୁଷ୍ପ ଓ ନୈବେଦ୍ୟ ଆଦି ସମସ୍ତ ସାମଗ୍ରୀ ପ୍ରସ୍ତୁତ । ଛିନ୍ନମସ୍ତା ମା'ର ସାମ୍ନାକୁ ନେଇ ପୂଜକର ଆସନ ଉପରେ କ୍ଷେପା ଠାକୁରଙ୍କୁ ବସାଇ ଦେଲେ ଜଟିଆ ବାବା । ମା'ର ଆପାଦ ମସ୍ତକରେ ଦୃଷ୍ଟିପାତ କରି କହି ଉଠିଲେ ଭୋଳାନାଥ— "ଶଳାଙ୍କର କେତେଟିକିଏ ପ୍ରାଣ ? କେଉଁଣ୍ଟି ଧରିବାକୁ ବି ବଳ ନାହିଁ—ଗଳାର ଧରିବାକୁ ମନ । ଯା' ଯା' ଶୀଘ୍ର ବାଜା ବଜାଅ ।" ଶଙ୍ଖ-ଭେରୀ-ତୂରୀ ସାଙ୍ଗକୁ ଯୋଡ଼ି ନାଗରା ଶବ୍ଦରେ ମୁଖରିତ ହେଲା ଜମାଲପୁର । କ୍ଷୁଦ୍ର ସହରରେ ପୁଣି ଯେମିତି ଫେରି ଆସିଲା ମୃତ ପ୍ରାଣ ।

ଦଳ-ଦଳ ହୋଇ ଲୋକମାନେ ଛୁଟି ଆସିଲେ ରୁଧିର ଲୋଲୁପା, ଭୟଙ୍କରୀ ଦେବୀ ଛିନ୍ନମସ୍ତାଙ୍କର ଅସମ୍ପୂର୍ଣ୍ଣ ପୂଜା ଦେଖିବାକୁ । ପୁରୋହିତ ସ୍ୱୟଂ ଚନ୍ଦ୍ରଚୂଡ଼— ମହାଶ୍ମଶାନବାସୀ ମହାଭୈରବ । ପୂଜା ପଦ୍ଧତି କିନ୍ତୁ ଅଦ୍ଭୁତ— ସ୍ମୃତି-ତନ୍ତ୍ର ଓ ବେଦ ପୁରାଣର ପରିପନ୍ଥୀ । ଯିଏ ସମସ୍ତ କର୍ମର ଅତୀତ, ସର୍ବସ୍ୱ ତ୍ୟାଗୀ ସନ୍ନ୍ୟାସୀ— ତାଙ୍କର ପୁଣି ପୂଜା ନିମନ୍ତେ ଏତେ ଉପଚାରର ପ୍ରୟୋଜନ ବା କ'ଣ ? ଆସନରେ ବସି ବାବା ପରମ ଆନନ୍ଦରେ ଭୋଗ ସାମଗ୍ରୀ ସବୁ ଉଦରସ୍ଥ କରିବାକୁ ଲାଗିଲେ । ଦେଖଣାହାରୀ ଜନତା ତ ଅବାକ୍ । ଯେଉଁମାନେ ବାବାଙ୍କୁ ଜାଣନ୍ତିନି— ଶଙ୍କା ଅମଙ୍ଗଳ ଆଶଙ୍କାରେ ଭୟରେ ଶିହରି ଉଠିଲେ । ସମସ୍ତଙ୍କ ତୀକ୍ଷ୍ଣ-ଦୃଷ୍ଟି ଜଟିଆ ବାବାଙ୍କ ଉପରେ— କୁଆଡୁ ଧରି ଆଣିଲେ ଏ ପାଗଳାଟାକୁ—

ପୂଜାର ନାଁ ଗନ୍ଧ ବି ଜାଣେନା । ଜଟିଆବାବା କିନ୍ତୁ ମୃଦୁ-ମୃଦୁ ହସି ଚନ୍ଦନରେ ସିକ୍ତ କରି ଫୁଲ-ବେଲପତ୍ରୀ ବାବାଙ୍କ ହାତକୁ ବଢ଼ାଇ ଦେଲେ । ଦୁଇ ହାତରେ ଫୁଲ-ବେଲପତ୍ରୀ ଧରି ନିଜ ମୁଣ୍ଡ ଉପରେ ଥୋଇଲେ ଭୋଳାନାଥ ଆଉ କହି ଉଠିଲେ- "ନେ ବେଟୀ-ଏଇ ଫୁଲ-ବେଲପତ୍ର ।" କିଛି ଫୁଲ ଛିଣ୍ଡାଇ ନିଜ ଇଚ୍ଛାମତେ ଦର୍ଶକମାନଙ୍କ ଉପରକୁ ମଧ୍ୟ ନିକ୍ଷେପକଲେ । ବେଶ୍-ପୂଜା ଖତମ୍ । ଏଥର ଉଠି ଠିଆ ହେଲେ ସଦାଶିବ ଓ ଗୁରୁ ଗମ୍ଭୀର ସ୍ୱରରେ କହି ଉଠିଲେ "ତାରା-ତାରା-ତାରା ।" ସ୍ୱରର ଝଙ୍କାରରେ କମ୍ପି ଉଠିଲା ଭୟଙ୍କରୀ ଦେବୀଙ୍କର ମୃଣ୍ମୟୀ ମୂର୍ତ୍ତି । ଗୁରୁଗମ୍ଭୀର ନାଦର ଗାମ୍ଭୀର୍ଯ୍ୟରେ-ଆକୃଷ୍ଟ ହେଲା ଉପସ୍ଥିତ ସବୁରି ହୃଦୟ । ପ୍ରେମ-ଭକ୍ତି ଓ ବିଶ୍ୱାସରେ ଦିଗମ୍ବର ଭବର ଠାକୁରଙ୍କର ପାଦପଦ୍ମତଳେ ସ୍ୱତଃ ନଇଁ ପଡ଼ିଲା ଜନତାର ମଥା । ଠାକୁର କିନ୍ତୁ ସମାଧିସ୍ଥ-ନିଃସାଡ଼ ଶରୀର ଟଳି ପଡ଼ିଲା ମୃଣ୍ମୟୀର ପାଦପଦ୍ମତଳେ । ଅଲକ୍ଷ୍ୟରେ ବିଦ୍ୟୁତ ତରଙ୍ଗ ଖେଳିଗଲା ଦର୍ଶକ ପ୍ରାଣରେ । ମନ୍ତ୍ର ନାହିଁ କି ତନ୍ତ୍ର ନାହିଁ-ନୀତି ନାହିଁ କି ନିୟମ ନାହିଁ- ଆସନ ନାହିଁ କି ଆଚମନ ନାହିଁ-ଭକ୍ତିର ଅର୍ଘ୍ୟରେହିଁ ସଞ୍ଚାରିତ ହେଲା ପ୍ରାଣର ସ୍ପନ୍ଦନ । କେବଳ ମାତ୍ର ମଧୁର ମାତୃ ଆହ୍ୱାନରେହିଁ ଜାଗି ଉଠିଲା ମୃଣ୍ମୟୀର ମାତୃତ୍ୱ । କି ଆବେଗଭରା ଆହ୍ୱାନ ସତେ ? ଧନ୍ୟ ନାଦେଶ୍ୱର ! ଧନ୍ୟ ତୁମର ମାତୃ ନିନାଦ ! ! ଯେଉଁ ନିନାଦର ଝଙ୍କାର ଆଜି ପବନର ତାଳେ- ତାଳେ ଝଙ୍କୃତ ହୋଇ ଏହି ପୁଣ୍ୟଭୂମି ଭାରତର ପ୍ରତି ଧୂଳି କଣାକୁ ମାତୃମୟ କରି ତୋଳିଛି ।

ଦୀର୍ଘ ସମୟ ପରେ ସମାଧି ଭଗ୍ନ ହେଲା । ମହାସାଧକ ଏଥର ଉଠି ଠିଆ ହୋଇ ଅନେଇ ରହିଲେ ମୃଣ୍ମୟୀର ମୁଖକୁ । ସେ ଚାହାଣି ଯେତିକି କରୁଣ ସେତିକି ଭକ୍ତିରସାପ୍ଳୁତ । ଦୁଇ ଚକ୍ଷୁ ପ୍ଲାବନ କରି ଝରି ଆସିଲା ଲୋତକର ଧାର । ସତେ ଯେମିତି ଅନ୍ତରର ସମସ୍ତ ଭକ୍ତିର ଅର୍ଘ୍ୟ ବାହାରି ଆସିଲା ଦର୍ଶନେନ୍ଦ୍ରିୟ ମାଧ୍ୟମରେ । ଭୀମା-ଭୟଙ୍କରା-ରକ୍ତ-ଲୋଲୁପା-ଉନ୍ମାଦିନୀ ମୂର୍ତ୍ତି ଅଚିରେ ପରମ କରୁଣାମୟୀ-ସ୍ନେହମୟୀ-ମଙ୍ଗଳମୟୀ ଜନନୀ ଭାବେ ରୂପାନ୍ତରିତା ହେଲେ-ସାଧକଙ୍କ ପ୍ରେମ ଓ ଭକ୍ତିର ଟାଣରେ । ଉଭେଇଗଲା

ମହାମାରୀର ତାଣ୍ଡବଲୀଳା– ଦୂରେଇ ଗଲା ସମସ୍ତ ଅମଙ୍ଗଳର ଆଶଙ୍କା– ଘରେ ଘରେ ପୁଣି ଖେଳି ଉଠିଲା ପ୍ରାଣ ପ୍ରାଚୁର୍ଯ୍ୟ । ସ୍ୱୟଂ ମଙ୍ଗଳମୟଙ୍କ ଉପସ୍ଥିତିରେ ଅମଙ୍ଗଳ ପୁଣି ଆସିବ କୁଆଡୁ ?

ସ୍ୱୟଂ ଭୈରବ ଯାହାର ରକ୍ଷାକର୍ତ୍ତା ତା'ର ପୁଣି ଭୟ କାହାକୁ ? ପୂଜାମଣ୍ଡପରୁ ଓହ୍ଲେଇ ଆସିବାବେଳେ ଭୈରବ ସ୍ୱର୍ ଧରିଲେ–

"ଶ୍ୟାମା ମାଆର ନାମ-ରୂପ କହିବି ବା କେତେ ।
ମହାତ୍ମ୍ୟ ନ ବୁଝି ନାନାରୂପ ବୋଲେ ଲୋକେ ।।
ଶ୍ୟାମ ବର୍ଣ୍ଣା ମାଆଟି ମୋର, ହେଲେ ଶ୍ୟାମ ମୁରଲୀଧର ।
ଜ୍ଞାନମୟ ଠାକୁର ସେହି ପ୍ରେମର ହିଁ ଆକର ।।
ମାଆର ଅନ୍ତର ଶ୍ରୀରାମଚନ୍ଦ୍ର ତ୍ୟାଗର ପରାକାଷ୍ଠା ।
ଶ୍ରେଷ୍ଠ ଯୋଦ୍ଧା, ଜିତେନ୍ଦ୍ରିୟ କର୍ତ୍ତବ୍ୟର ନିଷ୍ଠା ।।
ସନ୍ତାନ ବତ୍ସଳା ମା' ମୋର ବାତ୍ସଲ୍ୟ ଅପାର ।
ପାପ କଳୁଷ କରେ ବିନାଶ ଖଡ୍‌ଗ ଧରି କର ।।
ବୁଦ୍ଧି ସେହି ତତ୍ତ୍ୱ ସେହି ତାରା ନିରାକାରା ।
ଷୋଡ଼ଶୀ ସୁନ୍ଦରୀ ପୁଣି ଆନନ୍ଦରେ ଭରା ।।
ଲୀଳାମୟୀ ଭୁବନେଶ୍ୱରୀ ମୋହିନୀ ତା' ରୂପ ।
ସୃଷ୍ଟି ସ୍ଥିତି ଭୟରେ କେବେ ହୁଏନା ବିରୂପ ।।
ମା'ର କଟାକ୍ଷ ଦୃଷ୍ଟି ଦେବୀ ଛିନ୍ନମସ୍ତା ।
ସନ୍ତାନେ ଶାସନ ପାଇଁ ଧରେ ଏ ଅବସ୍ଥା ।।
ସୁ ପ୍ରସନ୍ନା ମା' ମୋର ପ୍ରଫୁଲ୍ଲିତ ଚିତ୍ତା ।
'କମଳା' ରୂପରେ ତେଣୁ ଜଗତେ ବିଦିତା ।।
ବଗଳା ରୂପେ ଅନନ୍ତ ଶକ୍ତିର ବିକାଶ ।
ଭୈରବୀ ନିବୃତ୍ତି ରୂପ ମୋହ କରେ ନାଶ ।।
ଧୂମାବତୀ ମା' ଅଧମାଗତି ସନ୍ତାନ ଦେଖିଣ ।
ଲଜ୍ଜାରେ କାଟଇ ଜିହ୍ୱା ବିଷର୍ଣ୍ଣ ବଦନ ।।

ମାଆର ଆତ୍ମା ସତୀଦେବୀ ଦକ୍ଷକନ୍ୟା ସେହି ।
ପରମଯୋଗୀ ସଦାଶିବଙ୍କର ଘରଣୀ ବୋଲଇ ।।
ଦକ୍ଷ ଯଜ୍ଞ ପଣ୍ଡ ହେଲା ସୃଷ୍ଟି ଛାରଖାର ।
ଯଜ୍ଞ କୁଣ୍ଡରେ ମା' ମୋର ତେଜିଲା କଳେବର ।।
ବିଷ୍ଣୁ ଚକ୍ରରେ ଛିନ୍ନହୋଇ ଧରାରେ ପତିତ ।
ଏକାବନ ପୀଠ ବୋଲି ଜଗତେ ବିଦିତ ।।

X X X

ଯାଂ ପ୍ରପଶ୍ୟନ୍ତି ଦେବଶୀଂ ଭକ୍ତାନୁଗ୍ରାହିଣୋ ଜନାଃ ।
ତମାହୁଃ ପରମଂବ୍ରହ୍ମ ଦୁର୍ଗାଂ ଭଗବତୀଂ ମୁନେ ।।

(ଅଥର୍ବ ବେଦ)

ଅନୁଗ୍ରହାଶ୍ରିତ ଭକ୍ତମାନେ ଭକ୍ତିଦ୍ୱାରା ଯାହାକୁ ବିଶ୍ୱେଶ୍ୱରୀ ସ୍ୱରୂପରେ ଦେଖିବାକୁ ପାଆନ୍ତି– ସେହିହିଁ ଭଗବତୀ ଦୁର୍ଗା– ସୃଷ୍ଟିର ଚରମ ଓ ପରମତତ୍ତ୍ୱ । ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର– ନିଖିଳ ତତ୍ତ୍ୱର ଘନିଭୂତ ମୂର୍ତ୍ତିହିଁ ଆମର ମା'ର ସ୍ୱରୂପ । ଦେହ ମଧ୍ୟରେ ସେ ଯେପରି ଆତ୍ମାରୂପେ ବିରାଜିତା ସେହିପରି ବାହାରେ ମଧ୍ୟ ପ୍ରକାଶମାନା । ଅନ୍ତଃସ୍ଥଳରେ ଅନୁଭୂତି ରୂପରେ ଓ ବାହାରେ ଜଗତ ରୂପରେ ବିକାଶିତା ।

ସତ୍‌ରେ ଅବସ୍ଥିତି ବୋଲି ନାମ ସତୀ ।
ସମର୍ଥବତୀ ବୋଲି ନାମ ଭଗବତୀ ।
କାଳଭୟରୁ ରକ୍ଷାକରେ ବୋଲି ନାମ କାଳୀ ।
ତ୍ରିତାପ ନାଶ କରେ ବୋଲି ନାମ ତାରା ।
ବିଶ୍ୱ ଭୁବନକୁ ଗତିରେ ଶୁଆଇ ପକାଏ ବୋଲି,ନାମ ଭୁବନେଶ୍ୱରୀ ।
ଶୋଡଶ କଳାର ସ୍ଥାଦାନ କରେ ବୋଲି, ନାମ ଷୋଡ଼ଶୀ ।।
କାନ୍ତି ଓ ଶାନ୍ତି ଦାନ କରେ ବୋଲି, ନାମ କମଳା ।
ବିଶ୍ୱକୁ ନିଜବସରେ ରଖିଥିବାରୁ, ନାମ ବଗଳା ।।
ମଦ ନାଶକରେ ବୋଲି, ନାମ ମାତଙ୍ଗୀ ।
ମୋହ ନାଶକରେ ବୋଲି, ନାମ ଧୂମାବତୀ ।।
ମାୟା ଛିନ୍ନକରି ଜୀବକୁ ମୁକ୍ତିଦିଏ ବୋଲି ନାମ ଛିନ୍ନମସ୍ତା ।
ଭବର କାରଣ ବୋଲି ନାମ ଭୈରବୀ ।

ବିଦ୍ୟା ଓ ବୁଦ୍ଧି ଦାନ କରେ ବୋଲି, ନାମ ସରସ୍ୱତୀ ।
ଜଗତକୁ ଧାରଣ କରିଥିବାରୁ, ନାମ ଜଗଦ୍ଧାତ୍ରୀ ।
ବିଶ୍ୱ ପ୍ରେମରେ ବିଗଳିତା ବୋଲି; ନାମ ବୈଷ୍ଣବୀ ।
ବିଶ୍ୱକୁ ଶ୍ରୀମଣ୍ଡିତା କରିଥିବାରୁ, ନାମ ଲକ୍ଷ୍ମୀ ।
ପରମାତ୍ମାଙ୍କୁ ଜୀବଭବରେ ସଂବନ୍ଧ କରେ ବୋଲି, ନାମ ପଦ୍ମା ।
ମୋହ ମାୟାରୁ ଉଦ୍ଧାର କରେ ବୋଲି, ନାମ ମହାମାୟା ।
ଆଉ-ଜୀବର ସମସ୍ତ ଦୁର୍ଗତି ନାଶକରେ ବୋଲି,

ମା'–ଦୁର୍ଗା ନାମରେ ବିଦିତା ।

"ତ୍ୱ ପର ପ୍ରକୃତିଃ ସାକ୍ଷାତ୍ ବ୍ରାହ୍ମଣଃ ପରମାତ୍ମନଃ
ତତୋ ଜାତଂ ଜଗତ ସର୍ବଂ ତ୍ୱଂ ଜଗଜ୍ଜନନୀ ଶିବେ ।।"

(ପୂଜା ପ୍ରଦୀପ)

❋

ଚଉତିରିଶ

"କାଶୀ ଯିବା ଦରକାର ନାହିଁ, ତାରାପୀଠକୁ ଯାଇ ବାମା-କ୍ଷେପା ବାବାଙ୍କ ଆଶ୍ରୟ ଗ୍ରହଣ କର ।"—ଏହି ସ୍ୱପ୍ନାଦେଶ ପାଇ ନିଦ୍ରାଭଙ୍ଗ ହେଲା ସାଧିକା ସତ୍ୟମୟୀ ଦେବୀଙ୍କର । ଜୀର୍ଣ୍ଣ ଗବାକ୍ଷ ଫାଙ୍କରେ ଦେଖାଦେଲା ପ୍ରଭାତୀ-ଆଲୋକ । ପକ୍ଷୀ କଣ୍ଠରେ ଶୁଣାଗଲା ମଧୁର କାକଳୀ । ଜାଗି ଉଠିଲା ଶ୍ରେଷ୍ଠ ମାତୃସାଧକ ରାମପ୍ରସାଦଙ୍କ ପୁଣ୍ୟ ଲୀଳା କ୍ଷେତ୍ର—ହାଲିସହର । ସସବ୍ୟସ୍ତେ ଉଠିବସି ସ୍ୱାମୀଙ୍କୁ ଜଗାଇଦେଇ କହି ଉଠିଲେ ସତ୍ୟମୟୀ— "ଆଗୋ ଶୁଣୁଛ ! ଆମର ଆଉ କାଶୀ ଯିବାର ଆବଶ୍ୟକତା ନାହିଁ । ଏହିମାତ୍ର କୁଳାଧିଷ୍ଠାତ୍ରୀ ଦେବୀ କୁମାରୀ ରୂପରେ ସ୍ୱପ୍ନରେ ଆବିର୍ଭୂତା ହୋଇ ଆଦେଶ ଦେଇଗଲେ— ତାରାପୀଠ ଯାଇ ବାମା-କ୍ଷେପା ବାବାଙ୍କ ଶରଣାପନ୍ନ ହେବାକୁ ।" ଚକ୍ଷୁ ମଳିମଳି ବିସ୍ମୟ ସହକାରେ ସହଧର୍ମିଣୀ ମୁଖକୁ ଅନାଇ ରହିଲେ ରାଖାଲଚନ୍ଦ୍ର ସେନ ମହାଶୟ, ତୁଣ୍ଡରୁ ବାହାରି ପଡ଼ିଲା "କିନ୍ତୁ ?"

"କିନ୍ତୁ-ଫିନ୍ତୁ କିଛି ନାହିଁ । ଯାହା ଭାଗ୍ୟରେ ଥିବ ଘଟିବ । ସମସ୍ତ ଆସବାବ-ପତ୍ର ବିକ୍ରୟ କରି, ଆସନ୍ତାକାଲି ପ୍ରତ୍ୟୁଷରୁହିଁ ଆମକୁ ଏ ସ୍ଥାନ ତ୍ୟାଗ କରିବାକୁ ପଡ଼ିବ ।"

ଯୋଗ୍ୟା ସହଧର୍ମିଣୀର ଉପଯୁକ୍ତ ପରାମର୍ଶ ଗ୍ରହଣ କରିନେଲେ ସେନ ମହାଶୟ ।

ହାଲିସହରସ୍ଥ କୁମାରହଟ୍ଟ ଗ୍ରାମରେ ପ୍ରସିଦ୍ଧ ମାତୃସାଧକ ରାମପ୍ରସାଦଙ୍କ ବଂଶରେ ରାଖାଲଚନ୍ଦ୍ରଙ୍କ ଜନ୍ମ । ପିତାଙ୍କ ନାମ ୰ ତିନିକଡ଼ି ସେନ ଓ ମାତାଙ୍କ ନାମ ଦୁର୍ଗାମୟୀ ଦେବୀ । ହୁଗୁଳୀ ଜିଲ୍ଲା ଅନ୍ତର୍ଗତ

ଚାବୁଗଂଜ ତାମଲିପଡ଼ା ନିବାସୀ ପୁରୁଷୋତ୍ତମ ମଲ୍ଲିକଙ୍କ ଏକମାତ୍ର କନ୍ୟା ପରମ ରୂପବତୀ ଓ ଗୁଣବତୀ ସତ୍ୟମୟୀ ଦେବୀଙ୍କ ସଙ୍ଗେ ତାଙ୍କର ଶୁଭ ପରିଣୟ ସମ୍ପନ୍ନ ହୋଇଥିଲା ।

"ଭାର୍ଯ୍ୟାଂ ଦେହି ମନୋରମା ମନୋବୃତ୍ତ୍ୟାନୁସାରିଣୀ ।"

ପ୍ରକୃତରେ ସ୍ୱାମୀଙ୍କର ଉପଯୁକ୍ତ ଅର୍ଦ୍ଧାଙ୍ଗିନୀ ଥିଲେ ସତ୍ୟମୟୀ ଦେବୀ । ସ୍ୱାମୀ ସୁଖରେ ସୁଖୀ ଓ ସ୍ୱାମୀ ଦୁଃଖରେ ଦୁଃଖୀ । ପଞ୍ଚମ ପୁରୁଷାର୍ଥ ଲାଭ ନିମନ୍ତେ ପାଦରେ ପାଦ ମିଳାଇ ଉପଯୁକ୍ତ ପଥରେ ଆଗେଇ ନେଉଥିଲେ ସ୍ୱାମୀଙ୍କୁ । ବିଧି ନିର୍ବନ୍ଧରୁ ସେମାନେ ଥିଲେ ଆଜୀବନ ଅପୁତ୍ରିକ । ତେଣୁ ସ୍ୱାମୀହିଁ ସତ୍ୟବତୀଙ୍କ ନିକଟରେ ସମସ୍ତ ସ୍ନେହ ପ୍ରେମର ଆଧାର— ହୃଦୟର ନିଧି । ଶାନ୍ତ-ଦାସ୍ୟ-ସଖ୍ୟ-ବାତ୍ସଲ୍ୟ ତଥା ମଧୁରରସର ଜୀବନ୍ତ ବିଗ୍ରହ । କାଳର ଗତି କିନ୍ତୁ ବିଚିତ୍ର । ପିତା-ମାତାଙ୍କ ମୃତ୍ୟୁପରେ ଜ୍ଞାତି, ସୋଦରମାନଙ୍କ କୂଟ-ଚକ୍ରାନ୍ତର ଶିକାର ହୋଇ ପଡ଼ିଲେ ରଖାଲଚନ୍ଦ୍ର । ଦିନକୁ ଦିନ ସେମାନଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ପଡ଼ି ଶେଷକୁ ଦିନେ ଭିଟାମାଟି ଛାଡ଼ି କାଶୀ ଯିବାର ସଙ୍କଳ୍ପ କରି ବସିଲେ ସ୍ୱାମୀ-ସ୍ତ୍ରୀ । ସେହିଦିନ ରାତିରେହିଁ ସ୍ୱପ୍ନଯୋଗେ ନିର୍ଦ୍ଦେଶ ଆସିଲା ତାରପୀଠ ଯିବାକୁ । ତେଣୁ ସମସ୍ତ ଆସବାବ ପତ୍ର ବିକ୍ରୟ କରି ମାତ୍ର ପାଞ୍ଚଶତ ଟଙ୍କା ପାଥେୟ ଧରି ପରଦିନ ପ୍ରତ୍ୟୁଷରୁ ତାରପୀଠର ମହାଶ୍ମଶାନ ଉଦ୍ଦେଶ୍ୟରେ ବାହାରି ପଡ଼ିଲେ ଉଭୟେ ।

ଏହି ମହାଶ୍ମଶାନ କିନ୍ତୁ ଆଜି ମଡ଼ାମୟ । ମହାମାରୀର କରାଳ ଛାୟାରେ ତାରପୁରର ଆଖପାଖ ଅଞ୍ଚଳ ବିଭୀଷିକା ଗ୍ରସ୍ତ । ଶ୍ମଶାନର ଚତୁର୍ଦ୍ଦିଗରେ କୁଢ଼ କୁଢ଼ ଶବର ସମାହାର । ସଂସ୍କାର କରିବାର ଅବସର ବି ନାହିଁ । କ୍ଷୀଣା ଦ୍ୱାରକାନଦୀର ବାଲୁକାମୟ ଗର୍ଭରେ ଶାୟିତ କେତେ ଅଭାଗାଙ୍କର ନିଷ୍ପ୍ରାଣ ଶରୀର । ପ୍ରକୃତିର ଏହି ନିର୍ମମ ତାଣ୍ଡବ ଲୀଳାର-ପ୍ରତୀକ ବହନ କରି-ଶୋକସନ୍ତପ୍ତା ନଦୀ ମାତୃକାର କଳେବର ଆଜି ରୁକ୍ଷ-ମଳୀନ । ଏସବୁ ସତ୍ତ୍ୱେ ବି ଶତ ଶତ ନରକଙ୍କାଳ ତଥା ପୂତିଗନ୍ଧମୟ ଶବ ପରିବୃତ ହୋଇ ପଞ୍ଚମୁଣ୍ଡି ଆସନରେ ଉପବିଷ୍ଟ ନିର୍ବିକାର ସାଧକ

ଶିବକଳ୍ପତରୁ କ୍ଷେପାବାବା । ଦୃଷ୍ଟି ଉଦାସ । ଚିତ୍ତ ହୁଏତ ଯୋଗମାୟା ତାରିଣୀ ଦେବୀଙ୍କ ଧ୍ୟାନ ସଂଯୁକ୍ତ ।

ଭୟରେ ଚମକି ଉଠିଲେ ନବାଗତ ଦମ୍ପତି ଯୁଗଳ ଶ୍ମଶାନର ବିଭୀଷିକା ସନ୍ଦର୍ଶନ କରି । ସଂକୋଚ ଚିତ୍ତରେ ଶ୍ୱେତଶିମୁଳି ବୃକ୍ଷମୂଳକୁ ଆଗେଇଯାଇ ଲୋଟି ପଡ଼ିଲେ ଭୈରବଙ୍କ ଅଭୟ ଚରଣତଳେ ଓ ମନର ଆବେଗରେ କରିବାକୁ ଲାଗିଲେ ନିରବ ଅଶ୍ରୁତର୍ପଣ । ତପ୍ତ ଅଶ୍ରୁର ପରଶରେ ଧ୍ୟାନଭଗ୍ନ ହେଲା ଯୋଗେଶ୍ୱରଙ୍କର– ଅର୍ଦ୍ଧନିମୀଳିତ ନୟନରେ ଉଦାସଭାବେ ନିରୀକ୍ଷଣ କରି ଆଗନ୍ତୁକଙ୍କୁ ଲକ୍ଷ୍ୟକରି କହି ଉଠିଲେ– "ଆରେ ତୁମେମାନେ ଯେ ସିଦ୍ଧ ବଂଶର ଦାୟାଦ । ପାଦ ଛାଡ଼ିଦିଅ– ପାଦ ଛାଡ଼ିଦିଅ ।" କଣ୍ଠସ୍ୱର ଈଷତ୍ କଟୁ । ଭୈରବଙ୍କ ଉଗ୍ରମେଜାଜ ଦେଖି ବିନା ବାକ୍ୟ ବ୍ୟୟରେ ଏକପାର୍ଶ୍ୱକୁ ଶ୍ମଶାନ ଭୂମି ଉପରେ ବସି ପଡ଼ିଲେ ପତି-ପତ୍ନୀଦ୍ୱୟ । ଚକ୍ଷୁ ଦେଇ ଅବିରଳ ଗତିରେ ବହି ଚାଲିଥାଏ ଶୁଭ ମିଳନର ଆନନ୍ଦାଶ୍ରୁ । ଭୈରବ ଏଥର ଆସନରୁ ଉଠି ଆଂଜୁଳାଏ ଶ୍ମଶାନ ମାଟି ଆଣି ସେମାନଙ୍କୁ କହି ଉଠିଲେ– "ଯାଅ, ଏହି ଶ୍ମଶାନ ମାଟି ନେଇ ଫେରିଯାଅ । ସବୁ ଶୁଭ ହେବ ।"

ଆଉ ସମ୍ଭାଳି ନପାରି ଅଶ୍ରୁପୂର୍ଣ୍ଣ ନୟନରେ ମୃଦୁ କଣ୍ଠରେ କହି ଉଠିଲେ ସତ୍ୟମୟୀ ଦେବୀ– "ହେ ଅନ୍ତର୍ଯ୍ୟାମୀ, ତୁମକୁ କ'ଣ ଅଜଣା ଯେ ଆମେ କାହିଁକି ଆସିଛୁ ? ତାହେଲେ ଆଉ ଏ ଛଳନା କାହିଁକି ପ୍ରଭୋ ! ଆମେ ଯେ ତୁମରି ପାଦତଳର ଦାସ-ଦାସୀ । ଦୟା କରି ଆଶ୍ରୟ ଦିଅ ଦୟାମୟ ।"

ଦିବ୍ୟ ଜ୍ୟୋତିର ଝଲକରେ ଉଜ୍ଜ୍ୱଳୀ ଉଠିଲା ଭୈରବଙ୍କ ମୁଖମଣ୍ଡଳ । "ଏତେଦିନ ପରେ ତାହେଲେ ତୁମେମାନେ ଆସିଛ ! ହଉ ଆସ ରାମପ୍ରସାଦୀ ବାବା ଓ ସତୀ ମା' ମୋର; ମୋ ସାଙ୍ଗରେ ଆସ ।" ଅସଂଖ୍ୟ ନରକଙ୍କାଳ ଓ ଶବ ମଧ୍ୟ ଦେଇ ଦ୍ୱାରକା ନଦୀ ତୀରକୁ

ଆଗେଇ ଚାଲିଲେ ମହାଭୈରବ-ପଛେ ପଛେ ରାଖାଲ ଚନ୍ଦ୍ର ଓ ସତ୍ୟମୟୀ । କ୍ଷୀଣ ସ୍ରୋତାର କ୍ଷୀଣା ବକ୍ଷକୁ ଓହ୍ଲେଇଯାଇ ଦୁଇ ହାତରେ ମଡା ଆଡେଇ ଦେଇ ପରମ ଆଗ୍ରହରେ ଜଳପାନ କଲେ ଶିବ ସ୍ୱରୂପ ଓ ଦମ୍ପତି ଯୁଗଳଙ୍କୁ ସ୍ନାନ କରିବାକୁ ନିର୍ଦ୍ଦେଶ ଦେଲେ । ଏଇଥିପାଇଁ ନା ଋଗ୍‌ବେଦ କହେ-

"ମଧୁବାତା ଋତାୟତେ
ମଧୁକ୍ଷରନ୍ତି ସିନ୍ଧବଃ ।"

ବିକାର ଆମ ମନର ଏକ ରୋଗ । ଅମୂଲ୍ୟ ମାନବ ଜୀବନ-ପରିସମାପ୍ତିର ଯେଉଁ ନିର୍ମମ ଦୃଶ୍ୟ ଦେଖିଲେ ଆମ ଦେହ ଭୟରେ ଥରି ଉଠେ-ମନରେ ଜାଗେ ହତାଶା ଓ ଆଶଙ୍କା- ସେସବୁ କିନ୍ତୁ ମହାପୁରୁଷଙ୍କ ଆଖିରେ ଚିରନ୍ତନ ସତ୍ୟ; ପଞ୍ଚଭୂତର ଖେଳ ମାତ୍ର । ମଡାପୂର୍ଣ୍ଣ ଯେଉଁ ନଦୀର ଜଳ ଆମ ପାଇଁ ଦୂଷିତ- ତାହା କିନ୍ତୁ ମହାପୁରୁଷଙ୍କ ପାଇଁ ମଧୁରେ । ପଚାଶବର ଦୁର୍ଗନ୍ଧ ବହନ କରି ଯେଉଁ ବାୟୁ ଆମପାଇଁ ଦୂଷିତ ତାହା କିନ୍ତୁ ମହାପୁରୁଷଙ୍କ ପାଇଁ ମନ୍ଦ-ମଳୟ-ମରୁତ ।

ପୁଣ୍ୟମୟୀ ଦ୍ୱାରକା ଜଳରେ ସ୍ନାନ କରାଇ ସସ୍ତ୍ରୀକ ରାଖାଲଚନ୍ଦ୍ରଙ୍କୁ ଶ୍ରେଷ୍ଠ ତାରାମନ୍ତ୍ରରେ ଦିକ୍ଷୀତ କଲେ ତାନ୍ତ୍ରୀକଗୁରୁ ମହାଭୈରବ କ୍ଷେପାବାବା । ନିର୍ଦ୍ଦେଶ ରହିଲା-"ତିନିରାତ୍ରୀରୁ ଅଧିକ କେଉଁଠି ରହିବନି । କୁକୁରଙ୍କୁ ଖାଇବାକୁ ଦେଇସାରି ଖାଦ୍ୟ ଗ୍ରହଣ କରିବ । ଶ୍ୱଶୁରାଳୟକୁ ଫେରିଯାଇ ଏକତ୍ର ସାଧନଭଜନ କରିବ ।"

ଭକ୍ତି ସହକାରେ ଶ୍ରୀ ଗୁରୁବାବାଙ୍କୁ ପ୍ରଣାମ କରି ସତ୍ୟମୟୀଙ୍କୁ ସଙ୍ଗରେ ଧରି ସେନ ମହାଶୟ ଏଥର ଫେରି ଆସିଲେ ହୁଗୁଳୀ ଜିଲ୍ଲା ଅନ୍ତର୍ଗତ ତାମଲିପଡା ବାବୁଗଂଜସ୍ଥ ଶ୍ୱଶୁରାଳୟକୁ ।

"ଅବିଦ୍ୟୋ ବା ସବିଦ୍ୟୋ ବା
ଗୁରୁରେବ ଚ ଦୈବତମ୍ ।
ଅମାର୍ଗସ୍ଥୋଽପି ମାର୍ଗସ୍ଥୋ
ଗୁରୁରେବ ସଦାଗତି ॥
(୪ ନିଗମ କଳ୍ପଦ୍ରୁମ)

ଗୁରୁ ବିଦ୍ୱାନ ହୁଅନ୍ତୁ ବା ଅବିଦ୍ୱାନ ହୁଅନ୍ତୁ– ସେ କିନ୍ତୁ ଦେବତା । ଗୁରୁ ସତ୍‌ପଥାବଲମ୍ବୀ କିମ୍ବା ଅସତ୍‌ପଥାବଲମ୍ବୀ ହୁଅନ୍ତୁ ନା କାହିଁକି– ତାଙ୍କ ଭିନ୍ନ ଜୀବର ଗତି ନାହିଁ ।

ଧ୍ୟାନମୂଳଂ ଗୁରୋର୍ମୂର୍ତ୍ତିଃ ପୂଜାମୂଳଂ ଗୁରୋଃ ପଦମ୍ ।
ମନ୍ତ୍ରମୂଳଂ ଗୁରୋର୍ବାକ୍ୟଂ ମୋକ୍ଷମୂଳଂ ଗୁରୋଃ କୃପା ।।

ଗୁରୁବାକ୍ୟ ଶିରୋଧାର୍ଯ୍ୟ କରି ସାଧକ-ସାଧିକା ଦ୍ୱୟ ଏକତ୍ର ସାଧନ ଭଜନରେ ପ୍ରବୃତ୍ତ ହେଲେ । ଏକେତ ସେମାନେ ନିଃସନ୍ତାନ, ତା' ସାଙ୍ଗକୁ ସତ୍ୟମୟୀଙ୍କ ପିତୃଗୃହରେ ମଧ୍ୟ କେହି ନଥାନ୍ତି । ପରିବାର ବୋଇଲେ ପତି-ପତ୍ନୀ ଦୁଇଜଣ ଓ କେତେଗଡ଼ିଏ ଦେଶୀ କୁକୁର ଓ ବିଗଡ଼ି । ଗୁରୁଦେବଙ୍କ ଆଦେଶ ଅନୁସାରେ କୁକୁରଗୁଡ଼ିକୁ ପେଟଭରି ଭୋଜନ କରାଇବାପରେ ସେମାନେ ପ୍ରସାଦ ଗ୍ରହଣ କରନ୍ତି । ସାମାନ୍ୟ ଏକ ବ୍ୟବସାୟରୁ ଯେତିକି ଆୟ ହୁଏ ସେତିକିରେ ଚଳିଯାଏ ଛୋଟ ପରିବାରଟି । କୌଣସିଦିନ ଅଭାବ-ଅନାଟନ ହୁଏନା । ଜୀବନର ଲକ୍ଷ୍ୟ ଯାହାର ସ୍ଥିର– ତା'ର ପୁଣି ଅନ୍ୟ ଉପଗ୍ରହର ଆବଶ୍ୟକତା କ'ଣ ? ଯାତ୍ରା ଯଦି ଜୀବନର ଲକ୍ଷ୍ୟ ତେବେ ରହି ରହି ମାଇଲଖୁଣ୍ଟ ଗଣି ଲାଭ କ'ଣ ? ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ କରି ନିତ୍ୟକର୍ମ ସାରି ପତି- ପତ୍ନୀ ଲାଗି ଯାଆନ୍ତି ଠାକୁର ସେବା ତଥା ସାଧନ-ଭଜନରେ । ବେଳା ଦୁଇ ଘଡ଼ିକୁ ରଖାଲଚନ୍ଦ୍ର ବାହାରି ଯାଆନ୍ତି ବ୍ୟବସାୟ ଉଦ୍ଦେଶ୍ୟରେ ଓ ଯତ୍‌କିଞ୍ଚିତ ଉପାର୍ଜନ ଧରି ଫେରି ଆସନ୍ତି ଦୁଇ ପ୍ରହର ପୂର୍ବରୁ । ସତ୍ୟମୟୀ ଦେବୀ ଗୃହକର୍ମ ତଥା ପ୍ରସାଦ ପ୍ରସ୍ତୁତିରେ ବ୍ୟସ୍ତ ରହନ୍ତି । ଗୃହ ପାଳିତ ପଶୁଗୁଡ଼ିକୁ ଖୁଆଇ ସାରି ପତି-ପତ୍ନୀ ପରମ ସନ୍ତୋଷରେ ଗ୍ରହଣ କରନ୍ତି ମା'ର ପ୍ରସାଦ । ସାରା ଅପରାହ୍ଣ ଓ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଚାଲେ ଗୁରୁଦତ୍ତ ମନ୍ତ୍ର ଜପ ଓ ସାଧନ-ଭଜନ । ଭାଇ-ଭଉଣୀ ପରି ଚଳନ୍ତି ସାଧକ-ସାଧିକାଦ୍ୱୟ ।

୧୮୭୭ ମସିହାରେ ଏକ ଦୁର୍ବାର ଆକର୍ଷଣର ମୋହରେ ରଖାଲ ଚନ୍ଦ୍ର ସେନ ମହାଶୟ ସସ୍ତ୍ରୀକ ପଦବ୍ରଜରେ ଶଙ୍ଖକ୍ଷେତ୍ର ନୀଳାଚଳ ଧାମକୁ ଯାତ୍ରା କରି ଦାରୁବ୍ରହ୍ମଙ୍କ ଦର୍ଶନ ଲାଭକରି କିଛିକାଳ ସେଠାରେ ଅବସ୍ଥାନ କରିଥିଲେ ।

ଏହି ରହଣି କାଳ ମଧ୍ୟରେ ସବୁଠାରୁ ବେଶୀ ଭଲ ଲାଗିଥିଲା ସାଧକ-ସାଧିକାଦ୍ୱୟଙ୍କୁ ସୀମାହୀନ ସାଗରର ନିର୍ବିକାର ରୂପ, ଯେ କି ବିନା ବାଛ ବିଚାରରେ କୋଳେଇ ନିଏ ସମସ୍ତଙ୍କୁ ନିଜର ଅସୀମ ବକ୍ଷକୁ । ସାଗରର ଗାମ୍ଭୀର୍ଯ୍ୟପୂର୍ଣ୍ଣ ନିର୍ବିକାର ରୂପ ମନେ ପକାଇ ଦେଲା ଶିବ କଳ୍ପତରୁଙ୍କୁ । ଦାରୁବ୍ରହ୍ମଙ୍କ ନିକଟରୁ ବିଦାୟନେଇ ସେମାନେ ଏଥର ଗୁରୁବ୍ରହ୍ମଙ୍କ ନିକଟକୁ ଫେରିଆସିଲେ ।

ଦୀର୍ଘ ଦଶବର୍ଷ ପରେ ପ୍ରିୟ ଶିଷ୍ୟ-ଶିଷ୍ୟାଙ୍କୁ ନିକଟରେ ପାଇ ଭୈରବଙ୍କ ଆନନ୍ଦ କହିଲେ ନସରେ । ସେମାନଙ୍କୁ ଏକତ୍ର ପଞ୍ଚମୁଣ୍ଡି ଆସନରେ ପୂର୍ଣ୍ଣାଭିଷିକ୍ତ କରିଦେଇ ଆଦେଶ କଲେ—"ପ୍ରତ୍ୟହ ଏହି ଆସନରେ ଉପବେଶନ କରି ତ୍ରୟୋଦଶ ସହସ୍ର ଜପ କରିବ ଉଭୟେ ।" ଦୁଇଦିନ ଶ୍ରୀଗୁରୁଦେବଙ୍କ ସଙ୍ଗଲାଭ କରି ପୁଣି ହୁଗୁଳୀକୁ ଫେରି ଆସିଲେ ପତି-ପତ୍ନୀ । କିନ୍ତୁ ଏଠାରେ ସେ ପଞ୍ଚମୁଣ୍ଡିର ଆସନ କାହିଁ ? କିପରି ପାଳିତହେବ ଗୁରୁଦେବଙ୍କ ଆଦେଶ ? "ବ୍ୟସ୍ତ ହୁଅନା ବାବା, ମୁଁ ଯେ ନିଜେ ଛୁଟି ଆସିଛି ସେଥି ନିମନ୍ତେ ।"—ଅଚିରେ ନନ୍ଦା ହାଡ଼ିକୁ ସାଙ୍ଗରେ ନେଇ ଭୈରବ ଆସି ସ୍ୱୟଂ ଉପସ୍ଥିତ ହେଲେ ସେମାନଙ୍କ ଗୃହରେ ଓ ସ୍ୱହସ୍ତରେ ପଞ୍ଚମୁଣ୍ଡି ଆସନ ସ୍ଥାପନ କରି ଦୁଇଦିନ ଭକ୍ତ ଗୃହରେ ଅବସ୍ଥାନ କରିବା ପରେ ତାରପୀଠକୁ ପ୍ରତ୍ୟାବର୍ତ୍ତନ କଲେ ।

"ଇଦାନୀଂ ଶୃଣୁ ଦେବେଶି ମୁଣ୍ଡ ସାଧନମୁତ୍ତମଂ ।
ଯତ୍‌କୃତ୍ୱା ସାଧକୋ ଯାତି ମହାଦେବ୍ୟାଂ ପରଂ ପଦଂ ॥
ନର-ମହିଷ-ମାର୍ଜାର-ମୁଣ୍ଡତ୍ରୟ ବରାନନେ ।
ଅଥବା ପରମେଶାନି ନୃମୁଣ୍ଡ ତ୍ରୟମାଦରାତ୍ ॥
ଶିବା-ସର୍ପ-ସାରମେୟ ବୃଷଭନାଂ ମହେଶ୍ୱରିଃ ।
ନରମୁଣ୍ଡଂ ତଥା ମଧ୍ୟେ ପଞ୍ଚମୁଣ୍ଡାନି ହୀରିତଃ ॥
ଅଥବା ପରମେଶାନି ନରଣାଂ ପଞ୍ଚମୁଣ୍ଡକାନ୍ ।
ତଥା ଶତଂ ସହସ୍ରଂ ବା ଯୁତଂ ଲକ୍ଷଂ ତଥୈବଚ ॥

ନିୟୁତଞ୍ଚାଥବା କୋଟିଂ ନୃମୁଣ୍ଡାନ୍ ପରମେଶ୍ୱରି ।
ନରମୁଣ୍ଡଂ ସ୍ଥାପୟିତ୍ୱା ପ୍ରୋଥୟିତ୍ୱା ଧରାତଳେ ।।
ବିତସ୍ତି ପ୍ରମିତାଂ ବେଦୀଂ ତସ୍ତୋପରି ପ୍ରକଳ୍ପୟେତ୍ ।
ଆୟାମ ପ୍ର ସ୍ଥତୋ ଦେବୀ ଚତୁର୍ହସ୍ତୌ ସମାଚରେତ୍ ।।”

(ଯୋଗୀନୀ ତନ୍ତ୍ର–ପଞ୍ଚମ ପଟଳ)

କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ–ଏହି ପଞ୍ଚଭୂତରୁ ହିଁ ପଞ୍ଚମୁଣ୍ଡର ପ୍ରତୀକ ପଞ୍ଚଜ୍ଞାନେନ୍ଦ୍ରିୟ–ଚକ୍ଷୁ-କର୍ଣ୍ଣ-ନାସିକା-ଜିହ୍ୱା ଓ ତ୍ୱକ୍ । ଏହି ପଞ୍ଚମୁଣ୍ଡହିଁ ଆତ୍ମାର ଆସନ । ଆଉ ଅବିନଶ୍ୱର ଆତ୍ମାରେ ମନକୁ ସ୍ଥାପନ କରିବା ହିଁ ପଞ୍ଚମୁଣ୍ଡି ଆସନରେ ଉପବେଶନ କରିବା ।

ଗୁରୁଦେବଙ୍କ ଆଦେଶ ଅନୁଯାୟୀ ସାଧନ-ଭଜନରେ ମନୋନିବେଶ କଲେ ସାଧକ-ସାଧିକାଦ୍ୱୟ । ଯାହା ଟିକିଏ ବା ବିଷୟଚିନ୍ତା ଥିଲା କୃପାମୟଙ୍କ କୃପାରୁ ଅପସରିଗଲା । ଅଧିକାଂଶ ସମୟ କଟେ ତାରମା’ର ଧ୍ୟାନ ଓ ଧାରଣାରେ ।

କୌଣସି ଏକ ଗଭୀର ନିଶିଥ । ସତ୍ୟମୟୀ ଅଗଣାରେ ଖୋଲା ଆକାଶ ତଳେ ଓ ସ୍ୱାମୀ ଗୃହାଭ୍ୟନ୍ତରେ ନିଦ୍ରାଭିଭୂତ । ସହସା ଏକ ଅତ୍ୟୁଜ୍ଜ୍ୱଳ ଜ୍ୟୋତିର ଝଲକରେ ନିଦ୍ରାଭଙ୍ଗ ହେଲା ସାଧିକାଙ୍କର–କି ଆଶ୍ଚର୍ଯ୍ୟ ଘର, ବାହାର ସବୁ ଯେ ଆଲୋକିତ । ଭୟଭୀତା ରମଣୀ ଘରଭିତରକୁ ଯାଇ ସ୍ୱାମୀଙ୍କୁ ଉଠାଇ ଦେଲେ–“ଆଗୋ, ଶୀଘ୍ର ଉଠ–ଡକାୟତମାନେ ମଶାଲ ଜଳାଇ ଆସିଛନ୍ତି–ଡକାୟତି କରିବାକୁ ।”

ସେନ ମହାଶୟ ଶଯ୍ୟାତ୍ୟାଗ କରି ଚାରିଆଡକୁ ଅନାଇ କହିଲେ–“କାଇଁ– କେହିତ କେଉଁଠି ନାହିଁ, ତମେ ବୋଧହୁଏ ସ୍ୱପ୍ନ ଦେଖି ଭୟପାଇଛ– ଯାଅ ଶୋଇପଡ ।”

ସତ୍ୟମୟୀ ପୁଣି ଫେରିଗଲେ ଶଯ୍ୟାକୁ । ଏଥର କିନ୍ତୁ ତାଙ୍କୁ ଆଉ ନିଦ ହେଲାନି । କିଛି ସମୟ ପରେ ପୁଣି ଜ୍ୟୋତିଃ ଦର୍ଶନ କରି ଉଠି ବସିଲେ ।

ଅଗଣାର ଦକ୍ଷିଣପଟେ ଯେଉଁ କ୍ଷୁଦ୍ର ଗୃହଟିରେ ପଞ୍ଚମୁଣ୍ଡି ଆସନ ସ୍ଥାପିତ ହୋଇଛି–ସେହିଠାରୁ ହିଁ ଆସୁଛି ଜ୍ୟୋତିର ଉସ୍ଥ । ଆଶ୍ଚର୍ଯ୍ୟ ହୋଇ ସେହି ଦିଗକୁ ଆଗେଇ ଗଲେ ସାଧିକା–"ଏ କ'ଣ ? ସମଗ୍ର ଗୃହଟି ଅତ୍ୟୁଜ୍ଜ୍ୱଳ ସ୍ନିଗ୍ଧ ଜ୍ୟୋତିରେ ସମାଛନ୍ନ । ଭରିଗଲା ତନୁ-ମନ-ପ୍ରାଣ ।" ସାଧିକାଙ୍କ ଚକ୍ଷୁ ସାମ୍ନାରେ କିନ୍ତୁ ଘଟିଗଲା ଆହୁରି ଏକ ଅତ୍ୟାଶ୍ଚର୍ଯ୍ୟ ଘଟଣା । ସହସା ଭୂମିତଳ ବିଦୀର୍ଣ୍ଣ କରି ଉତ୍ଥିତ ହେଲା ଏକ ପ୍ରକାଣ୍ଡ ଲୌହ ତ୍ରିଶୂଳ ଓ ତା' ପରେ ପରେ ଏକ କ୍ଷୁଦ୍ର ଶିଳାମୟୀ ଦେବୀମୂର୍ତ୍ତି । ଆନନ୍ଦରେ ଅଶ୍ରୁ ବିସର୍ଜନ କରୁ କରୁ ଛୁଟିଯାଇ ଶିଳାମୟୀଙ୍କୁ ବୁକୁରେ ଜଡାଇ ଧରିଲେ ସାଧିକା । ଏତିକିବେଳେ ଦୈବବାଣୀ ହେଲା– "ମୁଁ ତୁମର କୁଳଦେବୀ । ଦୀର୍ଘଦିନଧରି ତୁମମାନଙ୍କଠାରୁ ପୂଜା ନପାଇ ବ୍ୟଥିତା ।"

ଭବ ଗଦ୍‌ଗଦ୍ କଣ୍ଠରେ ଉତ୍ତର ଦେଲେ ସାଧିକା– "କ'ଣ କରିବୁ ମା' ? ତୋରି ଇଙ୍ଗିତରେ ତ ସାତପୁରୁଷି ଭିଟାମାଟି ତ୍ୟାଗକରି ଆମେ ଆସି ଏଠାରେ ପରସ୍ଥଳରେ ମୁଣ୍ଡ ଗୁଞ୍ଜିଛୁ । ଯଦି ତୋର କୃପା ହୁଏ ତେବେ ନିଶ୍ଚୟ ପୁଣି ତୋର ସେବା କରିବୁ ମା' !"

ଦୈବବାଣୀ– "ହଁ-ମୋର ମୂର୍ତ୍ତି ପ୍ରତିଷ୍ଠା କରି ପୂଜା କର । ମୁଁ ସର୍ବଦା ତୋରି ପାଖେ ପାଖେ ହିଁ ରହିବି । ସୂର୍ଯ୍ୟୋଦୟ ପୂର୍ବରୁ ସ୍ୱାମୀ-ସ୍ତ୍ରୀ ଉଭୟେ ମିଶି ମୋର ଏହି ଶିଳାମୟୀ ମୂର୍ତ୍ତିକୁ ଗଙ୍ଗା ଗର୍ଭରେ ବିସର୍ଜନ କରି ଦିଅ ।"

ଉଷାର ଆଲୋକ ସଙ୍ଗେ ସଙ୍ଗେ ମିଳେଇଗଲା ଜ୍ୟୋତିର ଖେଳା । ସ୍ୱାମୀଙ୍କୁ ଉଠାଇ ସବୁ ଘଟଣା ବିବୃତ କଲେ ସତ୍ୟମୟୀ । ତ୍ରିଶୂଳ ଓ ଶିଳାମୟୀଙ୍କୁ ଦର୍ଶନ କରି ଆନନ୍ଦରେ ଅଶ୍ରୁ ବିସର୍ଜନ କରୁ କରୁ ପତ୍ନୀଙ୍କୁ ବୁକୁରେ ଜଡାଇଧରି କହି ଉଠିଲେ ଗୋପାଳଚନ୍ଦ୍ର–"ତୁମେ ପରମଭାଗ୍ୟବତୀ । ଧନ୍ୟ ତୁମର ଗୁରୁଭକ୍ତି ଓ ସାଧନା । ତୁମକୁ ପତ୍ନୀରୂପେ ପାଇ ମୁଁ ମଧ୍ୟ ଆଜି ଧନ୍ୟ ।"

ପରମଭକ୍ତି ସହକାରେ ମା'ର ଶିଳାମୟୀ ମୂର୍ତ୍ତିକୁ ନୂତନ ବସ୍ତ୍ରରେ ଆବୃତ କରି ସୂର୍ଯ୍ୟୋଦୟ ପୂର୍ବରୁ ଲୋକଚକ୍ଷୁର ଅନ୍ତରାଳରେ ଯାଇ ଗଙ୍ଗାବକ୍ଷରେ ବିସର୍ଜନ ଦେଲେ ପତି-ପତ୍ନୀ ଦ୍ୱୟ । ତ୍ରିଶୂଳଟି ବର୍ତ୍ତମାନ ସୁଦ୍ଧା ବିଦ୍ୟମାନ ଅଧିଷ୍ଠାତ୍ରୀ ଦେବୀ ଦକ୍ଷିଣକାଳିକାଙ୍କ ନିକଟରେ ।

ସେହିଦିନ ରାତିରେ କିନ୍ତୁ ଘଟିଲା ଅନ୍ୟ ଏକ ଅଘଟଣ । ହୁଗୁଳୀ ଜିଲ୍ଲା ଅନ୍ତର୍ଗତ ଧରମପୁର ନିବାସୀ ସୁଦକ୍ଷ ଶିଳ୍ପୀ ମନ୍ମଥ ମିସ୍ତ୍ରୀଙ୍କୁ ରାମପ୍ରସାଦ ଆରାଧିତା ଦକ୍ଷିଣ-କାଳିକା ଦେବୀ ସ୍ୱପ୍ନଯୋଗେ ଦର୍ଶନ ଦେଇ ନିର୍ଦ୍ଦେଶ ଦେଇଗଲେ—"ତାମଲିପଡ଼ା ନିବାସିନୀ ସତ୍ୟମୟୀ ଦେବୀଙ୍କ ଘରକୁ ଯାଇ ମୋର ଏକ ସୁରମ୍ୟ-ପ୍ରତିମୂର୍ତ୍ତି ଗଢ଼ିଦେଇ ଆସିବୁ । ନଅଟଙ୍କା ମଜୁରୀ ନେବୁ ।" ପରଦିନ ପ୍ରତ୍ୟୁଷରୁ ହିଁ ମନ୍ମଥ ମିସ୍ତ୍ରୀ ସତ୍ୟମୟୀଙ୍କ ନିକଟରେ ଉପସ୍ଥିତ ହୋଇ ସ୍ୱପ୍ନ ବୃତ୍ତାନ୍ତ ବୟାନକରି ମା'ର ଦକ୍ଷିଣ-କାଳିକାମୂର୍ତ୍ତି ଗଠନରେ ନିଯୁକ୍ତ ହେଲେ । ୧୮୯୬ ମସିହା କାର୍ତ୍ତିକ ମାସର ପବିତ୍ର ଦିପାବଳୀ ତିଥିରେ— ସତ୍ୟମୟୀ ଦେବୀଙ୍କ ପିତୃ ଭୂମିରେ ପୂର୍ବ ନିର୍ଦ୍ଦିଷ୍ଟ ଗୃହ ଅଭ୍ୟନ୍ତରରେ ବୀରାଚାର ପଦ୍ଧତିରେ ଦକ୍ଷିଣକାଳିକା ମାତୃମୂର୍ତ୍ତି ପ୍ରତିଷ୍ଠିତା ହେଲେ । ଏତେଦିନ ପରେ ପରମ ମାତୃ ସାଧକ ରାମପ୍ରସାଦଙ୍କ ଇଷ୍ଟଦେବୀ ପୁଣି ଫେରି ଆସିଲେ ତାଙ୍କ କୁଳଦେବୀଙ୍କ କୋଳକୁ । ସାଧନାନନ୍ଦରେ ବିଭୋର ହୋଇ ସୀମାହୀନ ଅନନ୍ତ ଆକାଶରେ ଭସି ଚାଲିଲେ ହଂସଦମ୍ପତି । ବିଧିର ନିର୍ବନ୍ଧ କିନ୍ତୁ ଅନ୍ୟପ୍ରକାର ।

୧୯୦୪ ମସିହା ଆଶ୍ୱିନ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀର ମଧ୍ୟାହ୍ନ ବେଳା । କର୍ମକ୍ଷେତ୍ରରୁ ଗୃହକୁ ପ୍ରତ୍ୟାବର୍ତ୍ତନ କରି ବେଦନାଭରା କଣ୍ଠରେ ପତ୍ନୀଙ୍କୁ କହିଲେ ସେନ ମହାଶୟ— "ଆଜି କାହିଁକି ଦେହଟା ଭରି ଖରାପ ଲାଗୁଛି । କିଛି ଖାଇବିନି ।"

ସ୍ତ୍ରୀଙ୍କ ବିଶେଷ ଅନୁରୋଧରେ ଦୁଧ ଟିକିଏ ପିଇ ଶୋଇ ପଡ଼ିଲେ । ଆଉ ସେଇ ଯେ ଶୋଇଲେ-ଶୋଇଲେ ଅନନ୍ତଶଯ୍ୟାରେ । ଅବସ୍ଥା କ୍ରମେ

ଖଗପ ଆଡକୁ ଗତି କରିବାରୁ ଡାକ୍ତର ଡ଼କାଇ ପରୀକ୍ଷା କରାଇଲେ ସତ୍ୟମୟୀ ଦେବୀ । କିନ୍ତୁ ସବୁ ବୃଥା ।

ମୂହ୍ୟମାନ ଶ୍ରାନ୍ତ ଦିନମଣି ଢଳି ପଡ଼ିଲେ ସନ୍ଧ୍ୟା କୋଳରେ । ଅନ୍ଧାରରେ ଲୁଚିଗଲା ଚତୁର୍ଦ୍ଦିଗ । ପତିତପାବନୀ କୂଳରୁ ଭସି ଆସିଲା ଶିବା କଣ୍ଠର କରୁଣ ଚିତ୍କାର । ତା' ସଙ୍ଗେ ସଙ୍ଗେ ଅଦିନିଆ ଘନକୃଷ୍ଣ ମେଘମାଳା ଘନେଇ ଆସିଲା ସତ୍ୟମୟୀଙ୍କ ହୃଦୟ ଆକାଶରେ । ଘନ-ଘନ ଦୀର୍ଘଶ୍ୱାସ ଓ ଅବାରିତ ଅଶ୍ରୁଜଳରେ ଭରିଗଲା ସାଧନ କୁଟୀର । କରୁଣପୂର୍ଣ୍ଣ ନୟନରେ ଗୃହିଁ–ସହଧର୍ମିଣୀଙ୍କ ହସ୍ତ ଦୁଇଟି ନିଜହସ୍ତ ମଧ୍ୟରେ ଧାରଣ କରି କ୍ଷୀଣସ୍ୱରରେ କହି ଉଠିଲେ ସେନ ମହାଶୟ– 'ଆଗୋ ! ବିଦାୟ ଦିଅ; ଡାକରା ଆସିଗଲା । ତମର କିନ୍ତୁ କିଛି ଭାବନା ନାହିଁ– ଗୁରୁଦେବ ଯେ ସର୍ବଦା ତମ ପାଖେ-ମାଖେ ଅଛନ୍ତି ।" ତାରା-ତାରା-ଉଚ୍ଚାରଣ କରୁ କରୁ ତାରା ପଦରେ ମିଶିଗଲେ ତାରସାଧକ । ଚିରଦିନଲାଗି ଲିଭିଗଲା ସତୀର ସୀମନ୍ତ ସିନ୍ଦୁର ।

ଧୈର୍ଯ୍ୟଧରି ମୃତ ପତିଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପାଦନ କଲେ ସାଧିକା । କରାଳ ମୁଖ ବିସ୍ତାର କରି ପ୍ରଜ୍ଜ୍ୱଳି ଉଠିଲା ଚିତାଗ୍ନି । ମାଟିରେ ମିଶିଗଲା ପଞ୍ଚଭୂତର ଶରୀର । ଲେଲିହାନ ଅଗ୍ନିଶିଖା ସାଙ୍ଗରେ ତାଳଦେଇ ଉଚ୍ଛୁଳି ଉଠିଲା ସତୀର ବୁକୁଭରା କୋହ–ପତିତପାବନୀ ଗଙ୍ଗା ବକ୍ଷରେ ନିକ୍ଷିପ୍ତ ହେଲା ସତୀର ପରମ ଆଦରର ଧନ–ଶେଷ ସମ୍ବଳ ହସ୍ତର ସୁବର୍ଣ୍ଣ ବଳା ଦ୍ୱୟ । ହାୟରେ ବିଧାତା ! ଏହି କ'ଣ ଜୀବନବ୍ୟାପୀ ସାଧନାର ଫଳ ?

"ତ୍ରିତାପ ନାଶିନୀ ପରା ତୁହି ମା' ତାରିଣୀ !
ତେବେ କିମ୍ପା ପତିହରା ହେଲା ଅଭାଗିନୀ ?"

ଶ୍ମଶାନ କର୍ମ ଶେଷକରି ସତ୍ୟମୟୀ ଗୃହକୁ ଫେରି ଆସିଲେ ସତ; କିନ୍ତୁ କେଉଁଥିରେ ମନ ଲାଗିଲାନି । ଘରିଆଡ଼ ଖାଁ-ଖାଁ–ଯେଉଁଆଡେ ଆଖିଗଲା–

ଭସି ଉଠିଲା ମୃତ ସ୍ୱାମୀଙ୍କ ମୁଖମଣ୍ଡଳ । ଦିନଟି କୌଣସିମତେ କଟିଗଲା—ସନ୍ଧ୍ୟାର ଅନ୍ଧକାର ସଙ୍ଗେ କିନ୍ତୁ ଉତଲା ହେଲା ସାଧିକାର ମନ । ଦୂରରୁ ଯେପରି ମୂର୍ତ୍ତି ପରିଗ୍ରହ କରି ହାତଠାରି ଡାକୁଛନ୍ତି ସତୀର ଦେବତା ପତି । ଗୋଟି-ଗୋଟି ହୋଇ ଅତୀତର ସ୍ମୃତି ଜାଗି ଉଠିଲା ମନର ପରଦାରେ । ବିଚ୍ଛେଦର ମର୍ମାନ୍ତିକ ଦହନ ସହ୍ୟ କରି ନ ପାରି ଘର ଛାଡ଼ି ଛୁଟି ଗ୍ଲଲିଲେ ଶ୍ମଶାନ ଭୂଇଁକୁ । ଏହି ଶ୍ମଶାନହିଁ ତ ଜୀବର ଶେଷ ଆଶ୍ରୟ ସ୍ଥଳ । ସବୁ ଆଶା-ଭରସା, ଅଶାନ୍ତି-ଉଦ୍‌ବେଗ, ବ୍ୟଥା-ବେଦନା; ମାନ-ଅଭିମାନ, ହିଂସା-ଦ୍ୱେଷ ନିମିଷକ ମଧ୍ୟରେ ଜଳିପୋଡ଼ି ପାଉଁଶ ହୋଇଯାଏ ଏଠାରେ । ବାଛ ନାହିଁ ବିଗ୍ଲର ନାହିଁ—ରଜା-ପ୍ରଜା-ଯୁବକ-ବୃଦ୍ଧ, ସାଧକ-ପାଷାଣ୍ଡ ସମସ୍ତେ ଏଠି ସମାନ । ସାମ୍ୟବାଦର ଅଖଣ୍ଡ ଗଜତ୍ୱ ।

ନିର୍ଜନ ଶ୍ମଶାନର ପ୍ରଶାନ୍ତ-ପରିବେଶରେ ବିଳପି ଉଠିଲା ସାଧିକାର ମନ—"ଆଗୋ ! ତମେ ଆଜି କେଉଁଠି ? କେଉଁ ଅଭିମାନରେ ଏ ଅଭଗିନୀକୁ ଛାଡ଼ି ଗ୍ଲଲିଗଲ ସତେ ! ଯିବନି ତ ଆଉ କ'ଣ କରିବ ? ମୁଁ ଯେ ସହଧର୍ମିଣୀ ନୁହେଁ, ମାୟାବିନୀ ! ରାକ୍ଷସୀ ! ! ଯେଉଁ ମୁଖରେ ଜୀବନ ବ୍ୟାପୀ ତୋଳି ଦେଇଥିଲି କେତେ ସୁସ୍ୱାଦୁ ପଦାର୍ଥ, ସେହି ମୁଖରେ ଦାନବୀ ପରି ଆଜି ଗୁଂଜି ଦେଲି ଅଗ୍ନିଶିଖା । କିପରି ଏ ହାତ ଗଲା ସତେ ! ମୁଁ ଯଦି ପ୍ରକୃତରେ ତୁମକୁ ଭଲ ପାଉଥାନ୍ତି ତାହେଲେ ଏ କାର୍ଯ୍ୟ କରିବା ଆଗରୁ କ'ଣ ମୋର ମୂର୍ଦ୍ଧନା ଫାଟି ଯାଇ ନଥାନ୍ତା ?"

ଉଚ୍ଚ ସ୍ୱରରେ ରୋଦନ କରି ଉଠିଲା ଅନାଥିନୀ ନାରୀ ଆଉ ଚକ୍ଷୁର ପଲକରେ ସମସ୍ତ ଶ୍ମଶାନଭୂମି ଆଲୋକିତ କରି ମୃତ ସ୍ୱାମୀର ଚିତାରୁ ଆବିର୍ଭୂତ ହେଲେ ଶ୍ମଶାନ ଭୈରବ ଅନାଥବନ୍ଧୁ ଶିବକଳ୍ପତରୁ ବାମାକ୍ଷେପା । —"ବ୍ୟସ୍ତ ହୁଅନା ମା' ! ତୁମର ସ୍ୱାମୀ ଯେ ଜଗତସ୍ୱାମୀଙ୍କ ଦେହରେ ମିଶି ଯାଇଛନ୍ତି । ଅନ୍ତରକୁ ନିରିକ୍ଷଣ କଲେ ତାଙ୍କୁ ଦେଖିବାକୁ ପାଇବ ଜ୍ୟୋତିର୍ମୟ ମୂର୍ତ୍ତିରେ । ମା'ର ଶ୍ରୀପାଦପଦ୍ମରେ ମନୋଃନିବେଶ କରିବାର

ଏହାହିଁ ତ ଉପଯୁକ୍ତ ଅବସର । ସେଇଥି ପାଇଁ ତ ମା' ତୁଟାଇ ଦେଇଛନ୍ତି ମାୟାର ବନ୍ଧନ ।" ଏହିକଥା କହି ଗଙ୍ଗା ଗର୍ଭକୁ ହାତ ବଢ଼ାଇ ତୋଳି ଆଣିଲେ ନିକ୍ଷିପ୍ତ ସୁବର୍ଣ୍ଣ ବଳାଦ୍ୱୟ । ସତୀର ହସ୍ତରେ ବଳାଦ୍ୱୟ ପିନ୍ଧାଇ ଦେଇ ପୁଣି କହିଲେ– "ଯା' ମା' । ଶୋକ ପରିତ୍ୟାଗ କରି ମା'ର ଗତୁଳ ଚରଣରେ ମନପ୍ରାଣ ସମର୍ପଣ କରିଦେ । ବାକି ଦିନ କେଇଟା ତାଙ୍କ ନାମ ଜପୁ ଜପୁ ନିଶ୍ଚିନ୍ତରେ କଟିଯିବ । ଶେଷଦିନ ଆସିଲେ ମୁଁ ପୁଣି ଦେଖା ଦେଇ ପଥର ନିର୍ଦ୍ଦେଶ ଦେଇଯିବି । ଏଥର ଗୃହକୁ ଫେରିଯା ମା' ! ଦୁଃଖ କ'ଣ ? ଭୟ କାହିଁକି ? ମୁଁ ଯେ ସର୍ବଦା ତୋର ପାଖେ ପାଖେ ଅଛି ।"

ଶିଷ୍ୟାକୁ ପ୍ରବୋଧ ଦେଇ ଶୂନ୍ୟରେ ମିଳେଇଗଲେ କୃପାମୟ । ନେପଥ୍ୟରୁ କିଏ ଯେପରି ଗାଇ ଉଠିଲା–

"ଏମନ୍ତ ଶ୍ରୀଗୁରୁ ବାଞ୍ଛା କଳ୍ପତରୁ
ଯା' ପ୍ରକାଶ ଅଦଭୁତ ।
ବିଶୁଦ୍ଧ ବୈରାଗୀ ଶ୍ରୀ ନାମାନୁରାଗୀ
ଆଲୋକିତ ଶୋଭବନ୍ତ ।।"

ଗୃହକୁ ଫେରିଯାଇ ନିଷ୍ଠାର ସହିତ ସାଧନଭଜନରେ ମନୋନିବେଶ କଲେ କ୍ଷେପାବାବାଙ୍କ କୃପାପ୍ରାପ୍ତ ପରମ ସୌଭାଗ୍ୟବତୀ ମହାସାଧିକା ସତ୍ୟମୟୀ ଦେବୀ । ମା'ର ଶ୍ରୀପାଦପଦ୍ମପରେ ଆତ୍ମ ସମର୍ପଣ କରି ଗୁରୁକୃପାରୁ ଉତ୍ତର ଜୀବନରେ ସେ ହୋଇ ଉଠିଲେ ତାରାମୟୀ । ସାଧିକାଙ୍କ ଅଜ୍ଞାତସାରରେ ଲୋକ ଲୋଚନର ଅନ୍ତରାଳରେ ପ୍ରକାଶ ପାଇଥିଲା କେତେ ଦୈବୀ ବିଭୂତି । ଆଲୋକିତ-ପୁଲକିତ ହୋଇଥିଲେ କେତେ ଶତ ରୋଗୀ, ଭୋଗୀ ଓ ତ୍ରିତାପକ୍ଲିଷ୍ଟ ମାନବ । ସାଧିକାଙ୍କର କିନ୍ତୁ ସେ ଦିଗକୁ ଖିଆଲ ନାହିଁ–ପ୍ରତିଷ୍ଠାକୁ ଶୂକରୀ ବିଷ୍ଠା ତୁଲ୍ୟ ତ୍ୟାଗକରି ସେ ସର୍ବଦା ମଗ୍ନ ଥାଆନ୍ତି ମା'ର ଶ୍ରୀପାଦପଦ୍ମ ଧ୍ୟାନରେ । କ୍ରମଶଃ ସରି

ଆସିଲା ନରଲୀଳା । ୧୯୫୯ ମସିହା ପୌଷ ଶୁକ୍ଳ ତ୍ରୟୋଦଶୀ ତିଥିରେ ପବିତ୍ର ତାରନାମ ଉଚ୍ଚାରଣ କରୁ କରୁ ସଜ୍ଞାନରେ ସେହି ପଦ୍ମପାଦରେ ଲୀନା ହୋଇଗଲେ ସହା ସାଧିକା ।

ମରଦେହର ଅବସାନ ହେଲେ ମଧ୍ୟ ଶତ ଶତ ପ୍ରାଣରେ ସେ କିନ୍ତୁ ଆଜି ଜୀବିତା । ହୁଗୁଳୀର ଘରେ ଘରେ ଏହି ମହାସାଧିକା ଦାସୀ-ପିସି ନାମରେ ପରିଚିତା । ପ୍ରକୃତରେ ସେ ଥିଲେ ଦେବଦାସୀ ।

ପଞ୍ଚତିରିଶ

ଯୁଗେ ଯୁଗେ ଯୋଗେଶ୍ୱରଙ୍କ ଲୀଳାଭୂମି ଭାରତବର୍ଷ । ଏହି ପୁଣ୍ୟ ଭୂମିର ଧୂଳି-ମାଟି-ପାଣି-ପବନ ସବୁ ପବିତ୍ର-ଦେବଭୋଗ୍ୟ । ସ୍ୱର୍ଗର ଅମରବୃନ୍ଦ ବି ନରକଳେବର ଧରି ଏହି ପୂତ ଭୂମିରେ ଜନ୍ମଗ୍ରହଣ କରିବାକୁ ଲାଳାୟିତ । ସେଇଥି ପାଇଁ ନା କବିଙ୍କ ଲେଖନୀ ମୁନରେ ଫୁଟି ଉଠିଛି—

"ଏହିରେ ଏହି ସେହି ମୋ ସୁନାର ଦେଶ ।
ଯେଉଁ ଦେଶ ପାଣି ପବନ ପାଇଁକି
କରନ୍ତି ଦେବତା ଆଶ ।"

ଏହି ଦେବଭୂମିରେ କେତେ ଯେ ପୀଠ, ଉପପୀଠ ବିଦ୍ୟମାନ ତା'ର ସଂଖ୍ୟା ନାହିଁ । କେଉଁଟି ଶାକ୍ତ ପୀଠ ତ କେଉଁଟି ବୈଷ୍ଣବ ପୀଠ । ପୁଣି କେଉଁଟି ସୂର୍ଯ୍ୟକ୍ଷେତ୍ର ତ କେଉଁଟି ଶିବକ୍ଷେତ୍ର । ବଶିଷ୍ଠ ଦେବ-ପ୍ରତିଷ୍ଠିତ ଏହି ସିଦ୍ଧପୀଠ ତାରାପୀଠ କିନ୍ତୁ ସର୍ବଧର୍ମର ମହାମିଳନ କ୍ଷେତ୍ର । ଶାକ୍ତ-ଶୈବ; ସୌର-ଗାଣପତ୍ୟ, ବ୍ରାହ୍ମଣ-ବୈଷ୍ଣବ ତଥା ହିନ୍ଦୁ-ମୁସଲମାନ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଏହାର ପ୍ରବେଶଦ୍ୱାର । ଭେଦ-ବିଚାର ନାହିଁ; ହିଂସା-ଦ୍ୱେଷ ନାହିଁ, ହେୟ-ଶ୍ରେୟ ଜ୍ଞାନ ନାହିଁ— ପାଥେୟର ହିସାବ ନିକାଶ ନାହିଁ— ଯିଏ ଯେତେବେଳେ ଆସିଛି ତାକୁ ପରମ ଆଦରରେ କୋଳେଇ ନେଇଛି ଏହି ପବିତ୍ରପୀଠ ଓ ଦୀକ୍ଷିତ କରିଛି ମହାଶକ୍ତିଧର— ସର୍ବଧର୍ମ ସମନ୍ୱିତ-ଅସାମ୍ପ୍ରଦାୟିକ ମଧୁର ମାତୃ ମନ୍ତ୍ରରେ । ଚିରଶାନ୍ତିମୟୀ ମା'ର କୋଳରେ ଯେ ସମସ୍ତଙ୍କର ସମାନ ଅଧିକାର ! ଦକ୍ଷିଣେଶ୍ୱରର ଠାକୁର ରାମକୃଷ୍ଣଙ୍କ ଭାଷାରେ—ମା'ଭଳି ଆଉ ପଦାର୍ଥ କାହିଁ ?

ଆକୀଟ-ବ୍ରହ୍ମ ପର୍ଯ୍ୟନ୍ତ ସମଗ୍ର ଜୀବ ଜଗତର ଚିର ଆରାଧ୍ୟା ହିଁ ଏହି ପବିତ୍ର ମାତୃମୂର୍ତ୍ତି । ପାଟି ଖୋଲିଲା ମାତ୍ରେ ହିଁ ଏହି ମହାମନ୍ତ୍ର ଉଚ୍ଚାରିତ ହୋଇଥାଏ ଜୀବ ତୁଣ୍ଡରୁ ।

ଏହି ସିଦ୍ଧପୀଠର ଦୀର୍ଘ ଦୁଇକ୍ରୋଶବ୍ୟାପୀ ମହାଶ୍ମଶାନ ମଧ୍ୟ ଏକ ଅପୂର୍ବ ସମନ୍ୱୟ କ୍ଷେତ୍ର । ଏକ ପାର୍ଶ୍ୱରେ ଦଣ୍ଡାୟମାନ ଫଳ-ଫୁଲଭରା କେଳି କଦମ୍ବ ବୃକ୍ଷ;ସାଧକଙ୍କୁ ମନେ ପକେଇ ଦିଏ ଚିର କିଶୋରୀ-କିଶୋର ରାଧା-କୃଷ୍ଣଙ୍କ ଅପ୍ରାକୃତ ପ୍ରେମଲୀଳା ଓ ନିତ୍ୟବୃନ୍ଦାବନ । ଅନ୍ୟ ପାର୍ଶ୍ୱରେ ଦଣ୍ଡାୟମାନ ପବିତ୍ର ଶ୍ରୀଫଳ ବୃକ୍ଷ—ହରି-ହରଙ୍କ ଅଭେଦ ଆତ୍ମାର ପ୍ରତୀକ ରୂପେ । ତୁଳସୀ ମଞ୍ଚରେ ମଞ୍ଜରୀତ ପବିତ୍ର ତୁଳସୀ—'ସତୀ'ର ସତୀତ୍ୱର ପରାକାଷ୍ଠା ବହନ କରି । ଆଉ ମଝିରେ ଶ୍ମଶାନ ଭୈରବ ବାମାକ୍ଷେପା ! ସ୍ଥାବର ଜଙ୍ଗମ-କୀଟ ପତଙ୍ଗ ସମସ୍ତଙ୍କ ପାଇଁ ତାଙ୍କ ହୃଦୟ ଦୁଆର ଖୋଲା ।

ଯେତେ ଅଛି ଦିଅ ।
ଯେତେ ପାର ସେତେ ଲୁଟିଖାଅ ।।

୧୯୦୫ ମସିହାର ଏକ ଶାନ୍ତ ସକାଳ । ମହାଶ୍ମଶାନର ମର୍ମ ସ୍ଥଳରେ ସ୍ୱ ଆସନରେ ଉପବେଶନ କରି ଉଦାସ ମନରେ ସ୍ୱର୍ ଧରିଥାନ୍ତି ପରମ ମାତୃସାଧକ କ୍ଷେପାବାବା ।

ମା-ମା ବୋଲି କେତେ ମୁଁ ଡାକିଲି
ଥରେ ହେଲେ ନ ଚାହିଁଲୁ ଆଖିମେଲି
ଦାସୀପୁତ୍ର ସିନା ମୁହିଁ ବୋଲି ।

ଭିଖାରୀର ନାରୀ— ସେଥିରେ ଏତେ ଜାରୀ
ଧନୀର ଧନୀ ହୋଇଥାନ୍ତୁ ଯଦି
ଦେଖାନ୍ତୁ କେତେ ଚାତୁରୀ ।

ଆଣି ଭୂମଣ୍ଡଳେ ଦେଲୁ କେତେ ଦୁଃଖ
ଦିବାନିଶି କାନ୍ଦି ମରେ ମୁହିଁ ଦେଖ
ତ୍ରିତାପ ଜ୍ୱାଳାରେ ଜଳି-ଜଳି ।

ଶୁଣ ଗୋ ମା' ତାର ଚନ୍ଦ୍ରଚୂଡ ଦାର
ସତେ କି ମିଳିବ ତୋ ପାଦେ ଆଶର
ଏ ଜୀବନ ପଣ କରି ?

ତୁ ପର ତାରିଣୀ ପତିତ ପାବନୀ
ମୁଁହି ତ ପତିତ ତୁହି ଉଦ୍ଧାରିଣୀ
ଅଖିଳ ଜନନୀ ନିଖିଳର ରାଣୀ
ନଗେନ୍ଦ୍ର ନନ୍ଦିନୀ ନେ ମା' କୋଳେ ତୋଳି ।।

ଏତିକି ବେଳେ ଭୈରବଙ୍କ ପଦପ୍ରାନ୍ତରେ ଆସି ଲୋଟି ପଡ଼ିଲେ ଜଣେ ବୈଷ୍ଣବ—ନାମ ରାଇମୋହନ ବୈରାଗୀ । ରାଇମୋହନ ଥିଲେ ବଙ୍ଗଳାର ଜନୈକ ସିଦ୍ଧ ବୈଷ୍ଣବ ମହାପୁରୁଷଙ୍କ ଦୀକ୍ଷିତ ଶିଷ୍ୟ । କଠୋର ସାଧନା ପଥରେ ଆଗେଇ ଗଲାବେଳେ ସାମାନ୍ୟତମ ବ୍ୟତିକ୍ରମ ଯୋଗୁଁ ଗୁରୁଙ୍କ ଦ୍ୱାରା ଅଭିସମ୍ପାତ ହୋଇଥିଲେ ସେ । କଳୁଷିତ ଜୀବନରେ ସାଧନାର ସମସ୍ତ ପଥ ଅବରୁଦ୍ଧ ।

"ଶିବ ରୁଷ୍ଟ ହେଲେ ଗୁରୁ ରଖିତ ପାରନ୍ତି ।
ଗୁରୁ ରୁଷ୍ଟ ହେଲେ ଶିବ ରଖି ନ ପାରନ୍ତି ।।"

ଏହି ଅକ୍ଷମଣୀୟ ଅପରାଧରୁ ଶିଷ୍ୟକୁ ମୁକ୍ତ କରିବା ପୂର୍ବରୁ ଗୁରୁଦେବ ହେଲେ ବିଦେହୀ । ଅନନ୍ୟୋପାୟ ହୋଇ ବିଦଗ୍ଧ ଭକ୍ତ ଗୁରୁଦ୍ରୋହ ପାପରୁ ମୁକ୍ତି ପାଇବା ନିମନ୍ତେ କାତର ପ୍ରାର୍ଥନା ଜଣାଇଲେ ପରମ ଦୟାଳୁ କ୍ଷେପାଠାକୁରଙ୍କ ଶ୍ରୀପାଦ ପଦ୍ମରେ ଆଉ ଦୟାଳୁ ଠାକୁର ଭକ୍ତଟିକୁ ବୁକୁ ଉପରକୁ ତୋଳିନେଇ ଅଭୟ କରପଲ୍ଲବରେ ପୋଛିଦେଲେ ଅଶ୍ରୁ । ତାଙ୍କରି କୃପାରୁ ସମସ୍ତ କଳୁଷରୁ ମୁକ୍ତ ହୋଇ ସ୍ୱୀୟ ଲକ୍ଷ୍ୟ ପଥରେ ଆଗେଇ ଚାଲନ୍ତି ସାଧକ ରାଇମୋହନ । କିଛି ଦିନ ଭୈରବଙ୍କ ନିକଟରେ ଅବସ୍ଥାନ କରି ଅଚିରେ ଗୁରୁ ଓ ଇଷ୍ଟଙ୍କ ଦର୍ଶନ ଲଭି କରି ପୂର୍ଣ୍ଣହୁଏ

ମନୋବାଞ୍ଛା । ଭୈରବଙ୍କ ନିର୍ଦ୍ଦେଶରେ ବୀରଭୂମ ଅନ୍ତର୍ଗତ କେନ୍ଦୁଲୀ ଗ୍ରାମକୁ ଫେରିଯାଇ ଭଜନ କୁଟୀର ନିର୍ମାଣପୂର୍ବକ ତାଙ୍କରି ଆଦେଶ-ଉପଦେଶ ଅନୁସାରେ ସାଧନଭଜନ କରୁ-କରୁ ପ୍ରାରବ୍ଧ କଟାଇ ପରମପଦରେ ଲୀନ ହୁଅନ୍ତି ସେ ।

× × ×

ସିଉଡ଼ୀ ନିବାସୀ ✓ ମହେନ୍ଦ୍ରନାଥ ରୁଦ୍ର ଥିଲେ ବୈଷ୍ଣବ ଖ୍ୟାତ ରାଇମୋହନ ବୈରାଗୀଙ୍କର ଅନ୍ୟତମ ପ୍ରିୟଭକ୍ତ । ସ୍ୱ ଗ୍ରାମରେ ତାଙ୍କର ଥାଏ ଏକ ମିଷ୍ଟାନ୍ନ ଦୋକାନ । କିନ୍ତୁ ଥରେ ଅସହିଷ୍ଣୁ ତଥା ଅସତ୍ ଲୋକମାନଙ୍କ ଚକ୍ରାନ୍ତର ଶିକାର ହୋଇ ଏକ ଶକ୍ତ ଫୌଜଦାରୀ ମାମଲାରେ ଜଡ଼ିତ ହୋଇ ପଡନ୍ତି ସେ । ନଷ୍ଟ ହୋଇଯାଏ ବ୍ୟବସାୟଟି । ଏହି ବିପଦରୁ ରକ୍ଷା ପାଇବା ନିମନ୍ତେ ମହେନ୍ଦ୍ରନାଥ ବୈରାଗୀଙ୍କ କୃପାପ୍ରାର୍ଥୀ ହୁଅନ୍ତେ ସେ ତାଙ୍କୁ ପଠାଇ ଦିଅନ୍ତି ଭୈରବଙ୍କ ନିକଟକୁ । ଅନ୍ତର୍ଯାମୀ ନାଥ କିନ୍ତୁ ଭକ୍ତଟି ନିର୍ଦ୍ଦୋଷ ଓ ସତ୍ ବୋଲି ଜାଣି ସମୂହ ବିପଦରୁ ରକ୍ଷା କରନ୍ତି ଅବିଳମ୍ବରେ । ଭୈରବଙ୍କ ଆଶୀର୍ବାଦରୁ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇ ମହେନ୍ଦ୍ରନାଥ ରାମପୁର ହାଟର ଦେଓ୍ୱାନୀ ଅଦାଲତ ସାମ୍ନାରେ ଖୋଲନ୍ତି ଅନ୍ୟ ଏକ ମିଷ୍ଟାନ୍ନ ଦୋକାନ । ଅଳ୍ପ କେତେଦିନ ମଧ୍ୟରେ ବ୍ୟବସାୟରେ ଯଥେଷ୍ଟ ଉନ୍ନତି ସାଧିତ ହେବା ସଙ୍ଗେ ସଙ୍ଗେ ଧନ-ଜନ-ଗୋପ-ଲକ୍ଷ୍ମୀରେ ପୂରି ଉଠେ ତାଙ୍କ ଗୃହ ।

ଉତ୍ତରକାଳରେ ମହେନ୍ଦ୍ରନାଥ ଥିଲେ ଭୈରବଙ୍କର ଏକ ପରମପ୍ରିୟ ତଥା ଅନୁରାଗୀ ଭକ୍ତ । ତାଙ୍କ ସ୍ନେହରେ ଟାଣି ହୋଇ ଅନେକଥର ତାଙ୍କ ବାସଭବନରେ ପଦାର୍ପଣ କରି ସେବା ଗ୍ରହଣ କରିଥିଲେ ଆମ୍ଭଭୋଳା ମହାପୁରୁଷ । ଏହି ପରିବାରଟି ଥିଲା କ୍ଷେପାବାବାଙ୍କ ବିଶେଷ କୃପାପ୍ରାପ୍ତ । ଏପରିକି ବାବାଙ୍କ ଦେହରକ୍ଷା ପରେ ତାଙ୍କ ବିରହ ବିଚ୍ଛେଦ ଜନିତ ମର୍ମାହତ ଅନ୍ତରଙ୍ଗ ପାର୍ଷଦ କାଳୁ କୁକୁରଟିର ଶେଷ ଜୀବନ କଟିଥିଲା ଏହି ପରିବାର ମଧ୍ୟରେ । ସମ୍ଭବତଃ ସର୍ବତ୍ୟାଗୀ-ଦିଗମ୍ବରଙ୍କ ପ୍ରଥମ ଫଟୋଚିତ୍ରଟି ମଧ୍ୟ

ତୋଳା ଯାଇଥିଲା ଏହି ଭଗ୍ୟବାନ ଭକ୍ତଙ୍କ ଗୃହାଙ୍ଗନରେ– ହୁଏତ ଭକ୍ତଟିର କାତର ପ୍ରାର୍ଥନାରେ ଉଠାଇବାକୁ ରାଜି ହୋଇଥିଲେ ଭୋଳାନାଥ ।

× × ×

ଶାରଦୀୟା ଶୁକ୍ଳା ଚତୁର୍ଦ୍ଦଶୀ ବା ଗଜଲକ୍ଷ୍ମୀ ପୂଜାର ପୂର୍ବଦିନ । ତାରାପୀଠରେ ବସିଥାଏ ଏକ ବିରାଟ ମେଳା । ବହୁଜନ ସମାଗମରେ ମହାଶ୍ମଶାନ ଲେକେ ଲୋକାରଣ୍ୟ । ରାସ୍ତାର ଉଭୟ ପଟେ, ଜୀବନ୍ତକୁଣ୍ଡ ଉପରେ ତଥା ଶ୍ମଶାନ ଉପରେ ବସିଥାଏ ଦୋକାନ-ବଜାର ଓ ଠାବେ ଠାବେ ଜମିଥାଏ ମାତୃ-ସଙ୍ଗୀତ ଆସର । ବଶିଷ୍ଠ ମହର୍ଷିଙ୍କ ସିଦ୍ଧିର ସ୍ମାରକୀ ରୂପେ ପ୍ରତିବର୍ଷ ବସେ ଏହି ମେଳା । ମନ୍ଦିରର ସଦର ଦରଜା ପାଖରେ ବିଜେ କରନ୍ତି ଶିଳାମୟୀ ଓ ଦିଅନ୍ତି ଖୋଲା ଦର୍ଶନ । ଦେଶ-ଦେଶାନ୍ତରରୁ ବହୁ ଯାତ୍ରୀଙ୍କ ସମାଗମରେ ଆନନ୍ଦ ମୁଖରୀତ ହୁଏ କ୍ଷୁଦ୍ର ତାରାପୁର ।

ସେଦିନ ସକାଳୁ-ସକାଳୁ ତାରାମା’ର ଗେହ୍ଲାପୁଅ ଶ୍ୱେତ ଶିମୁଳି ମୂଳେ ପଞ୍ଚମୁଣ୍ଡି ଆସନରେ ବସି ବେଟୀର ଲୀଳା-ଖେଳାରେ ମଜ୍ଜି ଯାଇଥାନ୍ତି । ଚକ୍ଷୁଦେଇ ବହି ଆସୁଥାଏ ଧାର-ଧାର ପ୍ରେମାଶ୍ରୁ । ହୁଏତ ମନେ ପଡ଼ିଯାଉଥାଏ– ଜନ୍ମ-ଜନ୍ମାନ୍ତରର ସାଧନା ଓ ସିଦ୍ଧିର ସ୍ମୃତି । ଏତିକିବେଳେ ଜଣେ ଯୁବକ ଭକ୍ତ ଅତି ସନ୍ତର୍ପଣରେ ଆସି ଭୈରବଙ୍କ ଦେବଦୁର୍ଲଭ ଚରଣଯୁଗଳ ଯାବୁଡ଼ିଧରି ନିରବରେ ଅଶ୍ରୁବିସର୍ଜନ କରିବାକୁ ଲାଗିଲା । ଅନ୍ତର୍ଯାମୀ ଠାକୁର ସହସା ବିରକ୍ତଭାବେ କହି ଉଠିଲେ– "ଆରେ ଶଳା ତୁ ଏଠି କାହିଁକି ? ଯା’, ଯା, ମୋ ପାଦ ଛାଡ଼ିଦେ । ଏଠାରେ ତୋର କିଛି ଲାଭ ହେବନି । ଘରେ ଯୁବତୀ ସ୍ତ୍ରୀ ଓ ବୃଦ୍ଧା ମା’କୁ ଛାଡ଼ି ଶଳା ମୋର ଆସିଛି ସନ୍ନ୍ୟାସୀ ହେବାକୁ ?" ଏହି ଯୁବକଙ୍କ ନାମ କୁମାରାନନ୍ଦ, ଘର ମୁର୍ଶିଦାବାଦ ଅନ୍ତର୍ଗତ ଗୁନ୍ଦାଇପୁର । ପିଲାଦିନରୁହିଁ ମନଟା କେମିତି ବାଉବୁଲା । ବିଷୟ-ଆଶୟ ପ୍ରତି ବିତସ୍ପୃହ ଏକମାତ୍ର ପୁତ୍ରକୁ ଘରସଂସାର ଭିତରେ ବାନ୍ଧି ରଖିବାକୁ ଯୁବାବୟସ ହୁଅନ୍ତେ ବିଧବା ଜନନୀ ଏକ ପରମ ରୂପବତୀ କନ୍ୟା ସଙ୍ଗେ ତା’ର ବିବାହ ସମ୍ପନ୍ନ କରାଇ ।

ତଥାପି ବି ମନ ଘର ଧରେନା । ଶେଷକୁ ଦିନେ ଯୁବତୀ ସ୍ତ୍ରୀ ଓ ବୃଦ୍ଧା ଜନନୀଙ୍କୁ ଶୋକ ସାଗରରେ ଭସାଇ ଦେଇ ସେ ଆସି ଉପସ୍ଥିତ ହୁଏ ଭୈରବଙ୍କ ଚରଣ ପ୍ରାନ୍ତରେ । ଭୈରବଙ୍କ ଦୂର୍ ଦୂର୍ ମାର୍ ମାର୍ ସତ୍ତ୍ୱେ ଦୀର୍ଘ ଆଠମାସ ଧରି ତାରାପୀଠରେ ମୁହଁ ମାଡ଼ି ପଡ଼ିରହି ମନପ୍ରାଣ ଢାଳି ଦିଅନ୍ତି ଭୈରବଙ୍କ ସେବାରେ । ପରିଶେଷରେ ସତ୍ୟ ଲାଭ ନିମନ୍ତେ ଭକ୍ତଟିର ବ୍ୟାକୁଳତା ଦେଖି ପରମ ଆଗ୍ରହରେ ଦିନେ ତାଙ୍କୁ ପାଖକୁ ଡାକି ନିର୍ଦ୍ଦେଶ ଦିଅନ୍ତି ଭୈରବ– "ବାବା ! ମୁଁ ତୁମର ଗୁରୁ ନୁହେଁ । ତୁମର ଭବି ଗୁରୁ ଢ଼ାବୁକର କୈଳାସପତି ଗଜା ଗୋସାଇଁ ବାବା ତମ ପ୍ରତୀକ୍ଷାରେ ଅନେଇ ବସିଛନ୍ତି । ଏଠାରେ ନିଷ୍କାମସେବା ଜନିତ ପୂଣ୍ୟ ଯୋଗୁ ତମର ସମସ୍ତ କଳୁଷ ଧ୍ୱଂସ ହୋଇ ଗୁରୁ ତଥା ଭଗବତ୍ କୃପା ନିମନ୍ତେ କ୍ଷେତ୍ର ପ୍ରସ୍ତୁତ ହୋଇ ଯାଇଛି । ବର୍ତ୍ତମାନ ତମେ ଘରକୁ ଫେରିଯାଅ । ଘରେ ତମର ବୃଦ୍ଧାମାତା ତଥା ଯୁବତୀ ସ୍ତ୍ରୀ କାନ୍ଦି-କାନ୍ଦି କଣ୍ଠା ହୋଇଗଲେଣି । ସେଠାରେ କିଛି ଦିନ ଅବସ୍ଥାନ କରି ସେମାନଙ୍କୁ ବୋଧଶୋଧ ଦେଇ; ପରେ ସସ୍ତ୍ରୀକ କୈଳାସପତି ବାବାଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରି ସାଧନ ପଥରେ ଅଗ୍ରସର ହୁଅ ।

ଭୈରବଙ୍କଠାରୁ ଆଦେଶ ପାଇ ଭକ୍ତଟି କୃତ୍ୟକୃତ୍ୟ ହୋଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରେ । ଉପଯୁକ୍ତ ସମୟରେ ସିଦ୍ଧ କୈଳାସପତି ବାବାଙ୍କର କୃପା ପାଇ ସାଧନପଥରେ ଆଗେଇ ଯାଆନ୍ତି ସ୍ୱାମୀ-ସ୍ତ୍ରୀ ଉଭୟେ । ଯୋଗ୍ୟା ସହଧର୍ମୀଣୀ ତ୍ରିପୁରାନନ୍ଦମୟୀ ସ୍ୱାମୀଙ୍କୁ ସାଧନ ପଥରେ ସହାୟତା କରିବା ନିମନ୍ତେ ଭୈରବୀ ବେଶ ଧାରଣ କରି ଉତ୍ତର ସାଧିକା ହୁଅନ୍ତି । ବ୍ରହ୍ମାନନ୍ଦ ରସ ପାନକରି ଆନନ୍ଦରେ କଟିଯାଏ ଦିନଗୁଡ଼ିକ ।

କିଛିଦିନ ଉତ୍ତାରୁ ଭୈରବଙ୍କୁ ଦର୍ଶନ କରିବା ନିମନ୍ତେ ମନଟା ଛଟ-ପଟ ହୋଇ ଉଠେ ସାଧକ କୁମାରାନନ୍ଦଙ୍କର । ସେଦିନ ଭୈରବୀ ତ୍ରିପୁରାନନ୍ଦମୟୀଙ୍କୁ ସଙ୍ଗରେ ଧରି ସେ ଆସିଥାନ୍ତି ତାରାପୀଠକୁ । ଭୈରବଙ୍କ ସେବା ନିମନ୍ତେ ସ୍ୱହସ୍ତ ପ୍ରସ୍ତୁତ କିଛି କ୍ଷିରସାଗର ଆଣିଥାନ୍ତି ତ୍ରିପୁରାନନ୍ଦମୟୀ । ବିକାରଶୂନ୍ୟ, ଶିଶୁପରି ସରଳ–ପୁଣି ସମସ୍ତ ଜ୍ଞାନର ଆଧାର–ଦିଗମ୍ବର

ଶ୍ୟାମ ସୁନ୍ଦରଙ୍କୁ ଦେଖି ଦେଖି ତ୍ରିପୁରାନନ୍ଦମୟୀଙ୍କର ବାତ୍ସଲ୍ୟଭାବ ପ୍ରବଳ ହୋଇ ଉଠେ । ବକ୍ଷ ଡିଙ୍ଗାଇ ଝରିପଡ଼େ ଧାର-ଧାର ହୋଇ ସ୍ନେହର ଧାରା । "ଏହି ଯେ ମୋର ନନୀ-ଗୋପାଳ !" କହି ଯଶୋଦା ମା'ଙ୍କ ପରି ସେ ଭୈରବଙ୍କ ନିକଟକୁ ଦଉଡ଼ିଯାଇ କ୍ଷୀରସାଗର ଟେକି ଧରନ୍ତି ତାଙ୍କ ମୁଖରେ ଆଉ ପ୍ରେମମୟଠାକୁର ଛୋଟ ଗୋଟିଏ ଶିଶୁପରି ପରମ ଆଗ୍ରହରେ ଖାଇ-ବାରେ ଲାଗିଯାନ୍ତି । ଭାବର ଠାକୁରଙ୍କୁ ଭୈରବୀର ଭାବଟି ଭାରି ଭଲ ଲାଗିଛି । ତେଣୁ କୁମାରାନନ୍ଦଙ୍କୁ ଚାହିଁ ପଚାରି ବସିଲେ—"ବେଶ୍ ହୋଇଛି ଗଜାବାବା ! କୁମାର ବାବା ! ଭାରି ବଢ଼ିଆ ଭୈରବୀଟିଏ ପାଇଛ । କିନ୍ତୁ ବାବା ଏ ଭୈରବୀଟି ଘରରନା ପରର ?" କୁମାରାନନ୍ଦ ବାବାଙ୍କ ପ୍ରଶ୍ନ ଶୁଣି ଭୈରବୀର ମୁଖକୁ ଚାହିଁ ମୃଦୁ-ମୃଦୁ ହସିବାକୁ ଲାଗିଲେ ।

—"ଓଃ ବୁଝିଲି ! ଏ ଯେ ଆମର ଘରର ମା ! ତାରା ମା ! !" ଏହିକଥା କହୁ-କହୁ ବାବାଙ୍କ ମନ ହୁଏତ ଲୀନ ହୋଇଗଲା ଶଙ୍କର ବାଞ୍ଛିତ ଲଲଟୁକ୍‌ଟୁକ୍ ମା'ର ଚରଣ ଦ୍ୱୟରେ ଆଉ ସ୍ୱତଃ କଣ୍ଠରୁ ନିର୍ଗତ ହେଲା—

ଅସାର ଏହି ସଂସାର ମଧ୍ୟେ
'ତାରା' ନାମଟି ସାରରେ
ସେ ନାମ ଧରିଲେ ଏ ଭବସାଗରେ
"ଯାତନା" ହୁଏ ଦୂରରେ ।।
ହେରିଲେ ସେ ମୁଖ
ଦୂରେ ଯାଏ ଦୁଃଖ ।
ଏହି ଗୁଣ ତାରା ମା'ର ରେ,
ଭଜିଲେ ତା' ନାମ—
ଦୂରେ ଯାଏ କାମ
ପ୍ରେମ ହୁଏ ଜର୍-ଜର୍ ରେ ।।
ମୋ'ର ଦରିଦ୍ରର ଧନ
ଯୁଗଳ ଚରଣ
ହୃଦରେ କରିଛି ହାରରେ ।।

କମଳାକାନ୍ତ ନିତାନ୍ତ ଭ୍ରାନ୍ତ
ଆସେ ଯାଏ ବାର ବାରରେ ।।
(ସେହି) ଅଭୟ ଚରଣ କରିଣ ଧାରଣ
ଏଥର ହୋଇବି ପାରରେ ।।

ଗୀତ ଶେଷ ହୁଅନ୍ତେ ଅଶ୍ରୁଳ ନୟନରେ ଭୈରବଙ୍କୁ ପ୍ରଣାମ ଜଣାଇ ଫେରିଗଲେ ସ୍ୱାମୀ-ସ୍ତ୍ରୀ ଉଭୟେ । ଏହି ସାଧକ ଦମ୍ପତି କ୍ଷେପାବାବାଙ୍କୁ ଗୁରୁଙ୍କ ଭଳି ଶ୍ରଦ୍ଧା ଓ ଭକ୍ତି କରନ୍ତି ଓ ମଝିରେ ମଝିରେ ତାରପୀଠକୁ ଆସି ତାଙ୍କର ଶ୍ରୀପାଦପଦ୍ମ ଦର୍ଶନ କରି ଯାଆନ୍ତି ।

*

ଛତିଶ

ଜ୍ୟେଷ୍ଠ ମାସର ଏକ ଉଦ୍ଭଡିଆ ଖରବେଳ । ମଧ୍ୟାହ୍ନ ଆହାର ସମାପନ କରି ସମଗ୍ର ଜନସମାଜ ଯେତେବେଳେ ଗୃହାଭ୍ୟନ୍ତରରେ ବିଶ୍ରାମରତ ସେତିକିବେଳେ ଆମର ଭବଭୋଳା କ୍ଷେପାଠାକୁର ଚୁପ୍ କରି ବସିଥାନ୍ତି ଦ୍ୱାରକା ନଈ କୂଳରେ– ଏକ ପ୍ରକାଣ୍ଡ ବଣ ଜାମୁ ବୃକ୍ଷ ମୂଳେ । ଶ୍ୱାନ ଓ ଶିବାଦଳ ଗୋଟିଏ ଅର୍ଦ୍ଧଦଗ୍ଧ ଶବକୁ ନେଇ ଭିଡା ଓଟରା କରୁଥାନ୍ତି– କେତେବେଳେ ବା ଶାଗୁଣାଟିଏ ପକ୍ଷ ବିସ୍ତାର କରି ଉଡ଼ିଆସି ଶିବା ମୁଖରୁ ଛଡାଇ ନେଉଥାଏ ଆହାର । କି ବିଚିତ୍ର ଦୃଶ୍ୟ ସତେ ? ଆଜନ୍ମ କେତେ ଯତ୍ନରେ ଲାଳିତ ମାନବ ଶରୀରର ଏହି ତ ଶେଷ ପରିଣତି ! ପଞ୍ଚଭୂତକୁ ନେଇ ମା'ର ଏହି ବିଚିତ୍ର ଖେଳକୁ ନିବିଷ୍ଟ ଚିତ୍ତରେ ଦେଖୁଥାନ୍ତି ଭୈରବ । ଏତିକିବେଳେ ନଦୀର ଅପରପାର୍ଶ୍ୱରୁ ଆଣ୍ଠୁଆଣି ଜଳ ପାରିହୋଇ ଆସି ପହଞ୍ଚିଲେ ଗୈରିକ ବସନ ପରିହିତ ଜଟାଜୁଟଧାରୀ ଜଣେ ସନ୍ନ୍ୟାସୀ । କପାଳରେ ସିନ୍ଦୂର ବିନ୍ଦୁ, ଗଳାରେ ରୁଦ୍ରାକ୍ଷ ଓ ସ୍କନ୍ଧଦେଶରେ ଝୁଲମୁଣି । ପରମଭକ୍ତିଭରେ ପ୍ରଣାମ କରି ବାବାଙ୍କ ନିକଟରେ ଉପବେଶନ କଲେ ।

–"ବସ ବାବା ! ସବୁ ଭଲ ତ ? ଝୁଲିରେ କିଛି ଅଛିନା କ'ଣ ?" ଜିଜ୍ଞାସା କଲେ ଭୈରବ ।

ସମ୍ମତି ସୂଚକ ମୁଣ୍ଡ ହଲାଇ ଝୁଲିରୁ ଚିଲମ ଓ ଗଞ୍ଜେଇ ବାହାରକଲେ ସନ୍ନ୍ୟାସୀ । ନିରବ ବାତାବରଣ ଭିତରେ ଗଞ୍ଜା ସେବନ ପର୍ବ ଶେଷ ହୁଅନ୍ତେ ଚିଲମଟି ଝାଡ଼ିଝୁଡ଼ି ଝୁଲିରେ ପକେଇ ଗନ୍ତବ୍ୟପଥରେ ଆଗେଇ ଗଲେ ସନ୍ନ୍ୟାସୀ ଜଣକ ।

ଆତ୍ମଭୋଳା ସାଧକ ପୁଣି ମଜ୍ଜିଗଲେ ଆତ୍ମଚିନ୍ତାରେ । ଏହି ଅବଶରରେ ଅସାବଧାନତା ବଶତଃ କେତେବେଳେ ଦକ୍ଷିଣ ଉରୁଦେଶ କଳିକାର ଅଗ୍ନି

ଉପରେ ପଡ଼ିଯାଇଛି ଖିଆଲ ନାହିଁ । ଅନ୍ତର୍ମୁଖୀ ମନର ବାହ୍ୟଦୃଷ୍ଟି ଆସିବ ବା କୁଆଡୁ ? କଷ୍ଟ ନାହିଁ, ଯନ୍ତ୍ରଣା ନାହିଁ- ପୂର୍ବପରି ସ୍ୱାଭାବିକ ରୀତିରେ ଉପବେଶନ କରିଥାନ୍ତି ଭୋଳାନାଥ ।

ଏହି ସମୟରେ କୌଣସି ଏକ ବିଶେଷ ପ୍ରୟୋଜନରେ ବାବାଙ୍କୁ ଖୋଜି-ଖୋଜି ଦୁର୍ଗାଦାସ ଚକ୍ରବର୍ତ୍ତୀ ନାମକ ଜନୈକ ପ୍ରିୟ ଶିଷ୍ୟ ଆସି ଭୈରବଙ୍କ ନିକଟରେ ଉପସ୍ଥିତ ହେଲେ । ତାଙ୍କୁ ଦେଖି ଆଦର କରି ପାଖରେ ଡାକି ବସାଇଲେ ଭୈରବ । ଭକ୍ତଟିକୁ ନିବିଡ ସାନ୍ନିଧ୍ୟ ଦେବା ଉଦ୍ଦେଶ୍ୟରେ ଉରୁଟେକି ଆହୁରି ନିକଟକୁ ଡାକିଲାବେଳକୁ ଦେଖାଗଲା ବାବାଙ୍କ ଉରୁଦେଶରେ ଏକ ଅଙ୍ଗାର । ଭକ୍ତଟି ନିଜ ହାତରେ ଅଙ୍ଗାର କାଢିଦେଇ ଚମକି ଉଠିଲା—"ଏ କ'ଣ ବାବା ! ଆପଣଙ୍କ ଉରୁଦେଶ ଯେ ପୋଡ଼ି ଘା' ହୋଇ ଯାଇଛି ?"

ଏଥର ଗୋଟିଏ ଛୋଟ ଶିଶୁପରି ଚମକି ଉଠିଲେ ଭୋଳାନାଥ— "ସତେନା କ'ଣ ? ତାହେଲେ କ'ଣ ହେବ ବାବା ? ଏ ପୁଣି କେମିତି ଭଲ ହେବ ?"

—"ଭୟ ନାହିଁ ବାବା, ମଲମ ଲଗେଇ ଦେଲେ ଭଲ ହୋଇଯିବ ।"

—"ତାହେଲେ ବାବା, ଟିକିଏ ମଲମ କେଉଁଠୁ ଆଣି ଲଗେଇଦିଅତ ! ଭାରି କଷ୍ଟ ହେଉଛି ।"

ଚକ୍ରବର୍ତ୍ତୀ ମହାଶୟ ତାରପୁରକୁ ଦଉଡ଼ି ଗଲେ ସଙ୍ଗେ-ସଙ୍ଗେ ଓ ଗୋଟିଏ ସାରୁ ପତ୍ରରେ କିଛି ମଲମ ଧରି ଫେରି ଆସିଲେ । ପରମ ଆଗ୍ରହଭରେ ଗୁରୁଦେବଙ୍କ କ୍ଷତ ସ୍ଥାନରେ ମଲମ ଲଗେଇ ଦେଇ କହି ଉଠିଲେ—"ଆଉ ଚିନ୍ତା ନାହିଁ ବାବା— ଏଥର ଭଲ ହୋଇଯିବ ନିଶ୍ଚୟ ।"

ସାଙ୍ଗେ ସାଙ୍ଗେ ବୁଝିଗଲେ ବାବା ଛୋଟ ଗୋଟିଏ ଶିଶୁକୁ ମା' ଖେଳନାଦେଇ ଭୁଲାଇଲା ପରି । —"ବେଶ୍ ବାବା ବେଶ୍ ! ବେଟୀ, ତମର ମଙ୍ଗଳ କରନ୍ତୁ ।" କହି ପୁଣି ଆତ୍ମଚିନ୍ତାରେ ବୁଡ଼ିଗଲେ ଆତ୍ମଭୋଳା ସାଧକ ।

ମହାପୁରୁଷମାନେ କେତେ ସରଳ, ପୁଣି ଭକ୍ତର ସାମାନ୍ୟତମ ସେବା ଗ୍ରହଣ କରିବାକୁ କେତେ ବ୍ୟାକୁଳ ସତେ ? ଅନ୍ତର୍ଯାମୀ ଭୈରବଙ୍କର ଏହା ଏକ ଛଳନା ନୁହେଁ ତ ଆଉ କ'ଣ ? ?

ବେଳ ସେତେବେଳକୁ ରତ, ରତ । ଦିନମଣି ଅସ୍ତାଚଳଚୂଳକୁ ଯିବାକୁ ପ୍ରସ୍ତୁତ ହେଉଥାନ୍ତି । ପଶ୍ଚିମ ଗଗନରେ କେତେ ରଙ୍ଗର କୁହୁକ । ଦ୍ୱାରକାନଈରେ ତା'ର ପ୍ରତିବିମ୍ବ । ଏହା କିନ୍ତୁ କ୍ଷଣସ୍ଥାୟୀ । ଆଉ ଟିକକ ପରେ ମିଳେଇଯିବ ସବୁ ଅନ୍ଧକାର ଗର୍ଭରେ । ଏ ଜଗତଟା ବି ଠିକ୍ ସେହିପରି ଅନିତ୍ୟ ବସ୍ତୁରେ ଗଢ଼ା । ଏଇଠି ଅଛି ଏଇଠି ନାହିଁ । ସବୁ ମାୟାର ଖେଳ ମାତ୍ର ।

ଭବବିଭୋର ଠାକୁର ସେଇ ଦ୍ୱିପ୍ରହର ବେଳାରୁ ହିଁ ସେହି ଗୋଟିଏ ଆସନରେ ଉପବିଷ୍ଟ । ହଲ ନାହିଁ କି ଚଲ ନାହିଁ । ମାୟାର ଖେଳ ଦେଖୁ ଦେଖୁ ହୁଏତ ମନେ ପଡ଼ିଯାଇଛନ୍ତି ମାୟାଧର ଆଉ ଚିତ୍ତ ସାତ ସାଗର ତେର ନଈ ପାରିହୋଇ ବୁଡ଼ି ଯାଇଛି ତାଙ୍କ ରତୁଳ ପୟରରେ ।

ଏତିକିବେଳେ ସହସା ଆସି ଉପସ୍ଥିତ ହେଲେ ହୁଗୁଳି ଫୌଜଦାରୀ ଅଦାଲତର ଧର୍ମ ପିପାସୁ ବିଖ୍ୟାତ ଓକିଲ ଦ୍ୱୟ—ବିଷ୍ଣୁପଦ ଚଟୋପାଧ୍ୟାୟ ଓ ଶଚୀନ୍ଦ୍ର ଚଟୋପାଧ୍ୟାୟ । ଦୁଇଜଣଯାକ ବହୁ ପୂର୍ବରୁ ବଙ୍ଗଳାର ଅନ୍ୟତମ ସିଦ୍ଧ ମହାପୁରୁଷ କାଳିଦାସ ଗଙ୍ଗୋପାଧ୍ୟାୟଙ୍କ ନିକଟରୁ କାଳୀମନ୍ତ୍ରରେ ଦୀକ୍ଷିତ ହୋଇଥାନ୍ତି । ଲୋକ ମୁଖରୁ ଭୈରବଙ୍କ ସମ୍ବନ୍ଧରେ ନାନା ଅଲୌକିକ କାହାଣୀ ଶୁଣି ଆସିଥାନ୍ତି ଥରୁଟିଏ ଦର୍ଶନ କରିଯିବାକୁ । ପରମଭକ୍ତିଭରେ ଭୈରବଙ୍କ ଚରଣରେ ଶ୍ରଦ୍ଧା ନିବେଦନ କରି ଟିକିଏ ଦୂରରେ ଭୂଇଁ ଉପରେ ବସି ପଡ଼ିଲେ ଉଭୟେ । ସେମାନଙ୍କ ଉପରେ ଦୃଷ୍ଟି ପଡୁ-ପଡୁ ଭୈରବ କିନ୍ତୁ ସାନନ୍ଦରେ କହି ଉଠିଲେ—"ଆରେ ମୋ କାଳି ମା'ର ବେଟାମାନେ ଆସିଛନ୍ତି । ବେଶ୍ କରିଛ ବାବା— ବେଶ୍ କରିଛ । ତାର ମା'କୁ ଟିକିଏ ଦେଖିଯିବ ।" ଝରି ପଡ଼ିଲା ଅହେତୁକି କୃପାନିର୍ଝର । ପରଦିନ ଅମାବାସ୍ୟା । ଅମାବାସ୍ୟାର ମହାନିଶାରେ ଏହି

ଭାଗ୍ୟବାନ ଭକ୍ତଦ୍ୱୟଙ୍କୁ ନେଇ ବଶିଷ୍ଠ ଋଷିଙ୍କ ସିଦ୍ଧ ଆସନରେ ବସାଇ ଜପ କରିବାକୁ ନିର୍ଦ୍ଦେଶ ଦେଲେ କ୍ଷେପାବାବା । ଭୈରବଙ୍କ କୃପାରୁ ଅଚିରେ ଗୁରୁ ଓ ଇଷ୍ଟଙ୍କୁ ଏକତ୍ର ଦର୍ଶନ କରି ସାର୍ଥକ ହେଲା ତାଙ୍କର ନରଜନ୍ମ । କିଛିଦିନ ମହାପୁରୁଷଙ୍କ ଅଙ୍ଗ-ସଙ୍ଗ ଲାଭକରି କର୍ମକ୍ଷେତ୍ରକୁ ଫେରି ଗଲାବେଳେ ଶିବକଳ୍ପତରୁଙ୍କ ଉଦ୍ଦେଶ୍ୟରେ ସ୍ୱତଃ ସେମାନଙ୍କ ତୁଣ୍ଡରୁ ବାହାରି ଆସିଥିଲା ହେ ପ୍ରଭୋ—

ତୁମେ ଯେ ଅହେତୁକ କୃପାସିନ୍ଧୁ ପତିତ ଜନର ବନ୍ଧୁ
ବିତରିଣ କୃପାବିନ୍ଦୁ-ପାର କର ଯେତେ ଦୀନ ଜନ ।।

× × ×

ହାଓଡା ଜିଲ୍ଲା ଅନ୍ତର୍ଗତ ବଁ୍ୟାଟରାୟ ନିବାସୀ ପ୍ରସନ୍ନକୁମାର ମୁଖୋପାଧ୍ୟାୟ ଥିଲେ ବର୍ଣ୍ଣ କମ୍ପାନୀର ଏକ ପଦସ୍ଥ କର୍ମଚାରୀ । କର୍ମକ୍ଷେତ୍ରରେ ହିସାବ ନିକାଶରେ କିଛି ଗଣ୍ଡଗୋଳ ହେବାରୁ ବୃଦ୍ଧ ବୟସରେ ଏକ ମାମଲାରେ ଜଡ଼ିତ ହୋଇ ପଡ଼ିଲେ । ଆତ୍ମସମ୍ମାନ ହାନି ଭୟରେ ବଡ ଚିନ୍ତିତ ହୋଇ ପଡ଼ିଲେ ପ୍ରସନ୍ନବାବୁ । ଦିନକୁ ଦିନ ଚିନ୍ତାରେ ଶରୀର କ୍ଷୀଣ ହେବାକୁ ଲାଗିଲା । ପିତାଙ୍କର ଏତାଦୃଶ ଅବସ୍ଥା ଦେଖି ଭକ୍ତିମାନ ପୁତ୍ର ମନ୍ମଥନାଥ ତାରାପୀଠକୁ ଆସି ଭୈରବଙ୍କ ଶରଣାପନ୍ନ ହୋଇଥିଲେ । ମହାପୁରୁଷ କ୍ଷେପାବାବାଙ୍କ ଅହେତୁକି କୃପାରୁ ଅଚିରେ ଛିନ୍ନମେଘ ପରି ସମସ୍ତ ଗଣ୍ଡଗୋଳ ମେଣ୍ଟିଯାଇ ନିର୍ଦ୍ଦୋଷ ପ୍ରସନ୍ନବାବୁ ଫେରି ପାଇଥିଲେ କମ୍ପାନୀରେ ତାଙ୍କର ପୂର୍ବ ଗୌରବ ଓ ପ୍ରତିଷ୍ଠା ।

ସେହିଦିନଠାରୁ ପିତା-ପୁତ୍ର ତଥା ସମସ୍ତ ପରିବାର ବାମଦେବଙ୍କ ଚରଣରେ ଆଶ୍ରୟ ଗ୍ରହଣ କରି ଭଗବତୋନ୍ମୁଖୀ ହୋଇ ଉଠିଥିଲେ । ମଝିରେ-ମଝିରେ ମନ୍ମଥନାଥ ତାରାପୀଠକୁ ଆସି ଏକାଦିକ୍ରମେ କିଛିଦିନ ଭୈରବଙ୍କ ନିକଟରେ ରହି ତାଙ୍କର ସେବା କରିବା ସୌଭାଗ୍ୟ ପାଇଥିଲେ ମଧ୍ୟ ।

× × ×

କାଳଚକ୍ରର ଆବର୍ତ୍ତନରେ ଗ୍ରୀଷ୍ମ ପରେ ଆସିଲା ବର୍ଷା । କ୍ଷୀଣା ଦ୍ୱାରକାର ବକ୍ଷ ହୋଇ ସ୍ମୃତି ମହାଶ୍ମଶାନର ନିମ୍ନ ଭୂମିରେ ଭରିଗଲା ବର୍ଷା ଜଳ । ଖାଲ-ବିଲ-ପଡ଼ିଆ-ଗଡ଼ିଆ ଜଳେ-ଜଳମୟ । ଆକାଶରେ ବାରିଦର ଘନଘଟା । ବିଜୁଳି ଘଡଘଡ଼ି ସହ ମଝିରେ ମଝିରେ ଝରି ପଡୁଥାଏ ଅସରଏ ଅସରଏ ବର୍ଷା । ଭୈରବଙ୍କର କିନ୍ତୁ କୁଆଡ଼ିକି ନଜର ନାହିଁ ।

ସବୁଦିନପରି ପଞ୍ଚମୁଣ୍ଡି ଆସନରେ ଉପବେଶନ କରି ତନ୍ମୟ ଚିତ୍ତରେ ଉପଭୋଗ କରୁଥାନ୍ତି ବେଟୀର ଖେଳ । ଏତିକିବେଳେ ଖାଲ-ବିଲ ପାରିହୋଇ—କାଦୁଅ ଗୋଡରେ କ୍ଳାନ୍ତ-ଶ୍ରାନ୍ତ ଅବୟବ ନେଇ ଭୈରବଙ୍କ ଚରଣପ୍ରାନ୍ତରେ ଆସି ଉପସ୍ଥିତ ହେଲେ ଏକ ମଧ୍ୟବୟସ୍କ ଭଦ୍ରଲୋକ । ତାଙ୍କୁ ଦେଖୁ-ଦେଖୁ କିନ୍ତୁ ଭୈରବଙ୍କ ମେଜାଜଟା ଉଗ୍ର ହୋଇଉଠିଲା— "ଯା ଶଳା ! ମୋ ପାଖକୁ କାହିଁକି ଆସିଛୁ—ମୁଁ କ'ଣ ଓକିଲ ନା ମୁକ୍ତ୍ୟାର ?"

ଭୈରବଙ୍କ ମେଜାଜ ଦେଖି କିଛି କହିବାକୁ ସାହସ ହେଲାନି ଭଦ୍ରଲୋକଙ୍କର । ଡରି-ଡରି ତାରମା'ର ମନ୍ଦିରକୁ ଫେରିଯାଇ ଅବସ୍ଥାନ କରିବାକୁ ଲାଗିଲେ । ଏହି ଭବରେ କଟିଗଲା ଦୁଇଟି ଦିନ—ଆଉ ଥରୁଟିଏ ବି ଭୈରବଙ୍କ ସାମନାକୁ ଆସିବାକୁ ସାହସ ହେଲାନି । ମନରେ କିନ୍ତୁ ସବୁବେଳେ ଗୋଟିଏ ଚିନ୍ତା "କେମିତି ଟିକିଏ କୃପାମୟଙ୍କ କୃପା ପାଇବି ।"

ଏହି ଭଦ୍ରଲୋକଙ୍କ ନାମ ପ୍ରଭାତ ଚନ୍ଦ୍ର ବନ୍ଦୋପାଧ୍ୟାୟ । ଘର କଲିକତାସ୍ଥ ବଟକୃଷ୍ଣ ପାଲ ଏଭିନିଉରେ । କୌଣସି ଏକ ମିଥ୍ୟା ମକଦ୍ଦମାରେ ପଡ଼ି-ସର୍ବସ୍ୱାନ୍ତ ହୋଇ ସେ ଆସିଥାନ୍ତି ଭୈରବଙ୍କ ଶରଣାପନ୍ନ ହେବାକୁ ।

ତୃତୀୟ ଦିନ ପ୍ରତ୍ୟୁଷରୁ ପୂର୍ବ ଆକାଶରେ ହସି ଉଠିଲେ ତପନ । ଉଭେଇଗଲେ ଘନକୃଷ୍ଣ ମେଘମାଳା; ଆଉ ତା' ସଙ୍ଗେ ସଙ୍ଗେ ପ୍ରଭାତ ବାବୁଙ୍କ ଜୀବନ ଆକାଶରେ ମଧ୍ୟ ଉଇଁ ଆସିଲେ ତରୁଣ ଅରୁଣ । ଉଚ୍ଚଟିକୁ

ପାଖକୁ ଡକାଇ କୃପାଦୃଷ୍ଟିରେ ଚାହିଁ କହି ଉଠିଲେ କୃପାମୟ–"ଯା' ବାବା; ମା'ର କୃପାରୁ ତୋ'ର ସବୁ କଳାମେଘ କଟି ଯାଇଛି । ଆଉ କୌଣସି ଭୟ ନାହିଁ–ନିଶ୍ଚିନ୍ତରେ ଘରକୁ ଫେରିଯାଇ ମଙ୍ଗଳମୟୀ ମା'ର ନାମ କର । ସବୁ ମଙ୍ଗଳ ହେବ ।"

ଆନନ୍ଦରେ କୃତ୍ୟ-କୃତ୍ୟ ହୋଇ-ଭୈରବଙ୍କ ଚରଣପ୍ରାନ୍ତରେ ଆଭୂମ ପ୍ରଣାମ ଜଣାଇ–ଗୃହାଭିମୁଖେ ଅଗ୍ରସର ହେଲେ ପ୍ରଭାତ ବାବୁ ଆଉ ଆନମନା ହୋଇ ଭୈରବ ସ୍ବର୍ ଧରିଲେ–

ମଙ୍ଗଳ ମୟୀର ମଙ୍ଗଳ ଚରଣ
ଧରିଥିବୁ ଯେବେ ଜାବୁଡ଼ି ।
ନଥିବ ଭାବନା କି, ଭବ ଯାତନା
ନ ଯିବୁରେ କେବେ ପଥଛୁଡ଼ି ।।

*

ସଇଁ ତିରଶ

କଲିକତା ମହାନଗରୀର ଏକ ନିର୍ଜନ ନିଶବ୍ଦ ରାତ୍ରୀ । ଯାନ-ବାହନ ଓ ଲୋକ-ବାକଙ୍କ ଗହଳ-ଚହଳ ତଥା ବ୍ୟବସାୟ ବାଣିଜ୍ୟ କେତେବେଳୁ ବନ୍ଦ ହୋଇଗଲାଣି । ରାସ୍ତାଘାଟରେ ଜମା ହୋଇଥିବା ଦିନଯାକର ଅଳିଆ ଆବର୍ଜନା ସଫା କରି ଚାଲି ଗଲେଣି ମ୍ୟୁନିସ୍‌ପାଲ୍‌ଟିର ଝାଡୁଦାରମାନେ । ଜନମାନବ ଶୂନ୍ୟ ଜୋଡ଼ାଶଙ୍ଖର ପରିଷ୍କାର ପରିଚ୍ଛନ୍ନ ସଦର-ରାସ୍ତା ଉଜ୍ଜ୍ୱଳ ଗ୍ୟାସ-ଆଲୋକ ମାଳାରେ ଚିକ୍‌ଚିକ୍ କରୁଛି । ଠିକ୍ ଏଇମିତି ରାତିରେ ଶୋଇବା ପୂର୍ବରୁ ଦିନଯାକର କୃତକର୍ମର ହିସାବ ନିକାଶ କରି ଭଗବତ୍ ଚରଣାରବିନ୍ଦରେ ଅର୍ପଣ କରିଦିଏ ଭକ୍ତ ଓ ତାଙ୍କରି ପବିତ୍ର ନାମ-ଗୁଣକୁ ଚିତ୍ତରେ ଧରି ଶୋଇପଡେ । ରାତି ଯେତେ-ଯେତେ ବଢିଚାଲେ ମନ ସେତେ-ସେତେ ଘୂରିବୁଲେ ତାଙ୍କରି ଉଜ୍ଜ୍ୱଳ-ଆଲୋକିତ ରାଜ୍ୟରେ ।

ଜୋଡ଼ାସଙ୍ଖର ବିଖ୍ୟାତ ମୁଖାର୍ଜୀ ବଂଶର ଏକମାତ୍ର ଦୌହିତ୍ର ଜଗଚ୍ଚନ୍ଦ୍ର; କିନ୍ତୁ ଆଜିର ଏହି ଗଭୀର ରାତ୍ରି କୋଳରେ ଏକ ନିର୍ଜନ କକ୍ଷରେ ବସି ପ୍ରସ୍ତୁତ ହେଉଛନ୍ତି ଆତ୍ମହତ୍ୟା କରିବାକୁ । ସମ୍ଭ୍ରାନ୍ତ ମୁଖାର୍ଜୀ ବଂଶର ସେ ଥିଲେ ଏକମାତ୍ର ଦାୟାଦ ତଥା ବିଶାଳ ସମ୍ପତ୍ତିର ଉତ୍ତରାଧିକାରୀ । କିନ୍ତୁ ବୟସ ବଢିବା ସଙ୍ଗେ ସଙ୍ଗେ କୁସଙ୍ଗରେ ପଡ଼ି କୁବାଟକୁ ପାଦ ବଢେଇଦେଲେ । ଫଳରେ ଆଜି ସେ ସର୍ବସ୍ୱାନ୍ତ ତଥା ଦୁରାରୋଗ୍ୟ ବ୍ୟାଧି-କବଳିତ । ଭୀଷଣ ଅର୍ଥାଭାବ ସାଙ୍ଗକୁ ରୋଗ ଯନ୍ତ୍ରଣାରେ ଜର୍ଜରିତ ହୋଇ ଜଗଚ୍ଚନ୍ଦ୍ର ଆଜି ଆତ୍ମଘାତୀ ହେବାକୁ ପ୍ରୟାସୀ । ସତେ ଯେମିତି ସମସ୍ତ ଜ୍ୱାଳା ଯନ୍ତ୍ରଣାର ଉପଶମ ହୋଇଯିବ ଆତ୍ମହତ୍ୟା କଲେ ! ଏକମାତ୍ର ବିଶ୍ୱସ୍ତ ବୃଦ୍ଧ ଚାକରଟି କେତେବେଳୁ ଶୋଇ ପଡ଼ିଲେଣି । ଏହାହିଁ ଉପଯୁକ୍ତ ସୁଯୋଗ । ହାତରେ ଏକ ଶାଣିତ କ୍ଷୁର ! ଜୋର କରି ତଣ୍ଟି ପାଖକୁ ନେଇଯିବା ବେଳକୁ କିନ୍ତୁ ଘଟିଲା ଏକ ଅଦ୍ଭୁତ ଘଟଣା !

ସହସା ବନ୍ଦ କୋଠରୀର ଦରଜାଖୋଲି ଆବିର୍ଭୂତ ହେଲେ ଦେବଦୂତ ସଦୃଶ ଏକ ବିରାଟ ଦିଗମ୍ବର ପୁରୁଷ । ଶ୍ୟାମବର୍ଣ୍ଣ, ଆଜାନୁ ଲମ୍ବିତ ବାହୁ, ସ୍ଥୂଳ ଉଦର; ଉନ୍ନତ ବକ୍ଷ, ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ମୁଖମଣ୍ଡଳରେ ରକ୍ତବର୍ଣ୍ଣର ଆୟତ ଲୋଚନଦ୍ୱୟ । ଦ୍ରୁତ ପଦରେ ଜଗଚ୍ଚନ୍ଦ୍ର ପାଖକୁ ଆଗେଇ ଆସି ବଳପୂର୍ବକ ତାଙ୍କର ଦକ୍ଷିଣହସ୍ତ ଧାରଣ କଲେ ଛାୟାମୂର୍ତ୍ତି–ଭୟରେ ହାତରୁ ଖସି ପଡ଼ିଲା ଶାଣିତ କ୍ଷୁର । 'ଆରେ, ଆତ୍ମହତ୍ୟା କରିବା ଯେ ମହାପାପ । ଆତ୍ମହତ୍ୟା କଲେ ଯଦି ଜ୍ୱାଳା-ଯନ୍ତ୍ରଣାର ଉପଶମ ହୁଅନ୍ତା ତା'ହେଲେ ତ କଥାଇ ନଥିଲା । କିନ୍ତୁ ଏହାଦ୍ୱାରା ଯେ ଯନ୍ତ୍ରଣାର ବୋଝ ବଢ଼ିଯାଏ ମାତ୍ର ! ତାରାପୀଠକୁ ଆ ସେଇଠି ଦେଖାହେବ;''– ଏହି କଥା କହି ଛାୟାମୂର୍ତ୍ତି ଅନ୍ତର୍ହିତ ହୋଇଗଲେ । ଏହି ଆଶ୍ଚର୍ଯ୍ୟ ଜନକ ଘଟଣା ଦେଖି–ଶୁଣି ଭୟରେ ଅଭିଭୂତ ହୋଇ ଅଚେତ ହୋଇ ପଡ଼ିଲେ ଜଗଚ୍ଚନ୍ଦ୍ର ।

ରଖେ ହରି ମାରେ କିଏ ?
ମାରେ ହରି ରଖେ କିଏ ?

ନିଦ୍ରା ଭାଙ୍ଗିଲାବେଳକୁ ପରଦିନ ପ୍ରତ୍ୟୁଷ । ଶଯ୍ୟା ତ୍ୟାଗ କରି ଜଗଚ୍ଚନ୍ଦ୍ର ବ୍ୟାକୁଳ ହୃଦୟରେ ଏକମୁହାଁ ହୋଇ ଛୁଟିଲେ ତାରାପୀଠ । ଆଉ ଯେତେବେଳେ ମହାଶ୍ମଶାନର ମର୍ମସ୍ଥଳରେ ଉପସ୍ଥିତ ହେଲେ– ପୂର୍ବରାତ୍ରିରେ ଦୃଷ୍ଟ ଛାୟାମୂର୍ତ୍ତିଙ୍କ ଅବିକଳ ସ୍ୱରୂପ ଜୀବନ୍ତ ଭୈରବଙ୍କୁ ଦର୍ଶନ କରି ବିସ୍ମୟ-ପୁଲକରେ ଭରିଗଲା ତାଙ୍କର ପ୍ରାଣ-ମନ । ଲଜ୍ଜା, ସଙ୍କୋଚ ତଥା ଭୟରେ ଥରି ଥରି ଭୈରବଙ୍କ ଚରଣପ୍ରାନ୍ତରେ ନିପତିତ ହୋଇ ଛୋଟ ଗୋଟିଏ ଶିଶୁପରି ରୋଦନ କରିବାକୁ ଲାଗିଲେ ।

–''ଭୟ ନାହିଁ ବାବା ! ମା'ର କୃପାରୁ ସବୁ ଠିକ୍ ହୋଇଯିବ ।'' ବୋଲି କହି କୋଳକୁ ଟେକି ନେଲେ ପ୍ରେମମୟ ଠାକୁର । ଅଭୟ କରସ୍ପର୍ଶରେ ନିମିଷକରେ ଉପଶମ ହୋଇଗଲା ସମସ୍ତ ରୋଗ ଯନ୍ତ୍ରଣା । କିଛିଦିନ ଯାବତ୍ ଏହି ଭାଗ୍ୟବାନ୍ ଯୁବକଙ୍କୁ ନିଜ ନିକଟରେ ଅବସ୍ଥାନ କରାଇ ପୁଣି ପଠାଇ ଦେଲେ ସଂସାର ମଧ୍ୟକୁ । ଜୀବନଦାତା ଭୈରବଙ୍କ

ଆଦେଶରେ ଯଦୃଚ୍ଛାକ୍ରମେ ଜଗତ ମଧ୍ୟରେ ଘୂରି ବୁଲିଲେ ଜଗଚ୍ଚନ୍ଦ୍ର । କିନ୍ତୁ ଆଉ ଟିକିଏ ହେଲେ ଶାନ୍ତି ପାଇଲେନି ଏହି ଅନିତ୍ୟ ସଂସାରରୁ । ତେଣୁ ଅନ୍ତରରେ ତୀବ୍ର ବୈରାଗ୍ୟ ନେଇ ପୁଣି ଆସି ଉପସ୍ଥିତ ହେଲେ ଭୈରବଙ୍କ ଚରଣ ତଳେ ।

ଏଥର କୃପାପରବଶ ହୋଇ ଭକ୍ତଟିକୁ ତାନ୍ତ୍ରିକ ମତରେ ଦୀକ୍ଷା ଦେଇ କୌଳ ସନ୍ନ୍ୟାସ ପଦରେ ଅଭିଷିକ୍ତ କଲେ ଶିବକଳ୍ପତରୁ । ଅଜ୍ଞାତରେ ଶିଷ୍ୟ ଦେହରେ ଶକ୍ତି ସଞ୍ଚରିତ ହେଲା । ସେହି ଦିନଠାରୁ ସେ ପରିଚିତ ହେଲେ 'ଜଗତକ୍ଷେପା' ନାମରେ । ଅନେକବର୍ଷ ପର୍ଯ୍ୟନ୍ତ ଗୁରୁଦେବଙ୍କ ନିକଟରେ ରହି ସାଧନ ଭଜନ କଲାପରେ ତାଙ୍କରି ନିର୍ଦ୍ଦେଶରେ ସମଗ୍ର ତୀର୍ଥ ପର୍ଯ୍ୟଟନ କରିସାରି ଦକ୍ଷିଣେଶ୍ୱରର ଆଁଡ଼ିୟାଦହଠାରେ ଗଙ୍ଗାକୂଳରେ ସେ ସ୍ଥାପନ କରିଥିଲେ ତାଙ୍କର ଆସନ । ଏହିଠାରେ ହିଁ କଟିଥିଲା ତାଙ୍କ ଜୀବନର ଶେଷଭାଗ ।

ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗକରି-ପତିତପାବନୀ ସୁରଧୁନୀ କୋଳରେ ଅବଗାହନ କରି ଆସନରେ ଉପବେଶନ ପୂର୍ବକ ଶିଷ୍ୟ-ଭକ୍ତମାନଙ୍କୁ ଉପଦେଶ ଦିଅନ୍ତି କୌଳ ଜଗତକ୍ଷେପା । ଦର୍ଶନାର୍ଥୀ ଭକ୍ତବୃନ୍ଦ ମହାପୁରୁଷଙ୍କୁ ଦର୍ଶନ କରି ଯାହା ବା ପ୍ରଣାମି ଦିଅନ୍ତି ସେତିକିରେ ସୁରୁଖୁରୁରେ ଚଳିଯାଏ ପ୍ରସାଦ ସେବା । ସେ ପ୍ରାୟ କହିବାର ଶୁଣାଯାଏ— "ଏ ସଂସାରର ଦୁଃଖ, କଷ୍ଟ, ରୋଗ, ଶୋକ ସବୁ ସେହି କରୁଣାମୟୀ ମା'ର ଖଡ଼୍‌ଗାଘାତ । ବଦ୍ଧ ଜୀବକୁ ବନ୍ଧନରୁ ମୁକ୍ତ କରିବାକୁ ମା'ମୋର ଏହି ବ୍ୟବସ୍ଥା କରିଛି । ତେବେ ସବୁ ଜ୍ୱାଳା-ଯନ୍ତ୍ରଣାରୁ ଉପଶମ ପାଇବାର ଏକମାତ୍ର ଉପାୟ ହେଲା—'ଗୁରୁକୃପା' । ଆକୁଳ ବିକଳ ହୋଇ ମା-ମା ବୋଲି ଡାକିଲେହିଁ ମା' ସବୁ ବ୍ୟବସ୍ଥା କରି ଦିଅନ୍ତି ।"

୧୯୨୩ ମସିହାର ଏକ ଶାନ୍ତ ଅପରାହ୍ଣ । ଗଙ୍ଗାମା'ର ପଶ୍ଚିମକୂଳ ଅସ୍ତମିତ ତପନର ରକ୍ତିମ ଆଭାରେ ରଂଜିତ । ଏତିକିବେଳେ ମନକୁ ମନ ଗାଇ ଉଠିଲେ ସାଧକ ଜଗତକ୍ଷେପା—

"ସତେ ଏଡ଼େ ଭାଗ୍ୟ ମୋର
ହେବକି ମା' ତାର'
ତାର-ତାର କହି ଯିବ ଏ ଜୀବନ
ନୟନ ତାରରୁ ଝରିବ ଧାର"

ଆଖପାଖରେ ଘେରିବସିଥାନ୍ତି ସ୍ଥାନୀୟ କେତେକ ଶିଷ୍ୟଭକ୍ତ । ଗୀତ ସଙ୍ଗେ ତାଳଦେଇ ସାଧକଙ୍କ ଚକ୍ଷୁରୁ ବି ଝରିଚାଲିଥାଏ ଅବିରଳ ଅଶ୍ରୁଧାର । ଏତିକିବେଳେ ଉତ୍ତାଳ-ତରଙ୍ଗମୟୀ ଗଙ୍ଗାମା'ର ବକ୍ଷରେ ଦେଖାଦେଲା ଏକ ଭସମାନ ବାଂଶର ଖଟିଆ । ଖଟିଆଟି ଭସି-ଭସି ଆସି ସାଧକଙ୍କ ନିକଟରେ କୂଳରେ ଲାଗିଲା । ଖଟିଆଟି ଦେଖି ଜଗତକ୍ଷେପାଙ୍କ ଆନନ୍ଦ କହିଲେ ନସରେ; ଚିତ୍କାର କରି କହି ଉଠିଲେ—"ଆରେ, ମା' ମୋର ମୋତେ ନେବାପାଇଁ ଖଟିଆ ପଠେଇଛି ! ତୁମେମାନେ କାଲି ସୂର୍ଯ୍ୟୋଦୟ ପୂର୍ବରୁ ଆସି ଶେଷ ଅର୍ଘ୍ୟ ଦେଇଯିବ ।"

ଭକ୍ତମାନେ ଖଟିଆଟି ଟେକି ଆଣି-ଆସନ ନିକଟରେ ପକେଇଦେଲେ । ସାଧକ ତା'ରି ଉପରେ କମଳଟି ବିଛେଇ ଦେଇ ପ୍ରସ୍ତୁତ କଲେ ତାଙ୍କର ଶେଷଶଯ୍ୟା । ଖଣ୍ଡିଏ ପାଞ୍ଚଟଙ୍କିଆ ନୋଟ କମଳତଳେ ରଖିଦେଇ କହିଲେ— "ଆରେ, ତମେମାନେ ଏହି ଟଙ୍କା ଦ୍ୱାରା ମୋର ସତ୍କାର କରିବ ।"

କ୍ରମଶଃ ଘନେଇ ଆସିଲା ରାତିର ଅନ୍ଧକାର—ଭକ୍ତମାନେ ଫେରିଗଲେ ଯେ ଯାହାର ବିଶ୍ରାମ ସ୍ଥଳୀକୁ— ସାଧକ ଗ୍ରହଣ କଲେ ତାଙ୍କର ଅନ୍ତିମ ଶଯ୍ୟା ।

ପରଦିନ ପ୍ରତ୍ୟୁଷରୁ କ୍ଷେପାର-କ୍ଷେପାମି ଦେଖିବାକୁ ଗଙ୍ଗା କୂଳରେ ଲୋକଗହଳୀ ବଢ଼ିବାକୁ ଲାଗିଲା । କେତେଜଣ ଅନ୍ତରଙ୍ଗ ଭକ୍ତ ବାବାଙ୍କ ଖଟିଆ ନିକଟକୁ ଆସି ଦେଖିଲେ ସତକୁ ସତ ତାଙ୍କର ପ୍ରାଣ କଣ୍ଠାଗତ । ବିଳମ୍ବ ନକରି ସେମାନେ ଖଟିଆଟି ଗଙ୍ଗାଧାରକୁ ଟେକିନେଇ ଆଖି ମୁହଁରେ ପବିତ୍ର ବାରୀ ସିଞ୍ଚନ କରି ଭକ୍ତି ଅର୍ଘ୍ୟ ଅର୍ପଣ କଲେ ।

“ତାର-ତାର” କହି ତାର ମା’ର ଶ୍ରୀପାଦପଦ୍ମରେ ଲୀନ ହୋଇଗଲା କ୍ଷେପାବାବାଙ୍କର କ୍ଷେପାଶିଷ୍ୟର ଅବିନଶ୍ୱର ଆତ୍ମା । ଖଟିଆରେ ପଡ଼ିରହିଲା କେବଳ ପଞ୍ଚଭୂତର ନଶ୍ୱର ଶରୀର—ଯାହାକୁ ନେଇ ଶିଷ୍ୟ ଭକ୍ତମାନେ ଲାଗିଗଲେ ସତ୍କାରରେ ।

× × ×

ପୁଣ୍ୟଭୂମି ହାଲିସହର ନିବାସୀ ଧର୍ମପ୍ରାଣ ଅତୁଲଚନ୍ଦ୍ର ଚଟ୍ଟୋପାଧ୍ୟାୟ ଥିଲେ ଏକନିଷ୍ଠ ଶିବଭକ୍ତ । ଜୀବନର ଶେଷ ସୋପାନରେ ଉପସ୍ଥିତ ହୋଇ କିନ୍ତୁ ଦୀକ୍ଷାଲାଭ ନିମନ୍ତେ ଖୁବ୍ ବ୍ୟାକୁଳ ହୋଇ ଉଠିଲେ ସେ । କିଏ ତାଙ୍କର ଗୁରୁ ? ଏହି ଅଜ୍ଞାନ ତମିସ୍ରା ମଧ୍ୟରୁ କିଏ ତାଙ୍କର ହାତଧରି ଟାଣିନେବ ଆଲୋକ-ରାଜ୍ୟକୁ ? ଚକ୍ଷୁଜଳରେ ଭାସି ଇଷ୍ଟ ଦେବତାଙ୍କ ନିକଟରେ ଜଣାନ୍ତି ମନର କଥା । ପରମ ଆକୁଳତା ବ୍ୟାକୁଳତା ମଧ୍ୟରେ ଦିନେ ନିଶା ଶେଷଭାଗରେ ସ୍ୱପ୍ନ ଯୋଗେ ଦେଖା ଦେଇ କହିଗଲେ ଦେବାଧିଦେବ— “ଆରେ ତୋର ଗୁରୁ ବାମାକ୍ଷେପା । ତାରାପୀଠକୁ ଗଲେ ଅଚିରେ ପୂର୍ଣ୍ଣ ହେବ ତୋର ମନସ୍କାମ ।” ନିଶା ଅବସାନ ହୁଅନ୍ତେ ପରମ ଆନନ୍ଦରେ ଗନ୍ତବ୍ୟସ୍ଥଳୀକୁ ଛୁଟି ଚାଲିଲେ ମୁମୁକ୍ଷୁ ଭକ୍ତ । ମହାଶ୍ମଶାନରେ ଦିଗମ୍ବର ମହାଭୈରବଙ୍କୁ ଦର୍ଶନ କରି ମନେହେଲା ସତେ ଯେମିତି ସ୍ୱପ୍ନଦୃଷ୍ଟ ସ୍ୱୟଂ ଦେବାଧିଦେବହିଁ ଯୋଗାସୀନ । ଭକ୍ତିଭରେ ପ୍ରେମାଶ୍ରୁ ଅର୍ଘ୍ୟ ଦେଇ ଲୋଟି ପଡ଼ିଲେ ଚରଣ ଯୁଗଳରେ । ଆଜାନୁଲମ୍ବିତ କର ପ୍ରସାରଣ କରି ସାଦରେ ଭକ୍ତଟିକୁ ନିଜର ବକ୍ଷଦେଶକୁ ତୋଳିନେଇ ଶ୍ରେଷ୍ଠ ତାରାମନ୍ତ୍ରରେ ଦୀକ୍ଷିତ କଲେ ଭୈରବ । ତାଙ୍କରି କୃପାରୁ ପୂର୍ଣ୍ଣହେଲା ଜୀବନର ଅନ୍ତିମ ଅଭୀପ୍ସା— ଲାଭହେଲା ପଞ୍ଚମ ପୁରୁଷାର୍ଥ ।

× × ×

ରାମପୁର ହାଟ ନିବାସୀ ପ୍ରସିଦ୍ଧ ଓକିଲ ଅନନ୍ତ ବନ୍ଦୋପାଧ୍ୟାୟ ଥିଲେ ବ୍ରହ୍ମଉପାସକ । ବ୍ରାହ୍ମ ସମାଜର ସଂସ୍ପର୍ଶରେ ଆସି ଦେବ-ଦେବୀଙ୍କର ପିତୁଳା ପୂଜାକୁ ହିନ୍ଦୁଧର୍ମର ଏକ କୁସଂସ୍କାର ବୋଲି କହି ପ୍ରାୟ ତାଚ୍ଛଲ୍ୟ କରନ୍ତି ସେ । ତାଙ୍କ ମୋହରୀର ଧର୍ମପ୍ରାଣ ଶଶିଭୂଷଣ ବନ୍ଦୋପାଧ୍ୟାୟ କିନ୍ତୁ

ଥିଲେ ବାମାକ୍ଷେପା ବାବାଙ୍କ ଭକ୍ତ । ଭକ୍ତଟିର ଏକାନ୍ତ ଅନୁରୋଧରେ ସେଥର ଅନନ୍ତ ବାବୁଙ୍କ ବାସଗୃହରେ ପଦାର୍ପଣ କରିଥାନ୍ତି ଭୈରବ । ଭୈରବଙ୍କ ଶ୍ରୀମୁଖରୁ ସନାତନ ଧର୍ମର ଗୂହ୍ୟ ତତ୍ତ୍ୱ ଶ୍ରବଣ କରି ତଥା ତାଙ୍କର ଅଲୌକିକତା ଦର୍ଶନ କରି ଅଚିରେ ବ୍ରାହ୍ମ ସମାଜରେ ମୋହ ତୁଟିଯାଏ ଅନନ୍ତବାବୁଙ୍କ ମନରୁ । ସମସ୍ତ ପରିବାର ସହିତ ସେ ଭୈରବଙ୍କ ଚରଣରେ ଆତ୍ମସମର୍ପଣ କରନ୍ତି ।

ଦେଶଭକ୍ତ ଜିତେନ୍ଦ୍ରଲାଲ ବନ୍ଦୋପାଧ୍ୟାୟ ଥିଲେ ଏହି ଅନନ୍ତ ବାବୁଙ୍କ କନିଷ୍ଠ ପୁତ୍ର । ତାଙ୍କରି ଅକ୍ଲାନ୍ତ ଉଦ୍ୟମରେ ରାମପୁର ହାଟଠାରୁ ତାରାପୀଠ ପର୍ଯ୍ୟନ୍ତ ପକ୍କା ରାସ୍ତାଟିଏ ନିର୍ମାଣ ହୋଇ ପାରିଛି ।

କ୍ଷେପାବାବାଙ୍କ ଅନ୍ୟତମ ଅନ୍ତରଙ୍ଗ ଶିଷ୍ୟ ରସିକଲାଲ ବନ୍ଦୋପାଧ୍ୟାୟ ମଧ୍ୟ ଥିଲେ ଅନନ୍ତ ବାବୁଙ୍କର ସମ୍ପର୍କୀୟ ଜ୍ଞାତି । କ୍ଷେପା ବାବା ଯେଉଁ ସମୟରେ ଅନନ୍ତ ବାବୁଙ୍କ ଗୃହରେ ପଦାର୍ପଣ କରିଥିଲେ ସେତେବେଳେ ରସିକଲାଲ ମଧ୍ୟ ସେଠାରେ ଅବସ୍ଥାନ କରୁଥାନ୍ତି । ସମ୍ଭବତଃ ଏହି ପ୍ରିୟ ଶିଷ୍ୟଟିକୁ ନିଜ କୋଳକୁ ଟାଣି ଆଣିବାହିଁ ମହାପୁରୁଷଙ୍କ ଯାତ୍ରାର ଉଦ୍ଦେଶ୍ୟ ଥିଲା । ଭୈରବଙ୍କ ସହ ପ୍ରଥମ ସାକ୍ଷାତରେହିଁ ରସିକଲାଲଙ୍କ ମନରେ ଚମକ ଲାଗିଥିଲା । ଲାଗିବନି ବା କେମିତି ? ଏ ସମ୍ପର୍କ ଯେ ଜନ୍ମ-ଜନ୍ମାନ୍ତରର ଚିର ଶାଶ୍ୱତ । କିନ୍ତୁ ତଥାପି ସମୟ ଆସି ନଥିବାରୁ ଧରି ମଧ୍ୟ ଧରି ପାରିନଥିଲେ ସେତେବେଳେ ।

ରସିକଲାଲ ଥିଲେ ଏକ ଦେଶୀୟ ଚିକିତ୍ସକ । ନିଜଗ୍ରାମ ତଥା ଆଖପାଖ କେତେଖଣ୍ଡ ଗ୍ରାମରେ ଏହି ବ୍ୟବସାୟ ଦ୍ୱାରା ସେ ବେଶ ଦୁଇ ପଇସା ଅର୍ଥ ଓ ଯଥେଷ୍ଟ ସୁନାମ ଅର୍ଜନ କରିଥିଲେ । ସ୍ତ୍ରୀ-ପୁତ୍ର-କନ୍ୟା ନେଇ ସୁଖଦୁଃଖରେ ଗଡ଼ିଚାଲିଥାଏ ତାଙ୍କର ସଂସାର । କିନ୍ତୁ ଭୈରବଙ୍କୁ ଦର୍ଶନ କରିବାର କିଛିଦିନ ପରର କଥା । ଦିନେ ନିର୍ଜନ ରାତିରେ ହଠାତ୍ ନିଦ ଭାଙ୍ଗିଗଲା । ବାହାରକୁ ଉଠିଆସିଲା ବେଳକୁ ତାରାପୀଠ ମହାଶ୍ମଶାନରୁ ମହାଭୈରବଙ୍କ ଜଳଦ ଗମ୍ଭୀର "ତାରା-ତାରା" ନିନାଦ ଭାସିଆସି ବାଜିଲା

କର୍ଣ୍ଣ କୁହରରେ । ଆଉ ସଙ୍ଗେ-ସଙ୍ଗେ ଅଥୟ କଲା ପଞ୍ଚପ୍ରାଣ । ସତେ ଯେମିତି ଏହି ଅକ୍ଷର ଦ୍ୱୟହିଁ ତାଙ୍କର ଉଦ୍ଧାରର ମନ୍ତ୍ର । ଏହାକୁ ଶୁଣିବା ପାଇଁ ହିଁ ଏତେଥର ଯିବା-ଆସିବା ।

ସହି, କେବା ଶୁଣାଇଲା ଶ୍ୟାମ ନାମ,
କାନର ଭିତର ଦେଇ ମରମେ ପଶିଲାଗୋ
ଆକୁଳ କରିଲା ପଞ୍ଚପ୍ରାଣ ।

ସେହି ମୁହୂର୍ତ୍ତରେହିଁ ଘର ସଂସାର ତ୍ୟାଗକରି ରସିକଲାଲ ତୀବ୍ର ବୈରାଗ୍ୟ ନେଇ ଛୁଟି ଚାଲିଲେ ତାରାପୀଠକୁ ଓ ଲୋଟି ପଡ଼ିଲେ ଜନ୍ମ-ଜନ୍ମାନ୍ତରର ଦେବତା କ୍ଷେପାଠାକୁରଙ୍କ ଚରଣ ପ୍ରାନ୍ତରେ । ପରମ ଆଦରରେ ଶିଷ୍ୟଙ୍କୁ କୋଳକୁ ଟୋଳିନେଇ ଶେଷ ତାରା ମନ୍ତ୍ରରେ ଦୀକ୍ଷିତ କଲେ ଗୁରୁଦେବ । ଚରମ ଓ ପରମ ସ୍ପର୍ଶରେ ଜନ୍ମ-ଜନ୍ମାନ୍ତରର ସଂସ୍କାର ଧୋଇଯାଇ ଫିଟିଗଲା ଜ୍ଞାନଚକ୍ଷୁ । ଗୁରୁ ସେବାରେ ଚିରତରେ ମନ-ପ୍ରାଣ ଉତ୍ସର୍ଗ କରିଦେଲେ ପ୍ରିୟଶିଷ୍ୟ ।

ଗୁରୁ ଧର୍ମ-ଗୁରୁ ସ୍ୱର୍ଗ-ଗୁରୁହିଁ ପରମତପ !

ଆତ୍ମୀୟ ସ୍ୱଜନ ତଥା ଜ୍ଞାତି କୁଟୁମ୍ବଙ୍କର ଶତ ଚେଷ୍ଟା ସତ୍ତ୍ୱେବି ଆଉ ପାପ ପଙ୍କିଳମୟ ସଂସାରକୁ ଫେରିଯାଇ ନଥିଲେ ରସିକଲାଲ । ଯିଏ ଥରେ ଅମୃତ ନିର୍ଝରର ସନ୍ଧାନ ପାଇଛି ସେ କ'ଣ କେବେହେଲେ ଗୋବର ଗାଡ଼ିଆରେ ଅବଗାହନ କରିବାକୁ ମନ ବଳେଇବ ! ଅବଶ୍ୟ ଭୈରବଙ୍କ କୃପାରୁ ଏହି ପରିବାରଟିର ଅନ୍ନ ବସ୍ତ୍ରର ଅଭାବ କେବେ ହୋଇନି ।

ଶେଷ ଜୀବନରେ ଶ୍ରୀ ଗୁରୁଦେବଙ୍କ ନିର୍ଦ୍ଦେଶରେ ମହାଶ୍ମଶାନ ପ୍ରାନ୍ତରେ ଅନ୍ୟଏକ ପର୍ଣ୍ଣକୁଟୀର ନିର୍ମାଣ କରି ସାଧନ ଭଜନରେ ପ୍ରବୃତ୍ତ ହୋଇ ଥିଲେ ରସିକଲାଲ । ମଝିରେ-ମଝିରେ ଦୟାଳୁ ଠାକୁର ମଧ୍ୟ

ଏହି କୁଟୀରରେ ପଦାର୍ପଣ କରି ଭକ୍ତଟି ସହିତ ଏକତ୍ର ବାସ କରନ୍ତି ।

ବାବାଙ୍କ ସ୍ଥୂଳ ଦେହତ୍ୟାଗର କେତେବର୍ଷପରେ ପ୍ରାରବ୍ଧ କ୍ଷୟ ହୁଅନ୍ତେ ମଧୁର 'ତାର'ନାମ ଉଚ୍ଚାରଣ କରୁକରୁ ମା'ର ଶ୍ରୀପାଦପଦ୍ମରେ ଲୀନ ହୋଇଯାଇଥିଲେ ସାଧକ । ଗୁରୁଦେବଙ୍କ ନିକଟରେ ସମାଧି ଦିଆ ହୋଇଛି ଏହି ଭଗ୍ୟବାନ ଶିଷ୍ୟଙ୍କର ସ୍ଥୂଳ ଶରୀରକୁ ।

*

ଅଠତିରିଶ

ସେଦିନ କ୍ଷୀଣ ସ୍ରୋତା ଦ୍ୱାରକା ନଈ ପାରିହୋଇ ଏକ ଦୀର୍ଘକାୟ ବଳିଷ୍ଠ ଯୁବକ ଭୈରବଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ ମୃଦୁ ହସି କହି ଉଠିଲେ ଭୈରବ—"ଆରେ ଶଳା, ସ୍ୱପ୍ନରେ ତୁ ଯେ ତାର ବୀଜ ପାଇଛୁ । ତୋ ଉପରେ ମା'ର ଅସୀମକୃପା ।" ବିଗଳିତ ପରାଣ ନେଇ ବାବାଙ୍କ ଚରଣ ପ୍ରାନ୍ତରେ ଲୋଟି ପଡ଼ିଲା ଭକ୍ତ— "କୃପାକରି ଯେବେ ସ୍ୱପ୍ନରେ ମନ୍ତ୍ର ପ୍ରଦାନ କରିଛନ୍ତି, ଏ ଅଧମକୁ ଶ୍ରୀଚରଣ ସେବାର ଅଧିକାର ଦେଇ କୃତାର୍ଥ କରନ୍ତୁ । ମୋତେ ସନ୍ନ୍ୟାସ ଦିଅନ୍ତୁ ପ୍ରଭୋ !"

—"ସେ କି କଥାରେ ବାବା । ମା' ଯେ ଚାହେଁ ତୋତେ ଆଦର୍ଶ ଗୃହୀ କରିବାକୁ, କିଛିଦିନ ଏଠାରେ ଅବସ୍ଥାନ କରି ଘରକୁ ଫେରିଯାଇ ସଂସାରୀ ହୁଅ । ପରେ ତାରମାହିଁ ସନ୍ନ୍ୟାସ ଦେଇ ଦେବ ।" ଭକ୍ତଟିର ପିଠିରେ ମୃଦୁ କରଘାତ କରି କହି ଉଠିଲେ ଭୈରବ ।

ଏହି ଭାଗ୍ୟବାନ ଭକ୍ତଟିର ନାମ ମଣି ଗୋସ୍ୱାମୀ । ପିତାଙ୍କ ନାମ ବିଦ୍ୟାରତ୍ନ ପ୍ରଭାସ ଗୋସ୍ୱାମୀ ଓ ଘର ଚବିଶ ପ୍ରଗଣା ଅନ୍ତର୍ଗତ ସ୍ୱରୂପ ନଗର । ଭୈରବଙ୍କ ଆଦେଶାନୁସାରେ କିଛି ଦିନ ତାରାପୀଠରେ ତାଙ୍କର ସେବାଶୁଶ୍ରୂଷାରେ ମନୋନିଯୋଗ କଲେ ଗୋସ୍ୱାମିଜୀ । ପରେ ଗୃହକୁ ଫେରିଯାଆନ୍ତେ ପରମ ସୌଭାଗ୍ୟବତୀ ହରପ୍ରିୟା ଦେବୀଙ୍କ ସଙ୍ଗେ ତାଙ୍କର ବିବାହ ଅନୁଷ୍ଠିତ ହୋଇଥିଲା । ଅନେକ ଦିନ ପର୍ଯ୍ୟନ୍ତ ସଂସାରେ ଆଦର୍ଶ ଗୃହସ୍ଥ ଜୀବନ ଗଠନରେ ପ୍ରବୃତ୍ତ ହୋଇ କେତେଗୁଡ଼ିଏ ପୁତ୍ର-କନ୍ୟାର ଜନକ ହୋଇଥିଲେ ।

ଜୀବନର ଚତୁର୍ଥାବସ୍ଥାରେ ମହାପୁରୁଷଙ୍କ ବାକ୍ୟାନୁସାରେ ସ୍ୱୟଂ ବ୍ରହ୍ମାଣ୍ଡ ଭାଣ୍ଡୋଦରୀ ନିକଟରୁ ସ୍ୱପ୍ନରେ ସନ୍ନ୍ୟାସ ଲାଭ କରି ଶବ ସାଧନାରେ

ପ୍ରବୃତ୍ତ ହୋଇ ପରମ ସିଦ୍ଧି ଲାଭ କରିଥିଲେ ମଧ୍ୟ । ଶେଷ ଜୀବନର ଅଧିକାଂଶ ସମୟ ତାଙ୍କର କଟିଥିଲା ବଶୀରହାଟର କାଳୀ ମନ୍ଦିରରେ । ଶେଷରେ ୧୯୬୫ ମସିହାରେ ଏହି ମା'ର ମନ୍ଦିର ଭିତରେ ହିଁ ଧ୍ୟାନାବସ୍ଥାରେ ଦେହ ତ୍ୟାଗ କରିଥିଲେ । ଦିନରାତି ତାରା ମା' ନିମନ୍ତେ ଛୋଟ ଏକ ସରଳ ଶିଶୁ ପରି କ୍ରନ୍ଦନ କରୁଥିବାର ଦେଖି ବଶୀରହାଟର ଜନ ସାଧାରଣ ତାଙ୍କୁ ଡ଼ାକୁଥିଲେ "ତାରା ପାଗଳା" ବୋଲି । ବାସ୍ତବିକ୍ ପାଗଳା ନ ହେଲେ କେହି କ'ଣ ପାଗେଳୀ ମା'ର ସନ୍ଧାନ ପାଏ ?

ରାମକୃଷ୍ଣ ପାଗଳ ହେଲେ,
ରାମ ପ୍ରସାଦ ପାଗଳ ହେଲେ,
ବାମାକ୍ଷେପା ପାଗଳ ହେଲେ,
ତେବେ ଯାଇ ସିନା ପାଇଲେ ପାଗେଳୀ ମା'କୁ !

X X X

ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ ଛାତନୀ ଗ୍ରାମର ପଞ୍ଚାନନ ଭଟ୍ଟାଚାର୍ଯ୍ୟ ମହାଶୟ ଥିଲେ କ୍ଷେପାବାବାଙ୍କର ଅନ୍ୟତମ ଶିଷ୍ୟ । ମଝି ଯୌବନରେ ଦୀକ୍ଷାଲାଭ ନିମନ୍ତେ ବ୍ୟାକୁଳ ହୋଇ ତାରାପୀଠକୁ ଆସି ଭୈରବଙ୍କ ସେବାରେ ମନୋନିବେଶ କରିଥିଲେ । କିନ୍ତୁ ସେତେବେଳେ କେଜାଣି କାହିଁକି କୃପାନାଥଙ୍କ କୃପା ଜୁଟି ନ ଥିଲା ତାଙ୍କ ଭାଗ୍ୟରେ । ସୁତରାଂ କିଛିକାଳ ଏଠାରେ ଅବସ୍ଥାନ କରିବା ପରେ ବିଫଳ ମନୋରଥ ହୋଇ ପୁଣି ଫେରି ଯାଇଥିଲେ ସଂସାରକୁ । ଏ ଭିତରେ କଟିଗଲା କେତେବର୍ଷ । ଏଥର କିନ୍ତୁ ଗୁରୁଲାଭ ନିମନ୍ତେ ଜାଗିଲା ଚରମ ବ୍ୟାକୁଳତା ।

ଜାଗତିକ କୌଣସି ଆକର୍ଷଣ ଆଉ ସୁଖ ଲାଗିଲାନି । କିନ୍ତୁ ଭୈରବଙ୍କ ନିକଟରୁ ସେଥର ନିରାଶ ହୋଇ ଫେରିଥିବାରୁ ମନରେ ଜାଗିଲା ଅଭିମାନ । ଭକ୍ତ କିନ୍ତୁ ଛାଡ଼ିବାର ପାତ୍ର ନୁହେଁ । ଗୁରୁକୃପା ନ ମିଳିଲେ ଅନାହାରରେ ଜୀବନ-ତ୍ୟାଗ କରିବାର ଭୟଙ୍କର ସଂକଳ୍ପ କରି ବସିଲେ ସେ । ଭକ୍ତର ପ୍ରତିଜ୍ଞା ଶୁଣି ଟଳିଲା ଭଗବାନଙ୍କ ଆସନ । ସ୍ୱପ୍ନରେ ଦେଖାଦେଇ ତାରା ମନ୍ତ୍ରରେ ଦୀକ୍ଷା ଦେଇ ଗ୍ରହଣ କଲେ ତାଙ୍କର ସମସ୍ତ ଭାର ।

ଭଗବାନଙ୍କ ପାଇଁ ଯେତେବେଳେ ଭକ୍ତର ପ୍ରାଣ କାନ୍ଦେ ସେତେବେଳେ ସେ ଆପେ ଆସି ଧରାଦିଅନ୍ତି । ସେଇଥିପାଇଁ ନା ତାଙ୍କ ନାମ ଭକ୍ତବତ୍ସଳ ।

ବୃଦ୍ଧାବସ୍ଥାରେ ଏହି ଭାଗ୍ୟବାନ ଶିଷ୍ୟଟିର ଜୀବନରେ ଘଟିଥିଲା ଆଉ ଏକ ଆଶ୍ଚର୍ଯ୍ୟଜନକ ଘଟଣା । ସେତେବେଳେକୁ ଗୁରୁଦେବ ବିଦେହୀ । ଦିନେ ରାତିର ଶେଷପ୍ରହରରେ ସହସା କାହାର ଶୀତଳ ସ୍ପର୍ଶରେ ନିଦ୍ରାଭଗ୍ନ ହେଲା । ତନ୍ଦ୍ରାବିଜଡ଼ିତ ନୟନରେ ଅନେଇ ଦେଖିଲେ ମୁଣ୍ଡ ଉପରେ ଭୈରବ ସାକ୍ଷାତ ଦଣ୍ଡାୟମାନ । ଶ୍ରୀରାଙ୍ଗା ଚରଣରେ ପ୍ରଣାମ କରୁକରୁ ଶୁଣିଲେ ଏକ ପ୍ରତ୍ୟାଦେଶ– "କାଲି ପ୍ରଭାତରୁ ଯେଉଁ ଯୁବକ ତୋତେ ସାକ୍ଷାତ କରିବ; ତାକୁ ତାରାମନ୍ତ୍ରରେ ଦୀକ୍ଷିତ କରିବୁ ।"

ଏହି ମହାଭାଗ୍ୟବାନ ଯୁବକଙ୍କର ଜୀବନ-କାହାଣୀ କିନ୍ତୁ ଆହୁରି ବିସ୍ମୟକର । ୧୯୦୯ ମସିହାରେ ହରିପାଳ ଅନ୍ତର୍ଗତ କ୍ଷୁଦ୍ର ଗବାଟି ଗ୍ରାମରେ ଏକ ବିଶିଷ୍ଟ କ୍ଷତ୍ରିୟ ପରିବାରରେ ତାଙ୍କର ଜନ୍ମ ହୋଇଥିଲା । ଭାଗ୍ୟବିଡ଼ମ୍ବନାରେ ପିଲାଦିନରୁ ହିଁ ହୋଇଥିଲେ ପିତୃହରା । ପିତା ଖୁବ୍ ସ୍ନେହ କରୁଥିଲେ ଏହି ଶିଶୁ ପୁତ୍ରଟିକୁ । ତେଣୁ ତାଙ୍କର ଅକାଳ ବିୟୋଗରେ ଖୁବ୍ କଷ୍ଟ ହୋଇଥିଲା ବାଳକ ମନରେ । ସେଦିନ ଦିନସାରା କାନ୍ଦି-କାନ୍ଦି ଅନାହାରରେ ପାଞ୍ଚ ବର୍ଷର ବାଳକ ଘୁମେଇ ପଡ଼ିଛି ରାତ୍ରି କୋଳରେ– ଏତିକିବେଳେ ଦେଖିଲା ଏକ ବିଚିତ୍ର ସ୍ୱପ୍ନ । ଏକ କୃଷ୍ଣକାୟ–ବିରାଟବପୁଧାରୀ ଦିଗମ୍ବର ପୁରୁଷ ଆବିର୍ଭୂତ ହୋଇ ସ୍ନେହରେ ମଥା ଆଉଁସି ଦେଇ କହିଲେ– "ଦୁଃଖ କାହିଁକି ବାବା ! ମୁଁ ଯେ ସର୍ବଦା ତୋର ପାଖେ ପାଖେ ଅଛି । ଖୋଜିଲା ମାତ୍ରେ ହିଁ ମୋତେ ପାଇବୁ ।"

ଆଉ ଦିନକର କଥା । ସେଦିନ ବିଦ୍ୟାଳୟରେ ଶିକ୍ଷକଙ୍କ ନିକଟରୁ ଭୀଷଣ ପ୍ରହାର ଖାଇ ବିସନ୍ନ ମନରେ ଫେରୁଥାଏ ଘରକୁ । ନିର୍ଜନ ବନ ପଥଦେଇ ଆସିଲାବେଳେ କଅଁଳିଆ ମନଟା ଭରିଗଲା ଦୁଃଖରେ । ଏକ ଝଙ୍କାଳିଆ ବରଗଛମୂଳେ ବସିପଡ଼ି ମନକୁ-ମନ ଭାବିବାକୁ ଲାଗିଲା– "ଘରେ ଦୁଧସର ଟିକିଏ ଚୋରି କରି ଖାଇଲେ–ମା' ଗାଳି ଦେଉଛି– ବିଦ୍ୟାଳୟରେ ଅଙ୍କ ଟିକିଏ ଭୁଲ ହେଲେ ଶିକ୍ଷକ ନିର୍ଦ୍ଦୟ ଭାବେ ପ୍ରହାର

କରୁଛନ୍ତି । କାହିଁ କେହିତ ଟିକେ ହେଲେ ଭଲ ପାଉନାହାନ୍ତି ? ତାହେଲେ ଏତେବଡ ଦୁନିଆଁରେ କ'ଣ ମୋର ନିଜର ବୋଲି କେହି ନାହିଁ ?" ଭେ-ଭେ କରି କାନ୍ଦି ଉଠିଲା ବାଳକ । ଠିକ୍ ଏହି ସମୟରେ କିନ୍ତୁ ଘଟିଲା ଏକ ଅଲୌକିକ ଘଟଣା । ସହସା ଚକ୍ଷୁ ସାମନାରେ ଭୂମି ଫଟାଇ ଉଠିଲା ଏକ ବିରାଟ ଧୂମ୍ରସ୍ତମ୍ଭ । ଆଉ ସେହି ଧୂମ୍ରସ୍ତମ୍ଭ ମଧ୍ୟରେ ଆର୍ବିଭୂତ ହେଲେ ଯକ୍ଷପୁରୁଷ ସଦୃଶ୍ୟ ପୂର୍ବରୁ ସ୍ୱପ୍ନରେ ଦେଖା ଦେଇଥିବା ବିରାଟ ପୁରୁଷ । ମୁଖରେ ପ୍ରସନ୍ନ ହସ ଓ ଶ୍ରୀକରରେ ବରାଭୟ ମୁଦ୍ରା । ବାଳକକୁ ଲକ୍ଷ୍ୟ କରି ମୃଦୁ ସ୍ୱରରେ କହି ଉଠିଲେ- "ତୁ ଶଳା' ଭୟ କରୁଛୁ କାହିଁକି ? ତୋର କେହି ନଥାନ୍ତୁ–ମୁଁ ତ ଅଛି ! ତୋତେ କେହି ଭଲ ନ ପାଆନ୍ତୁ ମୁଁ ତ ଭଲପାଏ ! ! ଯା' ସମୟରେ ସବୁ ଜାଣିବୁ, ସବୁ ପାଇବୁ ।"

ସତେ ଯାହାର କେହି ନାହାନ୍ତି ତାର ଅଛନ୍ତି ସେହି ଅନାଥର ନାଥ, ଦୁଃଖୀର ସଙ୍ଗାଳୀ, ଦରିଦ୍ରର ଧନ, ନିରାଶ୍ରୟର ଆଶ୍ରୟ; ପତିତର ପତି, ଦୁର୍ବଳର ବଳ; ଦୀନବନ୍ଧୁ–କୃପାସିନ୍ଧୁ ଦୟାଳୁ ଠାକୁର । ତାଙ୍କପରି ଜୀବକୁ ଆଉ କିଏ ଭଲ ପାଇବ ? ତାଙ୍କଠାରୁ ଆପଣାର ଆଉ କିଏ ଅଛି ? ଜାଗତିକ ସକଳ ସ୍ନେହ, ପ୍ରେମ, ଭଲ ପାଇବା ସ୍ୱାର୍ଥ ସାଧନର ନାମାନ୍ତର ମାତ୍ର ।

ସ୍ୱାର୍ଥରେ ଲାଗିଲେ ବାଧା
ନୋହିବେ କେ ଆପଣାର ।

ଏକମାତ୍ର ନିଃସ୍ୱାର୍ଥପର ବନ୍ଧୁ ହିଁ ସେହି ଜଗବନ୍ଧୁ । ଏକମନ, ଏକତାନରେ ଥରୁଟିଏ ବିକଳ ହୋଇ ଡାକିଲେ ସେ ଦଉଡ଼ି ନ ଆସି ରହି ପାରନ୍ତିନି । ତେବେ ଦରକାର କେବଳ ଶିଶୁପରି ସରଳତା ଓ ସମ୍ପୂର୍ଣ୍ଣ ନିର୍ଭରତା ।

ଶିଶୁ ଯେଉଁପରି ଡାକେ ଜନନୀରେ ବିକଳେ ଫଟାଇ ହିଆ
ସେହିପରି ଡାକ ଡାକି ପାରିଲେରେ
ନଦେବେ ଧରା ସେ କିଆଁ ?

ଭୟ ଓ ବିସ୍ମୟରେ ସ୍ତମ୍ଭୀଭୂତ ବାଳକ ସେଦିନ ହୁଏତ ଏ କଥାର ତାତ୍ପର୍ଯ୍ୟ ବୁଝି ପାରିନଥିଲା । କିନ୍ତୁ ବୟସ ବଢ଼ିବା ସଙ୍ଗେ-ସଙ୍ଗେ ଏହିପରି ନାନା ଦିବ୍ୟାନୁଭୂତି ମଧ୍ୟଦେଇ ମନ କ୍ରମଶଃ ଭଗବତ୍‌ଉନ୍ମୁଖୀ ହୋଇ ଉଠିଲା । ଆଉ ଅବଲୀଳାକ୍ରମେ ଯେଉଁଦିନ ବାମାକ୍ଷେପା ବାବାଙ୍କ ଚିତ୍ରପଟ୍ଟ ଦେଖିଲା, ସେଦିନ ଆଉ ତା'ର ବୁଝିବାକୁ ବାକି ରହିଲାନି ଯେ କିଏ ତା'ର ଜୀବନ ଦେବତା ? ଆଉ କ'ଣ ବା ତା'ର ସମ୍ପର୍କ ତାଙ୍କ ସାଥିରେ । ଅଶ୍ରୁଳ ନୟନରେ ଲୋଟି ପଡ଼ିଲା ସେହି ଶ୍ରୀରଙ୍ଗା ଚରଣତଳେ ।

ଯୁବକ ବୟସରେ ସାଧାରଣ ସଂସାରୀଙ୍କ ପରି ବିବାହ ତାଙ୍କର ହୋଇଗଲା । କିନ୍ତୁ ଚିରଉନ୍ମୁକ୍ତ ପୁରୁଷକୁ ପୁଣି ବାନ୍ଧି ରଖିବ କିଏ ? ଅଳ୍ପ କିଛି ଦିନପରେ ଘଟିଳା ସ୍ତ୍ରୀ ବିୟୋଗ । ଆଉ ଏହାପରେ-ପରେ କ୍ଷେପାଠାକୁରଙ୍କ ନିର୍ଦ୍ଦେଶରେ ଶ୍ରୀଯୁକ୍ତ ପଞ୍ଚାନନ ଭଟ୍ଟାଚାର୍ଯ୍ୟଙ୍କ ଠାରୁ ତାରାମନ୍ତ୍ରରେ ଦୀକ୍ଷିତ ହୋଇ ସତ୍ୟ ସନ୍ଧାନରେ ବାହାରି ପଡ଼ିଲେ ଯୁବକ ।

ବର୍ତ୍ତମାନ ସେହି ଯୁବକ ସ୍ୱାମୀ ଜ୍ଞାନାନନ୍ଦ ନାଥ ନାମରେ ପରିଚିତ । ହୁଗ୍ଲି ଜିଲ୍ଲା ଅନ୍ତର୍ଗତ ହରିପାଳର ତେଲିଖାନା ଶ୍ମଶାନରେ ତାଙ୍କର ଆସନ ସ୍ଥାପିତ । ତଦ୍ୟାବିଧି ପରମ ଆଗ୍ରହ ସହକାରେ ପ୍ରତିବର୍ଷ ଜୀବନ-ସର୍ବସ୍ୱ ଭୈରବ ବାମଦେବଙ୍କ ଅବିର୍ଭାବ ତିଥି ତାଙ୍କଦ୍ୱାରା ପାଳିତ ହୋଇ ଆସୁଛି ମହାଡମ୍ବରରେ ।

× × ×

ବସନ୍ତ ଋତୁର ଏକ ଶାନ୍ତ ସକାଳ । ଶୀତ ପୂରା ଛାଡ଼ି ନଥାଏ । ସକାଳର ଶୀତୁଆ ପବନରେ ଦେହ ବେଶ୍ ଶିର୍ ଶିର୍ କରି ଉଠୁଥାଏ । ଦ୍ୱାରକା ନଦୀର ସିକତା ଉପରେ ବସି କଅଁଳିଆ ଖରା ପୋଉଥାନ୍ତି ବାଳକବତ୍ ମହାପୁରୁଷ କ୍ଷେପାବାବା । ଘେରିଆଛେ ବିକ୍ଷିପ୍ତ ନରକଙ୍କାଳ ଓ ଆଖପାଖରେ କେତେଜଣ ଅନ୍ତରଙ୍ଗ ଶିଷ୍ୟ ଭକ୍ତ । ଏତିକିବେଳେ ଅଶ୍ରୁସିକ୍ତ ନୟନରେ ଭୈରବଙ୍କ ନିକଟରେ ଆସି ଉପସ୍ଥିତ ହେଲେ ଏକ ଉଦାସ ଯୁବକ ।

ପଦଯୁଗଳ ସ୍ପର୍ଶ କରି ବ୍ୟକ୍ତ କଲେ ଆକୁଳ ପ୍ରାର୍ଥନା "ହେ ପ୍ରଭୋ ! ଏ ସଂସାର ମୋତେ ଆଉ ଭଲ ଲାଗୁନି; କୃପାକରି ସନ୍ନ୍ୟାସ ଦିଅନ୍ତୁ ।"

"ସେ କି କଥାରେ ବାବା ! ତୋ ବିବାହ ପାଇଁ ଯେ ମା' କନ୍ୟା ଠିକ୍ କରି ସାରିଛି ।" ଆଦର କରି ଉତ୍ତର ଦେଲେ ଭୈରବ ।

କୌଣସି ପ୍ରତିବାଦ ନକରି ଏକ ପାଖରେ ବସି ରହିଲେ ଯୁବକ । କିଛିଦିନ ଭୈରବଙ୍କ ସଙ୍ଗ ଲାଭ କରି ତାଙ୍କରି ଆଦେଶରେ ଗୃହକୁ ଫେରିଗଲେ । ମହାପୁରୁଷଙ୍କ ବାକ୍ୟାନୁସାରେ ଅଚିରେ ତାଙ୍କର ବିବାହ ମଧ୍ୟ ସମ୍ପନ୍ନ ହୋଇଗଲା ।

ଏହି ଭକ୍ତଟି ହୁଗ୍‌ଲି ଜିଲ୍ଲା ଅନ୍ତର୍ଗତ ଜନାଇ ଗ୍ରାମନିବାସୀ ଗଜମୋହନ ଗଙ୍ଗୋପାଧ୍ୟାୟଙ୍କ କନିଷ୍ଠ ପୁତ୍ର ସୁବୋଧଚନ୍ଦ୍ର । ଭୈରବଙ୍କ ନିକଟକୁ ଆସିଲାବେଳକୁ ବୋଧହୁଏ ସେ ଥିଲେ କଲିକତା ବିଶ୍ୱବିଦ୍ୟାଳୟର ଉପାଧ୍ୟୁତ୍ତର ଶ୍ରେଣୀର ଛାତ୍ର । ପରେ ପରେ ଉଚ୍ଚସ୍ଥାନ ଅଧିକାର ପୂର୍ବକ ଏମ. ଏ. ପାସ୍ କରି ହଜାରିବାଗସ୍ଥ ସେଣ୍ଟ-କଲମ୍ବସ କଲେଜରେ ଅଧ୍ୟାପକ ଚାକିରି ଗ୍ରହଣ କରିଥିଲେ । ହଜାରିବାଗ ରହଣି କାଳରେ ଏକଶତ ବର୍ଷ ବୟସ୍କ ଜଣେ ସାଧୁଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିଲେ । ଏହି ସାଧୁଜଣକ ଏ ଅଞ୍ଚଳରେ ବୁଢାବାବା ନାମରେ ଖ୍ୟାତ । ଟିକିଏ ସମୟ ପାଇଲେ ସୁବୋଧଚନ୍ଦ୍ର ତାଙ୍କ ନିକଟକୁ ଛୁଟି ଯାଇ ସାଧୁସଙ୍ଗ କରନ୍ତି । ତାଙ୍କ-ଆଦେଶ ଓ ଉପଦେଶ ମୁତାବକ ସାମୟିକ ସାଧନ-ଭଜନରେ ପ୍ରବୃତ୍ତ ହୋଇ ଦିନ ଆନନ୍ଦରେ କଟିଯାଏ । କିନ୍ତୁ ଠିକ୍ ତିନିବର୍ଷପରେ 'ପ୍ରେମଚାନ୍ଦ-ରାୟଚାନ୍ଦ' ପ୍ରତିଯୋଗିତାରେ ଭାଗନେବାକୁ ପ୍ରବଳ ଇଚ୍ଛା ହେବାରୁ ଅଧ୍ୟାପକ ଚାକିରିରୁ ଇସ୍ତଫା ଦେଇ ଜନ୍ମଭୂମୀକୁ ଫେରି ଆସନ୍ତି । ଦୈବର ବିଧାନ କିନ୍ତୁ ଅନ୍ୟ ପ୍ରକାର । ନିୟମୀତ ଭାବେ ପ୍ରସ୍ତୁତ ହୋଇ ମଧ୍ୟ 'ପ୍ରେମଚାନ୍ଦ-ରାୟଚାନ୍ଦ' ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରିନଥିଲେ ସୁବୋଧଚନ୍ଦ୍ର । ଏହି ବୈଷୟିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ କିନ୍ତୁ ବହୁତ ଲାଭ

ପଡ଼ିଲେ ସେ । ବହୁଦିନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ-କର୍ମରେ ମନୋନିବେଶ କରିନପାରି ଉଦ୍‌ଭ୍ରାନ୍ତ ଭଳି ଘୂରିବାକୁ ଲଗିଲେ । "ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ନିମନ୍ତେ ।" ଆହା ! ଏକଥା ଯଦି ପ୍ରାଣୀ ବୁଝି ପାରନ୍ତା !

ଏତିକିବେଳେ ହିତାକାଙ୍‌କ୍ଷୀ ବନ୍ଧୁ ତଥା ଜ୍ୟେଷ୍ଠ-ଭଗ୍ନିପତି ଶଶିଭୂଷଣ ବାବୁଙ୍କୁ ସଙ୍ଗରେ ଧରି ମହାପୁରୁଷ ଦର୍ଶନ କରିବା ନିମନ୍ତେ ଦ୍ୱିତୀୟ ଥରପାଇଁ ଉପଗତ ହେଲେ ମହାଭୈରବ ବାମାକ୍ଷେପାଙ୍କ ନିକଟରେ । ସେତେବେଳକୁ ଭୈରବ କାଲୁ-ଭୁଲୁ-ଶ୍ୱେତଫୁଲି ଆଦି ଶ୍ୱାନଗୋଷ୍ଠି ଧରି ଶିମୁଳି ତଳେ ସ୍ୱଆସନରେ ଉପବିଷ୍ଟ । ଭୈରବଙ୍କୁ ଦେଖୁ ଦେଖୁ କିନ୍ତୁ ହଜାରିବାଗର ବୁଢ଼ାବାବାଙ୍କ କଥା ସୁବୋଧଚନ୍ଦ୍ରଙ୍କ ମନେ ପଡ଼ିଗଲା । "ଉଭୟ ସାଧକଙ୍କ ମଧ୍ୟରେ କିଏ ବଡ଼, କିଏ ଛୋଟ ଏବଂ କିଏ ତାର ଗୁରୁ ହେବାକୁ ଉପଯୁକ୍ତ"— ଏହି ପ୍ରକାର ତୁଳନାତ୍ମକ ବିଗ୍ଭରବୁଦ୍ଧି ଉଦୟ ହୋଇ ଅସ୍ଥିର ମନରେ ଆଲୋଡ଼ନ ସୃଷ୍ଟି କରିବାକୁ ଲଗିଲା । ଅନ୍ତର୍ଯ୍ୟାମୀ ନାଥଙ୍କୁ କିନ୍ତୁ କ'ଣ ବା ଅଜଣା ! ଉଦ୍‌ଭ୍ରାନ୍ତ ଯୁବକଙ୍କୁ ଲକ୍ଷ୍ୟ କରି ସେ କହି ଉଠିଲେ—

"ଆରେ, ଡଂବଡ଼ା, ଡଂବଡା ଛନ୍ତି ଅସୁମାର ।
କିନ୍ତୁ ଯିଏ ଯା'ର, ସିଏ ତା' ପାଇଁ
ଯୁଗେ-ଯୁଗେ ଅବତାର ।"

ଏହି କଥା କେତେପଦ ଶୁଣି ଚମକ ଲଗିଲା ଯୁବକଙ୍କ ମନରେ । ସେ ଭାବିଲେ "ତାହେଲେ ଏହି କ୍ଷେପାବାବା ହିଁ କ'ଣ ମୋର ଜନ୍ମ-ଜନ୍ମାନ୍ତରର କାଣ୍ଡାରୀ ! ଆଉ ଯଦି ପ୍ରକୃତରେ ସେ ମୋର ଗୁରୁ ତେବେ ବର୍ତ୍ତମାନ ଆସି ମୋ ମଥାରେ ଶ୍ରୀପାଦପଦ୍ମ ସ୍ଥାପନ କରନ୍ତୁ ।" ତାଙ୍କ ମନରେ ଏହି ଚିନ୍ତା ଉଦୟ ହେବା ସଙ୍ଗେ ସଙ୍ଗେ ଭକ୍ତବାଞ୍ଛା କଳ୍ପତରୁ କ୍ଷେପାଠାକୁର ସ୍ୱ ଆସନରୁ ଉଠିଆସି ତାଙ୍କ ମସ୍ତକରେ ଶ୍ରୀପାଦପଦ୍ମ ସ୍ଥାପନ ପୂର୍ବକ କହି ଉଠିଲେ "ଶଳାର ତଥାପି ସନ୍ଦେହ ଗଲାନି । ଯା' ନିଶ୍ଚିନ୍ତ ମନରେ ମା'ର ନାମ କର । ଅଚିରେ ସର୍ବାର୍ଥ ସିଦ୍ଧି ହେବ ।" ଏଥର ଫିଟିଗଲା ଅଜ୍ଞାନ

ଅନ୍ଧ ଚକ୍ଷୁ । ଜଗତ୍‌ମୟ ଫୁଟି ଉଠିଲା ଜ୍ୟୋତିର୍ମୟଙ୍କ ଜ୍ୟୋତିଃପିଣ୍ଡ । ସେ ସ୍ପଷ୍ଟ ବୁଝି ପାରିଲେ ଯେଉଁ ବିଦ୍ୟାରେ ସେ ଅକୃତ କାର୍ଯ୍ୟ ହୋଇଛନ୍ତି ତାହା କେବଳ ଅର୍ଥକରୀ । କିନ୍ତୁ ବର୍ତ୍ତମାନ ସେ ଯେଉଁ ବିଦ୍ୟାର ସନ୍ଧାନ ପାଇଲେ ତାହାହିଁ ଶ୍ରେଷ୍ଠ ବିଦ୍ୟା । ବାବାଙ୍କ ଭଷାରେ ଏହାହିଁ ତାରବିଦ୍ୟା ।

ଶ୍ରୀଗୁରୁଦେବଙ୍କ କୃପାବିନା ବଦ୍ଧଜୀବର ସନ୍ଦେହ ମୋଚନ ହେବା କ'ଣ ସମ୍ଭବ ? ଜନ୍ମ-ଜନ୍ମାନ୍ତର ଧରି ମିଥ୍ୟା ଅଭିନୟ କରି କରି ଆମେ ଭୁଲି ଯାଇଛୁ ସତ୍ୟ ସ୍ୱରୂପଙ୍କୁ; ଭୁଲି ଯାଇଛୁ ଆମର ଅସଲ ସ୍ୱରୂପ । ଦୟାଳୁ ଗୁରୁଦେବ ନିଜେ ହାତଧରି ମଣାଇ ନ ଦେବା ପର୍ଯ୍ୟନ୍ତ ବହୁ ଦିନରୁ ହଜାଇ ବସିଥିବା ପଥର ସନ୍ଧାନ ପାଇବା କ'ଣ ସହଜ ?

କିଛିକାଳ ସଂସାରରେ ରହି ଆଦର୍ଶ ଗୃହସ୍ଥ ଜୀବନ ଯାପନ କରିବା ପରେ ଭଗବାନ ଭୈରବ କ୍ଷେପାବାବାଙ୍କ କୃପାରୁ ଶ୍ରେଷ୍ଠ ତାର ମନ୍ତ୍ରରେ ଦୀକ୍ଷିତ ହୋଇ ସନ୍ନ୍ୟାସ ଜୀବନ ଯାପନ କରି ପରିଶେଷରେ ତାରମା'ର ଅଭୟପାଦପଦ୍ମରେ ଲୀନ ହୋଇଯାଇଥିଲେ ଭଗ୍ୟବାନ ସାଧକ ପ୍ରବୋଧଚନ୍ଦ୍ର । ସେ ପ୍ରାୟ କୁହନ୍ତି "ଆମର ଅହଂତ୍ୱ ଟିକକ ଥିଲା ଯାଏ ସେ ଧରା ଦିଅନ୍ତିନି । ତାଙ୍କରି କୃପାରୁ ଯେତେବେଳେ ଅହଂତ୍ୱ ଟିକିକ ଉଡ଼ିଯାଏ ଯେତେବେଳେ ସେ ଆମର ଶୂନ୍ୟ ହୃଦୟ ପୂର୍ଣ୍ଣ କରି ଆବୋରି ବସନ୍ତି । ଦୁଃଖ-କଷ୍ଟଭରା ଜଗତଟା କିନ୍ତୁ ସେତେବେଳେ ହୋଇଯାଏ ଖାଲି ଆଲୋକ ଆଉ ଆନନ୍ଦମୟ । ସାଧନ-ଭଜନ ଉପଲକ୍ଷ୍ୟ ମାତ୍ର— ଗୁରୁକୃପାହିଁ କେବଳଂ ।"

❋

ଅଶାଗ୍ରଳାଶ

୧୯୦୪ ମସିହାର ଭଦ୍ରମାସ । ଅମାନିଶାରେ ଗାଢ଼ ଅନ୍ଧକାରଛନ୍ନ ମହାଶ୍ମଶାନ । ତାର ଏକପାର୍ଶ୍ୱରେ ଅବସ୍ଥିତ ପର୍ଣ୍ଣକୁଟୀର ଅଭ୍ୟନ୍ତରରେ ମହାଭୈରବ କ୍ଷେପାବାବା ଯୋଗନିଦ୍ରାରେ ନିଦ୍ରିତ । ନିକଟରେ କିନ୍ତୁ ଗାଢ଼ ନିଦ୍ରାରେ ଶାୟିତ ବାବାଙ୍କର ଏକ ପ୍ରିୟଶିଷ୍ୟ, ନାମ-ଋଷିକେଶ ଚଟ୍ଟୋପାଧ୍ୟାୟ ।

ରାତ୍ରି ସେତେବେଳକୁ ପ୍ରାୟ ତୃତୀୟ ପ୍ରହର । ସମଗ୍ର ଜଗତ ଯୋଗମାୟା ଭୁବନେଶ୍ୱରୀଙ୍କ ଅଙ୍କରେ ଘୋର ନିଦ୍ରାରେ ଅଚେତନ । ମଝିରେ ମଝିରେ ନିଶାଚର ପ୍ରାଣୀଙ୍କ ଚିତ୍କାର ସୂଚେଇ ଦେଉଛି ରାତ୍ରୀର ବୟସ । ହଠାତ୍ କ'ଣ ମନେହେଲା କେଜାଣି ବିଛଣାରେ ଉଠିବସି ଶିଷ୍ୟଟିକୁ ଡ଼ାକ ପକାଇଲେ କ୍ଷେପାଠାକୁର-"ଋଷିବାବା, ଦେବତା ବାବା, ଟିକିଏ ଜଳ ଆଣତ ବାବା ! ଭରି ଶୋଷ ଲାଗୁଛି ।" ଗୁରୁଦେବଙ୍କ ଡାକରେ ଧଡ଼ପଡ଼ ହୋଇ ଉଠିବସିଲା ବାଧ୍ୟଶିଷ୍ୟ । କମଣ୍ଡଳୁ ହାତରେ ନେଇ ଜଳ ଆଣିବା ନିମନ୍ତେ ବାହାରି ପଡ଼ିଲା ସେହି ଅନ୍ଧକାର ମଧ୍ୟରେ । ତାକୁ କିନ୍ତୁ ଜୀବିତ-କୁଣ୍ଡ ଆଡକୁ ଯାଉଥିବାର ଲକ୍ଷ୍ୟକରି ବାଧାଦେଇ କହି ଉଠିଲେ ଭୈରବ-"ଆଜି ଜୀବିତ କୁଣ୍ଡର ଜଳ ପିଇବିନି ଋଷିବାବା ! ଆମର ଶ୍ରୀଗୁରୁବାବା ଦ୍ୱାରକାନଦୀର ଯେଉଁ ଘାଟରେ ପ୍ରତ୍ୟହ ସ୍ନାନ କରନ୍ତି ସେହି ଘାଟର ଜଳ ପିଇବାକୁ ମନ ହେଉଛି । ଗୁରୁ ପାଦୋଦକ ଟିକିଏ ପାଇଲେ ସମସ୍ତ ତୃଷ୍ଣା ମେଣ୍ଟିଯିବ, ଦେବତା ବାବା !"

ଏକେତେ ଭୟାବହ ଶ୍ମଶାନ ତା' ସାଙ୍ଗକୁ ଘନ ଘୋର ଅମାନିଶି । ବାବାଙ୍କର ଶ୍ରୀଗୁରୁବାବା ଯେଉଁ ଘାଟରେ ସ୍ନାନ କରନ୍ତି ସେଠାକୁ ଯିବାକୁ ହେଲେ ଏହି ଭୟାବହ ଶ୍ମଶାନର କେନ୍ଦ୍ରସ୍ଥଳ ଭେଦକରି ଯିବାକୁ ହେବ । ଉପାୟାନ୍ତର ନଦେଖି କୁଟୀରକୁ ଫେରି ଆସି ଲଣ୍ଠନ ଜଳାଇବାକୁ ଲାଗିଲା

ଶିଷ୍ୟଟି; ଉଦ୍ଦେଶ୍ୟ ଏହି କ୍ଷୁଦ୍ର ଆଲୋକ ବର୍ତ୍ତିକାଟି ସାଙ୍ଗରେ ଥିଲେ ନଦୀଘାଟକୁ ଯିବା ନିମନ୍ତେ ଶ୍ମଶାନ ମଧ୍ୟରେ ପଥ ଚିହ୍ନିବାକୁ ଟିକିଏ ସୁବିଧା ହେବ ।

—"ସେ କ'ଣ ଋଷିବାବା, ଦେବତା ବାବା—ଆଲୁଅ ଜଳିଲେ ଯେ ମୋତେ ଭଲ ଲଗୁନି । ବିନା ଆଲୁଅରେ ଯାଅ ବାବା ।"—ଗୁରୁଗମ୍ଭୀର ସ୍ୱରରେ ଆସିଲା ନିଷ୍ଠୁର ପ୍ରତ୍ୟାଦେଶ ।

କ'ଣ କରଯାଏ ଏବେ ? ଗୁରୁବାକ୍ୟ ଯେ ଅବିଗ୍ରରରେ ପାଳନ କରିବାକୁ ହେବ ! ଆଉ ତା' ଛଡା ଜାଗତିକ କୌଣସି ଆଲୋକ ହାତରେ ଥିବା ପର୍ଯ୍ୟନ୍ତ— ସେହି ବିମଳ ଜ୍ୟୋତିଃ-ଶିଖା ଦର୍ଶନ କରିବା କ'ଣ ସମ୍ଭବ ? ଗୁରୁକୃପା ପ୍ଲାବନର ଜ୍ୟୋତିଃପୁଞ୍ଜ ଆଗରେ କ୍ଷୁଦ୍ର ଲଣ୍ଠନ ଆଲୁଅର ଶକ୍ତି କେତେ ମାତ୍ରକ !

ମନଟା ଭୟରେ ଦବିଗଲେବି, ଗୁରୁ ପାଦପଦ୍ମ ସ୍ମରଣ ପୂର୍ବକ କମଣ୍ଡଳୁ ଧରି ଶ୍ମଶାନ ଅଭ୍ୟନ୍ତରରେ ପ୍ରବେଶ କଲେ ଋଷିକେଶ । ବିକ୍ଷିପ୍ତ ନରକଙ୍କାଳମାନ ପାଦରେ ଲଗି ଖଟ୍ ଖଟ୍ ଶବ୍ଦ କରି ଛିଟ୍‌କି ପଡୁଛନ୍ତି, ଆଗରେ ଯେପରି କିଏ ସବୁ ପଥରୋଧ କରି ଠିଆ ହୋଇଛନ୍ତି; ତାଙ୍କର ଫିସ୍ ଫିସ୍ କଥା କାନରେ ବାଜି ଭୟରେ ଆଖିବୁଜି ହୋଇଯାଉଛି । ସହସା କିନ୍ତୁ ଦୂରରୁ ଭସି ଆସିଲା ଭୈରବଙ୍କ ଜଳଦ୍ ଗମ୍ଭୀର "ତାର-ତାର" ନିନାଦ ଓ ତା' ସଙ୍ଗେ ସଙ୍ଗେ ଦୂରେଇ ଗଲା ସମସ୍ତ ଆଶଙ୍କା । ଶ୍ରୀଗୁରୁଦେବଙ୍କ ଅଭୟ ପାଦ-ପଦ୍ମ ସ୍ମରଣ କରୁ-କରୁ କେତେବେଳେ ଯେ ଆସି ନଦୀ ଘାଟରେ ପହଞ୍ଚି ଗଲେ ଜାଣି ପାରିଲେନି । ଏହି ହିଁ ସେହି ପବିତ୍ର ଘାଟ ଯେଉଁଠି ପ୍ରତ୍ୟହ ଭୈରବଙ୍କ ଶ୍ରୀଗୁରୁଦେବ ବ୍ରଜବାସୀ କୈଳାସପତି ବାବା ସ୍ନାନ କରନ୍ତି । ନିଜ ଆଖିକୁ ବିଶ୍ୱାସ କରିପାରିଲେନି ସେ;ଏତେ ଶୀଘ୍ର ଏତେ ଦୁର୍ଗମ ପଥ ଅତିକ୍ରମ କରି ଆସିବା କିପରି ସମ୍ଭବ ହେଲା ? ଏତିକିବେଳେ ନେପଥ୍ୟରୁ କିଏ ଯେପରି ଗାଇ ଉଠିଲା—

ତୁ ବିନା ନାଉରିଆ ଅଥଳ ନୀରେ
ତୋ ବିନା କିଏ ଆଉ ମୋ ତରୀ ଲଗାଏ ତୀରେ ?
ଏକେତ ମେଘଭରା ଅମା ଘୋର ରାତି
ଏ ମେଘେ ନାହିଁ ତାରା ନାହିଁ ଚନ୍ଦ୍ରାବତୀ
ଉଉଳା ପିଟେ ବାଆ
ଛାତି ଥରେ ଆଶଙ୍କାରେ ।।

ଏହାଠାରୁ କିନ୍ତୁ ଆହୁରି ଆଶ୍ଚର୍ଯ୍ୟଜନକ ଘଟଣା ଯେପରି ସେଦିନ ଅପେକ୍ଷା କରି ରହିଥାଏ ଏହି ଭାଗ୍ୟବାନ ଶିଷ୍ୟଟିକୁ । କୃପାମୟଙ୍କ କୃପାକଟାକ୍ଷ୍ୟ ଯେଉଁ ଭାଗ୍ୟବାନ ଉପରେ ପଡ଼େ; ନିମିଷକ ମଧ୍ୟରେ ଏହି ରହସ୍ୟମୟ ଜଗତର ସମସ୍ତ ରହସ୍ୟ ତା' ଆଖି ଆଗରେ ଉନ୍ମୋଚିତ ହୋଇଯାଏ ।

ଆନନ୍ଦ ମନରେ କମଣ୍ଡଳୁ ଧରି ଜଳ ଭିତରକୁ ଓହ୍ଲେଇ ପଡ଼ିଲା ଶିଷ୍ୟ । କିନ୍ତୁ ଏ କ'ଣ ଦେଖୁଛି ସେ–ଆଖି ଆଗରେ ଚତୁର୍ଦ୍ଦିଗ ଯେ ବିମଳ-ଦିବ୍ୟ ଆଲୋକରେ ଉଦ୍‌ଭାସିତ । ଅମାନିଶାର ଆକାଶରେ ସତେ ଯେପରି ଶତ ପୂର୍ଣ୍ଣଚନ୍ଦ୍ରର ପ୍ରକାଶ । ନଦୀ-ବନ-ଗିରି-ପ୍ରାନ୍ତର ଟପି ସୀମାହୀନ ଦିଗ୍‌ବଳୟ ପର୍ଯ୍ୟନ୍ତ ଝଲସି ଉଠୁଛି ସେହି ବିମଳ-ବିଜ୍ଞାନ-ଘନ ଜ୍ୟୋତିର ଝଲକରେ । ଶିଷ୍ୟ ବିସ୍ମୟ-ବିସ୍ଫାରିତ ନୟନରେ ଚାହିଁ ଦେଖୁଛି–ଦେଖୁଛି ଯେତେ ଦୂର ତା'ର ଦୃଷ୍ଟି ଯାଏ । ସ୍ନିଗ୍ଧ ଜ୍ୟୋତିର ଦିବ୍ୟ ପରଶରେ ଭରିଗଲା ତନୁ-ମନ-ପ୍ରାଣ–ଦିବ୍ୟ ଆନନ୍ଦରେ ପୁଲକି ଉଠିଲା ଅନ୍ତରର ଅନ୍ତଃସ୍ଥଳ । ଶିଥିଳ ହାତରୁ କେତେବେଳେ ଯେ କମଣ୍ଡଳୁ ଖସି ପଡ଼ିଛି– ସେ ଆଡକୁ ଖିଆଲ ନାହିଁ । ପଲକ ବିହୀନ ଚକ୍ଷୁ ସାମ୍ନାରେ ସହସା ଜ୍ୟୋତିଃ ମଣ୍ଡଳର କେନ୍ଦ୍ରସ୍ଥଳରେ ଫୁଟି ଉଠିଲା ଏକ ଜ୍ୟୋତିର୍ମୟ ରୂପ–ଶାନ୍ତ-ସୌମ୍ୟ ଏକ ମହାଯୋଗୀ ସ୍ଥିର ପଦ୍ମାସନରେ ସମାସୀନ । ଶିରରେ ଜଟାଜୁଟ-କଣ୍ଠରେ କାଳକୁଟ–କର୍ଣ୍ଣରେ କୃଷ୍ଣକୁଣ୍ଡଳ–ଲଲାଟରେ ନିଶାକର, କଟିରେ ବ୍ୟାଘ୍ରଚର୍ମ । ଶ୍ରୀକରରେ ତ୍ରିଶୂଳ ଓ ବରାଭୟ ମୁଦ୍ରା । ଅର୍ଦ୍ଧନିମିଳୀତ ଆୟତ ପଦ୍ମଲୋଚନ ଦ୍ୱୟ ଭାବରେ ଢଳ-ଢଳ । ଶତକୋଟି

ପୂର୍ଣ୍ଣଚନ୍ଦ୍ରର କିରଣ ଯେପରି ଏ ରୂପ ନିକଟରେ ମ୍ଳାନ-ସୃଷ୍ଟିର ସମସ୍ତ ଶୋଭା-ସୁସମା ଯେପରି ଏହା ନିକଟରେ ତୁଚ୍ଛ, ହେୟ ।

ଭବର ଆବେଗରେ ଚିତ୍କାର କରି ଉଠିଲା ଭାଗ୍ୟବାନ ଶିଷ୍ୟ— "ଜୟଗୁରୁ-ଜୟଗୁରୁ-ଜୟଗୁରୁଦେବ !" ରୂପାନ୍ତରିତ ହେଲା ଦୈବମୂର୍ତ୍ତି-ନିଜ ଗୁରୁ ମୂର୍ତ୍ତିରେ । ଧନ୍ୟ ହେଲା ଶିଷ୍ୟ ! ସାର୍ଥକ ହେଲା ଜନ୍ମ । ପରମ ସନ୍ତୋଷଭରେ ଯୁକ୍ତକରରେ ବନ୍ଦନା କରିବାକୁ ଲାଗିଲା ଶ୍ରୀଗୁରୁଦେବଙ୍କ ଅମଳ କମଳ ଚରଣ-ଯୁଗଳ—

ଆନନ୍ଦମାନନ୍ଦ କରଂ ପ୍ରସନ୍ନଂ,
ଜ୍ଞାନ ସ୍ୱରୂପ ନିଜ ବୋଧଯୁକ୍ତଂ ।
ଯୋଗୀନ୍ଦ୍ର ମୀଡ୍ୟଂ, ଭବରୋଗ ବୈଦ୍ୟଂ;
ଶ୍ରୀମତ୍ ପରମବ୍ରହ୍ମ ଗୁରୁଂ ଭଜାମି ॥

ବୃକ୍ଷର ଫାଙ୍କେ ଫାଙ୍କେ ଦେଖା ଦେଲା ଉଷାର ଆଲୋକ । ପକ୍ଷୀ କଣ୍ଠର କାକଳୀରେ ପୂରି ଉଠିଲା ବନଭୂମି । ବିମଳ ଜ୍ୟୋତିଃ ମଣ୍ଡଳ ମିଳେଇଗଲା ମହାଶୂନ୍ୟର ନୀଳିମାରେ । ମନ ଓ ଦୃଷ୍ଟି ଫେରି ଆସିଲା କ୍ଷୁଦ୍ରଗଣ୍ଡିର ଅଭ୍ୟନ୍ତରକୁ । ଧ୍ୟାନ ଭାଙ୍ଗିଗଲା ଶିଷ୍ୟର । ଆରେ ମୁଁ ଯେ ବାବାଙ୍କ ପାଇଁ ଜଳ ନେବାକୁ ଆସିଥିଲି ? ତରତର ହୋଇ ତଳୁ କମଣ୍ଡଳୁ ଉଠେଇ ଜଳ ଘେନି ଏକାନିଶ୍ୱାସରେ ଦଉଡ଼ିଲା ସେ । ବାବା ସେତେବେଳକୁ ଶିମୂଳି ତଳେ ସ୍ୱ ଆସନରେ ଉପବିଷ୍ଟ । ଦୂରରୁ ଶିଷ୍ୟଟିକୁ ଜଳ ନେଇ ଆସୁଥିବାର ଦେଖି କହି ଉଠିଲେ— "ଋଷିବାବା, ଦେବତା ବାବା--ଏତେ ଡେରିରେ ଜଳ ନେଇ ଆସିଲ ବାବା ! ହଉ ଆସ ବାବା ଆସ । ମୋର ତୃଷା ଯେ ଅନେକ ଦିନରୁ ମେଣ୍ଟିଯାଇଛି ବାବା, ତୁମର ତୃଷା ମେଣ୍ଟିଲାତ ?"

ଦଉଡ଼ିଯାଇ ଶ୍ରୀରଙ୍ଗା ଚରଣ ତଳେ ଲୋଟିପଡ଼ି ନିରବରେ ଅଶ୍ରୁବର୍ଷଣ କରିବାକୁ ଲାଗିଲା ସେ । ବୁକୁରେ ଜଡ଼େଇ ଧରି କହି ଉଠିଲେ ଭୈରବ—

"ଉଭଙ୍କା ହୁଅନା ବାବା । ଭୋର ହୋଇଗଲାଣି । ଏଥର ଯାଇ ସେହି ରହସ୍ୟମୟୀ ମା'ର ଚରଣରେ ଫୁଲ ଚଢ଼େଇ ଆସ ।"

ଏହି ଭାଗ୍ୟବାନ ଭକ୍ତଟି ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ ରାଣୀଗଂଜ ନିବାସୀ ବିଜୟ ଗୋବିନ୍ଦ ଚଟ୍ଟୋପାଧ୍ୟାୟଙ୍କ କନିଷ୍ଠପୁତ୍ର । ପ୍ରଥମ ଜୀବନରେ ସେ କୋଇଲା ଖଣିରେ ଚାକିରି ଆରମ୍ଭ କରି ପରବର୍ତ୍ତୀ କାଳରେ କେତୋଟି ଖଣିର ତଥା ବାଙ୍କୁଡା ଜିଲ୍ଲାରେ ଏକ ଜମିଦାରୀର ମାଲିକ ହୋଇ ପାରିଥିଲେ । ବାବାଙ୍କ ଉପଦେଶ ଅନୁସାରେ ଏକ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ଦାତବ୍ୟ ଚିକିତ୍ସାଳୟ ସ୍ଥାପନ କରି ଶିବଜ୍ଞାନରେ ଜୀବସେବା କରିବାର ସୌଭାଗ୍ୟ ଲାଭ କରିଥିଲେ । ମଝିରେ-ମଝିରେ ତାରାପୀଠକୁ ଯାଇ ଭୈରବଙ୍କ ସେବାରେ କିଛିଦିନ କଟାଇ ଆସନ୍ତି । ୧୯୦୬ ମସିହାର ଜଗଦ୍ଧାତ୍ରୀ ପୂଜାଦିନ ଭୈରବ ସଦଳବଳେ ଏହି ଭାଗ୍ୟବାନ ଶିଷ୍ୟଙ୍କ ଗୃହରେ ପଦାର୍ପଣ କରି ତାଙ୍କର ଅର୍ଦ୍ଧାଙ୍ଗିନୀଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ । ତାରାପୀଠରେ ବାବାଙ୍କ ସମାଧିର ସମସ୍ତ ବ୍ୟୟଭାର ମଧ୍ୟ ବହନ କରିଥିଲେ ଏହି ଭାଗ୍ୟବାନ ଭକ୍ତ ଋଷିକେଶ ବାବୁ ।

କ୍ଷେପାବାବା ଥିଲେ ସ୍ୱତନ୍ତ୍ର ଇଚ୍ଛାମୟ ପୁରୁଷ, କେତେବେଳେ ସେ କାହାକୁ କେଉଁ ଭାବରେ କୃପା କରନ୍ତି—କାହା ନିକଟରେ କେଉଁ ରୂପରେ ପ୍ରକଟ ହୁଅନ୍ତି ତା' ବର୍ଣ୍ଣନା କରିବା ଦୂରେ ଥାଉ ଧାରଣା କରିବା ମଧ୍ୟ ସାଧ୍ୟାତୀତ ।

ସେ ଯେ ଅପରୂପ ସେ ଯେ ବିଶ୍ୱରୂପ
ତାଙ୍କ ଅନୁରୂପ ନାହିଁ ସଂସାରର !

X X X

"ଯା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା ।
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।।"

ଆଉ ଏକ ଅମାନିଶାର ଗାଢ଼ ଅନ୍ଧକାରମୟ ମହାଶ୍ମଶାନରେ ଗୁରୁଦେବଙ୍କ ନିର୍ଦ୍ଦେଶରେ ଚଣ୍ଡିପାଠ କରୁଥାନ୍ତି ଭକ୍ତିମାନ ପଣ୍ଡିତ ଶିଷ୍ୟ ହରିଚରଣ ଶାସ୍ତ୍ରୀ । ସହସା ବିଚ୍ଛୁରିତ ବିମଳ ଜ୍ୟୋତିଃରେ ଉଦ୍ଭାସିତ ହୋଇଉଠିଲା ଶ୍ମଶାନର ମର୍ମ୍ମସ୍ଥଳ । ଏ କ'ଣ ଦେଖୁଛି ମୁଁ, "ଏ ଯେ ମୋର ପରଲୋକଗତା ସ୍ନେହମୟୀ-କରୁଣାମୟୀ-ଗର୍ଭଧାରିଣୀ ଜନନୀ ! ଏହା କ'ଣ ସମ୍ଭବ ? ମୁଁ ବୋଧହୁଏ ଭୁଲ ଦେଖିଲି"-ମନକୁ ମନ ଏହି କଥା ଭାବି ବିସ୍ମୟ ବିସ୍ଫାରିତ ଚକ୍ଷୁ ମାର୍ଜନା କଲେ ଶାସ୍ତ୍ରୀ ମହାଶୟ ।

"ନାଁ—ନାଁ—ମାତୃ ମୂର୍ତ୍ତି ଯେ ବର୍ତ୍ତମାନ ବି ଦଣ୍ଡାୟମାନା । ଗୁରୁଦେବଙ୍କ କୃପାରୁ ଆଜି ମୋର ଜୀବନ ଧନ୍ୟ ହେଲା । ଫେରି ପାଇଲି ମୋର ହରାଇଥିବା ମା'କୁ । ମା - ମା ମୋର !" କହି ଅଶ୍ରୁସଜଳ ନୟନରେ ଭୂଲୁଣ୍ଠିତ ହୋଇ ପ୍ରଣାମ କଲେ ଭକ୍ତ । ଉଠି ଦେଖନ୍ତିତ ମାତୃମୂର୍ତ୍ତି ବଦଳରେ ଆଜାନୁଲମ୍ବିତ ବାହୁ-ଘନଶ୍ୟାମ କଳେବର-ଅନାଥର ନାଥ ଶିବକଳ୍ପତରୁ ସାକ୍ଷାତ ଶ୍ମଶାନ ଭୈରବ କ୍ଷେପାବାବା ସ୍ମିତହାସ୍ୟେ ଦଣ୍ଡାୟମାନ । ଶ୍ରୀକରପଲ୍ଲବରେ ବରଭୟ ମୁଦ୍ରା । ଭୁଲ ଭାଙ୍ଗିଗଲା ସାଧକଙ୍କର । ମନର ସନ୍ଦେହ ମିଳେଇ ଗଲା ମନର କୋଣରେ । ନାଶହେଲା ପାଣ୍ଡିତ୍ୟର ଅହଂକାର-ବିଭ୍ରର ବୁଦ୍ଧି । ସାର୍ଥକ ହେଲା ଚଣ୍ଡୀପାଠ । ସେହି ଏକ ହିଁ ସର୍ବଭୂତରେ ମାତୃରୂପରେ ସଂସ୍ଥିତା !

ହେ ବୀର ସାଧକ-ତାରପୀଠ ଭୈରବ ! ଆଜିହିଁ ବୁଝିଲି ତୁମେ ମୋର ମାତା-ପିତା-ଗୁରୁ-ଭଗବାନ । ତୁମେ ମୋର ମନ, ପ୍ରାଣ ବୁଦ୍ଧି । ତୁମେ ମୋର ଶରଣ-ସୁହୃଦ୍-ସମସ୍ତ ଭଲପାଇବା ସ୍ତବ ସ୍ତୁତି ।

"ତୁମେ ମାତା, ତୁମେ ପିତା, ତୁମେ ଜୀବଧନ ।
ତୁମରି ଶରଣ ନେଇ ଯାଉ ଏ ଜୀବନ ।।"

ହୁଗୁଳୀ ଜିଲ୍ଲା ଅନ୍ତର୍ଗତ ଜନାଇ ଗ୍ରାମରେ ୧୮୭୪ ମସିହା ପୌଷ ମାସରେ ଜନ୍ମଗ୍ରହଣ କରିଥିଲେ ଶାସ୍ତ୍ରୀ ହରିଚରଣ ଗଙ୍ଗୋପାଧ୍ୟାୟ

ମହାଶୟ । ସଂସ୍କୃତ ଏମ୍.ଏ. ସାଙ୍ଗକୁ ବି.ଏଲ୍. ପାଶ୍ କରି କିଛିକାଳ ପାଇଁ ଚିନ୍‌ସୁରା ଅଦାଲତରେ ଓକିଲାତି କରିଥିଲେ ସେ । ୧୯୦୪ ମସିହାର ଶେଷଜ୍ୟେଷ୍ଠ ରାତ୍ରୀରେ ତାଙ୍କର ପରମ କଲ୍ୟାଣଦାତ୍ରୀ ଜନନୀ ଅଳ୍ପ କିଛି-ଦିନର ଜ୍ୱର ଭୋଗରେ ଇହଲୀଳା ସମ୍ବରଣ କରିଥିଲେ । ମାତୃ ବିୟୋଗରେ ଖୁବ୍ ଦୁଃଖିତ ହୋଇଥିଲେ ଶାସ୍ତ୍ରୀ ମହାଶୟ । ଯଥାବିଧି ଶୁଦ୍ଧିକ୍ରୀୟା ସମାପନ କରି ଶ୍ରାବଣ ମାସର ଏକ ବର୍ଷଣ ମୁଖର ସଂଧ୍ୟାରେ ତାରାପୀଠରେ ଉପସ୍ଥିତ ହୋଇ ଭୈରବଙ୍କ ଅଭୟ ଚରଣାରବିନ୍ଦରେ ଅଯାଚିତ ଆଶ୍ରୟ ଲାଭ କରିଥିଲେ । ତାଙ୍କରି କୃପାରୁ ଶ୍ରେଷ୍ଠ ତାରାମନ୍ତ୍ରରେ ଦୀକ୍ଷିତ ହୋଇ ଅଳ୍ପ କିଛିଦିନର ସାଧନାରେ ସନାତନୀ ମା'ର ଶାଶ୍ୱତୀ ମୂର୍ତ୍ତି ଦର୍ଶନ କରି କୃତକୃତାର୍ଥ ହୋଇଥିଲେ । ଭୈରବଙ୍କ ଅପାର କରୁଣାରୁ ଅଗାଧ ଶାସ୍ତ୍ରଜ୍ଞାନ ସାଙ୍ଗକୁ ତାଙ୍କର ଆଦର୍ଶ ଓ ଉଜ୍ଜଳ ଗୃହସ୍ଥ ଜୀବନରେ ଫୁଟି ଉଠିଥିଲା ଧର୍ମ୍ମାନୁରକ୍ତି, ନିର୍ମଳ ଚରିତ୍ରବତ୍ତା, ଅସାଧାରଣ ପାଣ୍ଡିତ୍ୟ, ବିନୟ ଓ ନମ୍ର ବ୍ୟବହାର ତଥା ଭଗବତ୍ ଭକ୍ତିପରାୟଣତା । କିଛିଦିନ ରିପନ କଲେଜରେ ସଂସ୍କୃତ ଅଧ୍ୟାପନା କଲାପରେ ବିଭିନ୍ନ କୋର୍ଟରେ ଓକିଲାତି କରି ବେଶ ସୁଖ୍ୟାତି ଅର୍ଜନ କରିଥିଲେ ସେ । ଦୁଇଥର ଅସ୍ଥାୟୀ ମୁନସଫ୍ ପଦରେ ଅଭିଷିକ୍ତ ହେଲାପରେ - ସାର୍ ଆଶୁତୋଷଙ୍କ ଆହ୍ୱାନରେ କଲିକତା ବିଶ୍ୱବିଦ୍ୟାଳୟର ଆଇନ କଲେଜରେ ୧୯୧୧ ରୁ ୧୯୧୯ ମସିହା ପର୍ଯ୍ୟନ୍ତ ଅଧ୍ୟାପନା କରିଥିଲେ । ରଘୁବଂଶ କାବ୍ୟର ଷଷ୍ଠ ସର୍ଗ ଓ ଭଟ୍ଟୀର ପ୍ରଥମ ଦୁଇସର୍ଗର କଲେଜ ସଂସ୍କରଣ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଶ୍ରୀକୃଷ୍ଣ ତର୍କାଳଙ୍କାରଙ୍କ ଦାୟଭାଗ୍ ଆଇନକୁ ଟୀକା ଟିପ୍ପଣୀସହ ସରଳ ଭାଷାରେ ଅନୁବାଦ କରି ବଙ୍ଗବାସୀଙ୍କ ନିକଟରେ ସେ ଚିରସ୍ମରଣୀୟ । ଏହିପରି ଏକ ମହାର୍ଘ କର୍ମ୍ମମୟ ଜୀବନ ଯାପନକରି ଅବଲୀଳା କ୍ରମେ ୧୯୩୬ ମସିହା ଭାଦ୍ରମାସର ଏକ ଗୁରୁବାର ଦିନ ଇହଲୀଳା ସମ୍ବରଣ ପୂର୍ବକ ଶ୍ରୀଗୁରୁଦେବଙ୍କ ଅଭୟ ପାଦପଦ୍ମରେ ଲୀନ ହୋଇଯାଇଥିଲେ ।

କ୍ଷେପାବାବାଙ୍କ ସ୍ନାନ ନିମନ୍ତେ ଥରେ ଶାସ୍ତ୍ରୀ ମହାଶୟ ଶ୍ରଦ୍ଧା ସହକାରେ ଖଣ୍ଡିଏ ଗାମୁଛା ପଠାଇଥିଲେ । ବାବା ସେ ଗାମୁଛାର

ନାମ ଦେଇଥାନ୍ତି ହରିଗାମୁଛା । ହଳଧର ଦାସ ନାମକ ଆଉଜଣେ ଭକ୍ତ ଦେଇଥିବା ଗାମୁଛା ଖଣ୍ଡିକର ନାମଥିଲା ହଳାଗାମୁଛା । ପରମ ଆଗ୍ରହଭରେ ପ୍ରତ୍ୟହ ସ୍ନାନ ପରେ ହରିଗାମୁଛା ଦ୍ୱାରା ଶରୀରର ଉର୍ଦ୍ଧାଂଶ ଓ ହଳା ଗାମୁଛାଦ୍ୱାରା ଶରୀରର ନିମ୍ନାଂଶ ପୋଛି ହୁଅନ୍ତି ଭୈରବ । ଏ ନିୟମରେ ବାବାଙ୍କର ପ୍ରାୟ କେବେ ବ୍ୟତିକ୍ରମ ହେବାର କେହି ଦେଖିନି ।

ଶାସ୍ତ୍ରୀ ମହାଶୟଙ୍କ ସଙ୍ଗରେ ବେଳେ ବେଳେ ଭୈରବଙ୍କ ନିକଟକୁ ଆସୁଥିଲେ ତାଙ୍କର ପ୍ରିୟବନ୍ଧୁ ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ ଆଉଇ-ହାଟ ନିବାସୀ ଫଣୀ ଭୂଷଣ ରାୟଚୌଧୁରୀ । ସେ ଦିନ ଉପରବେଳା ଫଣୀବାବୁ ଭୈରବଙ୍କୁ ଦର୍ଶନ କରିବାକୁ ତାରାପୀଠକୁ ଆସିଥାନ୍ତି । ଭୈରବ ସେତେବେଳେ ପର୍ଣ୍ଣକୁଟୀର ବାରଣ୍ଡାରେ ବସି ତମାଖୁ ସେବନ କରୁଥାନ୍ତି । ନିକଟରେ ବେଢ଼ି ବସିଥାନ୍ତି କେତେଜଣ ଦର୍ଶକ ଓ ଭକ୍ତଶିଷ୍ୟ । ଫଣୀବାବୁ ମଧ୍ୟ ଭୈରବଙ୍କୁ ପ୍ରଣାମ କରି ଗୋଟିଏ ପାଖକୁ ବସି ସେହି ଶିବ-ସ୍ୱରୂପ ଦେବଦୁର୍ଲ୍ଲଭ ମୁଖମଣ୍ଡଳକୁ ଅନାଇ ବାବାଙ୍କର ଅଲୌକିକ ବିଭୂତି ସମ୍ବନ୍ଧରେ ଚିନ୍ତା କରୁଥାନ୍ତି । ଏତିକିବେଳେ କୁଟୀର ଗୃହରେ ଠିକ୍ ଭୈରବଙ୍କ ମଥା ଉପରେ ସତ୍ ସତ୍ ଶବ୍ଦ କରିଉଠିଲା ଏକ ସତସତୀ । ଫଣୀବାବୁ ଭୈରବଙ୍କ ମୁଖମଣ୍ଡଳରୁ ଦୃଷ୍ଟି ଫେରାଇ ସତସତୀଟିକୁ ଅନାଇ ରହନ୍ତେ ଭୈରବ ତାଙ୍କୁ ଲକ୍ଷ୍ୟ କରି କହି ଉଠିଲେ– "ତାର ଆଜି ବର୍ଦ୍ଧମାନରେ ବିବାହ ହେବ ।" ହୋ-ହୋ କରି ହସି ଉଠିଲେ ସମସ୍ତେ, ଭୈରବଙ୍କ କଥାଶୁଣି ।

–"ସତ କହୁଛି ବାବା । ବର୍ଦ୍ଧମାନରୁ ତାର କନ୍ୟା ଆସିବ । ଆଜି ବାହାଘର ହେବ ।" ପୁଣିଥରେ ଦୋହରାଇଲେ ଭୈରବ । ପାଗଳର ପାଗଳାମୀ ଭାବି ସମସ୍ତେ ଆଉକଥା ନ ବଢ଼ାଇ ଚୁପ୍‌କରି ବସି ରହିଲେ । କିଛିକ୍ଷଣ ଉତ୍ତାରୁ ମୁଣ୍ଡରେ ଏକ ବୋଝ ଗୁଡ଼ ହାଣ୍ଡିନେଇ ଆସି ପହଞ୍ଚିଲା ଏକ ଗୁଡ଼ ବ୍ୟବସାୟୀ । ଭୈରବଙ୍କ ସାମ୍ନାରେ ଶକ୍ତ ବୋଝଟି ଓହ୍ଲାଇ ଭକ୍ତିଭରେ ପ୍ରଣାମ ଜଣାଇ ବସି ଗାମୁଛାରେ ଝାଳ ପୋଛିବାକୁ ଲାଗିଲା । ଏତିକିବେଳେ କିନ୍ତୁ ଆଉ ଗୋଟିଏ ସତସତୀ ସେହି ବୋଝରୁ ବାହାରି ଫଣୀବାବୁଙ୍କ ଆଖି ସାମ୍ନାଦେଇ ପର୍ଣ୍ଣ କୁଟୀରର କାନ୍ଥକୁ ଉଠିଗଲା ।

ପୂର୍ବୋକ୍ତ ସନ୍ତସତୀଟି ଏଥର ଗୃହରୁ ଓହ୍ଲେଇ ଆସିଲା । ଉଭୟେ ପରସ୍ପରଙ୍କୁ ଆଲିଙ୍ଗନ କରି ସମସ୍ତଙ୍କ ଆଖି ଆଗରେ ରତହେଲେ ଦାମ୍ପତ୍ୟ ସମ୍ଭୋଗରେ ।

ଫଣୀବାବୁ ଆଉ ସମ୍ଭାଳି ନପାରି ବ୍ୟବସାୟୀଟିକୁ ପଚାରି ପକାଇଲେ "କେଉଁଠୁ ଆସିଲ, ଭାଇ !" "ସିଧା ବର୍ଦ୍ଧମାନରୁ ଆସୁଛି ବାବୁ !" ଉତ୍ତର ଶୁଣି କିନ୍ତୁ ସମସ୍ତେ ଅବାକ୍ !

ତ୍ରିକାଳଜ୍ଞ ମହାପୁରୁଷଙ୍କ ସର୍ବଶକ୍ତିମାନତା ଦେଖି ଭକ୍ତି ବିଗଳିତ ହୋଇଗଲେ ଫଣୀବାବୁ । ଅଶ୍ରୁର ଆବେଗ ସମ୍ଭାଳି ନପାରି କାନ୍ଦି କାନ୍ଦି ଭୈରବଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା ଜଣାଇଲେ । "ଆରେ ତୁ ଯେ ସିଦ୍ଧ ଘରର ପିଲା ! ତୋର ଆଉ ଦୀକ୍ଷା କ'ଣ ହେବ । ମା'ର ନାମ କର ଆଉ ନିଷ୍କାମ କର୍ମ କର । ତା'ହେଲେ ସବୁ ହେବ ବାବା ! " ଭକ୍ତଟିର ପିଠିରେ ଅଭୟ କର ସ୍ପର୍ଶ କରି ଏହିକଥା କହି ଆପଣାମନକୁ ସ୍ୱର୍ ଧରିଲେ ଭୈରବ—

ବେଟୀର ନାମ କାଳୀ
କୁଳେ କାଳି
ସେ ଯେ ଧର୍ମ, କର୍ମ, ମର୍ମ ନାଶା ।।

*

ଚୂନାଖା

ଶ୍ରାବଣର ଏକ ବର୍ଷଣ ମୁଖର ଅପରାହ୍ଣ । ଆକାଶରେ ବାରିଦର ନିବିଡ଼ ଘନାଘଟା । ଅବିରଳ ବୃଷ୍ଟି ଧାରରେ ପଥଘାଟ ସବୁ ନିମଜ୍ଜମାନ । ମେଘର ଗୁରୁ-ଗୁରୁ ଗର୍ଜନ ଓ ସୌଦାମିନୀର ମୁହୁର୍ମୁହୁ ଚମକରେ ଚମକି ଉଠୁଛି ସଂସାର-ଭୀରୁ ମନ । ଦ୍ୱନ୍ଦାତୀତ, ଗୁଣାତୀତ, ଅଷ୍ଟପାଶମୁକ୍ତ ମହାସାଧକ କ୍ଷେପାବାବା କିନ୍ତୁ ନିଶ୍ଚିନ୍ତ ମନରେ ପର୍ଣ୍ଣକୁଟୀର ବାରଣ୍ଡାରେ ବସି ଶ୍ୟାମା ମା'ର ଶ୍ୟାମଳ ରୂପରେ ବିଭୋର ।

ଏତିକିବେଳେ ଝଡ଼-ଝଞ୍ଜାକୁ ବେଖାତିର କରି ଶରୀରରେ ଖଣ୍ଡିଏ ଚଦର ଜଡ଼େଇ କ୍ଷିପ୍ରପଦରେ ଆସି ଭୈରବଙ୍କ ଚରଣ ପ୍ରାନ୍ତରେ ଉପସ୍ଥିତ ହେଲେ ବାବାଙ୍କର ଅନ୍ୟତମ ପ୍ରିୟଶିଷ୍ୟ ମୋଲ୍ଲାରପୁର ନିବାସୀ ସାରଦା ଚରଣ ସାହା । ହାତରେ ଢ଼ାଙ୍କୁଣୀ ଦିଆ ଏକ ବଡ଼ବାଟି ।

"ଏଇ ଦୁର୍ଯୋଗରେ ଆସିଲ ବାବା;" ଭକ୍ତଟିକୁ ଦେଖୁ ଦେଖୁ ପଚାରି ବସିଲେ ସଦାନନ୍ଦମୟ ଶିବସ୍ୱରୂପ । ଭକ୍ତିଭରେ ପ୍ରଣାମ କରି ହାତର ବାଟିଟି ଖୋଲି ଭୈରବଙ୍କ ନିକଟରେ ରଖି କହି ଉଠିଲେ ଭକ୍ତ; "ଆପଣଙ୍କ ସେବା ନିମନ୍ତେ ଏଇ ଟିକିଏ ନେଇ ଆସିଛି ବାବା । ମେଘୁଆ ପାଗରେ ବେଶ୍ ଭଲ ଲାଗିବ ।" ବାଟିଟି ଭିତରେ ଥାଏ ଚିଙ୍ଗୁଡ଼ି ମାଛ ଭଜା ଓ କଙ୍କଡ଼ା ତରକାରୀ । ଭୈରବଙ୍କ ଆନନ୍ଦ ଦେଖେ କିଏ ? ଛୋଟ ଗୋଟିଏ ଶିଶୁପରି ବାଟିଟି ହାତରେ ଧରି ପରମ ଆଗ୍ରହରେ ଖାଇବାକୁ ଲାଗିଲେ । ସର୍ବଶକ୍ତିମାନ ଭୈରବଙ୍କ ନିମନ୍ତେ ଏ ପଦାର୍ଥ ହୁଏତ ତୁଚ୍ଛ ହୋଇପାରେ କିନ୍ତୁ ଏହି ପ୍ରାକୃତିକ ଦୁର୍ଯୋଗ ମଧ୍ୟରେ ଭକ୍ତଟି ଯେଉଁ ସ୍ନେହ-ପ୍ରେମରେ ତିଆରି ଭକ୍ତିର ଅର୍ଘ୍ୟ ନେଇ ଆସିଛି ତାହା ଭଗବାନଙ୍କ ପ୍ରାଣକୁ ଛୁଇଁଥିଲା । ସେଇଥିପାଇଁ ବୋଧେ ଆନନ୍ଦରେ ଉଚ୍ଛୁଳି ପଡ଼ିଥିଲେ ବାବା ।

ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଠିକ୍ ଏଇମିତି । ଶ୍ରଦ୍ଧା ଓ ଭକ୍ତିରେ ଭକ୍ତ ଯଦି ଗଣ୍ଡୁଷେ ଜଳ କିମ୍ବା ଗୋଟିଏ ତୁଳସୀ ପତ୍ର ଟେକିଦିଏ, ଭଗବାନ ହାତ ବଢେଇ ପରମ ଆଗ୍ରହରେ ତାହା ତୋଳି ନିଅନ୍ତି । କିନ୍ତୁ ଯେଉଁଠି ଶ୍ରଦ୍ଧା ନଥାଏ ସେଠି ଖିରି-ପୁରି ଓ ଦିବ୍ୟଅନ୍ନ ବ୍ୟଞ୍ଜନ ମାନ ମଧ୍ୟ ସେମିତି ପଡ଼ିରହେ-ଆଡ ଆଖିରେ ବି ଅନାନ୍ତିନି ସେ ।

"ଶ୍ରଦ୍ଧା ନଥାଇ ଅନ୍ତର୍ଗତେ ।
ମୁଁ ତାହା ଘେନିବି କେମନ୍ତେ ।।
ଭକ୍ତିରେ ପ୍ରୀତି ନାହିଁ ଯାର ।
ସେ କାହୁଁ ବୁଝେ ମୋ ଅନ୍ତର ?"

(ଶ୍ରୀମଦ୍ ଭଗବତ)

ପିତା ଓ ପୁତ୍ର ଏକ ସଙ୍ଗେ ଏକପାତ୍ରରୁ ବର୍ଷା ପାଗର ମୁଖରୋଚକ ଖାଦ୍ୟ ପରମ ସନ୍ତୋଷ ଭରେ ଖାଇବାକୁ ଲାଗିଲେ । ପାଖରେ ଠିଆହୋଇ ଲକ୍ଷ୍ୟ କରୁଥିଲେ ଅନ୍ୟ ଏକ ବ୍ରାହ୍ମଣ ଭଦ୍ରଲୋକ । ବାବାଙ୍କର ଏ ଆଗ୍ରହ ବିହୀନ କ୍ରୀୟା କଳାପ ତଥା ଶୁଦ୍ର ବଂଶୋଦ୍ଭବ ଭକ୍ତଟିର ସ୍ପର୍ଦ୍ଧା ଦେଖି ମନେ ମନେ ବଡ଼ କ୍ଷୁନ୍ନ ହୋଇ କହି ପକାଇଲେ "ଆପଣ ଏତେବଡ ଜ୍ଞାନୀ ମହାପୁରୁଷ ! ପୁଣି ବ୍ରାହ୍ମଣ ଘରର ପିଲା ହୋଇ ଶୁଣ୍ଢି ଘର ତିଆରି ଏଇସବୁ ତରକାରୀ ଶୁଣ୍ଢି ସଙ୍ଗରେ ଏକ ପତ୍ରରୁ ଖାଉଛନ୍ତି କିପରି ? ଏହାଦ୍ୱାରା ସମାଜ କଳୁଷିତ ହେବନି କି ?" କହିବା ବାହୁଲ୍ୟ ବାବାଙ୍କର ଏହି ଭକ୍ତଟି ଶୁଣ୍ଢି ଘରେ ଜନ୍ମଗ୍ରହଣ କରିଥିଲା ।

ବାବା ସାଙ୍ଗେ ସାଙ୍ଗେ ବିରକ୍ତ ହୋଇ କହି ଉଠିଲେ 'ବେଶ୍ କଲି ଖାଇଲି ତୋ ଶଳାର କ'ଣ ଥାଏ ସେଥିରେ । ତା' ଛଡା ତୁ ଶଳା କୁଆଡୁ ଜାଣିବୁ-ଏ ହେଉଛି ଉତ୍‌କୃଷ୍ଟ ବ୍ରାହ୍ମଣ ଆଉ ତୁ ଶଳା ଯେ ନିକୃଷ୍ଟ ଶୁଣ୍ଢୀ ।"

ଭଦ୍ରବ୍ୟକ୍ତିଟି ବାବାଙ୍କ ଠାରୁ ଉପଯୁକ୍ତ ଉତ୍ତର ପାଇ କାନମୁଣ୍ଡା ଆଉଁସି ଘରକୁ ଫେରିଗଲା ।

ବ୍ରାହ୍ମଣ କୂଳରେ ଜନ୍ମଗ୍ରହଣ କଲେ ଯେ ମନୁଷ୍ୟ ବ୍ରାହ୍ମଣ ପଦବାଚ୍ୟ ହୁଏ–ଏହା ଏକ ଭ୍ରାନ୍ତ ଧାରଣା । ବରଂ ଯାହାର ଅନ୍ତର ବ୍ରାହ୍ମଣୋଚିତ ସଦ୍‌ଗୁଣାବଳୀରେ ବିଭୂଷିତ ସେ ନୀଚ କୂଳରେ ଜନ୍ମ ହେଲେବି ବ୍ରାହ୍ମଣ ପଦବାଚ୍ୟ । ଏହି ପବିତ୍ର ଭରତ ଭୂଇଁରେ ଏହାର ଦୃଷ୍ଟାନ୍ତ ବିରଳ ନୁହେଁ । ଏବେବି ସମାଜରେ ଏପରି କେତେଜଣ 'ଶୂଦ୍ର' ଦେଖିବାକୁ ମିଳିବେ ଯାହାଙ୍କ ଆଗରେ ତଥାକଥିତ ବ୍ରାହ୍ମଣମାନଙ୍କ ମସ୍ତକ ସ୍ୱତଃ ଅବନତ ହୋଇଯାଏ । ଏଇଥିପାଇଁ ନା ଶାସ୍ତ୍ରକହେ "ବ୍ରହ୍ମଂ ଜାନାତି ଇତି ବ୍ରାହ୍ମଣଃ ।"

ସର୍ବଶକ୍ତିମାନ କ୍ଷେପାଠାକୁରଥିଲେ' ଅର୍ନ୍ତଦ୍ରଷ୍ଟା । ଖାଲି ମଣିଷ କାହିଁକି ଯେ କୌଣସି ପ୍ରାଣିକୁ ଦେଖୁ ଦେଖୁହିଁ ତାର ଅନ୍ତଃକରଣର ବୃତ୍ତିଗୁଡ଼ିକ ସେ ଜାଣି ପାରୁଥିଲେ । ତେବେ ଏହି ବ୍ରହ୍ମବେତ୍ତା ପୁରୁଷଙ୍କ ଆଖିରେ କିନ୍ତୁ ଆକୀଟ ବ୍ରହ୍ମ ପର୍ଯ୍ୟନ୍ତ ସମସ୍ତେ ଥିଲେ ସମାନ–ସେହି ଏକହିଁ ବେଦମୟୀ-ସନାତନୀ ମା'ର ରୂପାନ୍ତର ମାତ୍ର । ତେଣୁ ବାବା କାହାକୁ କେବେହେଲେ ଘୃଣା କରିବାର କେହି ଦେଖିନି ।

ମାନବ ମନରୁ ଏହି ଭେଦଭବ ଜନିତ ଘୃଣା, ସଂକୀର୍ଣ୍ଣତା ଓ ସ୍ୱାର୍ଥପରତା ଦୂରକରି ସନାତନ ଧର୍ମର ଭିତିଭୂମି ଉପରେ କଳୁଷିତ ସମାଜକୁ ଗଢି ତୋଳିବାକୁହିଁ ବାମଦେବଙ୍କର ଆବିର୍ଭାବ ହୋଇଥିଲା ଏହି ପବିତ୍ର ଭରତ ଭୂମିରେ । ସେଇଥିପାଇଁ ନିଜର କୌଣସି ପ୍ରୟୋଜନୀୟତା ନଥାଇ ମଧ୍ୟ କେବଳ ଲେକଶିକ୍ଷା ନିମନ୍ତେ ସେ କରି ଚାଲିଥିଲେ ସମସ୍ତ କର୍ମ, ଆଚାର ଓ ବ୍ୟବହାର । ଏହି ଅଧଃପତିତ ଜାତିର ଐହିକ ଓ ପାରମାର୍ଥୀକ କଲ୍ୟାଣ ନିମନ୍ତେ ଭକ୍ତିର ଦୀପରେ ଜ୍ଞାନର ଆଲେକ ଜଳାଇ ଶତ-ଶତ ହୃଦୟରୁ ଅଜ୍ଞାନ ତିମିର ନାଶ କରିଯାଇଛନ୍ତି ଜ୍ଞାନ-ପ୍ରେମର ମିଳିତ ବିଗ୍ରହ ଆମର କ୍ଷେପାଠାକୁର୍ । ପ୍ରେମ, ଭକ୍ତି ଓ ଭଲ ପାଇବା ମଧ୍ୟଦେଇ ସେ ତନ୍ତ୍ରର ଗୂଢ ରହସ୍ୟ ଭେଦକରି ନିବୃତ୍ତି ପଥରେ ତ୍ୟାଗର ପରକାଷ୍ଠା ଓ କୌଳର ମର୍ଯ୍ୟାଦା ପ୍ରତିଷ୍ଠା କରି ଯାଇଛନ୍ତି ଜଗତ ସମକ୍ଷରେ । ଏହି ପବିତ୍ର ଦେବଭୂମି ଯୁଗେ ଯୁଗେ ତ୍ୟାଗ ଓ ପ୍ରେମର

ପୀଠସ୍ଥାନ । ସମସ୍ତ ଜାଗତିକ ସୁଖକୁ ତୁଚ୍ଛକରି ଜୀବ ସେବାରେ ଆତ୍ମୋତ୍ସର୍ଗ କରିଥିବା ମନିଷୀ ମାନଙ୍କର ଦୃଷ୍ଟାନ୍ତ ଏଠାରେ ବିରଳ ନୁହେଁ । ଭାରତର ଆଦର୍ଶ ଭୋଗ ନୁହେଁ—ତ୍ୟାଗ ।

ବାରିଦର ଘନଘଟା ଭିତରେ ଗୁରୁ-ଶିଷ୍ୟଙ୍କର ମୁଖରୋଚକ ଖାଦ୍ୟ ଶେଷହେଲା । ପ୍ରିୟ କାଲୁ କୁକୁର ବି ପ୍ରସାଦ ପାଇଲା । ପ୍ରସନ୍ନ ହୃଦୟରେ ଶିଷ୍ୟଟିକୁ ତାର ମା'ଙ୍କୁ ପ୍ରଣାମ କରିବା ଉଦ୍ଦେଶ୍ୟରେ ପଠେଇଦେଇ ବାବା ସ୍ବର ଧରିଲେ—

ମନ ଚାଲ,ଚାଲ ଶିମୂଳି ତଳେ ।
ମନରେ କିମ୍ବା ଗୃହବାସୀ
ଯହିଁ ତାର ସର୍ବନାଶୀ !
ଦିବାନିଶି କେତେ ଖେଳ ଖେଳେ ।।

X X X

କ୍ରମାଗତ କେତେଦିନ ଧରି ବର୍ଷା ଲାଗି ରହିବା ପରେ ସେଦିନ ଆକାଶରୁ ବାରିଦର ଘନଘଟା କଟି ଯାଇଥାଏ । ପୂର୍ବ ଆକାଶରେ ଦେଖା ଦେଇଥାନ୍ତି ଲାଲ ଟୁକ୍ ଟୁକ୍ ତରୁଣ-ଅରୁଣ । ସକାଳୁ ସକାଳୁ ଭୈରବଙ୍କର କ'ଣ ମନ ହେଲା କେଜାଣି ପର୍ଣ୍ଣ କୁଟୀରରେ ଥିବା ସମସ୍ତ ଲୁଗା-ପଟା-ଶାଲ ଆଣିଯାଇ ଶ୍ମଶାନ ମଝିରେ ଏକ ଇଷତ୍ ଉଚ୍ଚଯାଗାରେ ସ୍ତୂପୀକୃତ କରି ନିଆଁ ଲଗେଇ ଦେଲେ । ହୁତ୍ ହୁତ୍ ହୋଇ ମୂହୂର୍ତ୍ତକ ମଧ୍ୟରେ ଜଳି ଉଠିଲା କେତେ ନୂଆ ଧୋତୀ, ଚାଦର ଓ ମୂଲ୍ୟବାନ ଶାଲ୍ ଇତ୍ୟାଦି ତା'ର ସୁମାରୀ ନାହିଁ । ବିଭିନ୍ନ ସମୟରେ ଭକ୍ତମାନେ ଠାକୁରଙ୍କୁ ଏଗୁଡ଼ିକ ଭେଟି ଦେଇଥିଲେ । ଅଗ୍ନିଶିଖା ସାଙ୍ଗରେ ତାଳିଦେଇ ଛୋଟ ଗୋଟିଏ ଶିଶୁପରି ନାଚି ଉଠିଲେ ବାବା— "ବାଃ ବାଃ ହୋମ ଯଜ୍ଞରେ ମୋ ତାରା ମା'ର ରୂପ କିପରି ଝଲ୍‌ମଲ୍ କରୁଛି ।

ଲୁଗା ପୋଡ଼ାର ଗନ୍ଧ ପାଇ ଆଖପାଖରୁ ଛୁଟି ଆସିଲେ ଭକ୍ତବୃନ୍ଦ । ବାବାଙ୍କର ଏ ଅଦ୍ଭୁତ କାଣ୍ଡ ଦେଖି ସମସ୍ତେ ଆବାକ୍ । ଭରସି କରି କେହି କିଛି କହିପାରୁନଥାନ୍ତି । ଏତିକିବେଳେ ନଗେନ୍ଦ୍ରନାଥ ପଣ୍ଡା ସେଠାରେ ପହଞ୍ଚି ପଚାରିଲେ"ଏ ପୁଣି କି କାଣ୍ଡ ବାବା !"

ତାରମା'ର ହୋମ କରୁଛି ଲଗେନ୍ କକା ।

"ଛି ଛି, ଏହି ସବୁ ମୂଲ୍ୟବାନ ଧୋତି, ପଶମୀ ଶାଲ-ଆଲୋୟାନ ଏହିପରି ଭବରେ ଜାଳି ପୋଡ଼ି ନଷ୍ଟ କରନ୍ତି ?"

"କିଛି ନଷ୍ଟ ହୋଇନି ଲଗେନ କକା ! ସକାଳୁ ସକାଳୁ ବେଟୀ କହିଲା କ୍ଷେପାରେ, ଟିକେ ଯଜ୍ଞ କରନ୍ତୁନି ! ଏହି ଦେଖନା କକା ! ରାକ୍ଷସୀ ତାରବେଟୀ କେମିତି ଏତେବଡ ଜିଭ କାଢି ଲହ-ଲହ କରୁଛି ।"

ପାଗଳା ପୁଅର ପାଗଳାମୀ ଦେଖି ଭକ୍ତମାନେ ମର୍ମାହତ ହୋଇ ଫେରିଗଲେ । କ୍ଷେପାବାବାଙ୍କର ଆନନ୍ଦ କିନ୍ତୁ କହିଲେ ନ ସରେ । ଅଗ୍ନିଶିଖା ଯେତେ, ଯେତେ ଉର୍ଦ୍ଧ୍ବକୁ ଉଠିବାକୁ ଲାଗିଲା ବାବା ସେତେ ସେତେ ଆନନ୍ଦିତ ହୋଇ ଗାଇବାକୁ ଲାଗିଲେ :-

ଜୟ ମା' ତାରା ଆଦ୍ୟାଶକ୍ତି
ଜୟ ମା ତାରା ତୋହରି ଜଏ ।
ତୋଠାରୁ ଉତ୍ପତ୍ତି
ତୋହଠାରେ ସ୍ଥିତି
ତୋହଠାରେ ପୁଣି ହୁଏ ସବୁ ଲଏ ।।
ଜଳବିନ୍ଦୁ ଯଥା ଜଳରୁ ଉଠିଣ
କ୍ଷଣ କାଳ ପାଇଁ ଆକାଶେ ଭାସିଣ
ଭୋଗ ଅବସାନେ, ଶକ୍ତି ବିହିନେ
ପୁଣି ସେହି ଜଳେ ମିଶିଣ ଯାଏ ।।

ମାଆଗୋ ତୋହରି ଅଣୁ ଶକ୍ତିବଳେ
ଜୀବ ଆସିଭବେ କେତେ ଖେଳ ଖେଳେ
ସେ ଶକ୍ତିର ଯେବେ ହୁଅଇ କ୍ଷୟ
ମଣିଷ ତାହାକୁ ମରଣ କହେ ।।

ଆଦ୍ୟଶକ୍ତି ତୋର ମହିମା ଅପାର
କିଞ୍ଚିତ ମାତର ଜାଣନ୍ତି ଶଙ୍କର
କେବେଶିରେ ଧରି ହୁନ୍ତି ଗଙ୍ଗାଧର
ପୁଣି କେବେ ପାଦେ ଶବ ପଗଏ ।।

ଜ୍ଞାନାନନ୍ଦ ରୂପେ ଏ ଘଟେ ଆସିଣ
ଜ୍ଞାନେ ବା ଅଜ୍ଞାନେ ଅଜପା ଜପିଣ
ହଂସ ମନ୍ତ୍ର ଶେଷେ ଦେଇ ଓଲଟାଇଣ
ସୋହଂ ହୋଇ ଯେହ୍ନେ ତୋଠି ମିଶିଯାଏ ।।

ଜୀବର ହୃଦୟ ମଧ୍ୟରେ ଦ୍ୱାଦଶଦଳ ବିଶିଷ୍ଟ ଅନାହତ ପଦ୍ମ ଅବସ୍ଥିତ । ଏହାର ପ୍ରତ୍ୟେକ ଦଳରେ ଆଶା-ଚିନ୍ତା ମମତା-ଦମ୍ଭ-ବିକଳତା-ବିବେକ-ଅହଂକାର-ଲୋଲତା-ଚଞ୍ଚଳତା-କପଟତା-ବିତର୍କ ଓ ଅନୁତାପ-ଏହି ଦ୍ୱାଦଶଟି ବୃତ୍ତି ବିରାଜିତ । ଏହି ପଦ୍ମର କର୍ଣ୍ଣିକା ମଧ୍ୟରେ ଅରୁଣବର୍ଣ୍ଣ ଗୋଲକାର ସୂର୍ଯ୍ୟ ମଣ୍ଡଳ ଓ ଧୂମ୍ରବର୍ଣ୍ଣ ଷଟ୍ କୋଣବିଶିଷ୍ଟ ବାୟୁମଣ୍ଡଳ ଅବସ୍ଥିତ । ବାୟୁମଣ୍ଡଳ ମଧ୍ୟରେ ଏକ ପାର୍ଶ୍ୱରେ ବାୟୁବୀଜ ଅବସ୍ଥିତ ଓ ତନ୍ମଧ୍ୟରେ ଚତୁର୍ଭୁଜ ବାୟୁଦେବ କୃଷ୍ଣସାର ପୃଷ୍ଠ ଦେଶରେ ବିରାଜମାନ । ତାଙ୍କ କୋଳରେ ବିରଭୟ ଦାୟିନୀ ପୀତବର୍ଣ୍ଣା କାକିନୀ ଶକ୍ତି ବିରାଜିତା । ସିଏ ସର୍ବାଳଙ୍କାର ଭୂଷିତା, ତ୍ରିନେତ୍ରା ଓ ମୁଣ୍ଡମାଳା ବିଭୂଷିତା । ଅପର ପାର୍ଶ୍ୱରେ କାମକଳା ରୂପକ ତେଜୋମୟ ରକ୍ତବର୍ଣ୍ଣ ପୀଠରେ କୋଟି ବିଦ୍ୟୁତ୍ ସଦୃଶ ଭାସ୍ୱର ସ୍ୱର୍ଣ୍ଣବର୍ଣ୍ଣ ବାନଲିଙ୍ଗ ଶିବ ବିରାଜମାନ । ତାଙ୍କ ମସ୍ତକ ଦେଶରେ ଏକ ଶ୍ୱେତବର୍ଣ୍ଣ ବିଶିଷ୍ଟ ଅତି ସୂକ୍ଷ୍ମ ଜ୍ୟୋତିର୍ମୟ ମଣି ସୁଶୋଭିତ । ତନ୍ମଧ୍ୟରେ ନିର୍ବାତ ଦୀପକଳିକା ସଦୃଶ ହଂସବୀଜ ପ୍ରତିପାଦ୍ୟ ତେଜୋବିଶେଷ ବିରାଜିତ । ଏହାହିଁ ଜୀବର ଜୀବାତ୍ମା । ଏହି ଜୀବାତ୍ମା ଅହଂଭବକୁ ଆଶ୍ରୟ କରି ମାନବ ଦେହରେ ଅବସ୍ଥିତ । ସିଏ

ସର୍ବଦା ସୋହଂ ଜପ ନିରତ କିନ୍ତୁ ଆମର ଶ୍ୱାସ ପ୍ରଶ୍ୱାସରେ ହଂସ ଉଚ୍ଚାରିତ ହେଉଛି । 'ହ' ଶିବ ସ୍ୱରୂପ ଓ 'ସଃ' ଶକ୍ତି ସ୍ୱରୂପିଣୀ । ନିଶ୍ୱାସ ତ୍ୟାଗ କରି ଆଉ ନେଇ ନ ପାରିଲେ ଜୀବର ମୃତ୍ୟୁ ହୋଇଥାଏ ତେଣୁ 'ହ' ଶବରୂପି ଶିବ ବା ମୃତ୍ୟୁ । ଏହି 'ହଂସ' ହିଁ ଜୀବର ଜୀବାତ୍ମା ସ୍ୱରୂପ । ଅହଂବଶରେ ଏହାହିଁ ସକଳ ସୁଖ-ଦୁଃଖ, ଆନନ୍ଦ-ନିରାନନ୍ଦ, ରୋଗ-ଶୋକ ଭୋଗ କରିଥାଏ ।

"ହଂସ" ଶବ୍ଦ ଅଜପା ଗାୟତ୍ରୀ । ଜୀବ ଅହୋରାତ୍ର ୨୧,୬୦୦ଥର ଏହି ଅଜପା ଗାୟତ୍ରୀ ଜପକରେ । ଏହାହିଁ ଜୀବର ସ୍ୱାଭାବିକ୍ ଜପ-ସାଧନା । "ସୋହଂ" ଅର୍ଥ ମୁହିଁ ସେହି । ମୁଁ ଯେ ସେହି 'ସଚ୍ଚୀଦାନନ୍ଦ ପରମେଶ୍ୱର ଏହି ତତ୍ତ୍ୱ ସମ୍ୟକ ଭାବେ ଅବଗତ ହୋଇ ପାରିଲେ ଆଉ କୌଣସି ବାହ୍ୟ ସାଧନାର ପ୍ରୟୋଜନ ହୁଏନା ।

"ସୋହଂ" ଶବ୍ଦରୁ ସ ଓ ହ ଲୋପ ହେଲେ ରହେ କେବଳ ଓଁକାର । ଏହି ବର୍ଣ୍ଣ ବ୍ରହ୍ମରୂପ ଓଁକାର ଭ୍ରୂଲତା ମଧ୍ୟରେ ଦ୍ୱିଦଳ ବିଶିଷ୍ଟ ଶ୍ୱେତବର୍ଣ୍ଣ ପଦ୍ମ ସ୍ଥିତ ଆଜ୍ଞାଚକ୍ରରେ ବିରାଜିତ । ଏହାର ଉର୍ଦ୍ଧ୍ୱରେ ନିରାଲମ୍ବ ପୁରୀ ଅବସ୍ଥିତ । ଏହିଠାରେହିଁ ଶୁଷୁମ୍ନା ନାଡ଼ିର ଶେଷ ଓ ଶଙ୍ଖିନୀ ନାଡ଼ିର ଆରମ୍ଭ । ଏହି ସ୍ଥାନହିଁ ତେଜୋମୟ ତାରକବ୍ରହ୍ମ ସ୍ଥାନ । ବେଦ ପ୍ରତି-ପାଦ୍ୟ ବ୍ରହ୍ମ ସ୍ୱରୂପହିଁ ଏହି ଓଁକାର ଏବଂ ଶିବ-ଶକ୍ତି ଯୋଗରେ ଏହା ପ୍ରଣବରୂପ । ଶିବଶବ୍ଦ ହ-କାର, ତାହାର ଆକାର ଗଜକୁମ୍ଭ ପରି ଅର୍ଥାତ 'ଓ' କାର ରୂପକ ପର୍ଯ୍ୟଙ୍କରେ ନାଦରୂପିଣୀ ଦେବୀ ଓ ତଦୁପରି ବିନ୍ଦୁରୂପକ ପରମଶିବ ବିଦ୍ୟମାନ । ସୁତରାଂ ଶିବ-ଶକ୍ତି ବା ପ୍ରକୃତି-ପୁରୁଷର ସମାବେଶହିଁ ଓଁକାର । ଓଁକାରର ସ୍ଥୂଳ ବିକାଶ ତନ୍ତ୍ରବର୍ଣ୍ଣିତା ରାଜରାଜେଶ୍ୱରୀ ରୂପିଣୀ ମହାବିଦ୍ୟା । ଓଁକାରର ତିନୋଟି ରୂପ ଯଥା—ଶ୍ୱେତ, ପୀତ ଓ ଲୋହିତ । ପୁଣି ଅ, ଉ ଓ ମ ମିଶି ଓଁକାର । 'ଅ' ମାନେ ବ୍ରହ୍ମା, 'ଉ'ମାନେ ବିଷ୍ଣୁ ଓ 'ମ' ମାନେ ମହେଶ୍ୱର । ସୁତରାଂ ଏହି ପ୍ରଣବ ଓଁକାରହିଁ ଦେବତ୍ରୟ ବ୍ରହ୍ମା-ବିଷ୍ଣୁ ଓ ମହେଶ୍ୱର, ଗୁରୁହିଁ ତାଙ୍କର ସ୍ୱରୂପ । ପୁଣି ଶକ୍ତିତ୍ରୟ ଯଥା ଇଚ୍ଛା-କ୍ରିୟା ଓ ଜ୍ଞାନ ଏବଂ ଗୁଣତ୍ରୟ ଯଥା ସତ୍ତ୍ୱ,

ରଜ ଓ ତମ ମଧ୍ୟ ଏହାର ପ୍ରତୀକ । ଶାସ୍ତ୍ର ଏହାକୁ ହିଁ କହେ "ତ୍ରୟୀ ଧର୍ମ ସର୍ବଫଳପ୍ରଦ ।"

ଏହିପରି ତାରା ମା'ର ହୋମ ଯଜ୍ଞ ଶେଷ କରି ଭୈରବ ଜୀବନ୍ତ କୁଣ୍ଡକୁ ଓହ୍ଲାଇ ସ୍ନାନ କରିବାକୁ ଲାଗିଲେ । "କାଳୀ ତାରା" ବୋଲି କହି କେତେ ଯେ ବୁଡ଼ ପକେଇଲେ ତା'ର ସଂଖ୍ୟା ନାହିଁ । ପ୍ରାୟ ମଧ୍ୟାହ୍ନ ବେଳାକୁ କୁଣ୍ଡରୁ ଉଠି ଶ୍ମଶାନ ମଧ୍ୟରେ ପ୍ରବେଶ କରି ଏକ ଜଙ୍ଗଲକୀର୍ଣ୍ଣ ସ୍ଥାନରେ ଆସନ କରି ବସି ରହିଲେ । କିଛି ସମୟ ଉତ୍ତାରୁ ଭକ୍ତମାନେ ବାବାଙ୍କୁ ଖୋଜି-ଖୋଜି ଆସି ଦେଖିଲେ ବେଳକୁ ବାବା ସମାଧିସ୍ଥ । ବିରାଟ ଏକ ବିଷଧର ସର୍ପ ବାବାଙ୍କର ସର୍ବାଙ୍ଗରେ ଗୁଡେଇ ହୋଇ କଣ୍ଠ ଦେଶରେ ଫଣା ଟେକି ରହିଛି । ଆହା କି ସେ ଦୃଶ୍ୟ । ସତେ ଯେପରି ସାକ୍ଷାତ୍ ଯୋଗେଶ୍ୱର ସଦାଶିବ–ଯୋଗାସୀନ । ଭକ୍ତମାନଙ୍କ ଆଗମନରେ ସର୍ପ ଚାଲିଗଲା । ଧ୍ୟାନ ଭଙ୍ଗ ହୁଅନ୍ତେ ଭକ୍ତମାନେ ସର୍ପ ବିଷୟରେ ପଚାରନ୍ତେ ବାବା କହିଲେ "ଭୟ କ'ଣ ବାବା ଆମେ ହିଂସା ନ କଲେ ପର୍ଯ୍ୟନ୍ତ ସେମାନେ ବି ଆମକୁ ହିଂସା କରନ୍ତିନି ।"

ସତକୁ ସତ ବାମଦେବ ଥିଲେ ଶ୍ମଶାନଚାରୀ ଦିଗମ୍ବର ସାକ୍ଷାତ୍ ଶିବ ସ୍ୱରୂପ । ଭସ୍ମଥିଲା ତାଙ୍କ ଅଙ୍ଗର ଭୂଷଣ, ଦିଗ ସକଳ ବସନ, ଅହି ସକଳ ଦେହ ରକ୍ଷକ, ଶ୍ୱାନ ଓ ଶିବା ଦଳ ଅନୁଚର ବର୍ଗ ଓ ସ୍ୱୟଂ ବ୍ରହ୍ମାଣ୍ଡ ଭାଣ୍ଡୋଦରୀ ସର୍ବଶକ୍ତିମୟୀ ଆଦ୍ୟାଶକ୍ତି ଦେବୀ ତାରିଣୀହିଁ ଘରଣୀ । ତେଣୁ ବୋଧହୁଏ ସେ ସବୁବେଳେ କହୁଥିଲେ "ତାରମା' ଆମର ଆଶ୍ଚର୍ଯ୍ୟ ଭୈରବୀ ।"

*

ଏକାଗ୍ରନଶା

ଦୈବ ବିଡମ୍ବନାରୁ ମଣିଷର ଯେତେବେଳେ ନିଜ ଉପରୁ ସମସ୍ତ ଭରସା ତୁଟିଯାଏ ସେତେବେଳେ ସେ ଶୋକ-ତାପ ଜର୍ଜରିତ ହୋଇ ଟିକିଏ ଶାନ୍ତି ପାଇବା ଆଶାରେ ଘୂରିବୁଲେ ଜଗତସାରା ଓ ଖୋଜିବୁଲେ ସାଧୁସଙ୍ଗ । ଆଉ ଯେଉଁମାନେ ସର୍ବତ୍ୟାଗୀ, ନିଃସ୍ୱାର୍ଥପର ଭଗବତ-ପ୍ରେମୀ ସାଧୁ-ସନ୍ଥ-ସନ୍ନ୍ୟାସୀ ମହାପୁରୁଷ ସେହିମାନେହିଁ କେବଳ ସକ୍ଷମ ହୁଅନ୍ତି ଶୋକସନ୍ତପ୍ତମୟ-ନୀରସ ମର୍ତ୍ତ୍ୟରେ ଶାନ୍ତିବାରି ସିଞ୍ଚନ କରିବାକୁ । ନିଜ ସୃଷ୍ଟିର ତ୍ରିତାପ-କ୍ଳିଷ୍ଟ ଜୀବମାନଙ୍କୁ ସାନ୍ତ୍ୱନା ଦେବାପାଇଁ, ପଥ ଦେଖାଇ ଦେବାପାଇଁ ଏହି ମାନେହିଁ ଭଗବତ-ପ୍ରେରିତ ଦେବଦୂତ ସଦୃଶ । ରେଗ-ଶୋକ ଦୁଃଖ-କଷ୍ଟ ଜରା-ମରଣ ଜର୍ଜରିତ ସଂସାରୀ ଜୀବ ଯଦି ଦଣ୍ଡେ ନିମିଷେ ବି ସାଧୁସଙ୍ଗ କରେ ତେବେ ସେ ସେହି ମରଣ ଭିତରେ ହିଁ ପାଏ ଅମୃତର ସନ୍ଧାନ—ଅନ୍ଧକାର ଭିତରେ ଦେଖେ ଆଲୋକ ବର୍ତ୍ତିକା । ଏଇଥିପାଇଁନା ଶ୍ରୀମଦ ଭଗବତ କୁହନ୍ତି—

ଏ ଜୀବ ସାଧୁସଙ୍ଗ ବିନୁ ।
ଲଭି ନପାରେ ମୋର ତନୁ ।।
ସାଧୁଙ୍କ ସଙ୍ଗ କର ନିତି ।
ଲଭିବ ବିମଳ ଭକତି ।।

ଦଣ୍ଡେ, ନିମିଷେ, କ୍ଷଣେ, ଲେଶେ ।
ଯେବେ ସେ ସାଧୁପାଶେ ବସେ ।।
ଖଣ୍ଡଇ ଅଶେଷ ଦୁରିତ ।
ନିର୍ମଳ ହୋଏ ତାର ଚିତ୍ତ ।।

ଆଦି ଅନ୍ତବିହୀନ ଏହି ଅପାର ଭବସାଗର ପାରି ହେବାପାଇଁ ସାଧୁସଙ୍ଗହିଁ ସେତୁ ସ୍ୱରୂପ ।

ନିମିଷେ ସଜ୍ଜନ ସଙ୍ଗତି ରେକା ।
ଭବତି ଭବାର୍ଣ୍ଣବ ତରଣେ ନୌକା ॥

କିନ୍ତୁ ଆମେ ଅଧମ ସଂସାରୀ ଜୀବ ସାଧୁସନ୍ଥ ମାନଙ୍କ ପାଖକୁ ଯାଉ କ'ଣ ପାଇଁ ? ବଣ ଜଙ୍ଗଲକୁ ଯାଇ ସାଧୁସଙ୍ଗ କରିବାତ ଦୂରର କଥା ଦୁଆରକୁ କୌଣସିସଜ୍ଜନ ଆସିଲେବି ଆମର ଦୁଇ ମିନିଟ କଥା ହେବାକୁ ବେଳ ନଥାଏ । ଖାଲି କାମ ଆଉ କାମ । ଖାଲି ସ୍ୱାର୍ଥ ଆଉ ଅର୍ଥ ଚିନ୍ତା । ଏହାରି ଭିତରେ କିନ୍ତୁ ଯଦିବା ଟିକିଏ କାହାର ଅଲୌକିକ ବିଭୂତି କଥା କାନରେ ବାଜିଲା– ତାହାହେଲେ ପିମ୍ପୁଡ଼ି ଧାରପରି ଆମେ ଧାଡ଼ିବାନ୍ଧୁ ତାଙ୍କ ପାଖକୁ;ଉଦ୍ଦେଶ୍ୟ–ମୋର ରୋଗ ଭଲ କରିଦିଅ; ମୋର ବ୍ୟବ୍ୟସାୟରେ ଉନ୍ନତି ହେଉ ଇତ୍ୟାଦି ଇତ୍ୟାଦି । ହାୟରେ ହତଭାଗା ଜୀବ ! ଆଖି ଥାଇ ମଧ୍ୟ ତୁ ଅନ୍ଧ !

ପରମ ଭଗବତ ଆମ କ୍ଷେପାଠାକୁରଙ୍କ ବିଭୂତି ଯେତେବେଳେ ଅଜ୍ଞାତ ସାରରେ ପ୍ରକାଶ ହେବାକୁ ଲାଗିଲା ସେତେବେଳେ ଦେଶ, ଦେଶାନ୍ତରରୁ ନାନା ଉଦ୍ଦେଶ୍ୟ ନେଇ ଦଳଦଳ ହୋଇ ଲୋକ ଧାଡ଼ି ବାନ୍ଧିଲେ ସୁଦୂର ପଲ୍ଲୀ ତାରପୁରକୁ । ଅନ୍ତର୍ଯାମୀ ମହାପୁରୁଷ କିନ୍ତୁ ସମସ୍ତଙ୍କ ଅନ୍ତରର ଭାବ ଜାଣନ୍ତି ଓ ସେହି ପ୍ରକାର ବ୍ୟବସ୍ଥା କରନ୍ତି ।

ଯାହାର ଯେମନ୍ତ ଭାବ ।
ତାହାର ତେମନ୍ତ ଲାଭ ॥

ସେ ଦିନ ଶିମୁଳି ତଳେ ପଞ୍ଚମୁଣ୍ଡି ଆସନରେ ବସି ଉପଦେଶ ଦେଉଥାନ୍ତି ପଦ୍ମ ପଳାଶ ଲୋଚନ ମହା ଭୈରବ । ଆଖପାଖରେ କେତେ ଜଣ ଅନ୍ତରଙ୍ଗ ଶିଷ୍ୟ ଭକ୍ତ ଓ ବହିରଗତ ଫକିର ବସି ଶୁଣୁଥାନ୍ତି ଅମୃତ-ରସାୟନ । ବେଳ ସେତେବେଳକୁ ପ୍ରାୟ ଘରିଟା । ହଠାତ୍ ଉପଦେଶ ମଝିରେ ବାବା କହି ଉଠିଲେ–"ଶଳା ବେଧୁଆମାନେ ଯେତେସବୁ ବାଜେ

ଜିନିଷ ନେଇ ଆସୁଛନ୍ତି ।” ବାବାଙ୍କ କଥାଶୁଣି ସମସ୍ତେ ତାଙ୍କ ମୁଖକୁ ଅନାଇ ରହିଲେ; ପ୍ରକୃତ ରହସ୍ୟ କିନ୍ତୁ କେହି ଭେଦ କରି ପାରିଲେନି ।

କିଛି ସମୟ ପରେ ଦୁଇ ଜଣ ନବ୍ୟ ସଭ୍ୟ ଯୁବକ ଛଅ ବୋତଲ ବିଲତି ମଦ, ଏକହାଣ୍ଡି କଲିକତି ସନ୍ଦେଶ, ଗୋଟିଏ ବେହେଲା ଓ ହାରମୋନିୟମ ସାଙ୍ଗରେ ଧରି ସିଧା ଆସି ଶିମୁଳି ତଳେ ଉପସ୍ଥିତ ହେଲେ । ଆଗନ୍ତୁକମାନଙ୍କୁ ଦେଖି ଉପସ୍ଥିତ ଭକ୍ତମାନେ ପରସ୍ପରର ମୁଖକୁ ଅନାଇବାକୁ ଲାଗିଲେ । ତନ୍ମଧ୍ୟରୁ ଏକ ଯୁବକ ସନ୍ଦେଶ ହାଣ୍ଡିଟିର ମୁହଁ ଖୋଲି ଦେଇ ବାବାଙ୍କ ସାମନାରେ ରଖିଲା ଆଉ ଜଣେ ବିଲତି ମଦ ବୋତଲ ଗୁଡ଼ିକୁ ଏକ ପାଖରେ ଧାଡ଼ି କରି ସଜେଇ ଦେଲା । ଏତିକିବେଳେ କାଳୁ କୁକୁରଟି କେଉଁଠି ଥିଲା କେଜାଣି ଦଉଡ଼ି ଆସି ସନ୍ଦେଶ ହାଣ୍ଡିଟିକୁ ଟିକିଏ ଶୁଙ୍ଘିଦେଇ ମୁହଁ ବୁଲେଇ ଗ୍ଲାଲିଗଲା । ହଠାତ୍ ଯେପରି ବିନାମେଘରେ ବଜ୍ରପାତ ହୋଇ ଆକାଶ-ବତାଶ ଚମକି ଉଠେ, ଠିକ୍ ସେମିତି ଶାନ୍ତ ସରଳ ନିରିହ ବାଳକବତ୍ ପ୍ରଶାନ୍ତମୂର୍ତ୍ତି ତାରାପୀଠ ଭୈରବଙ୍କ ପଦ୍ମପଲାଶ ଲୋଚନ ଦ୍ୱୟ କ୍ରୋଧାଗ୍ନିରେ ଜଳି ଉଠିଲା । ଉପସ୍ଥିତ ସକଳେ ଭୀତ ହେଲେ ଭୈରବଙ୍କ ରୁଦ୍ରମୂର୍ତ୍ତି ଦର୍ଶନ କରି । ଆଗନ୍ତୁକ ଯୁବକଦ୍ୱୟ ତ ବିସ୍ମୟ ଆବାକ୍ । ତଳକୁ ମୁହଁ ପୋତି ଏକ ପାଖରେ ଚୁପ୍‌କରି ବସି ରହିଲେ । ବେଶୀକ୍ଷଣ କିନ୍ତୁ ବସିବା ମଧ୍ୟ ହେଲାନି । ଭୀମ ଭୈରବମୂର୍ତ୍ତି ମହାରୁଦ୍ର ଖଣ୍ଡିଏ ଦରପୋଡା କାଠ ଧରି ସନ୍ଦେଶ ହାଣ୍ଡି ଓ ମଦ ବୋତଲ ଗୁଡ଼ିକୁ ଭାଙ୍ଗି ଚୂର୍ ମାର୍ କରିଦେଲେ । ଛିନ୍-ଛତ୍ର ହୋଇ ପଡ଼ି ରହିଲା ସନ୍ଦେଶ ଓ କାଚଗୁଣ୍ଡ ଗୁଡ଼ିକ । ଯୁବକ ଦୁଇଟି ଭୟରେ ଥରି ଥରି ବେହେଲା ଓ ହାରମୋନିୟମ ନେଇ ତାରା ମା’ ମନ୍ଦିରକୁ ପଳେଇଲେ । ସେମାନେ କଲିକତାରୁ ଆସିଥାନ୍ତି ଉଦ୍ଦେଶ୍ୟ ଥାଏ କୌଣସି ମତେ ଭୈରବଙ୍କୁ ସନ୍ତୁଷ୍ଟ କରି କୌଣସି ଏକ ଲକି-ଡ୍ରରେ ପ୍ରଥମ ପୁରସ୍କାର ଲାଭ କରିବେ ।

ଏତେ ଅଘଟଣ ପରେବି ଲଟେରୀର ମୋହ ତୁଟିଲାନି । ଲୋଭ କ’ଣ ମଣିଷକୁ ସହଜରେ ଛାଡ଼େ । ପରସ୍ପର ଆଲୋଚନାରୁ ବାବାଙ୍କ ଉପରେ

ପୁଜକ ନଗେନ୍ଦ୍ର ନାଥ ପଣ୍ଡାଙ୍କ କର୍ତ୍ତୃତ୍ୱ ଥିବା ଶୁଣିପାରି ସେମାନେ ଯାଇ ଏହି ପଣ୍ଡା ଠାକୁରଙ୍କ ଦ୍ୱାରସ୍ଥ ହେଲେ । ସେମାନଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ନଗେନ୍ଦ୍ର ପଣ୍ଡା ଏକାକି ଆସିଲେ ତାଙ୍କୁ ବୋଧ-ଶୋଧ କରାଇବାକୁ ।

—"ଏ କ'ଣ ବାବା ! ବଢ଼ିଆ ବିଲାତି ବୋତଲ ଓ କଲିକତି ସନ୍ଦେଶ ଆପଣ ଏମିତି ଗାଡ଼ିରେ ଫୋପାଡ଼ି ନଷ୍ଟ କରି ଦେଲେ ?"

—"ସେ ସବୁ ବଦ୍ 'ଲଗେନ ଜକା । ବର୍ତ୍ତମାନ ମଧ୍ୟ ସେଥିରୁ ଦୁର୍ଗନ୍ଧ ବାହାରୁଛି ।"

—ସେ କି କଥା ? ଏତେ ଭଲ ଭଲ ଜିନିଷ ଏମିତି ଫୋପାଡ଼ି ନଷ୍ଟ ନ କରି ଦୁଃଖୀ ଗରୀବମାନଙ୍କୁ ବାଣ୍ଟି ଦେଇଥିଲେ ତ ସେମାନେ ପରମ ସନ୍ତୋଷରେ ଖାଇ ଥାଆନ୍ତେ ।"

—ନାଇଁ ଲଗେନ ଜକା । ଏସବୁ ଜିନିଷ ଏତେ ବଦ୍ ଯେ, କାଲୁ କୁକୁର ମଧ୍ୟ ତାକୁ ଛୁଇଁଲାନି । ତାର ମା' ମୋତେ କହିଲା— "ଖେପାରେ ଏସବୁ ଛୁଁନା, ନଷ୍ଟ କରିଦେ ।"

ସର୍ବଶକ୍ତିମାନ ମହାପୁରୁଷଙ୍କର ଜଣେ ନଗଣ୍ୟ ଭକ୍ତ ସହିତ ଏପ୍ରକାର କଥାବାର୍ତ୍ତା ଶୁଣି କିନ୍ତୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ ସେଦିନ । ସତେ ଯେମିତି ଗୋଟିଏ ପାଞ୍ଚ ବର୍ଷର ଶିଶୁ ତାର ମା'କୁ କୃତକର୍ମର ଯୁକ୍ତିଯୁକ୍ତତା ବୁଝେଇ ଦେଉଛି । ଧନ୍ୟ ମହାପୁରୁଷ ! ଧନ୍ୟ ତୁମର ଲୀଳା ! !

କିଛିକ୍ଷଣ ନିରବରହି ନଗେନ୍ଦ୍ର ପଣ୍ଡା ପୁଣି କହିଲେ—"ଏମାନେ ସବୁ ଆପଣଙ୍କର ଭକ୍ତ । ଆପଣଙ୍କୁ ତାର ମାର ନାମ ଶୁଣାଇବାକୁ ଏତେ ଦୂର ପଥରୁ ବେହେଲା-ହାରମୋନିୟମ ଆଦି ନେଇ ଆସିଛନ୍ତି । ଖୁବ୍ ବଢ଼ିଆ ଭଜନ ଗାଇ ପାରନ୍ତି ।" ତାର ମା'ର ନାମ ଗାଇବା କଥା ଶୁଣି ଛୋଟ ଗୋଟିଏ ଶିଶୁ ପରି କହି ଉଠିଲେ ବାବା— "ମା'ର ନାମ କରି ପାରନ୍ତି ? ଆଚ୍ଛା

ତା'ହେଲେ ତାଙ୍କୁ .ଡାକତ ଲଗେନ୍ କକା ।" ମା'ର ନାମ ଶୁଣିବାକୁ ଉଭଳା ହେଲ ପାଗେଳା ପୁଅର ମନ ।

ଏହାହିଁ ଉପଯୁକ୍ତ ସୁଯୋଗ ଭବି, ନଗେନ୍ଦ୍ର ପଣ୍ଡା ମନ୍ଦିରକୁ ଯାଇ ଯୁବକ ଦୁଇଟିଙ୍କୁ ପଠେଇଦେଲେ । ସେମାନେ ବାଦ୍ୟଯନ୍ତ୍ରଧରି ବାବାଙ୍କ ସାମ୍ନାରେ ବସି ଗାନ ଧରିଲେ–

ଯଦି ପଗଣେ ନ ଜାଗେ ଆକୁଳ ପିଆସା
ଆଖିରେ ମୋ ଦେଖା ଦିଅନା,
ଭଲ ପାଇ ଯଦି ଦୁଃଖ ପାଅ ସଖା
ପାଦେ ପଡେ ଭଲ ପାଅନା ।।"

ଗୀତ ଶୁଣି ବାବା ମଧ୍ୟ ସେମାନଙ୍କ ସୁରରେ ସୁର ମିଶାଇ ଗାଇବାକୁ ଲଗିଲେ । କିନ୍ତୁ କି ଆଶ୍ଚର୍ଯ୍ୟ ! ଯେତେବେନେ ସେମାନେ "ପାଦେ ପଡେ ଭଲ ପାଅନା" ଏହି କଳିଟି ଗାଇବାକୁ ଲଗିଲେ ବାବା ସେତେବେଳେ ଯୁବକ ଦୁଇଟିଙ୍କ ଆଡକୁ ଆଙ୍ଗୁଳି ଦେଖାଇ ଗାଇ ଉଠିଲେ "ତମେ ଶଳେ ମୋତେ ଜଳାଅନା 'ତମେଶଳେ ମୋତେ ଜଳାଅନା, ଲଟେରୀରେ ଟଙ୍କା ପାଇବନା ।"

ବାବାଙ୍କ ଗୀତ ଶୁଣି ସମସ୍ତେ ଅବାକ୍ । ଯୁବକ ଦୁଇଟି ଆଉ ଗାଇବାକୁ ସାହସ କଲେନି–ସେହି ମୁହୂର୍ତ୍ତରେ ହିଁ ବେହେଲ–ହାରମୋନିୟମ ଧରି ତାରପୀଠ ତ୍ୟାଗ କରି କଲିକତା ଫେରି ଯିବାକୁ ବାଧ୍ୟ ହେଲେ କେବଳ ପଥଶ୍ରାନ୍ତି ଓ ଅର୍ଥହାନି ହିଁ ସାର୍ ହେଲ ।

ଠିକ୍ ସେମିତି ଆମେ ଯେତେସବୁ ଅଳିକ–ବୈଷୟିକ କାମନା ନେଇ ମହାପୁରୁଷଙ୍କ ପାଖକୁ ଯାଇ ସମୟ ଓ ସାମର୍ଥ୍ୟର ଅପଚୟ କରୁସିନା ।

ସେମାନେ କିନ୍ତୁ ? "ବୁଧୋ ଜଡୋବଦାଚରେତ୍ ।"

ବାବା ମଧ୍ୟ କିଛିକ୍ଷଣ ପରେ ଭୂମିକୁ ଲକ୍ଷ୍ୟକରି ଅର୍ଦ୍ଧନିମୀଳିତ ନୟନରେ ଜଡପରି ବସିରହିଲେ ।

ଆଉ ଦିନେ ଜଣେ ଧନୀ ବ୍ୟକ୍ତି ବାବାଙ୍କୁ ଉପହାର ଦେବା ନିମନ୍ତେ ବହୁ ମୂଲ୍ୟବାନ ଅଳଙ୍କାର ଓ ଥଳିଏ ଟଙ୍କା ନେଇ ତାଙ୍କ ନିକଟରେ ଉପସ୍ଥିତ ହେଲେ । ବାବା କିନ୍ତୁ ମୃଦୁ ହସି ଅଳଙ୍କାର ଓ ଟଙ୍କା ଥଳିକୁ ଦୂରକୁ ଠେଲି ଦେଇ ହାଡ ଖଣ୍ଡିଏ ଓ ମୁଠାଏ ଶ୍ମଶାନ ମାଟି ଦେଖାଇ କହି ଉଠିଲେ "ଏହି ଦେଖବାବା ମୋର ତାରମା' ଦିଆ ଅଳଙ୍କାର; ଏସବୁ ମୋର କ'ଣ ହେବ । ବରଂ ତମେ ଏସବୁ ନେଇ ଯାଅ । ଦରକାରରେ ଆସିବ ।"

ଲୋକଟି ଭୟ ଓ ଲଜ୍ଜାରେ ପ୍ରଣାମ କରି ଟଙ୍କା ଥଳି ଓ ଅଳଙ୍କାର ଧରି ନିରବରେ ଫେରି ଯାଇଥିଲେ । ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଅଧିଶ୍ୱରୀ, ସର୍ବ ଐଶ୍ୱର୍ଯ୍ୟମୟୀ, ଗଜ-ଗଜେଶ୍ୱରୀ ତାରିଣୀ ଦେବୀଙ୍କର ଯେ ଅଲୀଅଳ ଦୁଲାଳ ତାର ପୁଣି କେଉଁ ଐଶ୍ୱର୍ଯ୍ୟର ଅଭାବ ।

*

ପୂର୍ଣ୍ଣାନନ୍ଦ

୧୮୯୩ ସାଲର ଏକ ଶାନ୍ତ ସକାଳ । ତ୍ରୀତାପକ୍ଳିଷ୍ଟ ଅନ୍ତରରେ ତୀବ୍ର ବୈରାଗ୍ୟ ନେଇ ତାରାପୀଠ ଭୈରବଙ୍କ ଚରଣପ୍ରାନ୍ତରେ ଆସି ଉପସ୍ଥିତ ହେଲେ ବାଙ୍କୁଡ଼ା କୁଁଚକୋଳ ଉଚ୍ଚ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବନ୍ଦୋପାଧ୍ୟାୟ । କୃପାମୟଙ୍କର କି କୃପା । ଭକ୍ତଟିକୁ ଦେଖି ଦେଖିହିଁ ପ୍ରଦାନ କଲେ ଶ୍ରେଷ୍ଠ ତାରାବିଦ୍ୟା । ଗୁରୁଦେବଙ୍କ ନିକଟରେ ଅବସ୍ଥାନ କରି ଶିଷ୍ୟ ଦିନକୁ ଦିନ ସାଧନାର କଷ୍ଟସାଧ୍ୟ ସୋପାନଗୁଡ଼ିକ ଅତିକ୍ରମ କରିବାକୁ ଲାଗିଲେ ଅନାୟସରେ । କିଛିକାଳ ଉତ୍ତାରେ ଶିଷ୍ୟଟିର ଉତ୍ତମ କ୍ରିୟାକଳାପ ତଥା ଗୁରୁଭକ୍ତିରେ ସନ୍ତୁଷ୍ଟ ହୋଇ ମହାତାନ୍ତ୍ରୀକ କ୍ଷେପାଠାକୁର ତାଙ୍କୁ ପୂର୍ଣ୍ଣାଭିଷିକ୍ତ କରି ଦେଇ ନେପାଳ ଯାଇ ପଶୁପତି ନାଥଙ୍କ ନିକଟରେ ସାଧନା କରିବାକୁ ଉପଦେଶ ଦେଲେ । ଶ୍ରୀଗୁରୁଙ୍କ ଅପାର କରୁଣାରୁ ସାଧକ ଅଳ୍ପ କେତେ ବର୍ଷର କଠୋର ସାଧନାରେ ସିଦ୍ଧିଲାଭ କରି ବ୍ରହ୍ମାନନ୍ଦ ରସାପ୍ଳୁତ ହୋଇ ଯଦୃଚ୍ଛାକ୍ରମେ ବିଚରଣ କରିବାକୁ ଲାଗିଲେ । ୧୯୨୧ ମସିହା ଭାଦ୍ରମାସରେ ଶ୍ରୀଗୁରୁଦେବଙ୍କ ଲୀଳାସ୍ଥାନ ଦର୍ଶନ କରିବା ନିମନ୍ତେ ସିଏ ତାରାପୀଠକୁ ଫେରିଆସି ଅଳ୍ପ କିଛିଦିନ ଏଠାରେ ଅବସ୍ଥାନ କଲାପରେ ଗ୍ରହଣୀ ରୋଗରେ ପିଡୀତ ହୋଇ ସଜ୍ଞାନରେ ଦେହ ତ୍ୟାଗ କରି ଗୁରୁଦେବଙ୍କର ଅଭୟ ପଦାରବିନ୍ଦରେ ଲୀନ ହୋଇ ଯାଇଥିଲେ । ଭୈରବଙ୍କ ସମାଧି ନିକଟରେ ତାଙ୍କ ସମାଧି ବିଦ୍ୟମାନ । ବାବାଙ୍କର ଏହି ସନ୍ନ୍ୟାସୀ ଶିଷ୍ୟଟି ସାଧାରଣରେ ପୂର୍ଣ୍ଣକ୍ଷେପା ନାମରେ ପରିଚିତ ।

× × ×

ସେଦିନ ଶୀତଳଚନ୍ଦ୍ର ଘୋଷ ନାମକ ଏକ ପୋଲିସ କର୍ମଚାରୀ ଏକ ବୋତଲ ଦେଶୀ ମଦ ଉପହାର ନେଇ ଭୈରବଙ୍କ ଶ୍ରୀଚରଣରେ ଉପସ୍ଥିତ ହେଲେ । ବଳିଷ୍ଠ ଦୀର୍ଘକାୟ ଚେହେରା, ହୃଷ୍ଟପୁଷ୍ଟ ଅଙ୍ଗାବୟବ ।

ଜୀବନରେ ଅନେକ ଚୋର-ଡକାୟତ ଧରିଛନ୍ତି; ଅନେକ ଦୁଃସାହସିକ କର୍ମ କରିଛନ୍ତି କିନ୍ତୁ ଶାନ୍ତି କାହିଁ ? ଟିକିଏ ଶାନ୍ତି ଲାଭ ଆଶାରେ ବୋଧହୁଏ ସେ ଆଜି ଛୁଟି ଆସିଛନ୍ତି ଶାନ୍ତିମୟଙ୍କ କୋଳକୁ । ବୋତଲଟି ସାମ୍ନାରେ ରଖି-ଶ୍ରୀପଦଯୁଗଳ ସ୍ପର୍ଶ ପୂର୍ବକ ପ୍ରଣାମ କଲେ ଭକ୍ତ । କିନ୍ତୁ ଏକି ଅଘଟଣ ? କ୍ଷିପ୍ତ ଭୈରବ ବୋତଲଟି ତଳୁ ଉଠେଇ ସଜୋରେ ତାଙ୍କ ଶିର ଉପରେ ପ୍ରହାର କଲେ । ମଥା ଫାଟିଯାଇ– ଧାର ଧାର ହୋଇ ରକ୍ତ ବୋହିବାକୁ ଲାଗିଲା । ଭକ୍ତ କିନ୍ତୁ ସ୍ଥିର ନିଶ୍ଚଳ ! କ୍ରୋଧ ନାହିଁ, ଅଭିମାନ ନାହିଁ କି ଅନୁଶୋଚନା ନାହିଁ । ଏତେ ପ୍ରତାପୀ ପୋଲିସ କର୍ମଚାରୀ ହେଲେବି ଛୋଟ ଗୋଟିଏ ମେଷ ଶାବକ ପରି ଭଗବାନ ଭୈରବଙ୍କ ଏହି ଦାନ ହସି-ହସି ମୁଣ୍ଡ ପାତି ସହ୍ୟକରି ନେଲେ । କଥାରେ କହନ୍ତିନି;

ସଦ୍‌ଗୁରୁ ମାରିଲେ ଗୋଇଠା ।
ଅନ୍ଧାର ଘରେ ବି ଜଳେ ବଇଠା ।।

ଭକ୍ତଟିର ସହ୍ୟଶକ୍ତି, ଧୈର୍ଯ୍ୟ ଓ ଆଗ୍ରହ ଦେଖି ବୁକୁ ଉପରକୁ ଟେକି ନେଲେ ଭକ୍ତବତ୍ସଳ । "ତୁଇ ଶଳାତ ମୋତେ ଜିତିଗଲୁ" ବୋଲି କହି ଶ୍ରେଷ୍ଠ ତାର ବିଦ୍ୟା ପ୍ରଦାନ ପୂର୍ବକ ତାଙ୍କର ସମସ୍ତ ଐହିକ ଓ ପାରତ୍ରିକ ଭାର ହସି-ହସି ଗ୍ରହଣ କରିନେଲେ ।

X X X

ତା'ର କିଛିଦିନ ପରର କଥା । ସମୟ ବୋଧହୁଏ ଅପରାହ୍ନ । ମା'ର ପ୍ରସାଦ ସେବାକରି ସାରି ପଞ୍ଚମୁଣ୍ଡି ଆସନରେ ବସି ନାମାମୃତ ପାନ କରୁଥାନ୍ତି ଅମୃତ-ପୁରୁଷ କ୍ଷେପାବାବା । ଏତିକିବେଳେ ବୃହତ ଶ୍ମଶ୍ରୁଯୁକ୍ତ ଏକ ବିରାଟ ଧନୀବ୍ୟକ୍ତି ବାବାଙ୍କ ଦର୍ଶନ ନିମନ୍ତେ ଉପସ୍ଥିତ ହେଲେ ତାରାପୀଠରେ । ସଙ୍ଗରେ ଥାଏ ଜଣେ ଅଙ୍ଗରକ୍ଷୀ ପାଇକ । ଧନୀବ୍ୟକ୍ତି ଜଣଙ୍କ ବାବାଙ୍କ ସାମ୍ନାକୁ ଆସି ଭକ୍ତିଭରେ ପ୍ରଣାମ କଲେ । ପାଇକଟି ବାବାଙ୍କ ପଛପଟେ ଠିଆ ହୋଇଥାଏ । ଲୋକଟିର ଦୀର୍ଘ ଶ୍ମଶ୍ରୁ ଦେଖି ବାବାଙ୍କର କ'ଣ ମନହେଲା କେଜାଣି, ଛୋଟ ଗୋଟିଏ ଶିଶୁପରି

ସେଗୁଡ଼ିକ ହସ୍ତରେ ଧାରଣ ପୂର୍ବକ କହି ଉଠିଲେ "ମୁହଁରେ ତ ଅନେକ ଘାସ ଲଗେଇଛ ବାବା !" ମୁନିବର ଶୁଶ୍ରୂଟାଣି ଅପମାନ ଦେଉଛନ୍ତି ଭାବି, ପଛରେ ଦଣ୍ଡାୟମାନ ପାଇକଟି ବାବାଙ୍କ ପିଠିକୁ ଖୁବ୍ ଜୋରରେ ଏକ ଧକ୍କା ପକାଇଲା । ଆଘାତ ସମ୍ଭାଳି ନପାରି ଆଣ୍ଠେଇ ପଡ଼ିଲେ ଭୈରବ । ପାଇକଟିର ଆସ୍ପର୍ଦ୍ଧା ଦେଖି ଧନୀ ବ୍ୟକ୍ତିଟି ତତ୍କ୍ଷଣାତ୍ ତାକୁ ବିଦାୟ ଦେଇ ଲଜ୍ଜା ଓ ଭୟରେ ବାବାଙ୍କ ଚରଣ ପ୍ରାନ୍ତରେ ନିପତିତ ହୋଇ କ୍ଷମା ପ୍ରାର୍ଥନା କରିବାକୁ ଲଗିଲେ । ବାବାଙ୍କ ମନରେ କିନ୍ତୁ ଏତେ ଟିକିଏ ବି କ୍ଷୋଭ ନାହିଁ– ବରଂ ହସି-ହସି ପାଇକଟିକୁ ଅନେଇ କହି ଉଠିଲେ–"ତମେ ମୋତେ ଆଜି ଦିବ୍ୟଜ୍ଞାନ ଦେଲ ବାବା ! ଲୀଳାମୟଙ୍କର ଲୀଳା-ଖେଳା ବୁଝିବା କ'ଣ ସାଧାରଣ ମନୁଷ୍ୟ ପକ୍ଷରେ ସମ୍ଭବ ? ସେଇଥିପାଇଁ ନା ଶାସ୍ତ୍ର କହେ,–

"ମହାପୁରୁଷମାନଙ୍କ ଜୀବନୀ ଲୋକୋତ୍ତର ।"

X X X

ଗ୍ରୀଷ୍ମକାଳର ଉଦୁଉଦିଆ ଦ୍ୱିପ୍ରହର । ପ୍ରଖର ସୂର୍ଯ୍ୟତାପରେ ସମଗ୍ର ବିଶ୍ୱ ପ୍ରଜ୍ୱଳିତ । ପ୍ରଚଣ୍ଡ ରବି ତେଜରୁ ରକ୍ଷା ପାଇବାକୁ ସମଗ୍ର ଜୀବ ଜଗତ ଯେତେବେଳେ ସୁଶୀତଳ ଛାୟାରେ ବିଶ୍ରାମରତ, ଠିକ୍ ସେତିକିବେଳେ କିନ୍ତୁ କ୍ଷେପାବାବା ଦ୍ୱାରକା ନଦୀର ଉତପ୍ତ ବାଲୁକା-ଶଯ୍ୟାରେ ହୁଏତ ଚୁପ୍ କରି ବସିଛନ୍ତି ବା ଚିତ୍ ହୋଇ ଶୋଇଛନ୍ତି । ଖରା-ବର୍ଷା ବା ଶୀତରେ ତାଙ୍କୁ ବିଚଳିତ ହେବାର ବା ଅସୁସ୍ଥ ହୋଇ ପଡ଼ିବାର କେହି କେବେ ଦେଖିନି । ସର୍ବଦା ଆପଣା ଭବରେ ବିଭୋର-ତ୍ରିତାପଜୟୀ-ତ୍ରିଗୁଣାତିତ ମହାଭୈରବ, ସତେ ଯେମିତି ସମସ୍ତ ପ୍ରାକୃତିକ ନିୟମର ବାହାରେ ।

୧୯୦୬ ମସିହା ବୈଶାଖ ମାସର ଏକ ନିର୍ଜନ ଦ୍ୱିପ୍ରହର । ଉତ୍ତରବାହୀନି ଦ୍ୱାରକାର ଉତପ୍ତ ବାଲୁକା ଶଯ୍ୟାରେ ବଦ୍ଧ ପଦ୍ମାସନ କରି ବସିଥାନ୍ତି କ୍ଷେପାଠାକୁର । ମୁଣ୍ଡ ଉପରେ ଖଣ୍ଡିଏ ଇଟା ଓ ପଛପାଖେ

ଖଣ୍ଡିଏ ଇଟା । କି ଉଦ୍ଦେଶ୍ୟରେ ଯେ ମହାପୁରୁଷଙ୍କର ଏ ଭାରବହନ ତାହା ବୁଝିବା ମୁସ୍କିଲ । ଏତିକିବେଳେ ଜଡକଡ଼ିଆ ଗ୍ରାମର ଗଜେନ୍ଦ୍ରନାଥ ମଣ୍ଡଳ-ପୁତ୍ର ନୃସିଂହ ମୁରାରୀଙ୍କୁ ସାଙ୍ଗରେ ନେଇ ଭୈରବଙ୍କ ଅନ୍ୱେଷଣରେ ଆସି ସେଠାରେ ଉପସ୍ଥିତ ହେଲେ । ମୁଣ୍ଡଫଟା ଖରାରେ ଏତାଦୃଶ ଅବସ୍ଥାରେ ବାବାଙ୍କୁ ଚସିଥିବାର ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରି ବସିଲେ "ଏପୁଣି କି ଲୀଳା ଠାକୁର ?" ଏକ ଅଦ୍ଭୁତ ଭଙ୍ଗୀରେ ଉତ୍ତର ଦେଲେ ଭୈରବ— "ଅଟ୍ଟାଳିକା ଭୋଗ କରୁଛି ବାବା ! ଅଟ୍ଟାଳିକା ଭୋଗ କରିବା କିନ୍ତୁ ଭାରିକଷ୍ଟ ମଣ୍ଡଳ ବାବା; ମଥାରେ ବି ଲାଗେ; ପିଠିରେ ବି ଲାଗେ ।"

ଉତ୍ତର ଶୁଣି କିନ୍ତୁ ଭକ୍ତଟି ବିସ୍ମୟ-ଆବାକ୍ । ଦୀର୍ଘଦିନ ଧରି ଖଣ୍ଡିଏ ଭଲ କୋଠାଘର ତୋଳିବା ପାଇଁ ଚକ୍ଷୁରେ ଦେଖାଦେଲା ଅଶ୍ରୁ । ସେ ବେଶ୍ ଉଦବିଗ୍ନ ଥିଲେ । ଅନ୍ତର୍ଯ୍ୟାମୀ ଠାକୁର ଯେ ଏମିତି, ଏକ ମହାର୍ଘ ଉଦାହରଣ ମାଧ୍ୟମରେ ତାଙ୍କୁ ଆଜି ଶିକ୍ଷାଦେବେ ସେ କଥା ତାଙ୍କ କଳ୍ପନାରେ ବି ନଥିଲା । ଲୋକଶିକ୍ଷା ପାଇଁ ହିଁ ମହାପୁରୁଷମାନଙ୍କର ଯେତେ-ସବୁ ଆଚରଣ ! ଲୀଳାମୟ ତାଙ୍କ ଲୀଳାର ଛନ୍ଦେ ଛନ୍ଦେ ମୋହାନ୍ଧ ଜୀବକୁ ଚେତେଇ ଦିଅନ୍ତି "ଆରେ ଭୋଗର ଆଦି-ଅନ୍ତ ହିଁ ଜୀବନକୁ ଦୁଃଖମୟ କରିତୋଳେ; କିନ୍ତୁ ତଥାପି କ'ଣ ବିଷୟାନ୍ଧ ମନ ବୁଝେ । କେଜାଣି ତାଙ୍କର କୃପାକଣାଏ ପାଇଲେ ବା ବୁଝିବ !

X X X

ସେଦିନ ପ୍ରିୟ ଅନୁଚର ବର୍ଗ କୁକୁରମାନଙ୍କ ସଙ୍ଗରେ ଏକାପାତ୍ରରୁ ମୁଢ଼ି ସେବା କରୁଥାନ୍ତି ବ୍ରହ୍ମଦର୍ଶୀ ଠାକୁର । ଏତିକିବେଳେ ଉଚ୍ଚସ୍ୱରରେ କ୍ରନ୍ଦନ କରୁ-କରୁ ଗଛ କାଟିଲା ପରି ଭୈରବଙ୍କ ପାଦପ୍ରାନ୍ତରେ ଆସି ନିପତିତା ହେଲା ଏକ ମଧ୍ୟ ବୟସ୍କା ତରୁଣୀ । ଆଲୁଳାୟିତ କେଶ, ବାସ-ଦେଖିଲେ ମନେହୁଏ ସତେ ଯେମିତି ପାଗଳିନୀ । —"ଉଠ୍ ମା' ନେ' ପ୍ରସାଦ ଖା !"—ନିର୍ଦ୍ଦେଶ ହେଲେ କୃପାମୟ । ପାଗେଳି ମା' ପରମ ସନ୍ତୋଷଭରେ ଘୃଣିତ ପଶୁ କୁକୁରମାନଙ୍କର ଭୁକ୍ତାବଶେଷ ପ୍ରସାଦ ଗ୍ରହଣ କଲା ମଥାପାତି ।

ଶାନ୍ତ ଗମ୍ଭୀର ଭୈରବ ଏଥର ମୃଦୁହସି କହି ଉଠିଲେ–"ଯା ମା' ନିଶ୍ଚିନ୍ତ ମନରେ ଘରକୁ ଫେରି ଯା' । ତାରା ମା'ର କୃପାରୁ ତୋର ଅଚିରେ ଆଉ ଏକ ପୁତ୍ର ସନ୍ତାନ ଲାଭ ହେବ । କିନ୍ତୁ ମନେରଖ–କୁକୁରଙ୍କ ଉଚ୍ଛିଷ୍ଟକୁ ଯେପରି କେବେ ଘୃଣା ନ କରୁ ।"

ଏହି ପାଗେଳି ମା'ର ନାମ କର୍ପୂରୀ ଦାସୀ । ତାରାପୀଠର ଦୁଇମାଇଲ ପୂର୍ବରେ ଅବସ୍ଥିତ ସାହାପୁର ନିବାସିନୀ । ପତିର ନାମ ଉତ୍ତମ ନର ସୁନ୍ଦର । ଜାତି ନାପିତ । ଧର୍ମପ୍ରାଣ ପତି-ପତ୍ନୀ ଦୁହେଁ ସୁଖ-ଦୁଃଖରେ ଗୁଜୁରଣ ମେଣ୍ଟାଉଥାନ୍ତି । କୋଳରେ ଖେଳୁଥାନ୍ତି ତିନୋଟି ପୁତ୍ରକନ୍ୟା । କିନ୍ତୁ ଦୈବ ଦୁର୍ବିପାକରୁ କାଳର କରାଳ ଚକ୍ରରେ ପଡ଼ି ଦୁଇବର୍ଷ ମଧ୍ୟରେ ଗୋଟି-ଗୋଟି ହୋଇ ତିନୋଟି ଯାକ ସନ୍ତାନ ମା'ର କୋଳଶୂନ୍ୟ କରି ଚାଲିଗଲେ ଅଜଣା ଦେଶକୁ । ସୁଖୀ ପରିବାରଟି ଉପରେ ଘୋଟିଆସିଲା ଅବିନିଆଁ କଳାମେଘ । ଶୋକ ଦୁଃଖରେ ଭାଙ୍ଗି ପଡ଼ିଲା ସନ୍ତାନ ବତ୍ସଳା ଜନନୀ । ଖିଆ ନାହିଁ-ପିଆ ନାହିଁ-ପାଗେଳି ପରି ଘୂରି ବୁଲିଲା ସଂସାର ସାରା । ଶେଷକୁ ସେଦିନ ଭୈରବଙ୍କ ଅପାର କରୁଣାରୁ ସନ୍ତାପିତ ପ୍ରାଣ ଶୀତଳ କରି ଆଶ୍ୱସ୍ତ ମନରେ ଘରକୁ ଫେରିଗଲା ଦୁଃଖିନୀ ଜନନୀ । ଠିକ୍ ବର୍ଷକ-ପରେ କୂଳ ଉଜ୍ଜ୍ୱଳ କରି ଜନ୍ମନେଲା ଏକ ସୁପୁତ୍ର । ଭରି ଉଠିଲା ଶୂନ୍ୟ ଘର–ହସି ଉଠିଲା ପିତା-ମାତାଙ୍କ ନିରାଶ ପ୍ରାଣ ।

କର୍ପୂରୀ ଦାସୀ ଓ ପୁତ୍ର ଅନାଦି ଭୂଷଣ ଏବେ ବି ଜୀବିତ । ଭୈରବଙ୍କ ଆଦେଶ ଅନୁସାରେ ଏହି ପରିବାରଟି କୁକୁରକୁ ଆଜିବି ଘୃଣା କରେନା । କୁକୁରର ଉଚ୍ଛିଷ୍ଟକୁ ଏବେ ବି ପ୍ରସାଦ ରୂପେ ଗ୍ରହଣ କରନ୍ତି କର୍ପୂରୀ ଦାସୀ ।

୧୯୦୮ ମସିହାର ଏକ ବୈଶାଖ ଅପରାହ୍ଣ । ଶାନ୍ତିମୟୀ ଶ୍ମଶାନ ମା' କୋଳରେ ବସିଥାନ୍ତି ଶ୍ମଶାନ ଭୈରବ ବାମଦେବ । ପ୍ରିୟ କୁକୁରଗୁଡ଼ିକ ଚୁପ୍‌ଚାପ୍ ଶୋଇଥାନ୍ତି ଆଶପାଶରେ । ଏତିକିବେଳେ କାନ୍ଦିରାର ହାଇସ୍କୁଲର ଶିକ୍ଷକ-ବାବାଙ୍କର ଅନ୍ୟତମ ଭକ୍ତ ନବୀନଚନ୍ଦ୍ର ମୁଖୋପାଧ୍ୟାୟ

ସସ୍ତ୍ରୀକ ଆସି ଭୈରବଙ୍କ ଚରଣରେ ପ୍ରଣତ ହେଲେ । ଭକ୍ତପତ୍ନୀ ସର୍ବମଙ୍ଗଳାଦେବୀ ଅନେକ ଦିନରୁ ସ୍ତ୍ରୀରୋଗ କବଳିତା । ଫଳରେ ବୟସ ଅନେକ ହେଲେବି ଏପର୍ଯ୍ୟନ୍ତ ଭକ୍ତଦମ୍ପତି ସନ୍ତାନମୁଖ-ସୁଖରୁ ବଞ୍ଚିତ । କୃପାମୟଙ୍କର କି କୃପା !

—"ଆରେ ମୋ ପାଦ ଛାଡ଼ିଦେ ବରଂ ତାରା ମା' ମନ୍ଦିରକୁ ଯା । ସବୁଦିନ ମା'ର ଚରଣାମୃତ ସେବା କର ଓ ପବିତ୍ର ନାମ ଜପକର— ତୋର ସବୁ ବ୍ୟାଧି ଦୂର ହୋଇ ମନସ୍କାମନା ପୂର୍ଣ୍ଣହେବ ।

ବାବାଙ୍କୁ ଆଉ ବିରକ୍ତ ନକରି ତାରା ମା'ର ଚରଣାମୃତ ନେଇ ପୂର୍ଣ୍ଣ ହୃଦୟରେ ଫେରିଗଲେ ଭକ୍ତଯୁଗଳ । ଭୈରବଙ୍କ କୃପାରୁ ଏହି ଘଟଣାର ଠିକ୍ ବର୍ଷକ ପରେ ସେମାନେ ଏକ ସୁନ୍ଦର-ସୁଶ୍ରୀ ପୁତ୍ର ସନ୍ତାନ ଲାଭ କରିଥିଲେ । ଏହି ପୁତ୍ରଟିର ନାମ କୃପାନାଥ ମୁଖୋପାଧ୍ୟାୟ ।

✻

ଚେଇଁ ଉଠିଲା

ସାଁଇଥିୟାର ନନ୍ଦିପୁର ଗ୍ରାମ ନନ୍ଦିନୀଦେବୀଙ୍କ ମନ୍ଦିର ପାଇଁ ପ୍ରସିଦ୍ଧ । ମାତୃସାଧକ କ୍ଷେପାବାବା ମଝିରେ ମଝିରେ ଦେବୀଙ୍କୁ ଦର୍ଶନ କରିବା ନିମନ୍ତେ ତାରାପୀଠରୁ ଆସି ଭକ୍ତ ଅନନ୍ତ ବନ୍ଦୋପାଧ୍ୟାୟଙ୍କ ଗୃହରେ ଅବସ୍ଥାନ କରନ୍ତି, ଅନନ୍ତ ବାବୁ ଥିଲେ ଅତ୍ୟନ୍ତ ଗୁପ୍ତ ସାଧକ ଓ ବାବାଙ୍କର ଅତୀବ ପ୍ରିୟ ଭକ୍ତ ।

ଆନୁମାନିକ ୧୯୧୦ ମସିହାର କୌଣସି ଏକ ଦିନର କଥା । ସେଦିନ ସକାଳୁ ସକାଳୁ ଭୈରବ ରେଳଯୋଗେ ସାଁଇଥିୟା ଷ୍ଟେସନରେ ଅବତରଣ କରି ଶିଳାମୟୀ ମା'ର ଦର୍ଶନାନ୍ତେ ଭକ୍ତଗୃହରେ ପଦାର୍ପଣ କଲେ । ସାଙ୍ଗରେ କୌଣସି ସେବକ ନାହାନ୍ତି । ଅନନ୍ତ ବାବୁଙ୍କୁ ମଧ୍ୟ ଭୈରବଙ୍କ ଆସିବା କଥା କିଛି ଜଣା ନଥାଏ । ହଠାତ୍ ବାବାଙ୍କୁ ଦେଖି ଯଥାସାଧ୍ୟ ପରିଚର୍ଯ୍ୟା କରିବା ନିମନ୍ତେ ଲାଗି ପଡ଼ିଲେ ଭକ୍ତ ଦମ୍ପତି, ବାବାଙ୍କର କେତେବେଳେ ଫେରିବା କଥା ପଚାରିବାକୁ କାହାରି ଖିଆଲ ନାହିଁ । ବାବା ମଧ୍ୟ କାହାକୁ କିଛି ନ ଜଣାଇ ପରମ ସନ୍ତୋଷରେ ପ୍ରସାଦ ସେବା କରି ବିଶ୍ରାମ କରିବାକୁ ଲାଗିଲେ । ଆଖ ପାଖର ଗ୍ରାମବାସୀ କେତେଜଣ ଭୈରବଙ୍କ ଦର୍ଶନ ନିମନ୍ତେ ବେଶ୍ ଭିଡ଼ ଲଗାଇଥାନ୍ତି ।

ଏଣେ କିନ୍ତୁ ସାଇଁଥିଆ ଷ୍ଟେସନରେ ଘଟିଲା ଏକ ଅଘଟଣ ! ତାରାପୀଠକୁ ଫେରିଯିବାର ଶେଷଗାଡ଼ି ଅପ୍‌ଲୁପ୍ ମେଲ ପ୍ରାୟ ଘଣ୍ଟାଏ ହେଲା ଆସି ଷ୍ଟେସନରେ ଠିଆ ହୋଇଛି । ଛାଡ଼ିବାର ସମୟ କେତେବେଳୁ ହୋଇ ଯାଇଛି କିନ୍ତୁ ଗାଡ଼ିର ଚକା ଗଡ଼ିବାକୁ ନାରାଜ । ଗୋରା ଗାର୍ଡ ସାହେବ ହୁଇସିଲ୍ ବଜାଇ ନୀଳ ପତାକା ଉଡାଇଲେ– ଡ୍ରାଇଭର ସିଟି ବଜାଇ ଗାଡ଼ି ଷ୍ଟାର୍ଟ କଲେ । ଆଶ୍ଚର୍ଯ୍ୟର କଥା– ଚକା ଇଞ୍ଚେବି ଗଡ଼ିଲାନି ।

ଇଂଜିନର କଳକବ୍ଜା ପରୀକ୍ଷା କରି ଦେଖାଗଲା– ସବୁ ଠିକ୍ ଅଛି । ଗୋର ସାହେବଙ୍କ ଅକ୍‌ଲ ଗୁଡ଼ୁମ୍ । ତା'ର କରି ରମପୁର ହାଟ ଷ୍ଟେସନରୁ ଅନ୍ୟ ଏକ ଇଂଜିନ ମଗାଯାଇ ଯୋଡ଼ାହେଲା– ତଥାପି ମଧ୍ୟ କିଛି ଫଳ ହେଲାନି । ଚ୍ଛରିଆଡେ ହାଲ୍ଲା ହୋଇଗଲା । ଛୋଟ ଷ୍ଟେସନଟି ଲୋକେ ଲୋକାରଣ୍ୟ । ଶତଚେଷ୍ଟା ସତ୍ତ୍ୱେବି ଗାଡ଼ିଟି ସ୍ଥିର ନିଶ୍ଚଳ । ବେଳେବେଳେ 'ନନ୍ଦିଘୋଷ ରଥର ମଧ୍ୟ ଏହି ଅବସ୍ଥା ହୋଇଥାଏ ଶ୍ରୀଗୁଣ୍ଡିଚ୍ଛ ଯାତ୍ରାରେ । ଯେତେ ସିପାହି, ବରକନ୍ଦାଜ, ହାତୀ–ଘୋଡା ଲାଗି ଟାଣନ୍ତୁ ପଛେ ଅଚଳ ମହାମେରୁ କାଳିଆଠାକୁରଙ୍କ ଇଛା ନହେଲା ପର୍ଯ୍ୟନ୍ତ ବାଳ ପ୍ରମାଣେ ବି ଗଡେନା ରଥ । ତା'ପରେ ଚ୍ଛଲେ ଭକ୍ତମାନଙ୍କ କାକୁତି-ମିନତି-ନବକୋଟି କର୍ଣ୍ଣାଟୋତ୍କଳବର୍ଗେଶ୍ୱର ଗଜପତି ମହାରଜାଙ୍କ ଆକୂଳ ପ୍ରାର୍ଥନା । ଭକ୍ତଙ୍କ ଲୁହରେ ବିଗଳିତ ହୁଏ ଦାରୁବ୍ରହ୍ମଙ୍କ ପ୍ରାଣ । ଏଥର କିନ୍ତୁ ହାତ ମାରିଲା ମାତ୍ରେ ଗିଡ଼ି-ଗିଡ଼ି ହୋଇ ଗଡ଼ିଚ୍ଛଲେ ରଥ ମଥୁରରୁ ବୃନ୍ଦାବନକୁ, ଶ୍ରୀମନ୍ଦୀରରୁ–ଗୁଣ୍ଡିଚ୍ଛ ଘରକୁ । ସେତେବେଳେ ନାମବ୍ରହ୍ମ ନଦିଆ ଛାଡ଼ି ଆସି ଉଭା ହୋଇଥାନ୍ତି ଦାରୁଭ୍ରହ୍ମଙ୍କ କ୍ଷେତ୍ରରେ । ନୀଳାଚଳ ହୋଇ ଉଠିଥାଏ ଲୀଳାଚଞ୍ଚଳ । ସେଦିନ ଶ୍ରୀଗୃଣ୍ଡିଚ୍ଛ । ସଂହଦ୍ୱାରରେ ସୁସଜ୍ଜିତ ତିନିରଥ । ପହଣ୍ଡି ବିଜେକଲେ ତିନିଠାକୁର । ଉତ୍କଳର ମୁକୁଟ ବିହୀନ ସମ୍ରାଟ ଠାକୁରରଜା ଗଜପତି ପ୍ରତାପ ରୁଦ୍ରଦେବ ସୁବର୍ଣ୍ଣ ଝଡ଼ିକାରେ କରିଗଲେ ଛେର ପହଁର । ଏହାହିଁତ ଏ ଜାତିର ଆଦର୍ଶ, କାଳେ-କାଳେ ପ୍ରଭୁଙ୍କ ସେବା ନିମନ୍ତେ ମାନ-ଅପମାନ-ଧନ-ସମ୍ପଦ-ଲଜ୍ଜା-ସଙ୍କୋଚ କିଛି ନାହିଁ; ଅଛି କେବଳ କୁବୁଭର ଭଲ ପାଇବା ।

ଧନ ମାଗୃନାହିଁ, ଜନ ମାଗୁନାହିଁ
ମାଗୁଛି ଶରଧା ବାଲିରୁ ହାତେ ।
ପୁଣି– "ଲଜ ଭୟତେଜି କରିବା କୃଷ୍ଣ ସଙ୍ଗେ ପୀରତି
ଲଭ ଏଥୁ ବଡ ହୋଇବ ସୁଖେ ଥିବା ଗୋନିତି ॥

ଆଗରେ ଚ୍ଛଲିଲେ ବଡଭଇ ମହାବଳୀ ବଳରମ;ମଝିରେ ଚ୍ଛନ୍ଦମୁହିଁ । କିନ୍ତୁ କାଳିଆ, ସେ ଯେମିତି ଅଚଳ ମହାମେରୁ !' ଶତଚେଷ୍ଟା ସତ୍ତ୍ୱେବି

ଇଞ୍ଚେ ଘୁଞ୍ଚିଲାନି ନନ୍ଦିଘୋଷ ରଥ । ଆଗରେ ନିଜଗଣଙ୍କୁ ଧରି ଉଦଣ୍ଡ ନୃତ୍ୟ କରୁଥାନ୍ତି ମହାପ୍ରଭୁ । ପ୍ରାଣନାଥ ନବଜଳଧର ବରଣ–ଆଜି ଆସୁଛନ୍ତି ବୃନ୍ଦାବନକୁ । ମନେପଡ଼ି ଯାଉଛି ସେହି ଯମୁନା କୂଳ, ଆଉ କଦମ୍ବ ମୂଳ । ଧାର-ଧାର ହୋଇ ବହି ଯାଉଛି ବିରହର ତପ୍ତ ଅଶ୍ରୁ । ଏତିକିବେଳେ ଉତ୍କଣ୍ଠିତ ଜନତାଙ୍କ ଆକୁଳ-ବିକଳ କାକୁତି-ମିନତି ବାଜିଲା ପ୍ରଭୁଙ୍କ କର୍ଣ୍ଣରେ । କୀର୍ତ୍ତନ ଛାଡ଼ି ଦଉଡ଼ିଗଲେ ରଥ ପଛକୁ– ଆଉ ରଥ କାଠରେ ଲଗେଇ ଦେଲେ ମୁଣ୍ଡ । ଘର୍-ଘର୍ ଶବ୍ଦକରି ଗଡ଼ି ଚାଲିଲା ନନ୍ଦିଘୋଷ । 'ଜୟ ଜଗନ୍ନାଥ' ଶବ୍ଦରେ ମୁଖରିତ ହେଲା ଗଗନ ପବନ । ଉଦ୍‌ବେଳିତ ଜନତାଙ୍କୁ ଶୁଣାଇ ମହାପ୍ରଭୁ ଗାଇ ଉଠିଲେ ।

"ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନବିଦ୍ୟତେ ।"

ବହୁତବେଳେ ଗଡ଼ିଗଲାଣି । ଏତେବେଳେକେ ଭୈରବ ଉଠି ଠିଆ ହେଲେ, "ଆରେ ବାପୁ ; ମୋତେ ଯେ ଆଜି ତାରା ମା ପାଖକୁ ଫେରି ଯିବାକୁ ହେବ । ଗାଡ଼ି-ଫାଡ଼ି ମିଳିବ କି ନାହିଁ ?"

"ଶେଷ ଗାଡ଼ି ଯେ କେତେବେଳୁ ଚାଲି ଯିବଣି ବାବା"–ଉତ୍ତର ଦେଲେ ଭକ୍ତ ଅନନ୍ତ ବାବୁ ।

"ସେ କି କଥା ବାବା ? ତାରମା' ଯେତେବେଳେ କହିଛି–ମୋତେ ଯେ ନିଶ୍ଚୟ ଯିବାକୁ ହେବ ।" ସିଧା ଚାଲିଲେ ଷ୍ଟେସନକୁ । ବାବାଙ୍କୁ ଦେଖୁ ଦେଖୁ କିନ୍ତୁ ଉଦଗ୍ରୀବ୍ ଜନତା ଉଲ୍ଲସିତ ହୋଇ ଚିତ୍କାର କରି ଉଠିଲେ "ଏଇ ଯେ, ଆସୁଛନ୍ତି ମହାଭୈରବ ବାମାକ୍ଷେପା ! ଗାଡ଼ି ଏଥର ନିଶ୍ଚୟ ଚାଲିବ ।" ଆତ୍ମଭୋଳା ସାଧକ ବିନା ଦ୍ୱିଧାରେ ଉଠିଗଲେ ଏକ କମ୍ପାର୍ଟମେଣ୍ଟ ଭିତରକୁ–ଫୁଲଫଳର ଉଚ୍ଛ୍ୱସିତ ଶ୍ରଦ୍ଧାର୍ଘ୍ୟରେ ଭରିଗଲା ପ୍ରକୋଷ୍ଠଟି । କରୁଣ ସ୍ୱରରେ ଯାତ୍ରୀମାନେ ନିବେଦନ କଲେ "ବାବା, ଗାଡ଼ି କି ଏଥର ଯିବାକୁ କୁହନ୍ତୁ । ଦୀର୍ଘ ସମୟ ହେଲା ଠିଆ ହୋଇଛି ଏଠି ।" କମ୍ପାର୍ଟମେଣ୍ଟର ଦୁଆରକୁ ସ୍ପର୍ଶ କରି ଗୁରୁ ଗମ୍ଭୀର ସ୍ୱରରେ ନିନାଦ କଲେ ନାଦେଶ୍ୱର "ଜୟ ତାରା–ଜୟତାରା" ଥରି ଉଠିଲା ଉପସ୍ଥିତ ସକଳଙ୍କ

ଅନ୍ତର, ଆଉ ତା' ସାଙ୍ଗେ, ତାଳଦେଇ ଭୀଷଣ ଗର୍ଜନ କରି ଗଡ଼ି ଗ୍ଲଲିଲା ବାଷ୍ପୀୟ ଶକଟ । "ଜୟ ବାମାକ୍ଷେପା–ଜୟତାରା" ଶବ୍ଦରେ କମ୍ପି ଉଠିଲା ଗଗନ ପବନ । ଗୋରାଗାର୍ଡ ସାହେବ ତ ଅବାକ୍ ! ସେ କୁଆଡୁ ବୁଝିବେ ଭାରତମାତାର ଏହି ଲଙ୍ଗଳା ପୁଅର ଶକ୍ତି କେତେ ?

× × ×

ସେଦିନ ଭକ୍ତ ଶଶୀଭୂଷଣ ଘୋଷଙ୍କର ଏକାନ୍ତ ଅନୁରୋଧରେ ସଦଳବଳେ କ୍ଷେପାବାବା ଆସି ଉପସ୍ଥିତ ହୋଇଥାନ୍ତି ଖଗଲପୁରଠାରେ । ତାରାପୀଠର ଚଳନ୍ତି ଶିବଙ୍କ ଆଗମନ ବାର୍ତ୍ତା ବିଜୁଳି ପରି ଖେଳିଗଲା ଆଖପାଖ ଗାଁଗହଳରେ । ପିମ୍ପୁଡ଼ିପରି ଧାଡ଼ିବାନ୍ଧି ଛୁଟି ଆସିଲେ ଶତ-ଶତ ଦର୍ଶନାର୍ଥୀ ଭକ୍ତ ଜନଗଣ । ଓକିଲ ଡାକ୍ତର-ଜମିଦାର ତଥା ଅନ୍ୟାନ୍ୟ ପଦସ୍ଥ ବ୍ୟକ୍ତିଗଣଙ୍କର ହିସାବ ନାହିଁ । ଘୋଷ ମହାଶୟଙ୍କ ଖୋଲା ଉଦ୍ୟାନରେ ସ୍ଥାପିତ ହୋଇଥାଏ ଭୈରବଙ୍କ ଆସନ । ଗ୍ଲରିଆଡ଼େ ଅସମ୍ଭବ ଭିଡ଼ । ଏତିକିବେଳେ ଗହଳି ଭିତରୁ ଜଣେ ତରୁଣ ଯୁବକ ବାବାଙ୍କ ସାମ୍ନାକୁ ଆସି ଭକ୍ତିଭରେ ପ୍ରଣିପାତ ଜଣାଇଲେ ।

"ତମେ କିଏ ବାବା ?" ଜିଜ୍ଞାସା କଲେ ଭୈରବ । "ମୁଁ ଆଟ୍ଲା ଦୁର୍ଗାଦାସ ସରକାରଙ୍କ ପୁଅ ଜଟୁ ସରକାର"–ଉତ୍ତର ଦେଲେ ଯୁବକ ।

ଏତିକି ଶୁଣୁଶୁଣୁ ଅଭୟ ହସ୍ତଦ୍ୱୟ ପ୍ରସାରଣ ପୂର୍ବକ ଯୁବକଟିକୁ ପ୍ରଶସ୍ତ ବୁକୁ ଉପରକୁ ଟାଣି ନେଇ କହି ଉଠିଲେ ଭୈରବ "କ'ଣ କହିଲ ବାବା ? ତମେ ଦୁର୍ଗାଦାସ କାକାର ପୁଅ ଜଟୁ କାକା ? ବେଶ୍ ବାବା ବେଶ୍ । ଦୀର୍ଘଜିବୀ ହୁଅ ବାବା ! ତାରମା' ତମର ମଙ୍ଗଳ କରୁ ।"

କିଏ ଏହି ଅର୍ବାଚୀନ ଯୁବକ ? ଉପସ୍ଥିତ ପଦସ୍ଥ ବ୍ୟକ୍ତି ତଥା ସୁଧୀ ଜନଗଣ ଆଶ୍ଚର୍ଯ୍ୟ ଓ କ୍ଷୁନ୍ନ ହେଲେ ଜଣେ ନଗଣ୍ୟ ଯୁବକ ପ୍ରତି ଭୈରବଙ୍କ ସମାଦର ଦେଖି । ଅନ୍ତର୍ଯ୍ୟାମୀଙ୍କୁ କିନ୍ତୁ କେଉଁ କଥା ବା ଅଜଣା ? ସେମାନଙ୍କର ମନର ଭାବବୁଝି ସେମାନଙ୍କୁ ଲକ୍ଷ୍ୟ କରି କହି ଉଠିଲେ

ଭୈରବ; ସେ ଆଜିକୁ ଅନେକ ଦିନ ତଳର କଥା ବାବାମାନେ,ସେତେବେଳେ ଗଢ କର୍ମଚାରୀ କ୍ଷୁବ୍ଧ ହୋଇ ମୋତେ ମା'ର ପ୍ରସାଦରୁ ବଞ୍ଚିତ କରିଥାନ୍ତି । କଥାଟା ଯେତେବେଳେ ଏହି ଛଟୁ ସରକାର କାକାର ବାବା ଦୁର୍ଗା ଦାସ ସରକାର କାକାଙ୍କ କାନକୁ ଗଲା, ସେ ସେତେବେଳେ ମୋ ପାଖକୁ ଛୁଟି ଆସି କହିଥିଲେ—ଭୟ କ'ଣ ବାବା—ମୁଁ ଏହାର କିଛି ଗୋଟାଏ 'ବ୍ୟବସ୍ଥା କରିଦେବି । ଆହା ! ତାଙ୍କର ସେ ଋଣ ମୁଁ କେତେବେଳେ ହେଲେ ଶୁଝି ପାରିବିନି । ନିଜ ପେଟରୁ କାଟି ସେତେବେଳେ ମୋତେ ସେ ଖୁଆଇଛନ୍ତି ନିଜର ପୁଅ ପରି ।" ଶେଷ ଆଡକୁ ବାଷ୍ପରୁଦ୍ଧ ହୋଇ ଆସିଲା ବାବାଙ୍କ କଣ୍ଠ ।

ସାଧକ ଅବସ୍ଥାରେ କୌଣସି ଏକ ଦୁଷ୍ଟ କର୍ମଚାରୀର ଚକ୍ରାନ୍ତରେ କ୍ଷେପାବାବା ତାର ମା' ପ୍ରସାଦରୁ କିଛିଦିନ ପାଇଁ ବଞ୍ଚିତ ହୋଇଥିଲେ । ସେତେବେଳେ ଦୁର୍ଗା ଦାସ ସରକାର ଥିଲେ ନାଟୋର ଇଷ୍ଟେଟର କର୍ମଚାରୀ । ଏହି ମହାଶୟ ହିଁ କ୍ଷେପାବାବାଙ୍କର ପୂର୍ବବର୍ଣ୍ଣିତ ପିତୃବନ୍ଧୁ । ତାରାପୁରର ଭାରଥିଲା ତାଙ୍କ ଉପରେ । ଏହି ଦୁଃସମୟରେ ନିଜ ପ୍ରାପ୍ୟ ଅଂଶ ତାରାମା ପ୍ରସାଦରୁ ବାବାଙ୍କର ପ୍ରସାଦ ପାଇବା ବ୍ୟବସ୍ଥା କରିଦେଇଥିଲେ ସେ । ସେଇଥିପାଇଁ—ସେହି କୃତଜ୍ଞତାରେ ବାବା ଆଜି ତାଙ୍କ ପୁଅକୁ ଟୋକିନେଲେ କୋଳକୁ । ଉପସ୍ଥିତ ଜନତା ମୁଗ୍ଧ ହୋଇଥିଲା ସର୍ବଜ୍ଞ-ସର୍ବଶକ୍ତିମାନ ବାବାଙ୍କର ସରଳତା—ସତ୍ୟବାଦିତା ଓ କୃତଜ୍ଞତା ଦେଖି । ଏହିଗୁଡ଼ିକ ନା ମହାପୁରୁଷମାନଙ୍କର ଅଙ୍ଗର ଭୂଷଣ !

ଏତିକିବେଳେ ଭକ୍ତମାନଙ୍କ ମଧ୍ୟରୁ ସ୍ଥାନୀୟ ବିଦ୍ୟାଳୟର ଜଣେ ଶିକ୍ଷକ ପ୍ରଶ୍ନକଲେ "କାଳକାଳରୁ ବିରାଜିତ ଶ୍ୱେତଶିମୁଳି ଗଛଟି ପୋଡ଼ିଦେଲ କାହିଁକି ବାବା ?"

ବାବା—"ସୁଷମ୍ନା ଗଛଟିରେ ଦୁଇଟି ଭ୍ରମର କଣା କରିଥିଲେ । ମା' କହିଲା— କ୍ଷେପାରେ ନିଆଁ ଲଗେଇଦେ— ସେଇଥିପାଇଁ ମୁଁ ନିଆଁ ଲଗେଇ ଦେଲି ।

ଏହି ନିଗୂଢ଼ ତତ୍ତ୍ୱ କେହି କିଛି ବୁଝି ନପାରିବାରୁ ବାବା ପୁଣି କହି ଉଠିଲେ—"ବାବା, ଆମର ପୃଷ୍ଠଦେଶସ୍ଥ ମେରୁଦଣ୍ଡର ଅଭ୍ୟନ୍ତରରେ ଯେଉଁ ସୂକ୍ଷ୍ମ ସୁଷୁମ୍ନା ନାଡ଼ୀଟି ମୂଳାଧାର ଠାରୁ ମସ୍ତକ ପର୍ଯ୍ୟନ୍ତ ବିଦ୍ୟମାନ—ତାହା ଦୁଇଟି ଭ୍ରମର ଦ୍ୱାରା ବିଦ୍ଧ । ଏହି ଦୁଇଟି ଭ୍ରମରହିଁ ଜ୍ଞାନ ଓ ମନ ।"

ଶିବ ସଂହିତାରେ ଅଛି—

"ମନ୍ତ୍ରଯୋଗେ ହଠଶ୍ଚୈବ ଲୟ ଯୋଗସ୍ତୃତୀୟକ ।
ଚତୁର୍ଥୋ ରାଜଯୋଗସ୍ୟାତ୍ ଦ୍ୱିଧାଭବ ବିବର୍ଜ୍ଜିତ ।।"

ଯୋଗ ଚତୁର୍ବିଧ ; ମନ୍ତ୍ରଯୋଗ, ହଠଯୋଗ, ଲୟଯୋଗ ଓ ରାଜଯୋଗ । ଏହି ଯୋଗ ଚତୁଷ୍ଟୟ ମଧ୍ୟରେ ରାଜଯୋଗ କିନ୍ତୁ ଦ୍ୱିଧାଭବ ବର୍ଜ୍ଜିତ ସୁତରାଂ ଶ୍ରେଷ୍ଠ ଯୋଗ । ବାମାକ୍ଷେପାବାବା ଥିଲେ ସ୍ୱତଃ ସିଦ୍ଧ ରାଜଯୋଗୀ । ତାଙ୍କୁ କୌଣସି ଦିନ ଆସନ, ପ୍ରାଣାୟାମ, ଧ୍ୟାନ-ଧାରଣା ବା ପ୍ରତ୍ୟାହାର ଆଦି କୌଣସି କ୍ରିୟା ଅଭ୍ୟାସ କରିବାକୁ ହୋଇନି କି ମନ୍ତ୍ର ଜପ କରିବାକୁ ହୋଇନି । ପ୍ରତ୍ୟେକ କ୍ରିୟା କଲାବେଳେ ତଦୁପଯୋଗୀ ଯେଉଁ ଆନୁସଙ୍ଗିକ ଅଙ୍ଗବିନ୍ୟାସ କରାଯାଏ ତାହାହିଁ ସେହି କ୍ରିୟାର ଆସନ । ପ୍ରାଣଶକ୍ତି କେନ୍ଦ୍ରସ୍ଥ କରିବାର ନାମ ପ୍ରାଣାୟାମ । ମନଃଶକ୍ତିକୁ ସବୁ ଦିଗରୁ ଟାଣି ଆଣି ଏକ ବିଷୟରେ ସ୍ଥାପନ କରିବାର ନାମ ପ୍ରତ୍ୟାହାର । ଯାହାଦ୍ୱାରା ମନ ତ୍ରାଣପାଏ ତାହାହିଁ ହେଲା ମନ୍ତ୍ର । ବାବା କିନ୍ତୁ ଏ ସବୁର ଧାର ଧରନ୍ତିନି । ସେ ଥିଲେ ଆତ୍ମଜ୍ଞାନୀ ତଥା ଭକ୍ତିମାର୍ଗର ସାଧକ । ସେଇଥିପାଇଁ କେବେ-କେବେ ଶିଷ୍ୟ ଭକ୍ତମାନଙ୍କୁ କୁହନ୍ତି "ଆରେ ବାପୁ ! ଏସବୁ ନାକ ମୁଖ ଟିପିଲେ କିଛି ଲାଭ ନାହିଁ । ଭକ୍ତି ଓ ଜ୍ଞାନ ହିଁ ସାର୍ ବସ୍ତୁ । ଭଗବାନଙ୍କଠାରେ ନିଷ୍କାମ ରତି ହିଁ ଭକ୍ତି । ଭକ୍ତ ଓ ଭକ୍ତି ହିଁ ଭଗବାନଙ୍କର ଅଭିବ୍ୟକ୍ତି । ଆଉ ଆତ୍ମଜ୍ଞାନ ହିଁ ପ୍ରକୃତ ଜ୍ଞାନ । ଆତ୍ମ-ତତ୍ତ୍ୱ-ଜ୍ଞାନହିଁ ବିଶ୍ୱର କାରଣ । ସେହି ଜ୍ଞାନ ଦ୍ୱାରାହିଁ ଅଜ୍ଞାନ ନାଶହୁଏ । ସୁତରାଂ ଏହି ଆତ୍ମା ହିଁ ଜ୍ଞାନ ସ୍ୱରୂପ, ନିତ୍ୟ-ସତ୍ୟ ଏବଂ କାଳରୂପୀ । ମହାକାଳର ପ୍ରତିରୂପହିଁ ମହାଦେବ ଏବଂ ସର୍ବକର୍ମ

ପରିତ୍ୟାଗ ପୂର୍ବକ "ମୁଁ ତ୍ୱ"ର ଶରଣ ଗ୍ରହଣ କରିବାହିଁ ଶକ୍ତି ସ୍ୱରୂପା । ଶିବ ଓ ଶକ୍ତିର ସଂଯୋଗହିଁ ଚରମ ଓ ପରମ ତତ୍ୱ । ସନ୍ଦେହ ହେଉଛି ସାଧନା ପଥର ଏକମାତ୍ର ଅନ୍ତରାୟ । ସନ୍ଦେହର ବିନାଶରେ ବିଶ୍ୱାସର ବୀଜ ଉପ୍ତହୁଏ । ବିଶ୍ୱାସ ଆସିଲେ ହୁଏ ଜ୍ଞାନୋଦୟ । ଜ୍ଞାନରୁ ଜନ୍ମେ ଭକ୍ତି ଏବଂ ଏହି ଭକ୍ତି ଆସ୍ୱାଦନ କରି ସାଧକ ବୁଡ଼ିଯାଏ ପ୍ରେମର ଅଥଳ ସାଗରରେ । ସେଠି ଦୁଃଖ ନାହିଁ- ଶୋକ ନାହିଁ- ଜରାନାହିଁ କି ମୃତ୍ୟୁ ନାହିଁ, ଅଛି ଖାଲି ଆନନ୍ଦ ଆଉ ଆନନ୍ଦ । ତେବେ ପାଥେୟ, ପାଥେୟ କ'ଣ ? ନାମ ହିଁ ଏକମାତ୍ର ପାଥେୟ ।

ବୁଡ଼ିଯାରେ ମନ ଥରେ ନାମ ସାଗରେ ।
ଢେଉ କାଟି ଯା' ଚାଲି ଅଥଳ ନୀରେ ।
ଜୟ ତାରା—ଜୟ ଗାଇ
ଖୋଜିଲେ ପାଇବୁ ତୁହି
ଆନନ୍ଦ ସ୍ୱରୂପା ବିଜେ ରତ୍ନବେଦୀରେ ।।"

❋

ଚଉରାଳିଶ

ତାରପୀଠର ଅନତୀ ଦୂରରେ ଖୋଲା ପଡ଼ିଆ ମଝିରେ ଛୋଟ ଗୋଟିଏ କୁଡ଼ିଆ ଘର । ଘରିଆଡେ ଶିଳୁ କଣ୍ଟା ଓ ଅନାବନା ଗଛର ଜଙ୍ଗଲ । ସେଦିନ ସକାଳୁ ସକାଳୁ ଅନାଥର ନାଥ ଦୟାଳୁ ଠାକୁର କ୍ଷେପା ବାବା ଦୀର୍ଘ ପ୍ରାନ୍ତର ଅତିକ୍ରମ କରି ପର୍ଣ୍ଣ କୁଟୀର ଦୁଆରେ ଆସି ଉପସ୍ଥିତ ହେଲେ ଭକ୍ତଟିକୁ ଦେଖିଯିବା ପାଇଁ । ସାଙ୍ଗରେ ଏକାଦଶ ରୁଦ୍ର-ପ୍ରିୟ କୁକୁର ଗୁଡ଼ିକ ।

ବାବାଙ୍କୁ ଦେଖୁ ଦେଖୁ କାନ୍ଦି-କାନ୍ଦି ଶ୍ରୀଚରଣ ତଳେ ନିପତିତ ହେଲ ଭକ୍ତଟି, "ଆହା ଆଜି ମୋର କି ଭାଗ୍ୟ ସତେ ! ଦୀନବନ୍ଧୁ କୃପାସିନ୍ଧୁ ଭଗବାନ ଆଜି ଆସିଛନ୍ତି ମୋ ଭଙ୍ଗା କୁଡ଼ିଆ ଦୁଆରକୁ । ମୋର ଯେ ଆଉ ବଞ୍ଚିବାର ଆଶା ନାହିଁ ପ୍ରଭୋ ! ଦୟାକରି ଟିକିଏ ଚରଣ ଧୂଳି ଦିଅନ୍ତୁ ।"

"ଦୂରଶଳା, ତୁ ଏବେ ଯିବୁ କୁଆଡେ ? ଆଗେ ମୁଁ ଯାଏ, ତାପରେ ଯାଇଁ ତୁ ଯିବୁ "—କହି ଭକ୍ତଟିର ମସ୍ତକରେ ଶ୍ରୀକର ପଲ୍ଲବ ସ୍ଥାପନ କଲେ ଭକ୍ତବତ୍ସଳ କରୁଣା ଘନ ଅବତାର କ୍ଷେପାଠାକୁର ।

ଏହି ଭାଗ୍ୟବାନ ଭକ୍ତଟିର ନାମ ଗୁପୀ । ସ୍ୱାମୀ—ସ୍ତ୍ରୀ ଦୁଇଜଣ । ଜଙ୍ଗଲରୁ କାଠକାଟି-ବଜାରରେ ବିକ୍ରୟ କରି ଯେଉଁ ଦୁଇ ପଇସା ମିଳେ ସେଥିରେ ଗୁଜୁରାଣ ମେଣ୍ଟିଯାଏ କୌଣସିମତେ । ଯେତେ କାମ ଥିଲେବି, ଯେତେ ପ୍ରାକୃତିକ ପ୍ରତିବନ୍ଧକ ଆସିଲେବି ଗୁପୀ କିନ୍ତୁ ଦିନ ଭିତରେ ଥରେ ତାରପୀଠକୁ ଆସି ଭୈରବଙ୍କୁ ଦର୍ଶନ କରିଯାଏ । ଏହାହିଁ ତା'ର ନିତିଦିନିଆ ସାଧନା । ଯାକୁ ଇତ କୁହନ୍ତି ନିଷ୍ଠା । ବେଶୀ କିଛି ନ ହେଲ

ପନ୍ଥକେ ନିଷ୍ଠାର ସହିତ ଯଦି ଭଗବତ୍ ପ୍ରୀତି ଉଦ୍ଦେଶ୍ୟରେ କୌଣସି ଗୋଟିଏ ଅନୁଷ୍ଠାନ ଅଭ୍ୟାସ କରଯାଏ ତେବେ ତହିଁରୁ ହିଁ ଜାତହୁଏ ଅନୁରାଗ । ଅନୁରାଗରୁ ପ୍ରୀତି ଓ ଏହି ନିଷ୍କାମ ପ୍ରୀତି ହିଁ ଭକ୍ତିର ରୂପନିଏ । ଭକ୍ତି ଆସିଲେ ଭଗବାନ ଧରା ନଦେଇ ରହି ପାରନ୍ତିନି । ଏହାହିଁ ସାଧନା । କେତେ ସହଜ ପୁଣି କେତେ କଷ୍ଟ ସତେ !

ସେଦିନ ଏକ ସୁଉଚ୍ଚ ଜାମୁ ଗଛରେ ଉଠିଲା ଗୁପୀ କାଠକାଟିବା ଉଦ୍ଦେଶ୍ୟରେ । ଯେଉଁ ଡାଳରେ ଠିଆହୋଇ କାଠ କାଟୁଥାଏ ସେ ଡାଳଟି ପାଣିଖିଆ–ପୋରିହା ଡାଳଟିଏ । ଗୁପୀର ଭର ସମ୍ଭାଳି ନପାରି ଭାଙ୍ଗିପଡ଼ିଲା ଡାଳଟି, ଆଉ ଭୂମିତଳେ ନିପତିତ ହୋଇ ଗୁପୀ ହେଲା ସଂଜ୍ଞାହୀନ । ଆଖପାଖର ଲୋକମାନେ ଦଉଡ଼ି ଆସି ଟେକିନେଲେ ତାକୁ ତାର ପର୍ଣ୍ଣ କୁଟୀରକୁ । ଅନେକ ସମୟପରେ ଚେତା ଫେରି ଆସିଲେବି ଅଣ୍ଟାରେ ଭୀଷଣ ଯନ୍ତ୍ରଣା ଅନୁଭବ ହୁଅନ୍ତେ ସେ ଆଉ ଶେଜରୁ ଉଠିପାରିଲା ନାହିଁ । ଏକେତ ଗରୀବ; ପୁଣି ପଲ୍ଲୀଗ୍ରାମ । ଟୁଟ୍‌କା-ଟୁଟ୍‌କୀ ଚିକିତ୍ସା ବ୍ୟତୀତ ଅନ୍ୟ କିଛି ଉପାୟ ନାହିଁ । କିନ୍ତୁ ସେଥିରେ ଯନ୍ତ୍ରଣାର ଉପଶମ ନହୋଇ ବରଂ ଦିନକୁ ଦିନ ବଢିବାକୁ ଲାଗିଲା । ପରିପକ୍ୱ ବୟସ ସାଙ୍ଗକୁ ହାଡ଼ଭଙ୍ଗା ଯନ୍ତ୍ରଣାରେ ଜର୍ଜରିତ ଗୁପୀ ଆରୋଗ୍ୟ ହେବାର ସମସ୍ତ ଆଶା ଛାଡ଼ିଦେଇ ନିଶ୍ଚିନ୍ତ ମୃତ୍ୟୁକୁ ହିଁ ଅପେକ୍ଷା କରି ପଡ଼ିରହିଲା । କିନ୍ତୁ ମନରେ ତାର ଏକ ବିରାଟ ଅବଶୋଷ । ଦୀର୍ଘଦିନ ଧରି ସେ ମଙ୍ଗଳମୟ ଶିବଙ୍କ ଶ୍ରୀଚରଣ ଦର୍ଶନରୁ ବଞ୍ଚିତ । ସେଦିନ ସକାଳୁ ସକାଳୁ କାହିଁକି କେଜାଣି ଭଗବାନଙ୍କ ନିମନ୍ତେ ପ୍ରାଣଟା କାନ୍ଦି ଉଠିଲା ଭକ୍ତର । ଟିକିଏ ଶ୍ରୀମୁଖ ଦର୍ଶନ ଓ ଶ୍ରୀପାଦ ଧୂଳି ପାଇବା ଆଶାରେ ଗୁପୀ ଅନ୍ତର୍ଯାମୀ ମହାପୁରୁଷଙ୍କୁ କାୟମନୋବାକ୍ୟରେ ସ୍ମରଣ କରିବାକୁ ଲାଗିଲା । ଆଉ ସେଇଥିପାଇଁତ ଅନାଥର ବନ୍ଧୁ ଶରଣ ସୋଦର ଭକ୍ତବତ୍ସଳ ଦରିଦ୍ରର ଭଗବାନ ନିଜେ ଆସି ଉପସ୍ଥିତ ହୋଇଛନ୍ତି ଭକ୍ତର କୁଡ଼ିଆରେ ।

ବାବାଙ୍କ କଥା ଶୁଣି କିନ୍ତୁ ଯନ୍ତ୍ରଣା ଯେମିତି ବଢିଗଲା ଗୁପୀର । ଅଶ୍ରୁସିକ୍ତ ନୟନରେ ଗଦ୍‌ଗଦ୍ କଣ୍ଠରେ କହିଉଠିଲା ସେ, "ଏ କି କଥା

କ୍ଷେପାବାବା ! ମୁଁ ଯେ ବୟସରେ ଚ୍ୱରିବର୍ଷ ବଡ଼ ! ଆପଣଙ୍କ ଆଗରେହିଁ ମୋ ଦିନ କଟିଯାଉ ଠାକୁର ।”

“ତା ମୁଁ ବେଶ ଜାଣେରେ ଶଳା ! ଦେଖିବୁ ଫଳେନ ପରିଚୟତେ !” –ହସିହସି କହିଲେ ସଦାନନ୍ଦମୟ ।

ଭକ୍ତ ଓ ଭଗବାନଙ୍କ ମିଳନରେ ନିମିଷକ ମଧ୍ୟରେ ଅପସରିଗଲା ଭକ୍ତର ଦାରୁଣ ଯନ୍ତ୍ରଣା । ହୁଏତ ଭକ୍ତ ପାଇଁ ଭଗବାନ ନିଜେହିଁ ହସିହସି ଗ୍ରହଣକଲେ ସମସ୍ତ ଜ୍ୱାଳା–ଯନ୍ତ୍ରଣା । ମୃତ୍ୟୁର କରାଳ ଛାୟା– ଜ୍ୟୋତିର୍ମୟଙ୍କ ଜ୍ୟୋତିରେ ରୂପାନ୍ତରିତ ହେଲା ଅମୃତମୟ ପ୍ରେମରେ । ଧାରଧାର ହୋଇ ପ୍ରେମାଶ୍ରୁ ଝରି ଶିକ୍ତକଲା ସଦାଶିବଙ୍କ ଚରଣାରବିନ୍ଦ । ଭକ୍ତର ସର୍ବାଙ୍ଗରେ ମଙ୍ଗଳ କରପଲ୍ଲବ ବୁଲେଇ ଦେଇ ଫେରିଗଲେ ମଙ୍ଗଳମୟ ! ଅଚିରେ ଆରୋଗ୍ୟ ଲାଭକରି ପୁଣି ପୂର୍ବପରି ନିତିଦିନିଆ କାର୍ଯ୍ୟରେ ମନୋନିବେଶ କଲା ଗୁପୀ । ଗୁପୀ ଯେତେ ଉଚ୍ଚରୁ ଖସିପଡ଼ିଥିଲା ହୁଏତ ସାଧାରଣ ଲୋକ ପକ୍ଷରେ ପୁଣିଥରେ କାର୍ଯ୍ୟକ୍ଷମ ହୋଇଉଠିବା ସମ୍ଭବ ହୋଇ ନଥାନ୍ତା । କିନ୍ତୁ ଭକ୍ତର ବ୍ୟଥା ଯେ ଭଗବାନ ନିଜେ ଗ୍ରହଣ କରନ୍ତି ।

ହୃଦେ ଗୋବିନ୍ଦ ପଦଧ୍ୟାୟୀ ।
ନୟନ ବୁଜି ଯେବେ ଧାଇଁ ।।
ପଥ ନଜାଣି ଯେବେ ହୁଡେ ।
ସେ ପ୍ରାଣୀ କେବେହେଁ ନପଡ଼େ ।।

(ଶ୍ରୀମଦ୍ ଭଗବତ)

ଏହି ଘଟଣାର ଅଳ୍ପ କିଛିଦିନ ପରର କଥା, ପୁଣିଥରେ ରୋଗ ସନ୍ନିପାତ ରୋଗ କବଳରେ ନିପତିତ ହୋଇପଡ଼ିଲା ଗୁପୀ । ସ୍ଥାନୀୟ କବିରାଜ ଦୀର୍ଘଦିନ ଧରି ଚିକିତ୍ସା କରି ମଧ୍ୟ କିଛି ଫଳ ହେଲନି । ଶେଷକୁ ନିରସ୍ତ କବିରାଜ ଶେଷ ଜବାବ ଦେଇ ଚ୍ୱଲିଗଲେ । ନିଃସହାୟ

ଭକ୍ତ କତଗଲଗା ହୋଇ ପଡ଼ିଥାଏ । ଜୁଳୁ-ଜୁଳୁ ହୋଇ ଜଳୁଥିବା ଚକ୍ଷୁ ଦୁଇଟି ଓ କ୍ଷୀଣ ଶ୍ୱାସ-ପ୍ରଶ୍ୱାସ ବ୍ୟତୀତ ବଞ୍ଚିବାର ଆଉ କୌଣସି ସଙ୍କେତ ନ ଥାଏ ତା'ଠାରେ । ରୋଗୀର ମୁମୂର୍ଷୁ ଅବସ୍ଥା ଦେଖି ଅସହାୟା ରମଣୀ ଅଶ୍ରୁସଜଳ ନୟନରେ ଦଉଡ଼ିଲା ବରାଭୟ ଦାତା ଭୈରବଙ୍କ ଅଭୟ ଚରଣ ତଳକୁ । କି ଆଶ୍ଚର୍ଯ୍ୟ ! ବାବାଙ୍କ ନିର୍ଦ୍ଦେଶରେ କେବଳ ତାର ମା'ର ଚରଣାମୃତ ସେବାକରି ସାତଦିନ ମଧ୍ୟରେ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇ ପୁଣି କାର୍ଯ୍ୟକ୍ଷମ ହୋଇ ଉଠିଲା ଗୁପୀ । ଏଥର ଅବଶ୍ୟ ସବୁଦିନ ପାଇଁ କଟିଗଲା; ସମସ୍ତ ଦୁଷ୍ଟ ଗ୍ରହର ପ୍ରକୋପ । ଭୈରବଙ୍କ ଆଶୀର୍ବାଦରୁ ନିରୋଗ ଦୀର୍ଘ ପଥରେ ନିର୍ବିଘ୍ନରେ ଗଡ଼ିଚାଲିଲା ଜୀବନରଥ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଗୁପୀ କାଠ କାଟିବା ଧନ୍ଦା ଛାଡ଼ିଦେଲା । ଏଥର ସେ ନିତି ସକାଳୁ ତାରାପୀଠ ଶ୍ମଶାନର ଲୋକଚଲା ପଥଟିରୁ ନରମୁଣ୍ଡ ଓ ଅସ୍ଥି ପ୍ରଭୃତି କାଢ଼ି, ସଫା କରିଦିଏ । ସମାଗତ ଭକ୍ତ ଓ ଦର୍ଶକମଣ୍ଡଳୀ ଯେ ଯାହା ସ୍ୱେଚ୍ଛାରେ ଦାନ କରନ୍ତି ସେଇଥିରେ ହିଁ ଆନନ୍ଦରେ ଚଳିଯାନ୍ତି ଦୁଇପ୍ରାଣୀ । ଜୀବନର ଶେଷଦିନ ପର୍ଯ୍ୟନ୍ତ କିନ୍ତୁ ପୂର୍ବବର୍ଣ୍ଣିତ ସାଧନାରେ ତା'ର କେବେ ଆଉ ଦିନେହେଲେ ବ୍ୟତିକ୍ରମ ହେବାର କେହି ଦେଖିନି । ବାବାଙ୍କ ମରଲୀଳା ସମ୍ବରଣପରେ ତାଙ୍କର ଶିଳାମୟ ବିଗ୍ରହ ଦର୍ଶନ ସାଙ୍ଗକୁ ସମାଧି ମନ୍ଦିର ଓ ପଞ୍ଚମୁଣ୍ଡି ଆସନର ମାର୍ଜନା ମଧ୍ୟ ସ୍ୱେଚ୍ଛାରେ ନିଷ୍ଠାର ସହିତ ସମ୍ପନ୍ନ କରେ ସେ ପ୍ରତ୍ୟହ । କେବଳ ଖାଇବା ଓ ବିଶ୍ରାମ ନେବା ସମୟ ବ୍ୟତୀତ ଅନ୍ୟ ସବୁ ସମୟରେ ଗୁପୀ ପ୍ରାୟ ଘୂରିବୁଲୁଥାଏ ଏହି ଭୀମକାନ୍ତମୟ ନିର୍ଜନ ଶ୍ମଶାନ ମଧ୍ୟରେ—ସତେ ଯେମିତି ଏହାର ଧୂଳି-ମାଟି ଓ ବୃକ୍ଷଲତା ଭିତରେ ସେ ଖୋଜି ଚାଲିଛି ତାର ଜୀବନ ଆରାଧ୍ୟଙ୍କୁ, ପ୍ରତ୍ୟକ୍ଷ କରି ଚାଲିଛି ତାଙ୍କର ଅମର ଲୀଳାକୁ ।

ମଝିରେ-ମଝିରେ କେହି, କେହି ଅନୁରାଗୀ ଭକ୍ତ ଦେଖାହେଲେ—ଧର୍ମ ଓ ସାଧନା ସମ୍ବନ୍ଧରେ ମଧ୍ୟ ଆଲୋଚନା କରେ ସେ; କେତେ ଆଦେଶ ଓ ଉପଦେଶ ଦିଏ ମଧ୍ୟ । ଭୈରବଙ୍କ କୃପାରୁ ଏହି ଅଶିକ୍ଷିତ—ମୂର୍ଖ ଭକ୍ତଟି ମୁଖରୁ ବେଦାନ୍ତ ଓ ତନ୍ତ୍ରର ନିଗୂଢ଼ ତତ୍ତ୍ୱ ସବୁ ଶୁଣି ବିସ୍ମିତ

ହୁଅନ୍ତି ସକଳେ । ଏଇଥିପାଇଁତ ଭଗବାନ ଭାଗବତ ମୁଖରେ କହିଛନ୍ତି—

"ମୁଁ ଯାକୁ ହୁଅଇ ସଦୟ ।
ଜ୍ଞାନ ତା ହୃଦରୁ ଉଦୟ ।।"

ଧନ୍ୟତାର ନିଷ୍ଠା ଓ ଭକ୍ତି ! ଖରା ନାହିଁ, ଶୀତ ନାହିଁ, ଝଡନାହିଁ, ବୃଷ୍ଟି ନାହିଁ, ନିର୍ଭୟରେ ନିଃସଙ୍କୋଚରେ ନିୟତ ସେ ଘୁରି ବୁଲୁଥାଏ ଏହି ମହାଶ୍ମଶାନ ମଧ୍ୟରେ ଆଉ ସ୍ମରଣ କରୁଥାଏ ମହାଭୈରବଙ୍କ ଅପୂର୍ବନରଲୀଳା । କେତେବେଳେ ପାଗଳଙ୍କ ପରି ହୋ-ହୋ ହସି ଉଠେତ, ପୁଣି କେତେବେଳେ ଗଣ୍ଡଦେଶ ପ୍ଲାବନ କରି ଝରିପଡ଼େ ଝରଝର ଅଶ୍ରୁଧାର । ଉପଦେଶ ଛଳରେ ସେ ପ୍ରାୟ କହେ "ମଦ ଖାଅନା । କେବଳମାତ୍ର ତାରାମା'ର କୋମଳ କମଳ ଚରଣ ଦୁଇଟି ବୁକୁ ଭିତରେ ଜାବୁଡ଼ିଧରି କ୍ଷେପାବାବାଙ୍କୁ ମନେ-ମନେ ଚିନ୍ତାକର । ତାରାମା'ର ନାମ କର । ତାହେଲେ ରୋଗ-ଶୋକ ସବୁ ଦୂରେଇଯିବ । ଅନ୍ୟ କୌଣସି ସାଧନ-ଭଜନର କିଛି ପ୍ରୟୋଜନ ନାହିଁ । ଏହିଥିରେ ହିଁ ସବୁହେବ; ଘରେ ବସି ସବୁ ପାଇବ !" କ୍ଷେପାବାବାଙ୍କ କଥା ଉଠିଲେହିଁ ଚକ୍ଷୁ ଦୁଇଟି ତା'ର ଅଶ୍ରୁସଜଳ ହୋଇଉଠେ । ଭକ୍ତି ଗଦ୍‌ଗଦ୍ ହୃଦୟରେ କୃତାଞ୍ଜଳୀ ପୁଟରେ କହି ଉଠେ "ଆରେ ! ଆମର କ୍ଷେପାବାବାଙ୍କୁ ଜଗତ ଚିହ୍ନିଲିନିରେ । ସେ କ'ଣ ମଣିଷ ଥିଲେ, ସେ ଯେ ସାକ୍ଷାତ ଶଙ୍କର; ସ୍ୱୟଂ ଶ୍ମଶାନଗ୍ୱରୀ ସଦାଶିବ !" ଆହା ଭଗବାନଙ୍କ ପାଇଁ ଭକ୍ତର ଅନ୍ତର୍ନିହିତ ପ୍ରେମର କି ଖେଦୋକ୍ତି ସତେ ! ପରମମଙ୍ଗଳ ସ୍ୱରୂପ ଶିବଙ୍କୁ ଜଗତ ଚିହ୍ନିଲିନି; ଏହାହିଁ ତାର ଦୁଃଖ । ମହାପୁରୁଷଙ୍କ ପାଖରେ ଲୋକେ କେତେ କ'ଣ ପ୍ରାର୍ଥନା ଜଣାନ୍ତି; କିଏ ପୁତ୍ର ଗୁହେଁ, କିଏ ବିଭବ ଗୁହେଁ, କିଏ ଉଚ୍ଚପଦ ଗୁହେଁ, କିଏ ଇନ୍ଦ୍ରତ୍ୱ ବା ଦେବତ୍ୱ ଗୁହେଁ ଆଉ କିଏବା ସିଦ୍ଧି-ମୁକ୍ତି ଗୁହେଁ, କିନ୍ତୁ ଆଜୀବନ ନିଃସନ୍ତାନ ଗୁପୀର ପ୍ରାର୍ଥନାରେ କାମନା-ବାସନାର ଗନ୍ଧ ମାତ୍ରବି ନାହିଁ । ଅଛି କେବଳ ନିଛକ ଭଲ ପାଇବା ଓ ପ୍ରିୟ ବିରହ ବିଚ୍ଛେଦ ଜନିତ ଖେଦ । ଏହାକୁହିଁ କହନ୍ତି ମଧୁରଭାବ । ଗୋପୀଭାବ ! ! ପ୍ରିୟର ପ୍ରିୟହିଁ ଅତୀବ ପ୍ରୀୟ । ପ୍ରିୟର

ଲୀଳାଶ୍ରବଣ ଲୀଳାଗାନ ଓ ଲୀଳା ସ୍ଥାନ ଦର୍ଶନହିଁ ତା'ର ଏକମାତ୍ର ସାଧନ-ଭଜନ ଓ ଧ୍ୟାନ ।

ଯେ ଯଥା ମାଂ ପ୍ରପଦ୍ୟନ୍ତେ
ତାଂ ସ୍ତଥୈବ ଭଜାମ୍ୟହଂ ।

(✓ ଶ୍ରୀମଦ୍ ଭଗବତଗୀତା)

ଭଗବାନ ମଧ୍ୟ ଏହିଭଳି ସାଧକମାନଙ୍କ ନିକଟରେ ସେମାନଙ୍କ ଧ୍ୟେୟ ମୂର୍ତ୍ତିରେ ପ୍ରକାଶିତ ହୋଇ ଈପ୍ସିତ ଭଚନାନୁରୂପ ଭୋଗ ପ୍ରଦାନ କରିଥାନ୍ତି ଅର୍ଥାତ୍ ସେମାନଙ୍କ ସଙ୍ଗରେ ନୀତ୍ୟଲୀଳା ରଚନା କରି ନିତ୍ୟ ବିହାର କରନ୍ତି ।

ସେଦିନ ଦକାଲୁ-ସକାଳୁ ଶ୍ମଶାନ ପଥ ପରିଷ୍କାର କରିସାରି-ଜିବୀତ କୁଣ୍ଡରେ ସ୍ନାନକଲା ଗୁପୀ; ଦର୍ଶନ କଲା ତାର ଆରାଧ୍ୟ ଦେବତାଙ୍କ ଲୀଳାବିହାର ସମାଧି ମନ୍ଦିର । ତା'ପରେ ତାର ମା'ର ଚରଣାମୃତ ପାନ କରି ସନ୍ତୋଷ ଚିତ୍ତରେ ପର୍ଣ୍ଣକୁଟୀରକୁ ଫେରିଯାଇ କୁଟୀର ଅଭ୍ୟନ୍ତରରେ ସ୍ଥାପିତ ଶିବଲିଙ୍ଗ ନିକଟରେ ବସିପଡ଼ିଲା ପରମପୁରୁଷଙ୍କ ପରମ ଧ୍ୟାନରେ, ନିମିଷକ ମଧ୍ୟରେ ପବିତ୍ର ତାରନାମ ଉଚ୍ଚାରଣ କରୁକରୁ ସେହି ଶିବଲିଙ୍ଗ ଉପରେ ମଥା ସ୍ଥାପନ ପୂର୍ବକ ପ୍ରବେଶ କଲା ନିତ୍ୟାନନ୍ଦ-ମୟଙ୍କ ନିତ୍ୟଲୀଳାରେ । ଗୁପୀ ତାହାର ଜୀବନକାଳ ମଧ୍ୟରେ କୌଣସି ସାଧନ, ଭଜନ ନକରି ମଧ୍ୟ କେବଳ ଭୈରବଙ୍କପ୍ରତି ଅକପଟ ଶ୍ରଦ୍ଧା ଓ ଭକ୍ତି ପାଇବା ବଳରେ ମହାପୁରୁଷଙ୍କ କୃପାରୁ ପଞ୍ଚମ ପୁରୁଷାର୍ଥ ଲାଭକରି ପାରିଥିଲେ । ସେଇଥିପାଇଁ ଗୁପୀର ଜୀବନ ଦର୍ଶନ ତ୍ରିତାପକ୍ଲିଷ୍ଟ—ଜ୍ୱାଳା ଯନ୍ତ୍ରଣା ଜର୍ଜରିତ ପ୍ରତ୍ୟେକ ଭବଭିରୁ-ଜନର ଧ୍ୟେୟ ଓ ଅନୁକରଣୀୟ ।

*

ପରିଶିଷ୍ଟ

୧୯୦୯ ମସିହା ଚୈତ୍ରମାସର ଏକ ଶାନ୍ତ ସକାଳ । ବାବା ମହାଶ୍ମଶାନସ୍ଥ ପଞ୍ଚମୁଣ୍ଡି ଆସନରେ ଉପବିଷ୍ଟ । ଆଖପାଖରେ ପଡ଼ିଛି ବିକ୍ଷିପ୍ତ ନରକଙ୍କାଳ ଓ ନରମୁଣ୍ଡଗଳି । ପ୍ରିୟ କୁକୁର କେତୋଟି ପାଦତଳେ ବିଶ୍ରାମରତ । ନଗେନ୍ଦ୍ର ନାଥ ବାଗଚୀ, ସୁଶୀଳ କୁମାର ରାୟ ଓ ଅମୂଲ୍ୟ ଭଟ୍ଟାଚାର୍ଯ୍ୟ ଆଦି ପ୍ରିୟ ଶିଷ୍ୟଗଣ ତଥା ଅନ୍ୟ କେତେଜଣ ଅନୁରାଗୀ ଭକ୍ତ ବସିଥାନ୍ତି ବାବାଙ୍କ ସାମ୍ନାରେ । ଏତିକିବେଳେ ମୀରଟ୍‌ରୁ ସୁରପତି ବସୁ ନାମକ ଜଣେ ମିଲିଟାରି ଅଫିସର ଭୈରବଙ୍କୁ ଦର୍ଶନ କରିବା ଅଭିଳାଷରେ ଆସି ପ୍ରଣତି ଜଣେଇ ଭକ୍ତମାନଙ୍କ ମେଳରେ ଉପବେଶନ କଲେ । ସେଦିନ ଭୈରବଙ୍କ ମେଜାଜ ବଡ ଖୁସ୍ ଥାଏ । ଏଣୁ ତେଣୁ ଖୁସି ଗପ କରୁଥାନ୍ତି ଶିଷ୍ୟ-ଭକ୍ତମାନଙ୍କ ସାଙ୍ଗରେ । ହଠାତ୍ ସୁରପତି ବାବାଙ୍କୁ ପଚାରି ବସିଲେ "ବାବା, ଶବ ସାଧନା କ'ଣ ?"

ବାବା ହସି-ହସି କହିଲେ "ଆରେ ବାବା, ସେ ତ ବଡ ନିଗୂଢ଼ ରହସ୍ୟ ! ତନ୍ତ୍ରର ଏହାହିଁ ଚରମ ଓ ପରମ ସାଧନା । ତେବେ ଏହି ସାଧନାର ସାରମର୍ମ ହେଉଛି—ଶିବରୂପୀ ଚିତ୍ତର ଆସନରେ ମନକୁ ସ୍ଥାପନ କରିବା । ସେତେବେଳେ ସାଧକର ଚିତ୍ତ ଶ୍ମଶାନମୟ ବା ଶିବମୟ ହୋଇଯାଏ ଆଉ ଚଞ୍ଚଳମନ ଶିବାନୀ ରୂପେ ରୂପାନ୍ତରିତ ହୋଇ ଶବ ବୁକୁରେ ଲୀଳା ଆରମ୍ଭ କରିଦିଏ । ଏହି ମନହିଁ ହୋଇଯାଏ ଜୀବର ମା' । ଏହାହିଁ ତ ଅସଲ ଶବ ସାଧନା ବାବା !

ଶବ କରିବ ଏ ଦେହ ଗୋଟି
ବିପରୀତେ ରହିବ ରତି ।
ଦେଖିବ ଶିବେ ଶିବାସନା
ମନ ନ ହେବ ଆନମନା ।

ନିଠୁର ଖେଳ ଛାଡ଼ି ମାୟା
ବ୍ରହ୍ମେଯାଇ ହେବ ଛାୟା
ଦେହୀର ଉପରେ ଦେଖି କାୟା
ଆମ୍ଭ ରମଣ ଛାଡ଼ିବନା ।।"

ଏତିକିବେଳେ ଆଉ ଜଣେ ଭକ୍ତ ପ୍ରଶ୍ନ କଲେ "ବାବା ଜୀବର ମୃତ୍ୟୁ ଭୟ ଆସେ କହିଁକି ?"

ମୃଦୁହସି ମୃତ୍ୟୁଞ୍ଜୟ ଉତ୍ତର ଦେଲେ 'ଆରେ ଶଙ୍କା, ତୁମେମାନେ ମରଣକୁ ବେଶୀ ଡରବୋଲି, ମରଣ ତମକୁ ଡରଏ । କାହିଁ ମୋତେ ତ ଡର ଲାଗୁନି । ଦେଖିବରେ ଶଳେ–ମୃତ୍ୟୁ କାହାକୁ କହନ୍ତି ?" ଭୈରବଙ୍କର ଏହି ଉକ୍ତି ଶୁଣି ଉପସ୍ଥିତ ସକଳେ ଅବାକ୍, ବିସ୍ମୟ ହୋଇ ତାଙ୍କ ମୁଖକୁ ଅନେଇ ରହିଲେ । ଅଳ୍ପକ୍ଷଣ ପରେ ହିଁ ଶିବସ୍ୱରୂପଙ୍କ ପ୍ରଶାନ୍ତ–ମୁଖମଣ୍ଡଳଟ କ୍ରମଶଃ ଗମ୍ଭୀର ଭାବ ଧାରଣ କଲା । ଦେହର ରଙ୍ଗ ବିବର୍ଣ୍ଣ ହୋଇ ଆସିଲା । ବିରାଟ କୃଷ୍ଣକାୟ ଅବୟବଟି ଥରି-ଥରି ଭୂତଳରେ ନିପତିତ ହେଲା । ହୈ-ଚୈ ପଡ଼ିଗଲା ଶିଷ୍ୟ-ଭକ୍ତମାନଙ୍କ ମଧ୍ୟରେ । ତ୍ରସ୍ତବ୍ୟସ୍ତ ହୋଇ ଦଉଡ଼ି ଆସିଲେ ସମସ୍ତେ ବାବାଙ୍କ ନିକଟକୁ । କିଏ ଜଳ ପାଇଁ ଦଉଡ଼ିଗଲାତ କିଏ ବତାସ କରିବାକୁ ଲାଗିଲା । କିନ୍ତୁ ଏ କ'ଣ ? ନାଡ଼ିର ଗତି ସ୍ତମିତ; ହୃଦୟର କ୍ରିୟା ସମ୍ପୂର୍ଣ୍ଣ ସ୍ତବ୍ଧ । ଜୀବନର କୌଣସି ଲକ୍ଷଣହିଁ ନାହିଁ । ବରଫ ପରି ହେମକାକର ଶରୀର ସତେ ଯେମିତି ଖଣ୍ଡିଏ କାଠଗଣ୍ଡି । ବ୍ୟାକୁଳିତ ଭକ୍ତଗଣ ପରସ୍ପର ମୁଖକୁ ଅନେଇ-କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥାରେ ଅଶ୍ରୁପାତ କରିବାକୁ ଲାଗିଲେ । ତେବେ ସତକୁ ସତ କ'ଣ ବାବା ଆମକୁ ତ୍ୟାଗକରି ଚାଲିଗଲେ ? କେହି, କେହି ଡାକ୍ତର ଡାକିବାକୁ ନିକଟସ୍ଥ ଗ୍ରାମକୁ ଦଉଡ଼ିଲେ । ଏତିକିବେଳେ କିନ୍ତୁ ଘଟିଲା ଏକ ଅଘଟଣ । ନିକଟରେ ପଡ଼ିଥିବା ଏକ ନରମୁଣ୍ଡ ଅଟ୍ଟହାସ୍ୟ କରି ଉଠିଲା । ଭୟଭୀତ ହେଲେ ସକଳେ । କିଛିକ୍ଷଣ ଉତ୍ତାରୁ ଅଟ୍ଟହାସ୍ୟ ବନ୍ଦହୋଇ ଶୁଣାଗଲା ବଜ୍ର ଗମ୍ଭୀର ବାଣୀ "ଆରେ, ଏହାରି ନାମ୍ ହେଲା ମରଣ, ଆଉ ଏହାକୁହିଁ

ତମେମାନେ ଭୟକର ।” ସ୍ୱର ବନ୍ଦ ହେବା ସଙ୍ଗେ; ସଙ୍ଗେ ଭୈରବଙ୍କର ବିରଟ ବପଟି ପୂର୍ଣ୍ଣ ଥରି ଉଠିଲା । ଶାନ୍ତ ସରଳ ଭବେ ହସିହସି ପଞ୍ଚମୁଣ୍ଡି ଆସନକୁ ଉଠିଗଲାବେଳେ ସେ ଗାଇ ଉଠିଲେ;

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଳେଦୟେନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।"
(ଶ୍ରୀମଦଭଗବତଗୀତା)

ଆବୃତ୍ତି ଶେଷ ହୁଅନ୍ତେ ସ୍ଥିର ଯୋଗାସନରେ ଉପବେଶନ କଲେ ଯୋଗେଶ୍ୱର ଚିତ୍ତ ବୋଧହୁଏ ମଜ୍ଜିଗଲା ବ୍ରହ୍ମାନନ୍ଦ ରସ ପାନରେ ।

ବାମାକ୍ଷେପା ବାବାଙ୍କର ଏହି ଅପୂର୍ବ ଯୋଗ ବିଭୂତି ଦର୍ଶନ କରି ଉପସ୍ଥିତ ସକଳେ ସ୍ତମ୍ଭୀଭୂତ ହୋଇଯାଇଥିଲେ ସେଦିନ । କାଶୀପୀଠର ଚଳନ୍ତିଶିବ ତୈଳଙ୍ଗସ୍ୱାମୀ ଏବଂ ପରମଯୋଗୀ ଭସ୍କରନନ୍ଦ ମଧ୍ୟ ମଝିରେ ମଝିରେ ଠିକ୍ ଏହି ଭବରେ ଦେହରୁ ଆତ୍ମାକୁ ମୁକ୍ତକରି ଦେହର ନଶ୍ୱରତା ତଥା ଆତ୍ମାର ଅବିନଶ୍ୱରତା ପ୍ରମାଣ କରନ୍ତି । ଯେଉଁମାନେ ନିତ୍ୟସିଦ୍ଧ, ଜୀବନ୍ମୁକ୍ତ ମହାପୁରୁଷ ସେହିମାନେହିଁ ମୃତ୍ୟୁଞ୍ଜୟୀ । ମୃତ୍ୟୁ ତାଙ୍କର ଇଚ୍ଛାଧୀନ । ଏକଥା ସେଦିନ ଅନ୍ୟ କେହି ବୁଝି ନପାରିଲେ ମଧ୍ୟ, ଉପରୋକ୍ତ ଘଟଣାଟି ଯେ ଇଚ୍ଛାମୟ ପୁରୁଷଙ୍କର ମର୍ତ୍ତ୍ୟଲୀଳା ସମ୍ବରଣ ଇଚ୍ଛାର ପୂର୍ବସୂଚନା ଥିଲା ଏଥିରେ ସନ୍ଦେହ ନାହିଁ ।

X X X

ବାବା ଯୋଗାସନରେ ସମାସୀନ । ଅଳ୍ପ କେତେଜଣ ଅନ୍ତରଙ୍ଗ ଶିଷ୍ୟଭକ୍ତ ସାମ୍ନାରେ ବସି ତାରମା'ର ନାମ କରୁଥାନ୍ତି । ଅନ୍ୟମାନେ ଯେ ଯାହାର ଗନ୍ତବ୍ୟସ୍ଥଳକୁ ଚାଲିଗଲେଣି । ଏତିକିବେଳେ ନନ୍ଦାହାଡ଼ି ଉର୍ଦ୍ଧଶ୍ୱାସରେ ଦଉଡ଼ି-ଦଉଡ଼ି ଆସି ଜଣାଇଲା "ବାବା ଆପଣଙ୍କ ଗଙ୍ଗୁବାବୁ ଜିବୀତ କୁଣ୍ଡ ଜଳ ନିକଟରେ ମରିପଡ଼ିଛି ।"

ଅର୍ଦ୍ଧନିମିଳିତ ନୟନରେ ନନ୍ଦାକୁ ଅନାଇ ନନ୍ଦୀଶ୍ୱର ପଚାରିଲେ; "କ'ଣ କହିଲ ବାବା, ଆମର ଗଙ୍ଗୁବାବୁ ଆଉ ଜୀବନରେ ନାହିଁ ? ତାକୁ ଟିକିଏ ମୋ ନିକଟକୁ ନେଇଆସତ ବାବା !"

ପରମ ଆଗ୍ରହ ସହକାରେ ନନ୍ଦା ଜୀବିତ କୁଣ୍ଡଧାରକୁ ଯାଇ ମୃତ କୁକୁରର ଶବଟି ଟେକି ଆଣି ବାବାଙ୍କ ପାଦ ନିକଟରେ ଶୁଆଇ ଦେଲା । ବାବା ଦୁଇହାତରେ ତାକୁ ବୁକୁ ନିକଟକୁ ଟୋଳି ନେଇ ଡାହାଣ ହାତରେ ତା ଦେହରେ ପଇତାଟିକୁ ଜଡ଼େଇ ଧରି "ଶ୍ରୀ ଦୁର୍ଗା-ଜୟତାରା" ଜପ କରିବାକୁ ଲାଗିଲେ । କିଛି ସମୟ ଉତ୍ତାରୁ ଶବଟିକୁ ତଳେ ଥୋଇଦେଇ ନନ୍ଦାକୁ ନିର୍ଦ୍ଦେଶ ଦେଲେ "ଏହାକୁ ଶିମୁଳି ତଳେ ସମାଧି ଦେଇଦିଅ ବାବା !" ଗାତ ଖୋଳା ହୋଇଗଲା-ଜଣେ ଭକ୍ତ କିଛି ଲୁଣ ଆଣି ଗାତଟିରେ ଢାଳିଦେଲା । ଏଥର ନନ୍ଦା ଆସି ଶବଟିକୁ ଉଠେଇ ନେବାକୁ ବସିଛି, ନଗେନ୍ଦ୍ରନାଥ ବାଗଚୀଙ୍କୁ ଲକ୍ଷ୍ୟ କରି ବାବା କହିଉଠିଲେ "ଦେଖତ ନଗେନ ବାବା ! ଏହି କୁକୁରଟି ସ୍ତ୍ରୀ ନା ପୁରୁଷ ?" ବାଗଚୀ ମହାଶୟ ପରୀକ୍ଷା କରି ଜଣେଇଲେ; "ଏଇଟି ପୁରୁଷ ବାବା ।" ଦୁଇ ହସ୍ତ ଉତ୍ତୋଳନ ପୂର୍ବକ ଆଶ୍ଚର୍ଯ୍ୟ ମୁଖଭଙ୍ଗି କରି ବାବା କହିଉଠିଲେ "ସେ କି କଥା ବାବା, ଏଇଟି ପୁରୁଷ, ତାହେଲେ ତ କଥା ସରିଗଲା ବାବା ।"

ଭୈରବଙ୍କ ଉକ୍ତିର ଭବାର୍ଥ ବୁଝିବା ଖୁବ କଠିଣ । ତେବେ ଏଥିରୁ ବୋଧହୁଏ ଦୁଇଟି କଥାର ଇଙ୍ଗିତ ମିଳିପାରେ । ପ୍ରଥମତଃ ସୃଷ୍ଟି ତତ୍ତ୍ୱରେ ପୁରୁଷ ମାତ୍ର ଏକଜଣ, ପରମ ପୁରୁଷହିଁ ଏକମାତ୍ର ପୁରୁଷ; ବାକି ସମସ୍ତେ ସ୍ତ୍ରୀ । ଏହି ପରମ ପୁରୁଷଙ୍କ ନାଶ ହେଲେ ସୃଷ୍ଟି ରହିବା କ'ଣ ସମ୍ଭବ ?

ଦ୍ୱିତୀୟତଃ, ବାବାଙ୍କର ଅନେକ ଗୁଡ଼ିଏ ଦେଶୀ କୁକୁର ଅନୁଚର ଥିଲେ । ବାବା ସେମାନଙ୍କୁ ଆଗ୍ରହରେ କାଲୁ, ଭୁଲୁ, ଶ୍ୱେତଫୁଲି, ବୁଢ଼ାବାବୁ, ଗଙ୍ଗାବାବୁ, ସାବଳି ଦିଦୀ ଆଦି ନାମରେ ଡାକନ୍ତି । ବୋଧହୁଏ କାଳଭୟ ନିବାରିଣୀ ତ୍ରିତାପ ନାଶିନୀ ତାରମା' ତା'ର ଆଦରର ଦୁଲାଳକୁ ପହରା ଦେବାପାଇଁ ଏକାଦଶ ରୁଦ୍ରଙ୍କୁ କୁକୁର ରୂପେ ପଠେଇଥିଲେ ଏହି ମହାଶ୍ମଶାନକୁ । ସେଇଥିପାଇଁ ସେମାନେ ସର୍ବଦା ଏହି ମହାସାଧକଙ୍କ ପାଖେ, ପାଖେ ଘୂରି ବୁଲୁଥାନ୍ତି । ଆଜି ସେହି ଏକାଦଶ ରୁଦ୍ରଙ୍କ ମଧ୍ୟରୁ ଗୋଟିଏ ଚାଲିଗଲା; ଏହିଥିରୁହିଁ ସୂଚନା ମିଳେ– ବୋଧହୁଏ ଲୀଳାମୟଙ୍କ ମର୍ତ୍ତ୍ୟଲୀଳା-ଖେଳା ସରିବାକୁ ଆଉ ବେଶୀ ଡେରିନାହିଁ ।

ସମଦର୍ଶୀ ମହାପୁରୁଷ ସର୍ବଭୂତରେ ହିଁ ଆତ୍ମଦର୍ଶନ କରନ୍ତି; ତେଣୁ ସୃଷ୍ଟିର ନଗଣ୍ୟତମ ଜୀବ ପ୍ରତି ବି ବାବା ଘୃଣା କରିବାର କେହି କେବେ ଦେଖିନି । ତେବେ, ଏହି କୁକୁର ଗୁଡ଼ିକଙ୍କ ପ୍ରତି ବାବାଙ୍କର ଥିଲା ଏକ ଅଦ୍ଭୁତ ଆକର୍ଷଣ । ସ୍ୱୟଂ ଧର୍ମହିଁ ତ ଦିନେ ଏହି କୁକୁର ରୂପରେ ଧର୍ମରାଜ ଯୁଧିଷ୍ଠିରଙ୍କୁ ସ୍ୱର୍ଗ ରାଜ୍ୟକୁ ପଥ କଢ଼େଇ ନେଇଥିଲେ ।

ଏହି କୁକୁରଗୁଡ଼ିଙ୍କୁ ନେଇ ବାବା ସମୟ ସମୟରେ କେତେ ରଙ୍ଗ ରହସ୍ୟ ମଧ୍ୟ କରନ୍ତି । ସାବଳୀ ଦିଦୀ କୁକୁରଟିକୁ ଦେଖି ବାବା ପ୍ରାୟ କୁହନ୍ତି "ଏଇଟି ମୋର ଚିରକୁମାରୀ ମା ! " ସତକୁ ସତ କୁକୁରଟି ଯଦିଓ ମାଈଥିଲା, ତାକୁ କେବେ ପ୍ରସବ କରିବାର କେହି ଦେଖିନି । ଉପରୋକ୍ତ ଘଟଣାର କିଛି ଦିନପରେ ହଠାତ୍ ଦିନେ ଏହି କୁକୁରଟି ଶ୍ମଶାନ ମଧ୍ୟରୁ ବୁଲିବୁଲି ଆସି ବାବାଙ୍କ ପଦ ପ୍ରାନ୍ତରେ ମଥାରଖି ଶୋଇ ପଡ଼ିଲା । ସେଇଯେ ଶୋଇଲା-ଶୋଇଲା, ଆଉ ଉଠିବାର କୌଣସି ଉପକ୍ରମ ନାହିଁ । ପରିଶେଷରେ ଦେଖାଗଲା ବାବାଙ୍କର କୁମାରୀ ମା'ଟି ଶ୍ରୀପାଦ-ପଦ୍ମ ପାଖରେ ପ୍ରାଣତ୍ୟାଗ କରିଛି । ବାବାଙ୍କ ନିର୍ଦ୍ଦେଶରେ ନନ୍ଦାହାଡ଼ି, ଏହିଟିକୁ ମଧ୍ୟ ଗଙ୍ଗୁବାବୁର ସମାଧି ନିକଟରେ ସମାଧି ଦେଇଦେଲା ।

କାଲୁ, ଭୁଲୁ ଓ ଶ୍ୱେତଫୁଲି ଏହି ତିନୋଟି କୁକୁରଙ୍କୁ ବାବା ସବୁଠାରୁ ବେଶୀ ଭଲ ପାଆନ୍ତି । ଏମାନଙ୍କ ଭିତରେ କାଲୁ କୁକୁରର ସ୍ଥାନ କିନ୍ତୁ ସ୍ୱତନ୍ତ୍ର ଓ ଅଗ୍ରଗଣ୍ୟ । ତାକୁ ଦଣ୍ଡେ ନ ଦେଖିଲେ ବାବା ବ୍ୟସ୍ତ ହୋଇ ପଡ଼ନ୍ତି । ଦିନେ ଅନେକକ୍ଷଣ ପର୍ଯ୍ୟନ୍ତ କାଲୁ କୁକୁରଟିକୁ ଦେଖିବାକୁ ନପାଇ ବାବା ମନକୁ ମନ କହି ଉଠିଲେ "କାହିଁ କାଲୁବାବୁ ତ ଆଜି ଏ ପର୍ଯ୍ୟନ୍ତ ଦେଖା ନାହାନ୍ତି; ଗଲେ କୁଆଡ଼େ ?" ଭୈରବଙ୍କ କଥାଶୁଣି ନିକଟରେ ଥିବା ଭକ୍ତ ବ୍ରଜ ପାଠକ "କାଲୁ, କାଲୁ-ତୁ-ତୁ" ବୋଲି ଚିତ୍କାର କରି ଉଠିଲେ । ବାବା କିନ୍ତୁ ବିରକ୍ତ ହୋଇ କହି ଉଠିଲେ– "କାଲୁ କ'ଣରେ ଶଳା, କାଲୁବାବୁ ବୋଲି ଡାକିବାକୁ ହୁଏ । କାଲୁ ବାବୁ ଆମର ରାଜପୁତ୍ ବ୍ରାହ୍ମଣ ବାବା !" ବାବାଙ୍କ କଥା ଶୁଣି ହସି ଉଠିଲେ ବ୍ରଜପାଠକ ମହାଶୟ । ବାବା କିନ୍ତୁ ଗମ୍ଭୀର ହୋଇ କହି ଉଠିଲେ "କିରେ ଶଳା, ଗୁରୁଙ୍କ ସାମନାରେ ହସିବା ଯେ ଅନୁଚିତ– ଏତିକି ଜାଣିନୁ ?

ଏତିକିବେଳେ କାଳୁ କୁକୁରଟି କେଉଁଠି ଥିଲା ଦଉଡ଼ି ଆସି ବାବାଙ୍କ କୋଳକୁ ଝାମ୍ପି ପଡ଼ିଲା । "ଆହା ଆମର କାଳୁବାବୁ, କେଉଁଠି ଥିଲ" ବୋଲି ବାବା ଆଉଁସି ଦେବାକୁ ଲାଗିଲେ ।

କାଳୁ ମଧ୍ୟ ଅତ୍ୟନ୍ତ ପ୍ରଭୁଭକ୍ତ ଥିଲା । ସର୍ବଦା ଭୈରବଙ୍କ ପାଶେ-ପାଶେ ଜଗି ରହିଥାଏ । ଗଭୀର ନିଶୀଥରେ ଯେତେବେଳେ ଏହି ଭୟାବହ ଶ୍ମଶାନ ଭୟଙ୍କର ରୂପ ଧାରଣ କରେ ସେତେବେଳେ ଏହି ପ୍ରିୟ କୁକୁରଟି ବ୍ୟତୀତ ଶ୍ମଶାନଚାରୀ ବୀରସାଧକଙ୍କ ନିକଟରେ ଆଉ କେହି ପ୍ରାୟ ରହିବାକୁ ସାହସ କରନ୍ତି ନାହିଁ । ସୁତରାଂ କାଳୁ ହିଁ ଥିଲା ଭୈରବଙ୍କ ସମସ୍ତ କାର୍ଯ୍ୟକଳାପର ଏକମାତ୍ର ସାକ୍ଷୀ ତଥା ଅନ୍ତରଙ୍ଗ ପାର୍ଷଦ । ପ୍ରଭୁଭକ୍ତ ଭୃତ୍ୟ ହିସାବରେ କାଳୁର କ୍ରିୟାକଳାପ ମଧ୍ୟ କମ ବିସ୍ମୟକର ନୁହେଁ ।

ଦିନକର ଘଟଣା । ନିର୍ଜନ ଗଭୀର ରାତି । ନିଶା ସାଇଁ ସାଇଁ ଗର୍ଜୁଛି । ଜନ-ମାନବର ସ୍ୱର ଶବ୍ଦ ନାହିଁ । ଆତ୍ମଭୋଳା ମହାସାଧକ ପଞ୍ଚମୁଣ୍ଡି ଆସନରେ ଯୋଗାରୂଢ । ପାଖରେ କେହି କୁଆଡେ ନାହାନ୍ତି । ଏକମାତ୍ର ବିଶ୍ୱସ୍ତ କାଳୁ କୁକୁରଟି କିନ୍ତୁ ନିକଟରେ ପ୍ରହରରତ । ଏତିକିବେଳେ ଧ୍ୟାନ ଭଙ୍ଗହେଲା ଭୈରବଙ୍କର ଆଉ ଭରି ମନହେଲା ମୁଢି ଓ ମଦ ଖାଇବାକୁ, କ'ଣ କରଯାଏ ଏବେ । ସମଗ୍ର ଜଗତ ନିଦ୍ରାଭିଭୂତ । ପାଖରେ ମଧ୍ୟ ଏପରି କୌଣସି ଶିଷ୍ୟ ଭକ୍ତ ନାହିଁ ଯିଏ କି ଏତେବେଳେ ଏହି ମହାର୍ଘ ଜିନିଷ ଆଣିଦେବ । ବାବା କିନ୍ତୁ ନିଶ୍ଚିନ୍ତରେ ଏହି କୁକୁରଟିକୁ ପାଖକୁ ଡାକି ତା' ବେକରେ ଖଣ୍ଡିଏ ଗାମୁଛା ବାନ୍ଧି ଦେଇ, କି ଇଙ୍ଗିତ ତାକୁ ଦେଲେ କେଜାଣି; କାଳୁ ସିଧା ଦଉଡ଼ିଲା ସେବକ ନଗେନ୍ଦ୍ର ନାଥ ପଣ୍ଡାଙ୍କ ଘରକୁ । ପ୍ରଥମେ ଦରଜାରେ ଧକ୍କା ମାରି ଆଞ୍ଚୁଡ଼ିବାକୁ ଲାଗିଲା; କିନ୍ତୁ ତା'ଦ୍ୱାରା ଯେତେବେଳେ କାହାରି ନିଦ ନ ଭାଙ୍ଗିଲା, ସେତେବେଳେ ସେ ଏକ ବିକଟ ଚିତ୍କାର କରି ଭୋବେଇ ଉଠିଲା । ନଗେନ୍ଦ୍ର ନାଥ କାଳୁର ସ୍ୱର ସହିତ ସୁପରିଚିତ । ହଠାତ୍ କବାଟ ଫିଟାଇ ବାହାରକୁ ଆସି, ତାକୁ ଏତାଦୃଶ ଅବସ୍ଥାରେ ଦେଖି ତାଙ୍କର ଆଉ ବୁଝିବାକୁ ବାକି ରହିଲାନି ଯେ "କାଳୁ କାହିଁକି ଆସିଛି ।" ଗାମୁଛାଟି ଖୋଲି ଏକ ବୋତଲ ବିଲାତି ମଦ ଓ କିଛି

ମୁଣ୍ଡି ବାନ୍ଧି ପୁଣି ବେକରେ ଝୁଲାଇ ଦିଅନ୍ତେ—ଏକା ନିଶ୍ୱାସରେ ଛୁଟି ଗ୍ଲଲିଲା କାଲୁ ବାବାଙ୍କ ଆସନ ନିକଟକୁ । ପରମ ଆଗ୍ରହଭରେ ତା'ର ମଥା ଆଉଁସି ଦେଇ ଭୈରବ ପ୍ରସାଦ ସେବା କରିବାକୁ ଲାଗିଲେ, କାଲୁ ବି ଭାଗ ପାଇଲା ।

ବାବା ଥରେ ଜଣେ ଭକ୍ତଙ୍କୁ କହୁଥିଲେ "କାଲୁ, ଭୁଲୁ ଓ ଶ୍ୱେତଫୁଲି—ଏହି ତିନୋଟି ଯାକ ପୂର୍ବ ଜନ୍ମରେ ଉଚ୍ଚ ଧରଣର ସାଧକ ଥିଲେ; ସାମାନ୍ୟ ତ୍ରୁଟିଯୋଗୁ ସେମାନେ ଏ ଜନ୍ମରେ କୁକୁରଯୋନୀ ପ୍ରାପ୍ତ ହୋଇଛନ୍ତି । ଏହି ଜୀବନରେ ହିଁ ସେମାନଙ୍କର କର୍ମଫଳ ଶେଷ ହେବ ଏବଂ ଭବିଷ୍ୟତ ଜୀବନରେ ସେମାନେ ଚରମ ସିଦ୍ଧିଲାଭ କରି ପରମ ବ୍ରହ୍ମରେ ଲୀନ ହୋଇଯିବେ ।" ତା' ନହେଲେ ମହାପୁରୁଷ ସଂସ୍ରବର ଲାଭ ବା କ'ଣ ? ଜଡ ଭରତ ମଧ୍ୟ ତାଙ୍କ ପୂର୍ବ ଜନ୍ମରେ ଯେତେବେଳେ ସାଧନାର ଚରମ ସୋପାନକୁ ଆଗେଇ ଯାଉଥିଲେ ସେତେବେଳେ ସାମାନ୍ୟ ଏକ ମୃଗ ସାବକ ପ୍ରତି ଆସକ୍ତି ଯୋଗୁ ପର ଜୀବନରେ ମୃଗଯୋନୀ ପ୍ରାପ୍ତ ହୋଇଥିଲେ । କିନ୍ତୁ ଜନ୍ମଜନ୍ମାନ୍ତରର ସାଧନା ବଳରେ ପୂର୍ବସ୍ମୃତି ଲୋପ ପାଇନଥିଲା ତାଙ୍କ ଜାତିସ୍ମର ମନରୁ । ସେଇଥି ପାଇଁ ମୃଗକୁଳରେ ଜନ୍ମ ହୋଇଥିଲେ ମଧ୍ୟ ମୃଗଯୂଥଙ୍କ ମଧ୍ୟରେ ବିହାର ନ କରି ସେ ଘୂରି ବୁଲୁଥିଲେ ତପୋବନରୁ-ତପୋବନକୁ, ଆଉ କରି ଚ୍ଲଲିଥିଲେ ସାଧୁ ସଙ୍ଗ । ଫଳରେ ଅଚିରେ ମୃଗଯୋନୀ ପରିତ୍ୟାଗ କରି ଜନ୍ମ ଲଭିଲେ ଜଡ ଭରତ ରୂପରେ ଓ ସମ୍ୟକ ଭାବରେ ଆତ୍ମଜ୍ଞାନ ଲାଭକରି ବୁଡ଼ିଗଲେ ସଚ୍ଚିଦାନନ୍ଦ ସାଗରରେ ।

ବାବାଙ୍କର ପ୍ରିୟ କୁକୁରମାନଙ୍କର ତତ୍ତ୍ୱାବଧାନର ଦାୟୀତ୍ୱ ଥିଲା ନନ୍ଦା ହାଡ଼ି ଉପରେ । କୌଣସି କାରଣରୁ ନନ୍ଦା ଆସି ନ ପାରିଲେ ନଗେନ୍ଦ୍ରନାଥ ବାଗଚି ବା ବ୍ରଜପାଠକ ମହାଶୟ ସେମାନଙ୍କର ଦେଖାଶୁଣା କରନ୍ତି । ବାବା ପ୍ରାୟ ଶ୍ମଶାନବାସୀ ଏହି ପ୍ରିୟ ଅନୁଚରମାନଙ୍କ ସାଙ୍ଗରେ ଏକାପତ୍ରରେ ପ୍ରସାଦ ସେବା କରନ୍ତି । ଏ ପ୍ରକାର ଏକ ବିଭତ୍ସ ଦୃଶ୍ୟ ଦେଖି ଯଦିଓ ଅଧିକାଂଶ ଦର୍ଶକ ବାବାଙ୍କୁ ପିଶାଚ ବୋଲି ମନେ କରି

ଘୃଣାରେ ମୁଖ ବୁଲେଇ ନିଅନ୍ତି—ବାବାଙ୍କର କିନ୍ତୁ ସେ ଦିଗକୁ ଟିକିଏ ବି ଭ୍ରୂକ୍ଷେପ ନଥିଲା । ଲଜ୍ଜା, ଘୃଣା ଓ ଭୟ—ଏମାନଙ୍କଠାରୁ ବାବା ଥିଲେ ବହୁତ ଦୂରରେ । ଖାଲି କୁକୁର କାହିଁକି ନିକୃଷ୍ଟ ଜୀବ ବୋଲି କାହାକୁ କେବେହେଲେ ସେ ହେୟଜ୍ଞାନ କରୁ ନ ଥିଲେ ।

"ବିଷ୍ଣୁ ପରିସ୍ଥିତୋ ବିଷ୍ଣୁଃ ।
ବିଷ୍ଣୁ ଖାଦତି ବିଷ୍ଣବେ ॥
କଥଂ ହସସିରେ ବିଷ୍ଣୋ ।
ସର୍ବଂ ବିଷ୍ଣୁମୟଂ ଜଗତ ॥"

"ଯତ୍ର ଜୀବ, ତତ୍ର ଶିବ ।" ବାବା ଏହି କଥା ଆନ୍ତରିକ ତଥା ବାହ୍ୟ ଆଚରଣ ଦ୍ୱାରା ଜଗତ ସମ୍ମୁଖରେ ଦେଖାଇ ଦେଇ ଯାଇଛନ୍ତି । କେବଳ ଶାସ୍ତ୍ରକୁ ପଢିଲେ ଜାଣିଲେ ବା ମୁଖରେ କହିଲେ ତ ହେବନି—କାର୍ଯ୍ୟରେ ପରିଣତ କରିବା ହିଁ ଅସଲ ସାଧନା । ସାଧନା ଦୁଇ ପ୍ରକାର--ଆନ୍ତରିକ ଓ ଲୌକିକ । ଲୌକିକ ସାଧନା ମାନେ ବାହ୍ୟ ଆଚରଣ ଓ ବାହ୍ୟପୂଜାଡମ୍ବର ଆଦି—ଆନ୍ତରିକ ମାନେ ଚିତ୍ତର ଉନ୍ମେଷ । ବାହ୍ୟକ୍ରିୟା ଓ ଆଚରଣ ଆଦି ଅଭ୍ୟାସ କରୁ କରୁ ଧିରେ ଧିରେ ଆନ୍ତରିକତା ଆସେ । ଏହା ହିଁ ତାନ୍ତ୍ରିକ ସାଧନାର କ୍ରମ ।

ବାବାଙ୍କର ସମସ୍ତ କ୍ରିୟା-କଳାପ ଓ ଆଚରଣର ଏକ ମାତ୍ର ଉଦ୍ଦେଶ୍ୟ ହିଁ ଲୋକଶିକ୍ଷା । ତା ନ ହେଲେ ଭୈରବଙ୍କର ପୂର୍ଣ୍ଣ କର୍ମ କରିବାର ଆବଶ୍ୟକତା କ'ଣ ? ସେ ଯେ ଅଷ୍ଟପାଶ ମୁକ୍ତ ସ୍ୱୟଂ ସଦାଶିବ ।

ଘୃଣା ଲଜ୍ଜା ଭୟଂ, ଶୋକୋ ଜୁଗୁପ୍ସା ଚେତି ପଞ୍ଚମୀ ।
କୁଳଂ ଶୀଳଂ ତଥା ଜାତିରଷ୍ଟୋପାଶାଃ ପ୍ରକୀର୍ତ୍ତିତା ॥

(କୁଳାର୍ଣ୍ଣବ ତନ୍ତ୍ର)

ଘୃଣା, ଲଜ୍ଜା, ଭୟ, ଶୋକ, ଜୁଗୁପ୍ସା (ନିଜ କୁକର୍ମକୁ ଗୋପନ କରିବା) କୁଳ, ଶୀଳ ଓ ଜାତି ଏହି ଆଠଟି ପାଶ ସଦୃଶ ଜୀବକୁ ବନ୍ଧନ କରି ରଖେ । ଅଜ୍ଞାନ ବା ଅହଂକାରରୁ ହିଁ ଏମାନଙ୍କର ଉତ୍ପତ୍ତି । ଗୁରୁକୃପାରୁ ଯେତେବେଳେ ଜ୍ଞାନୋଦୟ ହୁଏ ସେତେବେଳେ ବଦ୍ଧ ଜୀବ ସାଧନା ଦ୍ୱାରା ଏହି ପାଶମାନଙ୍କ କବଳରୁ ମୁକ୍ତି ଲାଭ କରି ଶିବରେ ପରିଣତ ହୁଏ । ସେତେବେଳେ ସେ ଗାଇ ଉଠେ "ଚିଦାନନ୍ଦ ରୂପ ଶିବୋହଂ-ଶିବୋହଂ ।"

*

ଛୟାଳିଶ

୧୯୦୯ ମସିହାର ଏକ ତିଥି ଅଜଣା ରାତ୍ରୀ । କଲିକତା ମହାନଗରୀସ୍ଥ ଖିଦିରପୁର ଅଞ୍ଚଳସ୍ଥ ଏକ ନିର୍ଜନ ପ୍ରକୋଷ୍ଠରେ ନିଦ୍ରାଭିଭୂତ ଯୁବକ ଲାଲମୋହନ । ଏହି କେତେଦିନ ହେଲା ତାଙ୍କର ଯୁବକ ମନତଳେ ଖୁବ୍ ଜୋର୍‌ରେ ଜାଗି ଉଠିଛି ଏକ ଅପୂର୍ଣ୍ଣ ପିପାସା । ସେ ପିପାସା କିନ୍ତୁ ଜାଗତିକ କୌଣସି ସୁଖପାଇଁ ନୁହେଁ- ଆତ୍ମାନୁସନ୍ଧିତ୍ସା ହିଁ ଜାଗିଛି ଆତ୍ମାନ୍ୱେଷୀର ମନରେ । ମୁଁ କିଏ ? କେଉଁଠୁ ଆସିଛି ? ? ପୁଣି କେଉଁଠିକି ଫେରିଯିବି ? ? ?

କୃପାମୟଙ୍କ କୃପାରୁ ଯେଉଁ ଭାଗ୍ୟବାନଙ୍କ ମନତଳେ ଏହି ପ୍ରଶ୍ନ ଜାଗେ; ଜାଗତିକ କୌଣସି ସୁଖ ଆଉ ତାଙ୍କୁ ଭଲଲାଗେ ନାହିଁ । ପାଗଳ ମନ ଲଗାମଛଡା ହୋଇ ଘୂରିବୁଲେ ଦୁନିଆଁ ସାରା ସାଇସର ଅନୁସନ୍ଧାନରେ । ସଦ୍‌ଗୁରୁ ରୂପୀ ଉପଯୁକ୍ତ ସାଇସହିଁ କେବଳ ସେ ମନକୁ ଆୟତ କରିପାରନ୍ତି, ଅନ୍ୟକେହି ନୁହେଁ ।

ସେଦିନ ରାତ୍ରୀର ଶେଷ ପ୍ରହରରେ ସ୍ୱପ୍ନ ଦେଖିଲେ ଆତ୍ମପିପାସୁ ଯୁବକ-"ବିରାଟ ଏକ ଜଙ୍ଗଲକୀର୍ଣ୍ଣ ମହାଶ୍ମଶାନ, ସ୍ତୁପୀକୃତ ନର କରୋଟି, ନରକଙ୍କାଳ ଓ ଅସ୍ଥି ଚତୁର୍ଦ୍ଦିଗରେ ବିକ୍ଷିପ୍ତ । ଅର୍ଦ୍ଧଦଗ୍ଧ ଶବ ନେଇ ଶୃଗାଳ-କୁକୁର ଓ ଶକୁନି ଟଣା ଓଟରା କରୁଛନ୍ତି । ଜନମାନବର ସ୍ୱର-ଶବ୍ଦ ନାହିଁ । ଅନତୀ ଦୂରରେ କରୁଣ ସ୍ୱରରେ ବହି ଯାଉଛି ଏକ କ୍ଷୀଣସ୍ରୋତା ନଦୀ । ନିକଟସ୍ଥ ଏକ ପର୍ଣ୍ଣକୁଟୀର ଅଭ୍ୟନ୍ତରରୁ ଆଗେଇ ଆସିଲେ ପୁରୁଷ ପ୍ରକୃତି ସଂଯୁକ୍ତା ଏକ ଅଦ୍ଭୁତ ଦ୍ୱିଭୁଜା ଦେବମୂର୍ତ୍ତି । ସର୍ବାବୟବ-ଦିବ୍ୟକାନ୍ତି ଯୁକ୍ତା, ଅପୂର୍ବଦର୍ଶନା ନାରୀମୂର୍ତ୍ତି କିନ୍ତୁ ମସ୍ତକର ଉପରିଭାଗରେ ଆଉ ଏକ ସୁନ୍ଦର ପୁରୁଷ ମୁଖମଣ୍ଡଳ । ସ୍ନିଗ୍ଧ ତାଙ୍କର ଦୃଷ୍ଟି ଓ ଅଭିନବ ତାଙ୍କର ଆକର୍ଷଣ । ଦୁଇହସ୍ତ ଦକ୍ଷିଣକର ପ୍ରସାରଣ କରି ସେ କହିଲେ "ଆରେ,

ମୁଁ ଯେ ତୋତେ ଅପେକ୍ଷା କରିଛି । ଆଉ କେତେ ଡେରି କରିବୁ । ଶୀଘ୍ର ଏଠାକୁ ଆ, ତୋର ମଙ୍ଗଳ ହେବ ।"

ପ୍ରଭାତୀ କାକଳୀର ମଧୁର ଶବ୍ଦରେ ଘୁମ ଭାଙ୍ଗିଗଲା ଯୁବକଙ୍କର । କି ଯେ ଅଦ୍ଭୁତ ସୁଖସ୍ୱପ୍ନ । କି ଅନିର୍ବଚନୀୟ ମଧୁର ଆହ୍ୱାନ ସତେ ! ! ପଞ୍ଚପ୍ରାଣ ଯେ ତାଙ୍କ ଆନନ୍ଦରେ ବିହ୍ୱଳ ହୋଇ ଉଠୁଛି । କିନ୍ତୁ କେଉଁଠି ଏହି ମହାଶ୍ମଶାନ ଆଉ କିଏବା ମୋର ପଥପ୍ରଦର୍ଶକ ? କିଏ କହିଦେବ ମୋତେ ତାଙ୍କର ସନ୍ଧାନ ? ଅନୁସନ୍ଧାନରେ କଟିଗଲା ଦିନପରେ ଦିନ, ମାସପରେ ମାସ –ତଥାପି ମଧ୍ୟ କିଛି ଖବର ମିଳିଲାନି ।

ଗ୍ରୀଷ୍ମ ଯାଇ ଆସିଲା ବର୍ଷା । ଶ୍ରୀ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରାଦିନ କିନ୍ତୁ ଅସ୍ଥିର ହୋଇ ଉଠିଲା ଯୁବକଙ୍କର ମନ । କୌଣସି ମତେ ମନକୁ ଆୟତ୍ତ କରି ନପାରି ସେଦିନ ସନ୍ଧ୍ୟାବେଳେ ଛୁଟି ଗଲେ କି ଏକ ଦୁର୍ବାର ଆକର୍ଷଣରେ ବ୍ୟାଘ୍ରଗମ ଘଟାର୍ଜି ଷ୍ଟ୍ରିଟରେ ଥିବା ଆତ୍ମୀୟ ତଥା ବନ୍ଧୁ ନନୀଗୋପାଳ ମୁଖାର୍ଜିଙ୍କ ଘରକୁ । ଘର ଭିତରକୁ ପାଦ ବଢ଼ଉ–ବଢ଼ଉଁ କହି ଉଠିଲେ ନନୀ ଗୋପାଳ– "ଆରେ, ହଜିଲା ବଳଦ ଯେ ଖୋଜିଲା ଠାରେ । ଆମେ ବର୍ତ୍ତମାନ ତମ ପାଖକୁ ଯିବାକୁ ବସିଥିଲୁ । କାଲି ଆମେ ସବୁ ସାଙ୍ଗହୋଇ ତାରାପୀଠ ଭୈରବଙ୍କୁ ଦର୍ଶନ କରିଯିବା । ଟିକେଟ କିଣା ସରିଛି । ତମେ ଲୁଗାପଟା ଧରି କାଲି ସନ୍ଧ୍ୟା ଗାଡ଼ିକୁ ହାଓଡ଼ା ଷ୍ଟେସନରେ ପହଞ୍ଚିବ ।"

ଅକୂଳରେ କୂଳ ପାଇଲାପରି ସନ୍ତୋଷ ଚିତ୍ତରେ ଘରକୁ ଫେରିଗଲେ ଯୁବକ । ଦିନଟିଯାକ କଟିଲା ଉଦ୍‌ବେଗ ଭିତରେ । ବେଳ ବୁଡୁବୁଡୁ ଆବଶ୍ୟକୀୟ ଲୁଗାପଟା ଧରି ଜନ୍ମଦାତ୍ରୀଙ୍କ ଠାରୁ ପାଞ୍ଚଟି ଟଙ୍କା ତଥା ଆଶୀର୍ବାଦ ଗ୍ରହଣ ପୂର୍ବକ ହାଓଡ଼ା ଷ୍ଟେସନକୁ ଆସି ପୂର୍ବ ବ୍ୟବସ୍ଥା ଅନୁଯାୟୀ ଗାଡ଼ିରେ ଉଠିଲେ ଲାଲମୋହନ, ନନୀଗୋପାଳ ଓ ମନ୍ମଥନାଥ ସେନଙ୍କ ସଙ୍ଗରେ । ନନୀବାବୁ ଭୋଳାନାଥଙ୍କ ସେବା ନିମନ୍ତେ ଏକ ବୋତଲ ବିଲାତି କାରଣ ଓ ଭଲ ଗଞ୍ଜେଇ ପୁଡ଼ିଆଟିଏ ଧରିଥାନ୍ତି ।

ଗାଡ଼ି ଭିତରେହିଁ ଜୁଟିଗଲେ ଆଉ ଜଣେ ସହଯାତ୍ରୀ, ନାମ—ଜାନକୀନାଥ ଭଟ୍ଟାଚାର୍ଯ୍ୟ । ଜାନକୀ ବାବୁ ବହୁତ ଆଗରୁ ତାଙ୍କ ମନ୍ତ୍ରରେ ଦୀକ୍ଷିତ । ସେ କଲିକତାରେ ସରକାରୀ ଚାକିରି କରନ୍ତି ଓ ମଝିରେ ମଝିରେ ସମୟ ସୁଯୋଗ ପାଇଲେ ତାରାପୀଠକୁ ଯାଇ କିଛିଦିନ ଭୈରବଙ୍କ ସାନ୍ନିଧ୍ୟରେ କଟେଇ ଆସନ୍ତି । ନବାଗତ ବନ୍ଧୁ ତିନିଜଣ ଜାନକୀବାବୁଙ୍କ ତୁଣ୍ଡରୁ ଭୈରବଙ୍କ କଥା ଶୁଣୁଶୁଣୁ ଏତେ ତନ୍ମୟ ହୋଇଗଲେ ଯେ ଗାଡ଼ି କେତେବେଳେ ଆସି ରାମପୁର ହାଟ ଷ୍ଟେସନରେ ପହଞ୍ଚିଗଲା ଜାଣି ପାରିଲେନି । ଭୋରୁ ଭୋରୁ ଗାଡ଼ିରୁ ଓହ୍ଲେଇଲାପରେ ଜାନକୀବାବୁ ଅଙ୍କାବଙ୍କା ଚଲାପଥରେ ବାଟ କଢ଼େଇ ନେଇଗଲେ ତାରାପୀଠକୁ । ବର୍ଷାଦିନିଆ ଧାନବିଲ ରାସ୍ତାରେ ପାଣି କାଦୁଅ ଭାଙ୍ଗି ସେମାନେ ଯେତେ-ଯେତେ ଆଗେଇ ଚାଲିଲେ ଗନ୍ତବ୍ୟ ସ୍ଥଳକୁ ଲାଲମୋହନଙ୍କ ବୁକୁରେ ସେତିକି-ସେତିକି ଚମକ ଲାଗିଲା ଅଦୂରରେ ମହାଶ୍ମଶାନର ପାରିପାର୍ଶ୍ୱିକ ଅବସ୍ଥା ଲକ୍ଷ୍ୟକରି । କ୍ଷୀଣା ଦ୍ୱାରକାନଦୀ କୂଳରେ ପହଞ୍ଚି କିନ୍ତୁ ସମସ୍ତେ ଥମକି ଠିଆହେଲେ କାହାର ଜଳଦ ଗମ୍ଭୀର ମଧୁର ନିନାଦ "ଶ୍ରୀଦୁର୍ଗା-ଜୟତାରା" ଶୁଣି । ଜାନକୀବାବୁ କିନ୍ତୁ ଏ ନାଦସହିତ ବେଶ୍ ପରିଚିତ । ତନ୍ମୟ ହୋଇଉଠିଲା ପଞ୍ଚପ୍ରାଣ ନାଦେଶ୍ୱରଙ୍କ ମଧୁର ନିନାଦରେ । ସମସ୍ତ ଅହଂକାର, ଅଭିମାନ ଓ ଆତ୍ମମର୍ଯ୍ୟାଦା ଭୁଲି ଆନନ୍ଦ ବିହ୍ୱଳ ଚିତ୍ତରେ ଛୋଟ ପିଲାଙ୍କ ପରି ସମସ୍ତେ ଊର୍ଦ୍ଧ୍ୱଶ୍ୱାସରେ ଦଉଡ଼ିଗଲେ ନଦୀ ତୀରକୁ ନାଦର ଅନୁଶରଣରେ । ଯାକୁହିଁ କହନ୍ତି ଶବ୍ଦ ବ୍ରହ୍ମ ବା ନାଦ ବ୍ରହ୍ମ । ଦ୍ୱାପରର ଶେଷ ସନ୍ଧ୍ୟାରେ—ଗୋପାଳବାଳକବେଶୀ ନଟବରବପୁ ଶ୍ୟାମସୁନ୍ଦରଙ୍କ ମୂରଲୀ ନାଦରେ ଆକର୍ଷିତା ହୋଇ କୁଳ ମୂଳ ଭୁଲି ଉତଲା ଗୋପୀମାନେ ଠିକ୍ ଏଇମିତି ଛୁଟି ଆସୁଥିଲେ କୁଳୁକୁଳୁ ନିନାଦୀନି ଜମୁନାପୁଳୀନ ବୃନ୍ଦାବନକୁ ।

ମୁରଲୀରେ ତୋର ଏଡ଼େ ବଡ଼େଇ ।
ପତିବ୍ରତା ଦମ୍ଭ ଦେଲୁ ଛଡ଼େଇରେ ମୁରଲୀ ।।

ତୀରକୁ ଆସି କିନ୍ତୁ ଅବାକ୍ ହେଲେ ସମସ୍ତେ ନଦୀଜଳ ମଧ୍ୟରେ ସ୍ନାନ ନିରତ ନାଦେଶ୍ୱରଙ୍କୁ ଦର୍ଶନ କରି । ଲାଲମୋହନ ବାବୁଙ୍କର ତ ଆଉ ବୁଝିବାକୁ

ବାକି ରହିଲନି ଯେ ଏହି ପୁଣ୍ୟପୀଠହିଁ ତାଙ୍କ ସ୍ୱପ୍ନଦୃଷ୍ଟ ମହାଶ୍ମଶାନ ଆଉ ଶ୍ମଶାନ ଭୈରବ କ୍ଷେପାବାବାହିଁ ତାଙ୍କର ଜନ୍ମ-ଜନ୍ମର ଆରାଧ୍ୟ ଦେବତା, ତ୍ରାଣକର୍ତ୍ତା, ଅର୍ଦ୍ଧନାରୀଶ୍ୱର-ଜଗତ୍‌ଗୁରୁ ସଦାଶିବ ! ସେଇଠି କାଦୁଅ-ପଙ୍କମିଶା ସିକତା ଉପରେହିଁ ଲୋଟି ପଡ଼ିଲେ ସେ ଗୁରୁଦେବଙ୍କ ଉଦ୍ଦେଶ୍ୟରେ ।

'ଜୟଦୁର୍ଗା' ଜୟତାରା' କହି ବୁଡ଼ ଦେଉଥାନ୍ତି ଭୋଳାନାଥ ପୁଣ୍ୟତୋୟା ଦ୍ୱାରକାନଦୀର ପବିତ୍ର ବାରିରେ ।

"ପଶ୍ଚିମେ ଚ ଶ୍ମଶାନଂ ସ୍ୟାତ୍ ଦ୍ୱାରକୋତ୍ତରବାହିନୀ ।
ତତ୍ରୈବ ସ୍ନାନ ଦାନେନଃ ଗଙ୍ଗାସ୍ନାନ ପୁଣ୍ୟଂଲଭେତ୍ ।।"

ମହାଶ୍ମଶାନର ପଶ୍ଚିମ ଦିଗରେ କୁଳୁ-କୁଳୁ ନିନାଦିନୀ ଉତ୍ତର ବାହିନୀ ଦ୍ୱାରକା ନଦୀ । ଏହି ନଦୀରେ ସ୍ନାନ କଲେ ଗଙ୍ଗା ସ୍ନାନର ପୁଣ୍ୟଫଳ ମିଳିଥାଏ ।

ଭକ୍ତ ଗୁରିଜଣ ନଦୀ ପାରହୋଇ ଆସି ଦଣ୍ଡାୟମାନ ହେଲେ ଅପର ପାର୍ଶ୍ୱରେ; ଆଉ ନିର୍ନିମେଷ ନୟନରେ ଅନେଇ ରହିଲେ ସ୍ନାନରତ ଭୈରବଙ୍କ ଅପୂର୍ବ ଶୋଭାସୁଷମାକୁ । ସରଳ ଗମ୍ଭୀର ତଥା ପ୍ରଶାନ୍ତ ମୁଖମଣ୍ଡଳ; ଜ୍ଞାନସମୁଜ୍ଜ୍ୱଳ ପ୍ରଶସ୍ତ ଓ ଉନ୍ନତ କପାଳ, ପଲକ ବିହୀନ ପଦ୍ମପଳାଶ ଲୋଚନଦ୍ୱୟ ପ୍ରେମାଶ୍ରୁରେ ଛଳ, ଛଳ ଓ ଆଜାନୁଲମ୍ବିତ ସୁଦୀର୍ଘ ବାହୁଦ୍ୱୟ ସୁକୋମଳ ଓ ସୁସବଳ । ନାମ ପରେ ବୁଡ଼ ଏବଂ ବୁଡ଼ ପରେ ନାମ-ଗ୍ଲଲିଛି ଅବିରାମ ଗତିରେ । ଚିନ୍ତାନାହିଁ, ଭାବନା ନାହିଁ କି ଅନ୍ୟ କୌଣସି ଦିଗକୁ ଲକ୍ଷ୍ୟ ନାହିଁ । ବିତିଗଲା ଘଣ୍ଟା ପରେ ଘଣ୍ଟା, ଅନୁରାଗୀ ଭକ୍ତମାନେ ବି କ୍ଲାନ୍ତିହୀନ ଭାବେ ଏକ ଲକ୍ଷ୍ୟରେ ଅନେଇ ଦେଖୁଛନ୍ତି–ସତେ ଯେମିତି ଅନନ୍ତଶଯ୍ୟାସ୍ଥ ସ୍ୱୟଂ ନାରାୟଣ କାରଣ ସମୁଦ୍ରରେ ନିମଜ୍ଜମାନ ।

ତାରମା'ର ସେବକ ଭୂପତି ପଣ୍ଡା ଏଥର ସ୍ନାନରତ ଭୈରବଙ୍କୁ ଚେତେଇ ଦେଲେ–"ବାବା ଅନେକବେଳ ହେଲଣି; ଏଥର ଉଠନ୍ତୁ । କଲିକତାରୁ ଏ ବାବୁମାନେ ଆପଣଙ୍କ ଦର୍ଶନ ପାଇଁ ଦୀର୍ଘ ସମୟ ଧରି ପ୍ରତୀକ୍ଷାରତ ।"

–"କଲିକତୀ ବାବୁମାନେ ଆସିଛନ୍ତି ତ; ମୋର ସେଥିରେ ଯାଏ ଆସେ କେତେ ? ମୁଁ ବର୍ତ୍ତମାନ ମୋ ମା'ର ପବିତ୍ରକୋଳ ଛାଡ଼ି ଉଠିବିନି ।" ବାବାଙ୍କ କଥାଶୁଣି ପଣ୍ଡାମହାଶୟ ଯାତ୍ରୀମାନଙ୍କୁ ମା'ର ପ୍ରସାଦ ପାଇବା ନିମନ୍ତେ ନିମନ୍ତ୍ରଣ ଜଣାଇ ଫେରିଗଲେ । ଏଥର କିନ୍ତୁ ବାବାଙ୍କର ଅନ୍ୟତମ ପ୍ରିୟ ଶିଷ୍ୟ ମୟୂରଭଞ୍ଜ ନିବାସୀ ଓକିଲ ହରିଭୂଷଣ ବାବୁ, ବାବାଙ୍କୁ ଜଳରୁ ଉଠେଇ ଆଣିବା ପାଇଁ ସିଧା ଯାଇ ହାଜର ହେଲେ ନଦୀ ଭିତରେ । ତାଙ୍କୁ ଦେଖୁ ଦେଖୁ ମଧୁର ସ୍ୱରରେ ଭୈରବ ଜିଜ୍ଞାସା କଲେ "ଓକିଲ ବାବା ! ତମେ ପୁଣି କାହିଁକି ଓଦା ହେଲ ବାବା ?"

–"ଅନେକବେଳ ହୋଇଗଲାଣି, ତାରମା' ଚରଣରେ ପୁଷ୍ପ ଦେବାର ବେଳ ଗଡ଼ି ଯାଉଛି; ଏଥର ଉଠନ୍ତୁ ତ ।" ବିନୀତଭାବରେ ଜଣାଇଲେ ହରିଭୂଷଣ ବାବୁ ।

"–ବେଶ୍ ବାବା ବେଶ୍, ଏଇଥର ଉଠୁଛି ବାବା ! ଦୁର୍ଗା ନାମରେ ଦୁଇ ଗଣ୍ଡୁଷ ଜଳ ଖାଇନିଏ ।" "ଜୟତାର" କହି ବାବା ଦୁଇ ହସ୍ତ ଯୋଡ଼ି ଆଂଜୁଳେ-ଆଂଜୁଳେ ଜଳପାନ କରିବାକୁ ଲାଗିଲେ । ଏହିପରି ଭାବରେ କଟିଗଲା ପୁଣି ଘଣ୍ଟାଟିଏ ।

ଏଥର ଦୁଇଜଣ ଭକ୍ତ . ଦୁଇବାହୁ ଧାରଣ ପୂର୍ବକ ପାଗଳା ପୁଅକୁ ଟେକି ନେଇଗଲେ ପାଗେଳୀ ମା'ର ମନ୍ଦିରକୁ । ଆଂଜୁଳାଏ ରକ୍ତଜବା-କୁସୁମ ଶିଳାମୟୀର ଶ୍ରୀପାଦପଦ୍ମରେ ଅର୍ପଣ କରି ତାର-ତାର ନାଦରେ ଗଗନ-ପବନ ପ୍ରକମ୍ପିତ କଲେ ଭୈରବ । ଅର୍ଦ୍ଧସମାଧିମଗ୍ନ ବାବାଙ୍କୁ

ଧରାଧରି କରି ଭକ୍ତମାନେ ନେଇ ଆସିଲେ ଶ୍ମଶାନସ୍ଥ ପର୍ଣ୍ଣକୁଟୀରକୁ । ସେଦିନଟି ପ୍ରାୟ କଟିଲା ମୌନରେ ।

ଆଗନ୍ତୁକ ଭକ୍ତ ତିନିଜଣ ମହାଭୈରବଙ୍କ ଶିଶୁ-ସୁଲଭ ସରଳତା ତଥା ଭବତନ୍ମୟତା ଦେଖି ମୁଗ୍ଧ ଭୁଲିଗଲେ କ୍ଷୁଧା-ତୃଷା-ଶ୍ରାନ୍ତି-କ୍ଲାନ୍ତି ସବୁ । ବହୁକ୍ଷଣ ଦେଖିଲା ପରେ ମଧ୍ୟ ଦର୍ଶନେନ୍ଦ୍ରିୟ ଯେପରି ଅତୃପ୍ତ । କ୍ରମଶଃ ବାହ୍ୟଦୃଷ୍ଟି ସମସ୍ତ ବାଧାବିଘ୍ନ ଅତିକ୍ରମ କରି ନିପତିତ ହେଲା ଅନ୍ତରର ଅନ୍ତରତମ ପ୍ରଦେଶରେ ଆଉ ସେହିଠାରୁ ଯେପରି ନିର୍ଦ୍ଦେଶ ଆସିଲା "ଚିନ୍ତାନାହିଁ– ମୁଁ ହିଁ ତୁମମାନଙ୍କର ଅନ୍ତରର ଦେବତା । ଆଜିଠାରୁ ମୁଁ ତୁମମାନଙ୍କର ସମସ୍ତ ଭାର ଗ୍ରହଣ କଲି । ଆଉ କିଛି ଭାବନା ନାହିଁ– ମୁଁ ଏଥର ତୁମମାନଙ୍କ ହାତଧରି ନେଇଯିବି ପ୍ରବୃତ୍ତିରୁ ନିବୃତ୍ତିକୁ; ଅନ୍ତରୁ ଅନନ୍ତକୁ ଓ ଆଦିରୁ ଅନାଦିକୁ ।" ପଣ୍ଡାଠାକୁରଙ୍କ ଡାକରେ ଧ୍ୟାନଭଗ୍ନ ହେଲା ସେମାନଙ୍କର । ଭୈରବଙ୍କୁ ପ୍ରଣାମ ଜଣାଇ ଉଠିଗଲେ ନିତ୍ୟକର୍ମ ଶେଷ କରିବାକୁ । ସେଦିନ ସେମାନେ ତାରାମା'ର ପ୍ରସାଦ ପାଇ ଭୂପତି ପଣ୍ଡାଙ୍କ ବସାରେ ଅବସ୍ଥାନ କଲେ ।

ପରଦିନ ଅତି ପ୍ରତ୍ୟୁଷରୁ ଜୀବିତ କୁଣ୍ଡରେ ସ୍ନାନଆଦି ସମାପନ କରି ଭୈରବଙ୍କ ଚରଣ ପ୍ରାନ୍ତରେ ଆସି ଉପସ୍ଥିତ ହେଲେ ସେମାନେ । ଭୈରବ ସେତେବେଳକୁ ଶ୍ୱେତଶିମୂଳିତଳେ ସ୍ୱ ଆସନରେ ଉପବିଷ୍ଟ । ବିଲାତି କାରଣ ବୋତଲ ଓ ଗଂଜେଇ ପୁଡ଼ିଆ ବାବାଙ୍କ ସାମ୍ନାରେ ରଖି ପ୍ରଣାମ କଲେ ସେମାନେ । ଭୈରବ ପ୍ରସନ୍ନ ଚିତ୍ତରେ ସେମାନଙ୍କ ପ୍ରତି ଦୃଷ୍ଟିପାତ କରି ନଗେନ୍ଦ୍ରନାଥଙ୍କୁ ଲକ୍ଷ୍ୟ କରି କହିଲେ– "ମୋ କଲିକତି ପିଲାମାନେ ସାହେବ ବାବାମାନଙ୍କର ଭକ୍ତ ଆଣିଛନ୍ତି । ଲଗେନ ବାବା, ବୋତଲଟି ଖୋଲତ ଦେଖି, ଏକାଥରେ ଫଟ୍ କରିଦିଏ ।" ନଗେନ୍ଦ୍ରନାଥ ବୋତଲଟି ଖୋଲି ବଢ଼େଇ ଦିଅନ୍ତେ– ପାଣି ପିଇଲାପରି ଢକ୍‌ଢକ୍ କରି ପିଇ–ବୋତଲଟି ଫୋପାଡ଼ିଦେଲେ ଶ୍ମଶାନ ମଧ୍ୟକୁ । ଏତିକିବେଳେ ଗଂଜେଇ ପୁଡ଼ିଆଟି ଚିଲମରେ ଭରି ଅଗ୍ନି କଳିକା ଲଗେଇ ବଢ଼େଇଦେଲେ ଆଉ ଜଣେ ଭକ୍ତ । ଏକାଦମ୍‌କେ "ବଂ, ବଂ ଶିବଶମ୍ଭୋ !" କହି ସବୁତକ

ଶୋଷିନେଲେ ଭୋଳାନାଥ । କ୍ରମଶଃ ପଦ୍ମପଲାଶ ଲୋଚନ ଦ୍ୱୟ ରକ୍ତଜବା ନିନ୍ଦି ଲାଲ ହୋଇ ଉଠିଲା । ମୁଖମଣ୍ଡଳ ଭରିଗଲା ଭବ ଗାମ୍ଭୀର୍ଯ୍ୟରେ । ଉପସ୍ଥିତ ସକଳେ ଅବାକ୍ ବିସ୍ମୟ ହୋଇ ଅନାଇ ରହିଛନ୍ତି ସେହି ସତ୍ୟ ଶିବ ସୁନ୍ଦର ମୁଖମଣ୍ଡଳକୁ । ହଠାତ୍ ନିରବତା ଭଙ୍ଗ କରି ବାବା ସ୍ୱର୍ ଧରିଲେ;

"କିଙ୍କରେ କରୁଣାମୟୀ,
ଧନ ଦେବୁ ତୋର କି ଧନ ଅଛି ?
କେବଳ ମାତ୍ର ରଙ୍ଗାଚରଣ
ତା, ବି ଶିବ ପାଖେ ବନ୍ଧା ପଡ଼ିଛି ।"

ପୁଣି ଅଖଣ୍ଡ ନିରବତା । ଭୈରବଙ୍କ ମନ ହୁଏତ ବୁଡ଼ିଗଲା ଭବନା-କୈଳାଶର ଅତଳ ଗହ୍ୱରରେ । ଏହିପରି ଯେ କେତେ ସମୟ କଟିଗଲା ତା'ର ହିସାବ ନାହିଁ । ସହସା "ତାର-ତାର" ନାଦ କରି ଲାଲମୋହନ ବାବୁଙ୍କ ପ୍ରତି ଲକ୍ଷ୍ୟ କରି କହି ଉଠିଲେ କୃପାମୟ "ଆରେ ତୋ ପ୍ରତି ଯେ ସର୍ବନାଶୀ ବେଟୀର ଅସୀମ କୃପା ! ତୋ ହାତଧରି ଯେ ବେଟୀ ଏଠିକି ଟାଣି ଆଣିଛି !"

ଅଶ୍ରୁସଜଳ ନୟନରେ କୃତକୃତାର୍ଥ ଲାଲମୋହନ ଭୈରବଙ୍କ ଚରଣ ପ୍ରାନ୍ତରେ ଲୋଟିପଡ଼ି ପ୍ରାର୍ଥନା ଜଣାଇଲେ—"କୃପାକରି ଯେତେବେଳେ ପାଖକୁ ଟାଣି ଆଣିଛନ୍ତି ଏ ଅଧମକୁ ଦୀକ୍ଷା ଦେଇ କୃତାର୍ଥ କରନ୍ତୁ ପ୍ରଭୋ !" —"ଉତଳା ହୁଅନା ବାବା ! ଧୈର୍ଯ୍ୟ ଧର, ବେଟୀ ସବୁ-ଠିକ୍ କରିଦେବ । ଏକମନ ଏକ ପ୍ରାଣରେ ମା'ର ନାମ କର ତା'ହେଲେ ସର୍ବାର୍ଥ ସିଦ୍ଧ ହେବ ।"

"ବଶିଷ୍ଠ ମୁନିର ସିଦ୍ଧପୀଠ ।
ନାମ ଏହାର ତାର ପୀଠ ।
ଜପିଲେ ଏଠାରେ ତିନିଲକ୍ଷ,
ଶିଳାମୟୀ ମା' ହେବ ପ୍ରତ୍ୟକ୍ଷ ।
ମିଥ୍ୟା ନୁହେଁ ଏହା ଶିବବାକ୍ୟ ॥

ରଖି ଗୁରୁ ପଦେ ଲକ୍ଷ୍ୟ
ମନ ଓ ଚିତ୍ତକୁ କରି ଐକ୍ୟ
ଜପ କର 'ତାରା' ନାମ
ନିବାରଣ ହେବ ଜନ୍ମ ମରଣ
ପୂର୍ଣ୍ଣ ହେବ ମନସ୍କାମ ।"

ସେହିଁଦିନ ଅପରାହ୍ନରେ ହିଁ କୃପାମୟ କ୍ଷେପାବାବା ଲାଲମୋହନ, ମନ୍ମଥନାଥ ଓ ନନୀ ଗୋପାଳ—ଏହି ତିନିଜଣଙ୍କୁ ଏକ ସଙ୍ଗରେ ଶିମୂଳିତଳେ ଶ୍ରେଷ୍ଠ ତାରା ମନ୍ତ୍ରରେ ଦୀକ୍ଷିତ କଲେ । ବାବା ଅବଶ୍ୟ କାହାକୁ କର୍ଣ୍ଣରେ ଦୀକ୍ଷା ଦିଅନ୍ତିନି । ଯେଉଁମାନେ ଉନ୍ନତ ସାଧକ ତଥା କୌଳ ସନ୍ନ୍ୟାସୀ ସେମାନଙ୍କୁ ବାବା ଅନ୍ତର ଦୀକ୍ଷାରେ ଦୀକ୍ଷିତ କରନ୍ତି । ଏହିମାନଙ୍କ ମଧ୍ୟରୁ କେହି କେହି ଭାଗ୍ୟବାନ ମଧ୍ୟ ବାବାଙ୍କ ଦ୍ୱାରା ପୂର୍ଣ୍ଣାଭିଷିକ୍ତ ହେବାର ସୌଭାଗ୍ୟ ଲାଭ କରିଛନ୍ତି । କିନ୍ତୁ ଅନ୍ୟ ସମସ୍ତଙ୍କୁ ବାବା ତୁଣ୍ଡରେ କହି ଦିଅନ୍ତି—ଯାଅ "ଏହି ମନ୍ତ୍ର" ଜପ କରିବ । କେବେ, କେବେ ଏକାଥରକେ ମଧ୍ୟ ଅନେକ ଭକ୍ତଙ୍କୁ ଏକାଠି ବସାଇ 'ଜୟତାରା' ବା ଖାଲି 'ତାରା' ନାମ ଜପ କରିବାକୁ ନିର୍ଦ୍ଦେଶ ଦେଇ ଦିଅନ୍ତି । ତନ୍ତ୍ରୋକ୍ତ କୌଣସି ବିଧି ନାହି—ନିଷେଧ ନାହିଁ କି ବିଶେଷ କୌଣସି କ୍ରିୟା-କଳାପର ଆଡମ୍ବର ନାହିଁ ।

ସ୍ୱତନ୍ତ୍ର ପୁରୁଷ-ସମସ୍ତ ତନ୍ତ୍ରର ଅଧିଶ୍ୱର ସଦାଶିବଙ୍କର ପୁଣି ବିଧି-ନିଷେଧ ବା କ'ଣ ? ଆଉ ତାହାରି ଦ୍ୱାରା ହିଁ ଶିଷ୍ୟ ଭକ୍ତମାନଙ୍କର ସର୍ବାର୍ଥ ସିଦ୍ଧି ହୋଇଥାଏ । ହେବନି ବା କିପରି ? ସିଦ୍ଧ ମହାପୁରୁଷଙ୍କ ଦ୍ୱାରା ପ୍ରଦତ୍ତ ମନ୍ତ୍ର ତାହା ଯେ କୌଣସି ଶବ୍ଦ ହେଉନା କାହିଁକି—ସେଥିରେ ବିଫଳତାର ସମ୍ଭାବନା ମୋଟେ ନାହିଁ—ତେବେ ଦରକାର ସାଧକଙ୍କର ଐକାନ୍ତିକତା ଓ ବିଶ୍ୱାସ । ବିଶ୍ୱାସମାନେ ଅନ୍ଧ ବିଶ୍ୱାସ-ଗୁରୁବାକ୍ୟରେ ବିଶ୍ୱାସ ! ଅନ୍ଧ ହେବାହିଁ ସବୁଠାରୁ ଭଲ ତାହେଲେ ଆଉ ଭଲମନ୍ଦ ବାଛିବାର ବିଗ୍ରହ ବୁଦ୍ଧି ରହିବନି । ଅହଂକାର ଦୂରେଇ ଯାଇ ତାଙ୍କ କୃପା ଉପରେ ଆସିବ ସମ୍ପୂର୍ଣ୍ଣ ନିର୍ଭରଶୀଳତା ।

ଧ୍ୟାନମୂଳଂ ଗୁରୋର୍ମୂର୍ତ୍ତି
ପୂଜାମୂଳଂ ଗୁରୋଃପଦମ୍ ।
ମନ୍ତ୍ରମୂଳଂ ଗୁରୋର୍ବାକ୍ୟଂ
ମୋକ୍ଷମୂଳଂ ଗୁରୋଃକୃପା ।।

ଏହି ଭାଗ୍ୟବାନ ଭକ୍ତ ତିନିଜଣ ବେଶ୍ କିଛିଦିନ ତାରାପୀଠରେ ଅବସ୍ଥାନ ପୂର୍ବକ କୃପାକଳ୍ପତରୁଙ୍କ ସ୍ନେହ-ପ୍ରେମ ଓ ଆଶୀର୍ବାଦ ପାଥେୟ ଧରି ଫେରି ଯାଇଥିଲେ ତୀରପରି ସଂସାର ସମୁଦ୍ର ସନ୍ତରଣ କରିବାକୁ ।

ଲଲମୋହନ ବାବୁ ଆଦର୍ଶ ଗୃହସ୍ଥ ଜୀବନ ଯାପନ କରି କେବଳମାତ୍ର ନାମ ଜପ ଓ ଭୈରବଙ୍କ ପ୍ରତି ଅନାବିଳ ଭଲ ପାଇବା ବଳରେ ହିଁ ଜୀବନ କାଳ ମଧ୍ୟରେ ଶ୍ରେଷ୍ଠ ଆତ୍ମଜ୍ଞାନ ଲାଭ କରିବାକୁ ସମର୍ଥ ହୋଇଥିଲେ । ୧୯୬୧ ମସିହା ଡ଼ିସେମ୍ବର ତିନି ତାରିଖ ଦିନ ବ୍ରାହ୍ମ ମୁହୂର୍ତ୍ତରେ ଗୁରୁଦତ୍ତ ବୀଜମନ୍ତ୍ର ଜପକର୍ତ୍ତା-କର୍ତ୍ତା ସଜ୍ଞାନରେ ତାଙ୍କ ଧର୍ମ-କର୍ମମୟ ଜୀବନର ଅବସାନ ଘଟିଥିଲା ।

'ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।"

(ଶ୍ରୀମତ୍ ଭଗବତ ଗୀତା ୬/୩୧)

ଯେଉଁବ୍ୟକ୍ତି ମୁଁ ଯେ ସର୍ବଭୂତରେ ଅବସ୍ଥାନ କରୁଛି ଏକଥା ସମ୍ୟକ୍ ଭାବରେ ଉପଲବ୍ଧି କରି ଓ ମୋ ସହିତ ନିଜକୁ ଅଭିନ୍ନ ବୋଲି ମନେକରି ଭଜନ କରେ ସେହି ଯୋଗୀ ବିଷୟ ସମୂହ ମଧ୍ୟରେ ଥାଇ ମଧ୍ୟ ମୋଠାରେ ଅବସ୍ଥାନ କରେ ।

X X X

୧୯୦୫ ମସିହା ବଡ଼ଦିନ ଛୁଟିରେ କୌଣସି ଅଦୃଶ୍ୟ ଶକ୍ତି ଦ୍ୱାରା ଆଦିଷ୍ଟ ହୋଇ ମୋଲ୍ଲାରପୁର ଷ୍ଟେସନରେ ଗାଡ଼ିରୁ ଓହ୍ଲାଇ ଅଙ୍କା-ବଙ୍କା

ବିଲବାଟରେ ଆଗେଇ ଚାଲିଛନ୍ତି ଜନୈକ ଭକ୍ତ ତାରାପୀଠ ଉଦ୍ଦେଶ୍ୟରେ । ଶିରରେ ପଗଡ଼ି–ଦେହରେ ଗରମ ପଞ୍ଜାବୀ ଓ କାନ୍ଧରେ ଗୋଟିଏ ବ୍ୟାଗ । ଏହି ବ୍ୟାଗ ଭିତରେ ଲୋଟାକମଣ୍ଡଳ ଆଦି ଆବଶ୍ୟକୀୟ ଜିନିଷ ଓ ମା'ର ଭୋଗ ନିମନ୍ତେ କିଛି ଫଳମୂଳ । ଖାଲ-ବିଲ-ନଦୀ ନାଳ ପାର ହୋଇ ତାରମା' ମନ୍ଦିରରେ ପହଞ୍ଚିଲ ବେଳକୁ ଦିନ ପ୍ରାୟ ନ'ଟା । ମା'ର ଶିଳାମୟୀ ମୂର୍ତ୍ତି ଦେଖି ଭକ୍ତ କିନ୍ତୁ କୌଣସି ଆକର୍ଷଣ ଅନୁଭବ କଲେନି । ପାଷାଣ ମୂର୍ତ୍ତି, ରୌପ୍ୟ ମସ୍ତକ ଓ ପିତଳର ମୁଣ୍ଡମାଳା ଦେଖି ଭକ୍ତ ମନରେ ଧାରଣା ଆସିଲା ଦେବୀ ହୁଏତ ଶକ୍ତିହୀନା ବା ଅତ୍ୟଳ୍ପ ଶକ୍ତି ବିଶିଷ୍ଟା । କୌଣସିମତେ କିଛି ପୂଜା ଦେଇ ମନ୍ଦିରରୁ ବାହାରି ଶ୍ମଶାନ ମଧ୍ୟରେ ପ୍ରବେଶ କଲେ । ଭୟାବହ ଶ୍ମଶାନର କେନ୍ଦ୍ରସ୍ଥଳରେ ସାକ୍ଷୀସ୍ୱରୂପ ଦଣ୍ଡାୟମାନ ଏକ ଜୀର୍ଣ୍ଣ ପର୍ଣ୍ଣକୁଟୀର– ଇଙ୍ଗିତରେ ସୂଚେଇ ଦେଉଛି ମାନବ ଶରୀରର ଜୀର୍ଣ୍ଣତା ଓ ନଶ୍ୱରତା । ସମ୍ମୁଖରେ ଜୀବିତକୁଣ୍ଡ ପୁଷ୍କରିଣୀ । ଏହାହିଁ ତ କୂଳ କୁଣ୍ଡଳିନୀ କୁଣ୍ଡର ସଙ୍କେତ–ଯାହାର ପବିତ୍ର ପରଶରେ ଜରା-ମରଣରୁ ଚିରଦିନ ପାଇଁ ମୁକ୍ତିପାଏ ଜୀବ ।

ପରିବେଶଟି ବେଶ୍ ଭଲ ଲାଗିଲା । କୁଟୀର ସାମ୍ନା ଈଷତ୍ ପରିଷ୍କାର ଏକ ସ୍ଥାନରେ ଉପବେଶନ କରି ବ୍ୟାଗରୁ ଉପକରଣ ବାହାର କରି ତମାଖୁ ସେବନ କରିବାକୁ ଲାଗିଲେ ଭକ୍ତ । ସହସା କେଉଁଠି ଥିଲେ କେଜାଣି ଦୁଇ-ତିନିଜଣ ଭକ୍ତଙ୍କ ଗହଣରେ ଭୈରବ ତାଙ୍କ ଆଗରେ ଉପସ୍ଥିତ ହୋଇ ମୃଦୁହସି କହି ଉଠିଲେ–"ଓଃ, ଆମର କଲିକତୀ ବାବୁ ପରା !" ବିମଳ କାନ୍ତିଯୁକ୍ତ-ସୁଦୀର୍ଘ ଦିଗମ୍ବର ଶ୍ୟାମ କଳେବର ଦେଖି ଭକ୍ତିରେ ନଇଁଗଲା ଭକ୍ତଙ୍କ ମଥା । ଭୈରବ ଯାଇ କୁଟୀର ବାରଣ୍ଡାରେ ଉପବେଶନ କଲେ । କିଛିକ୍ଷଣ ଉତ୍ତାରୁ ଭକ୍ତଟି ଦୁଇଟି ଫଳ ବାବାଙ୍କ ସେବା ନିମନ୍ତେ ଅର୍ପଣ କଲେ । ପରମ ଆଗ୍ରହ ସହକାରେ ଫଳ ସେବା କରିସାରି ଭକ୍ତବତ୍ସଳ ଭକ୍ତଠାରୁ ମୁଢ଼ି ଓ ଗଂଜେଇ ମାଗିଲେ । ସାଙ୍ଗେ ସାଙ୍ଗେ ଭକ୍ତ ମୁଢ଼ି ଗଞ୍ଜେଇ ଅଣେଇ ଦେଲେ ।

ମୁଢି ବ୍ୟାଗଟି ଶ୍ମଶାନ ମାଟିରେ ଅଜାଡ଼ି ଦେଇ କାଳୁ-ଭୁଲୁ ଆଦି ପ୍ରିୟ ପାରିଷଦ୍ ବର୍ଗଙ୍କୁ ସମ୍ବୋଧନ କରି ଡାକ ଛାଡ଼ିଲେ ଭୈରବ । ଦଉଡ଼ି ଆସିଲେ ପାର୍ଷଦଗଣ ଓ ପରସ୍ପର ହିଂସାଦ୍ୱେଷ ଭୁଲି ଏକା ସଙ୍ଗରେ ଶାନ୍ତ-ସରଳ-ଜୀବପରି ପ୍ରସାଦ ସେବା କରିବାକୁ ଲଗିଲେ । ଭୈରବ ମଧ୍ୟ ସାନନ୍ଦରେ ତାଙ୍କରି ସାଙ୍ଗରେ ସେବା କଲେ ମୁଢି । ଏ ଦୃଶ୍ୟ ଦେଖି ଭକ୍ତ କିନ୍ତୁ ଆଶ୍ଚର୍ଯ୍ୟ ଚକିତ ! ସମଜ୍ଞାନୀ-ବ୍ରହ୍ମଦର୍ଶୀ ମହାପୁରୁଷଙ୍କର ଶିଶୁପରି ସରଳ ଆଚରଣ ମୁଗ୍ଧ କଲା ତାଙ୍କ ପ୍ରାଣ-ମନ ।

ଏତିକିବେଳେ ଗୁରୁଗମ୍ଭୀର 'ତାର-ତାର' ନିନାଦ କରି ଭକ୍ତଟି ଆଡକୁ ଘୂରି କହି ଉଠିଲେ ଭୈରବ—"ଆରେ, ତୁ ଏତେଦିନ ଯାଏଁ ଥିଲୁ କେଉଁଠି, ମୁଁ ଯେ ତୋତେ ଅପେକ୍ଷା କରି ବସିଛି !" ଆହା କି ପ୍ରାଣ ମତାଣିଆ ଆହ୍ୱାନ ସତେ ! ଜୀବ ପାଇଁ ଶିବର କି ବ୍ୟାକୁଳତା ! ! କୌଣସି ଉତ୍ତର ଦେଇ ନ ପାରି ଅଶ୍ରୁଳ ନୟନରେ ଅପଲକ ଭାବେ ଜୀବନ ଆରାଧ୍ୟଙ୍କୁ ଅନେଇ ରହିଲେ ଭକ୍ତ ।

"ଦେବୀ ପ୍ରାଣହୀନା ବା ଅତ୍ୟନ୍ତ ଶକ୍ତି ବିଶିଷ୍ଟା ". ଭକ୍ତର ଏହି ସଂଶୟର ମୂଳୋତ୍ପାଟନ କରିବାକୁ ବାବା ଏଥର ମନକୁ ମନ ଗପିବାକୁ ଲଗିଲେ—"ଏହି ତାଲୁକାରେ ରାଣୀ ନିଜେ ତାରସୁନ୍ଦରୀ ! ମା ମୋର ପାଷାଣ, ରୂପା ଓ ପିତଳରେ ଗଢ଼ା ହେଲେ କ'ଣ ହେବ—ସାକ୍ଷାତ ବିରାଜିତା ।"

ବାବାଙ୍କ ନିର୍ଦ୍ଦେଶରେ ଭକ୍ତ ଜୀବିତ କୁଣ୍ଡରେ ସ୍ନାନ କରି ଆସି ଶିମୁଳି ତଳେ ମା'ଙ୍କୁ ତଥା ଭୈରବଙ୍କୁ ଅଶ୍ରୁବିଗଳିତ ନୟନରେ ଭକ୍ତି-ସହକାରେ ପ୍ରଣାମ କଲେ । କୃପାମୟ କୃପା କରି ବକ୍ଷକୁ ଟେକି ନେଇ ଆତ୍ମସାତ କଲେ ତାଙ୍କୁ ଚିରକାଳ ପାଇଁ ।

ମା'ର ମନ୍ଦିରରେ ମଧ୍ୟାହ୍ନ ଭୋଗ ଶେଷ ହେଲା । ପ୍ରସାଦ ପାଇବା ନିମନ୍ତେ ସମସ୍ତଙ୍କ ସଙ୍ଗରେ ଭକ୍ତ ମଧ୍ୟ ଉପବେଶନ କଲେ । କିନ୍ତୁ

ପରିବେଶଣକାରୀ ପଣ୍ଡାଙ୍କର ହେୟ ବ୍ୟବହାରରେ କ୍ଷୁର୍ଣ୍ଣ ହୋଇ ପ୍ରସାଦ ପତ୍ର ତ୍ୟାଗକରି ଭକ୍ତ ଫେରିଗଲେ ଭୈରବଙ୍କ ନିକଟକୁ । କିନ୍ତୁ କି ଆଶ୍ଚର୍ଯ୍ୟ ! ବାବା ମଧ୍ୟ ପ୍ରସାଦ ପତ୍ରକୁ ଦୂରକୁ ଠେଲି ଦେଇ ମନକୁ ମନ କହୁଛନ୍ତି– "ନା' ମୁଁ ମଧ୍ୟ ଆଜି ରାକ୍ଷସୀ ମା'ର ପ୍ରସାଦ ଖାଇବିନି । ମୋର ସନ୍ତାନକୁ ଅପମାନ, ତାଛଲ୍ୟ–ମୋ ଦେହ ଯେ ଜଳି ଯାଉଛି !"

ସନ୍ତାନ ପ୍ରତି କେତେ ସ୍ନେହ, କେତେ ମମତା କେତେ ଅଗନ୍ତୁଗ ସତେ ! ଭକ୍ତବତ୍ସଳଙ୍କ ବାତ୍ସଲ୍ୟ ପ୍ରେମ ଅନୁଭବ କରି ଝର୍-ଝର୍ ହୋଇ ପ୍ରେମାଶ୍ରୁ ଝରିବାକୁ ଲାଗିଲା ଭକ୍ତଙ୍କ ଆଖିରୁ ।

ଗୁରୁ, ଶିଷ୍ୟର ଏପରି ସ୍ନେହ,
ଦେଖିଛ କିଏ କେଉଁଠି କହ ।
ଆସ ମୋହର ହୃଦୟରନିଧି
ବୁକୁରେ ତୁମକୁ ଧରେ,
ତୁମରି କାର୍ଯ୍ୟହିଁ ଜୀବନର ଲକ୍ଷ୍ୟ
(ଯେଉଁ) ତୁମକୁ ଦେଖିହିଁ ମରେ ।।

ସସ୍ନେହରେ ଭକ୍ତର ମଥା ଆଉଁସି ଦେଇ ଏଥର ନିର୍ଦ୍ଦେଶ ଦେଲେ ପ୍ରେମକାଙ୍ଗାଳ କ୍ଷେପାଠାକୁର–"ବାବୁରେ, ତୁ ଏଠାରୁ ଚାଲିଯା । ଚିନ୍ତା ନାହିଁ–ନିର୍ଭୟରେ ସଂସାରର କାର୍ଯ୍ୟକର୍ମ ଭିତରେ ଥାଇ ସର୍ବଦା ମା'ର ନାମ କରିବୁ । ତାହେଲେ ସବୁ ହେବ, ସବୁ ପାଇବୁ । ଆଉ ତା'ଛଡ଼ା–ମୁଁ ଯେ ସର୍ବଦା ତୋର ପାଖେ ପାଖେ ଅଛି ।"

କୌଣସି ଦ୍ୱିରୁକ୍ତି ନକରି ଗୁରୁବାକ୍ୟ ଶିରୋଧାର୍ଯ୍ୟ କରି– ସେହି ମୁହୂର୍ତ୍ତରେହିଁ ତାରାପୀଠ ତ୍ୟାଗକରି ଚାଲିଗଲେ ଭକ୍ତ ।

ଭୈରବଙ୍କ ବାକ୍ୟ ଅକ୍ଷରେ– ଅକ୍ଷରେ ସତ ହୋଇଥିଲା ଏହି ଭାଗ୍ୟବାନ ଭକ୍ତ ନୃପେନ୍ଦ୍ରନାଥ ଦେ'ଙ୍କ ଜୀବନ ପରିଧିରେ ।

ଶାସ୍ତ୍ରବାକ୍ୟେ, ଗୁରୁବାକ୍ୟେ ଯେ କରେ ବିଶ୍ୱାସ ।
ଅବଶ୍ୟ ତାହାର ହୁଏ ବ୍ରଜଭୂମେ ବାସ ॥

ନୃପେନ୍ଦ୍ରନାଥ ହୁଗୁଳୀ ଜିଲ୍ଲା ଅନ୍ତର୍ଗତ ପୂଣ୍ୟତୋୟା ଗଙ୍ଗା ନଦୀ ତଟସ୍ଥ ଭଦ୍ରେଶ୍ୱର ଗ୍ରାମରେ ଏକ କାୟସ୍ଥ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମଥିଲା ଶଶୀଭୂଷଣ ଦେ । ବାଲ୍ୟକାଳରେହିଁ ତାଙ୍କର ଘଟିଥିଲା ପିତୃବିୟୋଗ । ଶୈଶବରେ ପ୍ରବେଶିକା ପରୀକ୍ଷାରେ ଅକୃତକାର୍ଯ୍ୟ ହେବାରୁ ତିନି ତିନି ଥର ଆତ୍ମଘାତୀ ହେବାକୁ ଚେଷ୍ଟା କରି ମଧ୍ୟ କେଉଁ ଏକ ଅଲକ୍ଷିତ ଶକ୍ତିର ପ୍ରତିରୋଧ ଯୋଗୁ କୃତକାର୍ଯ୍ୟ ହୋଇପାରି ନଥିଲେ । ପରେ ଅବଶ୍ୟ ଅଧ୍ୟବସାୟ ବଳରେ ଗୁରୁକୃପାରୁ ପଦସ୍ଥ ଚାକିରି ଲାଭକରି ରାୟବାହାଦୂର ଉପାଧିରେ ମଧ୍ୟ ଭୂଷିତ ହୋଇଥିଲେ । କିନ୍ତୁ ସେ କେତେବେଳେ ହେଲେ ଅର୍ଥ ଓ ପ୍ରତିପତ୍ତି ପାଇଁ ଲାଳାୟିତ ନଥିଲେ । କାଳେ ଏସବୁ ହେଲେ ମନ ଆଧ୍ୟାତ୍ମିକ ସାଧନାରୁ ଦୂରେଇଯିବ, ଏହି ଭୟରେ ୮୦୦ ଟଙ୍କାର ଏକ ଚାକିରି ଛାଡ଼ି ଜୀବନ ନିର୍ବାହ ନିମନ୍ତେ କେବଳମାତ୍ର ୧୫୦ ଟଙ୍କା ବେତନର ଅନ୍ୟ ଏକ ଚାକିରି ଗ୍ରହଣ କରିଥିଲେ । ସେ ପ୍ରାୟ କୁହନ୍ତି "ଜାଗତିକ ଲାଭ, ଅମୂଲ୍ୟରତ୍ନ ଲାଭର ପରିପନ୍ଥୀ । ଅର୍ଥ ଓ ପ୍ରତିପତ୍ତି ବୃଦ୍ଧି ସଙ୍ଗେ ସଙ୍ଗେ ମନୁଷ୍ୟ ପରମାର୍ଥ ଠାରୁ ଦୂରେଇ ଯାଏ ।" ତାଙ୍କ ପତ୍ନୀ ସରଳାବାଳା ମଧ୍ୟ ଅତ୍ୟନ୍ତ ସରଳା, ଧର୍ମପ୍ରାଣା ଥିଲେ । ଆଦର୍ଶ ଗୃହସ୍ଥ ଜୀବନ ଯାପନ କରି ସେମାନେ ଦୁଇଟି ସୁପୁତ୍ର ଓ ଦୁଇଟି କନ୍ୟାରତ୍ନ ଲାଭ କରିଥିଲେ । ମଝିରେ ମଝିରେ ରାମକୃଷ୍ଣ ଠାକୁରଙ୍କ ଦର୍ଶନ ନିମନ୍ତେ ଦେ ମହାଶୟ ଦକ୍ଷିଣେଶ୍ୱର କାଳୀବାଡ଼ିକୁ ଯାଆନ୍ତି । ବୋଧହୁଏ ତାଙ୍କରି କୃପାରୁହିଁ କ୍ଷେପାବାବାଙ୍କ ପରି ସଦ୍‌ଗୁରୁ ଲାଭ କରିବାକୁ ସମର୍ଥ ହୋଇଥିଲେ ସେ । ୧୯୨୦ ମସିହାରେ ଚାକିରିରୁ ଅବସର ଗ୍ରହଣ କରି ବାନପ୍ରସ୍ଥ ଆଶ୍ରମରେ ପ୍ରବେଶ କରିଥିଲେ ନୃପେନ୍ଦ୍ରନାଥ । ଏହାହିଁ ତ ପ୍ରାଚୀନ ଭାରତର ଆର୍ଯ୍ୟଋଷି ମାନଙ୍କର ଆଦର୍ଶ । ସେମାନେ ଥିଲେ ଗୃହମେଧି । ସଂସାରରେ ସ୍ତ୍ରୀ, ପୁତ୍ରକନ୍ୟାଙ୍କ ସେବାରେ କିଛିକାଳ କଟାଇ ଭଗବତ୍ ସେବା ନିମନ୍ତେ ସ୍ନାୟୁଗୁଡ଼ିକ ଶକ୍ତ କରି ବାନପ୍ରସ୍ଥୀ ହେଉଥିଲେ ସେମାନେ । ଏହି ସମୟରେ

ସମାଜର ଅନ୍ୟ ପାଞ୍ଚ ଜଣଙ୍କୁ ଭଲ ବାଟରେ ପରିଗ୍ଣଳିତ ହେବାପାଇଁ ଉପଦେଶ ଦେଇ ପରିଶେଷରେ ଚରମ ଓ ପରମ ସତ୍ୟଲାଭ ନିମନ୍ତେ କଠୋର ସନ୍ନ୍ୟାସବ୍ରତ ଅବଲମ୍ବନ କରି ବ୍ରହ୍ମପଦରେ ଲୀନ ହୋଇ ଯାଉଥିଲେ ।

ପତ୍ନୀ ନିବେସି ପୁତ୍ର ପାଶେ ।
ଅଥବା ଚଳିବ ସନ୍ନ୍ୟାସେ ।।

(ଶ୍ରୀମଦ୍ ଭଗବତ)

ଦେ ମହାଶୟଙ୍କ ଶେଷଜୀବନ ଭଗବତ ଆରାଧନାରେ କଟିଥିଲା ରୂପନାରାୟଣ ପୁରର ଏକ କ୍ଷୁଦ୍ର ନିର୍ଜନ ଆଶ୍ରମରେ । ତାଙ୍କ ଜୀବନୀ ଅନୁଧ୍ୟାନ କଲେ ଦେଖିବାକୁ ମିଳେ ସେ ସର୍ବଦା ଗୁରୁବାକ୍ୟ ପାଳନ ପୂର୍ବକ ସମସ୍ତ ବାଧାବିଘ୍ନ ଅତିକ୍ରମ କରି "ପଦ୍ମପତ୍ରମିବାମ୍ଭସି" ସଂସାରରେ ଥାଇ ମଧ୍ୟ ଆଶକ୍ତିବିହୀନ ଭାବରେ ଜୀବନ ଯାପନ କରୁଥିଲେ । ମନକୁ ସର୍ବଦା ବିଷୟବସ୍ତୁର ଉର୍ଦ୍ଧ୍ୱରେ ସ୍ଥାପନ କରି କର୍ମଯୋଗରେ ଆତ୍ମଦର୍ଶନ-ପୂର୍ବକ ପରିଶେଷରେ ତାରମା'ର ରାତୁଲ ଚରଣରେ ଲୀନ ହୋଇ ଯାଇଥିଲେ । ଶ୍ରୀମଦ୍ ଭଗବତଙ୍କର ନିମ୍ନ ପଙ୍କ୍ତିଟି ଦେ ମହାଶୟଙ୍କ ଜୀବନର ଛନ୍ଦେ ଛନ୍ଦେ ଫୁଟି ଉଠିଥିଲା—

"ଗୃହ କରିବ ଗୃହୀମାନେ ।
ନ ପଶି ରହିବ ନିରେଜେ ।।"

✻

ସତଗ୍ରନ୍ଥ

"ବାମେ ବାମା, ଦକ୍ଷିଣେ ଦକ୍ଷିଣା"

ଶିବଙ୍କ ବୁକୁରେ ଯିଏ ବାମପଦ ସ୍ଥାପନ କରିଛନ୍ତି ସିଏ ବାମା ବା ଭଗବତୀ ତାରିଣୀ ଏବଂ ଶିବଙ୍କ ବୁକୁରେ ଯିଏ ଦକ୍ଷିଣ ପଦ ସ୍ଥାପନ କରିଛନ୍ତି ସିଏ ଦକ୍ଷିଣା କାଳୀକା । ମହାମାୟା ମା'ର ଚରଣ ଯୁଗଳର ଏକମାତ୍ର ଅଧିକାରୀ ସ୍ୱୟଂ ସଦାଶିବ । ସେଇଥି ପାଇଁ ନା ଶିବ ଦେବାଦି-ଦେବ ମହାଦେବ ନାମରେ ପରିଚିତ । ତାହାହେଲେ ବାମାକ୍ଷେପା ବାବା କ'ଣ ସ୍ୱୟଂ ଶିବ-ଅବତାର ! ନୁହେଁ ତ ଆଉ କ'ଣ ? ମହାମାୟା ମା'ର ବାମାପଦ ଲାଭ କରିବା ନିମନ୍ତେ ଯିଏ କ୍ଷେପା ବା ପାଗଳ ସେହିଁ ତ ବାମାକ୍ଷେପା ।

ବଶିଷ୍ଠ ଋଷିଙ୍କ ଆରାଧିତା; ତାରାପୀଠର ଅଧିଷ୍ଠାତ୍ରୀ ତାରିଣୀ ଦେବୀଙ୍କର ଯେଉଁ ଶିଳାମୟୀ ମୂର୍ତ୍ତି ଏଠାରେ ପ୍ରତିଷ୍ଠିତା ତାଙ୍କ କୋଳରେ ଶିଶୁରୂପୀ ସଦାଶିବ ସ୍ତନ୍ୟପାନ ରତ । ସେଇଥିପାଇଁ ତ କ୍ଷେପାବାବାଙ୍କର ସର୍ବଦା ଶିଶୁ ସୁଲଭ ଭାବ ! କ୍ଷୀର ସମୁଦ୍ର ମନ୍ଥନ କାଳରେ ଯେଉଁ ଗରଳ ସମୂହ ନିର୍ଗତ ହୋଇଥିଲା; ତାକୁ ପାନ କରି ଦେବାଧିଦେବ ହୋଇଥିଲେ ନୀଳକଣ୍ଠ । ତୀବ୍ର ବିଷ ଜ୍ୱାଳାରେ ଜର୍ଜରିତ ସ୍ୱୟଂ ଜଗତପିତା ଯେତେବେଳେ ଅସ୍ଥିର ହୋଇଉଠିଲେ ବୋଧହୁଏ ଠିକ୍ ସେତିକିବେଳେ ଜଗଜ୍ଜନନୀ ଆଦ୍ୟାଶକ୍ତି ମାତା ତାରିଣୀ ସ୍ନେହର କର ଦୁଇଟି ବଢେଇ ଛୋଟ ଗୋଟିଏ ଶିଶୁ ପରି ତାଙ୍କୁ ତୋଳିନେଲେ କୋଳକୁ ଓ ଅମୃତ ସ୍ତନ୍ୟ ପାନ କରାଇ ସୁସ୍ଥ କରାଇଲେ । ଏ ସଂସାରର କଥା ମଧ୍ୟ ଠିକ୍ ସେଇମିତି । ସଂସାର ସମୁଦ୍ର ମନ୍ଥନରୁ ଯେଉଁ ବିଷୟାବିଷର ଉଦ୍ଭବ ହୁଏ ତାକୁ ଆକଣ୍ଠ ପାନ କରି, ବିଷଜ୍ୱାଳାରେ ଛଟ୍ ପଟ୍ ହୁଏ ଜୀବ । ତା' କବଳରୁ ରକ୍ଷା-ପାଇବାର ଅନ୍ୟ କୌଣସି ଉପାୟ ଯେତେବେଳେ ନପାଏ, ସେତେବେଳେ

ସେ ଆକୁଳ-ବିକଳ ହୋଇ ମା' ମା' ବୋଲି ଚିତ୍କାର କରି ବୁକୁ ଫଟାଇ ଦିଏ; ଆଉ କ୍ଷଣକ ମଧ୍ୟରେ ଦଉଡ଼ି ଆସି ନିଜର ପ୍ରଶାନ୍ତିମୟ କୋଳକୁ ଟେକିନିଅନ୍ତି ବିଶ୍ୱ ଜନନୀ । ମାତୃ ନାମ କେତେ ମଧୁର ସତେ ! ମା' ପରି ଆଉ ପଦାର୍ଥ କାହିଁ ? ସେଇଥି ପାଇଁ ତ ସେଦିନ ଦକ୍ଷିଣେଶ୍ୱର କାଳୀମା'ର ପୁଅ ରାମକୃଷ୍ଣ ଠାକୁର-ଡ଼ାକି-ହାକି କହିଦେଇଗଲେ—"ମାତୃ-ସାଧନ ହିଁ ସବୁଠାରୁ ସହଜ ଓ ସରଳ ସାଧନା । ମାତୃଭାବ ହିଁ ସବୁଠାରୁ ଶ୍ରେଷ୍ଠ ଭାବ ।" ଆଉ ଆମ ପାଗେଳୀ ମା'ର ପାଗେଳା ପୁଅ କ୍ଷେପାଠାକୁର ସେ ବି ଦେଇ ଯାଇଛନ୍ତି ଉଦାର ଆହ୍ୱାନ—"ଆରେ,ଆରେ ତ୍ରିତାପକ୍ଲିଷ୍ଟ,ଜରା-ମୃତ୍ୟୁ ଜର୍ଜରୀତ ଜୀବ, ଆଉ କେତେଦିନ ଘୁମେଇ ରହିବୁ ! ଜାଗ-ଉଠ-ଦେଖ-ସମ୍ମୁଖରେ ସ୍ନେହ ଓ ପ୍ରେମର କର ପ୍ରସାରଣ କରି ଡାକୁଛି ଶାନ୍ତିମୟୀ ମା' ତା'ର ଚିର ଶାନ୍ତିମୟ କୋଳକୁ । ତୋତେ କଠୋର ସାଧନା କରିବାକୁ ହେବନି—ବଣକୁ ଯିବାକୁ ହେବନି—ଏହି ସଂସାର-ଭିତରେ ଥାଇ କେବଳ ମାତ୍ର ମା'ର ମଧୁର ନାମ ଜପିଲେ ହିଁ ସବୁହେବ । ଖାଇଲା ବେଳେ, ଶୋଇଲା ବେଳେ, ଚାଲିଲା ବେଳେ, ବୁଲିଲାବେଳେ—ନିଃଶ୍ୱାସର ତାଳେ ତାଳେ ନାମ ନିଅ । ତାହେଲେ କ୍ରମଶଃ ଜଗତର ଅସାରତା ଉପଲବ୍ଧି କରି ଆସିବ ଶରଣାଗତି । ଯେତେବେଳେ ସମ୍ପୂର୍ଣ୍ଣ ଶରଣାଗତି ଆସିଯିବ ସେତେବେଳେ ଗୋଟିଏ ସ୍ଥାନରେ ପଡ଼ିରହି ହାତଗୋଡ ଛାଟି ମା-ମା ବୋଲି ଡାକିଲାମାତ୍ରେ ମା' ଦଉଡ଼ି ଆସି ଟେକିନେବେ କୋଳକୁ । ଆଉ ତାଛଡ଼ା, ଯେତେବେଳେ ନିଜ ଭିତରେ ଯେଉଁ ଦୁର୍ବଳତା ଅନୁଭବ କରିବ; ସେତେବେଳେ ସେଥିନିମନ୍ତେ ମା' ପାଖରେ କାନ୍ଦି-କାନ୍ଦି ଜଣାଅ । ସନ୍ତାନର ଲୁହ ଦେଖିଲେ ମା କି ସମ୍ଭାଳି ରହିପାରେ ? ତେବେ ଦରକାର କେବଳ ସହଜ-ସରଳ ଓ ଶିଶୁ ସୁଲଭ ବିଶ୍ୱାସ ।"

ଭୈରବଙ୍କ ନିତ୍ୟ ନିବାସ ସ୍ଥଳୀ ତାରାପୀଠର ମହାଶ୍ମଶାନ । ଏହି ଶ୍ମଶାନ ଛଡା ଅନ୍ୟ କେଉଁଠି ତାଙ୍କୁ ଭଲ ଲାଗେନା । ଶିଷ୍ୟଭକ୍ତମାନଙ୍କ ଏକାନ୍ତ ଅନୁରୋଧରେ ମଝିରେ-ମଝିରେ ଜନପଦକୁ ଗଲେ ମଧ୍ୟ ଦିନେ ଓଳିଏ ପରେ ଛାଟି-ପିଟି ହୋଇ ପଳେଇ ଆସନ୍ତି ତାରା ମା'ର ଏହି

ଶାନ୍ତିମୟ କୋଳକୁ । ଦେବାଧିଦେବ ମହାଦେବ ମଧ୍ୟ ଶ୍ମଶାନଚାରୀ । ଶ୍ମଶାନ ଭସ୍ମହିଁ ତାଙ୍କ ଶରୀରର ଭୂଷଣ ।

ନାଗେନ୍ଦ୍ରହାରାୟ ତ୍ରିଲୋଚନାୟ,
ଭସ୍ମାଙ୍ଗରାଗାୟ ମହେଶ୍ୱରାୟ ।
ନିତ୍ୟାୟ ଶୁଦ୍ଧାୟ ଦିଗମ୍ବରାୟ,
ତସ୍ମୈ ନ କାରାୟ ନମୋଃଶିବାୟ ।।

ଆଉ ସେଇଥିପାଇଁ ଶବଶିବା ପରିବୃତ, ଲୟର ପ୍ରତିକୃତି ଏହି ଶ୍ମଶାନ, ଯେତେ ବିଭତ୍ସ, ଯେତେ ଭୟଙ୍କର ହେଲେ ମଧ୍ୟ ନୈସର୍ଗିକ ଶାନ୍ତିର ନିଳୟ । ଏହିଠାରେ ହିଁ ମରଣ କୋଳରେ ମିଳିଥାଏ ଅମୃତର ସନ୍ଧାନ । ପାପ-ପୁଣ୍ୟ ଶ୍ମଶାନ ମା' ପାଖରେ ବିଗ୍ଭରଭେଦ ନାହିଁ । ଅଜ୍ଞ-ବିଜ୍ଞ ଧନୀ ଦରିଦ୍ର-ରଜାପ୍ରଜା ସମସ୍ତଙ୍କୁ ଆଦରରେ ସେ ଟୋଳିନିଏ ତା'ର କୋଳକୁ ଓ ଜଳନ୍ତା ଜୁଇର ଲେଲୀହାନ ଶିଖାରେ ଭସ୍ମରେ ପରିଣତ କରିଦିଏ ଯେତେ ଗର୍ବ, ଯେତେ ଦମ୍ଭ, ଯେତେ ଅହଂକାର, ଯେତେ ଅଭିମାନ ସବୁ । ମା'ର କୋଳ ବ୍ୟତୀତ ନିଃସହାୟ ସନ୍ତାନ ପାଇଁ ନିରପଦ ଆଶ୍ରୟସ୍ଥଳୀ ବା କ'ଣ ହୋଇପାରେ ?

ମଝିରେ ମଝିରେ ବାବା କୁହନ୍ତି "ଆରେ ତମେସବୁ ଶ୍ମଶାନ ଚିନ୍ତା ବା ମୃତ୍ୟୁ ଚିନ୍ତା କ'ର । ତା'ହେଲେ ଏହି ମାୟା ସଂସାରର ନଶ୍ୱରତା ଅନୁଭବ କରି ପାରିବ । ମୋତେ ଯେ ଦିନେ ମରିବାକୁ ହେବ–ଏହି କଥା ଚିନ୍ତା କଲା ମାତ୍ରେହିଁ ମନରୁ ସମସ୍ତ, ଗର୍ବ, ଦମ୍ଭ-ଅହଂକାର ଦୂରେଇଯାଇ ଆସିବ ଶରଣାଗତି ।"

ସାକ୍ଷାତ ସଦାଶିବ-କ୍ଷେପାଠାକୁରଙ୍କର ଏହି ଉଦାତ୍ତ ଆହ୍ୱାନ, ସରଳ ସାଧନପନ୍ଥା ତଥା ଅମୃତମୟ ବାଣୀରେ ଆକୃଷ୍ଟ ହୋଇ ଯେଉଁ ଭଗ୍ୟବାନ ମାନେ ଉତଲା ହୋଇ ତାଙ୍କ ଚରଣପ୍ରାନ୍ତକୁ ଛୁଟି ଆସିଥିଲେ ସେମାନଙ୍କ ମଧ୍ୟରେ ହୁଗୁଳୀ ଜିଲା ଅନ୍ତର୍ଗତ ମୋଶୁଲଇ ଗ୍ରାମ ନିବାସୀ ହରିସତ୍ୟ

ଚଟ୍ଟୋପାଧ୍ୟାୟ ଅନ୍ୟତମ । କଲିକତାର ଏକ ବ୍ୟବସାୟ ପ୍ରତିଷ୍ଠାନରେ ଚାକିରି କରନ୍ତି ହରିସତ୍ୟ ବାବୁ । ଧନ-ଧାନ୍ୟ ଗୋପ-ଲକ୍ଷ୍ମୀରେ ଘର ଭରା । ତଥାପି ମନରେ ଟିକିଏ ହେଲେ ବି ଶାନ୍ତି ନାହିଁ । ସବୁବେଳେ କେମିତି ଉଦାସ ଉଦାସ ଭାବ । ସବୁଥାଇ ମଧ୍ୟ ସେ ଯେପରି କିଛି ଗୋଟାଏ ଅଭାବ ଅନୁଭବ କରୁଛନ୍ତି ଅନ୍ତରର ଅନ୍ତରତମ ପ୍ରଦେଶରେ । ଦିନପରେ-ଦିନ ଗଡ଼ି ଚାଲିଛି ଅଶାନ୍ତି ମଧ୍ୟରେ । ଅଶାନ୍ତି ନୁହେଁତ ଆଉ କ'ଣ ? ମାୟିକ ଯେକୌଣସି ସୁଖଦୁଃଖର ନିଦାନ ସିନା ! ଶାନ୍ତି ଯେଉଁଠି ନାହିଁ ଖୋଜିଲେ ଆମେ ପାଇବା କୁଆଡୁ ? ଆଉ ତା ଛଡ଼ା ଯାହାକୁ ଶାନ୍ତିମୟ ତାଙ୍କ ନିକଟକୁ ଟାଣନ୍ତି ଜାଗତିକ ସମସ୍ତ ସୁଖ ତା ନିକଟରେ ବିଷତୁଲ୍ୟ ଅନୁଭୂତ ହେବା ତ ସ୍ୱାଭାବିକ କଥା ।

ଏହି ଅବସରରେ ଦୈନିକ ସନ୍ଧ୍ୟା ପତ୍ରିକାରୁ ବାବାଙ୍କ କଥା ପଢ଼ି ତଥା ସେହି ପତ୍ରିକାର ସମ୍ପାଦକଙ୍କ ନିକଟରୁ ତାଙ୍କ ଅଲୌକିକ ବିଭୂତି ସମ୍ବନ୍ଧରେ ଶୁଣି ଟିକିଏ ଶାନ୍ତି ପାଇବା ଆଶାରେ ହରିସତ୍ୟବାବୁ ଉପସ୍ଥିତ ହେଲେ ତାରାପୀଠରେ । ପ୍ରଥମ ଦେଖାରେ ହିଁ ଭୈରବଙ୍କ ସରଳତା, ସ୍ନେହ, ପ୍ରେମ ଓ ଭଲପାଇବାରେ ମୁଗ୍ଧହୋଇ ସେହି ରାତୁଳ ଚରଣ ତଳେ ସମର୍ପି ଦେଲେ ଦେହ-ମନ-ପ୍ରାଣ । ଏଥର କଟିଗଲା ସମସ୍ତ ଉଦାସ ଭାବ । ମନଟା ଯଦି ଠିକ୍ ଠିକ୍ ଭାବରେ ତାଙ୍କୁ ଦିଆଯାଇ ପାରେ ତେବେ ଆଉ ଦୁଃଖ ବା ଆସିବ କୁଆଡୁ । ଡୋରିଲାଗିଲା । କର୍ମମୟ ଜୀବନରେ ଟିକିଏ ଅବସର ପାଇଲେ ଭକ୍ତ ଏଥର ଛୁଟିଲେ ଭଗବାନଙ୍କ ନିକଟକୁ । କ୍ରମାଗତ ଯାତାୟତ ପରେ ଦିନେ ଭୈରବ କୃପାକରି ତାଙ୍କୁ ଶ୍ରେଷ୍ଠ ତାରାମନ୍ତ୍ର ପ୍ରଦାନ କରି ତୋଳିନେଲେ ନିଜର ଶାନ୍ତିମୟ ବୁକୁକୁ । ଧନ୍ୟ ହେଲା ଜୀବନ, ସାର୍ଥକ ହେଲା ଜନମ । ଏହି ଭକ୍ତଟି ବାବାଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ଦିନେ ଭୈରବ ଶ୍ରଦ୍ଧାଭରେ ନିଜର ଚିମୁଟାଟିକୁ ତାଙ୍କୁ ପ୍ରଦାନ କରି ପୂଜା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଦୀର୍ଘଦିନଧରି ଭୈରବଙ୍କ ବ୍ୟବହୃତ ଏହି ଅମୂଲ୍ୟ ଚିମୁଟାଟି ହରିସତ୍ୟବାବୁଙ୍କ ଘରେ ପୂଜା ପାଉଥିଲା । ୧୯୪୯ ମସିହାରେ ତାଙ୍କ ଦେହତ୍ୟାଗ ପରେ ବର୍ତ୍ତମାନ

ଏଇଟି ବାମଦେବ ସଂଘ କର୍ତ୍ତୃକ ସଂଗୃହୀତ ହୋଇ ତାରାପୀଠରେ ଭୈରବଙ୍କ ସମାଧି ମନ୍ଦିରରେ ସ୍ଥାପିତ ହୋଇଛି ।

X X X

"ମୁଁ ଏସବୁ ଅଲୌକିକ କାହାଣୀରେ ବିଶ୍ୱାସ କରେନି । ଭଲ କାଟ୍‌ତି ନିମନ୍ତେ ସମ୍ବାଦପତ୍ରରେ ଯେତେ ସବୁ ବାଜେ ମନଗଢ଼ା କାହାଣୀ ହିଁ ପ୍ରକାଶିତ ହୋଇଥାଏ ।" ସେଦିନ ଏହିକଥା କହିଲେ ଶାନ୍ତିପୁର ନିବାସୀ ସୁଶୀଳ କୁମାର ରାୟ ତାଙ୍କର ଅନ୍ତରଙ୍ଗ ବନ୍ଧୁ ଭଟ୍ଟପଡ଼ା ନିବାସୀ ଅମୂଲ୍ୟଧନ ଭଟ୍ଟାଚାର୍ଯ୍ୟଙ୍କୁ ।

"ମୁଁ ତ ସେଇଥିପାଇଁ କହୁଛି, ଥରେ ଯାଇ ସ୍ୱଚକ୍ଷୁରେ ଦେଖିଆ । ଦେଖିଲେହିଁ ଜାଣିପାରିବୁ ସତ କି ମିଛ, ଆଉ ବୁଝିପାରିବୁ ସେ କିଏ ?" ବନ୍ଧୁଙ୍କୁ ଉତ୍ତର ଦେଲେ ଭଟ୍ଟାଚାର୍ଯ୍ୟ ମହାଶୟ ।

ଏହି ଅମୂଲ୍ୟଧନ ଭଟ୍ଟାଚାର୍ଯ୍ୟ ଥିଲେ ବାମାକ୍ଷେପା ବାବାଙ୍କର ଅନ୍ୟତମ ପ୍ରିୟଶିଷ୍ୟ । ଅପୁତ୍ରୀକ ଏହି ଶିଷ୍ୟ ଜଣକ ଥିଲେ ଭୈରବଙ୍କର ଅନ୍ତରଙ୍ଗ ପାର୍ଷଦ ତଥା ନିତ୍ୟ ସେବାକାରୀ । ତାଙ୍କ ଜୀବନର ଅଧିକାଂଶ ସମୟ ତାରାପୀଠରେ ଭୈରବଙ୍କ ସେବାରେହିଁ କଟିଛି । ସେ କେବେ କୌଣସି ଦେବ–ଦେବୀଙ୍କର ପୂଜା, ଆରାଧନା କରନ୍ତିନି । ଗୁରୁସେବାହିଁ ଥିଲା ତାଙ୍କ ଜୀବନର ଆଦର୍ଶ । ଭୈରବଙ୍କ କୃପାରୁ ସେ ବୁଝି ପାରିଥିଲେ ଗୁରୁହିଁ ବ୍ରହ୍ମର ସ୍ୱରୂପ । ଗୁରୁ-ମନ୍ତ୍ର ଓ ଇଷ୍ଟ–ବ୍ରହ୍ମମେକଂ ଦ୍ୱିତୀୟଂ ନାସ୍ତି । ଜୀବକୁ ତାଙ୍କ ନିକଟକୁ ଟାଣି ନେବାପାଇଁ ସେହି ଶିବସ୍ୱରୂପ ନିଜେହିଁ ଗୁରୁରୂପେ ଆବିର୍ଭୂତ ହୁଅନ୍ତି । ତାଙ୍କ କୃପାବିନା ପର୍ବତ ଶିଖରରେ ପଦ୍ମ ଫୁଟିବା କ'ଣ ସମ୍ଭବ ? ସେଇଥିପାଇଁନା ଶାସ୍ତ୍ର କହେ–

"ଗୁରୁଙ୍କୁ ମନୁଷ୍ୟଜ୍ଞାନ କେଭେଁ ନକରିବ ।
ଗୁରୁବ୍ରହ୍ମା, ଗୁରୁବିଷ୍ଣୁ, ଗୁରୁ ସଦାଶିବ ।।"

ଗୁରୁଙ୍କଠାରେ ମନୁଷ୍ୟ ବୁଦ୍ଧି ଆରୋପ କରିବା ଅଜ୍ଞାନର ପରିଚୟକ ଆଉ ଭଗବତ୍ ବୁଦ୍ଧିରେ ଗୁରୁସେବା କରିବା ସତ୍ୟ ଓ ଜ୍ଞାନ ଲାଭର ସହାୟକ ।

ବାବାଙ୍କର ସ୍ଥୂଳଦେହ ତ୍ୟାଗ ପର୍ଯ୍ୟନ୍ତ ଅମୂଲ୍ୟଧନ ସର୍ବଦା ତାଙ୍କ ପାଖେ ପାଖେ ଛାଇପରି ରହି ସେବା କରୁଥିଲେ । ମଳ-ମୂତ୍ର ଆଦି ମଧ୍ୟ ପୋଛ, ପୋଛ କରି ନିର୍ବିକାର ଭାବରେ ନିଜହସ୍ତରେ ସଫା କରିଦିଅନ୍ତି । ଭୈରବଙ୍କ ସ୍ଥୂଳଦେହ ତ୍ୟାଗପରେ ସେ ଏତେ ମର୍ମାହତ ହୋଇଥିଲେ ଯେ କିଛିଦିନ ପର୍ଯ୍ୟନ୍ତ ଅନ୍ନଜଳ ପର୍ଯ୍ୟନ୍ତ ସ୍ପର୍ଶକରି ନଥିଲେ । "ହାୟ ! ଆମେ କ'ଣ ହରେଇଲୁ ?" କହି ତାଙ୍କର ଯେଉଁ ବିକଳ କାନ୍ଦଣା ତା' ଦେଖି ହୁଏତ ଗଛପତ୍ର ବି କାନ୍ଦି ଉଠୁଥିଲେ । ଏତାଦୃଶ ଅବସ୍ଥା ଦେଖି ଦରଭଙ୍ଗାର ତତ୍କାଳୀନ ମହାରାଜା ତାଙ୍କ ନିମନ୍ତେ ଦେବୀପ୍ରୟାଗରେ ଗୋଟିଏ ଆଶ୍ରମ ନିର୍ମାଣ କରିଦେଇ ସେଠାରେ ନିର୍ଜନରେ ସାଧନ ଭଜନ କରିବାକୁ ଅନୁରୋଧ ଜଣାଇଥିଲେ । ମହାରାଜାଙ୍କ ଏକାନ୍ତ ଅନୁରୋଧରେ ପ୍ରାୟ ତିନିବର୍ଷରୁ କିଛି ଅଧିକକାଳ ଏହି ଆଶ୍ରମରେ ଶ୍ରୀ ଶ୍ରୀ ଗୁରୁଦେବଙ୍କ ସ୍ମୃତିଚାରଣ ତଥା ଧ୍ୟାନ-ଧାରଣାରେ କଟାଇଲା ପରେ 'ଅମୂଲ୍ୟଧନ' ୧୯୧୪ ମସିହାରେ ଅନ୍ନଜଳ ତ୍ୟାଗ ପୂର୍ବକ ଦୀର୍ଘ ଦଶଦିନ ଅବଧୂ ସମାଧିସ୍ଥରହି ସଜ୍ଞାନରେ ପରମବ୍ରହ୍ମଙ୍କଠାରେ ଲୀନ ହୋଇ ଯାଇଥିଲେ । ଏହାହିଁ ତ ଗୁରୁ ସେବାର ଫଳ ! ଚରମ ଓ ପରମ ସତ୍ୟଲାଭ ନିମନ୍ତେ ଦୁଇଟି ପନ୍ଥା । ପ୍ରଥମଟି କଠୋର ସନ୍ନ୍ୟାସ ଯୋଗ ଓ ଅପରଟି ବ୍ରହ୍ମବିଦ୍ ଗୁରୁଙ୍କର ସେବା । କଳିକଳୁଷିତ ମାନବ ପକ୍ଷରେ ସନ୍ନ୍ୟାସ ଯୋଗ ଅବଲମ୍ବନରେ ସତ୍ୟଲାଭ କରିବା ଅସମ୍ଭବ ? ସେଉଁଠି ସହସ୍ର ସହସ୍ର ବର୍ଷଧରି କଠୋର ତପସ୍ୟା କରି ମଧ୍ୟ ଯୋଗୀଋଷିମାନେ ସତ୍ୟଲାଭ କରିପାରି ନାହାନ୍ତି, କେହି-କେହି ହୁଙ୍କା ବି ପାଲଟି ଯାଇଛନ୍ତି ସେଠି ଆମର କେତେ ଟିକିଏ ବା ପ୍ରାଣ- ତାହା ପୁଣି ତ୍ରିତାପ ଜ୍ୱାଳାରେ ଜର୍ଜରିତ । ତେବେ ଉପାୟ କ'ଣ ? ଏକମାତ୍ର ଉପାୟହିଁ 'ଗୁରୁସେବା' । ଗୁରୁସେବା ପଥ ସହଜ ଓ ସରଳ । ସରଳ, ନିଷ୍କପଟ ଭାବରେ ସର୍ବାବଚ୍ଛେଦରେ ଶ୍ରୀଶ୍ରୀ ଗୁରୁଦେବଙ୍କ ସାଧନ ଭଜନ ତଥା ସେବା କରିବା ଫଳରେହିଁ ଅଚୀରେ ପଞ୍ଚମ ପୁରୁଷାର୍ଥ ଲାଭ ହୋଇଥାଏ । ସେଇଥିପାଇଁନା ସେଦିନ

କାନ୍ଦିକାନ୍ଦି ଗାଇ ବୁଲୁଥିଲେ ଶ୍ରୀମନ୍ ମହାପ୍ରଭୁଙ୍କ ଦ୍ୱିତୀୟ ଅବତାର ବୈଷ୍ଣବ ଚୂଡ଼ାମଣି ନରୋତ୍ତମ ଠାକୁର–

"ଗୁରୁ ପାଦପଦ୍ମ ନିତ୍ୟ ଯେ କରେ ବନ୍ଦନ ।
ଶିରେ ଧରି ବନ୍ଦେ ମୁହିଁ ତାହାଙ୍କ ଚରଣ ।।"

ବନ୍ଧୁଙ୍କ କଥାରେ ସେଦିନ ବିଶେଷ ପ୍ରଭାବିତ ହୋଇ ନଥିଲେ ସୁଶୀଲ କୁମାର ରାୟ ମହାଶୟ । ତେବେ ବନ୍ଧୁଙ୍କ ସଂସ୍ପର୍ଶରେ ଆସି କ୍ରମଶଃ ସାଧୁସଙ୍ଗ କରିବାକୁ ଅଭିଳାଷ ଜାତ ହୁଅନ୍ତେ କିଛିଦିନ ପାଇଁ କର୍ମ-ଝଂଜାଳରୁ ଛୁଟିନେଇ ତୀର୍ଥ ପର୍ଯ୍ୟଟନରେ ବାହାରି ପଡ଼ିଥିଲେ । ଏହି ଅବଶରରେ ସେ ମହାଯୋଗୀ ତୈଲଙ୍ଗସ୍ୱାମୀ, ସ୍ୱାମୀ ଭାସ୍କରାନନ୍ଦ, ରାମଦାସ କାଠିୟାବାବା, ବାବା ଗମ୍ଭୀରନାଥ, ବାବାଜୀ ସନ୍ତଦାସ ଓ ଖାକିୟାବାବା ଆଦି ମହାପୁରୁଷମାନଙ୍କର ଦର୍ଶନ ଲାଭକରି କୃତାର୍ଥ ହୋଇଥିଲେ ମଧ୍ୟ ଭୈରବଙ୍କୁ ଦର୍ଶନ କରିବା ନିମନ୍ତେ ତାଙ୍କ ମନରେ ସାମାନ୍ୟତମ ଆଗ୍ରହ ବି ପ୍ରକାଶ ପାଇନଥିଲା । ତେଣୁ ସେ ତାରାପୀଠକୁ ନଯାଇ ଗୃହକୁ ଫେରି ଆସିଥିଲେ ।

ତେବେ ଯେ ଯାହାର ଅନ୍ତରର ଆରାଧ୍ୟ ଦେବତା ସେ ତାକୁ ନିଶ୍ଚୟ ଦିନେ ନା ଦିନେ କୋଳକୁ ଟାଣି ନେବ ହିଁ ନେବ । ବନ୍ଧୁଙ୍କ ବାରମ୍ବାର ଅନୁରୋଧରେ ରାୟ ମହାଶୟ ବାଧ୍ୟ ହୋଇ ୧୯୦୭ ମସିହାରେ ପ୍ରଥମଥର ପାଇଁ ତାରାପୀଠକୁ ଯାତ୍ରା କରିଥିଲେ । କିନ୍ତୁ ସେଠାରେ ପହଞ୍ଚି ଏକା ପତ୍ରରେ ଘୃଣ୍ୟ ପଶୁ କୁକୁରମାନଙ୍କ ସାଙ୍ଗରେ ଭୈରବଙ୍କୁ ଖାଉଥିବାର ଦେଖି ତାଙ୍କ ମନ ଘୃଣାରେ ଭରିଯାଇଥିଲା । ସେହି ଦିନହିଁ ତାରାପୀଠ ତ୍ୟାଗକରି ସେ କର୍ମସ୍ଥଳୀକୁ ଫେରି ଆସିଥିଲେ । ଏହାପରେ ଥରେ ନୁହେଁ-ଦୁଇଥର ନୁହେଁ ଥର ଥର କରି ତିନିଥର ଚାକିରିରୁ ଛୁଟିନେଇ ତାରାପୀଠ ଯାଇ ଏକାଦିକ୍ରମେ କିଛିଦିନ ଧରି ଅବସ୍ଥାନ କରି ଆସିଲେ ମଧ୍ୟ କୌଣସିମତେ ଭୈରବଙ୍କ ପ୍ରତି ଆକୃଷ୍ଟହୋଇ ପାରିଲେନି । ତାଛଡ଼ା ଆଗନ୍ତୁକମାନଙ୍କୁ ଅଭଦ୍ର ଭାଷାରେ ଗାଳିଦେବା, ତଥା ମଦ, ଗଂଜେଇ

ଆଦି ଅବାଧଭାବରେ ଖାଇବା ପ୍ରଭୃତି ଦେଖି ବାବାଙ୍କ ସାଧୁତ୍ୱ ସମ୍ବନ୍ଧରେ ତାଙ୍କ ପାଶ୍ଚାତ୍ୟ ଶିକ୍ଷିତ ମନ କ୍ରମଶଃ ସନ୍ଦୀହାନ ହୋଇ ପଡ଼ିଲା । ସୁତରାଂ ପ୍ରତିଥର ବିଫଳ ମନୋରଥ ହୋଇ ସେ ଫେରିଯାନ୍ତି ପୁଣି କର୍ମସ୍ଥଳୀକୁ ।

ଏହି ବିଫଳତା କିନ୍ତୁ ମାନବ ଜୀବନରେ ସିଦ୍ଧିର ସ୍ତମ୍ଭ । ଏହାରି ଭିତରେହିଁ ରହିଛି ସଫଳତାର କୁଞ୍ଚିକାଠି । ବିକର୍ଷଣ ଶକ୍ତି ମଧ୍ୟ ବେଳେବେଳେ ଅଲକ୍ଷ୍ୟରେ ମନଉପରେ ବେଶ୍ ପ୍ରଭାବ ପକାଇଥାଏ । ବାରମ୍ବାର ଅକୃତକାର୍ଯ୍ୟ ହେବାରୁ ଏଥର ମହାପୁରୁଷଙ୍କୁ ପରୀକ୍ଷା କରିବା ପାଇଁ ତୀବ୍ର ବାସନା ଜାଗି ଉଠିଲା ମନରେ । ବାସନା କ୍ରମଶଃ ପରିଣତ ହେଲା ସଂକଳ୍ପରେ । ଶେଷକୁ ଦିନେ ସମସ୍ତଙ୍କ ଅଜାଣତରେ ବେଙ୍ଗଲ କେମିକାଲର ମୋଟା ଅଙ୍କ ବିଶିଷ୍ଟ ଚାକିରିରୁ ଇସ୍ତଫା ଦେଇ ସେ ଆସି ଉପସ୍ଥିତ ହେଲେ ତାରାପୀଠରେ ଚିରଦିନ ପାଇଁ ।

ସେଦିନ ୧୯୦୯ ଖ୍ରୀଷ୍ଟାବ୍ଦର ବୈଶାଖ ମାସର ମହାନିଶା । ଆଗରୁ ଯେତେଥର ଆସିଲେବି ସେ ସବୁବେଳେ ଦୂରରେ ରହିହିଁ ଭୈରବଙ୍କ କ୍ରିୟାକଳାପ ଲକ୍ଷ୍ୟ କରନ୍ତି । କେବେହେଲେ ଭରସି କରି ପାଖ ମାଡ଼ନ୍ତି ନାହିଁ । ଆଜି କିନ୍ତୁ ତାରାପୀଠ ପରିସୀମା ମାଡ଼ୁମାଡ଼ୁ ଜଳଦଗମ୍ଭୀର 'ତାରା-ତାରା' ନିନାଦ ଶୁଣି ଲୋମ ଟାଙ୍କୁରି ଉଠିଲା ତାଙ୍କର । କି ଏକ ଅଦୃଶ୍ୟ ଆକର୍ଷଣରେ ଟାଣିହୋଇ ସେ ସିଧା ଯାଇ ଉପସ୍ଥିତ ହେଲେ ଭୈରବଙ୍କ ଚରଣ ପ୍ରାନ୍ତରେ–ଶ୍ୱେତ ଶିମୂଳି ବୃକ୍ଷତଳେ । ଆଉ ତାଙ୍କୁ ଦେଖୁଦେଖୁ ପ୍ରେମ କରୁଣାଘନ ବିଗ୍ରହ-ସାକ୍ଷାତ୍ ମଙ୍ଗଳମୟ ଶିବ କରୁଣାବୋଳା ଗ୍ରହାଣୀରେ ଅନେଇ ଆଜାନୁଲମ୍ବିତ ଦୀର୍ଘବାହୁ ପ୍ରସାରଣ କରି ଜଣାଇଲେ ସାଦର ସମ୍ଭାଷଣ-"ଆସ ବାବା ।"

ଶିକାର ଯେପରି ସିଂହ କବଳରେ ପଡ଼ିଲେ ଭୟାର୍ତ୍ତ ଚିତ୍ତରେ ତା'ର ମୁଖ ନିକଟକୁ ଆଗେଇ ଯାଏ– ଠିକ୍ ସେହିପରି ରାୟ ମହାଶୟ ଡରି ଡରି ଆଗେଇଗଲେ ଭୈରବଙ୍କ ଚରଣ ନିକଟକୁ । ମହାପୁରୁଷଙ୍କୁ ପରୀକ୍ଷା କରିବାର ଦୃଢ଼ ସଂକଳ୍ପ ନିମିଷକ ମଧ୍ୟରେ ଜଳ ବୁଦ୍‌ବୁଦ୍ ପରି ମିଳେଇଗଲା ତାଙ୍କର

କୋମଳ କର ସ୍ପର୍ଶରେ । ଚକ୍ଷୁରୁ ଅବାରିତ ଧାରରେ ଝରିଲା ପ୍ରେମାଶ୍ରୁ ଓ ଧୋଇଦେଲା ସମସ୍ତ ମାନ; ଅଭିମାନ, ଲଜ୍ଜା, ଘୃଣା;ଭୟ ଓ ସଙ୍କୀର୍ଣ୍ଣତା । ମନ ଯେତେଦିନ ପର୍ଯ୍ୟନ୍ତ ଏହି ଚଳମାନ ଅସ୍ଥିର ପୃଥିବୀରେ ସୀମାବଦ୍ଧ ସେତେଦିନ ପର୍ଯ୍ୟନ୍ତ ସିନା ଯେତେ ମାୟା-ମୋହ, ଜ୍ୱାଳା ଓ ଯନ୍ତ୍ରଣା । କିନ୍ତୁ ତାହା ଯେତେବେଳେ ସୀମାହୀନ ଦିଗ୍‌ବଳୟ ଟପି ପ୍ରଶାନ୍ତି ପାରବାର କୂଳରେ ପହଞ୍ଚିଯାଏ ସେତେବେଳେ ତା'ର ନିସ୍ତରଙ୍ଗ-ଜଳରେ ସନ୍ତରଣ କରି ଆହରଣ କରେ ଖାଲି ଶାନ୍ତି ଆଉ ଶାନ୍ତି ।

—"ତମେ କ'ଣ ଗୃହଁ ବାବା" ମଧୁର ସ୍ୱରରେ ଜିଜ୍ଞାସା କଲେ ଶାନ୍ତିମୟ ପିତା ।

—"ମୁଁ ଅତି ପାପୀ,ନରଧମ । ଆପଣଙ୍କ ପରି ମହାପୁରୁଷଙ୍କୁ ମଧ୍ୟ ପରୀକ୍ଷା କରିବାକୁ ଏହି ନାରକୀ ମନ ତଳେ ସଙ୍କଳ୍ପ ଜାଗିଥିଲା । ଯେତେବେଳେ କୃପାକରି ଶ୍ରୀଚରଣ ତଳେ ସ୍ଥାନ ଦେଇଛନ୍ତି, ମୋତେ ଚିରଦିନପାଇଁ ଗ୍ରହଣ କରି ନିଅନ୍ତୁ ବାବା !"

—"ଚିନ୍ତା ନାହିଁ ବାବା ! ତମେ ଯେ ମୋର ଅତି ଆପଣାର । ଏବେ ଯାଅତ ବାବା, ଦ୍ୱାରକା ନଈରେ ସ୍ନାନ କରି ଆସ । ଆଜି ଏହି ଅମାନିଶାରେ ମୁଁ ତୁମକୁ ମା'ର ଶ୍ରେଷ୍ଠ ନାମ ପ୍ରଦାନ କରିବି ।" ପ୍ରସନ୍ନ ଚିତ୍ତରେ ଭକ୍ତଟିକୁ ନିର୍ଦ୍ଦେଶ ଦେଲେ ମଙ୍ଗଳମୟ ଭଗବାନ ।

ମହାପୁରୁଷଙ୍କୁ ପରୀକ୍ଷା କରିବାକୁ କଳ୍ପନା ମଧ୍ୟ କରିବା ଯେ କେତେ ବଡ ଅନ୍ୟାୟ-ତାହା ମର୍ମେ,ମର୍ମେ ଅନୁଭବ କଲେ ସୁଶୀଳ କୁମାର!! ଏହି କି ସେହି ଶ୍ମଶାନଚାରୀ ରୁଦ୍ର ମୂର୍ତ୍ତି ଭୀମ ଭୈରବ ବାମାକ୍ଷେପା ଯାହାଙ୍କର ପ୍ରଚଣ୍ଡ ଉଗ୍ରତାରେ ବୀଭତ୍ସ ମହାଶ୍ମଶାନ ହୁଏ ସ୍ତବ୍ଧ,ଯାହାଙ୍କର ଉଗ୍ର ତପସ୍ୟାରେ ତାରା ମା' ମନ୍ଦିରରେ ହୁଏ ବଜ୍ରପାତ, ଯାହାଙ୍କର କଟାକ୍ଷରେ ବର୍ଷଣ-ମୁଖୀ ଘନକୃଷ୍ଣ ମେଘ ଲୁଚିଯାଏ ଆକାଶ ବକ୍ଷରେ

ଯାହାଙ୍କର ଇଙ୍ଗିତରେ ଶକ୍ତିହୀନ ହୁଏ ବାଷ୍ପୀୟଶକଟ; ଆଉ ଯାହାଙ୍କର ନିନାଦରେ କମ୍ପମାନ ହୁଅନ୍ତି ସମଗ୍ର ବିଶ୍ୱବ୍ରହ୍ମାଣ୍ଡକାରିଣୀ ତାରିଣୀ ? ନା-ନା ମୁଁ ବୋଧହୁଏ ସ୍ୱପ୍ନ ଦେଖୁଛି ? ସେହି ଗୋଟିଏ ଆଧାରରେ ଏତେ ସ୍ନେହ, ଏତେ ପ୍ରେମ, ଏତେ ଭଲପାଇବା, ଏତେ କୋମଳତା, ଏତେ ମଧୁରତା କ'ଣ କେବେହେଲେ ସମ୍ଭବ ? ଏହିକଥା ଭବୁ-ଭବୁ ପୁଣ୍ୟସ୍ରୋତା ଦ୍ୱାରକାରେ ସ୍ନାନ କରି ଶ୍ୱେତ ଶିମୁଳୀତଳେ ଆସି ଉପସ୍ଥିତ ହେଲେ ଭକ୍ତ ।

ଶୁଭକ୍ଷଣ, ଶୁଭଲଗ୍ନରେ ଏହି ଭାଗ୍ୟବାନ ଶିଷ୍ୟଟିକୁ ଶ୍ରେଷ୍ଠ ତାରା ମନ୍ତ୍ରରେ ଦିକ୍ଷୀତ କରି, ଶିମୁଳୀତଳେ ଜପରେ ନିୟୋଗ କରି ମା'ର ମନ୍ଦିରକୁ ଚାଲିଗଲେ ଭୈରବ । ଭୀତିଜନକ ଶ୍ମଶାନରେ ଏକାକି ବସି ମାତ୍ର ୭ ଥର ନାମଜପ କରିବା ପରେହିଁ ଭକ୍ତର ଚକ୍ଷୁ ସାମ୍ନାରେ ଏକ ଅଲୌକିକ, ଦିବ୍ୟଜ୍ୟୋତି ପୁଞ୍ଜ ସମସ୍ତ ବିଶ୍ୱବ୍ରହ୍ମାଣ୍ଡ ଆଚ୍ଛନ୍ନ କରି ଉଦ୍ଭାସିତ ହୋଇ ଉଠିଲା । ସେହି ଉଜ୍ଜ୍ୱଳ ଜ୍ୟୋତିର ତେଜ ସହ୍ୟ କରି ନପାରି ଚକ୍ଷୁ ମୁଦ୍ରିତ କରି ଭୟରେ ଥରି ଥରି ସଂଜ୍ଞା ହରାଇ ଭୂମିରେ ଟଳି ପଡ଼ିଲେ ସେ । ପ୍ରଭାତର ମୃଦୁ ମଳୟ ସ୍ପର୍ଶରେ ଯେତେବେଳେ ଚୈତନ୍ୟ ଫେରି ପାଇଲେ ସେତେବେଳକୁ ସେ ଭୈରବଙ୍କ କୋଳରେ । ତାଙ୍କ ମଥାରେ ହାତ ବୁଲାଇ ବୁଲାଇ ଭୈରବ କହି ଉଠିଲେ-"ଭୟ କ'ଣ ବାବା ! ସେ ଯେ ଆମର ତାରାମା' । ଆଉ ଏହି ତାରାମାହିଁ ତ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡର କାରଣ ତଥା ଧ୍ୟାନର ଧ୍ୟେୟ !" ଆହା ! କି କୃପା ସତେ ? ଯାହାର ଦର୍ଶନ ନିମନ୍ତେ ସ୍ୱୟଂ ବଶିଷ୍ଠ ଋଷି ଦୀର୍ଘକାଳ ପର୍ଯ୍ୟନ୍ତ ତପସ୍ୟା କରି ମଧ୍ୟ ଅକୃତକାର୍ଯ୍ୟ ହୋଇଥିଲେ- ଗୁରୁକୃପାରୁ ନଗଣ୍ୟତମ ଜଣେ ଅର୍ବାଚୀନ ଭକ୍ତ ନିକଟକୁ ସେହି ବ୍ରହ୍ମାଣ୍ଡଭାଣ୍ଡୋଦରୀ ସୃଷ୍ଟି-ସ୍ଥିତି-ଲୟ କାରିଣୀ ତାରିଣୀଦେବୀ ଛୁଟି ଆସିଲେ ନିମିଷକ ମଧ୍ୟରେ ମାତ୍ର ୭ଥର ଜପରେ । ଏଇଥିପାଇଁ ନା ଗୁରୁ ଜୀବନର କାଣ୍ଡାରୀ ଅହେତୁକୀ କୃପାମୟ ! ଗୁରୁଦେବଙ୍କର ଅହେତୁକୀ କୃପା ଅନୁଭବ କରି

ଅଶ୍ରୁସଜଳ ନୟନରେ ଭକ୍ତ ଏଥର ଭୈରବଙ୍କ ଦେବଦୁର୍ଲଭ ଚରଣ ଯୁଗଳ ମସ୍ତକରେ ସ୍ଥାପନ ପୂର୍ବକ ବନ୍ଦନା କରିବାକୁ ଲାଗିଲେ–

ପ୍ରେମ ପାରାବାର ଗୁରୁ କରୁଣା ସାଗର
ନିର୍ଗୁଣ ପରମବ୍ରହ୍ମ ପୂର୍ଣ୍ଣ ନିର୍ବିକାର
ଗୁରୁ ପରମ କାରଣ
ଧନ୍ୟହୁଏ ଶ୍ରୀଚରଣେ କରି ସମର୍ପଣ ।।

ଏହାପରେ ଦୀର୍ଘଦିନ ଧରି ରାୟ ମହାଶୟ ତାରାପୀଠରେ ଅବସ୍ଥାନ ପୂର୍ବକ ଗୁରୁ ସେବାରେ ମନୋନିବେଶ କଲେ । ଦୂରରେ ପଡ଼ି ରହିଲା ଘର-ସଂସାର ଓ ତା'ର ଅଳୀକ ମାୟା ' ମୋହ ଆକର୍ଷଣ । ହଠାତ୍ ଦିନେ ଭୈରବ ତାଙ୍କୁ ନିକଟକୁ ଡାକି କହି ଉଠିଲେ–"ଆରେ ତୋର ମଧ୍ୟମା କନ୍ୟା ଯେ ମୃତ୍ୟୁ ଶଯ୍ୟାରେ,ତୁ ଏହି ମୁହୂର୍ତ୍ତରେ ହିଁ ଗୃହକୁ ଫେରି ଯା ।"

ଏହି କନ୍ୟାଟିକୁ ସବୁଠାରୁ ବେଶୀ ଭଲ ପାଉଥିଲେ ସୁଶୀଳ କୁମାର । ତେଣୁ ଅଶ୍ରୁସଜଳ ନୟନରେ ଘରକୁ ଫେରିଯିବା ପୂର୍ବରୁ ଭୈରବଙ୍କ ନିକଟରେ ଜିଜ୍ଞାସା କଲେ–"ମୁଁ କ'ଣ ତାକୁ ଆଉ ଜୀବନରେ ଦେଖି ପାରିବିନି ବାବା ?" ଆଶ୍ୱାସନା ଦେଇ ଭୈରବ ଉତ୍ତର ଦେଲେ– "ଅଧୈର୍ଯ୍ୟ ହୁଅନା ବାବା, ମୁଁ ଅନ୍ତତଃ ଏତିକି କରିପାରେ ଯେତେକ୍ଷଣ ପର୍ଯ୍ୟନ୍ତ ତୁ ଘରେ ନପହଞ୍ଚିଛୁ ସେତେକ୍ଷଣ ପର୍ଯ୍ୟନ୍ତ ତା'ର କିଛି ହେବନି ।"

କନ୍ୟାଟି ଓଲାଉଠା ରୋଗରେ ଆକ୍ରାନ୍ତ ହୋଇଥିଲା । ପିତାଙ୍କୁ ଦେଖୁଦେଖୁ ହିଁ ତାଙ୍କର ଗଳା ଜଡାଇ ଧରି ଶେଷ ନିଶ୍ୱାସ ତ୍ୟାଗ କଲା । ମାୟାର ବନ୍ଧନ ଛିନ୍ନ କରି କନ୍ୟାଟିର ଶେଷକୃତ୍ୟ ସମାପନ କରି ସୁଶୀଳ କୁମାର ପୁଣି ଫେରି ଆସିଲେ ଭୈରବଙ୍କ ଚରଣ ପ୍ରାନ୍ତକୁ ଓ ତାଙ୍କ ସେବାରେ ସମ୍ପୂର୍ଣ୍ଣ ଭାବେ ଆତ୍ମ ନିୟୋଗ କଲେ ।

ଭୈରବଙ୍କ ଦେହରକ୍ଷା ପରେ ଏହି ଭକ୍ତଟି ଗଞ୍ଜିରେ ଏକ ଭଜନ କୁଟୀର ନିର୍ମାଣ କରି ଶେଷ ଜୀବନ ତାଙ୍କରି ସ୍ମୃତି ସ୍ମରଣରେ ହିଁ କଟାଇ ଥିଲେ । ସେ ପ୍ରାୟ କୁହନ୍ତି—''ଯାହା ହରେଇଛି ତା' ଆଉ ଜୀବନରେ ପାଇବିନି । ସେ ମୋର କ'ଣ ନଥିଲେ ? ସେ ମୋର ପିତା ନୁହେଁ ପିତାଠୁଁ ଅଧିକ, ମାତା ନୁହେଁ ମାତାଠୁ ଅଧିକ, ବନ୍ଧୁ ନୁହେଁ ବନ୍ଧୁଠୁ ଅଧିକ ! ସେ ହିଁ ମୋର ମନ, ପ୍ରାଣ,ଶରୀର, ଧ୍ୟାନ-ଧାରଣା-ଗୁରୁ ଇଷ୍ଟ ଭଗବାନ । ସେହିଁ ମୋର ଜୀବନ ସର୍ବସ୍ୱ !"

❋

ଅଠଗ୍ଲକଣ

ମହାଶ୍ମଶାନର ଏକ ପ୍ରାନ୍ତରେ ତାର ମା'ର ସ୍ବଚ୍ଛ ମନ୍ଦିର । ଏହି ମନ୍ଦିର ଭିତରେ ଏକ ସୁରମ୍ୟ ବେଦୀ ଉପରେ ଜଗଜ୍ଜନନୀ, ବିଶ୍ୱପାବନୀ; ତାରିଣୀ ଦେବୀ ଦ୍ୱିଭୂଜା ଶିଳାମୟୀ ମୂର୍ତ୍ତିରେ ବିରାଜିତା । ଆମର ଏହି ଦେହଟାହିଁ ତ ସେହି ମନ୍ଦରର ପ୍ରତୀକ—ଏହାରି ମଧ୍ୟରେ ଚିତ୍ତରୂପକ ରମଣୀୟ ବେଦୀରେ ପରମାତ୍ମାଙ୍କ ଅଂଶ ବିଶେଷ ଜୀବାତ୍ମା ଅହଂଭବ ନେଇ ଉପବେଶନ କରିଛନ୍ତି । ମନ୍ଦିରର ଚାରିକୋଣ ଉପରେ ଚାରୋଟି ଛୋଟ ମନ୍ଦିର ଧର୍ମ-ଅର୍ଥ-କାମ ଓ ମୋକ୍ଷର ସୂଚନା ଦେଉଛନ୍ତି । ମନ୍ଦିର ଚୂଡାରେ ତିନୋଟି ଗୋଲପିଣ୍ଡ ବା ପଦ୍ମ ଭେଦ କରି ଚକ୍ର ବା ତ୍ରିଶୂଳ ମହାଶୂନ୍ୟକୁ ପ୍ରଧାବିତ । ଜୀବ ମଧ୍ୟ ସତ୍ତ୍ୱଃ, ରଜଃ ଓ ତମଃ ଏହି ତ୍ରିଗୁଣାନ୍ୱିତ । ଯେତେବେଳେ ମନ ଏହି ଗୁଣ ତ୍ରୟକୁ କ୍ରମାନ୍ୱୟରେ ଅତିକ୍ରମ କରି, ଜୀବାତ୍ମାକୁ ଚିତ୍ତରୁ ଊର୍ଦ୍ଧ୍ୱମୁଖୀ କରାଇ ସହସ୍ରାର ପଦ୍ମ ବା ଚକ୍ର ମଧ୍ୟରେ ପରମାତ୍ମାଙ୍କ ସଙ୍ଗେ ସଂଯୋଗ କରିପାରେ ସେତେବେଳେ ସେ ତ୍ରିଗୁଣାତୀତ ଅବସ୍ଥାରେ ପରମଜ୍ଞାନ ବା ବ୍ରହ୍ମଜ୍ଞାନ ଲଭ କରି ପରମ ବ୍ରହ୍ମଙ୍କ ସଙ୍ଗରେ ଲୀନ ହୋଇଯାଏ । ସାଧନା କରେ ମନ, ଚିତ୍ତ ନୁହେଁ । ମନର ଏତାଦୃଶ ଅବସ୍ଥା ହିଁ ପରମହଂସ ଅବସ୍ଥା ।

କେହି କେହି କୁହନ୍ତି ତାରିଣୀ ଦେବୀ "ବିପରିତରତାତୁର" । କାଳୀ, ତାର ଓ ଷୋଡଶୀ—ଏହି ତିନି ଦେବୀ ହିଁ ତନ୍ତ୍ରରେ ତ୍ରିପୁର ସୁନ୍ଦରୀ ନାମରେ ଅଭିହିତା । କାଳୀ-କୃଷ୍ଣବର୍ଣ୍ଣା ଓ ମହାକାଳ ବକ୍ଷରେ ଦଣ୍ଡାୟମାନା । ତାର ନୀଳବର୍ଣ୍ଣା ପୁଣି ବିପରିତ 'ରତାତୁର' । ଏହାର ଆକ୍ଷରିକ ଅର୍ଥ ମହାକାଳ ଶାୟିତ ଏବଂ ପ୍ରକୃତି ରୂପିଣୀ ତାରିଣୀଦେବୀ ତାଙ୍କ ଉପରେ ଉପବେଶନ ପୂର୍ବକ ବିପରୀତ ସଙ୍ଗମରତା । ଅପରିସୀମ ବିଶୁଦ୍ଧ ସ୍ନେହ, ପ୍ରେମ ଓ ବାତ୍ସଲ୍ୟ ବିଗଳିତା ଓ ବ୍ରହ୍ମର ପରାଶକ୍ତି ଭଗବତୀ ତାରିଣୀହିଁ

ବିଶ୍ୱମାତା ଅର୍ଥାତ୍ ସୃଷ୍ଟି ତତ୍ତ୍ୱର ଆଦି ଜନନୀ ବା ଜୀବାଧାର । ତାଙ୍କର ଏତାଦୃଶ ମୂର୍ତ୍ତି ହୁଏତ କଳ୍ପନା କରି ହୁଏନା । କିନ୍ତୁ ଏହି ବିପରିତ 'ରତାତୁର'ର ଭବାର୍ଥ ପ୍ରକୃତ ସାଧକ ପକ୍ଷରେ ସୁସ୍ପଷ୍ଟ । ଆଭ୍ୟନ୍ତରୀଣ ସାଧକର ମନ ହେଲା ପୁରୁଷ ଓ ରତି ତା'ର ପ୍ରକୃତି । ସୁତରାଂ କାମରିପୁକୁ ଜୟ କରିବା ନିମନ୍ତେ ରତିକୁ ସର୍ବଦା ମନର ବିପରୀତ୍ୱ-ମୁଖୀ କରି ରଖିବାକୁ ହେବ; ତେବେ ଯାଇଁ ବୁଝିହେବ ତାରିଣୀ ମା'ର ମୂର୍ତ୍ତି ତତ୍ତ୍ୱ ବା କରିହେବ "ବିପରୀତ ରତାତୁର" ସାଧନା ।

"ଯହିଁ 'କାମ' ତହିଁ 'ରାମ' ନାହିଁ ।
ଯହିଁ 'ରାମ' ତହିଁ 'କାମ' ନାହିଁ ।।"

ଆଉ ଷୋଡ଼ଶୀ ଦେବୀହିଁ ଷୋଡଶ କଳା ପୂର୍ଣ୍ଣ ମୋକ୍ଷଦାୟିନୀ ତଥା ବ୍ରାହ୍ମୀ ଶକ୍ତିର ଚରମ ବା ପରମ ତତ୍ତ୍ୱର ପ୍ରତୀକ ।

ତାରାପୀଠସ୍ଥ ମା'ର ମନ୍ଦିରରେ କିନ୍ତୁ ମା'ର ମୂର୍ତ୍ତିର କଳ୍ପନା ଅନ୍ୟ ପ୍ରକାରର । ପୂର୍ବ ବର୍ଣ୍ଣନାନୁଯାୟୀ ମା' ଏଠାରେ ଶିଶୁରୂପି ଶିବଙ୍କୁ କୋଳରେ ଧାରଣପୂର୍ବକ ମହାମାତୃଭବରେ ମହିମାନ୍ୱିତା ।

ସେଦିନ ବୈଶାଖ ମାସର ଏକ ନିର୍ଜନ ଦ୍ୱିପ୍ରହର । ମା'ର ମଧ୍ୟାହ୍ନ ଭୋଗ ପରେ ପୂଜକ ଓ ସେବକଦଳ ଯେ ଯାହା ଘରକୁ ଚାଲିଗଲେଣି । ମନ୍ଦିରର ଅନ୍ତଃପ୍ରକୋଷ୍ଠ କେତେବେଳୁ ବନ୍ଦ ହୋଇଗଲେଣି । ମା' ସମ୍ଭବତଃ ବିଶ୍ରାମରତା । ପାଗେଳା ପୁଅର ଆଖିକୁ କିନ୍ତୁ ନିଦ ନାହିଁ । ମା'ର ମନ୍ଦିର ବେଢ଼ାରେ ଅସ୍ଥିର ପଦଚାରଣା କରି ମନକୁ ମନ ହୁଏତ କହିଚାଲିଛନ୍ତି ; "ଆରେ ତମେମାନେ ଆଉ କିଏ କେଉଁଠି ଅଛ ଶୀଘ୍ରଆସ, ମୋତେ ଯେ ମା'ର ଡାକରା ଆସିଗଲେଣି ? କେତେଦିନ ଆଉ ତୁମମାନଙ୍କୁ ଅପେକ୍ଷା କରିବି ?"

ଏତିକିବେଳେ ଝାଳନାଳ ହୋଇ ଭୈରବଙ୍କ ନିକଟରେ ଉପସ୍ଥିତ ହେଲା ଗୋଟିଏ ୧୩, ୧୪ ବର୍ଷର ପିଲା; ନାମ ଯଦୁନାଥ ସିଂହ, ରାମପୁର

ହାଟ ହାଇସ୍କୁଲର ଅଷ୍ଟମଶ୍ରେଣୀ ଛାତ୍ର । ସେଦିନ ଥାଏ ଶନିବାର, ସ୍କୁଲ ଛୁଟି ହେଲାମାତ୍ରେ ଆଉ ଗୋଟିଏ ସାଙ୍ଗ ପିଲାକୁ ସାଥିରେ ଧରି କି ଏକ ଦୁର୍ବାର ଆକର୍ଷଣରେ ଟାଣିହୋଇ ଦୀର୍ଘ ବନପଥ ଅତିକ୍ରମ କରି ସେ ଛୁଟି ଆସିଛି ଭୈରବଙ୍କୁ ଟିକିଏ ଦେଖି ଯିବାପାଇଁ । ତାକୁ ଦେଖି-ଦେଖି ବାବା କିନ୍ତୁ ଆନନ୍ଦରେ ନାଚି ଉଠିଲେ; ଦୀର୍ଘଦିନର ବ୍ୟବଧାନ ପରେ ମା' ତା'ର ଆଦରରଧନକୁ ଦେଖି ସତେ ଯେମିତି ଆତ୍ମହରା ହୋଇ ଉଠିଛି । ଭୈରବଙ୍କ ଚରଣତଳେ ଲୋଟି ପଡ଼ିଲା ବାଳକ, ଗଣ୍ଡଦେଶ ପ୍ଲାବନ କରି ଝରି ଆସିଲା ଦୁଇଧାର ମିଳନାଶ୍ରୁ । ଅଭୟ କରପଲ୍ଲବରେ ଭକ୍ତର ଅଶ୍ରୁ ପୋଛିଦେଇ ବରାଭୟ ବାଣୀ ଶୁଣାଇଲେ ଭୈରବ-"ଆରେ ଯଦୁ, ତୁ ଯେ ମୋର ପଣ୍ଡିତ ପୁଅ । ତାରମା' କହୁଛି ତୁ ଖୁବ୍ ବିଦ୍ୱାନ ହେବୁ, ନାମଜାଦା ପଣ୍ଡିତ ହେବୁ । ମନ ଦେଇ ପାଠପଢ଼ ବାବା ! ଚିନ୍ତା ନାହିଁ—ଭୟନାହିଁ—ମୁଁ ସର୍ବଦା ତୋର ପାଖେପାଖେ ଅଛି । ସମୟ ହେଲେ ସବୁ ଜାଣିବୁ ।" କିଛିକ୍ଷଣ ନିରବରେ କଟିଲା । ଏଥର ପରମପିତାଙ୍କ ନିର୍ଦ୍ଦେଶରେ ଶିଳାମୟୀ ମା'ଙ୍କୁ ପ୍ରଣାମ ଜଣାଇ ଯଦୁନାଥ ଫେରିଗଲେ ରମପୁରହାଟ ହିନ୍ଦୁ ହଷ୍ଟେଲକୁ ।

ଏହା ଥିଲା ଯଦୁନାଥଙ୍କର ଦ୍ୱିତୀୟ ଦର୍ଶନ । ପ୍ରଥମଥର ପ୍ରାୟ, ସାତ ଆଠବର୍ଷ ତଳେ ପିତାମହ ସର୍ବେଶ୍ୱର ସିଂହଙ୍କ ସାଙ୍ଗରେ ସେ ନୂଆକରି ଆସିଥିଲେ ତାରପୀଠକୁ । ସେଦିନ ଥାଏ ଆଶ୍ୱିନ ଶୁକ୍ଳା ଚତୁର୍ଦ୍ଦଶୀ; ବଶିଷ୍ଠ ଋଷିଙ୍କ ସିଦ୍ଧି ଦିବସ । ତାରପୀଠରେ ବସିଥାଏ ବିରାଟ ମେଳା । ମେଳାରେ ବୁଲି, ମା'ର ଦର୍ଶନ ସାରି—ବୃଦ୍ଧ ସର୍ବେଶ୍ୱର ଯେତେବେଳେ ପୌତ୍ରକୁ ସାଙ୍ଗରେ ଧରି ଭୈରବଙ୍କ ନିକଟକୁ ଆସିଲେ ସେତେବେଳକୁ ସଂଧ୍ୟା ପ୍ରାୟ ଉତ୍ତୀର୍ଣ୍ଣ । ଭୈରବ ଶ୍ୱେତଶିମୂଳି ମୂଳେ ସ୍ୱ ଆସନରେ ଯୋଗାରୂଢ଼ । ମନହୁଏତ ସ୍ମୃତିରୋମନ୍ଥନ କରି ଚାଲିଛି ସେହି ପୂର୍ବଦିନର କଥା ଆଉ ଆନନ୍ଦରେ ଉଲ୍ଲସି ଉଠୁଛି ପଞ୍ଚପ୍ରାଣ । ଚକ୍ଷୁଦ୍ୱୟ ଅର୍ଦ୍ଧ ନିମିଳୀତ । ଏତାଦୃଶ ଅବସ୍ଥାରେ ଯୋଗେଶ୍ୱରଙ୍କୁ ଦର୍ଶନ କରି ସେଦିନ ମଧ୍ୟ ଶିଶୁ ଯଦୁନାଥର ଚକ୍ଷୁରେ ଚକ୍ ଚକ୍ କରି ଉଠିଥିଲା ଦୁଇବିନ୍ଦୁ ଅଶ୍ରୁ !

ମହାପୁରୁଷଙ୍କୁ ଦର୍ଶନ କରି କ୍ଷୁଦ୍ର ବାଳକର ଏପରି ଭବାନ୍ତର ଲକ୍ଷ୍ୟ କରି ବିଚଳିତ ହୋଇ ପଡ଼ିଥିଲେ ବୃଦ୍ଧ ପିତାମହ । ସେଇଥିପାଇଁ ଭୈରବଙ୍କୁ ଦୂରରୁ ପ୍ରଣାମ ଜଣାଇ ନାତିକୁ ଧରି ତରତରରେ ଫେରି ଯାଇଥିଲେ ଘରକୁ । ସେ ବା କୁଆଡୁ ଜାଣିବେ ଏ ସମ୍ପର୍କ କେତେଦିନର, ଆଉ କେତେ ମଧୁର !

ଜାଣେନା ସେ ପାଦତଳେ
ବନ୍ଧା ମୁଁ କେଉଁ ସୂତ୍ରରେ ।
ଜୀବନ ଚେତନା ଥାଉ
ତୁମେ ମୋର ମୁଁ ତୁମର ।।

୧୯୧୧ ମସିହାରେ ମାଟ୍ରିକ୍ ପରୀକ୍ଷା ଦେଲେ ଯଦୁନାଥ-ଆଉ ପରୀକ୍ଷା ଦେବାର ଠିକ୍ ତିନିଦିନପରେ ରାମପୁରହାଟ ମୁନସଫ୍ କୋର୍ଟର ସିରସ୍ତାଦାର ମହାତାପବାବୁଙ୍କ କନ୍ୟା ସୁନିତିମଂଜରୀଙ୍କ ସହିତ ତାଙ୍କର ଶୁଭପରିଣୟ ଅନୁଷ୍ଠିତ ହୋଇଗଲା; ତାହା ମଧ୍ୟ ଭୈରବଙ୍କ ନିର୍ଦ୍ଦେଶରେ । ପ୍ରାୟ ୧୯୧୦ ମସିହା ମଧ୍ୟଭାଗର କଥା—ଭୈରବ ଆସିଥାନ୍ତି ରାମପୁରହାଟର ଜଣେ ଭକ୍ତ ମହେନ୍ଦ୍ରବାବୁଙ୍କ ଗୃହକୁ । ହାତରେ ଦୁଇଟି ସୁପକ୍ୱ ଆମ୍ରଫଳ ଧରି ମହାତାପବାବୁ ଆସିଲେ ଭୈରବଙ୍କୁ ଦର୍ଶନ କରିବାକୁ । ତାଙ୍କୁ ଦେଖୁ ଦେଖୁ ଭୈରବ କହି ଉଠିଲେ —"କନ୍ୟାର ବିବାହ ନିମନ୍ତେ ଏତେ ଚିନ୍ତିତ କାହିଁକି ବାବା ! ଉପଯୁକ୍ତ ପାତ୍ର ସଙ୍ଗେ ଖୁବ୍ ଶୀଘ୍ର ତା'ର ବିବାହ ସମ୍ପନ୍ନ ହେବ, ତେବେ ପାତ୍ରଟି ଟିକିଏ ମୋଭଳି କ୍ଷେପା ।" କ୍ଷେପାର ପୁଅ କ୍ଷେପା ନହୋଇ ଆଉ କ'ଣ ବା ହେବ ?

ଖୁବ୍ ମେଧାବୀ ଛାତ୍ର ଥିଲେ ଯଦୁନାଥ । କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଏମ୍. ଏ. ପାସ୍ କରି ପ୍ରେମଚାନ୍ଦ-ରାୟଚାନ୍ଦ ବୃତ୍ତି ଲାଭ କରିଥିଲେ । ପରେ ଦର୍ଶନ ଶାସ୍ତ୍ରରେ ପି. ଏଚ୍. ଡ଼ି. ଉପାଧି ପାଇ ବିଭିନ୍ନ କଲେଜରେ ଅଧ୍ୟାପନା କାର୍ଯ୍ୟ କରି ପରିଶେଷରେ ମିରଟ୍ କଲେଜର ଉପାଧ୍ୟାୟର ବିଭାଗରେ ମୁଖ୍ୟ ଅଧ୍ୟାପକ ରୂପେ ନିଯୁକ୍ତ ହୋଇଥିଲେ ।

ଏହି ମିରଟ୍‌ରେ ଅବସ୍ଥାନ କାଳରେ ଅନେକ ଅଲୌକିକ ଘଟଣା ଘଟି ଯଦୁନାଥଙ୍କ ଜୀବନ ଦର୍ଶନକୁ ବିଶେଷଭାବରେ ପ୍ରଭାବିତ କରିଥିଲା । ୧୯୩୦ ମସିହାର କଥା । ନିର୍ଜନ ରାତି, ପିଲାମାନେ ଯେ ଯାହା ଆଡ଼େ ଶୋଇ ପଡ଼ିଲେଣି । ଯଦୁନାଥ ନିଜ ଶୟନ କକ୍ଷରେ ଶଯ୍ୟା ଉପରେ ବସି ସହଧର୍ମିଣୀଙ୍କ ସହିତ ଭଗବତ ପ୍ରସଙ୍ଗରେ ଆଲୋଚନା କରୁଥାନ୍ତି । ସହସା କକ୍ଷର ଅଭ୍ୟନ୍ତରଟି ଏକ ଅପୂର୍ବ-ଉଜ୍ଜ୍ୱଳ ଜ୍ୟୋତିଃର ଝଲକରେ ଉଦ୍ଭାସିତ ହୋଇ ଉଠିଲା । ଆଶ୍ଚର୍ଯ୍ୟ ଚକିତ ହୋଇ ଉଭୟେ ଅନାଇ ଦେଖନ୍ତିତ ଜ୍ୟୋତିର୍ମୟ ମୂର୍ତ୍ତିରେ ମହାଯୋଗେଶ୍ୱର କ୍ଷେପାବାବା ଦଣ୍ଡାୟମାନ । ସ୍ୱାମୀ-ସ୍ତ୍ରୀ ଦୁଇଜଣଯାକ ଭକ୍ତିଭରେ ପ୍ରଣାମ କରନ୍ତେ ଗୁରୁ ଗମ୍ଭୀର ସ୍ୱରରେ ନିମ୍ନମତେ ଆଦେଶ କରି ବାବା ଅନ୍ତର୍ଦ୍ଧାନ ହୋଇଗଲେ— "ଆରେ ଯଦୁ, ତୋର କାମ ଯେ ଏପର୍ଯ୍ୟନ୍ତ ଆରମ୍ଭ ହେଲାନି । ତୁ ଏଥର ଶଙ୍କର, ରାମାନୁଜ ଓ ନିମ୍ବାର୍କ ପ୍ରଭୃତିଙ୍କ ଦର୍ଶନ ସମ୍ବନ୍ଧରେ ଲେଖାଲେଖି ଆରମ୍ଭ କର ।"

ଏହାର ତିନିବର୍ଷ ପରର କଥା । ହଠାତ୍ ଦିନେ ସୁନିତିମଂଜରୀ ଖୁବ୍ ଅସୁସ୍ଥ ହୋଇ ପଡ଼ିଲେ । ଅଳ୍ପ ସମୟ ମଧ୍ୟରେ ଅବସ୍ଥା ଖୁବ୍ ଖରାପ ହୋଇ ନାଡ଼ିର ଗତି ନ ମିଳନ୍ତେ ସ୍ଥାନୀୟ ଖ୍ୟାତନାମା ଡାକ୍ତର ପ୍ରବୋଧ କୁମାର ବନ୍ଦୋପାଧ୍ୟାୟଙ୍କୁ ଅଣାଗଲା । ଦୀର୍ଘ ସମୟ ଧରି ତାଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେବି ଜୀବନର କୌଣସି ସନ୍ଧାନ ନପାଇ ରୋଗିଣୀଙ୍କୁ ମୃତା ବୋଲି କହି ଗମ୍ଭୀର ମୁଖରେ ବିଦାୟ ନେଲେ ଡାକ୍ତର । ହଠାତ୍ ଉଠିଲା କ୍ରନ୍ଦନର ରୋଳ । ବିଜୁଳୀ ଭଳି ସମ୍ବାଦ ଖେଳିଗଲା ଚତୁର୍ଦ୍ଦିଗରେ । ପିମ୍ପୁଡ଼ି ଧାର ପରି ଅଧ୍ୟାପକ, ଛାତ୍ର ତଥା ସ୍ଥାନୀୟ ବିଶିଷ୍ଟ ଭଦ୍ରବ୍ୟକ୍ତି ଗଣ ଛୁଟିଲେ ଯଦୁନାଥଙ୍କ ସରକାରୀ ବାସଭବନକୁ ବିବିଧ ପୁଷ୍ପଗୁଚ୍ଛରେ ସମବେଦନା ଜଣାଇବା ଉଦ୍ଦେଶ୍ୟରେ । ସଜ୍ଜିତ ଶବାଧାର ଗାଡ଼ି ଆସି ଦାଣ୍ଡ ଦୁଆରେ ଠିଆହେଲା ଶବଯାତ୍ରା ନିମନ୍ତେ । ଚନ୍ଦନକାଠ, ଘୃତ ଓ ଅନ୍ୟାନ୍ୟ ଉପକରଣ ଆଦି ସଂଗୃହୀତ ହୋଇଗଲା । ଏତିକିବେଳେ କିନ୍ତୁ ଘଟିଲା ଏକ ଅଭୂତପୂର୍ବ ଘଟଣା । ଯେଉଁ ଘରେ ମୃତା ସୁନିତିମଂଜରୀ ଶେଷ ଶଯ୍ୟାରେ ଶାୟିତା; ସେହି ଘରେ ଚକ୍ଷୁକୁ ମୁଣ୍ଡପୋଡି

ଅସ୍ଥିର ପଦଗ୍ଭରଣା କରୁଥାନ୍ତି ଯଦୁନାଥ । କନିଷ୍ଠପୁତ୍ର ଅମୀୟ କୁମାର; କନ୍ୟା ଦୁଇଟି ତଥା ଅନ୍ୟ ଜଣେ ଦୁଇଜଣ ଆତ୍ମୀୟ ମୃତାର ମୁଣ୍ଡ ପାଖରେ ବସି ନିରବରେ ଅଶ୍ରୁତର୍ପଣ କରୁଥାନ୍ତି । ସହସା ଶ୍ରୀକରରେ ତ୍ରିଶୂଳ ଧରି ସୁନିତିମଂଜରୀଙ୍କ ମଥା ପାଖରେ ଜ୍ୟୋତିର୍ମୟ ମୂର୍ତ୍ତିରେ ଆବିର୍ଭୂତ ହେଲେ ମୃତ୍ୟୁଞ୍ଜୟ ମହାଭୈରବ ବାମାକ୍ଷେପା ଓ ଯଦୁନାଥଙ୍କୁ ଲକ୍ଷ୍ୟ କରି କହିଲେ– "ଆରେ ଯଦୁ, ତୁ ଏତେ ବିଷର୍ଣ୍ଣ କାହିଁକି ? ଭୟନାହିଁ- ସୁନିତି ଯେ ବଞ୍ଚିଛି ।" "ସୁନିତି ବଞ୍ଚିଛି" ଏହି ଶବ୍ଦ ପ୍ରତିଧ୍ୱନୀ ତୋଳିଲା ପ୍ରକୋଷ୍ଠ ମଧ୍ୟରେ । ସମସ୍ତେ ବିସ୍ମୟ ସହକାରେ ଅନାଇ ଦେଖନ୍ତିତ ବାବା ଅନ୍ତର୍ହିତ । ରୋଗିଣୀ କିନ୍ତୁ ଶଯ୍ୟା ଉପରେ ବସି ଜିଜ୍ଞାସା କରୁଛି– "ମୋର କ'ଣ ହୋଇଛି ଯେ–ଏତେ ଲୋକ ?" ଏହି ଘଟଣା ଘଟିବାର ପ୍ରାୟ ୨୫ ବର୍ଷ ପର୍ଯ୍ୟନ୍ତ ସୁନିତିମଂଜରୀ ସୁସ୍ଥ ଶରୀରରେ ଜୀବିତା ଥିଲେ । ସ୍ୱୟଂ ମହାକାଳ ଯାହାର ରକ୍ଷାକର୍ତ୍ତା କ୍ଷୁଦ୍ର ଡାକ୍ତର ସେଠି କେତେକ ମାତ୍ର !

୧୯୫୨ ମସିହାରେ ପୁଣି ଆଉଥରେ ଭୈରବଙ୍କ ଦର୍ଶନ ପାଇଥିଲେ ଭଗ୍ୟବାନ ଯଦୁନାଥ । ସେତେବେଳକୁ ତାଙ୍କ ଚାକିରିକାଳ ପ୍ରାୟ ଆଉ ତିନିବର୍ଷ ବାକିଥାଏ । ସେଦିନ ବ୍ରାହ୍ମ ମୁହୂର୍ତ୍ତରେ ନିଦ୍ରାଭଙ୍ଗ ହୁଅନ୍ତେ ଦେଖିଲେ ସମଗ୍ର ଶୟନକକ୍ଷ ଆଲୋକିତ କରି ସ୍ନିଗ୍ଧ ବିମଳ ଜ୍ୟୋତିର୍ମୟ ମୂର୍ତ୍ତିରେ ଆବିର୍ଭୂତ ହୋଇଛନ୍ତି ଜୀବନ ସର୍ବସ୍ୱ-ଶିବସ୍ୱରୂପ କ୍ଷେପାଠାକୁର । ପ୍ରଣାମଅନ୍ତେ ଶ୍ରୀକରରେ ଫୁଟି ଉଠିଲା ବରଭୟ ମୁଦ୍ରା ଓ ଶ୍ରୀମୁଖରୁ ନିର୍ଗତ ହେଲା– "ଆରେ ଯଦୁ, ଇହ ଜଗତରେ ତୋର ସମସ୍ତ କର୍ମ ଶେଷ ହେଲା; ଏଥର ତୁ ପରମାର୍ଥିକ ଜଗତର କର୍ମ ଆରମ୍ଭ କର । ଏହାହିଁ ତାର ମା'ର ଇଚ୍ଛା !"

ପରଦିନ ପ୍ରତ୍ୟୁଷରୁହିଁ ଭୟାନକ ଟାଇଫଏଡ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ଦୁଇମାସ ପର୍ଯ୍ୟନ୍ତ ଶର୍ଯ୍ୟାଶାୟୀ ହେଲେ ଯଦୁନାଥ । ଯେତେବେଳେ ଆଧୁନିକ ଚିକିତ୍ସା ବିଜ୍ଞାନର ସମସ୍ତ କୌଶଳ ବିଫଳ ହେଲା ସେହି ସମୟରେ ବିଜନ ନିର୍ଜନ ରାତିରେ କିନ୍ତୁ ପୁନରାୟ ଆବିର୍ଭୂତ ହୋଇ ରୋଗୀର ମଥା ଆଉଁସି ଦେବାକୁ ଲାଗିଲେ ଦୟାଳୁ କ୍ଷେପା ଠାକୁର । ଶୀତଳ କର ସ୍ପର୍ଶରେ ତନ୍ଦ୍ରା

ତୁଟିଗଲା । ଭୈରବଙ୍କୁ ଦେଖୁ ଦେଖୁ କାନ୍ଦି-କାନ୍ଦି କହି ଉଠିଲେ ଯଦୁନାଥ "ଆଉ ବଞ୍ଚିବାକୁ ଇଚ୍ଛା ନାହିଁ ଠାକୁର ! କୃପା କରି ଶ୍ରୀଚରଣରେ ସ୍ଥାନ ଦିଅନ୍ତୁ ।"

—"ସେ କି କଥା ବାବା ! ତାରା ମା'ର ଯେ ଅନେକ କାମ ବାକୀ ।" ଏହି କଥା କହି ଅନ୍ତର୍ଦ୍ଧାନ ହେଲେ ଭୈରବ ।

ଅଚିରେ ସୁସ୍ଥ ହୋଇ ଉଠିଲେ ଯଦୁନାଥ—ଭଗବତ କାର୍ଯ୍ୟ କରିବାକୁ ନୂତନ ଶକ୍ତି ଓ ନୂତନ ଉଦ୍ଦୀପନା ନେଇ । ସଙ୍ଗେ ସଙ୍ଗେ ଚାକିରିରୁ ଅବସର ଗ୍ରହଣ କରି ମନୋନିବେଶ କଲେ ଗ୍ରନ୍ଥ ପ୍ରଣୟନରେ । ଭାରତୀୟ ଦର୍ଶନର ଇତିହାସ ନାମକ ଏକ ଅମୂଲ୍ୟ ଗ୍ରନ୍ଥ ପ୍ରଣୟନ କରି ୧୯୫୮ ମସିହାରେ ତାରାପୀଠ ଆସି ଭୈରବଙ୍କ ଚରଣ ପ୍ରାନ୍ତରେ ଉପହାର ଦେଇଥିଲେ ସେ । ଏହି ଗ୍ରନ୍ଥଟି ଛଅ ଭାଗରେ ବିଭକ୍ତ ଓ ଏଥିରେ ଶଙ୍କରଙ୍କ ଠାରୁ ଆରମ୍ଭ କରି ଚୈତନ୍ୟଙ୍କ ପର୍ଯ୍ୟନ୍ତ ଋଷି ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଦେବଭୂମି ଭାରତର ସମସ୍ତ ଆଧ୍ୟାତ୍ମିକ ଐତିହ୍ୟ, ପରମ୍ପରା ଓ ଦର୍ଶନର ଧାରା ସୁନ୍ଦର ଭାବରେ ପର୍ଯ୍ୟବେଶିତ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ପ୍ରାୟ ୪୦ ଖଣ୍ଡି ପ୍ରାମାଣିକ ଗ୍ରନ୍ଥ ରଚନା ସାଙ୍ଗକୁ ମହାସାଧକ ରାମପ୍ରସାଦଙ୍କ ଅମରକୃତୀ ରାମପ୍ରସାଦୀ ଗାନ ସମୂହର ଇଂରାଜୀ ଅନୁବାଦ ମଧ୍ୟ ତାଙ୍କ ଦ୍ୱାରା ନିଷ୍ପନ୍ନ ହୋଇଥିଲା ।

ଏହି ଭାଗ୍ୟବାନ ଭକ୍ତ ଥିଲେ ତାରା ମା'ର ଅକ୍ଷୟ ବିଦ୍ୟାଭଣ୍ଡାରର ଅଧିକାରୀ ତଥା କ୍ଷେପା ବାବାଙ୍କର ପ୍ରକାଶ ଶକ୍ତି !

ଅଣାଚୃଣା

୧୯୧୦ ମସିହାର ଧାରଶ୍ରାବଣ । ଅବିଶ୍ରାନ୍ତ ମୂଷଳଧାରରେ ବୃଷ୍ଟିପାତ ସାଙ୍ଗକୁ ବିଜୁଳୀର ମୁହୁର୍ମୁହୁ ଚମକ ଓ ଘଡଘଡ଼ିର ବଜ୍ରଗମ୍ଭୀର ନିର୍ଘୋଷ ସଂସାର ଭୀରୁ ମନରେ କରୁଛି ଭୀତିସଞ୍ଚାର । ଦୀର୍ଘ ସାତଦିନ ହେଲା– କି ଦିନ-କି ରାତି ବୃଷ୍ଟିପାତର ବିରାମ ନାହିଁ । ଖାଲ-ବଣ-ବିଲ ସବୁ ଜଳମଗ୍ନ । ଦ୍ୱାରକା ନଦୀର କ୍ଷୀଣ ବକ୍ଷ ଆଜି ସ୍ଫୀତ । ଉଚ୍ଛ୍ୱସିତ ଦୁଇକୂଳ ପ୍ଲାବନ କରି ଗେରୁଆ ବରଣ ଧାରଣ ପୂର୍ବକ ତୀବ୍ରବେଗରେ ଛୁଟି ଚାଲିଛି ନିମ୍ନଦେଶର ଉଦ୍ଦେଶ୍ୟରେ ଆଉ ତା'ର କରାଳ ତରଙ୍ଗ ମାଳାରେ ଭସେଇ ନେଉଛି କେତେ ନିଃସ୍ୱ, ଦରିଦ୍ରଙ୍କର ଜୀବନ-ସମ୍ବଳ କାଠିକୁଟା ପରି । ଆଖପାଖ ଗ୍ରାମର ଛୋଟ-ଛୋଟ ଚାଳଛପର ଘରଗୁଡ଼ିକ ପ୍ରାୟ ନିଃଶ୍ଚିହ୍ନ । ମାଟି କାନ୍ଥ ସବୁ ଧସ୍ ଧସ୍ କରି ଭାଙ୍ଗି ପଡ଼ୁଛି ବାୟୁର ପ୍ରବଳ ବେଗରେ । କାଠ-ବାଉଁଶ-ନଡା-କୁଟା ସବୁ ତୁଳାପରି ଉଡ଼ିଆସି ଇତଃସ୍ତତ ବିକ୍ଷିପ୍ତ ହୋଇ ପଡ଼ୁଛନ୍ତି । ଗରିବ ଚାଷୀର ସୁନେଲି ସ୍ୱପ୍ନ ଅସ୍ତମୀତ ପ୍ରାୟ । ଧାନ ବିଲରେ ଆଣ୍ଠୁଆଣି ପାଣି । ତା'ର ସମସ୍ତ ଆଶା-ଭରସାର ସ୍ଥଳ ଛୋଟ-ଛୋଟ ଧାନଗଛଗଡ଼ିକ ଦୀର୍ଘଦିନ ଧରି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ମୂଳରୁ ହିଁ ସଢି ଯିବା ଉପରେ । ପ୍ରବଳ ବନ୍ୟା ଓ ମହାମାରୀ ଚିନ୍ତାରେ କାତର ହୋଇ ଆଖ-ପାଖ ଗାଁ କେତେଖଣ୍ଡର ଲୋକ ଛୁଟି ଆସିଲେ ତାର ମା'ର ମନ୍ଦିରକୁ । କାତରୋକ୍ତି ଓ ହତାଶାର ଦୀର୍ଘଶ୍ୱାସରେ ଭରିଗଲା ଶିଳାମୟୀର ମନ୍ଦିର, ବୃଷ୍ଟି ସ୍ତମ୍ଭନ ନିମନ୍ତେ ଚାଲିଲା ମାର ପୂଜା ହୋମ–ଯାଗ-ଯଜ୍ଞ ଆଦି । କିଏ କେତେ ମାନସିକ କଲେ ଶିଳାମୟୀର ଉଦ୍ଦେଶ୍ୟରେ । କିନ୍ତୁ ପାଷାଣୀ ମା' ସବୁ ନିବେଦନ ଆବେଦନ ଅଗ୍ରାହ୍ୟ କରି ଦୁର୍ଯୋଗର ବେଗ ଆହୁରି ବଢାଇଦେଲା । ପୁଣି କଟିଗଲା ତିନି-ଚାରିଦିନ ।

ଏଥର ଅବସ୍ଥା ଅସମ୍ଭାଳ । ପ୍ରକୃତିର ତାଣ୍ଡବଲୀଳା ଆଗରେ ମଣିଷର ଧୈର୍ଯ୍ୟ ବା କେତେ ମାତ୍ରକ ! ଆଖ-ପାଖ ଗାଁ ଘଣ୍ଟା ଖାଲିକରି ଭୀତ ଜନ-ଗଣ ପିଲାଛୁଆ ଧରି ଛୁଟି ଆସିଲେ ବରାଭୟ ଦାୟିନୀ ଭଗବତୀ ତାରିଣୀ ଦେବୀର ମନ୍ଦିରକୁ । ଶତକଣ୍ଠର ଆକୁଳ ଆବେଦନ ଓ କାତର ପ୍ରାର୍ଥନା ପ୍ରତିଧ୍ୱନୀ ତୋଳିଲା ମନ୍ଦିରର ପାଷାଣ ବକ୍ଷରେ "ମା ଗୋ ! ଆଉ ଉପାୟ ନାହିଁ, ରକ୍ଷାକର ମା !" ଆହା ! ଭୟଯୁକ୍ତ ଭକ୍ତିର କି କାତର ଉଚ୍ଛ୍ୱାସ !! ବିପଦରେ ପଡ଼ିଲେହିଁ ମଣିଷ ଖୋଜେ ଭଗବାନଙ୍କୁ । ଦିନେ ଯାହାକୁ କାଠ ବା ପାଷାଣରେ ଗଢ଼ା ଏକ ମୂର୍ତ୍ତି ବୋଲି କହି ପୂର୍ବପୁରୁଷଙ୍କ ସଂସ୍କାର ବଶତଃ ଦୂରରୁ ଗୋଟିଏ ଜୁହାର ବା ବଡ଼ ଜୋର ଗୋଟାଏ ମୁଣ୍ଡିଆ ପକେଇ ଚାଲିଯାଇଥିଲା—ସେହି ପାଷାଣ ମୂର୍ତ୍ତି କିନ୍ତୁ ଆଜିର ଏହି ଦୁର୍ଦ୍ଦିନରେ ସମସ୍ତ ଆଶା ଭରସାର ସ୍ଥଳ । ବୁକୁର ଉଚ୍ଛ୍ୱାସ ଓ ଆଖିର ଜଳରେ ନିଜ ଅଜାଣତରେ ହିଁ ସେ ପାଷାଣ ବୁକୁରେ କରେ ପ୍ରାଣ ପ୍ରତିଷ୍ଠା, ଆଉ ତା'ର ଚରଣ ତଳେ ଲେଟିଯାଇ ସର୍ବୋତଃ ଭାବେ କରେ ନିଛକ ଆତ୍ମସମର୍ପଣ । କି ବିଚିତ୍ର ସୃଷ୍ଟି ସତେ ! ଯିଏ ଯେତେ ବଡ଼ ବୈଜ୍ଞାନିକ ହେଉ, ପଣ୍ଡିତ ହେଉ, ରଜା ହେଉ କି ଦାମ୍ଭିକ ହେଉ; ନିଜକୁ ଯେତେବଡ ନିରୀଶ୍ୱରବାଦୀ ନାସ୍ତିକ ବୋଲି କହୁ ପଛକେ—ପ୍ରକୃତିର ସାମାନ୍ୟତମ ବ୍ୟତିକ୍ରମରେ-ଭ୍ରୂକୁଟିର ସାମାନ୍ୟତମ କଟାକ୍ଷ୍ୟରେ କିନ୍ତୁ ନିଜର ସମସ୍ତ ଗର୍ବ-ଦମ୍ଭ-ପାଣ୍ଡିତ୍ୟ ଓ ଅହଂକାର ଭାଙ୍ଗି ଚୁରମାର ହୋଇଯାଏ । ଚକ୍ଷୁ ଜଳରେ ବକ୍ଷ ତିନ୍ତାଇ କୃତାଞ୍ଜଳୀ ପୁଟରେ ସେ ସ୍ୱଗତୋକ୍ତି କରିଉଠେ "ହେ ପ୍ରଭୋ ! ତୁମ ଛଡ଼ା କିଏ ଆଉ ମୋତେ ରକ୍ଷା କରିବ ?"

ଭଗବାନ ଯେ ଅଛନ୍ତି ଆଉ ତାଙ୍କରି ଇଙ୍ଗିତରେ ହିଁ ଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପରିଚାଳିତ ଏକଥା କାହାକୁ ଶିଖେଇବାକୁ ହେବନି । ବୁଢ଼ିଆଣୀପରି ନିଜେ ନିଜର ମାୟାଜାଲରେ ଛନ୍ଦିହୋଇ ପଡ଼ିଲେ ଜୀବ ସେକଥା ବେଶ୍ ବୁଝିପାରେ । ଈଶ୍ୱର କିଏ—ମୁଁ ଜାଣିନି ? ମୁଁ ହିଁ ମୋର ଭାଗ୍ୟବିଧାତା—ମୁଁ ହିଁ ମୋର ଜୀବନକୁ ସରସ ସୁନ୍ଦର କରି ଗଢ଼ି ପାରିବି—

ଏକଥା ବକ୍ତୃତା ଛକରେ ଯିଏ ଯେତେ ଜୋରରେ କହୁନା କାହିଁକି–ନିଜ ଛାତିରେ ହାତଦେଇ କେହି କିନ୍ତୁ କହିପାରିବେନି ଯେ ମୁଁ ଜଣେ ନାସ୍ତିକ ! ଈଶ୍ୱରଙ୍କୁ ଖୋଜିବା, ତାଙ୍କ ଲୀଳା ଅନୁଧ୍ୟାନ କରିବା ଓ ତାଙ୍କ ଜୟଗାନ କରିବା ଜୀବର ଧର୍ମ । ସାମୟିକ ଜାଗତିକ ମାୟାର ପ୍ରଲୋଭନରେ ସେ ତାହା ଭୁଲିଗଲେ ମଧ୍ୟ, ପ୍ରଭୁ ଯେତେବେଳେ ଗୁହାନ୍ତି ବେଶ୍ ମୁଲାୟମ କରି ସେକଥା ତାକୁ ଶିଖାଇ ଦିଅନ୍ତି–ବୁଝାଇ ଦିଅନ୍ତି । କଥାରେ କହନ୍ତିନି– ଦେଖିଲେ ଶିଖିବ କିମ୍ବା ଠିକିଲେ ଶିଖିବ । ତେବେ ଦେଖି ଶିଖିବାଟା ବେଶୀଦିନ ମନେ ରହେନା କିନ୍ତୁ ଠିକି ଶିଖିବା–ଏଇଟା କୌଣସିମତେ ପାଶୋର ଯାଏନା । ଚିରକାଳ ଲଗି ଲିପିବଦ୍ଧ ହୋଇଯାଏ ହୃଦୟ ପୃଷ୍ଠାରେ ।

ଆଜି କିନ୍ତୁ ପାଷାଣୀ ମା' ନିରବ କାହିଁକି ? ସେ କ'ଣ ସତେ ପାଷାଣୀ ? ଏତେ କାକୁତି-ମିନତୀ, ଏତେ ଆକୁଳ ପ୍ରାର୍ଥନା, ଏତେ ବିକଳ କାନ୍ଦଣା କିଛି କ'ଣ ତା' ପିତଳ କାନରେ ବାଜୁନି ? କିଏ କହିଲା ମା' ମୋର ପାଷାଣୀ ? ସେ ଯଦି ନ ଶୁଣିବ ତେବେ କାହା ଆଗେ ଆଉ ଗୁହାରୀ କରିବା ଅମେ ? ସେ ଯଦି ନ ଦେଖିବ–ତାହେଲେ ଏ ସୃଷ୍ଟି ରହିବତ ?

ଚକାନୟନ ହେ ପଲକ ପକାଅ ନାହିଁ ।
ତୁମେ ଯଦି ନାଥ ପଲକ ପକାଅ
ଏ ସୃଷ୍ଟି ରହିବ କାହିଁ ?

ମା' ମୋର ଚିରଜାଗ୍ରତ । ତେବେ ବର୍ତ୍ତମାନ ଯେ ତା'ର ପ୍ରକାଶ ଶର୍ତ୍ତ ଆଦରନ୍ତ ଦୁର୍ଲଭ ବିଦ୍ୟମାନ । ମାତା-ପୁତ୍ରର କି ମଧୁର ସମ୍ପର୍କ ସତେ ! ପୁତ୍ରକୁ ଅବହେଳା କରି ଯେତେ ବି ଡାକ ମା'କୁ, ସେ କିଛି ଶୁଣେନା । ପାଗେଳା ପୁଅର ସନ୍ତୁଷ୍ଟି ବ୍ୟତୀତ ଯେତେ ଆବେଦନ-ନିବେଦନ, କାକୁତି-ମିନତି, ପୂଜା-ଅର୍ଚ୍ଚନା, ବଳୀ-ଭୋଜ୍ୟ ସବୁ ପାଗେଳୀ ମା' ପାଖରେ ତୁଚ୍ଛ-ଅଗ୍ରାହ୍ୟ । ଏହାହିଁ ତ ଭକ୍ତ ନିମନ୍ତେ ଭଗବାନଙ୍କର

ଚରମ ଆତ୍ମୋତ୍ସର୍ଗ । ଭକ୍ତ ମୁଖରେ ହିଁ ଭଗବାନ ଗ୍ରହଣ କରନ୍ତି । ପ୍ରକୃତ ଭକ୍ତକୁ ଭକ୍ତିର ଅର୍ଘ୍ୟ ଦିଆଗଲେ ତାହାହିଁ ପରମ ସନ୍ତୋଷରେ ଗ୍ରହଣ କରନ୍ତି ଭକ୍ତବତ୍ସଳ ! ସେଇଥିପାଇଁନା ଶାସ୍ତ୍ର ମୁଖରେ ଭଗବାନ କହିଛନ୍ତି "ମୁଁ ଯେ ଭକ୍ତର ଦାସ ! ଆଉ ଭକ୍ତିର କାଙ୍ଗାଳ !।"

ସମସ୍ତେ ଅବଶ୍ୟ ମା'ର ସନ୍ତାନ, ତେବେ ପ୍ରଭେଦ ଅନେକ । ଯିଏ ଜାଗତିକ ସମସ୍ତ ଭୋଗ, ବିଳାସ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛକରି ପ୍ରତିଷ୍ଠାକୁ ଶୂକରୀ ବିଷ୍ଠା ତୁଲ୍ୟ ତ୍ୟାଗକରି, କେବଳମାତ୍ର ମା'ର ଅମଳ କମଳ ଚରଣ ଯୁଗଳ ପାଇଁ ଦିନରାତି କାନ୍ଦି-କାନ୍ଦି ପାଗଳ, ତା'ର ପବିତ୍ର ନାମ ବିତରଣ କରିବାରେ ଶତମୁଖ ସେହି ସିନା ତା'ର ଏକାନ୍ତ ଆପଣାର, ଏକାନ୍ତ ଆଦରର-ସ୍ନେହ-ପ୍ରେମ- ବାତ୍ସଲ୍ୟର ଧନ ।

ଯ ଇମଂ ପରମଂ ଗୁହ୍ୟଂ, ମଦ୍ଭକ୍ତେଷ୍ୱଭିଧାସ୍ୟତି
ଭକ୍ତିଂ ମୟି ପରାଂ କୃତ୍ୱା, ମାମେବୈଷ୍ୟତ୍ୟସଂଶୟଃ ।।
(ଶ୍ରୀମଦ୍‌ଭଗବତ ଗୀତା ୧୮/୬୮)

ଅନନ୍ୟୋପାୟ ହୋଇ ଦଳ-ଦଳ ଗ୍ରାମବାସୀ ଆବାଳବୃଦ୍ଧବନୀତା ଏଥର ମା'ର ମନ୍ଦିର ଛାଡ଼ି ଛୁଟିଲେ ତାରପୀଠର ଚିର ଜାଗ୍ରତ ଭୈରବ ବାମାକ୍ଷେପାଙ୍କ ଅନ୍ୱେଷଣରେ । ଶୀତୋଷ୍ଣ ସୁଖଦୁଃଖେଷୁ ନିରୁଦ୍‌ବିଗ୍ନ ପରମ ଯୋଗୀ କ୍ଷେପାବାବା ସେତେବେଳେ ନିଜର ପର୍ଣ୍ଣକୁଟୀରରେ ଯୋଗାସୀନ । ବୃଷ୍ଟି ଜଳରେ ସାରା କୁଟୀର ଅଭ୍ୟନ୍ତର ଉବୁଡୁବୁ; ଶତଛିଦ୍ର ଘରଚାଳରୁ ଧାର-ଧାର ଜଳପଡ଼ି ସମଗ୍ର ଶରୀର ବିବର୍ଣ୍ଣ, ସେଆଡ଼କୁ କିନ୍ତୁ ଏତେ ଟିକେ ବି ନିଜର୍ ନାହିଁ । ଯିଏ ନାମରୂପ ପରିତ୍ୟାଗ କରି, ସମସ୍ତ ଜାଗତିକ ବା ବାହ୍ୟିକଜ୍ଞାନ ଅନ୍ତର୍ନିହିତ ହୋଇ, ସର୍ବଦା ଜଡ଼ବତ୍ ଅବସ୍ଥାନ ପୂର୍ବକ କେବଳମାତ୍ର ବ୍ରହ୍ମମୟୀ, ବେଦମୟୀ ମା'ର ଅଭୟ ଚରଣ ଚିନ୍ତାରେ ବିଭୋର, ତାଙ୍କୁ ପୁଣି ବିବ୍ରତ କରିବ ମାୟାର ଖେଳ ? ଯେତେଦିନ ପର୍ଯ୍ୟନ୍ତ ଦେହଜ୍ଞାନ, ଅର୍ଥାତ୍ "ମୁଁ ଯେ ଏହି ଦେହ"—ଏହି ଜ୍ଞାନ ଥାଏ ସେତେଦିନ ପର୍ଯ୍ୟନ୍ତ ଜୀବ ଉପରେ ଜାଗତିକ ସମସ୍ତ ମାୟାର;

ସୁଖ-ଦୁଃଖରେ ବା ପ୍ରାକୃତିକ କ୍ରିୟାର ପ୍ରଭାବ ଥାଏ; କିନ୍ତୁ ଯେତେବେଳେ ମୁଁ ଯେ ସେହି ଚିଦାନନ୍ଦମୟଙ୍କ ସ୍ୱରୂପ ଅର୍ଥାତ୍ 'ମୁଁ ହିଁ ବ୍ରହ୍ମ' ଏହି ଜ୍ଞାନ ଆସିଯାଏ ସେତେବେଳେ ପୁଣି ଛାର ଝଡ଼ ବର୍ଷାରେ ସେ ବିଚଳିତ ହେବ ବା କାହିଁକି ? ସେତେବେଳେ ଯେ ସେ 'ଜୀବନ୍ମୁକ୍ତ' ।

ବିହାୟ ନାମ ରୂପାଣି ନିତ୍ୟେ ବ୍ରହ୍ମଣି ନିଶ୍ଚଳେ ।
ପରିନିଶ୍ଚିତତତ୍ତ୍ୱୋ ଯଃ ସ ମୁକ୍ତଃ କର୍ମବନ୍ଧନାତ୍ ।।
ନ ମୁକ୍ତିର୍ଜପନାଦ୍ଧୋମା ଦୁପବାସ୍ ଶତୈରପି ।
ବ୍ରହ୍ମୈବାହମିତି ଜ୍ଞାତ୍ୱା ମୁକ୍ତୋ ଭବତି ଦେହଭୃତ୍ ।।

(ମହାନିର୍ବାଣ ତନ୍ତ୍ର)

ଏହାହିଁ ତ ସମସ୍ତ ତନ୍ତ୍ର ସାଧନାର ସାରମର୍ମ ! ଏତେ ଲୋକଙ୍କ ଗୋଳମାଳ ଓ ବିକ୍ଷୋଭରେ ଧ୍ୟାନ ଭଗ୍ନ ହେଲନି ଅବିକ୍ଷୋଭ ଯୋଗୀଙ୍କର । କିନ୍ତୁ ସହସା ଜନତା ମଧ୍ୟରୁ ମଧୁର ତାରା ନାମର ଝଙ୍କାର ଶୁଣି ଚକ୍ଷୁ ଉନ୍ମୀଳନ କଲେ ସଦାଶିବ । ନାମରେ ଏତିକି ଅନୁରାଗ ନ ଜନ୍ମିଲେ, ନାମପାଇଁ ଏତିକି ପାଗଳ ନହେଲେ କିଏ କ'ଣ ନାମୀଙ୍କୁ ପାଏ ?

ଏତେଗୁଡ଼ିଏ ଲୋକଙ୍କୁ ବର୍ଷାରେ ତିନ୍ତୁଥିବାର ଦେଖି ଦୁଃଖିତ ହୋଇ ବିନମ୍ର ଭାବରେ ପ୍ରଶ୍ନକଲେ "ସର୍ବଭୂତହିତେରତ" ମହାପୁରୁଷ—"ଆହା, ଏହି ପ୍ରାକୃତିକ ଦୁର୍ଯୋଗରେ କୁଆଡେ କାହିଁକି କଷ୍ଟ କରି ଆସିଲ ବାବାମାନେ ?"

ଆର୍ତ୍ତସ୍ୱରରେ ନିଜର ଦୁଃଖ ଜଣାଇଲା ଜନତା ଦୁଃଖବନ୍ଧୁଙ୍କୁ । କିଛିକ୍ଷଣ ନିରବ ରହି କହି ଉଠିଲେ ଯୋଗେଶ୍ୱର—"ସବୁ ହିଁ ତାରାମା'ର ଇଚ୍ଛା ବାବା ! ତା'ରି କୃପାରୁ କାଲି ଆକାଶରେ ସୂର୍ଯ୍ୟ ଉଠିବେ, ଆଉ ବୃଷ୍ଟି ହେବନି ।" ଆଶ୍ୱସ୍ତ ହୋଇ ଫେରିଗଲେ ସକଳେ । ବାବା ପୁଣି ମଜ୍ଜିଗଲେ ମଧୁର ମାତୃ ନାମରେ ।

ମା'ର ସନ୍ତାନ ପ୍ରତି କେତେ କୃପା ସତେ ! ପରଦିନ ପ୍ରତ୍ୟୁଷରୁ ହିଁ ନିର୍ମଳ ନିର୍ମେଘ ଆକାଶରେ ହସି ଉଠିଲେ ବାଳ ଅରୁଣ । ଦୂରିଭୂତ ହେଲା ପ୍ରଳୟର ସମସ୍ତ ଭୟ ଓ ଆଶଙ୍କା ! ଭୈରବଙ୍କୁ ବଧେଇ ଜଣେଇବାକୁ ତାରାପୀଠକୁ ଛୁଟି ଆସିଲେ ଶତ-ଶତ ଆବାଳବୃଦ୍ଧବନୀତା । 'ଜୟତାରା' "ଜୟ ବାମାକ୍ଷେପା" ଶବ୍ଦରେ ପ୍ରକମ୍ପିତ ହେଲା ମହାଶ୍ମଶାନ । ବାବା କିନ୍ତୁ ପୂର୍ବ ପରି ଧ୍ୟାନମଗ୍ନ–ନିନ୍ଦା-ପ୍ରଂଶସାରେ କିଛି ଯାଏ ଆସେ ନାହିଁ । ମାନ-ଅପମାନ-ନିନ୍ଦା-ପ୍ରଶଂସା, କାମନା-ବାସନା ସବୁଥିରେ ସେ ନିସ୍ପୃହ । ସେ ସର୍ବଦା କୁହନ୍ତି "ମୁଁ କିଛି ନୁହେଁ ବାବା । ମୋର କିଛି ହେଲେ ଶକ୍ତି ନାହିଁ । ସେହି ତାରା ବେଟୀ ହିଁ ସବୁ । ଆସ୍ତ ଭବେ ରହି ବେଟୀ ସର୍ବଦା ଗସ୍ତ ଲୀଳାରେ ବ୍ୟସ୍ତ ।" ଏହାହିଁ ତ ନିଷ୍କାମ ଭାବନା ଓ ଶାନ୍ତିର ଉତ୍ସ ।

ଆପୂର୍ଯ୍ୟମାଣମଚଳ ପ୍ରତିଷ୍ଠଂ;
ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍‌ବତ୍ ।
ତଦ୍‌ବତ୍ କାମା ଯଂ ପ୍ରବିଶନ୍ତି ସର୍ବେ,
ସ ଶାନ୍ତିମାପ୍ନୋତି ନ କାମକାମୀ ।।

(ଶ୍ରୀମଦ୍ ଭଗବତ ଗୀତା ୨/୭୦)

✱

ଘଟଣା

ଋତୁରାଜ ବସନ୍ତର ଏକ ଶାନ୍ତ ସ୍ନିଗ୍ଧ ପ୍ରଭାତ । ତାରାପୁରର ସ୍ୱଚ୍ଛ ନିର୍ମଳ ପୂର୍ବାକାଶ ଈଷତ୍ ଅରୁଣରାଗରଂଜିତ । ନବପଲ୍ଲବରେ ପଲ୍ଲବିତା ବୃକ୍ଷଲତା । କୁସୁମ ସମ୍ଭାରରେ ଅପୂର୍ବ ଶ୍ରୀମଣ୍ଡିତା ପ୍ରକୃତିରାଣୀ । ମୃଦୁମନ୍ଦ ବାୟୁର ହିଲ୍ଲୋଳରେ ଗୁଣୁଗୀତି ଗାଇ ଫୁଲରୁ ଫୁଲକୁ ଉଡ଼ି ବୁଲୁଛନ୍ତି ମତୁଆଲ ଅଳିକୁଳ । କୋକିଳ କାକଳୀର ମଧୁର ଝଙ୍କାରରେ ଝଙ୍କୃତ ଭାରତମାତାର ଶ୍ରେଷ୍ଠ ତପୋବନ–ମହାମହିମାନ୍ୱିତ ତାରାପୀଠ ।

ଏହି ମାତ୍ର ଯୋଗନିଦ୍ରା ତେଜି ଉଠିବସିଲେ ଏହି ତପୋବନର ଯୋଗୀରାଜ ସ୍ୱୟଂ ଭୋଳାନାଥ । ଶ୍ୟାମଳ ତନୁକାନ୍ତି; ଆଜାନୁଲମ୍ବିତ ବାହୁ, ପ୍ରଶସ୍ତବକ୍ଷ, ସ୍ଥୂଳ ଉଦର ଓ ଅତଳ ସ୍ପର୍ଶି ଅର୍ଦ୍ଧନିମୀଳିତ ନୟନଯୁଗଳ । ଶ୍ମଶାନ ଭସ୍ମ ତାଙ୍କର ଅଙ୍ଗରାଗ, ମହାଶଙ୍ଖ ତାଙ୍କର ବନମାଳ, କଙ୍କାଳ ତାଙ୍କର ତ୍ରିଶୂଳ ଓ ନରକରୋଟି ତାଙ୍କର ଡମ୍ବରୁ । "ତାରା-ତାରା" ଶବ୍ଦରେ ନିନାଦିତ ହେଲା ପ୍ରଭାତୀ ବତାସ । ଭକ୍ତ ଓ ସେବକଗଣ ଏବେବି ସୁପ୍ତ । ମା'ର ମଙ୍ଗଳ ଆରତୀ ହେବାକୁ ଆହୁରି ଅନେକ ଡେ଼ରି । ସହସା ଦ୍ୱାରକାନଦୀର କୁଳୁକୁଳୁ କଲ୍ଲୋଳରେ ଭସି ଆସିଲା କାହାର ମଧୁର ଆହ୍ୱାନ–"କ୍ଷେପାରେ, ମୋତେ ଟିକିଏ ପୂଜା କରନ୍ତୁନି ।" ଭରିଉଠିଲା ତନୁ-ମନ-ପ୍ରାଣ । ଛୋଟ ଗୋଟିଏ ଚପଳ-କିଶୋର ପରି ଉତ୍ତରବାହିନୀ ସୁରଧୁନୀ ସିକତାକୁ ଚଳ-ଚଞ୍ଚଳ ଗତିରେ ଛୁଟି-ଚାଲିଲେ ଭାରତମାତାର ବର୍ଷିୟାନ-ଗରିୟାନ-ମାତୃସାଧକ ବାମାକ୍ଷେପା । ବିରାଟ ବପୁର ପ୍ରତିଟି ରେଖାରେ ଫୁଟି ଉଠିଲା ଏକ ସୁଷମ-ଗାମ୍ଭୀର୍ଯ୍ୟର ଦୋଳନ; ସତେ ଯେମିତି ତରଙ୍ଗାୟିତ ଏକ ପ୍ରବାହମାନ ତରଙ୍ଗ ।

ଦ୍ୱାରକା ନଦୀର ମସୃଣ ସିକତାରେ ପ୍ରସ୍ତୁତ ହେଲା ଉପାସନା ବେଦୀ । କୁମାରୀ ରୂପରେ ବିରାଜମାନ କଲେ ଉପାସ୍ୟ ଦେବୀ ରାଜ - ରାଜେଶ୍ୱରୀ - ନିତ୍ୟାନନ୍ଦକରି - ଲୀଳାନାଟକ-ସୂତ୍ରଭେଦନକରୀ

ଶ୍ରୀବିଶ୍ୱେଶ-ମନଃ ପ୍ରସାଦନକରୀ, ନିଗମାର୍ଥ ଗୋଚରକରୀ, ସ୍ୱୟଂ ବ୍ରହ୍ମାଣ୍ଡ ଭାଣ୍ଡୋଦରୀ ଜଗତ ତାରଣକାରୀ ତାରା । ଆଉ ଉପାସନା କଲେ–ଶିଶୁରୂପୀ ସ୍ୱୟଂ ସଦାଶିବ । ଅର୍ପିତ ହେଲା ଗଣି-ଗଣି ବନଫୁଲ ଆଉ ହୃଦୟ ନିଗିଡ଼ା ପ୍ରେମ ଅଶ୍ରୁଧାର । ବାଳରବିର କନକ କିରଣରେ ଶେଷ ହେଲା ମଙ୍ଗଳ ଆରତୀ । ଏତିକିବେଳେ ତାରାମା' ମନ୍ଦିରରୁ ବାଜି ଉଠିଲା ମୁହୁର୍ମୁହୁ ଶଙ୍ଖଶଙ୍ଖ । ନିକଟସ୍ଥ ଉପବନକୁ ପ୍ରବେଶ କଲେ ଜଗଜ୍ଜନନୀ ମା' ଆଉ 'ତାରା-ତାରା' ନିନାଦ କରି ଅନୁସରଣ କଲେ ନନ୍ଦିକେଶ୍ୱର–କ୍ଷେପାଠାକୁର ।

ପ୍ରଭାତ ଆଲୋକରେ ଜାଗିଉଠି-ବାବାଙ୍କ ଅନ୍ୱେଷଣରେ ବାହାରି ପଡ଼ିଲେ ଭକ୍ତ ଓ ସେବକଦଳ । ଆଗେ, ଆଗେ ଲାଙ୍ଗୁଳ ହଲାଇ ଚାଲିଥାନ୍ତି କାଲୁ ଓ ଭୁଲୁ । ଦ୍ୱାରକାନଦୀ ସିକତାରେ ପହଞ୍ଚି ସମସ୍ତେ କିନ୍ତୁ ଆଶ୍ଚର୍ଯ୍ୟ ! ଏ ଯେ, ସ୍ୱୟଂ ତାରାନାଥଙ୍କର ସଦ୍ୟ ତାରା ପୂଜା ? ଆର୍ଦ୍ର ବାଲୁକା ବେଦୀ ଉପରେ ଛୋଟ ଛୋଟ ଦୁଇଟି ଶ୍ରୀପାଦ-ପଦ୍ମର ସୁସ୍ପଷ୍ଟ ଛାପ । ଚତୁର୍ଦ୍ଦିଗରେ ବିକ୍ଷିପ୍ତ ଗଣି-ଗଣି-ରକ୍ତଜବା । ଆହା କି କମନୀୟ ଦୃଶ୍ୟ ସତେ ! ସବୁରି ନୟନରୁ ଝରିଲା ପ୍ରେମାଶ୍ରୁର ଧାର । "ଜୟତାରା-ଜୟ ଭୈରବ" ଧ୍ୱନୀରେ ମୁଖରୀତ ହେଲା ନିର୍ଜନ ପ୍ରାନ୍ତର । ଦୂରରୁ ଛୁଟି ଆସିଲେ ଭୈରବ–ଆଉ ଗୁରୁ ଗମ୍ଭୀର ସ୍ୱରରେ ଜିଜ୍ଞାସା କଲେ–"ତମେ ଶଳେ ପୁଣି ଏଠିକି କାହିଁକି ? ସମସ୍ତେ ନିରବ, ନିର୍ବାକ୍ ।

"ଆହା" 'ବ୍ରହ୍ମା'-ବିଷ୍ଣୁ ଶିବାରାଧ୍ୟ' ମୋ ସତୀ ମା'ର କୋମଳ କମଳ-ଚରଣଯୁଗଳ କେତେ କମନୀୟ ସତେ ।" କହି ବେଦୀ ଉପରେ ଗଡ଼ିବାକୁ ଲାଗିଲେ ସ୍ୱୟଂ ସତୀନାଥ । ପବିତ୍ର ପଦରଜ ସମଗ୍ର ଅବୟବରେ ମିଶି ଚିକ୍-ଚିକ୍ କରିବାକୁ ଲାଗିଲା ତରୁଣ ଅରୁଣ କିରଣରେ ।

"ପୁରିବ ବାସନା-ତୁଟିବ କାମନା
ସତେ ମା' ତୋ କୃପାବଳେ ।
କ୍ଷେପା ମରିଯିବ ଯାଇ ମିଶିଯିବ
ରତୁଳ ଚରଣ ତଳେ ।"

ଏହି ପଙ୍‌କ୍ତିଟି ଗାଉ-ଗାଉ ସମାଧି ମଗ୍ନ ହୋଇଗଲେ ବାବା । ଅଶ୍ରୁସଜଳ ନୟନରେ ଅନେଇ ରହିଲେ ଶିଷ୍ୟ-ଭକ୍ତମାନେ । ଏହା ଥାଉ ମାତୃ ସାଧକ କ୍ଷେପାବାବାଙ୍କର ଶେଷ ମାତୃପୂଜା ନୁହେଁ ତ !

ଋତୁ ଚକ୍ରର ଆବର୍ତ୍ତନରେ ବସନ୍ତ ପରେ ଆସିଲା ଗ୍ରୀଷ୍ମ । ନିଦାଘର ପ୍ରଚଣ୍ଡ ରୌଦ୍ର ତାପରେ ଉତ୍ତପ୍ତ ହେଲା ସୁଶୀତଳ ବାୟୁ । ପତ୍ରଝଡ଼ା ଦେଇ ଶୁଷ୍କ ହେଲେ ବୃକ୍ଷଲତା । ଦ୍ୱାରକା ନଈରେ କଳ କଳ, ଛଳ ଛଳ ଗତି ହେଲା ଖଣ୍ଡିତ । ବକ୍ଷ ହେଲା କ୍ଷୀଣ; କୃଶ ।

ତାରପୀଠର ସଦାଜାଗ୍ରତ, ଚଳ-ଚଞ୍ଚଳ ଜୀବନ୍ତ ଭୈରବ ଆଜି ପ୍ରାୟ ଚଳତ୍ ଶକ୍ତି ରହିତ ଓ ବାକ୍‌ଶକ୍ତି ସୀମିତ । ଅସ୍ତମିତ ତପନ ପରି ଈଷତ୍ ମ୍ଳାନ ଲଲାଟରେ ସାୟଂ ଆକାଶପରି ଶାନ୍ତ, କରୁଣ ଓ କ୍ଳାନ୍ତ ନୟନର ଚାହାଣୀ ସତେ ଯେମିତି କେଉଁ ଅସୀମରେ ନିମଜ୍ଜମାନ । ଖୁବ୍ କମ୍ କଥା କୁହନ୍ତି ଏବେ । ଭକ୍ତମାନଙ୍କ ବିନା ସାହାଯ୍ୟରେ ଚାଲବୁଲ କରିବା ପ୍ରାୟ ଅସମ୍ଭବ ।

ସେଦିନ ମହାଶ୍ମଶାନର କେନ୍ଦ୍ରସ୍ଥଳରେ ପଞ୍ଚମୁଣ୍ଡି ଆସନରେ ଉପବେଶନ କରିଥାନ୍ତି ଭୋଳାନାଥ । ମନ ବୋଧହୁଏ କୈଳାସ-ଶିଖରୀର ମାନସ-ସରସୀରେ ସନ୍ତରଣରତ । ସମୟ ପ୍ରାୟ ଦ୍ୱିପ୍ରହର । ଉତ୍ତପ୍ତ–ଉତ୍ତଳା–ବାୟୁର ପରଶ ଲାଗି ସହସା ଧ୍ୟାନ ଭଗ୍ନହେଲା । ପ୍ରିୟଶିଷ୍ୟ କ୍ଷିତିଶ ଭଟ୍ଟାଚାର୍ଯ୍ୟଙ୍କୁ ଲକ୍ଷ୍ୟକରି କହିଉଠିଲେ;–"ଭାରି ଗରମ ! ସ୍ନାନ କରିବାକୁ ମନ ହେଉଛି । ମୋତେ ଟିକିଏ ଜୀବିତ କୁଣ୍ଡକୁ ନେଇଚାଲ ତ ବାବା !" ଅତି ସନ୍ତର୍ପଣରେ ଶିଷ୍ୟଟି ଗୁରୁଦେବଙ୍କୁ ଧରି ନେଇଗଲା ସ୍ନାନ ଘାଟକୁ । ପଥରବନ୍ଧା ଘାଟର ଜଳଭିତରେ ବସେଇ ଦେଇ ଭୋଗ ବ୍ୟବସ୍ଥା କରିବାକୁ ଫେରିଗଲା ପର୍ଣ୍ଣ କୁଟୀରକୁ । ଗଙ୍ଗାଧରଙ୍କ ସ୍ନାନ ଶେଷ ହେବାକୁ ଅନ୍ତତଃ ଦୁଇ–ତିନିଘଣ୍ଟା ଲାଗିବ । 'ଜୟତାରା' 'ଜୟକାଳୀ' କହି ଅସଂଖ୍ୟ ବୁଡ଼ ପକେଇବାକୁ ଲାଗିଲେ ଠାକୁର । ଆଂଜୁଳା–ଆଂଜୁଳା ଜଳ ମଥା ଉପରେ ଢାଳି ହୁଏତ ମୃଦୁ-ଗମ୍ଭୀର କଣ୍ଠରେ ଗାଇବାକୁ ଲାଗିଲେ–

"ଝଙ୍କାର କାରି ହରି ପାଦରଜୋବିହାରି
ଗାଙ୍ଗାମ୍ ପୁନାତୁ ସତତଂ ଶୁଭଙ୍କରୀ ବାରି ।।"

ସମୟ ଉତ୍ତୀର୍ଣ୍ଣ ହେଲାଣି । ତାରମା'ର ଭୋଗ-ପ୍ରସାଦ କେତେବେଳୁ ଆସିଗଲାଣି । କିନ୍ତୁ ବାବା କାହାନ୍ତି ? ନିର୍ଜନ ଶ୍ମଶାନ ଖାଁ-ଖାଁ କରୁଛି । ଜଙ୍ଗଲମଧ୍ୟରେ ଗୁରୁଦେବଙ୍କୁ ନଦେଖି; "କୁଆଡ଼େ ଗଲେ କିପରି ବା ଗଲେ ?" ଏହିକଥା ଭାବି, ଭାବି, ଶ୍ମଶାନ ଅଭ୍ୟନ୍ତରକୁ ପ୍ରବେଶ କଲେ ଉଦ୍‌ବିଗ୍ନ ଶିଷ୍ୟ । କି ଆଶ୍ଚର୍ଯ୍ୟ ! ଭୋଳାନାଥ ଯେ ଶ୍ୱେତଶିମୂଳି ମୂଳେ ସ୍ୱଆସନରେ ଉପବେଶନ କରି ତାର ମା' ଚିନ୍ତାରେ ନିମଗ୍ନ । କେଉଁ ଏକ ଭାବାବେଶରେ ରକ୍ତ ପ୍ରାନ୍ତ ଚକ୍ଷୁ ଦୁଇଟି ମୁକୁଳିତ ପ୍ରାୟ । ଓଷ୍ଠାଧାର ଈଷତ୍ ସ୍ଫୁରିତ । ମୁଖମଣ୍ଡଳରେ ଅପାର୍ଥିବ ପ୍ରସନ୍ନତା ଓ କରୁଣାର ଆଭା । ସଦ୍ୟସ୍ନାତ ଦେବଦେହରୁ ସତେ ଯେମିତି କ୍ଷରିତ ହେଉଛି ଏକ ସ୍ୱର୍ଗୀୟ ଲାବଣ୍ୟ । ଅପଲକ ନୟନରେ "ଶ୍ରୀଗୁରୁ ବିଗ୍ରହର ଏହି ପ୍ରସାଦ ସ୍ମୁ ମୁଖୀନତା ଓ ମହାଭାବର ସ୍ଫୁରଣକୁ" ଅନେଇ ରହିଲେ ଭକ୍ତ ।

ସ୍ୱୟଂ ଆଦ୍ୟାଶକ୍ତି ସ୍ୱରୂପିଣୀ ମା' ତାରିଣୀ ଯାହାର ସହଚରୀ ତାଙ୍କର ପୁଣି ବାହ୍ୟ ସହାୟତାର ଆବଶ୍ୟକତା କ'ଣ ? କ୍ଷେପାବାବା ଥିଲେ ଅତ୍ୟନ୍ତ ଗୁପ୍ତ ସାଧକ । ସେଇଥିପାଇଁ ମଝିରେ ମଝିରେ ଶିଷ୍ୟଭକ୍ତ ମାନଙ୍କ ସହାୟତା ନେଇ ନିଜର ସର୍ବଶକ୍ତିମତ୍ତା ସମ୍ପର୍କରେ ସେମାନଙ୍କ ମନରେ କୁହେଳୀ ସୃଷ୍ଟି କରନ୍ତି ବୋଧେ ।

"କିଏ ତାଙ୍କର ନାମ ପ୍ରଚାର କରୁ ବା ମହିମା ପ୍ରକାଶ କରୁ"– ଏହା ସେ କସ୍ମିନ୍‌କାଳେ ପସନ୍ଦ କରନ୍ତିନି । ଶିଷ୍ୟ-ଭକ୍ତମାନେ ଦିନ ପାଖେଇ ଆସୁଛି ବୋଲି ଜାଣିପାରି, ବାବାଙ୍କର ଖଣ୍ଡିଏ ଫଟୋ ଉଠେଇବାକୁ ବହୁତ ବାଧ୍ୟ କଲେ ମଧ୍ୟ କୌଣସିମତେ ରାଜି ହେଲେନି ଭୋଳାନାଥ । ଅତି କଷ୍ଟରେ ତାଙ୍କ ଅଲକ୍ଷ୍ୟରେ ଯେତେବେଳେ ଫଟୋ ଖଣ୍ଡିଏ ଉଠାଯାଇଥିବା କଥା ଜାଣି ପାରିଲେ ସେତେବେଳେ ବିରକ୍ତ ହୋଇ କହି ପକେଇଲେ "ଏସବୁ ମୋତେ ଭଲ ଲାଗେନା ବାବା !" । କ୍ରମଶଃ ବାବାଙ୍କର ଅଥର୍ବ

ଅବସ୍ଥା ଦେଖି କେହି, କେହି ପ୍ରିୟ ଶିଷ୍ୟ ଓ ଭକ୍ତ ମହାପୁରୁଷଙ୍କ ଜୀବନୀ ଲେଖିବାକୁ ଇଚ୍ଛା ବ୍ୟକ୍ତ କରନ୍ତେ, ସେଦିନ ବାବା କହିଥିଲେ—"ମୁଁ ଯେ ଜଣେ ସାମାନ୍ୟ ଭିଖାରୀ, ମୋ'ର ପୁଣି ଜୀବନୀ କ'ଣ ବାବା ? ରଜା ମହାରଜାମାନଙ୍କର ସିନା ଇତିହାସ ଲେଖାଯାଏ । ତେବେ ଯଦି ନିହାତି ଲେଖିବାକୁ ଚାହଁ କେତେଗୁଡ଼ିଏ "ଶ୍ରୀଦୁର୍ଗା—ଜୟତାରା" ଲେଖିରଖ ବାବା !"

ବାସ୍ତବିକ୍ ଏହାହିଁ ତ ଥିଲା ମାତୃସାଧକଙ୍କ ଜୀବନର ସାରମର୍ମ । ମା'ର ମଧୁର ନାମ ବ୍ୟତୀତ ଆଉ କିଛି ତାଙ୍କୁ ଭଲଲାଗୁ ନଥିଲା । ସେହି ମଧୁର ନାମରସ ପାନରେ ତାଙ୍କର ସମଗ୍ର ସତ୍ତା ହୋଇ ଉଠିଥିଲା ତାରାମୟ; ଆଉ ତାଛଡା ମହାପୁରୁଷମାନଙ୍କ ଜୀବନୀ ଯେ ଅଚିନ୍ତ୍ୟ, ଅବ୍ୟକ୍ତ, ଅଲୌକିକ । ତାକୁ ଲେଖନୀ ମୁନରେ ରୂପଦେବା କ'ଣ ସମ୍ଭବ ? "ତ୍ୟାଗ ମଧ୍ୟରେ ଆତ୍ମଗୋପନ କରି ଚରମ ଓ ପରମ ପ୍ରାପ୍ତିକୁ କରତଳଗତ କର" ଏହି ଅମୃତବାଣୀ ମୋହ-ମୁଗ୍ଧ ଜଗତକୁ ଶିକ୍ଷା ଦେବାକୁ ଯାହାର ଆବିର୍ଭାବ ହୋଇଥିଲା ସେ ପୁଣି ସାମାନ୍ୟ ନାମ ବା ଭୋଗର ପ୍ରଲୋଭନରେ ପ୍ରଲୋଭିତ ହେବେ କିପରି !

ଶୃଣୁ ଦେବୀ ପ୍ରବକ୍ଷ୍ୟାମି ଯଥା ବିଘ୍ନାଃ ସ୍ଥିତାଃ ସଦା,
ମୁକ୍ତିଂ ପ୍ରତି ନରଣାଞ୍ଚ ଭୋଗଃ ପରମ ବନ୍ଧନଃ ।।

(ଶିବ ସଂହିତା)

ପ୍ରତିଷ୍ଠା ଓ ଭୋଗହିଁ ଜୀବର ସମସ୍ତ ବନ୍ଧନର କାରଣ । ଏହି କଥା ତାକୁ ବାରମ୍ବାର ଚେତେଇ ଦେବାକୁ ତ ନିତ୍ୟପୁରୀ ଛାଡ଼ି ଅନିତ୍ୟ ଧରାକୁ ଓହ୍ଲାଇ ଆସନ୍ତି ଜୀବକାଙ୍ଗାଳ-ଶିବ !

❋

ଏକାଙ୍କ

୧୯୧୧ ମସିହା, କାଳ-ବୈଶାଖର ଏକ କ୍ଳାନ୍ତ ଅପରାହ୍ଣ । ଉନ୍ମତ୍ତ-ପାଗଳ ବାୟୁର-ପ୍ରବଳ ପ୍ରବାହରେ ଉଦାସ ମହାଶ୍ମଶାନର ବୃକ୍ଷରାଜି ଦୋଦୁଲ୍ୟମାନ । ଶ୍ୱେତ ଶିମୁଳି ବୃକ୍ଷତଳେ ଯୋଗାରୂଢ଼ ମହାଯୋଗେଶ୍ୱର କ୍ଷେପାଠାକୁର । ଆଖପାଖରେ କେତେଜଣ ଅନ୍ତରଙ୍ଗ ଶିଷ୍ୟଭକ୍ତ । ଏତିକିବେଳେ ମ୍ଳାନ ଆଲୋକରେ ଶ୍ମଶାନର ମର୍ମସ୍ଥଳରେ ଆବିର୍ଭୂତ ହେଲେ ଏକ କଦାକାର କୃଷ୍ଣବର୍ଣ୍ଣବିଶିଷ୍ଟ-ଦୀର୍ଘକାୟ ଶିର୍ଣ୍ଣାକୃତି କାଳପୁରୁଷ । କଟିରେ ଜୀର୍ଣ୍ଣ କୃଷ୍ଣବାସ, ମସ୍ତକରେ ଅଯତ୍ନ ବର୍ଦ୍ଧିତ କର୍କଶ କେଶଗୁଚ୍ଛ, ଅର୍ଦ୍ଧଗୋଲକାର ମୁଖମଣ୍ଡଳ ଓ ପିଙ୍ଗଳବର୍ଣ୍ଣ ଚକ୍ଷୁଦ୍ୱୟର ଦୃଷ୍ଟି ତୀକ୍ଷ୍ଣ ଓ ଅସହ୍ୟ । ବର୍ତ୍ତୁଳାକାର ନାସାରନ୍ଧ୍ରରୁ ଘନ-ଘନ ନିଶ୍ୱାସ ନିର୍ଗତ ହେଉଥାଏ । ବିସ୍ତୀର୍ଣ୍ଣ-ବ୍ୟାପ୍ତ ମୁଖ ଗହ୍ୱରରେ ବୃହତ-ଦନ୍ତ ପଙ୍‌କ୍ତି ସାହାଯ୍ୟରେ ଖଣ୍ଡିଏ ଅସ୍ଥି ଚର୍ବଣ କରୁକରୁ ଶିମୁଳି ତଳକୁ ଆଗେଇ ଆସିଲେ ଆଗନ୍ତୁକ । ଭୀଷଣ ଅଟ୍ଟହାସ୍ୟ ରୋଳରେ ପ୍ରକମ୍ପିତ ହେଲା ବନଭୂମି । ଭୟ-ଚକିତ ହୋଇ ଅନେଇ ରହିଲେ ସକଳେ । ଆଗନ୍ତୁକକୁ ଦେଖି ଉତ୍ତେଜନାରେ ଥରି ଉଠିଲେ ବାବା ।

—"ତୁ ପୁଣି ଏଠି କାହିଁକି ?" ଘୃଣାଭରେ କାଳପୁରୁଷକୁ ଜିଜ୍ଞାସା କଲେ ମହାକାଳ । କିଛି ଉତ୍ତର ନଦେଇ ପୁଣି ଏକ ଅଟ୍ଟହାସ୍ୟ କରି ଜଙ୍ଗଲ ମଧ୍ୟରେ ପ୍ରବେଶ କଲା ସେ । ସମାଧିମଗ୍ନ ହୋଇ ପଡ଼ିଲେ ଯୋଗେଶ୍ୱର । କିଏ ଜାଣେ କି ଅଦୃଶ୍ୟ ଇଙ୍ଗିତ ଦେଇଗଲା ଆଗନ୍ତୁକ । ଏହା ଆଉ ବିୟୋଗାନ୍ତକ ନାଟକର ସୂଚନା ନୁହେଁତ !

ତ୍ରେତୟାର ଶେଷ ସନ୍ଧ୍ୟା । ଅଯୋଧ୍ୟା ରାଜସିଂହାସନରେ ଉପବେଶନ କରିଥାନ୍ତି ଜାନକୀବିରହ ବିଧୁର, ପ୍ରଜାନୁରଂଜନ-ଭକ୍ତବତ୍ସଳ କରୁଣାଘନ ଅବତାର ମର୍ଯ୍ୟାଦା ପୁରୁଷୋତ୍ତମ-ରଘୁକୁଳ ତିଳକ ରାମଚନ୍ଦ୍ର ।

କରପତ୍ର ଯୋଡ଼ି ଶ୍ରୀଛାମୁରେ ଦଣ୍ଡାୟମାନ ଅଗ୍ରଜ ଆଜ୍ଞାବହ ସୌମିତ୍ରୀରଥୀ । ଭରତ-ଶତ୍ରୁଘ୍ନ ବେନିପାଶରେ ଆଲଟ-ଚାମର ସେବାନିରତ । ସମ୍ମୁଖରେ ସୁଉଚ୍ଚ ଆସନରେ ଉପବିଷ୍ଟ ରାଜଗୁରୁ ବଶିଷ୍ଠ । ପାତ୍ର-ମନ୍ତ୍ରୀ ଓ ସଭାସଦ ଗଣଙ୍କ ଗହଣରେ ସଭାଗୃହ ଭରପୁର । ଭାଟ କଣ୍ଠରେ ପ୍ରଭୁଙ୍କର ମଧୁର ଗୁଣକୀର୍ତ୍ତନ । ଠିକ୍ ଏତିକିବେଳେ ଦୃପ୍ତ ପଦକ୍ଷେପରେ ରାମରାଜ୍ୟରେ ପ୍ରବେଶ କଲା କାଳପୁରୁଷ ଓ ସମସ୍ତଙ୍କୁ ବିସ୍ମୟ ଚକିତ କରି ପ୍ରଭୁଙ୍କୁ ଶୁଣେଇ ଦେଇଗଲା ବିଦାୟର ପଦଧ୍ୱନୀ । ଗୁମୁରୀ କାନ୍ଦି ଉଠିଲେ ସଭାସଦ୍‌ଗଣ । ଅଯୋଧ୍ୟାର ନର ନାରୀଙ୍କୁ ଶୋକସାଗରରେ ଭସେଇ ନରଲୀଳା ସାଙ୍ଗ କରି ସରଯୁ ନଦୀରେ ଆତ୍ମବିସର୍ଜନ କଲେ ନବଜଳଧରବରଣ-ଧାର୍ମିକ-ସତ୍ୟସନ୍ଧ-ଲୋକାଭିରାମ ରାଘବ ।

ବିୟୋଗାତ୍ମକ ନାଟକ କେତେ କରୁଣ ସତେ !

× × ×

କାଳପୁରୁଷର ପ୍ରଥମ ଦର୍ଶନ ପରଠାରୁ ଘନ ଘନ ସମାଧିମଗ୍ନ ହେବାକୁ ଲାଗିଲେ ତାରାପୀଠର ଅସ୍ତାୟମାନ ସୂର୍ଯ୍ୟ । ସଦାଚଞ୍ଚଳ ଓଷ୍ଠାଧାର ପ୍ରାୟ ନିରବ ନିଥର । କରୁଣାଘନ ମୁଖମଣ୍ଡଳ ଆହୁରି କରୁଣମୟ । ଦିବାରାତ୍ର ନୟନଯୁଗଳରେ ପ୍ରେମାଶ୍ରୁର ପ୍ଲାବନ । ଶିଷ୍ୟ ଓ ଭକ୍ତମାନଙ୍କର ସମସ୍ତ ଆଶା ଓ ଆଶଙ୍କା ଭିତରେ କଟିଗଲା ଜ୍ୟେଷ୍ଠ ଓ ଆଷାଢ଼ ମାସ ଦୁଇଟି । ଅମର ଲୋକର ଆମନ୍ତ୍ରଣ ଜଣାଇବାକୁ ଅଭ୍ୟର୍ଥନା ସମ୍ଭାର ନେଇ ଧରାପୃଷ୍ଠକୁ ଓହ୍ଲେଇ ଆସିଲା ଧାର ଶ୍ରାବଣ । ଧରାରେ ଅନୁରଣିତ ହେଲା ବିରହର ବିଦାୟ ସଙ୍ଗୀତ । ଆକାଶଭରା ଘନକୃଷ୍ଣ ମେଘରେ ଆଚ୍ଛାଦିତ ହେଲା ଚତୁର୍ଦ୍ଦିଗ । ବତାସରେ ପ୍ରତିଧ୍ୱନୀ ତୋଳିଲା ପ୍ରଳୟର ତାଣ୍ଡବ ନୃତ୍ୟର ଝଙ୍କାର । ଅବିଶ୍ରାନ୍ତ ବୃଷ୍ଟିପାତ ସାଙ୍ଗକୁ ବିଜୁଳିର ଚମକରେ ଚମକି ଉଠିଲା ତାରାପୀଠର ମହାଶ୍ମଶାନ । ଘନ-ଘନ ବଜ୍ରପାତରେ ପ୍ରକମ୍ପିତ ହେଲା ବଜ୍ରଭୂମି ।

ଶ୍ରାବଣର କୃଷ୍ଣ ଚତୁର୍ଦ୍ଦଶୀ । ସମୟ ସଂଧ୍ୟା । ପର୍ଣ୍ଣକୁଟୀରର ଅଭ୍ୟନ୍ତରରେ ସମାଧିମଗ୍ନ ଜଗଦ୍‌ଗୁରୁ ସଦାଶିବ । ପଦପ୍ରାନ୍ତରେ ଅଶ୍ରୁଳ ନୟନରେ ଉପବେଶନ କରିଥାଏ ପ୍ରଭୁଭକ୍ତ ପ୍ରିୟ କାଳୁ କୁକୁରଟି । ଚତୁଃପାର୍ଶ୍ୱରେ ବେଢ଼ି ବସିଥାନ୍ତି ଉଦାସୀ ଉଦ୍‌ବିଗ୍ନ ଶିଷ୍ୟ-ଭକ୍ତବୃନ୍ଦ । କାହାରି ତୁଣ୍ଡରେ ଭଷାନାହିଁ ? ସତେ କ'ଣ ଏ ପଦ୍ମମୁଖ ଆଉ ଖୋଲିବନି ! ଝରିବନି ତହିଁରୁ ସୁଧା ନିର୍ଝର !! ଶାନ୍ତ-ଶିତଳ କରିବନି ତ୍ରିତାପ ଜ୍ୱାଳା-ଦଗ୍‌ଧ–ସଂସାରଭୀରୁ ମନକୁ !!! ଏତିକିବେଳେ ନିର୍ଜନ ଶ୍ମଶାନ ଭୂମିରେ ପ୍ରତିଧ୍ୱନୀତ ହେଲା କାହାର ଦୃପ୍ତ ପଦଶବ୍ଦ, ଆଉ ବଜ୍ର ଗମ୍ଭୀର କଣ୍ଠରୁ ଶୁଣାଗଲା–

"ଆଉ କାହିଁକିରେ ବାୟା ମାତିଛୁ ମିଛେ ଭବର ଖେଳେ ?
ଦୂରେ କାଢ଼ି ଫିଙ୍ଗିଦେ ବାନ୍ଧିଛୁ ଯେଉଁ ମାୟାର ଖୋଳେ
ଦିବାନିଶି "ତାରା" ବୋଲି-କିମ୍ବା ଭସ୍ମ ତୁ ନୟନଜଳେ-
ଯାଆନା ମିଶି ନିରାକାରେ
ମହାମାୟା ମାଆର କୋଳେ !"

ଚମକି ଉଠିଲେ ସମସ୍ତେ ଆଗନ୍ତୁକର ଭୀଷଣ ଅଟ୍ଟହାସ୍ୟରେ । ବୃଷ୍ଟିଧାରରେ ଶିକ୍ତ ହୋଇ ସେ ଆସି ଠିଆହେଲା କୁଟୀର ଦୁଆରେ । ଭୟରେ ଆଖିବୁଜି ହୋଇଗଲା ସବୁରି । ପ୍ରିୟ କାଳୁ କୁକୁରଟି କାଳପୁରୁଷ ଆଡ଼କୁ ଚାହିଁ ମୁହଁ ବୁଲେଇ ଗୁମୁରି କାନ୍ଦିଉଠିଲା । କ୍ଷେପାବାବା ଆଗନ୍ତୁକ ଉପରେ କଟାକ୍ଷପାତ କରନ୍ତେ ସେ ଆହୁରି ଜୋରରେ ଅଟ୍ଟହାସ୍ୟପୂର୍ବକ ଉପହାସ କରି ଉଠିଲା – "ଆଉ କାହିଁକି ?" ଗମ୍ଭୀର ସ୍ୱରରେ "ହୁଁ" ବୋଲି କହି ସମାଧିମଗ୍ନ ହୋଇପଡ଼ିଲେ ମହାଭୈରବ ! ଭକ୍ତ ନଗେନ୍ଦ୍ରନାଥ ଜୋରରେ ବନ୍ଦ କରିଦେଲେ କୁଟୀର ଦରଜା । ସେଇଯେ ସମାଧି ହେଲା ସେ ଯେପରି ଆଉ ଭାଙ୍ଗିବାର ନୁହେଁ । ଗତି ବଢ଼ିବା ସଙ୍ଗେ ସଙ୍ଗେ ଭକ୍ତମାନେ ପ୍ରମାଦ ଗଣିଲେ । କେହି କେହି ଅଧୈର୍ଯ୍ୟ ହୋଇ ବାବା-ବାବା ବୋଲି ଡାକିବାକୁ ଲାଗିଲେ । କିନ୍ତୁ ସବୁ ବୃଥା–କିଛି ଶୁଭିଲାନି କାହାକୁ

ଠାକୁରଙ୍କ କାନକୁ । ସମସ୍ତ ଶରୀର କ୍ରମଶଃ ଶକ୍ତ ହୋଇ ଉଠିଲ ଓ ନିଶ୍ୱାସ ହୋଇ ଆସିଲ କ୍ଷୀଣରୁ କ୍ଷୀଣତର । ପରସ୍ପର ମୁଖକୁ ଅନେଇ ଶିଷ୍ୟ-ଭକ୍ତମାନେ ଅନ୍ତରର ଅନ୍ତରତମ ପ୍ରଦେଶରେ ଭାବିବାକୁ ଲାଗିଲେ "ସତେ କ'ଣ ଏ ଜ୍ୟୋତିଃ ଲିଭିଯିବ ?" ବାହାରେ ଧାରାଶ୍ରାବଣର ଅବିଶ୍ରାନ୍ତ ଧାରା ସାଙ୍ଗରେ ତାଳଦେଇ ସମସ୍ତଙ୍କ ନୟନରୁ ଝରିଲ ଆଶ୍ରୁ ବିରହ ବିଚ୍ଛେଦର ତପ୍ତ ଅଶ୍ରୁଧାର ।

X X X

ପରଦିନ ଅତି ପ୍ରତ୍ୟୁଷରୁ କିନ୍ତୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଆଖି-ଖୋଲିଲେ ଇଚ୍ଛାମୟ ପୁରୁଷ । ସ୍ପଷ୍ଟ କଣ୍ଠରୁ ଉଚ୍ଚାରିତ ହେଲ "ତାରା", "ତାରା", "ତାରା" । ଜଗଜ୍ଜନଙ୍କୁ ଅଭୟ ଦେବା ଉଦ୍ଦେଶ୍ୟରେ ଶ୍ରୀକରରେ ଫୁଟି ଉଠିଲ ବରାଭୟ ମୁଦ୍ରା । ଆଶାୟୀ ନଗେନ୍ଦ୍ର ନାଥ ବାଗ୍‌ଚୀ ଦଉଡ଼ି ଆସିଲେ ପାଖକୁ । ତାଙ୍କୁ ଲକ୍ଷ୍ୟ କରି ଶ୍ରୀମୁଖରୁ ନିର୍ଗତ ହେଲ—"ଲଗେନ୍ ବାବା; ଏହି ନିମ୍ବ ଗଛତଳେ ବେଦଜ୍ଞ ମୋକ୍ଷଦାନନ୍ଦଙ୍କ ସମାଧି ନିକଟରେ ମୋତେ ଉତ୍ତର ମୁଖା କରି ସମାଧି ଦେବ ବାବା !" ପୁଣି "ଜୟତାରା—ଶ୍ରୀଦୁର୍ଗା" କହି ଯୋଗ ନିଦ୍ରାରେ ମଜ୍ଜିଗଲେ ଯୋଗେଶ୍ୱର ।

ଦେବାଧିଦେବ ମହାଦେବଙ୍କର ନିତ୍ୟ ନିବାସସ୍ଥଳୀ କୈଳାସ ପର୍ବତର ଅବସ୍ଥିତି ପୁଣ୍ୟ ଭାରତଭୂମିର ଉତ୍ତର ଦିଗରେ । ସେଇଥିପାଇଁ ବୋଧେ ଚାଲନ୍ତି ଶିବଙ୍କର ଅନ୍ତିମ ଇଚ୍ଛା ସମାଧି ମନ୍ଦିରରେ ଉତ୍ତରମୁଖା ହୋଇ ବସିବାକୁ ।

ପ୍ରଭାତୀ-ଆଲୋକର ଆଗମନୀ ସଙ୍ଗେ ସଙ୍ଗେ "ବାବାଙ୍କ ଅନ୍ତିମ ସମୟ ଯେ ସମାଗତ ପ୍ରାୟ" ଏ ଖବର ବ୍ୟାପିଗଲ ଚତୁର୍ଦ୍ଦିଗରେ । ଆଖପାଖ ଅଞ୍ଚଳର ଶିଷ୍ୟ ଭକ୍ତମାନେ ଦଉଡ଼ି ଆସିଲେ ଭୈରବଙ୍କ ଶେଷ ଦର୍ଶନ ନିମନ୍ତେ । ଆସନ୍ନ ବିପଦ ଅନୁମାନକରି ଦୟାଳୁ ଠାକୁରଙ୍କୁ ବେଢିବସି "ଅଭୟ ତାରନାମ" କରିବାକୁ ଲାଗିଲେ ସମସ୍ତେ ।

ସେଦିନ ବୁଦ୍ଧଗୟାର ଦ୍ରୁଇଶାଳତରୁ ମଧ୍ୟରେ ବିଶ୍ରାମ କରୁଥାନ୍ତି ଅମିତାଭ ବୁଦ୍ଧ । ହଠାତ୍ ଅକାଳ ବସନ୍ତର ଆବିର୍ଭାବ ହେଲା ଧରାବକ୍ଷରେ । ଅଜସ୍ର ପୁଷ୍ପ ସମ୍ଭାରରେ ନଇଁ ପଡ଼ିଲା ବୃକ୍ଷଶାଖା ।

ରାଶି, ରାଶି ପୁଷ୍ପ ଝରିପଡ଼ିଲା ବିଶ୍ରାମରତ ଗୌତମଙ୍କ ଉପରେ । ଦେବଲୋକରୁ ଶୁଣାଗଲା ଗନ୍ଧର୍ବଙ୍କ ନୃତ୍ୟଗୀତ ଓ ପୂଜାର୍ଚ୍ଚନାର ମଧୁର ଝଙ୍କାର ।

ପ୍ରିୟ ଶିଷ୍ୟ ଆନନ୍ଦଙ୍କୁ ନିକଟକୁ ଡାକି କହିଲେ ତଥାଗତ—"ଦେଖ, ଦେଖ, ଆନନ୍ଦ, ଦେବତାମାନେ ବୁଦ୍ଧପୂଜା କରୁଛନ୍ତି । କିନ୍ତୁ ମୁଁ ଏଥିରେ ସନ୍ତୁଷ୍ଟ ନୁହେଁ ବତ୍ସ ! ସତ୍ୟରେ ଶ୍ରଦ୍ଧାରାଶି ଯେଉଁଦିନ ସମସ୍ତ ନରନାରୀ ନିଜ ଜୀବନରେ ଯଥାଯଥ ଧର୍ମାନୁଶୀଳନ କରିବେ ସେହି ଦିନ ହିଁ ସାର୍ଥକ ହେବ ମୋର ବୁଦ୍ଧତ୍ୱ । ଏହି ଲକ୍ଷ୍ୟ ରଖି ଆଗେଇ ଚାଲ । ମୁଁ ଚାଲିଲି ।"

ନିରାଶାରେ କାନ୍ଦି ଉଠିଲେ ଆନନ୍ଦ ! "ମୁଁ ଯେ ବର୍ତ୍ତମାନ ବି ଲକ୍ଷ୍ୟ ସ୍ଥଳରେ ଉପନୀତ ହୋଇନି । ଶ୍ରେୟବସ୍ତୁ ପାଇବା ଆଗରୁ ଚାଲି ଯାଉଛନ୍ତି ଶ୍ରେଷ୍ଠତମ ! ଜଗତ୍ ଜ୍ୟୋତିଃ ଯାତ୍ରା କରୁଛନ୍ତି ନିର୍ବାଣ ପଥରେ ।"

—"ଦୁଃଖ କରନା ବତ୍ସ ! ଯାହା ଆମର ପ୍ରିୟବସ୍ତୁ ତାକୁଯେ ଦିନେ ହରେଇବାକୁ ହେବ । ଯାହା ବିନାଶଶୀଳ ତାହା କିପରି ଅବିନାଶୀ ହେବ ? ଜାତସ୍ୟ ହି ଧ୍ରୁବ ମୃତ୍ୟୁ ! ତମେ ହୁଏତ ଭାବୁଛ—କାଣ୍ଡାରୀ ଚାଲିଗଲେ ପଥ ଦେଖେଇବ କିଏ ? କିନ୍ତୁ ମୁଁ ଯାଉନି ବାବା; ମୁଁ ଚିରକାଳ ଅଛି ଓ ରହିବି । ଯେଉଁ ଧର୍ମ ମୁଁ ତୁମକୁ ଶିକ୍ଷା ଦେଇଛି—ସେହି ଧର୍ମହିଁ ତୁମକୁ ପଥ କଢ଼େଇ ନେବ । ଏହାହିଁ ଜୀବନର ଧ୍ରୁବତାରା—ଘନ ଅମାନିଶାରେ ଆଲୋକ ବର୍ତ୍ତିକା ସଦୃଶ ! ଏହାରି ଆଶ୍ରୟ ନେଇ ଅକ୍ଲେଶରେ ଭବବାରିଧିର ଅଲଂଘ୍ୟ ତରଙ୍ଗମାଳା ପାରହୋଇ ନିତ୍ୟାନନ୍ଦ ଧାମକୁ ଚାଲିଯିବ । ନିଜର ଯତ୍ନଦ୍ୱାରା ନିଜର ମୁକ୍ତିପଥ ପରିଷ୍କାର ହୋଇଥାଏ । ତେଣୁ ନିଜ ଭିତରେ ନିଜକୁ ଖୋଜ; ତାହାହେଲେ ନିଜକୁ ତ ପାଇବ, ମୋତେ ମଧ୍ୟ ପାଇଯିବ ।"

ଯେଉଁମାନେ କୁହନ୍ତି "ସେ ଦୂରରେ ଅଛନ୍ତି; ସେହିମାନେହିଁ ପ୍ରକୃତରେ ଦୂରରେ ଥାଆନ୍ତି । ଧର୍ମ ପାଳନକର; ଅନୁଭବ ହେବ । ଅନୁଭବ ରସରେ ମାତାଲ ହେଲେ ବୁଝି ପାରିବ ମୁଁ କିଏ । ମୁଁହିଁ ନୌକା, ମୁଁହିଁ ନାଉରୀ, ମୁଁହିଁ ନଦୀ ଆଉ ମୁଁହିଁ କୂଳ । ଆତ୍ମାନୁଭବହିଁ ସାଧନାର ଚରମ ଓ ପରମ ତତ୍ତ୍ୱ ।

ସେଇଥିପାଇଁ ବୋଧେ ଆତ୍ମଜ୍ଞାନୀ ସାଧକ କ୍ଷେପାଠାକୁର ଯେତେବେଳେ ମା'ର ପୂଜା କରି ବସନ୍ତି ନିଜ ମୁଣ୍ଡରେ ଦିଅନ୍ତି ଫୁଲ ଚନ୍ଦନ; ନିଜେହିଁ ସେବନ କରନ୍ତି ଭୋଗ ନୈବେଦ୍ୟ । ଆତ୍ମ ପୂଜାହିଁ ଶ୍ରେଷ୍ଠ ପୂଜା । ଆତ୍ମାହିଁ ମରଣାତୀତ ସତ୍ୟ । ଏହି ଆତ୍ମାହିଁ "ବ୍ରହ୍ମମୟୀ ତାରା"—ଜୀବନ ସଂଗ୍ରାମର ତେଜ, ହତାଶର ଆଶା, ନିଃସ୍ୱର ସମ୍ବଳ ଓ ଅଶାନ୍ତର ଶାନ୍ତି । ମାୟାମୁଗ୍ଧ ଦିଗ୍‌ଭ୍ରାନ୍ତ ମାନବ ନିଜ ଘରେହିଁ ଚିନ୍ତାମଣିଙ୍କୁ ହଜାଇ ଖୋଜିବୁଲେ ଜଗତସାରା । ସେଇଥିପାଇଁ ଆମର କ୍ଷେପାଠାକୁର କୁହନ୍ତି—"ଆରେ ଘରେ ବସି ମା'ର ମଧୁର ନାମ କର । ମନକୁ ମନ ଗଳିବ ପ୍ରାଣ । ମନର ମଣିଷକୁ ମନରେହିଁ ଖୋଜ, ବଣକୁ ଯିବାର କିଛି ଆବଶ୍ୟକତା ନାହିଁ । କଳି କଳୁଷିତ ଅଳ୍ପାୟୁ ମାନବ ପାଇଁ ନାମହିଁ ଏକମାତ୍ର ସାଧନା, ନାମହିଁ କଳିର ଏକମାତ୍ର ଯୁଗଧର୍ମ ।"

ନାମ ଭଜ, ନାମ ଚିନ୍ତ, ନାମ କର ସାର ।
ଅନନ୍ତ କୃଷ୍ଣର ନାମ ମହିମା ଅପାର ।"

ଶିଷ୍ୟଭକ୍ତ ମାନଙ୍କର ପରମ ଉତ୍କଣ୍ଠା ଭିତରେ ଦିନଟି କଟିଗଲା । ନାମରସ ଭିତରେ ମଜ୍ଜି ନିରବରେ ବସିଥାନ୍ତି ଯୋଗରୂଢ଼ ମହେଶ୍ୱର । ହୁଁ ନାହିଁ କି ଚୁଁ ନାହିଁ । ଅସ୍ତାଚଳ ଚୂଳକୁ ଡେଇଁ ପଡ଼ିଲେ ଦୀନମଣି । ତାରମା' ମନ୍ଦିରରେ ବାଜିଉଠିଲା ସନ୍ଧ୍ୟାରତିର ଶଙ୍ଖ-ଘଣ୍ଟ-ମୃଦଙ୍ଗ-କାହାଳୀ । ସୁଦୀର୍ଘ ସମାଧି ଭଙ୍ଗି ଆଖିମେଲି ଚାହିଁଲେ ସଦାଶିବ । ଶିଷ୍ୟଭକ୍ତମାନଙ୍କ ପ୍ରାଣରେ ଆଶାର ସଞ୍ଚାର ହେଲା । କିନ୍ତୁ ନାଦେଶ୍ୱର ଅର୍ଦ୍ଧ ନିମିଳିତ

ନୟନରେ ଟିକିଏ ସମସ୍ତଙ୍କୁ ଚାହିଁଦେଇ "ତାରା ତାରା" ନିନାଦ କରି ପୁଣି ସମାଧିସ୍ଥ ହୋଇ ପଡ଼ିଲେ । କ୍ରମଶଃ ରାତ୍ରି ବୃଦ୍ଧିର ସଙ୍ଗେ ସଙ୍ଗେ ଶ୍ୱାସ–ପ୍ରଶ୍ୱାସ ମୃଦୁ ହୋଇ ଆସିଲା ।

ଅମାବାସ୍ୟାର ମହାନିଶା ଉପସ୍ଥିତ । ତନ୍ତ୍ରୋଦର ଶିବାଗଣଙ୍କ ଚିତ୍କାରରେ ପ୍ରକମ୍ପିତ ମହାଶ୍ମଶାନ । ମହାମାୟୀ ମା'ର ମହାନିଶା–ପୂଜା ଆରମ୍ଭ ହୋଇଗଲା । ଢାକ୍– ଢୋଲ– ମୃଦଙ୍ଗ ଶଙ୍ଖ ସାଙ୍ଗକୁ "ଜୟ ତାରା" ଶବ୍ଦରେ ମୁଖରିତ ହେଲା କ୍ଷୁଦ୍ର ତାରାପୁର । ସେତିକିବେଳେ କ୍ଷୀଣ କଣ୍ଠରେ ଆଉଥରେ 'ତାରା ତାରା' ଉଚ୍ଚାରଣ କରି ଦୀର୍ଘଶ୍ୱାସ ଗ୍ରହଣକଲେ କ୍ଷେପାଠାକୁର । କ୍ରମଶଃ ସମଗ୍ର ଅବୟବରେ ଅନୁଭୂତ ହେଲା ଏକ ମୃଦୁ କମ୍ପନ । ଲୋମରାଜି ଟାଙ୍କୁରି ଉଠିଲା ଓ ମୁଖମଣ୍ଡଳରେ ଫୁଟିଉଠିଲା ଏକ ସ୍ୱର୍ଗୀୟ ଅମ୍ଳାନ ଜ୍ୟୋତି । ଏ ସମାଧି ବୋଧହୁଏ ଆଉ ଭାଙ୍ଗିବନି ।

କିଛି ସମୟପରେ ବାବାଙ୍କ ଦେହରେ ଶ୍ୱାସ–ପ୍ରଶ୍ୱାସର କୌଣସି ଲକ୍ଷଣ ନଦେଖି ଉପସ୍ଥିତ ସମସ୍ତଙ୍କ ମନରେ ସନ୍ଦେହ ଆସିଲା । ଅଶ୍ରୁଳ ନୟନରେ ଦୁଇଜଣ ଭକ୍ତ ଦଉଡ଼ିଗଲେ ରାମପୁରହାଟ "ବୈଦ୍ୟନାଥ ସେନ" କବିରାଜ ମହାଶୟଙ୍କୁ ଡାକିବାକୁ । ଉତ୍କଣ୍ଠିତ ନୟନରେ କବିରାଜଙ୍କ ପ୍ରତୀକ୍ଷାରେ ବସିରହିଲେ ସମସ୍ତେ । ସତେଯେମିତି ବୈଦ୍ୟ ଆସି ପରୀକ୍ଷା କଲେ-ଆଖି ଖୋଲିବେ ବାବା ! ହାୟରେ ଅନ୍ଧମାନବ ! ଯିଏ ଭବରୋଗ-ବୈଦ୍ୟ-ସାକ୍ଷାତ ଶଙ୍କର ତାଙ୍କୁ ପୁଣି କି ପରୀକ୍ଷା କରିବେ ସାମାନ୍ୟ କବିରାଜ ।

ରାତି ପ୍ରାୟ ଶେଷ ପ୍ରହରକୁ କବିରାଜ ଆସି ପହଞ୍ଚିଲେ । ବିଶେଷଭାବରେ ନାଡ଼ି ପରୀକ୍ଷା କରି ଜୀବନର କୌଣସି ଲକ୍ଷଣ ଦେଖିବାକୁ ନପାଇ କାନ୍ଦି-କାନ୍ଦି କହିଉଠିଲେ "ନା–ଏ ସମାଧି ଆଉ ଭାଙ୍ଗିବନି । ନରଲୀଳା ସମ୍ବରଣ କରିଛନ୍ତି ଠାକୁର !" କିନ୍ତୁ କି ଆଶ୍ଚର୍ଯ୍ୟ ! ତାଙ୍କୁ ଯେ ଏବେବି ଉତ୍ତପ୍ତ ! ଶରୀରରେ ଉତ୍ତାପଥିବା ପର୍ଯ୍ୟନ୍ତ ସଠିକ୍ କହିହେବନି ଏ ମହାସମାଧି ଭାଙ୍ଗିବ କି ନାହିଁ ?

ଏତିକି ବେଳେ କିନ୍ତୁ ଅଟ୍ଟହାସ୍ୟ ରୋଳରେ ସମଗ୍ର ବନଭୂମି ପ୍ରକମ୍ପିତ କରି, ଘନ ଅନ୍ଧକାର ବକ୍ଷଚିରି କୁଟୀର ଦ୍ୱାରରେ ଆସି ଉପସ୍ଥିତ ହେଲା ପୂର୍ବବର୍ଣ୍ଣିତ କାଳପୁରୁଷ । —"ଆରେ ତମେସବୁ କାହାକୁ କବିରାଜ ଦେଖାଉଛ ? ସେ ଯେ ଅନେକ କ୍ଷଣ ହେଲା ବ୍ରହ୍ମରନ୍ଧ୍ର ଭେଦକରି ବ୍ରହ୍ମମୟୀ ପାଦପଦ୍ମରେ ଲୀନ ହୋଇଗଲେଣି । ଆଉ ଡେରି କରନା—ଏଥର ସମାଧି ଦେବାର ଆୟୋଜନ କର ।"

ଗୁମୁରି କାନ୍ଦିଉଠିଲେ ସକଳେ । ବିଜୁଳୀ ବେଗରେ ଏହି ମର୍ମନ୍ତୁଦ ସମ୍ବାଦ ପ୍ରଚାରିତ ହୋଇଗଲା ଚତୁର୍ଦ୍ଦିଗରେ ।

ବଙ୍ଗଳା ୧୩୧୮ ସାଲର ଶ୍ରାବଣ ମହାନିଶାରେ ଦେହରକ୍ଷାକଲେ ମହାକାଳ ସ୍ୱରୂପ ତାରାପୀଠର ଭୈରବ ବାମାକ୍ଷେପା । ପରଦିନ ପ୍ରତ୍ୟୁଷରୁ ତାରାପୀଠକୁ ଧାଇଁ ଧାଇଁ ହୋଇ ଛୁଟି ଆସିଲେ ଜନସ୍ରୋତ କ୍ଷେପାବାବାଙ୍କର ତାରାମୟ ପୂଣ୍ୟ ଦେହର ଶେଷ ଦର୍ଶନ ନିମନ୍ତେ । ମହାଶ୍ମଶାନରେ ଖେଳିଗଲା ବିଷାଦର ଛାୟା—ସମସ୍ତଙ୍କ ଆଖିରେ ବିରହର ତପ୍ତ ଅଶ୍ରୁ କ୍ଷୁଦ୍ର ପଲ୍ଲୀ ତାରାପୁର ଗୁମୁରୀ ଉଠିଲା ତା'ର ପ୍ରିୟ ଭୈରବଙ୍କ ମହା ପ୍ରୟାଣରେ । ପ୍ରିୟ ପୁତ୍ରର ବିରହ ବିଚ୍ଛେଦରେ ମନ୍ଦିରରେ ଶୀଳାମୟୀ ମା' ମଧ୍ୟ ହୁଏତ କାନ୍ଦିଥିବ ସେଦିନ ! କିନ୍ତୁ କିଏ ଦେଖିବ—ବୁଝିବ ମା'ର ସେ ଦୁଃଖ । ଯିଏ ବୁଝନ୍ତା ସେ ଯେ ଚିରଦିନଲାଗି ନିରବ—ନିଷ୍ପନ୍ଦ ।

ଗଣି, ଗଣି ବନଫୁଲ ଆଣି ଶେଷ ଅର୍ଘ୍ୟ ଦେଲେ ଶିଷ୍ୟ ଭକ୍ତମାନେ ଗଳାରେ ଲମ୍ବେଇ ଦେଲେ ରକ୍ତ ଜବାର ହାର । ଆହା କି ସୁନ୍ଦର ସେ ସ୍ଥୂଳ ଶ୍ରୀଅଙ୍ଗର ଶୋଭା । ଦିବ୍ୟ ତନୁରୁ ସତେ ଯେମିତି କ୍ଷରିତ ହେଉଛି ଦିବ୍ୟଦ୍ୟୁତି ।

ଏଥର ଆରମ୍ଭ ହେଲା ମହାପୁରୁଷଙ୍କୁ ସମାଧି ଦେବାର ଆୟୋଜନ । କିନ୍ତୁ ସମାଧି ସ୍ଥାନ ନିରୂପଣ କରିବାକୁ ଯାଇ ଶିଷ୍ୟ-ଭକ୍ତ ଓ ତାରାପୀଠର ସେବକମାନଙ୍କ ମଧ୍ୟରେ ବିରୋଧ ଦେଖାଦେଲା । କଥାଗଲା ରାଜକର୍ମଚାରୀଙ୍କ

କାନକୁ । ଗଜକର୍ମଗୁରୀ—ପଲ୍ଲୀବାସୀ; ତାରମା'ର ପଣ୍ଡା-ପଢିଆରୀ ତଥା ବାବାଙ୍କ ଶିଷ୍ୟଭକ୍ତମାନଙ୍କୁ ନେଇ ଏକ ସଭା ବସାଇଲେ, କିନ୍ତୁ କୌଣସି ମୀମାଂସା ହେବା ପରିବର୍ତ୍ତେ କେବଳ ତର୍କ ବିତର୍କ ହିଁ ସାର ହେଲା ।

ଏତିକିବେଳେ କିନ୍ତୁ ସହସା ସଭା ମଧ୍ୟରେ ଆସି ଉପସ୍ଥିତ ହେଲେ ପୂର୍ବବର୍ଣ୍ଣିତ କାଳ-ପୁରୁଷ ଓ ବଜ୍ର କଣ୍ଠରେ ଘୋଷଣା କଲେ– 'ତର୍କ ବିତର୍କ କରି କିଛି ଲାଭ ନାହିଁ, ମୋ ସାଙ୍ଗରେ ଆସ, ମୁଁ ସମାଧି ନିମନ୍ତେ ସ୍ଥାନ ନିରୂପଣ କରିଦେବି ।" ନିର୍ବିଘ୍ନରରେ ଆଗନ୍ତୁକର କଥା ମାନି ନେଲେ ସକଳେ । ଇଚ୍ଛାମୟ ଭୈରବଙ୍କ ଇଚ୍ଛାନୁଯାୟୀ ପୂର୍ବ କଥିତ ନିମ୍ବଗଛ ତଳେ ହିଁ ସମାଧି ନିମନ୍ତେ ସ୍ଥାନ ନିରୂପିତ ହେଲା ।

ସେହି ଯାଗାଟି ଖନନ କରିବାକୁ ଯାଇ କିନ୍ତୁ ଆହୁରି ଆଶ୍ଚର୍ଯ୍ୟ ହେଲେ ସକଳେ । ମାଟି ତଳେ ଏ ଯେ, ତାରମା'ର ପ୍ରାଚୀନ ମନ୍ଦିରର ଭିତ୍ତି ପ୍ରସ୍ତର ।

ଏହା ବୋଧହୁଏ ବହୁଯୁଗ ପୂର୍ବେ ଗନ୍ଧବଣିକ ଜୟଦତ୍ତ ନିର୍ମିତ ତାରମା'ର ଆଦି ମନ୍ଦିର । କରୁଣାମୟୀ ମା'ର କେତେ କରୁଣା ସତେ ! ଶେଷକୁ ଆଦରର ଦୁଲାଳ ସ୍ଥାନ ପାଇଲା ମା'ର ଶାନ୍ତିମୟ କୋଳରେ ।

ସମାଧି ବ୍ୟୁହ ଭିତରେ ବସେଇ ଦିଆଗଲା ତାରପୀଠର ଜାଗ୍ରତ ଭୈରବ କ୍ଷେପାବାବାଙ୍କୁ । ଗଣି-ଗଣି ବନଫୁଲ ଓ ପ୍ରେମାଶ୍ରୁର ଅର୍ଘ୍ୟରେ ପୂର୍ଣ୍ଣହେଲା ଗର୍ତ୍ତ । ଜୟତାରା ଜୟ ଭୈରବ ରବରେ ପ୍ରକମ୍ପିତ ହେଲା ବନଭୂମି । ସମାଧିକାର୍ଯ୍ୟ ଶେଷ ନହେବା ପର୍ଯ୍ୟନ୍ତ ଆଗନ୍ତୁକ କାଳପୁରୁଷ ସେହି ସ୍ଥାନରେ ଠିଆହୋଇ ଭୈରବଙ୍କ ପବିତ୍ର ଦେବ ଦେହ ଉପରେ ପୁଷ୍ପବୃଷ୍ଟି କରିବାକୁ ଲାଗିଲେ । ସମାଧି କାର୍ଯ୍ୟ ସମ୍ପନ୍ନ ହେଲାମାତ୍ରେ ଭକ୍ତିଭରେ ଆଭୂମି ପ୍ରଣାମ ଜଣାଇ– ଭୀଷଣ ଅଟ୍ଟହାସ୍ୟ ପୂର୍ବକ ତୀରବେଗରେ ଛୁଟିଗଲେ ଗଭୀର ଅରଣ୍ୟ ପ୍ରଦେଶକୁ । ସେହିଦିନଠାରୁ ଅବଶ୍ୟ ଆଉ କେବେ କେହି ତାଙ୍କୁ ଦେଖିନି ।

ବାବାଙ୍କ ପ୍ରିୟ-ଶିଷ୍ୟ ଋଷିବାବା ଓରଫ ହୃଷିକେଶ ଚଟ୍ଟୋପାଧ୍ୟାୟଙ୍କ ଚେଷ୍ଟାରେ ସେହି ସ୍ଥାନରେ ନିର୍ମିତ ହୋଇଛି ଏକ ସୁଉଚ୍ଚ-ସମାଧି ମନ୍ଦିର । ମନ୍ଦିର ଅଭ୍ୟନ୍ତରରେ ପ୍ରତିଷ୍ଠିତ ଦେବାଧିଦେବ ତାରପୀଠ ଭୈରବଙ୍କ ମର୍ମର ବିଗ୍ରହ । ମା'ର ଭୋଗ ଆଗରୁ ପ୍ରିୟ ପାଗଳା ପୁଅର-ଭୋଗର ବ୍ୟବସ୍ଥା କରିଛନ୍ତି ତାରପୀଠର କର୍ତ୍ତୃପକ୍ଷ ।

ଏ ମଧ୍ୟରେ ମାତୃଭକ୍ତ ସାଧକ ଶ୍ରୀଯୁକ୍ତ ଶ୍ରୀମନ୍ତଲାଲ ମୁନ୍‌ସୀ ସରକାରଙ୍କ ଉଦ୍ୟମରେ ତାରମା' ମନ୍ଦିର ପ୍ରାଙ୍ଗଣରେ ଅନ୍ୟଏକ ସୁରମ୍ୟ ମନ୍ଦିର ନିର୍ମିତ ହୋଇ ମା'ର ପାଦପଦ୍ମ ନିକଟରେ କ୍ଷେପାବାବାଙ୍କର ଏକ ମନୋରମ ମର୍ମର ବିଗ୍ରହ ପ୍ରତିଷ୍ଠିତ ହୋଇ ଯାଇଛି । ତାଙ୍କରି ଉଦ୍ୟମରେ କ୍ଷୁଦ୍ର ଆଟ୍‌ଲା ଗ୍ରାମସ୍ଥ ବାବାଙ୍କ ଜନ୍ମଭିଟାରେ ମଧ୍ୟ ବାବାଙ୍କର ଅନ୍ୟ ଏକ ମର୍ମର ବିଗ୍ରହ ସ୍ଥାପନା କରଯାଇ ପାରିଛି ଓ ବାବାଙ୍କ ବଂଶଧରମାନେ ନିତ୍ୟ ସେବାପୂଜାର ଭାର ଗ୍ରହଣ କରିଛନ୍ତି ।

ଏତଦ୍‌ବ୍ୟତୀତ କ୍ଷେପାବାବାଙ୍କ ଆଦର୍ଶ ଓ ଭାବଧାରା ପ୍ରଚାର ଉଦ୍ଦେଶ୍ୟରେ, ମା'ର କୃପାରୁ ଗଢିଉଠିଛି 'ବାମଦେବ ସଂଘ' ନାମରେ ଗୋଟିଏ ସଙ୍ଘ । ଏହି ସଙ୍ଘର ତତ୍ତ୍ୱାବଧାନରେ ବଙ୍ଗଳାର ଗ୍ରାମେ ଗ୍ରାମେ ପ୍ରଚାରିତ ହେଉଛି 'ମଧୁର ମାତୃମନ୍ତ୍ର' ଓ ସମର୍ପଣ ସାଧନାର ଧାରା । ଏହାରି ଉଦ୍ୟମରେ ମହାମାନବଙ୍କର ଜୀବନୀ, ଅଦର୍ଶ ଓ ଭାବଧାରା ସମ୍ବଳିତ ଅନେକଗୁଡ଼ିଏ ଅମୂଲ୍ୟ ଗ୍ରନ୍ଥ ବଙ୍ଗଳା ଭାଷାରେ ପ୍ରକାଶ ପାଇ ପାରିଛି । ତାର ପୀଠରେ ମଧ୍ୟ ଏହି ସଂଘଦ୍ୱାରା ପ୍ରତିଷ୍ଠିତ ହୋଇଛି ଏକ ସୁଉଚ୍ଚ ସୁରମ୍ୟ ମନ୍ଦିର ଓ ତନ୍ମଧ୍ୟରେ ବାବାଙ୍କର ମନଲୋଭା ଶଙ୍ଖ ମର୍ମର ବିଗ୍ରହ ପାର୍ଶ୍ୱଦେଶରେ ପ୍ରିୟ ପାର୍ଷଦ 'କାଳୁ'ର ଚିକ୍‌କଣ କୃଷ୍ଣମର୍ମରର ସୁଦୃଶ୍ୟ ବିଗ୍ରହ ।

ବାବାଙ୍କର ପ୍ରିୟ ଶିଷ୍ୟମାନଙ୍କ ମଧ୍ୟରୁ ଭାଗ୍ୟବାନ ଓ ବର୍ଷୀୟାନ ଲୀଳା ସହଚର ତଥା ଅନ୍ତରଙ୍ଗ ପାର୍ଷଦ ଶ୍ରୀଯୁକ୍ତ ନଗେନ୍ଦ୍ର ନାଥ ବାଗ୍‌ଚୀ (ଲଗେନ ବାବା) ମହାଶୟ ଏବେ ମଧ୍ୟ ଜୀବିତ । ବଙ୍ଗପ୍ରଦେଶରେ

ଗ୍ରାମେ ଗ୍ରାମେ ବୁଲି ପବିତ୍ର ମାତୃମନ୍ତ୍ର ଓ ବାବାଙ୍କର ଭଲ ପାଇବାର ଅଭିନବ ସାଧନ ପ୍ରଣାଳୀ ପ୍ରଚାର କରି କରି କ୍ଳାନ୍ତ ଅବୟବରେ ଏବେ ପ୍ରାୟ ବର୍ଷର ଅଧିକାଂଶ ସମୟ ସେ ଅବସ୍ଥାନ କରୁଛନ୍ତି ପ୍ରିୟ ଲୀଳାଭୂମି ତାରାପୁରରେ, ବାବାଙ୍କର ସମାଧି ମନ୍ଦିର ସନ୍ନିକଟ ଏକ କ୍ଷୁଦ୍ର ନିରାଡ଼ମ୍ବର କୁଟୀରରେ ।

ତାଙ୍କରି ତତ୍ତ୍ୱାବଧାନରେ, ଅଗଣିତ ଶିଷ୍ୟ-ଭକ୍ତ ତଥା ଜନଗଣଙ୍କ ଦ୍ୱାରା ମହାସମାରୋହରେ ପ୍ରତିବର୍ଷ ଏହି ପୁଣ୍ୟପୀଠରେ ପାଳିତ ହୋଇ ଆସୁଛି ମହାଶିବରାତ୍ରି-ଦିନ ଚଳନ୍ତି ଶିବ– କ୍ଷେପାବାବାଙ୍କ ଜନ୍ମୋତ୍ସବ ଓ ଶ୍ରାବଣ ଅମାବାସ୍ୟା ଦିନ ତିରୋଧାନ-ଉତ୍ସବ ।

କିନ୍ତୁ କାହାର ତିରୋଧାନ ? ସେ ଯେ ତାରାପୀଠର ସଦାଜାଗ୍ରତ ଭୈରବ ! ମାନବ ସଭ୍ୟତାର ଚିର ଜାଗ୍ରତ ପ୍ରହରୀ ସ୍ୱୟଂ ସଦାଶିବ ! ସୃଷ୍ଟି ସ୍ଥିତି-ଲୟ କର୍ତ୍ତା–ଅନାଦି, ଅଚ୍ୟୁତ; କାଳର କାଳ ମହାକାଳ ।

ଆଜି, ଅଶ୍ରୁସଜଳ ନୟନରେ ସମାଧି ପୀଠରେ ଠିଆହୋଇ ଆମେ ତାଙ୍କର ସେହି ଭାବବିହ୍ୱଳିତ ମୁଖମଣ୍ଡଳକୁ ଚାହିଁ ଦେଖିଲାବେଳେ ସେ ଯେପରି ହସି ହସି କହି ଉଠୁଛନ୍ତି–"ଆରେ ମୁଁ ଚିରକାଳ ଅଛି ଓ ରହିବି । ମୋର ଆଦି ନାହିଁ କି ଅନ୍ତ ନାହିଁ । ମୁଁ ଅଗ୍ନିରେ ପୋଡ଼େନା କି ଜଳରେ ବୁଡ଼େନା । ମୁଁ ଅଛେଦ୍ୟ, ଅଦାହ୍ୟ, ଅକ୍ଳେଦ୍ୟ; ଅଶୋଷ୍ୟ । ମୁଁ ନିତ୍ୟ, ସତ୍ୟ, ସର୍ବବ୍ୟାପୀ, ପୁଣି ସ୍ଥିର, ଅଚଳ ଓ ସନାତନ । ମୁହିଁ ପ୍ରାଣିମାନଙ୍କର ଅତି, ମୁକ୍ତିଦାତା ପତି ପାଳକ, ମୁଁ ହିଁ ଜଗତର କାରଣ– ସାକ୍ଷୀ ଉପଦ୍ରଷ୍ଟା ।

"ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ।"

ମୋର ବିଭୂତିର ଅନ୍ତ ନାହିଁ । ଜଗତରେ ଯାହାକିଛି ଶ୍ରେଷ୍ଠ, ଯାହାକିଛି ପରମ ଓ ପ୍ରଧାନ ସେ ସବୁହିଁ ମୁଁ । ପ୍ରକାଶ୍ୟମାନଙ୍କ ମଧ୍ୟରେ ମୁହିଁ ମରୀଚିମାଳୀନି ସୂର୍ଯ୍ୟ, ପର୍ବତମାନଙ୍କ ମଧ୍ୟରେ ହିମାଳୟ, ଦେବତାମାନଙ୍କ

ମଧ୍ୟରେ ଇନ୍ଦ୍ର, ନକ୍ଷତ୍ରମାନଙ୍କ ମଧ୍ୟରେ ଧ୍ରୁବତାରା, ପୁରୋହିତମାନଙ୍କ ମଧ୍ୟରେ ବୃହସ୍ପତି, ସେନାପତିମାନଙ୍କ ମଧ୍ୟରେ କାର୍ତ୍ତିକେୟ ଓ ଜଳାଶୟମାନଙ୍କ ମଧ୍ୟରେ ସମୁଦ୍ର । ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଓ ସର୍ବଭୂତରେ ଅଭିବ୍ୟକ୍ତ ଚେତନା । ବୃକ୍ଷମାନଙ୍କ ମଧ୍ୟରେ ଅଶ୍ୱତ୍ଥ; ପଶୁମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼ । ନାଗମାନଙ୍କ ମଧ୍ୟରେ ଅନନ୍ତ—ଜଳ ଦେବତାଙ୍କ ମଧ୍ୟରେ ବରୁଣ ଓ ଅସୁରମାନଙ୍କ ମଧ୍ୟରେ ପ୍ରହ୍ଲାଦ । ଧେନୁମାନଙ୍କ ମଧ୍ୟରେ କାମଧେନୁ; ଅଶ୍ୱମାନଙ୍କ ମଧ୍ୟରେ ଉଚ୍ଚୈଃଶ୍ରବା, ହସ୍ତୀମାନଙ୍କ ମଧ୍ୟରେ ଐରାବତ ଓ ମନୁଷ୍ୟମାନଙ୍କ ମଧ୍ୟରେ ନରପତି । ବେଗବାନମାନଙ୍କ ମଧ୍ୟରେ ବାୟୁ, ନଦୀମାନଙ୍କ ମଧ୍ୟରେ ଗଙ୍ଗା ଓ ସମୁଦ୍ରମାନଙ୍କ ମଧ୍ୟରେ କ୍ଷୀର ସମୁଦ୍ର । ଅକ୍ଷରମାନଙ୍କ ମଧ୍ୟରେ 'ଅ'କାର- ଶବ୍ଦମାନଙ୍କ ମଧ୍ୟରେ ଓଁକାର ଓ ବିଦ୍ୟାମାନଙ୍କ ମଧ୍ୟରେ ଅଧ୍ୟାତ୍ମବିଦ୍ୟା । ସମସ୍ତ ସୃଷ୍ଟିର ମୁହିଁ ଆଦି, ମଧ୍ୟ ଓ ଅନ୍ତ । ସ୍ତ୍ରୀମାନଙ୍କ ମଧ୍ୟରେ ମୁହିଁ କୀର୍ତ୍ତି, ଶ୍ରୀ, ବାଣୀ, ଶ୍ରଦ୍ଧା; ସ୍ମୃତି, ମେଧା, ଧୃତି ଓ କ୍ଷମା । ଛନ୍ଦମାନଙ୍କ ମଧ୍ୟରେ ଗାୟତ୍ରୀ; ମାସମାନଙ୍କ ମଧ୍ୟରେ ଅଗ୍ରହାୟଣ ଓ ଋତୁମାନଙ୍କ ମଧ୍ୟରେ ବସନ୍ତ । ଛଳମାନଙ୍କ ମଧ୍ୟରେ ଅକ୍ଷ, ତେଜସ୍ୱୀମାନଙ୍କ ମଧ୍ୟରେ ତେଜ, ବିଜୟୀମାନଙ୍କ ମଧ୍ୟରେ ବିଜୟ ଓ ଉଦ୍ୟୋଗୀମାନଙ୍କ ମଧ୍ୟରେ ଅଧ୍ୟବସାୟୀ । ମୁହିଁ ଯାଦବମାନଙ୍କ ମଧ୍ୟରେ କୃଷ୍ଣ, ପାଣ୍ଡବମାନଙ୍କ ମଧ୍ୟରେ ଅର୍ଜୁନ, ମୁନିମାନଙ୍କ ମଧ୍ୟରେ ବ୍ୟାସ ଓ କବିମାନଙ୍କ ମଧ୍ୟରେ ଶୁକ୍ରାଚାର୍ଯ୍ୟ । ମୁହିଁ ଶାସକମାନଙ୍କ ମଧ୍ୟରେ ଦଣ୍ଡ, ଜିଜ୍ଞାସୁମାନଙ୍କ ମଧ୍ୟରେ ନୀତି, ଗୁହ୍ୟ ବିଷୟମାନଙ୍କ ମଧ୍ୟରେ ମୌନ ଓ ଜ୍ଞାନୀମାନଙ୍କ ମଧ୍ୟରେ ଜ୍ଞାନ । ମୋ ବିଭୂତି ସମ୍ବନ୍ଧରେ ଏତେକଥା ଜାଣିବା ଲାଭ କ'ଣ ? ଏତିକିମାତ୍ର ଜାଣିଲେ ଯଥେଷ୍ଟ ହେବ ଯେ ମୁହିଁ ଏକପାଦ ଦ୍ୱାରା ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଆବୃତ୍ତି କରି ଧରି ଅଛି । ଯାହା କିଛି ବୀଜ ସ୍ୱରୂପ ତାହାହିଁ ମୁଁ । ସମସ୍ତହିଁ ମୋର ସତ୍ତାରେ ସତ୍ତାନ୍ୱିତ—ସମସ୍ତହିଁ ମଦାତ୍ମକ । ମୁହିଁ ସତ୍ୟ-ଶିବ-ସୁନ୍ଦର ।

"ସୁନ୍ଦର ଚିର ସୁନ୍ଦର ତୁମେ
ସୁନ୍ଦର ତୁମ ଲୀଳା ।

ସୁନ୍ଦର ତୁମ ଶ୍ୟାମ କଳେବର
ନୀଳ ମେଘ ଜିଣି ତୁଲ ।।
ସୁନ୍ଦର ତୁମ ଦିଗମ୍ବର ବେଶ
କଣ୍ଠେ ରୁଦ୍ରାକ୍ଷ ମାଳା ।
ସୁନ୍ଦର ତୁମ ଶ୍ରୀକର ଯୁଗଳ
ବରାଭୟ ମୁଦ୍ରାଭର ।।
ସୁନ୍ଦର ତୁମ ନର୍ତ୍ତନ କୀର୍ତ୍ତନ
ସୁନ୍ଦର ତୁମ ଖେଳା ।
ସୁନ୍ଦର ତୁମ ନୟନ-ଯୁଗଳ
ମଧୁମକରନ୍ଦ ଝର ।।
ସୁନ୍ଦର ତୁମ ଶ୍ରୀପଦ-ପଙ୍କଜ
ଅଭୟ ଆଶ୍ରୟ ଘେର ।
ସୁନ୍ଦର ତୁମ ଶ୍ରୀମୁଖ ପଙ୍କଜେ

ଜୟତାରା-ଜୟତାରା

ଜୟ ଭୈରବ ।।
ଜୟ ତାରା ।।
ଜୟ ଗୁରୁ ।।

ଶ୍ରୀଗୁରୋରର୍ପଣ ମସ୍ତୁ ।।
ମହାଶିବରାତ୍ରି
ତା ୨୨ । ୨ । ୮୨ ରିଖ

✻

"ଅମୃତ ବିନ୍ଦୁ"

ବେଟୀର, ଆପଭାବେ ଗୁପ୍ତଲୀଳା ।
ସଗୁଣେ - ନିଗୁଣେ ବିବାଦ ଲଗାଇ —
ଟେଳା ମାରି ଭାଙ୍ଗେ ଟେଳା ॥

***

କାମ୍ୟ କର୍ମହିଁ ଜୀବର ବନ୍ଧନର କାରଣ, ନିଷ୍କାମ କର୍ମ ସାଧନା ଦ୍ବାରା ଜୀବାତ୍ମା ମୁକ୍ତ ହୁଏ ।

***

କ୍ଷେତ୍ର ଆଉ କ୍ଷେତ୍ରଜ୍ଞ ଉଭୟେ ଅନାଦି; ପ୍ରକୃତି ଆଉ ପୁରୁଷ । ଏହି ପ୍ରକୃତିହିଁ କର୍ମବୀଜ । ପ୍ରଳୟ କାଳରେ ପ୍ରକୃତି ପରଂବ୍ରହ୍ମଙ୍କ ମଧ୍ୟରେ ଲୁପ୍ତ ଥାଏ, ପରବର୍ତ୍ତୀ ସୃଷ୍ଟିରେ କ୍ରିୟାଶୀଳ ହୁଏ ।

***

ମାୟାହିଁ ବ୍ରହ୍ମ-ଉପାସନାର ଉପକରଣ । ସେହି ଉପକରଣ ହେଲା; — ଶରୀର ରୂପକ ଦ୍ରବ୍ୟଶକ୍ତି, ହସ୍ତପଦାଦି ରୂପକ କ୍ରିୟାଶକ୍ତି ଏବଂ ହୃଦୟାଦି ରୂପକ ଜ୍ଞାନଶକ୍ତି । ସାତ୍ତ୍ଵିକ ଭାବରେ ଏ ସକଳ ଚୈତନ୍ୟମୟ ଦୈବୀଶକ୍ତି । ଗୀତାରେ ଏହାକୁହିଁ କୁହାଯାଇଛି — "ତ୍ରିଗୁଣାତ୍ମିକା ମାୟା" ।ଏହା ନିତାନ୍ତ ଦୁସ୍ତରା ଦୁରାପାରା । କେବଳ ମାତ୍ରକ ଶ୍ରୀଭଗବାନଙ୍କ ଶରଣାଗତ ହେଲେ ସୁଦୁସ୍ତରା ମାୟାନଦୀ ପାର ହୋଇପାରିବ ।

***

ମାୟାର ଲୁଚକାଳି ଖେଳ ବଡ଼ ମଧୁର, ବାବା ! ସେ ଲୁଚିଛି, ଦେଖା ଦେବ ବୋଲି; ତମେ ତାକୁ ଖୋଜି ବାହାର କର — ସେଇଥିରେ ତାର ଆନନ୍ଦ । ତା ନହେଲେ ଇଚ୍ଛାମୟୀର ଆନନ୍ଦଲୀଳା ପୂର୍ଣ୍ଣ ହୁଏନା ।

***

ଭାବ, ନାମ ଏବଂ ରୂପ — ତିନୋଟି ଯାକ ଏକଇ ପଦାର୍ଥ । ଦେହର ଅନ୍ତର ଭାବକୁ "ଆତ୍ମା" ଏବଂ ଜଗତର ଅନ୍ତର ଭାବକୁ "ଈଶ୍ବର" କୁହାଯାଏ ।

— ବାମାକ୍ଷେପା